Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ମନୋଦୋହନ

(ଯଶସ୍ୱୀ ସାରସ୍ୱତ ସାଧକ ମନୋଜ ଦାସଙ୍କ ଅଭିନନ୍ଦନିକା)

ପ୍ରଯୋଜକ

ଶ୍ରୀ ବ୍ରଜନାଥ ରଥ

ସଭାପତି, ମନୋଜ ଦାସ ଅଭିନନ୍ଦନ ସମିତି

ମୁଖ୍ୟ ସଂପାଦକ

ଶ୍ରୀ ଚନ୍ଦ୍ରକୁମାର ମହାନ୍ତି

ସଂପାଦକ ମଣ୍ଡଳୀ

ଡଃ ଭାଗୀରଥି ନାୟକ
ଅଧ୍ୟାପକ ଏମ୍. ଏ. ଓ୍ୱହିଦ୍
ଅଧ୍ୟାପିକା ସଂଯୁକ୍ତା ରାଉତ
ଡଃ ହରିଶ୍ଚନ୍ଦ୍ର ବେହେରା
ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ
ଅଧ୍ୟାପକ ସୁବାସ ଚନ୍ଦ୍ର ପାତ୍ର
ଡଃ ଶିରୀଶ ଚନ୍ଦ୍ର ଜେନା

ମନୋଜ ଦାସ ଅଭିନନ୍ଦନ ସମିତି

ବାଲେଶ୍ୱର

Digitized by srujanika@gmail.com

ମନୋଜାୟନ
(ମନୋଜ ଦାସଙ୍କ ଅଭିନନ୍ଦନିକା)

•
ପ୍ରକାଶକ
ମନୋଜ ଦାସ ଅଭିନନ୍ଦନ ସମିତି
ବାଲେଶ୍ୱର-୩

•
ପ୍ରକାଶ କାଳ
୪ ନଭେମ୍ବର-୨୦୦୧

•
ଡି.ଟି.ପି.
'ସୃଜନୀ' ଓ 'ଶବ୍ଦଲିପି'
ଫକୀରମୋହନ ସେନାପତି ରୋଡ୍
ବାଲେଶ୍ୱର-୩

•
ମୁଦ୍ରଣ
ଟେକ୍ନୋଆର୍ଟ ଅଫସେଟ୍
କଲ୍ୟାଣୀ ନଗର
କଟକ-୧୩

•
ମୂଲ୍ୟ :
ଦୁଇଶହ ପଚିଶ ଟଙ୍କା

MANOJAYANA
(A book on Manoj Das)

•
Publisher :
Manoj Das Abhinandan Samiti
Balasore -3

•
Date of Publication
4-November,2001

•
D.T.P.
'Srujani' & **'Sabdalipi'**
Phakirmohan Senapati Road,
Balasore -3

•
Printer :
Techno Art Offset
Kalyani Nagar
Cuttack-13

•
Price :
Rupees Two Hundred Twenty Five only.

Digitized by srujanika@gmail.com

ଆମ ତରଫରୁ

ଯଶସ୍ୱୀ ଲେଖକ ମନୋଜ ଦାସଙ୍କୁ ସମ୍ବର୍ଦ୍ଧିତ କଲାବେଳେ 'ମନୋଜାୟନ' ନାମରେ ଏହି ଅଭିନନ୍ଦନ ଗ୍ରନ୍ଥ ପ୍ରକାଶନର ପରିକଳ୍ପନା ଆମ ଉଦ୍ଦେଶ୍ୟକୁ ଚିରାୟତ କରିବାହିଁ ମୁଖ୍ୟ ଲକ୍ଷ୍ୟ ।

ଏଥିପାଇଁ ଆବଶ୍ୟକ ବିପୁଳ ଆର୍ଥିକ ସମ୍ବଳର ଅଭାବ ପ୍ରଥମେ ଆମକୁ ଆଶଙ୍କିତ କରିଦେଇଥିଲା; ମାତ୍ର ଅନେକେ ଅତି ଆଶ୍ଚର୍ଯ୍ୟଜନକ ଭାବେ ଆମକୁ ଆଶାତୀତ ସହଯୋଗ ଅଜାଡ଼ିଦେଲେ । ଏତେ ସଂଖ୍ୟକ ମନୋଜପ୍ରେମୀ ଯେ ଅଛନ୍ତି ଏହା ଦେଖି ଚକିତ ହେବା ସହିତ ତାଙ୍କର ସଫଳତା କେତେ ଆମକୁ କଳିବାର ସୁଯୋଗଟିଏ ମିଳିଲା ।

ଅନେକଙ୍କୁ ତାଙ୍କ ସଂପର୍କରେ ଲେଖାଟିଏ ପଠାଇବା ପାଇଁ ଅନୁରୋଧ କରିବାରୁ ସେମାନେ ପୁସ୍ତକଟି ପ୍ରକାଶ ପାଇବାରେ ସ୍ୱାଭାବିକ ଆଶଙ୍କା ପ୍ରକାଶକରି ଲେଖାଟିଏ ପାଇଁ ପରିଶ୍ରମ କରିବାକୁ କୁଣ୍ଠା ପ୍ରକାଶ କରିଥିଲେ; ଏପରିକି କେହି କେହି ପୂର୍ବପ୍ରକାଶିତ ଲେଖାଟିଏ ପଠାଇ ପରିଶ୍ରମରୁ ନିଜକୁ ମୁକୁଳାଇ ନେଇଥିଲେ । ମାତ୍ର ଏହି ବିରାଟ ପୁସ୍ତକଟି ଅଳ୍ପ କେଇଟି ଦିନ ଭିତରେ ପ୍ରସ୍ତୁତ ହୋଇପାରିଥିବାର ଜାଣି ଅନେକେ ପୁଣି ଲେଖା ପଠାଇବା ପାଇଁ ଟେଲିଫୋନରେ ବ୍ୟସ୍ତ କଲେ ତ କେହିକେହି ଶେଷ ମୁହୂର୍ତ୍ତରେ ଲେଖା ପଠାଇ ଅପ୍ରସ୍ତୁତ ଅବସ୍ଥାରେ ପକେଇଲେ । ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ପୁସ୍ତକର କଳେବର ଓ ସମୟ ସୀମାକୁ ଚାହିଁ ସମସ୍ତଙ୍କୁ ଏହି ପୁସ୍ତକରେ ସ୍ଥାନିତ କରିବା ସମ୍ଭବ ହୋଇ ପାରିଲାନାହିଁ । ସେପାଇଁ ଆମେ ବିଶେଷ ଦୁଃଖିତ । ଭବିଷ୍ୟତରେ ଏପରି ଆଉ ଏକ ଯୋଜନା ପାଇଁ ଅବଶ୍ୟ ଆମେ ଆଶା ରଖିବାର ଭରସା ପାଇଛୁଁ । ଏ ସଫଳତା ଆମପାଇଁ କିଛି କମବଡ଼ ପୁଂଜିନୁହେଁ ।

ଏହି ପୁସ୍ତକଟି ପାଇଁ ଯେଉଁମାନେ ଲେଖା, ଦୁର୍ଲଭ ଫଟୋ ଇତ୍ୟାଦି ପଠେଇ ଓ ଆର୍ଥିକ ସମ୍ବଳ ଯୋଗେଇ ଏହି ପରିକଳ୍ପନାକୁ ସଫଳ କରିଛନ୍ତି ସମ୍ପାଦନା ମଣ୍ଡଳୀ ପକ୍ଷରୁ ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି ।

ଏହାହିଁ ଏହି ମହତ୍ ପରିକଳ୍ପନାର ପୃଷ୍ଠଭୂମିର ଉଚ୍ଚାରଣ । ମନୋଜ ପ୍ରେମୀମାନଙ୍କୁ ଏହା ଆହୁରି ଅଧିକ ଉତ୍ସାହିତ କରିବ ବୋଲି ଆଶା ।

ଚନ୍ଦ୍ର କୁମାର ମହାନ୍ତି
ମୁଖ୍ୟ ସଂପାଦକ

ବାଲେଶ୍ୱର
୪/୧୧/୨୦୦୧

Digitized by srujanika@gmail.com

ମନୋଜ ଦାସ ଅଭିନନ୍ଦନ ସମିତି
ବାଲେଶ୍ୱର

ମୁଖ୍ୟ ପୃଷ୍ଠପୋଷକ :
ଶ୍ରୀ ଖାରବେଳ ସ୍ୱାଇଁ
(ମାନ୍ୟବର ସାଂସଦ, ବାଲେଶ୍ୱର)

ଉପଦେଷ୍ଟା :
ଶ୍ରୀ ରବୀନ୍ଦ୍ର ମୋହନ ଦାସ
ଡ: କରୁଣା ସାଗର ବେହେରା
(କୁଳପତି, ଫକୀରମୋହନ ବିଶ୍ୱବିଦ୍ୟାଳୟ)
ଡା: ବିଜୟ କୁମାର ଗିରି
ପ୍ରଫେସର ପ୍ରଫୁଲ୍ଲ କୁମାର ରଥ
ଡା: ରାଧାଦେବୀ

ସଭାପତି :
ଶ୍ରୀ ବ୍ରଜନାଥ ରଥ

ଯୁଗ୍ମ ସଂପାଦକ :
ଶ୍ରୀ ପଞ୍ଚାନନ ଦାଶ
ଶ୍ରୀ ହେମେନ୍ଦ୍ର ମହାପାତ୍ର

କୋଷାଧ୍ୟକ୍ଷ :
ଅଧ୍ୟାପକ ସୁବାସ ଚନ୍ଦ୍ର ପାତ୍ର

Digitized by srujanika@gmail.com

ସୂଚୀପତ୍ର

ମନୋଜ ଦାସ : ବ୍ୟକ୍ତି ଓ ବ୍ୟକ୍ତିତ୍ୱ

ସାହିତ୍ୟ-ସାଧକ ମନୋଜ ଦାସ	॥ ୧ ॥	ଡକ୍ଟର ସଚ୍ଚିଦାନନ୍ଦ ରାଉତରାୟ
ଅଭିନନ୍ଦନ ଓ ଶୁଭେଚ୍ଛା	॥ ୨ ॥	ନନ୍ଦିନୀ ଶତପଥୀ
ମନୋଜ ଦାସଙ୍କୁ ମୁଁ ଯେମିତି ଜାଣେ	॥ ୩ ॥	ଶ୍ୟାମସୁନ୍ଦର ମହାପାତ୍ର
ପ୍ରଜ୍ଞା-ପୁରୁଷ ଶ୍ରୀ ମନୋଜ ଦାସ	॥ ୬ ॥	ଯଦୁନାଥ ଦାଶମହାପାତ୍ର
ମନେପଡୁଛି	॥ ୮ ॥	ସୀତାକାନ୍ତ ମହାପାତ୍ର
ସୁମନାସ	॥୧୦॥	ଚନ୍ଦ୍ରଶେଖର ରଥ
ମନୋଜ ଦାସଙ୍କୁ ମୁଁ ଯେପରି ମନେ ରଖିଛି	॥୧୨॥	ଗିରିଜାଭୂଷଣ ପଟ୍ଟନାୟକ
ସ୍ମୃତିର ଦର୍ପଣରେ ବଂଧୁ ମନୋଜବାବୁ	॥୧୮॥	ବ୍ରଜନାଥ ରଥ
ଆମ ସମୟର ଶକ୍ତିମାନ୍ ଆଧୁନିକ କଥାଶିଳ୍ପୀ	॥୩୬॥	ବିଭୂତି ପଟ୍ଟନାୟକ
ମୋର ଛାତ୍ର-ଜୀବନର ବନ୍ଧୁ ମନୋଜ ଦାସ	॥୪୧॥	ଯୁଗଳକିଶୋର ଦତ୍ତ
କିଛି ଅଭୁଲା ସ୍ମୃତି ଓ ଅନୁଭୂତି	॥୪୩॥	ଇନ୍ଦୁଭୂଷଣ କର
ତୁଳସୀ ଦୁଇ ପତ୍ରରୁ...	॥୪୬॥	ସଦାନନ୍ଦ ଦାସ
ବଂଧୁ ମନୋଜ ଦାସଂକ ସଂପର୍କରେ	॥୫୦॥	ରାମପ୍ରସାଦ ପୁରୋହିତ
ନଈ ସେ'ପାଖର ଗାଁ, ମନୋଜ ବାବୁଙ୍କ ନାଁ	॥୫୩॥	ଭୂପେନ ମହାପାତ୍ର
ମୋର ପରିଚିତ ଓ ଅପରିଚିତ ମନୋଜ ଦାସ	॥୫୮॥	ଅସୀମ ବସୁ
ଦୂର-ନିକଟ, ନିକଟ-ଦୂର	॥୬୧॥	ସୌରୀନ୍ଦ୍ର ବାରିକ
ଆମରି ଇଚ୍ଛାର ନଈଟିଏ	॥୬୫॥	ଚନ୍ଦ୍ର କୁମାର ମହାନ୍ତି
ସମ୍ପର୍କର ସ୍ମୃତି	॥୬୯॥	ରାହାସ ରାୟ
ନିତ୍ୟ-ନୂତନ ଦିଗନ୍ତର ସନ୍ଧାନୀ ମନୋଜ ଦାସ	॥୮୪॥	ଭଗବାନ ନାୟକ ବର୍ମା
ଦୀନ ସୁଦାମାର ଚାଉଳଭଜା	॥୮୯॥	ସ୍ୱାମୀ ଶିବାନନ୍ଦ
ସାହିତ୍ୟ-ପୁରୁଷ ମନୋଜ ଦାସ	॥୧୦୧॥	ଡକ୍ଟର ପ୍ରସନ୍ନ କୁମାର ମିଶ୍ର
ଅନ୍ୟ ଏକ ଆବୁପୁରୁଷ	॥୧୦୫॥	ଗୁରୁ ମହାନ୍ତି
ଆତ୍ମାର ସୁର:ମନୋଜ ଦାସଙ୍କ ସଂଳାପ	॥୧୧୧॥	ସତ୍ୟ ମହାପାତ୍ର
ମନୋଜ ଦାସ : ଏକ ଅନୁଷ୍ଠାନ	॥୧୧୩॥	ରଣଧୀର ଦାସ
ସ୍ମୃତିରୁ କିଛି କଥା	॥୧୧୫॥	ହିମାଂଶୁ ନନ୍ଦୀ
ସେଦିନର ଅଭୁଲା ସ୍ମୃତି	॥୧୨୦॥	ଆରୁଣି କୁମାର ରକ୍ଷିତ

Digitized by srujanika@gmail.com

ସେଦିନର ସ୍ମୃତି ।।୧୨୩।। ସୁଦର୍ଶନ ନାୟକ
ମନୋଜ ଭାଇ : ସମ୍ପର୍କ ଓ ସୃଜନ ।।୧୨୬।। ଏମ୍. ଏ. ଓ୍ୱହିଦ୍
ଯାହା ଭୁଲିବାର ନୁହେଁ ।।୧୩୧।। ବିଶ୍ୱେଶ୍ୱର ଦେ
ମୋ' ଦିଅର ମନୋଜ ।।୧୩୬।। ରାଜଶ୍ରୀ ଦାସ
ସାନମାମୁଙ୍କ ପିଲାଦିନ ।।୧୩୮।। ପ୍ରତିଭା ଦାସ
ମନୋଜ ଦାସ : ଏକ ମନୋଜ୍ଞ ବ୍ୟକ୍ତିତ୍ୱ ।।୧୪୧।। ସିଦ୍ଧାର୍ଥ ଦାସ
'ତୁମ ଗାଁ'ର କବିଙ୍କୁ ।।୧୪୩।। ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର
ଓଡ଼ିଆ କଥାସାହିତ୍ୟର 'ବିଷ୍ଣୁଶର୍ମା' ।।୧୪୫।। ଶାନ୍ତି ମହାପାତ୍ର (ବଳ)
ଯେଉଁ ପୂଜାର ଶେଷନାହିଁ ।।୧୪୮।। ଜ୍ୟୋତ୍ସ୍ନା ରାଉତରାୟ
ମନୋଜ ବାବୁଙ୍କ ବଡ଼ପଣ ।।୧୫୧।। ଗୌରହରି ଦାସ
ସନ୍ନ୍ୟାସୀର ସ୍ୱର ।।୧୫୪।। ସୁନୀଲ କୁମାର ପୃଷ୍ଟି
ପ୍ରଣାମ : ମନୋଜ ଦାସଙ୍କୁ ।।୧୫୮।। ଦେବବ୍ରତ ମଦନରାୟ
କୁସୁମ ପରଶେ ।।୧୬୧।। ପି.ହୃଷୀକେଶ
ଫାଙ୍କ ଭିତରୁ ବନ୍ଦ ଘରର ଦୃଶ୍ୟ ।।୧୬୩।। ପବିତ୍ର ପାଣିଗ୍ରାହୀ
ଯିଏ ଯେମିତି ।।୧୬୯।। ଶ୍ରୀଦେବ
ମାନବବାଦୀ ମନୋଜ ଦାସ ।।୧୭୦।। ବୈକୁଣ୍ଠନାଥ ମହାପାତ୍ର
ପଣ୍ଡିଚେରୀରେ ମନୋଜଦମ୍ପତିଙ୍କ ସହ
କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତ ।।୧୭୨।। ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି

ମନୋଜ ଦାସ : କୃତି ଓ କୃତିତ୍ୱ

ମନୋଜ ଦାସଙ୍କ ସୁଗମ-ପ୍ରବନ୍ଧ ।।୧୭୭।। ଡକ୍ଟର ଦୁର୍ଗାପ୍ରସନ୍ନ ପଣ୍ଡା
'ନନ୍ଦାବତୀର ମାଝି'ରୁ 'ତୁମ ଗାଁ' ଯାଏ ।।୧୯୩।। ପ୍ରଫେସର ନିତ୍ୟାନନ୍ଦ ଶତପଥୀ
ବିପ୍ଳବରୁ ସନ୍ନ୍ୟାସ : କବି ମନୋଜ ଦାସ ।।୨୦୩।। ଡକ୍ଟର ଅଭୟ ବାରିକ
ମନୋଜ୍ଞୀୟ ଗଳ୍ପ ସୃଜନର
ଦିଗନ୍ତ କତିପୟ : ଏକ ଦୃଷ୍ଟିପାତ ।।୨୧୨।। ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ
ମନୋଜ ଦାସଙ୍କ ଗଳ୍ପର କେତେ ଦିଗନ୍ତ ।।୨୧୭।। ରଜନୀକାନ୍ତ ମହାନ୍ତି
ମନୋଜ ଦାସଙ୍କ
କଥା ଓ କାହାଣୀର ଅନ୍ତଃସ୍ୱର ।।୨୨୮।। ରମାକାନ୍ତ ରାଉତ
ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପ ।।୨୩୪।। ମୂଳ ବଂଗଳା : ଡକ୍ଟର ରବୀନ ପାଲ
ଭାଷାନ୍ତର : ଗଣେଶ ପ୍ରସାଦ ସାହୁ
କଥାର ରାଜା ।।୨୩୯।। ଡକ୍ଟର ହୃଷିକେଶ ପଣ୍ଡା
ମନୋଜ ଦାସଙ୍କ ଗଳ୍ପରେ ବାସ୍ତବତା :
କେତେ କାୟା କେତେ ମାୟା ।।୨୪୨।। ରବିନାରାୟଣ ଦାଶ
'ମନୋଜ ପଂଚବିଂଶତି'ରେ ମନୋଜ ।।୨୪୭।। ଆଲୋକ ବରାଳ
ମନୋଜ ଦାସଙ୍କ ଗଳ୍ପ :
ଏକ ଅନ୍ତର୍ଯାତ୍ରାର ଅଭୀପ୍ସା ।।୨୬୦।। ଡକ୍ଟର ମଣୀନ୍ଦ୍ର କୁମାର ମେହେର

Digitized by srujanika@gmail.com

ଗଳ୍ପସାଗର ମନୋଜ ଦାସ ॥୨୭୧॥ କୃଷ୍ଣଚନ୍ଦ୍ର ମିଶ୍ର
ମନୋଜ ସୃଜନ କଳା ॥୨୭୩॥ ଅଶ୍ୱିନୀ କୁମାର ମିଶ୍ର
ମୁକ୍ତିର ମାନ୍ତ୍ରିକ ମନୋଜ ଦାସ ॥୨୭୮॥ ରତ୍ନାକର ଚଇନି
ପ୍ରବୀଣ ମନୋଜଙ୍କ ତରୁଣ ରୂପ ॥୨୮୦॥ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ
ମନୋଜ ଦାସ୍‌ଙ୍କ ଗଳ୍ପର ଦିଗ ଓ ଦିଗନ୍ତ ॥୨୮୫॥ ଶିଶିର କୁମାର କର
ଦେବଶିଶୁ ଜଗତର : ଦିବ୍ୟ ରୂପକାର ॥୨୯୧॥ ସ୍ୱର୍ଣ୍ଣଦେବୀ
ଆବୁ ଓ ଅମୃତ ଇତ୍ୟାଦି ॥୨୯୭॥ ରାମଚନ୍ଦ୍ର ବେହେରା
'ସରସ୍ୱତୀ ସମ୍ମାନ' ପ୍ରାପ୍ତ ମନୋଜ ଦାସଙ୍କ
'ଅମୃତ ଫଳ'ର ପ୍ରଥମ ଅଧ୍ୟାୟ ॥୩୦୩॥ ପ୍ରହରାଜ ସତ୍ୟନାରାୟଣ ନନ୍ଦ
ଆକାଶରୁ ମନୋଜ ଦାସଙ୍କୁ ଇସାରା ॥୩୧୬॥ ଦୀପ୍ତିରଞ୍ଜନ ପଟ୍ଟନାୟକ
'ତନ୍ଦ୍ରାଲୋକର ପ୍ରହରୀ'ର ଦାର୍ଶନିକ
ଓ ମନୋବୈଜ୍ଞାନିକ ଦିଗ ॥୩୨୨॥ ବାଞ୍ଛାନିଧି ଦାସ
ମନୋଜଙ୍କ ବିଚାରରେ ଭାରତର ଐତିହ୍ୟ ॥୩୨୯॥ ଡକ୍ଟର ଶିରୀଶ ଚନ୍ଦ୍ର ଜେନା
ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରଂପରାର
ଶ୍ରେଷ୍ଠ ପ୍ରବକ୍ତା-ମନୋଜ ଦାସ ॥୩୭୭॥ ଡକ୍ଟର ବିଜୟାନନ୍ଦ ସିଂହ
ଜିଜ୍ଞାସୁ ମନୋଜ ॥୩୪୭॥ ଅପୂର୍ବ ରଂଜନ ରାୟ
ମାନବବାଦୀ ଚେତନାର ରୂପକାର
ମନୋଜ ଦାସ ॥୩୫୫॥ ଡକ୍ଟର ମନ୍ମଥ କୁମାର ପ୍ରଧାନ
ଦୂରାନ୍ତରର ପଥଚାରୀ ॥୩୫୮॥ ଅରବିନ୍ଦ ଗିରି
ଯେ ପକ୍ଷୀ ଉଡ଼େ ଯେତେ ଦୂର ॥୩୬୬॥ ଡକ୍ଟର ବଂଶୀଧର ଚୌଧୁରୀ
ଅଭୀପ୍‌ସାର ଅଭିଯାତ୍ରୀ ଓ ଅମୃତଫଳ ॥୩୭୧॥ ଦୀନବଂଧୁ ଦେ
ଅନୁଭବର ଅନାବିଳ ଉଚ୍ଚାରଣ
ମନୋଜ : ଜୀବନାୟନ
ମନୋଜ : ସୃଜନାୟନ

ENGLISH

Sri Manoj Das : As I Know him
and feel about him ॥ 1 ॥ Dr. Bijay Kumar Giri
My First Meeting with Manoj Das ॥ 2 ॥ Dr. P. Raja
Waiting for the Manojiyan Era ॥15 ॥ Dr. Bhagirathi Nayak
Manoj Das : A Discriminating
Intelligence ॥ 23 ॥ Dr. K. C. Bal
Quest for enlightenment :
A sutdy of the Central motif
of Manoj Das's Novel 'Amrutaphala' ॥ 29 ॥ Sumitra Mishra
Fakir Mohan and Manoj Das ॥ 34 ॥ Subas Chandra Patra
The Tiger at Twilight :
A search for identity ॥ 40 ॥ Kishore Kumar Gandhi

Digitized by srujanika@gmail.com



Digitized by srujanika@gmail.com

ବାଳକ ମନୋଜ : ୬ ବର୍ଷ ବୟସ

ତରୁଣ ମନୋଜ : ୩୦ ବର୍ଷ

ମନୋଜଙ୍କ ଜନନୀ ୰କାଦମ୍ବିନୀ ଦେବୀ

ଶାଶୁ ଶ୍ରୀମତୀ ରତ୍ନମାଳୀ ଜେମା

Digitized by srujanika@gmail.com

ଅଗ୍ରଜ ଡକ୍ଟର ମନ୍ମଥନାଥ ଦାସଙ୍କ ସହିତ ଶ୍ରୀଯୁକ୍ତ ଦାସ

ଭଗିନୀ ୰ସ୍ନେହଲତା ଓ ଭଗିନୀପତି ରାଧାବିନୋଦଙ୍କ ସହିତ ମନୋଜ

Digitized by srujanika@gmail.com

ଶ୍ୱଶୁରାଳୟରେ ମନୋଜ ଦାସ

ଉପବିଷ୍ଟ : ୰ନାରାୟଣ ବୀରବର ସାମନ୍ତ ଏବଂ ଶ୍ରୀମତୀ ରତ୍ନମାଳୀ ଜେମା

ଦଣ୍ଡାୟମାନ : ଡାକ୍ତର ବାଣୀ, ମନୋଜ ଦାସ,

ବିଶ୍ୱମ୍ଭର ସାମନ୍ତ, ଶ୍ରୀମତୀ ପ୍ରତିଜ୍ଞା ଦେବୀ

Digitized by srujanika@gmail.com

'ହେରିଟେଜ୍' ପତ୍ରିକାର
ସଂପାଦନାରେ
ଶ୍ରୀ ମନୋଜ ଦାସ

ସହଧର୍ମିଣୀ
ଶ୍ରୀମତୀ ପ୍ରତିଜ୍ଞା ଦେବୀ

Digitized by srujanika@gmail.com

ପଣ୍ଡିଚେରୀ ଆକାଶବାଣୀ କେନ୍ଦ୍ରରେ ଯଶସ୍ୱୀ ସାହିତ୍ୟିକ ୰କାଳିନ୍ଦୀ ପାଣିଗ୍ରାହୀଙ୍କ ସହିତ ମନୋଜ ଦାସ

ସିଙ୍ଗାପୁର ସାଧାରଣତନ୍ତ୍ର ରାଷ୍ଟ୍ରପତି ଶ୍ରୀଯୁକ୍ତ ଦେବନ ନାୟାରଙ୍କ ସହ ଶ୍ରୀଯୁକ୍ତ ଦାସ



ବିଖ୍ୟାତ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣାଙ୍କ ସହ ଶ୍ରୀଯୁକ୍ତ ଦାସ

Digitized by srujanika@gmail.com

ମନୋଜ ଦାସ, ପ୍ରଖ୍ୟାତ ଇଂରାଜୀ କବି କେଡ଼ି ସେଠନା (ଅମଲ କିରଣ), ଇଲଷ୍ଟ୍ରେଟେଡ ଉଇକ୍ଲିର ସମ୍ପାଦକ ଏ.ଏସ୍.ରମଣ, ଶିକ୍ଷାବିତ୍ କିରୀଟ୍ ଯୋଶୀ ଏବଂ ଯୋଗ ଓ ତନ୍ତ୍ର ସାହିତ୍ୟ ପ୍ରଣେତା ମାଧବ ପଣ୍ଡିତ- (ଫଟୋ-୧୯୬୫)

ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ୧୯୮୨ମସିହାର ଫକୀର ମୋହନ ଜୟନ୍ତୀରେ ମୁଖ୍ୟ ଅତିଥି ମନୋଜ ଦାସ

Digitized by srujanika@gmail.com



୧୯୮୨ର ଫକୀରମୋହନ ଜୟନ୍ତୀରେ ମୁଖ୍ୟଅତିଥି ମନୋଜ ଦାସ

ବାମରୁ ଡାହାଣ : ଶ୍ରୀ ଯତୀନ୍ଦ୍ର ପଟ୍ଟନାୟକ, ଅବ୍ଦୁଲ ଦୟାନ ଶାହା, ଶ୍ରୀ ଗୋଲକ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ଦୁର୍ଗାପ୍ରସନ୍ନ ପଣ୍ଡା, ଶ୍ରୀ ବିଜୟକୃଷ୍ଣ ଦେ, ଶ୍ରୀ ଚନ୍ଦ୍ର କୁମାର ମହାନ୍ତି, ଶ୍ରୀ ଅନିରୁଦ୍ଧ ନନ୍ଦ, ଶ୍ରୀ ଭୈରବଚନ୍ଦ୍ର ମହାପାତ୍ର, ଶ୍ରୀ ଇନ୍ଦୁଭୂଷଣ କର, ଶ୍ରୀ ସୁକୁମାର ସାହୁ, ଶ୍ରୀ ମନୋଜ ଦାସ, ଅଧ୍ୟାପକ ବସନ୍ତ ଶତପଥୀ, ଶ୍ରୀ ସୁକୁମାର ନାୟକ (ଚେୟାରମ୍ୟାନ) ଶ୍ରୀ ବ୍ରଜନାଥ ରଥ, ଅଧ୍ୟାପକ ପ୍ରହ୍ଲାଦ ମହାନ୍ତି, ଶ୍ରୀ ପୁରୁଷୋତ୍ତମ ଭୂୟାଁ, ଶ୍ରୀ ଶେଷଦେବ ମଲ୍ଲିକ, ଶ୍ରୀ ହରିହର ପଣ୍ଡା, ଶ୍ରୀ ପଞ୍ଚାନନ ଦାଶ, ଅଜ୍ଞାତ, ଶ୍ରୀ ଯତୀନ୍ଦ୍ର ମିଶ୍ର ।

Digitized by srujanika@gmail.com

୧୯୭୨ରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ସୁନୀତିକୁମାର ଚଟ୍ଟୋପାଧ୍ୟାୟଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ମନୋଜ ଦାସ

ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ଗୋପୀନାଥ ମହାନ୍ତିଙ୍କ ଠାରୁ ଶାରଳା ପୁରସ୍କାର ଗ୍ରହଣ ଅବସରରେ ମନୋଜ ଦାସ । ପାଖରେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଓ ଶ୍ରୀମତୀ ଇଲା ପଣ୍ଡା

ଡକ୍ଟର ମୂଲକରାଜ ଆନନ୍ଦଙ୍କ ସହ

ମନୋଜ ଦାସ, ପ୍ରଭାକର ମାଚ୍ୱେ ଓ ଆୟାପ୍ପା ପାନିକର

Digitized by srujanika@gmail.com

ମନୋଜ ଦାସ :
ବ୍ୟକ୍ତି ଓ ବ୍ୟକ୍ତିତ୍ୱ

Digitized by srujanika@gmail.com

Digitized by srujanika@gmail.com

ସାହିତ୍ୟ ସାଧକ ମନୋଜ ଦାସ

ଡଃ ସଚ୍ଚିଦାନନ୍ଦ ରାଉତରାୟ

ସାହିତ୍ୟ ସାଧକ ମନୋଜ ଦାସ ଜଣେ କୃତୀ କଥାକାର ଓ କବି ହିସାବରେ ସୁପରିଚିତ । ତାଙ୍କର 'ଆରଣ୍ୟକ' ନାମରେ ଏକଦା ପ୍ରକାଶ ପାଇଥିବା ଗଳ୍ପ ସଂକଳନ ବହୁ ପାଠକଙ୍କୁ ଆନନ୍ଦ ଦେଇଛି । ତାଙ୍କ କବିତାଗୁଡିକ ମଧ୍ୟ ରସୋତ୍ତୀର୍ଣ୍ଣ ଓ ହୃଦୟସ୍ପର୍ଶୀ । ଏହା ବ୍ୟତୀତ ତାଙ୍କ ଭ୍ରମଣ-କାହାଣୀ 'ଅନ୍ତରଂଗ ଭାରତ' ନାମରେ ପ୍ରକାଶ ପାଇ ପାଠକ-ପାଠିକା ମାନଙ୍କୁ ନୂତନ ଦିଗ୍‌ବଳୟର ସନ୍ଧାନ ଦେଇଛି ।

ମନୋଜ ଦାସ କ୍ରମଶଃ ଆଧ୍ୟାତ୍ମିକତା ଆଡ଼କୁ ଢଳିଲେ । ତାଙ୍କର କେତେକ ଲେଖାରେ ଭାରତୀୟ ଦର୍ଶନ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଛି । ଜଣେ ସଂପାଦକ ଭାବରେ ସେ ମଧ୍ୟ ସଫଳତାର ଅଧିକାରୀ ହୋଇ ପାରିଥିଲେ । ଏକଦା ଓଡ଼ିଆ ସାହିତ୍ୟ ପତ୍ରିକା 'ଦିଗନ୍ତ' ପ୍ରକାଶ କରି ସେ ଜନପ୍ରିୟ ହୋଇଥିଲେ । ଇଂରାଜୀରେ 'Heritage' ନାମରେ ଏକ ସଂଭ୍ରାନ୍ତ ପତ୍ରିକା ପ୍ରକାଶ କରି ସେ ନିଜର ବିଦ୍‌ବତ୍ତାର ପରିଚୟ ଦେଇଛନ୍ତି । ତାଙ୍କର ଆଭିମୁଖ୍ୟ ଓ ସୃଷ୍ଟିଶୀଳ ଚେତନାର ବହୁମୁଖୀ ବିକାଶ ସାରା ଭାରତର ବିଦଗ୍ଧ ପାଠକମାନଙ୍କୁ ମୁଗ୍ଧ କରିଛି ।

ସେ ପଣ୍ଡିଚେରୀ ଚାଲିଯିବା ପରେ 'ଦିଗନ୍ତ' ପତ୍ରିକା ବନ୍ଦ ହୋଇ ଯାଇଥିଲା । ତାଙ୍କର କେତେଜଣ ସହଯୋଗୀ, ବିଶେଷକରି ଭଗବାନ ନାୟକ ବର୍ମା ମୋତେ 'ଦିଗନ୍ତ' ପତ୍ରିକା ପ୍ରକାଶ କରିବା ପାଇଁ ଅନୁରୋଧ କରିଥିଲେ ।

'ଦିଗନ୍ତ'ପତ୍ରିକାଟିକୁ ସଂପାଦନା ଓ ପ୍ରକାଶ କରିବା ମୋ ପକ୍ଷରେ ଆର୍ଥିକ ସମ୍ବଳ ଅଭାବରୁ ବେଶ୍ କଷ୍ଟସାଧ୍ୟ ବ୍ୟାପାର ଥିଲା । ତଥାପି ମୁଁ ସେ ପତ୍ରିକାର ସମସ୍ତ ଦାୟିତ୍ୱ ନେଇଥିଲି । 'ଦିଗନ୍ତ' ପତ୍ରିକାର ପ୍ରଖ୍ୟାତି ଥିଲା, ମାତ୍ର ଏଜେଣ୍ଟମାନେ ଦେୟ ପଇଠ ନ କରିବାରୁ ୪/୫ ବର୍ଷ ପରେ ବଂଦ ହୋଇଯାଇଥିଲା । ସେ ଯାହାହେଉ ମୋର ଅନୁଜ ପ୍ରତିମ ଜଣେ ଅନ୍ତରଂଗ ବଂଧୁ ଭାବରେ ମନୋଜ ଦାସ ତାଙ୍କ ସୃଷ୍ଟିପାଇଁ ଚିର ସ୍ମରଣୀୟ ହୋଇ ରହିବେ ।

• ମିଶନ ରୋଡ, କଟକ -୧

Digitized by srujanika@gmail.com

ଅଭିନନ୍ଦନ ଓ ଶୁଭେଚ୍ଛା

ନନ୍ଦିନୀ ଶତପଥୀ

ମନୋଜବାବୁଙ୍କ ସମ୍ପର୍କରେ ସ୍ୱାଗତ ଗ୍ରନ୍ଥରେ କିଛି ଲେଖିବାପାଇଁ ମୋତେ କହିଛନ୍ତି । ମନୋଜ ବାବୁ କଟକରେ ପାଠ ପଢୁଥିବା ବେଳୁ ତାଙ୍କୁ ମୁଁ ଜାଣିଛି । ତାଙ୍କ ସହିତ ମୋର ଭାଇ ଭଉଣୀ ସମ୍ପର୍କ । ମୁଁ ତାଙ୍କର ଅପା ଏବଂ ସେ ମୋର ମନୋଜ । ବୋଧହୁଏ ତାଙ୍କର ପ୍ରଥମ ବହି 'ସମୁଦ୍ରର କ୍ଷୁଧା' ମୁଁ ପଢିଥିଲି । ତାହା ମୋତେ ଏପରି ଭଲ ଲାଗିଲା ଯେ, ମୋ ବାପା (ସ୍ୱର୍ଗତ) କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ତାହା ନେଇ ଦେଖାଇଲି ଏବଂ ସେ ମଧ୍ୟ ତାହା ପଢି ଖୁବ୍ ଆନନ୍ଦିତ ହୋଇ ଲେଖକଙ୍କୁ ଆମ ଘରକୁ ଡାକିବାକୁ କହିଲେ । ମନୋଜ ବାବୁ ବହୁବାର ଆମ ଘରକୁ ଆସିଛନ୍ତି ଏବଂ କାଳିନ୍ଦୀ ବାବୁଙ୍କଠାରୁ ଆଶୀର୍ବାଦ ନେଇଛନ୍ତି, ପ୍ରଶଂସା ଶୁଣିଛନ୍ତି ।

ତା'ପରଠାରୁ ଆଜି ପର୍ଯ୍ୟନ୍ତ ମନୋଜ ବାବୁଙ୍କ ଲେଖା ଅବ୍ୟାହତ ରହିଛି । ବହୁ ଗଳ୍ପ, ଉପନ୍ୟାସ, କବିତା ତଥା ସ୍ତମ୍ଭଲେଖା ତାଙ୍କର ପ୍ରକାଶିତ ହୋଇଛି । କେତୋଟି ବହି ମଧ୍ୟ ଇଂରାଜୀରେ ବାହାରିଛି । ବହୁ ସମ୍ମାନର ସେ ଅଧିକାରୀ ହୋଇଛନ୍ତି । ଆଜି ପୁଣି ବାଲେଶ୍ୱରବାସୀଙ୍କ ଦ୍ୱାରା ଅଭିନନ୍ଦିତ ହେବାକୁ ଯାଉଛନ୍ତି । ଏହି ଅବସରରେ ମୁଁ ଆଉ ତାଙ୍କ କୃତି ବିଷୟରେ ଅଧିକ କ'ଣ ଲେଖିବି ? ପ୍ରାୟ ସବୁ ବହି ତାଙ୍କର ମୁଁ ପଢିଛି । ଅବଶ୍ୟ ଅବସ୍ଥା ଅନୁସାରେ ତାଙ୍କ ଲେଖାର ଢଙ୍ଗ ମଧ୍ୟ ବଦଳିଯାଇଛି । ପଣ୍ଡିଚେରୀ ଗଲା ପରେ ଯାହା ସବୁ ଲେଖିଛନ୍ତି ଓ ଲେଖୁଛନ୍ତି ସେ ସବୁର ଏକ ଅନ୍ତର୍ନିହିତ ଉଚ୍ଚ ମାର୍ଗର ଦର୍ଶନ ରହିଛି । ସବୁ ଲୋକ ହୁଏତ ତାଙ୍କ ଲେଖା ବୁଝି ନ ପାରନ୍ତି, କିନ୍ତୁ ଯେଉଁମାନେ କିଛି ମାତ୍ରାରେ ତାଙ୍କ ସ୍ତରକୁ ଯିବାକୁ ଚେଷ୍ଟା କରୁଛନ୍ତି ସେମାନେ ବୁଝି ପାରିବେ । ମୁଁ ଆଶା କରୁଛି ଆପଣଙ୍କର ଏହି ଅଭିନନ୍ଦନ ଗ୍ରନ୍ଥ ମନୋଜଙ୍କର କୃତି ସମ୍ପର୍କରେ ସମୃଦ୍ଧ ହୋଇ ଓଡ଼ିଶାର ପାଠକ, ପାଠିକାଙ୍କୁ ଆନନ୍ଦ ଦେବ । ଆପଣମାନଙ୍କ ସହିତ ଏହି ଅବସରରେ ମୁଁ ମଧ୍ୟ ମନୋଜଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

• ୧୦୭, ସୂର୍ଯ୍ୟ ନଗର,
ଭୁବନେଶ୍ୱର

Digitized by srujanika@gmail.com

ମନୋଜ ଦାସଙ୍କୁ ମୁଁ ଯେମିତି ଜାଣେ

ଶ୍ୟାମସୁନ୍ଦର ମହାପାତ୍ର

ମନୋଜ ବାବୁ ବାଲେଶ୍ୱର ଜିଲ୍ଲା ସ୍କୁଲର ଉଚ୍ଚଶ୍ରେଣୀରେ ପଢିବାବେଳେ ମୋ ସହିତ ତାଙ୍କର ପରିଚୟ ହେଲା । ତାଙ୍କ ବଡ଼ଭାଇ ଅଧ୍ୟାପକ ଡକ୍ଟର ମନ୍ମଥନାଥ ଦାସ ମୋର ଅଧ୍ୟାପକ ଥିଲେ । କେବଳ ଅଧ୍ୟାପକ ନୁହନ୍ତି, ଜ୍ୟେଷ୍ଠ ଭ୍ରାତା, ବନ୍ଧୁ, ଉପଦେଷ୍ଟା, ପ୍ରେରଣାଦାତା ସବ କିଛିଥିଲେ । ଏଣୁ ମନୋଜବାବୁ ମୋର ଅକୃତ୍ରିମ ଅନୁଜପ୍ରତିମ ଥିଲେ । 'ଫକୀରମୋହନ ସାହିତ୍ୟ ପରିଷଦ' ତରଫରୁ ଆୟୋଜିତ ୩ଦିନ ବ୍ୟାପୀ ସଂଗୀତ ସମ୍ମେଳନ ବେଳେ ଦିନେ ସକାଳେ ବାଲେଶ୍ୱର କଲେଜର (ବର୍ତ୍ତମାନ ଫକୀରମୋହନ କଲେଜ) ଗୋଟିଏ ରୁମ୍ ଭିତରୁ ସଂଗୀତର ମଧୁର ମୂର୍ଚ୍ଛନା ଭାସି ଆସୁଥିଲା । ମୁଁ ବାରଣ୍ଡା ଦେଇ ସେବାଟେ ଯାଉଥିଲି । ଅଟକି ଗଲି, କ'ଣ ଛୋଟେଲାଲ ବଜାଉଛନ୍ତି କି ? ହଠାତ୍ ଛୋଟେଲାଲ କିପରି ଆସିଲେ ? ତା' ଆଗଦିନ ରାତିରେ ବନଓ୍ୱାରିଲାଲ ଓ ଛୋଟେଲାଲଙ୍କ ଯୁଗଳବନ୍ଦୀ କଲେଜ ହଲରେ ସଂଗୀତର ଏକ ଝଡ଼ ସୃଷ୍ଟି କରିଥିଲା । ସେ ଦୁଇଜଣ ଥିଲେ ଭାରତ ପ୍ରସିଦ୍ଧ ସଂଗୀତଜ୍ଞ । ଛୋଟେଲାଲ ଥିଲେ ହାରମୋନିଅମ ବାଦକ । ସେ ଯାହା ବଜାଇଥିଲେ ଦେଖିଲି ମନୋଜ ସେଇ ରାଗ ବଜାଉଛନ୍ତି । ପ୍ରାୟ ଅଧଘଣ୍ଟାଏ ଶୁଣିଲା ପରେ ମୁଁ ମନ୍ତ୍ରମୁଗ୍ଧ ହୋଇ ମନୋଜଙ୍କୁ କହିଲି "ପ୍ରିୟ, ମନୋଜବାବୁ, ସଂଗୀତ ହୁଏତ ତୁମ ଜୀବନର ଲକ୍ଷ୍ୟ ହୋଇପାରେ ।" ମୋର କହିବାର ଉଦ୍ଦେଶ୍ୟ, ସେତେବେଳେ ମନୋଜ ବାବୁଙ୍କ ପ୍ରାଣ ସଂଗୀତକୈନ୍ଦ୍ରିକ ଓ ଭାବକୈନ୍ଦ୍ରିକ ଥିଲା ।

ଅନେକେ କହନ୍ତି 'ଦିଗନ୍ତ' ସାହିତ୍ୟ ପତ୍ରିକା ହେଉଛି ମନୋଜ ବାବୁଙ୍କର ସାହିତ୍ୟକୁ ଏକ ବିଶେଷ ଅବଦାନ । ଆମେ ଛାତ୍ରଜୀବନରେ ସାଧନାର ଅନେକ ଦିଗ ଉପରେ ଏକ୍ସପେରିମେଣ୍ଟ କରିଥିଲୁଁ । ସଂଗୀତ ପରେ ସାହିତ୍ୟକୁ ଆମେ ଧରିଲୁ । 'ଦିଗନ୍ତ'କୁ ଏକ ସାଧାରଣ ପ୍ରଚଳିତ ପତ୍ରିକା ରୂପରେ ପ୍ରକାଶ ନକରି ଏକ ନୂତନ ଆଦର୍ଶ ଓ ଆଭିମୁଖ୍ୟ ନେଇ ପ୍ରକାଶ କରିବାକୁ ଚାହିଁଲୁ । ପ୍ରଗତିଶୀଳ ସାହିତ୍ୟ ପତ୍ରିକାରୂପରେ କିପରି ତାକୁ ସମସ୍ତେ ସ୍ୱୀକାର କରିବେ ଏହା ଆମ୍ଭର ଲକ୍ଷ୍ୟ ଥିଲା । ପ୍ରଗତିଶୀଳ ସାହିତ୍ୟ

Digitized by srujanika@gmail.com

ଉପରେ ସେତେବେଳେ ଖୁବ୍ ଜୋର ଆଲୋଚନା ଓ ଚର୍ଚ୍ଚା ହେଉଥିଲା । ବଙ୍ଗଳାର ପ୍ରଖ୍ୟାତ ମାର୍କ୍ସବାଦୀ ଦାର୍ଶନିକ ଓ ସାହିତ୍ୟିକ ଗୋପାଳ ହାଲଦାର ଦର୍ଶନରେ, କିଶୋର କବି ସୁକାନ୍ତ ଭଟ୍ଟାଚାର୍ଯ୍ୟ କବିତାରେ, ବିଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ଶମ୍ଭୁ ମିତ୍ର ଓ ଉତ୍ପଳ ଦତ୍ତ ଏବଂ ତାଙ୍କ ଭାରତୀୟ ଗଣନାଟ୍ୟ ସଂଘ (ଆଇ.ପି.ଟି.ଏ.) ସଂଗୀତ. ନାଟକ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ବିପ୍ଳବ ଆଣିଥିଲେ । 'ଦିଗନ୍ତ'ରେ ଆମେ ଏକ ପରୀକ୍ଷା ନିରୀକ୍ଷା ଆରମ୍ଭ କଲୁ । ବଂଗଳାରେ 'କିଣୁ-ଗୋୟେଲାର ଗଳି' ସେତେବେଳେ ଏକ ଯୁଗାନ୍ତକାରୀ କବିତା । ଆମେ ଅନେକଙ୍କୁ କହିଲୁ ସେଭଳି ଧରଣର କବିତା ଲେଖିବାକୁ । କେହି ଲେଖି ନପାରିବାରୁ ମନୋଜ ବାବୁ କହିଲେ "ଶ୍ୟାମବାବୁ, ଆପଣ ନିଜେ ଲେଖନ୍ତୁ ।" ମୁଁ ଅସ୍ୱସ୍ତି ଅନୁଭବ କଲି, କିନ୍ତୁ ଲେଖିଲି । ଲେଖାଟି ଏତେ ସଫଳ ହେଲା ଯେ, ମୋତେ ମାୟାଧର ମାନସିଂ ଚିଠିଦେଇ ଧନ୍ୟବାଦ ଜଣାଇଲେ । 'ଦିଗନ୍ତ' ପ୍ରକୃତରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ନୂତନ ପ୍ରଚେଷ୍ଟା ଥିଲା ।

ମନୋଜବାବୁଙ୍କୁ 'ଦିଗନ୍ତ'ର ସଂପାଦକ କଲୁ । ସେ କିଛିଦିନ 'ଦିଗନ୍ତ' ଚଳାଇଲେ । ପରେ ଶୁଣିଲି ସଚ୍ଚି ରାଉତରାୟ ମଧ୍ୟ ଶେଷରେ ତାହାର ସଂପାଦନା ଦାୟିତ୍ୱ ବହନ କରିଥିଲେ । ମୁଁ, ଗାଳ୍ପିକ ସଦାନନ୍ଦ ଦାସ, ୰ ଅନ୍ନଦା ରକ୍ଷିତ, ୰ ଦୈତାରି ଦାସ ଓ ଅନ୍ୟ କେତେକ ବନ୍ଧୁ 'ଦିଗନ୍ତ'ର ସହଯୋଗୀ ଥିଲୁଁ ସେଇ ଛାତ୍ରଜୀବନରେ ।

ମନୋଜ ବାବୁଙ୍କୁ ମୁଁ ପ୍ରଥମେ ମାର୍କ୍ସବାଦୀ କରାଇବାକୁ ଚାହିଁଥିଲି । ସେ ହୋଇଥିଲେ ମଧ୍ୟ । ଛାତ୍ରନେତା ତଥା ଉଦୀୟମାନ ଜନନେତା ଭାବରେ ସେ ରାଜନୀତି ଆକାଶରେ ଆବିର୍ଭୂତ ହୋଇଥିଲେ । ବିଶ୍ୱମ୍ଭର ସାମନ୍ତଙ୍କ ସହ ସେ ବନ୍ଧୁତ୍ୱରେ ଆବଦ୍ଧ ହେଲେ । ବିଶ୍ୱମ୍ଭର ବାବୁ ସେତେବେଳେ ବିଖ୍ୟାତ ଛାତ୍ରନେତା । ତାଙ୍କ ପିତା ନାରାୟଣ ବୀରବରଙ୍କ କନ୍ୟାଙ୍କୁ ମନୋଜ ବାବୁ ବିବାହ କଲେ । କିନ୍ତୁ ରାଜନୀତି ତାଙ୍କୁ ଶେଷ ପର୍ଯ୍ୟନ୍ତ ଟାଣିରଖି ପାରିଲା ନାହିଁ ।

ସେତେବେଳେ ମୋ ସ୍ତ୍ରୀ ଡାକ୍ତର ରାଧାଦେବୀ କଟକରେ ମେଡିକାଲ କଲେଜରେ ହାଉସ ସର୍ଜନ ଥିଲେ । ସେ ଗୋଟିଏ ଭଡାଘରେ ରହୁଥାନ୍ତି । ମନୋଜ ବାବୁଙ୍କ ହାତରେ ସେତେବେଳେ ସବୁବେଳେ ଗୋଟିଏ କ୍ୟାମେରା ଥାଏ । ଦିନେ ସେ ଆସି ମୋତେ କହିଲେ, "ଶ୍ୟାମବାବୁ, ଆପଣଙ୍କ ଝିଅ ଓ ଆଇଙ୍କର ଗୋଟିଏ ଫଟୋ ନେବି ।" ପ୍ରକୃତରେ ମୋ ଆଇଙ୍କର ବା ମୋ ଝିଅର ଫଟୋ ମୋ ପାଖରେ ଆଦୌ ନଥିଲା । ବହୁବର୍ଷ ପରେ ଯେତେବେଳେ ଆଇଙ୍କ ଫଟୋ ଖୋଜା ଚାଲିଲା, ମିଳିଲା କେବଳ ମନୋଜ ବାବୁଙ୍କ ଉଠାଇଥିବା ଫଟୋ । ମୁଁ ସେ ଫଟୋ ନେଇ ସୁରେନ ଦାସଙ୍କୁ ଦେଲି କଲିକତାରେ କୌଣସି ଫଟୋ ଷ୍ଟୁଡିଓରେ ଏନ୍‌ଲାର୍ଜ କରି ଆଣିବାକୁ । ସେ ତାହା ନେଇ 'ଏଡନାଲରେଞ୍ଜ'କୁ ଦେବାରୁ ସେ ସେହି ପୁରୁଣା ଫଟୋକୁ ପରୀକ୍ଷା କରି କହିଲେ-

Digitized by srujanika@gmail.com

''ଏ ଫଟୋ କିଏ ଉଠାଇଛି ? He must be a great photographer.'' ଏକଥା ମୋତେ ସୁରେନ ଦାସ କହିଥିଲେ । ମନୋଜ ବାବୁ ହୁଏତ ଫଟୋ ଉଠାଇବା ପ୍ରାକ୍‌ଟିସ କହିଥିଲେ ଦିନେ ରଘୁରାୟ ବା ଫଲି ମିସ୍ତ୍ରୀଙ୍କ ଭଳି ବିଖ୍ୟାତ ଫଟୋଗ୍ରାଫର ହୋଇ ପାରିଥାନ୍ତେ । କିନ୍ତୁ ତାଙ୍କ ପାଇଁ ଅନ୍ୟ ଏକ ଦିଗ ସ୍ଥିରୀକୃତ ଥିଲା ।

ମୋର ଧାରଣା, ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟ ଲାଭ ମନୋଜ ଦାସଙ୍କ ଦିଗ ନିର୍ଣ୍ଣୟରେ ସହାୟକ ହୋଇଛି । ସେ ଗଳ୍ପ, ଉପନ୍ୟାସ, ସ୍ମୃତିରଚନା ଆଦି ନାନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହୋଇ ପାରିଛନ୍ତି ।

ସେ ପ୍ରମାଣ କରିଛନ୍ତି ଯେ, ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଅର୍ଥ ଗେରୁଆ ପିନ୍ଧିବା ନୁହେଁ । ସଂପୂର୍ଣ୍ଣ ଗାର୍ହସ୍ଥ୍ୟ ଜୀବନ ଭିତରେ ବି ଦିବ୍ୟଜୀବନ ଲାଭ କରାଯାଇପାରେ ।

ମନୋଜ ଦାସଙ୍କୁ ଜ୍ଞାନପୀଠ ପୁରସ୍କାର ମିଳିଲା ନାହିଁ । ଜଣେ ଦୁଇଜଣ ବ୍ୟକ୍ତି ଏଣୁତେଣୁ କିଛି ଲେଖି ତାଙ୍କ ସଂପର୍କରେ କୁତ୍ସା ପ୍ରଚାର କରିଥିଲେ ।

ଦିଲ୍ଲୀରେ ଉଚ୍ଚମହଲରେ ଥାଇ ମୋତେ ଜଣାଅଛି ଅନେକ ସମୟରେ ପୁରସ୍କାର କିପରି ମିଳେ । ଏଣୁ ମନୋଜ ବାବୁଙ୍କୁ ଗୋଟିଏ, ଯୋଡ଼ିଏ ଉପାଧି ବା ପୁରସ୍କାର ନମିଳିବାରୁ ଦୁଃଖ ନାହିଁ ।

ଏବର୍ଷ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ'ରେ ଭୂଷିତ କରି ତାଙ୍କର ଉପଯୁକ୍ତ ମୂଲ୍ୟାୟନ କରିଛନ୍ତି । ଦିନେ ହୁଏତ ସେ 'ଭାରତ ରତ୍ନ' ଉପାଧିରେ ବି ସମ୍ମାନିତ ହେବେ, ଏ ବିଶ୍ୱାସ ମନରେ ଆସୁଛି ।

• ଭୂତପୂର୍ବ ସାଂସଦ ଓ
ପ୍ରାକ୍ତନ ସାଧାରଣ ସଂପାଦକ,
ନିଖିଳ ଭାରତ କଂଗ୍ରେସ କମିଟି,
ଡି.ୟୁ-୭, ପୀତମ୍ପୁର, ନୂଆଦିଲ୍ଲୀ-୩୪

Digitized by srujanika@gmail.com

ପ୍ରଜ୍ଞା-ପୁରୁଷ ଶ୍ରୀ ମନୋଜ ଦାସ

ଯଦୁନାଥ ଦାଶମହାପାତ୍ର

କବି, ଗାଳ୍ପିକ, ସାହିତ୍ୟିକ ଶ୍ରୀ ମନୋଜ ଦାସ ଜଣେ ପ୍ରଜ୍ଞାପୁରୁଷ । କେବଳ ଓଡ଼ିଆ ସାହିତ୍ୟ ନୁହେଁ ଇଂରାଜୀ ଭାଷାରେ ମଧ୍ୟ ସୃଷ୍ଟିପାଇଁ ତାଙ୍କ ଲେଖନୀ ସଦା ତତ୍ପର ।

ଶ୍ରୀ ମନୋଜ ଦାସଙ୍କ ପରିବାରର ପ୍ରତ୍ୟେକ ବ୍ୟକ୍ତି ମୋର ବେଶ୍ ଜଣାଶୁଣା । ଜୀବନର ଆଦ୍ୟାବସ୍ଥାରେ ମୁଁ ଯେତେବେଳେ ବାଲେଶ୍ୱର କଲେଜ (ବର୍ତ୍ତମାନର ଫକୀରମୋହନ କଲେଜ)ରେ ଛାତ୍ରଥିଲି ସେତେବେଳେ ସେ ମଧ୍ୟ ଏହି କଲେଜରେ ହେଉଥିବା ବାଲେଶ୍ୱର ଜିଲ୍ଲାସ୍କୁଲରେ ତଳ କ୍ଲାସ୍‌ରେ ଅଧ୍ୟୟନ କରୁଥିଲେ । ସେତେବେଳେ କଲେଜର ଛାତ୍ର ସଂଖ୍ୟା ସୀମିତ ଥିଲା । ମୁଁ ସେତେବେଳକୁ ଲେଖାଲେଖି ଆରମ୍ଭ କରି ଦେଇଥିଲି । ମୋର କେତୋଟି କବିତା 'ଡଗର' ପତ୍ରିକାର 'ନାଗବଚ୍ଛା' ବିଭାଗରେ ପ୍ରକାଶ ପାଇଥିଲା । ମନୋଜ ବାବୁଙ୍କର ସେତେବେଳୁ ସାହିତ୍ୟପ୍ରତି ପ୍ରବଳ ଅନୁରାଗ ବହୁ ଘଟଣାରୁ ସୁସ୍ପଷ୍ଟ ହୋଇ ଉଠୁଥିଲା । ସେ ଜଣେ ସୁବକ୍ତା ଥିଲେ । କଲେଜରେ ଅଧ୍ୟୟନ କାଳରେ ସେ ଥିଲେ ପ୍ରାୟ ସମସ୍ତଙ୍କର ପରିଚିତ ।

ମୁଁ ଏହି କଲେଜରୁ ଆଇ.ଏ. ପାଶ୍ କରି ବି.ଏ. ପଢିବାପାଇଁ ରେଭେନ୍‌ସା କଲେଜକୁ ଚାଲିଗଲି । ସେଠାରୁ ସମ୍ମାନର ସହ ବି.ଏ. ପାଶ୍ କରି ଉଚ୍ଚତର ଓ ଆଇନ୍ ଶିକ୍ଷା କରିବା ପାଇଁ କଲିକତା ବିଶ୍ୱବିଦ୍ୟାଳୟକୁ ଗଲି । ପରବର୍ତ୍ତୀ ଅବସ୍ଥାରେ ମନୋଜ ବାବୁଙ୍କ ସହିତ ମୋର ଆଉ ବ୍ୟକ୍ତିଗତ ସଂପର୍କ ନଥିଲେ ମଧ୍ୟ ସାହିତ୍ୟର ନିବିଡ ରଜ୍ଜୁରେ ଆମେ ଦୁହେଁ ବାନ୍ଧି ହୋଇଯାଇଥିଲୁ । ସେ ପଣ୍ଡିଚେରୀ ଆଶ୍ରମରେ ଥିବାବେଳେ ଆଉ ଜଣେ ସ୍ୱନାମଧନ୍ୟ ଓଡ଼ିଆ ସାଧକ 'ପ୍ରପତ୍ତି' ମଧ୍ୟ ସେଠାରେ ରହୁଥିଲେ । 'ପ୍ରପତ୍ତି' ଙ୍କ ସହିତ ମୋର ନିବିଡ ପରିଚୟ ଥିଲା । 'ପ୍ରପତ୍ତି'ଙ୍କୁ ଲେଖୁଥିବା ପ୍ରତ୍ୟେକ ପତ୍ରରେ ମୁଁ ଲେଖୁଥିଲି "ମନୋଜ ବାବୁଙ୍କୁ ମୋର ଶୁଭେଚ୍ଛା ଜଣାଇଦେବେ ।"

Digitized by srujanika@gmail.com

ମନୋଜ ବାବୁଙ୍କ ସମ୍ପାଦିତ 'Heritage' ପତ୍ରିକା ଇଂରାଜୀ ଭାଷାରେ ଥିଲା ଖୁବ୍ ଉଚ୍ଚକୋଟୀର ଏକ ପତ୍ରିକା । ସେ ପତ୍ରିକା ପ୍ରାୟ ମୁଁ ପଢୁଥିଲି ଓ ମନୋଜ ବାବୁଙ୍କ ସଂପାଦନା ଦକ୍ଷତାର ଆକଳନ କରୁଥିଲି ।

ଆଜି ସେ ଓ ମୁଁ ଉଭୟ ପରିଣତ ବୟସରେ ଉପନୀତ । ଉଭୟ ପରସ୍ପରଠାରୁ ବହୁଦୂରରେ ଅବସ୍ଥିତ । ତାଙ୍କ ଲେଖା ବିଶେଷକରି ଗଳ୍ପ ପଢିବାବେଳେ ମୁଁ ଭାବେ ସେ ଯେମତି ମୋର ଅତି ନିକଟରେ । ତାଙ୍କ ଗଳ୍ପରେ ଏକ ସ୍ୱତନ୍ତ୍ରତା ରହିଛି । ମଣିଷକୁ ଅତି ନିକଟରୁ ଚିହ୍ନିବାର ବହୁ ଉପାଦାନ ରହିଛି । ତାଙ୍କର ଲେଖାଗୁଡିକ ସୁବୋଧ ତଥା ଭାବଗର୍ଭକ । ବାଲେଶ୍ୱର ଜିଲ୍ଲାରେ ଜନ୍ମଗ୍ରହଣ କରି ଶ୍ରୀ ମନୋଜ ଦାସ କେବଳ ବାଲେଶ୍ୱର ବା ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷ ତଥା ଭାରତ ବାହାରେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ସେ ଏ ମାଟିର ଏକ ଅମୂଲ୍ୟ ରତ୍ନ ।

•୩୯, ଭି.ଆଇ.ପି କଲୋନୀ
ଭୁବନେଶ୍ୱର - ୭୫୧ ୦୧୫

Digitized by srujanika@gmail.com

ମନେପଡୁଛି

ସୀତାକାନ୍ତ ମହାପାତ୍ର

ମନେପଡୁଛି ତାଙ୍କ ସହ ଦୀର୍ଘ ବନ୍ଧୁତ୍ୱର ପ୍ରଥମ ଦିନସବୁ । 'ଦିଗନ୍ତ' ସଂପାଦନା ସେ ହାତକୁ ନେଇଥାନ୍ତି । ରହୁଥାନ୍ତି ଜୋବ୍ରା ଅଞ୍ଚଳରେ । ଅଧ୍ୟାପନା କାର୍ଯ୍ୟ ସେଇଠି ସୁଚାରୁରୂପେ ତୁଲାଉଥାନ୍ତି । ମୁଁ ରେଭେନ୍‌ସା କଲେଜ ଛକରେ ଅବିବାହିତ ବନ୍ଧୁମାନଙ୍କ ଗହଣରେ ଗୋଟିଏ ମେସ୍‌ରେ ରହୁଥାଏ । ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପନା କାର୍ଯ୍ୟ କରୁଥାଏ । କଲେଜ ଫେରନ୍ତା ମନୋଜବାବୁ ଓ ମୁଁ ରହୁଥିବା ସେଇ 'କଳା ମନ୍ଦିର' ମେସ୍‌ରେ ପରସ୍ପରକୁ ଭେଟି, ନାନାକଥା ଆଲୋଚନା କରୁ । ତାଙ୍କରି ତାଗିଦ୍‌ରେ ମୋ ପରି ଦୀର୍ଘସୂତ୍ରୀ ଓ ଅଳସୁଆ ଲୋକ 'ଆତ୍ମ-ଅନ୍ତରୀଣତା ବା ନିଃସଙ୍ଗ ମଣିଷ' ଶୀର୍ଷକରେ କେତେଗୁଡ଼ିଏ ପ୍ରବନ୍ଧ 'ଦିଗନ୍ତ' ପାଇଁ ଲେଖି ପାରିଥିଲା, ଯାହା ପରବର୍ତ୍ତୀ କାଳରେ ପ୍ରକାଶିତ ହୋଇଥିଲା ଓ 'ପ୍ରବନ୍ଧ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା ।

କେଇଥର ଦୁହେଁ 'କଳାମନ୍ଦିର ମେସ୍'ରୁ ଉତ୍ତରାୟଣ ହୋଇ ତାଙ୍କ ଘରେ ପହଞ୍ଚୁଥିଲୁ । ଚା' ଜଳଯୋଗ ପରେ ଫେରୁଥିଲି, ଯାହା ମେସ୍ 'ଖାନା'ର ବିରକ୍ତିକର ପ୍ରାତ୍ୟହିକତାରୁ ଅନିୟମିତ ମୁକ୍ତି ଦେଉଥିଲା । ତାଙ୍କ ଶ୍ୱଶୁର ମୋତେ ଥରେ କହିଥିଲେ- 'ତୁମେ ଦୁହେଁ ଏରସମାର କ୍ୱାଇଁ' ।

ଏକଦା ପଣ୍ଡିଚେରୀରେ ତାଙ୍କ ଘରେ ଗପସପ ପରେ ସମୁଦ୍ରକୂଳେ ବୁଲା, ପଣ୍ଡିଚେରୀ ଅରବିନ୍ଦ ଆଶ୍ରମର ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ ଇତ୍ୟାଦି ବହୁଦିନ ମନେ ରହିବ । ସେତେବେଳେ କାଙ୍ଗାଳି ବାବୁ (ପତି) ଥିଲେ । Aurobindo and Henry Miller ଶୀର୍ଷକ ମୋ ଲିଖିତ ପ୍ରବନ୍ଧ ତାଙ୍କୁ ଭଲ ଲାଗିଥିଲା । ଅରବିନ୍ଦଙ୍କ ରଚନାର ଓଡ଼ିଆ ଭାଷାରେ ପ୍ରକାଶିତ ସଂପୂର୍ଣ୍ଣ ସେଟ୍ ମୋତେ କାଙ୍ଗାଳି ବାବୁ ଉପହାର

Digitized by srujanika@gmail.com

ଦେଇଥିଲେ । ପରେ ଅନେକତ୍ର ଆମେ ଭେଟିଛୁ । ଆଲୋଚନା ପଡେ ବହୁ ବିଷୟରେ, ସାହିତ୍ୟ, ଭାରତୀୟତା, ଭାରତୀୟ ସଂସ୍କୃତି ଇତ୍ୟାଦି ଇତ୍ୟାଦି । Heritage ପାଇଁ ମୁଁ ଲେଖିଛି । ତାଙ୍କ ଗଳ୍ପ 'ମଧୁବନର ମେୟର' ଉପରେ ଆଧାରିତ ମୋର ଗୋଟିଏ ଛୋଟ ସମୀକ୍ଷା ଇଂରେଜୀରେ ପ୍ରକାଶିତ ହୋଇଥିଲା । ମନୋଜ ବାବୁଙ୍କୁ ସେଇଟି ସ୍ପର୍ଶ କରିଥିଲା । ମନୁଷ୍ୟର 'ଅସହାୟତା'ହିଁ ଥିଲା ମୋର ସମୀକ୍ଷାର ଆଭିମୁଖ୍ୟ । ମୋ ଅଦିବାସୀ-କବିତା ସଂକଳନର ସମୀକ୍ଷା ସେ କରିଛନ୍ତି ଓ କାଳେ ମୁଁ ସେଇଟି ଭୁଲକ୍ରମେ ଦେଖି ନଥିବି ବୋଲି ମୋତେ ପଠାଇଛନ୍ତି ।

ମୋର ଶିକ୍ଷକ ଓ ବଂଧୁ ମନ୍ମଥବାବୁଙ୍କ ଭାଇ ହିସାବରେ (ଓ ମନ୍ମଥ ବାବୁ ମୋ ପୋଡଶୀ ହୋଇଥିବାରୁ) ଥରେ ଅଧେ ଘରେ ବି ବସିଛି । 'ସମୁଦ୍ର ଉପକୂଳର ଏକ ଗାଁ' ବହିଟି ସେ ମୋତେ ଦେଲାବେଳେ ମୁଁ ଚିତ୍ରୋତ୍ପଳା ନଈକୂଳର ଗାଁରୁ ବୋଲି ସମାନ୍ତରାଳତା ଖୋଜୁଛି । ଏବେ ତ ଏନ୍.ବି.ଟି ପାଇଁ ତାଙ୍କୁ ଆହୁରି ଅଧିକ ଲେଖିବା ପାଇଁ ପଡୁଛି । NBT ର ବିଶ୍ୱ ପୁସ୍ତକମେଳା ୨୦୦୦ରେ Growing up with Books ଆନ୍ତର୍ଜାତିକ ସେମିନାରରେ ସେ, ମୁଁ ଓ ରସ୍କିନ୍ ବଣ୍ଡ ଏକାଠି ହୋଇଥିଲୁ । ସୌଭାଗ୍ୟକୁ 'ସରସ୍ୱତୀ ସମ୍ମାନ' ତାଙ୍କୁ ଓ ଇନ୍ଦିରା ଗୋସ୍ୱାମୀଙ୍କୁ ଦିଆଗଲା ଦିନ ମୁଁ ଦିଲ୍ଲୀରେ NBT କାମ ପାଇଁ ଥିଲି । ତେଣୁ ଶୁଭେଚ୍ଛୁ ଗହଣରେ ତାଙ୍କୁ ପାଇବାର ଆନନ୍ଦ ମିଳିଥିଲା ।

• ୧୭-ସତ୍ୟନଗର,
ଭୁବନେଶ୍ୱର

Digitized by srujanika@gmail.com

ସୁମନାସ

ଚନ୍ଦ୍ରଶେଖର ରଥ

ମନୋଜ ଦୀର୍ଘାୟୁ ହୁଅନ୍ତୁ । ମନୋଜ ଯଶସ୍ୱୀ ହୁଅନ୍ତୁ ।
ମନୋଜ ଆହୁରି ପ୍ରତିଷ୍ଠିତ ହୁଅନ୍ତୁ, ଭାରତରେ, ଭାରତ ବାହାରେ ।
ବାକ୍‌ଦେବୀଙ୍କ କୃପା ନିରବଚ୍ଛିନ୍ନ ବର୍ଷା ହେଉଥାଉ ତାଙ୍କ ଉପରେ ।

ଏହିପରି ସ୍ୱତଃସ୍ଫୁର୍ତ ଶୁଭେଚ୍ଛା ଯାହାଙ୍କ ପାଇଁ ଝରିଆସେ, ସେ ହେଉଛନ୍ତି ଉତ୍କଳର ବରପୁତ୍ର ମନୋଜ ଦାସ । ଆଚରଣରେ ଆଭିଜାତ୍ୟ, ଉଚ୍ଚାରଣରେ ଶାଳୀନତା, ବ୍ୟବହାରରେ ଭଦ୍ରତା, ମାର୍ଜିତ ରୁଚି, କଥାକଥାକେ କୌଳିନ୍ୟ, ଶିଷ୍ଟାଚାର, ସମଦର୍ଶିତା, ସହଜମିତ୍ରତା, ଯାହାଙ୍କ ସ୍ୱଭାବସିଦ୍ଧ ଗୁଣ ସେ ହେଉଛନ୍ତି ଅଭିଜାତ କୁଳୋଦ୍ଭବ ମନୋଜ ଦାସ ।

କବିତାର ସୁକୁମାର ଘନିଷ୍ଠତାରୁ ଅନେକ ଦିଗନ୍ତର ବିସ୍ତାର କିମ୍ବା ଶତେକ ପ୍ରଶ୍ନର ଉତ୍ତରର ଗଭୀରତା ଯାଏଁ ପ୍ରାୟ ଅର୍ଦ୍ଧେକ ଶତାବ୍ଦୀର ସୁଦୀର୍ଘ ଯାତ୍ରାପଥ ଯେ ଅତିକ୍ରମ କରି ଆସିଛନ୍ତି, 'ଆରଣ୍ୟକ'ର ହିଂସ୍ରତାଠାରୁ 'ଅମୃତଫଳ'ର ଦିବ୍ୟାନୁଭବ ପର୍ଯ୍ୟନ୍ତ ବିକାଶର ସମ୍ଭାବନା ଯେ ଦେଖିଆସିଛନ୍ତି, ରୁଷୀୟ ସାମ୍ୟବାଦଠାରୁ ଅତିମାନସର ଦିବ୍ୟ ଜୀବନଯାଏଁ, ବନ୍ଧୁରପନ୍ଥା ଯେ ସ୍ୱୀକାର କରିଛନ୍ତି, ସେ ବିପୁଳ ବିସ୍ତାର ଓ ଅନୁଭବର ମଣିଷ ହେଉଛନ୍ତି ମନୋଜ ଦାସ ।

ଅସଂଖ୍ୟ ଗଳ୍ପ ବଖାଣିବାର ବିଚକ୍ଷଣତା, ରସିକତା, ସରଳତା, ସମ୍ବେଦନଶୀଳତା, ବିବିଧତା, ବିଚିତ୍ରତା, ଅଲୌକିକତାପାଇଁ ପୃଥିବୀର ଜଣେ ଅଗ୍ରଗଣ୍ୟ କଥାକାରରୂପେ ଯେ ମାନ୍ୟତା ଅର୍ଜନ କରିଛନ୍ତି, ବହୁ ଭାଷାରେ ବହୁ କ୍ଷେତ୍ରରେ ବୟସ ନିର୍ବିଶେଷରେ ବହୁ ବିଧ ପାଠକଙ୍କୁ ବିମଳ ରସାନୁଭବ, ବିସ୍ମୟାନୁଭବ ଦେବାରେ

Digitized by srujanika@gmail.com

ଯାହାଙ୍କର ମୌଳିକତା, ସୃଜନଧର୍ମିତା, ପରିପକ୍ୱତା ପ୍ରମାଣିତ ହୋଇଛି, ସେ ହେଉଛନ୍ତି ଅନନ୍ୟ କଥାକାର ମନୋଜ ଦାସ ।

ସୁଚାରୁ ବାଗ୍ମିତା ଓ ବିଦ୍‌ବତ୍ତା ସହିତ ବିନୟ, ସତ୍ୟବାଦିତା ସହିତ ପ୍ରିୟବାଦିତା, ଭାବଗାମ୍ଭୀର୍ଯ୍ୟ ସହିତ ଚଟୁଳ ରସିକତା, ସାମାଜିକ ସୌଜନ୍ୟ ସହିତ ନିରାଡ଼ମ୍ବର ସାରଲ୍ୟ, ଆଧୁନିକ ଜୀବନର ଜଟିଳତା ସହିତ ଚିରନ୍ତନ ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ, ମଣିଷର ସମସ୍ତ କ୍ଷୁଦ୍ରତା, କ୍ଳୀବତା, ଅପରିଚ୍ଛନ୍ନତା ପାଇଁ ଅଗାଧ ସମ୍ବେଦନା ସହିତ ତା'ର ଉତ୍ତରଣ ପାଇଁ ପ୍ରାର୍ଥନା, ସ୍ମୃତିବିଜଡ଼ିତ ଆପଣାର ଜନ୍ମଭୂମିର ବିବିଧ ବିପର୍ଯ୍ୟୟ ସହିତ, ସମ୍ଭାବନାମୟ ଯୋଗଭୂମିର ପ୍ରତ୍ୟୟ ଓ ପ୍ରତିଶ୍ରୁତି, ଯେ ଏକତ୍ର ଧାରଣ କରି ସମନ୍ୱୟ ପ୍ରତିଷ୍ଠା କରନ୍ତି, ସେ ହେଉଛନ୍ତି ଅସାଧ ସାଧକ ମନୋଜ ଦାସ ।

ମନୋଜ ଶତାୟୁ ହୁଅନ୍ତୁ । ତାଙ୍କ ଉପରେ ଅଜସ୍ର ପୁଷ୍ପବୃଷ୍ଟି ହେଉ । ପୁଷ୍ପିତ ହେଉ ତାଙ୍କ ଚଲାପଥ, ସାଧନାର ପଥ ।

• ଏ/୩୨, ଏନ୍-୧, ନୟାପଲ୍ଲୀ,
ଭୁବନେଶ୍ୱର-୭୫୧ ୦୧୫

Digitized by srujanika@gmail.com

ମନୋଜ ଦାସଙ୍କୁ ମୁଁ ଯେପରି ମନେ ରଖିଛି

ଗିରିଜାଭୂଷଣ ପଟ୍ଟନାୟକ

ମନୋଜ ଦାସଙ୍କ ଉପରେ ଲେଖିବା ମୋ ପାଇଁ ଭାରି କଷ୍ଟ । ବୟସରେ ସେ ମୋ ଠାରୁ ସାନ । ଅବଶ୍ୟ ପ୍ରତିଷ୍ଠାରେ ସେ ବର୍ତ୍ତମାନ ତୁଙ୍ଗ ଶିଖରୀ ଚୂଳରେ ପହଞ୍ଚି ସାରିଥିଲା ବେଳକୁ ମୁଁ ସେଇ ମାଟିରେ ରହି ଯାଇଛି । ରହିଯିବା ପାଇଁ ସ୍ଥିର କରିଛି । ଏହା ସତ୍ତ୍ୱେ ମୁଁ ବଡ଼ । ତେଣୁ ତାଙ୍କର ଦୋଷତ୍ରୁଟି ମୋ ଆଖିରେ ପଡ଼େନାହିଁ । ପଡ଼ିଲେ ବି ମନେ ରହେନାହିଁ, ରହିନାହିଁ ।

ବୋଧହୁଏ ୧୯୫୨ ମସିହାର କଥା । ମନୋଜ ବାଲେଶ୍ୱର ଜିଲ୍ଲା ଛାତ୍ରସଂଘର ଅନ୍ୟତମ ନେତା । କବି ବ୍ରଜନାଥ ରଥ ତାଙ୍କର ସମସାମୟିକ । ଅନ୍ୟମାନଙ୍କ ନାମ ମନେ ପଡୁନାହିଁ । ମୁଁ ଜେଲରୁ ଖଲାସ ହେଲା ପରେ ନିଖିଳ ଉତ୍କଳ ଛାତ୍ର ସଂଘର ଅଫିସ ଦାୟିତ୍ୱରେ ଥାଏ । ବ୍ରଜଭାଇନା, ଶିବାଜୀ, ପ୍ରବୀର ଦା, ବିଶ୍ୱମ୍ଭର, ଯୋଗେନ ଦା' ଏବଂ ନୀଳକଣ୍ଠଙ୍କୁ ନେଇ ଆମର ସେକ୍ରେଟେରିଏଟ ଗଠିତ ହୋଇଥାଏ । ୧୯୫୨ର ପ୍ରଥମ ସାଧାରଣ ନିର୍ବାଚନ ସରି ଯାଇଥାଏ । ତା ଆଗରୁ ୧୯୫୨ ଜୁଲାଇ ମାସର ଛାତ୍ର ଧର୍ମଘଟ ନିଖିଳ ଉତ୍କଳ ଛାତ୍ରସଂଘକୁ ନେଇ ଆସିଥାଏ ପୁରୋଭାଗକୁ ।

ଏତିକିବେଳେ ଓଡ଼ିଶାବ୍ୟାପୀ ସଂଗଠନ ଗଢ଼ି ଉଠୁଛି । ବାଲାଙ୍ଗୀରରେ ନରସିଂହ ମିଶ୍ର, ସମ୍ବଲପୁରରେ ଲକ୍ଷ୍ମୀପ୍ରସାଦ ମିଶ୍ର, ବାଲେଶ୍ୱରରେ ମନୋଜ ଦାସ, ବ୍ରଜନାଥ ରଥ, ବାରିପଦାରେ ମଳୟ ପଟ୍ଟନାୟକ, ହରିହର ଦାସ, ବିମଳ ମୁଖାର୍ଜୀ, ପୁରୀରେ ଶିବ ମିଶ୍ର, ଅନାଦି ମହାନ୍ତି, ଗୋକୁଳାନନ୍ଦ ମହାପାତ୍ର, ବ୍ରହ୍ମପୁରରେ ରାମଚନ୍ଦ୍ର ବକ୍ସିପାତ୍ର, ଏପରି ବହୁ ସହଯୋଦ୍ଧାଙ୍କ ସହ ସଂପର୍କ ରଖିବା ଥିଲା ମୋର କାମ ଅଫିସ ସଂପାଦକ ଭାବରେ । ବ୍ରଜ ଭାଇନା (ପୁରୀର ବ୍ରଜବଂଧୁ ମିଶ୍ର, ଏଡ଼ଭୋକେଟ) ଆଉ ନାହାନ୍ତି । କିନ୍ତୁ ସେଭଳି ସଂଗଠକ ମୁଁ ଖୁବ୍ କମ୍ ଦେଖିଛି । କାହାକୁ କେଉଁ କାମ ବଣ୍ଟାଯିବ, କାହାକୁ କ'ଣ ଦାୟିତ୍ୱ ଦିଆହେବ; କାହାକୁ କ'ଣ ଲେଖାଯିବ ସେ ସବୁ ବାଣ୍ଟିବା କାମ ଥିଲା ତାଙ୍କର, ଏବଂ ତାଗିଦ ପ୍ରତିଦିନ ଶୁଣିବାକୁ ମିଳୁଥିଲା-'ଚିଠି ଲେଖିଲଣି ?' ପୁଣି ତାଗିଦ, 'ମନୋଜକୁ ଚିଠି ଲେଖିଛ ? ପଚାରିବ ଛାତ୍ରସଂଘର ଆନୁକୂଲ୍ୟରେ କ'ଣ ସବୁ

Digitized by srujanika@gmail.com

ମେଗାଜିନ୍ ବା ବହି ପ୍ରକାଶିତ ହୋଇଛି ?' ବାଲେଶ୍ୱର ଜିଲ୍ଲା ଛାତ୍ରସଂଘ ସାହିତ୍ୟ,କଳା ସଂପର୍କରେ ବେଶ୍ ଆଗ୍ରହୀ । ଆଉ ଯାହା ହେଉ ବା ନ ହେଉ, ଦି' ଚାରିଟା ସାହିତ୍ୟ ସଭା ନିଶ୍ଚୟ ହୋଇଥିବ, ମେଗାଜିନ୍ ମଧ୍ୟ ବାହାରିଥିବ । ମୋର ଠିକ୍ ମନେ ପଡୁନି । କିନ୍ତୁ ବୋଧହୁଏ ସେତିକିବେଳେ ମନୋଜ ଦାସଙ୍କ 'ସମୁଦ୍ରର କ୍ଷୁଧା' ବହିଟି ମୁଁ ପାଇଥିଲି । ତାଙ୍କ ସହିତ ପତ୍ରାଳାପ ଥିଲା କିନ୍ତୁ ଭେଟ ହୋଇ ନଥିଲା । ଥରେ ମୁଁ ବାରିପଦାରୁ ଫେରୁଛି କଟକ । ବାଲେଶ୍ୱର ରେଳବାଇ ଷ୍ଟେସନ । ରାତି । ମୁଁ ଅପେକ୍ଷା କରୁଛି ଟ୍ରେନ୍‌କୁ । ୱେଟିଙ୍ଗ ରୁମ୍‌କୁ ହଠାତ୍ ପଶି ଆସିଲେ ଜଣେ ଯୁବକ । ତାଙ୍କ ହାତରେ କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର ପିପୁଲସ୍ ଏଜ୍ (People's Age) ବାରି ହୋଇ ପଡୁଛି । ମୁଁ ବୋଧହୁଏ ଟିକିଏ ଘୁମାଇ ପଡିଥିଲି । ନିଦ ଭାଙ୍ଗିଗଲା । ସେ ସପ୍ତାହର 'ପିପୁଲସ୍ ଏଜ୍' ମୁଁ ପଢ଼ି ନଥାଏ । ସେତେବେଳେ ଏହା ପଢ଼ିବା କମ୍ୟୁନିଷ୍ଟ ପାର୍ଟିର ସଭ୍ୟମାନଙ୍କ ପାଇଁ ବାଧ୍ୟତାମୂଳକ ଥିଲା । ଆଜିକାଲି ତାହା ଅଛି କି ନାଇଁ ଜାଣେନାହିଁ । ଦ୍ୱିତୀୟ କଥା ହେଉଛି ଯେ ଏହି କାଗଜ ଯିଏ ଧରିଛି ସେ ନିଶ୍ଚିତ ଭାବରେ ସମଧର୍ମୀ । ତେଣୁ ଏକୁଟିଆ ବସିବାର କ୍ଳାନ୍ତି କଟିଯିବ ଏଇ ଆଶାରେ କାଗଜ ଖଣ୍ଡକ ମାଗିଲି । ଯୁବକ ଜଣକ ଆଗ୍ରହର ସହିତ ଦେଲେ । ତାରି ଭିତରେ ପଚାରିଲି ତାଙ୍କର ପରିଚୟ । ସେ କହିଲେ 'ମନୋଜ ଦାସ' । କାହିଁକି କେଜାଣି ସେ ମୋତେ ପଚାରୁ ନାହାନ୍ତି ମୋ ପରିଚୟ । ଗପ ଜମିଲା । ମୋର ଠିକ୍ ମନେ ପଡୁନି, ହଠାତ୍ କ'ଣ ଗୋଟାଏ ବିଷୟରେ ମୋର ଉତ୍ତର ଶୁଣି ସେ ପଚାରିଲେ ମୋର ପରିଚୟ । ମୁଁ ମୋର ନାମ କହିବା ସଙ୍ଗେ ସଙ୍ଗେ ସେ ମୋତେ କୁଣ୍ଢାଇ ପକାଇଲେ ଏବଂ ଯାହା ଉତ୍ତର ଦେଲେ ତାହା ମୋର ଅଦ୍ୟାପି ସ୍ମରଣରେ ରହିଛି -

''ଆପଣ ବାଲେଶ୍ୱର ଆସିଲେ ଏବଂ ଗଲେ, ଅଥଚ ମୋତେ ଖବର ଦେଲେ ନାହିଁ ? ଏହା କ'ଣ ଉଚିତ ହେଲା ? ଆପଣ ଏଠାକୁ ଆସିବେ, ମୁଁ ଅଛି, ଅଥଚ ମୁଁ ଜାଣିବି ନାଇଁ ?'' ଏହା ସେ କେଉଁ ଅତୀତର କଥା । ଏବେ ମୁଁ ଅଛି କଟକରେ । ମନୋଜ ମଝିରେ ମଝିରେ ଆସନ୍ତି ଯାଆନ୍ତି । ଏହା ଭିତରେ ମୋ ସାଙ୍ଗରେ ତାଙ୍କର ଦୁଇଥର ମାତ୍ର ଦେଖା ହୋଇଛି । ଥରେ ସେ ଯେତେବେଳେ ଆଡଭୋକେଟ ଗଙ୍ଗାଧର ରଥଙ୍କ ଫାଉଣ୍ଡେସନ୍ ଦ୍ୱାରା ସମ୍ମାନିତ ହୋଇଥିଲେ, ଆଉ ଏଇ ନିକଟରେ ଆସିଥିଲେ ମୋତେ ଦେଖିବା ପାଇଁ ।

ସମୟ ଅତିକ୍ରାନ୍ତ ହୋଇଛି ।

ସେ ଉପରକୁ ଉଠିଛନ୍ତି, ବହୁତ ଉପରକୁ । କର୍ମବ୍ୟସ୍ତତା ବଢ଼ିଛି । ଏହା ସ୍ୱାଭାବିକ । ସମୟ ଉପରେ ତାଙ୍କର ଆଉ କର୍ତ୍ତୃତ୍ୱ ନାହିଁ । ବହୁତ ଲୋକଙ୍କୁ ଭେଟିବାକୁ ପଡିବ । ମୁଁ ରହିଛି ନିଷ୍କର୍ମା ହୋଇ । ମୋର ସମୟର ମୁଁ ମାଲିକ ।

କିନ୍ତୁ ସେହି ଅତୀତ ଦିନର କଥା ଏ ପର୍ଯ୍ୟନ୍ତ ସ୍ମରଣରେ ରହିଛି । ଦିନ

Digitized by srujanika@gmail.com

ଥିଲା ଯେତେବେଳେ ଛାତ୍ରସଂଘର ସେଇ ସେକ୍ରେଟେରିଏଟର ବଂଧୁମାନେ ପରସ୍ପରଠାରୁ ଅଭିନ୍ନ ଥିଲେ । ସବୁଦିନ ତ କିଂତୁ ସମାନ ନୁହେଁ ! ଦିନ ଗଡ଼ି ଚାଲିଛି । ଏହା ଭିତରେ କେତୋଟି ଦଶକ ଗତ ହୋଇଗଲାଣି ।

ମନୋଜଙ୍କ ସହିତ ପରିଚିତି ସେଇ ଦିନରୁ ।

ଛାତ୍ରସଂଘ ଓ ଛାତ୍ର ଆନ୍ଦୋଳନ ଭିତରେ ଆମର ଘନିଷ୍ଠତା ଜମିଛି । ବଢିଛି-ସହଯୋଗିତ୍ୱ ।

ବାଲେଶ୍ୱରରେ ମନୋଜ ଏବଂ ତାଙ୍କର ସହକର୍ମୀମାନେ ଆୟୋଜନ କରନ୍ତି ନି:ଉ: ଛାତ୍ରସଂଘର ବାର୍ଷିକ ସମ୍ମିଳନୀ । ସେତେବେଳକୁ ଆଉ ଛାତ୍ରସଂଘ ପୂର୍ବର ଛାତ୍ରସଂଘ ହୋଇ ନଥାଏ । ୧୯୫୨ ମସିହାରେ କଟକରେ ଛାତ୍ରସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ବେଶ୍ ଜାକଜମକରେ । ସାରା ଓଡ଼ିଶାରୁ ପ୍ରତିନିଧିମାନେ ଆସିଥିଲେ । ବାଲେଶ୍ୱର ଜିଲ୍ଲାରୁ ମଧ ଏକ ପ୍ରତିନିଧି ଦଳ ଯୋଗ ଦେଇଥିଲେ ମନୋଜଙ୍କ ନେତୃତ୍ୱରେ ।

ଏହାପରେ ଦୁଇବର୍ଷ ଅତିକ୍ରାନ୍ତ ହୋଇଥାଏ । ଠିକ୍‌ହେଲା ବାଲେଶ୍ୱରରେ ପ୍ରାଦେଶିକ ସମ୍ମିଳନୀ ହେବ । କେନ୍ଦ୍ର ଅଫିସର କାମ ବଢିଗଲା । ବଢ଼ିଲା ସଂପର୍କ ମନୋଜଙ୍କ ସହିତ ।

ବାଲେଶ୍ୱର ସମ୍ମିଳନୀ ଏକ ମାଇଲ ଖୁଣ୍ଟ । ଅଷ୍ଟ୍ରେଲିଆର ଯୁବନେତା ଆର୍ଥର ପାଇକଙ୍କ ଠାରୁ ଆରମ୍ଭ କରି ବିଶିଷ୍ଟ ନାଟ୍ୟକାର-ଅଭିନେତା ଶମ୍ଭୁ ମିତ୍ରଙ୍କ ପର୍ଯ୍ୟନ୍ତ ବହୁ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ସମ୍ମିଳନୀ ଭରପୂର । ଆଗରୁ କହିଛି ସଭା ସମିତି, ନୃତ୍ୟଗୀତ, ମେଗାଜିନ୍-ବହି ପ୍ରକାଶନରେ ବାଲେଶ୍ୱର ଜିଲ୍ଲା ଥିଲା ଆଗୁଆ ।

ମନୋଜ ଦାସ ବି.ଏ. ପାଶ୍ କରି କଟକ ଆସନ୍ତି । 'ଆଗାମୀ' ପତ୍ରିକାର ସଂପାଦକ ହୁଅନ୍ତି । ପ୍ରଥମେ 'ଆଗାମୀ ମେସ୍'ରେ ଏବଂ ପରବର୍ତ୍ତୀ ସମୟରେ ରାଣୀହାଟ ପୋଲ ପାଖ ଜୋବ୍ରା ରୋଡର ଏକ ଘରେ ରହନ୍ତି । ଛାତ୍ରସଂଘର ସେକ୍ରେଟେରିଏଟ୍ ସଭ୍ୟ ଓ ପରେ ସଂପାଦକ ହୁଅନ୍ତି ।

୧୯୫୫ ମସିହାର ଦଳେଇ ଘାଇ ଭଂଗା ଓ ବନ୍ୟା ବିପର୍ଯ୍ୟୟବେଳେ ତାଙ୍କୁ ଦେଖେ ରିଲିଫ୍ କାର୍ଯ୍ୟର ପୁରୋଭାଗରେ । ତାପରେ ଐତିହାସିକ ସୀମା ଆନ୍ଦୋଳନରେ ନେତୃତ୍ୱ ନିଅନ୍ତି । ଲାଲବାଗ, କଟକ ରାଜଭବନ, କଲେକ୍ଟରେଟ ଓ ହାଇକୋର୍ଟ ଅଞ୍ଚଳର ପିକେଟିଂ ତାଙ୍କରି ନେତୃତ୍ୱରେ ଚାଲେ । ଶହଶହ ସ୍ୱେଚ୍ଛାସେବକଙ୍କର ଦାୟିତ୍ୱ ପଡ଼େ ତାଙ୍କ ଉପରେ । ୰ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ମନୋଜ ଦାସ ଏବଂ ମୁଁ କଟକ ସହରକୁ ତିନିଭାଗରେ ବିଭକ୍ତ କରି ଦାୟିତ୍ୱ ନେଇଥାଉଁ । ପୁଣି ସେଇ ୧୪୪ ଧାରା, ସାନ୍ଧ୍ୟ ଆଇନକୁ ଅମାନ୍ୟ କରି ସଙ୍ଗୀତ, ସମବେତ

Digitized by srujanika@gmail.com

ସଙ୍ଗୀତର ଝଙ୍କାର ଶୁଭେ ରାଜପଥରେ । ଆଦରମଣି ବରାଳ, ସୁଜନ ଘୋଷ, ନିତୁ ପାତ୍ର ଗାଆନ୍ତି । ଏହାର ସାଂଗଠନିକ ଦାୟିତ୍ୱ ମୋର ଯାହା ମନେ ପଡୁଚି ଅବନୀ ବରାଳ ଓ ମନୋଜ ଦାସଙ୍କ ଉପରେ ନ୍ୟସ୍ତଥିଲା ।

ମନୋଜ ଆଇନ କଲେଜର ଛାତ୍ର ୟୁନିଅନର ସଭାପତି ନିର୍ବାଚିତ ହୁଅନ୍ତି ଏବଂ ବାନ୍ଦୁଙ୍ଗଠାରେ ଅନୁଷ୍ଠିତ ଆଫ୍ରୋ-ଏସୀୟ ଛାତ୍ର ସମ୍ମିଳନୀରେ ଯୋଗ ଦିଅନ୍ତି ଭାରତର ପ୍ରତିନିଧି ଭାବରେ ।

ତାଙ୍କର ଇଚ୍ଛାଥିଲା ସେ ଓକିଲ ହେବେ । ସ୍ୱାଧୀନ ଜୀବିକା ଗ୍ରହଣ କରିବେ । ପୈତୃକ ସମ୍ପତ୍ତି ବି ବେଶ୍ ଅଛି । କିନ୍ତୁ ତାହା ହୋଇପାରିଲା ନାହିଁ । ପଛକୁ ଫେରି ଅନେଇଲେ ମନେ ହେବ ଯେ ଭଲ ହୋଇଛି । ସେ କେତେ ସଫଳ ଓକିଲ ହୋଇଥାନ୍ତେ ତାହା ଅଲଗା କଥା କିନ୍ତୁ ଏମ୍.ଏଲ୍.ଏ., ଏମ୍.ପି. ହୋଇପାରିଥାନ୍ତେ । ହୁଏତ ମନ୍ତ୍ରୀ ବି ହୋଇଥାନ୍ତେ । ସମ୍ପତ୍ତି ବଢିଥାନ୍ତା । କିନ୍ତୁ ତା'ପରେ ?

ମନୋଜ ଆଜି ଯାହା, ତାହା ହୋଇପାରି ନଥାନ୍ତେ । ପ୍ରତିଷ୍ଠା, ଖ୍ୟାତି, ସମ୍ମାନ, ପୁରସ୍କାର କେଉଁଥିଲେ ତ ଗଣା ହୋଇନି । ଏ ସବୁ ମିଳିଥାନ୍ତା କେଉଁଠୁ ? ସେ ସବୁ ଦିନେ ତ ରହିବେ ନାହିଁ । ଯିବାର ବହୁ ବହୁ ବର୍ଷ ପରେ ସେ ସ୍ମରଣରେ ରହିବେ ତାଙ୍କର ଗଳ୍ପ ପାଇଁ ।

ସେ ବର୍ଷ ପ୍ରସିଦ୍ଧ ଗାଳ୍ପିକ ✓ ଅଖିଳ ମୋହନ ପଟ୍ଟନାୟକ କହୁଥିଲେ 'ମୋ ଲେଖା, ମୋ ଜୀବନ' ଶୀର୍ଷକ ଉପରେ । ତାଙ୍କୁ ସାହିତ୍ୟ ଏକାଡେ଼ମୀ ଆୱାର୍ଡ ମିଳିଥାଏ ତା' ପୂର୍ବରୁ । ସେ ଆରମ୍ଭ କଲେ, କହିଲେ-''ମୋର ବନ୍ଧୁ ମନୋଜ ଦାସ ବର୍ତ୍ତମାନ ପଣ୍ଡିଚେରୀ ବାସିନ୍ଦା । ସେ ଗୋଟିଏ ଗଳ୍ପ ଲେଖିଥିଲେ 'ଓଟ' ନାମରେ । ମୋର ସବୁବେଳେ ଇଚ୍ଛା ଯେ ମୁଁ ଇମିତି ଗଳ୍ପଟିଏ ଲେଖି ପାରନ୍ତି କି ?'' ସେ ଗଳ୍ପଟିକୁ କହି ଶେଷକଲେ ଏଇପରି । ଜେଜେବାପା କହୁଛନ୍ତି ନାତିକୁ ମୋତେ ଓଟ ଦେଖାଇ ଆଣିବା ନାମରେ ତୁ ମୋତେ ଠକି ଦେଇଛୁ । ତାମ୍ର ଫଳକ ଦେଇ ତୋ ବାପାଙ୍କ ସରକାର ମୋ ମୁହଁ ବନ୍ଦ କରିଥିଲା, ଠକି ଦେଇଥିଲା । ଠିକ୍ ତୋତେ ଏକ ଚକୋଲେଟ ପ୍ୟାକେଟ୍ ଦେଇ ଠକି ଦେବାଭଳି । ଏବେଠାରୁ ତୋତେ ଚକୋଲେଟ ଦେଇ ଠକି ଦେବାକୁ ଉଦ୍ୟମ ହେଉଛି ।

କଣ୍ଠ ବାଷ୍ପାକୁଳ ହୋଇ ଉଠୁଥିଲା ଅଖିଳ ମୋହନଙ୍କର । ସେ ଶେଷକଲେ ଆପଣାର ବକ୍ତବ୍ୟ -''ମୋତେ ଏକ ଆୱାର୍ଡ ଦିଆଯାଇଛି ।''

'ମାଂସର ବିଳାପ' ଏ ପର୍ଯ୍ୟନ୍ତ ମଧ୍ୟ ମୋ ଭିତରେ ବିଳାପ କରେ ।

Digitized by srujanika@gmail.com

ସେ ଡ୍ରାଇଭରର ଅଭୁକ୍ତ ଶରୀର ଏବେ ମଧ୍ୟ ଯେପରି ପଡି ରହିଛି ସେଇ ଡାକ ବଙ୍ଗଳାର ପ୍ରାଙ୍ଗଣରେ ।

ଆଜି ମଧ୍ୟ ମୁଁ ସମୁଦ୍ର କୂଳରେ ଠିଆହେଲେ, ଦୂରରେ ଡଙ୍ଗାଟିଏ ଆସୁଥିବାର ଦେଖିଲେ କାନରେ ମୋର ଧ୍ୱନିତ ହୁଏ ମନୋଜ ଦାସଙ୍କ କେଉଁ କାଳର ସେଇ ଗୀତ-

''ବହୁ ଦିନର ପରେରେ
ନୌକା ଭିଡାଅ ତୀରେରେ
ରାତ୍ରି ଅବସାନ ।''

ଲେଖକ, ସ୍ରଷ୍ଟା ମନୋଜ ଦାସ ବଞ୍ଚି ରହିବେ ଯୁଗଯୁଗ ଧରି, ଯାହା ବିଧାନ-ସଭା ସଭ୍ୟ, ମନ୍ତ୍ରୀ, ପାର୍ଲ୍ୟାମେଣ୍ଟ ସଭ୍ୟଙ୍କ ପାଇଁ ସମ୍ଭବ ନୁହେଁ । କିଏ ବଞ୍ଚି ରହିଛି ? ଗଙ୍ଗାଧର ମେହେର କବି ନା ସ୍ୱର୍ଗବାସୀ ପ୍ରଧାନମଂତ୍ରୀ ?

ମନୋଜ ଦାସ ପାଶ୍‌କଲେ ଇଂରାଜୀରେ ଏମ୍.ଏ. । ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କଲେ । 'ଦିଗନ୍ତ' ପତ୍ରିକା ପ୍ରକାଶ କଲେ । ନିଜସ୍ୱ ପ୍ରେସ୍ (ଯୁଗରୂପା ପ୍ରେସ୍) ମଧ୍ୟ ପ୍ରତିଷ୍ଠା କଲେ । କିନ୍ତୁ ଏହା ନଦୀର ପ୍ରକୃତ ଧାରା ବୋଲି ମନେ ହେଲାନାହିଁ ।

ସେ ଉମୁନି (ବନ୍ଧୁ ବିଶ୍ୱମ୍ଭର ସାମନ୍ତଙ୍କ ଭଉଣୀ ନୁହେଁ, ଆମ ସମସ୍ତଙ୍କ ଭଉଣୀ)କୁ ବିବାହ କଲେ । ବିବାହ ଉତ୍ସବ ହେଲା ପାରାଦ୍ୱୀପ ଗଡ଼ରେ ।

ଆମେ ସବୁ ବରଯାତ୍ରୀ । ଆମ ସାଙ୍ଗରେ ବିଶ୍ୱମ୍ଭର ବି ବରଯାତ୍ରୀ ।

ମନୋଜର ମାମୁଁ ହେଉଛନ୍ତି ୰ କାଳୀକିଙ୍କର ସାମଲ । ପବ୍ଲିକ୍ ସର୍ଭିସ କମିଶନର ତତ୍‌କାଳୀନ ସଦସ୍ୟ । ଆପଣାର ବିପୁଳ ଭୂସଂପତ୍ତି । ପାଠ ବି ପଢିଥିଲେ ବେଶ୍ । କଲିକତା ବିଶ୍ୱବିଦ୍ୟାଳୟରୁ ଉଦ୍‌ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ । କହଲେ-କଣ ମଣ୍ଟୁ (ମନୋଜ) ଗୋଟାଏ ବିବାହ ହେଉଛି ! ....ଏଇ ପରି ଏକ ନୈରାଶ୍ୟ ସୂଚକ ମନୋଭାବ ଥିଲା ତାଙ୍କର ।

ଅନନ୍ତପୁର ଲକ୍‌ରୁ ଡଙ୍ଗାରେ ଶୋଭାଯାତ୍ରା ଆରମ୍ଭ ହେଲା । କାରଣ ପାରାଦ୍ୱୀପ ବନ୍ଦର ସେ ପର୍ଯ୍ୟନ୍ତ ହୋଇନାଇଁ । ବିଭିନ୍ନ ଗ୍ରାମରୁ ରୋଷଣୀ, ବାଣ ଚାଲିଛି । ଶହ ଶହ ଲୋକ ଧାଉଁଛନ୍ତି ନଦୀ ବନ୍ଧରେ, ଆଉ ତା'ପରେ ଶୋଭାଯାତ୍ରା ! କାଳୀକିଙ୍କର ବାବୁଙ୍କ ମୁହଁ ଉପରେ ତୃପ୍ତିର ହସ ।

ମୋର ମନେ ପଡୁଚି । ମାମା ବ୍ୟସ୍ତ ହୋଉଥିଲେ ଝିଅର ଜିନିଷ ସଜଡା ହୋଇନାହିଁ ବୋଲି । ମୁଁ ତାଙ୍କୁ ସାହାଯ୍ୟ କରୁଥିଲି । ଏଇ ସମୟରେ ଅଧ୍ୟାପକ ମନ୍ମଥନାଥ ଦାସ (ମନୋଜର ବଡଭାଇ) ଆସି କହିଲେ-''କିଓ, ତମେ କାଲି ଆମ ସଙ୍ଗରେ ଆସିଲ; ଆଉ ଆଜି ବସି କ'ଣ ମୁରବୀ ଭଳି ଝିଅର ସାମଗ୍ରୀ ସଜାଡୁଛ ? ଏ ପରା ବୁଢାମାନଙ୍କର କାମ ?''

Digitized by srujanika@gmail.com

ମାମା ହସିଦେଇ କହିଲେ-''ସେ ମୋର ବୁଢା ପୁଅ ।''

ମନୋଜ ଦାସ କଟକରେ ଥାଆନ୍ତି । ବିଶ୍ୱମ୍ଭର ଏହା ଭିତରେ କଲିକତାରେ ବର୍ଷେ ଦୁଇବର୍ଷ କଟାଇ ଆସିଥାଏ ପୁଣି କଟକକୁ । କମ୍ୟୁନିଷ୍ଟ ପାର୍ଟି ପ୍ରତି ତା'ର ମୋହଭଗ୍ନ ହୋଇଥାଏ । ସେ ଖୋଜୁଥାଏ ବିକଳ୍ପ । ସେତେବେଳେ ଓଡ଼ିଶାରେ ଶ୍ରୀ ଅରବିନ୍ଦ -ଶ୍ରୀମାଙ୍କ ଭକ୍ତ ସଂଖ୍ୟା ନଗଣ୍ୟ ।

ବିଶ୍ୱମ୍ଭର ଅରବିନନ୍ଦ ଦର୍ଶନର ପୃଷ୍ଠା ତର୍ଜମା କରି ଉପନୀତ ହେଲା ଯେ ଅତିମାନସ ଶକ୍ତି ଅବତରଣ କରିବା ସୁନିଶ୍ଚିତ ଏବଂ ତାହାର ଅବତରଣ ସହିତ ଆଜିର ମାନବ ଅତିମାନବରେ ପରିଣତ ହେବ । ଏଇ ବିଶ୍ୱାସରେ ସେ ଚାଲିଲା ପଣ୍ଡିଚେରୀ ।

କିନ୍ତୁ ମନୋଜ ତା' ସହିତ ଏକମତ ହେଲେନାହିଁ । ସେତେବେଳକୁ ସେ ସିଗାରେଟ ଖାଉଥାନ୍ତି । ସିଗାରେଟ୍ ଖାଇ ଧୂଆଁର କୁଣ୍ଡଳୀ ଛାଡୁଥାନ୍ତି ଉପରକୁ । ଉପରେ ଥାଏ ଶ୍ରୀମାଙ୍କର ଫଟୋ ।

ହଠାତ୍ କିନ୍ତୁ ସବୁ ପରିବର୍ତ୍ତନ ହୋଇଯାଏ ଦିନେ । ମନୋଜ ପଣ୍ଡିଚେ଼ରୀ ଯାଆନ୍ତି ଏବଂ ଫେରି ଆସି ଅଧ୍ୟାପନା, ପ୍ରେସ, 'ଦିଗନ୍ତ' ସବୁକୁ ପରିତ୍ୟାଗ କରି ସାଧକ ହୋଇ ଚାଲିଯାଆନ୍ତି ପଣ୍ଡିଚେ଼ରୀକୁ ।

ଏକଦା ସନ୍ଥ ତୁଳସୀଦାସ, ବିଲ୍ୱମଙ୍ଗଳ, ରତ୍ନାକରଙ୍କ ଭଳି ରୂପାନ୍ତର ଘଟେ ନା କ'ଣ ? ମନୋଜ ପିଲାଦିନରୁ ଏକ ଏଲ୍-ଡ଼ୋରାଡ଼ୋ (El-dorado) ର ସ୍ୱପ୍ନ ଦେଖୁଥିଲେ । ସୁଦୂର ପ୍ରସାରୀ, ଦିଗନ୍ତ-ବିସ୍ତାରୀ ସ୍ୱପ୍ନ । ନିଜ ପାଇଁ ନୁହେଁ, ସମଗ୍ର ମଣିଷ-ସମାଜ ପାଇଁ । ତାହାଥିଲା 'କମ୍ୟୁନିଜମ୍' ।

ସେ ସ୍ୱପ୍ନର ରୂପାନ୍ତର ହୋଇଗଲା ବର୍ତ୍ତମାନ । କାରଣ ସାମ୍ୟବାଦର ସେ ସ୍ୱପ୍ନ ସଫଳ ହେଲାପରି ମନେ ହେଲାନାହିଁ । କିନ୍ତୁ ମଣିଷ-ସମାଜର ମୁକ୍ତି ପାଇଁ ଆଉ ଏକ ବିକଳ୍ପ ସ୍ୱପ୍ନରେ ବିଭୋର ହେବାକୁ ପଡିବ । ମନୋଜ ସେଇ ସ୍ୱପ୍ନକୁ ଦେଖିବାକୁ ପାଇଲେ ପଣ୍ଡିଚେ଼ରୀରେ । କମ୍ୟୁନିଜମ୍ (Each according to his needs) କେତେଦୂର ଏବଂ କେବେ ସଫଳ ହେବ ସେ ଅଲଗା କଥା । କିନ୍ତୁ ସେଇପରି ଦିଗଛୁଆଁ ସ୍ୱପ୍ନ ନ ଦେଖିଲେ ମଣିଷ ଆଦର୍ଶବାଦୀ ହୋଇ ପାରିବ ନାହିଁ । ଭଲ ମଣିଷ ହୋଇ ପାରିବ ନାହିଁ । ଠିକ୍ ସେଇପରି ଅତିମାନସ ଶକ୍ତି କେବେ ଅବତରଣ କରିବ ଏବଂ ତାହାର ସ୍ପର୍ଶରେ ମାନବ ଅତି-ମାନବରେ କେବେ ପରିଣତ ହେବ କି ନାହିଁ ସେ ଅଲଗା କଥା । କିନ୍ତୁ ସେଇ ସ୍ୱପ୍ନରେ ବିଭୋର ହେଲେ ହିଁ ମଣିଷ ଜାଗ୍ରତ ହେବ, ମଣିଷ ଉଚ୍ଚକୁ ଉଠିବ ।

ମନୋଜ ଦାସ ସେଇ ସ୍ୱପ୍ନରେ ବିଭୋର । ତା'ପର କାହାଣୀ ଅନ୍ୟମାନେ କହିବେ । ମୁଁ କହି ପାରିବି ନାହିଁ । କାରଣ ସେ ଜଗତ ସହିତ ମୋର ପରିଚିତି ନାହିଁ ।

• ଦି' ୟୁନିଭର୍ସ, ମୈତ୍ରୀ ସରଣୀ, କଟକ-୧

Digitized by srujanika@gmail.com

ସ୍ମୃତିର ଦର୍ପଣରେ ବନ୍ଧୁ ମନୋଜବାବୁ

ବ୍ରଜନାଥ ରଥ

ମୁଁ ୧୯୪୮ ମସିହାରେ ଭିକ୍ଟୋରିଆ ଜୁବିଲି ମଧ୍ୟ ଇଂରାଜୀ ସ୍କୁଲରୁ ମାଇନର ପାସ୍ କରି ବାଲେଶ୍ୱର ଜିଲ୍ଲା ସ୍କୁଲର ଅଷ୍ଟମ (କ) ଶ୍ରେଣୀରେ ନାମ ଲେଖାଇଲି । ସେହିବର୍ଷ, ମୋର ଯେତେଦୂର ମନେ ପଡୁଛି ମନୋଜ ବାବୁ ମଧ୍ୟ ଉତ୍ତର ବାଲେଶ୍ୱରର ଜମାଲପୁର ବିଶ୍ୱନାଥ ଏକାଡେମୀରୁ ଆସି ଜିଲ୍ଲା ସ୍କୁଲର ନବମ ଶ୍ରେଣୀରେ ନାମ ଲେଖାଇଲେ । ତାଙ୍କ ବଡଭାଇ ଫକୀରମୋହନ କଲେଜର ତତ୍କାଳୀନ ଇତିହାସ ଅଧ୍ୟାପକ, ଏବଂ ପରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ମନ୍ମଥ ନାଥ ଦାସ କଲେଜଠାରୁ ଅଳ୍ପଦୂରରେ ମଲ୍ଲିକାଶପୁରରେ ଥିବା କଥାସମ୍ରାଟ ଫକୀର ମୋହନଙ୍କ ବାସଗୃହରେ ଭଡାରେ ରହୁଥାନ୍ତି । ମନୋଜ ବାବୁ ତାଙ୍କରି ପାଖରେ ରହିଲେ । ସେ ମୋ ଠାରୁ ଗୋଟିଏ ଶ୍ରେଣୀ ଉପରେ ପଢୁଥିବାରୁ ତାଙ୍କ ସହିତ ହଠାତ ପରିଚୟ ହୋଇ ପାରିନଥିଲା । କିନ୍ତୁ ତାଙ୍କ ସହପାଠୀ ବନ୍ଧୁ କେତେଜଣଙ୍କ ସହ ମୋର ପୂର୍ବରୁ ଅନ୍ତରଂଗତା ଥିବା ହେତୁ ସେମାନଙ୍କ ଜରିଆରେ ମୋର ମନୋଜବାବୁଙ୍କ ସହ କ୍ରମେ ପରିଚୟ ଏବଂ ପରିଚୟରୁ ଆତ୍ମୀୟତା ଏବଂ ଅନ୍ତରଂଗତା ବଢିଗଲା । ମନୋଜବାବୁଙ୍କର ଏଭଳି କେତେକ ବିଶେଷ ଆକର୍ଷଣୀୟ ଗୁଣଥିଲା ଯାହାପାଇଁ ସେ ସହଜରେ ବହୁ ବନ୍ଧୁ ସଂଗ୍ରହ କରି ପାରୁଥିଲେ ଏବଂ ଯିଏ ଥରେ ତାଙ୍କ ବନ୍ଧୁତାର ଫାଶରେ ପଡିଯାଉଥିଲା ସେ ଆଉ ଖସି ପାରୁନଥିଲା, ଏବଂ କ୍ରମେ କ୍ରମେ ସିଏ ହୋଇ ଯାଉଥିଲା ତାଙ୍କ ଗୁଣଗ୍ରାହୀ ଭକ୍ତ । ମୁଁ ଏବଂ ମୋର ଆଉ କେତେକ ସହପାଠୀ ମଧ୍ୟ ମନୋଜ ବାବୁଙ୍କ ମନ୍ତ୍ରମୁଗ୍ଧ ବ୍ୟକ୍ତିତ୍ୱରେ ଆକର୍ଷିତ ହୋଇ ଆମ ଅଜାଣତରେ ତାଙ୍କ 'ଚେଲା' ବନିଗଲୁଁ ।

ଛାତ୍ର-ଜୀବନରୁ ହିଁ ତାଙ୍କଠାରେ ପ୍ରକାଶ ପାଇଥିଲା ପ୍ରତିଭାଦୀପ୍ତ ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ । ସ୍କୁଲ ଓ କଲେଜ ଜୀବନରେ ସେ ତଥାକଥିତ ଭଲ ମେଧାବୀ ଛାତ୍ର ନଥିଲେ । ଏକଥା ସେ ନିଜେ ବହୁବାର ନିଃସଙ୍କୋଚରେ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି । ଶ୍ରେଣୀଗୃହର ସାଧାରଣ ପାଠ୍ୟକ୍ରମରେ ଯଦିଚ୍ ତାଙ୍କର ଖୁବ୍ ମନୋଯୋଗ ନଥିଲା ଏବଂ ସେଥିପ୍ରତି ସେ ଏକାନ୍ତ ନିଃସ୍ପୃହ ରହୁଥିଲେ, ତଥାପି ଅନ୍ୟାନ୍ୟ ବହୁ ଅନ୍ତର୍ନିହିତ ସୁଗୁଣର

Digitized by srujanika@gmail.com

ଅଧିକାରୀ ହୋଇ ସେ ବହୁ ବାହ୍ୟ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ । ଅନ୍ତତଃ ବାଲେଶ୍ୱରରେ ତାଙ୍କ କୈଶୋର ଓ ଆଦ୍ୟ ଯୌବନର ପାଞ୍ଚ-ଛଅ ବର୍ଷର ରହଣି ଭିତରେ, ତାଙ୍କର ସହ ନିବିଡ ସଂପର୍କରେ ଆସି ମୁଁ ଏହା ଉପଲବ୍ଧି କରିଛି । ସେ ଖୁବ୍ ଭଲ ଗୀତ ଗାଇ ପାରୁଥିଲେ । ନିଜେ ଗୀତସବୁ ଲେଖି ସ୍ୱରଦେଇ ଅତି ସୁନ୍ଦର ଗଳାରେ ସେ ଯେତେବେଳେ ଗାଉଥିଲେ, ଆମେ କେବଳ ନୋହୁଁ, ଅନ୍ୟ ଶ୍ରୋତାମାନେ ମୁଗ୍ଧ ହୋଇ ଶୁଣୁଥିଲେ । ତାଙ୍କ ବାପା ଶଙ୍ଖାରୀ (ଭୋଗରାଇ)ରେ ଗୋଟିଏ ଯାତ୍ରାଦଳ କରି ବହୁଦିନ ପର୍ଯ୍ୟନ୍ତ ତାକୁ ପରିଚାଳନା କରୁଥିଲେ । ସେହିଠାରୁହିଁ ତାଙ୍କର ଅଭିନୟ ଓ ସଂଗୀତ ପ୍ରତି ପ୍ରୀତି ଓ ଅନୁରାଗ ବଢିଥିଲା । ପରବର୍ତ୍ତୀ କାଳରେ ସେହି ସଂଗୀତାନୁରାଗ ତାଙ୍କୁ ଜଣେ ଗୀତିକାର ଓ ସଉଖୀନ ସଂଗୀତଶିଳ୍ପୀରେ ପରିଣତ କରିଥିଲା । ମୋର ମନେ ଅଛି ସେତେବେଳେ ବିଭିନ୍ନ ସଭା-ସମ୍ମିଳନୀରେ ସେ ହାରମୋନିୟମ୍ ଧରି ଯେତେବେଳେ ଗୀତ ଗାଉଥିଲେ, ଶହ ଶହ ଶ୍ରୋତା ତାକୁ ଆନନ୍ଦରେ ଉପଭୋଗ କରୁଥିଲେ । ବଂଶୀ ଓ ହାରମୋନିୟମ୍, ଏହି ଦୁଇଟି ବାଦ୍ୟ-ଯନ୍ତ୍ରରେ ତାଙ୍କର ଦକ୍ଷତା ଥିଲା । ଥରେ ଥରେ ନିରୋଳା ଜହ୍ନରାତିରେ ବସି ସେ ଯେତେବେଳେ ବଂଶୀରେ ସ୍ୱର ତୋଳୁଥିଲେ ତାର ମଧୁର ମୂର୍ଚ୍ଛନାରେ ଆମେ ଆତ୍ମହରା ହୋଇଯାଉଥିଲୁ । କଲେଜ ଡ୍ରାମାରେ ସେ ନିଜେ ଗୀତ ଲେଖି ସ୍ୱର ସଂଯୋଜନା କରୁଥିଲେ ଏବଂ ସଂଗୀତ ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ । ଓଡ଼ିଶାରେ ଯେତେବେଳେ ୧୯୫୫-୫୬ ମସିହାରେ ଭାରତୀୟ ଗଣନାଟ୍ୟ ସଂଘ (I.P.T.A.)ର ଏକ ଶାଖା ସ୍ଥାପିତ ହେଲା ଏବଂ କଟକରେ ଏହାର ପ୍ରଥମ ସମ୍ମିଳନୀ ହୋଇଥିଲା ମନୋଜ ବାବୁ ସେଥି ସହିତ ସଂପୃକ୍ତ ଥିଲେ ଏବଂ ତାଙ୍କ ରଚିତ ବହୁ ଗଣ-ସଂଗୀତ (ସୂର୍ଯ୍ୟଉଠେ ଦୂରେରେ; ଆମେ ଶାନ୍ତି-କାମୀ - ଆମେ ମୁକ୍ତିକାମୀ; ଚାଷୀଭାଇରେ -ପଜା ତୋର ଦାଆ ହତିଆର; ଆମ ଗାଁ କ୍ଷେତ ବୁକେ ସୁନାର ଫସଲ ଇତ୍ୟାଦି ।) ବହୁ କଣ୍ଠରେ ସେତେବେଳେ ଧ୍ୱନିତ ହେଉଥିଲା । ୧୯୫୪ ମସିହାରେ ବ୍ରହ୍ମପୁରଠାରେ ନିଖିଳ ଉତ୍କଳ ଛାତ୍ରସଂଘର ଯେଉଁ ସମ୍ମିଳନୀ ହୋଇଥିଲା, ସେହି ସମ୍ମିଳନୀର ଖୋଲା ଅଧିବେଶନରେ ମନୋଜ ବାବୁ ସ୍ୱରଚିତ ଏକ ଗଣ-ସଂଗୀତ ଉଦାତ୍ତ କଣ୍ଠରେ ଗାଇ ହଜାର ହଜାର ଶ୍ରୋତାଙ୍କୁ ମୁଗ୍ଧ କରିଥିବାର ମଧୁର ସ୍ମୃତି ଏବେବି ମୋ ମାନସପଟରେ ଜୀବିତ ରହିଛି । ଏହା ବ୍ୟତୀତ ସେ କିଛି ସାଧାରଣ ମ୍ୟାଜିକ୍ ମଧ ଜାଣିଥିଲେ । ବେଳେବେଳେ ସେ ସାଙ୍ଗମାନଙ୍କୁ ଏହି ମ୍ୟାଜିକ୍ ଦେଖାଇ ତଟସ୍ଥ କରିଦେଉଥିଲେ ସେହି ଛାତ୍ର-ଜୀବନରେ ।

ବହୁବର୍ଷ ତଳେ ସେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ମଧ ଲେଖିଥିଲେ । ମୋର ଯେତେଦୂର ମନେ ପଡୁଛି ତତ୍କାଳୀନ ମନ୍ତ୍ରୀ ତଥା ବିଶିଷ୍ଟ ହରିଜନ ନେତା ଶାନ୍ତନୁ କୁମାର ଦାସ ଯେତେବେଳେ 'ଭାଇ ଭାଇ' ଚଳଚିତ୍ରର କାହାଣୀ ଲେଖି

Digitized by srujanika@gmail.com

ତାର ପ୍ରଯୋଜନା କଲେ, ସେତେବେଳେ ମନୋଜ ବାବୁ ତାର ଚିତ୍ର-ନାଟ୍ୟ ଓ ସଂଗୀତ ଲେଖିଥିଲେ । ହୁଏତ ସେ ପଣ୍ଡିଚେରୀ ଚାଲିଯାଇ ନଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସହିତ ଅନ୍ତେ ବହୁତେ ଜଡିତ ହୋଇ ରହିଥାଆନ୍ତେ ଏବଂ ସେ ଏହି ଶିଳ୍ପସହିତ ଜଡିତ ହୋଇ ରହିଥିଲେ ତହିଁରେ ଆମ ସଂସ୍କୃତି ଓ ସାହିତ୍ୟ ରୁଚିପୂର୍ଣ୍ଣ ରୀତିରେ ପ୍ରତିଫଳିତ ହୋଇ ପାରିଥାନ୍ତା ।

ବାଲେଶ୍ୱର ଜିଲ୍ଲାସ୍କୁଲରେ ନବମଶ୍ରେଣୀର ଛାତ୍ରଥିବା ବେଳେ ୧୯୪୯ ମସିହାରେ ବାଲେଶ୍ୱରର ତତ୍‌କାଳୀନ 'ନିଉ ଉତ୍କଳ ପ୍ରେସ୍'ରୁ ତାଙ୍କର ପ୍ରଥମ କବିତା ସଂକଳନ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶ ପାଇଥିଲା । ଏହାର ପୃଷ୍ଠା ସଂଖ୍ୟା ୨୪ ଓ ମୂଲ୍ୟ ଥିଲା ମାତ୍ର ପାଞ୍ଚଅଣା । ଏଥିରେ ପାଞ୍ଚଟି କବିତା ସ୍ଥାନିତ ହୋଇଥିଲା । ଶେଷ କବିତା 'କୋଣାର୍କ'ର ନିମ୍ନ କେତୋଟି ପଂକ୍ତିରୁ ମନୋଜବାବୁଙ୍କ କୈଶୋର କାଳର ଆଦ୍ୟ ରଚନା ସଂପର୍କରେ କିଞ୍ଚିତ ଧାରଣା କରାଯାଇ ପାରିବ ।

''କୃଷ୍ଣ ବସନେ ଆବୃତ ଥିଲା ସେ ଦିନ ବିଶ୍ୱସାରା
ଟିପି ଟିପି କରି ପଡୁଥିଲା ଝରି ଚପଳ ବୃଷ୍ଟିଧାରା
ବିଦ୍ୟୁତ ଯାଦୁ-ଶିଖା
ଅଜଣା ପାନ୍ଥେ ନିର୍ଦ୍ଦେଶ କରି ଦେଉଥିଲା ପଥରେଖା ।''

ଏହାପରେ ୧୯୫୦ ମସିହାରେ ସେହି ଜିଲ୍ଲାସ୍କୁଲର ଛାତ୍ରାବସ୍ଥାରେ ତାଙ୍କର ଦ୍ୱିତୀୟ କବିତା ଗ୍ରନ୍ଥ 'ବିପ୍ଳବୀ ଫକୀରମୋହନ' ବାଲେଶ୍ୱରର ଶ୍ରୀ ଜଗନ୍ନାଥ ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା । ଏହି ବହିଟିର ପୃଷ୍ଠା ସଂଖ୍ୟା ମଧ୍ୟ ଚବିଶ ଥିଲା ଏବଂ ଦାମ୍ ଥିଲା ପାଞ୍ଚଅଣା । 'ଉତ୍କଳର କବିଗୁରୁ, ଏ ଯୁଗର ଫକୀରମୋହନ, କାନ୍ତକବିଙ୍କ ଗୋଡତଳେ' ବହିଟିକୁ ଉତ୍ସର୍ଗ କରିଥିଲେ କିଶୋର କବି । ''କବିବର ଗଡ଼ନାୟକଙ୍କର 'ବିପ୍ଳବୀ ରାଧାନାଥ' ମୋର ଆଦର୍ଶ ରୂପେ ଏ କବିତା ରଚନାରେ ବାଟ କଢାଇ ନେଇଛି । ସେଥିପାଇଁ ତାଙ୍କର 'ବିପ୍ଳବୀ ରାଧାନାଥ' ନିକଟରେ ମୋର 'ବିପ୍ଳବୀ ଫକୀରମୋହନ ଋଣୀ'' ବୋଲି ଗ୍ରନ୍ଥ ଆଦ୍ୟରେ ସେ ସ୍ୱୀକାର କରିଛନ୍ତି । ପୁଣି 'ପଦେଅଧେ'ରେ ଲେଖିଛନ୍ତି-''ମୋର ସେତେବେଳେ ବୟସ କେତେ ହେବ ଠିକ୍ ମନେନାହିଁ । ନିମ୍ନ ପ୍ରାଥମିକ ସ୍କୁଲର ଦୁଇଟା ଶ୍ରେଣୀକୁ ଟପିଥାଏଁ । ମୋ'ର ମାଆ ନିପଟ ମଫସଲର ଝିଅ । କିନ୍ତୁ ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ଅସୀମ । ମୋ ଅଜା ଫକୀରମୋହନଙ୍କର ସମସାମୟିକ ଥିଲେ । ରାଧାନାଥ ଓ ଫକୀରମୋହନଙ୍କର ପ୍ରାୟ ସମସ୍ତ ବହି ସେ ମାଆଙ୍କୁ କିଣି ଦେଇଥିଲେ ଏବଂ ସେଗୁଡିକୁ ମାଆ ସଯତ୍ନରେ ସାଇତି ରଖିଥାଆନ୍ତି । ମୋର ଦ୍ୱିତୀୟ ଶ୍ରେଣୀରୁ ମାଆ ମୋତେ 'ରାଧାନାଥ ଗ୍ରନ୍ଥାବଳୀ' ପଢାଇବାକୁ ଲାଗିଲେ । କିନ୍ତୁ ସେ ବଡ କିଟିମିଟିଆ ।

Digitized by srujanika@gmail.com

ମୋର ମନପ୍ରାଣ ରହିଯାଉଥାଏ ଫକୀରମୋହନଙ୍କ ଆତ୍ମଜୀବନୀ ପାଖରେ । ସେହି କଅଁଳିଆ ସୁନ୍ଦର ଭାଷା - କେଉଁଝରର ପ୍ରଜା ବିପ୍ଳବ - ତାଙ୍କ ଲମ୍ବା ବେକ ଉପରେ ଗୋପାଳିଆର ଆକ୍ରୋଶ, ଇତ୍ୟାଦି ଇତ୍ୟାଦି । ଫଳରେ ତାଙ୍କର ଜୀବନୀକୁ ମୁଁ ପଢ଼ିଛି ଦୈନନ୍ଦିନ ଗୀତାପାଠ ଭଳି ବହୁତଥର । ଯା'ପରେ କ୍ରମେ କ୍ରମେ ତାଙ୍କର ସବୁ ବହି ପଢ଼ି ପକାଇଲି । ମୋର ଜୀବନର ପ୍ରାରମ୍ଭରୁ ଫକୀରମୋହନଙ୍କ ପ୍ରତି ଯେଉଁ ନୈସର୍ଗିକ ଭକ୍ତିଭାବ ସୃଷ୍ଟି ହୋଇଛି, ଏ ବହିର ଜନ୍ମ ତାହାରି ଫଳରେ । ସୁତରାଂ ଆଗରୁ ମୁଁ ବାଟ କାଟି କହି ରଖୁଛି, ଏହା ସମାଲୋଚନା ନୁହେଁ -ଉଚ୍ଛ୍ୱାସ ।

ଏ ବହି ଲେଖିଥିଲି ଠିକ୍ ପନ୍ଦର ବର୍ଷ ବୟସରେ, ମୋର ପ୍ରଥମ ପୁସ୍ତକ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶିତ ହେବା ସମୟରେ । ହୁଏତ ଅନେକ ଭୁଲ୍ ରହିଛି । ସେତେବେଳେ ଶବ୍ଦାଡମ୍ବର ପ୍ରତି ମୋର ଅନୁରାଗ ଥାଏ ଯଥେଷ୍ଟ । ବର୍ତ୍ତମାନ ସେ ସବୁ ପରିବର୍ତ୍ତନ କଲେ ଆମୂଳଚୂଳ ବଦଳାଇବାକୁ ହେବ । ସୁତରାଂ ବିରତ ହୋଇ କ୍ଷମା ମାଗୁଛି । କିମଧିକଂ ।

ଶ୍ରୀ ମନୋଜ କୁମାର ଦାସ
୩୦.୦୮.୫୦

ଉକ୍ତ 'ପଦେ ଆଧେ'ରୁ ଗୋଟିଏ କଥା ସ୍ପଷ୍ଟ ଯେ ମନୋଜ ବାବୁଙ୍କ ସାହିତ୍ୟ ପ୍ରତି ଅନୁରାଗ ଏବଂ ସାହିତ୍ୟିକ ଅଭିରୁଚି ମୂଳରେ ତାଙ୍କ ମାଆଙ୍କର ଅବଦାନ ଯଥେଷ୍ଟ । 'ନିପଟ ମଫସଲର ଝିଅ' ହେଲେ ମଧ୍ୟ ସେ ଯେଉଁ ସାହିତ୍ୟପ୍ରୀତିର ପରିଚୟ ଦେଇଥିଲେ ତାହା ଆଜିର ବହୁ ସୁଶିକ୍ଷିତା ସହରୀ ଝିଅଙ୍କଠାରେ ମିଳିବା ଦୁଷ୍କର । ମନୋଜବାବୁଙ୍କ ମାଆଙ୍କର (ଯାହାଙ୍କର ଅଳ୍ପ କିଛିବର୍ଷ ତଳେ ଅଠାନବେ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଦେହାନ୍ତ ହୋଇ ଯାଇଛି) ଏହି ସାହିତ୍ୟ ପ୍ରୀତି ତାଙ୍କ ପୁତ୍ର-କନ୍ୟାମାନଙ୍କୁ ଯଥେଷ୍ଟ ପ୍ରଭାବିତ କରିଥିବାର ମୁଁ ଜାଣେ । ପୁଣି ମନୋଜ ବାବୁଙ୍କ ବକ୍ତବ୍ୟ ଅନୁସାରେ ଲେଖକ-ଜୀବନର ପ୍ରାରମ୍ଭରେ କବି ରାଧାମୋହନ ଗଡ଼ନାୟକଙ୍କ ପ୍ରତି ନୈସର୍ଗିକ ଭକ୍ତି ତାଙ୍କୁ କବି ଓ ଲେଖକ ହେବପାଇଁ ବାଟ କଢାଇ ନେଇଛି । ଏହି ସ୍ୱୀକାରୋକ୍ତି ଭିତରେ ତାଙ୍କର ସ୍ପଷ୍ଟବାଦିତା ଲକ୍ଷ୍ୟଣୀୟ । ପରବର୍ତ୍ତୀ ଜୀବନରେ ସେ ହୁଏତ କବିତା ରଚନାରୁ କ୍ରମଶଃ ଦୂରେଇ ଯାଇ ଗଳ୍ପ-ଉପନ୍ୟାସ ଓ ରମ୍ୟ ରଚନାରେ ମନୋନିବେଶ କରି ସାଫଲ୍ୟର ଶୀର୍ଷାରୋହଣ କରିଛନ୍ତି, ତଥାପି ତାଙ୍କର ଅନ୍ତର୍ନିହିତ କାବ୍ୟ-ପ୍ରୀତି ଓ କାବ୍ୟ ଆବେଦନ ଅନନ୍ୟ । 'କବି' ମନୋଜ ଦାସ ରୂପୀ ଅଙ୍କୁର ଭିତରୁ 'କଥାକାର' ମନୋଜ ଦାସ ରୂପୀ ମହାଦ୍ରୁମ ଶାଖା-ପ୍ରଶାଖା ମେଲିଥିଲେ ମଧ୍ୟ, ତାଙ୍କ ପ୍ରାଥମିକ କବିପ୍ରାଣତା ତାଙ୍କୁ ଅନେକ ସମୟରେ ବିଚଳିତ କରେ । ସେଥିପାଇଁ ବିପୁଳ କଥାସାହିତ୍ୟ ସୃଷ୍ଟି ଭିତରେ ତାଙ୍କର 'ପଦଧ୍ୱନି', 'ନନ୍ଦାବତୀର ମାଝୀ', 'ଉପନିବେଶ' ଏବଂ 'ତୁମ

Digitized by srujanika@gmail.com

ଗାଁ ଓ ଅନ୍ୟାନ୍ୟ କବିତା' ଭଳି କାବ୍ୟଗ୍ରନ୍ଥ ମଧ୍ୟ ପ୍ରକାଶ ପାଇଛି । ମନୋଜ ବାବୁ କଥା-ସାହିତ୍ୟକୁ ନିଜ ସୃଷ୍ଟିର ମୁଖ୍ୟ କ୍ଷେତ୍ରଭାବରେ ଗ୍ରହଣ ନ କରି କବିତା ରଚନାରେ ଅଧିକ ମନୋନିବେଶ କରିଥିଲେ; ଜଣେ ପ୍ରଥମ ଶ୍ରେଣୀର ଅଗ୍ରଗଣ୍ୟ କବି ଭାବରେ ନିଶ୍ଚୟ ସ୍ୱୀକୃତି ପାଇପାରିଥାନ୍ତେ । ମାତ୍ର ୧୫ ବର୍ଷ ବୟସରେ ଗଡ଼ନାୟକଙ୍କ 'ବିପ୍ଳବୀ ରାଧାନାଥ' ଦ୍ୱାରା ଅନୁପ୍ରାଣିତ ହୋଇ ସେ ଯେଉଁ 'ବିପ୍ଳବୀ ଫକୀରମୋହନ' ଲେଖିଥିଲେ ସେଥିରେ ଅନୁକରଣ ଅପେକ୍ଷା ଅନୁସରଣର ପ୍ରବୃତ୍ତି ସମଧିକ ହେଲେ ମଧ ଅନେକ କ୍ଷେତ୍ରରେ ମୌଳିକତାର ଛାପ ସୁସ୍ପଷ୍ଟ । ଏହି କ୍ଷୁଦ୍ର ପୁସ୍ତିକାର ଶେଷପଂକ୍ତି କେତୋଟିରୁ ଏହା ବାରିହେବ । ଦୃଷ୍ଟାନ୍ତ ସ୍ୱରୂପ-

"ଏ ଜାତିର ପାଇଁ ତୁମେ ଯେ କରିଛ କଠୋର ପ୍ରାୟଶ୍ଚିତ୍ତ
ତୁମେ ଯେ ଦେଇଛ ତର୍ଜନୀ ଟାଳି ଆଗାମୀର ଇଙ୍ଗିତ,
ଏ ଦେଶ 'ଧୂଳି'ର ଚଷାରୂପେ ତୁମେ ପ୍ରସ୍ତୁତ କରି କ୍ଷେତ
ମୁଗ୍ଧ ମାନସେ କଳ୍ପିଥିଲ ଯେ ସୁନାର ଭବିଷ୍ୟତ,
ବାସ୍ତବ ରୂପ ପାଇଛି କି ତାହା, ତୁମେ ତ ଦେଖୁଛ କବି
ତୁମେ ତ ଦେଖୁଛ ହାତଗଢ଼ା ତୁମ 'ଶାନ୍ତି-କାନନ' ଛବି,
ଶାନ୍ତ ତୁମର ଆଶ୍ରମ ସେହି ଶାନ୍ତିର ଏକ ଧରା
ଆଜି ସେତ ହାୟ ମରୁଭୂମି ସମ ତ୍ୟକ୍ତ, ପତିତ ଚରା,
କ୍ଷମାକର ତୁମେ କ୍ଷମାକର ଏହି ଅଜ୍ଞାନ ଜାତି ପାଇଁ
ଜୀବନେ ତୁମକୁ ଦେଇନାହିଁ କିଛି, ଦେଇ ବି ପାରିବ ନାହିଁ,
ଚିରଦିନ ଆଗୋ ଏ ଦେଶ ମାଟିର ବନ, ଗିରି, ନିର୍ଝର
ସତ୍ତା ତୁମର ରଖିଥିବ ଧରି ବକ୍ଷେ ପୂରାଇ ତା'ର,
କହୁଥିବ କଥା ତୁମ
ସତ୍ୟ ଓ ଶିବ, ସୁନ୍ଦର ଆଗୋ ବିଶ୍ୱର ପ୍ରିୟତମ ।"

ଏ କବିତା ଲେଖିଲା ବେଳେ ମନୋଜ ବାବୁ ଫକୀରମୋହନଙ୍କ ନିଜ ବାସଗୃହରେ ତାଙ୍କ ବଡଭାଇ ଡଃ ମନ୍ମଥନାଥ ଦାସଙ୍କ ପାଖରେ ରହି ବାଲେଶ୍ୱର ଜିଲ୍ଲା ସ୍କୁଲରେ ପାଠ ପଢୁଥିଲେ । ଫକୀରମୋହନଙ୍କ ପ୍ରିୟ ଉଦ୍ୟାନ, ତଥା ଶେଷ ଜୀବନର ବହୁ ସୃଷ୍ଟିର ସାଧନାସ୍ଥଳୀ 'ଶାନ୍ତି କାନନ' ସେତେବେଳେ (୧୯୪୯-୫୦ ମସିହାରେ) ଏକାନ୍ତ ଅବହେଳିତ ହୋଇ ପଡ଼ି ରହିଥିଲା । ଜଣେ କିଶୋର କବିର ହୃଦୟକୁ ତାହା କିଭଳି ଅଭିଭୂତ କରିଥିଲା ଉକ୍ତ କାବ୍ୟପଂକ୍ତିଗୁଡିକ ହିଁ ତାର ପ୍ରମାଣ । ମନୋଜ ବାବୁଙ୍କୁ ଗତ ୧୯୯୨ ମସିହା ଜାନୁଆରୀ ମାସରେ ବାଲେଶ୍ୱରରେ ଆୟୋଜିତ ଫକୀରମୋହନଙ୍କ ୧୫୦ତମ ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତା ଭାବରେ

Digitized by srujanika@gmail.com

ଯୋଗଦେବା ପାଇଁ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ଭାବରେ ମୁଁ ଯେତେବେଳେ ନିମନ୍ତ୍ରଣ କରିଥିଲି ସେତେବେଳେ ସେ ପୂର୍ବ ବନ୍ଧୁତାକୁ ସ୍ମରଣ କରି ଏବଂ ଫକୀରମୋହନଙ୍କ ପ୍ରତି ଗଭୀର ଅନୁରାଗ ବଶତଃ ଆସି ଯୋଗ ଦେଇଥିଲେ । ଏ ମାଟିକୁ ଅକୁଣ୍ଠ ଭଲ ପାଇବାର ନିଦର୍ଶନ ସ୍ୱରୂପ ସେ ଯାତାୟାତର କୌଣସି ଖର୍ଚ୍ଚ ମଧ୍ୟ ଗ୍ରହଣ କରିନଥିଲେ । ଅଥଚ ମୁଁ ଜାଣେ, ପଣ୍ଡିଚେରୀରୁ ଆସି ଏଠାରେ ଯୋଗ ଦେବାପାଇଁ ତାଙ୍କୁ ବହୁ ସମୟ ଓ ଅର୍ଥ ବ୍ୟୟ କରିବାକୁ ପଡିଥିଲା । ସେହି ଅବସରରେ ସେ ଅତୀତର ସ୍ମୃତିଚାରଣ କରି କହିଥିଲେ-"ଏହି ବାଲେଶ୍ୱର ମାଟିରେ ପ୍ରଥମେ ଯେଉଁଦିନ ପାଦଦେଲି, ସେଦିନ ଜାଣି ନଥିଲି ଯେ ମୁଁ ଯେଉଁ ଘରେ ରହିବାକୁ ଯାଉଛି, ତାହା ଓଡ଼ିଆ ସାହିତ୍ୟର ମହାନ୍ ସାହିତ୍ୟିକ ଓ ମୋର ପ୍ରିୟ ଲେଖକ ଫକୀରମୋହନଙ୍କ ବାସଗୃହ । ସେହି ଘରେ ରହି ମୁଁ ଯେମିତି ଫକୀରମୋହନଙ୍କ ସତ୍ତା ଅନୁଭବ କଲି ଏବଂ ତାହାହିଁ ମୋତେ ଲେଖକ ହେବାରେ ପ୍ରଚୁର ପ୍ରେରଣା ଦେଇଛି ।" ବାସ୍ତବିକ, ଜଣେ ସଫଳ ସମୀକ୍ଷକ ଯଦି ଅନୁଧ୍ୟାନ କରେ ତାହେଲେ ନିଶ୍ଚୟ ଜାଣିପାରିବ ଫକୀରମୋହନୀୟ ବ୍ୟଙ୍ଗ-ବିଦ୍ରୂପ ଓ ଲଘୁ ହାସ୍ୟ କିଭଳି ଏକ ନୂଆ ରୂପ ନେଇ ମନୋଜ ବାବୁଙ୍କ ବିଭିନ୍ନ ଲେଖାରେ ରୂପାୟିତ ହୋଇଛି । କଥାଟିକୁ ବୁଲାଇ କହିବାର ଅଦ୍ଭୁତ ଭଙ୍ଗୀ ସେ ଫକୀରମୋହନଙ୍କ ଶୈଳୀରୁହିଁ ଗ୍ରହଣ କରିଛନ୍ତି ।

ଛାତ୍ର ଜୀବନରେ ମନୋଜ ବାବୁ ବହୁ ପ୍ରଗତିଶୀଳ ଗୀତି-କବିତା ରଚନା କରିଥିଲେ । ସେଗୁଡିକ ସେ ନିଜେ ସୁରଦେଇ ଗାଉଥିଲେ ଏବଂ ଅନ୍ୟମାନେ ମଧ୍ୟ ଗାଉଥିଲେ । ଶିଳ୍ପୀ ଅନନ୍ତ ପଣ୍ଡା, ଶ୍ରୀ ବିଶ୍ୱେଶ୍ୱର ଦେ (ଲୋକ ସଂପର୍କ ବିଭାଗର ଅବସରପ୍ରାପ୍ତ ଅଧିକାରୀ) ପ୍ରମୁଖ ଏଭଳି ବହୁ ଗୀତ ସେତେବେଳେ ବାଲେଶ୍ୱରର ବିଭିନ୍ନ ଛାତ୍ର ସମ୍ମିଳନୀ, ରାଜନୀତିକ ସଭାମାନଙ୍କରେ ଗାନ କରୁଥିଲେ । ମୁଁ ଗୀତ ଗାଇ ନ ଜାଣିଲେ ମଧ୍ୟ ସେମାନଙ୍କ ସହ ତାଳ ଦେଉଥିଲି । ତାଙ୍କର ଏମିତି ବହୁ ଗୀତ ସଂଗୃହୀତ ହୋଇ ପାରି ନଥିବା ଯୋଗୁଁ କାଳଗର୍ଭରେ ହୁଏତ ଲୀନ ହୋଇଗଲାଣି । ୧୯୫୩ ମସିହାରେ ସେ ଫକୀରମୋହନ କଲେଜର ଦ୍ୱିତୀୟ ବର୍ଷର ଛାତ୍ର ଥିଲାବେଳେ ତାଙ୍କର ଗୋଟିଏ ଛୋଟ ଗୀତବହି 'ଚାଷୀ ମୂଲିଆର ଗୀତ' ନାମରେ ପ୍ରକାଶ ପାଇଥିଲା । ଏହାର ମୂଲ୍ୟ ଥିଲା ମାତ୍ର ଏକଅଣା । 'ଆମେ ଶାନ୍ତି ଚାହୁଁ', 'ପଜା ହତିଆର', 'ଯୁଦ୍ଧଖୋର ହୁସିଆର' ଓ 'ଏକହୁଅ' ଶୀର୍ଷକ ଚାରୋଟି ଶାନ୍ତି ସଂଗୀତ ଏହି ପୁସ୍ତିକାରେ ସନ୍ନିବିଷ୍ଟ ହୋଇଥିଲା । ବାଲେଶ୍ୱରର ତତ୍‌କାଳୀନ 'ଭାରତ ପ୍ରେସ୍'ରେ ଶ୍ରୀ ଭଗବାନ ଚନ୍ଦ୍ର ଦାସଙ୍କ ଦ୍ୱାରା ଏହା ମୁଦ୍ରିତ ହୋଇ 'ଜନଯୁଗ ଗ୍ରନ୍ଥମାଳା'ର ପ୍ରଥମ ବହିଭାବରେ ପ୍ରକାଶିତ ହୋଇଥିଲା । ଦ୍ୱିତୀୟ ମହାଯୁଦ୍ଧର ପ୍ରଳୟଙ୍କରୀ ବିଭୀଷିକାର

Digitized by srujanika@gmail.com

ଅବସାନ ପରେ ସମଗ୍ର ପୃଥିବୀରେ ଯେତେବେଳେ ଶାନ୍ତି ଆନ୍ଦୋଳନ ପ୍ରବଳ ଭାବରେ ମଥା ଟେକିଥିଲା, ସେତେବେଳେ ଛାତ୍ରାବସ୍ଥାରେ ଆମେ ସବୁ ସେହି ଆନ୍ଦୋଳନରେ ଭାଗ ନେଇ 'ପଞ୍ଚଶକ୍ତି ଶାନ୍ତି ଚୁକ୍ତି କାଗଜ'ରେ ଦସ୍ତଖତ କରାଉଥିଲୁଁ ଏବଂ ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ପାଇଁ ସଭା ସମିତିମାନ କରାଉଥିଲୁଁ । ଏତିକିବେଳେ ଗାଇବାପାଇଁ ମନୋଜ ବାବୁ ଏ ଗୀତମାନ ଲେଖିଥିଲେ । ସେ ଗୀତ ଗୁଡ଼ିକର କେତେକ ପଦ ଏହିପରି-

''ଆମ ଦେଶର କୋଟି ବୁକୁତଳେ ଅଫୁରନ୍ତ ଆଶା
ଆମ ଦେଶର କୋଟିକଣ୍ଠେ ଶାନ୍ତିର ଭାଷା
ଗୋ- ଏ ମୋର ଦେଶ ।
ଆମ ଗାଁ ବିଲବୁକେ ସୁନାର ଫସଲ
ଚଷାଭାଇ ହିଡ଼ତଳେ କେତେ ଫୁଲଫଳ
ଗୋ-କେତେ କେତେ ଚାଷ,
ଘରେ ଘରେ ତେର ପରବ ଲାଗେ ବାରମାସ
ଗୋ-ଏ ମୋର ଦେଶ ।

x x x

ଆଜି ତେଣୁ କୋଟିକଣ୍ଠେ ସମସ୍ୱରେ କହୁଁ
ଆମେ ଶାନ୍ତି ଚାହୁଁ-ଆମେ ଶାନ୍ତି ଚାହୁଁ
ଚାହୁଁ ଶାନ୍ତିରେ ନେବାକୁ ନିଃଶ୍ୱାସ
ଗୋ- ଏ ମୋର ଦେଶ ।।''
(ଆମେ ଶାନ୍ତି ଚାହୁଁ -ପୃ:୧୨)

x x x x

ଚାଷୀଭାଇରେ -ପଜା ତୋର ଦାଆ ହତିଆରରେ
ଛୋଟ ତୋର ବଙ୍କା ହତିଆର,
ସେମାନେ ଗଢନ୍ତୁ ପଛେ ବନ୍ଧୁକ, ଗୋଳା, ବାରୁଦ
କମାଣର ଅସ୍ତ୍ରାଗାର (୧)
ତୋ କ୍ଷେତକୁ ଚାହିଁଅଛି ପଙ୍ଗପାଳ ଦଳରେ
ପଙ୍ଗପାଳ ଦଳ,
ତୁ ଚଷିବୁ, ତା' ଖମାରେ ଧାନ ହେବ ଠୁଳରେ
ଧାନ ହେବ ଠୁଳ ।
ଯେ ଅଧାର ଅରଜିଛୁ ଲହୁ କରି ପାଣିରେ
ଲହୁ କରି ପାଣି

Digitized by srujanika@gmail.com

ଗଳା ଚିପି ତୋ ମୁହଁରୁ ନେବ ସେ ତା' ଟାଣିରେ
                        ନେବ ସେ ତା' ଟାଣି ।
ମାରିବାର କଳାନିଶା ତା' ବୁକେ ଉଠିଚି ଚେଇଁ
ତୁ ଆଗେଇ ଯାଆ ନେଇ ବଞ୍ଚିବାର ଇସ୍ତାହାର
                        ଚାଷୀ ଭାଇରେ -।।''

(ପଜା ହତିଆର - ପୃ : ୨)

x x x

''ଦଳିତ, ଶୋଷିତ, ମଧ୍ୟବିତ୍ତ, ଚାଷୀ, ମଜଦୁର୍ ଏକ ହୁଅ
ଜୋର କରି ଆଜି ଦୂର କର ସବୁ ସଂକୋଚ ଆଉ ସଂଶୟ ।
ତୁମରି ରକ୍ତ ଲାଲ ଚନ୍ଦନେ ପୂର୍ବ ଗଗନେ ଫୁଟୁରେ ଭୋର
ଗଢା ହେଉ ଆଜି ନୂତନ ସୂର୍ଯ୍ୟ ନେଇରେ ଲକ୍ଷେ ଜୀବନ ତୋର;
ମୁକ୍ତ ଆଲୋକେ ସୁପ୍ତ ଜଗତ ହେଉ ହେଉ ଆଜି ଦୀପ୍ତିମୟ (୧)
ବିଶୁ ମହାରଣା ଫେରିଆସୁ ଆଜି ନୂଆ କୋଣାରକ ଗଢିବା ପାଇଁ
ଧର୍ମପଦ ତୋ' ଜନମୁରେ ପୁଣି ନୂଆ କାରିଗରୀ ବୁଦ୍ଧି ନେଇ;
ନବୀନ ଯୁଗର ନୂତନ ରବିର ହେଉ ଅଭିଷେକ ସମାରୋହ ।'' (୨)

(ଏକହୁଅ -ପୃ-୬)

ଏହି ଗଣ ସଂଗୀତଗୁଡିକ ସେତେବେଳେ ଖୁବ୍ ଜନପ୍ରିୟ ହୋଇ ପାରିଥିଲା ।

ହାଇସ୍କୁଲର ଛାତ୍ରାବସ୍ଥାରେ ମନୋଜବାବୁ ୧୯୫୦ ମସିହାରେ ପ୍ରଗତିଶୀଳ ସାହିତ୍ୟ-ପତ୍ର 'ଦିଗନ୍ତ' ପ୍ରକାଶ କଲେ । ଏହାର ସଂପାଦକ ସେ ନିଜେ ଥିଲେ ଏବଂ ସଂପାଦନା ପରିଷଦର ସଭ୍ୟଥିଲେ ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର, ଶ୍ରୀ ସଦାନନ୍ଦ ଦାସ, ଶ୍ରୀମତୀ ରାଜଶ୍ରୀ ଦାସ, ଶ୍ରୀ ଜୀତେନ୍ଦ୍ର ନାଥ ଦାସ, ଶ୍ରୀ ଯୁଗଳ କିଶୋର ଦତ୍ତ ଏବଂ ୰ ଅନ୍ନଦା ପ୍ରସାଦ ରକ୍ଷିତ । ଏମାନେ ଯଥାକ୍ରମେ ଆନ୍ତର୍ଜାତିକ, କଥା-ସାହିତ୍ୟ, କବିତା, ସାମୟିକୀ ଓ ପ୍ରବନ୍ଧ ଇତ୍ୟାଦି ବିଭାଗର ସଂପାଦନା ଦାୟିତ୍ୱ ତୁଲାଉଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଅନ୍ୟମାନେ ବୟସ, ଶିକ୍ଷା ଓ ଅଭିଜ୍ଞତା ଦୃଷ୍ଟିରୁ ମନୋଜବାବୁଙ୍କ ଠାରୁ ଉର୍ଦ୍ଧ୍ୱରେ ଥିଲେ ମଧ୍ୟ ତାଙ୍କୁ ଉକ୍ତ ପତ୍ରିକାର ମୁଖ୍ୟ ସଂପାଦକ ଭାବରେ ଗ୍ରହଣ କରିବାକୁ ଆଦୌ ଗ୍ଲାନି ପ୍ରକାଶ କରି ନଥିଲେ । ଏହାହିଁ ମନୋଜ ବାବୁଙ୍କ ବିଶେଷତ୍ୱର ନିଦର୍ଶନ । 'ଦିଗନ୍ତ' ବାଲେଶ୍ୱରରୁ ତିନୋଟି ସଂଖ୍ୟା ପ୍ରକାଶ ପାଇ ବନ୍ଦ ହୋଇ ଯାଇଁଥିଲେ ମଧ୍ୟ ମାର୍କ୍ସବାଦୀ-ପ୍ରଗତିଶୀଳ ଚେତନାର ଏକ ସାହିତ୍ୟ-ପତ୍ର ରୂପେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଏହାର ପ୍ରଥମ ସଂଖ୍ୟାର ସଂପାଦକୀୟ ପ୍ରବନ୍ଧରେ ସଂପାଦକ ଲେଖିଥିଲେ-
''ଏଣୁ ଆଜିର ସାହିତ୍ୟରେ ସମାଜର ସଂପର୍କ ଅଛି ବୋଲିବାକୁ ହେଲେ, ବାସ୍ତବତା ଅଛି

Digitized by srujanika@gmail.com

ବୋଲି କହିବାକୁ ହେଲେ, ସାର୍ଥକତା ଅଛି ବୋଲି ଭାବିବାକୁ ହେଲେ, ସେଥିରେ ରଖିବାକୁ ହେବ ଉକ୍ତ ଅର୍ଦ୍ଧଭୁକ୍ତ ଓ ଅଭୁକ୍ତ ଶ୍ରେଣୀର ନଗ୍ନଛବି । ଏ ସାହିତ୍ୟ ସୃଷ୍ଟି କରିବ ଶ୍ରେଣୀ-ଚେତନା, କାରଣ Literature is an imaginative form of class consciousness. ଏହିଠାରେ ହିଁ ଆଧୁନିକ ସାହିତ୍ୟର ମୂଳଦୁଆ, ପୁରାତନଠାରୁ ତାର ତଫାତ୍ । ଏହାହିଁ 'ଦିଗନ୍ତ'ର ବକ୍ତବ୍ୟ । ଏହି ତଫାତ୍ ହିଁ ତା'ର ଆଦର୍ଶ । ଏହି ଆଦର୍ଶକୁ ଏ ଦେଶର ଜଳବାୟୁ ଭିତରେ ରୂପ ଦେବାପାଇଁ ସେ ଆଗେଇ ଚାଲିବ ।'' 'ଦିଗନ୍ତ'ର ଉଦ୍ଦେଶ୍ୟ ଥିଲା 'ପ୍ରଗତିପନ୍ଥୀ, ଗଣସାହିତ୍ୟ ସୃଷ୍ଟି ।' କାରଣ ମନୋଜ ବାବୁ ସେତେବେଳେ ଥିଲେ ଏହି ଆଦର୍ଶର ଅକୁଣ୍ଠ ବିଶ୍ୱାସୀ ଏବଂ ସେତେବେଳର ତାଙ୍କ ଲେଖାରେ ଏହାର ପ୍ରତିଫଳନ ମଧ୍ୟ ଘଟିଥିଲା । ପରେ ଖ୍ରୀଷ୍ଟକଲେଜରେ ଇଂରାଜୀ ଅଧ୍ୟାପକ ଥିବାବେଳେ ମନୋଜ ବାବୁ ଯେତେବେଳେ 'ଦିଗନ୍ତ'ର ଦ୍ୱିତୀୟ ପ୍ରଷ୍ଠ କଟକରୁ ପ୍ରକାଶ କଲେ ସେତେବେଳେ ତାର ଆଭିମୁଖ୍ୟ ଓ ସଂପାଦନା ଶୈଳୀରେ ପରିବର୍ତ୍ତନ ଘଟି ଏକ ନୂଆ ମୋଡ ନେଇଥିଲା । ବାଲେଶ୍ୱରରୁ ପ୍ରକାଶ ପାଇଥିବା 'ଦିଗନ୍ତ' ସଂପର୍କିରେ କାନ୍ତକବି ଲକ୍ଷ୍ମୀକାନ୍ତ, କବି କୁଞ୍ଜ ବିହାରୀ ଦାଶ, ଦୈନିକ ଆଶା, ସମାଜ, ଡ଼ଗର ପତ୍ରିକା ଇତ୍ୟାଦି ଖୁବ୍ ଅନୁକୂଳ ମନ୍ତବ୍ୟ ପ୍ରକାଶ କରି ଏହା ''ଦିଗନ୍ତବ୍ୟାପୀ ଆଲୋକର ସରଣୀ ଖୋଲିବାକୁ ଅଚିରେ ସମର୍ଥ ହେଉ'' ବୋଲି ଶୁଭେଚ୍ଛା ଜଣାଇଥିଲେ ।

ସ୍କୁଲରେ ପଢୁଥିବା ବେଳେ ମନୋଜ ବାବୁ ମୁଖ୍ୟତଃ କବିତାହିଁ ଲେଖୁଥିଲେ, କିନ୍ତୁ କଲେଜକୁ ଆସିବା ପରେ କବିତା ଅପେକ୍ଷା ଗଳ୍ପ ରଚନାରେ ଅଧିକ ମନୋନିବେଶ କଲେ । ସୁଦୂର ବୟେରୁ ୧୯୪୯ ମସିହାରେ ଯେତେବେଳେ ବ୍ୟଙ୍ଗ କଥାକାର ୰ ଦେବ ମହାପାତ୍ର, ତାଙ୍କ ସ୍ତ୍ରୀ ଶ୍ରୀମତୀ ନିରୁ ମହାପାତ୍ର ଏବଂ ଭାଇ ୰ ଧୀରେନ ଦାଶ ହାତଲେଖା ସଚିତ୍ର ଓଡ଼ିଆ ମାସିକ ସାହିତ୍ୟ ପତ୍ରିକା 'କୁଙ୍କୁମ' ପ୍ରକାଶ କରୁଥିଲେ, ସେତେବେଳେ ମନୋଜ ବାବୁଙ୍କ କବିତା ଏବଂ ସମ୍ମୋହନ ବିଦ୍ୟା (ହିପ୍‌ନୋଟିଜମ୍) ଉପରେ ଲେଖାମାନ ସେଥିରେ ବିଭିନ୍ନ ସଂଖ୍ୟାରେ ପ୍ରକାଶ ପାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂପାଦନାରେ ପ୍ରକାଶିତ 'ନବଭାରତ' ପତ୍ରିକାର ଗୋଟିଏ ସଂଖ୍ୟାରେ ମନୋଜ ବାବୁଙ୍କ 'ଶଙ୍କର ତୁମେ ତାଣ୍ଡବ ରଚ ଆଜି' ଶୀର୍ଷକ ଏକ କବିତା ମଧ୍ୟ ସେତେବେଳେ ପ୍ରକାଶ ପାଇଥିବାର ମୋର ସ୍ପଷ୍ଟ ମନେଅଛି । 'ଡ଼ଗର', 'ସହକାର', 'ନୂଆ ଦୁନିଆ', 'ସଂକେତ', 'ଆସନ୍ତାକାଲି' ଇତ୍ୟାଦି ପତ୍ରିକାରେ ବହୁ ଗଳ୍ପ ଓ କବିତା ତାଙ୍କ ସ୍କୁଲ ଓ କଲେଜ ଜୀବନରେ ନିୟମିତ ପ୍ରକାଶ ପାଉଥିଲା ଏବଂ ସେଗୁଡ଼ିକର ମାନ ଓ ଉତ୍କର୍ଷ ସେତେବେଳର ଯେ କୌଣସି ପ୍ରତିଷ୍ଠିତ ଲେଖକଙ୍କ ଲେଖାଠାରୁ କୌଣସି ଗୁଣରେ ନ୍ୟୂନ ନଥିଲା । 'ଆବିଷ୍କାର' (ଡ଼ଗର-୧୯୫୩) ଓ 'ସମୁଦ୍ରର କ୍ଷୁଧା' ଗଳ୍ପ ଦୁଇଟି ଯେତେବେଳେ ପ୍ରଥମେ ପ୍ରକାଶ ପାଇଲା, ତାଙ୍କର ଗାଳ୍ପିକ ଜୀବନର ଉଜ୍ଜ୍ୱଳ ଭବିଷ୍ୟତ

Digitized by srujanika@gmail.com

ସମ୍ପର୍କରେ ସମସ୍ତେ ଆଶାବାଦୀ ହୋଇ ଉଠିଥିଲେ । ସେତେବେଳେ ସେ ଦ୍ୱିତୀୟ କି ତୃତୀୟ ବାର୍ଷିକ କଳା ଶ୍ରେଣୀର ଛାତ୍ର । ଉତ୍ତର ବାଲେଶ୍ୱରୀ ଭାଷାର ପ୍ରଭାବ ଯଥେଷ୍ଟ ଭାବରେ ଏହି ଗଳ୍ପ ଦୁଇଟିରେ ପଡିଥିଲା ।

ଏଇଠି ଗୋଟିଏ ଅଭୁଲା ସ୍ମୃତି ମୋର ମନେ ପଡୁଛି । ମନୋଜ ବାବୁ ତାଙ୍କର କେତୋଟି ଗଳ୍ପର ପାଣ୍ଡୁଲିପି ପ୍ରସ୍ତୁତ କରି ବାଲେଶ୍ୱରର ଜଣେ ପୁସ୍ତକ ବ୍ୟବସାୟୀଙ୍କୁ ପ୍ରକାଶ ପାଇଁ ଦେଇଥାନ୍ତି । ବାଞ୍ଛାନିଧି ନାୟକ ନାମକ ସେ ଭଦ୍ରଲୋକ ବ୍ରହ୍ମପୁରରୁ ଆସି ଏଠାରେ ବହି ଦୋକାନଟିଏ ଖୋଲିଥାନ୍ତି, କଂଗ୍ରେସ ଅଫିସ ଗଳି ସାମନାରେ । ମୋତିଗଞ୍ଜସ୍ଥ 'ନିଉ ଉତ୍କଳ ପ୍ରେସ'ରେ ବହିଟିର ଛାପା କାମ ଆରମ୍ଭ ହୋଇ ଗୋଟିଏ ଦୁଇଟି ଫର୍ମା ଛପାହେବା ପରେ ବାଲେଶ୍ୱରର ତତ୍କାଳୀନ ଜଣେ ପ୍ରଭାବଶାଳୀ କଂଗ୍ରେସ ନେତା "ମନୋଜ ବାବୁ କମ୍ୟୁନିଷ୍ଟ, ତାଙ୍କ ବହି ଛାପିଲେ ଅସୁବିଧାରେ ପଡିବ" ବୋଲି ଧମକ ଦେବାରୁ ସେହି ପ୍ରକାଶକ ଆଉ ସେ ବହି ଛାପିଲେ ନାହିଁ । ଛାପା ଫର୍ମାଗୁଡାକ ଦୀର୍ଘଦିନ ପ୍ରେସରେ ପଡିରହିଲା । ଦିନେ ମନୋଜ ବାବୁ ମୋତେ କଲେଜରୁ ସାଙ୍ଗରେ ଡାକି ନେଇ ସେହି ପ୍ରେସକୁ ଗଲେ ଏବଂ ପ୍ରେସର ମ୍ୟାନେଜର ପ୍ରାଣକୃଷ୍ଣ ପ୍ରଧାନଙ୍କୁ ଗୋଟିଏ କଭର ଛାପି ସେହି ଅସଂପୂର୍ଣ୍ଣ ବହିରୁ କେତେଖଣ୍ଡ ବାନ୍ଧି ଦେବାକୁ କହିଲେ । ବାକି ଫର୍ମାତକ ମୋ ସାଇକେଲ ପଛରେ ଲଦି ଆମେ ମୋତିଗଞ୍ଜର ଏକ ଭୁଷାମାଲ ଦୋକାନକୁ ଯାଇ ସେଗୁଡିକୁ ସେର ଓଜନରେ ବିକ୍ରି କରିଥିଲୁଁ । ଯେଉଁ ପଇସା ମିଳିଥିଲା ସେଥିରେ ସେ ବହିର କଭର ଛପା ହୋଇଥିଲା । ଏହି ବହିଟିର ନାମ 'ସମୁଦ୍ରର କ୍ଷୁଧା' ଏବଂ ଏହା ମନୋଜ ବାବୁଙ୍କ ପ୍ରଥମ ଗଳ୍ପ ସଂକଳନ । ତା ୩.୧୧.୫୨ରିଖରେ ଏ ବହିରୁ ଖଣ୍ଡିଏ ସେ ମୋତେ ଉପହାର ଦେଇଥିଲେ, ଯାହା ଆଜି ପର୍ଯ୍ୟନ୍ତ ସେହି ଅବିସ୍ମରଣୀୟ ଦୁର୍ଲଭ ସ୍ମୃତି ବହନ କରି ମୋ ଲାଇବ୍ରେରୀର ଶୋଭା ବର୍ଦ୍ଧନ କରୁଛି । ଉକ୍ତ ଅସଂପୂର୍ଣ୍ଣ ବହିଟିରେ ମାତ୍ର ଦୁଇଟି ଗଳ୍ପ 'ସାମରିକ' ଓ 'ସମୁଦ୍ରର କ୍ଷୁଧା' ଅନ୍ତର୍ଭୁକ୍ତ ଥିଲା ଏବଂ ଦାମ ଥିଲା ମାତ୍ର ଚାରିଅଣା । ପରେ ଦଶଟି ଗଳ୍ପ ସମ୍ବଳିତ ଏହାର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ('ସାମରିକ' ଗଳ୍ପ ବ୍ୟତୀତ) ୧୯୫୮ ମସିହାରେ କଟକର ଦାଶରଥି ପୁସ୍ତକାଳୟ ପ୍ରକାଶ କରିଥିଲେ । ଅବଶ୍ୟ ତା' ପୂର୍ବରୁ ବାଲେଶ୍ୱରରେ ରହଣୀ କାଳ ମଧ୍ୟରେ ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ଜୀବନର ସ୍ୱାଦ' ନବଯୁଗ ଗ୍ରନ୍ଥାଳୟ, କଟକ ଦ୍ୱାରା ୧୯୫୩ ମସିହା ଜାନୁଆରୀ ମାସରେ ଏବଂ ତୃତୀୟ ଗଳ୍ପ ସଂକଳନ 'ବିଷକନ୍ୟାର କାହାଣୀ'ର ପ୍ରଥମ ସଂସ୍କରଣ, ତାଙ୍କର ପୁରୀ ରହଣି କାଳରେ (ସାମନ୍ତ ଚନ୍ଦ୍ରଶେଖର କଲେଜର ଛାତ୍ର ଥିବାବେଳେ) ଭଗବାନ ମିଶ୍ରଙ୍କ ଦ୍ୱାରା 'ବଳାକା ପ୍ରକାଶନୀ' ପକ୍ଷରୁ ୧୯୫୪ ମସିହା ଡିସେମ୍ବର ମାସରେ ଆତ୍ମପ୍ରକାଶ କରିଥିଲା । 'ସମୁଦ୍ରର କ୍ଷୁଧା'

Digitized by srujanika@gmail.com

(ପ୍ରଥମ ସଂ.) ବହିର 'ଭୂମିକା ନୁହେଁ' ଶିରୋନାମାରେ ମନୋଜ ବାବୁ ଉଲ୍ଲିଖିତ ନଗ୍ନ ସତ୍ୟ ପ୍ରକାଶକରି ଲେଖିଥିଲେ -

"*** ମୁଁ ଜଣେ ମାର୍କ୍ସବାଦର ଛାତ୍ର, ଏଟା ଯେ କେତେ ମାରାତ୍ମକ କଥା, ମୋର ପ୍ରକାଶକଙ୍କୁ ତାହା ହୃଦୟଙ୍ଗମ କରାଇ ଦେଇଛନ୍ତି ଅହିଂସାବାଦର ଜଣେ ସଚ୍ଚୋଟ ନେତା । *** ସାହିତ୍ୟକୁ ହତ୍ୟା କରିବା ପାଇଁ ଏହି ଅହିଂସା ଘାତକମାନଙ୍କର ଛୁରୀଚାଳନା ନିଜେ ଦ୍ୱିତୀୟ ଥର ପାଇଁ ଅନୁଭବ କଲି । ମୁକ୍ତ ସଂସ୍କୃତିର ଗଳାଟିପି ମାରିବା ପାଇଁ ଏଇ ଅକ୍ଟୋପାସମାନଙ୍କର ବାହୁ କେତେ ଶକ୍ତିଶାଳୀ, ଭିବିଷ୍ୟତରେ ସେଇଟା ଅନୁଭବ କରିବା ପାଇଁ ଅପେକ୍ଷା କଲି ।" କିନ୍ତୁ କହିବା ବାହୁଲ୍ୟ, କାଳର କୁଟିଳ ଗତିରେ ସେଦିନର ସେହି ରାଜନୀତିକ ଅକ୍ଟୋପାସ୍‌ମାନଙ୍କ ଶକ୍ତିଶାଳୀ ବାହୁ ଦୁର୍ବଳ ହୋଇଯାଇଛି ଓ ସେମାନେ କାଳଗର୍ଭରେ ଲୀନ ହୋଇଯାଇଛନ୍ତି; ଅଥଚ ମନୋଜ ବାବୁଙ୍କ ସୃଜନଶୀଳ ବଳିଷ୍ଠ ଲେଖନୀ ପ୍ରମାଣ କରିଦେଇଛି କିଏ ଶକ୍ତିଶାଳୀ ଓ କିଏ ଦୁର୍ବଳ ।

୧୯୫୩ ମସିହାବେଳକୁ ଫକୀରମୋହନ କଲେଜର ଅଧ୍ୟକ୍ଷ ଥାନ୍ତି ଇଂରାଜୀ ସାହିତ୍ୟର ବିଶିଷ୍ଟ ଅଧ୍ୟାପକ ଏବଂ ପରେ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନର ସଭ୍ୟ ଶ୍ରୀଯୁକ୍ତ ପି. ଏସ୍. ସୁନ୍ଦରମ୍ । ଅଧ୍ୟାପକ ଭାବରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲେ ମଧ୍ୟ, ସେ ଥିଲେ ଖୁବ୍ ଏକଜିଦିଆ ବ୍ୟକ୍ତି । ସେ ବର୍ଷ କଲେଜରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ହେଉଥାଏ, 'ଉଷା' ପଡ଼ିଆରେ । ଅପରାହ୍ନ ପ୍ରାୟ ୪ଟା ବେଳକୁ ଦକ୍ଷିଣଛାତ୍ରାବାସ ସାମନାରେ ଏକ ସୁସଜ୍ଜିତ ସଭାମଞ୍ଚରେ ପୁରସ୍କାର ବିତରଣର ଆୟୋଜନ ହୋଇଥାଏ । ମୁଖ୍ୟ ଅତିଥି ଭାବରେ ଯୋଗଦେଇଥାନ୍ତି ଓଡ଼ିଶାର ତତ୍କାଳୀନ ସ୍ୱାସ୍ଥ୍ୟ ଉପମନ୍ତ୍ରୀ ତଥା ରଣପୁର-ରାଜମାତା ୰ ବସନ୍ତମଞ୍ଜରୀ ଦେବୀ ।

ବସନ୍ତମଞ୍ଜରୀ ଥିଲେ ସୁଶ୍ରୀ ଓ ଆଧୁନିକ ରୁଚିସଂପନ୍ନା, ଯଦିଚ ସେତେବେଳକୁ ବୟସର ଅପରାହ୍ନରେ ସେ ପହଞ୍ଚି ସାରିଥାନ୍ତି । ସଭା ଆରମ୍ଭହେଲା । ବସନ୍ତ ମଞ୍ଜରୀଙ୍କ ପରିଚୟ ଦେବାକୁ ଯାଇ ଅଧ୍ୟକ୍ଷ ସୁନ୍ଦରମ୍ ଟିକିଏ ରସିକତା କରି ଇଂରାଜୀରେ କହିଲେ, "ବସନ୍ତମଞ୍ଜରୀ ଦେବୀ କେବଳ ସୁନ୍ଦରୀ ନୁହନ୍ତି, ସେ ଜଣେ ପ୍ରଖ୍ୟାତ ବଲରୁମ୍ ନର୍ତ୍ତକୀ ମଧ୍ୟ ।" ମନୋଜ ବାବୁ ଓ ମୁଁ ଖେଳାଖେଳି ପ୍ରତି ଆଦୌ ଆଗ୍ରହୀ ନଥିଲେ ମଧ୍ୟ ପୁରସ୍କାର ବିତରଣୀ ଉତ୍ସବ ଦେଖିବା ପାଇଁ ସେଠାରେ ଠିଆ ହୋଇଥିବା ବେଳେ ସୁନ୍ଦରମ୍‌ଙ୍କର ଏହି ସୁନ୍ଦର ଉକ୍ତି ଶୁଣିଲୁ ଓ ଉପଭୋଗ କଲୁ । ଏହି ରସାଳ ଉକ୍ତିରେ ଆମଭଳି ଅନେକେ ମଧ୍ୟ ଆମୋଦିତ ହୋଇଥିଲେ । କିନ୍ତୁ ଏହାକୁ ଆହୁରି ରସସିକ୍ତ ଓ ଆମୋଦ ଦାୟକ କରିବାପାଇଁ ମନୋଜ ବାବୁ ତା' ପରଦିନ ଏହି ସମ୍ବାଦଟିକୁ 'ନିଆଖୁଣ୍ଟା'ର ସଂପାଦକ, ବିଶିଷ୍ଟ କବି ଓ ବ୍ୟଙ୍ଗକାର ଗୋଦାବରୀଶ ମହାପାତ୍ରଙ୍କ ପାଖକୁ ପଠାଇଦେଲେ । ପରବର୍ତ୍ତୀ ସଂଖ୍ୟା (୧୩ଶ ବର୍ଷ ନବମ ସଂଖ୍ୟା-ମାର୍ଚ୍ଚ ୧୯୫୩) 'ନିଆଁଖୁଣ୍ଟା'ର

Digitized by srujanika@gmail.com

ପ୍ରଚ୍ଛଦରେ ଗୋଦାବରୀଶ ବାବୁ ଏକ ବ୍ୟଙ୍ଗଚିତ୍ର (cartoon) ପ୍ରକାଶକଲେ; ଯେଉଁଥିଲେ ସୁନ୍ଦରୀ ବସନ୍ତମଞ୍ଜରୀଙ୍କ ସହ ଅଧକ୍ଷ ସୁନ୍ଦରମ୍ 'ବଲନାଚ' ନାଚୁଥିବାର ଦୃଶ୍ୟ ଅଙ୍କିତ ହୋଇଥିଲା । ଏହା ସେତେବେଳେ ଛାତ୍ର, ଶିକ୍ଷକ ଓ ଜନସାଧାରଣଙ୍କ ମଧ୍ୟରେ ଖୁବ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଅଥଚ ଆମେ ନେପଥ୍ୟରେ ରହି ଏହାକୁ ଉପଭୋଗ କରିଥିଲୁ ।

ଏହିଭଳି ଆଉ ଏକ ମଜାଦାର ଘଟଣାର ଅଭୁଲା ସ୍ମୃତି ଏବେବି ବେଳେବେଳେ ଜୀବନର ଏଇ ଅଳସ ଅପରାହ୍ଣରେ ମନେପଡି ହୃଦୟ ଓ ମନକୁ ରସାଳ କରି ଦେଉଛି । ମୁଁ କଲେଜର ପ୍ରଥମ ବାର୍ଷିକ ଶ୍ରେଣୀରେ ପଢୁଥାଏଁ । ଜଣେ ତରୁଣ ଇଂରାଜୀ ଅଧ୍ୟାପକ ସଦ୍ୟ ଏମ୍.ଏ. ପାଶ୍ କରି ଆସି ଆମ କଲେଜରେ ଯୋଗଦେଲେ । ତାଙ୍କ ଘର ବାଲେଶ୍ୱର ଜିଲ୍ଲାର ସୋର ଅଞ୍ଚଳରେ ଏବଂ ସେ ସେତେବେଳେ ଅବିବାହିତ ଥାନ୍ତି । ତାରୁଣ୍ୟର ଉଚ୍ଛଳତାରେ ଏକ ରୋମାଣ୍ଟିକ୍ ମାନସିକତା ନେଇ ସେ ଦିନେ ଆମ ଟ୍ୟୁଟୋରିଆଲ୍ କ୍ଲାସ୍‌କୁ ଆସି ଗୋଟିଏ ଇଂରାଜୀ ପ୍ରବନ୍ଧ ଲେଖିବାକୁ ଦେଲେ, ଯାହାର ବିଷୟ ଥିଲା, 'An Autobiography of a pillow' ଅର୍ଥାତ୍ 'ଏକ ତକିଆର ଆତ୍ମ-କାହାଣୀ ।'

ଆମ ଶ୍ରେଣୀରେ କେତେ ଜଣ ସୁନ୍ଦରୀ ଝିଅ ପଢୁଥିଲେ । ସେମାନଙ୍କ ଆଡକୁ କିଞ୍ଚିତ ଅର୍ଥପୂର୍ଣ୍ଣ ଇଙ୍ଗିତ କରି ଏଭଳି ମଜାଳିଆ ବିଷୟରେ ପ୍ରବନ୍ଧ ଲେଖିବାକୁ କହିବାରୁ ଆମ ଭିତରେ ମଧୁର ଗୁଂଜରଣ ଖେଳିଗଲା । ସେ ଅଧ୍ୟାପକ ଜଣକ ଥିଲେ ଘୋର କମ୍ୟୁନିଷ୍ଟ ବିରୋଧୀ ଓ ଛାତ୍ରସଂଘର ବିରୋଧୀ । ତେଣୁ ଆମ୍ଭମାନଙ୍କ ପ୍ରତି ତାଙ୍କର ଥିଲା ଏକ ଉନ୍ନାସିକ ଭାବ । ବେଳେବେଳେ ସେ ଆମ୍ଭମାନଙ୍କୁ ଆକ୍ଷେପ କରି ଟିପ୍ପଣୀମାନ ମଧ୍ୟ ଦେଉଥିଲେ । ଏଥିପାଇଁ ମନୋଜ ବାବୁଙ୍କ ସମେତ ଆମେ ସବୁ ତାଙ୍କ ଉପରେ ଥିଲୁ ଭୀଷଣ କ୍ଷୁବ୍ଧ ଓ ବିରକ୍ତ । ସେଦିନ ଆମ କ୍ଲାସରେ ସେ ଏଭଳି ଅବାଞ୍ଛିତ ପ୍ରବନ୍ଧଟିଏ ଲେଖିବାକୁ ଦେଇଥିବାରୁ ଆମ ଭିତରେ ମୃଦୁଉଷ୍ମା ଜାତ ହୋଇଥିଲା । କ୍ଲାସ ସରିବା ପରେ ମୁଁ ଯାଇ ମନୋଜ ବାବୁଙ୍କୁ ଏକଥା କହିଲି । ଆମେତ ତାଙ୍କୁ ଅପଦସ୍ଥ କରିବା ପାଇଁ ଗୋଟିଏ ସୁଯୋଗ ଖୋଜୁଥିଲୁଁ, ଏହା ଆମକୁ ଖୋରାକ୍ ଯୋଗାଇଦେଲା । ସେଦିନ ମନୋଜବାବୁ ରହୁଥିବା ସାଉଥ ହଷ୍ଟେଲରେ ତାଙ୍କ ରୁମ୍‌ରେ ବସି ଆମେ ଏ ସଂପର୍କରେ ଗୋଟିଏ ସମ୍ବାଦ ଲେଖିଲୁଁ ଏବଂ ମନୋଜବାବୁ ତାହାକୁ ଗୋଦାବରୀଶ ବାବୁଙ୍କ ପାଖକୁ ଏକ ଚିଠିସହ ପଠାଇ ଦେଲେ । ତା' ପରବର୍ତ୍ତୀ ସଂଖ୍ୟା 'ନିଆଁଖୁଣ୍ଟା'ରେ ଏହି ଖବରକୁ ଭିତ୍ତି କରି ଏକ ମଜାଳିଆ ଢଙ୍ଗରେ ଲେଖାଟିଏ ପ୍ରକାଶ ପାଇଲା । ଗୋଦାବରୀଶ ବାବୁଙ୍କ ପୋଖତ ହାତରେ ଲେଖାଟି ଏଭଳି ଶାଣିତ ବ୍ୟଙ୍ଗରେ ପୂର୍ଣ୍ଣଥିଲା ଯେ ଉକ୍ତ ଅଧ୍ୟାପକ ସେହି ବ୍ୟଙ୍ଗବାଣରେ ଅସ୍ଥିର ହୋଇ ସଂପାଦକଙ୍କୁ ପାନେ ଚଢାଇବା ପାଇଁ ଇଂରାଜୀରେ

Digitized by srujanika@gmail.com

ଏକ ଦୀର୍ଘ ପତ୍ର ଲେଖିଲେ । ଏହା ପାଇବା ପରେ ଗୋଦାବରୀଶ ବାବୁ ନିଆଁଖୁଣ୍ଟୀୟ ରୀତିରେ ସେହି ପତ୍ରଟିକୁ ଅବିକଳ ଛାପି ଆଉ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ସହ ପରବର୍ତ୍ତୀ ସଂଖ୍ୟାରେ ତାଙ୍କୁ ପୁଣି ଏଭଳି ମାତଦେଲେ ଯେ ସେ ଅଧ୍ୟାପକ ମହୋଦୟ ସବୁଦିନ ପାଇଁ ଚୁପ୍ ରହିବାକୁ ବାଧ ହେଲେ । ଏ ଘଟଣାରେ ଆମ୍ଭମାନଙ୍କ ପ୍ରତି ସେ ଭିତରେ ଭିତରେ ଜଳୁଥିଲେ ମଧ୍ୟ ପ୍ରକାଶ୍ୟରେ ଆଉ କୌଣସି କଥା କହିବାକୁ ସାହସ କଲେ ନାହିଁ । ଆଜି ଅଧିକାଂଶ ଛାତ୍ରଙ୍କ ମଧ୍ୟରେ ଉଚ୍ଛୃଙ୍ଖଳତା ଓ ଦୁଷ୍ଟାମୀ କିଭଳି ପର୍ଯ୍ୟାୟରେ ପହଞ୍ଚିଛି, ତାହା କହିବା ନିଷ୍ପ୍ରୟୋଜନ । ବୁଦ୍ଧିବଳ ଅପେକ୍ଷା ବାହୁବଳ ହିଁ ସେମାନଙ୍କ ମଧ୍ୟରେ ପ୍ରାଧାନ୍ୟ ଲାଭ କରିଛି । କିନ୍ତୁ ସେତେବେଳେ ମନୋଜବାବୁଙ୍କ ସମେତ ଆମ୍ଭମାନଙ୍କର ତରୁଣ ବୟସର ଦୁଷ୍ଟାମୀ କେଉଁ ସ୍ତରରେ ଥିଲା ଏବଂ କିଭଳି ଢଙ୍ଗରେ ପ୍ରକାଶ ପାଉଥିଲା, ଏହି ଦୁଇ ଘଟଣାର ଦୃଷ୍ଟାନ୍ତ ହିଁ ତା'ର ପ୍ରକୃତ ନିଦର୍ଶନ ।

ମନୋଜ ବାବୁ ଫକୀର ମୋହନ କଲେଜରେ ପଢୁଥିବା ବେଳେ ଜଣେ ସୁବକ୍ତା ଓ ଛାତ୍ରନେତା ଭାବରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଥିଲେ । ଆନ୍ତଃକଲେଜ ବକ୍ତୃତା ପ୍ରତିଯୋଗିତାରେ ସେ ଦୁଇ ଦୁଇ ଥର ଶ୍ରେଷ୍ଠ ବକ୍ତା ଭାବରେ ପୁରସ୍କୃତ ହୋଇଥିଲେ । ୧୯୫୪ ଜାନୁଆରୀ ମାସରେ ତାଙ୍କ ନେତୃତ୍ୱରେ ଆମେ ଏଠାରେ ନିଖିଳ ଉତ୍କଳ ଛାତ୍ରସଂଘର ଏକ ବିରାଟ ସମ୍ମିଳନୀ ଖୁବ୍ ସଫଳତାର ସହ ସଂପନ୍ନ କରିବାକୁ ସମର୍ଥ ହୋଇଥିଲୁଁ । ସେହି ସମ୍ମିଳନୀରେ ଆନ୍ତର୍ଜାତିକ ଛାତ୍ରସଂଘର ସଂପାଦକ ଆର୍ଥର ପାଇକ, ନି:ଭା: ଛାତ୍ରସଂଘର ସାଧାରଣ ସଂପାଦକ କମ୍ରେଡ ଦାସ୍‌ରେ, ଓଡ଼ିଶାର ତତ୍କାଳୀନ ଛାତ୍ର ନେତାମାନଙ୍କ ମଧ୍ୟରୁ ଶ୍ରୀମତୀ ନନ୍ଦିନୀ ଶତପଥୀ, ✓ ପ୍ରବୀର ପାଲିତ୍, ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ, ଶ୍ରୀ ଶିବାଜୀ ପଟ୍ଟନାୟକ, ✓ ବ୍ରଜବଂଧୁ ମିଶ୍ର, ✓ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ଶ୍ରୀ ବିଶ୍ୱମ୍ଭର ସାମନ୍ତ, ଶ୍ରୀ ଅବନୀ ବରାଳ ପ୍ରଭୃତି ଯୋଗ ଦେଇଥିବାର ମୋର ସ୍ମରଣ ଅଛି । ଏମାନେ ପରବର୍ତ୍ତୀ ଜୀବନରେ ଓଡ଼ିଶାରେ ସ୍ୱ ସ୍ୱ କ୍ଷେତ୍ରରେ ସୁପ୍ରତିଷ୍ଠିତ ହୋଇ ପାରିଛନ୍ତି । ମନୋଜ ବାବୁ ସେତେବେଳେ କଲିକତା ଯାଇ ଏହି ସମ୍ମିଳନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ନିମନ୍ତ୍ରଣ ଜଣାଇ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଶମ୍ଭୁ ମିତ୍ରଙ୍କୁ ଓ ଭାରତୀୟ ଗଣ-ନାଟ୍ୟ ସଂଘର ଶିଳ୍ପୀମାନଙ୍କୁ ଆଣିଥିଲେ । ଶମ୍ଭୁ ମିତ୍ରଙ୍କ ଉଦାତ୍ତ କଣ୍ଠରେ କବି ଜ୍ୟୋତିରିନ୍ଦ୍ର ନନ୍ଦୀଙ୍କ 'ମଧୁବଂଶୀର ଗଳି' କବିତାର ଆବୃତ୍ତି ଓ ଶମ୍ଭୁ ଭଟ୍ଟାଚାର୍ଯ୍ୟଙ୍କ 'ରାନାର' ନୃତ୍ୟ (ବିଖ୍ୟାତ ତରୁଣ କବି ✓ ସୁକାନ୍ତ ଭଟ୍ଟାଚାର୍ଯ୍ୟଙ୍କ 'ରାନାର' କବିତା ଅବଲମ୍ବନରେ) ଏତେ ପ୍ରାଣସ୍ପର୍ଶୀ ହୋଇଥିଲା ଯେ, ତାହାର ଆବେଦନ ଟାଉନହଲ ପରିସରରେ ଉପସ୍ଥିତ ହଜାର ହଜାର ଶ୍ରୋତା ଓ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଏଭଳି ଛାତ୍ର ସମ୍ମିଳନୀ ବାଲେଶ୍ୱରରେ ଅନୁଷ୍ଠିତ ହେବା ସେତେବେଳେ ଥିଲା ଅଦ୍ୱିତୀୟ ।

ତୃତୀୟ ବାର୍ଷିକ ଶ୍ରେଣୀରେ ଛାତ୍ରଥିବା ବେଳେ ମନୋଜ ବାବୁଙ୍କୁ ଆମେ

Digitized by srujanika@gmail.com

କଲେଜ ୟୁନିୟନର ସଭାପତି ପଦ ପାଇଁ ଛିଡା କରାଇଲୁ । ମୁଁ ଠିଆ ହୋଇଥିଲି ଦିବାଧାୟୀ ଛାତ୍ର-ସଂଘର ସଂପାଦକ ପଦପାଇଁ । ମନୋଜ ବାବୁଙ୍କ ସହ ଯିଏ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ସେ ଥିଲେ ୪ର୍ଥ ବାର୍ଷିକ ଶ୍ରେଣୀର ଛାତ୍ର । ତା' ଆଗରୁ ଏ କଲେଜର ଇତିହାସରେ ୩ୟ ବାର୍ଷିକ ଶ୍ରେଣୀର କୌଣସି ଛାତ୍ର ସଭାପତି ପଦପାଇଁ ଛିଡା ହେବାର ପରଂପରା ନଥିଲା । କିନ୍ତୁ ମନୋଜବାବୁଙ୍କ ଲୋକପ୍ରିୟତା ଏତେ ବୃଦ୍ଧି ପାଇଥିଲା ଯେ, ସେ ବହୁ ଭୋଟରେ ନିଜେ ବିଜୟୀ ହେବା ସଂଗେ ସଂଗେ ଅନ୍ୟାନ୍ୟ ପଦପାଇଁ ଠିଆ ହୋଇଥିବା ମୋ ସମେତ ତାଙ୍କ ସମର୍ଥକ ସମସ୍ତ ପ୍ରାର୍ଥୀ ବିପୁଳ ସଂଖ୍ୟାରେ ଜୟଲାଭ କରିଥିଲେ । ଜଣେ ଛାତ୍ରନେତା ଭାବେ ଛାତ୍ରମାନଙ୍କ ଉପରେ ଥିଲା ତାଙ୍କର ଅଖଣ୍ଡ ପ୍ରଭାବ ଓ ଆଧିପତ୍ୟ । ଏହା କେବଳ ତାଙ୍କ ପ୍ରତି ଛାତ୍ରମାନଙ୍କର ଅତ୍ୟଧିକ ସ୍ନେହ-ଶ୍ରଦ୍ଧାରୁ ହିଁ ସମ୍ଭବ ହୋଇଥିଲା । ପରେ ମନୋଜବାବୁ ପ୍ରାଦେଶିକ ଛାତ୍ରସଂଘର ରାଜ୍ୟସ୍ତରୀୟ ସାଧାରଣ ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ । ସେତେବେଳେ ସଭାପତି ଥିଲେ ✓ ହରିଶ୍ଚନ୍ଦ୍ର ବକ୍ସିପାତ୍ର । ମୁଁ ଥିଲି ପ୍ରାଦେଶିକ କାର୍ଯ୍ୟକାରୀ କମିଟିର ସଭ୍ୟ । ବାଲେଶ୍ୱରରୁ ଆମେ 'ଆଗାମୀ' ନାମରେ ୧୯୫୩ ମସିହାରେ ପ୍ରକାଶ କରିଥିବା ପତ୍ରିକାକୁ ମନୋଜବାବୁ ନି:ଉ: ଛାତ୍ରସଂଘର ମୁଖପତ୍ର ଭାବରେ କଟକରୁ ପ୍ରକାଶ କଲେ ଏହି ସମୟରେ । ଏହାର ସଂପାଦକ ମଣ୍ଡଳୀରେ ଗିରିଜା ଭୂଷଣ ପଟ୍ଟନାୟକ, ଅବନୀ ବରାଳ ପ୍ରମୁଖଙ୍କ ସହ ମୁଁ ମଧ୍ୟ ଥିଲି ।

ମନୋଜ ବାବୁ ଆଇ.ଏ. ପାଶ୍ କରିବା ପରେ ପରେ ତାଙ୍କ ବଡଭାଇ ଇତିହାସ ଅଧ୍ୟାପକ ଡଃ ମନ୍ମଥନାଥ ଦାସ ବାଲେଶ୍ୱରରୁ ବଦଳି ହୋଇ ପୁରୀ ଚାଲିଗଲେ । ତେଣୁ ସେ ଆସି ଫକୀରମୋହନ କଲେଜର ସାଉଥ୍ ହଷ୍ଟେଲରେ ରହିଲେ । ସେତେବେଳେ ଏହି ହଷ୍ଟେଲର ତତ୍ତ୍ୱାବଧାରକ ଥାନ୍ତି ଦର୍ଶନ ଅଧ୍ୟାପକ ଶ୍ରୀ ଗୋପାଳ ଚନ୍ଦ୍ର ପଟ୍ଟନାୟକ । ସେ ଖୁବ୍ ଚଇନିଫିଟ୍ (ସ୍ମାର୍ଟ) ଏବଂ ଏନ୍.ସି.ସି. ଅଫିସର ଥାଆନ୍ତି । ମନୋଜ ବାବୁ ଯେଉଁ ଏକ ନମ୍ବର ପ୍ରକୋଷ୍ଠରେ ରହୁଥାଆନ୍ତି, ତାହା ଥାଏ ବାସ୍ତବରେ ଛାତ୍ରସଂଘର ଅଘୋଷିତ କାର୍ଯ୍ୟାଳୟ । ସେଠାରେ ଛାତ୍ରାବାସର ନିୟମକାନୁନ୍ କିଛି କାମ କରୁନଥାଏ । ଆମମାନଙ୍କ ଆଡ୍ଡା ପ୍ରାୟ ସବୁବେଳେ ସେହି କୋଠରୀରେ । ବେଳେବେଳେ ଗୋପାଳ ବାବୁ ଆସି ମନୋଜ ବାବୁଙ୍କୁ ତାଗିଦ କରି ଯାଆନ୍ତି । କିନ୍ତୁ ପରଦିନକୁ ଯଥା ପୂର୍ବଂ ତଥା ପରଂ । ଶେଷକୁ ଗୋପାଳ ବାବୁ ଆଉ ସେ ରୁମ୍‌କୁ ଆସିଲେ ନାହିଁ କି କିଛି କହିଲେ ନାହିଁ । ଦକ୍ଷିଣ ଛାତ୍ରାବାସର ସେହି କୋଠରୀଟି ବହୁ ସ୍ମୃତିର ସ୍ମାରକୀ । ମନୋଜବାବୁଙ୍କ ଛାତ୍ର ଜୀବନର ବହୁ ଗଳ୍ପ-କବିତା ସେଠାରେ ରଚିତ ହୋଇ ବିଭିନ୍ନ ପତ୍ର-ପତ୍ରିକାର ପୃଷ୍ଠା ମଣ୍ଡନ କରିଛି । ତୃତୀୟ ବାର୍ଷିକ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବାପରେ ସେ ତାଙ୍କ ବଡ଼ଭାଇଙ୍କ ପାଖକୁ ଚାଲିଗଲେ ଏବଂ ସେଠାରେ ସାମନ୍ତ ଚନ୍ଦ୍ରଶେଖର କଲେଜରେ ନାମ ଲେଖାଇ ବି.ଏ. ପାଶ୍ କଲେ ।

Digitized by srujanika@gmail.com

୧୯୫୬ ମସିହାରେ ମନୋଜ ବାବୁ ରେଭେନ୍ସା କଲେଜରେ ଇଂରାଜୀରେ ଏମ୍.ଏ ପଢୁଥାନ୍ତି । ରହୁଥାନ୍ତି ରାଣୀହାଟରେ 'କଟକ ହୋଟେଲ' ପଛପାଖ ଏକ ଘରୋଇ ମେସ୍‌ରେ; ଛାତ୍ରସଂଘର ମୁଖପତ୍ର 'ଆଗାମୀ' ନାମରେ ଯାହାର ନାମକରଣ ହୋଇଥାଏ-'ଆଗାମୀ ମେସ୍' । ମୁଁ କେତେଥର କଟକ ଯାଇ ତାଙ୍କ ପାଖରେ ରିହିଛି । ସେତେବେଳେ ସେ କବି ରାମପ୍ରସାଦ ପୁରୋହିତଙ୍କ ସଂପାଦନାରେ 'ସୀମାନ୍ତ' ନାମରେ କବିତା ସଂକଳନଟିଏ ପ୍ରକାଶର ବ୍ୟବସ୍ଥା କରିଥିଲେ । ଏଥିରେ ସେତେବେଳର ତରୁଣ ଓ ପ୍ରବୀଣ ବାରଜଣ କବିଙ୍କର ଏକାଧିକ କବିତା ସ୍ଥାନିତ ହୋଇଥିଲା । ଏହା ଆର୍ଥିକ ସହଯୋଗ ଭିତ୍ତିରେ ପ୍ରକାଶ ପାଇଥିଲା ଏବଂ ପ୍ରତ୍ୟେକ କବି କିଛି କିଛି ବହି ନିଜ ମୂଳଧନ ବାବଦକୁ ବାଣ୍ଟି ନେଇଥିଲେ । ମନୋଜ ବାବୁ ଓ ମୋ ସମେତ ଏହି ସଂକଳନରେ ଅଂଶ ଗ୍ରହଣ କରିଥିଲେ-କବି ବିନୋଦଚନ୍ଦ୍ର ନାୟକ, କୃଷ୍ଣ ଚରଣ ବେହେରା, ଉମାଶଙ୍କର ପଣ୍ଡା, ଚିନ୍ତାମଣି ବେହେରା, ରାମପ୍ରସାଦ ପୁରୋହିତ, ଅନନ୍ତ ପଣ୍ଡା, ରମାକାନ୍ତ ରଥ, ଆକୁଳାନନ୍ଦ ଷଡଙ୍ଗୀ, ଶ୍ରୀନିବାସ ଉଦ୍‌ଗାତା ଓ ଗୋପାଳ ଚନ୍ଦ୍ର ମିଶ୍ର । ଏହାର ସୂଚନାରେ କୁହାଯାଇଥିଲା -''ଏହା ହେଉଛି ପ୍ରଥମ ଓଡ଼ିଆ କବିତା ଗ୍ରନ୍ଥ, ଯାହାର ପ୍ରଣୟନରେ କେବଳ ନୁହେଁ, ପ୍ରକାଶନରେ ମଧ୍ୟ ସଂଶ୍ଳିଷ୍ଟ ଲେଖକମାନଙ୍କର ସମବେତ ଉଦ୍ୟମ ନିହିତ । *** ସୀମାନ୍ତରେ ଆରମ୍ଭ ହୋଇଥିଲେ ମଧ୍ୟ ଏହାର ଆଶା ସୀମାତୀତ । ଲବ୍ଧ ପ୍ରତିଷ୍ଠିତ ତଥା ତରୁଣ ଲେଖକମାନଙ୍କୁ ଏକତ୍ରିତ କରି ଭାବିକାଳର ପଥରେ ଆହୁରି ସୁସ୍ପଷ୍ଟ ଓ ସୁଷ୍ଠୁ ପଦକ୍ଷେପ ଯେ ସମ୍ଭବ 'ସୀମାନ୍ତ' ତାର ପ୍ରଥମ ପରୀକ୍ଷା ।'' ଏହି 'ସମବେତ ଉଦ୍ୟମ'ର ସମ୍ମୁଖ ଭାଗରେ ନାମତଃ ରାମପ୍ରସାଦ ପୁରୋହିତ ରହିଥିଲେ ମଧ୍ୟ ଏହି ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ମନୋଜ ବାବୁଙ୍କ ନେପଥ୍ୟ ନାୟକର ଭୂମିକା କେତେ ଥିଲା, ତାହା ମୁଁ ଜାଣେ । 'ସୀମାନ୍ତ'ର ଏହି ପ୍ରଥମ ପରୀକ୍ଷା ଭିତରେ ଉତ୍ତୀର୍ଣ୍ଣ ହୋଇ ସେତେବେଳର ନବାଗତ କବି ରମାକାନ୍ତ ରଥ ଆଜି ପ୍ରତିଷ୍ଠାର ଶୀର୍ଷ ଶିଖରରେ ଅଧିଷ୍ଠିତ ଏବଂ ଅନ୍ୟ କେତେ ଜଣ ମଧ୍ୟ ଓଡ଼ିଆ କାବ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । କିନ୍ତୁ ଏହାର ନେପଥ୍ୟ ନାୟକ ମନୋଜ ବାବୁ କବିତା ରଚନାରୁ କ୍ରମଶଃ ଓହରି ଆସି କଥାସାହିତ୍ୟକୁ ଏକ ନୂଆ ଶୈଳୀ ଓ ନୂଆମୂଲ୍ୟବୋଧରେ ରୂପାୟିତ କରି ଓଡ଼ିଆ ତଥା ଭାରତୀୟ କଥା ସାହିତ୍ୟର ଜଣେ ଯଶସ୍ୱୀ ସ୍ରଷ୍ଟାରୂପେ ଆଜି ସୁପରିଚିତ ଓ ସୁପ୍ରତିଷ୍ଠିତ ।

ସ୍କୁଲ ଛାତ୍ର-ଜୀବନରୁ ନାନାପ୍ରକାର ବହି ଓ ପତ୍ର-ପତ୍ରିକା ପଢିବାରେ ଥିଲା ତାଙ୍କର ପ୍ରବଳ ଆଗ୍ରହ ଓ ଅଭିରୁଚି, ଯାହା ତାଙ୍କୁ ପରବର୍ତ୍ତୀ କାଳରେ ଜଣେ ବହୁପାଠୀ ଓ ପ୍ରାଜ୍ଞ ବ୍ୟକ୍ତିତ୍ୱରେ ରୂପାନ୍ତରିତ କରିବାରେ ଯଥେଷ୍ଟ ସାହାଯ୍ୟ କରିଛି । ସେହି ଅଭ୍ୟାସ ତାଙ୍କର ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ମୋର ମନେଅଛି, ଆମ ଗ୍ରାମ ସୁନହଟରେ

Digitized by srujanika@gmail.com

୰ ରମେଶ ଚନ୍ଦ୍ର ମହାନ୍ତି (ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ସଂପାଦକ ଓ ସାମ୍ବାଦିକ) ଙ୍କ ଘରେ ଥିବା ଗ୍ରନ୍ଥାଗାରରୁ ସେ ନିୟମିତ ବହିନେଇ ପଢୁଥିଲେ । ରମେଶ ବାବୁଙ୍କ ପୁଅ ସୁରେଶ ଥିଲା ତାଙ୍କର ଶ୍ରେଣୀ ସାଥି ତଥା ଆମର ପ୍ରିୟବଂଧୁ । ମନୋଜ ବାବୁ ଓ ସୁରେଶ ଅନେକ ସମୟରେ ଭି.ପି. ପୋଷ୍ଟରେ କଲିକତାରୁ ବହି ମଗାଉଥିଲେ । ଆମେ୍ ଜଣେ ପରେ ଜଣେ ସେହି ବହିନେଇ ପଢୁଥିଲୁଁ । ମନୋଜବାବୁଙ୍କ ପ୍ରଭାବରୁ ଆମର ମଧ୍ୟ ପଠନ ଅଭ୍ୟାସ ବୃଦ୍ଧି ପାଇଥିଲା । ଏପରିକି ସେହି ଛାତ୍ରଜୀବନରୁ ଆଜି ପର୍ଯ୍ୟନ୍ତ ତାହା ଆମର ଏକ ହବି (Hobby)ରେ ପରିଣତ ହୋଇ ଯାଇଛି । ବହୁ ପ୍ରଖ୍ୟାତ କବି-ଲେଖକଙ୍କର ଲେଖା ସହିତ ପରିଚିତ ହେବାର ସୌଭାଗ୍ୟ ମୋର ଘଟିଥିଲା ମନୋଜବାବୁଙ୍କ ପ୍ରଭାବରୁ । ସେପାଇଁ ମୁଁ ତାଙ୍କ ପାଖରେ ଚିରଋଣୀ ।

୧୯୫୯ ମସିହା ମାର୍ଚ୍ଚ ୧୨ ତାରିଖରେ ମୋର ବିବାହ ଉପଲକ୍ଷେ ମୁଁ ମନୋଜବାବୁଙ୍କୁ ନିମନ୍ତ୍ରଣ ପତ୍ର ସହ ଚିଠିଟିଏ ଲେଖିଥିଲି । ସେତେବେଳେ ସେ କଟକ ଖ୍ରୀଷ୍ଟ କଲେଜରେ ଇଂରାଜୀ ଭାଷା-ସାହିତ୍ୟର ଅଧ୍ୟାପକରୂପେ ଯୋଗଦେଇ ମୁରାଦଖାଁ ପାଟଣା, କଟକ-୩ରେ ରହୁଥାନ୍ତି । ମୋର ଆଶା ଥିଲା-ସେ ନିଶ୍ଚୟ ଆସି ମୋ ବିବାହ ଉତ୍ସବରେ ଯୋଗଦେବେ । କିନ୍ତୁ ନ ଆସିବାରୁ ବା କୌଣସି ଉତ୍ତର ନ ଦେବାରୁ ମୋ ମନରେ ଦୁଃଖ ଓ ଅଭିମାନ ହେଲା । ଅଥଚ ହଠାତ୍ ଅଳ୍ପ କେତେଦିନ ପରେ ତାଙ୍କ ପାଖରୁ ଚିଠିଟିଏ ପାଇ ଅଭିଭୂତ ହେଲି । ସେହି ଚିଠିଟିରେ ମନୋଜବାବୁଙ୍କ ରସିକତା ମୋ ସମସ୍ତ ଅଭିମାନକୁ ଧୂଳିସାତ୍ କରିଦେଲା । ସେ ଲେଖିଥିଲେ -

କଟକ

ପ୍ରିୟ ବ୍ରଜ, ୧୩.୩.୫୯

ମୁଁ ପୁରୀରେ ଥିଲି । କଟକ ଆସି ବଡ଼ ଅଚାନକ ଭାବରେ ତୁମ ବିବାହର ନିମନ୍ତ୍ରଣ ପତ୍ର ଓ ଚିଠି ପାଇଲି । ବିନା ନୋଟିସ୍‌ରେ ରୁଷିଆର 'ସ୍ପୁଟନିକ' ପ୍ରେରଣ ଓ ତୁମ ବିବାହ -ଏ ଦୁଇଟି ସାମ୍ପ୍ରତିକ କାଳରେ ଦୁଇଟି ଅଚାନକ ଘଟଣା ।

କିନ୍ତୁ ବଡ଼ ଆନନ୍ଦିତ ହେଲି । ତୁମକୁ ଅଜସ୍ର ଅଭିନନ୍ଦନ । ଇତି ମଧ୍ୟରେ ସମସ୍ତ ଉତ୍ସବ ଶେଷ ହୋଇଥିବ ସୁରୁଖୁରରେ ବୋଲି ଆଶା କରୁଛି । ତୁମ ବାପାଙ୍କର ଆଶ୍ୱସ୍ତ ମାନସିକ ଅବସ୍ଥା କଥା ମନେକରି ମୁଁ ଆହୁରି ବେଶି ଉତ୍‌ଫୁଲ୍ଲ ହେଉଛି ।

ତୁମେ ବର୍ତ୍ତମାନ ବହୁତ ବେଶି ଗୁଡାଏ ଅକ୍ଷର ପଢିବାର ଧୈର୍ଯ୍ୟ ରଖିନଥିବ (ଅନ୍ତତଃ ରଖି ନଥିବା ଉଚିତ) । ଅତଏବ ପୁନରାୟ ପ୍ରଚୁର ଅଭିନନ୍ଦନ ଓ ଆନ୍ତରିକ ଶୁଭକାମନା ସହ ରହୁଛି ।

ତୁମର
ମନୋଜ

Digitized by srujanika@gmail.com

ସାହିତ୍ୟ ସୃଷ୍ଟି ଓ ଭାଷଣ ଭଳି ପତ୍ରଲିଖନରେ ମଧ୍ୟ ମନୋଜ ବାବୁଙ୍କ ଅପୂର୍ବ ରସିକତାର ମଧୁକରୀ ସ୍ପର୍ଶ ଯେକୌଣସି ପାଠକ ପକ୍ଷରେ ଖୁବ୍ ଉପଭୋଗ୍ୟ । ଉଲ୍ଲିଖିତ ପତ୍ରଟି ତାର ଏକ ନଜିର ।

ସେ ମୋ ବାହାଘରରେ ଯୋଗଦେଇ ପାରିନଥିଲେ ବି ମୁଁ କିନ୍ତୁ ତାଙ୍କ ବାହାଘର ଉତ୍ସବରେ ଯୋଗଦେଇଥିଲି ନିମନ୍ତ୍ରଣ ପାଇ । ସେ ଏକ ଅପୂର୍ବ ଅନୁଭୂତି । କଟକରୁ ବରଯାତ୍ରୀ ଦଳରେ ଯାଇ ପାରାଦ୍ୱୀପ ଗଡ଼ରେ ପହଞ୍ଚିବା, ନଦୀବନ୍ଧ କୂଳେ କୂଳେ ହଜାର ହଜାର ଗ୍ରାମବାସୀଙ୍କ ଆନନ୍ଦ କୋଳାହଳ ଓ ବାଣ-ରୋଷଣି ଭିତରେ ବିବାହ-ଶୋଭାଯାତ୍ରାରେ ଯିବା, ବାହାଘର ପରଦିନ 'ମୃଗୟା' (ଶିକାର)ରୁ ଆସିଥିବା ହରିଣ ମାଂସର ସ୍ୱାଦ ଜୀବନରେ ପ୍ରଥମ ତଥା ଶେଷଥର ପାଇଁ ଚାଖିବା ଇତ୍ୟାଦିର ମଧୁର ସ୍ମୃତି ଏବେ ବି ଦୀର୍ଘ ଚାଳିଶବର୍ଷ ପରେ ମୋତେ ମୁଗ୍ଧ-ବିଭୋର କରେ ।

ଗତ ୧୯୯୬ ଓ ୧୯୯୭ ମସିହାରେ ଡଃ ହରେକୃଷ୍ଣ ମହତାବଙ୍କ ପ୍ରତିଷ୍ଠିତ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ପକ୍ଷରୁ ବିଷୁବ ମିଳନର ଶୁଭ ଅବକାଶରେ ଯେତେବେଳେ ମୋତେ ମୋର ସାମଗ୍ରିକ କାବ୍ୟ କୃତିପାଇଁ 'ଜଷ୍ଟିସ୍ ହରିହର ମହାପାତ୍ର ସ୍ମାରକ ପୁରସ୍କାର' ଓ 'ବିଷୁବ ପୁରସ୍କାର' ପ୍ରଦାନ କରାଗଲା, ସେତେବେଳେ ମୁଁ ଯେତେ ଆନନ୍ଦିତ ହୋଇ ନଥିଲି ମୋଠାରୁ ବେଶି ଖୁସି ହୋଇଥିଲେ ମନୋଜବାବୁ । ମୋର ଆକୈଶୋର ଶୁଭେଚ୍ଛୁ ତଥା ପରମବଂଧୁ ଭାବରେ ସୁଦୂର ପଣ୍ଡିଚେରୀରୁ ସେ ଯେଉଁ ଦୁଇଟି ପତ୍ର ଲେଖିଥିଲେ ତାର ଅକପଟ ଭାଷାହିଁ ସୂଚାଇ ଦିଏ ତାଙ୍କ ମହାନ୍ ବଂଧୁବତ୍ସଳତା । ସେ ଲେଖିଥିଲେ-

||୧||

ପ୍ରିୟ ବ୍ରଜ, ୧୯ ଏପ୍ରିଲ '୯୬

ନମସ୍କାର । 'ବିଷୁବ ମିଳନ ପୁରସ୍କାର' ସମ୍ବାଦ ଏବଂ ପୁରସ୍କାର ଗ୍ରହଣ ବେଳର ଫଟୋ ଦେଖି ଆନନ୍ଦିତ ହେଲି ଏକଥା କହିବାତ ବାହୁଲ୍ୟ । ବରଂ ବଡ ସୁନ୍ଦର, ମଧୁର ଅନୁଭୂତିରେ ବହୁ ସମୟ ଧରି ହୃଦୟ ଭରପୂର ରହିଲା । କେତେ ପୁରୁଣା ଦିନର ସ୍ମୃତି ଜୀଇଁ ଉଠିଲେ ।

ତୁମ ନିରବଚ୍ଛିନ୍ନ କାବ୍ୟସାଧନା ସମସ୍ତଙ୍କ ପାଇଁ ଏକ ଉଜ୍ଜ୍ୱଳ, ସମ୍ଭ୍ରାନ୍ତ ଦୃଷ୍ଟାନ୍ତ । ସେଭଳି ଦୃଷ୍ଟାନ୍ତ ରଖିବା ଖୁବ୍ କମ୍ କବି (ଶକ୍ତିମାନ୍ କବିଙ୍କ କଥାହିଁ କହୁଛି)ଙ୍କ ପକ୍ଷରେ ସମ୍ଭବ ହୋଇଛି । ଅଭିନନ୍ଦନ ଓ ଶୁଭେଚ୍ଛା ଗ୍ରହଣ କର । ଇତି ।

ତୁମର
ମନୋଜ ଦାସ

Digitized by srujanika@gmail.com

॥୨॥

ପ୍ରିୟ ବ୍ରଜ ,   ୧୫ ଏପ୍ରିଲ '୯୭

ନମସ୍କାର । ଆଜି ସକାଳେ 'ପ୍ରଜାତନ୍ତ୍ର' ସୁସମ୍ବାଦ ବହନ କରି ଆସି ପହଞ୍ଚିବାର ଅବ୍ୟବହିତ ପୂର୍ବରୁ ଶ୍ରୀମାନ୍ ସୁନୀଲ ପୃଷ୍ଟି ଟେଲିଫୋନ ଯୋଗେ ମୋତେ ତୁମ 'ବିଷୁବ ପୁରସ୍କାର' ପ୍ରାପ୍ତି ସମ୍ବାଦ ଦେଲେ ।

'ପ୍ରଜାତନ୍ତ୍ର' ୧ମ ପୃଷ୍ଠାରେ ତୁମର ସୌମ୍ୟ ଆଲୋକ ଚିତ୍ର ଦେଖିଲି । ମୁଁ ଖାଲି ଆନନ୍ଦିତ କହିଲେ ଯଥେଷ୍ଟ ହେବନାହିଁ, ତୁମର ଏ ପୁରସ୍କାର ପ୍ରାପ୍ତିରେ ମୋର ମନେହେଲା ମୋତେ ବି ଯେମିତି ପୁରସ୍କୃତ କରାଯାଉଛି । ଅଭିନନ୍ଦନ ଗ୍ରହଣ କର ।

ଗଭୀର ଶୁଭେଚ୍ଛା ଓ ନମସ୍କାର ସହ

ତୁମର

ମନୋଜ ଦାସ

ବହୁ ବଂଧୁ ଓ ଶୁଭେଚ୍ଛୁଙ୍କ ଅଭିନନ୍ଦନ ଭିତରେ ଏ ଚିଠି ଦୁଇଟି ମୋ ସ୍ମୃତିର ପରମ ସଂପଦ ହୋଇ ରହିଛି । ଜଣେ ବଂଧୁର କୃତିତ୍ୱରେ ଆଉ ଜଣେ ବଂଧୁ ଉତ୍ଫୁଲ୍ଲ ହୋଇ ଖୋଲା ହୃଦୟ ଓ ମନ ନେଇ ସଙ୍ଖୋଳିବା ଆଜି କ୍ୱଚିତ୍ ଦେଖାଯାଉଛି । ବରଂ ଜଣେ ବଂଧୁର କୃତିତ୍ୱ ଅନ୍ୟ ଜଣକ ମନରେ ଈର୍ଷା ଅସୂୟାର ସୂତ୍ରପାତ କରୁଛି । କିନ୍ତୁ ବଂଧୁ ମନୋଜ ବାବୁ ସାଧନା, ସିଦ୍ଧି ଓ କୃତିତ୍ୱରେ ମୋ ଠାରୁ ଯଥେଷ୍ଟ ଉପରେ ଥିଲେ ମଧ୍ୟ ଏବଂ ବହୁ ସମ୍ମାନ ଓ ପୁରସ୍କାର ଲାଭକରି ଗୌରବର ଶୀର୍ଷାରୋହଣ କରିଥିଲେ ମଧ୍ୟ ମୋ ଭଳି ଜଣେ କନିଷ୍ଠ ବଂଧୁ ପ୍ରତି ଏ ଯେଉଁ ଅକପଟ ସ୍ନେହ ଓ ଶ୍ରଦ୍ଧା ପ୍ରକଟ କରିଛନ୍ତି ତାହାହିଁ ତାଙ୍କ ମହନୀୟ ବ୍ୟକ୍ତିତ୍ୱ ଓ ଉଦାର ହୃଦୟର ରୁଚିରମ୍ୟ ଅଭିବ୍ୟକ୍ତି ।

ଜଣେ ଶକ୍ତିମାନ୍, ଯଶସ୍ୱୀ ସାରସ୍ୱତ ସ୍ରଷ୍ଟାହେବା ସହିତ ଜଣେ ନମ୍ର, ଭଦ୍ର ଓ ହୃଦୟବାନ୍ ବ୍ୟକ୍ତି ହୋଇ ପାରିଛନ୍ତି ମନୋଜବାବୁ । ଏଭଳି ନିରଭିମାନ ଓ ସ୍ନେହଶୀଳ ବ୍ୟକ୍ତିତ୍ୱ ଆଜି ଖୁବ୍ କମ୍ ସ୍ରଷ୍ଟାଙ୍କ ନିକଟରେ ଦେଖିବାକୁ ମିଳୁଛି । ସେଥିପାଇଁ ମନୋଜ ବାବୁ ସବୁବେଳେ ଜଣେ ସ୍ରଷ୍ଟାକୁ ପ୍ରଥମେ ଜଣେ ଭଲ ମଣିଷ ହେବା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି, ଯାହାକି ସେ ତାଙ୍କ ଜୀବନରେ ପରୀକ୍ଷା କରି ଦେଖାଇ ଦେଇଛନ୍ତି ।

ପଛକୁ ଫେରି ଚାହିଁଲା ବେଳକୁ ପାଞ୍ଚଟି ଦଶକରୁ ଉର୍ଦ୍ଧ୍ୱକାଳ ଗୋଟିଏ ଚଳଚଞ୍ଚଳ ହଳଦୀବସନ୍ତ ଭଳି ଫୁର୍ର୍ କରି ଉଡି ଗଲାଣି ! କେବଳ ସ୍ମୃତିର ସୁନେଲି ପର କେତୋଟି ଝାଡି ଦେଇଯାଇଛି ମନର ସୀମାହୀନ ଦିଗ୍‌ବଳୟରେ । ମନୋଜ ବାବୁଙ୍କ ସହ ସଂପର୍କ ଦୀର୍ଘ ୫୦ ବର୍ଷର । କେବଳ ଲୌକିକ ସଂପର୍କ ନୁହେଁ; ଏକ

Digitized by srujanika@gmail.com

ନିବିଡ ବଂଧୁତା ଓ ଆତ୍ମୀୟତା, ଏକ ସାରସ୍ୱତ ଅନ୍ତରଂଗତା,ଏ ସଂପର୍କକୁ କରିଛି ଆହୁରି ନିବିଡ ଓ ପ୍ରାଣବନ୍ତ । ତାଙ୍କ ସଂପର୍କରେ ସ୍ମୃତି ଚାରଣର ଇଏ ଅଛ କେତୋଟି ପଲକପାତର ଝଲକ ମାତ୍ର । ଲେଖିବସିଲେ ହୁଏତ ଏକ ପୂର୍ଣ୍ଣାଙ୍ଗ ଗ୍ରନ୍ଥହେବ । ତାଙ୍କର ଅଭିନନ୍ଦନ ଗ୍ରନ୍ଥପାଇଁ ଏହି ସ୍ମୃତିଲିପି ଲେଖି ପାରିଥିବାରୁ ନିଜକୁ ଧନ୍ୟ ମନେ କରୁଛି । ଏହି ଶୁଭ ଅବସରରେ ମୁଁ ଜଣେ ବନ୍ଧୁ ଭାବରେ କାମନା କରୁଛି, ମନୋଜ ବାବୁ ଶତାୟୁ ହୁଅନ୍ତୁ ଏବଂ ସୁସ୍ଥ ଦେହମନ ନେଇ ଓଡ଼ିଆ କଥା-ସାହିତ୍ୟକୁ ଆହୁରି ଶକ୍ତିମାନ୍, ଆହୁରି ପୁଷ୍କଳ ଓ ଐଶ୍ୱର୍ଯ୍ୟମଣ୍ଡିତ କରି ଜାତୀୟ ତଥା ଆନ୍ତର୍ଜାତୀୟ ସାରସ୍ୱତ ମାନଚିତ୍ରରେ ଏହାକୁ ସୁପ୍ରତିଷ୍ଠିତ କରାନ୍ତୁ । ତାଙ୍କ ଅନୁପମ କାହାଣୀ-କଳାର ଅପୂର୍ବ ଯାଦୁକରୀ ଶକ୍ତି ଆମକୁ ଚିରକାଳ ମୁଗ୍ଧ ଅନୁଭବ ଭିତରେ ସମ୍ମୋହିତ କରି ରଖୁ । ଆମକୁ ଦେଉ ଅସରନ୍ତି ଦିବ୍ୟ ଆନନ୍ଦର ସନ୍ଧାନ, ହେଉ ଅକଳନ୍ତା ପୁଲକର ଉତ୍ସ ।

• ସୁନହଟ
ବାଲେଶ୍ୱର- ୭୫୬ ୦୦୧

Digitized by srujanika@gmail.com

ଆମ ସମୟର ଶକ୍ତିମାନ୍, ଆଧୁନିକ କଥାଶିଳ୍ପୀ

ବିଭୂତି ପଟ୍ଟନାୟକ

"ଆମେ ଯେଉଁମାନେ ପଥ-ପ୍ରାନ୍ତରେ, ବେଳ-ଅବେଳେ
ହଠାତ୍‌କିନା
ଅଜଗର-ଅହି ଗରଳବାହୀର ଧ୍ୱଂସ ଲାଗି
ପ୍ରଜ୍ୱଳ କରୁ ଜନ୍ମେଜୟର ବହ୍ନିବାନା ।

ଚିହ୍ନିଛ କି ?
ରାତିର ଦୁର୍ଗେ ଢଳିପଡେ ଯେବେ ତୁମରି ଆଖି-
ପୌର୍ଣ୍ଣବାସର ଚନ୍ଦ୍ର ହୋଇ ଏ ଆକାଶ ଦେହେ
ପହରା ଦେଉଁ
ନବସୂର୍ଯ୍ୟର ଉଦୟ ଯାଏଁ"

ମନୋଜ ଦାସଙ୍କ 'ଆମେ ଯେଉଁମାନେ' କବିତାର ଏହି ଦୁଇଟି ଅଂଶ ଅନେକ ଦିନ ପର୍ଯ୍ୟନ୍ତ ମୋର ମନେ ରହି ଯାଇଥିଲା । ସଚ୍ଚି ରାଉତରାୟଙ୍କ 'ପାଣ୍ଡୁଲିପି' କବିତା ସଂକଳନ ପରେ ମନୋଜ ଦାସଙ୍କ ଆଠଅଣା ମୂଲ୍ୟର ଛୋଟ କବିତା ବହି 'ପଦଧ୍ୱନି'ରେ ମୁଁ ଖୋଜି ପାଇଥିଲି ମାର୍କ୍ସବାଦୀ ଚିନ୍ତାଧାରାର ଉଜ୍ଜ୍ୱଳ ସ୍ୱାକ୍ଷର ।

ସେହିପରି ତାଙ୍କ 'ସମୁଦ୍ରର କ୍ଷୁଧା' ଗଳ୍ପ ସଂକଳନ ।

ଶୀର୍ଷକ ଗଳ୍ପଟି ଯେ ତାଙ୍କର ପ୍ରଥମ ଗଳ୍ପ, ସେ କଥା ମତେ ଜଣା ନଥିଲା । ସେତେବେଳେ ସେ ଗଳ୍ପଟି ପଢି ମୁଁ ଚମକି ଯାଇଥିଲି । ୧୯୭୨ ମସିହାରେ ମୋ ସଂପାଦିତ 'ଗଳ୍ପ' ପତ୍ରିକାରେ ପ୍ରକାଶ ପାଇଁ ତାଙ୍କ ସହିତ ସାକ୍ଷାତକାର ନେଲାବେଳେ ଯେତେବେଳେ ତାଙ୍କୁ ଏ ଗଳ୍ପ ସମ୍ପର୍କରେ ପଚାରିଥିଲି, ସେ ଉତ୍ତରରେ କହିଥିଲେ -

"ଆପଣ ଜାଣନ୍ତି, ଆମ ଘର ଉତ୍ତର ବାଲେଶ୍ୱରର ଶଙ୍ଖାରି ଗ୍ରାମରେ - ଧମ୍ମାଦ୍ରକୂଳିଆ ଗ୍ରାମ -ଦ୍ୱିତୀୟ ମହାଯୁଦ୍ଧ ବେଳେ ଯୁଦ୍ଧ ଓ ଦୁର୍ଭିକ୍ଷ ଯୋଗୁଁ ଯେଉଁ ପ୍ରଳୟ ଅବସ୍ଥା ସୃଷ୍ଟି ହୋଇଥିଲା-ତାର ପ୍ରତ୍ୟକ୍ଷ ପ୍ରମାଣ ମୁଁ ଦେଖେ ସମୁଦ୍ର କୂଳରେ ଠିଆ

Digitized by srujanika@gmail.com

ହୋଇ । ସମୁଦ୍ରରେ ଜାହାଜର ଭଙ୍ଗା ଅଂଶ, ସାହେବଙ୍କ ମୃତଦେହ ଭାସୁଥାଏ । ବାଲେଶ୍ୱରର ଚାନ୍ଦିପୁରରେ ଥାଏ ସୈନ୍ୟ ଛାଉଣୀ-ତୋପ କମାଣ ଫୁଟିବାର ଶବ୍ଦ -ଏଇ ସବୁ-ମୃତ ଦେହ ଦେଖି, ଯୁଦ୍ଧ-ଦୁର୍ଭିକ୍ଷ ସଂପର୍କରେ ମୋ କିଶୋର ମନରେ ଯେଉଁସବୁ ଭାବନାର ଉଦ୍‌ବେଳନ ସୃଷ୍ଟି ହୋଇଥିଲା, ତାକୁ ମୁଁ ଗଳ୍ପରେ ରୂପଦେବାକୁ ଚେଷ୍ଟା କରିଥିଲି । 'ସମୁଦ୍ରର କ୍ଷୁଧା'ସେଇ ପ୍ରଚେଷ୍ଟାର ଫଳ ।''

'ପଦଧ୍ୱନି' କବିତା ବହି ଛପା ହୋଇଥିଲା ୧୯୫୪ ମସିହାରେ । ସେତେବେଳକୁ ଲେଖକଙ୍କର ବୟସ କୋଡ଼ିଏ । ତାର ଦୁଇବର୍ଷ ଆଗରୁ 'ସମୁଦ୍ରର କ୍ଷୁଧା' ପ୍ରକାଶିତ ହୋଇଥିଲା । ସେତେବେଳକୁ ମନୋଜ ବାବୁଙ୍କ ବୟସ ଆହୁରି କମ୍ - ଅର୍ଥାତ୍ ଅଠର । ଏତେ କମ୍ ବୟସରେ ଉତ୍ତର ବାଲେଶ୍ୱରର ଜଣେ କିଶୋର ବା ସଦ୍ୟ କିଶୋର ଜୀବନ ଓ ଜଗତକୁ ସମାଜ ସଚେତନ ଦୃଷ୍ଟିରେ ଦେଖିବାର କଳା-କୌଶଳ ଶିଖିଲେ କେଉଁଠୁ ?

ଏ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ବେଶି ସମୀକ୍ଷା ନିରୀକ୍ଷା ପ୍ରୟୋଜନ ନାହିଁ । 'ପଦଧ୍ୱନି' କବିତା ବହିର ପଛପଟେ ଲେଖକଙ୍କ ପ୍ରକାଶିତ ପୁସ୍ତକର ବିଜ୍ଞାପନରୁ ହିଁ ତାହା ସ୍ପଷ୍ଟ ହୋଇଯିବ ।

'ଶତାବ୍ଦୀର ଆର୍ତ୍ତନାଦ' ପୁସ୍ତକ ସଂପର୍କରେ ଉଲ୍ଲେଖ କରା ଯାଇଛି -''ଅତୀତ ସ୍ୱପ୍ନ-ସମାଧି-ଭିତରୁ ଆଗାମୀର ବାସ୍ତବ-ସତ୍ୟ ପଥରେ ଜଣେ କବିର ମାନସିକ କ୍ରମ ବିବର୍ତ୍ତନର ପ୍ରତିଛବି ।''

'ଶାନ୍ତି ସଂଗୀତ' ସଂପର୍କରେ ବିଜ୍ଞାପନ ଦିଆ ଯାଇଛି, ''ଗାଁ ଗହଳରେ ସେ ବହୁ ପରିଚିତ ପୁଲକିତ ସଙ୍ଗୀତ ।''

'ସମୁଦ୍ରର କ୍ଷୁଧା' ସଂପର୍କରେ କୁହା ଯାଇଛି-''ଯେଉଁ ବହିର ପାଣ୍ଡୁଲିପି ଓ ଅଧିକାଂଶ ମୁଦ୍ରିତ ଅଂଶ କଂଗ୍ରେସୀ ଚକ୍ରାନ୍ତରେ ଚିରଦିନ ପାଇଁ ଲୁଚି ରହିଲା ।''

ସ୍ୱପ୍ନ-ସମାଧି ଭିତରୁ ବାସ୍ତବ-ପ୍ରତ୍ୟୟ ଅନ୍ୱେଷଣ, ଗାଁ ଗହଳରେ କମ୍ୟୁନିଷ୍ଟ ପାର୍ଟି କର୍ମୀମାନଙ୍କ ଦ୍ୱାରା ଗାନ କରାଯାଇଥିବା ସୁଲଳିତ ଯୁଦ୍ଧ-ବିରୋଧୀ ସଂଗୀତ ଏବଂ ସାମ୍ୟବାଦ ବିରୋଧୀ କଂଗ୍ରେସୀ ଚକ୍ରାନ୍ତ ଫଳରେ ସ୍ଥିତାବସ୍ଥା-ବିରୋଧୀ ଗଳ୍ପର ପାଣ୍ଡୁଲିପି ଓ ମୁଦ୍ରିତାଂଶ ବିନଷ୍ଟ-ଗୋଟିଏ ଆଡ଼କୁ ଆଙ୍ଗୁଠି ଦେଖାଏ; ତାହା ହେଉଛି ମନୋଜ ବାବୁଙ୍କ ଲେଖାରେ ମାର୍କ୍ସବାଦୀ ଚେତନା । ସେଇ ଚେତନା ତାଙ୍କୁ ସେ କିଶୋର ବା ଆଦ୍ୟ-ଯୌବନରେ ରୋମାଣ୍ଟିକ ଦୃଷ୍ଟିଭଙ୍ଗୀ ବଦଳରେ ଏକ ସମାଜ-ବାସ୍ତବବାଦୀ ଜୀବନ-ଦର୍ଶନରେ ଅଧିକାରୀ କରିଥିଲା ।

ସେତେବେଳେ ତାଙ୍କୁ କୁହାଯାଉଥିଲା ଓଡ଼ିଶାର ସୁକାନ୍ତ ଭଟ୍ଟାଚାର୍ଯ୍ୟ ।

ଏହି ସମୟରେ ତାଙ୍କର ଅଧିକାଂଶ ଗଳ୍ପରେ ସାମନ୍ତବାଦ-ବିରୋଧୀ,

Digitized by srujanika@gmail.com

ପ୍ରଗତିଶୀଳ (ମାର୍କ୍ସବାଦର ଆପୋଷମୂଳକ ପ୍ରତିଶବ୍ଦ) ଭାବନାର ଉଜ୍ଜ୍ୱଳ ସ୍ୱାକ୍ଷର ଅଙ୍କିତ ହୋଇଛି । କିନ୍ତୁ ସଚ୍ଚିଦାନନ୍ଦ ରାଉତରାୟ କିମ୍ବା ମନୋଜ ଦାସଙ୍କ ଭଳି ପ୍ରଚଣ୍ଡ ପ୍ରତିଭାବାନ ସ୍ରଷ୍ଟା ଗୋଟିଏ ନିର୍ଦ୍ଦିଷ୍ଟ ରାଜନୀତିକ ବା ଅର୍ଥନୀତିକ ଚିନ୍ତାଧାରା ଦ୍ୱାରା ବେଶିଦିନ ବନ୍ଦୀ ହୋଇ ରହିବେ, ଏକଥା ଆଶା କରାଯାଇ ପାରେନାହିଁ ।

ତାଙ୍କ ବିବର୍ତ୍ତିତ ଚିନ୍ତାଧାରାର ପ୍ରଥମ ପ୍ରତିନିଧିମୂଳକ ଗଳ୍ପ ହେଉଛି 'ଆରଣ୍ୟକ' । ଏ ଗଳ୍ପ ସେତେବେଳେ ଜ୍ଞାନେନ୍ଦ୍ର ବର୍ମା ଓ ମୋ ସଂପାଦନାରେ ପ୍ରକାଶ ପାଉଥିବା ଗଳ୍ପପତ୍ର 'ମୌସୁମୀ'ରେ ପ୍ରକାଶନ ପାଇଁ ମୁଁ ମନୋଜ ବାବୁଙ୍କ ଠାରୁ ମାଗି ଆଣିଥିଲି । କିନ୍ତୁ ଜ୍ଞାନେନ୍ଦ୍ର ବାବୁ ଏ ଗଳ୍ପଟି 'ମୌସୁମୀ'ରେ ଛାପିବାକୁ ରାଜି ହେଲେନାହିଁ । ତାଙ୍କର ପ୍ରଧାନ ଯୁକ୍ତି ହେଲା -ଏ ଗଳ୍ପଟି ମନୋଜ ବାବୁଙ୍କ ଆଗ ଗପ ଭଳି ହୋଇନାହିଁ ।

ଆଗ ମାନେ ପଛ; ପୂର୍ବରୁ ମନୋଜ ବାବୁ ଯେଉଁ ପରି ସମାଜ-ବାସ୍ତବବାଦୀ ଗଳ୍ପ ଲେଖୁଥିଲେ, ଏ ଗଳ୍ପଟି ତାର ବ୍ୟତିକ୍ରମ । ଜ୍ଞାନେନ୍ଦ୍ର ବାବୁ ଏ ବ୍ୟତିକ୍ରମୀ ଗଳ୍ପଟିକୁ ଭୁଲ ମଧ ବୁଝିଥିଲେ । ତାଙ୍କର ଧାରଣା ହୋଇଥିଲା, ମଦ ନିଶାରେ ପ୍ରକୃତରେ ଆଦିମ ପ୍ରକୃତିର ବଶବର୍ତ୍ତୀ ହୋଇ ସେଇ ଆରଣ୍ୟକ ପରିବେଶ ମଧରେ ସେମାନେ ଶିକାର କରାଯାଇଥିବା ବାର୍‌ହା ନୁହେଁ, ମିସେସ୍ ମିଟିଙ୍କ ମିଥ୍ୟା ଅଭିଯୋଗ ଫଳରେ ମାଡ ଖାଇ ଅଚେତ ହୋଇ ଶୋଇପଡିଥିବା ଶ୍ୟାମଳକୁ ଆଣି ନିଆଁ କୁଣ୍ଡ ଭିତରେ ସିଝାଇ ଖାଇ ଦେଇଛନ୍ତି ।

ମୁଁ ବୁଝାଇଲି ଯେ, ମିସେସ ମିଟି ''ଧର ଯଦି କୋଠରୀ ଭିତରେ ଶ୍ୟାମଳ ବଦଳରେ ବାର୍‌ହାକୁ ଦେଖ'' କଥାକୁ ବାରମ୍ବାର ପୁନରାବୃତ୍ତି କରିବା ମଧରେ ତାଙ୍କର ଅତୃପ୍ତ ଯୌନ କ୍ଷୁଧାର ଇଙ୍ଗିତ ବହନ କରିଛି, ପ୍ରକୃତରେ ସେମାନେ ସେଦିନ ବାର୍‌ହା ମାଂସହିଁ ଖାଇଛନ୍ତି'' -ସେ କଥା ସେ ବୁଝିବାକୁ ରାଜି ହୋଇ ନଥିଲେ ।

ସେ ଗଳ୍ପଟି ଛାପି ନପାରି ଫେରାଇ ଦେଲାବେଳେ ମୁଁ ଖୁବ୍ ଅସ୍ୱସ୍ତି ଓ ଅପ୍ରସ୍ତୁତ ବୋଧ କରିଥିଲି । କିନ୍ତୁ ସେଇଟି ଯେ ତାଙ୍କର ଏକ ଶକ୍ତିଶାଳୀ ମୋଡ ବଦଳର ଗଳ୍ପ, ଏଥିରେ ମୋର ସଂଦେହ ନଥିଲା ।

ଷାଠିଏ ଦଶକ ମଝିରେ ମନୋଜ ବାବୁ ଆସ୍ତେ ଆସ୍ତେ ମାର୍କ୍ସବାଦ ଠାରୁ ଘୁଞ୍ଚି ଘୁଞ୍ଚି ଆଧାତ୍ମିକତା ପାଖରେ ପହଞ୍ଚି ସାରିଥିଲେ । ଶ୍ରୀ ଅରବିନ୍ଦଙ୍କ ଦର୍ଶନର ପ୍ରଭାବରୁ ଏପରି ଘଟିଥିଲା କି ମାର୍କ୍ସବାଦର ସୀମାବଦ୍ଧତା ତାଙ୍କ ସୃଜନଶୀଳ ଚେତନାରେ ପରିବର୍ତ୍ତନ ଆଣିଥିଲା, ସେ ପ୍ରଶ୍ନ ଅବାନ୍ତର । କିନ୍ତୁ ସମକାଳୀନ ସମସ୍ୟା କଣ୍ଟକିତ ସମାଜ-ଜୀବନ ବଦଳରେ ସେ ଯେ ଡିଭାଇନ୍ ଲାଇଫ ବା ବ୍ରହ୍ମଲୋକର ସଂଧାନରେ ବାହାରି ଥିଲେ ତାଙ୍କର ପରବର୍ତ୍ତୀ ଗଳ୍ପ ଗୁଡିକରେ ତାହା ସ୍ପଷ୍ଟ ହୋଇ ଉଠୁଥିଲା ।

ମାର୍କ୍ସ ନିଜେ ଆଧାତ୍ମିକ ଜୀବନର ପୂଜାରୀ ଥିଲେ । Erich frommଙ୍କ

Digitized by srujanika@gmail.com

ଭାଷାରେ "Marx's aim was that of the spiritual imancipation of man, of his liberation, from the chains of economic determination, of restituting him in his human wholeness of enabling him to find unity and harmony with his fellow men and with nature."

ମାର୍କ୍ସବାଦ ମଧ୍ୟ ମାନବ ମୁକ୍ତିର ଦର୍ଶନ । ବ୍ୟକ୍ତି ଅନ୍ୟ ସାମାଜିକ ମଣିଷ ଏବଂ ପ୍ରକୃତି ସହିତ ଐକ୍ୟ ଓ ସଂହତି ସ୍ଥାପନ କରିବା ଜରିଆରେ ଏହି ଆଧ୍ୟାତ୍ମିକ ମୁକ୍ତିଲାଭ କରିପାରେ । କିନ୍ତୁ 'ଅନ୍ନ ବିହୁନେ ହଂସ ହାନି'; ଅନ୍ନ କଷ୍ଟ ଭୋଗୁଥିବା ମଣିଷ ଆଧ୍ୟାତ୍ମିକ ମୁକ୍ତି ପାଇଁ ଯୋଗସାଧନା ବା କରି ପାରିବ କିପରି ?

ଶ୍ରୀ ଅରବିନ୍ଦଙ୍କ ପରିକଳ୍ପିତ 'the ideal of the Kingdom of God' ପାଖକୁ ଫେରିଯିବାକୁ ହେଲେ ମଣିଷକୁ ତାର ଚେତନାର ଉତ୍ତରଣ ଉପରେ ନିର୍ଭର କରିବାକୁ ପଡିବ । ସବୁ ଥିବା ଭିତରେ କିଛି ନଥିବାର ଅତୃପ୍ତି, ମଣିଷର ଅସହାୟତାର ନିଶାଣ । ସେଇ ଅସହାୟତା ସଂପର୍କରେ ସଚେତନତା ମଣିଷକୁ ଆଧ୍ୟାତ୍ମିକତା ଆଡକୁ ନେଇଯାଏ । ଏହିପରି ଭାବରେ ତାର ଚେତନାର ବିକାଶ ଘଟେ ।

ମନୋଜ ଦାସ ତାଙ୍କ ପରବର୍ତ୍ତୀ ଗଳ୍ପଗୁଡିକରେ ମଣିଷର ଏହି ଅସହାୟତାକୁ ଖୁବ୍ ଯତ୍ନର ସହିତ ଉପସ୍ଥାପନ କରିଛନ୍ତି । ଆର୍ଥିକ ଅନଟନରୁ ଅସହାୟତା ଏବଂ ଆଧ୍ୟାତ୍ମିକ ନିଃସଙ୍ଗତା ଏକା କଥାନୁହେଁ । ଶ୍ରେଣୀ-ସଂଘର୍ଷ ଦ୍ୱାରା ଆର୍ଥନୀତିକ ବୈଷମ୍ୟକୁ ଦୂର କରାଯାଇପାରେ, କିନ୍ତୁ ଆତ୍ମିକ ସଂକଟରୁ ତ୍ରାହି ପାଇବା ପାଇଁ ପ୍ରୟୋଜନ ଚେତନାର ଉତ୍ତରଣ ।

ମନୋଜ ଦାସ ଆମ ସମୟର ସବୁଠାରୁ ଶକ୍ତିଶାଳୀ ଏବଂ ଆଧୁନିକ କଥାଶିଳ୍ପୀ । ସ୍ଥୂଳ କାହାଣୀକୁ ରୂପକରେ ରୂପାନ୍ତରିତ କରିବାପାଇଁ ସେ ଆମର ଲୋକକଥା, ରୂପକଥାର ଆଙ୍ଗିକକୁ ସଫଳତାର ସହିତ ବ୍ୟବହାର କରିଛନ୍ତି । ମୋ ସଂପାଦିତ ଅନିୟମିତ ଗଳ୍ପପତ୍ର 'ଗଳ୍ପ'ର ପ୍ରଚ୍ଛଦପଟରେ ଥରେମାତ୍ର ଜଣିଏ କଥାଶିଳ୍ପୀଙ୍କର ଛବି ଛପା ହୋଇଥିଲା-ସେ ହେଉଛନ୍ତି ମନୋଜ ଦାସ । ତାପରେ ଅନେକ ପ୍ରବୀଣ, ନବୀନ ଗାଳ୍ପିକ 'ଗଳ୍ପ'ର ପ୍ରଚ୍ଛଦ ଅଧିକାର କରିବା ପାଇଁ ମୋ ଉପରେ ଚାପ ପ୍ରୟୋଗ କରିଛନ୍ତି -ମୁଁ ଚାପି ହୋଇ ଯାଇନାହିଁ । କାରଣ ଏବେ ବି ମୋର ଦୃଢ ବିଶ୍ୱାସ ଆମ ସାମସମୟିକ ଗଳ୍ପ-ଲେଖକମାନଙ୍କ ମଧ୍ୟରୁ କ୍ଲାସିକଧର୍ମୀ ଆଧୁନିକ ଗଳ୍ପ ଲେଖିବାରେ କେହି ମନୋଜ ବାବୁଙ୍କୁ ଆଜିସୁଦ୍ଧା ଅତିକ୍ରମ କରି ପାରି ନାହାନ୍ତି ।

• ୩, ଏଚ, ଲୁଇସ ରୋଡ
ଭୁବନେଶ୍ୱର -୧୪

Digitized by srujanika@gmail.com

ମୋର ଛାତ୍ର ଜୀବନର ବନ୍ଧୁ ମନୋଜ ଦାସ

ଯୁଗଳ କିଶୋର ଦତ୍ତ

ଜୀବନରେ ବହୁତ ମଣିଷଙ୍କ ସହିତ ପରିଚୟ ହୋଇଥାଏ, କିନ୍ତୁ କେତେଜଣଙ୍କୁ ସାରା ଜୀବନ ମନେରହେ ? ସେହିମାନେ ମନେ ରହିଥାଆନ୍ତି ଯେଉଁମାନେ ମନ ଭିତରେ ବସାବାନ୍ଧି ରହିଯାଆନ୍ତି । ଅତୀତକୁ ଭାବିବାବେଳେ ଯେଉଁମାନଙ୍କ କଥା ଆଖି ଆଗରେ ଭାସିଉଠେ ତାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ହୋଇ ଉଠେନାହିଁ; ତଥାପି ସେହି ସ୍ମୃତି ଅତି ମଧୁର । ସେହି ସ୍ମୃତିକୁ ମନେ ପକାଇବା ବେଳେ ଆଜି ମନେ ପଡିଯାଉଛି ମୋର ୧୯୫୦ ମସିହା କଥା । ସେତେବେଳେ ଯେଉଁମାନଙ୍କ ସହିତ ମୋର ବନ୍ଧୁତା ହୋଇଥିଲା, ସେମାନଙ୍କ ମଧ୍ୟରୁ ଆଜି କେତେଜଣ କେବଳ ଓଡ଼ିଶା ନୁହନ୍ତି ଓଡ଼ିଶା ବାହାରେ ସର୍ବଭାରତୀୟ ସ୍ତରରେ ସୁପରିଚିତ ହୋଇ ଉଠିଛନ୍ତି । ସେମାନଙ୍କ ମଧ୍ୟରେ ମନୋଜ ଦାସ ଅନ୍ୟତମ । ୧୯୫୦ ମସିହା, ସେତେବେଳେ ମୁଁ ବାଲେଶ୍ୱର କଲେଜ (ବର୍ତ୍ତମାନ ଫକୀର ମୋହନ କଲେଜ)ର ତୃତୀୟ ବାର୍ଷିକ (କଳା) ଛାତ୍ର ଏବଂ ମନୋଜ ଦାସ ବାଲେଶ୍ୱର ଜିଲ୍ଲାସ୍କୁଲର ଦଶମ ଶ୍ରେଣୀର ଛାତ୍ର । ସେତେବେଳେ ସେ ନିଜନାମ ମନୋଜ କୁମାର ଦାସ ବୋଲି ଲେଖୁଥିଲେ । ମନୋଜ ଦାସଙ୍କ ସହିତ ମୋର ପରିଚୟ ଓ ବନ୍ଧୁତା ହୋଇଥିଲା ସାହିତ୍ୟ ମାଧ୍ୟମରେ । ୧୯୫୦ ମସିହାରେ ମନୋଜ ଦାସ ଗୋଟିଏ ଖଣ୍ଡ-କାବ୍ୟ ଲେଖିଥିଲେ, ଯା'ର ନାମ-'ବିପ୍ଳବୀ ଫକୀରମୋହନ' । ମୋତେ ଖଣ୍ଡିଏ ବହି ଉପହାର ଦେଇ ସେଥିରେ ସେ ଲେଖିଥିଲେ -''ବିଶିଷ୍ଟ ତରୁଣ କବି ଶ୍ରୀ ଯୁଗଳ କିଶୋର ଦତ୍ତ, କରକମଳେଷୁ —ଶ୍ରୀ ମନୋଜ କୁମାର, ୧୩-୧୦-୫୦ ।'' ସେହି ବହି ଖଣ୍ଡିକ ମୋ ପାଖରେ ଏବେ ମଧ୍ୟ ଅଛି । ଯେଉଁଦିନ ଭୁବନେଶ୍ୱର ସୂଚନା ଭବନ'ଠାରେ ତାଙ୍କ ସହିତ ମୋର ଦେଖା ହୋଇଥିଲା ୨୦୦୦ ମସିହାରେ ତାଙ୍କୁ ଏହି ବହି କଥା କହିବାବେଳେ ସେ ମୋର ଦୁଇହାତ ଧରି ହସି ହସି ଆଶ୍ଚର୍ଯ୍ୟ ହୋଇ କହି ଉଠିଥିଲେ-''ଆପଣ, ଏହି ଦୀର୍ଘ ୫୦ ବର୍ଷ ହେଲା ସେହି ବହି ଖଣ୍ଡିକ ସାଇତି ରଖିଛନ୍ତି ?'' ସେହି ୧୯୫୦ ମସିହାରେ ମନୋଜ ବାବୁଙ୍କ ସଂପାଦନାରେ 'ଦିଗନ୍ତ' ପତ୍ରିକାର ଶୁଭାରମ୍ଭ ହୋଇଥିଲା ବାଲେଶ୍ୱରଠାରେ । ଆମେ ଛଅ ଜଣ ସମ୍ପାଦକ

Digitized by srujanika@gmail.com

ମଣ୍ଡଳୀରେ ଥିଲୁ, ଯଥା-ଶ୍ୟାମ ସୁନ୍ଦର ମହାପାତ୍ର, ସଦାନନ୍ଦ ଦାସ, ରାଜଶ୍ରୀ ଦାସ, ଜୀତେନ୍ଦ୍ର ନାଥ ଦାସ, ଅନ୍ନଦା ରକ୍ଷିତ ଓ ମୁଁ । ଏହି ସମୟରେ ମନୋଜ ଦାସଙ୍କ ସହିତ ବନ୍ଧୁତା ଗାଢରୁ ଗାଢତର ହୋଇଥିଲା ।

ସେହି ବନ୍ଧୁ ମନୋଜ ଦାସଙ୍କର ଆଉ ଗୋଟିଏ କଥା ଏବେ ମଧ୍ୟ ମୋ ମନତଳେ ଦାଗ ଆଙ୍କି ଦେଇଛି । ମୁଁ ୨୪ଗୋଟି ଓଡ଼ିଆ ଗଳ୍ପ ବଙ୍ଗଳାରେ ଅନୁବାଦ କରି 'ଓଡ଼ିଶାର ନିର୍ବାଚିତ ଗଳ୍ପ' ନାମରେ ପ୍ରକାଶ କରିଥିଲି । କଲିକତାର ପ୍ରଖ୍ୟାତ ପ୍ରକାଶକ 'ଦେଜ୍ ପବ୍ଲିସିଙ୍ଗ୍' ୧୯୯୪ ମସିହାରେ ଏହା ପ୍ରକାଶ କରିଥିଲେ । ସେଥିରେ ମନୋଜ ଦାସଙ୍କର 'ଶେଷ ବସନ୍ତର ଚିଠି' ଗଳ୍ପଟି ବଙ୍ଗଳାରେ ଅନୂଦିତ ହୋଇ ପ୍ରକାଶିତ ହୋଇଥିଲା । ଏହି ବହିର ପରିକଳ୍ପନା ଉଦ୍ୟୋଗ ସହିତ ଏହାର ଭୂମିକା ଲେଖିଥିଲେ ବଙ୍ଗଳା ସାହିତ୍ୟର ପ୍ରଖ୍ୟାତ ଗାଳ୍ପିକ ଓ ଔପନ୍ୟାସିକ 'ଶଙ୍କର' । ସେ ମୋତେ କହିଥିଲେ ଯେଉଁ ୨୪ ଜଣଙ୍କର ଓଡ଼ିଆ ଗଳ୍ପ ଅନୂଦିତ ହୋଇଛି, ସେମାନଙ୍କଠାରୁ ଅନୁମିତି ଆଣିବା ପାଇଁ । ମୁଁ ଯେତେବେଳେ ମନୋଜ ଦାସଙ୍କୁ ତାଙ୍କ ଗଳ୍ପ ଅନୁବାଦ କରିବାପାଇଁ ଅନୁମତି ମାଗିଥିଲି, ସେ କହିଥିଲେ ଯୁଗଳବାବୁ, ଆପଣଙ୍କୁ ମୁଁ ମୋର ନିଜ ହାତରେ ଅନୁମତି ଲେଖି ଦେଇ ପାରିବିନାହିଁ, କାରଣ ମୋତେ ବଡ ସଂକୋଚ ଲାଗୁଛି । ଆପଣ ଲେଖି ଦିଅନ୍ତୁ ମୁଁ ଆପଣଙ୍କୁ ମୌଖିକ ଭାବରେ ଅନୁମତି ଦେଉଛି ।

ମୁଁ ତେଣୁ ଅନ୍ୟମାନଙ୍କର ଅନୁମତି ପତ୍ର ସହିତ ଲେଖିଦେଇଥିଲି, ''ମନୋଜ୍ ଦାସ ହ୍ୟାଜ୍ ଗିଭିନ୍ ମି ଭରବାଲ ପରମିଶନ ଫର ହିଜ୍ ଷ୍ଟୋରି 'ଶେଷ ବସନ୍ତର ଚିଠି ।'' ଶଂକର ତାହା ପଢି ମୋତେ ପଚାରିଥିଲେ, ''ମନୋଜ ବାବୁ କ'ଣ ଆପଣଙ୍କୁ ଏହା ଲେଖିବା ପାଇଁ କହିଛନ୍ତି ?'' ଏହାକହି ସେ ତାକୁ ଗ୍ରହଣ କରି ନେଇଥିଲେ । ପ୍ରକୃତରେ ଗର୍ବରେ ମୋର ଛାତି ଭରି ଯାଇଥିଲା, କାରଣ ଓଡ଼ିଶାର ଜଣେ ଗାଳ୍ପିକ ଓଡ଼ିଶା ବାହାରେ ମଧ୍ୟ ନିଜର ପରିଚୟ ଓ ସମ୍ମାନ କିଭଳି ବଜାୟ ରଖିଛନ୍ତି, ତାହା ଜାଣି ।

ସେହି ମନୋଜ ଦାସ ଆଜି ସର୍ବଭାରତୀୟସ୍ତରରେ ବହୁ ସମ୍ମାନରେ ଅଧିକାରୀ । ମୁଁ ମଧ୍ୟ ଗର୍ବ ଅନୁଭବ କରେ ଯେ, ସେ ଏକଦା ମୋର ଛାତ୍ରଜୀବନର ବନ୍ଧୁ ଥିଲେ ।

• ୧୫୧/ଏଲ୍-୩,
ଆଚାର୍ଯ୍ୟ ବିହାର
ଭୁବନେଶ୍ୱର - ୭୫୧ ୦୧୩

Digitized by srujanika@gmail.com

କିଛି ଅଭୁଲା ସ୍ମୃତି ଓ ଅନୁଭୂତି

ଇନ୍ଦୁଭୂଷଣ କର

ମନୋଜ ଦା' ମୋ ଠାରୁ ବୟସରେ ଏକବର୍ଷ ବଡ । ସମ୍ପର୍କରେ ସେ ମୋର ପିଉସୀ ପୁଅ ଭାଇ । ତାଙ୍କ ବାପା ୰ ମଧୁସୂଦନ ଦାସ ମୋର ପିଉସା ଓ ମାଆ ୰କାଦମ୍ବିନୀ ଦେବୀ ପିଉସୀ । ଶଙ୍ଖାରୀ 'ଦାସ' ପରିବାର ଓ ଚଣ୍ଡୀପୁରର 'କର' ପରିବାର ମଧ୍ୟରେ ପାରିବାରିକ ସମ୍ବନ୍ଧ ଖୁବ୍ ନିବିଡ ଥିଲା । ମୋ ବାପା, ଯୋଗେନ୍ଦ୍ର ନାଥ କର ଓ କକା ମନ୍ମଥ ନାଥ କରଙ୍କୁ ମନୋଜ ଦା', ମାମୁ ବୋଲି ଡାକୁଥିଲେ । ପିଲାଦିନର ମନୋଜ ଦା' ସହିତ ସମ୍ପର୍କ ଖୁବ୍ ନିବିଡ଼ ଓ ଅନ୍ତରଂଗ ଥିଲା । ମୁଁ ଯେତେବେଳେ ୧୦ ବର୍ଷର ସେତେବେଳେ ମନୋଜ ଦା' ଦିନେ ଆମଘରକୁ ଆସିଥିଲେ । ମୋ ବଡ କକା ଥିଲେ ଜଣେ ଖ୍ୟାତନାମା ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ । ସେ ନିଜେ ଗୋଟିଏ ଯାତ୍ରାଦଳ ଗଢି ଓଡ଼ିଆ ଯାତ୍ରା ଉତ୍ତର ବାଲେଶ୍ୱର ଓ ମେଦିନୀପୁରର ପୁରପଲ୍ଲୀରେ ପରିବେଷଣ କରୁଥିଲେ । ମନୋଜଦା' ଆସି ଆମଘରେ ରହିଲେ ଓ ଆମଘରେ ଥିବା ଯାତ୍ରାଦଳର ବିଭନ୍ନ ରଂଗର (ଅଭିନେତା ଓ ଅଭିନେତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ) ପୋଷାକ ଦେଖି ମୁଗ୍ଧ ହୋଇଗଲେ । ଏହି ସାଜଘରର ଗୋଟିଏ କୋଣରେ ଥିଲା, ଢାଲ, ବର୍ଚ୍ଛା ଓ ସୁଦର୍ଶନ ଚକ୍ର । ମନୋଜଦା'ଙ୍କ ଦୃଷ୍ଟି ପଡିଲା ସେଇ 'ସୁଦର୍ଶନ ଚକ୍ର' ଉପରେ । ତାକୁ ନେବାପାଇଁ ତାଙ୍କର ଖୁବ୍ ଆଗ୍ରହ ଓ ଇଛା । କକାଙ୍କୁ କହିଲେ-'ମନମାମୁ ମୁଁ ତୁମ ସାଜଘରର ସେଇ ସୁଦର୍ଶନ ଚକ୍ରଟି ନେବି ।'' କକା ହସି ହସି କହିଲେ-''ମଣ୍ଟୁ, ତୋତେ ମୁଁ ସୁଦର୍ଶନ ଚକ୍ର ଦେଲି; ତୁ ଘରକୁ ଯିବା ଦିନ ନେଇଯିବୁ ।'' ମନୋଜ ଦା' ସଙ୍ଗେ ସଙ୍ଗେ ସେ ସୁଦର୍ଶନ ଚକ୍ର ଧରି ହାତରେ ଘୂରାଇ ଅଗଣାରେ ଦଉଡିବାକୁ ଆରମ୍ଭ କଲେ । ମୁଁ କକାଙ୍କ ପାଖରେ ପ୍ରତିବାଦ କଲି-''ନା, ଆମ ସୁଦର୍ଶନ ଚକ୍ର ତାଙ୍କୁ ଦେବାନାହିଁ ।'' ମୁଁ ମନୋଜ ଦା'ଙ୍କ ପଛେ ପଛେ ଧାଇଁଲି ପାଟି କଲି ,-''ନା, ନା ସୁଦର୍ଶନ ଚକ୍ର ନିଅନା ।'' ମୋର ଅବୁଝାପଣ ଦେଖି ମୋ ବଡ ଭଉଣୀ ସୁରବାଳା ଦିଦି ମୋତେ ବୁଝାଇଲେ, ''ନା, ଇନ୍ଦୁ, ତୁ ଅଝଟ ହଅନା; ମଣ୍ଟୁ ତୋର ବଡଭାଇ, ସେ ନେଇଯାଉ; ଆମେ ଆଉ ଗୋଟିଏ ସୁଦର୍ଶନ ଚକ୍ର ଆଣିବା ।'' ବଡ ଭଉଣୀ କଥାରେ ମୁଁ ରାଜି ହୋଇଗଲି । ତା'ପରେ ମନୋଜ ଦା ଓ

Digitized by srujanika@gmail.com

ମୁଁ ସେ ସୁଦର୍ଶନ ଚକ୍ର ଧରି କେତେ ଅଭିନୟ, କେତେ ଅନ୍ତରଙ୍ଗ ଆଳାପ କରିଛୁ । ଆଜି ପିଲାଦିନର ସେ ଅଭୁଲା ସ୍ମୃତି ମନେ ପଡିଲେ, ମନରେ ଗୋଟିଏ କଥା ଉଙ୍କିମାରେ । ବାସ୍ତବରେ ମନୋଜ ଦା'ଙ୍କ ଅନ୍ତରରେ ସୁପ୍ତହୋଇ ଥିଲା ବୋଧହୁଏ ଶ୍ରୀକୃଷ୍ଣଙ୍କର ସେହି ''ଦିବ୍ୟଚେତନା'', ଯାହା ତାଙ୍କୁ ତାଙ୍କର ପିଲାଦିନେ ହିଁ ଆକର୍ଷଣ କରିଥିଲା ସୁଦର୍ଶନ ଚକ୍ର ଆଡକୁ । ସେତେବେଳେ ତାଙ୍କର ବୋଧହୁଏ ବୟସ ୧୧ ବର୍ଷ ହେବ । ଆଜି ଭାବିଲେ ବିସ୍ମିତ ହେବାକୁ ପଡେ ଯେ ଯେଉଁ କିଶୋର ଦିନେ ସୁଦର୍ଶନ ଚକ୍ରଧରି ଆମ ଘର ଅଗଣାରେ କୃଷ୍ଣ ଚରିତ୍ରରେ ମିଛ ଅଭିନୟ କରି ଆନନ୍ଦରେ ବିଭୋର ହୋଇ ଦଉଡୁଥିଲା, ସେ ଆଜି ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଉତ୍ସର୍ଗୀକୃତ ଜଣେ ଯଶସ୍ୱୀ ସାରସ୍ୱତ ସାଧକ । ଏହି ଏକ କ୍ଷୁଦ୍ର ଘଟଣାର ସ୍ମୃତିକୁ ଆଜି ବି ମନେ ପକାନ୍ତି ମନୋଜ ଦା' । ମୋର ବଡ ଭଉଣୀ ସୁରଦିଦି ବି (ବୟସ ୭୦ ହେବ) ମନୋଜ ଦା'ଙ୍କ କଥା ପଚାରନ୍ତି ''ମଣ୍ଟୁର କ'ଣ ସବୁ ଉପନ୍ୟାସ ପ୍ରକାଶିତ ହେଲାଣି, ମୋ ପାଖକୁ ଇନ୍ଦୁ ପଠାଇବୁ ।'' ସେ ମନୋଜ ଦା'ଙ୍କ ଜଣେ ଗୁଣମୁଗ୍ଧ ପାଠିକା । ଆମ ପରିବାରର ସମସ୍ତେ ଆଗ୍ରହର ସହିତ ମନୋଜ ଦା'ଙ୍କ ଗଳ୍ପ ଉପନ୍ୟାସ ପଢନ୍ତି । ତାଙ୍କ ସହିତ ଏମିତି ହସଖୁସି ଖେଳରେ କୈଶୋର କଟିଲା ପରେ ୧୯୫୩ ମସିହାରେ ମୁଁ ଫକୀରମୋହନ କଲେଜରେ ଭର୍ତ୍ତି ହେଲି । ସେତେବେଳେ ମନୋଜ ଦା', ଷ୍ଟୁଡେଣ୍ଟସ୍ ଫେଡେରେସନ୍‌ର ବରିଷ୍ଠ ଛାତ୍ରନେତା ଓ ଫକୀରମୋହନ ମହାବିଦ୍ୟାଳୟ ଛାତ୍ର ୟୁନିୟନ୍‌ର ସଭାପତି । ତାଙ୍କର ସାହିତ୍ୟ ପ୍ରତିଭା, କବିତ୍ୱ ଓ ଭାଷଣରେ ପ୍ରଭାବିତ ହୋଇ, ମୁଁ ମଧ୍ୟ ଷ୍ଟୁଡେଣ୍ଟସ୍ ଫେଡେରେସନରେ ଯୋଗଦେଲି । ମନୋଜ ଦା'ଙ୍କ ପଦାଙ୍କ ଅନୁସରଣ କରି, ମୁଁ, କବି ବ୍ରଜନାଥ ରଥ ଓ ବିଶ୍ୱେଶ୍ୱର ଦେ ଆମେ ତିନିଜଣ ବଂଧୁ ବାମପନ୍ଥୀ ଚିନ୍ତାଧାରା ଓ ସାହିତ୍ୟ ପ୍ରତି ଆକୃଷ୍ଟ ହେଲୁ । ମୋର ମନେ ପଡୁଛି ମନୋଜ ଦା'ଙ୍କ ନେତୃତ୍ୱରେ ବାଲେଶ୍ୱରରେ ଏକ ବଡ ଧରଣର ଛାତ୍ର ସମ୍ମିଳନୀ ହୋଇଥିଲା । ସେଥିରେ ବଙ୍ଗଳାର ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଶମ୍ଭୁ ମିତ୍ର, ଅଭିନେତା ମନୋରଞ୍ଜନ ଭଟ୍ଟାଚାର୍ଯ୍ୟ, ସନ୍ଦୀପ ସାନ୍ୟାଲ ପ୍ରଭୃତି ଖ୍ୟାତନାମା କଳାକାରମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶମ୍ଭୁ ମିତ୍ରଙ୍କ ବଙ୍ଗଳା କବିତା ଆବୃତ୍ତି ମୋତେ ମନ୍ତ୍ରମୁଗ୍ଧ କରିଥିଲା । କଲେଜରେ ପଢିବା ଦିନଠୁ ମୁଁ ଧୀରେ ଧୀରେ ମନୋଜ ଦା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଗଲି । ସାହିତ୍ୟ, ସାଂସ୍କୃତିକ ସଭା ସମିତି ଓ ଛାତ୍ର ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇ ପଡିଲି । ୧୯୫୭ ମସିହାରେ ଷ୍ଟୁଡେଣ୍ଟସ୍ ଫେଡେରେସେନ୍ ତରଫରୁ ମୁଁ ଫକୀର ମୋହନ କଲେଜ ନିର୍ବାଚନରେ ଜୟୀ ହୋଇ କଲେଜ ୟୁନିୟନ୍‌ର ସଭାପତି ହେଲି ଓ ଫକୀର ମୋହନ କଲେଜ ଛାତ୍ରମାନଙ୍କୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କଲି । ୧୯୫୭ର ସୀମା ଆନ୍ଦୋଳନରେ ଆମେ ସତ୍ୟାଗ୍ରହ ଓ ରେଲିରେ ଯୋଗଦାନ ଦେଇଥିଲୁଁ । କେତେକ ଜେଲ

Digitized by srujanika@gmail.com

ମଧ୍ଯ ଯାଇଥିଲେ । ଏ ସବୁ ପଛରେ ମନୋଜ ଦା'ଙ୍କ ପ୍ରଗତିଶୀଳ ଚିନ୍ତାଧାରା ଓ ଆଦର୍ଶ ଆମକୁ ପ୍ରେରଣା ଯୋଗାଇଥିଲା ।

୧୯୫୭ ମସିହାରେ ମୁଁ ଅର୍ଥନୀତିରେ ସ୍ନାତକ ପରୀକ୍ଷାରେ ପାଶ କରି ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ୧୯୫୮ରେ ରାଜନୀତି ବିଜ୍ଞାନରେ ଏମ୍. ଏ. ପଢ଼ିବାପାଇଁ ଭର୍ତ୍ତି ହେଲି । ମନୋଜ ଦା' ସେତେବେଳେ ରେଭେନ୍ସା ମହାବିଦ୍ୟାଳୟରେ ଇଂରାଜୀ ବିଷୟରେ ୬ଷ୍ଠ ବାର୍ଷିକ ଛାତ୍ର । ୧୯୫୮ ଗ୍ରୀଷ୍ମ ଛୁଟିରେ ମୁଁ କଟକ ଆସିଲି- ଓଡ଼ିଶା ପ୍ରାଶାସନିକ ପରୀକ୍ଷା ଦେବାପାଇଁ । କଟକ ତାଳଦଣ୍ଡା କେନାଲ କୂଳରେ ଡଃ ମନ୍ମଥ ନାଥ ଦାସଙ୍କ ସରକାରୀ ବାସଭଭନରେ ମନୋଜ ଦା' ରହୁଥାନ୍ତି । ମୁଁ ପ୍ରାୟ ଦୁଇମାସ ମନୋଜ ଦା'ଙ୍କ ସହ ମନ ଭାଇଙ୍କ କ୍ୱାର୍ଟରରେ ରହି ଓ.ଏ.ଏସ୍. ପରୀକ୍ଷା ପାଇଁ ପ୍ରସ୍ତୁତ ହେଲି । ଏହି ଦୁଇମାସ ଧରି ପୁଣି ମନୋଜ ଦା'ଙ୍କ ଅତି ଘନିଷ୍ଠ ସାନ୍ନିଧରେ ଆସିଲି । ସବୁଦିନ କଳା, ସାହିତ୍ୟ, ଦର୍ଶନ ବିଷୟରେ କିଛି ନା କିଛି ଆଲୋଚନା ହେଉଥିଲା । ସେ ଦିନଗୁଡିକରେ ମୋ ପ୍ରତି ତାଙ୍କର ଅମାୟିକ ବ୍ୟବହାର, ସ୍ନେହ ଶ୍ରଦ୍ଧା ଭୁଲିବାର ନୁହେଁ ।

୧୯୫୯ରେ କୁଜଙ୍ଗର ରାଜା ନାରାୟଣ ବୀରବର ସାମନ୍ତ ଓ ରତ୍ନମାଳୀ ଜେମାଙ୍କ ଝିଅ 'ପ୍ରତିଜ୍ଞା ଦେବୀ'ଙ୍କୁ ବିବାହ କଲାପରେ ମନୋଜ ଦା' ଓ ପ୍ରତିଜ୍ଞା ଦେବୀ ଯୋବ୍ରା ନିକଟସ୍ଥ ଏକ ଘରେ ରହୁଥିଲେ । ସେତେବେଳେ ମଧ୍ୟେ ମଧ୍ୟେ ତାଙ୍କ ସହ ଦେଖା କରିବାକୁ ଯାଉଥିଲି ଯୋବ୍ରା ।

ସେ ୧୯୬୩ ମସିହାରେ ଭାରତର ମହାମନୀଷୀ ଶ୍ରୀଅରବିନ୍ଦଙ୍କ Integrated Yoga and philosophyରେ ଅନୁପ୍ରାଣିତ ହୋଇ Sri Aurobindo International Centre of Educationରେ ଇଂରାଜୀ ଅଧ୍ୟାପକ ରୂପେ ପଣ୍ଡିଚେ଼ରୀ ଆଶ୍ରମରେ ଯୋଗଦାନ କଲେ । ମୋ ମନରେ ଦୁଃଖହେଲା, ଆଗଭଳି ଆଉ ମନୋଜ ଦା'ଙ୍କ ସହିତ ବାରମ୍ବାର ଦେଖା ହୋଇ ପାରିବନାହିଁ । ତେବେ ହୃଦୟର ବନ୍ଧନ ଯୋଉଁଠି ଅତୁଟ, ସେଠି ସ୍ଥାନର ଦୂରତ୍ୱ କିଛି ନୁହେଁ । ଚିଠି-ପତ୍ର ମାଧ୍ୟମରେ ସମ୍ପର୍କ ରଖୁଥିଲି । ଥରେ ଥରେ ମନରେ ଇଚ୍ଛାହୁଏ, ମନୋଜ ଦା'ଙ୍କ ସଙ୍ଗରେ ଦିନେ ଦୁଇଦିନ ପଣ୍ଡିଚେ଼ରୀ ଆଶ୍ରମରେ ରହିବାପାଇଁ ।

ଚାକିରି କାଳ ଶେଷହେଲା ୧୯୯୪ ମସିହା ସପ୍ଟେମ୍ବର ମାସରେ । ଚାକିରିରୁ ଅବସର ନେଲା ପରେ ମୁଁ ଯେଉଁ ଦୁଇଥର ଯାଇଛି, ପଣ୍ଡିଚେ଼ରୀରେ ମନୋଜ ଦା'ଙ୍କ ସ୍ନେହ, ଶ୍ରଦ୍ଧାରେ ଅଭିଭୂତ ହୋଇଯାଇଛି । ଗତବର୍ଷ ୧୯୯୯ ମସିହା ଡିସେମ୍ବର ମାସରେ ମୁଁ ମାନ୍ଦ୍ରାଜ ସହରସ୍ଥିତ ଆଡାୟାରରେ (Adyer) ହେଉଥିବା ବିଶ୍ୱ ବ୍ରହ୍ମବିଦ୍ୟା ସମ୍ମିଳନୀକୁ (World theosophical conference) ଓଡ଼ିଶାର ଜଣେ ପ୍ରତିନଧି

Digitized by srujanika@gmail.com

ଭାବରେ ଯୋଗ ଦେଇଥିଲି । ଏକ ସପ୍ତାହ, ଆଡାୟାରରେ ରହି ଶେଷ ଦୁଇଦିନ ପଣ୍ଡିଚେରୀ ଆଶ୍ରମରେ ରହିବି ବୋଲି ସ୍ଥିର କଲି ଓ ମାନ୍ଦ୍ରାଜରୁ ଖଣ୍ଡିଏ ପୋଷ୍ଟକାର୍ଡରେ ମନୋଜ ଦା' ପାଖକୁ ଚିଠି ଲେଖିଲି, ''ଓଡ଼ିଶା ନିଳୟମ୍'ରେ ମୋ ପାଇଁ ଗୋଟିଏ ରୁମ୍ ରିଜାର୍ଭ କରିବା ପାଇଁ । ମୁଁ ୩୧.୧୨.୧୯୯୯ ସକାଳେ ପଣ୍ଡିଚେରୀରେ ପହଞ୍ଚିଲି । ଆଶ୍ରମରେ ପହଞ୍ଚି ପ୍ରଥମେ ଜଣେ ଓଡ଼ିଆ ସାଧକଙ୍କୁ ପଚାରିଲି- ''ମନୋଜ ଦାସଙ୍କ ସହ କୋଉଠି ଦେଖା ହୋଇ ପାରିବ ?'' ସେ କହିଲେ-''ମନୋଜ ବାବୁ ତାଙ୍କ ବାସଭବନରେ ଅଛନ୍ତି । ଏହି ଆଶ୍ରମରେ ବର୍ତ୍ତମାନ ଆପଣ ତାଙ୍କ ସ୍ତ୍ରୀ ପ୍ରତିଜ୍ଞା ଦେବୀଙ୍କୁ ଦେଖା କରନ୍ତୁ ।'' ମୁଁ ଆଶ୍ରମ ଭିତରକୁ ଯାଇ ପ୍ରତିଜ୍ଞା ଦେବୀଙ୍କୁ ଦେଖାକରି ପ୍ରଣାମ ଜଣାଇଲି । ସେ ମୋତେ ଦେଖିବା ମାତ୍ରେ କହିଲେ-''ଇନ୍ଦୁ, ତମକୁ ତୁମ ଦାଦା ଅପେକ୍ଷା କରି ବସିଛନ୍ତି; ତୁମେ ଆଜି ମଧ୍ୟାହ୍ନରେ ଆମ ଘରେ ଖାଇବ ।'' ପ୍ରତିଜ୍ଞା ଭାଉଜ ମୋ ସହିତ ଜଣେ ଲୋକ ପଠାଇଲେ ମନୋଜ ଦା'ଙ୍କ ଘର ଚିହ୍ନାଇଦେବା ପାଇଁ । ମନୋଜ ଦା'ଙ୍କ ବାସ ଭବନରେ ପହଞ୍ଚିଲା ମାତ୍ରେ ମନୋଜ ଦା'ଙ୍କୁ ପ୍ରଣାମ ଜଣାଇଲି । ସେ ସଙ୍ଗେ ସଙ୍ଗେ ପାଛୋଟି ନେଲେ ତାଙ୍କର ଡ୍ରଇଂରୁମ୍‌କୁ, କହିଲେ -''ତୁମକୁ ଅପେକ୍ଷା କରିଛି, ଫୋନ କାହିଁକି କଲନି ?'' ମନୋଜ ଦା'ଙ୍କ ସ୍ନେହ ଓ ଶ୍ରଦ୍ଧାପୂର୍ଣ୍ଣ କଥାରେ ମୁଁ ଅଭିଭୂତ ହୋଇଗଲି । ପୁଣି ସେ କହିଲେ, ''ବାଲେଶ୍ୱରର ସାଂସଦ ଖାରବେଳ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ପଣ୍ଡିଚେରୀ ଆସିଛନ୍ତି । ମୁଁ ସେ ଦୁଇଜଣଙ୍କୁ ମଧ ମଧ୍ୟାହ୍ନଭୋଜନ ପାଇଁ ନିମନ୍ତ୍ରଣ କରିଛି । ଆଜି ଏକ ସାଙ୍ଗରେ ଖିଆପିଆ ହେବ ।'' ଅଧଘଣ୍ଟାଏ ପରେ, ଖାରବେଳ ବାବୁ ଓ ତାଙ୍କ ସ୍ତ୍ରୀ ଆସିଲେ । ଆମେ ଚାରିଜଣ ଏକତ୍ର ବସି ମାଧ୍ୟାହ୍ନ ଭୋଜନ କଲୁ ଖୁବ୍ ଅନ୍ତରଙ୍ଗ ଆଳାପ ମଧ୍ୟରେ । ସତେ ଯେପରି ଆମେ ଚାରିଜଣ ଏକ ପରିବାରର ସଦସ୍ୟ । ପ୍ରତିଜ୍ଞା ଦେବୀ ପାଖରେ ଠିଆ ହୋଇଥାନ୍ତି, ଖାଦ୍ୟ ପରଷିବାରେ ଯେପରି ତ୍ରୁଟି ନହୁଏ । ପ୍ରତିଜ୍ଞା ଦେବୀ ଆଦର୍ଶ ସ୍ୱାମୀଙ୍କ ଆଦର୍ଶ ପତ୍ନୀ । ଏହି ସ୍ମୃତି ଓ ଅନୁଭୂତି ମଧ୍ୟରେ ଥିଲା ଏକ ଅନିର୍ବଚନୀୟ ଆତ୍ମୀୟତା ଓ ଆତ୍ମିକ ବନ୍ଧନର ସୌରଭ ।

• ପ୍ରାକ୍ତନ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମି
ବି-୧୪୨, ବି.ଡି.ଏ. ଡୁପ୍ଲେକ୍ସ,
ବରମୁଣ୍ଡା, ଭୁବନେଶ୍ୱର -୭୫୧ ୦୦୩

Digitized by srujanika@gmail.com

ତୁଳସୀ ଦୁଇ ପତ୍ରରୁ...

ସଦାନନ୍ଦ ଦାସ

ସନ ୧୯୫୦ ମସିହାର ଏକ ବେଳଗଡ଼ା ଅପରାହ୍ନ । ଦୁଇଜଣ କିଶୋର ସଦାନନ୍ଦ ଦାସଙ୍କ ଖୋଜ୍‌ରେ ଆସିଛନ୍ତି ବୋଲି ମୋତେ ଖବର ମିଳିଲା । ସେତେବେଳେ ମୋର କେତୋଟି ଗଳ୍ପ 'ଡଗର', 'ସହକାର' ଏବଂ ବମ୍ବେ ମହାନଗରରୁ ପ୍ରକାଶ ପାଉଥିବା ହାତଲେଖା ପତ୍ରିକା 'କୁଙ୍କୁମ'ରେ ପ୍ରକାଶ ପାଇ ସାରିଥାଏ । ହାଫ୍ ପ୍ୟାଣ୍ଟ, ହାଫ୍ ସାର୍ଟ ପରିହିତ ବାଳକ ଦୁହିଁଙ୍କୁ ଦୋ'ମହଲାରୁ ଦେଖି ମୋର ମନେହେଲା ସେମାନେ ଅଜଣା-ଅଚିହ୍ନା । ତଳକୁ ଓହ୍ଲାଇ ଆସିଲା ମାତ୍ରେ ଜଣେ ନମସ୍କାର କରି କହିଲେ- 'ସହକାର' ସାହିତ୍ୟ ପତ୍ରିକାର ସଂପାଦକ ବାଳକୃଷ୍ଣ କର ମହାଶୟଙ୍କ ସହିତ ଆପଣ ପରିଚିତ ବୋଲି ଆମେ ଶୁଣିଲୁଁ ।

ମୋ ଦୃଷ୍ଟିରେ ଯଥେଷ୍ଟ କୁତୂହଳ ।

ନିୟମିତ ଗଳ୍ପ-କବିତା ରଚନା ବ୍ୟତିରେକେ 'ସମ୍ମୋହନ ଶାସ୍ତ୍ର' ଉପରେ କେତେଗୁଡିଏ ନିବନ୍ଧ ଲେଖିଛନ୍ତି ବୋଲି ସେହି କିଶୋର ଦୁଇଜଣଙ୍କ ମଧ୍ୟରୁ ଜଣେ କହିଲେ । ମୋ ଜରିଆରେ ଉକ୍ତ ଲେଖା 'ସହକାର'କୁ ପଠାଇବା ସକାଶେ ସେ ଆଗ୍ରହୀ ବୋଲି କହିଲେ । ମୋ ହାବଭାବରୁ ସେ କ'ଣ ବୁଝିଲେ କେଜାଣି, କହିଲେ, ସେମାନେ ବାଲେଶ୍ୱର ଜିଲ୍ଲାସ୍କୁଲର ଛାତ୍ର । କହିବା ଅନାବଶ୍ୟକ ଏମାନଙ୍କ ମଧ୍ୟରୁ ଜଣେଥିଲେ ଆଜିର ଯଶସ୍ୱୀ ସାହିତ୍ୟସ୍ରଷ୍ଟା ମନୋଜ ଦାସ । କଥା ଶୁଣି କହିଲି, 'ସହକାର'ର ସଂପାଦକ ବାଳକୃଷ୍ଣ ବାବୁ ହେଲେହେଁ ସହ-ସଂପାଦକ ଭଗବାନ ପତି ମହାଶୟ ଲେଖା ଚୟନ କରନ୍ତି । ତା'ଛଡା ଯୋଡିଏ ତିନୋଟି ଲେଖା ପ୍ରକାଶ ପାଇଲେ ଯେ ସଂପାଦକ ମହାଶୟଙ୍କ ସହିତ ସଂପର୍କ ଘନିଷ୍ଠ ହୁଏ ଏପରି କଳ୍ପନା ଅମୂଳକ ।

ସେ ସମୟରେ ମୋର ଅନ୍ତରଙ୍ଗ ଦୋସ୍ତ ଥିଲେ ବାଲେଶ୍ୱର କଲେଜର (ପରେ ଫକୀର ମୋହନ କଲେଜ ନାମରେ ନାମିତ) ଛାତ୍ର ଶ୍ୟାମ ସୁନ୍ଦର ମହାପାତ୍ର । ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଛାତ୍ର-ନେତା ।

ସନ ୧୯୪୬ରେ ବାଲେଶ୍ୱର ସହରସ୍ଥ ବାରବାଟୀ ମୌଜାରେ ଗୋଟିଏ

Digitized by srujanika@gmail.com

ଭଡ଼ାଘରେ ଚାଲୁଥାଏ ଏକ ପାଠଚ଼କ୍ର । ଶ୍ୟାମବାବୁ ଦିନେ ପ୍ରସ୍ତାବ ଦେଲେ, ପାଠଚ଼କ୍ର ତରଫରୁ ସାହିତ୍ୟ ପତ୍ରିକାଟିଏ ପ୍ରକାଶ ନିମନ୍ତେ । ସାହିତ୍ୟାନୁରାଗୀ ସଦସ୍ୟବୃନ୍ଦ ମହାପାତ୍ରଙ୍କ ପ୍ରସ୍ତାବ ପ୍ରତି ସହମତି ପ୍ରକଟ କରିଥିଲେ । ସମସ୍ତଙ୍କର ଇଚ୍ଛାନୁସାରେ ପତ୍ରିକାଟିର ନାମକରଣ ହୋଇଥିଲା 'ଦିଗନ୍ତ' । କଥା ପଡିଲା, 'ଦିଗନ୍ତ'ର ସଂପାଦନା ଦାୟିତ୍ୱ କିଏ ତୁଲାଇବ ! ଇତିହାସର ଛାତ୍ର ହିସାବରେ ସେ ସମୟରେ ଶ୍ୟାମସୁନ୍ଦରଙ୍କ ସହିତ ଆତ୍ମୀୟତା ବୃଦ୍ଧି ପାଇଥିଲା ବାଲେଶ୍ୱର କଲେଜର ଇତିହାସ ଅଧ୍ୟାପକ ଶ୍ରୀଯୁକ୍ତ ମନ୍ମଥ ନାଥ ଦାସଙ୍କର । ଅଧ୍ୟାପକ ଶ୍ରୀ ଦାସଙ୍କର କନିଷ୍ଠ ଭ୍ରାତା ଥିଲେ ମନୋଜ ଦାସ । ସୃଜନଶୀଳ ସାହିତ୍ୟ ପ୍ରତି ମନୋଜଙ୍କର ପ୍ରଗାଢ ଅନୁରକ୍ତି ବାରି ଶ୍ୟାମସୁନ୍ଦର ପ୍ରସ୍ତାବ ଦେଲେ 'ଦିଗନ୍ତ'ର ମୁଖ୍ୟ ସଂପାଦକ ମନୋଜ ଦାସହିଁ ରହିବେ । ପାଠଚ଼କ୍ରର ସଭ୍ୟମାନେ ସେଥିପ୍ରତି ତୁରନ୍ତ ଆଗ୍ରହ ପ୍ରକାଶ ନ କରି ଦ୍ୱିଧା ପ୍ରକଟ କଲେ । ମାତ୍ର ଶ୍ୟାମସୁନ୍ଦରଙ୍କର ବଳିଷ୍ଠ ସୁପାରିସ୍‌କୁ ଅବଜ୍ଞା ନକରି ମନୋଜଙ୍କୁ ଶେଷରେ 'ଦିଗନ୍ତ'ର ସଂପାଦକ କରିବା ପାଇଁ ନିଷ୍ପତ୍ତି ହେଲା । ଅବଶ୍ୟ ପତ୍ରିକାଟିର ବିଭିନ୍ନ ଦାୟିତ୍ୱରେ ରହିଲେ ଜଣେ ଜଣେ ସହ ସଂପାଦକ । 'ଦିଗନ୍ତ'ର ଲେଖାମାନ ଉଚ୍ଚମାନର ହେବା ହେତୁ ବିଦଗ୍ଧ ଓଡ଼ିଆ ସାହିତ୍ୟ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସହରର ଓଡ଼ିଆ ଭାଷା ଅନୁରାଗୀ ଭଦ୍ରବ୍ୟକ୍ତି ମାନଙ୍କଠାରୁ ଚାନ୍ଦା ସଂଗ୍ରହ ଏବଂ ପାଠଚ଼କ୍ରର ସଭ୍ୟମାନଙ୍କର ଆର୍ଥିକ ଅନୁଦାନ ଲାଭ ପୂର୍ବକ 'ଦିଗନ୍ତ' ପ୍ରକାଶ ପାଉଥିଲା ଅତି କଷ୍ଟେମଷ୍ଟେ । 'ଦିଗନ୍ତ'ର ପ୍ରସାର ସୀମିତ ଥିଲେ ମଧ୍ୟ ପ୍ରତି ସଂଖ୍ୟା ବିଦଗ୍ଧ ପାଠକଙ୍କ ହୃଦୟଗ୍ରାହୀ ହୋଇ ପାରିଥିଲା । ମୁଖ୍ୟ ସଂପାଦକ ମନୋଜ ଦାସ ଅନ୍ୟମାନଙ୍କ ଅନୁଜ ସ୍ଥାନୀୟ ଥିଲେ ହେଁ ଲେଖା ନିର୍ବାଚନ କମିଟିରେ ଥାଇ ତାଙ୍କର ସ୍ୱକୀୟ ପ୍ରଜ୍ଞା ଯେ ପ୍ରକାଶ କରୁନଥିଲେ ତାହା ନୁହେଁ ! ଏ ପ୍ରସଙ୍ଗରେ ମନୋଜଙ୍କର ପଦେ କଥା ମୋ ପକ୍ଷେ ଆଜିବି ଅବିସ୍ମରଣୀୟ । କର୍ମଜୀବୀମାନଙ୍କର ଶ୍ରେଣୀ-ସଂଘର୍ଷ ଉପରେ ଆଧାରିତ ମୋର 'ହିମ୍ମତ' ନାମରେ ଏକ ଗଳ୍ପ 'ଦିଗନ୍ତ'ରେ ପ୍ରକାଶିତ ହେବା ଅବକାଶରେ ସେ କହିଥିଲେ ଗଳ୍ପଟି ଏଇ ସହରର ସ୍ଥାନ, କାଳ, ପାତ୍ରକୁ ନେଇ ରଚିତ ହେବା ହେତୁ ହୋଇଛି ବାସ୍ତବ ଏବଂ ମନଛୁଆଁ । ମନୋଜ ବାବୁ ଜଣେ କୃତବିଦ୍ୟ । ତାଙ୍କର ସୃଜନଶୀଳ ପ୍ରତିଭା ଉଚ୍ଚକୋଟୀର । ଶ୍ରୀ ଦାସଙ୍କର ସାହିତ୍ୟକୃତିକୁ ନେଇ ଆଲୋଚନା ପାଇଁ ମୁଁ ସିଦ୍ଧହସ୍ତ ନୁହେଁ । ତେବେ ମନୋଜଙ୍କର କିଶୋର ବୟସର ଅପାସୋରା ସ୍ମୃତି-ମନ୍ଥନ ନିମନ୍ତେ ଏ ଲେଖାର ଅବତାରଣା ।

ମଲିକାଶପୁରସ୍ଥ ଫକୀରମୋହନ ସେନାପତିଙ୍କ ବାସଭବନରେ ମନୋଜ ବାବୁ ତାଙ୍କର ଭ୍ରାତା ଅଧ୍ୟାପକ ଶ୍ରୀଯୁକ୍ତ ମନ୍ମଥ ନାଥ ଦାସଙ୍କ ସହ ବସବାସ ପାଇଁ ସୁଯୋଗ ପାଇଥିଲେ । ବ୍ୟାସକବିଙ୍କ ନିର୍ମିତ ଶାନ୍ତିକାନନ ତାଙ୍କ ବାସ ଭବନର ଖୁବ୍ ପାଖାପାଖି । ସେତେବେଳେ ଶାନ୍ତିକାନନର ପରିବେଶ ଥିଲା ଅତୀବ ଶୂନ୍‌ଶାନ୍,

Digitized by srujanika@gmail.com

ନିରୋଳା । ନିର୍ଜନତାର କାଉଁରୀ ସ୍ପର୍ଶ ମନୋଜ ବାବୁଙ୍କୁ ଆକର୍ଷଣ କରନ୍ତେ କଥା ସମ୍ରାଟ ଯେଉଁ ସ୍ଥାନରେ ଶାନ୍ତିରେ ବସି ନିଜର ସାରସ୍ୱତ ସମ୍ଭାର ସୃଷ୍ଟି କରିଥିଲେ, ସେଇ ସ୍ଥାନରେ ବସି ଶ୍ରୀ ଦାସ ଲେଖାପଢା ପାଇଁ ମନ ସ୍ଥିର କଲେ । ସେ ସିନା ସେବେଳେ ଶାନ୍ତିକାନନର ନିରୋଳା ପରିବେଶ ହାତଛଡା କରି ନଥିଲେ, ମାତ୍ର କାଳକ୍ରମେ ତାହା ତାଙ୍କର ବିଧି ନିର୍ଦ୍ଦିଷ୍ଟ ଥିଲା ବୋଲି ଉପଲବ୍ଧି ହୋଇଥିଲା । ସେ ମୌନୀ ହୋଇ ଏକାନ୍ତରେ ଲେଖାଲେଖି କରୁଥିଲେ ସତ । ସେବେଳେ ନିଜର ଐକାନ୍ତିକ ନିଷ୍ଠା ଏବଂ ନିରବଚ୍ଛିନ୍ନ ସାଧନାର ସିଦ୍ଧି ପାଇଁ ଫକୀରମୋହନଙ୍କ ଅଶରିରୀ ଅମର ଆତ୍ମାର ସତ୍ତା ବାରି ପାରି କବିଙ୍କର ଆଶୀର୍ବାଦ ଲଭିବା ପାଇଁ ସେ ବ୍ୟାକୁଳ ଥାଇ ସକ୍ଷମ ହୋଇଥିଲେ ।

ଏ ପ୍ରସଙ୍ଗରେ ଗୋଟିଏ କଥା ଉଲ୍ଲେଖଯୋଗ୍ୟ । ଯେ କୌଣସି ପରିସ୍ଥିତିରେ ନିଷ୍ଠାର ସହ ଏକାଗ୍ରତା ବ୍ୟକ୍ତି ଜୀବନକୁ ନିୟନ୍ତ୍ରଣ କରିବା ନିଶ୍ଚିତ । ଶ୍ରୀ ଦାସ ଓଡ଼ିଶାରେ ଥିଲେ ସାରସ୍ୱତ କ୍ଷେତ୍ରରେ ସଂପୂର୍ଣ୍ଣ ସଫଳତା ହାସଲ କରି ପାରିଥାଆନ୍ତେ କି ନାହିଁ କେତେଙ୍କର ମନରେ ଏହି ପ୍ରଶ୍ନ ଉଠେ । ଏବେ ସେ ବିଷୟରେ ତର୍ଜମା ଅନାବଶ୍ୟକ । ଶ୍ରୀ ଦାସ ଯେଉଁ ସ୍ଥାନରେ ଥାଇ କଳା ସାଧନାରେ କୃତିତ୍ୱ ଅର୍ଜ୍ଜନ କରିଛନ୍ତି ସେ ସ୍ଥାନର ବିଭୂତି ତାଙ୍କୁ ସହାୟତା ପ୍ରଦାନ କରିବା ସହିତ ଆଶୀର୍ବାଦ ଭଳି କାମ କରିଛି । ମନୋଜ ବାବୁ କିଶୋର ବୟସରେ ତାଙ୍କର ରଚନା 'ସହକାର'ରେ ପ୍ରକାଶ ନିମନ୍ତେ ମୋର ସାହାଯ୍ୟ ଲୋଡୁଥିଲା ବେଳେ 'ସମ୍ମୋହନ ବିଦ୍ୟା'କୁ ନେଇ ସମୟ ଅପଚୟ ନ କରି ସୃଜନଶୀଳ ଲେଖା ଉପରେ ମନୋନିବେଶ କରିବା ପାଇଁ ବୟୋଜ୍ୟେଷ୍ଠ ହିସାବରେ ମୁଁ ତାଙ୍କୁ ଉପଦେଶ ଦେଇଥିଲି ବୋଲି ମୋର ମନେଅଛି । ତେବେ ତାଙ୍କର ଅନ୍ତର୍ନିହିତ ପ୍ରତିଭାର କଳନା ମୁଁ ସେବେ କରି ନ ପାରି ସେପରି ପରାମର୍ଶ ଦେଇଥିଲି ବୋଲି ଏବେ ଭାବୁଛି । ସେଦିନର କିଶୋର ମନୋଜ ଦାସ ଆଜି ଜଣେ ମହାନ୍ ବ୍ୟକ୍ତି । ତାଙ୍କର ବହୁ ସାରସ୍ୱତ ସୃଷ୍ଟି କାଳଜୟୀ । ଶ୍ରୀ ଦାସଙ୍କର ଶକ୍ତିଶାଳୀ ଲେଖନୀ ବହୁ ବର୍ଷ ସକ୍ରିୟ ଥାଇ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରୁଥାଉ ଏହା ଶ୍ରୀ ଜଗନ୍ନାଥଙ୍କଠାରେ ମୋର ସବିନୟ ପ୍ରାର୍ଥନା । ଶ୍ରୀ ଦାସଙ୍କର ନିରାମୟ ଦୀର୍ଘ ଜୀବନ ମୋର ଏକାନ୍ତ କାମ୍ୟ ।

• ମଣ୍ଡଳ ମାର୍ଗ, ବାରବାଟୀ
ବାଲେଶ୍ୱର - ୭୫୬୦୦୩

Digitized by srujanika@gmail.com

ବଂଧୁ ମନୋଜ ଦାସଂକ ସଂପର୍କରେ

ରାମପ୍ରସାଦ ପୁରୋହିତ

ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ସାହିତ୍ୟିକ ମନୋଜ ଦାସ ମୋର ଜଣେ ଅନ୍ତରଂଗ ବଂଧୁ । ସେ ମୋର କେବଳ ସାହିତ୍ୟିକ ବଂଧୁ ନୁହନ୍ତି, ରାଜନୀତି କ୍ଷେତ୍ରରେ ମଧ୍ୟ ଆମର ବଂଧୁତା ରହିଥିଲା । ତାଂକର ବିରାଟ ବ୍ୟକ୍ତିତ୍ୱ ଭୁଲିବାର ନୁହେଁ । ଆମେ ଦୁହେଁ ଏକା ସାଂଗରେ ମଧୁସୂଦନ ଆଇନ କଲେଜ, କଟକରେ ପଢୁଥିଲୁ । ଆଇନ୍ ପଢିବା ସମୟରେ ଦୁଇଟି ବର୍ଷ (ବୋଧହୁଏ ୧୯୫୫-୫୬) ଭୁଲିବାର ନୁହେଁ । ଆଗରୁ ସାହିତ୍ୟିକ ଭାବରେ ଆମର ତ ପରିଚୟ ଥିଲା, କିଂତୁ କଟକରେ ଆଇନ ପଢିବା ସମୟରେ ଆମର ବଂଧୁତା ନିବିଡ ହେଲା । ଏପରି କୌଣସି ଗୋଟିଏ ଦିନ ନାହିଁ ଯେଉଁ ଦିନ ଆମେ ଦୁହେଁ ସାହିତ୍ୟ ହେଉ ବା ରାଜନୀତି ହେଉ ଆଲୋଚନା କରୁ ନଥିଲୁ । ଆମ କଲେଜ ସକାଳୁଆ ଥିଲା । ସେ ରହୁଥିଲେ କଲେଜ ଛକ ପାଖରେ । ମୁଁ ରହୁଥିଲି ଓଡ଼ିଆ ବଜାରରେ ଥିବା ସୋସାଲିଷ୍ଟ ପାର୍ଟି ଅଫିସରେ । ସକାଳେ ମୁଁ ସାଇକଲରେ କଲେଜ ଆସିଲା ବେଳକୁ ତାଂକ ସହିତ କଲେଜ ଗେଟ୍‌ରେ (ରେଭେନ୍‌ସା କଲେଜରେ ସେତେବେଳେ ମଧୁସୂଦନ ଆଇନ କଲେଜ ଚାଲୁଥିଲା) ଦେଖାହୁଏ । ଦୁହେଁ ମିଶି ଶାନ୍ତିଭାଇର ଗୁଜରାଟୀ ହୋଟେଲକୁ ଯାଇ ଜେଲିବି ଆଉ ପକୋଡି ଖାଉଁ, ତାପରେ ଯାଉଁ କଲେଜକୁ । ଆଇନ କଲେଜର ଛାତ୍ର ୟୁନିଅନ୍ ପାଇଁ ନିର୍ବାଚନ ପାଖେଇ ଆସୁଥାଏ । ସେ କହିଲେ, ''ରାମପ୍ରସାଦ, ମୁଁ ଶୁଣୁଛି ତମେ ସଭାପତି ପଦପାଇଁ ଛିଡା ହେବାକୁ ଯାଉଛ । କିଂତୁ ମୋର ଗୋଟାଏ ଅନୁରୋଧ ରଖିବ । ମୋତେ ସଭାପତି ପଦପାଇଁ ଛାଡିଦିଅ ଏବଂ ତମେ ସଂପାଦକ ପଦ ପାଇଁ ନିର୍ବାଚନରେ ଛିଡାହୁଅ । ତମେ ମୋତେ ସମଥର୍ନ ଦେବ ଏବଂ ମୁଁ ତମକୁ ସମର୍ଥନ ଦେବି । ଆମେ ଦୁହେଁ ଗୋଟାଏ ମଞ୍ଚରେ ଭାଷଣ ଦେବା ଏବଂ ଗୋଟାଏ ନିର୍ବାଚନ ଇସ୍ତାହାର ବାଣ୍ଟିବା । ମୁଁ ଏଥିରେ ରାଜିହେଲି । ସେ ବର୍ଷ ସେ ହେଲେ ମଧୁସୂଦନ ଆଇନ କଲେଜର ସଭାପତି ଓ ମୁଁ ହେଲି ସଂପାଦକ । ଛାତ୍ରସଂଘର ବିରୋଧ ସତ୍ତ୍ୱେ ହରିଶ୍ଚନ୍ଦ୍ର ବକ୍‌ସିପାତ୍ର ଓ ଗିରିଜାଭୂଷଣ ପଟ୍ଟନାୟକ ମୋତେ ସମର୍ଥନ ଜଣାଇଲେ । ଏତ ଗଲା କଲେଜର ନିର୍ବାଚନ କଥା ।

Digitized by srujanika@gmail.com

ମନୋଜ ଦାସ 'ଆଗାମୀ' ବୋଲି ପତ୍ରିକାଟିଏ ଆଗରୁ ପ୍ରକାଶ କରୁଥିଲେ । ସେତେବେଳକୁ ସେ ପତ୍ରିକା ବନ୍ଦ ହୋଇ ଯାଇଥିଲା । ସେହି ପତ୍ରିକାଟି ତାଂକରି ଉଦ୍ୟମରେ ପୁନଃପ୍ରକାଶିତ ହେଲା ଏବଂ ତାଂକର ଅନୁରୋଧରେ ମୁଁ ପତ୍ରିକାଟିର ସଂପାଦନା ଦାୟିତ୍ୱ ଗ୍ରହଣ କଲି । ଏହାପରେ କେତେଜଣ କବିଙ୍କୁ ନେଇ ସଂକଳନଟିଏ ପ୍ରକାଶ କରିବାକୁ ମନସ୍ଥ କଲୁ, ଏବଂ ତାଂକର ଅନୁରୋଧକ୍ରମେ ତାହାର ସଂପାଦନା ଦାୟିତ୍ୱ ମୁଁ ଗ୍ରହଣ କଲି । 'ସୀମାନ୍ତ' ନାମରେ ଏହି କବିତା ସଂକଳନଟି ପ୍ରକାଶ ପାଇଲା । କବି ବିନୋଦ ନାୟକ, ରମାକାନ୍ତ ରଥ, ବ୍ରଜନାଥ ରଥ ପ୍ରଭୃତି ବାରଜଣ କବିଙ୍କୁ ନେଇ ଏହି କବିତା ସଂକଳନଟି ପ୍ରକାଶ ପାଇ ବେଶ୍ ଆଦୃତ ହୋଇଥିଲା । ସଂକଳନଟିରେ ମୋର ଓ ମନୋଜ ଦାସଂକ କବିତା ମଧ୍ୟ ରହିଛି । ବୁଲ୍‌ଗାନିନ୍ ଓ କୃଶ୍ଚେଭଙ୍କ ଭାରତ ଆଗମନ ଉପଲକ୍ଷେ ସେମାନଙ୍କୁ ସ୍ୱାଗତ ଜଣାଇ କବିତା ସଂକଳନଟିଏ ପ୍ରକାଶ କରିବାର ଯୋଜନା ଚାଲିଥାଏ । ତାକୁ ସଂପାଦନା କରୁଥାଂତି କାଳିନ୍ଦୀଚରଣ ପାଣିଗ୍ରାହୀ । ମନୋଜ ମୋତେ ସେଥିପାଇଁ କବିତାଟିଏ ଲେଖିବାକୁ କହିଲେ । କାଳିନ୍ଦୀ ବାବୁଙ୍କ ସହିତ ଆଗରୁ ପରିଚୟ ଥିଲା । ସେ ମଧ୍ୟ କହିଲେ ରାମପ୍ରସାଦ ବାବୁ ଲେଖିଲେ ତାକୁ ଆମେ ନିଶ୍ଚୟ ସ୍ଥାନିତ କରିବୁ । ଏଣୁ ମନୋଜ ଦାସଙ୍କ ଅନୁରୋଧରେ କବିତାଟିଏ ଲେଖିଲି ଓ ତାହା ସେହି ସଂକଳନଟିରେ ସ୍ଥାନିତ ହେଲା । ଏଥିରେ ସନ୍ନିବେଶିତ କବିତାଗୁଡ଼ିକ ଇଂରାଜୀ, ରୁଷୀୟ ଓ ହିନ୍ଦୀ ଭାଷାରେ ଅନୂଦିତ ହୋଇଥିଲା । ସେହି କବିତାର ପ୍ରଥମ ଧାଡ଼ି ଆଜି ବି ମୋର ମନେଅଛି, ''ହେ ବଂଧୁ ମିଳାଅ ହାତ, ସୋଭିଏତ୍ ରୁଷ ଓ ଭାରତ ।'' ଏଭଳି ଭାବରେ ସାହିତ୍ୟ କ୍ଷେତ୍ରରେ ମୋର କଟକ ରହଣି ସମୟରେ ଆମେ ଦୁହେଁ ପ୍ରାୟ ମିଳିତ ଭାବରେ ସବୁକାମ କରୁଥିଲୁ ।

କିଛି ବର୍ଷ ତଳେ ବଲାଙ୍ଗିରରେ 'ବଲାଙ୍ଗିର ଜିଲ୍ଲା ଲେଖକ ପରିଷଦ' ମନୋଜ ଦାସଂକୁ ନିମନ୍ତ୍ରଣ ଜଣାଇଥାଏ । ଯେହେତୁ ତାଂକ ସହିତ ମୋର ଘନିଷ୍ଠ ସଂପର୍କ ରହିଛି, ଏଣୁ ମୁଁ ବ୍ୟକ୍ତିଗତ ଭାବରେ ଅନୁରୋଧ ଜଣାଇ ତାଂକପାଖକୁ ଚିଠିଟିଏ ଲେଖିଲି । ସେତେବେଳେ ସେ ଇଂରାଜୀ ମାସିକ 'The Heritage'ର ସଂପାଦକ । ସେ ଉତ୍ତରରେ ଲେଖିଲେ, ''ବଂଧୁ ରାମ ପ୍ରସାଦ, ବଂଧୁକୁ 'ଆଜ୍ଞା', 'ଆପଣ' ଲେଖାଯାଏ ନାହିଁ; ଏବଂ ତମର ଓ ମୋ ମଧ୍ୟରେ ଏମିତି ସାଧାରଣ ବଂଧୁତା ନାହିଁ । ଏଣୁ ଆଜିଠୁ ମୋତେ 'ତୁମେ' ବୋଲି ଲେଖିବ ।'' ମୋ ମନ ଗର୍ବରେ କୁଣ୍ଢେମୋଟ ହୋଇଗଲା । ସେ ଏଭଳି ଏକ ଅମାୟିକ, ବଂଧୁ ଭାବାପନ୍ନ ବ୍ୟକ୍ତି । ତାଂକ ଓ ମୋ ଭିତରେ ବହୁ ଚିଠିପତ୍ର ଆଦାନ ପ୍ରଦାନ ହୋଇଛି ଏବଂ ସେହି ବଂଧୁ ଶବ୍ଦ ଟିହିଁ ସମ୍ବୋଧିତ ହୋଇ ଆସୁଛି । ସେ ରାତିରେ ବଲାଙ୍ଗିରରେ ପହଂଚି ପ୍ରଥମେ ମୋତେ ଖୋଜିଲେ । ବହୁଦିନ ପରେ ତାଂକର ମୋ ସହିତ ଭେଟ । ସେ ମୋତେ ଦେଖିବା କ୍ଷଣି, ''ଆରେ ଏ ରାମପ୍ରସାଦ'' ବୋଲି କହି ଛାତିରେ ଜାକି ଧରିଲେ । ସେ ଅନୁଭୂତି ଭୁଲିବାର ନୁହେଁ । ସେ ସର୍କିଟ ହାଉସ (ସରକାରୀ ଡାକ

Digitized by srujanika@gmail.com

ବଙ୍ଗଳା) ରେ ରହୁଥିଲେ । ସେଇଠି ଆମେ ଦୁହେଁ ଘଂଟା ଘଂଟା ଧରି ଗପ କରିଛୁ । ସେଇଠି କଥା ଉଠିଲା ଆମର ଏକା ସାଂଗରେ ଥିବା ଫଟୋଟିଏ ନାହିଁ । ଏଣୁ ମୋର ପୁତୁରା ରମେଶ ପୁରୋହିତକୁ କ୍ୟାମେରାଟିଏ ଆଣିବାକୁ କହିଲି । ସେ ଆମ ଦୁହିଁଙ୍କର ବିଭିନ୍ନ ପ୍ରକାର ଫଟୋ ଉଠେଇଲା । କାଂଧକୁ କାଂଧ ମିଶେଇ, କାଂଧ ଉପେର ହାତରଖି ଏମିତି ବିଭିନ୍ନ ଭଙ୍ଗୀରେ ଫଟୋ ଉଠେଇଲୁ । ସେସବୁ ଏପର୍ଯ୍ୟନ୍ତ ମୋ ପାଖରେ ରହିଛି ।

ମୁଁ କହିଲି ମୁଁ ମୋର ଗପ 'ପୋଷ୍ଟ ଅଫିସ'କୁ ଇଂରାଜୀରେ ଲେଖିଛି । ତମେ ପଢ଼ ଓ ଭଲଲାଗିଲେ 'ଦି ହେରିଟେଜ୍'ରେ ଛାପିବ । ସେ କହିଲେ, ''ତମ ଗପ ଖରାପ ଲାଗିବାର ନୁହେଁ । ଗପଟି ମୋତେ ଦିଅ । ଯେତେ ଶୀଘ୍ର ହେବ ଛାପିବାକୁ ଚେଷ୍ଟା କରିବି । କାହିଁକିନା ଭାଇ, ଗୁଡାଏ ଲେଖା ପ୍ରକାଶ ହେବାକୁ ପଡି ରହିଛି । ଛାପି ପାରିନାହିଁ । ତଥାପି ତମ ଗପଟାକୁ ଆଗ ବିଚାରକୁ ନେବି ।'' ସେହି 'The Post Office' ଗପଟି 'The Heritage' ର ନଭେମ୍ବର ୧୯୮୬ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ।

ଯେଉଁଦିନ ମନୋଜବାବୁଙ୍କ ଭାଷଣ ଥାଏ ବଲାଂଗିରରେ ଲୋକଙ୍କ ଭିଡ ଦେଖିବାର କଥା । ତାଂକ ଭାଷଣ ଶୁଣିବା ପାଇଁ ଅଧଘଣ୍ଟା ପୂର୍ବରୁ ଲୋକେ ସବୁ ଚୌକି ଅକ୍ତିଆର କରି ନେଇଥାନ୍ତି । ଏକ ସାହିତ୍ୟ ଓ ସାଂସ୍କୃତିକ ସଭାରେ ଏତେ ଲୋକ ଜମାହେବା ବଲାଂଗିରରେ ଏଇ ପ୍ରଥମ । ମନୋଜ ଦାସଙ୍କ ଲିଖିତ ବହି ସବୁ ଏତେ ପରିମାଣରେ ବିକ୍ରି ହୋଇଗଲା ଯେ ବଜାରରେ ଆଉ ମିଳିଲା ନାହିଁ । କଲେଜ ଛାତ୍ରଛାତ୍ରୀ ମନୋଜ ବାବୁଙ୍କ ଲେଖା ବହି ଗୁଡିକରେ ତାଂକର ଦସ୍ତଖତ କରେଇ ନେଉଥାନ୍ତି । ସେ ଗୋଟାଏ ଦେଖିବାର ଦୃଶ୍ୟ ।

ଏହାପରେ ଆମେ କେତେଜଣ ମନୋଜବାବୁଙ୍କ ସହ ନୃସିଂହନାଥ ଦେଖିବାକୁ ଗଲୁ । ସେହିଦିନ ପାଟଣାଗଡରେ ତାଂକର ଭାଷଣ ଥାଏ । ଆମେ ପାଟଣାଗଡ ଫେରିଲା ବେଳକୁ ରାତି ଦଶଟା । ତଥାପି ଲୋକେ ମନୋଜବାବୁଙ୍କୁ ଶୁଣିବାକୁ ଅପେକ୍ଷା କରି ରହିଥାନ୍ତି । ସେହି ରାତିରେ ପାଟଣାଗଡ ଭାଷଣ ପରେ ସରକାରୀ ଡାକ ବଂଗଳାରେ ବିଶ୍ରାମନେଲେ ଓ ସକାଳେ ଆସି ମୋଠାରୁ ଓ ମୋର ପତ୍ନୀ ରାଜେଶ୍ୱରୀଙ୍କଠାରୁ ବିଦାୟ ନେଇ ବଲାଙ୍ଗିର ଗଲେ । ମୁଁ ସେତେବେଳେ ପାଟଣାଗଡରେ ରହୁଥାଏ । ସେ ପଣ୍ଡିଚେରୀ ଫେରିଯାଇ ଚିଠି ଦେଲେ । ଚିଠିରେ ବଲାଙ୍ଗିର ଓ ପାଟଣାଗଡର ଆତିଥ୍ୟର ଭୂରି ଭୂରି ପ୍ରଶଂସା କରି ଲେଖିଥାନ୍ତି । ସେହିଦିନଠୁ ତାଂକର ମୋର ଆଉ ଦେଖା ସାକ୍ଷାତ ହୋଇ ପାରିନାହିଁ । ହେଲେ ଏଭଳି ବିରାଟ ବ୍ୟକ୍ତିତ୍ୱକୁ ଭୁଲିବାର ନୁହେଁ । ସେ ତାଙ୍କ ନିଜ ଜନ୍ମମାଟି ବାଲେଶ୍ୱରରେ ସମ୍ବର୍ଦ୍ଧିତ ହେଉଥିବା କଥା ଜାଣି ଭାରି ଖୁସିହେଲି । ତାଂକ ପାଖରୁ ଓଡ଼ିଆ ସାହିତ୍ୟ ବହୁତ କିଛି ଆଶା କରେ । ବଂଧୁ ମନୋଜ ଦାସ ଦୀର୍ଘଜୀବୀ ହୁଅନ୍ତୁ ।

• କଂଟାବାଞ୍ଜି, ବଲାଂଗିର-୭୬୭ ୦୩୯

Digitized by srujanika@gmail.com

ନଈ ସେ ପାଖର ଗାଁ, ମନୋଜ ବାବୁଙ୍କ ନାଁ

ଭୂପେନ ମହାପାତ୍ର

ମୁଁ ଯେତେବେଳେ ମନୋଜ ବାବୁଙ୍କ ଉପରେ କିଛି ଲେଖିବାକୁ ଚିଠି ପାଇଲି ସେତେବେଳେ ଟିକଏ ଚିନ୍ତା କଲି, ମନୋଜ ବାବୁଙ୍କ ଉପରେ କଅଣ ଲେଖିବି ? କେତେ ଜାଣିଚି ମୁଁ ତାଙ୍କୁ ଓ ତାଙ୍କ ସାହିତ୍ୟକୁ ? କେତେ ବା ବୁଝିଚି ମୁଁ ତାଙ୍କ ଦର୍ଶନକୁ ? ଜଣେ ବ୍ୟକ୍ତି ହିସାବରେ ଓ ଲେଖକ ହିସାବରେ, ଏ ଉଭୟ ଦିଗରୁ ମୁଁ ତାଙ୍କ ସୀମା ସରହଦ ଠାରୁ ଅନେକ ଦୂରରେ ଥିଲାବେଳେ ତାଙ୍କ ଉପରେ କିଛି ଲେଖିବାକୁ ମୋତେ ଚିନ୍ତାରେ ପକାଇଲା ।

ଏବେ ମନୋଜ ବାବୁଙ୍କୁ ସଂବର୍ଦ୍ଧନା ଜଣାଉଛନ୍ତି ବାଲେଶ୍ୱର ଜିଲ୍ଲାବାସୀ । ମନୋଜ ବାବୁ ଯା'ଭିତରେ 'ପଦ୍ମଶ୍ରୀ' ଓ 'ସରସ୍ୱତୀ ସମ୍ମାନ' ପାଇ ସାରା ଭାରତର ହେଇ ସାରିଲେଣି । 'ଉତ୍କଳ ରତ୍ନ' ସମ୍ମାନରେ ଭୂଷିତ ହୋଇ ସାରା ଓଡ଼ିଶାର ଆଉ ଜଣେ ବରପୁତ୍ର ହିସାବରେ ମଧ ପରିଚିତ ହେଲେଣି । ସେଇ ହିସାବରେ ଏବେ କେବଳ ବାଲେଶ୍ୱରବାସୀଙ୍କ ତରଫରୁ ତାଙ୍କୁ ସଂବର୍ଦ୍ଧନା ଦେବାକୁ କେହି କେହି ହୁଏତ ନାପସନ୍ଦ କରି ପାରନ୍ତି । ସେମାନେ କିନ୍ତୁ ଏ କଥା ନିଶ୍ଚୟ ଜାଣନ୍ତି ଯେ ''ପୁଅ ପ୍ରଥମେ ମାଆ କୋଳ ବାହାରେ ପରିଚିତ ହୁଏ'' ଏବଂ ତାହାହିଁ ମାଆର ଗର୍ବ ।

ମନୋଜ ବାବୁଙ୍କ ଜନ୍ମ ବାଲେଶ୍ୱର ଜିଲ୍ଲାରେ । ଏଇ ବାଲେଶ୍ୱର ସହରରେ ତାଙ୍କର ପାଠପଢ଼ା । ଏଇଠିହିଁ ଆରମ୍ଭ ହେଇଚି ତାଙ୍କର ସାହିତ୍ୟିକ ଜୀବନ । ସୃଜନର ପହିଲି ପୁଲକ ସେ ଏଇଠି ଅନୁଭବ କରିଥିବେ । ଏସବୁ ଦୃଷ୍ଟିରୁ ବାଲେଶ୍ୱର ଜିଲ୍ଲା ତରଫରୁ ତାଙ୍କୁ ସଂବର୍ଦ୍ଧନା ଦିଆଯିବାରେ ପ୍ରାସଙ୍ଗିକତା ରହିଚି ।

କିନ୍ତୁ ତା' ଭିତରେ ମୁଁ କିଏ ? କୋଉଠି ମୋର ସ୍ଥାନ ? ଏ କଥା ଭାବିଲା ବେଳକୁ କେମିତି କେଜାଣି ଝାପ୍‌ସା ଛାଇ ଛାଇଆ ଦୃଶ୍ୟପଟଟିଏ ଆଖି ଆଗରେ ଭାସି ଉଠୁଚି । ସେତେବେଳେ ଛୋଟ ଥିଲି । ଖୁବ୍ ଛୋଟ । ବୋଧହୁଏ ଚତୁର୍ଥ କି ପଞ୍ଚମ ଶ୍ରେଣୀର ଛାତ୍ର । ଜମାଲପୁର ବିଶ୍ୱନାଥ ଏକାଡେମୀ । ମାଇନର ସ୍କୁଲଟା ହାଇସ୍କୁଲ ସାଥିରେ ଅଛି । ସ୍କୁଲଟା ଠିଆ ହେଇଚି ଠିକ୍ ସୁବର୍ଣ୍ଣରେଖା କୂଳରେ ।

Digitized by srujanika@gmail.com

ସ୍କୁଲ ବାରନ୍ଦାରେ ଛିଡାହେଲେ ଦେଖିହୁଏ ରୂପା-ପାତର ନଈଟା ଲମ୍ବି ଯାଇଚି କାହିଁ କେତେ ଦୂରକୁ । ସେ ସମୟରେ ଉତ୍ତର ବାଲେଶ୍ୱରରେ ଏଇଟା ଥିଲା ଦ୍ୱିତୀୟ ହାଇସ୍କୁଲ । ପ୍ରଥମ ଥିଲା ଲକ୍ଷ୍ମଣନାଥ ହାଇସ୍କୁଲ । ଯେତେଦୂର ଜାଣେ ମନୋଜ ବାବୁ ସେଇ ମାଇନର ସ୍କୁଲରେ ହିଁ ପ୍ରଥମେ ସ୍କୁଲ ଶିକ୍ଷା ଆରମ୍ଭ କରିଥିଲେ । ତାଙ୍କୁ ମୁଁ ପ୍ରଥମେ ଦେଖିଲି ସେଇଠି । ଏବେ ବି ମନେଅଛି, ଗୋଟାଏ ଶାନ୍ତ ସୁଧାର ପିଲା ହାଫ୍‌ପ୍ୟାଣ୍ଟ ଓ ହାଫ୍-ସାର୍ଟ ପିନ୍ଧି ସ୍କୁଲ ପଡିଆରେ ବାଟ ଚାଲୁଥାଏ । ସେ ସେତେବେଳେ ସପ୍ତମ ଶ୍ରେଣୀରେ । ଆମେ ଦେଖିଚୁଁ, ମନୋଜ ନାଁଟା ସେତେବେଳେ ପିଲାଙ୍କ ପାଟିରେ ନଥାଏ -ଥାଏ ବେଶି ଶିକ୍ଷକମାନଙ୍କ ମୁହଁରେ । ମେଧାବୀ ଛାତ୍ର । କ୍ଲାସରେ ଫାଷ୍ଟହୁଏ ।

ମନୋଜ ବାବୁ ସେଇ ବର୍ଷହିଁ ସେ ସ୍କୁଲ ଛାଡିଦେଲେ । ଆସିଲେ ବାଲେଶ୍ୱର । ସେ ସିନା ଜମାଲପୁର ଛାଡିଦେଲେ, ଜମାଲପୁର ଓଠରୁ କିନ୍ତୁ ମନୋଜ ନାଁଟା ଲିଭିଲା ନାହିଁ । ଏବେ ବି ଲିଭିନାହିଁ । କେବେ ବି ଲିଭିବ ନାହିଁ । ହେଇତ ସେ ଦିନ ଯାଇଥିଲି । ଯେମିତ ପ୍ରତିଥର ଗାଁକୁ ଗଲାବେଳକୁ ସେଇ ସ୍କୁଲ ସାମନା ଦେଇ ଯାଏଁ । ବେଳେ ବେଳେ ସ୍କୁଲ ଭିତରକୁ ପଶିଯାଇ ଲାଇବ୍ରେରୀ ବିଷୟରେ କିମ୍ବା ଅନ୍ୟାନ୍ୟ ବିଷୟରେ ଶିକ୍ଷକମାନଙ୍କ ସହିତ କଥା ହୁଏଁ । ସେମିତି ସେଦିନ ମଧ୍ୟ ତାଙ୍କରି କଥା ପଡିଲା । ମନୋଜ ବାବୁଙ୍କ 'ସରସ୍ୱତୀ ସମ୍ମାନ' ବିଷୟରେ ଆଲୋଚନା ହେଲା । ପଚାରିଲି କେତେ ବହି ଅଛି ଲାଇବ୍ରେରୀରେ ?

ଅଛି । କିଛି ଅଛି ଆମ ପାଖରେ । କିନ୍ତୁ କେତେ ବା ମିଳୁଚି ଆମକୁ ? ଆଉ ଏଠି କିଏ ବୁଝିବ ସେ ବହିକୁ ?

ମୁଁ ସେଥିରେ ସନ୍ତୁଷ୍ଟ ହେଲି ନାହିଁ । କହିଲି ଯେତେ ଅଧିକ ରଖି ପାରିବେ ସେତେ ଭଲ । ପିଲାମାନେ ଅନ୍ତତଃ ଜାଣିବେ,ଏଇ ଲେଖକ ଦିନେ ଏଇଠି ପାଠ ପଢୁଥିଲେ । ସେମାନଙ୍କର ଗୋଟିଏ ଧାରଣା ହେବ ତାଙ୍କ ବିଷୟରେ, ଯେମିତି ଆମେ ସେତେବେଳେ ମନେମନେ ଗୋଟିଏ ସାମ୍ଭାବ୍ୟ ଚିତ୍ର ଆଙ୍କୁଥିଲୁ କାହ୍ନୁଚରଣ, ଗୋପୀନାଥ, କାଳିନ୍ଦୀଚରଣଙ୍କ ବିଷୟରେ ତାଙ୍କ ବହି ପଢି ।

ମନୋଜବାବୁଙ୍କ ଲେଖକୀୟ ବଳୟ ଭିତରେ ଜମାଲପୁର କୋଉ ସ୍ଥାନ ଅଧିକାର କରିଚି ସେ କଥା ମୁଁ ଜାଣେନା । କିନ୍ତୁ ତା'ର ପରିବେଶ, ସୁବର୍ଣ୍ଣରେଖାର ଏ ପାଖରେ ନିତିଦିନ ମଥାଟେକୁଥିବା ସୂର୍ଯ୍ୟ ଓ ନଈ ସେ ପାଖରେ ପ୍ରତି ସଂଧ୍ୟାରେ ଲୁଚି ଯାଉଥିବା ସୂର୍ଯ୍ୟମାନେ ଯେ କିଛିଟା ଉଦ୍‌ବେଳନ ତାଙ୍କ ଭିତରେ ସୃଷ୍ଟି କରିଥିବେ ଏ ବିଷୟରେ ମୋର ସନ୍ଦେହ ନାହିଁ । ପ୍ରକୃତି ଓ ପରିବେଶ ହିଁ ମଣିଷକୁ କବି କରିଦିଏ । କବିତ୍ୱ ସେଇଠୁ ସୃଷ୍ଟିହୁଏ ।

Digitized by srujanika@gmail.com

ମନୋଜ ବାବୁଙ୍କୁ ତା'ପରେ ମୁଁ ଆଉ ଦେଖିନାହିଁ । ଯେତେବେଳେ ତାଙ୍କୁ ଦେଖିଲି ସେ ଥିଲେ ପଣ୍ଡିଚେରୀ ଆଶ୍ରମରେ । ମୁଁ ସେତେବେଳେ ଥାଏଁ ମାନ୍ଦ୍ରାଜରେ । ନିଜ ଡିପାର୍ଟମେଣ୍ଟର ଗୋଟିଏ ରିକ୍ରୁଟମେଣ୍ଟ ଟିମ ସହିତ ମୁଁ ଯାଇଥାଏଁ ପଣ୍ଡିଚେରୀ । ସାଧକ ମନୋଜ ବାବୁଙ୍କୁ ଦେଖିଲି ତାଙ୍କ ନିଜ ବାସ ଭବନରେ । ସାଧନାରେ ନିମଗ୍ନ ଥିଲେ ସେ ତାଙ୍କ ଲାଇବ୍ରେରୀରେ । କେତୋଟି ବିରଳ ମୁହୂର୍ତ୍ତ ମୁଁ ସେଦିନ ତାଙ୍କ ସହିତ ପ୍ରଥମକରି କଟେଇଥିଲି ।

'ବାସ୍, ତା'ପରେ ମୋର ଆଉ ଅସୁବିଧା ହୋଇନାହିଁ । ମୁଁ ଓ ସେଠି ଇଂଜିନିୟରିଂ ପଢୁଥିବା ଜେନାମଣି ତାଙ୍କୁ ଭେଟିଥିଲୁଁ ହୋଟେଲ 'ସବେରା'ରେ । ଅନୁରୋଧ କଲୁଁ ସେବର୍ଷ ଉତ୍କଳ ଦିବସ ପାଳନ ଉତ୍ସବରେ ଯୋଗଦେବାକୁ । ସେ ସଙ୍ଗେ ସଙ୍ଗେ ରାଜି ହୋଇଗଲେ । ସେ ବର୍ଷ (୧୯୮୨) ଉତ୍କଳ ଦିବସ ପାଳନ ଅବସରରେ ଆମେ ଆଲୋଚନା କଲୁଁ 'ଉତ୍କଳ ଏସୋସିଏସନ' ଗଠନପାଇଁ । ଉପସ୍ଥିତ ଥିଲେ ଡାକ୍ତର କବିପ୍ରସାଦ ମିଶ୍ର, ଖ୍ୟାତନାମା ହୃଦ୍‌ରୋଗ ବିଶେଷଜ୍ଞ; ଅଧ୍ୟାପକ ଡକ୍ଟର ଆର.ଏନ୍.ମହାନ୍ତି ଯେକି ସେତେବେଳେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ଅଧ୍ୟାପକ ଏବଂ ଆଇ.ଆଇ.ଟିର ଅଧ୍ୟାପକ ସୁରେନ୍ଦ୍ର ନାଥ ମାଝି ।

ପ୍ରସ୍ତାବ ଗୃହୀତ ହେଲା ଏବଂ କାମ ମଧ୍ୟ ଆରମ୍ଭ ହେଲା । ତେଣୁ ମାନ୍ଦ୍ରାଜରେ 'ଉତ୍କଳ ଏସୋସିଏସନ୍'ର ମୂଳଦୁଆ ଦେବାରେ ମନୋଜ ବାବୁଙ୍କ ପ୍ରଚ୍ଛନ୍ନ ପ୍ରେରଣାକୁ ଅସ୍ୱୀକାର କରିହେବନାହିଁ । ମୁଁ ଥିଲି ତା'ର ପ୍ରଥମ ସାଧାରଣ ସଂପାଦକ ଓ ଡକ୍ଟର କବି ପ୍ରସାଦ ମିଶ୍ର ଥିଲେ ପ୍ରଥମ ସଭାପତି । ସେ ଅନୁଷ୍ଠାନ ଆଜି ବିରାଟ ଆକାର ଧାରଣ କଲାଣି । ସମୁଦ୍ର କୂଳରେ ଏକ ଏକର ପରିମିତ ଜାଗାରେ ବିରାଟ ଜଗନ୍ନାଥ ମନ୍ଦିର ନିର୍ମାଣ ସରିଲାଣି । ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ ହେଇ ସାରିଲାଣି । ମୁଁ ମାନ୍ଦ୍ରାଜରୁ ବଦଳି ହୋଇ ଆସିଥିଲେ ମଧ୍ୟ ଉତ୍କଳ ଏସୋସିଏସନ୍ ସଂପର୍କ ଅତୁଟ ରହିଚି । ମନୋଜ ବାବୁ ମଧ୍ୟ ତା' ସହିତ ଅଛନ୍ତି ।

ମୁଁ ମନୋଜ ବାବୁଙ୍କ ସାହିତ୍ୟ ଉପରକୁ ଯିବିନାହିଁ । ଖୁବ ବେଶି ତାଙ୍କୁ ମନ ଦେଇ ପଢିଚି ବୋଲି କହି ପାରିବି ନାହିଁ । ତାଙ୍କ ଦର୍ଶନକୁ କେତେ ବୁଝିଚି ଜାଣେନା । ତେବେ ଗୋଟିଏ କଥା ଲକ୍ଷ୍ୟ କରିଚି-ଛାତ୍ରାବସ୍ଥାରେ ମନୋଜବାବୁ ବା ଛାତ୍ରନେତା ମନୋଜ ବାବୁ ଓ ସାଧକ ମନୋଜ ବାବୁ ଭିତରେ ଅନେକ ପାର୍ଥକ୍ୟ ରହି ଯାଉଚି । ଏ ପାର୍ଥକ୍ୟକୁ ମନୋଜ ବାବୁ ସ୍ୱୀକାର କରନ୍ତି । ସାମ୍ୟବାଦରୁ ଆଧ୍ୟାତ୍ମବାଦକୁ ଯାଇଥିବା ମନୋଜ ବାବୁ ଏ ସମ୍ପର୍କରେ କହନ୍ତି, ''ମଣିଷ ମଣିଷ ଭିତରେ ଏକତ୍ୱର ଦର୍ଶନ ମୋତେ ବାମପନ୍ଥୀ ରାଜନୈତିକ ଦର୍ଶନ ପ୍ରତି ଆକୃଷ୍ଟ କରିଥିଲା । ପରେ ଉପଲବ୍ଧି କରିଥିଲି ଯେ ଏକତ୍ୱର ରୂପାୟନ ଚେତନା ରାଜ୍ୟରେ ଓଲଟ ପାଲଟ ବିନା ସମ୍ଭବପର ନୁହେଁ । ସ୍ଥୂଳ

Digitized by srujanika@gmail.com

ଜୀବନଯାତ୍ରାରେ ରାଜନୀତିର ଭୂମିକା ଅଛି । ଆଦର୍ଶବାଦର ଭୂମିକା ଅଛି । ଆଧ୍ୟାତ୍ମିକତା- ବିଶେଷତଃ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ସେ ସବୁର ବିରୋଧ କରେନାହିଁ ବା ସେ ସବୁର ବିକଳ୍ପ ନୁହେଁ ।....ଆଧ୍ୟାତ୍ମିକତାକୁ କୌଣସି ଧର୍ମଗୋଷ୍ଠୀ, ଜାତି ଇତ୍ୟାଦି ସହ ସଂଶ୍ଳିଷ୍ଟ କଲେ ଚଳିବନାହିଁ । ଆଧ୍ୟାତ୍ମିକତା ଚେତନାଗତ ବିଜ୍ଞାନ । ମଣିଷର ସୃଷ୍ଟି ବିବର୍ତ୍ତନର ଆଭିମୁଖ୍ୟ, ମଣିଷ ଜାତିର ଅନିବାର୍ଯ୍ୟ ଭବିଷ୍ୟତ ସମ୍ପର୍କରେ ଶ୍ରୀ ଅରବିନ୍ଦ ଯେଉଁ ଦିଗ୍ ଦର୍ଶନ ଦେଇଛନ୍ତି ତାହା ମୋତେ ବିଜ୍ଞାନ ସମ୍ମତ ଓ ପୂର୍ଣ୍ଣାଙ୍ଗ ମନେହେଲା ।''

ଆଧ୍ୟାତ୍ମବାଦର ଆଉ ଏକ ବିଶାଳ ପୃଥିବୀକୁ ପଶିଗଲା ପରେ ମନୋଜ ବାବୁଙ୍କୁ ଗୋଟିଏ ଜିଲ୍ଲା ବା ପ୍ରଦେଶର ଭୌଗୋଳିକ ସୀମାରେଖା ଭିତରେ ଆବଦ୍ଧ କରି ରଖି ହେବନାହିଁ । ସାମାଜିକ ପ୍ରତିବଦ୍ଧତାରେ ବିଶ୍ୱାସ ରଖୁଥିବା ମନୋଜ ବାବୁ ସମାଜ ଓ ଧର୍ମକୁ କେବେ ଅଲଗା କରି ଦେଖିନାହାନ୍ତି । ସତ୍ ସାହିତ୍ୟର ମଣିଷକୁ ବଦଳାଇ ପାରିବାର ଅଦ୍‌ଭୂତ ଶକ୍ତି ରହିଛି-ଏକଥା ସେ ବିଶ୍ୱାସ କରନ୍ତି । ତାଙ୍କର ସମଗ୍ର ସାହିତ୍ୟ ଏଇ ଦୃଷ୍ଟିରୁ ସମଗ୍ର ମଣିଷ ଜାତିପାଇଁ ନିବେଦିତ । ଏହାକୁ ଗୋଟିଏ ପ୍ରଦେଶ, ଭାଷା ବା ଦେଶ ଭିତରେ ସୀମାବଦ୍ଧ କରାଯାଇ ପାରେନା । ସେ ସମଗ୍ର ମଣିଷର, ସମଗ୍ର ପୃଥିବୀର ।

ମନୋଜ ବାବୁଙ୍କ ଜନ୍ମ ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରାକ୍ କାଳରେ । ଯୁଦ୍ଧର ଭୟାବହତା ସେ ହୁଏତ କିଛି କିଛି ଅନୁଭବ କରିଥିବେ । ହିରୋସୀମା ଓ ହିଟଲର ଏମାନେ ଲେଖକ ମନୋଜ ବାବୁଙ୍କ ଦୃଶ୍ୟପଟରୁ ଅପସରି ଯାଇ ପାରି ନ ଥିବେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମଧ୍ୟ ଦେଶ ଓ ଦେଶ ବାହାରେ ବହୁ ଯୁଦ୍ଧ ଅନୁଷ୍ଠିତ ହୋଇ ଯାଇଚି । ଅଣୁ ଯୁଦ୍ଧ ସମଗ୍ର ମଣିଷ ସମାଜ ଆଗରେ ଏକ ଭୟଙ୍କର ଶତ୍ରୁ ହେଇ ଠିଆ ହେଇଚି । ଜଣେ ମାନବବାଦୀ ଲେଖକ ଏ ସବୁକୁ ନିରବ ହେଇ ଦେଖି ପାରେନାହିଁ ।

ମନୋଜ ବାବୁ ମଧ୍ୟ ତାଙ୍କ ଜୀବନକାଳ ଭିତରେ ଦେଶ ବିଭାଜନକୁ ଦେଖିଚନ୍ତି । ଖାଲି ନିଜ ଦେଶନୁହେଁ, ସାମ୍ରାଜ୍ୟବାଦୀ ଚକ୍ରବ୍ୟୂହ ଭିତରେ ପୃଥିବୀର ବହୁ ଦେଶ ବିଭାଜିତ ହେଇଚନ୍ତି ଏବଂ କେତେକ କ୍ଷେତ୍ରରେ ସେମାନେ ପୁଣିଥରେ ମିଳିତ ହୋଇଚନ୍ତି ମଧ୍ୟ । 'ସମଗ୍ର ମଣିଷ ସମାଜ ଗୋଟିଏ' ଏ କଥାରେ ସେମାନେ ବିଶ୍ୱାସ କରନ୍ତି । କିନ୍ତୁ ବିଭାଜନ ମଣିଷକୁ ମଣିଷଠାରୁ ଅଲଗା କିରଦିଏ । ମାଆକୁ ପୁଅଠାରୁ, ସ୍ତ୍ରୀକୁ ସ୍ୱାମୀଠାରୁ, ଭାଇକୁ ଭଉଣୀଠାରୁ ଏବଂ ପ୍ରେମିକକୁ ପ୍ରେମିକାଠାରୁ ଅଲଗା କରୁଥିବା ବିଭାଜନ ମଧ୍ୟ ମଣିଷର ସାମଗ୍ରିକ ବିବର୍ତ୍ତନରେ ବାଧା ସୃଷ୍ଟି କରେ । ତା'ର ଚେତନାର ଉତ୍ତରଣରେ ସହାୟକ ହୁଏନା । ମନୋଜୀୟ ସାହିତ୍ୟ ସମାଜରେ ଗୋଟିଏ ଚିରନ୍ତନ ସତ୍ୟର ପ୍ରତିଷ୍ଠା ପାଇଁ ଅହରହ ସଂଗ୍ରାମ କରୁଥିବା ବେଳେ କେତେଦୂର ଏସବୁ ବିଧି ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଚନ୍ତି ମୁଁ ଜାଣେନା । ହୁଏତ ମୋ ନଜରକୁ ଆସିନାହିଁ ।

Digitized by srujanika@gmail.com

ମନୋଜ ବାବୁ 'Life beyond life' ରେ ବିଶ୍ୱାସ କରନ୍ତି । ଜାତି, ଧର୍ମ ଓ ସମ୍ପ୍ରଦାୟକୁ ସେ ଆଧ୍ୟାତ୍ମବାଦର ବିଶ୍ୱାୟତନରୁ ଅଲଗା କରି ଦେଖିଚନ୍ତି । କୌଣସି ପ୍ରକାର ସେକ୍ୟୁଲରିଆନ ଚିନ୍ତାକୁ ସେ କେବେବି ତାଙ୍କ ଲେଖା ଭିତରେ ସ୍ଥାନ ଦେଇ ନାହାନ୍ତି । କିନ୍ତୁ ତାଙ୍କର ଅନ୍ତରଙ୍ଗ ଭାରତ ଏବେ ଶତଧା ବିଭକ୍ତ । ଜାତି, ଧର୍ମ ଓ ସଂପ୍ରଦାୟ ତା'ର ମଣିଷକୁ ଭାଗ ଭାଗ କରି ଦେଉଚି । ତାକୁ କ୍ଷୁଦ୍ରରୁ କ୍ଷୁଦ୍ରତର କରି ଦେଉଚି । ମଣିଷକୁ ଏକ ବିଶାଳ ପୃଥିବୀର ନାଗରିକରେ ପରିଣତ କରିବା ପରିବର୍ତ୍ତେ ଏକ ସଂକୀର୍ଣ୍ଣ ଗଣ୍ଡି ଭିତରେ ରଖି ଦେଉଚି, ଏବଂ ତାକୁଇ କେନ୍ଦ୍ର କରି ସୃଷ୍ଟି ହେଉଚି ସହସ୍ର ସଂଘର୍ଷ, ହିଂସା, ଦ୍ୱେଷ ଏବଂ ଯାବତୀୟ ଅମାନବିକ କ୍ରିୟାକର୍ମ । ଅରବିନ୍ଦ ଦର୍ଶନ ଏସବୁ ସଂକୀର୍ଣ୍ଣତାକୁ ମୋଟେ ପ୍ରଶ୍ରୟ ଦିଏନାହିଁ । ତା'ର ଅନେକ ଉର୍ଦ୍ଧ୍ୱରେ । ସାହିତ୍ୟ ମଧ୍ୟ ଯୁଗେଯୁଗେ ତା'ର ବିରୋଧାଚରଣ କରି ଆସୁଅଛି । ମନୋଜ ବାବୁଙ୍କ ସାହିତ୍ୟ ଏଥିରୁ ବାଦ ପଡି ନଥିଲେ ବି କେମିତି କେଜାଣି ଏ ଦୁଇଟି ଭିତରେ ଅନେକ ପାର୍ଥକ୍ୟ ରହି ଯାଇଚି । ସତ୍ ସାହିତ୍ୟ ସବୁବେଳେ ଅସତ୍ ବ୍ୟବସ୍ଥା ବିରୋଧରେ । ଆମର ଏବର ପରିବର୍ତ୍ତିତ ପରିସ୍ଥିତିରେ ସେ ସାହିତ୍ୟର ସ୍ୱର ହୁଏତ ଦୁର୍ବଳ ହେଇ ପଡୁଚି ଯାହା ପାଇଁ ଅପର ପକ୍ଷ ବେଶି ବଳୀୟାନ ହେଇ ଯାଉଚି । ଫଳରେ ଏକ ସାଂଘାତିକ ଅବସ୍ଥା ସୃଷ୍ଟି ହେଉଚି ।

• ଏଲ/୪୫, ଛେଣ୍ଡ କଲୋନୀ,
ରାଉରକେଲା-୧୫

Digitized by srujanika@gmail.com

ମୋର ପରିଚିତ ଓ ଅପରିଚିତ ମନୋଜ ଦାସ

ଅସୀମ ବସୁ

ଘଟଣାଟି ଏବେକାର ନୁହେଁ । କିଛି ବର୍ଷ ତଳର । ସେଇ ଯେତେବେଳେ ମନୋଜ ଦାସ ତାଂକର 'ଧୂମ୍ରାଭ ଦିଗନ୍ତ' ପାଇଁ ସାରଳା ପୁରସ୍କାର ଲାଭ କଲେ ସେତେବେଳର କଥା । ସାରଳା ପୁରସ୍କାର ପ୍ରଦାନ ଉତ୍ସବର ପରଦିନ ମନୋଜ ଦାସଂକୁ ସଂବର୍ଦ୍ଧନା ଜଣେଇବା ପାଇଁ 'ଦୈନିକ ଧରିତ୍ରୀ' କାର୍ଯ୍ୟାଳୟରେ ଏକ ଅଂତରଂଗ ବୈଠକର ଆୟୋଜନ ହୋଇଥାଏ । ଅନେକଂକ ସହିତ ମୁଁ ମଧ୍ୟ ଉପସ୍ଥିତ ଥିଲି ସେ ସଭାରେ । ଚଟାଣରେ ଦରି ଉପରେ ଗୋଲ ହେଇ ଆମେ ବସିଛୁ । ମନୋଜ ଦାସଂକ ସହିତ ଅତଂରଂଗ ଭାବରେ ମିଶୁଥିବା, ତାଂକୁ ଶ୍ରଦ୍ଧା କରୁଥିବା, ତାଂକ ସାହିତ୍ୟ କୃତିରେ ବିମୁଗ୍ଧ ସଜ୍ଜନମଣ୍ଡଳୀ ତାଂକୁ ଅଭିନନ୍ଦନ ଜଣାଉ ଥାଆନ୍ତି, ତାଂକ ବିଷୟରେ କହୁଥାଆନ୍ତି । ବଂଧୁ ଭଗବାନ ନାୟକବର୍ମ୍ମା, ମତେ ମଧ୍ୟ କହିବାକୁ କହିଲେ-ଯେହେତୁ ଏକ ସମୟରେ ଆମେ ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରଥିଲୁ । ମୁଁ କହିଲି-ମନୋଜ ଦାସ ଦିନେ ଆମ ହାତ ପାହାନ୍ତାର ମଣିଷ ଥିଲେ । ସେଦିନର ମନୋଜ ଦାସଙ୍କୁ ଆମେ ଛୁଇଁ ପାରୁଥିଲୁ-ଧରି ପାରୁଥିଲୁ । ହେଲେ ଆଜିର ମନୋଜ ଦାସ ଦୂର ଆକାଶର ଏକ ଜ୍ୟୋତିର୍ମୟ ବଳୟ, ଯାହାର ଉଜ୍ଜ୍ୱଳ ଆଲୋକ ଆମେ ଦେଖି ପାରୁଛୁ ହେଲେ ଛୁଇଁ ପାରୁନୁ । ଏତିକିରେ ମନୋଜ ଦାସ ଉଠିପଡି ମତେ ଧରି କହିଲେ-''ଅସୀମ ! ଏ ଭଳି କଥା ମତେ ତମେ କହି ପାରିଲ ?'' ଆଉ ସେହି କଥା ପଦକରେ ସେଦିନ ମୁଁ ଫେରି ପାଇଥିଲି ଉଣେଇଶ ଶହ ବାବନ ତେପନର ମନୋଜ ଦାସଂକୁ ।

ଉଣେଇଶ ଶହ ବାବନ ତେପନର ମନୋଜ ଦାସ, ବାଲେଶ୍ୱର ଫକୀର ମୋହନ କଲେଜର ମନୋଜ ଦାସ । ମୁଁ ସଦ୍ୟ କଲେଜରେ ନାଆଁ ଲେଖେଇଥିବା ଛାତ୍ରଟିଏ । କଲେଜର ଛାତ୍ର ୟୁନିଅନ ନିର୍ବାଚନ ପାଇଁ କାନ୍ଥବାଡରେ ହାତଲେଖା ପୋଷ୍ଟର ସବୁ ଲାଗିଛି । ସେହି ପୋଷ୍ଟରରୁହିଁ ମନୋଜ ଦାସଙ୍କ ନାମ ସହିତ ମୋର ପ୍ରଥମ ପରିଚୟ । ମନୋଜ ଦାସ କଲେଜର ଛାତ୍ର ଇଉନିୟନ ସଭାପତି ପଦର ପ୍ରାର୍ଥୀ । ନିର୍ବାଚନ ଯେତେ ପାଖେଇ ଆସୁଥାଏ, କଲେଜରେ ନିର୍ବାଚନର ହାୱା ସେତେ

Digitized by srujanika@gmail.com

ସରଗରମ ହୋଇ ଉଠୁଥାଏ । ନିର୍ବାଚନ ଆଁଉ ମାତ୍ର ଦୁଇଦିନ ବାକି । ଠିକ୍ ଏତିକିବେଳେ କଲେଜ କାନ୍ଥରେ ମନୋଜ ଦାସ ବିରୋଧୀ ଗୋଟାଏ ପୋଷ୍ଟର ଲାଗିଲା । ମନୋଜ ଦାସଂକର ସରକାର ବିରୋଧୀ କାର୍ଯ୍ୟକଳାପର ତାଲିକା, ଥାନା, ପୋଲିସର ଖବର; ପୋଲିସ୍ ତାଲିକାରେ ମନୋଜ ଦାସଂକର ନାଆଁ ଥିବାର ଖବର । ଏମିତି ସବୁ ଏବଂ ସବା ଶେଷରେ ପ୍ରଶ୍ନ -ଆପଣମାନେ କ'ଣ ଏଭଳି ମନୋଜ ଦାସଂକୁ ଆପଣଙ୍କର ସଭାପତି କରିବାକୁ ଚାହାନ୍ତି ?

କାନ୍ଥକୁ ମୁହଁକରି ପୋଷ୍ଟର ପଢୁଥିବା ଛାତ୍ରମାନଂକର ସବା ଶେଷରେ ମୁଁ । ହଠାତ୍ ମୋ ପାଟିରୁ ବାହାରି ପଡିଲା -"ହଁ, ଏହିଁ ହେଉଛନ୍ତି ଯୋଗ୍ୟ ଲୋକ ସଭାପତି ହେବାପାଇଁ ।" କାନ୍ଥକୁ ମୁହଁକରି ଥିବା ଛାତ୍ରମାନେ ବୁଲି ପଡିଲେ ମୋ ଆଡକୁ ।

"କେମିତି ?" ଏକ ସମ୍ମିଳିତ ପ୍ରଶ୍ନ ।

କେମିତି ନୁହେଁ ? ଏସବୁ ତ ମନୋଜ ଦାସଂକର କାମ କରିଥିବାର ତାଲିକା । ଜଣେ ଛାତ୍ରନେତା ହେବାପାଇଁ ଯୋଗ୍ୟତାର ତାଲିକା । ଆଉ ତାଂକ ବିରୋଧରେ ଯିଏ ଠିଆ ହେଇଛନ୍ତି ତାଂକ କାମର ଓ ତାଂକ ଯୋଗ୍ୟତାର ପ୍ରମାଣପତ୍ର କେଉଁଠି ନାହିଁ । ଉତ୍ତର ଦେଲି ମୁଁ ।

କଥାଟା ସମସ୍ତଂକର ମନକୁ ପାଇଲା । ସେଦିନର ସେ ଖବର କେମିତି କେଜାଣି ମନୋଜ ଦାସଂକର କାନରେ ପଡିଥିଲା । ଇଲେକ୍ସନ୍ ସରିଲା । ମନୋଜ ଦାସ ସଭାପତି ହେଲେ । ତା'ପରେ ଦିନେ ଖୋଜିଲେ ପ୍ରଥମ ବର୍ଷର ଛାତ୍ର ଅସୀମ ବସୁକୁ । ମୁଁ ଦେଖା କଲି । ପରିଚୟ ହେଲାପରେ ଜାଣିଲି ଆମେ ଦୁହେଁ ପାଖାପାଖି ଗାଁର । ଏଥର ଆମେ ଘନିଷ୍ଠ ହେଲୁ । ଘନିଷ୍ଠ ହେଲୁ ବାଲେଶ୍ୱରରେ ପ୍ରଥମ ଥର ପାଇଁ ଷ୍ଟୁଡେଣ୍ଟସ୍ ଫେଡାରେସନ୍‌ର ବାର୍ଷିକ ଅଧିବେଶନରେ କାମ କରିବାକୁ ଯାଇ ।

ମନୋଜ ଦାସ କେବଳ ଛାତ୍ରନେତା ନୁହନ୍ତି । ସେ ଜଣେ ସୁବକ୍ତା, ଜଣେ ଗୀତିକାର, ଜଣେ କଣ୍ଠଶିଳ୍ପୀ । ତାଂକ ଉଦାତ୍ତ କଣ୍ଠରେ -"ସୂର୍ଯ୍ୟ ଉଠେ ଦୂରେରେ - ନୌକା ଭିଡାଅ ତୀରେରେ -ରାତ୍ରି ଅବସାନ..." ମୁଁ ଶୁଣିଛି । ମୁଗ୍ଧ ହୋଇଛି । ଏବେ ବି ଏତେ ପରେ ବି ସେ ଗୀତ୍ କଥା ଭୁଲି ପାରିନି ।

ବାଲେଶ୍ୱର କାଳୀମନ୍ଦିର ଭିତରେ ଗୋଟିଏ ଛୋଟିଆ ରଂଗମଞ୍ଚ ଥିଲା । ଆମେ କେତେକ ବଂଧୁ ମିଶି ସେଠି ନାଟକ ମଂଚସ୍ଥ କରିଛୁ । ରଂଗମଂଚ ପାଖକୁ ଲାଗି ପାୱାର ହାଉସ୍ । ପାୱାର ହାଉସ୍‌ରେ ଜେନାରେଟର ଚଳାଇଁ ସହରକୁ ଆଲୁଅ ଯୋଗା ଯାଉଥିଲା । ତେଣୁ ସେ ମଂଚରେ କିଛି କରିବାକୁ ହେଲେ ରାତି ପ୍ରାୟ ସାଢେ ଆଠ ବା ନଅଟାରେ, ଜେନେରେଟାର ଶବ୍ଦ ବନ୍ଦହେଲେ କରିବାକୁ ପଡୁଥିଲା । ଥରେ ସେଇ ମଂଚରେ ରବୀନ୍ଦ୍ର ଜୟନ୍ତୀ ପାଇଁ ଏକ ସଭାର ଆୟୋଜନ କରା ଯାଇଥିଲା । ସଭାରେ ଅତିଥି ଭାବରେ

Digitized by srujanika@gmail.com

ଥିଲେ ଆମ କଲେଜର ଇଂରାଜୀ ଅଧ୍ୟାପକ , ପ୍ରଫେସର କ୍ଷିତୀଶ ଦେବ, ଏବଂ ଛାତ୍ର ମନୋଜ ଦାସ । ମନୋଜ ଦାସ ଟିକିଏ ଡେରିରେ ଆସି ପହଞ୍ଚିଲେ । ମୁଁ ସେତେବେଳକୁ ରବୀନ୍ଦ୍ରନାଥଂକର 'ଓରା କାଜକରେ' କବିତାଟି ଆବୃତ୍ତି କରୁଥାଏ । ମନୋଜ ଦାସ ତାଂକ ବକ୍ତବ୍ୟ ଆରମ୍ଭ କଲେ -ସେଇ କବିତା-'ଓରା କାଜକରେ'କୁ ଆଧାର କରି । ଦୀର୍ଘ ଅଧ ଘଣ୍ଟାଏ ଅନର୍ଗଳ ଭାବରେ କହି ଚାଲିଲେ ମନୋଜ ଦାସ । ଖାଲି ମୁଁ ନୁହେଁ, ଆମେ ସମସ୍ତେ ବିସ୍ମୟ ର ସହିତ ଅନେଇ ରହିଲୁ ତାଂକ ମୁହଁକୁ । ଇଏ କ'ଣ ଫକୀର ମୋହନ କଲେଜର ଛାତ୍ର ମନୋଜ ଦାସ ? ଏତେ ସାବଲୀଳ, ଏତେ ମନୋଜ୍ଞ ଭାଷଣ କ'ଣ ଜଣେ ଛାତ୍ରର ? ନା ଛାତ୍ର ବ୍ୟକ୍ତିତ୍ୱ ଭିତରେ ଲୁଚି ରହିଥିବା ଆଉ ଏକ ମନନଶୀଳ ବ୍ୟକ୍ତିତ୍ୱ ମନୋଜ ଦାସଙ୍କର, ଯାହାଂକୁ ଆମେ ଚିହ୍ନିନୁ,ଜାଣିନୁ । ଯାହଂକୁ ଆମେ ଆବିଷ୍କାର କଲୁ ସେଇ ମୁହୂର୍ତ୍ତରେ ମଂଚ ଉପରେ ।

ତା'ପରେ ମୁଁ ହଜିଗଲି ଜନଗହଳି ଭିତରେ । ହେଲେ ମନୋଜ ଦାସ ହଜିଲେନି । ସେତ ହଜି ଯିବାର ନୁହନ୍ତି । ସେ ତ ଶହେ ନୁହେଁ, ହଜାରେ ନୁହେଁ, ଲକ୍ଷ ଲକ୍ଷଂକ ଭିତରେ ବାରିହେଇ ପଡୁଥିବାର ମନୋଜ ଦାସ । ଲକ୍ଷ, ଲକ୍ଷଂକ ଭିତରେ ମୁଣ୍ଡ ଟେକି ଠିଆ ହେବାର ମନୋଜ ଦାସ ।

ମନୋଜ ଦାସ ଏଭଳି ଏକ ବ୍ୟକ୍ତିତ୍ୱ, ଆମ ଜାଣିବାରେ ଯିଏ ଏ ପର୍ଯ୍ୟନ୍ତ ସାଫଲ୍ୟର ବିଜୟ ଧ୍ୱଜାକୁ କାନ୍ଧରେ ଧରି ମାଡି ଚାଲିଛନ୍ତି ଆଗକୁ ଆଗକୁ, ହେଲେ ଆମେ ? ଆମେ ଯେଉଁମାନେ ପଛରେ ରହିଗଲୁ ଗର୍ବର ସହିତ କହି ବୁଲିବୁ-ଏ ଆମର ମନୋଜ ଦାସ -ଏ ମୋର ମନୋଜ ଦାସ । ଆଜି ଭାରି ଇଚ୍ଛା ହେଉଛି ତାଂକରି ମୁହଁରୁ ଶୁଣିବାକୁ -ତାଂକର କୌଣସି ଏକ ପରାଜୟର କାହାଣୀ -ଯାହା ଆମ ପରାଜୟର ଗ୍ଲାନିକୁ ଦୂର କରିବ; ଆମକୁ ଆଶ୍ୱାସନା ଦେବ ଗୋଟାଏ ଜାଗାରେ ଅଟକି ନରହି ଆଗକୁ ମାଡିଯିବା ପାଇଁ ।

• ସୁବର୍ଣ୍ଣରେଖା ଚେମ୍ବାର୍ସ
ଏ ୯, ଭୌମ ନଗର,
ଇଉନିଟ୍ -୪, ଭୁବନେଶ୍ୱର

Digitized by srujanika@gmail.com

ଦୂର-ନିକଟ, ନିକଟ-ଦୂର

ସୌରୀନ୍ଦ୍ର ବାରିକ୍

ବାହ୍ୟ ଦୂରତା ସତ୍ତ୍ୱେ ଏତେ ଘନିଷ୍ଠତା ଯେ ସୃଷ୍ଟି ହୋଇପାରେ ପୂର୍ବରୁ ମୁଁ ଜାଣି ନଥିଲି । ଜାଣି ନଥିଲି ସଂପର୍କର ନିବିଡ଼ତା ନିଜର ଅଜ୍ଞାତସାରରେ ମଧ୍ୟ ସ୍ଥାପିତ ହୋଇଥାଏ । ମନୋଜ ବାବୁଙ୍କ ସଂପର୍କରେ ଭାବିଲା ବେଳକୁ ଏପରି ଧାରଣା ସୃଷ୍ଟି ହୋଇ ଉଠିଥିଲା । କାରଣ କେବେହେଲେ ମୁଁ ତାଙ୍କର ନିକଟ ସଂସ୍ପର୍ଶରେ ଆସି ନଥିଲି । ଯେତେବେଳେ ଯେଉଁଠି ଦେଖା ହୋଇଛି ତାହା ମୁଖ୍ୟତଃ ଔପଚାରିକତା ମଧ୍ୟରେ ହିଁ ସୀମିତ ରହି ଯାଇଛି । ସେ ମୋ' ପାଖରେ ଦୂର ପାହାଡ ପରି ଆକର୍ଷଣୀୟ ହୋଇ ଉଠିଛନ୍ତି । ମୋତେ ଲାଗିଛି ଯେପରି ଏହି ଆକର୍ଷଣ ତାଙ୍କ ମୋ' ଭିତରେ ଥିବା ଦୂରତାର କୁହୁକ । ମାତ୍ର ଆଜି ତାଙ୍କ କଥା ଭାବିଲା ବେଳକୁ ମୁଁ ଅନୁଭବ କରୁଛି ଯେ ମନୋଜ ବାବୁଙ୍କ ପାଖରେ ବୋଧହୁଏ ଔପଚାରିକତା ବୋଲି କିଛିନାହିଁ । ମୋଟା ଚଷମା ତଳୁ ତାଙ୍କର ଚାହାଣି, ଆଉ ଓଠରେ ଲାଗି ରହିଥିବା ସରୁ ହସଟିରେ ସବୁ ନିବିଡତା ଏବଂ ଉଷ୍ଣ ଆନ୍ତରିକତା । ମୋତେ ଲାଗେ ଯେମିତି ନିକଟତା ହିଁ ମନୋଜୀୟତା ।

ପୂର୍ବରୁ କହିଛି ମୁଁ ତାଙ୍କୁ ଦୂରରୁ ଦେଖିଛି । ରେଭେନ୍‌ସା କଲେଜରେ ମୁଁ ଭର୍ତ୍ତି ହେଲା ବେଳକୁ ସେ ଇଂରାଜୀରେ ଏମ୍.ଏ. ଛାତ୍ର । ଛାତ୍ରନେତା ଭାବରେ ପରିଚିତ । ସେହି ହିସାବରେ ମୁଁ ତାଙ୍କୁ ଦେଖିଥିଲି, ଜାଣିଥିଲି । ମୁଁ ଛାତ୍ର -ାଜନୀତିରେ ଆଗ୍ରହୀ ନଥିଲି । ତେଣୁ ସେତେବେଳେ ସେ ମୋତେ ଆକର୍ଷଣ କରିନଥିଲେ । ମୁଁ ଅନୁଭବ କରିଥିଲି ତାଙ୍କ ଭାଷଣରେ ଉଚ୍ଚାରିତ ହେଉଥିବା ପ୍ରତିଟି ଶବ୍ଦରେ ଯେପରି ଭରି ରହିଥିଲା ଆନ୍ତରିକତା । ମୋତେ ଲାଗିଲା ଯେମିତି ପ୍ରତିଟି ଶବ୍ଦକୁ ସେ ବିଂଚୁଛଂତି, ଫଳରେ ପ୍ରତିଟି ଶବ୍ଦ, ଶବ୍ଦ ଶବ୍ଦ ମଧ୍ୟରେ ସଂପର୍କ ସେମାନଙ୍କର ସାଧାରଣ ଚଳଣିପଣକୁ ଟପି ଏକ ଅଦ୍ଭୁତ ଭାବରେ ମନୋଜୀୟ ହୋଇ ପଡୁଛଂତି । ଏହିପରି ହେବା ଫଳରେ ତାର ଧ୍ୱନି, ଛନ୍ଦ, ଏପରିକି ନାଟକୀୟତାରେ ଉକୁଟି ଉଠୁଛି ଏକ ନିଜସ୍ୱପଣ ଯାହା ଶବ୍ଦର କାରିଗରୀ ଅବା ବାଗ୍ମୀତାର ଯାଦୁକରୀରୁ ନୁହେଁ, ଅନୁଭବର ଗଭୀରତାରୁ ଜନ୍ମ ଲାଭ କରିଛି । ଏସବୁ ସତ୍ତ୍ୱେ ମୋ' ଭିତରେ କେମିତି ଏକ ଅପୂର୍ଣ୍ଣତା ବୋଧ ଘାରି ଯାଇଥିଲା । ମୁଁ ତାଙ୍କ ଭାଷଣ

Digitized by srujanika@gmail.com

ଦ୍ୱାରା ଯେତେ ପ୍ରଭାବିତ ହୋଇ ନଥିଲି, ତା'ଠାରୁ ଅଧିକ ବିଚଳିତ ହୋଇଥିଲି । ମୁଁ ବୁଝି ପାରୁନଥିଲି ମୋ' ବିଚଳିତ ହେବାର କାରଣ । କ'ଣ ଗୋଟାଏ ରହସ୍ୟମୟତା ମୋତେ ଘାରିଥିଲା । ମୋ' ଅଜାଣତରେ ମୁଁ ସେହି 'କଣ ଗୋଟାଏ'କୁ ଯେମିତି ଖୋଜି ବୁଲୁଥିଲି । ମୁଁ କ'ଣ ସେଦିନ ଜାଣିଥିଲି ଏହି 'କଣ ଗୋଟାଏ'ତ ମନୋଜବାବୁଙ୍କର ମନୋଜ ପଣ ।

କଟକରେ ତାଙ୍କୁ ଆମ ବିଭାଗରେ ଦେଖି ସେଦିନର ସେ ବିଚଳତା ମୋତେ ଆହୁରି ବ୍ୟସ୍ତ କରିଥିଲା । ମୁଁ ତାଙ୍କ ସରଳତାର ଐଶ୍ୱର୍ଯ୍ୟରେ ମୋହିତ ହୋଇଥିଲି । ବାରବାଂର ନିଜକୁ ପ୍ରଶ୍ନ କରୁଥିଲି ସେହି ଐଶ୍ୱର୍ଯ୍ୟଟି କ'ଣ ? ଯାହାକୁ ବୁଝି ହେଉନି, ପ୍ରକାଶ କରି ହେଉନି । ଆଜି ଅନୁଭବ କରୁଛି ସେହି ଅବୋଧ ଐଶ୍ୱର୍ଯ୍ୟଟି, ସେହି କ'ଣ ଗୋଟିଏ ଯାହା ତାଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣତା ଭିତରେ ଛପି ରହିଥିବା ବାଙ୍ମୟୀ ନୀରବତା । ଏହା ତାଙ୍କ ବାହ୍ୟ ସାଧାରଣତା ଭିତରେ ଗୁମ୍ଫିତ ଅସାଧାରଣ ସତ୍ତାଟିଏ । ଏହା ଯେମିତି ପ୍ରତିଟି ନୂଆ ସକାଳ ପରି, ପରିଚିତ ଅପରିଚିତ; ପ୍ରତି ଜହ୍ନରାତି ପରି ସତ୍ୟଶୀଳ ରହସ୍ୟମୟତା । ସେଦିନ ସେହି ସତ୍ତାଟିର ଅଜ୍ଞାତ ଆକର୍ଷଣ ମୋତେ ମୋହିତ କରିଥିଲା । ତାଙ୍କ ରାଜନୀତି ଆଡକୁ ନୁହେଁ, ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିବା ତାଙ୍କର କବିତା ପ୍ରତି ଆକର୍ଷିତ ହେଲି । କବିତା ସହ ତାଙ୍କୁ ଭଲ ପାଇ ବସିଲି, ସମ୍ମାନ କରିବାକୁ ଲାଗିଲି । 'ଚନ୍ଦ୍ରମାର ଷ୍ଟାମ୍ପମରା ରାତ୍ରିର ଖାମ୍‌ରେ' ପରି ମୋତେ ତାଙ୍କ କବିତା ଲାଗିଲା ଯେପରି ସେଗୁଡିକ ମନୋଜ ଷ୍ଟାମ୍ପମରା ସତ୍ୟ-ରହସ୍ୟର ଖାମ୍ ।

ତାଙ୍କର ଭାଷଣ, କବିତା ଓ ଶେଷରେ ଗଳ୍ପ ଉପନ୍ୟାସ । କିଏ ମୋତେ ବେଶି ଆକର୍ଷଣ କରିଥିଲା ? ମୋତେ ସବୁଠାରୁ ବେଶି ଆକର୍ଷଣ କରିଥିଲା ତାଙ୍କର ବ୍ୟକ୍ତିତ୍ୱ, ଯାହା ଅତି ସାଧାରଣ ଭାବରେ ଅସାଧାରଣ । ତାଙ୍କ ଭାଷଣ ଅଗ୍ନିବର୍ଷୀ ନୁହେଁ, ତାହା ଶୀତ ରାତିରେ ଉହ୍ନେଇର ଉଷୁମ ପରି । ଧୀରେଧୀରେ ଦେହ ଭିତରକୁ ଭେଦିଯାଏ; ଖାଲି ଦେହ ନୁହେଁ, ମନ ଓ ଶେଷରେ ଚେତନାକୁ ଛାଇଯାଏ । ସେହିପରି ବି ତାଙ୍କ ଲେଖା । ସବୁଥିରେ ମୁଁ ପାଇଛି ସେହି ବ୍ୟକ୍ତିତ୍ୱର ଛାପ ଯାହା କିଛି ଦୂରତା ରଖେନାହିଁ । କଥା, ବିଶ୍ୱାସ ଓ ଜୀବନ ଢଂଗ ସବୁ ଏକ ହୋଇଯାଏ । ଏହି ଏକ ହୋଇଯିବା ତ ସୃଜନଶୀଳତା, ସତ୍ୟର ଅନନ୍ୟ ନାନ୍ଦନିକ ଅନୁଭବ । ଏହାହିଁ ଆଧ୍ୟାତ୍ମିକତା । ଫଳରେ ବାହ୍ୟ ଦୂରତା ସତ୍ତ୍ୱେ ସେ ମୋର ଏତେ ନିକଟ ହୋଇ ପାରିଥିଲେ । ଆଜି ବି ସେ ମୋର ଦୂର-ନିକଟ । ଏହି ଦୂର-ନିକଟତା ମୁଁ ପାଇଛି ତାଙ୍କ ବ୍ୟକ୍ତିତ୍ୱରେ, ତାଙ୍କ ସୃଷ୍ଟି ସଂଭାରରେ । ଏହାରି ଛାପ ତାଙ୍କର ପ୍ରତିଟି ଲେଖାରେ । ତାଙ୍କ ଲେଖାରେ ତାଙ୍କ ବ୍ୟକ୍ତିତ୍ୱ ଏପରି ଦୂରତା ରକ୍ଷା କରିଥାଏ ଯେ, ସେ ଲେଖାରେ ଅଦୃଶ୍ୟ ଥାଆନ୍ତି । ମାତ୍ର ଏହି ଦୂରତା ଯୋଗୁଁ ହିଁ ତାଙ୍କୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରିହୁଏ । ଈଶ୍ୱରଙ୍କ ପରି ତାଙ୍କ ଲେଖାରେ ସିଏ ସବୁଠି ଅଛଂତି ପୁଣି କେଉଁଠି ନାହାନ୍ତି । ଏହି ନୈର୍ବ୍ୟକ୍ତିକ ଆତ୍ମିକତା ତାଙ୍କ ଲେଖାକୁ ସତ୍ୟନିଷ୍ଠ କରେ ।

Digitized by srujanika@gmail.com

ସତ୍ୟର ରହସ୍ୟକୁ ଅନନ୍ୟ ଭାବରେ ତୋଳି ଧରିବାରେ କ୍ଷମ ହୁଏ । ତେଣୁ ଦର୍ଶନ, ଚିନ୍ତା, ତତ୍ତ୍ୱ ଗୋଟିଏ ପରିଣତିରେ ଶେଷ ହୁଏନାହିଁ । ଏହା ଅନୁଭବର ଅଂଶ ହୋଇଯାଏ । ତତ୍ତ୍ୱ ଜୀବନର ରହସ୍ୟର ନିର୍ଯ୍ୟାସରେ ରୂପାନ୍ତରିତ ହୋଇଯାଏ । ତାଙ୍କର ପ୍ରତ୍ୟେକଟି ଲେଖା ହୋଇଯାଏ ଜୀବନର ଅର୍ଥାନୁସଂଧାନ । ଏହି ଅନୁସଂଧାନ ହିଁ ତାଙ୍କ ଲେଖାର ମୂଳମଂତ୍ର । ତାଙ୍କ ବଂଚିବାର ବି । ଏହାହିଁ ବୋଧହୁଏ ପ୍ରଭାବିତ କରେ ତାଙ୍କ ବ୍ୟକ୍ତିତ୍ୱକୁ, ବଂଚିବା ଢଂଗକୁ । କଳା ଆଉ ଜୀବନ ସହ ସଂପର୍କକୁ ।

ଏହି ଦୂର ନିକଟତା ଏତେ ବେଶି ନିବିଡ ଯେ ତାଙ୍କୁ ବୁଝି ହୁଏନି । ଖାଲି ଯାହା ଅନୁଭବ କରିହୁଏ । ଏହିଥିରେ ନିହିତ ରହସ୍ୟମୟତା । ରହସ୍ୟମୟତା କେବଳ କ୍ରାନ୍ତ ଯୌକ୍ତିକତା ନୁହେଁ; ଏହାର ପ୍ରାଣସ୍ପନ୍ଦନ ହେଉଛି ଅପ୍ରତ୍ୟାଶିତତା । ତାଙ୍କ ଜୀବନ ଓ ଲେଖାରେ ଏହି ଅପ୍ରତ୍ୟାଶିତତାର ପ୍ରକାଶ । ଛାତ୍ର ଜୀବନରେ ସାମ୍ୟବାଦୀ ରାଜନୀତିରେ ଆଗ୍ରହ । ଖାଲି ପ୍ରସାଧନୀ ଆଗ୍ରହ ନୁହେଁ, ସଂପୂର୍ଣ୍ଣରୂପେ ଅଂଗୀକାରବଦ୍ଧ । ତା'ପରେ ଦିନେ ହଠାତ୍ ଶ୍ରୀଅରବିନ୍ଦ ଭକ୍ତ । ଏହା ଏକ ଦିଗରେ ଅପ୍ରତ୍ୟାଶିତତା ପୁଣି ଅନ୍ୟ ଦିଗରେ ସତ୍ୟକୁ ସାମ୍ନା କରିବାର ଏକ ବୈପ୍ଳବିକ ଅହଂ-ଉତ୍ସର୍ଗ । ଏହା କେବଳ ମନୋଜ ବାବୁଙ୍କ ପାଖରେ ହିଁ ସଂଭବ । କାରଣ ତାଙ୍କ ଭିତରେ ଅହଂ, ବାସ୍ତବତା ଓ ରହସ୍ୟ ଭିତରେ କିଛି ଦୂରତା ନାହିଁ । ସବୁ ନିବିଡ଼ତା, ସବୁ ଏକୀଭୂତତା । ତାଙ୍କ ଲେଖା ତ ଏହିପରି ଜୀବନର ଛାପ । ତା' ସତ୍ୟର ରହସ୍ୟ । ଏହି ରହସ୍ୟ ସତ୍ୟବୋଧ ନିଜ ବଂଚିବାର ନିବିଡ଼ତାରେ ଧ୍ୱନିତ ହୋଇଛି । ତେଣୁ ତାଙ୍କ ପ୍ରତ୍ୟେକ ଲେଖାରେ ଏହି ଅପ୍ରତ୍ୟାଶିତତା । ଶୈଳୀ ଦୃଷ୍ଟିରୁ ଏହାକୁ ଆପଣ ନାଟକୀୟତା, ବିସ୍ମୟତା ଆଦି ଯାହା କିଛି କହନ୍ତୁନା କାହିଁକି ଏହା ମନୋଜୀୟ ଜୀବନାନୁଭୂତିର ନିଜସ୍ୱ ଉଚ୍ଚାରଣ । ଏହି ଅପ୍ରତ୍ୟାଶିତତା ଭିତରେ କିଂତୁ ଆଉ ଗୋଟିଏ ସଂଭାବନା ଛପି ରହିଥାଏ । ତାହା ହେଉଛି ଗୋଟିଏ ଅପହଂଚ ତଥା 'beyond' ର ଅବବୋଧ । ଗୋଟିଏ ହାତ ପାଉନଥିବା ଦିଗ୍‌ବଳୟୀ ନିକଟତାର ଅସ୍ଥିତି-ସ୍ଥିତି । ତାଙ୍କ ଲେଖାରେ ଏହି ଅପହଂଚ ସ୍ଥିତିର ସୂଚନା । ଜୀବନର ଏହି ଅପହଂଚପଣକୁ ବୁଝିବାକୁ ଯାଇ ସେ ଜୀବନର ନିର୍ଯ୍ୟାସକୁ ଖୋଜିଛଂତି । ଏହି 'beyond' ଯେମିତି ନିଜ ମନ ଭିତରେ ହିଁ ଗୁମ୍ଫିତ । ତାହାରି ସଂଧାନ ତ ଜୀବନକୁ ନେଇ ଘନିଷ୍ଠ ଭାବରେ ବଂଚିବା । 'ପ୍ରଭଂଜନ'ର ନାୟକ, ପୁଣି 'ଅମୃତ ଫଳ'ର ନାୟକ ଏହାକୁ ନିଜ ନିଜ ଭିତରେ ଏବଂ ବାହ୍ୟ ବାସ୍ତବତାର ଊର୍ଦ୍ଧ୍ୱରେ ପାଇଛଂତି । ଏହି ଅବବୋଧରେ ବଂଚିବାର ଜଟିଳତା ସହ ଏକ ଜଟିଳ ଦୃଷ୍ଟିଭଂଗି ନିହିତ । ଯେଉଁଠି ବ୍ୟଙ୍ଗ, ଗାମ୍ଭୀର୍ଯ୍ୟ, ବୌଦ୍ଧିକତା, ହାସ୍ୟରସ, ବକ୍ରୋକ୍ତି ସବୁ ଏକାକାର । ଏକାକାର ପୁଣି ବାହ୍ୟତା, ଅନ୍ତରୀଣତା, ବାସ୍ତବତା ପୁଣି ରହସ୍ୟମୟତା । ତାଙ୍କ ଜୀବନ ପରି ତାଙ୍କ ସାହିତ୍ୟ ଯେମିତି ଏକ ଅନ୍ତରଂଗ ଅପହଂଚର ଅନ୍ୱେଷା । ଏ ଅନ୍ୱେଷାରେ ଅଛି ପ୍ରେରଣା । ଜୀବନକୁ ବୁଝିବାର ପ୍ରଚେଷ୍ଟା । ଏହି ପ୍ରଚେଷ୍ଟାର ଫଳ ସ୍ୱରୂପ ତାଙ୍କ ପାଖରେ

Digitized by srujanika@gmail.com

ସଂଭବ ହୋଇଛି ଜଟିଳ ଜୀବନର ବିଭିନ୍ନତାର ବିରୋଧାଭାଷୀ ବର୍ଣ୍ଣାଳୀ, ଯେଉଁଠି 'ସମୁଦ୍ରର କ୍ଷୁଧା' ସହ ପାଖାପାଖି 'ବାବା ଚକ୍ରଧାରୀ ବୃତ୍ତାନ୍ତ' ।

ତେଣୁ ମନୋଜ ଦାସଙ୍କ ଲେଖାରେ ସୀମାବଦ୍ଧତା ନାହିଁ । ଏହା ତାଙ୍କ ଲେଖାରେ ଭରି ଦେଇଛି ସତେଜତା । ଏହି ସତେଜତା ଆସିଛି ବିଷୟବସ୍ତୁର ଭିନ୍ନତା ପୁଣି ବର୍ଣ୍ଣନା ଶୈଳୀର ନିଜସ୍ୱତାରୁ । ତାଙ୍କ ପାଖରେ ତତ୍ତ୍ୱ ବଡ ନୁହେଁ; ବଡ ହୃଦୟ; ଯୁକ୍ତି ନୁହେଁ କଳ୍ପନା । ଫଳରେ ଆମେ ଯେତେବେଳେ ତାଙ୍କ ଲେଖା ପଢୁ ତାଙ୍କ ଗଢ଼ା ଜଗତ ଭିତରକୁ ପଶି ଯାଉଁ । ତାଙ୍କ ଜଗତକୁ ପଶିବା ଆଗରୁ ଛାଡ଼ିଯାଉଁ ଆମ ଯୁକ୍ତି, ତର୍କ, ତତ୍ତ୍ୱ ଏବଂ ବାସ୍ତବତାବୋଧ । ତାଙ୍କ ଜଗତ ସବୁ ସଂଭବର ଜଗତ । ସେଠି ସ୍ୱପ୍ନ, ସତ୍ୟ ସବୁ ଏକାକାର । ଏହା ଯେମିତି ବ୍ୟକ୍ତିର ଏକ କାଳ୍ପନିକ ନନ୍ଦନକାନନ । ଏଠାରେ ଗୋଟିଏ ମାତ୍ର ସତ୍ୟ ଯେ କୌଣସି ବ୍ୟକ୍ତି ସତ୍ୟକୁ ଠିକ୍ ଭାବରେ ପାଇନାହିଁ ମାତ୍ର ତାକୁ ପାଇବାର, ବୁଝିବାର ସଂଭାବନା ସମସ୍ତଙ୍କ ପାଖରେ ରହିଛି । ମନୋଜ ବାବୁଙ୍କ ଲେଖାରେ ଏହି ସଂଭାବନାର ଝଲକ । ଏଠାରେ ନିର୍ଦ୍ଦିଷ୍ଟତା ନାହିଁ; ଯୁକ୍ତିସିଦ୍ଧ ସତ୍ୟ ନାହିଁ; ମାତ୍ର ସତ୍ୟ ଅଛି । ଏହି ସତ୍ୟ ମିଳିଥାଏ ନିଜସ୍ୱ ଭାବରେ, ଯେମିତି ଧୂମ୍ରାଭ ଦିଗନ୍ତର ଶେଷରେ ଚିରନ୍ତମାନେ ଅନୁଭବ କରିଛଂତି । ଫଳରେ ତାଙ୍କ ଲେଖା ସଂଗୀତର ପଲିଫୋନି ପରି । ବହୁ ସ୍ୱରର ସମାନ୍ତରାଳ ସ୍ଥିତି । ତାଙ୍କ ଲେଖା ତେଣୁ ସଂଗୀତଧର୍ମୀ । ଯାହା ସବୁବେଳେ ଗୋଟିଏ beyondର ଆଶାୟୀ । ସଂଗୀତ ପାଖରେ ନୀରବତା ହେଉଛି ସେହି ଅପହଂତ ବିୟଣ୍ଡ । ମନୋଜଙ୍କ ଲେଖାରେ ଜୀବନର ଯୁକ୍ତିକ୍ରାନ୍ତ ଅପ୍ରତ୍ୟାଶିତତା ।

ତେଣୁ ମୋ' ପାଖରେ ମନୋଜ ବାବୁ ସଚ୍ଚା ଶିଳ୍ପୀଟିଏ । କାରଣ ତାଙ୍କ ପାଖରେ ମୁଁ ଦେଖିଛି ଜୀବନ ପ୍ରତି ଏକ ସନ୍ୟାସ ଆସକ୍ତି । ଏହି ଦୃଷ୍ଟିଭଂଗି ନେଇ ସେ ଜୀବନ ତଥା ମଣିଷକୁ ଦେଖିଛଂତି । ବୁଝିବାକୁ ଚେଷ୍ଟା କରିଛଂତି । ସତ୍ୟର ନିର୍ଯାସକୁ ଖୋଜିଛଂତି । ଏହି ନିର୍ଯାସର ଅନ୍ୱେଷା ହିଁ ତାଙ୍କ ଲେଖାର ପ୍ରାଣ । ତେଣୁ ତାଙ୍କ ଲେଖା ହେଉଛି ଶାନ୍ତ ଅନନ୍ତଟିଏ, ଯେଉଁଠି ଡହଡହ ବଂଚିବାର ଉତ୍ତରିତ ସଂଭାବନା । ତେଣୁ ତାଙ୍କ ଲେଖାରେ ତଥାକଥିତ ବାସ୍ତବତାର ସୀମିତତାର ଛବି ଦେଖିବାକୁ ମିଳେନାହିଁ, ଯଦିଚ୍ ବାସ୍ତବତାକୁ ସେ ଉପେକ୍ଷା କରି ନାହାନ୍ତି । ସବୁଠାରୁ ବଡଗୁଣ ହେଲା ତାଙ୍କ ଲେଖାରେ ସାଧାରଣତାର ଅନୁପସ୍ଥିତି । ସବୁ ବର୍ଣ୍ଣନା ଅନନ୍ୟ ତାର ନିଜସ୍ୱପଣରେ । ଏହି ନିଜସ୍ୱପଣ ହିଁ ମନୋଜପଣ । ସେ ଯେତିକି ଫକୀରମୋହନୀୟ ସେତିକି କ୍ରାନ୍ତ-ଫକୀରମୋହନୀୟ । ଅଂଗେନିଭା ବାସ୍ତବତା, ଧୂମ୍ରାଭ ଅପହଂଚପଣ ।

• ପ୍ଲଟ୍ -୪୮୩/୧, ପୁନାମା ଗେଟ ପାଖ,
ଏରୋଡ୍ରାମ ଏରିଆ, ଭୁବନେଶ୍ୱର-୭୫୧ ୦୨୦

Digitized by srujanika@gmail.com

ଆମରି ଇଚ୍ଛାର ନଈଟିଏ

ଚନ୍ଦ୍ର କୁମାର ମହାନ୍ତି

ଇତି ମଧ୍ୟରେ ନାନା ସମ୍ମାନରେ ସମ୍ମାନିତ ହେବା ସହିତ ପଦ୍ମଶ୍ରୀ, ସାରଳା ସମ୍ମାନ, ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଉତ୍କଳ ରତ୍ନ, ସାହିତ୍ୟଭାରତୀ ଓ ସରସ୍ୱତୀ ସମ୍ମାନ ଭଳି ଅତି ମର୍ଯ୍ୟାଦାବନ୍ତ ସମ୍ମାନରେ ସମ୍ମାନିତ ହୋଇଛନ୍ତି ବୋଲି ମନୋଜ ଦାସ ଆଜି ବିଖ୍ୟାତ ହୋଇ ନାହାନ୍ତି, ତାଙ୍କଠାରୁ ଆହୁରି ଅନେକେ ବହୁ ମର୍ଯ୍ୟାଦାବନ୍ତ ସମ୍ମାନରେ ସମ୍ମାନିତ ହୋଇଛନ୍ତି, ସ୍ୱୀକୃତି ସ୍ୱରୂପ ପର୍ଯ୍ୟାପ୍ତ ପରିମାଣର ଅର୍ଥପାଇ ଆର୍ଥିକ ସ୍ୱଚ୍ଛଳତା ହାସଲ କରିଛନ୍ତି; ଆଉ ବି ଅନେକେ ଏଭଳି କୌଣସି ସମ୍ମାନରେ ସମ୍ମାନିତ ନ ହୋଇ ଅମୂଲ୍ୟ ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ବ୍ୟାସ, ବାଲ୍ମୀକି, ସାରଳା ଦାସ, ଜଗନ୍ନାଥ ଦାସଠୁଁ ଆରମ୍ଭ କରି ଭୀମଭୋଇ ଯାଏଁ କେହି ଏଭଳି କୌଣସି ସମ୍ମାନରେ ସମ୍ମାନିତ ନ ହୋଇ ବି ଅବଧି ସବୁ ସାହିତ୍ୟିକଙ୍କ ଉପରେ ଅଖଣ୍ଡ ପ୍ରଭାବ ଓ ଆଧିପତ୍ୟ ଜାରି ରଖିଛନ୍ତି ।

ମନୋଜ ଦାସଙ୍କୁ ଆଜି ବାଲେଶ୍ୱରରେ ବାଲେଶ୍ୱରବାସୀଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଉଥିବାବେଳେ ଏହି ବିଷୟପ୍ରତି ସଚେତନ ଥାଇ ଅଧିକ କେଉଁଗୁଣ ପାଇଁ ତାଙ୍କୁ ଆମେ ଭଲ ପାଉଛୁଁ ତାର ଉଚ୍ଚାରଣହିଁ ଏହି ଅଭିନନ୍ଦନର ଅସଲ ଆଭିମୁଖ୍ୟ ।

ଏହି ଅଭିନନ୍ଦନ ଗ୍ରନ୍ଥଟିରେ ସ୍ଥାନିତ କରିବା ସକାଶେ ବିଶିଷ୍ଟ ସାହିତ୍ୟ ସମାଲୋଚକ ଚିତ୍ତରଂଜନ ଦାସଙ୍କୁ ଅନୁରୋଧ କରିବାରୁ ସେ କହିଲେ-"ମନୋଜ ଦାସ ତ ଊର୍ଦ୍ଧ୍ୱତର ଚେତନାର ମଣିଷ ହୋଇ ସାରିଲେଣି; ତାଙ୍କର ସାହିତ୍ୟକୁ ଏଯାଏଁ ସଠିକ ଆକଳନ କରାନଯାଇ ଗୋବର-ଗାଡିଆ କରାଯାଉଛି । ତାଙ୍କର ସାହିତ୍ୟ ସଂପର୍କରେ ପ୍ରକାଶିତ ପ୍ରବଂଧ ଓ ଥେସିସ୍ ଗୁଡିକରୁ ଏହା ସ୍ପଷ୍ଟ । ଏହି ଅଭିନନ୍ଦନ ଗ୍ରନ୍ଥ ଦ୍ୱାରା ଆଉ ଏକ ଗୋବାର-ଗାଡିଆ ସୃଷ୍ଟି ପାଇଁ ଏକ ବିଫଳ ପ୍ରୟାସ କରାଯାଇ ନାହିଁ ତ ?" ସତରେ କ'ଣ ମନୋଜ ଦାସଙ୍କ ସାହିତ୍ୟକୁ ଏଯାଏଁ ସଠିକ୍ ଆକଳନ କରାଯାଇ ପାରିନାହିଁ ? ଏହି ପ୍ରଶ୍ନ ଆଜି କେବଳ ମୋ ପାଇଁ ନୁହେଁ, ଆମ ସମସ୍ତଙ୍କ ପାଇଁ ବୋଲି ଅନୁଭବ କରୁଛି ।

Digitized by srujanika@gmail.com

ପୂଜ୍ୟ-ପୂଜା ପ୍ରତି ପ୍ରବଳ୍ ବିମୁଖତା ଏ ଜାତିର ଏକ ମସ୍ତବଡ ବ୍ୟାଧି । ବ୍ୟାସକବି ଫକୀର ମୋହନ ସେନାପତି ଏହାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ବୋଲି ନିଜର ପ୍ରତିମୂର୍ତ୍ତି ନିଜେ ତିଆରି କରାଇ ତାଙ୍କର ପ୍ରିୟ 'ଶାନ୍ତିକାନନ'ରେ ଛିଡା କରାଇ ଯାଇଛନ୍ତି । ଆଉ କେହି ହେଉ ନ ହେଉ ଶ୍ଳେଷ, ବ୍ୟଙ୍ଗର ଏହି ରସିକତାଟିକୁ ବାଲେଶ୍ୱରବାସୀ ଭୁଲିବେ କିପରି ?

ଆଧୁନିକ ଓଡ଼ିଆ କଥା-ସାହିତ୍ୟର ଜନକ ଫକୀରମୋହନ ସେନାପତିଙ୍କ ପ୍ରାଥମିକ ପ୍ରଭାବ ତାଙ୍କ ନିଜ ଉପରେ ପଡିଛି ବୋଲି ମନୋଜ ଦାସ ନିଜେ ସ୍ୱୀକାର କରନ୍ତି । ଫକୀରମୋହନୀୟ ରସିକତାରେ ଆମୋଦିତ ବାଲେଶ୍ୱରବାସୀ ପୂଜ୍ୟ-ପୂଜା ପ୍ରତି ବିମୁଖତାରେ ପୀଡିତ ହେବାକୁ ପସନ୍ଦ କରିବେ କିପରି ? ସେନାପତିଙ୍କର ଏହି ସୁଯୋଗ୍ୟ ଦାୟାଦଙ୍କ ପାଇଁ ଆଜିର ଏହି ବିପୁଳ ଆୟୋଜନ ।

ତାଙ୍କର ନିଜର ବ୍ୟକ୍ତି ସତ୍ତା ଓ ନିଜ ସୃଷ୍ଟିର ବିପୁଳ ଅବଦାନ ଭିତରେ କିଛି ବି ଟିକେ ବିରୋଧାଭାଷର ସୂଚନା ମିଳେନା । ବାସ୍ତବତା ପ୍ରତି ସଦା ଉନ୍ମୁଖ ପ୍ରାଣର ପ୍ରେରଣାରେ ସାହତ୍ୟ ସୃଷ୍ଟିକୁ ପରିପୁଷ୍ଟ କରିବାରେ ସେ ସର୍ବଦା ପ୍ରୟାସୀ । ସେଥିରେ କୌଣସି ପ୍ରକାର ଛଳନା ନାହିଁ; ବରଂ ଅନୁରକ୍ତିରେ ତାହା ଅଭିଷିକ୍ତ, ଆଚରଣ ଓ ଉଚ୍ଚାରଣରେ ଏମିତି ସତ୍ୟଶୀଳ ଯେ ସବୁବେଳେ ଦୁର୍ଲଭ ଭଳି ମନେହୋଇ ଆସିଛନ୍ତି । ତାଙ୍କର ଅଚଳାଚଳ ଚେତନାର ବିଶ୍ୱ କେବଳ ବିମୁଗ୍ଧ ଭାରତୀୟତାରେ ହିଁ ପରିସ୍ଫୁଟ । ନିଜର ପ୍ରତ୍ୟୟ ଉପରେ ଗଭୀର ଆତ୍ମବିଶ୍ୱାସ ତାଙ୍କ ସୃଷ୍ଟିର ମୂଳପୁଞ୍ଜି । ସାବଲୀଳ ପ୍ରକାଶଭଙ୍ଗୀରେ ସ୍ୱକୀୟତା ଓ ଭାବି ନ ହେଲା ଭଳି ବ୍ୟାପାର ପ୍ରତି ଆଗ୍ରହୀ ହୋଇ ତାର କଳାତ୍ମକ ପ୍ରକାଶ କରିବାରେ ସିଦ୍ଧ ହସ୍ତ । ସେ ସବୁକୁ ବୁଝି ରସାସ୍ୱାଦନ କରିବା ପାଇଁ ଦରଦୀ ମନ ଓ ଗଭୀର ଅଧ୍ୟୟନ ସବୁବେଳେ ଆବଶ୍ୟକ ପଡିଛି । ସାଧାରଣ ଭାବରେ ଏହିଭଳି ବହୁ ବିଶେଷ ଗୁଣରେ ତାଙ୍କର ସମଗ୍ର ସାହିତ୍ୟ ସୃଷ୍ଟି ପରିପୁଷ୍ଟ ହୋଇଥିଲେ ହେଁ ସେ ସବୁଥିରେ ତାଙ୍କର ସ୍ୱକୀୟତା ଅନନ୍ୟ ଓ ମନୋଜୀୟ ହୋଇ ପାରିଛି । ତାହାହିଁ ତାଙ୍କର ପରିଚିତିର ମୂଳପିଣ୍ଡ ବୋଲି ମନେହୁଏ; କିନ୍ତୁ ଏସବୁ ଭିତରେ ସେ ଭାରତବର୍ଷର ଆତ୍ମାକୁ ଚିହ୍ନେଇଛନ୍ତି ତ ଏହାର ଉତ୍କର୍ଷରେ ସ୍ୱଦେଶକୁ ମହିମାମଣ୍ଡିତ କରିପାରିଛନ୍ତି । 'ଓଁକାର' ପରି ସଂଗୀତରେ, କବିତାରେ, ଗଳ୍ପରେ; ଉପନ୍ୟାସରେ, ଭ୍ରମଣ-କାହାଣୀରେ, ପ୍ରବଂଧରେ, ଲଳିତ-ନିବଂଧରେ କିମ୍ବା ସମ୍ବାଦପତ୍ର-ସ୍ତମ୍ଭରେ ଗୁମ୍ଫିତ ଉଚ୍ଚାରଣରେ ସର୍ବଦା ଅନୁରଣିତ । ଏହାହିଁ ତାଙ୍କର ଚିରାୟତ ସୃଷ୍ଟିର ଅଚଳାୟତନ ।

ବିଭିନ୍ନତା ଭିତରେ ଭାବବାହୀ ସୁନିର୍ବାଚିତ ଭାଷାନେଇ ବାସ୍ତବତାକୁ ନିରେଖିଲା ପଣରେ ସେ ଯେମିତି କଳାତ୍ମକ କରିପାରିଛନ୍ତି ସେମିତି ତାକୁ ଏସ୍‌ଥେଟିକ୍ ମଧ୍ୟ କରିପାରିଛନ୍ତି । ସବୁଥିରେ ସମ୍ବେଦନା ଓ ଯେତେ ନିଷ୍ଠୁର ପୀଡାଦାୟକ ହେଲେ ବି

Digitized by srujanika@gmail.com

ସେ ସବୁ ସତ୍ୟର ଏମିତି ଚମତ୍କାର ଉପସ୍ଥାପନା କରିପାରିଛନ୍ତି ଯେ ତାହା ଆଖିକୁ 'ଆବୁପୁରୁଷ' ଭଳି ଲାଗିଲେବି ବୈଦୁର୍ଯ୍ୟମଣ୍ଡିତ ମନେହୁଅନ୍ତି । ମୋଟାମୋଟି ଭାବରେ ଏଯାବତ୍ ରଚିତ ତାଙ୍କର ସମସ୍ତ ସାହିତ୍ୟକୁ ଆଖି ପକେଇଲେ ଖାଲି ଏତିକି ନୁହେଁ ସମୁଦ୍ରର ପାଣି ପରି କଳି ହୁଏନି, ପାଣିତଳର ସମ୍ପଦ ପରି ସବୁ ବିପୁଳ ଓ ଆକଳନର ବାହାରେ ପରି ଲାଗେ । 'ମଧୁବନର ମେୟର' ପରି ଏସବୁ ବୁଝିବା ପାଇଁ ପ୍ରାପ୍ତବୟସ୍କ ହେବାକୁ ପଡିବ ବୋଲି ଅନୁଭବ କରେ । ସମ୍ଭବତଃ ଏହାହିଁ ଏହି ବିରଳ ସ୍ରଷ୍ଟାଙ୍କର ବୈଶିଷ୍ଟ୍ୟ ।

ଏବେ ଥରେ ଓଡ଼ିଶାର ଆଉ ଜଣେ ଏହିଭଳି ମର୍ଯ୍ୟାଦାପୂର୍ଣ୍ଣ ଅନେକ ମହାର୍ଘ ସମ୍ମାନରେ ସମ୍ମାନିତ ସାହିତ୍ୟିକ ଏକ ସର୍ବଭାରତୀୟ ସାହିତ୍ୟ ସଭାରେ ସଫଳ ଓ ଚିରାୟତ କବିତାର ସ୍ୱରୂପ ସଂପର୍କରେ ବୁଝାଇବାକୁ ଯାଇ, ''କର୍ମ କଷଣ ଦେହ ସହେ, ଅରଣ୍ୟେ ଅଜଗର ପ୍ରାଏ'', ''ଏ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ '' ଭଳି ନାନା ପଙ୍କ୍ତି ଉଦ୍ଧାର କରିବାରେ ଲାଗିଲେ ଅଥଚ କୌଣସି ଆଧୁନିକ କବିଙ୍କର ବା ନିଜର କବିତାର କୌଣସି ପଦଟିଏ ମଧ୍ୟ ସ୍ୱାଭାବିକ ଭାବେ ତାଙ୍କର ଉଚ୍ଚାରଣରେ ଖସି ଆସିନଥିଲା । ସେହିପରି ଆଉ ଥରେ କଥା ଛଳରେ କହିଲେକି ଆମେ ପ୍ରତ୍ୟେକେ, ଯେତେ ପ୍ରଖ୍ୟାତ ହେଉନା କାହିଁକି ଆମେ ସାହିତ୍ୟିକମାନଙ୍କର ସମଗ୍ର ସାହିତ୍ୟ ସୃଷ୍ଟିକୁ ଯଦି ଚିରିବିଦାରି (By process of dissection) ଦେଖୁ ଶେଷରେ ଯାହା ରହିବ ତାହା ଆମକୁ ସାମାନ୍ୟରୁ ସାମାନ୍ୟତମ ବୋଲି ମନେହେବ । କିଛି ଭାବରେ ସମ୍ମାନିତ ହୋଇ ନହେବା ସେହି ସ୍ରଷ୍ଟାମାନଙ୍କ ସୃଷ୍ଟି ତୁଳନାରେ ଏସବୁ ଦରିଆକୁ ବୁନ୍ଦେ ପାଣି ପରି ମନେହେବ । ଏଭଳି ଏକ ଅଭାବନୀୟ କଥାର ସ୍ପଷ୍ଟ ଉଚ୍ଚାରଣ ଭିତରେ ସେ ଅତି ନିର୍ଭୀକ ଭାବରେ ଏପରି ଯେଉଁ ଆତ୍ମ ସମୀକ୍ଷାଟିଏ ଥୋଇଲେ ତାହାହିଁ ତାଙ୍କର ମହାନୁଭବତା ନିଶ୍ଚୟ । ସେଇ ପରିପ୍ରେକ୍ଷୀରେ ମନୋଜ ଦାସଙ୍କ ପ୍ରତ୍ୟେକଟି ସୃଷ୍ଟିକୁ ଅନେଇଲେ କେଉଁଟିକୁ ବାଦ ଦେଇ ହେବ ତାହା ଜାଣି ହୁଏନି । ପ୍ରତ୍ୟେକଟି ଭାବନାରେ, ନୂଆ ପ୍ରେରଣାରେ, ଭିନ୍ନ ଅନୁଭବରେ ଅନୁଭୂତ , ସ୍ୱୟଂ ସମ୍ପୂର୍ଣ୍ଣ ଓ ଅନନ୍ୟ ଉତ୍ତରଣର ଅମୂଲ୍ୟ ସମ୍ପାଦନ ଭଳି ମନେହୁଏ । ସାମଗ୍ରିକ ଭାବରେ ପ୍ରତ୍ୟେକ ସୃଷ୍ଟିକୁ ଦେଖିଲେ କେବଳ ମନୋଜୀୟ ସୃଷ୍ଟି ସତ୍ତାର ଏକ ଉଜ୍ଜ୍ୱଳ ବ୍ୟକ୍ତିତ୍ୱଟିହିଁ ଫୁଟି ଉଠିଥାଏ । ଏତିକି ହିଁ କେବଳ ତାଙ୍କର ପ୍ରତ୍ୟେକଟି ସୃଷ୍ଟି ଭିତରେ ସଂପର୍କର ସେତୁ । ଏହା ବ୍ୟତୀତ ଆଉ ଅଧିକ କିଛି ନୁହେଁ ବୋଲି ଅନୁଭବ କରେ । ଏହି ସୂତ୍ରରେ ସେ କାହିଁକି ଲେଖନ୍ତି ଓ କାହାପାଇଁ ଲେଖନ୍ତି ତାର ଉତ୍ତର ବି ସେ ନିଜେ ବୋଲି ବୁଝିବାକୁ ହୋଇଥାଏ । ଠିକ୍ ଯେମିତି 'ଲକ୍ଷ୍ମୀର ଅଭିସାର'ରେ ପୂଜକଟିକୁ ବୁଝିବାକୁ ପଡିଥାଏ ଏଇ କଥାଟି ବି ଠିକ୍ ଅବିକଳ ସେମିତି ।

ମିଳିଥିବା ସମ୍ମାନରେ ତାଙ୍କୁ ତ ତଉଲେଇ ହେବନି; ତେଣୁ ସେଇ ସମ୍ମାନ ପାଇଁ

Digitized by srujanika@gmail.com

ତାଙ୍କୁ ଆମେ ସମ୍ବର୍ଦ୍ଧନା ଦେଉନାହୁଁ । କୌଣସି ସମ୍ମାନରେ ସମ୍ମାନିତ ହୋଇନଥିବା ଉପରଲିଖିତ ସ୍ରଷ୍ଟାଙ୍କ ଭଳି ସେମାନଙ୍କ ଭିତରେ ସେ ଆଉ ଜଣେ । ଜଣେ ଉତ୍ତମ ମଣିଷ ଓ ଉନ୍ନତ ଶିଳ୍ପୀ ଭାବରେ ସେ ଆଜି ଆମ ଆଗରେ ଛିଡ଼ା ହୋଇଛନ୍ତି ।

ଅନ୍ତରୀଣ ରହସ୍ୟର ତାଡ଼ନାରେ ଓ ସୁସଂଗଠିତ ଶିଳ୍ପକଳାର ଆବରଣରେ ତାଙ୍କର ସମଗ୍ର କୃତି ସମୁଜ୍ଜ୍ୱଳ । ସବୁଥିରେ ଜୀବନ ଓ ଭାଷା ଅପୂର୍ବଭାବେ ମିଶି ଯାଇଛନ୍ତି, ଭାବ ଏବଂ ଭାବବାହୀ ଶୈଳୀର ସୁନ୍ଦର ସୁଠାମ ସହାବସ୍ଥାନ ଘଟିଛି, ପୁରୋଦୃଷ୍ଟି ଓ ଅନ୍ତର୍ଦୃଷ୍ଟି ଅତି ସାବଲୀଳ ଭାବେ ସଦା ଲୀଳା-ଚଞ୍ଚଳ ମନେ ହେଉଛନ୍ତି । Gerad Manley Hopkins ଙ୍କ ଭାଷାରେ -"Nothing but fine execution survives long" ପରି ପ୍ରେରଣାକୁ ସେ ଏମିତି ସୁନ୍ଦର ଭାବେ ରୂପାୟିତ କରିଛନ୍ତି ଯେ ସତରେ ସେ ଚିରାୟତ ।

ତାଙ୍କୁ ଓ ତାଙ୍କର ସାହିତ୍ୟକୁ ଅଧିକରୁ ଅଧିକ ଅନୁଶୀଳନ ଓ ପରିଶୀଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ହିଁ ଆଜି ଆମର ଉଦ୍ଦେଶ୍ୟ । ବର୍ତ୍ତମାନ ବି ସେ ବେଶ୍ ସକ୍ରିୟ ଓ ସତେଜ ଅଛନ୍ତି । ତାଙ୍କୁ ଆଉ ଟିକେ ପ୍ରେରଣା ଦେଇ ଆମେ ବରଂ ବେଶି ଗର୍ବ ଅନୁଭବ କରିବା ସକାଶେ ଇଏ ଏକ ଲମ୍ବିଲା ଇଚ୍ଛାର ନଇଟିଏ ମାତ୍ର ।

• 'ସଂକେତ', ବିବେକାନନ୍ଦ ମାର୍ଗ,
ବାଲେଶ୍ୱର -୭୫୬ ୦୦୧

Digitized by srujanika@gmail.com

ସମ୍ପର୍କର ସ୍ମୃତି

ରାହାସ ରାୟ

ମୁଁ ଲେଖିବି । କ'ଣ ଲେଖିବି ? ପ୍ରତିଷ୍ଠାର ତୁଙ୍ଗ ଶିଖରରେ ଉପନୀତ ଏକ ବ୍ୟକ୍ତିତ୍ୱର ଆକଳନ କରିବାକୁ ତାକତ ଅବଶ୍ୟ ଲୋଡା । ତେବେ ଯାହା ଶୁଣିଛି, ଅଙ୍ଗେ ଲିଭେଇଛି ଏବଂ ଯେଉଁ ସଂପର୍କ ଅତି ଘନିଷ୍ଠ ଭାବରେ ଗଢି ଉଠିଛି, ଆପଣାର କରିଛି, ଯାହି ତାହି ସେତିକି ଲେଖିବି ଠିକେ ଠିକେ ।

ମନୋଜ ବାବୁ ଓ ରାଜନୀତି

ଏକଦା ନିଛକ କମ୍ୟୁନିଷ୍ଟ ବା ସାମ୍ୟବାଦୀ ଚିନ୍ତାଧାରାରେ ଦେଶ ଆଛନ୍ନ ହୋଇ ଥିବାବେଳେ ଆମ ରାଜ୍ୟ ମଧ୍ୟ ତହିଁରୁ ବାଦ ପଡି ନଥିଲା । ବିଭିନ୍ନ ସଂଗଠନ, ସଂସଦ ଓ ସମ୍ମେଳନ ମାଧ୍ୟମରେ ଏହି ଆନ୍ଦୋଳନକୁ ସକ୍ରିୟ ଓ ଜନପ୍ରିୟ କରି ଆଗେଇ ନେବା ଦିଗରେ ଯେଉଁ କେତେଜଣ ଉଦୀୟମାନ ତରୁଣ ଅଣ୍ଟାଭିଡି ବାହାରି ପଡିଥିଲେ ସେମାନଙ୍କ ମଧ୍ୟରେ ଥିଲେ ମନୋଜ ଦାସ । ଶ୍ରୀମାନ୍ ଦାସଙ୍କର ଓଜସ୍ୱିନୀ ଭାଷଣ ଅନେକଙ୍କୁ ଏହି ଆନ୍ଦୋଳନକୁ ଟାଣି ଆଣିଥିଲା । ଭଗବତୀ ଚରଣ ପାଣିଗ୍ରାହୀଙ୍କର ବଳିଷ୍ଠ ନେତୃତ୍ୱରେ ଏକଦା ଗଢି ଉଠିଥିବା ଏହି ଆନ୍ଦୋଳନକୁ ଆଗେଇ ନେବାରେ ସହାୟତା କରିଥିଲେ ଏ ରାଜ୍ୟରେ ବହୁ ଛାତ୍ର, ବୁଦ୍ଧିଜୀବୀ ଓ ଜନ ସାଧାରଣ । ଏହାର ଭିତ୍ତିଭୂମି ଥିଲା ରାଜନୀତି । ମନୋଜ ବାବୁ ଏହି ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବାବେଳେ ତାଙ୍କଠୁ ବୟସରେ କିଞ୍ଚିତ୍ ବଡ ଅଭିଜ୍ଞ ଓ ନିଷ୍ଠାପର କର୍ମୀ କମେଡ୍ ବିଶ୍ୱମ୍ଭର ସାମନ୍ତଙ୍କ ସାନିଧ୍ୟ ଲାଭର ସୁଯୋଗ ମିଳିଥିଲା । ପ୍ରଥମ ଦେଖାପରେ ସଂପର୍କ ଦୃଢରୁ ଦୃଢତର ହୋଇ ଆନ୍ତରିକତାର ନିର୍ଗଳ ଭିତରେ ଏକ ଭିନ୍ନ ରୂପନେଲା । ଏ ସଂପର୍କ ଥିଲା କ୍ଷୀର ଓ ନୀରର ।

ସମୟ ସବୁର ନିୟାମକ । ସମୟ କଥା କହିଲା । ସାମ୍ୟବାଦୀ ଚିନ୍ତାଧାରା କିମିଆ କଲା ଏକ ରାଜ ପରିବାରକୁ । କୁଜଙ୍ଗ ରାଜବଂଶର ଶେଷ ଦାୟାଦ ନାରାୟଣ ବୀରବର ସାମନ୍ତଙ୍କ ପରିବାର ଥିଲା ତତ୍‌କାଳୀନ ରାଜରାଜୁଡ଼ା ରାଜିନୀତିଠୁଁ ଭିନ୍ନ ଏକ ସ୍ୱାଧୀନତା

Digitized by srujanika@gmail.com

ସଂଗ୍ରାମୀ ତ୍ୟାଗପୂତ ପରିବାର । ସମଗ୍ର ପୂର୍ବ ଉପକୂଳର ସ୍ୱାଧୀନତା ସଂଗ୍ରାମର ମହାଯୋଦ୍ଧା ଓ ମହାନ ରାଜନୀତିଜ୍ଞ ଥିଲେ ନାରାୟଣ ବୀରବର ସାମନ୍ତ । ଏକ କିମ୍ବଦନ୍ତୀ ପୁରୁଷ । କଟକ ଯୋବ୍ରାସ୍ଥିତ 'କୁଜଙ୍ଗ କୁଟୀର'ହିଁ ଥିଲା ସାଆଁନ୍ତ (ସାଆଁନ୍ତ ନାମରେ ସେ ଥିଲେ ଲୋକପ୍ରିୟ) ଙ୍କର ଶେଷ ଜୀବନର ଲୀଳାକ୍ଷେତ୍ର । ସେଇଠି ଅବସ୍ଥାନ କାଳରେ ରାଜନୀତି, ସାହିତ୍ୟ ଓ ସମାଜ ସେବା ଦିଗରେ ସାଆଁନ୍ତ ନିଜକୁ ଉତ୍ସର୍ଗ କରିଥିଲେ । 'କୁଜଙ୍ଗ କୁଟୀର'ର ଏକ ଆକର୍ଷଣ ଥିଲେ ସାଆଁନ୍ତଙ୍କର ସୁଯୋଗ୍ୟା ସହଧର୍ମିଣୀ ରାଜନୀତି ବିଶାରଦା ପୂର୍ବତନ ବିଧାୟିକା ଶ୍ରୀମତୀ ରତ୍ନମାଳୀ ଜେମା । ଉଭୟଙ୍କ ସମଧର୍ମ ଭାବ ଉଭୟଙ୍କୁ ରାଜନୀତି ଓ ସମାଜ ସେବା କ୍ଷେତ୍ରରେ ଆଗେଇ ଦେଇଥିଲା ।

ମନୋଜ ବାବୁଙ୍କ ବିବାହ

ମାହେନ୍ଦ୍ର ବେଳା ଆସିଲା । ଶୁଭକାଉ ରାବିଲା । ଶୁଭ ସାହାନାଇ ବାଜିଲା । ମନୋଜ ବାବୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ବିପୁଳ ଲୋକପ୍ରିୟତା ଆକୃଷ୍ଟ କଲା ସାଆଁନ୍ତଙ୍କ ଅଲିଅଳୀ କନ୍ୟା ପ୍ରତିଜ୍ଞାଙ୍କୁ । ବଡ ଭାଇ ବିଶ୍ୱମ୍ଭରଙ୍କ ଅନ୍ତରଙ୍ଗ ମନୋଜଙ୍କ ବିଷୟରେ ଆଉ ଅଧିକ ତଥ୍ୟ ଜାଣିବାର କ'ଣ ଥିଲା ? ସବୁ ତ ସମୟ ଉପଯୁକ୍ତ ବେଳାରେ ସମାହିତ କରି ଦେଇଛି । ପ୍ରତିଜ୍ଞାଙ୍କ ପାଣିଗ୍ରହଣପର୍ବ ସମ୍ପନ୍ନ ହେଲା । ମନୋଜ ହେଲେ କୁଜଙ୍ଗ ରାଜ ପରିବାରର ଜାମାତା ତଥା କମ୍ରେଡ ବିଶ୍ୱମ୍ଭର ସାମନ୍ତଙ୍କର ଭଗ୍ନୀପତି । 'କୁଜଙ୍ଗ କୁଟୀର'ର ପୁଅ । ସେଇଦିନଠୁଁ ବାହାରେ ରହିବା ହେଲା ବନ୍ଦ ॥

ମନୋଜ ଓ ଅଧ୍ୟାପନା

ସ୍ନାତକର କୃତିତ୍ୱ ହାସଲ ପରେ ଇଁରେଜୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ମନୋଜଙ୍କ ଜୀବନର ଲକ୍ଷ୍ୟଥିଲା । ଇଂରେଜୀ ଭାଷା ଓ ସାହିତ୍ୟ ଅଧ୍ୟୟନର ନିଶା ତାଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ଇଂରେଜୀ ସାହିତ୍ୟରେ ରହିଥିବା ଅମୂଲ୍ୟ ସଂପଦକୁ ସେ ଏକନିଷ୍ଠ ଭାବରେ ଆପଣାର କରିବାକୁ ବଳିଷ୍ଠ ଇଚ୍ଛା ପ୍ରକଟ କରିଥିବାରୁ ତାଙ୍କୁ କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡି ନଥିଲା । ତାପରେ ଆନ୍ତର୍ଜାତିକ ସାହିତ୍ୟ କ୍ଷେତ୍ର ପାଇଁ ଇଂରେଜୀ ହିଁ ଏକ ବଳିଷ୍ଠ ମାଧ୍ୟମ ଏକଥା ତାଙ୍କର ହୃଦ୍‌ବୋଧ ହୋଇଥିଲା । ଇଂରେଜୀ ଭାଷାରେ ଲେଖାଲେଖି କରିବାରେ ସେ ଥିଲେ ଜଣେ ଧୂରୀଣ ବ୍ୟକ୍ତିତ୍ୱ । ଇଂରେଜୀ ଭାଷା ପ୍ରୀତି ତାଙ୍କ ବ୍ୟକ୍ତିତ୍ୱ ପରିପ୍ରକାଶରେ ବେଶ୍ ସହାୟତା କରିଥିଲା । କାଳକ୍ରମେ ସେ କଟକର ଖ୍ରୀଷ୍ଟ କଲେଜରେ ଏକ ଅଧ୍ୟାପକର ଗୁରୁ ଦାୟିତ୍ୱ

Digitized by srujanika@gmail.com

ବହନ କଲେ ଇଂରାଜୀ ବିଭାଗରେ । ନିଜର ଇଂରେଜୀ ଭାଷାରେ ଦକ୍ଷତା ତାଙ୍କୁ ଏକ ଲୋକପ୍ରିୟ ଅଧ୍ୟାପକର ସ୍ୱୀକୃତି ଅବଶ୍ୟ ଆଣିଦେଲା ସିନା କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କୁ ଖ୍ରୀଷ୍ଟ କଲେଜରୁ ବିଦାୟ ନେବାକୁ ପଡିଲା ଏକ ମହତ୍ତର ପଥର ସନ୍ଧାନରେ ।

ମନୋଜ ବାବୁ ଓ ସାହିତ୍ୟ

ସାହିତ୍ୟ କଥା କହିବାକୁ ଗଲେ ତାହା ସରିବନି । କେଉଁ ଦିଗରୁ ତାଙ୍କୁ ଆଲୋଚନା କରିବା ତାହା ମଧ୍ୟ ଏକ ସମସ୍ୟା । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ସୁବାସ ତାଙ୍କ ସାହିତ୍ୟିକ ଜୀବନରେ ଛୁଟିଥିଲା ପିଲାଦିନୁଁ କିଶୋର ଅବସ୍ଥାରୁ । ସ୍କୁଲ ଜୀବନରୁ ସାହିତ୍ୟ ତାଙ୍କୁ ଆବୋରି ବସିଥିଲା । ପିଲାବେଳର ସାହିତ୍ୟ ସାଧନା ଆଗକୁ ଆଗକୁ ବାଟ କଢେଇ ନେଲା । ବୟସ ବୃଦ୍ଧି ସଙ୍ଗେ ସାହିତ୍ୟ ମଧ୍ୟ ନାନା ରୂପରେ କାୟା ବିସ୍ତାର କରି ତାଙ୍କୁ ଶ୍ରେଷ୍ଠ ସାହିତ୍ୟିକର ସ୍ୱୀକୃତି ଆଣିଦେଲା । ସାହିତ୍ୟର ସମସ୍ତ ବିଭାବ ଉପରେ ତାଙ୍କର ଥିଲା ଅଖଣ୍ଡ ଓସ୍ତାଦୀ । ବିରାଟ ପାରଦର୍ଶିତା । କଲମ ଉପରେ ଶକ୍ତିଶାଳୀ ଦଖଲ ଥିବାରୁ ମନରେ କୌଣସି ବିଷୟରେ ଭାବନା ଉଦ୍ରେକ ହେବାମାତ୍ରେ କଲମମୂନରେ ତାହା ରୂପାୟିତ ହେଉଥିଲା । ଭିନ୍ନ ରୁଚି, ଭିନ୍ନ ସ୍ୱାଦ, ସଂପୂର୍ଣ୍ଣ ନୂତନ ବିଷୟ ବସ୍ତୁର ଅବତାରଣା, ନୂତନ ଉପସ୍ଥାପନା ଶୈଳୀ, ନିଖୁଣ ଚରିତ୍ର ଚିତ୍ରଣ, ମୌଳିକ ଚିନ୍ତାଧାରା, ପ୍ରକାଶ ଶୈଳୀର ଚମତ୍କାରିତାରେ ଋଦ୍ଧିମନ୍ତ ସମସ୍ତ ରଚନା । ଇଂରେଜୀ କ୍ଷେତ୍ରରେ ମଧ୍ୟ ଅନୁରୂପ ପ୍ରୟୋଗ ଓ ପ୍ରୟାସ । ମାନବବାଦୀ ସ୍ୱର ତାଙ୍କ ରଚନାଗୁଡ଼ିକର ଅନ୍ତଃସ୍ୱର । ଏବର ରଚନାଗୁଡ଼ିକରେ ଆଧ୍ୟାତ୍ମ ଚିନ୍ତାଧାରାର ଆଭାସ ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ । ସର୍ବୋପରି ଜଣେ ସାର୍ଥକ ସ୍ରଷ୍ଟା ଓ ଅମାୟିକ ବ୍ୟକ୍ତିତ୍ୱ ମନୋଜ ବାବୁ ।

ଜଣେ ଉଦୀୟମାନ ଲେଖକକୁ ଅନ୍ୟକୁ ଜଣେଇବାକୁ ଅଥବା ତାଙ୍କର ରଚନାକୁ ଅଗଣିତ ପାଠକ ସମାଜରେ ପରିବେଷଣ କରିବା ଦିଗରେ ପତ୍ର ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅବଶ୍ୟ ଲେଖା/ରଚନାର ମୌଳିକତା ଓ ନୂତନ ଦୃଷ୍ଟିକୋଣ ବିଚାର୍ଯ୍ୟ । ଏକଦା ବିଶ୍ୱନାଥ କରଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଉଚ୍ଚକୋଟୀର ଓଡ଼ିଆ ମାସିକ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ ଯଦି କୌଣସି ଲେଖକର ରଚନା ପ୍ରକାଶ ପାଉଥିଲା, ତାହେଲେ ସିଏ ଆଜିର ଆୱାର୍ଡ ଯୁଗର ଆୱାର୍ଡଠୁଁ ବଳି ଗୌରବ ଅର୍ଜନ କରିପାରୁଥିଲା । ବାହାରେ ବିଦଗ୍ଧ ରସଗ୍ରାହୀ ପାଠକମାନଙ୍କର ତାରିଫ ତାଙ୍କୁ ଗୌରବର ପିରାମିଡ ଉପରେ ଅଧିଷ୍ଠିତ କରି ପାରୁଥିଲା । ଗୁଣଗ୍ରାହୀ ସମାଲୋଚକ ମାନଙ୍କ ଗଠନମୂଳକ ସମାଲୋଚନା ତାକୁ ବାଟ ଦେଖାଉଥିଲା । ଓଡ଼ିଶାର ପ୍ରବୀଣ ଓ ନବୀନ ପତ୍ର/ପତ୍ରିକା ତାଙ୍କର ରଚନା ପ୍ରକାଶନରେ ଅପାର ଆଗ୍ରହ ଓ ପ୍ରଯତ୍ନ ପ୍ରକାଶ କରି ତାଙ୍କୁ ଏକ ଲୋକପ୍ରିୟ ଲେଖକର ସ୍ୱୀକୃତି ମଧ୍ୟ ଆଣି ଦେଇଛନ୍ତି ।

Digitized by srujanika@gmail.com

ମନୋଜ ବାବୁ ଓ 'ଦିଗନ୍ତ'

କିନ୍ତୁ ମନୋଜଙ୍କ ସ୍ୱପ୍ନ-ନିଜର ଗୋଟିଏ ମାସିକ ପତ୍ରିକା ହୁଅାନ୍ତା କି ? ପିଲାବେଳୁ ଛାତ୍ର ଅବସ୍ଥାରୁ ଏହି ସ୍ୱପ୍ନ ତାଙ୍କୁ ବିହ୍ୱଳ କରିଥିଲା । ବାଲେଶ୍ୱରରେ ଅବସ୍ଥାନ କାଳରେ 'ଦିଗନ୍ତ' ନାମକ ଏକ ମାସିକ ପତ୍ରିକା ୧୯୫୦ରେ ପ୍ରକାଶ କରି କିଛିକାଳ ପ୍ରକାଶନ ପରେ କେତେକ ଅନିବାର୍ଯ୍ୟ କାରଣ ବଶତଃ ତାଙ୍କୁ ବଂଦ କରିଦେବାକୁ ସେ ବାଧ ହୋଇଥିଲେ । ହେଲେ ତରୁଣର ସ୍ୱପ୍ନ କ'ଣ କେବେ ମରେ ? ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ ପରେ କଟକରେ ଅବସ୍ଥାନ କାଳରେ ପୁନଶ୍ଚ ସେ ସ୍ୱପ୍ନ ତାଙ୍କୁ ଆଚ୍ଛନ୍ନ କଲା । ତାଙ୍କ ସ୍ୱପ୍ନର 'ଦିଗନ୍ତ' ପୁଣି ନୂଆ ରୂପ ଭେକ ନେଇ ଠିଆହେଲା । ଏକ ବାହାର ପ୍ରେସ୍‌ରେ ମୁଦ୍ରିତ ହୋଇ ୧୯୫୯ରେ 'ଦିଗନ୍ତ' ବାହାରିଲା । ମନୋଜର ମନ ଟିକିଏ ହାଲୁକା ହେଲା । ଏହାହିଁ ହେଲା 'ଦିଗନ୍ତ'ର ନୂଆ ପ୍ରସ୍ଥ । ବିପୁଳ ଅଭାବ ଦୃଷ୍ଟିରୁ ମାସିକ ପତ୍ରିକାଟିକୁ ନେଇ ଆଣି ଥୋଇବାର ଗୁରୁଦାୟିତ୍ୱ ବହନ କରିବା ପାଇଁ ଏକ ସ୍ଥାୟୀ ବ୍ୟବସ୍ଥା ଏବଂ ବିପୁଳ ପୁଞ୍ଜି ଲୋଡା । ତା'ସହିତ ନିଜର ଏକ ପ୍ରିଣ୍ଟିଂ ପ୍ରେସ୍ ଥିବା ଦରକାର । ଖାଲି ସ୍ୱପ୍ନ ଦେଖିଲେ ପତ୍ରିକା ପ୍ରକାଶନ ସମ୍ଭବ ନୁହେଁ । ତେଣୁ ଏହାର ଭବିଷ୍ୟତ ଚିନ୍ତା ପ୍ରତିଷ୍ଠାତାଙ୍କର ପବିତ୍ର କର୍ତ୍ତବ୍ୟ । ଆଉ ଗୋଟିଏ ଦିଗ-ପତ୍ରିକା ପାଇଁ ରୁଚି ସଂପନ୍ନ ଲେଖା । 'ଦିଗନ୍ତ' ପାଇଁ ଅବଶ୍ୟ ତାହାର ଅଭାବ ହେଲାନି । କାରଣ ମନୋଜ ବାବୁଙ୍କ ଲୋକପ୍ରିୟତା ସବୁ ନାମୀ ନାମୀ ଲେଖକଙ୍କୁ ପାଖକୁ ଟାଣି ଆଣିଲା । 'ଦିଗନ୍ତ' ଏକ ସମ୍ଭ୍ରାନ୍ତ ରୁଚିଶୀଳ ସାହିତ୍ୟ ପତ୍ରିକାର ରୂପନେଲା । କଟକର ବାଙ୍କାବଜାରରେ 'ଦିଗନ୍ତ କାର୍ଯ୍ୟାଳୟ' ସ୍ଥାପିତ ହେଲା ଏକ ଭଡାଘରେ । କିନ୍ତୁ ମାନସ ସନ୍ତାନ 'ଦିଗନ୍ତ'ର ପ୍ରତିଷ୍ଠାତା-ସଂପାଦକ ଦାୟିତ୍ୱ ଗ୍ରହଣ କଲେ ସ୍ୱୟଂ ମନୋଜ ଦାସ ।

କୁହାଯାଏ -ଯଦି କାହାକୁ ହଇରାଣ ହରକତ୍ କରିବାର ଥାଏ, ତେବେ ତାଙ୍କୁ ଗୋଟିଏ ମାସିକ ପତ୍ରିକା ବା ଗୋଟିଏ ପ୍ରିଣ୍ଟିଂ ପ୍ରେସ୍ (ତତ୍‌କାଳୀନ ଲେଟାର ପ୍ରେସ୍-ଅକ୍ଷର ଖଂଜା ଛାପାଖାନା) ଧରେଇ ଦେଇ ଦେଖିବ ମଜା । ଭାଲୁ ଧରିବା କଥା । ଚିନ୍ତା ଇମିତି ବଢିଯିବ ଯେ ସେ ବ୍ୟକ୍ତିଜଣକ ରାତିରେ ନିଶ୍ଚିନ୍ତ ଶୋଇ ବି ପାରିବନି । ତଥାପି ଲେଟାର ପ୍ରେସ୍‌ରେ ପତ୍ରିକା ଛପାହୁଏ ଏବଂ ପ୍ରକାଶନର ନିୟମିତା ରକ୍ଷା ହେଉଥାଏ । କଥା ହେଲା ନିଜ ପ୍ରେସ୍‌ରେ 'ଦିଗନ୍ତ'କୁ ଛପାଇବାକୁ । କଥା କଥାରେ ରହିଗଲା କିଛିଦିନ ବାଙ୍କାବଜାରରେ ।

ମନୋଜ ବାବୁ ଓ ସମ୍ପାଦନା

'ତରଙ୍ଗ' ଉଠିଥିଲା । ଉଦ୍‌ବେଳନ ସୃଷ୍ଟି ହୋଇଥିଲା ବେଶ୍ କଲିକତାରୁ କଟକ ଯାଏ । ଏହି ଫିଚରଧର୍ମୀ ଓଡ଼ିଆ ମାସିକ ପତ୍ରିକା 'ତରଙ୍ଗ'ର ପ୍ରକାଶନ ଲାଗି କଟକରେ

Digitized by srujanika@gmail.com

ଯତ୍‌ପରୋନାସ୍ତି ଚେଷ୍ଟା ସତ୍ତ୍ୱେ 'ତରଙ୍ଗ' ସବୁଦିନ ପାଇଁ ଆଖି ବୁଜିଲା କଟକରେ । ଅନୁଜ ୰ ଜେନାମଣି ନରେନ୍ଦ୍ର କୁମାରଙ୍କ ଅନୁରୋଧ କ୍ରମେ ମୁଁ 'ତରଙ୍ଗ'ର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲି ସିନା, ତାକୁ ରକ୍ଷା କରି ପାରିନଥିଲି । 'ତରଙ୍ଗ' ହେଲା ନିସ୍ତରଙ୍ଗ । ମନୋଜ ବାବୁ ଥିଲେ 'ତରଙ୍ଗ'ର ଜଣେ ନିଷ୍ଠାପର ଲେଖକ । ସଂପାଦକ ଗୋଷ୍ଠୀ ବିଶେଷତଃ ଜେନାମଣି ସହିତ ତାଙ୍କର ଥିଲା ଘନିଷ୍ଠ ବନ୍ଧୁତା । ଅନୁରୋଧ ଆସିଲା ମୋତେ 'ଦିଗନ୍ତ' ସଂସ୍ଥାରେ ବାଙ୍କାବଜାରରେ ଯୋଗ ଦେବାକୁ । ମନୋଜ ବାବୁଙ୍କ ଅବିଷ୍କାର ବି ଫଳବତୀ ହେଲା । ମୋ ସାହିତ୍ୟ ନିଶା ମୋତେ ଟାଣିନେଲା ମଙ୍ଗଳାବାଗ୍‌ରୁ ବାଙ୍କାବଜାର । ସକାଳେ ମାଛ-ଅଫିସରେ ଚାକିରୀ, ଆଉ ସଂଜ ହେଲେ 'ଦିଗନ୍ତ' ଡିଉଟୀ ବାଙ୍କାବଜାର ମୁକାମରେ । ରାତିରେ ଫେରୁ ଫେରୁ ଡେରି ହୋଇଯାଏ ଅବଶ୍ୟ । କିନ୍ତୁ ସେ ଦେହସୁଆ ହୋଇଗଲା । ପାଖରେ ପରିବାର ନ ଥାନ୍ତି ତ ! ମେସ୍ ଜୀବନ । ଖାଇବା ଶୋଇବା । ସକାଳ ହେଲେ 'କାକରଛଡା ଲେଖାଲେଖି' । ପୁଣି 'ଦିଗନ୍ତ' ପାଇଁ ମିଳିଥିବା ଲେଖା ସଜଡା ।

ବହୁ ଅସୁବିଧା ମଧ୍ୟରେ ବାହାର ପ୍ରେସରେ ଛପା ହୋଇ 'ଦିଗନ୍ତ'ର କେତୋଟି ସଂଖ୍ୟା ବାହାରିଲା ଅବଶ୍ୟ କିନ୍ତୁ ପ୍ରକାଶନରେ ସାମାନ୍ୟ ବିଳମ୍ବ ପରିଲକ୍ଷିତ ହେଲା ।

ମନୋଜ ବାବୁ ଓ ପ୍ରେସ୍

ଚିନ୍ତା, ନିଜର ପ୍ରେସ୍‌ଟିଏ ନ ହେଲେ କେମିତି ପତ୍ରିକା ବାହାରିବ ? ତେଣୁ ପ୍ରେସ୍‌ଟିଏ କରିବାର ପରିକଳ୍ପନା ହେଲା ସିନା କିନ୍ତୁ ସେଥିପାଇଁ ଆବଶ୍ୟକ ଅର୍ଥ ଏବଂ ଘର ? ବଜ୍ରକବାଟୀ ରୋଡରେ ଜଣେ ବିହାରୀ ଭଦ୍ରଲୋକଙ୍କ (ଜଗଦିଶ ପ୍ରସାଦ)ଙ୍କ (underground ତଳ ମହଲା) ଘରକୁ ଭଡା ନେବାପାଇଁ ସ୍ଥିର ହେଲା । ମନୋଜ ବାବୁଙ୍କ ପୂର୍ବ ସଂପର୍କ ଦୃଷ୍ଟିରୁ ଜଗଦୀଶ ବାବୁ ଘର ଦେବାକୁ ସମ୍ମତ ହେଲେ । ତଳେ ପ୍ରେସ ଓ ଉପରେ ଅଫିସ । ଘରର ବଖରାଗୁଡିକ ଛୋଟ ଛୋଟ ଅଣଓସାରିଆ ହେଲେ କ'ଣ ହବ ଯେନତେନ ପ୍ରକାରେଣ ପ୍ରେସ୍‌ଟିଏ କରିବାକୁ ହବ । କରିତକର୍ମା ମନୋଜ ବାବୁଙ୍କ ପାଖକୁ ଅର୍ଥ ବି ଆସିଗଲା । ମନର ଝୁଙ୍କ୍ ପ୍ରେସ ହେବ । ନିଜ ପ୍ରେସ୍‌ରେ ପତ୍ରିକା ଛପାହେବ । ପ୍ରେସ୍ ପାଇଁ ଆବଶ୍ୟକ ସରଂଜାମ କିଣା କିଣି ପରେ ଚିନ୍ତା ପଡିଲା ପ୍ରେସ୍ ପାଇଁ କୁଶଳୀ ଷ୍ଟାଫ୍‌ର (କଂପୋଜିଟର, ଇଂପୋଜିଟର, ମେସିନ ମ୍ୟାନ୍, ବାଇଣ୍ଡର, ହେଲପର ଇତ୍ୟାଦି ଇତ୍ୟାଦି) ମନ ଥିଲେ ରାସ୍ତା ଆପେ ମିଳିଯାଏ । 'ତରଙ୍ଗ' ପ୍ରକାଶନ (ଶରତ ପ୍ରେସ୍, ପ୍ରଫେସର ପଡା) ର ସମସ୍ତ ଷ୍ଟାଫ୍ ଥିଲେ ମୋ ଗାଁର । ସେମାନେ ସମସ୍ତେ ବେକାର ବସିଥିଲେ । ଆଦେଶ ମାତ୍ରେ ସମସ୍ତେ ଆସି ଆମ ସାଙ୍ଗରେ ଯୋଗଦେଲେ ।

Digitized by srujanika@gmail.com

ମାଳୀକୁ ଛେଳି ଅଡୁଆ । ମନୋଜ ଦାସ ଏବଂ ପ୍ରେସ୍ ? ସୁଖ୍ୟାତି ସଂପନ୍ନ ଲେଖକ ମନୋଜ ବାବୁ । ପ୍ରେସ୍ ପରିଚାଳନା କରିବାରେ ତରିକା ସିଏ କାହିଁକି ଜାଣିବେ ? ଲେଖା ଭଲ ତ ସିଏ ଭଲ । କପି ଦେଇଦେଲେ ତାଙ୍କ କାମ ଶେଷ । କାମ ତ ପୁଣି ହେବ ? ତେଣୁ ଅଣ୍ଟା ଭିଡିବାକୁ ପଡିଲା ମତେ । ପୂର୍ବ ଅଭିଜ୍ଞତାର ପରୀକ୍ଷାର କ୍ଷେତ୍ର ବନିଗଲା ଏହି ପ୍ରେସ । ମନୋଜ ବାବୁଙ୍କ ସ୍ୱପ୍ନ ଏବଂ ସାଧନାର ସାର୍ଥକ ରୂପାୟନ । ଲେଟର ପ୍ରେସ୍ ବିଷୟରେ ମୁଁ ଅଭ୍ୟସ୍ତ ଥିବାରୁ ବେଶି କିଛି ତାକତ୍‌ର ଆବଶ୍ୟକତା ନଥିଲା । ପ୍ରେସ୍‌ର ନାଆଁ ଦିଆଗଲା -'ଯୁଗରୂପା ପ୍ରେସ୍' । ସୁନ୍ଦର ନାଆଁଟିଏ । ଆମ ସମସ୍ତଙ୍କୁ ଭଲ ଲାଗିଲା । 'ଦିଗନ୍ତ'ର ସାଇନ୍‌ବୋର୍ଡଟି ଉପର ମହଲାରେ ବେଶ୍ ଦେଖାଯାଉଥାଏ । ମୁଖ୍ୟ ରାସ୍ତା ଉପର ଘର । ବାହାର ଲୋକଙ୍କ ନଜର ସିଧାସଳଖ 'ଦିଗନ୍ତ' ଉପରେ ପଡିଲା । ଆଉ ବାଙ୍କାବଜାର ଗଳି ତ ନୁହେଁ । ବିଚ୍ ରାସ୍ତା (ବର୍ତ୍ତମାନ ଯେଉଁ ରାସ୍ତା ସହରର ସବୁଠୁଁ ଜନଗହଳି ରାସ୍ତା ହେଇଚି ।)

ଯେଉଁଦିନ ନିଜ ପ୍ରେସ୍‌ରୁ 'ଦିଗନ୍ତ'ର ଗୋଟିଏ ସଂଖ୍ୟା ପ୍ରକାଶ ପାଇଲା, ସେଦିନ ମୋର ଏବେବି ମନେ ଅଛି । ମନୋଜ ବାବୁଙ୍କ ମନର ଆନନ୍ଦ ଉଲ୍ଲାସ କଥା କ'ଣ କହିବି ? ଆମ ସମସ୍ତଙ୍କ ଖୁସି ଓ ଆନନ୍ଦ ତହିଁରେ ମିଶିଗଲା । ଉଦ୍ୟମ ଯେ ବାସ୍ତବ ରୂପନେଇ ପାରିଲା, ଏତିକି ଆମ୍ଭ ସନ୍ତୋଷ । ପତ୍ରିକାର ସୁରକ୍ଷା ପାଇଁ ସର୍ବନିମ୍ନ ପଦକ୍ଷେପ ।

ପ୍ରେସ୍‌ଟିର ସାଜସରଂଜାମ କ୍ରମଶଃ ବୃଦ୍ଧି ପାଇବା ଫଳରେ ବକ୍ସିବାଟୀ ଘରେ ସ୍ଥାନାଭାବ ଦେଖାଦେଲା । ଭାଳେଣୀ ପଡିଲା ପ୍ରେସ୍‌ଟିର ଅନ୍ୟତ୍ର ସ୍ଥାନାନ୍ତର । ଝୋଲାସାହିରେ ନନ୍ଦବାବୁଙ୍କ ଘରକୁ ଭଡା ସୂତ୍ରରେ ନେବାପାଇଁ ତାଙ୍କୁ ରାଜି କରାଗଲା । ଏ ଘର ବଡ ଘର । ଓସାରିଆ । କାମଦାମ କରିବାକୁ ଜାଗା ବହୁତ । କାନ୍ଥ ଉପରେ ବେଶ୍ ବଡ ଅକ୍ଷରରେ ଲେଖାଗଲା 'ଯୁଗରୂପା ପ୍ରେସ' । ଏଇଠି କିଛିକାଳ 'ଦିଗନ୍ତ' ଛପାହେଲା ପରେ ମଧ୍ୟ ଆର୍ଥିକ ଦିଗରୁ ସ୍ୱଚ୍ଛଳତା ଆଦୌ ନଥିଲା । ଖାଲି ପତ୍ରିକା ଛପା କାମ କରି ପ୍ରେସ୍ ଚଳି ପାରି ନଥିଲା । ମଝିରେ ମଝିରେ କିଛି ଜବ୍ କାମ ବି ହାତକୁ ନିଆ ଯାଇଥିଲା । ଟ୍ରେଡ୍‌ଲ୍ ମେସିନ୍ ତ । ତା' ତାକତ୍ ଅନୁସାରେ କାମ । କ୍ରମଶଃ ଆର୍ଥିକ ଦିଗଟା କିମିତି କିମିତି ଲାଗିଲା । ପତ୍ରିକା ମାସକୁ ମାସ ଏଜେଣ୍ଟମାନଙ୍କୁ ପଠାଯାଏ ସିନା କିନ୍ତୁ ସେମାନଙ୍କ ପାଖରୁ ଅର୍ଥ ଆଦାୟ ଏକ ଦୁରୂହ ବ୍ୟାପାରରେ ପରିଣତ ହେଲା । ବିଜ୍ଞାପନରେ ଯାହା କିଛି ମିଳୁଥାଏ ।

ମନୋଜ ବାବୁ ଓ ସାଥୀ

ପଇସା କେଉଁଠୁ ଆସେ, ମୋ ଆଗରେ ମନୋଜ ବାବୁ କେବେ ନ କହିଲେ ସୁଦ୍ଧା ମୁଁ ବେଶ୍ ଅନୁମାନ କରିଥାଏ ସବୁକଥା । କଲେଜର ମାସିକ ଦରମା ବ୍ୟତିରେକେ ସଂପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ ଠାରୁ କିଛି କିଛି ଅର୍ଥ ସାହାଯ୍ୟ ମିଳୁଥାଏ । ଅନେକ

Digitized by srujanika@gmail.com

ସୁହୃଦଙ୍କ ମଧ୍ୟରୁ ଏକ ବନ୍ଧୁ ଥିଲେ କେମିକାଲ ଇଂଜିନିୟର କ୍ଷୀରୋଦ ପ୍ରସାଦ ମହାନ୍ତି । ମନୋଜ ବାବୁଙ୍କ ବୟସର ତରୁଣ । ମନରେ କିଛି କରିବାର ଅଭୀପ୍ସା । ଚାକିରୀ ବାକିରୀ କରିବାରେ ଇଚ୍ଛା ନଥାଏ । ଅମାୟିକ ବ୍ୟବହାର । ଝୋଲାସାହିରେ 'ଦିଗନ୍ତ' ସଂସ୍ଥା କାର୍ଯ୍ୟରତ ଥିବାବେଳେ ସିଏ ଦେଖାଦେଲେ । ବନ୍ଧୁତାର ହାତ ପାତିଦେଲେ । ଧୋବିଲେନ୍ (କଟକର) ରେ ତାଙ୍କ ଖାଲିଥିବା ଘରକୁ 'ଦିଗନ୍ତ' ସଂସ୍ଥାକୁ ସ୍ଥାନାନ୍ତର କରିବାର ପ୍ରସ୍ତାବ ହେଲା । ମନୋଜ ବାବୁଙ୍କ ମନ ଆଉ ଟିକିଏ ହାଲୁକା ହେବାରେ ଲାଗିଲା । ତାଙ୍କର ପତ୍ରିକା ଦରକାର । ଝୋଲାସାହିରୁ ପତ୍ରିକା ସଂସ୍ଥା ଉଠିଗଲା ବକ୍ସିବଜାର ଧୋବୀଲେନସ୍ଥ କ୍ଷୀରୋଦ ବାବୁଙ୍କ ଘରକୁ । ବାଙ୍କାବଜାରରୁ ବକ୍ରକବାଟୀ, ବକ୍ରକବାଟୀରୁ ଝୋଲାସାହି ପୁଣି ଝୋଲାସାହିରୁ ବକ୍ସି ବଜାର ଧୋବିଲେନ୍ । ସହର ପରିକ୍ରମା । କେବଳ ପତ୍ରିକାଟିକୁ ବଞ୍ଚେଇବା ପାଇଁ ଏତେ ତକଲିପ୍ । ଏତେ ହରକତ୍ ।

ମନୋଜ ବାବୁ ଓ ଦିଗନ୍ତର ଆଭିମୁଖ୍ୟ

'ଦିଗନ୍ତ' ସମକାଳୀନ ଯେତେ ମାସିକ ପତ୍ରିକା ଓଡ଼ିଶାରେ ପ୍ରକାଶ ପାଉଥାଏ, ମୁଖ୍ୟତଃ ସେସବୁ ଗଳ୍ପ, କବିତା ଉପନ୍ୟାସ ବା ଲଘୁକଥା ଇତ୍ୟାଦିକୁ ନେଇ । ସଂପୂର୍ଣ୍ଣ ଫିଚରଧର୍ମୀ ପତ୍ରିକା ସେତେବେଳେ ଓଡ଼ିଆରେ ପ୍ରାୟ ନଥିଲା । ଦିଗନ୍ତକୁ ଏକ ଫିଚରଧର୍ମୀ ପତ୍ରିକାରୂପେ ଗଢି ତୋଳିବାରେ ମନୋଜ ବାବୁଙ୍କର ଆଭିମୁଖ୍ୟ ସ୍ପଷ୍ଟଥିଲା । ତଦନୁସାରେ ଲେଖକମାନଙ୍କଠାରୁ ଲେଖା ମଧ୍ୟ ଆଦାୟ କରାଯାଉଥିଲା । ମନୋଜ ବାବୁଙ୍କ ତୁଣ୍ଡର କଥା ଏଇଭଳି ଲେଖାଗୁଡିକ ସଂଗ୍ରହ କରିବାରେ ବେଶ୍ ସାହାଯ୍ୟ କରୁଥିଲା । ମନୋଜ ବାବୁଙ୍କ ଠୋସ୍ 'ସଂପାଦକୀୟ' ପତ୍ରିକାର ଲୋକପ୍ରିୟତା ବୃଦ୍ଧିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଏବଂ ଅଗଣିତ ପାଠକ ଓ ବୁଦ୍ଧିଜୀବୀ ମହଲରେ ସମାଦୃତ ହେଉଥିଲା । ପତ୍ରିକା ସମ୍ପାଦନା ଏକ ବିରାଟ କଳା । ଏଥିପାଇଁ ଜ୍ଞାନଗରିମା ଓ ଅଧ୍ୟବସାୟ ଲୋଡ଼ା । ନୂଆ ନୂଆ ତଥ୍ୟ ଆଣି ପତ୍ରିକାରେ ବିଭିନ୍ନ ରଚନା ମାଧ୍ୟମରେ ସଂଯୋଜିତ କରି ପାରିଲେ ପତ୍ରିକା ସୁଖପାଠ୍ୟ ହୋଇଥାଏ । 'ଦିଗନ୍ତ' ପତ୍ରିକାର ବିଭାଗୀକରଣରେ ନୂତନତା ଥିବାରୁ ପାଠକ ମହଲର ଶ୍ରଦ୍ଧା ଏହା ପାଇ ପାରିଥିଲା । ଖାଲି ଉଚ୍ଚକୋଟୀର ଲେଖା ଛାପିଦେଲେ ଯେ ପତ୍ରିକାଟିର ପ୍ରସାର ସଂଖ୍ୟା ବୃଦ୍ଧି ଘଟିବ, ଏକଥା ନୁହେଁ । ଲେଖାଗୁଡିକର ସୁପରିବେଷଣ, ସଜ୍ଜୀକରଣ ଓ ଆବଶ୍ୟକ ସ୍ଥଳେ ଇଲୁଷ୍ଟ୍ରେସନ ଆଦିର ସଂଯୋଜନା ବିଧିବଦ୍ଧ ହୋଇପାରିଲେ ପତ୍ରିକାଟି ଅନ୍ୟମାନଙ୍କ ତୁଳନାରେ ଉପାଦେୟ ହୋଇଥାଏ । 'ଦିଗନ୍ତ'ରେ ଏଥିପାଇଁ ପୂର୍ଣ୍ଣ ସୁଯୋଗ ଥିଲା ।

'ଦିଗନ୍ତ' ସଂପାଦକ ମନୋଜ ଦାସଙ୍କ ତଳକୁ ମୋ ନାଆଁଟି ଯୋଖିଦେଇ ମନୋଜ ବାବୁ ମତେ କାବୁ କରିନେଲେ । ମୋର କ'ଣ ବା ଉପାୟ ଥିଲା ? ଗୋଟିଏ

Digitized by srujanika@gmail.com

ସଂଖ୍ୟାରେ ଛପାହେଲା ନାଆଁ କ'ଣ ଆର ସଂଖ୍ୟାକୁ ଲିଭି ପାରିବ ? ଯେ ଚାଲିଲା । କଳା ସଂପାଦକ ଶିଳ୍ପୀ ଅସିତ୍ ମୁଖାର୍ଜୀ । ସିଏ ତ ମନୋଜ ବାବୁଙ୍କର ଜିଗ୍ରୀ ଦୋସ୍ତ । ସୁଖଦୁଃଖର ସାଥୀ । ସିଏ ବି ସ୍ଥାନିତ ହେଲେ । ଓଡ଼ିଶାର ବିଶିଷ୍ଟ ସାମ୍ବାଦିକ/ସାହିତ୍ୟିକ ଶ୍ରୀ ଭଗବାନ ନାୟକ ବର୍ମା 'ଦିଗନ୍ତ' ସମ୍ପାଦନା ସହିତ ସାମିଲ ହେଲାବେଳକୁ 'ଦିଗନ୍ତ'ର ଦୀପଶିଖା ନିର୍ବାପିତ ହୋଇ ଆସୁଥାଏ । ଏମାଟିର ମହାନ୍ ଚିତ୍ରଶିଳ୍ପୀ ଅସିତ ମୁଖାର୍ଜୀଙ୍କର କରିସ୍ମା ସାଙ୍ଗକୁ ସଂପାଦନା ସହିତ ଲେଖାଗୁଡ଼ିକର ସୁପରିବେଷଣ ଓ ସଜ୍ଜୀକରଣ ଭାର ପଡ଼ିଗଲା ମୋ ଉପରେ । ବାରଟି ସଂଖ୍ୟା ପାଇଁ ଋତୁଚକ୍ର, ପର୍ବ ପର୍ବାଣୀ ବା ବିଭିନ୍ନ ଅବସରକୁ ଚାହିଁ ଅସିତ ମୁଖାର୍ଜୀଙ୍କର ପ୍ରଚ୍ଛଦ ପରିକଳ୍ପନା । 'ଦିଗନ୍ତ'ର ପୂଜାସଂଖ୍ୟା ଯେଉଁ ସହୃଦୟ ପାଠକମାନେ ଦେଖିଥିବେ ବା ପଢିଥିବେ ସେମାନେ ଅବଶ୍ୟ ଅନୁଭବ କରିଥିବେ ପତ୍ରିକାଟିର ଷ୍ଟାଣ୍ଡାର୍ଡ କ'ଣ ?

ମନୋଜ, ବାବୁ ଓ ନୂଆ ଟାଲେଣ୍ଟ

'ଦିଗନ୍ତ'ର ସଂପାଦନା ଟ୍ୟାଲେଣ୍ଟ ସନ୍ଧାନରେ ସହାୟତା କରିଛି ଏବଂ ସେମାନଙ୍କ କୃତିକୁ ପାଠକ ମହଲରେ ସଂପ୍ରସାରିତ କରିଛି । ମନୋଜ ବାବୁଙ୍କ ପାଖରେ ଲେଖକର ଗ୍ରେଡେସନ ନଥିଲା । ଯେଉଁମାନେ 'ଦିଗନ୍ତ' ସଂସ୍ଥାରେ ଧରା ଦେଇଥିଲେ ପରବର୍ତ୍ତୀ କାଳରେ ସେମାନଙ୍କର ଖସିଯିବାର ଉପାୟ ନଥିଲା । ମିଷ୍ଟଭାଷୀ, ଛନ୍ଦ କପଟଶୂନ୍ୟ ମନୋଜ ବାବୁଙ୍କର ବଂଧୁବତ୍ସଳତାର ଏହା ଏକ ଦିବ୍ୟ ଗୁଣ ।

ମନୋଜ ବାବୁ ଓ ସିଗାରେଟ/ଚା'

ବହୁ ସୃଜନଶୀଳ ଲେଖକ ନିଶାସକ୍ତ ହେବାର ବହୁ ଦୃଷ୍ଟାନ୍ତ ମିଳେ । ଏଠି ସେଠି, ସବୁଠି ଏକାକଥା । ନିଶାପାନ (ମାତ୍ରାହାରରେ) କଲେ ସୃଷ୍ଟି କରିବା ପାଇଁ ମୁଡ୍ ଆସିଥାଏ ଏବଂ କଳ୍ପନା ରୂପ ନିଏ ବୋଲି କଥିତ ଅଛି । ଯାହାର ଯିମିତିକା ଆଦତ୍ । ଆମ ମନୋଜ ବାବୁଙ୍କର ଥିଲା ଇମିତି ଗୋଟାଏ ଆଦତ୍ । ସିଗାରେଟ୍ ଓ ଚା' । ଚା'ଟା କମ୍ କିନ୍ତୁ ସିଗାରେଟ୍ କଥା କହିଲେ ନ ସରେ । ଗୋଟିକ ପରେ ଗୋଟିଏ । ଅଫିସ ଘର ଗୋଟାକ ଯାକ ଧୂମ କୁଣ୍ଡଳୀ । ସିଗାରେଟ୍ ତାଙ୍କ ସୃଷ୍ଟି ପାଇଁ ଯେପରି ଅପରିହାର୍ଯ୍ୟ । ଦିନ ଭରି ଯେତେ ପ୍ୟାକେଟ ଟଣା ଯାଇପାରେ । ଲେଖା ତ ଚାଲିଛି । ସିଗାରେଟ୍ ଚାଲିଥାଉ । ସିଗାରେଟ୍ ନ ଚାଲିଲେ କ୍ଷଣକ ପାଇଁ ତାଙ୍କୁ କିମିତି କିମିତି ଲାଗେ । ଇଂରାଜୀରେ ଯାହାଙ୍କୁ chain smoker ବୋଲି କୁହାଯାଏ, ଇଏ ମଧ୍ୟ ସେଇ ପର୍ଯ୍ୟାୟଭୁକ୍ତ ଥିଲେ । ନିର୍ବିକାର

Digitized by srujanika@gmail.com

ଭାବରେ ସାହିତ୍ୟ ସୃଷ୍ଟି ପାଇଁ ଇମିତି ଏକ ଅବଲମ୍ବନ । କ'ଣ କରାଯାଏ ? ନ ହେଲେ ନ ହବ ! ତେବେ ଏ ଦିଗରେ କିଛିଟା relaxation ମନୋଜ ବାବୁଙ୍କୁ ଦିଆଯାଇଥିଲା ।

ଆଉ ଚା' । ଚା'ର ଗୋଟାଏ କିଛି ସୀମା ସରହଦ ଥିଲା । ଇଏ ଏତେ ଲଗାମଛଡା କାରବାର ନୁହେଁ । 'ଦିଗନ୍ତ' ଅଫିସକୁ ଆସୁଥିବା ସବୁ ମେହେମାନଙ୍କ ପାଇଁ ଏହା ଏକ ସର୍ବନିମ୍ନ ବ୍ୟବସ୍ଥାଥିଲା । ଚା' ପ୍ରାୟ ସେଇ ସଂଙ୍ଗ ଓଳି ୧୦ଠୁଁ ୩୦ କପ୍ ବ୍ୟବସ୍ଥା । ସାହିତ୍ୟିକ, ସାମ୍ବାଦିକ, କଳାକାର, ଚିତ୍ରଶିଳ୍ପୀ, ଚଳଚ୍ଚିତ୍ର ନିର୍ମାତା, ପତ୍ରିକା ଏଜେଣ୍ଟ, ବିଶିଷ୍ଟ ବା ଅତି ବିଶିଷ୍ଟଙ୍କ ପାଇଁ ଅତିକମ୍‌ରେ 'ଦିଗନ୍ତ'ରୁ ଚା'କପେ ପରଷିବାର ପରମ୍ପରା ଚଳି ଆସିଥିଲା । ମନୋଜବାବୁଙ୍କର ସବୁ ଅଚିହ୍ନା ଚିହ୍ନା । ତେଣୁ ତାଙ୍କୁ ପଚରା ଉଚରା କରିବାର କିଛି ନଥାଏ । ଦିଲଦାରିଆ ନିରୋଳା ମଣିଷଟିଏ । ସିଗାରେଟ ଓ ଚା' ଦୋକାନରେ ଯେତେ ବାକି ହେଲେ ବି ତାଙ୍କୁ କେହି ତାଗିଦା ବା ମାଗିବାର ଅବକାଶ ନଥାଏ । କାରଣ ସେମାନଙ୍କର ହୃଦ୍‌ବୋଧ, ବାବୁ ନିଜେ ଯାଚି ଯାଚି ପଇସା ଦେଇଦେବେ, ତାଙ୍କୁ ମାଗିବାର କ'ଣ ଅଛି ?

ମୁଁ ସବୁ ଦେଖେ । ସିଗାରେଟ ଓ ଚା' ଯଥା ସମୟରେ ଯୋଗାଇ ଦେବାକୁ ଆଦେଶ ଦିଏ । ପିଲାଦିନରୁ ଚା' ସିଗାରେଟ ପ୍ରତି ମୋର ଆଦୌ ଆସକ୍ତି ନଥିଲା । ଚା' ସିଗାରେଟ୍ ଯଚା ହେବାମାତ୍ରେ ମୁଁ excuse me କହି ହାତ ଯୋଡିଦିଏ । ବାସ୍ କାମ ସରିଲା । ବେଳେ ବେଳେ ମନକୁ ମନ ବିରକ୍ତ ହୁଏ । ଏତେ ସିଗାରେଟ୍ ଖାଇଲେ, ପରିଣାମ ଯେ ଭୟାବହ । ମନେ ମନେ ଭାବୁଥାଏ, ମୋ କହିବାଟା ଠିକ୍ ହବ କି ! ଦେଖାଯାଉ ଆଗକୁ କ'ଣ ହଉଚି ? ଇମିତି ବେଳ ଆସିଲା, ଆଦତ୍ ସବୁ ଛାଡିଗଲା । ବିଲ୍‌କୁଲ୍ ସଫା ମଣିଷଟିଏ ବନିଗଲେ ମନୋଜ ବାବୁ ।

ମନୋଜ ବାବୁ ଓ ଦୁଃଖ

ମନୋଜ ଓ ପ୍ରତିଜ୍ଞାଙ୍କ ଜୀବନରେ ଅସିଥିଲା ସୁଦିନ । ପୁଅଟିଏ ଜନ୍ମ ହୋଇଥିଲା ମନୋଜ ଓ ପ୍ରତିଜ୍ଞାଙ୍କର । କଟକ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜ ହସ୍‌ପିଟାଲରେ । ଅତି ସୁନ୍ଦର ଚେହେରା । ମାୟା ମମତା ତୁଟେଇ ଦେଇ ସିଏ ଚାଲିଗଲା ସେ ପୁରକୁ ମାତ୍ର କେଇଦିନ ଭିତରେ । ସିଏ ବା କାହିଁକି ରହି ଏମାନଙ୍କୁ ମାୟା ବଂଧନରେ ବାନ୍ଧି ରଖିଥାନ୍ତା ? ଅଭିଶପ୍ତ କିନ୍ନର ଭଳି ଶାପମୁକ୍ତି ପରେ ସେ ପୁରକୁ ଚାଲିଗଲା । ଖବର ପାଇବା ମାତ୍ରକେ ଛୁଟିଲି ହସ୍‌ପିଟାଲ । ଭାଇ ମନ୍ମଥ ବାବୁ ବି ପାଖରେ ଉଭା ହୋଇଥାନ୍ତି । ଇଏ ମୁଁ କ'ଣ ଦେଖିଲି ? ତୋରା କଇଁ ଫୁଲ ଭଳି ସଜ ତଟକା ଚେହେରା । କିଛି ମଉଳିନି । କେବଳ କୁନି କୁନି ଆଖି ଦିଓଟି ମୁଦି ହୋଇଛି ଯାହା ! ଓଃ କି କରୁଣ ସେ ଦୃଶ୍ୟ ? ଗୋଟିଏ ପାଖରେ ଅଲିଅଳ ପୁତ୍ରହରା ମାଆ ପ୍ରତିଜ୍ଞା, ଅନ୍ୟ ପାଖରେ ପିତା ମନୋଜ ।

Digitized by srujanika@gmail.com

କ୍ରନ୍ଦନରୋଳରେ ସେ ପ୍ରକୋଷ୍ଟଟି ପ୍ରକମ୍ପିତ ହେଲା । କଠିନ ପଥର ବି ତରଳିଗଲା । ବହିଗଲା ଲୁହର ସ୍ରୋତସ୍ୱିନୀ ଆଉ ବୁକୁଫଟା କୋହ । ପତିପତ୍ନୀ ଖୁବ୍ କାନ୍ଦିଲେ । ହେଲେ ଗଲା ପୁତ୍ର ବାହୁଡି ନଇଲା । ଆଉ ଆମେ -ଭାଇ ମନ୍ମଥ ବାବୁ ଓ ମୁଁ ? ଆମେ ବି ଭୋ ଭୋ କାନ୍ଦିଲୁ । ଶୋକ ବରଦାସ୍ତ କରିବାକୁ ଛାତିକୁ ପଥର କରିବାକୁ ଚେଷ୍ଟାକଲୁ । ମନୋଜ ବାବୁ ବି କୋହ ସମ୍ଭରଣ କରିବାକୁ ଯେତେ ବୁଝାଇଲେ ମଧ୍ୟ ସେ ବେଶି ବେଶି ଅଧୀର ହେବାକୁ ଲାଗିଲେ । ଗଭୀର ଦୁଃଖ ଏବଂ ରାଗରେ କହିବାକୁ ଲାଗିଲେ : କୁଆଡେ ଗଲା ସେ ଡାକ୍ତର ? ମୋ ପୁଅକୁ ମାରିଦେଲା । ...ଆମେ ଦୁଇଜଣ ସ୍ଥାଣୁ । ଆବେଗକୁ ଚାପିବାର ରାସ୍ତା ଖୋଜି ପାଉ ନଥାଉ । ନିଃସହାୟ ଭଳି ଠିଆ ହେଇଥାଉ ଯାହା ।

ଭାଇ ମନ୍ମଥ ବାବୁ ତ ସଂପର୍କରେ ଦେଢଶୁର । ବିଧୁରା ପୁତ୍ରହରା ମାଆ ପାଖରୁ ଅଲିଅଳ ମଲା ସନ୍ତାନଟିକୁ ଛୁଇଁ କରି ଆଣିବେ କିପରି ? ତେଣୁ ଏଇ କଠୋର ଭୂମିକା ନିର୍ବାହ କରିବାକୁ ପରିସ୍ଥିତି ମତେ ଇ ବାଧ୍ୟକଲା । କ'ଣ କରିଥାନ୍ତି ? ମତେ ଅତି ନିଷ୍ଠୁର ହବାକୁ ପଡିଲା । ଅତି କ୍ରୁର । ଶଯ୍ୟାରୁ ଦୁଇ ପାପୁଲିରେ ଉଠାଇ ଆଣିଲି ଅଭିଶପ୍ତ କିନ୍ନରଟିକୁ । ଓଃ ଅସହ୍ୟ ଏ ଯନ୍ତ୍ରଣା । ଅସହ୍ୟ ବେଦନା । କାନ୍ଦ ଏବଂ କାନ୍ଦ । ଖାଲି କାନ୍ଦ । କାରୁଣ୍ୟର ଧାରା ଶ୍ରାବଣ । ଝରଝର ବହି ଚାଲିଗଲା । ଭାଇ ମନ୍ମଥ ବାବୁଙ୍କ ଆମ୍ୱାସେଡାର କାର୍‌ରେ ଶିଶୁ ଶବଟିକୁ କୋଳରେ ଧରି ଆମେ ଦୁଇଜଣ ଚାଲିଲୁ ଖାନନଗର ମଶାଣିକୁ । ସେଇ ତ କଟକର ସ୍ୱର୍ଗଦ୍ୱାର । ମଲାଗଲାର ମୂକସାକ୍ଷୀ, ବିଖ୍ୟାତ ମଶାଣୀ ଭୂଇଁ । ସିଏ ବି କାନ୍ଦିଛି ।

ମନେ ଅଛି । ସବୁ ମନେ ଅଛି । ଏଇ ଅଲିଅଳ କ୍ଷଣଜନ୍ମା ପୁତ୍ର ସନ୍ତାନଟିର ଅଚାନକ ବିୟୋଗ ମନୋଜ ବାବୁଙ୍କ ଜୀବନକୁ ଏକ ଭିନ୍ନ ମୋଡଦେଲା । ସେ ମାର୍ଗ ଉଚ୍ଚ ଚିନ୍ତାର । ସେ ମାର୍ଗ ଆଧ୍ୟାତ୍ମ ଚିନ୍ତନର । ସେ ମାର୍ଗ ବନ୍ଧନମୁକ୍ତିର ।

ମନୋଜ ବାବୁ ଓ ଆଶ୍ରମ

ଜୀବନକୁ ସାର୍ଥକ ଜୀବନ ଦେବାର ଉଦ୍ୟମରେ ବ୍ରତୀ ହୋଇ ଶେଷରେ ତାଙ୍କୁ ପଣ୍ଡିଚେରୀସ୍ଥ ଶ୍ରୀ ଅରବିନ୍ଦ ଆଶ୍ରମକୁ ଶ୍ରେଷ୍ଠ କର୍ମକ୍ଷେତ୍ରରୂପେ ବାଛି ନେବାକୁ ପରିସ୍ଥିତି ବାଧ୍ୟ କଲା । କାରଣ ମନର ନାନା ଦ୍ୱନ୍ଦ୍ୱ, ଅଶାନ୍ତି ଓ ଅସନ୍ତୋଷର ନିରାକରଣ ନିମିତ୍ତ ତାହାହିଁ ଥିଲା ମହତ୍ତର ମାର୍ଗ । ୧୯୬୩ ମସିହାର ବହୁ ପୂର୍ବରୁ ଶ୍ରୀ ଅରବିନ୍ଦ ଆଶ୍ରମର ବାବାଜୀ ରାମକୃଷ୍ଣ ଦାସ ଓ ପରମପୂଜନୀୟ ଶ୍ରୀମାଙ୍କର ଆଶୀର୍ବାଦ ଲାଭର ସୁଯୋଗ ସେ ପାଇ ସାରିଥିଲେ । ଆଶ୍ରମରେ ସ୍ଥାୟୀ ଭାବରେ ଆଶ୍ରମବାସୀ ହେବାର ଆନୁଷ୍ଠାନିକ ଅନୁମତି ମଧ୍ୟ ତାଙ୍କୁ ମିଳି ସାରିଥିଲା । କେବଳ ସିଏ କାହିଁକି ସହଧର୍ମିଣୀ ପ୍ରତିଜ୍ଞା, ଶାଳକ ବିଶ୍ୱମ୍ଭର ଓ ଶାଳିକା ବାଣୀ ପ୍ରଭୃତି ମଧ୍ୟ ଆଶ୍ରମବାସୀ ଭାବରେ ଅନୁମତି ଲାଭ କରି

Digitized by srujanika@gmail.com

ସାରିଥିଲେ । ଆଶ୍ରମରେ ପାରିବାରିକ ସଂପର୍କ ବିହୀନ ଆଧ୍ୟାତ୍ମ୍ୟ ଜୀବନ । ଯିଏ ଯାହା କର୍ମରେ ବ୍ୟସ୍ତ । ତେଣୁ ପାରସ୍ପରିକ ଯୋଗସୂତ୍ରର ସୁଯୋଗ ନଥାଏ । କେହି କାହାର ନୁହନ୍ତି । ସମସ୍ତେ ସେଇ ମହତ୍ତର ଆଧ୍ୟାତ୍ମ ମାର୍ଗର ଯାତ୍ରୀ ।

ନିଜର ଅଭିଷ୍ଟ ସିଦ୍ଧିରେ ଯିଏ ସଂକଳ୍ପବଦ୍ଧ ତାଙ୍କୁ ବା କିଏ ବାଧାଦେଇ ଅଟକାଇ ରଖିବ ? ଜୀବନର ବାସ୍ତବ ମୂଲ୍ୟବୋଧ ଓ ତାତ୍ପର୍ଯ୍ୟ ପାଇଁ ଆଧ୍ୟାତ୍ମ ମାର୍ଗ ଯେ ପ୍ରକୃଷ୍ଟ ମାର୍ଗ ଏ ଉପଲବ୍ଧି ମନୋଜ ବାବୁଙ୍କର ବହୁଦିନରୁ ହୋଇଥିଲା । ତେଣୁ ଶ୍ରୀ ଅରବିନ୍ଦଙ୍କ ପଣ୍ଡିଚେରୀ ଆଶ୍ରମ ହିଁ ଏଥିପାଇଁ ଉପଯୁକ୍ତ ମାର୍ଗ । କାରଣ ଏହା ନୀତି ଓ ଆଦର୍ଶ ଉପରେ ସୁପ୍ରତିଷ୍ଠିତ ।

୧୯୬୧/୬୨ ମସିହା ଆଡକୁ 'ଦିଗନ୍ତ'ର ଏକ ଫିଚରରୂପେ ଆଧ୍ୟାତ୍ମ ରଚନା କ୍ରମଶଃ ପ୍ରକାଶ ପାଇବାର ପରିଲକ୍ଷିତ ହେଲା । 'ଦିଗନ୍ତ' ପରିବାରର ପରମ ହିତୈଷୀ ଭୈରବ ଚନ୍ଦ୍ର ମହାନ୍ତିଙ୍କର ଅନୁବାଦ ପ୍ରବନ୍ଧ 'କିଏ ଏହି ମା' (ପଶୁପତି ଭଟ୍ଟାଚାର୍ଯ୍ୟଙ୍କର ମୂଳ ରଚନା) ଧାରାବାହିକ ଭାବରେ 'ଦିଗନ୍ତ'ର ପ୍ରତି ସଂଖ୍ୟାକୁ ମଣ୍ଡନ କରିବା ସଙ୍ଗେ ସଙ୍ଗେ ଶ୍ରୀ ଅରବିନ୍ଦ ଆଶ୍ରମର ଅଧ୍ୟକ୍ଷ ବାବାଜୀ ରାମକୃଷ୍ଣ ଦାସଙ୍କର ଉଚ୍ଚକୋଟୀର ଆଧ୍ୟାତ୍ମ ନିବନ୍ଧ ମଧ୍ୟ ପ୍ରକାଶ ପାଇଛି । ଏଥିରୁ ମନୋଜ ବାବୁଙ୍କର ମନୋବୃତ୍ତି ଯେ ଆଧ୍ୟତ୍ମ ଦିଗ ଆଡକୁ କ୍ରମଶଃ ଗତି କରିବ, ସହଜରେ ଅନୁମିତ ହେଉଥିଲା । ପରିଶେଷର ଲକ୍ଷ୍ୟହେଲା ଶ୍ରୀ ଅରବିନ୍ଦ ଆଶ୍ରମ । ପଣ୍ଡିଚେରୀ ଯାତ୍ରା ।

'ଦିଗନ୍ତ'ରେ ମନୋଜ ବାବୁଙ୍କ ବିଦାୟ ବାର୍ତ୍ତା

ମାତ୍ର କିଛିଦିନ ତଳେ ମଧ୍ୟ ମୁଁ ଜାଣି ନଥିଲି ଯେ 'ଦିଗନ୍ତ'ର ଏହା ହିଁ ହେବ ମୋର ଶେଷ ସମ୍ପାଦକୀୟ । ଓଡ଼ିଆ ସାହିତ୍ୟର ଯେଉଁ ଭଳି ସମୟରେ 'ଦିଗନ୍ତ' ଆତ୍ମପ୍ରକାଶ କଲା, ତାହା ଥିଲା ଏକାନ୍ତ ଦୁଃସମୟ । ୧୯୫୦ରେ 'ଦିଗନ୍ତ' ବନ୍ଦ ହୋଇ ଯାଇଥିଲା । କିନ୍ତୁ ଓଡ଼ିଆ ସାହିତ୍ୟରେ 'ଦିଗନ୍ତ'ର ବୋଧହୁଏ ଭୂମିକାଟିଏ ତୁଲାଇବାର ଥିଲା ଏବଂ ସେଇଥିଯୋଗୁଁ ୧୯୫୯ରୁ ପୁନର୍ବାର ତାହା ପ୍ରକାଶ ପାଇ ଆସିଛି । ୧୯୫୦ରୁ ୧୯୬୦ ଭିତରେ ଭାରତରେ ଅନ୍ୟାନ୍ୟ ଭାଷାର ସାହିତ୍ୟ କ୍ଷେତ୍ରରେ ଯେଉଁଭଳି ଜନ ଚେତନାର ସ୍ପନ୍ଦନ ଅନୁଭୂତ ହୁଏ ଓଡ଼ିଆ ସାହିତ୍ୟରେ ସେ ସ୍ପନ୍ଦନର ଅତିଶୟ ମର୍ମନ୍ତୁଦ ଅଭାବ । 'ଦିଗନ୍ତ'କୁ ଯେଉଁ ଦୁଃଖକଷ୍ଟ ଭିତର ଦେଇ ଆସିବାକୁ ହୋଇଛି ତାହା ଅଳ୍ପକେ କହି ହେବନାହିଁ । 'ଦିଗନ୍ତ'କୁ ପରିପୁଷ୍ଟ କରି ରଖିବା ପଛରେ କୌଣସି ରାଜନୈତିକ ସଂସ୍ଥା ବା ରାଜନୈତିକ ବ୍ୟକ୍ତିତ୍ୱ ନାହିଁ । ରାଶିଫଳ, ସାହିତ୍ୟ କାମରେ ଗୋଟିଏ ପୃଷ୍ଠାରେ ଅଶ୍ଳୀଳ ଲେଖାଲେଖି ଓ ଅନ୍ୟ ପୃଷ୍ଠାରେ କିଶୋରମାନଙ୍କ ସକାଶେ ବିଭାଗ ରଖିବା ଭଳି ଭଣ୍ଡାମି କରିବାକୁ 'ଦିଗନ୍ତ' କେବେ ଚେଷ୍ଟା କରିନାହିଁ ।

Digitized by srujanika@gmail.com

ଏହି ଉଭୟ ଶ୍ରେଣୀରୁ ବହିର୍ଭୂତ ହୋଇ 'ଦିଗନ୍ତ' ଯେ ତିଷ୍ଠି ରହିଛି, ସେ ଗୌରବ ସୁଖ୍ୟାତ 'ଦିଗନ୍ତ'ର କେତେକ ଅଧ୍ୟବସାୟୀ ଧୈର୍ଯ୍ୟଶୀଳ କର୍ମୀଙ୍କର ପ୍ରାପ୍ୟ । କିନ୍ତୁ ଆନନ୍ଦର କଥା ହୋଇଥାନ୍ତା ଯଦି ଏ ଗୌରବ ଓଡ଼ିଶାର ବୃହତ୍ତର ପାଠକ ଶ୍ରେଣୀର ପ୍ରାପ୍ୟ ହୋଇଥାନ୍ତା ।

ଆଜି 'ଦିଗନ୍ତ'ର ଭାର ସେଇ କର୍ମୀବନ୍ଧୁମାନଙ୍କ ଉପରେ ନ୍ୟସ୍ତ । 'ଦିଗନ୍ତ'ର ପାଠକ ପାଠିକା, ଲେଖକ ଲେଖିକାମାନଙ୍କୁ ଏହି ବିଦାୟୀ ସଂପାଦକର ବିନମ୍ର ପ୍ରାର୍ଥନା, ସେମାନେ 'ଦିଗନ୍ତ'ର ପରଂପରାକୁ ବଜାୟ ରଖିବାରେ ସହାୟ ହୁଅନ୍ତୁ ।

ମୋର ଛାତ୍ର ସଂଗଠନର, ରାଜନୀତି ଜୀବନର, ସାହିତ୍ୟ ଜୀବନର ସମସ୍ତ ବନ୍ଧୁମାନଙ୍କଠାରୁ ଆପାତତଃ ବିଦାୟ ନେଉଛି ।

-ମନୋଜ ଦାସ

(୧୯୬୩ ମସିହା 'ଦିଗନ୍ତ' ତୃତୀୟ ସଂଖ୍ୟା (ମାର୍ଚ୍ଚ)ରୁ ଉଦ୍ଧୃତ)

ମନୋଜ ବାବୁ ଓ ପ୍ରକାଶନ ସଂସ୍ଥା

କଟକରେ 'ଦିଗନ୍ତ' ପୁନଃ ପ୍ରକାଶନ ବହୁ ପୂର୍ବରୁ ମନୋଜ ବାବୁ ଓଡ଼ିଶାର ମୁଖ୍ୟ ପୁସ୍ତକ ପ୍ରକାଶନ କେନ୍ଦ୍ର ବାଙ୍କାବଜାର ସହିତ ସଂପୃକ୍ତ ଥିଲେ । ବାଙ୍କାବଜାରସ୍ଥ 'ଜନଶକ୍ତି ପୁସ୍ତକାଳୟ'ର ସ୍ୱତ୍ୱାଧିକାରୀ ନିୟାମତ୍ ଲାଲଗୁପ୍ତା (ନିୟାମତ ଭାଇ) ସେତେବେଳେ ମନୋଜ ଦାସଙ୍କ 'ଇନ୍ଦୋନେସିଆ ଅନୁଭୂତି' (ଭ୍ରମଣ କାହାଣୀ) ପ୍ରକାଶ କରି ସାରିଥାନ୍ତି । ପରେ ପରେ ଚାଲିଥାଏ ବହିଲେଖା । ବାଙ୍କାବଜାରରେ ଅଗ୍ରଣୀ ପ୍ରକାଶନ ସଂସ୍ଥା, 'ଫ୍ରେଣ୍ଡସ୍ ପବ୍ଲିଶର୍ସ', ଜଗନ୍ନାଥ ରଥ ଓ 'ପ୍ରଗତି ପବ୍ଲିଶର୍ସ' ପ୍ରମୁଖ ମନୋଜ ବାବୁଙ୍କ ବହିଗୁଡିକର ପ୍ରକାଶନର ସହାୟତା କରିଥିଲେ । ତାପରେ ଏହି ସଂସ୍ଥାର ସ୍ୱତ୍ୱାଧିକାରୀମାନଙ୍କ ସହିତ ସୁସମ୍ପର୍କ ଓ ବନ୍ଧୁତା ଏ ପ୍ରଚେଷ୍ଟାକୁ ଆଗେଇ ନେଇଥିଲା । ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ପ୍ରକାଶକମାନଙ୍କ ଦୃଷ୍ଟି ଆକର୍ଷିତ ହୋଇଥିଲା । ବହିଟିଏ ବାହାରିବା ମାତ୍ରେ 'ଦିଗନ୍ତ' ପୃଷ୍ଠାରେ ବିଜ୍ଞାପନ ଛପା । ଜଣେ ଓଡ଼ିଆ ସୃଜନଶୀଳ ଲେଖକ ବାହାରେ ରହିଲେ ମଧ୍ୟ ବାଙ୍କାବଜାରକୁ କିଏ ଭୁଲିପାରେ ? ମନୋଜ ବାବୁଙ୍କ ଗତିଶୀଳ କଲମ ପ୍ରକାଶକମାନଙ୍କୁ ବେଶ୍ ସାହାଯ୍ୟ କଲା । ଲେଖା ଚାଲିଲା ।

କେବଳ ଓଡ଼ିଆ କାହିଁକି, ଇଂରେଜୀ ଭାଷାରେ ପୁସ୍ତକ ରଚନା ଥିଲା ମନୋଜ ବାବୁଙ୍କର ବୈଶିଷ୍ଟ୍ୟ । ଇଂରେଜୀ ଭାଷା ସାହିତ୍ୟର ନିରବଚ୍ଛିନ୍ନ ଅଧ୍ୟୟନ, ଚର୍ଚ୍ଚା ଓ ଦକ୍ଷତା ମୌଳିକ ଇଂରାଜୀ ପୁସ୍ତକ ରଚନାରେ ସାହାଯ୍ୟ କଲା । ପଣ୍ଡିଚେରୀସ୍ଥ ଶ୍ରୀ ଅରବିନ୍ଦ ଆଶ୍ରମରେ 'ଶ୍ରୀ ଅରବିନ୍ଦ ଇଣ୍ଟରନେସନାଲ ସେଣ୍ଟର ଅଫ ଏଡୁକେଶନରେ' ଅଧ୍ୟାପନା ଦାୟିତ୍ୱ ଗ୍ରହଣ କରିବା ପରେ ପରେ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଲା । ପ୍ରତିଭା, ବାହାର ଇଂରେଜୀ ପ୍ରକାଶନ ସଂସ୍ଥା ଓ ଭାରତ ସରକାରଙ୍କ 'ନ୍ୟାସନାଲ ବୁକ୍

Digitized by srujanika@gmail.com

ଟ୍ରଷ୍ଟ' (ଏନ୍.ବି.ଟି.)ର ଦୃଷ୍ଟି ଆକର୍ଷଣ କଲା । ମାନ୍ଦ୍ରାଜସ୍ଥ 'ଚନ୍ଦାମାମା' ପ୍ରକାଶନ ସଂସ୍ଥାର ସର୍ନିବନ୍ଧ ଅନୁରୋଧ ସେ ଏଡାଇ ପାରିନଥିଲେ । 'ଚନ୍ଦାମାମା' ଇଂରାଜୀ (ମୂଳକପି) ସଂସ୍କରଣ ସଂପାଦନା ଦାୟିତ୍ୱ ତୁଲାଇବା ଅବସରରେ ପୂର୍ବର ପତ୍ରିକା ନିଶା ତାଙ୍କୁ ଆକୁଳ କଲା । 'ଚନ୍ଦାମାମା' ପ୍ରକାଶନର ସ୍ୱତ୍ୱାଧିକାରୀ ମନୋଜ ବାବୁଙ୍କୁ ଏ ଦିଗରେ ଉତ୍ସାହିତ କଲେ । ଭାରତର ଏକ ଉଚ୍ଚକୋଟୀର ମାସିକ ଇଂରେଜୀ ପତ୍ରିକା ରୂପେ 'ଦି ହେରିଟେଜ୍' ପ୍ରକାଶିତ ହେଲା । ଇଂରେଜୀ ମାସିକଟିଏ ହେଲା ସିନା, ତେବେ ଗୋଟିଏ ରୁଚିମନ୍ତ ଷ୍ଟାଣ୍ଡାର୍ଡ ଓଡ଼ିଆ ମାସିକ ପତ୍ରିକା ବାହାରି ପାରନ୍ତା କି ? ଇଚ୍ଛା ଫଳବତୀ ହେଲା । ପ୍ରଚ୍ଛଦରେ ରିହଲେ ମନୋଜ ବାବୁ । ଅତି ଶୋଭନୀୟ ରୂପ ଭେକ ଘେନି ଡି.ଟି.ପି, ଅଫ୍‌ସେଟ୍ ମୁଦ୍ରିତ ମାସିକ ପତ୍ରିକା 'ସଚିତ୍ର ବିଜୟା' ମଧ ପ୍ରକାଶ ପାଇଲା । ବିଜୟା ଥିଲା ଏକ ଫିଚରଧର୍ମୀ ସଚ୍ଚିତ୍ର ମାସିକ ପତ୍ରିକା । ଓଡ଼ିଆ ଓ ଇଂରେଜୀ ଭାଷାପ୍ରତି ତାଙ୍କୁ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସୁପରିଚିତ ଓ ସୁପ୍ରତିଷ୍ଠିତ କରିଥିଲେ ସୁଦ୍ଧା ମନୋଜ ବାବୁଙ୍କର ମନୋରଥ ପୂର୍ଣ୍ଣ ହେଇନି । ଜଣେ ସୃଜନଶୀଳ ଲେଖକର କଲମର ଗତିଶୀଳତା ଉପରେ ଦଖଲ ଥିବା ଦରକାର । ଯାହାହେଉ ନିରବଚ୍ଛିନ୍ନ ସାଧନା ହିଁ ଏ ଦିଗରେ ତାଙ୍କୁ ସାହାଯ୍ୟ କରି ଆସିଛି ଓ ଆସୁଥିବ ମଧ । ମନୋଜ ବାବୁଙ୍କର ଅନ୍ୟ ଏକ ବିଶେଷତ୍ୱ ସେ ଇଂରେଜୀ ଓ ଓଡ଼ିଆର ଏକ ଅନର୍ଗଳ ବକ୍ତା । ଯେ କୌଣସି ଅବସ୍ଥାର ବା ଯେ କୌଣସି ବିଷୟରେ ଘଣ୍ଟା ଘଣ୍ଟା ଭାଷଣ ତାଙ୍କର ସହଜାତ ଗୁଣ । ଅବଶ୍ୟ ରାଜନୈତିକ ଜୀବନ ଏ ଦିଗରେ ତାଙ୍କୁ ବିଶେଷ ପ୍ରୋତ୍ସାହନ ଯୋଗାଇ ଆସିଛି ।

ମନୋଜ ବାବୁ ଓ ପୁରସ୍କାର/ସମ୍ମାନ

ଜଣେ ସୃଜନଶୀଳ ସାହିତ୍ୟିକର ସୃଷ୍ଟି ହେଲା ସବୁକିଛି । ପାଠକ ପାଠିକା ରଚନାର ମୂଲ୍ୟବୋଧକୁ ଗ୍ରହଣ କରି ପାରିଲେ ସୃଷ୍ଟିର ସେଇଥିରେ ହିଁ ସାର୍ଥକତା । ଜଣେ ଲେଖକପାଇଁ ଅନ୍ୟାନ୍ୟ ଭାଷାର ସାହିତ୍ୟ/ପତ୍ରପତ୍ରିକା ଅଧୟନ ମଧ ଏକ କର୍ତ୍ତବ୍ୟ । କାରଣ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ଏହା ତାକତ୍ ଯୋଗାଇ ଥାଏ । ସୃଜନଶୀଳ ପ୍ରତିଭାର ମୂଲ୍ୟାଙ୍କନ ପାଁଇଁ ସମ୍ମାନ, ସଂବର୍ଦ୍ଧନା ବା ପୁରସ୍କାର ବ୍ୟବସ୍ଥା ପ୍ରୋତ୍ସାହନ ଦେବା ପାଇଁ । ଜଣେ ଲୋକପ୍ରିୟ ଲେଖକ ପାଇଁ ପାଠକ/ପାଠିକା ସବୁକିଛି । ମନୋଜ ବାବୁଙ୍କର ଗଳ୍ପ ସଂକଳନ 'କଥା ଓ କାହାଣୀ' କେନ୍ଦ୍ରୀୟ ସାହିତ୍ୟ ପୁରସ୍କାର ପ୍ରାପ୍ତ ଏବଂ 'ଅମୃତ ଫଳ' ଉପନ୍ୟାସ ପାଇଁ ରାଷ୍ଟ୍ରୀୟ ସରସ୍ୱତୀ ସମ୍ମାନ ପ୍ରାପ୍ତ । ସର୍ବୋପରି ଜାତୀୟ ସ୍ତରରେ 'ପଦ୍ମଶ୍ରୀ' ଓ ଆମ ରାଜ୍ୟସ୍ତରରେ 'ଉତ୍କଳ ସାହିତ୍ୟ ସମାଜ' ଆନୁକୂଲ୍ୟରେ 'ଉତ୍କଳ ରତ୍ନ' ଉପାଧି ଓ ଉଚ୍ଚ ସମ୍ମାନ ଅଧିକାରୀ

Digitized by srujanika@gmail.com

ହୋଇ ମଧ ମନୋଜ ବାବୁ ନିର୍ଲିପ୍ତ ଓ ନିର୍ବିକାର । ବରଂ ଶୁଭେଚ୍ଛା ଓ ସହୃଦୟ ବଂଧୁମାନଙ୍କ ସ୍ନେହ ଶ୍ରଦ୍ଧାକୁ ସେ ସମ୍ମାନ ଦେଇଛନ୍ତି ।

ମନହେଲା 'ସରସ୍ୱତୀ ସମ୍ମାନ' ପୁରସ୍କାର ଘୋଷଣା ପରେ ମନୋଜ ବାବୁଙ୍କ ପାଖକୁ ଖଣ୍ଡିଏ ଚିଠିରେ ଦି' ପଦ ଲେଖି ସଦିଚ୍ଛା ଜଣାଇବାକୁ । କାରଣ ସଂପର୍କ ତ ରହିଛି । ଅନ୍ତରର ସଂର୍ପକ । ପୋଷ୍ଟକାର୍ଡ ଚିଠିର ଉତ୍ତର ଆସିଲା -

ପଣ୍ଡିଚେରୀ-୬୦୫ ୦୦୨
୧୮ ମାର୍ଚ୍ଚ ୨୦୦୧

ପ୍ରିୟ ରାହାସ ବାବୁ ,

ନମସ୍କାର ।

ବହୁବର୍ଷ ପରେ ଆପଣଙ୍କର ଅନିନ୍ଦ୍ୟ ହସ୍ତାକ୍ଷର ଚମକ ଏବଂ ଆନନ୍ଦର ଏକ ବିରଳ ମିଳିତ ଅନୁଭୂତି ଆଣିଦେଲା ।

ପୁରସ୍କାର ଓ ସମ୍ମାନର ଲକ୍ଷ୍ୟ ଯାହାହେଉ ନା କାହିଁକି, ଆପଣଙ୍କ ଭଳି ବନ୍ଧୁଙ୍କର ଶୁଭେଚ୍ଛା, ସ୍ନେହ ଏବଂ ସହଯୋଗର ସ୍ମୃତି ମୋ ପାଇଁ ସବୁଦିନେ ଅମୂଲ୍ୟ ।

ବିଭିନ୍ନ ବନ୍ଧୁଙ୍କ ମାଧ୍ୟମରେ ଆପଣଙ୍କ ଖବର ଜାଣିଥାଏ । ବହୁ ବର୍ଷ ଧରି ଦେଖା ହୋଇନାହିଁ । ମୋର କାହିଁକି ଧାରଣା, ଆପଣଙ୍କ ଚେହେରା ବିଶେଷ ବଦଳି ନଥିବ । କେବେ ଦେଖା ହୋଇଯିବ, ଏହି ଆଶାରେ ରହିଲି ।

ମୋର ଗଭୀର ଶ୍ରଦ୍ଧା ଗ୍ରହଣ କରନ୍ତୁ ।

॥ ଇତି ॥
ସ୍ନେହର
ମନୋଜ ଦାସ

ମନୋଜ ବାବୁ ଓ ମୁଁ

ସଂପର୍କ ଦୃଷ୍ଟିରୁ 'ଦିଗନ୍ତ'ର ଭାଗ୍ୟ ନିର୍ଦ୍ଧାରଣ ପୂର୍ବରୁ ମୋ ସହିତ ଦି'ପଦ କଥାବାର୍ତ୍ତା ମନୋଜ ବାବୁ କରିଥିଲେ ଭଲ ହୋଇଥାନ୍ତା । ମନୋଜ ବାବୁଙ୍କ ପଣ୍ଡିଚେରୀ ଗମନ ପରେ 'ସମାଜ'ରେ ଏକ ସମ୍ବାଦ ମୋତେ ମର୍ମାହତ କଲା । ସମ୍ବାଦରେ ଉଲ୍ଲେଖ ଥିଲା -ମନୋଜ ବାବୁ 'ଦିଗନ୍ତ'ର ପ୍ରକାଶନ ଓ ପରିଚାଳନା ଦାୟିତ୍ୱ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କୁ ହସ୍ତାନ୍ତର କରି ପଣ୍ଡିଚେରୀ ଯାତ୍ରା କରିଛନ୍ତି । ଭାରି ଦୁଃଖ ଲାଗିଲା । ମନର କୋହକୁ କେମିତି ବା ଚାପିଥାନ୍ତି । ଖଣ୍ଡିଏ ଆଠପୃଷ୍ଠାର ଦୀର୍ଘ ଚିଠି ମନୋଜ ବାବୁଙ୍କୁ ପଠାଇଲି । ଉତ୍ତର ଯାହା ପାଇଲି, ମନ ପୂରିଲା ନାହିଁ । 'ସାହିତ୍ୟ, ସଂସ୍କୃତି ଓ ସମାଜ'

Digitized by srujanika@gmail.com

ବ୍ୟାନରରେ ଚାଲିଥିବା ଏକ ପ୍ରଗତିଶୀଳ ଲୋକପ୍ରିୟ ମାସିକ ପତ୍ରିକାର ବିଲୟ ଘଟିଲା । ଅପାସୋରା ସେ ଦୁଃଖ । ମନୋଜ ବାବୁଙ୍କ ଯଶ କୀର୍ତ୍ତି ଓ ପ୍ରତିଷ୍ଠା ସବୁର ଭିତ୍ତିଭୂମି 'ଦିଗନ୍ତ' ।

ମନୋଜ ବାବୁ ଓ ଆମେ

ଆମେ ସମସ୍ତେ ରହିଁଲେ ଏଇ ଓଡ଼ିଶାରେ । ମନୋଜ ବାବୁଙ୍କ ସ୍ଥାୟୀ ଅଧିଷ୍ଠାନ ହେଲା ପବିତ୍ର ଶ୍ରୀ ଅରବିନ୍ଦ ଆଶ୍ରମ । ନିର୍ଲିପ୍ତ, ଅନାସକ୍ତ, ଜଂଜାଳଶୂନ୍ୟ ଜୀବନ । କେବଳ ଭାଷା ସାହିତ୍ୟ ସଂସ୍କୃତି ଅଧ୍ୟାତ୍ମ ଚେତନା ପାଇଁ ବଞ୍ଚିରହିବାର ଅଭୀପ୍ସା ନେଇ ସୃଷ୍ଟ ସଚେତନ ମନୋଜ ବାବୁ ତାଙ୍କ ରାସ୍ତାରେ ଏବଂ ଆମ ରାସ୍ତାରେ ଆମେ ଅନେଇ ରହିଛେ ଏଇ ଘନିଷ୍ଠତାକୁ ନେଇ । ଦେଖାଯାଉ ଆଗକୁ କେଉଁ ନୂଆ ଖବର କ'ଣ ଆସୁଛି ? ....ସଂପର୍କ ରହିଛି, ସିମିତି ଅତୁଟ, ନିବିଡ ।

• 'ତ୍ରିନୟନୀ',
ଫ୍ରେଣ୍ଡସ୍ କଲୋନୀ,
କଟକ - ୭୫୩ ୦୦୧

Digitized by srujanika@gmail.com

ନିତ୍ୟ-ନୂତନ ଦିଗନ୍ତର ସନ୍ଧାନୀ ମନୋଜ ଦାସ

ଭଗବାନ ନାୟକ ବର୍ମା

ଆମ ସମୟର ଏବଂ ଆମ ସମସ୍ତଙ୍କର ସର୍ବାଧିକ ପ୍ରିୟ, ପ୍ରାଜ୍ଞ, ପ୍ରତିଭାବାନ୍ ଓ ଯଶସ୍ୱୀ କବି, କଥାକାର, ଔପନ୍ୟାସିକ, ସ୍ତମ୍ଭକାର, ପତ୍ରିକା-ସଂପାଦକ, ସମାଲୋଚକ, ବାଗ୍ମୀ, ଅଧ୍ୟାପକ, ଶିକ୍ଷାବିତ୍, ଚିନ୍ତାନାୟକ, ଅଧ୍ୟାତ୍ମ-ସାଧକ ଏବଂ ଓଡ଼ିଶାର ସର୍ବକାଳୀନ ଗର୍ବ ଓ ଗୌରବର ପ୍ରତୀକ ଶ୍ରୀଯୁକ୍ତ ମନୋଜ ଦାସ । ଚଳିତ ବର୍ଷ ସେ ଭାରତ ସରକାରଙ୍କ ଦ୍ୱାରା ମର୍ଯ୍ୟାଦାଜନକ 'ପଦ୍ମଶ୍ରୀ' ଉପାଧି ପାଇବା ସହିତ ଦେଶର ସର୍ବାଧିକ ମୂଲ୍ୟଯୁକ୍ତ 'ସରସ୍ୱତୀ ସମ୍ମାନ' ଓ ଆମ ରାଜ୍ୟର ସର୍ବପ୍ରାଚୀନ ଓ ସର୍ବ ପ୍ରଧାନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଦତ୍ତ 'ଉତ୍କଳ ରତ୍ନ' ଉପାଧି ତଥା ପୁରସ୍କାର ପ୍ରାପ୍ତ ହୋଇ 'ତ୍ରିମୁକୁଟ' ଲାଭର ବିରଳ ମର୍ଯ୍ୟାଦା ଅର୍ଜନ କରିବା ଉପଲକ୍ଷରେ ବାଲେଶ୍ୱରଠାରେ ତାଙ୍କୁ ସଂବର୍ଦ୍ଧନା ଦିଆଯିବାର ଆୟୋଜନ ସହ ଏହି ଅବସରରେ 'ମନୋଜାୟନ' ନାମରେ ଏକ ଅଭିନନ୍ଦନ-ପୁସ୍ତକ ପ୍ରକାଶ କରାଯିବାର ଉଦ୍ୟମ ବାସ୍ତବିକ୍ ଏକାନ୍ତ ଅଭିନନ୍ଦନୀୟ ।

ମନୋଜ ଦାସ ଏବଂ ବାଲେଶ୍ୱର ଏକ ଓ ଅଭିନ୍ନ । ଅବଶ୍ୟ ମନୋଜ ବାବୁ ଆଜି ଆଉ କେବଳ ବାଲେଶ୍ୱର କିମ୍ବା ଓଡ଼ିଶାର ହୋଇ ରହି ନାହାନ୍ତି; ଆଜି ସେ ସାରା ଭାରତର ଗର୍ବ ଓ ଗୌରବ ଏବଂ ଜଣେ ପ୍ରଥିତଯଶା ଇଣ୍ଡୋ-ଏଙ୍ଗ୍‌ଲିୟାନ୍ ଲେଖକ-ସ୍ତମ୍ଭକାର-ସଂପାଦକ ଓ ଚିନ୍ତାନାୟକ ରୂପେ ସାରା ବିଶ୍ୱର ଏକ ଅମୂଲ୍ୟ ସାରସ୍ୱତ ସମ୍ପଦରେ ପରିଣତ ହୋଇଛନ୍ତି । ତଥାପି ତାଙ୍କ ଉପରେ ବାଲେଶ୍ୱରବାସୀଙ୍କର ହକ୍ ଅଧିକାର ଯେପରି ମୌଳିକ, ସେହିପରି ସାର୍ବିକ । କାରଣ ଏହାହିଁ ତାଙ୍କର ବ୍ୟକ୍ତିଗତ ତଥା ସାହିତ୍ୟିକ ଜନ୍ମସ୍ଥଳୀ ଏବଂ ଆଦ୍ୟ ପ୍ରସ୍ତୁତିର ଭୂମି । ସେ ଆଜି ଆମର ଫକୀରମୋହନ, ଅର୍ଥାତ୍ ସେହି ଅସାଧାରଣ କ୍ରାନ୍ତିକାରୀ ମହାନ୍ ବ୍ୟକ୍ତିତ୍ୱର ସାର୍ଥକ ଉତ୍ତରାଧିକାରୀ । ତେଣୁ ତାଙ୍କୁ ନେଇ ଗର୍ବ କରିବାର ଅଧିକାର ବାଲେଶ୍ୱରବାସୀଙ୍କ ସମେତ ଓଡ଼ିଶାବାସୀ ସମସ୍ତଙ୍କର ଅଛି ।

Digitized by srujanika@gmail.com

ମୋର ସୌଭାଗ୍ୟ, ମନୋଜ ଦାସଙ୍କୁ ଅତି ନିକଟରୁ ନାନା ଭାବରେ ଦେଖିବାର ଅପୂର୍ବ ସୁଯୋଗମାନ ମୋତେ ନିରବଚ୍ଛିନ୍ନ ଭାବରେ ୧୯୫୨-୫୩ ମସିହାଠାରୁ ଏଯାବତ୍ ମିଳି ଆସିଛି ଏବଂ ଏବେ ମଧ୍ୟ ମିଳୁଛି । ତେବେ ତାଙ୍କୁ ନିଜର ଜଣେ ଘନିଷ୍ଠ ଓ ଅନ୍ତରଙ୍ଗ ବନ୍ଧୁ ବୋଲି ଦାବି କରିବା ଲାଗି ମୋର ସାହସ କୁଳାଏ ନାହିଁ । କାରଣ ତାଙ୍କର ବନ୍ଧୁ ବା ସତୀର୍ଥ ହେବାର ସାମାନ୍ୟତମ ଯୋଗ୍ୟତା ମୋର ନାହିଁ ବୋଲି ମୁଁ ବରାବର ଅନୁଭବ କରିଥାଏଁ । ଅବଶ୍ୟ ସେ ମୋର ସମବୟସୀ । ଏକା ମସିହା (୧୯୩୪), ଏକା ମାସ (ଫେବୃଆରୀ)ରେ ମାତ୍ର ୨୬ଦିନର ବ୍ୟବଧାନରେ ଏକା ଜିଲ୍ଲାରେ ଆମ ଦୁହିଁଙ୍କର ଜନ୍ମ । ଏକା କଲେଜରେ ନ ହେଲେ ମଧ୍ୟ, ଏକା ସମୟରେ ପାଖାପାଖି ଦୁଇଟି କଲେଜରେ ଆମ ପାଠ-ପଢା, ଏକା ଛାତ୍ର-ସଂଗଠନରେ ଆମର ସକ୍ରିୟ ଭୂମିକା ଗ୍ରହଣ, ପାଠପଢ଼ା ପରେ ଏକା ସ୍ଥାନ (କଟକ)ରେ ଆମର କର୍ମ-ଜୀବନର ଆରମ୍ଭ, ପୁଣି ସେ ଦ୍ୱିତୀୟ ପର୍ଯ୍ୟାୟରେ 'ଦିଗନ୍ତ' ସଂପାଦନା କରୁଥିବା ବେଳେ ତାଙ୍କ ସହ ମୋର ସକ୍ରିୟ ଯୋଗଦାନ ଏବଂ ପରବର୍ତ୍ତୀ କାଳରେ ତାଙ୍କରିଠାରୁ ପ୍ରେରଣା ଲାଭ କରି ଗୋଟିଏ ମହାନ୍ ଆଧ୍ୟାତ୍ମିକ ଆଦର୍ଶକୁ ଜୀବନର ଲକ୍ଷ୍ୟଭାବରେ ଗ୍ରହଣ କରିନେବା ଦୃଷ୍ଟିରୁ ସେ ଯେ ମୋର ସର୍ବୋତ୍ତମ ସତୀର୍ଥ-ଏଥିରେ ସଂଦେହ ନାହିଁ । ତେବେ ପରିଚୟ ସମୟରୁହିଁ ତାଙ୍କୁ ମୁଁ ନିଜର ଜଣେ 'ଫ୍ରେଣ୍ଡ-ଫିଲୋସଫର-ଗାଇଡ୍'ରୂପେ ଶ୍ରଦ୍ଧା ଓ ସମ୍ମାନ ଜଣାଇ ଆସିଛି ଏବଂ ପ୍ରତିଦାନରେ ତାଙ୍କଠାରୁ ଅମାପ ସ୍ନେହ-ମମତା ଓ ସଦିଚ୍ଛା ଲାଭ କରି ଆସିଛି । ଏହା ମୋର ସୌଭାଗ୍ୟ ।

ପରିଚୟ ସମୟଠାରୁହିଁ ମନୋଜ ବାବୁଙ୍କ ଚରିତ୍ରର ଅନନ୍ୟ ଚମତ୍କାରିତା ଓ ବିଦଗ୍ଧ ବୈଚିତ୍ର୍ୟ ମୋତେ ବରାବର ମୁଗ୍ଧ-ଚକିତ କରି ଆସିଛି । ଗୋଟିଏ ଆଧାରରେ ଏତେ ବେଶି ବହୁମୁଖୀ ପ୍ରତିଭା, ପ୍ରଜ୍ଞା, ବୈଚିତ୍ର୍ୟ, ମହତ୍ତ୍ୱ ଓ ମାନବୀୟ ନାନା ସଦ୍‌ଗୁଣ ସାଙ୍ଗକୁ ବିନୟ, ସଂବେଦନଶୀଳତା, ଅହଂକାର ଶୂନ୍ୟତା, କ୍ଷମାଶୀଳତା ଆଦି ବହୁ ଦିବ୍ୟଭାବର ଏକତ୍ର ସମାହାର ଅନ୍ୟ କୌଣସି ବ୍ୟକ୍ତିତ୍ୱରେ ମୁଁ ଦେଖିନାହିଁ । ଗତ ଅର୍ଦ୍ଧଶତବର୍ଷରେ ନିବିଡ଼ ପରିଚୟ ମଧ୍ୟରେ ମୁଁ ତାଙ୍କୁ ଯେତିକି ଯେତିକି ଦେଖିଛି, ସେତିକି ସେତିକି ବିସ୍ମିତ ଓ ପୁଲକିତ ହୋଇଛି । ମୋର ମନେହୁଏ: ତାଙ୍କ ସଂପର୍କରେ ମୋରଏହି ବିସ୍ମୟ ଓ ପୁଲକର ଯେମିତି ଶେଷନାହିଁ !

ସ୍କୁଲରେ ପାଠ ପଢିବାବେଳେ ସେ ଯେଉଁ ପ୍ରକାର ଉଚ୍ଚକୋଟୀର କବିତା, ଗଳ୍ପ, ନିବନ୍ଧମାନ ଲେଖିବାକୁ ଆରମ୍ଭ କରିଥିଲେ ଏବଂ ପତ୍ରିକା ସଂପାଦନା, ବାଗ୍ମିତା, ସଂଗୀତ ଓ ସଂଗଠନ ଶକ୍ତିର ଯେଉଁ ପରିଚୟ ଦେଇଥିଲେ, ତାହା ସଚରାଚର ଦେଖାଯାଏ ନାହିଁ । ପ୍ରତିଭାର ଉନ୍ମେଷ କାଳରୁ ହିଁ ସେ ପ୍ରଚଣ୍ଡ ସମ୍ଭାବନାର ପ୍ରତିଶ୍ରୁତି ତଥା

Digitized by srujanika@gmail.com

ଅସାଧାରଣତ୍ୱର ସୂଚନା ଦେଇଥିଲେ । ପୁଣି ପରବର୍ତ୍ତୀ କାଳରେ ସେ ଓଡ଼ିଆ ତଥା ଇଂରାଜୀ ସାହିତ୍ୟରେ ଯେଉଁ ସ୍ୱକୀୟ ବୈଶିଷ୍ଟ୍ୟ ପ୍ରଦର୍ଶନ କରିଛନ୍ତି, ଆଜି ତାହା ସର୍ବସ୍ୱୀକୃତ । ସାଂପ୍ରତିକ ଓଡ଼ିଆ ଗଳ୍ପକ୍ଷେତ୍ରରେ ତାଙ୍କର ସ୍ଥାନ ଆଜି ସର୍ବପ୍ରଥମ । ସେ ହିଁ ସର୍ବାଧିକ ଲୋକପ୍ରିୟ ଲେଖକ । ତାଙ୍କର ବହିଗୁଡିକହିଁ ସଂପ୍ରତି ବଜାରରେ ସର୍ବାଧିକ ସଂଖ୍ୟାରେ ବିକ୍ରି ହୋଇଥାଏ । ପୁଣି ଓଡ଼ିଆ ଲେଖକମାନଙ୍କ ମଧ୍ୟରେ ମନୋଜ ଦାସଙ୍କ ନାମହିଁ ସର୍ବଭାରତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସବୁଠାରୁ ବେଶି ପ୍ରଖ୍ୟାତ ଓ ପ୍ରଚାରିତ । ଦେଶର ପ୍ରକାଶକ ତଥା ପତ୍ର-ପତ୍ରିକା ସଂପାଦକମାନଙ୍କ ନିକଟରେ ତାଙ୍କରି ଚାହିଦାହିଁ ସର୍ବାଧିକ । ପୁଣି ସର୍ବତ୍ର ତାଙ୍କରି ସଭାରେ ହିଁ ସର୍ବାଧିକ ଜନ-ସମାଗମ ହେବାର ଦେଖାଯାଇଥାଏ । ଏହି ସବୁ ଦୃଷ୍ଟିରୁ ମନୋଜ ବାବୁଙ୍କ ବ୍ୟକ୍ତିତ୍ୱରେ ଏକ ସ୍ୱତନ୍ତ୍ର ଓ ଦୁର୍ଲଭ ଆକର୍ଷଣ ଥିବାର ମନେହୁଏ ।

ଇଣ୍ଡୋ-ଏଙ୍ଗ୍ଲିୟାନ୍ ଲେଖକମାନଙ୍କ ମଧ୍ୟରେ ମନୋଜ ଦାସ ଇତି ମଧ୍ୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ସାରିଛନ୍ତି । ଇଂରାଜୀ ଭାଷାରେ ସାହିତ୍ୟ-ସମାଲୋଚକମାନେ, ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡ଼ିକର ଅନନ୍ୟ ଶୈଳୀ ଓ ଭାବବସ୍ତୁର ଚମତ୍କାରିତା ସଂପର୍କରେ ଯେପରି ଭୂୟସୀ ପ୍ରଶଂସା କରି ଆସିଛନ୍ତି, ତାହା ଅନ୍ୟ ଲେଖକମାନଙ୍କ ଭାଗ୍ୟରେ ଅତ୍ୟନ୍ତ ଦୁର୍ଲଭ । ଜଣେ ପତ୍ରିକା-ସଂପାଦକ ରୂପେ ମଧ୍ୟ ସେ ନିଜର ସ୍ୱକୀୟ ଦକ୍ଷତା, ବଳିଷ୍ଠତା ଓ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି । ଓଡ଼ିଆ ପତ୍ରିକା 'ଦିଗନ୍ତ' ଓ ଇଂରାଜୀ ପତ୍ରିକା 'ଦି ହେରିଟେଜ୍'ରେ ତାଙ୍କର ଏହି କୃତିତ୍ୱର ସମୁଜ୍ଜ୍ୱଳ ସ୍ୱାକ୍ଷର ସବୁଦିନ ପାଇଁ ଅମ୍ଳାନ ହୋଇ ରହିଥିବ । ଏହା ବ୍ୟତୀତ ସୃଜନଶୀଳ ନବ୍ୟ ସାମ୍ବାଦିକତା କ୍ଷେତ୍ରରେ ମନୋଜ ଦାସ ଓଡ଼ିଆ ତଥା ଇଂରାଜୀ ଭାଷାରେ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି, ତାହା ସମଗ୍ର ଭାରତବର୍ଷରେ ବାସ୍ତବିକ୍ ଅତୁଳନୀୟ । 'ଦି ହିନ୍ଦୁ', 'ହିନ୍ଦୁସ୍ଥାନ ଟାଇମ୍‌ସ୍', 'ଟାଇମ୍‌ସ୍ ଅଫ୍ ଇଣ୍ଡିଆ', 'ଷ୍ଟେଟ୍‌ସ୍ ମ୍ୟାନ', 'ଇଲଷ୍ଟ୍ରେଟେଡ୍ ଉଇକ୍ଲି ଅଫ୍ ଇଣ୍ଡିଆ', 'ଇମ୍ପ୍ରିଣ୍ଟ' ପ୍ରଭୃତି ବହୁ ଇଂରାଜୀ ସଂବାଦପତ୍ର ଓ ପତ୍ର-ପତ୍ରିକାରେ ତାଙ୍କର ସାପ୍ତାହିକ ଓ ପାକ୍ଷିକ ସ୍ତମ୍ଭ ତଥା ଅନ୍ୟାନ୍ୟ ଫିଚର, ନିବନ୍ଧ ଓ ପୁସ୍ତକ ସମାଲୋଚନା ସହିତ ଦୈନିକ 'ସମାଜ', 'ଧରିତ୍ରୀ' ଓ 'ଜନଶକ୍ତି'ରେ ତାଙ୍କର ବହୁପଠିତ 'ସନ୍ଧାନ ଓ ସମୀକ୍ଷା', 'କେତେ ଦିଗନ୍ତ' ଓ 'ସନ୍ଧାନ ଓ ସଂକେତ' ଇତ୍ୟାଦି ଶୀର୍ଷକରେ ନିୟମିତ ସ୍ତମ୍ଭଗୁଡ଼ିକର ରଚନା ଶୈଳୀରେ ସେ ଯେଉଁ ଅପୂର୍ବ ଦକ୍ଷତା, ଚମତ୍କାରିତା ଓ ସଫଳତାର ନିଦର୍ଶନ ଦେଇଛନ୍ତି ତାହା ଅନତିକ୍ରମ୍ୟ ହୋଇ ରହିଛି ଓ ରହିଥିବ ।

ଗଳ୍ପ, କାହାଣୀ ଓ କ୍ଷୁଦ୍ର ଉପନ୍ୟାସ ରଚନା କ୍ଷେତ୍ରରେ ମନୋଜ ଦାସ ଯେଉଁ ଅଦ୍‌ଭୁତ ଓ ପ୍ରଭାବଶାଳୀ ରଚନା-ଶୈଳୀର ପ୍ରୟୋଗ କରି ଆସିଛନ୍ତି, ତାର ତୁଳନା

Digitized by srujanika@gmail.com

ନାହିଁ । ସେ ସଂପର୍କରେ ସ୍ୱତନ୍ତ୍ର ଓ ବିସ୍ତାରିତ ଆଲୋଚନାର ଆବଶ୍ୟକତା ରହିଛି । ସୃଜନଧର୍ମୀ ତଥା ବିଧୁରାତ୍ମକ ପରିଣତି (shock-ending) ସଂପନ୍ନ ଗଳ୍ପ ରଚନାରେ ସେ ଜଣେ ଅଦ୍ୱିତୀୟ ସିଦ୍ଧହସ୍ତ ଶିଳ୍ପୀ । ତାଙ୍କର ଅଧିକାଂଶ ଗଳ୍ପରେ ସେ ନୂଆ ନୂଆ ପରୀକ୍ଷାର ପ୍ରୟୋଗ କରିଥାନ୍ତି । ପୁଣି ତାଙ୍କର ଗଳ୍ପଗୁଡ଼ିକରେ କରୁଣ ଓ ହାସ୍ୟରସର ଅପୂର୍ବ ସମନ୍ୱୟ ଏକ ଦୁର୍ଲଭ କୃତିତ୍ୱର ପରିଚାୟକ ।

ଓଡ଼ିଆ, ଇଂରାଜୀ ତଥା ବଙ୍ଗଳା ଭାଷାରେ ମନୋଜ ବାବୁ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ବକ୍ତା । ସାହିତ୍ୟିକ, ସାଂସ୍କୃତିକ, ସମାଜିକ, ମନୋବୈଜ୍ଞାନିକ ଏବଂ ଆଧ୍ୟାତ୍ମିକ ତତ୍ତ୍ୱ ସମୂହର ବିଶ୍ଳେଷଣ କରି ଶ୍ରୋତାମାନଙ୍କ ହୃଦୟ ଜୟ କରିବାରେ ସେ ଅତ୍ୟନ୍ତ ପାରଦର୍ଶୀ । ସବୁ ଶ୍ରେଣୀ ଓ ସବୁ ବୟସର ଶ୍ରୋତାଙ୍କୁ ସେ ମୁଗ୍ଧ ଓ ଚମତ୍କୃତ କରି ପାରନ୍ତି । ତାଙ୍କର ଗୋଟିଏ ଗୋଟିଏ ଭାଷଣର ପ୍ରଭାବ ବହୁ ଗ୍ରନ୍ଥ ଅଧ୍ୟୟନର ଅନୁଭବ ଦେଇଥାଏ । ଜଣେ ସୁଦକ୍ଷ ଓ ଛାତ୍ରପ୍ରିୟ ଅଧ୍ୟାପକରୂପେ ମଧ୍ୟ ମନୋଜ ବାବୁ ବେଶ୍ ପରିଚିତ । ପ୍ରଥମେ କଟକର ଖ୍ରୀଷ୍ଟ କଲେଜରେ ଏବଂ ୧୯୬୩ଠାରୁ ଏ ଯାବତ୍ ପିଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରରେ ଇଂରାଜୀ ଭାଷା ଓ ସାହିତ୍ୟର ଜଣେ ଅଧ୍ୟାପକ ରୂପେ ସେ ନିଜର କାର୍ଯ୍ୟ ତୁଲାଇ ଆସୁଛନ୍ତି । ତାଙ୍କର ଅଧ୍ୟାପନା ରୀତି ଯେ ଅତ୍ୟନ୍ତ ପ୍ରଭାବଶାଳୀ, ପ୍ରେରଣାଦ୍ୟୋତକ ଓ ଶିକ୍ଷାପ୍ରଦ-ଏହା ତାଙ୍କର ପ୍ରତ୍ୟେକ ଛାତ୍ର ସ୍ୱୀକାର କରିଥାନ୍ତି । ଶିକ୍ଷାବିତ୍ ରୂପେ ତାଙ୍କର ଆନ୍ତର୍ଜାତିକ ପ୍ରଖ୍ୟାତି ମଧ୍ୟ ରହିଛି । ସିଙ୍ଗାପୁର ସରକାରଙ୍କ ଅନୁରୋଧକ୍ରମେ ସେ ସେଠାକାର ସାଂପ୍ରତିକ ଶିକ୍ଷାନୀତି ପ୍ରଣୟନରେ ନିଜର ସବିଶେଷ ଅବଦାନ ଦେଇଛନ୍ତି ।

କେବଳ ଏତିକି ନୁହେଁ, ମନୋଜ ଦାସଙ୍କ ବ୍ୟକ୍ତିତ୍ୱ ଆହୁରି ଅନେକ ବୈଚିତ୍ର୍ୟ ଓ ବିଶେଷତ୍ୱରେ ପରିପୂର୍ଣ୍ଣ । ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦୁର୍ଲଭ ବୈଶିଷ୍ଟ୍ୟ ହେଲା, ଅତି ଅଳ୍ପ ବୟସରେ ସେ ସାହିତ୍ୟ ତଥା ରାଜନୀତି କ୍ଷେତ୍ରରେ ବିପୁଳ କୃତିତ୍ୱର ପରିଚୟ ଦେଇଥିଲେ ମଧ୍ୟ, ସେଥିରେ ଆତ୍ମତୁଷ୍ଟ ନ ରହି ଜୀବନର ଅସଲ ଲକ୍ଷ୍ୟ ଓ ରହସ୍ୟ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଲାଭ କରିବାକୁ ସତ୍ୟାନୁସଂଧିତ୍ସାରେ ନିଜକୁ ବ୍ୟାପୃତ ରଖି ଆସିଛନ୍ତି । ସେଥିଲାଗି ସେ ନିଜର ସାଂସାରିକ ସୁଖ-ସୁବିଧା ଓ ଯଶ-ପ୍ରତିଷ୍ଠାର ଲୋଭକୁ ଯେପରି ଅକାତର ଭାବରେ ତ୍ୟାଗ କରିଥିଲେ, ଆମର ସାଧାରଣ ଜୀବନରେ ବାସ୍ତବିକ୍ ତାର ନଜିର ନାହିଁ । ଜୀବନର ସମସ୍ତ ବିକାଶଧାରା ଓ ସ୍ୱାଭାବିକତାକୁ ବଜାୟ ରଖି, ଏକ ଉଚ୍ଚତର ଦିବ୍ୟ ଜୀବନର ସଂଧାନରେ ନିଜକୁ ସାଧନାରତ ରଖିବାରେ ମନୋଜ ବାବୁଙ୍କ ନିଷ୍ଠାପର ପ୍ରୟାସ ବାସ୍ତବିକ ଅତୁଳନୀୟ । ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଅତିମାନସ-ସତ୍ୟ ଓ ରୂପାନ୍ତର-ତତ୍ତ୍ୱର ସାର୍ଥକତାକୁ ସେ ହିଁ ସମ୍ଭବତଃ ଯଥାର୍ଥଭାବେ ହୃଦୟଙ୍ଗମ କରି ପାରିଛନ୍ତି ବୋଲି ତାଙ୍କର କଥାବାର୍ତ୍ତା, ଅଭିଭାଷଣ ଓ ବିଭିନ୍ନ ଲେଖାଲେଖିରୁ ବେଶ୍

Digitized by srujanika@gmail.com

ବୁଝିହୁଏ । ଏ ସବୁ ଛଡ଼ା, ମନୋଜ ବାବୁଙ୍କ ପରି ଜଣେ ପରିପୂର୍ଣ୍ଣ ଭଲ ମଣିଷ ଓ ସଚ୍ଚା ଭଦ୍ରବ୍ୟକ୍ତି ବାସ୍ତବିକ୍ ଅତ୍ୟନ୍ତ ଦୁର୍ଲଭ । ମାନବୀୟ ସାମର୍ଥ୍ୟ, ପ୍ରତିଭା, ପ୍ରଜ୍ଞା ଓ ସଦ୍‌ଗୁଣାବଳୀର ଏପରି ପୂର୍ଣ୍ଣାଙ୍ଗ ବିକାଶ ଆଉ କେଉଁଠି ଦେଖିବାକୁ ମିଳେନାହିଁ । ପ୍ରେମ ଆଉ ପୁଲକ, ମୈତ୍ରୀ ଆଉ ମମତା, ବିନୟ ଆଉ ଉଦାରତା, ପ୍ରଜ୍ଞା ଆଉ ପ୍ରତିଭାର ଏକ ମୂର୍ତ୍ତିମନ୍ତ ବିଗ୍ରହ ସେ ।

କେବଳ ସେତିକିରେ ବି ସୀମିତ ନୁହନ୍ତି ଆମର ଏଇ ମନୋଜ ଦାସ । ମୋର ମନେହୁଏ : ସତେ ଯେପରି ସେ ଆକାଶ ପରି ଉଦାର ଆଉ ପ୍ରଶାନ୍ତ, ସମୁଦ୍ର ପରି ଗଭୀର ଆଉ ପ୍ରସାରିତ, ପର୍ବତ ପରି ଉତ୍ତୁଙ୍ଗ ଆଉ ଭାବଗମ୍ଭୀର, ଝରଣାର ପ୍ରବାହ ପରି ଶୀତଳ ଆଉ ଛଳଛଳ, ଜହ୍ନ ପରି ସ୍ନିଗ୍ଧ ଆଉ ଛାୟାଚ୍ଛନ୍ନ, ସୂର୍ଯ୍ୟାଲୋକ ପରି ଶୁଭ୍ର ଆଉ ସତେଜ, ଫୁଲ ପରି କୋମଳ ଆଉ ବର୍ଣ୍ଣମୟ, ନିଶାର୍ଦ୍ଧ ପରି ନୀରବ ଆଉ ରହସ୍ୟମୟ ଏବଂ ଦେବତାର ଆଶୀର୍ବାଦ ପରି ପବିତ୍ର ଓ ପ୍ରେମମୟ, ଅମାପ ଆଉ ଅସରନ୍ତା 'ଦିଗନ୍ତ'ରୁ 'ଦିଗନ୍ତ'କୁ ନିତ୍ୟ ପ୍ରସାରିତ ତାଙ୍କ ବ୍ୟକ୍ତିତ୍ୱର ନୀଳାକାଶ... ନିତ୍ୟ ନୂତନ ଦିଗନ୍ତର ସଂଧାନରେ ସଦା-ସଂଚରିତ ତାଙ୍କ ଚେତନାର ସୂର୍ଯ୍ୟମୁଖୀ !!

• ସା/ପୋ: ବଉଳଯୋଡା
ଚାନ୍ଦବାଲି, ଭଦ୍ରକ
ପିନ୍-୭୫୬ ୧୩୩

Digitized by srujanika@gmail.com

ଦୀନ ସୁଦାମାର ଚାଉଳ ଭଜା

ସ୍ୱାମୀ ଶିବାନନ୍ଦ

ବୋଧହୁଏ ୧୯୫୫ ମସିହାରେ ଘଟିଥିଲା ଘଟଣାଟା ।

କଟକର ପ୍ରବାସୀ ବଙ୍ଗୀୟ ସମାଜର ନବବର୍ଷ (ପୟଲା ବୈଶାଖ) ଦିନ ବଙ୍ଗଳାରୁ ବିଶେଷତଃ କଲିକତାରୁ ଖୁବ୍ ନାମଜାଦା ସାହିତ୍ୟିକ ଓ ଶିଳ୍ପୀମାନଙ୍କୁ ଅଣାଇ ଖୁବ୍ ଜାକ୍ ଜମକରେ ଉତ୍ସବମୁଖର ସାଂସ୍କୃତିକ ସନ୍ଧ୍ୟା ପାଳନ କରିବା ଏକ ଚଳଣି ହୋଇ ଯାଇଥିଲା । ବୋଲିବା ବାହୁଲ୍ୟ ଏହି ଅନୁଷ୍ଠାନ ସହ ତତ୍କାଳୀନ ବିଶିଷ୍ଟ କଂଗ୍ରେସୀ ନେତା ୰ ଭୈରବ ଚନ୍ଦ୍ର ମହାନ୍ତି, ଲୋକ ସଂପର୍କ ବିଭାଗର ଅଧିକର୍ତ୍ତା ୰ ସୁଧୀର ଘୋଷ ଓ ଓଡ଼ିଶା-ପ୍ରଖ୍ୟାତ ଆଇନଜ୍ଞ ତଥା କଂଗ୍ରେସ ସଦସ୍ୟ ୰ ଲଳିତ କୁମାର ଦାଶଗୁପ୍ତ ପ୍ରଭୃତି ବିଶେଷଭାବେ ସଂପୃକ୍ତ ହୋଇଥିବାରୁ ଏହା ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ୰ ହରେକୃଷ୍ଣ ମହତାବଙ୍କର ଆଶୀର୍ବାଦ ପାଇ ପାରିଥିଲା ।

ଅସାମାଜିକ 'ବଜାରିଆ'ମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଅତି କଠୋର ପୁଲିସ ବ୍ୟବସ୍ଥା ଯେଉଁଠି ସଦାବେଳେ ହୋଇଥାଏ, ସେହିବର୍ଷ ଏହାର ବ୍ୟତିକ୍ରମ ସ୍ୱରୂପ ବର୍ତ୍ତମାନର 'ସମାଜ' ଅଫିସ ସନ୍ନିକଟ କଟକ 'ନାରୀ ସଂଘ ସଦନ' ହତା ମଧ୍ୟସ୍ଥିତ ଉନ୍ମୁକ୍ତ ପ୍ରାଙ୍ଗଣରେ ଏହି ଉତ୍ସବାନୁଷ୍ଠାନର ବ୍ୟବସ୍ଥା କରାଯାଇଥିଲା । ସେତେବେଳେ ଆଇ.ପି.ଟି.ଏ ଓରଫ 'ଇପ୍ଟା' ଅର୍ଥାତ୍ 'ଭାରତୀୟ ଗଣନାଟ୍ୟ ସଂଘ' ନବନାଟ୍ୟ ଆନ୍ଦୋଳନରେ ସାରା ଭାରତରେ ଏକ ମହାପ୍ଲାବନ ଖେଳାଇ ଦେଇଥିଲା, ଯାହାର ମୁଖ୍ୟ ସଞ୍ଚାଳକ ଥିଲେ ବିଖ୍ୟାତ ସଂଗୀତ ନିର୍ଦ୍ଦେଶକ ୰ ସଲିଲ ଚୌଧୁରୀ । 'ଇପ୍ଟା'ର ପଶ୍ଚିମବଂଗ ଶାଖାର ପୁରୋଧା ହୋଇ ସେ ସେବର୍ଷ ଆସିଥିଲେ ।

ହଜାର ହଜାର ସଂଖ୍ୟାରେ ଥିଲେ ଦର୍ଶକ । ମୁଖ୍ୟବକ୍ତାଭାବେ ବିଖ୍ୟାତ ଐତିହାସିକ କାଳିଦାସ ନାଗ ଓଡ଼ିଆମାନେ କିପରି ବଙ୍ଗସାହିତ୍ୟ ଓ ସଂସ୍କୃତିକୁ ପୁଷ୍ଟ କରିଛନ୍ତି, ସେ ସଂପର୍କରେ ଏକ କ୍ଷୁଦ୍ର ଅଥଚ ସାରଗର୍ଭକ ଭାଷଣ ଦେଇ ସମସ୍ତଙ୍କୁ ମୁଗ୍ଧ କରିଥିଲେ । ଏହାପରେ ଆରମ୍ଭ ହେଲା ୰ ସଲିଲ ଚୌଧୁରୀ ଓ 'ଇପ୍ଟା' ସଂପ୍ରଦାୟର ସଂଗୀତ ପରିବେଷଣ । ପ୍ରଥମ ଗୀତ ''କୋନ ଏକ ଗାଏଁର ବଧୂର କଥା ତୋମାୟ

Digitized by srujanika@gmail.com

ଶୋନାଇ ଶୋନ''ଟିରେ ମୋହିତ ହୋଇଗଲେ ସମବେତ ଜନତା । ତା'ପରେ 'ପାଲ୍କିଚଲେ', 'ଧିତାନ୍-ଧିତାନ୍ ବଲେ' ଇତ୍ୟାଦି ଅନେକ ଗୀତ ଗାଇ ସାରି 'ଉଠାହେ ତୁଫାନ୍, ଜମାନା ବଦଲ ଗୟା' ଗୀତଟି ଗାଇବା ମାତ୍ରେ ନେତା-ତୋଷଣିଆ ଆଭିମୁଖ୍ୟରେ ଯେଉଁମାନେ ଗାନ୍ଧିଟୋପି ପିନ୍ଧୁଥିଲେ ସେମାନେ ଦର୍ଶକମାନଙ୍କ ତାଚ୍ଛଲ୍ୟରୁ ବର୍ତ୍ତିବାଲାଗି ଚଟାପଟ ଉତାରି ଦେଇଥିଲେ ସେଗୁଡିକୁ । ଶେଷରେ 'ରାନାର' ଗୀତ ଓ ନୃତ୍ୟ ଉନ୍ମତ୍ତ କରି ପକାଇଥିଲା ଦର୍ଶକମାନଙ୍କୁ । 'ଭିନି-ଭିଡି-ଭିସି' ସଲିଲ ଚୌଧୁରୀ ଅଇଲେ, ରହିଲେ, ଆଉ କଟକର ଯୁବ ଚିତ୍ତକୁ ଚହଲାଇ ଜିଣିନେଲେ । ସେହି ରାତିରେ ତାଙ୍କ ସହିତ ୰ ପ୍ରବୀର ଦା (ବିଶିଷ୍ଟ ଆଇନଜ୍ଞ ଓ କମ୍ୟୁନିଷ୍ଟ ନେତା ୰ ପ୍ରବୀର ପାଲିତ) ଙ୍କୁ ସାଙ୍ଗରେ ଧରି ଆମେ କେତେଜଣ ତାଙ୍କୁ ସାକ୍ଷାତ କରିଥିଲୁ । କଟକରେ 'ଇପ୍ଟା'ର ଶାଖା ଖୋଲିଲେ ସେ ସର୍ବ ପ୍ରକାରେ ସାହାଯ୍ୟ କରିବେ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ ।

ଏହାର ତିନି ଚାରି ଦିନ ପରେ କଟକର ଚାନ୍ଦିନୀଚୌକ ଛକ ପାଖରେ ସାଇକଲ ଅଧିରୂଢ ଏ ଅକିଞ୍ଚନକୁ ଡାକ ପକାଇଲେ ସୁଜନ ଘୋଷ ଓରଫ ବାଁଟୁ ମାମା । ତାଙ୍କ ସାଙ୍ଗରେ ଥାନ୍ତି ଯୁବକ ଜଣେ । 'ଏଠାରେ ମାସଂ ପରଟା ମିଳେ' ଲେଖାଥିବା ପାଞ୍ଚ ହାତିଆ ବାରଣ୍ଡାରେ ଦଲମା ଘେରା ଦୋକାନଘର ସାମନା ରାସ୍ତା ଉପରେ ଢାବଲ-କାଠ ନିର୍ମିତ ଟଳମାଳିଆ ବେଞ୍ଚରେ ବସି ହାତରେ ହାଫ୍ ଚା' ଧରି କୁହାଟ ମାରିଥିଲେ ଶିଳ୍ପୀ ସୁଜନ ଘୋଷ । ରାସ୍ତା ଆରପାରିରେ ଦର୍ପଣି ରାଜ-ଉଆସ । ଏପାରିରେ କମ୍ୟୁନିଷ୍ଟ ପାର୍ଟି ଅଫିସ । ଚାରିଅଣାରେ ଗୋଟାଏ ପରଟା, ଗୋଟିଏ ଦୁଇଟି ଟିକିଟିକି ମାଂସ, ଝୋଳ ଯେତେ ଚାଟିବ ଚାଟୁଥା । ହାଫ୍ କପ୍ ଚା'ର ଦାମ ଦୁଇ ପଇସା । କଟକରେ ଏହା ଥିଲା ଅନ୍ୟତମ ଶସ୍ତା ଦୋକାନ, ଯେଉଁଠି ହତାଶିଆ, ବେକାର ତଥା ସର୍ବହରା କର୍ମୀମାନେ ଆଡ୍ଡା ଜମାଉଥିଲେ ଏବଂ ପରସ୍ପର ମଧ୍ୟରେ ବୌଦ୍ଧିକ ଆଲୋଚନା କରୁଥିଲେ ତର୍କ ଛଳରେ । ସୁଜନ ଘୋଷ ଡାକି କହିଲେ-''ଇୟେ ସେହିରେ !'' ପୁଣି ମତେ ଦେଖାଇ ତାଙ୍କୁ କହିଲେ, ''ଇୟେ ସେହି !'' ତା'ମାନେ ଅଲକ୍ଷ୍ୟରେ ''ଇୟେ ସେହି'' ଦୁଇଜଣ ପୂର୍ବରୁ ପରସ୍ପର ସଂପର୍କରେ ଅନେକ କିଛି ଜାଣିଥିଲେ ଅଥଚ ପରିଚୟ ପର୍ବଟା ଯାହା ବାକିଥିଲା । ସୁଜନ ଘୋଷ ତାହା କରିଦେବାରୁ ଆମେ ଉଭୟ ଆନନ୍ଦରେ ହାତ ମିଳାଇଥିଲୁ । ସେତେବେଳେ ଆମ ଯୁବ ମଣ୍ଡଳୀରେ ବାରିପଦା ଅଞ୍ଚଳର ଗୁରୁକୃଷ୍ଣ ଗୋସ୍ୱାମୀ ଯୁବ ଗୀତିକାର ରୂପେ ଆସର ଜମାଉଥିଲେ । ବାଲେଶ୍ୱରରୁ ଆଗତ ଏହି ଯୁବ କବିଟି ହସ ଓ ଆନନ୍ଦର ଉତ୍ତାଳ ଲହରୀ ଖେଳାଇ ଆମ ସମସ୍ତଙ୍କୁ ଉଦ୍‌ବେଳିତ କରି ନବ ଭାବନାରେ ରସସିକ୍ତ କରିଦେଲେ । ଜ୍ୟୋତ୍ସ୍ନା, ବଂଶୀ, ମଳୟ, କୋକିଳ, ମୟୂର, ଅଳି, ସୁମନ ଆଦି ପ୍ରେମର ଦୂତମାନଙ୍କର ଲୀଳା ଖେଳାରୁ ଦୃଷ୍ଟିକୁ ଓଟାରିନେଇ ଜୀବନର ରୁକ୍ଷ

Digitized by srujanika@gmail.com

ବାସ୍ତବତା ଆଡକୁ ଫେରାଇ ଦେଇଥିଲେ ସେ । ସେ ଲେଖିଲେ -

"ଲହରୀ ଉତ୍ତାଳରେ; ତରଣୀ ସମ୍ଭାଳରେ
ପବନେ ଶୁଭେ ମରଣ ହୁଙ୍କାରରେ; ଗଗନେ ଘେରିଛି ଅନ୍ଧକାର ।
ଏସନ ଝଡ ବାଦଲ ରାତିରେ ହେ ରାତିରେ
ମାଝିଭାଇ ତରଣୀ ନ ବାହାରେ ନ ବାହାରେ
ଚକ୍‌ମକ୍ ଝକ୍‌ମକ୍ ବିଜୁଳି ମାରେ
ଗଗନେ ଘେରିଛି ଅନ୍ଧକାର !!"

ସେହି ଯୁବକଙ୍କର ନାମ ମନୋଜ ଦାସ; ଘର ଉତ୍ତର ବାଲେଶ୍ୱରର ଭୋଗରାଇ ଅଞ୍ଚଳରେ; ବାଲେଶ୍ୱରର ଅତି ଲୋକପ୍ରିୟ ଜଣେ ଛାତ୍ରନେତା ।

୰ ପ୍ରବୀର ପାଲିତ ଥିଲେ ସେତେବେଳେ କଟକରେ ଏକ ପ୍ରଗତିବାଦୀ ଉଲ୍କା । ତାଙ୍କରି ପ୍ରତିବେଶୀରୂପେ ବିଶିଷ୍ଟ ଶିକ୍ଷାବିତ୍ ୰ କୃଷ୍ଣଚନ୍ଦ୍ର ସେନ୍‌ଗୁପ୍ତଙ୍କ ଘର ସାମନାରେ ଥିଲା ମୋ ଭଳି ଜଣେ ଅକିଞ୍ଚନର ବସାଘର । ସେଇଠି ପ୍ରତିଷ୍ଠିତ ହେଲା 'ଇପ୍ଟା' (ଭାରତୀୟ ଗଣନାଟ୍ୟ ସଂଘ)ର ଓଡ଼ିଶା ଶାଖା । ବଳକା କୋଠରୀରେ ରହିଲେ ବିଖ୍ୟାତ ଚିତ୍ରଶିଳ୍ପୀ ଓ ଗାୟକ ୰ ସୁଜନ ଘୋଷ ଏବଂ କମ୍ୟୁନିଷ୍ଟ ପାର୍ଟିର କର୍ମୀ ତଥା ଜନପ୍ରିୟ ଦରଜି ଶ୍ରୀ ଭିକାରୀ ଚରଣ ଦାସ । କ୍ରମେ ସେଠି ଯୁଟିଲେ ଶ୍ରୀ ଅବନୀ ବରାଳ (କମ୍ୟୁନିଷ୍ଟ ପାର୍ଟି ଓଡ଼ିଶାର ଅଧୁନା ସଂପାଦକ), 'ଇୟୁନିଭର୍ସ'ର ପ୍ରତିଷ୍ଠାତା ତଥା ତତ୍କାଳୀନ ଛାତ୍ରନେତା ଶ୍ରୀଯୁକ୍ତ ଗିରିଜା ପଟ୍ଟନାୟକ, ଷ୍ଟୁଡେଣ୍ଟସ୍ ଫେଡେରେସନ୍‌ର ବହୁ ସଦସ୍ୟ ଏବଂ କୌଣସି ଦଳ ନିସଂପର୍କିତ ବହୁ ପ୍ରଗତିବାଦୀ ଯୁବକ ଯୁବତୀ । ସେତେବେଳେ ଏ ଅକିଞ୍ଚନ ଥିଲା କଳା ବିକାଶ କେନ୍ଦ୍ରର ଅତି ସକ୍ରିୟ ସଂଗଠନକାରୀ କର୍ମ୍ମୀ ତଥା ରାଖାଲ ମହାନ୍ତି, ନକୁଳ ବାବୁ, ବ୍ରଜ ଗିରି, ଅକ୍ଷୟ ମହାନ୍ତି, ଶିପ୍ରା, ମୀରା ଆଦି ଅନେକ ପ୍ରତିଭାଧରଙ୍କର ସତୀର୍ଥ, ତଥା ପ୍ରଥମ ବ୍ୟାଚର ଶାସ୍ତ୍ରୀୟ ସଂଗୀତ ଶିକ୍ଷାନବିସ ଏବଂ ୰ ଆଚାର୍ଯ୍ୟ କ୍ଷିତୀଶ ଚନ୍ଦ୍ର ମୈତ୍ରଙ୍କର ପ୍ରିୟ ଶିଷ୍ୟ । ତତ୍କାଳୀନ କଟକୀ ସାଂସ୍କୃତିକ ରୋଷଘରର ମୁଁ ଥିଲି ଆଳୁ ପରିବା । ସବୁଠି ଥିଲା ମୋର ଅବାଧ ଗତି, ସେମାନଙ୍କର ପାରସ୍ପରିକ ଅନ୍ତର୍ନିହିତ ବିରୋଧ ସତ୍ତ୍ୱେ । ଏହାକୁ ବୋଧହୁଏ କଳନା କରି 'ଇପ୍ଟା'ର କ୍ଷେତ୍ର ସଂଗଠନର ଆଦ୍ୟ କର୍ମୀ ସ୍ୱରୂପ ଏ ଅକିଞ୍ଚନ ଓ ସୁଜନ ଘୋଷଙ୍କୁ ବିଶେଷ ଦାୟିତ୍ୱ ଦିଆ ଯାଇଥିଲା, ଯଦିଚ ବନ୍‌ସିଖଡା ଦୁଇଟି ଥିଲା ମନୋଜ ଦାସ ଓ ୰ ପ୍ରବୀର ପାଲିତଙ୍କ ହାତରେ ।

ଗଞ୍ଜାମ ଜିଲ୍ଲାର ତାକରଡା ନାମକ ଗ୍ରାମରେ ପୁଲିସ ଅନ୍ୟାୟରେ ଗୁଳି ଚଳାଇ ଦେଇଥିଲା । ଗୁଳିକାଣ୍ଡ ପ୍ରକୃତରେ ଯେତେ ନିର୍ମମ ଥିଲା, ତହୁଁ ବଳି ଯାଇଥିଲା ତାହାକୁ ଚପାଇ ଦେଇ ସମସ୍ତ ପ୍ରମାଣ ନଷ୍ଟ କରିଦେବା ଲାଗି ନିଷ୍ଠୁର ସରକାରୀ ପ୍ରଚେଷ୍ଟା । ମନୋଜ ଦାସ ସେଠାକୁ ଯାଇ ଥିଲେ କି ନାହିଁ ଜାଣେନା କିନ୍ତୁ ସେ ଲେଖିଲେ ଏକ ଗୀତ-

Digitized by srujanika@gmail.com

''କାହାଣୀ ନୁହେଁରେ ନୁହେଁ, ନୁହେଁ ରୂପକଥା/କାହାଣୀଠୁଁ ବଳି ଗୁନ୍ଥା ମରମର ବ୍ୟଥା/ ଯାଅ ଯଦି ବନ୍ଧୁ କେବେ ଡାକରଡା ଗ୍ରାମେ''.....ଇତ୍ୟାଦି । ବଡ ମାର୍ମିକ ସ୍ୱରାରୋପ ମଧ୍ୟ କରିଥିଲେ ସେ । ଏହାକୁ କଟକ, ଭୁବନେଶ୍ୱର, ବିଶେଷତଃ ବ୍ରହ୍ମପୁରରେ 'ଇପ୍ଟା'ର ଶିଳ୍ପୀମାନେ ବାରମ୍ବାର ଗାଇଗାଇ ଏମିତି ସଚେତନତା ଓ ପରିବେଶ ସୃଷ୍ଟି କରିଥିଲେ ଯେ ଏ ସଂପର୍କରେ ସବିଶେଷ ତଥ୍ୟ ଜନ ସାଧାରଣଙ୍କୁ ଅବଗତ କରାଇବାକୁ ସରକାର ବାଧ ହୋଇଥିଲେ ।

ମନୋଜ ଦାସ କେବଳ ମାର୍ମିକ ଗୀତିକାର ନଥିଲେ, ଥିଲେ ମଧ୍ୟ ଜଣେ ଉଚ୍ଚକୋଟୀର ସୁରକାର । ପେନ୍‌ସିଲ ପଛରେ ଖଟ୍ ଖଟ୍ କରି ତାଳ ଠୁଙ୍କୁ ଠୁଙ୍କୁ ଗୁଣୁ ଗୁଣୁ କରି ସେ ସ୍ୱସୃଷ୍ଟ ଗୀତକୁ ଗାଉ ଗାଉ ସ୍ୱରର ଛାଞ୍ଚଟିକୁ ଦର୍ଶାଇ ଦେଉଥିଲେ ଏବଂ ତାହାକୁ ପରିବେଷଣ ଉପଯୋଗୀ କରୁଥିଲା ଏହି ସ୍ମୃତି ରୋମନ୍ଥକ । ତାପରେ ଶିଳ୍ପୀମାନଙ୍କୁ ଯଥାଯଥ ତାଲିମ ଦେଇ ମଞ୍ଚ ପରିବେଷଣ ଓ ମୁଖ୍ୟ ଗାୟକର ଦାୟିତ୍ୱ ନେଉଥିଲେ ସୁଜନ ଘୋଷ । ଜୀବନରେ ମୁଁ ବହୁ ରଙ୍ଗମଞ୍ଚ, ମେହଫିଲ ତଥା ଆସର ସହିତ ସଂପୃକ୍ତ ହୋଇଛି, କିନ୍ତୁ 'ଇପ୍ଟା'ର ପାରସ୍ପରିକ ସହଯୋଗ ଓ ନିଷ୍ଠା ଥିଲା ଅତୁଳନୀୟ ଓ ଅନନ୍ୟ । ଏହି ମାନସିକତାର ଅନ୍ତରାଳୀ ଉତ୍ସଟି ଥିଲେ ମଧୁବାଚୀ ଓ ମଧୁ ହସଝରା ମନୋଜ ଦାସ । ସଦାବେଳେ ମନେ ହେଉଥିଲା, ଧେତ୍ ! ଅଖିଆ ଅପିଆ ମନୋଜ ବାବୁ ବସିଛି ସତୃଷ୍ଣ ନୟନରେ; ଗୀତଟାକୁ ଆଉଥରେ ମଡେଇ ନବା ।

ହଠାତ୍ 'ଇପ୍ଟା'ର ନିଖିଳ ଭାରତ ଅଧିବେଶନ କଲିକତାରେ ହେବାର ସ୍ଥିର ହେଲା । ନିମନ୍ତ୍ରଣ ଚିଠିଟି ଧରି ପ୍ରବୀର ଦା' ହାଜର । ଏଣେ ବିଶେଷ କାର୍ଯ୍ୟରେ ମନୋଜ ବାବୁ ଅନୁପସ୍ଥିତ । ଅନେକ ଆଲୋଚନା ପରେ ସ୍ଥିର ହେଲା-ଯା'ହେଉ ଯିବାକୁ ହିଁ ହେବ, ଅନ୍ତତଃ କିଛି ଅନୁଭୂତି ତ ହେବ ।

ପ୍ରବୀର ଦା' ଜଣେ ଉଚ୍ଚକୋଟୀର ହିନ୍ଦୀ ଘୋଷକ ଏବଂ ଜଣେ କଲକତୀ ବେହେଲଚି ଯୋଗାଡ କରିଦେଲେ, ଯିଏ ଥିଲେ ଜଣେ ଜାତଶିଳ୍ପୀ ତଥା ସ୍ୱର ଯାଦୁକର । ମାତ୍ର ପନ୍ଦର ମିନିଟର ପ୍ରୋଗ୍ରାମ. ଦେଖାଯାଉ । ତତ୍ ପୂର୍ବରୁ ପୁରୀ, ବାଲେଶ୍ୱର ଓ ଢେଙ୍କାନାଳରେ ଅନୁଷ୍ଠାନ କରି ''ସାବାସ'' ମାନ୍ୟ ମିଳି ସାରିଥିଲା । ବିଶାଳ ଜନତାର ସମ୍ମୁଖୀନ ହେବାର ଯେଉଁ ମଞ୍ଚଭୀତି ସେହିଟାତ ଅନ୍ତତଃ କଟିଯିବ ! ସ୍ଥିର କଲୁ, ମାଗି ଆଣିବା ତିଅଣରୁ ସତକାଏ କରିବା ନାହିଁ, କେବଳ ନିଜସ୍ୱ କୃତି, ବିଶେଷତଃ ମନୋଜ ଦାସଙ୍କର ସଂଗୀତ ମାନଙ୍କୁହିଁ ଉପସ୍ଥାପନ କରିବା । କିନ୍ତୁ କଲିକତା ମଇଦାନର ମନୁମେଣ୍ଟ ପାଖ ଅଞ୍ଚଳରେ ଲକ୍ଷାଧିକ ଦର୍ଶକ ଓ ଶ୍ରୋତାଙ୍କୁ ଦେଖି ଆମ ପ୍ଲିହା ଦ୍ରବୀଭୂତ ହେବାକୁ ଲାଗିଲା । ପ୍ରାୟ ଚାରି ଛଅଟି ଆଇଟେମ୍ ପରେ ଡାକରା ଆସିଲା ।

ଆଃ ! କାଉଁରୀ କାଠି ହଲେଇ ଦେଲା ବେହେଲଚି । ପ୍ରତ୍ୟେକ ଶିଳ୍ପୀଙ୍କ କଣ୍ଠରୁ

Digitized by srujanika@gmail.com

ଓଟାରି ଆଣିଲା ସ୍ୱର ମୂର୍ଚ୍ଛନାକୁ -''ଲହରୀ ଉତ୍ତାଳରେ/ତରଣୀ ସମ୍ଭାଳରେ ।'' ଏହି ପ୍ରଥମ ଗୀତଟି ଶ୍ରୋତୃମଣ୍ଡଳୀ ମଧ୍ୟରେ ଗଭୀର ରେଖାପାତ କରିଥିଲା । ଦୁଇ ମିନିଟ୍ କାଳ ବେହେଲାରେ ଅନୁକୂଳ ପିରବେଶ ସୃଷ୍ଟି ହେବାପରେ ଆରମ୍ଭ ହେଲା ମନୋଜ ଦାସଙ୍କର ଗୀତମାନଙ୍କୁ ଆଧାର କରି ମଶାଲ ଆଲୋକରେ ସିଲହଟ୍ ନୃତ୍ୟ, ଯେତେଦୂର ମନେ ପଡୁଛି ନାମ ଦେଇଥିଲୁ 'ମଉଳା ସ୍ୱପ୍ନ', ଯାହାର ଆରମ୍ଭ ଗୀତଟି ଥିଲା ''ଘୋର ନିଶା ଗରଜେ ଘୁ ଘୁ,/ ବନବାହା ବହେ ସୁ ସୁ'' ଏବଂ ଶେଷ ଗୀତଟି ଥିଲା, ''ଝରଝର ଝରେରେ/ଝରଝର ଝରେ ବାଦଲ /ବାଜେ ମାଦଳ, ବଉଦ ମହଲରେ/ ଝରଝର ଝରେରେ ।'' ନୃତ୍ୟଟି ଥିଲା ପ୍ରକୃତରେ କଟକର ବିଶିଷ୍ଟ ନୃତ୍ୟଗୁରୁ ୰ ଦେବେନ୍ଦ୍ର ଦାସଙ୍କର ପରିକଳ୍ପନା ଓ ସଂଯୋଜନା । କିଛି ତାଲିମ ଦେଇ ଚମକପ୍ରଦ ପରିବେଷଣ କରାଇଥିଲେ କଲିକତାର ବିଖ୍ୟାତ 'ବିଶ୍ୱରୂପା ଥିଏଟର୍ସ'ର ଲାଇଟମ୍ୟାନ ତାପସ ସେନ୍‌ଙ୍କର ଜଣେ ସହକାରୀ । ନିଜକୁ ବିଶ୍ୱାସ କରି ପାରିନଥିଲୁଁ, ଯେତେବେଳେ ବିଳମ୍ବିତ ରାତ୍ରିରେ ଘୋଷଣା କରାଗଲା ଯେ, 'ପାଲ୍ଲିଗାନ' ଓ 'ରାନାର୍ ନୃତ୍ୟ' ଲାଗି ପଶ୍ଚିମବଂଗ ଦଳ ପ୍ରଥମ, ବଲରାଜ ସାହାନୀ ଓ ଶୋଭାଦେବୀଙ୍କର ବୋମ୍ବାଇ ଦଳ ଦ୍ୱିତୀୟ ଏବଂ ନାଗା ନୃତ୍ୟ ଲାଗି ଆସାମ ଦଳ ଏବଂ ସିଲ୍‌ହଟ୍ ନୃତ୍ୟ ଲାଗି ଓଡ଼ିଶା ଦଳ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମନୋଜବାବୁଙ୍କ ଅନୁପସ୍ଥିତିରେ ତାଙ୍କର ସଂଗୀତ କୃତିମାନଙ୍କୁ ଯଥୋପଯୁକ୍ତଭାବେ ପରିବେଷଣ କରିପାରିଥିବାରୁ ଦର୍ଶକମଣ୍ଡଳୀଙ୍କର ଅକୁଣ୍ଠ ସ୍ୱୀକୃତିସୂଚକ ଗର୍ଜନିଆ କରତାଳି ଧ୍ୱନି ଆମ ଦଳର ତନୁମନ ଉଲ୍ଲସିତ କରି ଆନନ୍ଦ ପ୍ଳାବନରେ ଆମକୁ ଆକଟା କରି ଦେଇଥିଲା ସେଦିନ । ସରକାରୀ ପ୍ରତିରୋଧ ଏଡାଇବା ପାଇଁ 'ଇପ୍ଟା' କଟକରେ ଭବ୍ୟ ଅନୁଷ୍ଠାନ କଛି କରୁନଥିଲା । ତା' ଛଡା ଶିଳ୍ପୀମାନେ ଯେ ପ୍ରତିଭାଧର କୁଶଳୀ କଳାକାର ଏହା ସେମାନେ ନିଜେ ଧାରଣା ବା କଳନା କରି ପାରିନଥିଲେ । କଲିକତାର କୃତିତ୍ୱ ପରେ ହନୁମନ୍ତ ସ୍ୱସ୍ୱରୂପ କେମନ୍ତ ତାହା ଜାଣି ପାରିଲା । ସିଦ୍ଧାନ୍ତ ତେଣୁ କରାଗଲା ଏବେ ଆଉ ବର୍ଣ୍ଣଚୋରା ନୁହେଁ, ପାଦପ୍ରଦୀପକୁ ଆସିବାର ସୁସମୟ ଆସି ଯାଇଛି । ସରକାରୀ ପ୍ରତିରୋଧକୁ ବିଚାର କରି ୰ ପ୍ରବୀର ଦା' ଓ ତାଙ୍କର ଅନୁଗାମୀମାନେ ଏ ପ୍ରସ୍ତାବର ଦୃଢ ପ୍ରତିବାଦ କରୁଥିଲେ ମଧ୍ୟ ମନୋଜ ବାବୁ ଅତି ମୋଲାଏମ୍ ବଚନରେ ତାଙ୍କର ପେଟେଣ୍ଟ ହସଟି ହସି ସୁଜନ ଘୋଷ ଓ ନାଁଟୁଆ ନିରଞ୍ଜନ ବାବୁଙ୍କ ସହଯୋଗରେ ସବୁ ଓଲଟ ପାଲଟ କରିଦେଲେ । ତାଙ୍କରି ସିଦ୍ଧାନ୍ତଟି ହିଁ ବଳବତ୍ତର ରହିଲା । କୌଣସି କାରଣରୁ ସେତେବେଳେ ବାଙ୍କାବଜାରର 'ଜନତା ରଙ୍ଗମଞ୍ଚ'ରେ ଅଭିନୟ ବନ୍ଦ ରହିଥିଲା । ତାହାକୁ ହିଁ ତିନିଦିନ ପାଇଁ ଭଡାରେ ନିଆ ଯାଇଥିଲା । ଗୋଟାଏ ନୂତନ ପ୍ରସ୍ତାବ ଦେଇଥିଲେ ମନୋଜ ବାବୁ । ଦ୍ୱିତୀୟ ଓ ତୃତୀୟ ଦିନ ପୂର୍ବାହ୍ନରୁ ଅପରାହ୍ଣ ପର୍ଯ୍ୟନ୍ତ, ଭୋଜନ-ଅବକାଶ ବାଦ, ନାଟ୍ୟ ସଂଗୀତ ଓ ନୃତ୍ୟ

Digitized by srujanika@gmail.com

ସଂପର୍କିତ ଆଲୋଚନା ଚକ୍ରମାନ ତାଙ୍କର ସେହି ପ୍ରସ୍ତାବ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ଏପରି ଅନୁଷ୍ଠାନ ସେ ପର୍ଯ୍ୟନ୍ତ କୌଣସି ସଂସ୍ଥା କରାଇନଥିଲା ।

ଆରମ୍ଭ ରଜନୀରେ ଉଦ୍‌ଘାଟନ ଉତ୍ସବରେ କିଏ ପୁରୋଧା ହୋଇଥିଲେ ଠିକ୍ ମନେ ପଡୁନାହିଁ । କିନ୍ତୁ ଘଣ୍ଟାକ ମଧରେ ତାହା ଶେଷ ହୋଇଥିଲା । ସେହି ରାତ୍ରିରେ ପଶ୍ଚିମବଂଗ ଦଳ ବିଖ୍ୟାତ 'ପାଲ୍ଲିଗାନ'ଓ ଅନ୍ୟାନ୍ୟ ଗୀତ ସହ ''ଆୟ ବୃଷ୍ଟି ଝେପେଁ, ଧାନ ଦେବୋ ମେପେ'' ନୃତ୍ୟ ପରିବେଷଣ କରିଥିଲେ । ଯେତେ ଦୂର ମନେ ପଡୁଛି ସେଦିନ ଓଡ଼ିଶା ଦଳ ତରଫରୁ ୰ ନୃତ୍ୟଗୁରୁ ଦେବେନ୍ଦ୍ରନାଥ ଦାସଙ୍କର ଶିଷ୍ୟା ୰ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦୌହିତ୍ରୀ ତଥା ପ୍ରଖ୍ୟାତ ସେତାର ଶିଳ୍ପୀ ବୀଣାପାଣି ମହାନ୍ତିଙ୍କ କନ୍ୟା ଓଡ଼ିଶୀ ନୃତ୍ୟ (ଦଶାବତାର) ପ୍ରଦର୍ଶନ କରିଥିଲେ । ଯାଜପୁରର ଯୋଡି ନାଗରା ଓ ସାପୁଆ କେଳାଙ୍କ ଲାଉତୁମ୍ବା ବାଜା ଏବଂ ସୋର ଅଞ୍ଚଳର ରଙ୍ଗଢୋଲ ବଜା ଯାଇଥିଲା । ଦ୍ୱିତୀୟ ରାତ୍ରିଟି ଥିଲା ମଧ ପ୍ରଦେଶ ଓ ଆସାମର ରାତ୍ରି । ମଧପ୍ରଦେଶ ଦଳର ଗୀତ, ବିଶେଷତଃ ମଣ୍ଟୁବାବୁଙ୍କର ପଲ୍ଲୀଗୀତ ଚମକୃତ କରିଥିଲା ସମସ୍ତଙ୍କୁ । ଆସାମ ଦଳର ହେମାଙ୍ଗ ବିଶ୍ୱାସଙ୍କର 'ନାଗା ନୃତ୍ୟ' ଥିଲା ଅନବଦ୍ୟ । ଓଡ଼ିଶା ତରଫରୁ ଢେଙ୍କାନାଳର 'ଘୁମୁରା' ବାଜା ଓ ନୃତ୍ୟ ଏବଂ ସତୀର୍ଥ ବନ୍ଧୁ ଶ୍ରୀ ବିଶ୍ୱଜିତ୍ ଦାସଙ୍କର ସ୍ୱରଚିତ ଓ ନିର୍ଦ୍ଦେଶିତ ଏକାଙ୍କିକା 'ପ୍ରତିବେଶୀ' ଶେଷରେ ଅଭିନୀତ ହୋଇଥିଲା । ଅତି ଜମ ଜମାଟିଆ ହୋଇଥିଲା ସେହି ଅଭିନୟ । ଶେଷ ରଜନୀଟି ଥିଲା ଓଡ଼ିଶା ଦଳର । 'ଇପ୍ଟା'ର ପ୍ରଗତିବାଦୀ ଆଭିମୁଖ୍ୟକୁ ଲକ୍ଷ୍ୟକରି ଏହା କମ୍ୟୁନିଷ୍ଟ ଦଳରୁ ଶାଖା ବୋଲି ଯେଉଁ ଅପପ୍ରଚାର କରାଯାଇଥିଲା ତାହାକୁ ପ୍ରତିହତ କରିବା ଲାଗି ଗାନ୍ଧିବାଦ ଉପରେ ଆଧାରିତ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କର 'ରକ୍ତମାଟି'କୁ ଅଭିନୟ କରିବାର ସ୍ଥିର ହୋଇଥିଲା । ଏହି ନାଟକକୁ ସଂକ୍ଷିପ୍ତକରଣର ପ୍ରଧାନ ଭୂମିକା ଗ୍ରହଣ କରିଥିଲେ ମନୋଜ ଦାସ । କିନ୍ତୁ ଏହି ନାଟକର ଶେଷ ପରିଣତିଟିରେ ପଳାୟନପନ୍ଥୀ ଆଭିମୁଖ୍ୟ ଉକୁଟି ଉଠିଥିବାରୁ ଆମର ପ୍ରଗିତବାଦୀ ଆଭିମୁଖ୍ୟର ତାହା ସଂପୂର୍ଣ୍ଣ ବିରୋଧାତ୍ମକ ହୋଇଥିଲା । ତାହାର ପରିବର୍ତ୍ତନ ନିମନ୍ତେ କବିଚନ୍ଦ୍ରଙ୍କ ନିବାସକୁ ଯାଇ ଦେଖିଲୁ ସେ ବିଶେଷ ପୀଡିତଥିଲେ । ଏହା ଆମକୁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଲା । ଘୁଣଖିଆ ମୌଳବାଦୀ ପ୍ରାଚୀନପନ୍ଥୀ ସାମନ୍ତବାଦୀ ମାନସିକତାକୁ ଧ୍ୱସ୍ତ ବିଧ୍ୱସ୍ତ କରି ଶୋଷିତମାନଙ୍କୁ କେବଳ ସୁରକ୍ଷା ନୁହେଁ ସେମାନଙ୍କୁ ଉପଯୁକ୍ତରୂପେ ଶିକ୍ଷିତ ଓ ସୁସଂସ୍କୃତ କରିବାକୁ ସଂକଳ୍ପ କରି ତାହାରି ପ୍ରସ୍ତୁତି ନିମନ୍ତେ ନାୟକ ରାତ୍ରି ଅନ୍ଧାରରେ ବିଜୟ ଦର୍ପରେ ଚାଲିଯିବାବେଳେ ନାୟିକା ଆସି ତାହାକୁ ସର୍ବ ସହଯୋଗ ଦେବା ନିମନ୍ତେ ସହଯାତ୍ରିଣୀ ହୋଇଛି । ଏହି ନାଟିକାରେ ନାୟକରୂପେ ୰ ବିଶ୍ୱେଶ୍ୱର ବସୁ ଏବଂ ନାୟିକାରୂପେ ସୁଷମା ମିଶ୍ର (ଅଧୁନା ମହାନ ଅଭିନେତା ଗୋବିନ୍ଦ ତେଜ୍‌ଙ୍କ ସ୍ତ୍ରୀ ସୁଷମା ତେଜ୍) ଅତି

Digitized by srujanika@gmail.com

ଉଚ୍ଚକୋଟୀର ଅଭିନୟ କରିଥିଲେ । ଶେଷ ଦୃଶ୍ୟଟିରେ ନାୟକ ନାୟିକା ବନ୍ଧୁର ପର୍ବତ ପଥରେ ଚାଲିଯିବା ଏବଂ ପୂର୍ବ ଦିଗରୁ ସୂର୍ଯ୍ୟ ଉଇଁ ଆସୁଥିବା ଦୃଶ୍ୟ ସିଲହଟ୍‌ରେ ଦେଖା ଯାଇଥିଲା । ସେତିକିବେଳେ ଅନ୍ତରାଳରୁ ବାଜୁଥିଲା । ''ଯଦି ତୋର ଡାକ ଶୁନେ କେଉ ନାଆସେ ତବେ ଏକଲା ଚଲୋରେ !'' ରବୀନ୍ଦ୍ର ସଂଗୀତର ସୁର । ବୋଲିବା ବାହୁଲ୍ୟ ଯେ ଏ ସବୁ ଅନୁଷ୍ଠାନରେ ମନୋଜ ଦାସଙ୍କର କାଉଁରୀ ସ୍ପର୍ଶ ଲାଗିଥିଲା ଏବଂ ସେ ଯେ ଜଣେ ଅତି ଉଚ୍ଚ ପର୍ଯ୍ୟାୟୀ ମଞ୍ଚ ସଂଗଠକ ଓ ପରିଚାଳକ ତାହା ଏହି ଅନୁଷ୍ଠାନରୁ ହିଁ ପ୍ରତିପାଦିତ ହୋଇଥିଲା । ଅଭିନୟ ଚାଲୁଥିବାବେଳେ ସେ ଦେଉଥିଲେ ଉତ୍ସାହ । ମନେ ଅଛି, ଯୋଗୀବେଶରେ ଗାଇଥିଲି 'ଭାତ' ନାଟକର ସେହି ଗୀତ, ''ଭଲା ରବି ଛୁଇଁଲା ଆସି କାଛି ତଳିକି !'' ଖୁବ୍ ଜୋର ତାଳିମାଡ ହୋଇଥିଲା । ପ୍ରେକ୍ଷାଗୃହରୁ ଧାଇଁ ଆସି କ୍ରୋଡମଞ୍ଚରେ କି ଉଚ୍ଛ୍ୱସିତ ଆଲିଙ୍ଗନ ! ପ୍ରାୟ ଅର୍ଦ୍ଧଶତ ବର୍ଷ ପରେ ସେହି ଦୃଶ୍ୟ ମନେ ପଡିଲେ ଆଜି ଦେହ ଶୀତେଇ ଉଠେ । ଦ୍ୱିତୀୟ ରଜନୀରେ ଦର୍ଶକମାନେ 'ରାନାର' ନୃତ୍ୟ ଦେଖିବା ଲାଗି ବିଶେଷ ଅନୁରୋଧ କରିବାରୁ ମନୋଜବାବୁ ବାଂଲାଦଳର ମୁଖିଆମାନଙ୍କୁ ଜିଗର କରି ଧରି ବସିଲେ । ବାଧହୋଇ ସେମାନେ ତୃତୀୟ ରଜନୀରେ ପ୍ରଥମେ ତାହା ପରିବେଷଣ କରି ପରିବେଶକୁ ଏପରି ଜମେଇ ଦେଲେଯେ 'ରକ୍ତମାଟି' ନାଟକ ମଧ୍ୟ ସେହି ଧାରାରେ ଉଚ୍ଚପର୍ଯ୍ୟାୟୀ ହୋଇଥିଲା । ତିନିଦିନର ପ୍ରଦର୍ଶନ ଦେଖି ତତ୍‌କାଳୀନ ସ୍ପେଶାଲ ବ୍ରାଞ୍ଚର ଜଣେ କଠୋର ଓ ବରିଷ୍ଠ ଅଫିସର ୰ ବିମଳ ଘୋଷ ଯିଏ ନିଜେ ଜଣେ ଉଚ୍ଚକୋଟୀର ଅଭିନେତା ଓ ନିର୍ଦ୍ଦେଶକ ଥିଲେ, ସିଏ ଉଚ୍ଛ୍ୱସିତ ଆନନ୍ଦରେ ମଞ୍ଚ ଉପରକୁ ଉଠିଆସି ମନୋଜ ବାବୁଙ୍କ ହାତକୁ ଚାପିଧରି ବହୁକ୍ଷଣ ହ୍ୟାଣ୍ଡସେକ୍ କରି ଶୁଭେଚ୍ଛା ଜଣାଇବାରୁ ତାଙ୍କର କିଛି ଅବଦାନ ନାହିଁ ବୋଲି ମନୋଜ ବାବୁ ବିନୟର ସହ ପ୍ରକାଶ କରିଥିଲେ । ହୋ ହୋ ହୋଇ ହସି ବିମଳ ବାବୁ ଉତ୍ତର ଦେଲେ-''ମନୋଜ ବାବୁ, ଆଇ ନୋ ଏଭ୍ରିଥିଙ୍ଗ୍ ! ମାଇନସ୍ ଇୟୁ ଏପରି ଅନୁଷ୍ଠାନ ହେବା ସମ୍ଭବପର ହୋଇ ପାରିଥାନ୍ତା କି ? ଇୟୁ ଆର୍ ଏ ରାଇଜିଂ ସନ୍ ! ଆଇ ଏମ୍ ପ୍ରାଉଡ୍ ଅଫ୍ ଇୟୁ ।'' ସୁଜନ ଘୋଷ ଓ ଏ ଅକିଞ୍ଚନକୁ ଅନାଇ ସେ କହିଲେ ''ଫର ବୋଥ୍ ଅଫ୍ ଇୟୁ ଟୁ !!'' ଜୀବନରେ କୃତିତ୍ୱର ଶୁଭ ମୁହୂର୍ତ୍ତ ଓ ସୁଖାନୁଭୂତି କେତେବାର ଆସିଛି, କିନ୍ତୁ ସେହି ରାତିରେ କଟକର ବହୁ ବିଶିଷ୍ଟ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ଯେଉଁ ଆନନ୍ଦାଶୀର୍ବାଦ ଆମ ଶିରରେ ସ୍ୱତଃ ଅଜାଡି ପଡିଥିଲା, ତାର ବିକଳ୍ପ ଆଉ ପାଇନାହିଁ ଏ ଯାଏଁ ।

'ଇପ୍ଟା'-ହାବେଳି-ବାଣ ନଭଶ୍ଚୁମ୍ବୀ ହୋଇ ଫୁରୁସିଗଲା ପରିସ୍ଥିତି ଚାପରେ । ମନୋଜ ବାବୁ କାର୍ଯ୍ୟାନ୍ତରରେ ବିଶେଷଭାବେ ସଂପୃକ୍ତ ରହିଲେ । ନାଟୁଆ ନିରଞ୍ଜନ ପଟ୍ଟନାୟକ ପାରିବାରିକ ଜଞ୍ଜାଳରେ ବ୍ୟସ୍ତ ରହିଲେ । ଶିଳ୍ପୀ ସୁଜନ ଘୋଷ ହଠାତ୍ ବିବାହ କରି ଦାରୁଣ ଅର୍ଥାଭାବରେ ବିପର୍ଯ୍ୟସ୍ତ ହୋଇ ଶେଷରେ ଶିର ଅବନତ କରି ସରକାରୀ

Digitized by srujanika@gmail.com

ଚାକିରୀଟେ ପାଇ ଭୁବନେଶ୍ୱର ଚାଲିଗଲେ । ମୁଁ ନିଜେ ଉଚ୍ଚଶିକ୍ଷା ଓ ସଂଗୀତ ଶିକ୍ଷା ଲାଗି ଚାଲିଗଲି ଲକ୍ଷ୍ନୌ, ଶୁଣିଲି କାଳେ ପ୍ରଖ୍ୟାତ ସଂଗୀତ ପରିଚାଳକ ଶ୍ରୀଯୁକ୍ତ ଶାନ୍ତନୁ ଶତପଥୀ ତଥା ଅନ୍ୟ କେତେଜଣ ଯୁବକ ପରେ 'ଇପ୍ଟା'କୁ ବଞ୍ଚାଇବାକୁ ଚେଷ୍ଟା କରି ଅସଫଳ ହୋଇଥିଲେ । ମନୋଜ ବାବୁଙ୍କ ପରି ମେରିଆ ଖୁଣ୍ଟ ପାଇଲେ ନାହିଁ କି ୰ ପ୍ରବୀର ପାଲିତଙ୍କ ପରି ତୁହିନ -ଛାୟା ପ୍ରଦାନ କରିବାକୁ କେହି ରହିଲେ ନାହିଁ । ଆଉମାନେ ରହିଲେ ନିର୍ଲିପ୍ତ ଓ ବିଭିନ୍ନ କାରଣରୁ ଅନେକ ବାଟ ଛାଡି ଅନ୍ୟତ୍ର ଯିବାକୁ ବାଧ ହେବାରୁ କ୍ରମେ ଛିନ୍‌ଛତର ହୋଇଗଲା ପ୍ରଗତିବାଦର ସ୍ୱପ୍ନ ମଞ୍ଜିଲଟି । 'ଇପ୍ଟା' ସିନା ଚାଲିଗଲା ଅନ୍ତରାଳକୁ; କିନ୍ତୁ ମନୋଜ ଦାସ ଓ ସହଯୋଗୀମାନଙ୍କର ବିପୁଳ ସ୍ୱପ୍ନ ସଂପୂର୍ଣ୍ଣ ଭାବରେ ମଉଳି ଯାଇ ନଥିଲା । ଓଡ଼ିଶାର ସାଂସ୍କୃତିକ ପ୍ରଚ୍ଛଦପଟ୍ଟରେ ତାହା ଗଭୀର ରକ୍ତରାଗରେ ରଞ୍ଜିତ କରି ଦେଇଥିଲା । ଗୀତିକାର ଓ ସ୍ୱରକାର ମନୋଜ ଦାସଙ୍କର ପ୍ରଭାବରେ ତାଙ୍କର ଉତ୍ତରସୂରୀ ରୂପେ ବହୁ ଯୁବ ଗୀତିକାରଙ୍କର ଆବିର୍ଭାବ ହୋଇଥିଲା । ତନ୍ମଧ୍ୟରୁ ଅନ୍ୟତମ ଥିଲେ ନାଟ୍ୟକାର ଶ୍ରୀ ବିଶ୍ୱଜିତ୍ ଦାସ । ''କୁଆର ଉଠିଛି ପବନ ବହେରେ !'' ଥିଲା ତାଙ୍କର ଏକ ଲୋକପ୍ରିୟ ମନୋଜୀୟ କୃତି । ପାରମ୍ପରିକ ଗୋଷ୍ଠି-ସଂଗୀତକୁ ପାଦ-ପ୍ରଦୀପକୁ ଆଣିଥିଲେ ୰ କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ । କିନ୍ତୁ ତାଙ୍କ ପରେ ତାହା ସ୍ତିମିତ ହୋଇ ଯାଇଥିଲା । 'ଇପ୍ଟା' ତାହାକୁ ପୁନଃ ପ୍ରଚଳନ କରିଥିଲା ନବ ସମ୍ଭାରରେ ପରିପୂର୍ଣ୍ଣ କରି । ପାଶ୍ଚାତ୍ୟ ସଂଗୀତର ସିମ୍‌ଫନୀ ଓ ହାର୍ମନୀର ସୁପ୍ରୟୋଗ କରାଗଲା । 'ଇପ୍ଟା' ଯେଉଁ ପଥପ୍ରାନ୍ତ ନାଟିକା ପ୍ରଚଳନ କରିଥିଲା, ତାହା ଆଜି ମଧ୍ୟ ଆଚରିତ ହେଉଛି । ରାଜା ବର୍ମା ଓ ଦୁଲାଲ ଦାସମାନେ ପପ୍ ଆଧାରିତ ଅତି ଚଟୁଳ ସଂଗୀତ ପ୍ରୟୋଗ କରିବାକୁ ଯେଉଁ ଅପଚେଷ୍ଟା କରିଥିଲେ, ସେହି ଅବକ୍ଷୟୀ ଆବର୍ତ୍ତକୁ ଅନ୍ତତଃ ଦଶବର୍ଷ ନିମନ୍ତେ ପ୍ରତିହତ କରିପାରିଥିଲା ଏହି ମନୋଜୀୟ ଧାରାରେ ପୁଷ୍ଟ 'ଇପ୍ଟା' !

ଗତ ଶତାବ୍ଦୀର ପଞ୍ଚମ ଦଶକର ପ୍ରାନ୍ତ ଭାଗରେ ମୁଁ ଓଡ଼ିଶା ଫେରି ଏକ ନୂତନ ରୂପରେ ଭେଟିଲି ମନୋଜ ଦାସଙ୍କୁ । ସେତେବେଳେ ସେ କଟକର ଖ୍ରୀଷ୍ଟ କଲେଜରେ ଇଂରାଜୀ ବିଭାଗରେ ଅଧ୍ୟାପନା କରୁଥିଲେ । ବୋଧହୁଏ ରହୁଥିଲେ ଜୋବ୍ରା ଅଞ୍ଚଳରେ ଜଣେ ମୁସଲମାନ ଭଦ୍ରଲୋକଙ୍କ ଦୋମହଲା କୋଠାରେ । ସହକର୍ମୀ ଥିଲେ ସେହି ବିଭାଗର ଅନ୍ୟତମ ଅଧ୍ୟାପକ ଶ୍ରୀ ସୁବାସ କୁମାର ବୋଷ୍, ଯିଏ ଆମ ମେସ୍‌ର ଥିଲେ ସ୍ଥାୟୀ ବାସିନ୍ଦା । କର୍ମରତ ହେଲି କଟକରୁ ପ୍ରକାଶିତ 'ଦୈନିକ ଗଣତନ୍ତ୍ର'ର ଜଣେ ସହ ସଂପାଦକ ରୂପେ । ସତୀର୍ଥ ଥିଲେ ବସନ୍ତ-କୋକିଳ ୰ ଭଗବାନ ପତି, ଶ୍ରୀଯୁକ୍ତ ଭଗବାନ ନାୟକ ବର୍ମା, ଶ୍ରୀଯୁକ୍ତ ଗୋକୁଳାନନ୍ଦ ମହାନ୍ତି, କିଛି କାଳ ଲାଗି ବିପ୍ଳବୀ କବି ଶ୍ରୀ ରବି ସିଂହ, ସାଂବାଦିକ ଅର୍ଜ୍ଜୁନ ଦାଶ ଇତ୍ୟାଦି । ସଂବାଦ ବିଭାଗର ମୁଖ୍ୟ ଥିଲେ ଶ୍ରୀଯୁକ୍ତ ଆର୍.ପି. ଶାସ୍ତ୍ରୀ ଏବଂ ସଂପାଦନାର ମଉଡମଣି

Digitized by srujanika@gmail.com

ଥିଲେ ମହାନ ସାହିତ୍ୟିକ ୰ ସୁରେନ୍ଦ୍ର ମହାନ୍ତି । ପ୍ରକୃତରେ ସାଂବାଦିକ ବୃତ୍ତିଟା ସେତେବେଳେ ଥିଲା ରସ ବିହୀନ ଏକ ପ୍ରବୃତ୍ତି ମାତ୍ର, ଯେଉଁଠି ସ୍ୱମତ ପ୍ରକାଶ କରିବାର ଅଧିକାର ଥିଲା ଅତି ସୀମିତ । କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ହିଁ ଥିଲା କେବଳ ଶେଷ କଥା ନୁହେଁ-ଏକମାତ୍ର କଥା ! ବିବେକ ଉପରେ ଯେତେ ଆବର୍ଜ୍ଜନା ଥିଲା ସବୁ ଉଭେଇ ଯାଉଥିଲା ସୁବାସ ବାବୁଙ୍କ କୋଠରୀକୁ ଆସି । ଘଣ୍ଟେ ଦି'ଘଣ୍ଟା ଲାଗି ବସୁଥିଲା ସେମାନଙ୍କର ଜମଜମାଟିଆ ଆଡ୍ଡା । ଏହାର ସ୍ୱରୂପଟା ଥିଲା କଲିକତାର କଫି ହାଉସ୍ ପରି, ଯେଉଁଠି ଆଲୋଚନାଟି ମୁଖ୍ୟତଃ ଥିଲା ବୌଦ୍ଧିକ । ଆଡ୍ଡାର କେନ୍ଦ୍ରବିନ୍ଦୁ ଥିଲେ ମନୋଜ ଦାସ, ଯିଏ ରସରସିଆ କଥା କହିବାରେ ମଧ୍ୟ ଥିଲେ ସିଦ୍ଧ । ତେଲଭଜା, ଚାହା ସହ ସେବା କରି ସେମାନେ ଆଡ୍ଡାର ପରିସମାପ୍ତି ପରେ ନିଷ୍କ୍ରାନ୍ତ ହେବା ପର୍ଯ୍ୟନ୍ତ ଗୋଟେ ମନଫୁଲାଣିଆ ବାଆ ବହି ଯାଉଥିଲା । ସ୍ୱତଃ ବିବେକ ଉପରେ ଲେସା ଗ୍ଲାନି ଓ କ୍ଳାନ୍ତି ଅପସରି ଯାଉଥିଲା । ସେମାନେ ଚାଲିଯିବା ପରେ ନିଜ କଠୋରୀରେ ବସି ତାନପୁରା ଟାଣି ଲକ୍ଷ୍ନୌଲବ୍ଧ ଜ୍ଞାନର ଅନୁଶୀଳନ କରିବାଟା ଥିଲା ମୋର ଅଭ୍ୟାସ । ସେହିଟା ମନୋଜ ଦାସଙ୍କ ସହ ଗମାତିଆ ଆଡ୍ଡାଘରେ ପ୍ରସନ୍ନ ମନରେ ବେଶ ଜମୁଥିଲା । କ୍ଷଣକାଳ ନିମନ୍ତେ ହେଲେ ମଧ୍ୟ ବୌଦ୍ଧିକ ଚା'ପାନ ଆଡ୍ଡାଟି ବସୁଥିଲା 'କଟକ ହୋଟେଲ'ର ସମ୍ମୁଖ ଗଳିସ୍ଥିତ ଏକ କମଦାମୀ ଚା' ଦୋକାନରେ, ଶାନ୍ତି ଭାଇଙ୍କ ଗୁଜରାଟି ଗାଣ୍ଠିଆ ସୁଣ୍ଠିଆ ଦୋକାନରେ ବହୁ ଲୋକ ସମାଗମ ହେବାରୁ କ୍ରମେ କାଠଗଡା ସାହିର ବୌଦ୍ଧିକ ଆଡ୍ଡାଟି ସ୍ଥାନାନ୍ତରିତ ହୋଇଗଲା କୁକୁରିଆପଦାକୁ । ସେବେ ରାଣୀହାଟ ଛକରୁ ଦୋଳମୁଣ୍ଡାଇ ଛକ ପର୍ଯ୍ୟନ୍ତ ରାସ୍ତାଟି ବକ୍ରକବାଟି କେନାଲ ପୋଲ ପାଖ ମଦଖଟି ଯୋଗୁଁ ସନ୍ଧ୍ୟା ପରେ ଥିଲା ଏକପ୍ରକାର ନିଷିଦ୍ଧ ଅଞ୍ଚଳ । ଦୋଳମୁଣ୍ଡାଇଠାରୁ ଝୋଲାସାହି ରାସ୍ତା ମଧ୍ୟ ଏତେ ଜନଗହଳି ନଥିଲା । ସେହି ରାସ୍ତାକଡରେ କୁକୁରିଆପଦାଠାରେ ଏକ ଅପନ୍ତରା ସ୍ଥାନରେ ଦ୍ୱିତଳ ଅଟ୍ଟାଳିକାଟିଏ ଡକ୍ଟର ୰ ଶ୍ରୀରାମ ଚନ୍ଦ୍ର ଦାଶ ନିର୍ମାଣ କରି ସେଠାକୁ ଚାଲି ଆସିଲେ । ପ୍ରଶସ୍ତ ରାସ୍ତା ଆରପାରିରେ ଥିଲା ଶ୍ରୀଯୁକ୍ତ ନନ୍ଦଙ୍କର ଗୃହ । ସେ ମଧ୍ୟ ତାଙ୍କର ବଳକା ଜମିରେ ଭଡା ଉଦ୍ଦେଶ୍ୟରେ କେତୋଟି କୋଠରୀ ନିର୍ମାଣ କରିଥିଲେ । ବାଲେଶ୍ୱରରୁ ଆସିବା ପରେ ମନୋଜ ବାବୁ ସେଠାରେ ପ୍ରକାଶ କରୁଥିବା ତାଙ୍କର 'ଦିଗନ୍ତ' ପତ୍ରିକାଟିକୁ କଟକକୁ ନେଇ ଆସିଥିଲେ । ନିୟମିତ ରୂପେ ତାହାକୁ ଚାଲୁ ରଖିବାକୁ ସ୍ଥିର କରି ସେହି କଠୋରୀରୁ ଗୋଟିଏ ଭଡା ସୂତ୍ରରେ ନେଇ ମନୋଜ ବାବୁ 'ଦିଗନ୍ତ' ଅଫିସ ଖୋଲିଦେଲେ । କ୍ରମେ ସେହିଟା ପ୍ରଗତିବାଦୀ ଯୁବକମାନଙ୍କ ମଧ୍ୟରେ ଏକ ଆଲୋଡନ ଖେଳାଇ ଦେଇଥିଲା । ମନୋଜ ବାବୁଙ୍କୁ କେନ୍ଦ୍ରବିନ୍ଦୁ କରି ସେମାନେ ଯୁଟିଗଲେ ସେହିଠାରେ । ତେଣୁ ସେ ସୁବାସ ବାବୁଙ୍କ କୋଠରୀରେ ଖାଲି 'ପ୍ରେଜେଣ୍ଟ ସାର୍'

Digitized by srujanika@gmail.com

ମାରିଦେଇ ଚାଲିଯାଉଥିଲେ 'ଦିଗନ୍ତ' ଅଫିସକୁ । 'ଦିଗନ୍ତ' ପତ୍ରିକାଟିକୁ ମନୋଜ ବାବୁ ଗୋଟିଏ ପ୍ରଗତିବାଦୀ, ସ୍ୱାଧୀନ ପତ୍ରିକାରେ ରୂପାନ୍ତରିତ କରିଥିଲେ, ଯାହା ଅଶ୍ଳୀଳତା ଓ କୌଣସି ପ୍ରକାର ସଂସ୍କୃତିରହିତ ଅବକ୍ଷୟୀ ପଦକ୍ଷେପକୁ ସାମାନ୍ୟତମ ପ୍ରଶ୍ରୟ ପରୋକ୍ଷରେ କି ପ୍ରତ୍ୟକ୍ଷରେ ଦେଇ ନଥିଲା । କଟକର ଅଧିକାଂଶ ନାମୀ ଓ ଦାମୀ ସ୍ୱାଧୀନଚେତା ଓ ପ୍ରଗତିବାଦୀ ଲେଖକଙ୍କର 'ଦିଗନ୍ତ' ଦପ୍ତରଟି ଥିଲା ଅଡ୍ଡାଘର; କାହା ଲାଗି ଅବା ଥିଲା ଏକ ନିବୁଜ ମନ୍ଦିର । ପ୍ରଗିତବାଦୀ ବେଳାଭୂମିରେ ସେତେବେଳେ ଯେଉଁ ମୁଖ୍ୟ ଦୁଇ ଯୁବନେତାଙ୍କର ଅବିର୍ଭାବ ହୋଇଥିଲା ସେହି ପ୍ରବୀର ପାଲିତ ଓ ମନୋଜ ଦାସଙ୍କର ବ୍ୟକ୍ତିତ୍ୱରେ ଥିଲା ଏପରି ଯାଦୁକରୀ ମାଧୁରୀ ଯେ ନେତୃତ୍ୱ ଆପେ ଆପେ ଅଜାଡି ପଡୁଥିଲା ସେମାନଙ୍କର ଉପରେ । ପ୍ରବୀର ଦା'ଙ୍କର ଥିଲା ମନତୋଷା ମୋଲାୟମୀ ବଚନ, କିନ୍ତୁ ମନୋଜ ବାବୁଙ୍କର ଆୟୁଧ ଥିଲା ନିଜସ୍ୱ ଶୈଳୀର ଏକ ସ୍ମିତହାସ୍ୟ, ଯାହାଥିଲା ଅତି ରହସ୍ୟମୟ ମୋନାଲିସାର ହସପରି ।

'ଦିଗନ୍ତ' ଅଫିସର କୁକ୍କୁରିଆପଦା ଆଡ୍ଡାଟି ଜମଜମାଟିଆ ହେବାରୁ ଆମ କାୟସ୍ଥ ଛାତ୍ରାବାସର ସୁବାସ ବାବୁଙ୍କ କୋଠରୀ ଆଡ୍ଡାଟି ମ୍ଳାନ ପଡିଥିଲେ ମଧ୍ୟ ସଂପୂର୍ଣ୍ଣ ମଉଳି ଯାଇନଥିଲା । ଯେତେବେଳେ ସେତେବେଳେ, ବିଶେଷତଃ ରବିବାର ଦିନ ପ୍ରାୟ ବସୁଥିଲା । ଏହିପରି ଏକ ରବିବାରିଆ ଆସର ମୋ ଜୀବନର ଗତିପଥକୁ ଦେଲା ବଦଳାଇ । ସେତେବେଳେ କଟକରେ ଯୁବଗୋଷ୍ଠୀ ମଧରେ ଜଣେ ଅଭିନେତା ଓ ଗାୟକରୂପେ ଯତ୍‌ସାମାନ୍ୟ ମାନ୍ୟତା ଥିଲା । ପ୍ରତିଦ୍ୱନ୍ଦୀ ଥିଲେ ସୁଦକ୍ଷ ମରମିଆ ଗାୟକ ଶ୍ରୀ ଲକ୍ଷ୍ମୀକାନ୍ତ ସେନ୍ (ପାଲିତ ନୁହନ୍ତି) ଯାହାଙ୍କର ବେତାର ଗୀତ ଯୁବକ ଯୁବତୀଙ୍କ କଣ୍ଠରେ ଭାସି ବୁଲୁଥିଲେ ମଧ୍ୟ ଏହି ମହାନ ଶିଳ୍ପୀ ପାରିବାରିକ କାରଣରୁ କଟକ ଛାଡି ସ୍ୱସ୍ଥାନ ଆଠମଲ୍ଲିକକୁ ଚାଲିଯିବାରୁ ତାଙ୍କୁ ଉପେକ୍ଷିତ ନାୟକ କରି ଦିଆଗଲା ଏବଂ ଏହା ଓଡ଼ିଶାର ସଂଗୀତ ଚକ୍ରର ଏକ ଐତିହାସିକ ଅକ୍ଷମଣୀୟ ଅପରାଧ । 'ମିମିକ୍ରି' କରୁଥିବାରୁ ବନ୍ଧୁମହଲରେ ବେଶ ରସ-ସଞ୍ଚାର କରି ପାରୁଥିଲି । ଦିନେ ମନୋଜ ବାବୁ ଆସିବାର ବିଳମ୍ବ ହୋଇଥିଲା । ଅନ୍ୟାନ୍ୟ ବନ୍ଧୁବର୍ଗ ଜିଗର କରିଲେ ପଣ୍ଡିତ ଓଁକାରନାଥଙ୍କର 'ମିମିକ୍ରି' କରିବାକୁ । ତେଣୁ ଆଡ୍ଡାଟି ମୋ କଠୋରୀରେ ସେ ଦିନ ଜମିଲା । ପଣ୍ଡିତଜୀଙ୍କୁ ଅନୁକରଣ କରି ପ୍ରସିଦ୍ଧ ଭଜନ ''ଅକେଲି ମତ୍ ଯାଇଓ ଯମୁନାକେ ତୀର୍''ର ସ୍ଥାୟୀଟି ଗାଇ ଯେପରି ଅଭିନୟ କରି ବାଖ୍ୟା କରୁଥିଲି- ତଦ୍ରୂପ ବିରହ ସନ୍ତାପିତା ଶ୍ରୀରାଧାଙ୍କୁ ସଖୀମାନଙ୍କର ଚେତାବନୀର ଆଭାସ ଚିତ୍ର ଦେଇ ଅନ୍ତରା ପରିକ୍ରମଣ କରୁ କରୁ ପଛଆଡୁ ''ବାଃ ! ବେଶ୍'' ଶୁଣି ଅନାଇ ଦେଖିଲି ମନୋଜ ବାବୁ ସେହି ପେଟେଣ୍ଟ ସାବାସିଆ ସ୍ମିତହସଟି ଖେଳାଉଛନ୍ତି । ସାମନାକୁ ଆସି ଗମ୍ଭୀର କଣ୍ଠରେ କହିଲେ, ''ଦିଅ ।''

Digitized by srujanika@gmail.com

ଆଶ୍ଚର୍ଯ୍ୟ ହୋଇ ପଚାରିଲି -"କଅଣ ?"

"'ଦିଗନ୍ତ' ଲାଗି ଲେଖା" -ହସିହସି ସେ ଉତ୍ତର ଦେଲେ ।

"ୟାଁ ! ମୁଁ ?" ହେ ଭଗବାନ ! ଆତଙ୍କରେ ଶିହରି ଉଠିଲି ।

"ହଁ -ତୁମେ, ଦିଅ ଦୁଇ ତିନି ଦିନ ମଧ୍ୟରେ । ଶ୍ରୀରାଧାଙ୍କ କଥାତ ବେଶ ବନେଇ ଚୂନେଇ କହି ପାରୁଛ, ଲେଖିବ ନାହିଁ କାହିଁକି ? ଅଲବତ ଲେଖିବ !" ଗମ୍ଭୀର କଣ୍ଠରେ ସେ କହିଲେ ।

"ଶତାବରୀ ପ୍ରକୋପରେ କଅଣ କହି ଯାଉଥିଲି ସିନା, କିନ୍ତୁ ଲେଖିଲେ ଯେ ଭାଗ୍ୟରେ ଲେଖାହେବ ମାର୍ଜ୍ଜନୀ ।" ଜବାବ ଦେଲି !

"ତା'ହେଲେ ସେହି 'ମାର୍ଜ୍ଜନୀ' ହିଁ ଲେଖିଦିଅ ।" ସେ ହସି ହସି କହିଲେ ।

ତାନପୁରା ଥୋଇ, "ଏ ଭାଇ ! ଏ ଭାଇ !! ବୋଲି ପଛରୁ ହକାରୁ ଥିଲେବି ସେ ଦେ ଛୁ ।"

ଧାଇଁ ଯାଇଥିଲି ପ୍ରବୀର ଦା' ଓ ଅନ୍ୟ ବନ୍ଧୁମାନଙ୍କ ପାଖକୁ ସିଧା ସଳଖ । ସେମାନେ କହିଦେଲେ, "ମନୋଜ ବାବୁ ତ ଠିକ୍ କହୁଛି, ଲେଖି ଦେଉନ 'ଦିଗନ୍ତ'ରେ ପ୍ରକାଶ ପାଇବା କଅଣ ସାମାନ୍ୟ କଥା !" ଲିଅ ରାଜା ! ମୁଁ ଗୁହାରି କରୁଛି ଯାହାଙ୍କୁ, ସେମାନେ ଜୁଆଇଁ କରିଛନ୍ତି ତାହାଙ୍କୁ ।

କଭି ନହିଁ ! ଆଗରୁ ଯେ ଲେଖା କାଁ ଭାଁ ପ୍ରକାଶ ପାଇଛି, ସେ ସବୁତ ଅନ୍ୟ ଭାଷାରେ । ତା'ମାନେ ଗୋଟେ କିଛି ଲେଖିଦେଲେ, ପ୍ରକାଶ ତ ପାଇବନି-ତୁଛା ବିକୃତ ଶବ୍ଦଗୁଡିକୁ ଚୟନ କରି ଚିଗୁଲେଇବେ ବନ୍ଧୁବର୍ଗ । ତେଣୁ ଚାଲମନ, ଆର୍.ପି. ଶାସ୍ତ୍ରୀଙ୍କ ପାଖରେ ନେହୁରା ହୋଇ, ବସନ୍ତ-କୋକିଳ ପତିମହୋଦୟଙ୍କଠାରେ ପଞ୍ଚମ ସ୍ୱନରୁ ଆଉ ଟିକେ ମୋଲାୟମି ବଚନ ଝାଡି, ଅନ୍ତତଃ ହପ୍ତାକ ଲାଗି ପାତାଳି ହୋଇ ଯିବାର ବ୍ୟବସ୍ଥା କରିବା ପୂର୍ବରୁ ଧୂମକେତୁ ପରି ଆବିର୍ଭୂତ ହେଲେ ମନୋଜ ବାବୁଙ୍କ 'ଦିଗନ୍ତ' ପରିଚାଳନାର ସହଯୋଗୀ ବନ୍ଧୁ ସୁରେଶ ମହାନ୍ତି ।

"ଲେଖା ସରିଛି ?" ସିଧା ସଳଖ ପ୍ରଶ୍ନ ।

"ନା -ମାନେ ସରିନାହିଁ ।" ଛେପ ଢୋକି କହିଥିଲେ ମଧ୍ୟ ସେ ଯାଏଁ କଲମ ଧରିବାକୁ ଦୁଃସାହସ କରି ନଥିଲି ।

"ହଉ, କାଲି ଆସି ନେଇଯିବି ।"

ଆତଙ୍କରେ କହି ପକାଇଲି -"ନା ଭାଇ, କାଲିନୁହେଁ, ପଅର ଦିନ ।" ମନେ ଅଛି ସେ ରାତିରେ ମେସ୍‌ର ମିଲ୍ ବନ୍ଦ କରି ପାଖ ମିଠା ଦୋକାନରେ ତତ୍‌କାଳେ ପ୍ରସ୍ତୁତ କରାଯାଉଥିବା ଅଭଲ କିସମର ମଗଜଲଡୁ ଠେସି ପୂରା ଗିଲାସେ କଡା କଫି ଢୋକି, ଗୌରୀଶଙ୍କର ପାର୍କ ପାଖ ଗଣେଶି ପାନ ପାକୁଳେଇ ମଗଜ ଧୁଲେଇ କରିବା ପରେ ଜୟ

Digitized by srujanika@gmail.com

ମା' ଦୁର୍ଗତିନାଶିନୀ ବୋଲି କଲମକୁ ତିନିବାର କପାଳରେ ଛୁଇଁ ଲେଖା ଆରମ୍ଭ କରିଥିଲି ଏବଂ ସକାଳ କୁଆଁତାରା ଫୁଟିବା ଆଗରୁ ଲେଖା ଶେଷ । କେଇ ଘଣ୍ଟା ମଧ୍ୟରେ ସାଫି କରିବାକୁ ବି ଅବକାଶ ନ ଦେଇ ନେଇଗଲେ ଲେଖାଟିକୁ । ସେହିଟି ଥିଲା ଏକ ନୂତନ ଶୈଳୀର ରଚନା । ମନୋଜ ବାବୁ ସେହିଟିକୁ 'ତିର୍ଯ୍ୟକ' କ୍ୟାପ୍‌ସନ୍‌ରେ ୧୯୬୧ ମସିହା ଫେବୃୟାରୀ 'ଦିଗନ୍ତ'ରେ ପ୍ରକାଶ କରିଥିଲେ ଏବଂ ଶୀର୍ଷକଟି ଥିଲା 'ମାର୍ଜନୀ' । ଅନେକ ସାବାସିଆ ଚିଠି ମଧ୍ୟ ମିଳିଥିଲା, ଅନ୍ତତଃ ନବୀନଙ୍କ ମହଲରୁ -କେଇଜଣ ପ୍ରବୀଣ ମଧ୍ୟ ତାରିଫ କରିଥିଲେ ।

ତାନପୁରାର ତାର ଟଣା ମୋ ଆଙ୍ଗୁଠିରେ କଲମ ଗୁଞ୍ଜିଦେଇ ବାଟ ଦେଖାଇଲେ ମନୋଜ ବାବୁ । ଆଜୀବନ 'ହନୁମୋର ନାଟ କରିଲା' କରୁକରୁ ଜୀବନର ପ୍ରାନ୍ତ ଭାଗରେ ପହଞ୍ଚିଲିଣି, କିନ୍ତୁ ଏହି ଲଟପଟିଆ ନାଟ ମୋ ଜୀବନର ଯନ୍ତ୍ରଣାକୁ ଗିଳି ପକାଇବାକୁ ଶିଖାଇଛି ଏବଂ ତା' ସହ ଶିଖାଇଛି କାନ୍ଦୁ କାନ୍ଦୁ ହସିବାକୁ । ଯିଏ ଏହା କରାଇ ପାରିଛନ୍ତି, ମୋ ସଂସାର-କଙ୍କର ଭୂମିରେ ଯେ ନବ ଦୁର୍ବାଦଳର ଶ୍ୟାମଳିମା ଖେଳାଇ ଦେଇଛନ୍ତି, ତାଙ୍କୁ କଅଣ ଭୁଲିହେବ ? ତାଙ୍କୁ ଥାପି ଦେଇଛି ନିଭୃତ ମନ-ମନ୍ଦିରରେ ।

ଦିନେ ବାଲେଶ୍ୱରରେ ଯେଉଁ ବ୍ୟକ୍ତିତ୍ୱର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା ଗୀତର ପାବନିରେ ପୂତ ପବିତ୍ର ହୋଇ, ସ୍ୱରର ଲହରୀରେ ଭାସିଭାସି କଟକରେ ସେହି ପ୍ରସ୍ତୁତି ପର୍ବ ପୂର୍ଣ୍ଣତା ଲାଭ କରି ସାହିତ୍ୟ-ସଂସ୍କୃତି ଓ ଆଧ୍ୟାତ୍ମିକତାର ଖର ପ୍ରବାହରେ ତାହା ପଣ୍ଡିଚେରୀରେ ଲାଖିଗଲା । ସେଇଠି ହୋଇଛି ମହା ବିସ୍ଫୋରଣ । ଏତେ ଶୀର୍ଷମୁଖୀ ହୋଇଛି ସେହି ବ୍ୟକ୍ତିତ୍ୱ ଯେ ତାକୁ ଅନାଇବାକୁ ହେଲେ ବେକକଷଣ୍ଟାରେ ପରାସ୍ତ ହୋଇଯାଏ । ଏ ଦୀନ ଅକିଞ୍ଚନ, ଏହି ସୁଦାମା, ଚାଉଳ-ଭଜା ମୁଠେ ଗାମୁଛା କାନିରେ ବାନ୍ଧି ଆଣିଛି । ମୋର ଏହି ସ୍ମୃତି ଚାରଣହିଁ ତ ସେହି ସରାଗିଆ ଚାଉଳଭଜା ।

ଭାଇ ବ୍ରଜନାଥ ବାବୁ ! ଏ ଛାତିରେ ତାକତ ହେଉନି ତାଙ୍କ ସାମନାକୁ ଭରସି ଯିବାକୁ । ଚାଉଳ-ଭଜା ମୁଠାଟା ତାଙ୍କ ପାଖରେ ଲାଗି କରାଇ ଦିଅନ୍ତି ନାହିଁ ? ତା'ହେଲେ ଉଲ୍ଲସି ଉଠନ୍ତା ଏ ତନୁ-ମନ !!

• ମାର୍ଫତ : ଶ୍ରୀ ଗିରିଜା ପ୍ରସାଦ ବସୁ
ସି-୧୯୮, ପ୍ରିୟଦର୍ଶିନୀ ମାର୍ଗ,
ବ୍ୟାସ ନଗର, ଯାଜପୁର-୭୫୫ ୦୧୯

Digitized by srujanika@gmail.com

ସାହିତ୍ୟପୁରୁଷ ମନୋଜ ଦାସ

ଡକ୍ଟର ପ୍ରସନ୍ନ କୁମାର ମିଶ୍ର

ବାଲେଶ୍ୱର ନଗରନିବାସୀ ବୁଦ୍ଧିମାନ ଜନସମୁଦାୟ ଓଡ଼ିଶାର କୃତବିଦ୍ୟ ସାହିତ୍ୟିକ ମନୋଜ ଦାସଙ୍କୁ ସମ୍ବର୍ଦ୍ଧନା ଦେବାକୁ ନିଷ୍ପତ୍ତି କରିଥିବା ଆନନ୍ଦର ବିଷୟ । ଏହା ଏକ ସୁସ୍ଥ ପରମ୍ପରା ଓ ବାତାବରଣ ସୃଷ୍ଟି କରିବ । ବାଲେଶ୍ୱର (ଅବିଭକ୍ତ) ଜିଲ୍ଲାର ଜଣେ ସନ୍ତାନରୂପେ ଓ ସାହିତ୍ୟର ଜଣେ ସୃଜନକର୍ମୀଭାବେ ପ୍ରସ୍ତାବିତ ସମ୍ବର୍ଦ୍ଧନା ସମାରୋହରେ ଏହାକୁ ମୋର ଯୋଗଦାନ ରୂପେ ଗ୍ରହଣ କଲେ ଧନ୍ୟହେବି ।

ସାହିତ୍ୟ କ୍ଷେତ୍ରରେ ଯୋଗ ଦିଅନ୍ତି ଅନେକ, ତହିଁରୁ ପୁରସ୍କୃତ ହୁଅନ୍ତି ଅଳ୍ପ କେଇଜଣ । କିନ୍ତୁ ଜନସମୁଦାୟର 'ସମ୍ବର୍ଦ୍ଧନା' ପାଆନ୍ତି କ୍ୱଚିତ୍ । ଅର୍ଥାତ୍ ଯେଉଁ ସୃଜନଶିଳ୍ପୀ ବୁଦ୍ଧିମାନ୍ ଜନତାର ଚିତ୍ତ ହରଣ କରି ଶ୍ରଦ୍ଧାଭାଜନ ହୋଇଥାନ୍ତି ସେ ହିଁ କେବଳ ଲାଭ କରନ୍ତି ଏ ପ୍ରକାର ସମ୍ବର୍ଦ୍ଧନା, ଯାହା ସମସ୍ତ ଆନୁଷ୍ଠାନିକ ପୁରସ୍କାରଠାରୁ ବଡ଼ ଓ ମହତ୍ତର ବୋଲି ବିବେଚିତ ହୋଇଥାଏ । କହିବା ବାହୁଲ୍ୟ ମନୋଜ ଦାସଙ୍କ ସୃଷ୍ଟି ଓ ବ୍ୟକ୍ତିତ୍ୱ ପ୍ରତି ସମଗ୍ର ରାଜ୍ୟର ପାଠକଗୋଷ୍ଠୀ ଶ୍ରଦ୍ଧା ନିବେଦନ କରି ଆସିଛନ୍ତି । ଆମ ସମୟର ସେ ହିଁ ଏକମାତ୍ର ସାହିତ୍ୟ-ପୁରୁଷ ଯିଏ ଗତ ପଞ୍ଚ ଦଶନ୍ଧି ମଧ୍ୟରେ କୌଣସି ଅସାହିତ୍ୟିକ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି, କିମ୍ବା କୌଣସି ସାହିତ୍ୟିକ ଦୁଷ୍କର୍ମ କରିଥିବା ଆମକୁ ଜଣାନାହିଁ । ଆଜିର ଏ ଧରାଧରି ଓ ଲବିର ଯୁଗରେ ଆପଣାର ସ୍ୱାଭିମାନ ଓ ଭାବମୂର୍ତ୍ତିକୁ ବଜାୟ ରଖିବା ପଛରେ ତାଙ୍କର ସାହିତ୍ୟିକ ମହତ୍ତ୍ୱାକାଂକ୍ଷା ହିଁ ନିହିତ ଅଛି । ସମସ୍ତ ପୁରସ୍କାର ତାଙ୍କ ନିକଟକୁ ଆସିଛି, ସେ କାହା ପାଖକୁ ଯାଇନାହାନ୍ତି । ଏହା ମନୋଜ ଦାସଙ୍କ ସଫଳତାର କଥା କହେ ।

ରଚନାର ବିପୁଳତା, ବୈଚିତ୍ର୍ୟ ଓ ମହତ୍ତ୍ୱ ଦୃଷ୍ଟିରୁ ମନୋଜ ଦାସ ଯେ ଆମ ସମୟର ଶ୍ରେଷ୍ଠ କଥାକାର ଏହା ଉଲ୍ଲେଖ କରିବାରେ ମୋର ସାମାନ୍ୟ ଦ୍ୱିଧାନାହିଁ । ବାଳକାବସ୍ଥାରୁ ଆଜି ପର୍ଯ୍ୟନ୍ତ ତାଙ୍କର ସାହିତ୍ୟ-ସାଧନା ବିରତିହୀନ-ଓଡ଼ିଆ ଭାଷା ପାଇଁ ଏହା କମ୍ ଗୌରବର କଥାନୁହେଁ । କୌଣସି ପ୍ରକାରର ସାହିତ୍ୟାତିରିକ୍ତ ବାସନା ଦ୍ୱାରା ଆକୃଷ୍ଟ ହୋଇ ସେ କେବେ ବି ସୃଜନକର୍ମରୁ ଛୁଟି ନେଇ ନାହାନ୍ତି ।

Digitized by srujanika@gmail.com

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କଲାଭଳି ପ୍ରତିଭା ମନୋଜ ଦାସଙ୍କଠାରେ ନିହିତ ଥିଲା । ଛାତ୍ରାବସ୍ଥାରେ ସେ ଛାତ୍ରସଂଘ ତରଫରୁ ନିର୍ବାଚନ ଜିତି ଫକୀରମୋହନ କଲେଜ ୟୁନିଅନ୍‌ର ସଭାପତି ପଦ ମଣ୍ଡନ କରିଥିଲେ । ଅବଶ୍ୟ, ୧୯୫୦-ଦଶକରେ ଛାତ୍ର-ରାଜନୀତିରେ ମଧ୍ୟ ସଦ୍‌ଗୁଣ (Merit)ର ଭୂମିକା ଉତ୍ସାହଜନକ ଥିଲା । ଛାତ୍ର-ଜୀବନର ସେହି ସଫଳତା ଓ ସୁନାମ ତାଙ୍କ ଭିତରେ 'ଲାଳସା' ସୃଷ୍ଟି କରି ପାରି ନଥିଲା । ଏକ ନିରୁତା ସାହିତ୍ୟିକ ଜୀବନ ତାଙ୍କୁ ଆକୃଷ୍ଟ କରିଥିଲା । ସେଇପରି ମନୋଜ ଦାସଙ୍କ ରଚନା ଓ ବାର୍ତ୍ତାଳାପର ଅନୁଧ୍ୟାନ କଲେ ଜଣାଯାଏ ସେ ଜଣେ ଉତ୍କୃଷ୍ଟ ଧରଣର ଶିକ୍ଷାବିତ୍ ଓ ମୌଳିକ ଦୃଷ୍ଟିସଂପନ୍ନ ସମାଜଶାସ୍ତ୍ରବିତ୍ (Social Philosopher) ହୋଇପାରିଥା'ନ୍ତେ । କିନ୍ତୁ 'ଗୁରୁ' ବନିବାର ସାମାନ୍ୟତମ ମୋହ ସେ ପ୍ରଦର୍ଶନ କରି ନାହାନ୍ତି । ସୃଜନକର୍ମ ପ୍ରତି ଅଙ୍ଗୀକୃତ ଜୀବନ ତାଙ୍କୁ ପ୍ରିୟତର ମନେ ହୋଇଛି, ଯା'ଫଳରେ ତାଙ୍କର ବିପୁଳ ଅନୁଭବ, ଉପଲବ୍ଧି ଓ ପାଣ୍ଡିତ୍ୟ ସାହିତ୍ୟ ସୃଷ୍ଟିରେ ନିବେଦିତ ହୋଇପାରିଛି ଏବଂ ସର୍ବୋତଭାବେ ଲାଭ ହୋଇଛି ଓଡ଼ିଆ ସାହିତ୍ୟର ।

ମନୋଜ ଦାସ ଜଣେ ସଂପୂର୍ଣ୍ଣ ସର୍ଜନଶୀଳ ବ୍ୟକ୍ତି, କେବଳ କବିତା, ଗପ କି ଉପନ୍ୟାସରେ ନୁହେଁ, ବାର୍ତ୍ତାରେ, ଆଳାପରେ, ବକ୍ତୃତାରେ, ଭ୍ରମଣ ସାହିତ୍ୟରେ, ସଂପାଦକୀୟରେ, ଖବରକାଗଜୀୟ ସ୍ତମ୍ଭରଚନାରେ, ରିପୋର୍ତାଜ୍‌ରେ ଏବଂ ତାତ୍ତ୍ୱିକ ପ୍ରବନ୍ଧ କ୍ଷେତ୍ରରେ ତାଙ୍କର ସୃଜନଶୀଳତା ଫୁଟି ଉଠିଚି ।

ସକଳ ପ୍ରକାରର ଯୁଦ୍ଧ, ରକ୍ତକ୍ଷୟ ଓ ସାଂସ୍କୃତିକ ଅବକ୍ଷୟ ସତ୍ତ୍ୱେ ବିଂଶ ଶତାବ୍ଦୀରେ ଭାରତୀୟ ସାହିତ୍ୟରେ ତଥା ବିଶ୍ୱ ସାହିତ୍ୟରେ ଯେଉଁ ମାନବବାଦୀ ଦୃଷ୍ଟିକୋଣର ଭୂୟୋବିକାଶ ଘଟିଅଛି ମନୋଜ ଦାସଙ୍କ ସୃଷ୍ଟି ସମ୍ଭାର ତା'ର ପରିପୂରକ । ରବୀନ୍ଦ୍ରନାଥ ଠାକୁରଙ୍କ ସଦୃଶ ସେ 'ଜୀବନ-ଦେବତା'ର ଉପାସକ । ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ କେବେ କେଉଁଠି ତାଙ୍କୁ ରୁଧିରାକ୍ତ କରିଥିଲେ ହେଁ (ଯେପରି ପ୍ରଭଂଜନରେ) ଜୀବନ ପ୍ରତି ଶ୍ରଦ୍ଧା ଓ ସମ୍ମାନ ତାଙ୍କୁ ଉତ୍ତୀର୍ଣ୍ଣ ହେବାରେ ସାହାଯ୍ୟ କରିଛି । 'ଲକ୍ଷ୍ମୀର ଅଭିସାର' ଭଳି ସରଳ ବିଶ୍ୱାସନୀୟ ଜୀବନ ଚର୍ଯ୍ୟାଠାରୁ ଆରମ୍ଭ କରି ସମାଜର କଠିନତମ ବ୍ୟବସ୍ଥା ଓ ଦ୍ୱନ୍ଦ୍ୱପୂର୍ଣ୍ଣ ମାନସିକ ସନ୍ତୁଳନର ବିଚାର କ୍ଷେତ୍ରରେ ସେ ଯେଉଁ ସାହିତ୍ୟିକ ନିରପେକ୍ଷତା ଅବଲମ୍ବନ କରିଛନ୍ତି, -ତାହା କେବଳ ଜଣେ କାଳାକାରର ସଦ୍‌ଭାବ ନୁହେଁ, -ଜଣେ ଜୀବନଭକ୍ତର ଶ୍ରଦ୍ଧାସୁମନ । ପାତ୍ର-ପାତ୍ରୀଙ୍କୁ ପାପୀ ବା ଅପରାଧୀ କହି ଦଣ୍ଡ ପାଇଁ ସୁପାରିଶ କରିବାର ଯୁଗ ଚାଲିଯାଇଛି ସାହିତ୍ୟରୁ । ଲେଖକ ତା' ଭୂମିକା ସ୍ପଷ୍ଟ କରିଦେଇଛି ଯେ ସେ 'ପାପୀ'କୁ ଦେଖୁନି, ଜୀବନଧାରାକୁ ଦେଖୁଚି ।

Digitized by srujanika@gmail.com

ଇଂଲଣ୍ଡରୁ ଇଣ୍ଡୋନେସିଆ ଯାଏଁ ପରିବ୍ୟାପ୍ତ ସୁବିଶାଳ ମାନବଜୀବନର ଭାବୋଚ୍ଛ୍ୱାସ ତାଙ୍କ ଅନୁଭୂତିର ପରିସରଭୁକ୍ତ; ତାହା ହିଁ ତାଙ୍କ ଜୀବନର ଅବବୋଧକୁ ପ୍ରଶସ୍ତ ଓ ଦୃଷ୍ଟିକୋଣକୁ ଉଦାର କରିଛି । ତାଙ୍କର ନିଜସ୍ୱ ଇଗୋ ମିଳେଇ ଯାଇଛି । ଏଇଥିପାଇଁ ହୁଏତ ତାଙ୍କ ସୃଷ୍ଟ ପାତ୍ର-ପାତ୍ରି ଓ ଘଟଣାବଳୀ ଏତେ ନିଆରା ଲାଗନ୍ତି ।

ବ୍ୟକ୍ତିଗତ ସ୍ତରରେ ମନୋଜ ଦାସଙ୍କ ସହିତ ମୋର ଆଳାପ-ପରିଚୟ ଏକାନ୍ତ ସୀମାବଦ୍ଧ, କେବେ କେମିତି ସଭା-ସମିତିରେ ସାକ୍ଷାତ୍ । ଶାନ୍ତିନିକେତନରୁ ପାଠସାରି ମୁଁ ଓଡ଼ିଶା ଆସିଲାବେଳକୁ ସେ 'ଦିଗନ୍ତ'ରେ ଡୋର ବାନ୍ଧି ପଣ୍ଡିଚେରୀ ଯାଇ ସାରିଲେଣି । ତେବେ ମୁଁ ସବୁବେଳେ ତାଙ୍କୁ ବଡ ଭାଇ ଜ୍ଞାନ କରି ଆସିଛି । ଥରେ, 'ପ୍ରଜାତନ୍ତ୍ର'ର ବିଷୁବ ମିଳନ ଅବସରରେ ଅନ୍ତିମ ଦିନ ଆମପାଇଁ ବିଷୁବ କମିଟି (ହରିହର ମାହାପାତ୍ର ଜୀବିତ ଥିଲେ) ସରକାରୀ ସର୍କିଟ୍ ହାଉସ୍‌ରେ ଭୋଜନ ବ୍ୟବସ୍ଥା କରିଥିଲେ । ସେଦିନ ମନୋଜ ଦାସଙ୍କ ସହିତ ଏକା ଟେବୁଲ୍‌ରେ ପାଖାପାଖି ବସିବାର ସୁଯୋଗ ମୋତେ ମିଳିଥିଲା । କବି ବ୍ରଜନାଥ ରଥଙ୍କ ସମେତ ସାନ-ବଡ଼ ସାହିତ୍ୟିକ ଭାଇମାନେ ବି ଥିଲେ । ଭୁଲ୍ କ୍ରମେ ଆମିଷ ପ୍ଲେଟ୍‌ଟି ମୁଁ ମନୋଜ ଦାସଙ୍କ ଆଡ଼କୁ ବଢ଼େଇ ଦେଇ ଲଜ୍ଜିତ ହୋଇଥିଲି । ସେ ପର୍ଯ୍ୟନ୍ତ ମୁଁ ଜାଣି ନଥିଲି ମନୋଜ ଦାସ ନିରାମିଷହାରୀ ବୋଲି । ପରେ ଖବର କାଗଜରୁ ('ସମାଜ' ପୃଷ୍ଠାରୁ) ତାଙ୍କର ଧାରାବାହିକ ଭ୍ରମଣ କାହାଣୀ ପଢ଼ି ଜାଣିଲି ଏକଦା ଜାଭା-ସୁମାତ୍ରାଦି ଦ୍ୱୀପରେ (ଦକ୍ଷିଣ-ପୂର୍ବଏସିଆ) ସେ ଖାଇବା ପାଇଁ କି ଭଳି ଅସୁବିଧାରେ ସମ୍ମୁଖୀନ ହୋଇଥିଲେ ।

ଏଠାରେ କହି ରଖିବା ଉଚିତ ଯେ ମନୋଜ ଦାସ ହେଉଛନ୍ତି ଆମ ସମୟର ସର୍ବପ୍ରଧାନ ଲେଖକ ଯିଏ ଓଡ଼ିଶାର ପାଠକଙ୍କ ପାଇଁ ଦକ୍ଷିଣ-ପୂର୍ବ-ଏସିଆର ସାମାଜିକ ଓ ସାଂସ୍କୃତିକ ଅନୁଭବଗୁଡିକ ସିଧାସଳଖ ବ୍ୟକ୍ତ କରିଛନ୍ତି । ଭ୍ରମଣ-ସାହିତ୍ୟରେ ଏ ପର୍ଯ୍ୟନ୍ତ ୟୁରୋପ-ଆମେରିକା ଅନୁଭୂତିର ରାଜଭାଗ ଚାଲିଛି; ଏସିଆ ମହାଦେଶ ଅବହେଳିତ । ଏକଦା ହଜାର ହଜାର ଓଡ଼ିଆ ଶ୍ରମିକ, ବଣିକ ଓ କାରିଗର ବ୍ରହ୍ମଦେଶକୁ ଯାଇ ବସତି ସ୍ଥାପନ କରିଥିଲେ ଓ ସେଠାରେ ସାମାଜିକ ଅର୍ଥନୈତିକ ବାତାବରଣରେ ସାମିଲ୍ ହୋଇଥିଲେ (ମୋର କୈଶୋର କାଳରେ ହିଁ ସେମାନେ ବିତାଡିତ ହୋଇ ଓଡ଼ିଶା ଫେରି ଆସିଛନ୍ତି) । କିନ୍ତୁ କେଉଁ ଲେଖକର ଦୃଷ୍ଟି ପଡି ନଥିବାରୁ ସେଇ ଦୁର୍ଲଭ-ସଂସର୍ଗର କାହାଣୀ ଲିପିବଦ୍ଧ ହୋଇ ରହି ପାରିଲାନି, ସମୟ ଗର୍ଭରେ ହଜିଗଲା । ଭାବିଲେ ଦୁଃଖ ଲାଗେ, ଏସିଆ ମହାଦେଶର ଦୂର ଦୂର ଜାଗାକୁ ଆମ ଓଡ଼ିଆ ଭାଇମାନେ କ'ଣ ଯିବାର ସୁଯୋଗ ପାଇନାହାନ୍ତି ! ସାଦା ବିବରଣୀର ଅଭାବ ନାହିଁ, କିନ୍ତୁ ଅନ୍ତରଙ୍ଗ ଜୀବନର ଚିତ୍ର ତ କେବଳ ମନୋଜ ଦାସଙ୍କ ପରି କେଇଜଣ ଦେଇପାରିବେ । ପୂର୍ବରୁ ପ୍ରକାଶିତ କୁଂଜବିହାରୀ ଦାଶଙ୍କ 'ଲଙ୍କାଯାତ୍ରା' ଓ ସୁରେନ୍ଦ୍ର ମହାନ୍ତିଙ୍କ 'ପେକିଂ ଡାଏରି' ସେ ଦିଗରେ

Digitized by srujanika@gmail.com

ଦୁଇଟି ଦୁର୍ଲଭ ରଚନା । କିନ୍ତୁ କେଉଁ ଦ୍ୱୀପସମୂହ ସହିତ ଓଡ଼ିଶାର ରାଜନୈତିକ, ବାଣିଜ୍ୟିକ ଓ ସାଂସ୍କୃତିକ ସଂପର୍କ ଅତି ପୁରୁଣା ବୋଲି ଜାତୀୟବାଦୀ ଓ ଓଡ଼ିଆମାନେ ଦୃଢ଼କଣ୍ଠରେ ଘୋଷଣା କରି ଆସୁଛନ୍ତି -ସେଇ ସବୁ ଦେଶ-ରାଜ୍ୟ-ଦ୍ୱୀପାଦିର ଅନ୍ତରଙ୍ଗ ଜୀବନର କଥା କିଏ କହିଲେ କି ଆମକୁ ? ହଁ, କହିଲେ, ମନୋଜ କହିଲେ, ମନୋଜ ଦାସ କହିଲେ, ବିଭିନ୍ନ ପ୍ରସଙ୍ଗରେ ।

ଭାରତବର୍ଷର ସାଂସ୍କୃତିକ ବିକାଶଧାରା ସହିତ ମନୋଜ ଦାସଙ୍କ ଯେଉଁ ପରିଚୟ ଅଛି ତା'ର ଗଭୀରତା ଜଣାପଡେ 'ଅନ୍ତରଙ୍ଗ ଭାରତ' ପଢ଼ିଲେ । ସର୍ବପ୍ରାଚୀନ ମୁଦ୍ରାଠୁଁ ଆରମ୍ଭକରି ସର୍ବାଧୁନିକ ଚିତ୍ରକଳାଯାଏଁ ମନୋଜ ଦାସଙ୍କ ଦୃଷ୍ଟିର ପରିସରଭୁକ୍ତ । ସମୁଦାୟ ଭାରତଟାକୁ ସେ ଚେତନାରେ ଧରି ବୁଲୁଛନ୍ତି, ସବୁଟା ତାଙ୍କ ଅବବୋଧ ଭିତରେ ଅଛି ।

କାଲି ଭଳି ଲାଗୁଚି ଏମ୍.ଏଫ୍. ହୁସେନ୍‌ଙ୍କ ବିବାଦୀୟ 'ସରସ୍ୱତୀ' ଚିତ୍ର ସଂପର୍କରେ ମନୋଜ ଦାସଙ୍କ ଅନୁଲେଖ (ଦୈନିକ 'ସମାଜ' ପୃଷ୍ଠାରେ) ଓ ଅଭିମତ ପଢ଼ି ଖୁସି ହୋଇଥିଲି । ଅନେକଟା ମୋର ମତାମତ ସହିତ ମିଳିଯାଉଥିଲା ବୋଲି ନୁହଁ, ବାସ୍ତବରେ ମନୋଜ ବାବୁଙ୍କ ମୂଲ୍ୟାୟନ ଥିଲା ଏକାନ୍ତ ଡିସିସିଭ୍ ବା ନିଷ୍ପତ୍ତିମୂଳକ । ମନୋଜ ଦାସଙ୍କ ମତରେ ହୁସେନ୍‌ଙ୍କ ନଗ୍ନ 'ସରସ୍ୱତୀ' ଥିଲା ମୁଖ୍ୟତଃ ଚାଞ୍ଚଲ୍ୟ ସୃଷ୍ଟିକରି ଶସ୍ତା ଜନପ୍ରିୟତା ଅର୍ଜନ କରିବାପାଇଁ ଅଭିପ୍ରେତ । ତା' କେବେ କାହାରି କଳା-ପିପାସାକୁ ଚରିତାର୍ଥ କରିବାପାଇଁ ଉଦ୍ଦିଷ୍ଟ ଥିଲା ବୋଲି ମନେହୁଏନା । ମୁଁ ମଧ୍ୟ ସେଇଆ ଭାବୁଥିଲି । ବିବାଦ (ଗଣ ମାଧ୍ୟମରେ) ଚାଲିଥିବାବେଳେ ମୋତେ ଯେଉଁମାନେ ପ୍ରଶ୍ନ କରୁଥିଲେ- ମୁଁ ତାଙ୍କୁ କହୁଥିଲି ଯେ, ଭାରତବର୍ଷର ସର୍ବମାନ୍ୟ 'ମାତୃମୂର୍ତ୍ତିମାନଙ୍କୁ' ଯୌନାବେଗ ଭିତରକୁ ଟାଣିଆଣିବାଟା କଦାପି ଆଧୁନିକତା କିମ୍ବା ଉତ୍ତର ଆଧୁନିକତା ପର୍ଯ୍ୟାୟଭୁକ୍ତ ହୋଇ ପାରିବନି । ହଜାର ହଜାର ବର୍ଷଧରି ଭାରତ ବର୍ଷରେ ରସିକ ସୃଜନଶିଳ୍ପୀମାନେ ଅଗଣିତ ଶୃଙ୍ଗାର ମୂର୍ତ୍ତି ପ୍ରସ୍ତୁତ କରିଛନ୍ତି-କାବ୍ୟରେ, ଚିତ୍ରକଳାରେ ଓ ସ୍ଥାପତ୍ୟରେ । କିନ୍ତୁ ସେମାନେ ମାତୃକଳ୍ପାଙ୍କ ସାର୍ବଜନୀନ ମାତୃଆବେଦନପ୍ରତି ଆକ୍ଷେପ ବା ଅବମାନନା କରି ନାହାନ୍ତି ! ଯାହାଫଳରେ ଲକ୍ଷ୍ମୀ, ପାର୍ବତୀ ଓ ସରସ୍ୱତୀ ଆଜିଯାଏଁ ଶୃଙ୍ଗାର-କଳ୍ପନାରୁ ଊର୍ଦ୍ଧ୍ୱରେ ରହି ଆସିଛନ୍ତି । ମୁଁ ବିଶ୍ୱାସ କି ଧର୍ମର କଥା କହୁନି, କହୁଚି ସର୍ବକାଳୀନ ଲୌକିକ ଚେତନା କଥା, ଏହି ଚେତନାର ଉଲ୍ଲଙ୍ଘନ କଦାପି ସୁକୃତି ନୁହେଁ, ଏକ ବିକୃତି ନିଶ୍ଚୟ ।

କଥାକାର ମନୋଜ ଦାସଙ୍କ ଦୁଃଖ କ'ଣ ମୁଁ ଜାଣେନି । ତେବେ ନିଜର ଅନ୍ତରଙ୍ଗ ଦୁଃଖକୁ ଫୁଲକରି ଫୁଟାଇବାରେ ତାଙ୍କ ପରି ନିପୁଣ କଳାକାର ଯେଉଁ ଭାଷାରେ ଲେଖନ୍ତି, ସେ ଭାଷା ଦିନକୁ ଦିନ ସମୃଦ୍ଧ ହେବ ସିନା ମଉଳିଯିବନି ।

• ୪୩୭-ସି, ସେ-୬, ବିଡାନାସି, କଟକ-୧୪

Digitized by srujanika@gmail.com

ଅନ୍ୟ ଏକ ଆବୁପୁରୁଷ

ଗୁରୁ ମହାନ୍ତି

ମନୋଜ ଦାସଙ୍କ ନାମ ମୁଁ ଶୁଣିଥିଲି ପ୍ରଥମେ ପ୍ରାୟ ୧୯୫୬-୫୭ ମସିହାରେ । ମୁଁ ସେତେବେଳେ ବ୍ରହ୍ମପୁର ଖଲ୍ଲିକୋଟ କଲେଜର ଆଇ.ଏ. ଶ୍ରେଣୀର ଛାତ୍ର । ସର୍ବଭାରତୀୟ ସ୍ତରରେ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ଭିତରେ ଏକ ଯୁବ ସମ୍ମେଳନ (Youth Festival) ଦିଲ୍ଲୀରେ ଅନୁଷ୍ଠିତ ହେଉଥାଏ । କଲେଜସ୍ତରରୁ ଛାତ୍ର-ଛାତ୍ରୀମାନେ ପ୍ରାଦେଶିକ ସ୍ତରରେ ବଛାହୋଇ ସେଠାରେ ଅଂଶ ଗ୍ରହଣ କରୁଥିଲେ । ସେ ବର୍ଷ ଓଡ଼ିଶାର ଛାତ୍ରମାନେ ଯେଉଁ କୋରସ୍ ଦିଲ୍ଲୀ ଯୁବସମ୍ମେଳନରେ ଉପସ୍ଥାପନ କରିଥିଲେ, ତାହା ମନୋଜ ଦାସ ରଚନା କରିଥିଲେ । ତାହା ଥିଲା ଏକ ଚମତ୍କାର ରଚନା । ମୋର ଶାରୀରିକ ଅସୁସ୍ଥତା ଯୋଗୁ ମୁଁ ଦିଲ୍ଲୀ ସମ୍ମେଳନରେ ଯୋଗଦେଇ ନପାରିଥିଲେ ମଧ୍ୟ, କଲେଜରେ ତାହା ଅଭ୍ୟାସ କରୁଥିବା ଯୋଗୁଁ ଓ ତାହା ଏକ ଚମତ୍କାର ରଚନା ହୋଇଥିବାରୁ, କେତୋଟି ଧାଡି ଏବେ ବି ସ୍ମୃତିକୁ ଚହଲାଇ ଦିଏ -

> "ଲହରୀ ଉତ୍ତାଳରେ
> ତରଣୀ ସମ୍ଭାଳରେ
> ଗଗନେ ଘୋଟିଛି ଅନ୍ଧକାର....ମାଝିଭାଇରେ...."

ଏହାଥିଲା ତାଙ୍କ ନାମ ସହ ମୋର ପରିଚୟ । ତାଙ୍କ କବିତା ସହ ପରିଚୟ ହୁଏ ..'ତରଙ୍ଗ'ରେ ପ୍ରକାଶିତ ତାଙ୍କ କ୍ଷୁଦ୍ର କବିତାଟି ପାଠକରି । ୧୯୫୮-୫୯ ବେଳର ସେ କଥା । 'ତରଙ୍ଗ' ଯେତେବେଳେ କଟକର ପ୍ରଫେସରପଡାରୁ ପ୍ରକାଶ ପାଉଥିଲା । ସମୟର ଛବି ସ୍ମୃତିରେ ଝାପ୍‌ସା ଦିଶିବା ଆରମ୍ଭ କଲାଣି । ଅନେକ ସ୍ମୃତି, ତରଙ୍ଗ ପରି ହଜି ବି ଗଲାଣି । ଆଜି ବି କିନ୍ତୁ ସେଇ କ୍ଷୁଦ୍ର କବିତାର ପ୍ରଥମ କେତୋଟି ଧାଡି, ମନକୁ ଛୁଏଁ । ସେ କବିତା ମନୋଜ ବାବୁଙ୍କର ହୁଏତ ମନେ ବି ନ ଥାଇପାରେ-

> "ଅରଣ୍ୟର ତୃଣନେଇ ସବୁଜ ଚଞ୍ଚୁରେ,
> ଅରଣ୍ୟର ପଥଛାଡି ଏ ଦୂର ପ୍ରାନ୍ତରେ
> ଫେରିବାର ମାନେ କିଛି ହୁଏ,
> ବିହଙ୍ଗମରେ !"

Digitized by srujanika@gmail.com

ସେ କେତେ ଭାବରେ ରୋମାଣ୍ଟିକ୍ (ଭାବପ୍ରବଣ) ଏଇ କବିତାଟିକୁ ବୁଝିବାକୁ ଚେଷ୍ଟାକଲେ ବୁଝା ପଡିବ । ମୁଁ ତାଙ୍କୁ ରୋମାଣ୍ଟିକ୍ ନ କହି, ଭାବ ପ୍ରବଣ କହୁଛି, ସମସ୍ତ ଓଡ଼ିଆପ୍ରେମୀଙ୍କୁ ସାନ୍ତ୍ୱନା ଦେବାକୁ; ଶବ୍ଦଟି ମୋ ମନକୁ ଆଦୌ ଛୁଇଁ ନ ଥିଲେ ବି । ରୋମାଣ୍ଟିସିଜିମ୍ ଓ ଭାବ ପ୍ରବଣତା କ'ଣ ଏକ ଅର୍ଥ ବୋଧକ ଦୁଇଟି ଭାଷାର ଦୁଇଟି ଶବ୍ଦ କେବଳ ! ମୋର ଶବ୍ଦଜ୍ଞାନ ସୀମିତ, ଓଡ଼ିଆ ଭାଷାରେ ମନୋଜ ଦାସଙ୍କ ସଂପର୍କରେ ଲେଖୁଥିବା ହେତୁ, ଓଡ଼ିଆ ଶବ୍ଦଟିଏ ବ୍ୟବହାର କରିବାକୁ ମୁଁ କୁଣ୍ଠିତ ହେଲେ ବି, ନିରୁପାୟ । ତା' ଛଡା ଶବ୍ଦସଂଘର୍ଷ ଭିତରେ ପଶିଲେ ପଥ ହୁଡିଯିବାର ଆଶଙ୍କା ଯୋଗୁଁ ତାଙ୍କୁ ଭାବପ୍ରବଣ ଭାବରେ ବର୍ଣ୍ଣନା କରୁଛି ଏବଂ ଶବ୍ଦ ଦୁଇଟି ଉପରେ ଗୁରୁତ୍ୱ ଦେବାର ତାତ୍ପର୍ଯ୍ୟ ଏହି କି ଯେ; ଭାବପ୍ରବଣ ନ ହେଲେ କେହି କେବେ କ'ଣ ନିଜର ଗୋଟାଏ ସାମ୍ରାଜ୍ୟ ଗଢି ତା' ଭିତରେ ଘୂରି ବୁଲିବ, ନା ଆବଶ୍ୟକ ପଡିଲେ ଏବଂ ସେ ଆବଶ୍ୟକତା ମନକୁ ବିଶେଷ ଭାବରେ ଛୁଇଁଲେ, ନିଜ ଜୀବନକୁ ବାଜି ଲଗାଇ ପାରିବ, ନା ସାଂସାରିକ ଜଂଜାଳ ଭିତରେ ବୁଡି ରହୁଥିବା ଅବସ୍ଥାରେ ବି ଖସିଯାଇ ବୈରାଗ୍ୟକୁ ଆବୋରି ନେଇ ପାରିବ !

ସେଇ କାରଣରୁ ରାଜନୀତିକ ଜୀବନକୁ ସାମ୍ନାରେ ରଖି ବୋଧେ ସେ ଦିନେ ରାଜନୀତିରେ କାଦୁଅ ଚକଟିବାକୁ ବି କୁଣ୍ଠାବୋଧ କରୁ ନଥିଲେ, ଯଦିଓ ସେ-ଦିନର ଛାତ୍ର ରାଜନୀତି ଆଜିର ତୋଷାମଦି-ପାଦଚଟା ରାଜନୀତିକୁ ସ୍ପର୍ଶ କରି ନଥିଲା । ସେଥିରୁ ଅବ୍ୟାହତି ନେଇ ପଣ୍ଡିଚେରୀର ଆଶ୍ରମ-ଜୀବନ-ଅତିମାନସସ୍ତରୀୟ ବିଳାସକୁ ଗ୍ରହଣ କରିନେବା ଏତେ ତାତ୍ପର୍ଯ୍ୟପୂର୍ଣ୍ଣ ଯେ ତାଙ୍କର କୌଣସି ଏକ ଗଳ୍ପର ସେ ମଧ୍ୟ ଏକ ନାୟକ ତାଙ୍କ ଅଜାଣତରେ ପାଲଟି ଯାଇଛନ୍ତି । ସେ ପ୍ରଚଳିତ ସମାଜ, ସମାଜର ମଣିଷ, ଦେଶର ରାଜନୀତି, ଅର୍ଥନୀତି, ସାମାଜିକ ମଣିଷର ଜୀବନ-ଚର୍ଯ୍ୟାକୁ ତାଙ୍କ ତିର୍ଯ୍ୟକ ଦୃଷ୍ଟିଭଙ୍ଗି ପକାଇ, ଅନୁଧ୍ୟାନ କରୁଥିବା ଯୋଗୁଁ, ତାଙ୍କ ଭାଷା ଓ କହିବାର ଢଙ୍ଗ ମଧ୍ୟ ସାଧାରଣ ଗାଳ୍ପିକଙ୍କଠାରୁ ତାଙ୍କୁ ସ୍ୱତନ୍ତ୍ର କରିଛି । ତାଙ୍କ ପ୍ରତୀକଧର୍ମୀ ପ୍ରତ୍ୟେକ ଗଳ୍ପ ସେହି କାରଣରୁ ବ୍ୟଙ୍ଗାତ୍ମକ ହେବାର ସ୍ୱାଭାବିକତା ବହନ କିରଛି । ଅନେକ ଗଳ୍ପ ତାଙ୍କର କାଳ୍ପନିକ କଥାବସ୍ତୁ ଉପରେ ଲିଖିତ ହୋଇଛି, ପ୍ରତୀକଧର୍ମୀ ଚରିତ୍ର ବହନ କରିବା କାରଣରୁ । ସମାଜର କୁ-ସଂସ୍କାର ଓ ଅଂଧ ବିଶ୍ୱାସକୁ ମଧ୍ୟ ସେ ଅତି ଚତୁରତାର ସହ ବିଦ୍ରୂପ କରିଛନ୍ତି ଓ ଭାଷା ଓ ଶୈଳୀରେ ଭାରତୀୟ ଗଳ୍ପ ଲେଖକଙ୍କ ଠାରୁ ଏକ ଭିନ୍ନ ଦୂରତ୍ୱ ଦାବି କରନ୍ତି । ବିକୃତ ମାନସିକତାକୁ ରୂପ ଦେବାକୁ ଯାଇ ସେ ଯେଉଁ ଧାରା ଅବଲମ୍ବନ କରିଛନ୍ତି, ତାହା ତାଙ୍କ ପାଇଁ କେବଳ ନୁହଁ, ସେହି ସ୍ତରୀୟ ଗଳ୍ପ ଲେଖକଙ୍କ ପାଇଁ ଗୋଟିଏ ସହଜ ଧାରା ନ ହେଲେ ବି ଏକ ସୁ-ଚତୁର ଢଙ୍ଗରେ ବୋକା ବନାଇ, ବିନା ଦ୍ୱନ୍ଦ୍ୱରେ ଆଗେଇ

Digitized by srujanika@gmail.com

ଯିବାର ଶୈଳୀ । ସମସ୍ତଙ୍କୁ ଶତ୍ରୁ, ନିର୍ଲଜ୍ଜ ଓ ବୋକା ଭାବରେ ରୂପ ଦେଇ ବି, ଶତ୍ରୁତା ଅର୍ଜନଠାରୁ ଦୂରେଇ ରହିବାର ଏକ ବିଚକ୍ଷଣ ପ୍ରତିଶ୍ରୁତି ।

ସେଥିପାଇଁ ତ ସେ ଭିନ୍ନ । ଓଡ଼ିଆ ସାହିତ୍ୟ କାହିଁକି, ସର୍ବ ଭାରତୀୟ ସାହିତ୍ୟରେ ସେ ଏକ ଅନନ୍ୟ ପ୍ରତିଭା । ତାଙ୍କର ଟିପ୍ପଣୀ "ବହୁ ଦୁର୍ବଳତାର ଆଧାର ଏ ଲେଖକଟିର...." ନ ହୋଇଥିଲେ ଏ ପ୍ରକାର ପରିପ୍ରକାଶ ହୋଇ ନ ଥାନ୍ତା । ବହୁ ଦୁର୍ବଳତା ତ ଜିନିୟସର ଉତ୍ତରଣର ପାହାଡ ।

ମୁଁ ତାଙ୍କ ଲେଖାର ତର୍ଜମା କରିବାର ଧୃଷ୍ଟତା ଆଦୌ କରୁନାହିଁ । ମୋର ସେଥିପାଇଁ ପ୍ରସ୍ତୁତି ନାହଁ କି ବୈଦଗ୍ଧ୍ୟ ବି ନାହିଁ । ଜଣେ ନିଛକ ପାଠକ ଭାବରେ ତାଙ୍କ ଦୃଷ୍ଟିଭଙ୍ଗିକୁ ନିରୀକ୍ଷଣ କରି ଆସିଛି ଏବଂ ଜଣେ ଗାଳ୍ପିକ ଭାବରେ କୌଣସି ବ୍ୟତିକ୍ରମ୍ ଚରିତ୍ରର ସୂଚନା ନ ମିଳିଲେ ଗଳ୍ପ ଲେଖିବାର ଖୋରାକ ଉପାର୍ଜନ କରାଯାଇ ପାରେନାହିଁ-ରେ ଯେଉଁମାନେ ବିଶ୍ୱାସ କରନ୍ତି, ମୁଁ ସେମାନଙ୍କ ସହ ସଂପୂର୍ଣ୍ଣ ସହମତ ହୋଇ ରହି ଆସିଛି ।

ମନୋଜ ଦାସ ସମୁଦ୍ର କୂଳିଆ ମଣିଷ । ଶୈଶବ କଟିଛି ଗାଁରେ । ସମୁଦ୍ରର ଉତ୍ତାଳ ତରଙ୍ଗ, ବେଳାରେ ସେଇ ତରଙ୍ଗର ଧାରାବାହିକ ମଥା ପିଟିବାର ଓ ଧକ୍କାଖାଇ ଫେରିଯିବାର କାରୁଣ୍ୟ, ବାଲିର ପାହାଡ, ଜୁଆର-ଭଟ୍ଟା ଓ ଜୁଆର ଭଟ୍ଟା ଜନିତ ସମୁଦ୍ରର ମିଶିଥିବା ନଦୀ ସବୁର ଅଦ୍‌ଭୁତ-ମୁହୂର୍ମୁହୁ ପରିବର୍ତ୍ତନମାନ ତାଙ୍କ ଜୀବନର ସାଥୀ ହୋଇ ରହିଯାଇଛନ୍ତି, ସେଇ ଶୈଶବରୁ । ସମୁଦ୍ର ଓ ତାଙ୍କ ଅଞ୍ଚଳ ତାଙ୍କ ଅବ୍‌ସେସନ୍ । ସେ ତାକୁ ଛାଡି ନାହାନ୍ତି -ଛାଡିବି ପାରିବେ ନାହିଁ । ସମୁଦ୍ର କୂଳିଆ ମଣିଷର ଅଭିଜ୍ଞତା ଯେତିକି ବିସ୍ତୃତ, ତାର ଜିଜ୍ଞାସା ମଧ୍ୟ ସେତିକି ଦୀର୍ଘ । ସମୁଦ୍ର କୂଳିଆ, ନଦୀ-ନାଳ କୂଳିଆ କିମ୍ବା ପାହାଡ ଘେରିଆ ଅଞ୍ଚଳର ମଣିଷ ବା ସହରୀ ମଣିଷର ଚେତନାକୁ ତାହା ସ୍ପର୍ଶ କରେନାହିଁ । ଶୁଖିଲା ନଈ ପାରହୋଇ ଯାଇଥିବା ମଣିଷ ଘଣ୍ଟାକ ପରେ ଫେରି କେବଳ ନଦୀବଢିକୁ ଉପଭୋଗ କରେ ନାହିଁ, ଶଙ୍କି ବିଯାଏ । ରାତିରେ ସେଇ ଜୁଆରିଆ ନଈରେ ଡଙ୍ଗା ଭିତରେ ମାଛଧରା, ଆଲୁଅକୁ ଦେଖି ଡଙ୍ଗା ଭିତରକୁ ଡେଇଁ ପଡୁଥିବା ମାଛ, ଜାଲରେ ଛନ୍ଦି ହେଇଥିବାର ଦୃଶ୍ୟ । ଝଡରେ ସମୁଦ୍ରର ଭୀଷଣତା, ସବୁ ଜୀବନ ପରି ଆପଣାର । ଜୀବନର ପରିବ୍ୟାପ୍ତି । ମହାର୍ଘ ସେଇ ବ୍ୟାପ୍ତିର ପରିଚୟ ମନୋଜ ଦାସ ।

ବାଲିଆପାଳ ଘାଟୀ ବିରୋଧୀ ଆନ୍ଦୋଳନ ଓ ଚିଙ୍ଗୁଡି ଚାଷ ବିରୋଧୀ କାର୍ଯ୍ୟକ୍ରମ ମାନ ମୋତେ ତାଙ୍କ ଅଞ୍ଚଳ ସହ ପରିଚୟ କରାଇଦେଲା ବହୁ ଭାବରେ । ସେଠି ମଣିଷଟେ ସ୍ୱପ୍ନକୁ ଜାବୁଡି ଧରି ଲହଡି ଓ ଝାଉଁର ସୁର୍ ଭିତରେ ସଂଗୀତ ପାଲଟି ବିସ୍ତାରିତ ହୋଇଯିବାର ସଂକେତ ମିଳେ; ଯାହା ଆଜି ମନୋଜ ଦାସ । ସେ ତେଣୁ ତାଙ୍କ ଆଞ୍ଚଳିକ ମାଟିକୁ, ସେ ପାରିପାର୍ଶ୍ୱିକ ଅବସ୍ଥାକୁ, କୋଳେଇ ଧରି, ପାଠକ ମନରେ ଜୁଆର

Digitized by srujanika@gmail.com

ସୃଷ୍ଟିକରି ଦେଶ ତମାମ୍ ଓ ଦେଶ ବାହାରେ ବୁଲୁଛନ୍ତି । ତାଙ୍କୁ ଆଡେଇଦେଇ ଗୋଟିଏ ଛିନ୍ନମୂଳ କ୍ୟାଲେଣ୍ଡର ସିଗାରେଟ୍ ବିଜ୍ଞାପନର ଲମ୍ବ ମଣିଷ ସାଜି ଆଗେଇ ଯାଇ ନାହାନ୍ତି । ସମୁଦ୍ର ପରି ସମୁଦ୍ରକୂଳିଆ ମନୋଜ ଦାସଙ୍କ ମନ ଯେ ସେଥିପାଇଁ ସମୁଦ୍ର ପରି କୁଆରିଆ, ତାହା କାହା ନିକଟରେ ଅଛପା ରହିନାହିଁ ।

ତାଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ ହୁଏ ସେଇ ୫୮-୫୯ ସମୟରେ, ସ୍ୱର୍ଗତ ନାରାୟଣ ବୀରବର ସାମନ୍ତଙ୍କ କଟକସ୍ଥ ଜୋବ୍ରା ଘରେ । ତାଙ୍କର ଜଣେ ସଂପର୍କୀୟ ଶାଳକ, ଯେ ଥିଲେ ମୋର ମଧ ସହପାଠୀ । ତାଙ୍କ ସହ ଯାଇ, ହୋଇଥିଲା ପ୍ରଥମ ଭେଟ । ମୁଁ ସେତେବେଳେ ରେଭେନ୍ସାର ୩ୟ ବର୍ଷର ଛାତ୍ର ଓ ସେ ବୋଧେ ରେଭେନ୍ସା ଛାଡିଥାନ୍ତି ନିକଟରେ । ସ୍ୱଳ୍ପଭାଷୀ ମଣିଷଟିକୁ ମୁଁ ସେଦିନରୁ ଲକ୍ଷ୍ୟକରି ଆସିଛି ।

ଆହୁରି ମନେପଡେ ତାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ଦିଗନ୍ତ' । 'ଦିଗନ୍ତ' ବୋଧେ ପ୍ରକାଶ ପାଉଥାଏ ଦୋଳମୁଣ୍ଡାଇ ଛକ ନିକଟ ସାମନ୍ତସାହି ଡ୍ରେନ କଡର 'ଯୁଗରୂପା' ମୁଦ୍ରଣ ସଂସ୍ଥାରୁ । 'ଦିଗନ୍ତ'କୁ ବି ଆଜିର ସାହିତ୍ୟିକ ଅନେକ ଦେଖି ନ ଥାଇ ପାରନ୍ତି । ଦେଖିଥିବା, ପାଠ କରିଥିବା ଓ ଲେଖା ପ୍ରକାଶ ପାଇଥିବା ଗୋଷ୍ଠୀ ଆଜି ବି ହୁଏତ ଭୁଲିଯାଇ ସାରିବେଣି । ମୋ ସ୍ମୃତିରେ ଦିଗନ୍ତରୁ 'ଦିଗନ୍ତ'ର ଆଭା ଏଯାବତ୍ ମଉଳି ଯାଇନାହିଁ । ସେ ସବୁ ଅନେକ କଥା । ପଚାରିଲେ ଭଗବାନ ନାୟକ ବର୍ମା, ତାଙ୍କ ସ୍ମୃତି ଚାରଣ କରି ହସି ହସି ଗଡିଯାଇ ପାରନ୍ତି ବା କବି ସୌଭାଗ୍ୟ ମିଶ୍ର ଖୁବ୍ ଗମ୍ଭୀର ଦେଖାଯାଇ ପାରନ୍ତି । 'ଦିଗନ୍ତ'ର ସ୍ମୃତିଚାରଣ କଲାବେଳେ ବକ୍ସି ବଜାର ପୋଷ୍ଟ ଅଫିସ ପାଚେରୀକୁ ଲାଗି ରହିଥିବା ପୀର ସାମ୍ନା କ୍ଷୀରୋଦ ମହାନ୍ତିଙ୍କ ଘରର ଉପର ମହଲା ବି ମନକୁ ହସି ହସି ଧାଇଁ ଆସି ଚିହ୍ନା-ଅଚିହ୍ନାର ଧୂପ୍-ଛାୟା ଭିତରେ ମୁହଁକୁ ଅନାଇ ଅଟକି ଯାଉଛି । ସେ ହୁଏତ ଭାବି ଚାଲିଛି, ସେ ମୋ ନିକଟରେ କେତେ ଜଣା ଆଉ କେତେ ଅଜଣା । ୧୯୬୧-୬୨ ଖ୍ରୀ ୧୯୬୨-୬୩ ହେବ ବୋଧେ । ତା'ର କଳେବରର ପରିବର୍ତ୍ତନ କିନ୍ତୁ ଘଟିଥିଲା ୧୯୬୫ରେ ଶ୍ରୀଯୁକ୍ତ ସଚ୍ଚିରାଉତରାୟ ତା'ର ପ୍ରକାଶନ ଓ ସଂପାଦନା ଦାୟିତ୍ୱ ନେବାପରେ, ଯେତେବେଳେ ମନୋଜ ବାବୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ ପଣ୍ଡିଚେରୀ ଯିବାର ମାତ୍ର କେଇଦିନ ପୂର୍ବରୁ । ଭଗବାନ ନାୟକ ବର୍ମା, ସୌଭାଗ୍ୟ ମିଶ୍ର ଓ ମୁଁ 'ଦିଗନ୍ତ'ର ପ୍ରକାଶନ ଦାୟିତ୍ୱ ତୁଲାଉଥାଉ କ୍ଷୀରୋଦ ବାବୁଙ୍କ ସେହି ଉପର ମହଲାରେ । ସେ ସେତେବେଳେ ବିବାହ କରି ନଥାନ୍ତି ଓ ଆମର ସେ ଘରେ ଚଳପ୍ରଚଳନର ଅସୁବିଧା ଆଦୌ ହେଉ ନଥାଏ । ମନୋଜ ବାବୁ ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରି, ମାସ ଶେଷର ଚାରିଶହ ଟଙ୍କା ଦରମାତକ ଆମ ସାମ୍ନାରେ ଥୋଇ ଦେଇ ଚାଲିଯାନ୍ତି ।

Digitized by srujanika@gmail.com

ମନକୁ ଆସୁଛି ୧୯୭୫ ମସିହାର (ଇମରଜେନ୍‌ସି) ଜରୁରୀ ପରିସ୍ଥିତି । ଦେଶ ତମାମ୍ କୋକୁଆ ଭୟ । ସଂବାଦ ପତ୍ରଠାରୁ ପତ୍ର-ପତ୍ରିକା ପର୍ଯ୍ୟନ୍ତ ଥରହର । ଲେଖକ ମାନଙ୍କ ମନରେ ଭୟ । ଅନେକ ଲେଖକ ସେବେଳର ପରିସ୍ଥିତିକୁ ସ୍ୱାଗତ କରିବାକୁ ପଛାଇବେ ବା କାହିଁକି ? ଅନେକ ଲେଖା ପ୍ରକାଶନରୁ ଦୂରେଇ ରହୁଥାନ୍ତି । ଓଡ଼ିଶାର ଲେଖକମାନଙ୍କ ଭିତରୁ ମନୋଜ ଦାସଙ୍କ 'ବ୍ୟାଘ୍ରାରୋହଣ' ଗଳ୍ପ ବୋଧେ ନୀରବତା ଭଙ୍ଗ କରି ମନରୁ ଭୟ ଆଡେଇବାରେ ପ୍ରଥମ ପଦକ୍ଷେପ ନେଇଥିଲା । ତା'ପରେ ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି ଗଳ୍ପ ଲେଖାର ରାସ୍ତାକୁ ପ୍ରସାରିତ କରିବାରୁ ଆମ କେଇଜଣଙ୍କ ମନରୁ ଭୟ ଛାଡି ଯାଇଥିଲା । ପ୍ରତୀକଧର୍ମୀ ଗଳ୍ପ 'ବ୍ୟାଘ୍ରାରୋହଣ'ରେ ଶାସକ ପ୍ରତି ଭରି ରହିଥିଲା ଭୟଙ୍କର ବିଦ୍ରୂପ । ସେହିପରି ତାଙ୍କର ଅନ୍ୟ ଏକ ଗଳ୍ପ ଯେଉଁଥିରେ ଓଟ ଓ ଚକୋଲେଟକୁ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ସ୍ୱାଧୀନତୋତ୍ତର ଭାରତୀୟ ରାଜନୀତିରେ ପେସାଦାର ରାଜନୀତିକ ଚତୁର ବ୍ୟକ୍ତିମାନେ ବୟସ୍କଙ୍କୁ ଓଟ ଦେଖାଇବାର ପ୍ରତିଶ୍ରୁତି ଓ ଭବିଷ୍ୟତ ନାଗରିକର ହାତରେ ଛଳନାର ଚକୋଲେଟ ଧରାଇ ଦେଇ ଉଭୟଙ୍କୁ ଭଣ୍ଡାଇ ଦେଶର ଅର୍ଥନୀତିକୁ ଲୁଟ୍ କରିବାର ଏକ ଚମତ୍କାର ବର୍ଣ୍ଣନା କରାଯାଇଛି । ତାଙ୍କ 'ଆରଣ୍ୟକ' ଗଳ୍ପ ସେହିପରି ଏକ ଭୟଙ୍କର ଗଳ୍ପ ।

ପଞ୍ଚତନ୍ତ୍ର, ହିତୋପଦେଶ ଏବଂ ଏସପ୍‌ଙ୍କ କାହାଣୀ (Aesop's Fables) ପିଲାବେଳୁ ମନୋଜ ଦାସଙ୍କ ଉପରେ ଗଭୀର ପ୍ରଭାବ ପକାଇଥିବା ପରି ମନେହୁଏ । ତାଙ୍କର ଇଂରାଜୀ ଭାଷା ଓ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନା, ଓଡ଼ିଆ ଭାଷା ଓ ସାହିତ୍ୟକୁ କମ୍ ପ୍ରଭାବିତ କରିନାହିଁ । ସେ ଦୁଇଟି ଭାଷା ଓ ସାହିତ୍ୟରେ ପ୍ରବୀଣ, ଯାହା ତାଙ୍କ ଲେଖାର ଶୈଳୀକୁ ପରିପୂରକ ଭାବରେ ମାର୍ଜିତ କରିଛି । ଦୁଇଟି ଭାଷା ଉପରେ ଦକ୍ଷତା ହାସଲ କରିଥିବା ଲେଖକ ଓଡ଼ିଶାରେ ପ୍ରାୟତଃ ନାହାନ୍ତି । ସାରା ଦେଶରେ ମଧ୍ୟ ସେମାନଙ୍କ ସଂଖ୍ୟା ଆଙ୍ଗୁଳି ଅଗରେ ଗଣିଦେଇ ହେବ । ସେ ତେଣୁ ଦୁଇଟି ଭାଷାରେ ଗଳ୍ପ ଲେଖିବାର ପ୍ରୟାସ ସବୁଦିନେ ଜାରି ରଖି ଓଡ଼ିଆ ସାହିତ୍ୟର ଉତ୍ତରୋତ୍ତର ଉନ୍ନତିରେ ସତତ ଚେଷ୍ଟିତ ।

ମନୋଜ ବାବୁ କେବଳ ଓଡ଼ିଆ ବା ଭାରତୀୟ ସାହିତ୍ୟର ନୁହଁନ୍ତି ଆର୍ନ୍ତଜାତୀୟ ସାହିତ୍ୟରେ ମଧ କମ୍ ଗୌରବ ଅର୍ଜନ କରି ନାହାନ୍ତି । ସେ ଗଳ୍ପ ସାହିତ୍ୟରେ ଏକ ସ୍ୱତନ୍ତ ସ୍ଥାନ ଅଧିକାର କରି ବସିଥିବାବେଳେ ଉପନ୍ୟାସ, ଭ୍ରମଣ କାହାଣୀ ଏବଂ ବ୍ୟଙ୍ଗ ବିଦ୍ରୂପାତ୍ମକ ସାହିତ୍ୟ ଚରନା (Skit) ରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛନ୍ତି । ସେ ସାହିତ୍ୟର ସମସ୍ତ ବିଭାଗକୁ ପ୍ରାୟ ସ୍ପର୍ଶ କରିଛନ୍ତି ଏବଂ ସବୁ ବିଭାଗରେ ତାଙ୍କ ସ୍ୱତନ୍ତ୍ରତା ସେ ରକ୍ଷା କରି ଚାଲିଛନ୍ତି; ତାଙ୍କ କଥନରେ ଓ ଶୈଳୀରେ ।

Digitized by srujanika@gmail.com

୧୯୭୩ ମସିହାରେ ତାଙ୍କ ଗଳ୍ପଗ୍ରନ୍ଥ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ଗୌରବ ଅର୍ଜନ କରିବା ପରେ ଗଳ୍ପ ସାହିତ୍ୟରେ ସେ 'ସାହିତ୍ୟ ଭାରତୀ ସମ୍ମାନ', 'ସରସ୍ୱତୀ ସମ୍ମାନ' ସହ 'ପଦ୍ମଶ୍ରୀ' ସମ୍ମାନ ଲାଭ କରିବାର ଗୌରବ ଅର୍ଜନ କରି ପାରିଛନ୍ତି ।

ଆଶ୍ରମ ଜୀବନରେ ବି ତାଙ୍କ ସାହିତ୍ୟ-ଭାଲୁ ତାଙ୍କୁ ଏପରି କୁଣ୍ଢାଇ ଧରିଛି ଯେ ତହିଁରୁ ମୁକୁଳିବା ତାଙ୍କ ପକ୍ଷରେ ଏକ ବିଡ଼ମ୍ବନା ।

ତାଙ୍କର ଜଣେ ବିଦଗ୍ଧ ପାଠକ ଭାବରେ ତାଙ୍କ ସଂପର୍କରେ ଦୁଇପଦ ଲେଖି ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇବାର ଏହା ହୁଏତ ମୋର କିଞ୍ଚିତ ପ୍ରୟାସ ।

• 'ସଂଧ୍ୟାରାଗ'
ହରିପୁର ରୋଡ଼, କଟକ-୧

Digitized by srujanika@gmail.com

ଆତ୍ମାର ସୁର : ମନୋଜ ଦାସଙ୍କ ସଂଳାପ

ସତ୍ୟ ମହାପାତ୍ର

କଥାକାର ମନୋଜ ଦାସ ଓଡ଼ିଆ ସାହିତ୍ୟରେ ଏକ ଭିନ୍ନ ପ୍ରକାଶ । ଏହି ପ୍ରକାଶ ଏକାନ୍ତ ଭାବରେ ମୌଳିକ, ଯାହା ପାଠକର ମନକୁ ଛୁଇଁଯାଏ ପବିତ୍ର ମନ୍ତ୍ରୋଚ୍ଚାରଣ ପରି । ଏହି ଅଭିନବ ମନ୍ତ୍ରୋଚ୍ଚାରଣର ପଦ୍ଧତି ବି ଅଭିନବ, ଆଉ ଏହି ଅଭିନବ ଧ୍ୱନି ସବୁ ଶାଶ୍ୱତ ସତ୍ୟ ସନ୍ଧାନର ସଙ୍କେତ ଦିଏ । ନୂଆ କିଛି ଖୋଜିବାପାଇଁ ସନ୍ନ୍ୟାସୀର ଏକନିଷ୍ଠ ସାଧନା ଆତ୍ମାର ସ୍ୱର ସବୁକୁ ରୂପ ଦେଇଛି ନୂତନ ଢଙ୍ଗରେ । ତେଣୁ ମନୋଜ ଦାସଙ୍କ ସୃଷ୍ଟିର ସଂଳାପ ସାଧାରଣ ମାନସକୁ ଅତିକ୍ରମ କରିଯାଇ ଉତ୍ତରଣର ଶୀର୍ଷରେ ଏକ ଆନନ୍ଦଦାୟୀ ଅନୁଭୂତି ଦିଏ । ଇଂରାଜୀ ସାହିତ୍ୟରେ ସେ ଯେପରି ସ୍ୱଚ୍ଛନ୍ଦ, ନିଜ ମାତୃଭାଷାରେ ମଧ୍ୟ ସେପରି ମୌଳିକ ଓ ଅଭିନବ ।

ରେଭେନସା କଲେଜରେ ପଢୁଥିବାବେଳେ ପଚାଶ ଦଶକରେ ମନୋଜ ବାବୁଙ୍କ ସହିତ ସକ୍ରିୟ ଛାତ୍ର-ରାଜନୀତି ମାଧ୍ୟମରେ ପରିଚୟ । ପରବର୍ତ୍ତୀ କାଳରେ ସେହି ପରିଚୟ ଘନିଷ୍ଠ ହୋଇଛି ଆନ୍ତରିକତାରେ । 'ଦିଗନ୍ତ' ପତ୍ରିକା ତାଙ୍କର ବଳିଷ୍ଠ ସଂପାଦନାରେ ଯେତେବେଳେ ପ୍ରକାଶ ପାଇଲା ସେତେବେଳେ ଆଲୋଡନ ସୃଷ୍ଟି ହେଲା; ଆଉ ସେଇ 'ଦିଗନ୍ତ' ପତ୍ରିକାରେ ମୋର ଗପ ମଧ୍ୟ ପ୍ରକାଶ ପାଇଥିଲା । ମୌଳିକ ଲେଖାପ୍ରତି ତାଙ୍କର ଆଗ୍ରହ ଆଲୋଚନା ଏବଂ ଆତ୍ମାକୁ ଛୁଇଁ ଯିବାପରି ପ୍ରେରଣା ଥିଲା ମୂଲ୍ୟବାନ । 'ଦିଗନ୍ତ' ପ୍ରକାଶ ପାଇଥିଲା ନିଜର ଏକ ସ୍ୱତନ୍ତ୍ର ପରିଚୟ ନେଇ । ଅଳଙ୍କରଣ, ସାଜସଜ୍ଜା ଏବଂ ଲେଖା ଗୁଡିକରେ ମନୋଜ ଦାସଙ୍କ ସଂକଳ୍ପ ଓ ସ୍ୱପ୍ନର ଇଙ୍ଗିତ ଥିଲା । ମନେହେଉଥିଲା ନୂଆ କିଛି ଖୋଜିବା ପାଇଁ, ସୃଷ୍ଟିପାଇଁ ସନ୍ନ୍ୟାସୀର ଏକନିଷ୍ଠ ସାଧନା ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ଅପେକ୍ଷା କରୁଛି । ଓଡ଼ିଶା ଛାଡ଼ି ମନୋଜ ଦାସ ପହଞ୍ଚିଲେ ପଣ୍ଡିଚେରୀରେ । ତାଙ୍କ ସହିତ ପରିଚୟ ଓ ସଂପର୍କ ରହିଲା ତାଙ୍କ ଲେଖା ପଢିବାରେ ଏବଂ ତାକୁ ପଢି ଅନୁଭବ କରିବାରେ । ଗତାନୁଗତିକ ପଦ୍ଧତିରେ ଲେଖୁ ନଥିବା ଏହି ଅସାଧାରଣ ସ୍ରଷ୍ଟା ମଣିଷର ଆତ୍ମାକୁ ଛୁଇଁ ଯାଆନ୍ତି । ସେ ଓଡ଼ିଆ କଥା -ସାହିତ୍ୟକୁ ପ୍ରତିଷ୍ଠିତ କରିଛନ୍ତି । ୧୯୮୪ରେ ଦକ୍ଷିଣ ଭାରତ ସପରିବାର ବୁଲିବାକୁ

Digitized by srujanika@gmail.com

ଯାଇ ପହଞ୍ଚିଥିଲି ମନୋଜ ବାବୁଙ୍କ ସାଧନାର କ୍ଷେତ୍ର ତାଙ୍କରି ପଣ୍ଡିଚେରୀ ଘରେ । ଓଡ଼ିଶାର ଜଣେ ଲେଖକ କିପରି ନିଜସ୍ୱ ମନ୍ତ୍ରୋଚ୍ଚାରଣ ଓ ସଂଳାପର ସ୍ୱରରେ ଓଡ଼ିଆ ସାହିତ୍ୟକୁ ଦାନ କରି ଚାଲିଛନ୍ତି ସେଥିସହିତ ପିଲାମାନଙ୍କୁ ପରିଚୟ କରାଇଦେବା ଥିଲା ମୋର ଲକ୍ଷ୍ୟ । ଅନେକ କଥା ହେଲୁଁ । ଦୀର୍ଘ କୋଡ଼ିଏ ବର୍ଷ ଧରି ଯେ ଦେଖା ହେଇନାହିଁ ତା' ଅନୁଭବ କରିହେଲା ନାହିଁ । ସେ ଆନନ୍ଦିତ, ମୁଁ ମଧ୍ୟ ଖୁସି । ପଣ୍ଡିଚେ଼ରୀରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଶ୍ରମ ଓ ଅନ୍ୟାନ୍ୟ ସ୍ଥାନ ବୁଲିବା ଯେପରି ଏକ ନିଛକ କୌତୂହଳ ଥିଲା, ମନୋଜ ବାବୁଙ୍କ ସହିତ ଆଳାପ କିନ୍ତୁ ଥିଲା ଆନନ୍ଦଦାୟକ ।

ତାଙ୍କ ଘରେ କଥାବାର୍ତ୍ତା ହେଉଥାଉଁ ଏତିକିବେଳେ ମାନ୍ଦ୍ରାଜ (ଚେନ୍ନାଇ)ରୁ ଫୋନ ଆସିଲା । ମନୋଜ ବାବୁ କହିଲେ, ''ସତ୍ୟ, 'ହେରିଟେଜ୍' ପତ୍ରିକା ପ୍ରକାଶ ପାଇବ । ଏଇ ଘଟଣାର ତୁମେ ହିଁ ପ୍ରଥମ ସାକ୍ଷୀ ।'' ଏହି ପତ୍ରିକା ଏକଦା ଦେଶର ବୁଦ୍ଧିଜୀବୀ ମହଲରେ ଚହଳ ପକାଇଥିଲା । ଏଥିରେ ରୁଚିହୀନ ବିଜ୍ଞାପନ କିମ୍ବା ଲେଖା ପ୍ରକାଶ ପାଉନଥିଲା । ସମସ୍ତେ ଏହାର ପ୍ରଶଂସା କରିଥିଲେ । କିନ୍ତୁ ଏହାର ବ୍ୟବସାୟିକ ସଫଳତା ସମ୍ଭବ ହେଲାନାହିଁ । ପତ୍ରିକାଟି ବନ୍ଦ ହୋଇଗଲା । ଏକ ସଫଳ ଚେଷ୍ଟାର ଅବସାନ ଘଟିଲା । କିନ୍ତୁ ମନୋଜ ଦାସଙ୍କର ଉଦ୍ୟମ, ସାଧନା କିମ୍ବା ଲେଖନୀ ଚାଳନା ବନ୍ଦ ହୋଇଗଲା ନାହିଁ । ମନୋଜ ବାବୁ ତାଙ୍କ ଆତ୍ମାର ସ୍ୱର ଓ ସଂଳାପ ସବୁକୁ ପାଠକ ପାଖରେ ପହଞ୍ଚାଇ ପାରିଲେ । ଓଡ଼ିଆ ସାହିତ୍ୟକୁ ଉତ୍ତରଣର ଏକ ଶୀର୍ଷ ପର୍ଯ୍ୟାୟରେ ପହଞ୍ଚାଇ ଦେବାରେ ସିଦ୍ଧିଲାଭ କରିଥିବା ମନୋଜ ଦାସ ଓଡ଼ିଆ ସାହିତ୍ୟର ଗର୍ବ ।

• ୪୭-ଭି.ଆଇ.ପି. ଏରିଆ,
ନୟାପଲ୍ଲୀ, ଭୁବନେଶ୍ୱର -୧୫

Digitized by srujanika@gmail.com

ମନୋଜ ଦାସ : ଏକ ଅନୁଷ୍ଠାନ

ରଣଧୀର ଦାସ

ମନୋଜ ଦାସଙ୍କ ସହିତ ସଂପର୍କ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ । ଜଣେ ଲେଖକଭାବରେ ତାଙ୍କୁ ମୁଁ ଜାଣିଥିଲି ବହୁ ପୂର୍ବରୁ, ମାତ୍ର ୧୯୬୬ରେ 'ଜୀବନ ରଂଗ' ସଂପାଦନା କରିବାପରେ ଏହି ପତ୍ରିକାରେ ତାଙ୍କର ଅନେକ ଗଳ୍ପ ପ୍ରକାଶ ପାଇଥିଲା ।

ସଂପର୍କ ଆହୁରି ନିବିଡତର ହେଲା ଯେତେବେଳେ ତାଙ୍କର ଜଣେ ଭିଣୋଇ ଓଡ଼ିଶା ସରକାରଙ୍କର ଅଧୀନରେ ପ୍ରାଶାସନିକ ଅଫିସର ଭାବରେ କଟକରେ ଅବସ୍ଥାପିତ ହେଲେ । ସେ ଆମ ଘରେ 'ଜୀବନ ରଂଗ' ପରିସର ମଧ୍ୟରେ ଗୋଟିଏ ଘରେ ଭଡାରେ ରହୁଥିଲେ । ମଝିରେ ମଝିରେ ମନୋଜ ବାବୁ ତାଙ୍କ ଭିଣୋଇଙ୍କ ଘରକୁ ଆସିବାବେଳେ ଦେଖା ସାକ୍ଷାତ ହୁଏ । ସାହିତ୍ୟଠାରୁ ଆରମ୍ଭ କରି ଅରବିନ୍ଦଙ୍କ ଦର୍ଶନ ପର୍ଯ୍ୟନ୍ତ ଚର୍ଚ୍ଚାହୁଏ ।

ଓଡ଼ିଶାର ଗର୍ବ ଓ ଗୌରବ ମନୋଜ ଦାସ ଜଣେ ସାହିତ୍ୟିକ ହିସାବରେ ସର୍ବ ଭାରତୀୟ ଖ୍ୟାତି ସହିତ ଆନ୍ତର୍ଜାତୀୟ କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଛନ୍ତି । କେବଳ ସାହିତ୍ୟ ନୁହେଁ ଅରବିନ୍ଦ ଦର୍ଶନ ଉପରେ ତଥା ଅନ୍ୟାନ୍ୟ ଚିନ୍ତାଶୀଳ ବିଷୟ ବସ୍ତୁ ଉପରେ ବକ୍ତୃତା ଦେବାର ଶୈଳୀ ତାଙ୍କର ଅତୁଳନୀୟ ।

ମୁଁ ଯେତେବେଳେ ମାନ୍ଦ୍ରାଜରେ ଓଡ଼ିଆ ସମାଜକୁ ସଂଗଠିତ କରି ଯୁଗ୍ମସଂପାଦକ ଏବଂ ପରେ ସଂପାଦକ ଭାବରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପାଇଁ ସମାବେଶର ଆୟୋଜନ କରିଥିଲି, ସେତେବେଳେ ବିଶିଷ୍ଟ ଲେଖକ ଶ୍ରୀ କିଶୋରୀ ଚରଣ ଦାସ ମାନ୍ଦ୍ରାଜରେ ଡେପୁଟି ଏକାଉଟାଣ୍ଟ ଜେନେରାଲ ଭାବରେ ଅବସ୍ଥାପିତ ହେଲେ । ମୋ ଅନୁରୋଧ କ୍ରମେ ସେ ମାନ୍ଦ୍ରାଜ ଓଡ଼ିଆ ସମାଜର ସଭାପତି ହୋଇଥିଲେ । ସେତେବେଳେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ସହିତ ମୋର ଯୋଗାଯୋଗ ଥିଲା । ସଂପ୍ରତି ମନୋଜ ଦାସ ଶ୍ରୀଅରବିନ୍ଦ ଆଶ୍ରମର ପ୍ରମୁଖ ବ୍ୟକ୍ତିତ୍ୱ । ଦୀର୍ଘ ୪୦ ବର୍ଷରେ ମନୋଜ ବାବୁ ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମରେ ଅବସ୍ଥାନ କରୁଛନ୍ତି ।

ମନୋଜ ଦାସଙ୍କ ବଳିଷ୍ଠ ସଂପାଦନାରେ ଚେନ୍ନାଇରୁ ଏକ ସଂଭ୍ରାନ୍ତ ଇଂରାଜୀ ପତ୍ରିକା 'ଦି ହେରିଟେଜ୍' ପ୍ରକାଶ ପାଇଲା । ମନୋଜ ବାବୁ ସଂପାଦନା ଦାୟିତ୍ୱ ନେଇ

Digitized by srujanika@gmail.com

ଅତ୍ୟନ୍ତ ସୁଚାରୁ ଭାବରେ ସଂପାଦନା କରୁଥିଲେ । ଏହି ପତ୍ରିକାରେ ଓଡ଼ିଶାର କଳା-ସଂସ୍କୃତି, ନୃତ୍ୟ-ସଙ୍ଗୀତ, କୁଟୀରଶିଳ୍ପ, ପର୍ଯ୍ୟଟନ ସଂପର୍କରେ ବହୁ ତଥ୍ୟମୂଳକ ଲେଖା ପ୍ରକାଶ ପାଇଥିଲା । ଓଡ଼ିଆ ସାହିତ୍ୟିକଙ୍କର ଗଳ୍ପ, କବିତା ମଧ୍ୟ ପ୍ରକାଶ ପାଇଥିଲା ଇଂରାଜୀରେ ।

ବିଦେଶୀ ନୃତ୍ୟଶିଳ୍ପୀ ଇଲିଆନା କଟକରେ ପାଦଦେବା ଠାରୁ ମୋ ସହିତ ଘନିଷ୍ଠ ପରିଚୟ ଥିଲା । ସେହି ସମୟରେ ଇଲିଆନାଙ୍କ ଏକ ପ୍ରବନ୍ଧ ମନୋଜ ବାବୁ ମୋ ଅନୁରୋଧ କ୍ରମେ 'ଦି ହେରିଟେଜ୍'ରେ ପ୍ରକାଶ କରିଥିଲେ ଏବଂ ତାଙ୍କର ଏକ ଓଡ଼ିଶୀ ନୃତ୍ୟଭଙ୍ଗୀର ଫଟୋଚିତ୍ର କଭର ପୃଷ୍ଠାରେ ସ୍ଥାନ ପାଇଥିଲା ।

ଅତ୍ୟନ୍ତ ସ୍ନେହୀ ଓ ଉଦାର ବ୍ୟକ୍ତିତ୍ୱ ମନୋଜ ଦାସ । କଟକ କଳା ବିକାଶ କେନ୍ଦ୍ରରେ 'ଗଙ୍ଗାଧର ରଥ ଫାଉଣ୍ଡେସନ୍' ତରଫରୁ 'ସାହିତ୍ୟ ଭାରତୀ' ସମ୍ମାନ ମନୋଜ ଦାସଙ୍କୁ ପ୍ରଦାନ କରାଗଲାବେଳେ ଏବଂ ୨୦୦୧ରେ 'ଉତ୍କଳ ସାହିତ୍ୟ ସମାଜ' ତରଫରୁ ମର୍ଯ୍ୟାଦାଜନକ 'ଉତ୍କଳରତ୍ନ ସମ୍ମାନ' ପ୍ରଦାନ ଉତ୍ସବରେ ମୁଁ ଉପସ୍ଥିତ ଥିଲି ।

ମନୋଜ ଦାସ ଜଣେ ପ୍ରଖ୍ୟାତ ସାହିତ୍ୟିକ ବା ପ୍ରବକ୍ତା କେବଳ ନୁହନ୍ତି, ସେ ଆମ ଦେଶର ଜଣେ ମର୍ଯ୍ୟାଦାଜନକ ଅନୁଷ୍ଠାନ ।

ଆଜି ତାଙ୍କର ସମ୍ବର୍ଦ୍ଧନା ଉତ୍ସବରେ ମୁଁ ବ୍ୟକ୍ତିଗତ ଭାବରେ ଏବଂ 'ଜୀବନରଂଗ' ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

• ସଂପାଦକ : 'ଜୀବନରଂଗ'
ଷ୍ଟୋନି ରୋଡ୍, କଟକ-୨

Digitized by srujanika@gmail.com

ସ୍ମୃତିରୁ କିଛି କଥା

ହିମାଂଶୁ ନନ୍ଦୀ

କୌଣସି ବଂଧୁଙ୍କ ସଂପର୍କରେ ସ୍ମୃତି ଚାରଣ କରିବା ଏତେ ସହଜ କଥା ନୁହେଁ । ସ୍ମୃତିସବୁ ଏତେ ଶକ୍ତିଶାଳୀଯେ ଧକ୍କା ଲାଗିଯିବାର ସଂଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଆଉ ବଂଧୁ ଯଦି ଏକାନ୍ତ ଅନ୍ତରଙ୍ଗ ହୋଇଥାନ୍ତି ତା ହେଲେ କଥା ସରିଲା । ସ୍ମୃତିମାନେ ତ ସବୁ ମଧୁର ନୁହନ୍ତି । କିଛି କିଛି କଟୁ-ତିକ୍ତ-କଷାୟ ବି ଥାଏ । ସେଗୁଡିକୁ ଆଡେଇ ଯିବା ସବୁବେଳେ ଉଚିତ୍ କାର୍ଯ୍ୟ ହୁଏ । ଅବଶ୍ୟ ଏ କ୍ଷେତ୍ରରେ ସେପରି କିଛିନାହିଁ । ସବୁ ମାମୁଲି ।

ମନୋଜ ବାବୁଙ୍କ ସହ ପ୍ରଥମେ ମୋର ସାକ୍ଷାତ ହୁଏ ୧୯୫୪ ମସିହାରେ ବାଲେଶ୍ୱରଠାରେ ହେଉଥିବା ଛାତ୍ର ସମ୍ମିଳନୀରେ । ସେ ଥିଲେ ସମଗ୍ର ସମ୍ମିଳନୀର ମୁଖ୍ୟ ଆୟୋଜକ । ମୁଁ ଥିଲି ସାଧାରଣ ହାଇସ୍କୁଲ ସ୍ତରୀୟ ଜଣେ ପ୍ରତିନିଧି । ପୁଣି ରାଜନୀତିକ ଭାବେ ସଂପର୍କିତ ହୋଇଥିଲୁ କମ୍ୟୁନିଷ୍ଟ ନେତା ୰ ଶୈଳେନ ମହାପାତ୍ରଙ୍କ ଜରିଆରେ । ଇତି ପୂର୍ବରୁ ମୋର ଭଗ୍ନୀପତି ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗିରିଙ୍କଠାରୁ ତାଙ୍କ ସଂପର୍କରେ କେତେକ କାହାଣୀ ଶୁଣିଥିଲି । କାରଣ ସେ ଥିଲେ ଜମାଳପୁର ବିଦ୍ୟାଳୟରେ ମନୋଜ ବାବୁଙ୍କ ସ୍ଥାନୀୟ ତତ୍ତ୍ୱାବଧାରକ । ମନୋଜ ବାବୁ କିମିତି ଉଡ଼ାଜାହାଜର କିମ୍ଭୁତ କିମାକାର ବର୍ଣ୍ଣନା କରି ପିଲାମାନଙ୍କୁ ଆଚମ୍ବିତ କରି ଦେଉଥିଲେ ଏବଂ ଦରିଆର ଉତ୍ତାଳ ଲହରୀରେ ପାନ୍ସୀ ଆରୋହଣ କରି ଡକାୟତମାନେ ତାଙ୍କ ଘରେ କରିଥିବା ସଶସ୍ତ୍ର ଡକାୟତିର ରୋମାଞ୍ଚକର କାହାଣୀ କହୁଥିଲେ, ତାହା ସେ ମୋତେ ବଖାଣି ଥିଲେ । ଜମାଳପୁର ସୁବର୍ଣ୍ଣରେଖା କୂଳରେ ଅବସ୍ଥିତ ଏକ ଗ୍ରାମ । ନଈର ଉଜାଣି ସୁଅରେ ସଦା ପ୍ରତିବିମ୍ବିତ ହୁଏ ତା'ର ଚଳ ଚଞ୍ଚଳ ଛବି । ସମ୍ଭବତଃ ମନୋଜ ବାବୁଙ୍କ 'ନନ୍ଦାବତୀର ମାଝୀ'ର ସୃଷ୍ଟିର ଷଠିଘର ଏଇଠି । ପରବର୍ତ୍ତୀ ସମୟରେ ମନୋଜ ବାବୁଙ୍କ ସହିତ ସଂପର୍କ ନିବିଡ ହେଲା ଛାତ୍ର ସଂଗଠନ ଓ ଆନ୍ଦୋଳନ ମାଧ୍ୟମରେ ।

Digitized by srujanika@gmail.com

ମନୋଜ ବାବୁଙ୍କ ଛାତ୍ର ଜୀବନର ପରିଧି ମଧ୍ୟରେ ୧୯୫୬ ମସିହା ମେ' ମାସରେ ଇଣ୍ଡୋନେସିଆର ବାନ୍ଦୁଂଠାରେ ଆଫ୍ରୋଏସିଆନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଡକ୍ଟର ସୁକର୍ଣ୍ଣ ସେତେବେଳେ ଇଣ୍ଡୋନେସିଆର ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀ ଥାଆନ୍ତି ଡକ୍ଟର ସୁବାନ୍ଦ୍ରିୟ । ଦଶ ଜଣିଆ ଭାରତୀୟ ପ୍ରତିନିଧି ଦଳରେ ମନୋଜ ବାବୁ ସେଥିରେ ଯୋଗ ଦେଇଥିଲେ ।

ମନୋଜ ବାବୁ ଜଣେ ଉତ୍ତମ ସଂଗଠକ ଥିବା ସଂଗେ ସଂଗେ ଥିଲେ ମଧ୍ୟ ଉଚ୍ଚକୋଟୀର ବକ୍ତା ଓ ତର୍କବାଗୀଶ । ସେତେବେଳେ ଛାତ୍ରସଂଘ କମ୍ୟୁନିଷ୍ଟ ପାର୍ଟି ଦ୍ୱାରା ପ୍ରଭାବିତ ଥିଲା । ମନୋଜ ବାବୁ କମ୍ୟୁନିଷ୍ଟ ପାର୍ଟିର ସଭ୍ୟଥିଲେ । ତାଙ୍କରି ପ୍ରଚେଷ୍ଟାରେ ତାଙ୍କ ନିଜଗ୍ରାମ ଶଙ୍ଖାରୀରେ ପାର୍ଟିର ଏକ ଶାଖା ସଂଗଠିତ କରିଥିଲେ । ସମଗ୍ର ଉତ୍ତର ବାଲେଶ୍ୱରରେ ଏହାଥିଲା ସାମ୍ୟବାଦର ପ୍ରଥମ ପଦଧ୍ୱନି । କିଂତୁ ଅଳ୍ପଦିନ ପରେ ତାହା ଲୋପ ପାଇଯାଇଥିଲା । ୧୯୫୭ ସାଧାରଣ ନିର୍ବାଚନରେ ନୀଳଗିରି ନିର୍ବାଚନ ମଣ୍ଡଳୀର ପ୍ରଚାର ଅଭିଯାନରେ ଆମେ କେତେଜଣ ସାମିଲ ହୋଇଥିଲୁ ମନୋଜ ବାବୁଙ୍କ ନେତୃତ୍ୱରେ । ମୋର ଯାହା ମନେ ପଡୁଛି ଏଥିରେ ମନୋଜ ବାବୁ, ମୁଁ, ବ୍ରଜନାଥ ରଥ, ଇନ୍ଦୁ ଭୂଷଣ କର, ୰ ଗଣେଶ କିଙ୍କର ମହାନ୍ତି ଓ ଅକ୍ଷୟ ପାଣି ପ୍ରଭୃତି ଥିଲେ । ଏହି ନିର୍ବାଚନରେ ଯେତେ ଗଣ-ସଂଗୀତ ବୋଲା ଯାଉଥିଲା, ସେ ସବୁ ଲେଖିଥିଲେ ମନୋଜ ବାବୁ ଏବଂ ପ୍ରଥମ ସଂଗୀତ - ''ସୂର୍ଯ୍ୟସାକ୍ଷୀ, ଧର୍ମସାକ୍ଷୀ, ସାକ୍ଷୀ ଭଗବାନ/ଆମେ ଜବାବ ମାଗୁଁ, ଜବାବ ଦିଅ କଂଗ୍ରେସୀ ବେଇମାନ ।''ଗୀତଟିର ରଚନା ଓ ସ୍ୱର ସଂଯୋଜନା ବାଲେଶ୍ୱରରୁ ନୀଳଗିରିକୁ ବସଯାତ୍ରା ସମୟରେ ହିଁ ମନୋଜ ବାବୁଙ୍କ ଦ୍ୱାରା ହୋଇଥିଲା । ଏହି ନିର୍ବାଚନରେ କମ୍ୟୁନିଷ୍ଟ ନେତା ବନମାଳୀ ଦାସ ପ୍ରତିଦ୍ୱନ୍ଦ୍ୱିତା କରି ଅଳ୍ପକେ ହାରି ଯାଇଥିଲେ ।

'ଭାଇ ଭାଇ' ଓଡ଼ିଆ ଚଳଚିତ୍ରର କାହାଣୀକୁ ତତ୍‌କାଳୀନ ଉପମନ୍ତ୍ରୀ ଶାନ୍ତନୁ କୁମାର ଦାସଙ୍କ ଅନୁରୋଧରେ ମନୋଜ ବାବୁ ଆମୂଳଚୂଳ ସଂଶୋଧନ କରି ଏହାର ଚିତ୍ରନାଟ୍ୟ ଲେଖି ଏହି ଚିତ୍ରରେ ଥିବା -''ଭୁଲନା ଭୁଲନା ସଖୀଆରେ/ରାକ୍ଷୀ ଦେଲି ତୋ ବାହୁପରେ'' ଗୀତଟି ରଚନା କରିଥିଲେ । ଚଳଚ୍ଛିତ୍ରଟି ମୁକ୍ତିଲାଭ କଲାପରେ ଗୀତିଟିକୁ ବହୁ ପୁଅ ଝିଅ ଗାଉଥିବାର ଏହି ଲେଖକର ହେତୁ ଅଛି । ଗୀତଟି ଆପାତି ଦୃଷ୍ଟିରୁ ରୋମାଣ୍ଟିକ ଥିଲେ ମଧ୍ୟ ଯେଉଁ ପରିବେଶରେ ତାହା ପରିବେଷିତ ହୋଇଥିଲା, ତାହାଥିଲା ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ସୂଚନାଧର୍ମୀ । ସଂସ୍କାରମୂଳକ ଏହି ଚଳଚ୍ଛିତ୍ରଟି ତଦାନିନ୍ତନ ସମାଜ ଉପରେ କିଛିଟା ରେଖାପାତ କରିଥିବାର ମନେ ହେଉଥିଲା । ଅବଶ୍ୟ ସେ ସବୁର ନେପଥ୍ୟ ନାୟକ ଥିଲେ ମନୋଜ ବାବୁ ।

Digitized by srujanika@gmail.com

ବେଶ ଚାଞ୍ଚଲ୍ୟକର ଓ ଔତ୍ସୁକ୍ୟ-ବର୍ଦ୍ଧକ କାହାଣୀ ସୃଷ୍ଟିକରି ରୋମାଞ୍ଚ ଜାତ କରିବାରେ ମନୋଜ ବାବୁ ଏକାନ୍ତ ପାରଙ୍ଗମ । ଥରେ ଫକୀର ମୋହନ କଲେଜରେ ଜନୈକ ଇଂରାଜୀ ଅଧ୍ୟାପକ ଶ୍ରେଣୀରେ ବ୍ଲାଉଜ ଓ ତକିଆ ଉପରେ ପ୍ରବନ୍ଧ ଲେଖିବାକୁ ଦେଇଥିଲେ । ଆଗରୁ ପିଲାଙ୍କୁ କିଛି କିଛି ଜଣାଥିଲା ଯେ ଜନୈକା ସୁଶ୍ରୀ ଛାତ୍ରୀ ପ୍ରତି ଏହି ତଥାକଥିତ ରୋମିଓ ଅଧ୍ୟାପକଙ୍କର ସାମାନ୍ୟ ଅନୁରାଗ ଥିଲା । ସାରଙ୍କର ଚାଲିଚଳନବି ଟିକିଏ ଅଲଗା ଲାଗୁଥିଲା । ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ସଂଖ୍ୟାଥିଲା ଖୁବ୍ କମ୍ । ଛାତ୍ରଛାତ୍ରୀଙ୍କ ଭିତରେ ମିଳାମିଶା ଥିଲା ପ୍ରାୟତଃ ଅନାବିଳ, ମନଖୋଲା । ନୈତିକ ମାନଦଣ୍ଡ ଓ ବିଚାରଣା ଉଚ୍ଚରେ ଥିଲାବେଳେ ସମାଜ ପ୍ରତି ଛାତ୍ର-ସମାଜର ପ୍ରତିବଦ୍ଧତା (କମିଟ୍‌ମେଣ୍ଟ) ବି ଥିଲା ସେପରି ଉଦାର । ଏପରି ସ୍ଥଳେ ଖାଣ୍ଡବବନରେ ଅଗ୍ନିଯାତ୍ରା ଭଳି ପିଲାଙ୍କ ଭିତରେ ଏହା ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଏହାରି ଉପରେ 'ନିଆଁଖୁଣ୍ଟା'ରେ ଏକ ରସୋତ୍ତୀର୍ଣ୍ଣ ବ୍ୟଙ୍ଗାତ୍ମକ ଲେଖା ପ୍ରକାଶ ପାଇ ହଇଚଇ ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ସମୟରେ ଜଣା ପଡିଲାଯେ ଏହାଥିଲା ମନୋଜ ବାବୁଙ୍କ କାଣ୍ଡ । ରସାଳ ବ୍ୟଙ୍ଗ ବିଦ୍ରୂପ ଏବଂ ଆବଶ୍ୟକସ୍ଥଳେ ଲଘୁ କଟାକ୍ଷ ହାଣିବାରେ ମନୋଜ ବାବୁ ବେଶ ପଟୁଥିଲେ । ଗୋଟିଏ ଘଟଣା କହୁଛି । ଏହା ନଟେଇରୁ ଖିଅଟିଏ ମାତ୍ର । ବାଲେଶ୍ୱର ଜିଲ୍ଲାର ଜନୈକ କଂଗ୍ରେସୀ ବିଧାୟକଙ୍କ ଅଜବ କବିତା -''ଅରଟରେ ଅରଟ/ ସବୁବେଳେ ତୋର ଜିତାପଟ'' ଭଳି କବିତା ଉପରେ, ଚଳନ୍ତି ରାଜନୈତିକ ହଲ୍ଲାଗୁଲ୍ଲା ଓ ଜନସାଧାରଣଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ତାଙ୍କର ଧାନ ଚାଉଳ ବ୍ୟବସାୟ ଏବଂ ଅନ୍ୟ ଜଣେ ବିଧାୟକଙ୍କ ଗାନ୍ଧୀଟୋପି ପିନ୍ଧିବାର ଢଙ୍ଗ ଓ ବକ୍ତୃତାର ଶୈଳୀର ଲଘୁ ଆଲୋଚନା ତତ୍କାଳୀନ ବାଲେଶ୍ୱର ସହରର ବହୁ ସାନ୍ଧ୍ୟ ଆସରରେ ଉପଭୋଗର ବସ୍ତୁଥିଲା । ବୋଧହୁଏ ପରବର୍ତ୍ତୀ ସମୟରେ ମନୋଜ ବାବୁଙ୍କ 'ଅପହୃତ ଟୋପିର ରହସ୍ୟ' ଗଳ୍ପ ଏହି ଅନୁଚିନ୍ତାର ପରିପ୍ରକାଶ ଥିଲା । ଅବଶ୍ୟ ଏହା ମୋର ଅନୁମାନ । ଏହି ସଂପର୍କିତ ଅନ୍ୟ ଏକ ରସାଳ ଘଟଣା ଅବତାରଣା କରାଯାଇପାରେ । ଉକ୍ତ ବିଧାୟକଙ୍କ ଜୀବନ ଥିଲା ସାଧାସିଧା । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ । ଇଞ୍ଚୁଡ଼ି ଲୁଣମରା ଆନ୍ଦୋଳନର ଅନ୍ୟତମ ପ୍ରମୁଖ କାଣ୍ଡାରୀ । ବାଲେଶ୍ୱର କଂଗ୍ରେସ ଅଫିସର ସେ ହିଁ ଭିତ୍ତି ପ୍ରତିଷ୍ଠାତା । ପରିଣତ ବୟସରେ ସେ ଜଣେ ତରୁଣୀର ପାଣି ଗ୍ରହଣ କରିଥିଲେ । ସେଥିପାଇଁ ତାଙ୍କ ସହକର୍ମୀ ମାନଙ୍କଠାରୁ ଆରମ୍ଭ କରି ପଥଚଲା ବଗୁଲିଆ ମାନଙ୍କଠାରୁ ଅନେକ ଭ୍ରୂକୁଞ୍ଚନ ଓ ଆଖି ଠରାଠରିର ସାମନା ସେ ଅମ୍ଳାନ ଚିତ୍ତରେ କରି ପାରୁଥିଲେ । ଏ ମହାଶୟ ଥିଲେ ବାଲେଶ୍ୱରର ପୂର୍ବତନ ବିଧାୟକ ଏବଂ ଅନ୍ୟ ଜଣେ ଥିଲେ

Digitized by srujanika@gmail.com

ବସ୍ତାର ପ୍ରାକ୍ତନ ବିଧାନସଭା ପ୍ରତିନିଧି । ଉଭୟଙ୍କର ଟୋପି ଓ ବେଶ୍ ଆକର୍ଷଣୀୟ ଥିଲା । ଥରେ ଉଭୟ ସାଇକଲ ଗଡାଇ ଗଡାଇ କଲେଜ ଛକ ଅତିକ୍ରମ କରିବା ସମୟରେ ସେଠାରେ ରାମ ଚା' ଦୋକାନରେ କିଛି ଅଲଗାତୁଣ୍ଡିଆ ଟୋକା "ବୃଦ୍ଧସ୍ୟ ତରୁଣୀ ଭାର୍ଯ୍ୟା" ବୋଲି ଟିକା ଟିପ୍ପଣୀ ଛାଡିଦେଲେ । ସେଥିରେ ବ୍ୟତିବ୍ୟସ୍ତ ହୋଇ ଉଭୟ ମନୋଜ ବାବୁଙ୍କୁ ଫେରାଦ୍ ହେବାରେ ସେ ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ତାଙ୍କର ପୁରୁଷାକାର ଉପରେ ପ୍ରଶ୍ନ ଉଠାଇ ଥିବା ଯୁବକମାନଙ୍କୁ ସଠିକ୍ ମାର୍ଗ ଦର୍ଶନ କରାଇଦେବେ । ଏଥିଅନ୍ତେ ଘଟଣାର ଇତି ହୋଇଥିଲା ।

ଛାତ୍ରସଂଗଠନର ମୁଖପତ୍ର 'ଆଗାମୀ' ଓ ସାହିତ୍ୟ ପତ୍ରିକା 'ଦିଗନ୍ତ'ର ଅପମୃତ୍ୟୁ ସତ୍ତ୍ୱେ ତାହା ଥିଲା ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପାଇଁ ଉଲ୍ଲେଖନୀୟ ଅବଦାନ । ଅବଶ୍ୟ ସେ କାଳରେ କେବଳ ଛାତ୍ରମାନଙ୍କ ପାଇଁ ଏକ ମାସିକ ପତ୍ରିକା ପ୍ରକାଶ କରିବା ସହଜସାଧ ନଥିଲା । ତଥାପି ନୂତନ ଓ ପ୍ରାକ୍ତନ ଛାତ୍ରମାନଙ୍କ ପୃଷ୍ଠପୋଷକତା ଏବଂ କିଛି କିଛି ବିଜ୍ଞାପନଦାତାଙ୍କ ଦାନରେ 'ଆଗାମୀ' ପ୍ରକାଶ ପାଉଥିଲା । ମନୋଜ ବାବୁଙ୍କ ବ୍ୟକ୍ତିଗତ ଆର୍ଥିକ ସହାୟତା ମଧ୍ୟଥିଲା । ସଂଗଠନ, ଆନ୍ଦୋଳନ ପ୍ରଭୃତିର ସମାଚାର ଓ ଲେଖା ସହିତ ସାହିତ୍ୟ ଓ ଅନ୍ୟାନ୍ୟ ବିଭାଗ ଗୁଡିକ ତତ୍କାଳୀନ ଛାତ୍ର ସମାଜ ପାଇଁ ଏକାନ୍ତ ପ୍ରେରଣାଦାୟକ ଥିଲା । ଏଇ 'ଆଗାମୀ' ପତ୍ରିକା ମାଧ୍ୟମରେ ସେ ବେଳର ବହୁଛାତ୍ର ପରବର୍ତ୍ତୀ ସମୟରେ ସମାଜରେ ପ୍ରତିଷ୍ଠିତ କବି, ଲେଖକ, ଶିକ୍ଷାବିତ୍ ଓ ମୁଲ୍ୟବୋଧ ସଂପନ୍ନ ରାଜନେତା ଭାବରେ ପ୍ରତିଷ୍ଠିତ ହୋଇଛନ୍ତି । 'ଦିଗନ୍ତ' ଥିଲା ବହୁ ସାହିତ୍ୟିକଙ୍କର କର୍ମଶାଳା । କଟକରେ 'ଆଗାମୀ' ମେସ ଥିଲା 'ଆଗାମୀ' ପତ୍ରିକାର ମୁଖ୍ୟ କାର୍ଯ୍ୟାଳୟ । ଏହା 'କଟକ ହୋଟେଲ'ର ପଛପାଖ ଗଳିରେ ଅବସ୍ଥିତ ଥିଲା । ଏହା ସମସ୍ତଙ୍କ ପାଇଁ ଥିଲା ମିଳନସ୍ଥଳୀ ।

ଛାତ୍ର ଜୀବନରେ ମନୋଜ ବାବୁ ପ୍ରଚ୍ଛନ୍ନ ସାଂବାଦିକର ଭୂମିକା ମଧ୍ୟ ନିର୍ବାହ କରିଛନ୍ତି । ଦୈନିକ 'ମାତୃଭୂମି' ଓ ସାପ୍ତାହିକ 'ନୂଆ ଦୁନିଆ'କୁ ବିଭିନ୍ନ ଘଟଣାରେ ସଂବାଦ ଦେବା ସହିତ ଉଭୟ କାଗଜରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଉପରେ ଲେଖା ମଧ୍ୟ ଲେଖୁଥିଲେ ।

ସାମ୍ୟବାଦୀ ଆଦର୍ଶରୁ ଆଧାତ୍ମିକ ଜଗତକୁ ଉତ୍ତରଣ ପରର ଦିନ ଗୁଡିକରେ ଆଉ ଦେଖା ସାକ୍ଷାତ ନାହିଁ । ସେ ବର୍ତ୍ତମାନ ମହାନ କଥାକାର, ଓଡ଼ିଶାର ଅମୃତ ସନ୍ତାନ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ଗୌରବ- 'ପଦ୍ମଶ୍ରୀ' ଉପାଧି ମଣ୍ଡିତ । ତାଙ୍କର ସାହିତ୍ୟକୃତି ଉପରେ ଲେଖନୀ ଚାଳନାର

Digitized by srujanika@gmail.com

ସାମର୍ଥ୍ୟ ମୋର ବା କାହୁଁ ଆସିବ ! ତେବେ ଚାଳିଶ ବର୍ଷ ତଳେ ୧୯୬୧ ମସିହାରେ ମୋ ସଂକଳିତ 'ହେ ମହାପ୍ଲାବନ' (୧୯୫୫ର ପ୍ରଳୟଙ୍କରୀ ଦଳେଇଘାଇ ବନ୍ୟାକୁ କେନ୍ଦ୍ରକରି) ଗଳ୍ପ ସଂକଳନରେ ତାଙ୍କର ପରିଚିତିରେ ଯାହା ଲେଖିଥିଲି ସେଥିରୁ ସାମାନ୍ୟ ଉଦ୍ଧୃତାଂଶ ପ୍ରକାଶ କରି ଶେଷ କରିବି । ବୋଧହୁଏ କ୍ଷେତ୍ର-ବିଚାରରେ ଏହା ଅପ୍ରାସଙ୍ଗିକ ହେବନାହିଁ ।

''ଅତ୍ୟାଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ, ବାସ୍ତବବାଦୀ ଓ ମାନବଧର୍ମୀ କବି ତଥା ଗାଳ୍ପିକ ହିସାବରେ ମନୋଜ ବାବୁ ସଫଳ ଶିଳ୍ପ-ପ୍ରତିଭାର ଅଧିକାରୀ । ସାହିତ୍ୟରେ ଏପରି କୌଣସି ବିଭାଗ ନାହିଁ ଯେଉଁଥିରେ ମନୋଜ ବାବୁ ହାତଦେଇ ବିଜୟ ଗୌରବରେ ଶ୍ରୀମଣ୍ଡିତ ହୋଇ ନାହାନ୍ତି । ପ୍ରଗିତିଶୀଳ ଗଣ-ସଂଗୀତ ରଚନା କରି ମଧ୍ୟ ସେ ଓଡ଼ିଶାରେ ସୁପ୍ରତିଷ୍ଠିତ । ଏହାଙ୍କ ଗଳ୍ପର ଶୈଳୀ ଓ ଆଙ୍ଗିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକାନ୍ତ ଅଭିନବ । ଏପରିକି ଲେଖକଙ୍କ ସଦ୍ୟ ପ୍ରକାଶିତ 'ଆରଣ୍ୟକ' ପ୍ରଭୃତି ଗଳ୍ପରେ ତାଙ୍କର ପ୍ରତିଭା ବିଶେଷ ଭାବରେ ପରିସ୍ଫୁଟ ।''

x x x x x x

''ଶ୍ରୀ ଦାସ ଯଦି ସାହିତ୍ୟକୁ ହିଁ କେବଳ ଅବଲମ୍ବନ କରି ଏକାନ୍ତ ଆନ୍ତରିକତା ସହ ଶିଳ୍ପ-ସାଧନା କରନ୍ତି, ତାଙ୍କର ପ୍ରତିଶ୍ରୁତିସଂପନ୍ନ ପ୍ରତିଭା ଓଡ଼ିଆ ସାହିତ୍ୟରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିବ, ସନ୍ଦେହ ନାହିଁ ।'' x x x

ସେଦିନର ମୋର ଏହି ଆଶା, ଆଜି ବାସ୍ତବରେ ପରିଣତ ହୋଇଛି - ଏହାହିଁ ମୋର ଆନନ୍ଦ ।

• ଚର୍ଚ୍ଚଲେନ୍,
ବାଲେଶ୍ୱର -୭୫୬ ୦୦୧

Digitized by srujanika@gmail.com

ସେଦିନର ଅଭୁଲା ସ୍ମୃତି

ଆରୁଣି କୁମାର ରକ୍ଷିତ

୧୯୫୩ ମସିହା । ମୁଁ ଫକୀରମୋହନ ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ବିଜ୍ଞାନର ଛାତ୍ର ଏବଂ ମନୋଜ ବାବୁ ୩ୟ ବାର୍ଷିକ କଳା ଶ୍ରେଣୀର ଛାତ୍ର । ସେ ବର୍ଷ ସେ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ସଭାପତି ନିର୍ବାଚିତ ହେବା ଏକ ଅନନ୍ୟ ଦୃଷ୍ଟାନ୍ତ । ମୁଁ ବିଜ୍ଞାନ ବିଭାଗର ଶ୍ରେଣୀ ପ୍ରତିନିଧି ଥିଲି । ତାଙ୍କ ସହିତ ମୋର ବ୍ୟକ୍ତିଗତ ଯୋଗାଯୋଗ ନଥିଲା, ଯାହା କିଛିଥିଲା ତାହା ଅତି ସାଧାରଣ ।

ସେହି ବର୍ଷ ଆକ୍ଟୋବର ମାସରେ ମହାବିଦ୍ୟାଳୟ ନାଟ୍ୟ ସଂସଦ ତରଫରୁ ଭଞ୍ଜକିଶୋରଙ୍କ 'ପହିଲିରଙ୍ଗ' ନାଟକ ମଞ୍ଚସ୍ଥ ହୋଇଥିଲା । ସେ ସମୟରେ ଏହି ମହାବିଦ୍ୟାଳୟରେ ଅଧ୍ୟୟନରତ ବହୁଛାତ୍ର ଆଜି ରାଜ୍ୟ ତଥା ଜାତୀୟସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧର ବ୍ୟକ୍ତି ବିଶେଷ । ନାଟ୍ୟକ୍ଷେତ୍ରରେ ମୋର ସହପାଠୀ ଶ୍ରୀ ବିଜୟ ମିଶ୍ର, କଳାକ୍ଷେତ୍ରରେ ଶ୍ରୀ ଅସୀମ ବସୁ, ସ୍ଥାପତ୍ୟ କଳା ଓ ଚାରୁକଳା କ୍ଷେତ୍ରରେ ଶ୍ରୀ ଅନନ୍ତ ପଣ୍ଡା, କବିତା ଓ ସାହିତ୍ୟ କ୍ଷେତ୍ରରେ ଶ୍ରୀ ବ୍ରଜନାଥ ରଥ; ଏମିତି ଆହୁରି ଅନେକ ଅଛନ୍ତି । ଶିଳ୍ପୀ ଅନନ୍ତ ପଣ୍ଡା ମନୋଜ ଦାସଙ୍କର ସହପାଠୀ ଥିଲେ ଏବଂ ସାଉଥ ହଷ୍ଟେଲରେ ସହନିବାସୀ ଥିଲେ । ସେ ବର୍ଷ ଅନନ୍ତ ବାବୁ କଲେଜ ନାଟକର ନାୟିକା ଭୂମିକାରେ ଏବଂ ମୁଁ ତାଙ୍କର ସାନ ଭଉଣୀ ଭୂମିକାରେ ଅଭିନୟ କରୁଥିଲି । ବର୍ତ୍ତମାନ ଯୁଗରେ ଛାତ୍ରମାନେ ଅଭିନେତ୍ରୀ ଭୂମିକାରେ ଅଭିନୟ କରିବା ଏକ ହାସ୍ୟକର ବ୍ୟାପାର । ସେତେବେଳେ କେବଳ ପେଶାଦାର ରଙ୍ଗମଞ୍ଚ ଛଡା ସର୍ବତ୍ର ସାଧାରଣତଃ ଏହି ବ୍ୟବସ୍ଥାହିଁ ଗ୍ରହଣ କରା ଯାଉଥିଲା । ସୌଖୀନ୍ ରଙ୍ଗମଞ୍ଚ ପାଇଁ ସ୍ୱତନ୍ତ୍ର କୌଣସି ନାଟକ ପ୍ରାୟ ରଚନା କରାଯାଉନଥିଲା ଏବଂ ସମସ୍ତେ ପେଶାଦାର ରଙ୍ଗମଞ୍ଚରେ ପରିବେଷିତ ନାଟକ ନେଇ ସୌଖୀନ ରଙ୍ଗମଞ୍ଚର ଆବଶ୍ୟକତା ମେଣ୍ଟାଉଥିଲେ । ସେହି ନାଟକଗୁଡିକରେ ଦର୍ଶକଙ୍କର ମନୋରଞ୍ଜନ ଓ ଉପଭୋଗ ପାଇଁ ନାଟକର ଆବଶ୍ୟକତାକୁ ଅନୁଧ୍ୟାନ କରି ନାଚ ଏବଂ ଗୀତ ପରିବେଷଣ କରାହେଉଥିଲା । ଅଧିକାଂଶ ନାଟକରେ ନାୟକ, ନାୟିକା ବା ଉଭୟଙ୍କର ସମନ୍ୱିତ କଣ୍ଠ ସଙ୍ଗୀତ ପ୍ରଚଳନ ଥିଲା । ପ୍ରଚ୍ଛଦପଟ ଗାୟନର ପ୍ରଚଳନ

Digitized by srujanika@gmail.com

ନଥିଲା । 'ପହିଲି ରଜ' ନାଟକରେ ନାୟିକାର ଦୁଇଟି ଗୀତ ଗାଇବାର ଥିଲା, କିନ୍ତୁ ଉକ୍ତ ଭୂମିକାରେ ଅଭିନୟ କରୁଥିବା ଶ୍ରୀ ଅନନ୍ତ ପଣ୍ଡା ଗୀତ ଗାଇ ପାରୁନଥିଲେ, ଗୀତ ବାଦ୍‌ଦେଲେ ନାଟକଟି ହୁଏତ ପୂର୍ଣ୍ଣମାତ୍ରାରେ ସଫଳତା ଲାଭ କରି ନପାରେ ବୋଲି ନିର୍ଦ୍ଦେଶକ ଅନିଲ ମହାପାତ୍ର, ପରିଚାଳନା ତଥା ନାଟ୍ୟ ସଂସଦର ଉପଦେଷ୍ଟା ଦାୟିତ୍ୱରେ ଥିବା ଓଡ଼ିଆ ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) ଉପଲବ୍‌ଧି କଲେ ଏବଂ ଏ ବିଷୟରେ ଆଲୋଚନା କଲାବେଳେ ନାଟ୍ୟସଂସଦର ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ରସଂସଦ ସଭାପତି ଶ୍ରୀ ମନୋଜ ଦାସ ଉପସ୍ଥିତ ରହି ଆଲୋଚନାରେ ବିଶେଷ ଅଂଶ ଗ୍ରହଣ କରିଥିଲେ । ମନୋଜ ବାବୁ ଗୋଟିଏ ପ୍ରସ୍ତାବ ଉପସ୍ଥାପନ କରି କହିଲେ ଯେ ନାୟିକାର ଯେଉଁଠାରେ ଗୀତ ଗାଇବାର ଅଛି ସେଠାରେ ତାର ସାନ ଭଉଣୀକୁ ଗାଇବା ପାଇଁ କୁହାଯାଉ ଏବଂ ପରିବେଶ ଓ ନାଟକୀୟ ପରିସ୍ଥିତିକୁ ଖାପ୍ ଖାଇଲା ଭଳି ଏବଂ ସାନ ଭଉଣୀର ଚରିତ୍ରକୁ ଖାପ୍ ଖାଇଲା ଭଳି ନୂଆ ଗୀତଟିଏ ରଚନା କରି ସ୍ୱର ସଂଯୋଜନା କରିବାକୁ ପଡିବ । ଯେହେତୁ ସାନ ଭଉଣୀ ଭୂମିକାରେ ମୁଁ ଅଭିନୟ କରୁଥିଲି ଏବଂ ଭଲ ଗାଇ ପାରୁଥିଲି, ସେ ଗୀତଟି ମୋତେ ଶିଖାଇ ଦିଆଯିବ ଏବଂ ସେ ଦାୟିତ୍ୱ ସେ ନିଜେ ବହନ କରିବେ ବୋଲି ମତ ବ୍ୟକ୍ତ କଲେ । ସମସ୍ତେ ଏ ପ୍ରସ୍ତାବଟିକୁ ସାଦର ଗ୍ରହଣ କଲେ । ତା'ପର ଦିନଠାରୁ ରିହାର୍‌ସାଲ୍‌ର ନିର୍ଦ୍ଧାରିତ ସମୟର ଘଣ୍ଟାକ ପୂର୍ବରୁ ମୁଁ ସାଉଥ ହଷ୍ଟେଲରେ ମନୋଜ ବାବୁ ରହୁଥିବା ରୁମ୍‌କୁ ଯାଏଁ । ତାଙ୍କରି ଖଟ ଉପରେ ହାରମୋନିୟମ୍ ଧରି ସେ ବସନ୍ତି, ମୁଁ ତାଙ୍କ ସାମନାରେ ବସେ ଏବଂ ସେ ମୋତେ ଗୀତ ଶିଖାନ୍ତି । କଲେଜରେ ଲିଜାର୍ ସମୟରେ ମଧ୍ୟ ପ୍ରଶିକ୍ଷଣ ଚାଲେ । ଗୀତଟି ଅଦ୍ୟାବଧି ମୋର ମନେ ଅଛି ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରକାଶ କରି ମୁଁ ନିଜକୁ ଗୌରବାନ୍ୱିତ ମନେକରେଁ । ତା'ପରେ ମନୋଜ ବାବୁଙ୍କ ସହିତ ମୋର ଆଉ ବିଶେଷ ଯୋଗାଯୋଗ ହୋଇନାହିଁ ବା ପରବର୍ତ୍ତୀ କାଳରେ ଦେଖା ହେବାର ସୁଯୋଗ ମଧ୍ୟ ଘଟିନାହିଁ । କିନ୍ତୁ ସେଦିନ ସେ ଶିଖାଇଥିବା ଗୀତଟି ମୁଁ ଭୁଲି ପାରୁନାହିଁ । ଏବେବି ମୋ ମାନସପଟରେ ସେଇ ମନୋଜ ବାବୁ ରହିଯାଇଛନ୍ତି । ଗୀତଟି ଥିଲା :-

ଶତେକ ଯୁଗର ପରେ
ଅନ୍ଧାର ମୋର ପୁରେ
ଦୀପ୍ତ ବିହୁଡି ଜାଳି
ଦେଖାଦିଅ ଆସି ବାରେ,
ଅନ୍ଧାର ମୋର ପୁରେ ।

Digitized by srujanika@gmail.com

ଯେ ମରମ ତଳେ ରାଜୁତି କରୁଛି
ତମସା ରାତି, ତମସା ରାତି
ଝଙ୍କାର ଗୀତ ଶୁଣି, ଶୁଣି ଶୁଣି..
ଯେ ମରମ ଯାଏ ବିତି,
ଆଜି ସେ ମରମ ତଳେ/ ଅଶ୍ରୁ ପ୍ରଦୀପ ଜଳେ
ପଲ୍ଲବି ଉଠୁ ମୋ ଜୀବନ ତୁମ
ବଂଶୀ ବିତାନ ସୁରେ
ଅନ୍ଧାର ମୋର ପୁରେ ।

ଆଜିର ସରସ୍ୱତୀ ସମ୍ମାନପ୍ରାପ୍ତ କାଳଜୟୀ ସାହିତ୍ୟସ୍ରଷ୍ଟା ଶ୍ରୀ ମନୋଜ ଦାସଙ୍କର ପ୍ରାୟ ୫୦ ବର୍ଷ ତଳର ଏହା ଏକ କୃତି, ଯାହା ତାଙ୍କ ବହୁମୁଖୀ ପ୍ରତିଭାର ପରିଚୟ ଦିଏ । ଏକ ସାମାନ୍ୟ କ୍ଷୁଦ୍ର ଭୂମିକାରେ ମୋର ଅଭିନୟ ପ୍ରଦର୍ଶନ ସହ ମନୋଜ ବାବୁଙ୍କ ସ୍ୱରଚିତ ଏବଂ ସ୍ୱର ସଂଯୋଜିତ ଏହି ଗୀତଟି ସେଦିନ ଦର୍ଶକବୃନ୍ଦଙ୍କୁ ଅଧିକ ଅଭିଭୂତ କରିବାରେ ସାହାଯ୍ୟ କରିଥିଲା, ଏବଂ ମୁଁ ଏହି କ୍ଷୁଦ୍ର ଭୂମିକାରେ ଅଭିନୟ କରି ଦର୍ଶକ ମହଲର ଗୋଟିଏ କପ୍, ତିନୋଟି ପଦକ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଦାମୋଦର ମିଶ୍ରଙ୍କ ସହଧର୍ମିଣୀଙ୍କ ଠାରୁ ୧୦ଟଙ୍କା ପୁରସ୍କାର ଲାଭ କରିଥିଲି ।

ଏହି ପରିପ୍ରେକ୍ଷୀରେ ମନୋଜ ଦାସଙ୍କ ସହିତ ଛାତ୍ର ଜୀବନରେ କିଛି ଦିନପାଇଁ ମୋର ଅନ୍ତରଙ୍ଗ ସାନ୍ନିଧ୍ୟ ଏବଂ ଅଗ୍ରଜସମ ତାଙ୍କର ସ୍ନେହ ଶୁଭେଚ୍ଛା ବହୁବର୍ଷ ପରେ ବି ଆଜି ଅଭୁଲା ସ୍ମୃତିଭାବେ ମୋ ମନରେ ସାଇତା ହୋଇ ରହିଛି ।

• 'ମାନସ କୁଟୀର'
ମାଣିଖମ୍ବ, ବାଲେଶ୍ୱର
ପିନ୍ : ୭୫୬ ୦୦୩

Digitized by srujanika@gmail.com

ସେଦିନର ସ୍ମୃତି

ସୁଦର୍ଶନ ନାୟକ

୧୯୪୮ ମସିହା । ସେତେବେଳେ ଓଡ଼ିଶାରେ ଅଳ୍ପ କେତୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ଥିଲା । କଟକରେ ରେଭେନ୍‌ସା କଲେଜିଏଟ୍ ସ୍କୁଲ, ବାଲେଶ୍ୱର, ପୁରୀ ଓ ସମ୍ବଲପୁରରେ ଜିଲ୍ଲା ସ୍କୁଲମାନ ଥାଏ । ଆଉ କେଉଁଠି ସରକାରୀ ଉଚ୍ଚ ବିଦ୍ୟାଳୟ ଥିବାର ସେତେବେଳେ ମୋତେ ଜଣାନଥିଲା । ଏହିପରି ଜିଲ୍ଲାସ୍ତରୀୟ ସରକାରୀ ବିଦ୍ୟାଳୟରେ ପଢିବାର ଗୋଟିଏ ଗର୍ବ ଥିଲା । ସେ ବର୍ଷ ମୁଁ ବାଲେଶ୍ୱର ଜିଲ୍ଲା ସ୍କୁଲର ୯ମ (କ) ଶ୍ରେଣୀରେ ପଢୁଥାଏ । ସେଇ ଶ୍ରେଣୀରେ ମନୋଜ ଦାସ ଆସି ମୋର ସହପାଠୀ ହେଲା ।

ପ୍ରଥମ ଦିନ ଖେଳଛୁଟିରେ ତା' ସହ ଆଳାପ କରିନେଲି । ବନ୍ଧୁତା ଆରମ୍ଭ ହେଲା । କ୍ରମଶଃ ବନ୍ଧୁତା ନିବିଡ ହୋଇ ଆଜି ପର୍ଯ୍ୟନ୍ତ ସେ ବନ୍ଧୁତା ରହିଛି ।

ସେଦିନର ସେଇ ମନୋଜ ଦାସ, ଆଜି ଜଣେ ବିରାଟ ବ୍ୟକ୍ତିତ୍ୱର ଅଧିକାରୀ । ସେ ମହାଦ୍ରୁମରେ ପରିଣତ ହୋଇଛି । ମୁଣ୍ଡ ଆକାଶକୁ ଲାଗିଛି । ଲୋକମାନେ ବେକଭାଙ୍ଗି ସେଇ ମୁଣ୍ଡକୁ ଦେଖିବାକୁ ଚେଷ୍ଟା କରୁଛନ୍ତି ।

ମୁଁ ଜଣେ ତାର ସ୍କୁଲ ଓ କଲେଜ ଜୀବନର ସହପାଠୀ ହୋଇଥିବାରୁ ମୋତେ କିଛି ସ୍ମୃତି ଚାରଣ କରିବାକୁ ଆୟୋଜକ ମାନେ ଅନୁରୋଧ କରିଥିଲେ । ମୁଁ ସାହିତ୍ୟିକ ନୁହେଁ କି ଲେଖକ ନୁହେଁ । ମୋତେ ଏ ପ୍ରକାର ଅନୁରୋଧ ଛେଳିକୁ ପାଣିକୁ ଟାଣିଲା ଭଳି ଲାଗୁଛି ।

ନବମ ଶ୍ରେଣୀର କଥା କିଛି ମନେ ପଡୁନାହିଁ । ସେ ଫକୀର ମୋହନ କଲେଜର ତତ୍‌କାଳୀନ ଇତିହାସ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ମନ୍ମଥ ନାଥ ଦାସଙ୍କ ସାନଭାଇ । ଖୁବ୍ ଅଳ୍ପଦିନ ଭିତରେ ସେ ଆମ୍ଭମାନଙ୍କ ସଙ୍ଗରେ ବେଶ୍ ମିଶି ଯାଇଥିଲା । ଥରେ ୧୦ମ ଶ୍ରେଣୀରେ ପଢୁଥିଲା ବେଳେ ଆମେ ଭୁବନେଶ୍ୱର ଓ ପୁରୀକୁ ଭ୍ରମଣରେ ଯାଇଥିଲୁଁ । ଆମ୍ଭମାନଙ୍କ ଗହଣରେ ମନୋଜ ଥିଲା । ଯଦିଚ୍ ସେଦିନର ସ୍ମୃତି ଆଜି ଅସ୍ପଷ୍ଟ; ମାତ୍ର ଗୋଟିଏ ଘଟଣା ବେଶ୍ ସ୍ପଷ୍ଟ ମନେଅଛି ।

କେଦାର-ଗୌରୀ କୁଣ୍ଡରେ ଗାଧୋଇବା ପାଇଁ ପିଲାମାନେ ପ୍ୟାଣ୍ଟ ସାର୍ଟ

Digitized by srujanika@gmail.com

ଖୋଲି ଗାମୁଛା ପିନ୍ଧି କୁଣ୍ଡର ଚାରିପଟେ ଥିବା ପାଚେରୀ ଉପରେ ଲୁଗା ରଖି ପାଣିକୁ ଡେଇଁ ପଡିଲେ । ସେମାନଙ୍କ ମଧ୍ୟରେ ମୁଁ ମଧ୍ୟ ଥିଲି । ମୁଁ ଭଲ ପହଁରି ପାରୁଥିଲି । ମନୋଜ ହାତରୁ ହାତଘଣ୍ଟା ଖୋଲି ପ୍ୟାଣ୍ଟ୍ ପକେଟ୍‌ରେ ରଖି ପ୍ୟାଣ୍ଟଟା କୁଣ୍ଡର ପାଚେରୀ ଉପରେ ରଖିଲା ବେଳେ ଘଣ୍ଟାଟି ଖସିଯାଇ କୁଣ୍ଡର ପାଣିରେ ପଡିଗଲା । ଆମ୍ଭମାନଙ୍କ ମଧ୍ୟରେ ସେ ହିଁ କେବଳ ଘଣ୍ଟା ପିନ୍ଧୁଥିଲା । ଆରମ୍ଭହେଲା ଦକ୍ଷ ପହଁରାବାଲା ଓ ବୁଡାଳୀ ମାନଙ୍କର ଘଣ୍ଟା ଖୋଜା ଅଭିଯାନ । ଜଣକ ପରେ ଜଣେ ସେ ସ୍ଥାନରେ ବୁଡୁଥାନ୍ତି ଏବଂ କିଛି ସମୟପରେ ଉପରକୁ ଉଠୁଥାନ୍ତି । ସମସ୍ତଙ୍କ ମୁହଁରେ ଅସଫଳତାର ଛାପ । ସେ ସ୍ଥାନରେ ଜଳର ଗଭୀରତା ୧୦ଫୁଟରୁ ଅଧିକ ହେବ । ତଳେ ବହୁ ବର୍ଷର ପଙ୍କ, ପଚା ପତ୍ର, କାଠି, ଭଙ୍ଗାଇଟା ଓ ପଥର ଆଦିର ସମାବେଶ । ସବୁରେ ହାତ ବାଜୁଛି ; ମାତ୍ର ଘଣ୍ଟା କାହିଁ ? ବୁଡ଼ାଳୀମାନଙ୍କ ମଧ୍ୟରେ ମୁଁ ବି ଜଣେ । ସମସ୍ତେ ଆଶା ହରାଇ ବସିଲୁ । ମୁଁ ଶେଷ ଚେଷ୍ଟା କଲି । ପାଣିରେ ବୁଡି ବୁଡି ହାଲିଆ ହେଲୁଣି । ସିଧା ସଳଖ ଆଉ ପାଣି ଭିତରକୁ ଯାଇ ହେଉନାହିଁ । କୁଣ୍ଡର କାନ୍ଥ ଧରି ଧରି ପାଣିରେ ବୁଡିଲି । କିଛିବାଟ ବୁଡିଲା ପରେ କାନ୍ଥର ଗୋଟିଏ ଭଙ୍ଗା ସ୍ଥାନରେ ମୋର ହାତ ପଡିଲା, ଆଉ ସେଇଠି ହାତରେ ପଡିଲା ମନୋଜର ଘଣ୍ଟା । ଘଣ୍ଟାଟି ଧରି ଉପରକୁ ଉଠିଲି । କି ଆନନ୍ଦ ସମସ୍ତଙ୍କ ମନରେ !

ଏକାଦଶ ଶ୍ରେଣୀରେ ମୁଁ ରହିଲି ହଷ୍ଟେଲରେ । ମନୋଜ ମଧ୍ୟ ରହିଲା ହଷ୍ଟେଲରେ । ଯଦିଚ୍ ତା'ର ବଡଭାଇ ଶ୍ରୀଯୁକ୍ତ ମନ୍ମଥ ବାବୁ ସ୍କୁଲପାଖରେ ରହୁଥିଲେ, ସମ୍ଭବତଃ ହଷ୍ଟେଲରେ ତାକୁ ରଖାଇଥିଲେ ପଢାପଢିର ସୁବିଧା ପାଇଁ । ସେ ସମୟରେ ମନୋଜ ଅନେକ କଲେଜ ଛାତ୍ରଙ୍କ ସହ ମିଶୁଥିଲା । ସେ ମଧ୍ୟ ଆମ୍ଭମାନଙ୍କଠାରୁ ଜ୍ଞାନରେ ବହୁ ବିଷୟରେ ଆଗୁଆ ଥିଲା । ସାଧାରଣ ଜ୍ଞାନ, ବଡ ବଡ ଲୋକମାନଙ୍କ ବିଷୟରେ ଧାରଣା ଇତ୍ୟାଦି ଆମ୍ଭମାନଙ୍କ ଠାରୁ ତା'ର ଯଥେଷ୍ଟ ଅଧିକା ଥିଲା ।

୧୯୫୧ ମସିହାରେ ଫକୀରମୋହନ କଲେଜରେ କଳା ଶ୍ରେଣୀରେ ପ୍ରବେଶ କଲୁ । ସେତେବେଳକୁ ମନୋଜ ଆମର ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ସାରିଥାଏ । ସେ All India Students Federation ନାମକ ଏକ ଛାତ୍ର ସଂଗଠନର ସଭ୍ୟ ହୋଇ ସାରିଥାଏ । ଆମ୍ଭମାନଙ୍କ ମଧ୍ୟରୁ କେତେଜଣଙ୍କୁ ମଧ୍ୟ ସଭ୍ୟ କରାଇଲା । ସେଇବର୍ଷ ଶେଷ ଆଡକୁ କଟକଠାରେ A.I.S.F.ର ଏକ ସମ୍ମିଳନୀ ହେଲା । ମନୋଜର ନେତୃତ୍ୱରେ ଆମେ କିଛି ପିଲା ସେଥିରେ ଯୋଗ ଦେଇଥିଲୁ । ମୋ ସହିତ ଆଉ କିଏ କିଏ ଯାଇଥିଲେ ମନେନାହିଁ । ସେଠାରେ ମନୋଜ ଆମକୁ ପରିଚିତ କରାଇଥିଲା ତତ୍‌କାଳୀନ କିଛି ବରିଷ୍ଠ ଛାତ୍ରନେତାଙ୍କ ସହ । ସେମାନେ ହେଲେ ୰ ପ୍ରବୀର ପାଲିତ ୰ ଅଖିଳ ମୋହନ ପଟ୍ଟନାୟକ, ଶ୍ରୀ ଶିବାଜୀ ପଟ୍ଟନାୟକ,

Digitized by srujanika@gmail.com

ଶ୍ରୀ ଗିରିଜା ପଟ୍ଟନାୟକ ଏବଂ ଅନ୍ୟ କେତେଜଣ । ପରବର୍ତ୍ତୀ ସମୟରେ ଏମାନେ ସମସ୍ତେ ନିଜ ସାଧ୍ୟ ବଳରେ ସମାଜରେ ବେଶ୍ ଉଚ୍ଚ ସ୍ଥାନରେ ପ୍ରତିଷ୍ଠିତ ।

ସେତେବେଳେବି କଲେଜରେ ଛାତ୍ର ସଂସଦ ପାଇଁ ନିର୍ବାଚନ ହେଉଥିଲା । ସାଧାରଣତଃ ୪ର୍ଥ ବର୍ଷର ଛାତ୍ରମାନେ ସଭାପତି ପଦପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । କିନ୍ତୁ ୩ୟ ବର୍ଷ କଳାରେ ପଢୁଥିବା ମନୋଜ A,I.S.F.ର ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରି ସଭାପତି ଭାବରେ ନିର୍ବାଚିତ ହେଲା । ମନୋଜ ଜିତିଥିଲା ତା'ର ନିଜର ବଳିଷ୍ଠ ନେତୃତ୍ୱ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ ପାଇଁ । ତଳ ଓ ଉପର ଶ୍ରେଣୀର ସବୁପିଲାଙ୍କ ସହ ତାର ସଦ୍‌ଭାବ ତାକୁ ଜୟଯୁକ୍ତ କରାଇଥିଲା ।

ସେ ଆଜି ଜଣେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ସାହିତ୍ୟିକ, ସମାଲୋଚକ ଓ ସାଧକ । ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ତାର ଦକ୍ଷତା ଆଜି ସମସ୍ତେ ଉଚ୍ଚକଣ୍ଠରେ ସ୍ୱୀକାର କରୁଛନ୍ତି ଏବଂ ପ୍ରଶଂସା କରୁଛନ୍ତି । ମୁଁ ତା'ର ବାଲ୍ୟବନ୍ଧୁ ହିସାବରେ ତା'ର ଏହି କୃତିତ୍ୱରେ ଆଜି ଗର୍ବ ଅନୁଭବ କରୁଛି ।

• ପଢୁଆଁପଦା,
ବାଲେଶ୍ୱର -୭୫୬ ୦୦୧

Digitized by srujanika@gmail.com

ମନୋଜ ଭାଇ : ସମ୍ପର୍କ ଓ ସୃଜନ

ଏମ୍. ଏ. ଓ୍ୱହିଦ୍

ଦ୍ୱିତୀୟ ଶ୍ରେଣୀରେ ପଢିବା ସମୟରେ ୧୯୪୨ ମସିହା ଅକ୍ଟୋବର ୧୬ ତାରିଖ ଶୁକ୍ରବାର ଦିନ ପ୍ରକୃତିର କରାଳରୂପ ପ୍ରଥମେ ଅଙ୍ଗେ ନିଭାଇଲି । ପ୍ରବଳ ଝଡ ତୋଫାନ ମାନବର କୃତି ଓ ସ୍ଥିତି, ତଥା ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲା । ସେହିପରି ଗୋଟିଏ ଘଟଣା ଥିଲା ତତ୍ ପରବର୍ଷର ସୁବର୍ଣ୍ଣରେଖା ନଦୀର ପ୍ରଳୟଙ୍କାରୀ ବନ୍ୟା, ଯାହା ଭୋଗରାଇର ଗର୍ବ ତଥା ରକ୍ଷାକାରୀ ଭୂଆବନ୍ଧକୁ ଭାଙ୍ଗି ଅପ୍ରସ୍ତୁତ ଭୋଗରାଇର ବାଲୁକାରେ ଶତ ନଦୀ ସୃଷ୍ଟି କରିଥିଲା । ପ୍ରାୟ ନବମ ଶ୍ରେଣୀରେ ମୋ ହାତରେ ପଡିଲା କ୍ଷୁଦ୍ର କବିତା ପୁସ୍ତିକା 'ଶତାବ୍ଦୀର ଆର୍ତ୍ତନାଦ' । ସ୍ମୃତିରୁ ଲେଖୁଛି, ଭୁଲ ହୋଇପାରେ- କିନ୍ତୁ ମନରେ ଏତିକି ଲିପିବଦ୍ଧ ରହିଛି :

ସହସା ଉଠିଲା ସରଗୋଳ ଏକ
 ବିଜନ ପଲ୍ଲୀ ବୁକେ
ଶତ୍ରୁ-ସଇନ ମିଳିଲେଣି ଆସି
 ସୁବୁନେଖା ନଈ ବାଙ୍କେ....
ସାବଧାନ ! ସରକାର,
 ପ୍ରଜା ହିତ ଲାଗି ଢେଙ୍ଗୁରା ପିଟାଇ
 ଆଗହୁଁ କଲେ ପ୍ରଚାର ।

ସେଇ କଥାବସ୍ତୁକୁ ଏପରି ଏକ ଗମ୍ଭୀର ଶବ୍ଦ-ବ୍ୟଂଜନାର ରୂପଦେଇ ଯେ ଛପାଯାଇ ପାରେ, ମୋର ଧାରଣାରେ ନଥିଲା । ଚକିତ ହୋଇ ପଢ଼ିଥିଲି ସମୁଦାୟ ପୁସ୍ତିକାଟି ।

ସେଇ ପୁସ୍ତିକାର କବି ଆଜିର ସ୍ୱନାମଧନ୍ୟ ଲେଖକ ମୋର ଅତିପ୍ରିୟ ଅଗ୍ରଜତୁଲ୍ୟ ମନୋଜ ଦାସ । ଜଳେଶ୍ୱରପୁର ହାଇସ୍କୁଲର ଉଚ୍ଚଶିକ୍ଷାର ପ୍ଲାବିତ ବାତାବରଣରେ ଅବଗାହନ ଓ ସନ୍ତରଣ କରି ତନୁ-ମନ ଧନ୍ୟ ହୋଇଥାଏ । ଭୋଗରାଇ ଅଞ୍ଚଳର ବହୁ ଗୁଣୀ, ସ୍ନେହୀ, ମାନବବାଦୀ ଛାତ୍ରଙ୍କ ମଧ୍ୟରେ ମୋର ସହପାଠୀ ହୋଇଥାନ୍ତି ଶଙ୍ଖାରୀ ଗ୍ରାମର ଶ୍ରୀ ଯତୀନ୍ଦ୍ର ନାଥ ଦାସ, ଶିକ୍ଷାବିତ୍ କାଳୀକୁମାର ଦାସଙ୍କ

Digitized by srujanika@gmail.com

ବଡ଼ଭାଇ । ମେଧାବୀ ଛାତ୍ରଙ୍କ ଉର୍ବରଭୂମି ଭୋଗରାଇର ସମୁଦ୍ରକୂଳସ୍ଥ ଗ୍ରାମମାନ । ମିତ୍ରତାର ଅତୁଟ, ପବିତ୍ର ବନ୍ଧନ ମୋତେ ଆକର୍ଷଣ କରିଥିଲା ଫୁଲବଣୀ, ବିଚିତ୍ରପୁର, ଶଙ୍ଖାରି ଓ ନାଫ୍‌ରି ଗ୍ରାମ ମାନଙ୍କୁ । ସେଇଠି, ବନ୍ଧୁ ଯତୀନ୍ଦ୍ର ମୋତେ ନେଇଯାଇଥିଲେ-'ମନ୍ମଥ ଭାଇ ଇତିହାସ ବହି ଲେଖୁଛନ୍ତି' କହି । ଏହିପରି ଭାବରେ ମନୋଜ ଭାଇଙ୍କ ଘରର ଦର୍ଶନ ହୋଇଥିଲା, ଏବଂ ସନ୍ତର୍ପଣରେ ଆମେ ତାଙ୍କ ବଡଭାଇ ଶ୍ରୀଯୁକ୍ତ ମନ୍ମଥ ନାଥ ଦାସଙ୍କୁ ଏକାନ୍ତରେ ସାଧନାରତ ତରୁଣ ଅଧ୍ୟାପକଭାବରେ ଦେଖିଥିଲୁ । ଅବଶ୍ୟ ସେ ଆମକୁ ସ୍ନେହପୂର୍ଣ୍ଣ ସମ୍ଭାଷଣ ଦେଇଥିଲେ, ଯାହା ମୁଁ ଆଜୀବନ ତାଙ୍କଠାରୁ ଲାଭ କରିଛି ।

ଏହାପରେ ସମୟ କ୍ଷିପ୍ର ଗତିରେ ମୋତେ ପଛରେ ପକାଇ ଅତିବାହିତ ହୋଇଗଲା, କିନ୍ତୁ ପଛରେ ପକାଇ ପାରିଲାନି ମନୋଜଭାଇଙ୍କୁ । ଅଧ୍ୟୟନର ସମାପ୍ତି, ଅଧ୍ୟାପନା, ସାହିତ୍ୟ-ସୃଷ୍ଟି ଓ ସାହିତ୍ୟ-ସେବା, ବିବାହ, ସମାନ୍ତରଭାବରେ ଅଗ୍ରଗତି କରି ଚାଲିଲା । ମୁଁ ଜାଣିନାହିଁ, କିନ୍ତୁ ମୋର ମନେହୁଏ, ମନୋଜ ଭାଇଙ୍କ କ୍ଷେତ୍ରରେ କିଛି ମାନସିକ ପ୍ରଭାବ ତାଙ୍କ ସାହିତ୍ୟିକ ସୃଷ୍ଟିକୁ ପ୍ରଭାବିତ କରିଥିବ । କିନ୍ତୁ ଏହାପରେ ସେ ଯେତେବେଳେ ପଣ୍ଡିଚେ଼ରୀ ଯାତ୍ରାର ସିଦ୍ଧାନ୍ତ ନେଲେ, ଭୋଗରାଇବାସୀ ଏହାକୁ ଏକ ସନ୍ନ୍ୟାସ ଦୃଷ୍ଟିରେ ଦେଖି ବ୍ୟଥିତ ହେଲେ -ମଣିଷର ଅନ୍ତରରେ ହଠାତ୍ ଏପରି କ'ଣ ଘଟେ ! ଏହିପରି ଟିପ୍ପଣୀ ମୁଁ ଶୁଣିଛି । କିନ୍ତୁ ପରବର୍ତ୍ତୀ ଭୂମିକା ଓ ଜୀବନ ଶୈଳୀ ଅନୁଧ୍ୟାନ କରି ମୁଁ ଏତିକି ବୁଝିଛି ଯେ ଏ ସିଦ୍ଧାନ୍ତ ସୃଷ୍ଟି ସହିତ ଅଧ୍ୟାତ୍ମର ନିବିଡ ସଂଯୋଗ ଭିନ୍ନ ଅନ୍ୟ କିଛି ହୋଇ ନ ପାରେ । ତେବେ ଆଶ୍ରମ ଜୀବନର ଏ ଯେଉଁ ସନ୍ନ୍ୟାସ ମନୋଜ ଭାଇ ଆଦରିନେଲେ, ଏହା ମଧ୍ୟ ମୋର ଜ୍ଞାତସାରରେ ମୋର ସମସାମୟିକଙ୍କ ମଧ୍ୟରେ ଏକମାତ୍ର ଅତୁଳନୀୟ ଦୃଷ୍ଟାନ୍ତ ।

ତେବେ ଏହା ପୂର୍ବରୁ ଯେଉଁ ଇଂଲିଶ୍ ଅଧ୍ୟାପକର ଭୂମିକା ଓ ସାହିତ୍ୟ ସେବା କଥା ମୁଁ ଉଲ୍ଲେଖ କଲି, ସେଥି ମଧ୍ୟରେ 'ଦିଗନ୍ତ'ର ସଂପାଦନା ଓ ସାହିତ୍ୟ ସୃଷ୍ଟିର ସ୍ୱାକ୍ଷର ଅନ୍ୟତମ । ମୁଁ ଯେଉଁ ଏକମାତ୍ର ଲେଖାଟି 'ଦିଗନ୍ତ' ପାଇଁ ପଠାଇଥିଲି, ମନୋଜ ଭାଇ ସେଇଟି ପ୍ରକାଶ କରିଥିଲେ ଓ ପତ୍ରାଳାପ ମଧ୍ୟ କରିଥିଲେ ।

ପଣ୍ଡିଚେ଼ରୀରେ ଆଧ୍ୟାତ୍ମିକ ବିକାଶ, ସମାଜରେ ଆଧ୍ୟାତ୍ମିକ ଚେତନା ପାଇଁ ଅବଦାନ ସହିତ ଆବିର୍ଭୂତ ହେଲେ କଥାକାର ମନୋଜ ଦାସ । ନିଜର ପୁସ୍ତକମାନ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ତାଙ୍କର ଗଳ୍ପଗୁଡିକ ପାଠ୍ୟପୁସ୍ତକ ମାନଙ୍କରେ ସ୍ଥାନିତ ହେଲା ଓ ଅଦ୍ଭୁତ ଭାଷା, କଳ୍ପନା ଓ ପ୍ରକାଶଭଙ୍ଗୀରେ ବ୍ୟଙ୍ଗ ଓ ହାସ୍ୟରସର ଉଜାଣି ଅଜାଡି ହୋଇ ପଡିଲା । 'ସମୁଦ୍ରର କ୍ଷୁଧା' ଠାରୁ ଆରମ୍ଭ କରି 'ଭିନ୍ନ ମଣିଷ' ପର୍ଯ୍ୟନ୍ତ ଗଳ୍ପସମ୍ଭାରରେ ପାଠକପାଇଁ ରତ୍ନଭଣ୍ଡାର ଓ ଗବେଷକପାଇଁ ଜ୍ଞାନ-ସାଗର ସାଇତା ରହିଛି । ଅନେକ ଲେଖା ମୋତେ ସ୍ପର୍ଶ କରିଛି ଚରିତ୍ରଗୁଡିକର ମାନବିକ ଗୁଣାବଳୀ ପାଇଁ -ଦୟା, କ୍ଷମା, ତ୍ୟାଗ, ସେବାର ଆଦର୍ଶରେ, ସମସ୍ତ କିଛି ହାସ୍ୟରସରେ ରସାଣିତ

Digitized by srujanika@gmail.com

ହୋଇଛି । ସେହିପରି ଇଂଲିଶ୍ ଲେଖାମାନଙ୍କରେ ମୌଳିକ କଳ୍ପନା ବହୁ ଦିଗ୍‌ବଳୟକୁ ଅତିକ୍ରମ କରି ମାନବ ଜୀବନପାଇଁ ବହୁ ବାର୍ତ୍ତା ରଖି ଦେଇଛି । ଯେପରି ଆଧ୍ୟାତ୍ମବାଦ ମର ପୃଥିବୀର ସୀମାକୁ ଛାଡିଦେଇଛି ନିଜ ଜୀବନ ଓ ସାହିତ୍ୟର ବ୍ୟାପ୍ତିରେ, ସେହିପରି ସମସ୍ତ କିଛି ଯେପରି ପ୍ରାରମ୍ଭର ସେଇ ଅଲିଭା ଶବ୍ଦ 'ଦିଗନ୍ତ' ଦ୍ୱାରା ପରିଚାଳିତ ହୋଇଛି, -'କେତେ ଦିଗନ୍ତ' ଆବିଷ୍କାର କରିଛି । ମନୋଜ ସାହିତ୍ୟର ଏହି ଅସୀମତା ଅଜ୍ଞାତରେ ପାଠକଙ୍କୁ ତା'ର ଜୀବନର ବାସ୍ତବତାରୁ ଚୋରାଇ ନେଇ ସତ୍ୟ, ନ୍ୟାୟ, ସ୍ୱର୍ଗୀୟତାର ସୁରମ୍ୟ ବିଶ୍ୱରେ ହଜାଇ ଦିଏ-କିନ୍ତୁ ତଥାପି ତାଙ୍କ ଜନ୍ମମାଟି ଉତ୍କଳ ଜନନୀ ଦାନବର ଚରାଭୂଇଁ, ଦୁର୍ନୀତିର କରାଳ ଅନ୍ଧକାର ମଧ୍ୟରେ କୋଟିକୋଟି ନିରୀହ ମାନବ ଜୀବନ ବିକାଶର ସ୍ୱପ୍ନ ଦେଖୁଦେଖୁ ବିନାଶରେ ଲୀନ ହୋଇଯାଉଛି । ମନେପଡେ ଗୁରୁଦେବ କବି କୁଞ୍ଜବିହାରୀ ଦାସଙ୍କ ପଦ:

ବଇଦେହୀ ଲୁହ ଗଢିଛି ତୁଷାର, ଶ୍ରାବଣ ବରଷା ଧାରା,
ତଥାପି ରାବଣ ଶବଦେ ପୂରିତ ହାୟ ଏ ଦୁନିଆ ସାରା ।

ମୋଟ ଉପରେ ଏହି ଦାନବତ୍ୱ ଯେପରି ଯୁଗଯୁଗ ଧରି କୃଷ୍ଣ, ବୁଦ୍ଧ, ଯୀଶୁ, ଚାଣକ୍ୟ, ନାନକ, କବୀରଙ୍କ ବାଣୀକୁ ପ୍ରତିହତ କରି ବିଭୁସୃଷ୍ଟିର ଚରମ ପରାକାଷ୍ଠା 'ମାନବ' କୁ ବିକୃତ କରିଛି, ସେହିପରି ମନୋଜ-ଜଗତକୁ ଅତି ସନ୍ତର୍ପଣରେ, ସତର୍କ ଭାବରେ ପରିହାର କରିଛି, ମନୋଜ ଭାଇଙ୍କ ଏକଦା -ପ୍ରେମ ସାମ୍ୟବାଦକୁ ପରାହତକରି ପୁଞ୍ଜିବାଦୀ ଶୋଷଣର ରାଜ୍ୟ ପ୍ରତିଷ୍ଠା କରିଛି । ସେଥିପାଇଁ ତ ସେ ଏ ବିଶ୍ୱର ଏ କର୍ଦ୍ଦମଠାରୁ ସମାନ୍ତର ଦୂରତା ରଖି ଆଧ୍ୟାତ୍ମିକ ଜୀବନକୁ ବାଛି ନେଇଛନ୍ତି ।

ଅମର କବି, ଲେଖକଗଣ ଯୁଗେ ଯୁଗେ ନିଜ ସୃଷ୍ଟି ମାଧ୍ୟମରେ ମାନବବାଦ ପ୍ରଚାର କରିଛନ୍ତି -ସେକ୍ସପିୟର୍, ଟଲ୍‌ଷ୍ଟୟ, ଡିକେନ୍‌ସ, ଗୋଲ୍ଡସ୍ମିଥ୍, ପ୍ରେମଚନ୍ଦ, ଫକୀରମୋହନ, ରାଧାନାଥ, ଗଙ୍ଗାଧର, ମାୟାଧର ଓ ଅନ୍ୟମାନେ । ମନୋଜ ଭାଇ ସୃଷ୍ଟି କରିଛନ୍ତି ଶିଶୁସାହିତ୍ୟ, ଆରମ୍ଭରୁ ମନକୁ ଗୋଟିଏ ଛାଞ୍ଚରେ ଗଢିବାପାଇଁ । କିପରି ମାନବର କୁନି କୁନି ଭବିଷ୍ୟତ ଆଜିର କମ୍ପ୍ୟୁଟର ଚକ୍ରବ୍ୟୂହ ଭେଦକରି 'ଆଲୋକ ଓ ଆନନ୍ଦର କାହାଣୀ', 'ଚାତୁର୍ଯ୍ୟ ଓ ଆନନ୍ଦର କାହାଣୀ'ର ଅଭିମନ୍ୟୁକୁ ଉଦ୍ଧାର କରି ବିଲୋଳ ହାସ୍ୟରସର ସୁଧାପାନ କରିବ ? କେଉଁ ଭୀଷ୍ମ ପିତାମହଙ୍କ ବିଶ୍ୱବିଜୟୀ ବାଣ ସେ କମ୍ପ୍ୟୁଟରରେ ମନୋଜ ସାହିତ୍ୟ ସନ୍ନିବେଶ କରିବ ? ମନୋଜ ଭାଇଙ୍କ ପାଇଁ ବାଲ୍ୟକାଳର ମ୍ଳାନସ୍ମୃତିରୁ କବି କାଳିନ୍ଦୀ ଚରଣଙ୍କ ପଙ୍କ୍ତିହିଁ ପ୍ରଯୁଜ୍ୟଭାବରେ ମନରେ ବାଜେ -

''ହେ ସାରଥି ! ଆଜି ଚଉପାଶେ ଏ କି ବ୍ୟୂହ ?

....

ସରିନାହିଁ ଆଜି ତୂଣୀରୁ ତୋହର ତୀର,
ଲିଭିନାହିଁ ଆଶା ବିଶ୍ୱବିଜୟ ପାଇଁ ?''

Digitized by srujanika@gmail.com

କର୍ତ୍ତବ୍ୟ ଓ କର୍ମର କଷଟିରେ ମନୋଜ ଭାଇ ଅଦ୍ୱିତୀୟ । ସଂଗ୍ରାମ ଓ ସାଧନାରେ ସେ ଉତ୍ତୀର୍ଣ୍ଣ । ମର ପୃଥିବୀର ଅସଂଖ୍ୟ ଧ୍ୱନି ଓ ସଙ୍ଗୀତ ମଧ୍ୟରେ ନିହିତ ତାଙ୍କର ଏକ ଅମର ସ୍ୱର । ସମୟ ସହିତ ସମାନ୍ତର ଗତି ରଖି ସେ ତାଙ୍କ ସାହିତ୍ୟିକ ଉପଲବ୍ଧିକୁ କରିଛନ୍ତି ନଭଶ୍ଚୁମ୍ବୀ । ଅସଂଖ୍ୟ ପ୍ରଶଂସକ ତାଙ୍କ ଚଲାପଥକୁ ସୁରଭିତ କରିଛନ୍ତି ଅମାପ ଶୁଭେଚ୍ଛାରେ । ଯେତେବେଳେ ଫକୀରମୋହନ କଲେଜର ପୁରାତନ ଛାତ୍ର ସଂସଦ ପକ୍ଷରୁ 'କିଏ କ'ଣ' ପୁସ୍ତିକା ପାଇଁ ବିଶିଷ୍ଟ ଛାତ୍ରମାନଙ୍କର ସଂକ୍ଷିପ୍ତ ଜୀବନୀ ସଂଗୃହୀତ ହେଲା, ଆରମ୍ଭରୁ ହିଁ ମୋର ସୁଯୋଗ୍ୟ ଛାତ୍ର ଅଧ୍ୟାପକ ସୁବାସ ଚନ୍ଦ୍ର ପାତ୍ର ମୋତେ ବିନୀତ ପରାମର୍ଶ ଦେଲେ, 'ସାର୍, ମନୋଜ ଦାସଙ୍କୁ ଆମେ ଏକ ଭିନ୍ନ ବିଭାଗରେ 'ଅସାଧାରଣ ଛାତ୍ର' ଭାବରେ ଉଲ୍ଲେଖ କରିବା ।' ମୋର ଜଣେ ଛାତ୍ର ଯେ ଏଇ ଅସାମାନ୍ୟ ପ୍ରତିଭାକୁ ଚିହ୍ନିଛନ୍ତି, ଏଥିରେ ପ୍ରୀତ ହୋଇ ମୁଁ ସେ ପୁସ୍ତିକାର ସମ୍ପାଦନାରେ ତାହାଙ୍କ ଜୀବନୀକୁ ସେହି ଶୀର୍ଷକରେ ସନ୍ନିବେଶ କରିଛି । ଏଥିରେ ସହପାଠୀ କବି ବ୍ରଜନାଥ ରଥ, ଫକୀର ମୋହନ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ପୁରାତନ ଛାତ୍ର ସଂସଦର ସଭାପତି ପ୍ରଫୁଲ୍ଲ କୁମାର ରଥ ଓ ଅନ୍ୟ ସଭ୍ୟମାନେ ହାର୍ଦ୍ଦିକ ସମର୍ଥନ ଜଣାଇଥିଲେ । ଯେତେବେଳେ ଜୀବନୀ ପାଇଁ ଅନୁରୋଧ କରି ମୁଁ ପଣ୍ଡିଚେରୀକୁ ପତ୍ର ଲେଖିଲି, ତରତରରେ ଲେଖା କେତୋଟି ପଙ୍କ୍ତିର ଉତ୍ତରରେ ଅନୁଜ ପାଇଁ ବାଲ୍ୟକାଳର ଚଳଣି ଅନୁସାରେ ସ୍ନେହବୋଳା 'ଶ୍ରୀମାନ୍' ସମ୍ବୋଧନ ଓ ତଳେ 'ମନୋଜ ଭାଇ' ଦସ୍ତଖତ ମୋ ହୃଦୟକୁ ସ୍ପର୍ଶକଲା । ଦୁଇଟି ଶବ୍ଦରେ ସେ ମହାସମୁଦ୍ରର ବ୍ୟବଧାନରେ ସେତୁବନ୍ଧ ସୃଷ୍ଟି କରିଛନ୍ତି । ପୁଣି ଯେତେବେଳେ ପୁସ୍ତିକାଟି ତାଙ୍କ ପାଖକୁ ପଠାଇଲି, ମୁଖବନ୍ଧଟି କିପରି ହୋଇଛି ପଚାରିଥିଲି । ମୋତେ ଉତ୍ସାହିତ କରିବାପାଇଁ ମୋର ଅକିଞ୍ଚନ ଲେଖା ବିଷୟରେ 'ମୁଖବନ୍ଧ'ଟି ଅତ୍ୟନ୍ତ ଭଲ ଭାବରେ ଲେଖା ଯାଇଛି' ବୋଲି ସେ ଉତ୍ତର ଦେଇଥିଲେ । କେବଳ ସେତିକି ନୁହେଁ, ପୁସ୍ତିକାରୁ ମୋର ଉପର ଶ୍ରେଣୀରେ କଲେଜରେ ପଢିଥିବା ଦେବୀପଦ ଘୋଷଙ୍କ ଜୀବନୀ ଶେଷରେ ତାହାଙ୍କ ମୃତ୍ୟୁବାର୍ତ୍ତା ପାଇ ସେ ତାଙ୍କର ସେହି ସହପାଠୀ ଦେବୀପଦ ଘୋଷ କି ବୋଲି ପଚାରିଥିଲେ ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ଜାଣିବାକୁ ଚାହିଁଥିଲେ । ଏହାଛଡା ତାହାଙ୍କୁ ଏପରି ପୃଥକ୍ ଭାବରେ ଅବସ୍ଥାପିତ କରା ଯାଇଥିବାରୁ ସେ ଅତ୍ୟନ୍ତ ଅପ୍ରତିଭ ବୋଲି ଉଲ୍ଲେଖ କରିଥିଲେ । ଏହିପରି ବ୍ୟକ୍ତିଗତ ଭାବରେ ମୁଁ ତାଙ୍କ ବିନୟ, ମାନବିକତା ଓ ବ୍ୟକ୍ତିଗତ ସମ୍ପର୍କ ଉପରେ ଗୁରୁତ୍ୱର ଦୃଷ୍ଟାନ୍ତ ଲାଭ କରିଛି । ମୁଁ ତାଙ୍କ ଜିଜ୍ଞାସାର ଉତ୍ତର ଦେଇଥିଲି । ନିକଟ ଅତୀତରେ ତାହାଙ୍କର କ୍ରମାଗତ ସାହିତ୍ୟିକ ଓ ସାମାଜିକ ସ୍ୱୀକୃତି ମୋତେ ଏପରି ପୁଲକିତ କରିଛି, ଯାହା ପ୍ରକାଶର ଊର୍ଦ୍ଧ୍ୱରେ; ତେଣୁ ମୋଠାରୁ ତାଙ୍କ ପାଖକୁ କୌଣସି ଶୁଭେଚ୍ଛା-ବାର୍ତ୍ତା ଏହାର ଅନୁପସ୍ଥିତିରେ ସୁସ୍ପଷ୍ଟ ।

Digitized by srujanika@gmail.com

କିନ୍ତୁ କର୍ତ୍ତବ୍ୟ ଓ କର୍ମଭାବରେ ଆମେ ଅନ୍ୟମାନେ ସିନା ତାଙ୍କ ଜୀବନକୁ ଅଭିହିତ କରୁଛୁ, ମନେହୁଏ, ସେ ଯେ କୌଣସି କର୍ତ୍ତବ୍ୟ ଓ କର୍ମ କରୁଛନ୍ତି, ଏହା ତାଙ୍କୁ ଅଜ୍ଞାତ, ବା ସେ ଏଥିପାଇଁ ସଚେତନ ନୁହନ୍ତି । ସେ ଯେପରି ନିଜେ କହିଛନ୍ତି, ଲେଖା ତାଙ୍କ ପାଇଁ କଥା କହିବାପରି, ମନ ଓ ଆତ୍ମାର ସାବଳୀଳ ପ୍ରକାଶ । ଆଉ ସେଥିପାଇଁ ଆବଶ୍ୟକ ଭାଷା, ତାଙ୍କ କଲମ ମୁନରେ ପ୍ରସ୍ତୁତ ରହିଛି-ଅତି ଆରମ୍ଭରୁ । ''ଏତେ ଝଡ଼ ଏ ଆକାଶେ, ଏତେ ଝଡ଼ ପଲ୍ଲୀ ଓ ପ୍ରାନ୍ତରେ'' ଯାହାକି ସାରା ଜୀବନପାଇଁ ତାଙ୍କୁ ଅସରନ୍ତି ବିଷୟ ଯୋଗାଇ ଦେଇଛି । 'ଉପନିବେଶ'ର କ୍ଷୁଦ୍ର ତନୁ ମଧ୍ୟରେ ଅନନ୍ତ ବିଶ୍ୱ ଓ ମାନବର ପୃଥିବୀ ପ୍ରତୀକ ପ୍ରତିନିଧିତ୍ୱ ଲାଭ କରିଛି । 'ଅତନ୍ଦ୍ର ନୀଳ ଆକାଶ', 'ଅସତର୍କ ନିହାରିକାର ନୂପୁର', 'ଦରାଜ ହୃଦୟ', 'ଆଦିମ ଅଧୈର୍ଯ୍ୟ', 'ଅବାକ୍ ଶୀତଳ ମୃତ୍ୟୁ' ଇତ୍ୟାଦି ଅଦଭୁତ ଶବ୍ଦ ସଂଯୋଗ ଏହି କବିତାକୁ ପ୍ରତିଭାତ କରିଛି । ଯେଉଁ 'ଆବିଷ୍କାର' ସେ ଜୀବନର ପ୍ରାରମ୍ଭରେ କରିଥିଲେ 'ଏକାକୀ ନାବିକଟିଏ ବିପର୍ଯ୍ୟସ୍ତ ଦୂର ଦିଗ୍‌ବଳୟେ', ଆଜି ଯେପରି ସେ ନିଜେ ସେଇ ନାବିକ ହୋଇ ନିଜର ତରୀକୁ ସେ ଦିଗ୍‌ବଳୟର ଆରପାରିକୁ ବାହି ନେଇ ଯାଉଛନ୍ତି ହାମେଲିନ୍‌ର ପାଇଡ୍ ପାଇପାର୍ ପରି, ବିଶ୍ୱର ସମସ୍ତ ରଣତରୀକୁ ମନ୍ତ୍ରମୁଗ୍‌ଧ·କରି ଅଜ୍ଞାତ ଦେଶରେ ହଜାଇ ଦେବାପାଇଁ ! ଦିନେ ସେ ଯେ ଅତୃପ୍ତ ଅନ୍ତରରେ କହିଥିଲେ,

''ବିଖଣ୍ଡିତ ମାନସର ଭାବାକୁଳ ବିକଳ ନୟନେ
ସେ କାହୁଁ ପଡିବ ଧରା ଗବେଷଣାଗାର-ଅଧ୍ୟୟନେ ?
ଆକୁମାରୀ ହିମାଚଳ ପରିକ୍ରମା ହେଲେହେଁ ସମାପ୍ତ
ମୋ ସତ୍ତାର ଅନ୍ଧକାରେ ଭାରତର ଆତ୍ମା ଆବରିତ ।''

ଆଜି ସେ ଅନେକ ତୃପ୍ତିର ସହିତ ନିଜର କାବ୍ୟଧାରା ମାଧମରେ ଏହାର ଉତ୍ତର ଦେଇ ପାରିଛନ୍ତି ବୋଲି ମୋର ମନେହୁଏ । 'ଶତାବ୍ଦୀର ଅର୍ତ୍ତନାଦ' ଠାରୁ 'ପଦଧ୍ୱନି' ମଧ୍ୟଦେଇ 'ଉପନିବେଶ' ପର୍ଯ୍ୟନ୍ତ ସୀମିତତା ମଧ୍ୟରେ ଅସୀମର ସନ୍ଧାନ ଅତି ଅନନ୍ୟ ଆଉ ଅସୀମ ଧରା ବି ଦେଇଛି, କୋଳେଇ ମଧ୍ୟ ନେଇଛି; 'ସୀମାହୀନ ତାରା' ଠାରୁ 'ଏ ସତ୍ତାର ଅସୀମ ଗହ୍ୱରେ' ଯାହା କିଛି ନିହିତ, ପାଠକମାତ୍ରେ·ଏ ସୁଧା ପାନ କରିପାରିବେ । ତାଙ୍କ ଭାଷାରେ ତାଙ୍କୁ ମୁଁ କହିବି,

''ତେବେ ତୁମ ସୃଜନର ଅନ୍ତହୀନ ଚାରୁ ଗନ୍ତାଘର
ଅନିମେଷେ ଅବଲୋକି ଆଦିଗନ୍ତ ଆଶ୍ଚର୍ଯ୍ୟ ପୁଲକେ
ବିଲୀନ ମୁଁ ହୁଏ ଯେହ୍ନେ ଅବଶେଷେ ତୁମରି ପଲକେ ।''

• ଅବସରପ୍ରାପ୍ତ ଅଧ୍ୟାପକ, ଇଂରାଜୀ ବିଭାଗ
ଫକୀର ମୋହନ କଲେଜ, ବାଲେଶ୍ୱର

Digitized by srujanika@gmail.com

ଯାହା ଭୁଲିବାର ନୁହେଁ

ବିଶ୍ୱେଶ୍ୱର ଦେ

ମନୋଜ ବାବୁଙ୍କୁ ପ୍ରଥମରୁ ମୁଁ 'ମନୋଜଦା' ବୋଲି ସମ୍ବୋଧନ କରୁଥିଲି । ଫକୀରମୋହନ କଲେଜରେ ମୁଁ ପ୍ରଥମ ବାର୍ଷିକ ଛାତ୍ର ଭାବେ ଭର୍ତ୍ତି ହେବାବେଳେ ମନୋଜଦା' ୩ୟ ବର୍ଷର ଛାତ୍ର । ମୋଠାରୁ ଦୁଇବର୍ଷ ସିନିୟର । କେବଳ ସିନିଅରିଟି ପାଇଁ ନୁହେଁ, ଆତ୍ମିକ ଭାବରେ ସେ ଆମମାନଙ୍କୁ ତାଙ୍କର ଆପଣାର ସାନଭାଇ ପରି ସ୍ନେହ କରୁଥିଲେ । ଆମର ଚାଲି ଚଳଣ, ଆଚରଣରେ ଥିବା ତ୍ରୁଟିଗୁଡ଼ିକୁ ସେ ସଜାଡୁଥିଲେ, ଆମକୁ ଉପଦେଶ ଦେଉଥିଲେ, ଶୃଙ୍ଖଳା ଓ ଦାୟିତ୍ୱବୋଧ ଶିକ୍ଷା ଦେଉଥିଲେ, ଆମ ହାତଧରି ଠିକ୍ ବାଟରେ ଚଳାଉଥିଲେ ଏବଂ ଅନେକ ସମୟରେ ଗାଳି ବର୍ଷଣ ବି କରୁଥିଲେ । ହାଇସ୍କୁଲ ପାଠ ସରିଲା ବେଳକୁ ଆମ ଆଗରେ କିଛି ଆଦର୍ଶ ନଥିଲା । ଖିଆଲି ମନୋଭାବ ନେଇ କଲେଜରେ ଯୋଗ ଦେଲାବେଳେ ମନୋଜଦା' ଆମ ହାତଧରି ସଂଗଠିତ କଲେ, ଆମ ଆଗରେ ମାର୍ଜିତ ଆଦର୍ଶ ଓ ଉଚ୍ଚ ବିଚାର ଥୋଇଲେ । ନିଜର ଦୈନନ୍ଦିନ କାର୍ଯ୍ୟକ୍ରମ ଓ ଆଚରଣ ଦ୍ୱାରା ସେ ଆମକୁ ଦିଗ୍‌ଦର୍ଶନ ଦେଲେ । ଆମ ମନରୁ ଭୟ ଦୂର କଲେ ଏବଂ କେବଳ ପାଠପଢ଼ା ନୁହେଁ, ଏକ ବ୍ୟାପକ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ଏବଂ ନୂତନ ସାମାଜିକ ମୂଲ୍ୟବୋଧ ସହିତ ଆମ ଜୀବନକୁ ନିୟନ୍ତ୍ରଣ କରୁଥିଲେ । ଏହି କାରଣରୁ କେବଳ ମୁଁ ନୁହେଁ, ଅନେକେ ତାଙ୍କୁ ନିଜର ବଡଭାଇ ତୁଲ୍ୟ ଶ୍ରଦ୍ଧା, ଭକ୍ତି କରୁଥିଲେ ଓ ସେହିଭଳି ମାନୁଥିଲେ ।

ସେତ ଆଜିକୁ ଅନେକ ଦିନ ତଳର କଥା । ବଂଧୁ ବ୍ରଜନାଥ ରଥ ଦୂର ଅତୀତର ସେହି ଅଭୁଲା ଘଟଣାଗୁଡ଼ିକୁ ସ୍ମରଣ କରି ଲେଖିବାର ସୁଯୋଗ ଦେଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

୧୯୫୩ ମସିହାରୁ ଆରମ୍ଭ । ତା' ପୂର୍ବରୁ ଜିଲ୍ଲା ସ୍କୁଲରେ ପଢୁଥିଲାବେଳେ ପାଠ ପଢ଼ିବା, ସାଙ୍ଗ ସାଥୀଙ୍କ ସହିତ ମିଶିବା ଯେପରି ଗୋଟାଏ ଦୈନନ୍ଦିନ ଅଭ୍ୟାସ ଥିଲା । କଲେଜରେ ପଢ଼ିବା ଆରମ୍ଭରେ ମନୋଜ ଦା'ଙ୍କ ସହିତ ପରିଚିତ ହେବାର ସୁଯୋଗ ଘଟିଲା ଏପରି ଭାବରେ ଯେ ତାହା ଏକ ସାଧାରଣ ପରିଚୟର ସମ୍ପର୍କ ଭିତରେ

Digitized by srujanika@gmail.com

ସୀମାବଦ୍ଧ ନରହି ତାଙ୍କ ସହିତ ମାନସିକ ସ୍ତରରେ ଯଥେଷ୍ଟ ଘନିଷ୍ଠତା ବୃଦ୍ଧି ପାଇଲା । କାରଣ ମନୋଜ ଦା'ହିଁ ପ୍ରଥମେ ଶିକ୍ଷାଦେଲେ, ଚେତାଇଦେଲେ ଓ ବରାବର ଉପଦେଶ ଦେଲେ ଛାତ୍ର ଜୀବନରେ ଏକ ମହତ୍ତର ଲକ୍ଷ୍ୟ ଆଦର୍ଶକୁ ଆଖି ଆଗରେ ରଖି ଚାଲିବାର ଆବଶ୍ୟକତା । ସେ ଅନେକ ସମୟରେ କହୁଥିଲେ ଯେ ସାଧାରଣ ବନ୍ଧୁତାରେ କିଛି ଅର୍ଥନାହିଁ ବରଂ ଆଦର୍ଶଗତ ସମମନୋଭାବ ଭିତରେ ଗଢି ଉଠିବା ବନ୍ଧୁତାହିଁ ଆବଶ୍ୟକ । ନିଜର ଆଚରଣରେ ମଧ୍ୟ ସେ ଆମକୁ ଏ ଦିଗରେ ବହୁ ଶିକ୍ଷାଦେଉଥିଲେ ।

ଯାହାହେଉ କଲେଜରେ ପଶୁ ପଶୁ ଆସିଗଲା କଲେଜ ୟୁନିଅନ ନିର୍ବାଚନ । ଛାତ୍ରମାନଙ୍କ ମଧ୍ୟରେ କାହାର କି ଭଳି ସ୍ନେହ ଶ୍ରଦ୍ଧା ଓ ଲୋକପ୍ରିୟତା ଅଛି, ତା'ର ପରୀକ୍ଷା । ଆମେ ଦଳଗତ ଭାବେ ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତ ହେଲୁ । ଆମ ଭିତରେ ଥିଲେ ମୁଁ, ବ୍ରଜନାଥ ରଥ, ଅରୁଣ ପଟ୍ଟନାୟକ, ନାରାୟଣ ଦାସ, ରବି ନାରାୟଣ ମହାପାତ୍ର ପ୍ରମୁଖ ଏବଂ ଆମର ନେତା ଥିଲେ ମନୋଜଦା' । ଆମ ଭିତରୁ ଅନେକେ ନିଖିଳ ଭାରତ ଛାତ୍ରସଂଘର (AISF) ସଭ୍ୟ ଥିଲେ । ଆରମ୍ଭ ହେଲା କ୍ଲାସ କ୍ଲାସ ବୁଲି ବକ୍ତୃତା ଦେବା । ନିଜ ସପକ୍ଷରେ କହିବା । ମନୋଜଦା'ଙ୍କ ସହିତ ବିଭିନ୍ନ କ୍ଲାସକୁ ଯାଇ ଆମେ ଜାଣିଲୁ ତାଙ୍କର ଛାତ୍ରମାନଙ୍କ ଉପରେ କିଭଳି ପ୍ରଭାବ ଓ ଲୋକପ୍ରିୟତା । ଆମର ବିରୋଧୀ ସଂଗଠନ ପକ୍ଷରୁ ପ୍ରଚାରପତ୍ର ବଣ୍ଟା ଚାଲିଲା । ଆମର ମଧ୍ୟ ଚାଲିଲା । ମୋର ମନେ ପଡୁଛି ଯେ 'ନିରପେକ୍ଷ ଭାବରେ ମନୋଜ ଦାସଙ୍କୁ ଭୋଟ ଦିଅନ୍ତୁ' ବୋଲି ଗୋଟିଏ ଲିଫ୍‌ଲେଟ୍ ଆମେ ବାଣ୍ଟୁଥିଲୁ । ଆମର ଏହି ପ୍ରଚାର କାର୍ଯ୍ୟକ୍ରମରେ ମୁଁ, ବ୍ରଜନାଥ ରଥ, ବ୍ରଜେନ୍ଦ୍ର ଦତ୍ତ, ଅମୀମ୍ ବସୁ, ଶକ୍ତିଘୋଷ, ମନ୍ମଥ ବାରିକ, ବୈଦ୍ୟନାଥ ମିଶ୍ର, ଅକ୍ଷୟ ପଣ୍ଡା, ଅରୁଣ ପଟ୍ଟନାୟକ, ମହେନ୍ଦ୍ର ନାୟକ, ବିଜୟ ମହାନ୍ତି, ବସନ୍ତ ଚାନ୍ଦ, ନରେନ୍ଦ୍ର ପଣ୍ଡା, ନିତ୍ୟାନନ୍ଦ ମହାପାତ୍ର, ଇନ୍ଦୁଭୂଷଣ କର, ସୁନୀଲ ଚକ୍ରବର୍ତ୍ତୀ, ବୃନ୍ଦାବନ ଦାସ, ଶରତ ଧଳ, ରବି ବୋଷ, ଯତୀନ୍ଦ୍ର ପ୍ରଧାନ, ଅଜୟ ସାହୁ, ଛାୟାରମଣ ମିଶ୍ର, ବିମଳେନ୍ଦୁ ମହାନ୍ତି, ପ୍ରଫୁଲ୍ଲ ପଟ୍ଟନାୟକ ଇତ୍ୟାଦି-ଏମାନେ ସମସ୍ତେ ଛାତ୍ରମାନଙ୍କ ମଧ୍ୟରେ ଯଥେଷ୍ଟ ଲୋକପ୍ରିୟ ଥିଲେ । ମନୋଜ ଦା'ଙ୍କ ପାଇଁ ପୋଷ୍ଟର ଲେଖିବା ଓ ରାତି ରାତି ତାକୁ ଚାରିଆଡେ କାନ୍ଥରେ ଲଗାଇବା ଆମର ଏକ ପବିତ୍ର କାର୍ଯ୍ୟଥିଲା । ଯାହାହେଉ ମନୋଜଦା' ଓ ଆମେ ପ୍ରାୟ ସମସ୍ତ ନିର୍ବାଚନରେ ଜୟଯୁକ୍ତ ହେଲୁ । ମାତ୍ର ସେଥିପାଇଁ ଆମ ମାନଙ୍କ ମନରେ କୌଣସି ପ୍ରକାର ଅହଙ୍କାର ପ୍ରକାଶ ପାଇନାହିଁ, ବରଂ ଆମ ପକ୍ଷ ଓ ପ୍ରତିପକ୍ଷ ଛାତ୍ରଛାତ୍ରୀ ଭାଇଭଉଣୀ ମାନଙ୍କ ପାଖରେ ଆମେ ଆମର କର୍ତ୍ତବ୍ୟନିଷ୍ଠା ଓ ପ୍ରତିଶ୍ରୁତିବଦ୍ଧତା ନେଇ ଠିଆ ହୋଇଛୁ । ଆମ ଆଚରଣରେ କୌଣସି ତ୍ରୁଟି ଦେଖିଲେ ମନୋଜଦା' ତାହା ସଙ୍ଗେ ସଙ୍ଗେ ସଂଶୋଧନ କରିଦେଉଥିଲେ । ପାଠପଢା ଛଡା, କଲେଜ ୟୁନିଅନ୍‌ର କାର୍ଯ୍ୟ ସହିତ ବିଶିଷ୍ଟ ବ୍ୟକ୍ତି ଓ ନେତାମାନଙ୍କର ଭାଷଣ ଶୁଣିବା ପାଇଁ

Digitized by srujanika@gmail.com

ମନୋଜଦା' ଆମକୁ ପ୍ରେରଣା ଦେଉଥିଲେ । ଜୀବନରେ ଗୋଟିଏ ଆଦର୍ଶକୁ ଧରି ବଞ୍ଚିବା -ଏହା ଆମକୁ ମନୋଜ ଦା' ଶିଖାଇଥିଲେ ଏବଂ ବିଭିନ୍ନ ସମୟରେ ଆମମାନଙ୍କ ସହିତ ତାଙ୍କର ଆଲୋଚନା ମାଧ୍ୟମରେ ତାଙ୍କର ଉନ୍ନତ ଚିନ୍ତାଧାରା, ଆଦର୍ଶ ଆଚରଣ ଓ ପ୍ରଗତିଶୀଳ ଆଭିମୁଖ୍ୟ ପ୍ରକଟିତ ହେଉଥିଲା । ସେ ଥିଲେ ନୂତନ ଚିନ୍ତା, ଚେତନା ଓ ଆଲୋକର ବାର୍ତ୍ତାବହ । ଛାତ୍ର ଜୀବନରେ କେବଳ କୂପ-ମଣ୍ଡୁକ ଭଳି ନରହି ସମାଜରେ, ଦେଶରେ ଓ ଆନ୍ତର୍ଜାତିକ ସ୍ତରରେ ଘଟୁଥିବା ବିଭିନ୍ନ ଘଟଣା ପ୍ରବାହକୁ ଲକ୍ଷ୍ୟ କରିବା ଏବଂ ଏକ ବାସ୍ତବ ଓ ପ୍ରଗତିଶୀଳ ଆଭିମୁଖ୍ୟ ନେଇ ସେ ସବୁ ଘଟଣା ସମ୍ପର୍କରେ ନିଜର ପ୍ରତିକ୍ରିୟା ପ୍ରକାଶ କରିବାକୁ ସେ ଆମକୁ ଶିଖାଇଥିଲେ । ସେ ପୁଞ୍ଜିବାଦୀ ଚିନ୍ତାଧାରାର ବିରୋଧୀ ଥିଲେ ଏବଂ ସାମ୍ୟବାଦୀ ଚିନ୍ତାଧାରର ପୃଷ୍ଠପୋଷକ ଥିଲେ । ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା । ବିଭିନ୍ନ ସମୟରେ କଲେଜ ୟୁନିଅନ ଦ୍ୱାରା ଆୟୋଜିତ ସଭାକୁ ବିଶିଷ୍ଟ ଚିନ୍ତାନାୟକମାନେ ଆସି ଉପାଦେୟ ଭାଷଣମାନ ଦେଉଥିଲେ । ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଅଧ୍ୟାପକ ଚିନ୍ତାମଣି ବେହେରା, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଛାତ୍ରନେତା ଶ୍ରୀ ଶରତ ପାଣିଗ୍ରାହୀ, ଦାଦା ଧର୍ମାଧିକାରୀ ଓ ତାଙ୍କ କନ୍ୟା ବିମଳା ଠକ୍କର, ଡଃ ଓବ୍ରାଏନ୍, ଡଃ ରାଧାନାଥ ରଥ, କଲିକତାର ଡଃ ସୁକୁମାର ସେନ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି କଲେଜରେ ବକ୍ତୃତା ଦେଇଥିଲେ; ତାଛଡା ଡଃ ରାମ ମନୋହର ଲୋହିଆ, ନବକୃଷ୍ଣ ଚୌଧୁରୀ ପ୍ରମୁଖ ସହରରେ ଭାଷଣ ଦେଲାବେଳେ ମଧ୍ୟ ଆମେ ଯୋଗ ଦେଉଥିଲୁ । ଏସବୁ ଉଲ୍ଲେଖ କରିବାର କାରଣ ହେଉଛି ଯେ ସେତେବେଳେ ଆମର ବୌଦ୍ଧିକ ବିକାଶ ପାଇଁ ମନୋଜଦା' ପ୍ରେରଣା ଦେଉଥିଲେ ।

ସେ ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଯେ ୧୯୫୪ ଜାନୁଆରୀ ୧୬, ୧୭ ଓ ୧୮ ତାରିଖରେ ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିବା ନିଖିଳ ଉତ୍କଳ ଛାତ୍ରସଂଘ ସମ୍ମିଳନୀ । ମନୋଜ ଦା'ଙ୍କର ଦୂରଦୃଷ୍ଟି, ସଂଗଠନ ଶକ୍ତି ଏହି ସମ୍ମିଳନୀରେ ପ୍ରତିଫଳିତ ହୋଇଥିଲା । ଏହି ଅବସରରେ ତତ୍କାଳୀନ ଛାତ୍ରନେତା ୰ ବ୍ରଜବନ୍ଧୁ ମିଶ୍ର, ୰ ପ୍ରବୀର ପାଲିତ, ଶିବାଜୀ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ନନ୍ଦିନୀ ଶତପଥୀ, ବିଶ୍ୱମ୍ଭର ସାମନ୍ତ ଇତ୍ୟାଦିଙ୍କ ସହ ସାକ୍ଷାତ ଓ ଆଲୋଚନାର ସୁଯୋଗ ମିଳିଥିଲା । ଏହି ସମ୍ମିଳନୀରେ IPTA ଦଳ (Indian Peoples' Theater Associaton), ବିଖ୍ୟାତ ଅଭିନେତା ଶମ୍ଭୁ ମିତ୍ର, ଛାତ୍ରନେତା ଆର୍ଥର ପାଇକ୍ ଏବଂ ଏନ୍.ଆର.ଦାସରେ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମ୍ମିଳନୀର ପ୍ରସ୍ତୁତି ପାଇଁ ମନୋଜ ଦା' ଏବଂ ଆମ କେତେଜଣଙ୍କୁ ବହୁ ପୂର୍ବରୁ କାମ କରିବାକୁ ପଡିଥିଲା । ତାଙ୍କ ସହିତ ଆମେ ସୋରୋ, ଭଦ୍ରଖ, ମାର୍କୋଣା, ଜଳେଶ୍ୱର, ଯାଜପୁର ଇତ୍ୟାଦି ଯାଇଥିଲୁ ଚାନ୍ଦା ସଂଗ୍ରହ କରିବାକୁ । ଟ୍ରେନ ମାନଙ୍କରେ ମଧ୍ୟ ଚାନ୍ଦା ସଂଗ୍ରହ ହେଉଥିଲା । ସେ ଏକ ଅପୂର୍ବ

Digitized by srujanika@gmail.com

ଅଭିଜ୍ଞତା । ପୂର୍ବତନ ଛାତ୍ରନେତା ଶ୍ୟାମସୁନ୍ଦର ମହାପାତ୍ର ଓ ୰ ଦୈତ୍ୟାରି ଦାସ, ୰ ଦେବେନ୍ଦ୍ର ନାଥ ଦାସ ମହାପାତ୍ର ଇତ୍ୟାଦିଙ୍କଠାରୁ ବହୁ ପ୍ରେରଣା ମଧ୍ୟ ମିଳୁଥିଲା । ସେତେବେଳେ ଇଂରାଜୀ ଅଧ୍ୟାପକ କ୍ଷିତୀଶ ଦେବ ଆମ କଲେଜ ୟୁନିଅନ୍‌ର ଆଡଭାଇଜର ଥିଲେ । ସେ ମନୋଜଦା'ଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ମନୋଜ ଦା'ଙ୍କ ବଡଭାଇ ବିଶିଷ୍ଟ ଐତିହାସିକ ପ୍ରଫେସର ଡଃ ମନ୍ମଥ ନାଥ ଦାସ ୧୯୫୩ ମସିହାରେ ବାଲେଶ୍ୱର କଲେଜରୁ ବଦଳି ହୋଇଯାଇଥିଲେ ।

ମନୋଜଦା'ଙ୍କର ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା ପ୍ରତି ଗଭୀର ଶ୍ରଦ୍ଧା ଥିଲା । ସେ 'ଦିଗନ୍ତ' ନାମକ ଏକ ଓଡ଼ିଆ ସାହିତ୍ୟ ପତ୍ରିକାର ସମ୍ପାଦନା କରୁଥିଲେ । ବିଭିନ୍ନ ଦେଶାତ୍ମବୋଧକ କବିତା ସେ ଆମକୁ ଆବୃତ୍ତି କରି ଶୁଣାଉଥିଲେ । ସହିଦ ବାଜି ରାଉତଙ୍କ ଉପରେ କବି ସଚ୍ଚି ରାଉତରାୟଙ୍କ କବିତା ''ନୁହେଁ ବନ୍ଧୁ ନୁହେଁ ଏହା ଚିତା...'' ମନୋଜଦା' ଆମକୁ ପ୍ରଥମେ ଶୁଣାଇଥିଲେ । ତାଙ୍କ ରଚିତ ''ସୂର୍ଯ୍ୟ ଉଠେ ଦୂରେରେ, ନୌକା ଭିଡାଅ ତୀରେ ରେ, ନୌକା ଭିଡାଅ... ଦୀପାନ୍ତରର ଶୃଙ୍ଖଳ, କାରାଗାରର ଅର୍ଗଳ, ତୁଚ୍ଛ କରି ଶୁଣରେ, ଆବାହନର ଗାନରେ,ଡାକେ ଜନମଧାମ/ ବାୟୁ ବହେ ଖର, ପାଲ ତୋଳିଧର, ଡାକେ ଜନମଧାମ'' ଦେଶାତ୍ମବୋଧକ ସଂଗୀତଟି ବହୁ ଲୋକପ୍ରିୟ ହୋଇଥିଲା ଏବଂ ସଭା ସମିତିରେ ଗାନ କରାଯାଉଥିଲା । ସେହିପରି ୧୯୫୫ରେ 'ଦଳେଇ ଘାଇ' ଭାଙ୍ଗିବା ପରେ ପ୍ରଳୟଙ୍କରୀ ବନ୍ୟାରେ କବଳିତ ଲୋକମାନଙ୍କ ସାହାଯ୍ୟାର୍ଥେ ଚାନ୍ଦା ମାଗିଲାବେଳେ ଆମେ ଗାଉଥିଲୁ ତାଙ୍କ ରଚିତ ଅନ୍ୟ ଏକ ସଂଗୀତ-

''ଅନ୍ନ ନାହିଁ ବସ୍ତ୍ର ନାହିଁ ଆଶ୍ରୟ ନାହିଁ,
ଡାକେ ଭାଇ ଆର୍ତ୍ତ ସୁରେ ଦଳେଇଘାଇ ।''

ଏହି ସଂଗୀତ ଗାନ କରି ଦଳେଇଘାଇ ବନ୍ୟାବେଳେ ସହରରେ ବୁଲିବୁଲି ବନ୍ୟା ସାହାଯ୍ୟ ପାଣ୍ଠି ସଂଗ୍ରହ କରାଯାଇଥିଲା, ଯାହାକି ଖୁବ୍ ମର୍ମସ୍ପର୍ଶୀ ହୋଇଥିଲା । ଶ୍ରୀ ଅକ୍ଷୟ କୁମାର ପାଣି, ଶ୍ରୀ ବ୍ରଜନାଥ ରଥ, ଶ୍ରୀ ଅନନ୍ତ ପଣ୍ଡା, ଶ୍ରୀ ହିଂମାଂଶୁ ନନ୍ଦୀ ପ୍ରମୁଖ ଛାତ୍ରନେତାମାନେ ଖୁବ୍ ସକ୍ରିୟଭାବରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ ।

ସେ ସମୟରେ କଟକ ଜିଲ୍ଲାରେ ବନ୍ୟା ସାହାଯ୍ୟ ପାଇଁ ଆମେ ବାଲେଶ୍ୱରରୁ କେତେକ ଛାତ୍ର ଯାଇ ଯାଜପୁର ଷ୍ଟେସନରେ ପହଞ୍ଚିଲା ବେଳକୁ ମନୋଜଦା' କଟକରୁ କେତେକ ଛାତ୍ରଙ୍କୁ ନେଇ ସେଠାରେ ପହଞ୍ଚିଥିଲେ । ଫଳରେ ଆମେ ସମସ୍ତେ ମିଶି ଯାଜପୁରର ବିଂଝାରପୁର ଅଞ୍ଚଳଯାଇ ସେବାକାର୍ଯ୍ୟ କରିଥିଲୁ । ସେଠାରେ ମନୋଜଦା'ଙ୍କ ଦେହ ଅସୁସ୍ଥ ହୋଇପଡିଲା ।

ବାଲେଶ୍ୱରରେ କବିବନ୍ଧୁ ବ୍ରଜନାଥ ରଥଙ୍କ ସହିତ ମୋର ଅନେକ ସମୟରେ

Digitized by srujanika@gmail.com

ଆଦର୍ଶଗତ ଦୀର୍ଘ ଆଲୋଚନା ହେଉଥିଲା । ବ୍ରଜବାବୁ ଛାତ୍ରାବସ୍ଥାରୁ ଖୁବ୍ ଶୃଙ୍ଖଳିତ ଓ ଦାୟିତ୍ୱବାନ୍ ଥିଲେ । ମନୋଜଦା' ତାଙ୍କୁ ବହୁତ ଶ୍ରଦ୍ଧା କରୁଥିଲେ ଏବଂ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ଦେଉଥିଲେ । ସେ ଦିନର ଅନେକ କଥା, ସୂତାଖିଅଟି ପରି ଗୋଟି ଗୋଟି ହୋଇ ସ୍ମରଣକୁ ଆସୁଛି । ମନୋଜଦା' ଛାତ୍ରାବସ୍ଥାରେ ମଧ୍ୟ ବାଲେଶ୍ୱର ସହରର ବୁଦ୍ଧିଜୀବୀ ମହଲରେ ବେଶ ପରିଚିତ ତଥା ଶ୍ରଦ୍ଧାର ପାତ୍ରଥିଲେ । ସାହିତ୍ୟ ସଂସ୍କୃତି ପ୍ରତି ତାଙ୍କର ଶ୍ରଦ୍ଧା, ମାନବିକ ମୂଲ୍ୟବୋଧ, ସଂଗଠନ ଶକ୍ତି ଓ ସମସ୍ତଙ୍କ ପ୍ରତି ତାଙ୍କର ଅନାବିଳ ସ୍ନେହ ତାଙ୍କର ଭାବମୂର୍ତ୍ତିକୁ ଯଥେଷ୍ଟ ବୃଦ୍ଧି କରିଥିଲା । କଟକଠାରେ ପଢାଶେଷ କରି ଏକ ମହାନ ଆଦର୍ଶ ଅନୁସରଣ କରି ସେ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆଶ୍ରମକୁ ଯାଇଥିଲେ । ମୁଁ ବାରିପଦାରେ କର୍ମରତ ଥିଲାବେଳେ ମନୋଜଦା' ବାରିପଦା କଲେଜରେ ଏକ ସଭାରେ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ସମ୍ପର୍କରେ ଯେଉଁ ଭାଷଣ ଦେଇଥିଲେ ତାହା ମୁଁ ଉପସ୍ଥିତ ରହି ଶୁଣିଥିଲି ଏବଂ ଏହା ମୋତେ ମୁଗ୍ଧ କରିଥିଲା । ଆଜି ସ୍ଥୂଳ ଶରୀରରେ ମୁଁ ତାଙ୍କଠାରୁ ବହୁ ଦୂରରେ ଥିଲେ ବି ମାନସିକ ଭାବରେ ମୁଁ ତାଙ୍କର ଅତି ନିକଟ ସାନ୍ନିଧ୍ୟରେ ଅଛି ବୋଲି ମନେକରେଁ । ତାଙ୍କର ଜୀବନାଦର୍ଶ ମୋ ଜୀବନ ଉପରେ ଯଥେଷ୍ଟ ପ୍ରଭାବ ପକାଇଛି । ମନୋଜ ଦା' ଆଜି ଜଣେ ଉଚ୍ଚସ୍ତରର ସାଧକ । ତାଙ୍କର ବିଶାଳ ହୃଦୟ, ଦିଗନ୍ତବିସ୍ତାରୀ ଚେତନା ଓ ଦିବ୍ୟପ୍ରେମ ଭିତରେ ଆମେ କେତେଜଣ ସେଇ ପୂର୍ବପରି ଅଛୁ । ଏହି ଅନୁଭବ ହିଁ ଆମ ଜୀବନର ପାଥେୟ ।

• ପୁରୁଣା ସେକ୍ରେଟେରିଏଟ ରୋଡ
କଟକ-୧

Digitized by srujanika@gmail.com

ମୋ' ଦିଅର ମନୋଜ

ଶ୍ରୀମତୀ ରାଜଶ୍ରୀ ଦାସ

ବିଗତ ଶତାବ୍ଦୀର ଚତୁର୍ଥ ଦଶକରେ ମୁଁ ଯେତେବେଳେ ମନୋଜଙ୍କ ପରିବାରକୁ ବୋହୂ ହୋଇ ଆସିଲି, ସେତେବେଳେ ତାଙ୍କର ବୟସ ୯ କିମ୍ବା ୧୦ ବର୍ଷ । ମୋ' ବୟସ ୧୪ ବର୍ଷ । ସେ ମୋର ଏକମାତ୍ର ଦିଅର; ମୁଁ ତାଙ୍କର ଏକମାତ୍ର ବଡ ଭାଉଜ (ବୌଦିଦି)। ମୋର ନିଜର ଭାଇ ନାହିଁ । ମନୋଜଙ୍କୁ ପ୍ରଥମେ ଦେଖି ମନ ଭିତରେ ମୋର ସାନଭାଇ ପ୍ରତି ସଂଚାରିତ ସ୍ନେହ ଅନୁଭବ କରିଥିଲି । ୯ ବର୍ଷର ଏହି ଚପଳ ଚଞ୍ଚଳ ବୁଦ୍ଧିଦୀପ୍ତ ବାଳକ ସଦା ଚଞ୍ଚଳ; କାର୍ଯ୍ୟକଳାପରେ ଅନ୍ୟକୁ ଚକିତ କରିବାର ପ୍ରୟାସ ସବୁବେଳେ ଜାରି ରଖିଥାଏ । କେତେବେଳେ ଫଳଭାରାକ୍ରାନ୍ତ ଜାମରୁଳ ଗଛ ଉପରେ ଆକ୍ରମଣ ତ, କେତେବେଳେ ଅନ୍ୟ କେଉଁ ବୃକ୍ଷଡାଳରେ ବସି ସୁମଧୁର ବଂଶୀବାଦନ; କେତେବେଳେ ପୁଣି ହାର୍‌ମୋନିଓମ୍ ବଜାଇ ସଂଗୀତ ଗାନ ତ, କେତେବେଳେ ଦିଆସିଲି କାଠି ସମୂହର ସହାୟତାରେ ମ୍ୟାଜିକ୍ ଦେଖାଇ ଅନ୍ୟକୁ ଚମତ୍କୃତ କରିବା । ଏ ସମସ୍ତ କଳାକୌଶଳର ପ୍ରଥମ ଦର୍ଶକ ବା ଶ୍ରୋତା ଥିଲି ମୁଁ । ବୟସର ନିକଟବର୍ତ୍ତିତା ତଥା ପରିବାରର ସ୍ୱାଧୀନ ବାତାବରଣରେ ମୁଁ ହୋଇଯାଇଥିଲି ତାଙ୍କର ଭାଉଜରୂପୀ ସହଯୋଗୀ । ଗାଁ ବାଡି-ବଗିଚାର ଜାମରୁଳ, ଲିଚୁ, ସପେଟା, ଜାମୁକୋଳି, ବରକୋଳି ଇତ୍ୟାଦି ସମଗ୍ର ଫଳଗଛର ସାମ୍ରାଜ୍ୟ ଉପରେ ତାଙ୍କର ଅଖଣ୍ଡ ଆଧିପତ୍ୟ ଓ ଉତ୍ପାତ । ବଗିଚାର ବଛା ବଛା ୨୬ଟି ପିଜୁଳି ଗଛକୁ ସେ ସେତେବେଳର ଓଡ଼ିଶା ପ୍ରଦେଶର ୨୬ଟି ଗଡଜାତ ନାମରେ ନାମିତ କରିଥାନ୍ତି । ସବୁଠାରୁ ବଡ ଝଙ୍କାଳିଆ ପିଜୁଳି ଗଛଟିର ନାଁମ ଦେଇଥାନ୍ତି 'ମୟୂରଭଞ୍ଜ' । ତାହା ବୋଧହୁଏ ମୋ' ସମ୍ମାନାର୍ଥେ । କାରଣ ମୁଁ ଥିଲି ମୟୂରଭଞ୍ଜର ଝିଅ । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ବାଲ୍ୟ ଚପଳ କୌତୁକ ଭିତରେ ବି ବାଳକ ବୟସରୁ ତାଙ୍କଠାରେ ଗୁରୁଜନ ପ୍ରତି ସମ୍ମାନବୋଧ ଟିକେହେଲେ ଊଣା ନଥିଲା । ଅତୀତର ସ୍ମୃତିଚାରଣରେ ମନୋଜଙ୍କର ଏସବୁ ପିଲାକାଳ କଥା ଆଜି ମୋର ମନେ ପଡୁଛି । ଛାତ ଉପରେ ବସି ହାର୍‌ମୋନିଓମ୍ ବଜାଇ ସ୍ୱରଚିତ ଗୀତରେ ସେ ସ୍ୱର ସଂଯୋଜନା କରୁଥିଲେ । ମୁଁ ବସି ଶୁଣୁଥିଲି । ସେ ସଂଗୀତରୁ ଗୋଟିଏ ଏବେ ବି ମନେ ପଡୁଛି-

Digitized by srujanika@gmail.com

"ଲହରୀ ଉତ୍ତାଲ୍ ରେ
ତରଣୀ ସମ୍ଭାଲ୍ ରେ
ପବନେ ଶୁଭେ ମରଣ ହୁଙ୍କାର
ଗଗନେ ଘେରିଛି ଅନ୍ଧକାର ।"

ଆହୁରି କେତେ ଗୀତ, କବିତା ଓ ବ୍ୟଙ୍ଗ କବିତାର ପଦବିନ୍ୟାସ କରୁଥିଲେ । ଏସବୁ ଥିଲା ତାଙ୍କର ଅପରିପକ୍ୱ କୈଶୋରର ଇତସ୍ତତଃ ପଦକ୍ଷେପ ।

ଏହାପରେ ସେ ଆସିଲେ ବାଲେଶ୍ୱର ଜିଲ୍ଲାସ୍କୁଲରେ ପଢିବାକୁ ତାଙ୍କ ଭାଇ ଫକୀରମୋହନ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେବାପରେ । ବାଲେଶ୍ୱରରେ ଆମେ ଫକୀରମୋହନ ସେନାପତିଙ୍କ କୋଠାର ସୁରକ୍ଷିତ ଅଂଶଟି ଭଡାନେଇ ରହିଲୁଁ । ଡାହାଣ ପଟେ ସେ କୋଠାର ସ୍ତୂପୀକୃତ ଭଗ୍ନାବଶେଷ । ପଛପଟେ 'ଶାନ୍ତି କାନନ'ର ଶାନ୍ତ ପରିବେଶ । ସେହିଠାରେ ପ୍ରକାଶ ପାଇଲା ନବମ-ଦଶମ ଶ୍ରେଣୀର ଛାତ୍ର ମନୋଜ ଦାସଙ୍କର ପ୍ରଥମ ସାହିତ୍ୟ ସାଧନାର କୃତି ପୁସ୍ତକ ଦୁଇଟି । 'ଶତାବ୍ଦୀର ଆର୍ତ୍ତନାଦ' ଏବଂ 'ବିପ୍ଳବୀ ଫକୀରମୋହନ' । ବାଲ୍ୟସୁଲଭ ଅନେକ ପ୍ରତିଭାର ସମାହାର ଭିତରୁ ଗାୟକ, ବାଦକ କିମ୍ବା ଯାଦୁକରର ସମ୍ଭାବନାକୁ ଏଡାଇ ସେ ଆଗେଇ ଚାଲିଲେ ସାହିତ୍ୟର ସୃଜନୀ ପଥରେ । ଏହାପରର ମନୋଜ ଦାସଙ୍କୁ ସମସ୍ତେ ଜାଣନ୍ତି ।

ମୁଁ ତାଙ୍କୁ ଯେପରି ଜାଣେ ଆମର ପାରିବାରିକ ବିପୁଳ ଅନୁଭୂତିରେ । ବାଲେଶ୍ୱର ଜିଲ୍ଲାସ୍କୁଲ ପରେ ଫକୀରମୋହନ କଲେଜରୁ ଆଇ.ଏ., ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ., ତା'ପରେ କଟକ ରେଭେନ୍ସା କଲେଜରୁ ଏମ୍.ଏ. ଏବଂ ମଧୁସୂଦନ ଆଇନ୍ କଲେଜରୁ ଲ' ପାଶ୍ କରିବା, ଖ୍ରୀଏଷ୍ଟ କଲେଜରେ ଅଧ୍ୟାପକ ହେବା ସମୟରେ ସବୁବେଳେ ସେ ଆମ ପାଖରେ ଥିଲେ । ତା'ପରେ, ମନୋଜ ପଣ୍ଡିଚେରୀ ଚାଲିଗଲେ ଶ୍ରୀ ଅରବିନ୍ଦ ଶ୍ରୀମା'ଙ୍କ ଆଧ୍ୟାତ୍ମିକ ପରିଧିକୁ, ଓଡ଼ିଶାର କର୍ମକ୍ଷେତ୍ର ଓ ଆମ ପରିବାରକୁ ଦୂରରେ ରଖିଦେଇ କିନ୍ତୁ ଛାଡିଦେଇ ନୁହେଁ । ଦୂରରେ ଥାଇ ମଧ୍ୟ ସେ ଆମ ନିକଟରେ ଥିବା ପରି ଅଛନ୍ତି । ପ୍ରତିବର୍ଷ ଏକାଧିକ ଥର ବିଭିନ୍ନ ସଭା ଓ ଅନୁଷ୍ଠାନର ନିମନ୍ତ୍ରଣରେ ମନୋଜ ଓଡ଼ିଶା ଆସନ୍ତି । ଆସନ୍ତି ଆମ ନିଜ ଘରକୁ । ଓଡ଼ିଶା ପ୍ରତି ତାଙ୍କର ଆକର୍ଷଣ, ବାଲେଶ୍ୱରର ସୁଦୂର ଉପକୂଳବର୍ତ୍ତୀ ଗାଁ ଜନ୍ମମାଟି ପ୍ରତି ତାଙ୍କର ମମତା ଅତୁଟ । ଆମ ପରିବାର ପ୍ରତି, ଆତ୍ମୀୟସ୍ୱଜନ ସମସ୍ତଙ୍କ ପ୍ରତି ତାଙ୍କର ସ୍ନେହ ଶ୍ରଦ୍ଧା ସମ୍ମାନ ଓ କର୍ତ୍ତବ୍ୟବୋଧ ସବୁବେଳେ ଆମେ ଅନୁଭବ କରୁଛୁଁ । ଆଜି ବି ସେ ଭୁବନେଶ୍ୱର ଆସିଲେ ଆମ ବାଡ଼ିର ପିଜୁଳିଟିଏ କି ଆତଟିଏ ମୁଁ ବଢାଇଦେଲେ ସେ ସେହି ପିଲାଦିନ ପରି ଉଚ୍ଛ୍ୱସିତ ଆନନ୍ଦ ଓ ଆଗ୍ରହରେ ଧରି ନିଅନ୍ତି ।

ମନୋଜ ଆଜି ଓଡ଼ିଶାର, ଭାରତର ଏବଂ ଭାରତ ବାହାର ଦେଶର ସମସ୍ତଙ୍କର ପ୍ରିୟ ଲେଖକ । ଏହା ମୋ ମନରେ ଅସୀମ ଆନନ୍ଦ ଆଣି ଦେଉଛି ।

• ୧୭, ସତ୍ୟନଗର, ଭୁବନେଶ୍ୱର-୭

Digitized by srujanika@gmail.com

ସାନମାମୁଙ୍କ ପିଲାଦିନ

ପ୍ରତିଭା ଦାସ (ଛବି)

ସାନମାମୁଙ୍କ ପିଲାଦିନ କଥା ଲେଖିବି ଆଉ କ'ଣ ? ସେତ ଏକାଧାରରେ କବି, ସଂଗୀତଜ୍ଞ, ପାମିଷ୍ଟ, ମେଜିସିୟାନ୍, ମଜାଳିଆ କଥା କୁହାଳୀ, କ'ଣ ନ ଥିଲେ ପିଲାଦିନେ !

ସେଥିରୁ ମୋର କିଛି ମନେଅଛି ଓ ମୋ ମା'ଙ୍କ ପାଖରୁ, ଆଈଙ୍କ ପାଖରୁ ଶୁଣିଥିବା କିଛି କିଛି କଥା ବି ମନେ ପଡୁଛି ।

ମାମୁଙ୍କଠାରୁ ମୁଁ ପ୍ରାୟ ତିନିବର୍ଷ ଛ'ମାସ ସାନ ହେବି । ତାଙ୍କରି ଘରେ ମୋର ଜନ୍ମ । ଆଈ କହୁଥିଲେ ମୋ ଜନ୍ମପରେ ସେ ମୋ ପାଖରେ ଏବଂ ମୋ ସେବାରେ ବେଶି ସମୟ ଦେବାରୁ ଛୋଟ ପିଲା ମାମୁଙ୍କ ମନରେ ଅଭିମାନ ହେଉଥିଲା । ଆଈ ମୋତେ ନେଇ ଦାଣ୍ଡରେ ବସିଥିବା ଅଜାଙ୍କ ପାଖକୁ ଗଲେ, ମାମୁ କହୁଥିଲେ, ''ତୁମେ ତ ପୂରା ଅପରିଷ୍କାର ହୋଇ ଯାଇଛ ସେ ଛୁଆଟା ପାଇଁ । ତାକୁ ଆଉ ବାପାଙ୍କ ପାଖକୁ ଆଣନାହିଁ ।'' ଏ କଥା ଶୁଣି ଅଜାଙ୍କ ପାଖରେ ବସିଥିବା ଜଣେ ଭଦ୍ରବ୍ୟକ୍ତି କହିଲେ, ''ସେତ ତୁମ ବାପାଙ୍କୁ ଅଜା ବୋଲି ଡାକିବ ।'' ସେତେବେଳେ ମାମୁ ଅତି ରାଗିଯାଇ କହିଲେ-''ସେ କାହିଁକି ମୋ ବାପାଙ୍କୁ ଅଜା କହିବ ? ସେ ଯଦି ମୋ ବାପାଙ୍କୁ 'ଅଜା' କହିବ ତେବେ ମୁଁ ବି ତା ବାପାଙ୍କୁ 'ଅଜା' କହିବି ।''

ସେହି ସମୟର ଆଉ ଗୋଟିଏ ଘଟଣା, ତାଙ୍କ ଭାଇ ଭଉଣୀଙ୍କ ମଧ୍ୟରୁ ମାମୁ ସବୁଠାରୁ ସାନ । ମୋ ମା' ଥିଲେ ସବୁଠାରୁ ବଡ଼ । ମା' କହୁଥିଲେ ଦିନେ ଖରାବେଳେ 'ମଣ୍ଟୁ କାହିଁ' ବୋଲି କେହି ଜଣେ ପଚାରିଲେ । ସାଧାରଣତଃ ଛୋଟ ପିଲାଙ୍କ ଉପରେ ସମସ୍ତଙ୍କର ନଜରଥାଏ । ତା'ପରେ ସମସ୍ତଙ୍କର ସେହି ଗୋଟିଏ କଥା ''ମଣ୍ଟୁ କାହିଁ ?'' ତାଙ୍କୁ କେଉଁଠି ନ ଦେଖି ଆତଙ୍କରେ କିଏ କୁଆଡେ ଅସ୍ତବ୍ୟସ୍ତ ହୋଇ ଦଉଡୁଥାନ୍ତି । କିନ୍ତୁ ଛୁଆ କାହିଁ ? ଦିଦିମା (ମୋ ଆଈ) ଅତି ଛାନିଆ ହୋଇ କାନ୍ଦି କାନ୍ଦି ବେହୋସ୍ ପ୍ରାୟ । ଏ ଆଡେ ସୂର୍ଯ୍ୟ ଅସ୍ତ ହେବାକୁ ଯାଉଛନ୍ତି । ଗାଁଟା ସାରା ଲୋକ ଜମା ହୋଇ ଗଲେଣି । ଦୁଇଟା ବଡ ବଡ ପୋଖରୀରେ ଜାଲ ଟଣା ଚାଲିଛି । କିନ୍ତୁ ସମସ୍ତେ ହତାଶ । ଏତିକି

Digitized by srujanika@gmail.com

ବେଳେ ଗାଁ ଲୋକେ ଜଣେ ଆସି ସାନ ମାଉସୀ (ଶାନ୍ତି)ଙ୍କୁ କହିଲେ-ଭାଲି, ଭୁଜିଆ ଇତ୍ୟାଦି (ଲମ୍ବା ଲମ୍ବା ବାଉଁଶ ମୁନରେ ଲୁହା ଗୁଜିଆ ଲଗା ଯାଇଥାଏ) ଆଣ; ବିଲ ପାଖରେ ବୁଦା ଓ କିଆ-ବଣରେ ଦେଖିବା । ସଙ୍ଗେ ସଙ୍ଗେ ମାଉସୀ ଦଉଡିଯାଇ ଘର ଭିତର ଗୋଟିଏ କୋଣରେ ଥିବା ଆଲମାରୀ ପାଖରୁ ଭୁଜିଆ ଆଣିବାକୁ ଯାଇ ହଠାତ୍ ଚିତ୍କାର କରି ଉଠିଲେ, ‘‘ମଣ୍ଟୁ ତ ଏଇଠି’’ । ଏ କଥା ଶୁଣି ସମସ୍ତେ ଧାଇଁ ଆସିଲାବେଳକୁ ମାମୁ ଡରିଯାଇ ଆହୁରି ବେଶି କରି ଆଲମାରୀ କୋଣରେ ଲୁଚି ଯାଉଥାନ୍ତି । ବାହାରେ ଏତେ ପାଟିତୁଣ୍ଡ ଶୁଣି କ’ଣ ଗୋଟାଏ ହେଉଛି ବୋଲି ଜାଣି ଆଲମାରୀ ପଛରୁ ମୁହଁ ବଢାଇ ଝରକା ବାଟେ ଦେଖୁଥିଲେ । ଏତିକି ବେଳେ ତାଙ୍କୁ ସାନ ମାଉସୀ ଦେଖି ନେଇ ଡାକ ପକାଇଲେ ।

ଯେତେବେଳେ ସାନମାମୁଙ୍କୁ ପ୍ରାୟ ସାତବର୍ଷ, ତାଙ୍କ ଘରେ ଖୁବ୍ ବଡ ଧରଣର ଗୋଟିଏ ଡକାୟତି ହୋଇଥିଲା । ମା’ ମାଉସୀମାନେ ଓ ଆମେ ସମସ୍ତେ ତାଙ୍କ ଘରେ ଥିଲୁ । ଦାଦାବାବୁଙ୍କୁ (ଅଜା) ବାନ୍ଧି ପକାଇ ଡକାୟତମାନେ ସର୍ବସ୍ୱାନ୍ତ କରି ନେଇ ଯାଇଥିଲେ । ପରେ ଅବଶ୍ୟ ସବୁ ଡକାୟତ୍ ଧରା ପଡିଥଲେ । ସେମାନଙ୍କୁ ମଧ୍ୟ ଜେଲ ହୋଇଥିଲା । ବହୁ ବର୍ଷ ଜେଲ ଭୋଗି ସ୍ୱାଧୀନତା ସଂଗ୍ରାମୀଙ୍କ କାରାମୁକ୍ତି ସମୟରେ ସେମାନଙ୍କୁ ମଧ୍ୟ ମୁକ୍ତି ମିଳିଲା । ଏହି ସୁଯୋଗରେ ସେମାନେ ନିଜକୁ ସ୍ୱାଧୀନତା ସଂଗ୍ରାମୀ ବୋଲାଇ ଭତ୍ତା ପାଇ ଆସୁଥିଲେ । ଜାଣେନି ଏବେ ସେମାନଙ୍କ ମଧ୍ୟରୁ କେହି ଅଛନ୍ତି କି ନାହିଁ !

ଦାଦାବାବୁ (ଅଜା)ଙ୍କୁ ବାନ୍ଧିଲା ବେଳେ ସାନମାମୁ ପାଟି କରି ଉଠିଲେ, ‘‘ବାପାଙ୍କୁ ବାନ୍ଧନାହିଁ ।’’ ଦିଦିମା’ (ଆଈ) ତାଙ୍କୁ ଚୁପ୍ ରହିବାକୁ କହି ସବୁ ଜିନିଷ ଓ ସବୁ ଚାବି ଡକାୟତମାନଙ୍କୁ ଦେଇ ଦେଇଥିଲେ । କିନ୍ତୁ ଡକାୟତମାନେ ଚାଲିଯିବା ପରେ ସମସ୍ତେ ପ୍ରାୟ ମୂକ ହୋଇ ଯାଇଥିଲେ । ସେତେବେଳେ ବଡମାମୁ ଘରେ ନଥିଲେ । କାହାରି ପାଟିରୁ ଭାଷା ବାହାରୁ ନଥିଲାବେଳେ ସାନମାମୁ ପକ୍କା ଛାତ ଉପରକୁ ଉଠିଯାଇ ପାଟି କରି ଗାଁ-ବାଲାଙ୍କୁ ଡାକିଥିଲେ ।

ସାନମାମୁ ଆମ ଘରକୁ (ମିରଗୋଦା, ମେଦିନୀପୁର ଜିଲ୍ଲାରେ) ଆସିଲେ ଆମେ ଭାଇ ଭଉଣୀ ତାଙ୍କ ପାଖେ ପାଖେ ଥାଉଁ । ସେ’ଆମକୁ ଗପ କହନ୍ତି । ବେଶି ଭୂତ ଗପ । ମେଜିକ୍ ଦେଖାନ୍ତି ଓ ଶିଖାନ୍ତି । ଗାଁରୁ ମଧ୍ୟ କେତେ ଲୋକ ଆସି ଆମ ଘରେ ତାଙ୍କ ମେଜିକ୍ ଦେଖୁଥିଲେ । ତାପରେ ଆଉ କେବେ ଆସିଲାବେଳକୁ ଆହୁରି ଲୋକ ଭିଡ ବଢିବାକୁ ଲାଗିଲା । କାରଣ ହାତ ଦେଖି, କପାଳ ଦେଖି ଯାହାକୁ ଯାହା ସେ କହୁଥିଲେ ତାହା ସେମାନଙ୍କ ମନକୁ ପାଉଥିଲା ।

ସେହି ପିଲାଦିନେ କେବେକେବେ ନିର୍ଜନ ସ୍ଥାନକୁ ଯାଇ ସେ ଧ୍ୟାନ କରୁଥିଲେ

Digitized by srujanika@gmail.com

ବା ନିକାଞ୍ଚନରେ ଏକା ଏକା ବସୁଥିଲେ । ଆମ ଘରକୁ ଛୁଟୀରେ ଆସିଲେ (ପ୍ରାୟ ୧୦/୧୧ ବର୍ଷ ବୟସରେ) ଆମର ଆଲମାରୀ-ଭର୍ତ୍ତି ବହି ପଢି ଶେଷ କରି ଦେଉଥିଲେ । କବିତା ବି ଲେଖୁଥିଲେ । ହାରମୋନିୟମ୍ ବଜାଇ ବଢିଆ ଗୀତ ଗାଉଥିଲେ । ମୁଁ ମାମୁଙ୍କଠାରୁ ଗୋଟିଏ ଗୀତ ଶିଖିବି ବୋଲି ଦିଦିମାଙ୍କୁ କହିଲି । ଦିଦିମା ମାମୁଙ୍କୁ କହିଲେ, ‘‘ଛବି’କୁ ଗୋଟିଏ ଗୀତ ଶିଖେଇ ଦେ । ସେ ତୋର ପ୍ରଶଂସା କରିବ ।’’ ସଙ୍ଗେ ସଙ୍ଗେ ମାମୁ କହିଲେ, ‘‘ଏମିତି କ’ଣ କହୁଛ ? ପ୍ରଶଂସା କରିବ ବୋଲି ଶିଖାଇବି, ନ ହେଲେ ଶିଖେଇବିନି ନା କ’ଣ ?’’ ‘‘ବନ୍ଦେ ଉତ୍କଳ ଜନନୀ’’ ଗୀତଟି ସେ ମୋତେ ଶିଖାଇ ଦେଇଥିଲେ ।

ସାନମାମୁ ବହୁତ ମଜା ବି କରୁଥିଲେ । ମା’ କହୁଥିଲେ-ସେ ଏମିତି ମଜା କଥା କହନ୍ତି ଏବଂ ଏମିତି ଭାବ-ଭଙ୍ଗୀ ଦେଖାନ୍ତି ଯେ ହସି ହସି ପେଟବଥା ହୋଇ ଯାଉଥାଏ । ତାଙ୍କର ଦୁଇଜଣ ବୟସ୍କା ସମ୍ପର୍କୀୟା ଠାକୁମା ଥାନ୍ତି । ଜଣେ ଆଗକୁ ଝୁଙ୍କି ପଡିଥାନ୍ତି ତ ଆଉ ଜଣେ ପଛକୁ ଝୁଙ୍କି ଥାନ୍ତି । ସେମାନଙ୍କ ସଙ୍ଗେ ବହୁତ ମଜା କରୁଥାନ୍ତି । କେବଳ ବଡମାମୁଙ୍କୁ ତାଙ୍କର ବହୁତ ସମ୍ମାନ ଓ ଡର । ସେ ନଥିଲାବେଳେ ସମସ୍ତଙ୍କୁ ହସ ଖୁସିରେ ମଜେଇ ରଖିଥାନ୍ତି ।

ମାମୁଙ୍କ ଆଈ (ଦିଦିମା’ଙ୍କ ମା’) ବହୁତ ଧର୍ମପରାୟଣା ଥିଲେ । ସବୁବେଳେ ମାଳ ଜପୁଥିଲେ । ଦିନେ ସେ କହିଲେ, ‘‘ମଣ୍ଟୁ, ଗୋଟିଏ କୀର୍ତ୍ତନ ଗାଇଲୁ ।’’ ସେ ଦ୍ୱାପର ଯୁଗର ରାଧାକୃଷ୍ଣଙ୍କ ବିଷୟରେ କୀର୍ତ୍ତନ ଗାଇ କଳିଯୁଗର ରାଧାକୃଷ୍ଣଙ୍କ କଥା ମଧ୍ୟ କୀର୍ତ୍ତନ ସ୍ୱରରେ ଗାଇଗଲେ ।

ତା’ପର ଦିନ ସେମିତି ସନ୍ଧ୍ୟାବେଳେ ଆଈ ମାଳ ଜପୁ ଜପୁ କହିଲେ- ‘‘ମଣ୍ଟୁରେ; କାଲି ଯେଉଁ କୀର୍ତ୍ତନ ଗାଇଥିଲୁ, ସେଇଟା ଭାରି ଭଲ ଲାଗୁଥିଲା । ଆଜି ଆଉ ଥରେ ଗାଇଲୁ ।’’ ମାମୁ ହଉ ହଉ କହୁଥାନ୍ତି, ଅଥଚ ଗାଉ ନଥାନ୍ତି । କେତେ ସମୟ ଚାଲିଗଲା ପରେ ବୁଢୀ ରାଗିଯାଇ ତାଙ୍କ ଝିଅ (ଦିଦିମା) କୁ କହିଲେ -‘‘କାଦମ୍ବିନୀରେ, ତୋ ପୁଅକୁ କେତେବେଳୁ କହୁଛି ସେହି କୀର୍ତ୍ତନଟା ଗାଆ, ଶୁଣିବା ଆଉ ଥରେ । ସେ ଖାଲି ହଁ ହଁ କହୁଛି, କିଂତୁ ଗାଉନି । କେଡେ ଅମାନିଆ ପିଲାଟାରେ !’’

ଦିଦିମା ପଚାରିବାରୁ ସାନମାମୁ କହିଲେ-‘‘ମୁଁ କ’ଣ କରିବି ? କାଲି ଯେଉଁଟା ଗାଇଥିଲି ସେଇଟା କ’ଣ ଆଉ ମୋ ମନେ ଅଛି ? ସେତେବେଳେ ତ ମନକୁ ଯାହା ଆସିଲା ଗାଇ ଯାଇଥିଲି । ଆଜି ଅବିକଳ ସେମିତି ଗାଇବି କେମିତି ?’’

• ଶ୍ରୀ ଅରବିନ୍ଦ ଆଶ୍ରମ
ପଣ୍ଡିଚେରୀ

Digitized by srujanika@gmail.com

ମନୋଜ ଦାସ ଏକ ମନୋଜ୍ଞ ବ୍ୟକ୍ତିତ୍ୱ

ସିଦ୍ଧାର୍ଥ ଦାସ

ସାହିତ୍ୟର ସରୋବରରେ କାହାଣୀର ଅଗଣିତ ପଦ୍ମ ଫୁଟାଇ ସେ 'ପଦ୍ମଶ୍ରୀ' । ଶୈଶବରୁ ସରସ୍ୱତୀଙ୍କ ଆରାଧନାରେ ସାଧନାରତ ଏହି ନୀରବ ସାଧକ 'ସରସ୍ୱତୀ ସମ୍ମାନ'ରେ ସମ୍ମାନିତ । ସୃଜନଶୀଳତା ଓ ବାଗ୍ମିତା କେବଳ ମଣିଷ ଜୀବନର ସଫଳତା ଓ ଗୌରବ ଆଣିପାରେ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ନମ୍ରତା, ଉଦାରତା ଓ ମାନବିକତା ତା ଜୀବନକୁ କମନୀୟ ଓ ମହନୀୟ କରିଥାଏ । ମନୋଜ ଦାସଙ୍କର ସେହି ସ୍ନେହୀ, ବିନୟୀ ସ୍ୱଭାବ ଆଜି ଅଗଣିତ ମନୋଜପ୍ରେମୀଙ୍କୁ ତାଙ୍କ ନିକଟକୁ ଆକର୍ଷଣ କରି ପାରିଛି । ନମ୍ରତାର କୋମଳ ପାଖୁଡ଼ାରେ ସୁସଜ୍ଜିତ, ସାହିତ୍ୟର ସବୁଜ ବଗିଚାରେ ସୁଶୋଭିତ ମନୋଜ ଦାସ ରୂପକ ସୁବାସିତ ପୁଷ୍ପଟି ଲେଖନୀର ମହକରେ ସମସ୍ତଙ୍କୁ ବିମୋହିତ କରିପାରିଛି । କେବଳ ସାହିତ୍ୟାନୁରାଗୀ ଯେ ମନୋଜ ଦାସଙ୍କ ଗଳ୍ପର ଚମତ୍କାରିତାରେ ବିମୁଗ୍ଧ ତାହା ନୁହେଁ, ତାଙ୍କ ଅନାବିଳ ହୃଦୟରେ ପ୍ରବାହିତ ମାନବିକତାର ସ୍ୱଚ୍ଛ ସାବଲୀଳ ଜଳଧାରାର ସ୍ପର୍ଶ ପ୍ରତ୍ୟେକ ପ୍ରାଣରେ ଅପୂର୍ବ ତୃପ୍ତି ଆଣିଦିଏ । ମନୋଜ ଦାସ ମଣିଷକୁ ଅନ୍ୱେଷଣ କରି, ତାର ଚରିତ୍ରକୁ ବିଶ୍ଳେଷଣ କରି ଓ ତାର ଆଚରଣକୁ ନିରୀକ୍ଷଣ କରି କାହାଣୀର କୋଣାର୍କ ସୃଷ୍ଟିକରି ଚାଲିଛନ୍ତି । ତାଙ୍କ ପାଇଁ ଗୋଟିଏ ଶିଶୁର କ୍ରନ୍ଦନ ଭିତରେ ଯେତିକି ଆନନ୍ଦ ଓ ଆକର୍ଷଣ ରହିଛି, ଜଣେ ଜରାଗ୍ରସ୍ତ ବୃଦ୍ଧର ଅସହାୟତା ଭିତରେ ସେତିକି ଅନୁକମ୍ପା ଓ ଦୁଃଖ ରହିଛି । ସେ ମଣିଷକୁ ସମ୍ମାନ ଦେଇ ଶିଖିଛନ୍ତି । ମନୁଷ୍ୟକୁ ଭଲ ପାଇବାକୁ ଜାଣିଛନ୍ତି ଓ ସମସ୍ତଙ୍କୁ ଆପଣାର କରି ପାରିଛନ୍ତି । ମଣିଷର ମନର ମନ୍ଦିରରେ ସ୍ନେହ ଓ ସହାନୁଭୂତିର ପୁଷ୍ପାଞ୍ଜଳି ଦେଇ ମମତାର ଧୂପ ଜାଳି ଓ ସଦିଚ୍ଛାର ଶଙ୍ଖଧ୍ୱନି କରି ଭଗବାନଙ୍କର ସତ୍ତା ସନ୍ଧାନରେ ସେ ଆଜି ସମର୍ଥ । 'କେତେ ଦିଗନ୍ତ', 'ଦୂର ଦୂରାନ୍ତର' ପରିକ୍ରମା କରି ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କର ପ୍ରଦର୍ଶିତ ଆଧ୍ୟାତ୍ମିକତାର ପବିତ୍ର ମାର୍ଗରେ ମାନବିକତାର ମଶାଲ ଧରି ଦଣ୍ଡାୟମାନ ମନୋଜ ଦାସ ହେଉଛନ୍ତି ମୋର ପୂଜ୍ୟ କାକା । ତେଣୁ ମୁଁ ବହୁତ ଭାଗ୍ୟବାନ୍ ।

ପିଲାଟି ଦିନରୁ ତାଙ୍କର ଅମାପ ଓ ଅନାବିଳ ସ୍ନେହରେ ସ୍ନାନ କରିବାର

Digitized by srujanika@gmail.com

ସୁଯୋଗ ପାଇ ନିଜକୁ ଅତି ସୌଭାଗ୍ୟବାନ୍ ମନେ କରୁଛି । ଆଜି ଯେତେବେଳେ ଶହ ଶହ ମନୋଜପ୍ରେମୀଙ୍କ ଠାରୁ ତାଙ୍କ ପାଇଁ ଦୂରସଂଚାର ମାଧ୍ୟମରେ ମୋ ଜରିଆରେ ଶୁଭେଚ୍ଛା ଆସୁଛି, ସେତେବେଳେ ଉଦ୍‌ବେଳିତ ପ୍ରାଣରେ ଭଗବାନଙ୍କଠାରେ ଏତିକି ପ୍ରାର୍ଥନା କରୁଛି, ''ହେ ପ୍ରଭୁ, ଏ ଅଧଃପତିତ ସମାଜରେ ମନୋଜ ଦାସଙ୍କ ଭଳି ବିରଳ ବ୍ୟକ୍ତିତ୍ୱର ଆହୁରି ଅଭ୍ୟୁଦୟ ହେଉ । ମୋର କାକା ଦୀର୍ଘଜୀବୀ ହୁଅନ୍ତୁ ଓ ଲେଖନୀ ମୁନରେ ସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ପ୍ରଦାନ କରି ଅଧିକ ଯଶସ୍ୱୀ ହୁଅନ୍ତୁ ।'' ମନୋଜ ଦାସଙ୍କ କୃତିତ୍ୱ ଉପରେ ମନ୍ତବ୍ୟ ଦେବାର ଶକ୍ତି, ସାମର୍ଥ୍ୟ ଓ ସାହସ ମୋ ନିକଟରେ ନାହିଁ । କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବାର ଆନନ୍ଦ ଓ ଅଧିକାର ମୋର ରହିଛି । ସମୁଦ୍ରକୂଳ ଗାଁ ଶଙ୍ଖାରୀର ସୁଯୋଗ୍ୟ ସନ୍ତାନ ମନୋଜ ଦାସଙ୍କ ଜୀବନ-ସାଗରରେ ପ୍ରଥମେ ମାର୍କ୍ସବାଦର ଉତ୍ତାଳ ତରଙ୍ଗ ଗର୍ଜନ କରି ଉଠିଥିଲା । ଆଜି କିନ୍ତୁ ଅତୀତର ସେହି ସାମ୍ୟବାଦୀ ମନୋଜ ଦାସଙ୍କ ବ୍ୟକ୍ତି ଚେତନାରୁ ମାର୍କ୍ସବାଦର ଲୋହିତ ସୂର୍ଯ୍ୟ ଅସ୍ତମିତ ହେଲେ ବି ତାହା ଭିନ୍ନରୂପରେ ମାନବବାଦର ସୁନେଲି ସୂର୍ଯ୍ୟହୋଇ ଉଦ୍‌ଭାସିତ । ଆଧ୍ୟାତ୍ମିକତାର ମହାସମୁଦ୍ର ଭିତରୁ ମାନବବାଦର ମୁକ୍ତା ସନ୍ଧାନ ପାଇଁ ତାଙ୍କର ପ୍ରବଳ ଉତ୍କଣ୍ଠା । ସେ ଯେମିତି ଆଜି ମୁକ୍ତକଣ୍ଠରେ ଘୋଷଣା କରୁଛନ୍ତି ''ହେ ମଣିଷ, ତୁମେ ମଣିଷକୁ ଭଲପାଅ, ତାକୁ ସମ୍ମାନକର, ସାହାଯ୍ୟକର ଓ ସହାନୁଭୂତି ଦେଖାଅ । ନିଜ ଭିତରୁ ଅହଙ୍କାର, ସ୍ୱାର୍ଥ, ଲୋଭ ଓ କ୍ରୋଧକୁ ବିସର୍ଜନ ଦେଇ ସେବା ଓ ଧର୍ମର ମହୋଦଧିରେ ନିଜକୁ ସମର୍ପଣ କରାଅ ।'' ଆମ୍ଭେମାନେ ଯଦି ମନୋଜ ଦାସଙ୍କ ଲେଖନୀ ଓ ବ୍ୟକ୍ତିତ୍ୱ ଭିତରୁ ବିଚ୍ଛୁରିତ ହେଉଥିବା ମାନବବାଦର ମନ୍ତ୍ରକୁ ଉଚ୍ଚାରଣ ଓ ଅନୁସରଣ କରିବା, ତାହା ହିଁ ହେବ ମନୋଜ ଦାସଙ୍କ ପ୍ରତି ଆମର ଶ୍ରେଷ୍ଠ ସମ୍ମାନ ।

• ୧୭, ସତ୍ୟନଗର,
ଭୁବନେଶ୍ୱର

Digitized by srujanika@gmail.com

'ତୁମ ଗାଁ'ର କବିଙ୍କୁ

ଡ଼ଃ ମନୋରମା ବିଶ୍ୱାଳ ମହାପାତ୍ର

ଆପଣ ଆଜନ୍ମ କବି । ମାଟିର ମଣିଷଙ୍କୁ, ଗାଁର ମଣିଷଙ୍କୁ, ଆପଣ ଏତେ ନିବିଡ଼ ଭାବରେ ଭଲ ପାଆନ୍ତି ବୋଲି ବୋଧହୁଏ ଆପଣ କବିତା ଓ ଗଳ୍ପ ଏତେ ଚମତ୍କାର ଭାବରେ ଲେଖିପାରନ୍ତି । ନିବିଡତର ଉପଲବ୍ଧିର ପ୍ରିୟ ଜନ୍ମଭୂମି, ପ୍ରିୟ ଗାଁ । କେତେ ଜନ୍ମରୁ ଯେମିତି ତାକୁ ଆପଣ ଜାଣିଛନ୍ତି ତାର ହରିତକି ଗୋଧୂଳୀର ରଙ୍ଗ, ଫୁଲଫୁଟା ସକାଳର ଶୁଭ୍ରତା, ଅରୁନ୍ଧତୀ, ସ୍ୱାତୀ, ଧ୍ରୁବତାରାର ଆଲୋକରେ ଆଲୋକିତ ଆକାଶ ସବୁଗୁଡିକ ପିଲାଦିନର 'ବର୍ଣ୍ଣବୋଧ' ପରି ଆପଣଙ୍କ ମନକୁ ଅଭିଭୂତ କରିଦେଇଛି । ଟୁକୁରାଏ ଚିରା ଚିଠିପରି ଭାସମାନ ମେଘ ଆକାଶରେ ଭାସି ଭାସି ଗଲାବେଳେ ଆପଣଙ୍କ କବିସତ୍ତା ବିଭୋର ବିସ୍ମୟରେ ଚାହିଁ ରହିଛି ଆକାଶକୁ । ଗାଁର ବର୍ଷା ଏତେ ସୁନ୍ଦର କେମିତି । ''ଦିବସେ ରୂପାର ଆଉ ନିଶୀଥରେ ସୁନାର ବରଷା/ସ୍ୱଗତୋକ୍ତି ସମତୁଲ ବେପରୁଆ ମୃଦୁ ତାର ଭାଷା/ସେ ମେଘରେ ଭାସିଆସେ ଟୁକୁରାଏ ଚିରା ଚିଠି ଭଳି/ ଯା ମ୍ଲାନ ଅକ୍ଷରେ ଭରା ନୟନର ପ୍ରଚୁର କୁହେଳି ।'' ଆପଣଙ୍କ କବିତାର ଏଇ ଅନ୍ତରଙ୍ଗ ସ୍ୱର, ଖୁବ୍ ଆପଣାର ମନେହୁଏ । ଯେମିତି ଗାଉଁଲୀ ସକାଳଟିଏ । ଉଲ୍ଲିଖିକଟା ମୁହଁଟିଏ ଆପଣଙ୍କ କବିତା । କେଉଁ ସୁଦୂର କୈଶୋରରେ ଆପଣଙ୍କ 'ଟିକିବୋହୂଟି' କବିତାଟିକୁ ଏକାଧିକବାର ପଢିଛି ଏବଂ ପ୍ରତିଥର ଲୁହରେ ସଜଳ ହୋଇ ଯାଇଛି ହୃଦୟ । ସୁବର୍ଣ୍ଣରେଖା କୂଳର ଛୋଟ ଗାଁଟିରେ ସ୍କୁଲ ଭିତରେ ପାଟିକରି କବିତାପଢ଼ା- ''ଆରେ ବାବୁ ଶ୍ୟାମଘନ'' କିମ୍ବା ''କହଇ ମନ ଆରେ ମୋ ବୋଲ କର'' ସହିତ ଆପଣଙ୍କ ''ଟିକିବୋହୂଟି'' କବିତା ମୋ ମନପ୍ରାଣକୁ କିଭଳି ଏକ ଅଦ୍ଭୁତ ଆବେଗରେ ଏକାକାର କରି ଦେଇଛି ।

ସେଦିନଠାରୁ କେତେ ଯେ ବର୍ଷ କୁଆଡେ ଚାଲିଗଲାଣି, ତାର ସୀମା ନାହିଁ । ଅଥଚ ଯେତେଥର ସୁବର୍ଣ୍ଣରେଖା କୂଳର ସେଇ ଛୋଟ ଗାଁ 'ଜଗାଇ'କୁ ଯାଇଛି, ପ୍ରତିଥର ଆପଣଙ୍କ 'ଟିକିବୋହୂଟି'ର ସଜଳ ସ୍ମୃତି ଅଧିକ ସକ୍ରିୟ ହୋଉ ଉଠିଛି ମୋ ଭିତରେ । ସେତେବେଳେ ଗାଁରେ ଛୋଟ ଛୋଟ ଝିଅମାନଙ୍କୁ ଥାଳିରେ ବସାଇ ବିବାହ ଦିଆ

Digitized by srujanika@gmail.com

ଯାଉଥିଲା ଏବଂ ମୋର ଜଣେ ପିଉସୀଙ୍କ ଭାଗ୍ୟ ସହିତ ଆପଣଙ୍କ ମାନସ-କନ୍ୟା 'ଟିକିବୋହୂ'ଟିର ଭାଗ୍ୟ ଅଦ୍ଭୁତ ଭାବରେ ମିଶି ଯାଇଥିଲା । ଛୁଟିରେ ଗାଁକୁ ଗଲାବେଳେ ସେହି ସ୍ନେହମୟୀ ପିଉସୀଙ୍କୁ ଦେଖିଲେ ଦୁଃଖରେ ଛାତିଫାଟିଗଲା ପରି ଲାଗୁଥିଲା । ବଡହେଲା ପରେ ବୁଝିବାକୁ ଚେଷ୍ଟା କରିଛି କବିତାର ମୂଳଉତ୍ସ କେଉଁ ଦୁର୍ଜୟ ଦୁଃଖରୁ, କେଉଁ ସୀମାହୀନ ଶୋକରୁ ।

ଆପଣ ପ୍ରଥମେ କବି । ତାପରେ ଗାଳ୍ପିକ । ମଣିଷ ଯେ କେତେ ବେଶି ଏକୁଟିଆ, କେତେ ବେଶି ନିର୍ଜନ, ତାହା ଆପଣ ଭଲଭାବରେ ଅନୁଭବ କରିଛନ୍ତି । ତାହା ହୋଇ ନଥିଲେ କବି ସନ୍ନ୍ୟାସୀଭାବରେ ଶ୍ରୀଅରବିନ୍ଦଙ୍କ ଦର୍ଶନରେ ବିଶ୍ୱାସୀ ହୋଇ ନଥାନ୍ତେ । କି ଅଦ୍ଭୁତ କବିସତ୍ତା ଆପଣଙ୍କର ! କେଉଁ ଅତିମାନସ ଶକ୍ତିର ପ୍ରେରଣାରେ ଆଜି ଆପଣ ନିରାସକ୍ତ କବି-ସନ୍ନ୍ୟାସୀ । ଆପଣ କବିତା ଲେଖିଲାବେଳେ, ଗଳ୍ପ ଲେଖିଲା ବେଳେ ମହାଜାଗତିକ ସ୍ତରରେ ଥାଆନ୍ତି ନା କେଉଁ ସ୍ତରରେ ଥାଆନ୍ତି ! ଆପଣଙ୍କ ହୃଦୟର ଉଷ୍ମ ଅନୁଭୂତିରେ ଗାଁର ନଈ, ଗାଁର ଆକାଶ ପବନ ସବୁ ବାଙ୍ମୟ ହୋଇଉଠେ । ଆପଣଙ୍କ ଅମଳିନ କୀର୍ତ୍ତି, କବି-ବ୍ୟକ୍ତିତ୍ୱ ଓଡ଼ିଶାର ଆକାଶରେ ଆକାଶଦୀପ ହୋଇ ଯୁଗେ ଯୁଗେ ରହିବ । ସୁବର୍ଣ୍ଣରେଖା ଆପଣଙ୍କର ପ୍ରିୟ ନଈ । ତଥାପି ଆପଣଙ୍କ ଗାଁ ପାଖର ଅନ୍ୟ ଏକ ନାଁ-ଅଜଣା ନଈ ଉଦ୍ଦେଶ୍ୟରେ କବିତା ବହି ଉତ୍ସର୍ଗ କରିଛନ୍ତି । ସେ ନଈ ଚିର ନମ୍ର । ସେହି ନମ୍ର ନଈଟି ପାଇଁ ଆପଣଙ୍କ ଭିତରେ ଏତେ ସମ୍ବେଦନା ପୂରି ରହିଛି ଦେଖିଲେ ଆଶ୍ଚର୍ଯ୍ୟ ନହୋଇ ରହି ହୁଏ ନାହିଁ ।

ହେ ପ୍ରିୟ ପରମ କବି, ମୁଁ ଆଜି ଆପଣଙ୍କୁ ପ୍ରଣାମ କରୁଛି । ପ୍ରଣାମ କରୁଛି ଆପଣଙ୍କ ଗାଁର ମାଟି ଆଉ ମଣିଷମାନଙ୍କୁ । କବିତା ଆଜି ଆମର ମାଟି ସହିତ, ମଣିଷ ସହିତ ଯୋଡ଼ି ହୋଇଯାଉ । ଗେଣ୍ଡୁ ଫୁଲ ଏବଂ ସୋରିଷ ଫୁଲକୁ ଏଡ଼େଇ ନ ଯାଉ । ତାକୁ ଭଲ ପାଇ ଶିଖୁ । ଆପଣଙ୍କ କବିତା ଯେ ମୋ ପରି କେତେ କବିଙ୍କ ହୃଦୟକୁ ଛୁଇଁ ପାରିଛି ତାର କଳନା ନାହିଁ ।

• ପ୍ରୀତମପୁରୀ,
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

Digitized by srujanika@gmail.com

ଓଡ଼ିଆ କଥାସାହିତ୍ୟର 'ବିଷ୍ଣୁଶର୍ମା'

ଶାନ୍ତି ମହାପାତ୍ର (ବଳ)

ସଂସ୍କୃତ ସାହିତ୍ୟରେ ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର' ନୈତିକ ମୂଲ୍ୟବୋଧର ସ୍ୱାକ୍ଷର ବହନ କରିଥିବା ଏକ ଶିକ୍ଷଣୀୟ ଅନୁବାଦ ଗଳ୍ପଗ୍ରନ୍ଥ । ସେଥିରେ ସନ୍ନିବେଶିତ ହିତୋପଦେଶ କାହିଣୀଟି ସହିତ ଆମେ ସମସ୍ତେ ଅଳ୍ପ ବହୁତେ ପ୍ରାୟ ପରିଚିତ । ପାଠରେ ମନୋନିବେଶ କରୁନଥିବା ବିପଥଗାମୀ ରାଜପୁତ୍ରମାନଙ୍କୁ ପଶୁପକ୍ଷୀଙ୍କର କାହାଣୀ ବର୍ଣ୍ଣନା ଛଳରେ ଚତୁର ବିଷ୍ଣୁଶର୍ମା ସେମାନଙ୍କ ମନ ପରିବର୍ତ୍ତନ କରିବାକୁ ସମର୍ଥ ହୋଇଥିଲେ ଓ ପୁତ୍ରମାନଙ୍କ ଚିନ୍ତାରେ ଅହରହ ପୀଡ଼ିତ ରାଜାଙ୍କୁ ଚିନ୍ତାମୁକ୍ତ କରିଥିଲେ । ଭାରତୀୟ ମହାନ୍ ପରଂପରା, ଐତିହ୍ୟ ଓ ସଂସ୍କୃତି ପ୍ରତି ସଦା ଅନୁରକ୍ତ ଓ ସଚେତନ ମନୋଜ ଦାସ ମଧ୍ୟ ସେହିଭଳି ନିଜ ସୃଷ୍ଟି ମାଧ୍ୟମରେ ଆଜିର ପଥଭ୍ରଷ୍ଟ ମାନବକୁ ଦିଗ୍‌ଦର୍ଶନ ଦେବା ପାଇଁ ଆଗ୍ରହୀ ।

ପ୍ରାଚୀନ ପରଂପରାର ପ୍ରବାହ ଭିତରେ ସେ ଆଧୁନିକ ସମାଜର ଜନଜୀବନ, ନିତ୍ୟ ସଂଘଟିତ ଘଟଣା, ଦୁର୍ଘଟଣା, ଯଂତ୍ରଣା, ଆନନ୍ଦ, ଅନ୍ୟାୟ, ଅବିଚାର, ନୈତିକ ଅବକ୍ଷୟ, ପରିବର୍ତ୍ତନ ଓ ବିବର୍ତ୍ତନ ଉପରେ ପର୍ଯ୍ୟବସିତ ଅନେକ ମନଛୁଆଁ ଶିକ୍ଷାପ୍ରଦ କାହାଣୀ ଆମକୁ ଶୁଣାଇଛନ୍ତି ।

ପଦ୍ମାନଦୀର ଉର୍ମିଳ ବକ୍ଷରେ ଶତଶତ ନୌଚାଳନା, ତାର ତଟଦେଶରେ ଅଧିବାସୀଙ୍କର ଜୀବନଯାପନ ପ୍ରଣାଳୀ, ବିସ୍ତୃତ କୃଷିକ୍ଷେତ୍ର, ବହୁବାର ନୌଯାତ୍ରା ଓ ନୌକାବିହାର ସର୍ବୋପରି ପଦ୍ମାନଦୀ ସହିତ ଆତ୍ମୀୟତା ବିଶ୍ୱକବି ରବୀନ୍ଦ୍ରଙ୍କ ସୃଷ୍ଟି ମାନସକୁ ଯେପରି ଉଜ୍ଜୀବିତ କରିଛି, ସମୁଦ୍ର କୂଳର ଅନତି ଦୂରରେ ବାଲ୍ୟ ଓ କୈଶୋର ଜୀବନ ଅତିବାହିତ କରିଥିବା ମନୋଜଙ୍କୁ ସମୁଦ୍ରର ଭୀମ-କାନ୍ତ ଦୃଶ୍ୟ,' ତାର ତଟବାସୀଙ୍କର ଦୁଃଖ-ଦୈନ୍ୟ-ପ୍ରପୀଡିତ ଅସହାୟ ଜୀବନର ଚିତ୍ର ତାଙ୍କର ସୃଷ୍ଟି ଜଗତକୁ ବହୁ ଉପାଦାନରେ ପରିପୁଷ୍ଟ କରିଛି, ଯାହାର ପରିପ୍ରକାଶ ଘଟିଛି 'ସମୁଦ୍ରର କ୍ଷୁଧା' ରେ ସଂଯତ ମାର୍ଜିତ ଭାଷା ଶୈଳୀରେ ଯୌନ ହିଂସତାର ସ୍ୱାକ୍ଷର ବହନ କରି । ୧୯୪୩ରେ ଦୁର୍ଭିକ୍ଷ କବଳିତ ବାଲେଶ୍ୱର ଓ ତାଂକର ଗ୍ରାମାଞ୍ଚଳରେ କ୍ଷୁଧାତୁର ମଣିଷର 'ହା'ଅନ୍ନ'

Digitized by srujanika@gmail.com

ଚିତ୍କାର, ମୁଠେ ଅନ୍ନ ଅଭାବରେ ରାସ୍ତାଘାଟରେ ତାଙ୍କ ଚକ୍ଷୁ ସାମନାରେ ଟଳି ପଡୁଥିବା ଅସହାୟ ମଣିଷର ମୃତ୍ୟୁ ବାଳକ ମନୋଜଙ୍କ ମନରେ ଗଭୀର ରେଖାପାତ କରିଥିଲା । ଦାରିଦ୍ର୍ୟ, ଅଭାବ, ଅନାହାର କ୍ଲିଷ୍ଟ ଭୋକିଲା ମଣିଷ ପାଇଁ ଅକଳନ ଦରଦ ସହ ବିଦ୍ରୋହର ସ୍ୱର ଓ ସମ୍ବେଦନଶୀଳତା ତାଙ୍କର ଯୁବ ମାନସକୁ ମାର୍କସବାଦ ପ୍ରତି ଆକୃଷ୍ଟ କରିଥିଲା । ସେ କହନ୍ତି -'I was a Marxist and I was very concerned about the suffering I saw around me.'

୧୯୪୦ -୨୦୦୦ ଭିତରେ ମାର୍କସବାଦରୁ ଆଧ୍ୟାତ୍ମବାଦ, 'ସମୁଦ୍ରର କ୍ଷୁଧା' ରୁ 'ଅମୃତଫଳ' ଗ୍ରାମ୍ୟ ରାଜ୍ୟ ସ୍ତରରୁ ଆନ୍ତର୍ଜାତିକ କ୍ଷେତ୍ରରେ ସଫଳ ସୃଜନଶୀଳ କବି, କଥାକାର ଭାବରେ ସୁନାମ ଅର୍ଜନ କରିଥିବା ମନୋଜ ଦାସଙ୍କ ଚରିତ୍ର ଚିତ୍ରଣ, ଘଟଣା ବର୍ଣ୍ଣନା, ସୂକ୍ଷ୍ମାତିସୂକ୍ଷ୍ମ ଜୀବନ ଦର୍ଶନ ଅନୁଧ୍ୟାନର କ୍ଷେତ୍ର ବିସ୍ତୃତ ହୋଇଛି । ବହୁ କାର୍ଯ୍ୟୋପଲକ୍ଷେ ବିଶେଷତଃ ଶ୍ରୀ ଅରବିନ୍ଦ ଜୀବନୀ ଓ ଦର୍ଶନର ଅଧ୍ୟୟନ ଓ ବିଷୟବସ୍ତୁ ସଂଗ୍ରହ ଅବସରରେ ଶ୍ରୀଦାସଙ୍କୁ ଅନେକ ଦେଶ ଓ ପାଶ୍ଚାତ୍ୟ ଦେଶ ଭ୍ରମଣର ସୁଯୋଗ ମିଳିଛି । କିନ୍ତୁ ଭାରତୀୟ ପୃଷ୍ଠଭୂମିରେ ତା'ର ଗ୍ରାମ୍ୟ ମାଟିର ମହକ, ସୁଖ, ଦୁଃଖ, ହସ, କାନ୍ଦର ମଣିଷ ଓ ତାର ଚରିତ୍ର ଚିତ୍ରଣରେ ତାଙ୍କର କଥା ଶିଳ୍ପ ଆମୋଦିତ ଓ ପ୍ରତିଧ୍ୱନିତ ହୋଇଛି । ସେହିପରି ଏ ଉପମହାଦେଶର ପ୍ରାଚୀନ ସ୍ୱର୍ଣ୍ଣାଭ ଗୌରବମୟ ଐତିହ୍ୟ, ପରଂପରାର ବୈଚିତ୍ର୍ୟରେ ତାଙ୍କର ଗଳ୍ପଜଗତ ଉଦ୍‌ଭାସିତ ଓ ମହିମାନ୍ୱିତ ହୋଇଛି । ଚିର ରହସ୍ୟମୟ ମଣିଷର ଚିନ୍ତାଚେତନା ତାର ମାନସିକତା ଓ ସଂଗୁପ୍ତ ଉଦ୍ଦେଶ୍ୟକୁ ଜାଣିବା ପାଇଁ ସେ ଅନ୍ତର୍ଦୃଷ୍ଟିରେ ଗଭୀର ଅଧ୍ୟୟନ କରିଛନ୍ତି । 'ସମୁଦ୍ରର କ୍ଷୁଧା'ରେ ଯୌନ ଅତ୍ୟାଚାରର ଭୟାବହତା, 'ଜୀବନର ସ୍ୱାଦ'ର 'ଆବିଷ୍କାର' ରେ ଉଦର କ୍ଷୁଧାରେ ପୀଡିତ କ୍ଷୁଧାର୍ତ୍ତ ମଣିଷର ମୂଷା ପୋଡି ଖାଇବାର ବୀଭତ୍ସ ଦୃଶ୍ୟ, 'ଲକ୍ଷ୍ମୀର ଅଭିସାର'ରେ କୋମଳମତି ବାଳିକାର ଅହେତୁକୀ ଭକ୍ତି ଓ ତାର କରୁଣ ପରିଣତି ବା 'ବିଷକନ୍ୟାର କାହାଣୀ'ରେ ରୂପଜୀବୀ ହୀରାବାଈର ଅନ୍ତର୍ବେଦନା ଅଥବା 'ଓଟ' ଗଳ୍ପର ନାୟକ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଶିବକୁମାରଙ୍କର ନୂତନ ପୀଢ଼ିଙ୍କ ପ୍ରତି ଚେତାବନୀର ଆଲେଖ୍ୟ ପ୍ରଭୃତି ଅଗଣିତ ଘଟଣା ଓ ମଣିଷରେ ଭରା ମନୋଜ-କାହଣୀ-ପସରାକୁ ପାଠକ ଉପଭୋଗ କରିଥାଏ । ଅନୁଭୂତି, ଅନ୍ତର୍ଦୃଷ୍ଟି ତାଙ୍କ ଗଳ୍ପ ଜଗତକୁ ଉପାଦେୟ କରିଥିବା ସ୍ୱାଭାବିକ, କିନ୍ତୁ ଭାରତର ବିଭିନ୍ନ ପ୍ରାନ୍ତ ଭ୍ରମଣ ଓ ବିଦେଶ ପର୍ଯ୍ୟଟନ ତାଙ୍କର ଅନୁଭୂତିକୁ, ଗଳ୍ପ ସଂଭାରକୁ ଅଧିକ ରସାଣିତ ଓ ସମୃଦ୍ଧ କରିଛି । 'ଇଣ୍ଡୋନେସିଆ ଅନୁଭୂତି', 'ଦୂର ଦୂରାନ୍ତର', 'ଅନ୍ତରଙ୍ଗ ଭାରତ' ପ୍ରଭୃତି ସେହି ଅନୁଭୂତିର ଅନ୍ତରଂଗ ପରିପ୍ରକାଶ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥାକାରମାନଙ୍କ ମଧ୍ୟରେ ମନୋଜ ଦାସ

Digitized by srujanika@gmail.com

ବିଶିଷ୍ଟ ସ୍ଥାନ ଅଧିକାର କରିଥିଲେ ମଧ୍ୟ, ତାଙ୍କର ସୃଜନର ପହିଲି ପ୍ରକାଶ ଥିଲା କବିତା, ଗଳ୍ପ ନୁହେଁ । ୧୯୫୦ରେ ତାଙ୍କର ସଦ୍ୟ ପ୍ରକାଶିତ କବିତା ପୁସ୍ତକ 'ବିପ୍ଳବୀ ଫକୀର ମୋହନ'କୁ ବ୍ୟକ୍ତିଗତ ଭାବରେ କାନ୍ତକବିଙ୍କୁ ସାକ୍ଷାତ୍‌କରି ଉପହାର ଦେବାପାଇଁ ବର୍ଷାମାଡ ଖାଇ ଅନ୍ଧାର ରାତିରେ ଆମ ଗାଁ (ତାଳପଦା)ରେ ପହଞ୍ଚିଥିଲେ । ପରବର୍ତ୍ତୀ କାଳରେ ତାଙ୍କ କବିତା, ଗଳ୍ପର ଜଣେ ବିମୁଗ୍ଧ ପାଠିକା ଭାବରେ ସେତେବେଳେ ଦେଖି ପାରିନଥିବାରୁ ମୋ ମନରେ ଗଭୀର ଅବଶୋଷ ହୋଇଥିଲା । ଅବଶ୍ୟ ସେତେବେଳେ ସାହିତ୍ୟର ଧାର ଧାରି ନଥିଲି ।

୧୯୬୨ରେ 'ଡଗର'ର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ତାଙ୍କର ସଫଳ ସାହିତ୍ୟ ଅବଦାନ ପାଇଁ ପ୍ରଥମଥର ପାଇଁ ସେ ପୁରସ୍କୃତ ହୋଇଥିଲେ । ତାହା ଥିଲା ତାଙ୍କ ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାରର ଶୁଭାରମ୍ଭ । ତା'ପରଠାରୁ ଦୁଇଥର 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'ଠାରୁ 'ସରସ୍ୱତୀ ସମ୍ମାନ' ପର୍ଯ୍ୟନ୍ତ ପୁରସ୍କାର ତାଙ୍କର ଅନୁଧାବନ କରି ଚାଲିଛି । ତାଙ୍କର ଅଗଣିତ ପାଠକ ପାଠିକା ଶୁଭେଚ୍ଛୁଙ୍କର କାମନା, ସେ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ଆହୁରି ବହୁ ସମ୍ମାନ ଓ ପୁରସ୍କାର ଲାଭ କରନ୍ତୁ ।

'ସୃଜନୀ' ଓ 'ସମାଜ'କୁ ସାକ୍ଷାତ୍‌କାର ଦେଇ ସେ ତାଙ୍କର ଶେଷ ବକ୍ତବ୍ୟରେ କହିଛନ୍ତି-''ବାର୍ତ୍ତା ଦେବାକୁ ମୁଁ କିଏ ? ଦିଗ୍‌ଦର୍ଶନ ଦେବାର ଅଧିକାର ଅନ୍ତତଃ ମୋ'ର ଅଦ୍ୟାବଧି ଆସିନାହିଁ । ପଙ୍ଗୁ ଲଂଘୟତେ ଗିରି.. ସବୁ ଭଗବାନଙ୍କର କରୁଣା ଓ ଇଚ୍ଛା...'' ନିଜର ନମ୍ରତା ପ୍ରକାଶ କରିଛନ୍ତି ସେହି ପ୍ରତିଭାଶାଳୀ ସ୍ରଷ୍ଟା । କିନ୍ତୁ ଏହା ସତ୍ତ୍ୱେ ମନେହୁଏ, ତାଂକର ପ୍ରତିଟି ଲେଖାରେ ସେ ହୁଏତ ନିଜ ଅଲକ୍ଷ୍ୟରେ ବ୍ୟକ୍ତି, ସମାଜ ଓ ସମଗ୍ର ମଣିଷ ଜାତିକୁ ତାଙ୍କର ବାର୍ତ୍ତା ଓ ଦିଗ୍‌ଦର୍ଶନ ଦେଇ ଚାଲିଛନ୍ତି ।

ଓଡ଼ିଆ ଗଦ୍ୟ ସାହିତ୍ୟର ଏହି ବିଷ୍ଣୁଶର୍ମାଙ୍କର ଲେଖନୀଚାଳନା ଅପ୍ରତିହତ ରହୁ, ଏହାହିଁ କାମନା ।

• 'ଆଶ୍ରୟ',
କେନ୍ଦୁଝର କଲୋନି,
କଟକ-୮

Digitized by srujanika@gmail.com

ଯେଉଁ ପୂଜାର ଶେଷନାହିଁ

ଜ୍ୟୋତ୍ସ୍ନା ରାଉତରାୟ

ଗୋଟିଏ ଗୋଟିଏ ନାଁ ଜୀବନ ସହିତ ଏପରି ଭାବରେ ଜଡିତ ହୋଇ ରହିଯାଏ ଯେ, ବୋଧହୁଏ ତାକୁ ଜୀବନର ଶେଷଦିନ ପର୍ଯ୍ୟନ୍ତ ମଧ୍ୟ ଭୁଲିହୁଏନା । 'ମନୋଜ ଦାସ' ସେଇଭଳି ଗୋଟିଏ ନାଁ ଯାହାକୁ ମୁଁ ମୋର ନିଃଶ୍ୱାସ ପ୍ରଶ୍ୱାସ ଚାଲିଥିବାଯାଏ ସ୍ମରଣ କରୁଥିବି । ଗୋଟିଏ ଆଲୋକିତ, ଆବେଦନମୟ ବଳୟ ଭିତରେ ମୋର କୈଶୋରରୁ ଏଇ ମଧ୍ୟ ବୟସଯାଏ, 'ମନୋଜ ଦାସ' ନାମଟି ଉଚ୍ଚାରିତ ହୋଇ ଆସିଛି ଓ ଆସୁଛି ଅନ୍ତର ଭିତରେ ।

ମନୋଜ ଦାସ ନାମକ ବ୍ୟକ୍ତିତ୍ୱକୁ ଚିହ୍ନିବା ଓ ମନୋଜୀୟ ସୃଜନବଳୟ ଭିତରକୁ ଅନୁପ୍ରବେଶ କରିବାର ପ୍ରଥମ ପଥ ଦେଖାଇଥିଲେ ମୋର ସ୍ୱର୍ଗତ ପିତା ଦୁର୍ଗାଚରଣ ରାଉତରାୟ । ମ୍ୟାଟ୍ରିକ୍ ପଢୁଥାଏ । ବୟସର ଚାପଲ୍ୟ ଭିତରେ ଯେତେବେଳେ ମୋର ସମୟ ସବୁ ଆନମନା ହୋଇ ଘୂରି ବୁଲୁଥାନ୍ତି, ସେତେବେଳେ ବାପାଙ୍କ ପାଖକୁ ଆସୁଥିବା 'ସମାଜ' ସମ୍ବାଦପତ୍ରରେ ହଠାତ୍ ଦିନେ ଆଖିରେ ପଡ଼ିଲା ମନୋଜ ବାବୁଙ୍କର 'ସନ୍ଧାନ ଓ ସମୀକ୍ଷା' । ସେଇ ସୂତ୍ରରୁ ହିଁ ମୋର ଆରମ୍ଭ ହୋଇଥିଲା 'ମନୋଜ ଦାସ'ଙ୍କ ଲେଖା ସହିତ ପ୍ରଥମ ପରିଚୟ । ତା'ପରେ 'ଆବୁ ପୁରୁଷ', 'ଆରଣ୍ୟକ', 'ଲକ୍ଷ୍ମୀର ଅଭିସାର' ପ୍ରଭୃତି ଗଳ୍ପ ପଢିବା ଭିତରେ କେମିତି ଏକ ନିଶା ଲାଗିଗଲା । ବାପା ମନୋଜ ଦାସଙ୍କର ବହିସବୁ କିଣି ଦିଅନ୍ତି । ମୁଁ ପଢ଼େ । ପାଠପଢା ସହିତ ବହି ପଢ଼ିବା ମୋର ଥିଲା ଗୋଟାଏ ପ୍ରବଳ ନିଶା । ସ୍କୁଲ ପରେ କଲେଜ, କଲେଜ ପରେ ବିଶ୍ୱବିଦ୍ୟାଳୟ । ମନୋଜ ଦାସ ମୋର ପ୍ରିୟ ଲେଖକ । ବେଳେ ବେଳେ ପଢ଼ିଲା ବେଳେ ମନେହୁଏ, ଏଇ ଲେଖକଙ୍କୁ ମୁଁ ଥରେ ଭେଟି ପାରନ୍ତି ନାହିଁ ! ଦେଖି ପାରନ୍ତି ନାହିଁ ! ଏଇଭଳି ଏକ ପ୍ରବଳ ଅଭିଳାଷ ଓ ଆକାଂକ୍ଷା ଭିତରେ ସମୟ ଗଡ଼ି ଯାଉଥାଏ । ମନୋଜଙ୍କ ସହିତ ୰ ସୁରେନ୍ଦ୍ର ମହାନ୍ତିଙ୍କୁ ମଧ୍ୟ ମୁଁ ପଢୁଥାଏ । ୧୯୮୩ ମସିହାରେ 'ମନୋଜ ପଞ୍ଚ-ବିଂଶତି' ପଢି ସାରିଲା ପରେ

Digitized by srujanika@gmail.com

ଦିନେ ଭାବିଲି ମନୋଜ ବାବୁ ଓଡ଼ିଶା ଆସିଲେ ଥରେ ତାଙ୍କୁ ଦେଖା କରିବି । କିନ୍ତୁ ସୁଯୋଗ ମିଳିଲା ନାହିଁ । ୧୯୮୪ରେ 'ସମ୍ବାଦ' ସମ୍ବାଦପତ୍ରରେ ସାମ୍ବାଦିକଭାବେ ଯୋଗଦେଲି । 'ସମ୍ବାଦ'ରେ ମଧ୍ୟ ମନୋଜ ବାବୁଙ୍କ ଲେଖା ନିୟମିତ ପ୍ରକାଶ ପାଉଥାଏ । 'ଧରିତ୍ରୀ'ରେ ନିୟମିତ ସ୍ତମ୍ଭ ରଚନା 'କେତେ ଦିଗନ୍ତ' ମଧ୍ୟ ପଢୁଥାଏ । ମନ ଭିତରେ ସେଇ ଗୋଟିଏ ଇଚ୍ଛା -ମନୋଜ ଦାସଙ୍କୁ ଥରେ ଦେଖିବି ।

୧୯୮୯ରେ ମନୋଜ ଦାସ ଭୁବନେଶ୍ୱର ଆସିଥାନ୍ତି ବୋଲି ଖବର ପାଇଲି । ସେତେବେଳକୁ 'ସମ୍ବାଦ'ରେ ମୋ ସଂଯୋଜନାରେ ଗୋଟିଏ ସ୍ତମ୍ଭରଚନା ବାହାରୁଥାଏ-'ମୋ ଦୃଷ୍ଟିରେ ନାରୀ' । ଏଥିରେ ଲେଖକ, ସଙ୍ଗୀତଜ୍ଞ, ଚିତ୍ରଶିଳ୍ପୀ, କବିଙ୍କର ଦୃଷ୍ଟିରେ ନାରୀର ଭୂମିକା ରୂପାୟିତ ହେଉଥାଏ । ମନୋଜ ଦାସଙ୍କର ଠିକଣା ସଂଗ୍ରହ କରି ମୁଁ ଯାଇଥିଲି 'ମୋ ଦୃଷ୍ଟିରେ ନାରୀ' ପାଇଁ ସାକ୍ଷାତକାର ଆଣିବାକୁ । ମନୋଜ ବାବୁ ସେତେବେଳେ ରହୁଥାନ୍ତି ତାଙ୍କର ବଡଭାଇ ପ୍ରଫେସର ମନ୍ମଥନାଥ ଦାସଙ୍କ ଘରେ ।

ଅପରାହ୍ଣର ଛାଇଲେଉଟା ବେଳ । ଫୋନ୍ କରି ସମୟ ମାଗି ମୁଁ ନିର୍ଦ୍ଦିଷ୍ଟ ସ୍ଥାନକୁ ସ୍ୱାମୀ ଜୀମୂତ ମଙ୍ଗରାଜଙ୍କ ସହିତ ଗଲି । ଛାତି ଦୁରୁଦୁରୁ । ସେଇ କିଶୋରୀ ବୟସରୁ ଯେଉଁ ଲେଖକଙ୍କ ଲେଖାକୁ ଭଲପାଇ, ତାଙ୍କୁ ଶ୍ରଦ୍ଧା ଭକ୍ତି କରି ଦେଖିବା ପାଇଁ ଆକୁଳ ହୋଇ ଆସିଛି, ଆଜି ତାଙ୍କୁ ଭେଟିବି, କଥାହେବି, ତାଙ୍କର ସାକ୍ଷାତକାର ନେବି ।

ଅପେକ୍ଷା କରି ରହିଥିଲେ ପ୍ରିୟ ଲେଖକ ମନୋଜ ବାବୁ, ଯାହାଙ୍କର ଖ୍ୟାତି ଦେଶର ସୀମା ଡେଇଁ ଆନ୍ତର୍ଜାତିକ ସ୍ତରକୁ ଛୁଇଁ ସାରିଛି । ପାଦଛୁଇଁ ପ୍ରଣାମ କଲି ଓ ପରିଚୟ ଦେଲି । କି ସହଜ, କି ସରଳ ଆଉ ସ୍ନେହମୟ ହାତ ଧରି ଉଠାଇ ଦେଇ କହିଲେ, ''ଆରେ, ତମେ ତ ଆମ ବାଲେଶ୍ୱର ଝିଅ !''

ତା'ପରେ ବର୍ଷ ପରେ ବର୍ଷ ବିତି ଯାଇଛି । ପ୍ରାୟ ପ୍ରତିବର୍ଷ ସେ ଓଡ଼ିଶା ଆସନ୍ତି । କେଉଁଠି କେତେ ପ୍ରୋଗ୍ରାମ ଥାଏ ତାଙ୍କର । ପ୍ରାୟ ସବୁଠିକୁ ମୁଁ ଯାଏ । ତାଙ୍କର କଥା ଶୁଣେ । ସେଇ କେତୋଟି ମୁହୂର୍ତ୍ତ ଭୁଲିଯାଏ ନିଜକୁ । ଏମିତିବି ହୋଇଛି- 'ସୂଚନା ଭବନ'ରେ ସିଟ୍ ନପାଇ ମୁଁ ତଳେ ବସି ତାଙ୍କର କଥା ଶୁଣିଛି । ସଭା ଶେଷରେ ତାଙ୍କୁ ଦେଖାକଲାବେଳେ, ସେ ଖୁସି ହୋଇ କହିଛନ୍ତି-''ଆରେ ଜ୍ୟୋତ୍ସ୍ନା, ଆମ ବାଲେଶ୍ୱର ଝିଅ ।'' ମୋ ଛାତି ଭିତରେ ସେତେବେଳେ ଆନନ୍ଦର ସୁଅ ବହି ଯାଇଛି ।

ଅଜସ୍ର ଶ୍ରଦ୍ଧାର ଅଧିକାରୀ, ଆନ୍ତର୍ଜାତିକ ସ୍ତରର ଜଣେ ବିଶିଷ୍ଟ ଚିନ୍ତାନାୟକ, ଭାରତୀୟ ପରମ୍ପରାର ପ୍ରବକ୍ତା, ଓଡ଼ିଆଙ୍କର ପ୍ରାଣୋଚ୍ଛ୍ୱାସ ମନୋଜ ଦାସ ଯେ ମୋ

Digitized by srujanika@gmail.com

ପରି ଜଣେ ସାମାନ୍ୟ ଲେଖିକାକୁ ବହୁ ଭିଡ଼ ଭିତରେ ଚିହ୍ନି ପାରନ୍ତି, ସ୍ନେହରେ 'ବାଲେଶ୍ୱର ଝିଅ' ବୋଲି କହିପାରନ୍ତି, ତାହାହିଁ ମୋ ଜୀବନର ଶ୍ରେଷ୍ଠ ଗୌରବ ।

ଗତ ବର୍ଷ (୨୦୦୦ ମସିହା) ସେ ଆସିଥିଲେ 'ସମ୍ବାଦ'ର ସ୍ୱନକ୍ଷତ୍ର ଉତ୍ସବକୁ । ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇବାର ଦାୟିତ୍ୱ ଥିଲା ମୋ ଉପରେ । ଚାହିଁଦେଲା କ୍ଷଣି ସେଇ ଅମାୟିକ ହସ ଓ ଆଉ ସ୍ନେହଭରା ଚାହାଣି । ଷ୍ଟେଜ୍ ଉପରେ ମୁଖ୍ୟ ଅତିଥି ମନୋଜ ଦାସଙ୍କ ହାତକୁ ପ୍ରଦୀପ ପ୍ରଜ୍ୱଳନ ପାଇଁ ମୁଁ ବଢାଇ ଦେଇଥିଲି ଦୀପଟିଏ । କ୍ୟାମେରା ସବୁ କ୍ଲିକ୍ କରି ଉଠିଥିଲେ । ଟି.ଭି.ର ଉଜ୍ଜ୍ୱଳ ଆଲୋକ ଭିତରେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରୀ ଜଗନ୍ନାଥଙ୍କୁ ମାଲ୍ୟାର୍ପଣ କରିଥିଲେ ମନୋଜ ବାବୁ । ପରଦିନ ଇଂରାଜୀ ଓ ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ବାହାରିଥିଲା ସେହି ଫଟୋ । କେତେବର୍ଷର ଇଚ୍ଛା ବୋଧହୁଏ ଏଇମିତି ସତ୍ୟରେ, ବାସ୍ତବରେ ରୂପାୟିତ ହୁଏ । ମଣିଷ ଯାହା ଗଭୀର ଭାବେ ଚାହେଁ ଈଶ୍ୱର ବୋଧହୁଏ ତାକୁ ଏଇମିତି ପୂରଣ କରନ୍ତି । ମନୋଜ ଦାସ ଏଇମିତି ପୂଜା ପାଉଥିବେ ମୋ ପରି ଜଣେ ସାମାନ୍ୟତମ ମଣିଷର ହୃଦୟରେ, ଯେଉଁ ପୂଜା ଆରାଧନାର ଶେଷନାହିଁ

• ୩-ଆର୍-୧୭୭,
ୟୁନିଟ୍ ୯, ଭୁବନେଶ୍ୱର

Digitized by srujanika@gmail.com

ମନୋଜ ବାବୁଙ୍କ ବଡ଼ପଣ

ଗୌରହରି ଦାସ

ସାମ୍ନାସାମ୍ନି ଦେଖାହେଲା ପରେ, ସଂପର୍କ ଗଢିଉଠିଲା ଅନେକ ଡେରିରେ । କିନ୍ତୁ ସେତେବେଳକୁ ମୁଁ ତାଙ୍କୁ ଗୋଟାପଣେ ଆଦରି ସାରିଥିଲି । ଆଉ କେଉଁ ଲେଖକଙ୍କୁ ଏଭଳି ଭାବରେ ଆଦରି ନେବା ମୋର ମନେ ପଡୁନାହିଁ । ଏହାର କାରଣ ସଂପର୍କରେ କେତେବାର ଚିନ୍ତା କରିଛି । ଉତ୍ତର ବି ପାଇଛି ମନେ ଭିତରେ, ଯେଉଁଥିପାଇଁ ତାଙ୍କୁ ଦେଖିବା ଆଗରୁ ଛପାବହି ପୃଷ୍ଠାରେ ମୁହଁ ଟେକୁଥିବା ତାଙ୍କ ଗଳ୍ପର ଚରିତ୍ରମାନଙ୍କ ଜରିଆରେ ତାଙ୍କ ସହ ଅତୁଟ ସଂପର୍କ ଗଢି ଉଠିଛି । ଅନ୍ୟ ଲେଖକଙ୍କ ଗପ ଉପନ୍ୟାସ ଚରିତ୍ର ପରି ତାଙ୍କ ଗପ ଉପନ୍ୟାସର ଚରିତ୍ରମାନେ ଏତେ ଦୂରଛଡା, ବୟସ୍କ, ଗମ୍ଭୀର ଓ ଅବୁଝା ନୁହନ୍ତି । ସେମାନେ ମୋ ପରି, ମୋର କୈଶୋରର ବ୍ୟକ୍ତିତ୍ୱ ପରି । ସେଇଥିପାଇଁ ସେମାନେ ଏତ ଭଲ ଲାଗିଛନ୍ତି । ଏବଂ ଭଲ ଲାଗୁଥିବା ସାଙ୍ଗଟିର ସଂପର୍କୀୟମାନେ ଭଲ ଲାଗିବା ନ୍ୟାୟରେ ସେହି ଲେଖାଗୁଡିକର ଲେଖକ ଭଲ ଲାଗିଛନ୍ତି । ସିଏ ମନୋଜ ଦାସ, ମୋ ଭାଷା-ସାହିତ୍ୟର ଗର୍ବ, ଗୌରବ ।

ପରବର୍ତ୍ତୀ ସମୟରେ ପ୍ରତ୍ୟକ୍ଷ ସଂପର୍କ ହେଇଛି । ସେତେବେଳେ ମୋ ଦୃଷ୍ଟିରେ ସେ ଆହୁରି ଉଚ୍ଚକୁ ଉଠିଛନ୍ତି । ଚପଳ କିଶୋର ସାଙ୍ଗଟିର ଗମ୍ଭୀର ପିତାଙ୍କ ପରି ସେ ବ୍ୟକ୍ତିତ୍ୱ । ତାଙ୍କର ଦର୍ଶନ ମୋତେ ଅଭିଭୂତ କରିଛି, ବକ୍ତୃତା ଦେବାର ଭଙ୍ଗୀ ମୋତେ ଖୁବ୍ ବେଶି ପ୍ରଭାବିତ କରିଛି ଏବଂ ଏସବୁ ଉର୍ଦ୍ଧ୍ୱରେ ତାଙ୍କର ସରଳ ଅମାୟିକ ଓ ଅହଙ୍କାରଶୂନ୍ୟ ବ୍ୟବହାର, ତାଙ୍କୁ ଲକ୍ଷ ଲକ୍ଷ ପାଠକ ପରି ମୋର ପ୍ରିୟତମ ଲେଖକ ଭାବେ ପ୍ରତିଷ୍ଠା ଦେଇଛି ।

ରେଭେନ୍ସା କଲେଜରେ ପଢାଦିନ କଥା ମନେପଡେ । ବାଲେଶ୍ୱର ଜିଲ୍ଲାର ବଡ଼ପଣ ଦେଖାଇବାର ପ୍ରୟୋଜନ ପଡେ ବନ୍ଧୁଙ୍କ ମେଳରେ । ଡଗଡଗ କରି କହିଯାଏ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଡକ୍ଟର ହରେକୃଷ୍ଣ ମହତାବ ଓ ମନୋଜ ଦାସ...। ଓଡ଼ିଆ ସାହିତ୍ୟକୁ ବାଲେଶ୍ୱରର ଅବଦାନ ଅତୁଳନୀୟ । ସେଇଥିପାଇଁ ଅବିଭକ୍ତ ବାଲେଶ୍ୱର

Digitized by srujanika@gmail.com

ଜିଲ୍ଲାରୁ ଭଦ୍ରକ କଟି ଆସିଲାପରେ ମନ ଖୁବ୍ ଦୁଃଖ ହୋଇଥିଲା । ଏ ଦୁଃଖ ଅନ୍ୟମାନଙ୍କୁ ପିଲାଳିଆମି ମନେ ହୋଇପାରେ, କିନ୍ତୁ ମୋ ପାଇଁ ଅତ୍ୟନ୍ତ ଅନ୍ତରଙ୍ଗ ।

ମନୋଜ ବାବୁଙ୍କ ଗପ ପଢି ଦିନଦିନ, ରାତିରାତି ବିହ୍ୱଳିତ ଅବସ୍ଥାରେ ରହିଛି । ତାଙ୍କର ଗଳ୍ପ କଥନର ଭଙ୍ଗୀ ମନେପଡିଲେ ଶୁଖିଲା ମୁହଁରେ ହସ ଫୁଟିଉଠେ । ସେ ଗପଟିର କାହାଣୀ ଆଉ କାହା ଆଗରେ କହିଦେବା ଲାଗି ମନ ଅଥୟ ହୁଏ । କାହିଁକି ସେସବୁ ଏତେ ଭଲଲାଗେ ? ତାହା ସଂକ୍ଷେପରେ କହିବା ସତରେ କଷ୍ଟ ।

ମଣିଷକୁ ତା'ର ସ୍ୱପ୍ନ ଏବଂ ସ୍ୱପ୍ନଭଙ୍ଗକୁ ଅତି ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛନ୍ତି ମନୋଜ ବାବୁ । ପରବର୍ତ୍ତୀ ସମୟରେ ତାଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ହୋଇଛି । ତାଙ୍କର ଭାଷଣ ମୋତେ ମୁଗ୍ଧ କରିଛି । ଅତ୍ୟନ୍ତ ଗମ୍ଭୀର କଥା ସେ ଅତି ସ୍ୱାଭାବିକ ଭାବରେ କହିଯାଆନ୍ତି-ଶ୍ରୋତା ଶୁଣୁଥାଏ । ମୁଁ ଦମ୍ଭର ସହ କହିବି ଯେ, ମନୋଜ ବାବୁଙ୍କ ଭାଷଣ ଶୁଣିବା ପାଇଁ ଯେତିକି ଶ୍ରୋତା ଏକାଠି ହୁଅନ୍ତି, ଅନ୍ୟ କୌଣସି ଲେଖକଙ୍କ ଭାଷଣ ଶୁଣିବା ଲାଗି ସେତିକି ହୁଅନ୍ତି ନାହିଁ । ସୂଚନାଭବନ ପ୍ରେକ୍ଷାଳୟରେ ଚଉକି ନପାଇ ଚଟାଣ ଉପରେ ବସି ବିଶିଷ୍ଟ ବ୍ୟକ୍ତିମାନେ ମନୋଜ ବାବୁଙ୍କ ଭାଷଣ ଶୁଣିବା ନିଜେ ମୁଁ ଦେଖିଛି । ଗର୍ବରେ ଛାତି ଫୁଲି ଉଠିଛି ।

ମନୋଜ ବାବୁ 'ସରସ୍ୱତୀ ସମ୍ମାନ' ପାଇଛନ୍ତି, 'ଜ୍ଞାନପୀଠ' ସେ ବହୁତ ଆଗରୁ ପାଇଥାନ୍ତେ । ସମୟ ଆସିବ ଜ୍ଞାନପୀଠ ପୁରସ୍କାର ପାଇଥିବା କିଛି ଲେଖକଙ୍କୁ ଲୋକେ ଭୁଲିଯିବେ । କିନ୍ତୁ ସେଦିନ ମଧ୍ୟ ଲକ୍ଷ ଲକ୍ଷ ପାଠକ ମନୋଜ ବାବୁଙ୍କୁ ମନେ ରଖିଥିବେ । ତାଙ୍କର ସାହିତ୍ୟକୁ ଆଜିଠାରୁ ଆହୁରି ଅଧିକ ନିବିଡ ଭାବେ ପଢୁଥିବେ ।

ମନୋଜ ବାବୁଙ୍କ ସହ ପାଞ୍ଚ ଦଶ ମିନିଟର କଥାବାର୍ତ୍ତା ମୋ ମନ ଭିତରର ଏକାଧିକ ଅଡୁଆ ଗଣ୍ଠିକୁ ଖୋଲିଦିଏ । ଆମେରିକା ଉପରେ ବିନ୍ ଲାଦେନ୍‌ଙ୍କ ଆକ୍ରମଣ ଏବେ ସମଗ୍ର ପୃଥିବୀକୁ ସ୍ତମ୍ଭୀଭୂତ କରିଦେଇଛି । ଅନେକଙ୍କ ପରି ମୋ ମନରେ ଧାରଣା ଥିଲା ଯେ, ସଭ୍ୟତାର ବିକାଶ ପ୍ରକ୍ରିୟାରେ ବର୍ବରତା ଦୂରେଇ ଯାଏ । ମଣିଷ ସଭ୍ୟହୁଏ, ସଂସ୍କୃତ ହୁଏ, ଜୀବନବାଦୀ ହୁଏ । କିନ୍ତୁ ଏ ଘଟଣା ତ ତା'ର ବିରୋଧାଭାଷ । ମନୋଜ ବାବୁଙ୍କ ଭାଷଣ ଶୁଣିଲେ ଏହାର ଉତ୍ତର ମିଳେ । ନିକଟରେ ତାଙ୍କର ଭାଷଣ ଶୁଣିଥିଲି । ସେଥିରେ ସେ ମୋଟାମୋଟି ଯାହା କହିଥିଲେ ତାହା ହେଲା, "ରାମ ଯେଉଁ ସମୟ ଓ ଯେଉଁ ସଭ୍ୟତାର ଅଂଶବିଶେଷ, ରାବଣ ମଧ୍ୟ ସେଇ ସମୟ ଓ ସଭ୍ୟତାର ଅଂଶବିଶେଷ । ବିଜ୍ଞାନର ଚମତ୍କାରିତାକୁ କେବଳ ଦେବତା ନୁହେଁ ଅପଦେବତା ମଧ୍ୟ କର୍ମରେ ଲଗେଇ ପାରନ୍ତି । ଆଭିମୁଖ୍ୟର ଭିନ୍ନତା ହିଁ ଦେବତା ଓ ଅପଦେବତାର ଭୂମିକା ନିର୍ମାଣ କରେ ।" ତାଙ୍କର ବକ୍ତବ୍ୟ ଉପସ୍ଥାପନାର ଶୈଳୀ, ମଝିରେ ମଝିରେ ଛୋଟ ଛୋଟ ଗପର ଅବତାରଣା ଏବଂ ପରିଚ୍ଛନ୍ନ ଭଙ୍ଗୀ ମୋ ପରି ଅନେକଙ୍କୁ ମୁଗ୍ଧ କରିଥାଏ ।

Digitized by srujanika@gmail.com

ମନୋଜ ବାବୁ ଆର.କେ. ନାରାୟଣଙ୍କ ପରି ସଂଖ୍ୟାଗରିଷ୍ଠ ପାଠକଙ୍କର ପ୍ରିୟ ଲେଖକ । ସେ ତାଙ୍କ ଗଳ୍ପରେ ଜୀବନର ଅସ୍ତିବାଚକ ଦିଗକୁ ହିଁ ଆଲୋଚନା କରିଛନ୍ତି । ଏକଥା କହିବାର ତାତ୍ପର୍ଯ୍ୟ ନୁହେଁ ଯେ ସେ ଜୀବନର ଅନ୍ଧାର ଦିଗ ସଂପର୍କରେ କିଛି କହିନାହାନ୍ତି । 'ଆରଣ୍ୟକ'ରେ ଯେଉଁ ବୀଭତ୍ସ ବିକୃତିର କଥା ଅଛି, ତାହାଠୁଁ ଅନ୍ଧାର କଥା ଆଉ କ'ଣ ହୋଇଥାନ୍ତା ? କିନ୍ତୁ ସେ ଗଭୀର ଆଶାବାଦୀ । ମଣିଷ ଉପରେ ଅଦ୍ଭୁତ ଆସ୍ଥା ତାଙ୍କ ସାହିତ୍ୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ବୋଲି ମୋର ମନେହୁଏ ।

ମନୋଜ ବାବୁ ପଣ୍ଡିଚେରୀରେ ରୁହନ୍ତି । ତାଙ୍କୁ ଭେଟିବା ପାଇଁ ଥରେ ପଣ୍ଡିଚେରୀ ଯାଇଥିଲି । ପଣ୍ଡିଚେରୀ ପାଇଁ ମନୋଜ ବାବୁ କେତେ ପ୍ରିୟ, ସେକଥା ମୁଁ ଅଙ୍ଗେ ନିଭେଇଛି । ସେ ବିଷୟରେ ମୋର 'କଥାବାର୍ତ୍ତା' ବହିରେ ବି ଲେଖିଛି ।

ସୌଜନ୍ୟବୋଧ ଓ ଶୃଙ୍ଖଳାର ପୃଥକ ପରିଭାଷା ମନୋଜ ବାବୁ । ଅଖ୍ୟାତ-ବିଖ୍ୟାତ ନିର୍ବିଶେଷରେ ସବୁ ପତ୍ରପ୍ରେରକଙ୍କ ଚିଠିର ଉତ୍ତର ଦେଉଥିବା ତାଙ୍କ ପରି ଲେଖକ ବିରଳ । ଜୀବନରେ ବହୁ ଲେଖକଙ୍କୁ ନିକଟରୁ ଓ ଦୂରରୁ ଦେଖିବାର ସୁଯୋଗ ହୋଇଛି । ବିଭିନ୍ନ ଦର୍ଶନ, ବାଦ ଓ ଧର୍ମସହ ସଂଶ୍ଲିଷ୍ଟ ହେଲେ ଯେ ମଣିଷ ବିଖ୍ୟାତ ହୁଅନ୍ତି, ସେଭଳି ବିଶ୍ୱାସ ମୋର ହୋଇନାହିଁ । ପ୍ରତିଭା ସହ ନିରୀହ ନମ୍ରତା ମିଶିଲେ ବୋଧହୁଏ ତାହା ହୁଏ ସାଧନା, ପ୍ରତିଭାରୁ ସେହି ନମ୍ରତା ହଟିଗଲେ ତାହା ଅହଙ୍କାର ପାଲଟିଯାଏ । ବହୁଦିନ ତଳେ କେଉଁଠି ପଢ଼ିଥିବା ଏକଥାଟି ମନେ ପଡ଼ିଲେ ମନୋଜ ବାବୁ ଏବଂ ତାଙ୍କର ଅନ୍ୟ କେତେଜଣ ସତୀର୍ଥଙ୍କ ଚେହେରା ଆଖି ଆଗରେ ଭାସିଯାଏ । ମନୋଜ ବାବୁ ଆହୁରି ଉଜ୍ଜ୍ୱଳ ହୋଇ ଦିଶନ୍ତି ।

ଜଣେ ଅତ୍ୟନ୍ତ ଉଚ୍ଚଦରର ଲେଖକ, ବାଗ୍ମୀ, ଦାର୍ଶନିକ ଓ ସର୍ବୋପରି ଖୁବ୍ ଭଲ ମଣିଷ ଭାବରେ ମନୋଜ ବାବୁଙ୍କର ଏକ ନିଆରା ଭାବମୂର୍ତ୍ତି ମୋ ମନ ଭିତରେ ରହିଛି । କୌଣସି ବ୍ୟକ୍ତିଙ୍କୁ ଦେଖିବା ଆଗରୁ, କେବଳ ତାଙ୍କ ବିଷୟରେ ପଢ଼ି ଅଥବା ଶୁଣି ସୁଦ୍ଧା ତାଙ୍କ ସଂପର୍କରେ ଗୋଟିଏ ଭାବମୂର୍ତ୍ତି ତିଆରି ହୋଇଯାଇଥାଏ । ପଛକୁ, ସେ ବ୍ୟକ୍ତିଙ୍କ ସଙ୍ଗେ ଦେଖାହେଲା ବେଳେ, ତାଙ୍କ ବ୍ୟକ୍ତିତ୍ୱ ସହ ଧାରଣାର ଭାବମୂର୍ତ୍ତି ମିଶିଗଲେ ଭଲହୁଏ, ନ ମିଶିଲେ ମୋହଭଙ୍ଗ ଘଟେ । ଭାବମୂର୍ତ୍ତିକୁ ବାସ୍ତବ ବ୍ୟକ୍ତିତ୍ୱ ଅତିକ୍ରମ କରିଗଲେ ଉଲ୍ଲାସ ସୃଷ୍ଟିହୁଏ । ମନୋଜ ବାବୁଙ୍କ କ୍ଷେତ୍ରରେ ମୋର ସେହିପରି ହୋଇଛି । ମୋର ବିଶ୍ୱାସ ତାଙ୍କୁ ଭେଟିଥିବା ସବୁ ଲୋକଙ୍କ ଅନୁଭବ ସେହିପରି ହୋଇଥିବ ।

ଏହା ହିଁ ମନୋଜ ବାବୁଙ୍କର ବଡ଼ପଣ ।

ମୁଁ ତାଙ୍କୁ ପ୍ରଣାମ କରୁଛି ଏବଂ ଅଭିନନ୍ଦନ ଜଣାଉଛି ।

୩୭୮, ବରମୁଣ୍ଡା,
ଭୁବନେଶ୍ୱର-୭୫୧୧ ୦୦୩

Digitized by srujanika@gmail.com

ସନ୍ନ୍ୟାସୀର ସ୍ୱର

ସୁନୀଲ କୁମାର ପୃଷ୍ଟି

ଆଦ୍ୟ ଶୀତର ପହଲି ପରଶ ପାଇଥାଏ ରାୟଗଡା ସହର । ୧୯୮୨ ମସିହା -ଅକ୍ଟୋବର ମାସ । ଆମେ ସବୁ ମସଗୁଲ୍ ଥାଉ ପୂଜା-ପତ୍ରିକା ମାନଂକରେ । ମୁଁ ଓ ମୋର ସାହିତ୍ୟିକ ବନ୍ଧୁମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଥାଏ ସେ ବର୍ଷ ପୂଜାସଂଖ୍ୟାରେ ପ୍ରକାଶିତ ମନୋଜ ଦାସଙ୍କ ଗଳ୍ପ । ଆମେ ଚର୍ଚ୍ଚା କରୁ ଓ ବିଭୋର ହେଉ ଗଳ୍ପର ପ୍ରତ୍ୟେକଟି ଧାଡିରେ । ଆମ ଭିତରେ ସ୍ୱପ୍ନପ୍ରାୟ ଏକ ଅକାଂକ୍ଷା ଚହଲେ, ଥରେ ଭେଟ ହୁଅନ୍ତାକି 'ସାରୁ ଗଛ ମୂଳେ..'(ସେ ବର୍ଷ 'ଆସନ୍ତାକାଲି'ରେ ପ୍ରକାଶିତ ମନୋଜ ଦାସଙ୍କ ଗଳ୍ପ)ର ଗାଳ୍ପିକଙ୍କ ସହ । ଏପରି ଏକ ସ୍ୱପ୍ନ ସତହେଲା ଯେତେବେଳେ ମନୋଜ ଦାସ ରାୟଗଡା ଆସିଲେ, ସେ ବର୍ଷ ନଭେମ୍ବର ମାସରେ ।

ସେ' ରହୁଥାନ୍ତି ରାୟଗଡାସ୍ଥ ଶ୍ରୀଅରବିନ୍ଦ ସ୍କୁଲ ପରିସରରେ । ପୂର୍ବ ସଂଧ୍ୟାରେ ତାଙ୍କ ଯାଦୁକାରୀ ଭାଷଣରେ ତନ୍ଦ୍ରା ତୁଟି ନଥିଲା ମନରୁ ଓ ଆମେ (ମୁଁ ଓ ମୋର ବନ୍ଧୁ ସତ୍ୟବାଦୀ, ଘନଶ୍ୟାମ, କେଦାର) ତାଙ୍କୁ ଭେଟିବାକୁ ଗଲୁ ସକାଳର ଶୀତ ଓ କଅଁଳ କିରଣରେ । ସମୟ ପ୍ରାୟ ଆଠଟା ବେଳକୁ ସେ ଆମକୁ ଦେଇଥିବା କଥା ଅନୁସାରେ ଅପେକ୍ଷା କରିଥାନ୍ତି । ଏକମାତ୍ର ପ୍ରିୟ ଗାଳ୍ପିକଙ୍କୁ ପାଖରେ ପାଇବାର ସେ ଦିନର ମହାର୍ଘ ଆନନ୍ଦ ଆଜିଯାଏ ତୁଟିନାହିଁ ମନରୁ ! ସେଦିନ କେତେ କଥା ହେଇଚୁ; ସବୁ ମନେଅଛି । ଏକ ଦୀର୍ଘ ସାକ୍ଷାତକାର -ତାଙ୍କ ଗଳ୍ପ ଲିଖନଠାରୁ -ଶ୍ରୀଅରବିନ୍ଦ ଆଶ୍ରମକୁ ଚାଲିଯିବାର ଅନୁଭୂତି ଯାଏଁ । (ଏକ କ୍ୟାସେଟ୍‌ରେ ଗଚ୍ଛିତ ତାଙ୍କ ସହ ସେହି ବିରଳ ସାକ୍ଷାତର ଅଂଶ ପରବର୍ତ୍ତୀ ସମୟରେ 'ନବଲିପି' ସଂପାଦନା କାଳରେ 'ପ୍ରେମଦେଇ ସବୁ ଗପ ଲେଖିଚି' ଶୀର୍ଷକରେ ପ୍ରକାଶିତ ହେଲା ।)

ସେଦିନର ସେଇ ପ୍ରଥମ ଦେଖା, ପ୍ରଥମ ସାକ୍ଷାତ, କଥାବାର୍ତ୍ତା, ତାଙ୍କର ଓଜସ୍ୱିନୀ ବକ୍ତବ୍ୟର ପ୍ରଭାବ ବହୁ ବର୍ଷଯାଏଁ ମନରେ ରହିଲା । ସେ ବର୍ଷ ମୁଁ ଥାଏ ସ୍ନାତକୋତ୍ତର ଶ୍ରେଣୀର ଶେଷବର୍ଷର ଛାତ୍ର, ଅଥଚ ତାଙ୍କୁ ପଚାରିଥିଲି -'ପାଠ ଛାଡି ପଣ୍ଡିଚେରୀ ଚାଲିଯିବାକୁ ଚାହେଁ-ହେବକି ?' ସେ ହସିଲେ ଓ କହିଲେ-'ଏବେ ସମ୍ଭବ ନୁହେଁ ।'

Digitized by srujanika@gmail.com

ଏତିକିରେ ସରିଗଲା ସେଦିନର ପ୍ରଥମ ସାକ୍ଷାତ । ତାପରେ ମୁଁ ରହିଗଲି ସାହିତ୍ୟ, ସଂସାର, ସାଂଗ ସାଥିର ଗହଳି ଭିତରେ । କିନ୍ତୁ ମନରେ ଥାନ୍ତି ମନୋଜ ଦାସ-ତାଙ୍କ ଗଳ୍ପ ପାଇଁ । ପଢେ, ପତ୍ରଲେଖେ ଓ ପତ୍ରିକା ସଂପାଦନା (ନବଲିପି) ସମୟରେ ଯୋଗାଯୋଗ କରେ ।

ସେପରି ଏକ ଯୋଗାଯୋଗ କେବଳ ପାଠକ-ଲେଖକର ସ୍ୱାଭାବିକ ସଂପର୍କର କଥା ।

କିନ୍ତୁ ଆଜି ଏ କଥା କାଗଜ ଉପରେ ଲେଖିଦେଲା ବେଳେ ଭାବୁଚି, ମୁଁ ସେଇ ଭାଗ୍ୟବାନମାନଙ୍କ ମଧ୍ୟରୁ ଜଣେ-ଯେକି ମନୋଜ ଦା'ଙ୍କର କରୁଣା ଓ ସାନ୍ନିଧ୍ୟର ଅବିସ୍ମରଣୀୟ ଅଂଶ । ଏହାକୁ ମୋର ବନ୍ଧୁମାନେ କହନ୍ତି : 'ଏହା ତୁମର ପ୍ରାରବ୍ଧ ।'

(୨)

ଅଧ୍ୟାପକ ଚାକିରୀ ଛାଡି ଦେଇଥାଏ । ୧୯୯୬ର ଖରାଦିନ । ପ୍ରଚଣ୍ଡ ଗରମ ହେଉଥାଏ । ଧଳାପଥର ପଲ୍ଲୀ ଗ୍ରାମରେ ରହୁଥିବା ପତ୍ନୀଙ୍କ ଘର ବାହାରେ ଖଟ ପକାଇ ଶୋଇଥାଏ । ଜୁନ୍‌ମାସର ଗ୍ରୀଷ୍ମ ଭୋର୍ । ଏକ ଅଲୌକିକ ସ୍ୱପ୍ନ ଦେଖି ନିଦ ଭାଂଗିଲା । ଉଠି ବସିଲି ଓ ମନେହେଲା ''ମୋର ସବୁ ଯାତନାର ଅନ୍ତ ହେବାକୁ ଯାଉଛି ।'' କାହାକୁ କଛି ନକହି ନୀରବ ରହିଲି ।

କିଛିଦିନ ବିତିଗଲା । ହାତରେ ଚାକିରୀ ନଥିବାରୁ ମନ ଏତେ ଭଲ ନଥାଏ । ଭାରତ ସରକାରଙ୍କ ଫେଲୋସିପ୍ (କବିତା ପାଇଁ) ପାଇଁ କାମ କରୁଥାଏ । ସେ ସମୟରେ ମାଦ୍ରାଜରୁ ପ୍ରକାଶିତ 'ସଚିତ୍ର ବିଜୟା'ରେ ଲେଖାଲେଖି କରି କିଛି ପଇସା ପାଉଥାଏ । କ'ଣ ପାଇଁ ମନ ଦୁଃଖ ରହୁଥାଏ । ପୁଣି ସେ ମାସର ଏକ ଗ୍ରୀଷ୍ମ ଭୋର୍ । ପୁଣିଥରେ ଏକ ଅଦ୍‌ଭୁତ ଅନିନ୍ଦ୍ୟ ସ୍ୱପ୍ନ ଦେଖିଲି । ନିଦ ଭାଙ୍ଗିଗଲା । ମନେହେଲା: ମୋର ଯାତନାର ଅନ୍ତହେଲା । କାହାକୁ କିଛି କହିନାହିଁ । କିଛି ଦିନଧରି ସେଇ ଦୁଇ ସୁଂଦର ସ୍ୱପ୍ନରେ ସମୟ କଟିଯାଉଥାଏ । ହଠାତ୍ ମାଦ୍ରାଜ୍‌ରୁ ଅଭୟ ବାବୁ ଟେଲିଗ୍ରାମ କରି ମତେ ଡକାଇଲେ-'ସଚିତ୍ର ବିଜୟା'ରେ ଯୋଗଦେବା ପାଇଁ । କିଛିଦିନ ପରେ ଅଭୟ ସିଂହଙ୍କ ସହ ମାଦ୍ରାଜରେ ପହଞ୍ଚିଲି । 'ସଚିତ୍ର ବିଜୟା'ର ପ୍ରକାଶକ ମହାଶୟ ଶ୍ରୀ ବିଶ୍ୱନାଥ ରେଡ୍ଡିଙ୍କ କୋଠରୀରେ ବସି କଥା ହେଉଚୁ, ହଠାତ୍ ଫୋନ୍ ପାଖକୁ ଉଠିଗଲେ ବିଶ୍ୱମ୍‌ଜୀ । ଫୋନ୍ ଲଗେଇ ପଣ୍ଡିଚ୍ଚେରୀ କଥା ହେଲେ, ମନୋଜ ଦା'ଙ୍କ ସହ । ତାପରେ ମତେ ଡାକି ଫୋନ୍‌ର ରିସିଭର୍‌ଟି ବଢେଇଦେଲେ ସେ । ଏପଟେ ମୁଁ-ସେପଟେ ମୋର ସ୍ମୃତି ତଳେ ଥିବା ମହାନ୍ କଥାକାର ମନୋଜ ଦାସ । ମୁଁ ପ୍ରଣାମ

Digitized by srujanika@gmail.com

କରନ୍ତେ, ଏକ ଅନିନ୍ଦ୍ୟ ଆନନ୍ଦର ସନ୍ନ୍ୟାସୀ-ସ୍ୱର ଭାଷି ଆସିଲା -'Welcome to Pondicherry'.

ଏତିକି ମୋର ମନେଅଛି ସେଦିନର ଟେଲିଫୋନ୍‌ରେ ମନୋଜ ଦା'ଙ୍କ କଥା । କିନ୍ତୁ ଏବେ ବି ଭାବେ-କାହାର ସେ ସ୍ୱର ? ଏତେ ନିର୍ଭରଯୋଗ୍ୟ, ଯୋଗୀ ଜୀବନର ଏକ ଝଲକ ଯେପରି ଉଦ୍‌ଭାସିତ ମୋ ଆଗରେ । ଦୃଶ୍ୟଦିଶେ ଏହିପରି : ଅବିଶ୍ରାନ୍ତ ପର୍ବତମାଳା । ଆକାଶରେ ମେଘର ପାଚେରୀ । ତାକୁ ଭେଦକରି ଏକ ପ୍ରେମମୟ ଡାକରା ଭାସିଆସି ଭେଦ କଲା ଭୂମି । ପର୍ବତମାଳା ପାଲଟିଗଲା ନୀଳବର୍ଣ୍ଣ । ଜୀବନର ସବୁ ଯାତନାର ଶେଷହେଲା । ସେଇ ଅନିର୍ବଚନୀୟ ଅନୁଭବ-ମନୋଜ ଦା' ।

(୩)

ଦିନଟିଏ ପରେ ପଣ୍ଡିଚେରୀ ଗଲି । ଦିବ୍ୟଭୂମି । ମୋର ଅନେକ ସ୍ତୂପୀକୃତ ଆକାଂକ୍ଷାର ଅନ୍ତହେଲା । ଏଇଠି ପହଞ୍ଚିବାର ଅଭୀପ୍‌ସା ଓ ଅନେକ ଦିନର ସ୍ୱପ୍ନ ସତ୍ୟହେଲା । ମନୋଜ ଦା'ଙ୍କ ସହ ଏକ ରାତ୍ରିଭୋଜନରେ ମିଳିତ ହେବା ଓ ଅପା (ପ୍ରତିଜ୍ଞା ଦେବୀ)ଙ୍କ ସହ ପରିଚୟ । ପଣ୍ଡିଚେରୀ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ ସମାଧି ଦର୍ଶନ ଓ ସମୁଦ୍ରର ସାନ୍ନିଧ ବେଳେ ମନେହେଲା, 'ଦିବ୍ୟ ଜନନୀ ଶ୍ରୀମା'ଙ୍କ କରୁଣା ପାଖେ ପାଖେ ରହିଚି । ମନୋଜ ଦା'ଙ୍କ ସହ 'ସଚିତ୍ର ବିଜୟା' ସମ୍ପର୍କରେ, ସଂପାଦନା ଶୈଳୀ ବିଷୟରେ ଆଲୋଚନା ହେଲାରୁ କଥା ଉଠିଲା 'ଦିଗନ୍ତ' ବିଷୟରେ । 'ଦିଗନ୍ତ' ସଂପାଦନା କରି ଶ୍ରୀ ମନୋଜ ଦାସ ପତ୍ରିକା ପରଂପରାରେ ଏକ ସମୃଦ୍ଧ ମାର୍ଗ ସୃଷ୍ଟି କରିଥିଲେ ଏକଦା ।

ପରବର୍ତ୍ତୀ ଦିନଗୁଡିକ ମନୋଜ ଦା'ଙ୍କ ଛାଇରେ କଟୁଥିଲା ସମୟ । ତାଙ୍କ ଜ୍ଞାନର ଗଭୀରତା କେବଳ ଅନୁଭବ କରିବା କଥା, ବ୍ୟକ୍ତ କରିବା ପାଇଁ ଭାଷା ମିଳେନା ।

ଯେତେବେଳେ ପଣ୍ଡିଚେରୀରୁ ଫୋନ୍‌ରେ ଭାସି ଆସେ ତାଙ୍କ କଂଠସ୍ୱର, ମତେ ଲାଗେ ମୋର ସମସ୍ତ ସଂଦିଗ୍ଧ ଅବସ୍ଥା କଟିଯାଇଛି । ତାଙ୍କ ସାଙ୍ଗରେ ମାନ୍ଦ୍ରାଜର ଜନଗହଳି ରାସ୍ତାରେ ଚାଲି ଚାଲି କେବେ ସାଙ୍ଗରେ ଭ୍ରମଣରେ ଗଲାବେଳେ ସଂପାଦନାରେ କେତେ ସଂଳଖ ଓ ସଚ୍ଚୋଟ ହେବାକୁ ପଡେ, ସେକଥା ସେ କହନ୍ତି ।

ତାଙ୍କ ସହ ବୁଲିଲାବେଳେ ତାଙ୍କର ବିପୁଳ ଜୀବନର ଅଭିଜ୍ଞତାରୁ ଅନେକ କଥା ଶୁଣିବାକୁ ମିଳେ । ଏତେ ସୁନ୍ଦର ସୁନ୍ଦର ସେ ଅଭିଜ୍ଞତା । କଥାରେ ଥାଏ ହସର ଉପାଦାନ, ଜୀବନର ଗୂଢରହସ୍ୟ ଓ ସର୍ବୋପରି ଏକ କାହାଣୀ । ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣ

Digitized by srujanika@gmail.com

କାଳରେ ମନୋଜ ଦା' ତାଙ୍କ ସ୍ମୃତିରୁ, ଗ୍ରୀଷ୍ମ ପୋଖରୀରେ ଗାଧୁଆଠାରୁ -ରାଜସ୍ଥାନର ହଳଦିଘାଟ ପଡିଆ ଦର୍ଶନରେ କାର ଡ୍ରାଇଭର୍‌ର ଭୂମିକା କଥା କହନ୍ତି । ସବୁ କାହାଣୀ ଓ କଥା ଭିତରେ କଟିଯାଏ ଦୀର୍ଘପଥ ।

ତାଙ୍କୁ ପଣ୍ଡିଚେରୀରେ ଭେଟିବାରେ ଥାଏ ଅନ୍ୟ ଏକ ସ୍ୱାଦ । ସାଇକେଲ୍ ନେଇ ପାଠ ପଢାଇବାକୁ ଯାଉଥିବେ, କେତେବେଳେ 'ସମାଧି ଦର୍ଶନ' ଓ ପ୍ରାର୍ଥନା ସାରି ଚାଲି ଚାଲି ଫେରି ଆସୁଥିବେ । ସଦା ହସ ହସ ଓ ସ୍ଫୁର୍ତ୍ତିରେ ସତେଜ । ଯୋଗୀ ଜୀବନ ତାଙ୍କର ! ଯୋଗୀ ମଣିଷମାନେ ଏହିପରି ।

ଯେତେବେଳେ ବି କୌଣସି ସମସ୍ୟା ଆସିଛି, ସେ ଅତି ସୁନ୍ଦରଭାବେ ତାର ସମାଧାନ କରିଛନ୍ତି । କୌଣସି ପରିସ୍ଥିତିରେ ବିଚଳିତ ହୁଅନ୍ତି ନାହିଁ । ପ୍ରତିଟି କଥାରେ ଥାଏ ପ୍ରତ୍ୟକ୍ଷ ସାହସ ।

ବ୍ୟବହାରରେ ଏତେ ବିନମ୍ର ମଣିଷ ମୁଁ ଆଜିଯାଏ ଭେଟିନାହିଁ । ଅସୁମାରୀ ଜ୍ଞାନର ଭଣ୍ଡାର, ଅଥଚ ଆଚରଣରେ ନିତାନ୍ତ ନମ୍ର । ଜୀବନରେ ଏପରି ଜଣେ ମଣିଷର ସାନ୍ନିଧ ଭାଗ୍ୟରେ ଥିଲେ ମିଳେ ! ମନୋଜ ଦା'-ମୋ ମନଗହନରେ ଚିର ବିଦ୍ୟମାନ ଅନେକ ନକ୍ଷତ୍ରର ଆଲୋକ ।

ତାଙ୍କୁ କେବଳ ପ୍ରଣିପାତ କରେ ।

• ସଂପାଦକ : 'ସଚିତ୍ର ବିଜୟା'
ମିଡିଆ ଅନୁପମ
ଡି-୪୬, ଜୟଦେବ ବିହାର,
ଭୁବନେଶ୍ୱର - ୧୨

Digitized by srujanika@gmail.com

ପ୍ରଣାମ : ମନୋଜ ଦାସଙ୍କୁ

ଦେବବ୍ରତ ମଦନରାୟ

ମନୋଜ ଦାସହିଁ ମନୋଜ ଦାସ । ଗୋଟେ ବିରାଟ ବ୍ୟକ୍ତିତ୍ୱର ଅଧିକାରୀ । ବିଶିଷ୍ଟ ସାମ୍ବାଦିକ ଏମ୍.ଭି. କାମଥ୍ ଥରେ 'ଦି ଉଇକ୍' ପତ୍ରିକାରେ ଲେଖିଥିଲେ - ''ମନୋଜ ଦାସ ବୋଇଲେ କ'ଣ ? ଜଣେ ସମାଜ ସମୀକ୍ଷକ ? ଜଣେ ମନୋବିଜ୍ଞାନୀ ? ଅନ୍ୟର ହୃଦୟ ଚୋରାଇ ପଢିନେଇ ପାରୁଥିବା ଜଣେ କୁଶଳୀ ? ନା, ଜଣେ ଗଳ୍ପ ଲେଖକ ? ଏକ ଆରକୁ ବଳି ତାଙ୍କ ଗଳ୍ପ ସବୁ ପଢିଲେ ମୁଁ ଅନୁଭବ କରେ ଯେ ସେ ଏ ସବୁର ସମାହାର ...।''

ଏକଥା ସ୍ୱୀକାର୍ଯ୍ୟ ଓଡ଼ିଆ ଭାଷାରେ ଅପ୍ରତିଦ୍ୱନ୍ଦୀ ଗଳ୍ପ ଲେଖକ ଭାବରେ ମନୋଜ ଦାସ ବେଶ୍ ସୁପରିଚିତ । ସେ ଦୃଷ୍ଟି ଭଙ୍ଗୀରେ ଯେପରି ଏକକ, ପରିବେଷଣରେ ସେହିଭଳି ମୌଳିକ । ତାଙ୍କ ଗଳ୍ପରେ ସମନ୍ୱୟ ଘଟିଥାଏ ଭାବ ଓ ଶବ୍ଦର । ଭାବ ଓ ଶବ୍ଦରେ ସମ୍ମୋହିତ ହୋଇ ପାଠକଟି ଯେତେବେଳେ ଗଳ୍ପ ଭିତରକୁ ପ୍ରବେଶ କରିଥାଏ ସେତେବେଳେ ମନୋଜ ଦାସ ତାଙ୍କୁ ନେଇ ଯାଆନ୍ତି ଆଉ ଗୋଟେ ନିଆରା ପୃଥିବୀକୁ, ନିମିଷକରେ । ସେହି ନିଆରା ପୃଥିବୀକୁ ସେ ନିଜେ ତୋଳି ଥାଆନ୍ତି ଆଧ୍ୟାତ୍ମିକ ଚେତନାର କୋମଳ ସ୍ପର୍ଶରେ । ସେଠି ପହଞ୍ଚିଲା ପରେ ପାଠକଟି ଆଉ ଫେରି ଆସିବାକୁ ଚାହେଁନାହିଁ ନିଜସ୍ୱ ପୃଥିବୀକୁ ।

ଏମିତି କେତେ ଜଣ ଗାଳ୍ପିକଙ୍କ ଭାଗ୍ୟରେ ଥାଏ !

ମୁଁ ସେହିପରି ଜଣେ ପାଠକ। ସବୁବେଳେ ଚାହେଁ ମନୋଜ ଦାସଙ୍କ ପୃଥିବୀ । ବିଶ୍ୱାସ ରଖେ ମଣିଷର ଜୀବନ ଧାରଣ ପାଇଁ ବସ୍ତୁବାଦୀ ହେବା ମୋଟେ ଆବଶ୍ୟକ ନୁହେଁ ବରଂ ଆଧ୍ୟାତ୍ମବାଦୀ ହୋଇ ନିଜକୁ ନିଜେ ଆବିଷ୍କାର କରିବା ଉଚିତ ।

ଏହି ଆଧ୍ୟାତ୍ମବାଦ ତଥା ରହସ୍ୟବାଦର କଥା କହୁଥିବା ଗାଳ୍ପିକଙ୍କ ସହ ଆକସ୍ମିକ ଭେଟ ହୋଇଥିଲା ଗୋଟେ ବହି ଦୋକାନରେ । ଆଗରୁ ଚିଠି ପତ୍ରରେ ଯୋଗାଯୋଗ ଥିବାରୁ, ମୋ ପରିଚୟ ସାକ୍ଷାତ ଜାଣିବା ପରେ ସେ କହିଥିଲେ-''ମୋର ସୌଭାଗ୍ୟ ଆପଣଙ୍କ ସହ ଦେଖାହେଲା ।''

Digitized by srujanika@gmail.com

ହାତ ଲମ୍ୱି ଆସିଥିଲା ଶ୍ରଦ୍ଧା, ସଦିଚ୍ଛାର । ମନୋଜ ଦାସଙ୍କର ।

ସେହିଦିନଠାରୁ ଆଜିଯାଏ ସେ ମୋତେ ଭୁଲି ପାରିନାହାନ୍ତି । ବରଂ ମୁଁ ତାଙ୍କୁ ମନେ ପକେଇବା ପୂର୍ବରୁ ସେ ମୋତେ ମନେ ପକାଇଛନ୍ତି ଚିଠିରେ, ଫୋନ୍‌ରେ । ଅତି ଆତ୍ମୀୟ ମଣିଷଭାବେ ।

ଏହାଠାରୁ ଉଦାର ଭାବ ଆଉ କାହା ପାଖରେ ମିଳିପାରେ !

ସେ କହନ୍ତି -''ମଣିଷକୁ ଭଲ ପାଇବାର ମୋର ଯେଉଁ ଆନ୍ତରିକତା, ସେଥିରେ କୌଣସି ଫାଙ୍କି ନାହିଁ । ମୁଁ ମଣିଷଙ୍କୁ ନିଷ୍ଠାର ସହ ଭଲପାଏ ବୋଲି ମଣିଷର ଚରମ ଅସହାୟତାର କଥା ବେଶି ଭାବରେ ମୋ ଗଳ୍ପରେ ମୁଁ ଫୁଟାଇଛି । ମଣିଷର ଅସହାୟତାକୁ ଚିତ୍ରଣ କରି ମୁଁ ତା' ପାଇଁ ଅନ୍ୟଠାରୁ ସହାନୁଭୂତି ଆକର୍ଷଣ କରିବାକୁ ଚାହେଁ ।''

ଆଉ ଥରକର କଥା ।

'ଅମୃତ ଫଳ' ବହି ହୋଇ ପ୍ରକାଶିତ ହୋଇ ନଥାଏ । ବରଂ 'ନବଲିପି'ରେ ସେଥିରୁ ଗୋଟେ ପରିଛେଦ ପ୍ରକାଶିତ ହେବା ଉଦ୍ଦେଶ୍ୟରେ ସେ ମୋ ପାଖକୁ ପଠାଇ ଥାଆନ୍ତି । ସେହି ପରିଛେଦଟି ପାଠ କରି ସାରିବା ପରେ ମୁଁ ତାଙ୍କୁ ଜଣାଇଥିଲି ଯେ 'ଅମୃତ ଫଳ' ଆପଣଙ୍କୁ ଅମୃତ ହିଁ ଆଣିଦେବ । ସେ ଉତ୍ତର ଦେଇଥିଲେ-''ଯାହା ଈଶ୍ୱରଙ୍କ ଇଚ୍ଛା ତାହା ହିଁ ହେବ ।''

ତାହା ହିଁ ଈଶ୍ୱରଙ୍କ ଇଚ୍ଛା ଥିଲା ।

'ଅମୃତ ଫଳ' ମନୋଜ ଦାସଙ୍କ ପାଇଁ ଅମରତ୍ୱ ନେଇ ଆସିଲା । ଓଡ଼ିଆ ସାହିତ୍ୟରେ ଯେ କେହି ବିଦଗ୍ଧ ପାଠକ ମନୋଜ ଦାସଙ୍କୁ ଜାଣିବାକୁ ଚାହିଁବ ତେବେ ପ୍ରଥମେ 'ଅମୃତ ଫଳ'କୁ ଆଦରି ନେବ । ଦୁଇ ହଜାର ବର୍ଷ ତଳର ଗୋଟେ ଅପୂର୍ବ ନାଟକୀୟ କିମ୍ବଦନ୍ତୀର ପୁନଃବିନ୍ୟାସ ଘଟାଇ ସେ ଆମ ସମସାମୟିକ ଏକ ଅଣ-ନାଟକୀୟ ଚରିତ୍ର ମାଧ୍ୟମରେ ଆମକୁ ଦେଇଛନ୍ତି ବୈଚିତ୍ର୍ୟମୟ ଉପଲବ୍ଧି ।

ଏହି ଉପଲବ୍ଧି ଆମର ବସ୍ତୁବାଦୀ ଚିନ୍ତାଧାରାକୁ ଆଘାତ ଦେଉନି ବରଂ ଚୂରମାର କରି ଆମରି ଭିତରେ ସୁପ୍ତ ହୋଇ ରହିଥିବା ଆଧ୍ୟାତ୍ମିକ ଚେତନାଟିକୁ ଜାଗ୍ରତ କରିବାରେ ସହାୟକ ହେଉଛି ।

ବାସ୍ତବରେ ମନୋଜ ଦାସଙ୍କ ସୃଷ୍ଟିରେ ଭିଜି ରହିଥାଏ ଅଭିଜାତ ଶୈଳୀ, ବୁଦ୍ଧିଦୀପ୍ତ ବ୍ୟଙ୍ଗ, ସୂକ୍ଷ୍ମ ଅନୁଶୀଳନ ଏବଂ ଆଧ୍ୟାତ୍ମିକ ଚେତନାର ମନ୍ତ୍ର । ତାଙ୍କର ପ୍ରତ୍ୟେକଟି ଗଳ୍ପର କେନ୍ଦ୍ରବିନ୍ଦୁ ପାଲଟିଥିବା ବସ୍ତୁବାଦୀ ମଣିଷର ଶରୀର ଉପରୁ ଏହି ମନ୍ତ୍ରରେ ଅନାବରଣ କରି ଦିଅନ୍ତି ସେ ତା'ର ବିବିଧ ଛଦ୍ମବେଶ । ଯା' ଫଳରେ ପାଠକଟି

Digitized by srujanika@gmail.com

ଦେଖିପାରେ ସେହି ବିବିଧ ଛଦ୍ମବେଶ ତଳେ ଥିବା ମଣିଷଟି କେଡେ ଅସହାୟ ଏବଂ ଆବିଷ୍କାର କରିବାରେ ସେ ନିଜେ ସମର୍ଥ ହୁଏ ଜୀବନର ରହସ୍ୟ ।

ଜୀବନ-ରହସ୍ୟର ସନ୍ଧାନ ଦେଇ ପାରୁଥିବା ଗାଳ୍ପିକଙ୍କ ସମ୍ବନ୍ଧରେ ଆଉ କ'ଣ କୁହାଯାଇ ପାରେ !

ହଁ, କୁହାଯାଇ ପାରେ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ମନୋଜ ଦାସଙ୍କ ଭଳି ଜଣେ ଗଭୀର ସମ୍ବେଦନଶୀଳ ସ୍ରଷ୍ଟାଙ୍କର ଆବିର୍ଭାବ ଓଡ଼ିଆ ଗଳ୍ପ ଜଗତକୁ ଯେତିକି ଋଦ୍ଧିମନ୍ତ କରିଛି ତା'ଠାରୁ ଅଧିକ ଓଡ଼ିଆ ସାହିତ୍ୟକୁ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇ ପାରିଛି ।

ସେ ଅମୃତର ସନ୍ଧାନ ପାଇ ସାରିଥିବା ସନ୍ନ୍ୟାସୀ । ଶ୍ରୀମା ଶ୍ରୀଅରବିନ୍ଦଙ୍କର ଆଶୀର୍ବାଦର କରୁଣା ବର୍ଷାରେ ସେ ସିକ୍ତ, ପବିତ୍ର ।

ସେହି ସନ୍ନ୍ୟାସୀଙ୍କୁ ମୁଁ ପ୍ରଣାମ ଜଣାଉଛି ।
ସେହି ସ୍ରଷ୍ଟାଙ୍କୁ ମୁଁ ପ୍ରଣାମ ଜଣାଉଛି ।
ସେହି ମନୋଜ ଦାସଙ୍କୁ ମୁଁ ପ୍ରଣାମ ଜଣାଉଛି ।

ଏହାଠାରୁ ଅଧିକା କ'ଣ ଥାଇପାରେ ମୋ ଭାଗ୍ୟରେ !

• ବିହାରୀବାଗ,
କଟକ-୨

Digitized by srujanika@gmail.com

କୁସୁମ ପରଶେ

ପି.ହୃଷୀକେଶ

"Manoj Das rare lays egg, but when lays, it is golden." କଲେଜ ଜୀବନରେ ପଢୁଥିବା ସମୟରେ ଜଣେ ବରିଷ୍ଠ ଅଧ୍ୟାପକଙ୍କ ମୁହଁରୁ ଏହି କଥାଟି ଶୁଣିଥିଲି । କିନ୍ତୁ ଏହାର ମର୍ମ ବୁଝିଲି ଅନେକ ଦିନ ପରେ, ଯେତେବେଳେ ମୁଁ ସାହିତ୍ୟ ଜଗତକୁ ପ୍ରବେଶ କଲି । ୧୯୭୬ରୁ ୮୦, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ପଢୁଥିବା ସମୟରେ ସେ କେବଳ ମୋର ଶିକ୍ଷକ ନଥିଲେ, ସାହିତ୍ୟିକ ବନ୍ଧୁ, ଦିଗ୍‌ଦର୍ଶକ ତଥା ପଡ଼ୋଶୀ ମଧ୍ୟ ଥିଲେ । ଏହି ଦୀର୍ଘ ୫ବର୍ଷ ତାଙ୍କର ପ୍ରତ୍ୟକ୍ଷ ସଂପର୍କରେ ଆସିଲାବେଳେ ମୋର ମନେହେଲା, ମୁଁ ଯେପରି ନିଜ ମଧ୍ୟରେ ମନୋଜ ଦାସଙ୍କୁ ହିଁ ଆବିଷ୍କାର କରୁଛି । ତାଙ୍କ ବାସଭବନରୁ ଅଳ୍ପ କେତେ ଗଜ ଦୂରରେ ରହି ଏକଲବ୍ୟ ପରି ମୁଁ ଦ୍ରୋଣରୂପୀ ମନୋଜ ଦାସଙ୍କୁ ମୋର ପ୍ରାରମ୍ଭିକ ସାରସ୍ୱତ ଜୀବନର ଗୁରୁରୂପେ ପୂଜା କରି ଆସିଛି । ଅନେକ ଥର ସନ୍ଧ୍ୟା-ଆସରରେ ତାଙ୍କ ସହ ଗପିଛି, ମଜିଛି, ଏବଂ ସାହିତ୍ୟ, ରାଜନୀତି ଓ ଆଧ୍ୟାତ୍ମିକତାର ଆଲୋଚନା ମଧ୍ୟରେ ମୁଁ ଖୋଜିଛି ସେହିପରି ଏକ ଅନାବିଳ ମହାନ୍ ବ୍ୟକ୍ତିତ୍ୱଙ୍କୁ, ଓଡ଼ିଶା ମାଟିର ଜଣେ ବରପୁତ୍ର ତଥା ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ପ୍ରଖ୍ୟାତ କଥାକାରଙ୍କୁ ଏବଂ ପାଇଛି ମଧ୍ୟ ।

ଆନ୍ତର୍ଜାତୀୟ ସ୍ତରରେ ଜଣେ କ୍ଷୁଦ୍ର ଗଳ୍ପ ଲେଖକ ଭାବରେ ମନୋଜ ଦାସ ଅଧିକ ବିଖ୍ୟାତ ଓ ଆଦୃତ । ତାଙ୍କର ବହୁ କ୍ଷୁଦ୍ରଗଳ୍ପ ବିଶ୍ୱର ଅନେକ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସ୍ଥାନ ପାଇଛି । ବହୁ ଇଂରେଜ କବି ଓ କଥାକାର ତାଙ୍କ ଗଳ୍ପଶୈଳୀର ଭୂୟସୀ ପ୍ରଶଂସା କରନ୍ତି । ଗ୍ରାହମ୍ ଗ୍ରୀନ୍, ରସକିନ୍ ବଣ୍ଡ, ଏମ୍.ଭି. କାମାଥ, ଆର୍.କେ. ନାରାୟଣ, ଲଣ୍ଡନ୍‌ର ଆଲାନ୍ ମାକ୍‌ଲିନ୍ ପ୍ରମୁଖ ବିଶ୍ୱ ପ୍ରସିଦ୍ଧ ସମ୍ପାଦକ ଓ ଲେଖକବୃନ୍ଦ ମନୋଜ ଦାସଙ୍କ କାହାଣୀକୁ ଏକ ଅଦମ୍ୟ ଭାରତୀୟଙ୍କ ଅତିନ୍ଦ୍ରୀୟ ଗୁଣ ବୋଲି ସ୍ୱୀକାର କରି ଆଜି ପୃଥିବୀରେ ଯେଉଁ ସାମାନ୍ୟ କେତେଜଣ ଭଲ ଗାଳ୍ପିକ ଅଛନ୍ତି, ସେମାନଙ୍କ ମଧ୍ୟରେ ମନୋଜ ଦାସ ଅନ୍ୟତମ ବୋଲି ଘୋଷଣା କରିଛନ୍ତି । କାରଣ ସେମାନଙ୍କ ମତରେ ମନୋଜ ଦାସଙ୍କର ସମ୍ପୂର୍ଣ୍ଣ ଏକ ନିଜସ୍ୱ ସାରସ୍ୱତ ଇଲାକା ରହିଛି । ତାଙ୍କ ସୃଜନୀର ଯେ କୌଣସି ବିଭାବଟିଏ ଓଟାରି ଆଣିଲେ, ତାହା କେବଳ ମନୋଜ ଦାସଙ୍କ ସୁଶୋଭିତ ଉପତ୍ୟକା ବୋଲି ସହଜରେ ବାରି ହୋଇ ପଡେ । ସବୁଠାରୁ ବଡ କଥାହେଲା

Digitized by srujanika@gmail.com

ସେ ପାଠକମାନଙ୍କ ଉପରେ ନିଜର ବିଶ୍ୱାସକୁ ଲଦି ଦିଅନ୍ତି ନାହିଁ, ବରଂ ତାଙ୍କ ରଚନାର ରହସ୍ୟମୟତା ଭିତରେ ସେ ପାଠକଙ୍କୁ ଛାଡି ଦିଅନ୍ତି ସେମାନେ ନିଜେ ଏକ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ । ତେବେ ଆଧୁନିକ ସାହିତ୍ୟ ଯାହା ମୁନାଫା, ମତଲବ୍ ଦ୍ୱାରା ବନ୍ଦୀ, ବୈଠକଖାନାର ଶୋଭାବର୍ଦ୍ଧନ କଲାଭଳି ଯେଉଁ ସାହିତ୍ୟ ଅଶ୍ଳୀଳତା, ବିଜ୍ଞାପନ ଓ ରାଜନୀତିକ ଇସ୍ତାହାର ଦ୍ୱାରା କଳୁଷିତ, ତାହାଠାରୁ ବହୁ ଉର୍ଦ୍ଧ୍ୱରେ ସେ । ଚେତନାର ଏକ ଉର୍ଦ୍ଧ୍ୱଗାମୀ ଧାରାରେ ତାଙ୍କ ସାହିତ୍ୟ ସର୍ବଦା ପରିପୁଷ୍ଟ ।

ଝଡ ବାଦଲର ବକ୍ଷ ଭେଦକରି ଉର୍ଦ୍ଧ୍ୱକୁ ଉଡିଯାଉଥିବା ସୀମାହୀନ ଆକାଶର ଏକ ମୁକ୍ତ ବିହଙ୍ଗ ହେଉଛନ୍ତି ମନୋଜ ଦାସ । ଥକିପଡିବାର କ୍ଲାନ୍ତି ନାହିଁ କି ରୁକି ଯିବାର ଭ୍ରାନ୍ତି ମଧ୍ୟନାହିଁ । ତାଙ୍କୁ ସମାଲୋଚନାର ସରହଦ ଭିତରକୁ କେହିକେହି ଟାଣି ଆଣିବାକୁ ବହୁବାର ଚେଷ୍ଟା କରିଥିଲେ ବି ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନାହିଁ, ବରଂ ପ୍ରତ୍ୟୁତ୍ତରରେ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ତାଙ୍କ ସହିତ ଉର୍ଦ୍ଧ୍ୱକୁ ଉଡିଯିବାକୁ, ଏକ ଅନନ୍ତ ପଥର ଦିଶାରୀ ହେବାକୁ, ଯେଉଁଠି ଶେଷ ନାହିଁକି ଆରମ୍ଭ ନାହିଁ, ବାଦ ନାହିଁକି ବିସମ୍ବାଦ ନାହିଁ । ଅଛି ଖାଲି ଉଡ଼ିବାର, ଖାଲି ଉଡିବାର ଆନନ୍ଦ ।

ଆଜି ମନେ ପଡୁଛି, ଛାତ୍ର ଜୀବନରେ ମୁଁ ପଢିଥିବା ତାଙ୍କର ଏକ କ୍ଷୁଦ୍ର କବିତାରୁ ପଦେ, ଯାହା ତାଙ୍କ ଭଳି ଏ ମାଟିର ଜଣେ ସାରସ୍ୱତ ସମ୍ରାଟଙ୍କୁ ଚିହ୍ନିବା ପାଇଁ ଆମ ଭଳି ବାଟବଣା ପଥିକମାନଙ୍କୁ ବାଟ କଢାଇ ନେଇପାରିବ :-

"ଆମେ ଯେଉଁମାନେ ନଷ୍ଟନୀଡର ଭ୍ରଷ୍ଟଦଳ-
ବିହଙ୍ଗମ
ରୁକ୍ଷ ମେଘର ବକ୍ଷ ଦୁଆରେ ପକ୍ଷ ପିଟି
ସୃଷ୍ଟି କରୁଛୁ ବୃଷ୍ଟି-ଝଡ;
ତୁମ ମର୍ମର ହର୍ମ୍ୟ ତଳର ବର୍ମ ଛାଡି
ପାସୋରି ତୁମରି ମଞ୍ଜୁ ଆଖିର ଇସାରାଧାରା
ବର୍ଷାବାଦଲ ରାସ୍ତା-କଡେ
ଆମେ ଯେଉଁମାନେ ଜୀର୍ଣ୍ଣ କରୁଁ ଏ ରାତ୍ରିସାରା;
ଚିହ୍ନିଚ କି ?
ରାତିର ଦୁର୍ଗେ ଢଳିପଡେ ଯେବେ ତୁମର ଆଖି
ପୌର୍ଣ୍ଣବାସର ଚନ୍ଦ୍ର ହୋଇ ଏ ଆକାଶ ଦେହେ
ପହରା ଦେଉଁ
ନବସୂର୍ଯ୍ୟର ଉଦୟ ଯାଏ ।।"

(ଆମେ ଯେଉଁମାନେ)

• ସାହିତ୍ୟ ମନ୍ଦିର, ତିହିଡି, ଭଦ୍ରକ

Digitized by srujanika@gmail.com

ଫାଙ୍କ ଭିତରୁ ବନ୍ଦ ଘରର ଦୃଶ୍ୟ

ପବିତ୍ର ପାଣିଗ୍ରାହୀ

ମୋର ଅନ୍ୟତମ ପ୍ରିୟ ଲେଖକ ମନୋଜ ଦାସଙ୍କ ନାମୋଚ୍ଚାରଣ ମାତ୍ରେ ହିଁ ଶିହରଣ ଖେଳିଯାଏ ମନ ଓ ହୃଦୟରେ । ତାଂକ ପରି ବକ୍ତୃତାତ କେବେ ବି ପ୍ରଦାନ କରି ପାରିବିନି ଜାଣେ, ତଥାପି ସାଧାରଣ ସଭାରେ ଭାଷଣ ଦେଲାବେଳେ ମୁଁ ତାଂକୁ ହିଁ ଅନୁସରଣ କରେ । ବକ୍ତବ୍ୟ ଛଳରେ ପ୍ରାସଂଗିକତା କ୍ରମେ ତାଂକର କେତୋଟି ପ୍ରିୟ ଗଳ୍ପ ଓ ଲୋକକଥାର ଉଦାହରଣ ଦିଏ । ପରେ ଅନୁଭବ କରେ କିଛିଟା ଛୁଇଁଛି ଲୋକଂକୁ । ମୋର ପ୍ରିୟ ଲେଖକଂକ ପ୍ରତି ଶ୍ରଦ୍ଧା ଓ କୃତଜ୍ଞତାରେ ନଇଁଯାଏ ମନ ।

ଅଳ୍ପ କେତେଥର ତାଂକ ସାନ୍ନିଧ ଲାଭ କରିବାର ସୁଯୋଗ ପାଇଛି । ସେଥି ମଧ୍ୟରୁ ସ୍ମରଣୀୟ ହେଲା, ବାଲେଶ୍ୱରରେ ଫକୀରମୋହନ ଜୟନ୍ତୀ ଦିନ ସକାଳେ ଅତିଥି ଭବନରେ ତାଂକ ସହ ବିତେଇଥିବା ଅଳ୍ପ କେତୋଟି ମୁହୂର୍ତ୍ତ । ଗୀତିକାର ଭଗବାନ ନାୟକ ବର୍ମା ଥାଆନ୍ତି ସାଥିରେ । ଉଦ୍ଦେଶ୍ୟ ଥାଏ ମୁଁ ଅଧ୍ୟାପନା କରୁଥିବା ମହା ବିଦ୍ୟାଳୟର ମୁଖପତ୍ର ପାଇଁ ତାଂକଠୁ ସାକ୍ଷାତକାରଟିଏ ଆଣିବା । ପୂର୍ବଦିନ ଫକୀର ମୋହନ କଲେଜ ସୁବର୍ଣ୍ଣ ଜୟନ୍ତୀରେ ଗାଳ୍ପିକ ବସନ୍ତ ଶତପଥୀଂକ ହାସ୍ୟରସ ସାଂଗକୁ ତାଂକର ସାରଗର୍ଭକ ବକ୍ତବ୍ୟ ଶୁଣି ମୁଁ ବିମୋହିତ ହୋଇଥାଏ ଏବଂ ସେ ଯାଏ ବି ମୋ ଭିତରେ ଅନୁରଣିତ ହେଉଥାଏ ତାଂକ ପ୍ରଦତ୍ତ ଅନନ୍ୟ ଲୋକକଥାମାନ । ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ଆମେ ପହଂଚୁ ପହଂଚୁ ସେ ବାହାରି ଆସିଲେ ରୁମ୍‌ରୁ । ଆମେ ବସିଲୁ ବାହାରେ । ମୁଁ ତାଙ୍କୁ ଖାଲି ନୀରବରେ ଦେଖିଲି । ସାକ୍ଷାତକାର ପ୍ରସଂଗ ସେତେବେଳେ ମୋତେ ଲାଗିଲା ସାମାନ୍ୟ ଓ ନିରର୍ଥକ । ଅଳ୍ପ ସମୟ ପରେ ଶାନ୍ତିକାନନରେ ଥାଏ ତାଂକର ଅନ୍ୟ ଏକ ଭାଷଣ । ଅଳ୍ପ କେତୋଟି ପ୍ରଶ୍ନ ଲେଖି ଧରେଇଦେଲି ତାଂକୁ । ପଣ୍ଡିଚେ଼ରୀରୁ ଉତ୍ତର ସହ ଫଟୋ ପଠେଇବେ ବୋଲି ପ୍ରତିଶ୍ରୁତି ଦେଇ ସଭାପାଇଁ ପ୍ରସ୍ତୁତ ହେବାକୁ ରୁମ୍‌କୁ ଚାଲିଗଲେ । ଭଗବାନ ବାବୁ ଓ ମୁଁ ଆଗେଇଲୁ ଶାନ୍ତିକାନନ ଆଡେ । ସେଦିନର ସେ ନିଆରା ଅନୁଭବ ଏବେ ବି ସଜୀବ ଅଛି ମୋ ଭିତରେ ଏବଂ ରହିବ ମଧ୍ୟ ସବୁଦିନ ପାଇଁ ।

Digitized by srujanika@gmail.com

ଉଚିତ୍ ସମୟରେ ଅବଶ୍ୟ ଫଟୋ ସହ ମୋ ପ୍ରଶ୍ନର ଉତ୍ତରମାନ ପହଁଚିଥିଲା । ସମୟାନୁବର୍ତ୍ତିତା ସାଂଗକୁ ସମଧର୍ମା ତରୁଣ ସ୍ରଷ୍ଟାଂକ ପ୍ରତି ତାଂକର ଅକପଟ ସ୍ନେହ, ଶ୍ରଦ୍ଧା ମୋତେ ମୁଗ୍ଧ କଲା । ବ୍ୟସ୍ତତା ଯୋଗୁଁ ସର୍ବଦା ନ ହେଲେ ମଧ୍ୟ ପ୍ରାୟତଃ ସେ ପ୍ରିୟ ପାଠକ-ପାଠିକା ଓ ଅନୁଜ ଲେଖକ-ଲେଖିକାଂକ ପତ୍ରର ଉତ୍ତର ଦେଇଥାନ୍ତି ବୋଲି ମୋର ଧାରଣା, ଯେଉଁ ଉଦାର ଶ୍ରଦ୍ଧାଶୀଳତା ଖୁବ୍ କମ୍ ଖ୍ୟାତନାମା ଲେଖକଂକଠୁ ମିଳିଥାଏ । ଯେବେ ବି ତାଂକୁ ଦେଖିଛି, ମୋତେ ଲାଗେ ସତରେ ତାଂକ ଭିତରେ କେତେ ମାନବିକତା, କେତେ ଶ୍ରଦ୍ଧା ଓ ଭଲପାଇବା, କେତେ ପ୍ରାଣପ୍ରାଚୁର୍ଯ୍ୟ, କେତେ ମନନଶୀଳ ସ୍ୱପ୍ନ. କେତେ ସଂପ୍ରସାରିତ ତାଂକ ଚିନ୍ତା ଓ ଚେତନାର ଦିଗ୍‌ବଳୟ । ତାଂକ ଭିତରେ କେତେ ଉଦାରତା ଓ ମଣିଷ ପଣିଆ, କେତେ ସୂର୍ଯ୍ୟୋଦୟ ଓ କେତେ ସୂର୍ଯ୍ୟାସ୍ତ ! ଆଃ !

ଦୂରରୁ ସମୁଦ୍ରକୁ ଦେଖିବା, କୂଳରେ ଠିଆହୋଇ ବୁଝିବାକୁ ଚେଷ୍ଟା କରିବା, ନାଆରେ ସମୁଦ୍ର ଭିତରକୁ ଯିବା, ମଝି ସମୁଦ୍ରର ପ୍ରଶାନ୍ତି ଭିତରେ ତାଂକୁ ଅନୁଭବିବା ବା ସମୁଦ୍ରର ଗର୍ଭକୁ ଯାଇ ଶାମୁକା କି ପୋହଳା ଖୋଜିବା ପ୍ରୟାସରେ ଅନୁଭୂତିର ତୀବ୍ରତା ଏକା ହୋଇନପାରେ, ପୁଣି ଯେ କୌଣସି ମାର୍ଗର ଅବଲମ୍ବନରେ ସମୁଦ୍ରକୁ ବୁଝିବା ଯେମିତି ଏକାଂତ ଅସମ୍ଭବ, ସେମିତି ମନୋଜ ଦାସଂକ ସୃଷ୍ଟି ସମୂହକୁ ସମୁଦାୟ ଭାବେ ବୁଝିବା ବା ବୁଝେଇବା ଦୁରୂହ ବ୍ୟାପାର ।

ବୋଧହୁଏ ସାହିତ୍ୟର ଏମିତି କୌଣସି ବିଭାବ ନାହିଁ ଯା'ର ଦିଗନ୍ତକୁ ସ୍ପର୍ଶ କରି ନାହାନ୍ତି ଶ୍ରୀଯୁକ୍ତ ଦାସ । ବାଲ୍ୟ-କୈଶୋରର ବର୍ଣ୍ଣାଢ୍ୟ-ବିହ୍ୱଳ ଜୀବନ-କାହାଣୀକୁ ନେଇ ସ୍ମୃତିଲିପି ହେଉ, କି ଫିଚ଼ର ବା କବିତା ହେଉ କିଂବା ଭ୍ରମଣ କାହାଣୀ, ପ୍ରବଂଧ ଓ ରମ୍ୟରଚନା, ଜୀବନୀ, ଇଂରାଜୀ ସୃଜନ ବା ଭିନ୍ନ ସ୍ୱାଦର ସଂପାଦନା ହେଉ, ପ୍ରତ୍ୟେକ କ୍ଷେତ୍ରରେ ତାଂକର ମୌଳିକତା ଓ ଭିନ୍ନତା ବାରିହୋଇ ପଡେ । ପୁଣି ଶିଶୁ-କିଶୋର ମନସ୍ତତ୍ତ୍ୱର ରୂପାୟନ କ୍ଷେତ୍ରରେ ସେ ଅନନ୍ୟ ଓ ଅବିସଂବାଦିତ କୃତିତ୍ୱର ଅଧିକାରୀ । ପୁଣି ଆଧ୍ୟାତ୍ମିକତା ଓ ମାନବବାଦର ଜଣେ ମୁଗ୍ଧ ନାନ୍ଦୀକାର ଭାବେ ବର୍ତ୍ତମାନର ଦୃଷ୍ଟିରେ ଅତୀତକୁ ଦେଖିବାର କଳାତ୍ମକ ପ୍ରୟାସ ସହ ସୂକ୍ଷ୍ମ ମନୋବିଶ୍ଳେଷଣ ଓ ଦାର୍ଶନିକତାର ସୁମଧୁର ସମନ୍ୱୟ ଦେଖିବାକୁ ମିଳେ ତାଂକ ନିଆରା ଉପନ୍ୟାସ ଗୁଡିକରେ । ତାଂକର ସୃଜନଧାରାର ପ୍ରତିଟି ବିଭାବ ମୋର ପ୍ରିୟ ହେଲେ ବି ତାଂକର ଗଳ୍ପସମ୍ଭାର ମୋର ପ୍ରିୟତମ । ପୁଣି କାହାଣୀଧର୍ମୀ ଭିନ୍ନ ଶୈଳୀ ଓ ସ୍ୱାଦର ପ୍ରତିଟି ଗଳ୍ପର ଆବେଦନରେ ବାରିହୁଏ ଭିନ୍ନତା, ସ୍ୱତନ୍ତ୍ରତା ଏବଂ ଅଲୌକିକତା ।

ତାଂକର ପ୍ରତିଟି ଗଳ୍ପ ବହନ କରେ କିଛି ନା କିଛି ସୂକ୍ଷ୍ମ ବାର୍ତ୍ତା । ଉନ୍ମୀଳିତ କରେ ଗୋଟେ ନୂଆ ଦିଗନ୍ତ । ମନୋଜଂକ ସୃଜନ କେବଳ ଜୀବନକୁ ପ୍ରତିଫଳିତ କରେନାହିଁ, ଯାହା ଜୀବନଠାରୁ ଅଧିକ ତାକୁ ବି ଉଦ୍‌ଭାସିତ କରିଦିଏ । ତାଂକ ଗଳ୍ପରେ କଥାବସ୍ତୁ

Digitized by srujanika@gmail.com

ଶୈଳୀକୁ ଅନୁସରଣ କରେନାହିଁ, ବରଂ ଶୈଳୀ, ଘଟଣା, ଚରିତ୍ର ଓ କଥାବସ୍ତୁକୁ ଅନୁସରଣ କରିଥାଏ । କାରଣ ଅନୁଭୂତି ଓ କଳ୍ପନା ଅପେକ୍ଷା ପ୍ରେରଣାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ମନେ କରନ୍ତି ଗାଳ୍ପିକ । ପୁଣି ପରୀଗଳ୍ପ ଓ ଫାଣ୍ଟାସୀକୁ ସେ ସମସାମୟିକ ଓ ବାସ୍ତବ ସମସ୍ୟା ଉପରେ ଆଲୋକପାତ କରିବାର ମାଧ୍ୟମ ରୂପେ ବ୍ୟବହାର କରିଥାନ୍ତି । ଯେମିତି 'ଆବୁ ପୁରୁଷ' ଜଣେ ଲୋକ ତା ମୁଣ୍ଡରେ ବଢିଥିବା ଆବୁ ଯୋଗୁଁ ରାତାରାତି ବିଖ୍ୟାତ ହୋଇ ଯାଇଛି । ଏହି ଅଜବ ଅବସ୍ଥାର ଚିତ୍ରଣ ଭିତର ଦେଇ ସେ ଏବେର ଚାଞ୍ଚଲ୍ୟ-ସର୍ବସ୍ୱ ସମ୍ବାଦ-ମାଧ୍ୟମ ସବୁକୁ ବିଦ୍ରୂପ କରିଛନ୍ତି । ପୁଣି ଅତ୍ୟନ୍ତ ରୁଚିଶୀଳ ଚିତ୍ରକଳ୍ପରେ ଉଦ୍ଭାସିତ ତାଂକର ଅନେକ ଗଳ୍ପ ରହିଛି, ଯାହା ଭାରତର ଅନ୍ତର୍ନିହିତ ଚେତନା ଭିତରକୁ ଖୋଲିଦିଏ ଆମର ଅର୍ନ୍ତଦୃଷ୍ଟି ଏବଂ ଛଳନାପୂର୍ଣ୍ଣ ଆଡମ୍ବର ଆବରଣ ତଳୁ ଆମକୁ ଚିହ୍ନେଇଦିଏ ଅସଲ ସତ୍ୟ ରୂପରେଖ, ଉଦାର ମମତାର ରଜ୍ଜୁରେ ବାଂଧିପକାଏ ।

କେତେବେଳେ ପୁଣି ହାସ୍ୟରସର ତାଳେତାଳେ ତପୂର୍ଯ୍ୟପୂର୍ଣ୍ଣ କଥାଟିଏ ସହଜ ଭାବରେ କହିଦିଅନ୍ତି ଗାଳ୍ପିକ 'ମଧୁବନର ମେୟର'ଙ୍କ ଜରିଆରେ, ଯେତେବେଳେ ମେୟର ମହୋଦୟ ଗଳ୍ପର ଅନ୍ତିମ ପର୍ଯ୍ୟାୟରେ, ଛୋଟିଆ ନାଆଟିଏ ଉପରେ ଶୋଇରହି ସୁଅରେ ଭାସି ଚାଲିଛନ୍ତି ଆଉ ଅଶ୍ରୁପାତ ସମାହାରରେ ଆପଣା ଜୀବନର ମୂଲ୍ୟାୟନ କରିବା ସଂଗେ ସଂଗେ ମଣିଷ ବାସ୍ତବିକ କେଡେ ଅସହାୟ, ସେ କଥା ଉପଲବ୍‌ଧି କରିଛନ୍ତି । ପ୍ରଭାତରେ ଟିକି ଝିଅଟି ସୌଜନ୍ୟରୁ ଖଣ୍ଡିଏ ଗାମୁଛା ପାଇ କୂଳକୁ ଆସିବା ପରେ ଭାବୁଛନ୍ତି, ସହରକୁ ପ୍ରତ୍ୟାବର୍ତ୍ତନ କଲାପରେ ତାଂକର ପ୍ରଥମ କାମ ହେବ ବୃଦ୍ଧ ଅଧ୍ୟାପକଂକୁ ଭେଟି କହିବା, ଯେ ଗତରାତିରେ ସେ ସାବାଳକ ହେଲେ । ସେଇ ଟିକି ଝିଅଟି ଭିତରେ ମାତୃ ହୃଦୟର ଅକପଟ ଶ୍ରଦ୍ଧା ଓ ମମତା ପ୍ରକଟିତ ହେବା ସହ ମଣିଷର ଅନ୍ଧମନର ଝର୍କାସବୁ ଗପଟିରେ ଖୋଲି ଯିବନିକି ଛାଁକୁ ଛାଁ । କେବେ ଅବା ତାଂକ ଗଳ୍ପନାୟିକା ସାଜେ 'ବିଷକନ୍ୟା' ପରି ସାଧାରଣ ଚରିତ୍ରଟିଏ, ଯାହା ପାଇଁ ନିଜେ ଭିଜି ଅନ୍ୟକୁ ବି ସହାନୁଭୂତିର ବର୍ଷାରେ ଭିଜେଇ ଦେଇପାରନ୍ତି ଗାଳ୍ପିକ । ପୁଣି କେବେ ସେ ମର୍ମେମର୍ମେ ଅନୁଭବ କରନ୍ତି ମଣିଷ ମନତଳର ଲୁକ୍‌କାୟିତ 'ଆରଣ୍ୟକ' ପ୍ରବୃତ୍ତିକୁ ଆଉ ସତେ ଅବା ତା' ସାମ୍ନାରେ ତୋଳିଧରନ୍ତି ସତ୍ୟ ଓ ମାନବିକତାର ଗୋଟେ ଜିଅନ୍ତା ଦର୍ପଣ ।

ସେଇଥିପାଇଁତ ପାଠକଂକ ସହ ଗାଳ୍ପିକ ବି ଭାସୁଥାଆନ୍ତି ଗଳ୍ପର ପ୍ରଳୟ ପ୍ରୟୋଧି ଜଳରେ ବଟପତ୍ରରେ ମାର୍କଣ୍ଡ ଋଷିଂକ ପରି । ମନୋଜଂକ ଯାବତୀୟ ଯୁଗାନ୍ତକାରୀ ଗଳ୍ପର ଖିଅ ସହଜରେ ମିଳେନାହିଁ କିମ୍ବଦନ୍ତୀର 'ସାତତାଳ ପାଣି, ପଙ୍କତଳ ଫରୁଆ' ପରି । ଗଳ୍ପଟିଏ ସରିଯାଏ ସିନା, ପ୍ରଶ୍ନଟିଏ ତଥାପି ରହିଯାଏ, ଯାହାର ଉତ୍ତର

Digitized by srujanika@gmail.com

ନଥାଏ କି ସମାଧାନ ନଥାଏ । ଯେମିତି 'ଶୁଖିଲାପତ୍ର' ଗଳ୍ପରେ, ପେଚାଟିର ହୁଟ୍‌ହୁଟ୍ ପୁରୁଣା ମନ୍ଦିରଟିରେ ଶୁଭୁଥିଲା । ଦିନେ ବନ୍ଧୁକ ଫୁଟିଲା ଓ ପେଚାର ହୁଟ୍‌ହୁଟ୍ ବନ୍ଦହେଲା ପରେ ଆତଂକ ଖେଳିଗଲା ଯେ ନୂଆ ଜମିଦାରଙ୍କର କ୍ଷତିହେବ । ହଠାତ୍ ପବନ ବହିଲା, ଉଆସ ବାରଣ୍ଡାରେ ଶୁଖିଲା ପତ୍ର ରଣଭଣ ହେଲା, ସତକୁ ସତ ଜମିଦାରଂକ ପୁଅକୁ ରାତିରୁ ଜ୍ୱର ହେଲା ଓ ସେ ଚାଲିଗଲା । ନୂଆ ଜମିଦାରଂକର ସତରେ କଣ ଦୋଷ ଥିଲା ? ଯେ ପ୍ରଶ୍ନର ଉତ୍ତର କଣ ମିଳିବ କି କେବେ ! ଛାତିରେ ପିନ୍‌କଣ୍ଟାଟେ ଫୋଡିଦେବା ସହ ଏକ ରହସ୍ୟମୟ କୁହେଳିକା ଭିତରେ ଛାଡିଦେଇ ଚୁପ୍‌କିନା ଖସିଯିବା ମନୋଜୀୟ ଗଳ୍ପ କାରିଗରୀର ଅନ୍ୟତମ ବିଭବ ।

ଶିଶୁର ନିଷ୍ପାପ ଓ ନରୀହ କୋମଳ ହୃଦୟର ପ୍ରତିଟି ଅଂଗନକୁ ଯତ୍ନର ସହିତ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିବାରେ ଗାଳ୍ପିକଂକ ଦକ୍ଷତା ସତରେ ଅନନ୍ୟ । ସେ କହନ୍ତି, 'ଶିଶୁ ଜୀବନ ପ୍ରତି ମୋର ଶ୍ରଦ୍ଧାର କାରଣ, ପ୍ରତି ଶିଶୁ-ଜୀବନକୁ ନୂଆକରି ଆରଂଭ କରିବା ଦିଗରେ ଏକ ନୂଆ ପ୍ରଚେଷ୍ଟା । ଶିଶୁର ମାନସ ନିଷ୍କପଟ, ପ୍ରାୟତଃ ସୁନ୍ଦର ।' 'କଂସ ଓ କୃଷ୍ଣ', 'ଶେଷ ବସନ୍ତର ଚିଠି' ଓ 'ଲକ୍ଷ୍ମୀର ଅଭିସାର' ଭଳି ଗଳ୍ପ ତାଂକ ଉକ୍ତିର ଯଥାର୍ଥତା ପ୍ରତିପାଦନ କରେ । କୁନିଝିଅ ଲକ୍ଷ୍ମୀକୁ ମିଛ କହିବା ଖରାପ ବୋଲି କହୁଥିବା ତା' ବୋଉ ଯୋଉଦିନ ବାପା ଘରେ ନାହାନ୍ତି ବୋଲି ସୁଧନେବାକୁ ଆସିଥିବା ଲୋକଟିକୁ କହି ଫେରାଇଦେଲା ଓ ଜ୍ୱର ପ୍ରପୀଡିତ ବାପା ଘରେ ଥିଲେ, ଲକ୍ଷ୍ମୀ ବୋଉକୁ ପଚାରିଥିଲା ସେ କିଆଁ ମିଛ କହିଲା ବୋଲି । ବୋଉ ସେଦିନ ଲୁଚାଇ ଲୁଚାଇ କାନ୍ଦିଲା ଆଉ ତା'ର ମନେହେଲା ତା' ବୋଉ ସାରା ପୃଥିବୀ ଉପରେ, ସେ କଥା ଠାକୁରଂକୁ ନକହି କହି ପାରିଥାନ୍ତା ଆଉ କାହାକୁ ? ହେଲା ଏବେ ସିଏ ଠାକୁର ଘରେ ପଶି କେତୋଟି କଦଳୀ ମାତ୍ର ଖାଇଥିଲା, ଗେହ୍ଲାରେ, ସ୍ନେହରେ । ପୂଜାରୀ ଓ ଗାଁଲୋକେ ଗୋଡେଇ ଗୋଡେଇ ଗଲେ । ବିଚରା ପେଟେ ପାଣିକୁ ପଶିଗଲା ଜୀବନ ବିକଳରେ । ଜର ହେଲା, ସବୁଦିନ ପାଇଁ ସେ ଆଖି ବୁଜିଦେଲା । ଦେଖଣାହାରୀଏ ବୁଝିଲେ ଠାକୁର ବଡ ପ୍ରତ୍ୟକ୍ଷ, ଅଭିଶାପ ଫଳିଲା । ଗଭୀର ଲୋକର ମନ ବୁଝିଲାନାହିଁ । ଲକ୍ଷ୍ମୀ ଚାଲିଗଲା । ଛାତିରୁ ଯେଉଁ ଦୀର୍ଘଶ୍ୱାସଟିଏ ଉଠିଲା, ତାହା ସମଗ୍ର ଚେତନାକୁ କମ୍ପେଇ ଦେଲା । କ'ଣ ଦୋଷଥିଲା ଲକ୍ଷ୍ମୀର ? ଶେଷରେ ଲକ୍ଷ୍ମୀର ଅଂତରଂଗତାକୁ ଠିକ୍ ବୁଝିପାରିଲେ ଏକା ବୃଦ୍ଧ ପୁରୋହିତ ଜଣକ । ସତରେ ମନମନ୍ଥନକାରୀ ମନୋଜଂକ ସାହିତ୍ୟରେ ଦେଖିବାକୁ ମିଳେ ବ୍ୟଂଗ ଓ ବୌଦ୍ଧିକତାର ଅପୂର୍ବ ସମାହାର । ମଣିଷର ବିକଳ ମାନସିକତା ସାଂଗକୁ ଉଚ୍ଚତର ଆବେଗର ସୂକ୍ଷ୍ମ ଓ ଅତଂରଂଗ ଚିତ୍ରଣ ।

'ଧୂମ୍ରାଭ ଦିଗନ୍ତ'ର କାହାଣୀ କହୁ କହୁ ପରୀକଥା ବି ଶୁଣାନ୍ତି ଗାଳ୍ପିକ । ''ପରୀ କଥାରେ ବର୍ଣ୍ଣନା କରାଯାଇଥିଲା ଯେଉଁ କନ୍ୟାକଥା, ସିଏ ଥିଲା ଶାନ୍ତ ଓ ଉଦାସ ।

Digitized by srujanika@gmail.com

...ପ୍ରଥମେ, କନ୍ୟାର ଖେଳସାଥୀ ଥିଲେ କେତୋଟି ଗୁଣ୍ଡୁଚି, କେତୋଟି ପ୍ରଜାପତି । ଟିକିଏ ବଡ ହେବାପରେ ତା'ର ବଂଧୁତା ହୋଇଥିଲା ଠେକୁଆମାନଂକ ସହ । ଆହୁରି ବଡ ହେବାପରେ ମୃଗଙ୍କ ଠାରୁ କନ୍ୟା ଶିଖିଥିଲା ଚଞ୍ଚଳତା ସହ କୋମଳତା । ଆରମ୍ଭରେ ତା'ର ସଂଗୀତ ଶିକ୍ଷକ ଥିଲେ କେତୋଟି ଭ୍ରମର । ତେବେ ସେମାନେ କେବଳ ଗୁଣୁଗୁଣୁ କରିବାଯାଏ ଶିଖାଇଦେବା ପରେ କୋଇଲିମାନେ ସେ ଦାୟିତ୍ୱ ନେଇଗଲେ । କୋଇଲିମାନେ ଯେ କେବଳ ନିଜ ନିଜ କଣ୍ଠ ପରିବେଷଣ କରି ସେମାନଂକ କର୍ତ୍ତବ୍ୟ ସଂପାଦନ କରୁଥିଲେ ତାହା ନୁହେଁ, ସେମାନେ କନ୍ୟାଟିକୁ ଡାକି ନେଇ ଯାଉଥିଲେ ଅରଣ୍ୟର ଏମିତି ଏକ ନିଘଞ୍ଚ ଅଞ୍ଚଳକୁ, ଯେଉଁଠି ଗୋଟାଏ ଗୁମ୍ଫା ଭିତରେ ପଶି ପବନ ଅନନ୍ୟଶ୍ରୁତ ଧ୍ୱନି ଉତ୍ପାଦନ କରୁଥାଏ, ସେମାନେ ଡାକି ନେଇ ଯାଉଥିଲେ ମୃଦୁମୃଦୁ ବୀଣା ବାଦନ କରୁଥିବା ଏକ ଝରଣାକୂଳକୁ ମଧ୍ୟ । ତାକୁ ଅକ୍ଷର ଶିଖାଇଥିଲା ଇନ୍ଦ୍ରଧନୁ, ହସ ଶିଖାଇଥିଲା ସୂର୍ଯ୍ୟୋଦୟ; ସୂର୍ଯ୍ୟାସ୍ତ ଶିଖାଇଥିଲା ବିଷାଦ ।'' ଏମିତି ବର୍ଣ୍ଣନା ପଠନବେଳେ କଳ୍ପନାରେ ପାଠକଟିଏ ଚାଲିଯାଏନି କି ଭିନ୍ନ ଏକ ରାଜ୍ୟକୁ !

ଜହ୍ନ ଆଲୁଅରେ ଜୁଡୁବୁଡୁ ତାଂକ ବୃଦ୍ଧ ଗଳ୍ପନାୟକଟି ପାଲଟିଯାଏ ନିଛକ ପ୍ରେମିକଟିଏ 'ଜହ୍ନରାତିର ସେତୁ' ଗଳ୍ପରେ । ଏକ ଜହ୍ନଧୁଆ ରାତିରେ ବୃଦ୍ଧ ସୁଧୀର ଯେତେବେଳେ ଅଠାଅଶି ବର୍ଷ ବୟସ୍କ ଅଶୋକ ଭାଇକୁ ମନେପକାଇ ଦେଲେ ତାଂକ ନୂଆ ନୂଆ ଅଧ୍ୟାପକ ହେବାବେଳର ଚାରୁଅପାଂକ କଥା, ଯାହାକୁ ଅଶୋକ ଭଲ ପାଇଥିଲେ । ଭଲପାଇ ଝଡି ଯାଇଥିଲେ, ତାଂକୁ ସେ ଅନେକ ଚିଠି ଦେଲାପରେ ଅବଶେଷରେ ତାଂକ ସହ ସେତୁ ପାଖରେ ଦେଖା କରିବାକୁ ରାଜିହେଇ ଉତ୍ତରଟିଏ ଦେଇଥିଲା ଏବଂ ସୁଧୀର ଚିଠି ଖଣ୍ଡିକ ଧରି ଆସୁଆସୁ ଭୀଷଣ ପବନରେ ତାହା ସେତୁ ପାଖରେ ଉଡିଯାଇଥିଲା । ଷାଠିଏ ବର୍ଷପରେ ସେଇ ଚିଠିଟିକୁ ଅଶୋକ ଖୋଜିବାରେ କାହିଁକି ଗୋଟେ ପ୍ରଚ୍ଛନ୍ନ କରୁଣତା, ଯାହା ଭିଜେଇଦିଏ ପାଠକର ମନ ଓ ପ୍ରାଣକୁ ! କେତେବେଳେ ସିଏ 'ତୃତୀୟ ପୁରୁଷ' କୁ ଇଜ୍ଜତ ଓ ସ୍ୱାଭିମାନର କାହାଣୀ ଶୁଣାନ୍ତିତ, କେବେ ପୁଣି 'ଭୋଳା ଅଜା'ର ଭୋଳାପଣ, ଆଉ କେବେ ଲୋକକଥାର ମନମତାଣିଆ ସୁଅରେ ପାଠକକୁ 'ଲୁଲୁର୍ଭା ପର୍ବତ'ର କାହାଣୀ ଶୁଣେଇ ଶୋଇପକାଇବା ବଦଳରେ ଭାଂଗିଦିଅନ୍ତି ତା'ର ନିଦ ଓ ଆଉ କେବେ 'ଅନେକ ସ୍ମିତ ହସ' ମାଧ୍ୟମରେ ପାଠକ ଛାତିରେ ସୃଜି ପାରନ୍ତି ସ୍ନେହ ଓ ହାସ୍ୟର ଭୂମିକମ୍ପ ।

ପ୍ରତିଟି ଗଳ୍ପରେ ସତେ ଯେମିତି ସିଏ ପାଠକର ମୋହଭଂଗ କରି ତାକୁ ସତସତିକା 'ଓଟ'ଟିଏ ଦେଖେଇବାର ପ୍ରୟାସ କରିଥାନ୍ତି, ହେଉପଛେ ସିଏ 'ମଧ୍ୟବୟସ୍କଂକ ପଞ୍ଚତନ୍ତ୍ର' ବା 'ଅବୋଲକରା କାହାଣୀ' କିଂବା ଅନ୍ୟ ଯେ କୌଣସି ସଂକଳନର ଗଳ୍ପ । ଯେତେବେଳେ 'ଓଟ' ଗଳ୍ପରେ ନାତିଟୋକା ବୃଦ୍ଧ ଶିବକୁମାରଂକୁ

Digitized by srujanika@gmail.com

ତାଂକର ବହୁ ପ୍ରତୀକ୍ଷିତ ସ୍ୱପ୍ନର ଜୀବଟିକୁ ଦେଖାଇବାରେ ବିଫଳ ହେଲେ ଓ ଭୟ ଜୁଡୁସୁଡୁ ହୋଇ ତା'ର ବାପା ତାକୁ ଚକୋଲେଟ୍ ଦେଇ ଏପରି କହିବାକୁ କହିଥିଲେ ବୋଲି କହିଲା, ସେତେବେଳେ ଶିବକୁମାର ଚିତ୍କାର କଲେ ''କ'ଣ ହେଲା, ମୋତେ ବା ସେମାନେ ଫଳକ ଧରେଇ ଠକିଦେଲେ -ମୁଁ ଅତୀତ କିଂତୁ ତୁ ? ସାମାନ୍ୟ ଚକୋଲେଟ୍‌ରେ ଠକି ହେଲୁ ତୁ ହତଭାଗା ?'' ନାତି କାନ୍ଦିବାରୁ ତାକୁ କୋଳକୁ ନେଇ ଶିବକୁମାର କହିଲେ -''ତୁ କାନ୍ଦିବା ଦରକାର ।'' ସେ ଓଟଟି ସତ୍ୟତାର ଓଟ ନା ପୂର୍ଣ୍ଣତାର, ଆଲୋକର ନା ରହସ୍ୟମୟତାର ପ୍ରତୀକ ଟିଏ ! ଗାଳ୍ପିକ ନିଜେ ଶିବକୁମାରଂକ ଭଳି ସୃଜନ ସମୁଦ୍ରର ନାଉରୀଟିଏ ପରି ସାରସ୍ୱତ ସାଧକ ନାତିପ୍ରତିମ ସ୍ରଷ୍ଟା ଓ ପାଠକମାନଂକ ପାଇଁ ଅଫୁରନ୍ତ ପ୍ରେରଣା ଓ କଥା-ସାହିତ୍ୟର କିମ୍ବଦନ୍ତୀ ପୁରୁଷଟିଏ ନୁହଁନ୍ତିକି ? ସତରେ ଚିର ମୁଖରିତ, କଳକଳ, ଛନ୍ଦମୟ, ଚେତନାଦୀପ୍ତ ଓ ଆଲୋକର ସଂଧାନରେ ଉନ୍ମୁଖ ପ୍ରଜ୍ଞାପୁରୁଷ ଅନନ୍ୟ କଥାକାର ମନୋଜଂକ କଥା ସମୁଦ୍ରର ବୈଚିତ୍ର୍ୟମୟ ଚିତ୍ରିତ ଚଉପାଶ । ମୋତେତ ଲାଗେ, ସିଏ ନିଜେ ଏବଂ ତାଂକ ସୃଜନ ସମ୍ଭାର ଯେମିତି ଗୋଟେ ରହସ୍ୟସମୟ ନିବୁଜ ବନ୍ଦ ଘର । ଅଳ୍ପଟିକେ ଫାଙ୍କରୁ ସେ ଘରର ଦୃଶ୍ୟ ଦେଖିବା କ'ଣ ସୋଜାକଥା !

• ନୂଆ ବଜାର,
ଭଦ୍ରକ - ୭୫୬ ୧୦୦

Digitized by srujanika@gmail.com

ଯିଏ ଯେମିତି

ଶ୍ରୀଦେବ

ଆଜକୁ ୧୫/୧୬ ବର୍ଷତଳେ ଭୋଗରାଇ କଲେଜରେ ଇଂରାଜୀରେ ଅଧ୍ୟାପନା କରୁଥିଲାବେଳେ ନନ୍‌ଡିଟେଲ (ଗଳ୍ପ) ପଢାଉଥିଲି । ବୋଧେ ବହିଟିରେ ଥିବା ୧୦/୧୨ଟି ଗଳ୍ପରୁ ମୁଁ ପ୍ରଥମ ଗଳ୍ପ 'Mystry of Missing Cap' ପଢାଉଥିବା ପ୍ରସଙ୍ଗରେ ସେହି କଲେଜର ଛାତ୍ରଛାତ୍ରୀଙ୍କୁ ଚନ୍ଦନେଶ୍ୱର ନିକଟସ୍ଥ ଶଙ୍ଖାରୀ ଗ୍ରାମର ମନୋଜ ଦାସ ଓ ମନ୍ମଥ ଦାସ, କେରଳର ଆର୍.କେ. ନାରାୟଣ ଓ ଆର୍,କେ. ଲକ୍ଷ୍ମଣ ପ୍ରମୁଖ ସଫଳ ଭାରତୀୟ ଭ୍ରାତୃଯୁଗଳମାନଙ୍କୁ ଚିହ୍ନାଇ ଦେଇଥିଲି । ସୌଭାଗ୍ୟକ୍ରମେ ସେହି ସମୟରେ ଦୀର୍ଘ କୋଡିଏ ବର୍ଷପରେ ମନୋଜ ଦାସ ତାଙ୍କ ଗାଁକୁ ଆସିଥିବାର ଖବର ପାଇ ପହଞ୍ଚିଲି ତାଙ୍କର ସେଇ ପୁରୁଣା ଜମିଦାରିଆ ଘର ଉଚ୍ଚପିଣ୍ଡାରେ ଗୋଟିଏ ସାକ୍ଷାତକାର ପାଇଁ । ମୋ ସାଙ୍ଗରେ ଥାଆନ୍ତି ଯଶସ୍ୱୀ କବି ମୁରାରି ମୋହନ ସାହୁ । ସେଇଟା ବୋଧେ ମୋର ପ୍ରଥମ ଦର୍ଶନ ଥିଲା ମହାନ୍ ସ୍ରଷ୍ଟା ମନୋଜ ଦାସଙ୍କୁ ।

ପହଞ୍ଚିଲା ମାତ୍ରେ ତାଙ୍କ ଘରେ ଗୋଟିଏ ଦୀର୍ଘକାୟ ମାର୍ଜିତ ମଣିଷ ପାଛୋଟି ନେଲେ ତାଙ୍କ ଘର ଉଚ୍ଚପିଣ୍ଡାକୁ । ଟେପ ଖୋଲିଲା ମାତ୍ରେ ବିନମ୍ରତାର ସହ ସେ କହିଥିଲେ, କୌଣସି ଚିରାଚରିତ ପ୍ରଶ୍ନ ନପଚାରି ସ୍ମରଣୀୟ ଓ ଇନୋଭେଟିଭ ପ୍ରଶ୍ନ ପଚାରିଲେ ଖୁସିହେବି, ଏବଂ ମୋର ପ୍ରଥମ ପ୍ରଶ୍ନ ''କାହିଁକି ଆପଣ ଜଣେ ଲେଖକ''ର ଉତ୍ତରରେ ସେ କିଛି ନକହି ଡାକିନେଇ ତାଂକ ବଗିଚା ଦେଖାଇଲେ ।

ଦେଖାଇଲେ ଗେଣ୍ଡୁଫୁଲ ଭର୍ତ୍ତି ଗେଣ୍ଡୁଗଛ, ଦେଖାଇଲେ ଜିନିଆ ଫୁଲଭରା ଗଛଟିଏ, ଦେଖାଇଲେ ମଲ୍ଲୀ, ମାଳତୀ ଓ ସ୍ଥଳପଦ୍ମ ଫୁଟିଥିବା ଗଛମାନଙ୍କୁ ।

କହିଲେ -ଯେମିତି ଏ ବଗିଚାରେ ଏତେ ପ୍ରକାର ଗଛ କାହିଁ କିସମ କିସମ ଫୁଲ ଫୁଟାଇ ପାରିଛନ୍ତି, ସେମିତି ମନୋଜ ଦାସ -ଇଂଜିନିୟର, ଡାକ୍ତର, ଆଇ.ଏ.ଏସ୍ ଅଫିସର କି ଶିଳ୍ପପତି ନୋହିଲା ।

ଏଇ କଥା ପଦୁଟିଏ ଏଯାଏଁ ମୋତେ ଏତେ ଆଚ୍ଛନ୍ନ କରି ରଖିଛି, ଯେ ପାଇଁ ମନୋଜ ଦାସ ସଫଳତାର ଶୀର୍ଷରେ ଠିଆ ହୋଇଥିବା ମଣିଷଟିଏ ବୋଲି ମୁଁ ଭାବେ ।

• ଚନ୍ଦ୍ରଭାଗା, ମୋତିଗଞ୍ଜ, ବାଲେଶ୍ୱର -୭୫୬ ୦୦୩

Digitized by srujanika@gmail.com

ମାନବବାଦୀ ମନୋଜ ଦାସ

ବୈକୁଣ୍ଠନାଥ ମହାପାତ୍ର

ଡ.ହରେକୃଷ୍ଣ ମହାତାବଙ୍କ ଗୋଟିଏ ଉକ୍ତି ମନରେ ଉଙ୍କିମାରେ । ''ମନୋଜକୁ ପ୍ରଜାତନ୍ତ୍ର ପରିସରରେ ଓଡ଼ିଶାର ସ୍ୱାର୍ଥପାଇଁ ବାନ୍ଧି ରଖିବା ଉଚିତ ହେବନାହିଁ । ତାର ସ୍ଥାନ ରାଜ୍ୟ ତଥା ଦେଶର ଉର୍ଦ୍ଧ୍ୱରେ । '' ତାହାହିଁ ଆଜି ପ୍ରମାଣିତ ଓ ସ୍ୱୀକୃତ । ଶ୍ରୀ ଦାସ ଆଜି ଆନ୍ତର୍ଜାତିକ ସ୍ତରର ଦାର୍ଶନିକ, ସାହିତ୍ୟିକ-ତଥା ସୁବକ୍ତା ।

ତାଙ୍କର ମୂଲ୍ୟବାନ ସାହିତ୍ୟ କୃତି ପାଇଁ ସ୍ୱନାମଧନ୍ୟ ଆନ୍ତର୍ଜାତିକ ସାହିତ୍ୟିକ ଭାବେ ସେ ସୁପରିଚିତ । 'ବାପାସି' ପୁରସ୍କାର କେବଳ ଦକ୍ଷିଣ ଭାରତର ଶ୍ରେଷ୍ଠ ଲେଖକଙ୍କ ପାଇଁ ଉଦ୍ଦିଷ୍ଟ, ଯଦିଚ୍ ଶ୍ରୀଯୁକ୍ତ ଦାସ 'ବାପାସି' ପୁରସ୍କାର ପ୍ରଦାନ କରୁଥିବା ଦକ୍ଷିଣ ଭାରତର ସମ୍ପୃକ୍ତ ରାଜ୍ୟର ଲେଖକ ନୁହନ୍ତି, ତଥାପି ତାଙ୍କର ବିରଳ ସାହିତ୍ୟକୃତି ହେତୁ ଏହାର ବ୍ୟତିକ୍ରମ କରାଯାଇ ଦକ୍ଷିଣ ଭାରତର ଶ୍ରେଷ୍ଠ ସାହିତ୍ୟିକ ପୁରସ୍କାର 'ବାପାସି'ରେ ତାଙ୍କୁ ଭୂଷିତ କରାଯାଇଛି । ଏହା ଓଡ଼ିଶାବାସୀଙ୍କ ପାଇଁ ଗୌରବର କଥା । ଚଳିତବର୍ଷ ଜାତୀୟ ସ୍ତରରେ 'ଅମୃତଫଳ' ଉପନ୍ୟାସ ନିମନ୍ତେ ସେ ମଧ୍ୟ 'ସରସ୍ୱତୀ ସମ୍ମାନ'ରେ ସମ୍ମାନିତ । ମାନପତ୍ର ସହ ପୁରସ୍କାର ଅର୍ଥ ପାଞ୍ଚଲକ୍ଷ ଟଙ୍କା ଶ୍ରୀଯୁକ୍ତ ଦାସଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଅର୍ଥ ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମର ସମୂହ ବିକାଶ ନିମନ୍ତେ ସେ ଦାନ କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ସାହିତ୍ୟ କୃତି ପାଇଁ 'ପଦ୍ମଶ୍ରୀ' ଉପାଧିରେ ସେ ବିଭୂଷିତ । ଚଳିତ ବର୍ଷ 'ଉତ୍କଳ ସାହିତ୍ୟ ସମାଜ'ର ସର୍ବଶ୍ରେଷ୍ଠ ସମ୍ମାନ 'ଉତ୍କଳ ରତ୍ନ'ରେ ଓଡ଼ିଆ ଜାତି ତାଙ୍କୁ ସମ୍ମାନିତ କରି ଗର୍ବିତ ଓ ଆନନ୍ଦିତ । ଶ୍ରୀଯୁକ୍ତ ଦାସଙ୍କୁ ଗୌରବମୟ 'ସରସ୍ୱତୀ ସମ୍ମାନ', ଓ 'ପଦ୍ମଶ୍ରୀ' ଉପାଧି ପ୍ରଦାନର ଶୁଭ ସଂବାଦ ଜାଣି ଆନନ୍ଦ ଉଲ୍ଲାସରେ ବିହ୍ୱଳିତ ହୋଇ ଅଭିନନ୍ଦନ-ପତ୍ର ପଠାଇଥିଲି । ଶ୍ରୀଯୁକ୍ତ ଦାସଙ୍କ ରାଜ୍ୟ, ଦେଶ ତଥା ଦେଶ ବାହାରେ ଅସଂଖ୍ୟ ପ୍ରଶଂସକ ଅଛନ୍ତି । ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ଉତ୍ତର ପଠାଇବା ତାଙ୍କ ପକ୍ଷରେ ସହଜ ବ୍ୟାପାର ନୁହେଁ । ଡେରିରେ ଉତ୍ତର ପଠେଇ ଥିବାରୁ କ୍ଷମା ଭିକ୍ଷା କରିବା, ଜଣେ ଅସାଧାରଣ ମଣିଷର ସୌଜନ୍ୟର ପରିଚୟ ଦିଏ ।

Digitized by srujanika@gmail.com

ପ୍ରାଚ୍ୟ, ପାଶ୍ଚାତ୍ୟ ଦର୍ଶନରେ ଶ୍ରୀଯୁକ୍ତ ଦାସଙ୍କର ଅଗାଧ ପାଣ୍ଡିତ୍ୟ । ଶ୍ରୀଅରବିନ୍ଦଙ୍କ ଦର୍ଶନ ସହ ପୃଥିବୀର ବିଭିନ୍ନ ଧର୍ମର ସମନ୍ୱୟ ତାଙ୍କ ଭାଷଣରୁ ସୁସ୍ପଷ୍ଟ । ପୃଥିବୀର ବିଭିନ୍ନ ଦେଶରେ ତାଙ୍କର ସାରଗର୍ଭକ ଭାଷଣ ନିମନ୍ତେ ସେ ଅଗଣିତ ଶ୍ରୋତାଙ୍କର ଆଦରଣୀୟ । ତାଙ୍କ ଭାଷଣରେ ଗଭୀର ଜୀବନଦର୍ଶନ ଓ ମୂଲ୍ୟବୋଧ ନିହିତ ଥାଏ । ସେ କଠିନ ତତ୍ତ୍ୱଭିତ୍ତିକ ପ୍ରଶ୍ନକୁ ସହଜରେ ସରଳ ଭାବରେ ସ୍ପଷ୍ଟ କରିଦିଅନ୍ତି । ସେ ଥରେ କହୁଥିଲେ, ''ଜୀବନର ଅନୁପସ୍ଥିତି ହିଁ ମୃତ୍ୟୁ । ମୃତ୍ୟୁ ଅନ୍ତ ନୁହେଁ ।'' ବହୁବାର ବିଭିନ୍ନ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ତାଙ୍କ ଭାଷଣ ଶୁଣିବାର ସୌଭାଗ୍ୟ ମୋତେ ମିଳିଛି । ସଭାରେ ଅଗଣିତ ଶ୍ରୋତାଙ୍କ ଜନସମୁଦ୍ର ଦେଖି ଆଶ୍ଚର୍ଯ୍ୟ ଲାଗେ । ସଭା ଶେଷପରେ ଭିଡ କମିଲେବି ଜନଗହଳି ମଧ୍ୟରେ କ୍ଷଣିକ ସାକ୍ଷାତରେ ଅପାର ଆନନ୍ଦ ମିଳେ । ସଭାରୁ ପ୍ରତ୍ୟାବର୍ତ୍ତନ ସମୟରେ ବି ଜନଗହଳିରେ ସମସ୍ତ ଶ୍ରୋତାଙ୍କୁ ଯୋଡହସ୍ତରେ ସେ ନମସ୍କାର ଜଣାନ୍ତି । ତାଙ୍କର 'ଭଲ ଅଛନ୍ତି ?' ମିଠା-କଥା ପଦକ ମନଗହନରେ ଚିରହରିତ୍ ହୋଇ ରହିଥାଏ ।

ଜଗନ୍ନାଥଙ୍କ କରୁଣାରୁ ଶ୍ରୀଯୁକ୍ତ ମନୋଜ ଦାସ ଦିନେ ହୁଏତ ନୋବେଲ ପୁରସ୍କାରର ଅଧିକାରୀ ହେବେ, ଏହା ଆମର ଆଶା ଓ ବିଶ୍ୱାସ । ତାଙ୍କ ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି, ସାହିତ୍ୟ ରାଜ୍ୟ ବାହାରେ ପ୍ରଶଂସିତ ହେଉଅଛି । ସେଥିରେ ଆମର ଅସୀମ ଆନନ୍ଦ । ତାଙ୍କ ସାରସ୍ୱତ ସୃଷ୍ଟି ମାଧ୍ୟମରେ ମଣିଷର ମଣିଷ-ପଣିଆ ସମାଜରେ ଉଦ୍ରେକ ହେଲେ ଆମକୁ ଶାନ୍ତିରେ ନିଃଶ୍ୱାସ ମାରିବାର ସୁଯୋଗ ମିଳିବ ।

'ଜୟ ଜଗତ୍'

• ମନ୍ଦାରି, ବାସୁଦେବପୁର, ଭଦ୍ରକ

Digitized by srujanika@gmail.com

ପଣ୍ଡିଚେରୀରେ ମନୋଜଦମ୍ପତିଙ୍କ ସହ କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତ

ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି

କଲମ୍ବୋ ନଗରରେ 'ହିଂସାଜନିତ ସମସ୍ୟା' ସମ୍ପର୍କୀୟ ଏକ ଆନ୍ତର୍ଜାତିକ କଲୋକ୍ୟୁମ୍ (ମୁକ୍ତ ଆଲୋଚନା ଚକ୍ର)ରେ ପ୍ରବନ୍ଧ ପାଠ ଓ ଆଲୋଚନାରେ ଅଂଶ ଗ୍ରହଣ କରି ଓଡ଼ିଶା ଫେରିବା ବାଟରେ ପଣ୍ଡିଚେରୀ ଯିବାକୁ ସିଦ୍ଧାନ୍ତ କଲୁ । ପଣ୍ଡିଚେରୀ ଯାତ୍ରାର ଏକମାତ୍ର ଉଦ୍ଦେଶ୍ୟ ଥିଲା ଶ୍ରୀମା-ଶ୍ରୀ ଅରବିନ୍ଦ ଆଶ୍ରମ ଦର୍ଶନ କରିବା ଏବଂ ମନୋଜ ବାବୁଙ୍କ ସହିତ ସାକ୍ଷାତ ଆଲୋଚନା କରିବା ।

ବାଲେଶ୍ୱର ଫକୀରମୋହନ କଲେଜରେ ମୁଁ ୧୯୫୩-୫୫ରେ ଆଇ.ଏସ୍‌ସି. ପଢୁଥିବା ବେଳେ ମନୋଜ ବାବୁ ବି.ଏ. ପଢୁଥିଲେ । ସେତେବେଳେ ତାଙ୍କୁ ମୁଁ ଜାଣିଥିଲେ ବି ପରିଚୟ ନଥିଲା । ସେତେବେଳେ ଓଡ଼ିଶାର ବିଭିନ୍ନ କଲେଜରେ ଦୁଇଟି ଛାତ୍ର ସଂଗଠନ ସକ୍ରିୟ ଥିଲା, ଯଥା ଷ୍ଟୁଡେଣ୍ଟସ୍ ୟୁନିୟନ୍ ଓ ଷ୍ଟୁଡେଣ୍ଟସ୍ ଫେଡେରେସନ୍ । ମନୋଜ ବାବୁ ଥିଲେ ଫକୀର ମୋହନ କଲେଜ ଷ୍ଟୁଡେଣ୍ଟସ୍ ଫେଡେରେସନର ଜଣେ ବଳିଷ୍ଠ ନେତା । ସ୍କୁଲସ୍ତରରୁ କବିଭାବେ ପରିଚିତ ମନୋଜ ବାବୁ କଲେଜ ନିର୍ବାଚନରେ ସ୍ୱରଚିତ ସୁଲଳିତ ସଂଗୀତ ଓ ଅଗ୍ନିବର୍ଷୀ ଭାଷଣରେ ଛାତ୍ର ସମାଜକୁ ମୁଗ୍ଧ କରି ପାରୁଥିଲେ । ତାଙ୍କ ପରି ଛାତ୍ରନେତା ଫକୀରମୋହନ କଲେଜରେ ପରବର୍ତ୍ତୀ ସମୟରେ କ୍ୱଚିତ୍ ଦେଖିବାକୁ ମିଳିଥିଲା ।

ଅଧ୍ୟାପକ ଚାକିରୀ କାଳରେ ମନୋଜ ବାବୁଙ୍କ ସହିତ ବ୍ୟକ୍ତିଗତ ପରିଚୟ ଆରମ୍ଭ ହେଲା । ସ୍ୱରଚିତ କବିତା ଓ ଆଲୋଚନା ପୁସ୍ତକ ତାଙ୍କୁ ମଧ୍ୟ ଉପହାର ଦେଇଛି । ପଣ୍ଡିଚେରୀ ଯାତ୍ରା ସମୟରେ ମନରେ ଅଭିଳାଷ ଥିଲା ତାଙ୍କର ସାଧନାପୀଠରେ ତାଙ୍କ ସହିତ ଓ ତାଙ୍କ ଧର୍ମପତ୍ନୀ ପ୍ରତିଜ୍ଞା ଦେବୀଙ୍କ ସହିତ ସାକ୍ଷାତ ଆଲୋଚନା କରିବା । ଆଶ୍ରମରେ ଶ୍ରୀମାଙ୍କ ସମାଧି ଦର୍ଶନ ପରେ ଆଶ୍ରମ କର୍ତ୍ତୃପକ୍ଷ ଜଣେ କର୍ମୀଙ୍କୁ ଆମ ସାଙ୍ଗରେ ମନୋଜ ବାବୁଙ୍କ ବାସଗୃହକୁ ପଠାଇଥିଲେ । ଆଶ୍ରମଠାରୁ ମାତ୍ର ଶହେଗଜ ଦୂରରେ ତାଙ୍କର ବାସଗୃହ । ସେ ସେତେବେଳେ କଲେଜରେ କ୍ଲାସ ନେଇ ଫେରୁଥାନ୍ତି । ସାଇକେଲ ଧରିଥାନ୍ତି । କାନ୍ଧରେ ଗୋଟିଏ ବ୍ୟାଗ ଝୁଲୁଥାଏ । ପରିଧାନ ଟ୍ରାଉଜର ଓ

Digitized by srujanika@gmail.com

ପଞ୍ଜାବୀ । ଶ୍ରୀମତୀ ମହାନ୍ତିଙ୍କ ସହିତ ମୁଁ ତାଙ୍କୁ ପରିଚୟ କରାଇଦେଲି । ସାକ୍ଷାତ ମାତ୍ରେ ଆମର ରହିବାର ବ୍ୟବସ୍ଥା ହୋଇଛି କି ନାହିଁ ପଚାରିଥିଲେ । 'ସୁଇଟ ହୋମ୍' ଅଥବା 'ଗାର୍ଡନ୍ ହାଉସ୍' ଯେଉଁଠି ସୁବିଧା ହେବ ରହିବା ପାଇଁ ଆଶ୍ରମ ସମ୍ପାଦକ କହିଛନ୍ତି ବୋଲି ମୁଁ ତାଙ୍କୁ କହିଲି । ମନୋଜ ବାବୁ କାଳବିଳମ୍ୱ ନ କରି ସାଇକେଲ ଓ ବ୍ୟାଗ୍ ଘରେ ରଖିଦେଇ ଆସି ଆମକୁ ସାଙ୍ଗରେ ଧରି 'ସୁଇଟ୍ ହୋମ୍' ଗଲେ । ତାଙ୍କ ଘର ଲାଇନ୍‌ରେ ପ୍ରାୟ ୩୦ ଫୁଟ୍ ଦୂରରେ 'ସୁଇଟ୍ ହୋମ୍' । ପରିଚାଳକଙ୍କୁ ଡାକି ଆମ ରହିବା ବିଷୟ ତାଙ୍କୁ ଜଣାଇଥିଲେ । ବିଶ୍ରାମ ପରେ ଅପରାହ୍ଣ ୫ଟାରେ ତାଙ୍କ ଘରକୁ ଯିବାପାଇଁ ଆମକୁ ନିମନ୍ତ୍ରଣ କରିଗଲେ ।

ଅପରାହ୍ଣ ଠିକ୍ ପାଞ୍ଚଟାରେ ଆମେ ମନୋଜ ବାବୁଙ୍କ ଘରେ ପହଞ୍ଚିଲୁଁ । ମନୋଜ ବାବୁ ଓ ତାଙ୍କ ସ୍ତ୍ରୀ ଆମ ଆଗମନକୁ ଅପେକ୍ଷା କରି ବସିଥାନ୍ତି । ସେ ଆମକୁ ତାଙ୍କ ସ୍ତ୍ରୀ ଶ୍ରୀମତୀ ପ୍ରତିଜ୍ଞା ଦେବୀଙ୍କ ସହିତ ପରିଚୟ କରାଇଦେଲେ ।

ଅତୀତରେ ଫକୀରମୋହନ କଲେଜରେ ଆମ ଛାତ୍ରଜୀବନ ସମ୍ପର୍କରେ କିଛି ସମୟ ସ୍ମୃତିଚାରଣ କରିଥିଲୁ । ତାଙ୍କ ସମ୍ପାଦିତ 'The Heritage' ର ପ୍ରକାଶନ ବନ୍ଦ ବିଷୟରେ ତାଙ୍କୁ କେତୋଟି ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚାରିଥିଲି । ସମଗ୍ର ଭାରତର ବିଦଗ୍ଧ ପାଠକ ମହଲରେ ଅତ୍ୟନ୍ତ ପ୍ରିୟ ହୋଇଥିବା ଏହି ପତ୍ରିକାର ଏପରି ଅକାଳମୃତ୍ୟୁ ଘଟିବ, ଏହା କେହି ବିଶ୍ୱାସ କରୁ ନଥିଲେ । ଓଡ଼ିଶାବାସୀଙ୍କ ପାଇଁ ସବୁଠାରୁ ବେଶି ଉତ୍ସାହପ୍ରଦ ବିଷୟଥିଲା, ମନୋଜ ବାବୁ ଏହି ପତ୍ରିକାରେ ଉଚ୍ଚକୋଟୀର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ କରୁଥିଲେ । ତାଙ୍କ ସହିତ ଆଲୋଚନାରୁ ଏତିକି ଜାଣିଲି ଯେ ବିଜ୍ଞାପନ ଆଦି କେତେକ ନୀତିଗତ ବିଷୟରେ ମନୋଜ ବାବୁ ସାଲିସ୍ ନକରିବାରୁ ଆର୍ଥିକ କ୍ଷତିଯୋଗୁ 'ଦି' ହେରିଟେଜ୍'ର ପ୍ରକାଶନ ବନ୍ଦ ହୋଇଯାଇଥିଲା ।

ତାଙ୍କର ସାମ୍ପ୍ରତିକ ସାରସ୍ୱତ ସାଧନା ପ୍ରସଙ୍ଗରେ ସେ କହିଲେ ଯେ ବିଭିନ୍ନ ପତ୍ରପତ୍ରିକାକୁ ପୂର୍ବରୁ ସେ ଯେପରି ନିୟମିତ ଲେଖା ପଠାଉଥିଲେ ବର୍ତ୍ତମାନ ତାହା ସମ୍ଭବ ହେଉନାହିଁ । ବିଭିନ୍ନ ଦୈନିକ ଇଂରାଜୀ ସମ୍ବାଦପତ୍ରରେ ତାଙ୍କ ସ୍ତମ୍ଭଲେଖା ପ୍ରକାଶ ପାଉଥିଲା । ତାହା ମଧ୍ୟ ସେ ବନ୍ଦ କରିଛନ୍ତି । ଏହାର କାରଣ ପଚାରିବାରୁ ସେ କହିଲେ ଯେ, ଏହାଦ୍ୱାରା ତାଙ୍କର ସର୍ଜନାତ୍ମକ ଲେଖା ବାଧାପ୍ରାପ୍ତ ହେଲା । ବର୍ତ୍ତମାନ ନିଜର ମୌଳିକ ସୃଷ୍ଟି ଓ ଅନୁବାଦରେ ଅଧିକ ମନୋନିବେଶ କରୁଛନ୍ତି । କଥା ପ୍ରସଙ୍ଗରେ 'ସଚିତ୍ର ବିଜୟା'ର ଜନ୍ମ, ସମ୍ପାଦନା, ସମ୍ପାଦକଙ୍କ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ତାଙ୍କ ବକ୍ତବ୍ୟରୁ ଜାଣିଲି ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଚନ୍ଦାମାମା ପ୍ରକାଶନ ସଂସ୍ଥାର ସର୍ବୋଚ୍ଚକର୍ତ୍ତା ବିଶ୍ୱମ୍ (ବିଶ୍ୱନାଥ ରେଡ୍ଡି) ମନୋଜ ବାବୁଙ୍କ ପରାମର୍ଶ ଲୋଡ଼ନ୍ତି ।

Digitized by srujanika@gmail.com

ଓଡ଼ିଶାର କେତେକ ପ୍ରତିଷ୍ଠିତ ସମ୍ବାଦପତ୍ର ସହିତ ମନୋଜ ବାବୁ ସମ୍ପୃକ୍ତ । ସେଥିରେ ନିୟମିତ ଭାବେ ତାଙ୍କର ଲେଖା ପ୍ରକାଶ ପାଉଥିଲା । ଏବେ ମଧ୍ୟ ସମୟେ ସମୟେ ପ୍ରକାଶ ପାଉଛି । ବ୍ରହ୍ମପୁରରେ ନିକଟ ଅତୀତରେ ଜନ୍ମ ନେଇଥିବା ଦୈନିକ ସମ୍ବାଦ ପତ୍ର 'ଅନୁପମ ଭାରତ'ର ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର ତାଙ୍କର ବନ୍ଧୁ । ଫକୀରମୋହନ କଲେଜରେ ବି.ଏ. ଶ୍ରେଣୀରେ ଶରତ ବାବୁ ଯେ ମୋର ସହପାଠୀ ଥିଲେ ତାହା ଜାଣି ସେ ଖୁସିହେଲେ । କଲିକତାର 'ଅମୃତ ବଜାର ପତ୍ରିକା'ରୁ ଶରତ ବାବୁ 'ଅନୁପମ ଭାରତ'କୁ ଆସିବା ପଛରେ ମନୋଜ ବାବୁ ଯେଉଁ ଭୂମିକା ଗ୍ରହଣ କରିଥିଲେ ତାହା ସଂକ୍ଷିପ୍ତରେ ବର୍ଣ୍ଣନା କରିଥିଲେ । ଏହି କଥାବାର୍ତ୍ତା ମଝିରେ ଆଶ୍ରମର ଟ୍ରଷ୍ଟବୋର୍ଡର ଜନୈକ ସଦସ୍ୟ ଆସିବାରୁ ଅଳ୍ପସମୟ ମଧ୍ୟରେ ଫେରିବେ ବୋଲି କହି ମନୋଜ ବାବୁ ଚାଲିଗଲେ ।

ମନୋଜ ବାବୁ ବିଦାୟ ନେବାପରେ କଥାବାର୍ତ୍ତାର ଆସରକୁ ଜମାଇ ଦେଇଥିଲେ ତାଙ୍କ ପତ୍ନୀ ଶ୍ରୀମତୀ ପ୍ରତିଜ୍ଞା ଦେବୀ । ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଜୀବନାଦର୍ଶ, ଆଶ୍ରମନୀତି, ସେମାନଙ୍କର ଦୈନନ୍ଦିନ ସାଧନା ଇତ୍ୟାଦି ସେ ବର୍ଣ୍ଣନା କରିଥିଲେ । ମନୋଜ ବାବୁ ନିଜର ଓଡ଼ିଆ ରଚନାବଳୀକୁ ନିଜେ ଇଂରାଜୀରେ ଅନୁବାଦ କରିବାରେ ବ୍ୟସ୍ତ ଅଛନ୍ତି ବୋଲି ସେ କହିଲେ । ତାଙ୍କ ଲେଖା ଅନ୍ୟ କେହି ଇଂରାଜୀରେ ଅନୁବାଦ କଲେ ମନୋଜ ବାବୁ ସନ୍ତୁଷ୍ଟ ହୁଅନ୍ତି ନାହିଁ । ତେଣୁ ସେ ସମସ୍ତ କାର୍ଯ୍ୟ ଛାଡିଦେଇ ମୌଳିକ ସୃଷ୍ଟି ଓ ଏହି ଅନୁବାଦରେ ମନ ବଳାଇଛନ୍ତି । ପ୍ରତିଜ୍ଞା ଦେବୀ ପ୍ରଶ୍ନୋତ୍ତର ମାଧ୍ୟମରେ ସୂଚନା ଦେଲେ ଯେ, ସେ ସାରଳା ପୁରସ୍କାର ପାଇବା ପରେ ଡଃ ମହତାବ ମନୋଜ ବାବୁଙ୍କୁ ଅନୁରୋଧ କରିଥିଲେ 'ଝଂକାର'ର ଦାୟିତ୍ୱ ଗ୍ରହଣ କରିବାପାଇଁ, ମାତ୍ର ମନୋଜ ବାବୁ ମହତାବଙ୍କ ପ୍ରସ୍ତାବରେ ଅସମ୍ମତି ପ୍ରକାଶ କରିଥିଲେ । ତାମିଲନାଡୁ, ଆନ୍ଧ୍ର, କେରଳ, ମହୀଶୂର ପ୍ରଭୃତି ଦକ୍ଷିଣ ଭାରତର କେତେକ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ଓ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ମନୋଜବାବୁଙ୍କୁ ଉଚ୍ଚ ସମ୍ମାନ ପ୍ରଦର୍ଶନ କରନ୍ତି ଓ ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଙ୍କର ପରାମର୍ଶ ଗ୍ରହଣ କରନ୍ତି । ଏତଦ୍‌ବ୍ୟତୀତ ବମ୍ବେ, ପୁନା, ବାଙ୍ଗାଲୋର, ଦିଲ୍ଲୀ, କଲିକତା ପ୍ରଭୃତି ବଡ ବଡ ସହରର ସାହିତ୍ୟ-ସମାରୋହ ଓ ବିଦେଶର ଆନ୍ତର୍ଜାତିକ ସେମିନାର୍‌ରେ ମନୋଜ ବାବୁ ନିମନ୍ତ୍ରିତ ହୋଇ ଯୋଗ ଦେଇଥାନ୍ତି ।

ଆମର ଏହି ଆଲୋଚନା ଚାଲିଥିବା ବେଳେ ମନୋଜ ବାବୁ ପ୍ରତ୍ୟାବର୍ତ୍ତନ କରି ଆମ ସହିତ ଯୋଗ ଦେଇଥିଲେ । ଏହି ସମୟରେ ଭୁବନେଶ୍ୱରରୁ ଫୋନ୍ ଆସିଲା । ଫୋନ୍ ରଖିଦେଇ ମନୋଜ ବାବୁ ଉତ୍‌ଫୁଲ୍ଲିତ ଚିତ୍ତରେ ଆମକୁ ଜଣାଇଲେ ଯେ ତାଙ୍କର

Digitized by srujanika@gmail.com

ଅଗ୍ରଜ ତଥା ଭାରତର ପ୍ରଖ୍ୟାତ ଐତିହାସିକ ଡକ୍ଟର ମନ୍ମଥନାଥ ଦାସ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ଭାଇଙ୍କ ନିର୍ବାଚନର ଫଳାଫଳ ଜାଣିବା ପାଇଁ ସେ ଅତ୍ୟନ୍ତ ବ୍ୟଗ୍ରଥିଲେ ବୋଲି ଆମକୁ ଜଣାଇଲେ । ତାଙ୍କ ଭାଇଙ୍କର ସାଫଲ୍ୟ ପାଇଁ ଆମେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଲୁଁ ।

ସେଠାକାର କେତେଜଣ ପରିଚିତ ଓଡ଼ିଆ ବନ୍ଧୁଙ୍କୁ ସାକ୍ଷାତ କରିବା ପାଇଁ ପ୍ରତିଜ୍ଞା ଦେବୀଙ୍କଠାରେ ଆମେ ଇଚ୍ଛା ପ୍ରକାଶ କରିଥିଲୁଁ । ସେ ଏହା ମଧ୍ୟରେ କେତେଜଣଙ୍କୁ ତାଙ୍କ ଘରକୁ ଡକାଇ ଆଣିଥିଲେ । ତାଙ୍କ ଘରେ ଲଲାଟେନ୍ଦୁ ବାବୁ ଓ ତାଙ୍କ ପତ୍ନୀ ମାୟାଦେବୀଙ୍କୁ ସାକ୍ଷାତ କରି ଆନନ୍ଦିତ ହୋଇଥିଲୁଁ ।

ପ୍ରତି ସପ୍ତାହ ପରି ସେଦିନ ସନ୍ଧ୍ୟା ୭ଟାରେ ସାମଗ୍ରିକ ଧ୍ୟାନ (Mass Meditation) କାର୍ଯ୍ୟକ୍ରମ ଥିଲା । ସେଥିରେ ଯୋଗଦେବା ପାଇଁ ଆମେ ଆଗ୍ରହୀ ଥିବାରୁ ମନୋଜ ବାବୁ ଓ ପ୍ରତିଜ୍ଞା ଦେବୀଙ୍କଠାରୁ ବିଦାୟ ଚାହିଁଥିଲୁ । ବିଦାୟ ନେବା ପୂର୍ବରୁ ଆମେ ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କର ଗ୍ରୁପ୍‌ଫଟୋ ଉଠାଇବା ପାଇଁ ମୁଁ ମନୋଜ ବାବୁ ଓ ପ୍ରତିଜ୍ଞା ଦେବୀଙ୍କୁ ଅନୁରୋଧ କଲି । ମନୋଜ ବାବୁ ତତ୍‌କ୍ଷଣାତ୍ ସମ୍ମତି ଜଣାଇ ଫଟୋ ଉତ୍ତୋଳନପାଇଁ ପ୍ରସ୍ତୁତ ହୋଇଗଲେ, ମାତ୍ର ପ୍ରତିଜ୍ଞା ଦେବୀ ରାଜି ହୋଇନଥିଲେ । ସେ ହସି ହସି ଆମକୁ ଉତ୍ତର ଦେଲେ ସେ କ୍ୱଚିତ୍ ନିଜର ଫଟୋ ଉଠାଇଛନ୍ତି । ମୋ ଅନୁରୋଧ ରକ୍ଷା କରି ପ୍ରତିଜ୍ଞା ଦେବୀ ମୋ କ୍ୟାମେରାରେ ଆମ ତିନିଜଣଙ୍କର (ମନୋଜ ବାବୁ, ମୋର ଓ ଶ୍ରୀମତୀ ମହାନ୍ତିଙ୍କର) ଫଟୋ ଉଠାଇଥିଲେ ।

ମନୋଜ ବାବୁଙ୍କ ଗୃହରେ ଆମେ ଯେଉଁ କେତୋଟି ମୁହୂର୍ତ୍ତ ତାଙ୍କ ସହିତ ଓ ତାଙ୍କ ପତ୍ନୀ ପ୍ରତିଜ୍ଞା ଦେବୀଙ୍କ ସହିତ ଅତିବାହିତ କରିଥିଲୁଁ, ତାହା ଅତ୍ୟନ୍ତ ହୃଦ୍ୟ ଓ ଅନ୍ତରଙ୍ଗ ଥିଲା । ବାଲେଶ୍ୱରରେ ମନୋଜ ବାବୁଙ୍କ ସହିତ ଏକାଧିକବାର ସାକ୍ଷାତ୍ ହୋଇଥିଲେ ମଧ୍ୟ ଏପରି ଆନ୍ତରିକ ଆଳାପ ପାଇଁ ସୁଯୋଗ ମିଳି ନଥିଲା । ପ୍ରତିଜ୍ଞା ଦେବୀ ଯେ ଜଣେ ଜ୍ଞାନୀ, ଗୁଣୀ, ମେଳାପୀ ଓ ସ୍ନେହୀ ମହିଳା ତାହା ଜାଣିହେବ ତାଙ୍କ ସଂସ୍ପର୍ଶରେ ଆସିଲେ । କ୍ୱଚିତ୍ କ୍ଷେତ୍ରରେ ସେ ମନୋଜ ବାବୁଙ୍କର ସହଯାତ୍ରୀ ହୋଇ ପଣ୍ଡିଚେରୀ ବାହାରକୁ ଯାଇଥା'ନ୍ତି । ଆଶ୍ରମ ଆଦର୍ଶରେ ଦୈନନ୍ଦିନ ଜୀବନ ଯାପନ କରି ଅଧ୍ୟାପନା ମାଧ୍ୟମରେ ଆଶ୍ରମର ସେବା କରିବାକୁ ସେ ନିଜର ବ୍ରତରୂପେ ଗ୍ରହଣ କରି ନେଇଛନ୍ତି । ମନୋଜ ବାବୁଙ୍କ ସାଧନା ଓ ସିଦ୍ଧି ମୂଳରେ ତାଙ୍କର ସହଧର୍ମିଣୀ ପ୍ରତିଜ୍ଞା ଦେବୀଙ୍କର ଯେ ଐକାନ୍ତିକ ପ୍ରେରଣା, ନିଷ୍ଠା ବିଦ୍ୟମାନ ତାହା ଉଭୟଙ୍କ ସଂସ୍ପର୍ଶରେ ଆସିଲେହିଁ ଅନୁମାନ କରିହେବ ।

ମନୋବିଜ୍ଞାନୀର ଦୃଷ୍ଟି ନେଇ ନୁହେଁ, ସୃଜନଶୀଳତାର ଚକ୍ଷୁନେଇ ରହସ୍ୟମୟ ବ୍ୟକ୍ତିତ୍ୱର ବ୍ୟବଚ୍ଛେଦରେ, କୌତୂହଳୀ ମନ ଅପାର ଆନନ୍ଦ ପାଇଥାଏ । ଏକଦା

Digitized by srujanika@gmail.com

ନାସ୍ତିକତା-ସମ୍ବଳିତ ସାମ୍ୟବାଦୀ ଚିନ୍ତାଧାରରେ ବିଶ୍ୱାସୀ ଥିବା ଛାତ୍ରନେତା ଆସ୍ତିକତାକୁ ଆନ୍ତରିକତାର ସହିତ ଆଲିଙ୍ଗନ କରି ଆଧ୍ୟାତ୍ମିକତା, ଯୋଗ, ସାଧନା ଇତ୍ୟାଦିର ଚରମ ସୀମାରେ ଉପନୀତ ହେବା ନିଶ୍ଚିତଭାବେ ଏକ ରହସ୍ୟମୟ ବ୍ୟକ୍ତିତ୍ୱର ଲକ୍ଷଣ । ମୋର ଅଗ୍ରଜ ତଥା ବରିଷ୍ଠ କଲେଜ ସାଥି ହୋଇଥିଲେ ମଧ୍ୟ ଏବଂ ବୟସର ବ୍ୟବଧାନ ପ୍ରାୟ ୨ ବର୍ଷ ହୋଇଥିଲେ ସୁଦ୍ଧା ପଣ୍ଡିଚେରୀରେ ରହି ମନୋଜ ବାବୁ ଆଲୌକିକ ସିଦ୍ଧିର ପାବଛରେ ଆରୋହଣ କରି ଯେପରି ଯଶସ୍ୱୀ ହୋଇଛନ୍ତି ତାହା ମୋ ମନକୁ ସର୍ବଦା ଭାବନାସିକ୍ତ କରିଥାଏ ।

ସେଦିନ ଅଗ୍ରଜପ୍ରତିମ ମନୋଜବାବୁଙ୍କର ସ୍ନେହ, ଶ୍ରଦ୍ଧା ଏବଂ ପ୍ରତିଜ୍ଞା ଦେବୀଙ୍କର ସହୃଦୟତା ଓ ଆନ୍ତରିକତା ଆମେ ଜୀବନରେ କେବେ ଭୁଲି ପାରିବୁ ନାହିଁ । ଉଭୟଙ୍କର ସରଳ ଜୀବନଯାପନରେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱର ସନ୍ଧାନ ମିଳି ପାରିବ କେବଳ ସେମାନଙ୍କର ନିକଟ ସମ୍ପର୍କରେ ଆସିଲେ ।

• ଅବସରପ୍ରାପ୍ତ ପ୍ରାଧ୍ୟାପକ,
ଗୋପାଳ ଗାଁ,
ବାଲେଶ୍ୱର

Digitized by srujanika@gmail.com

ମନୋଜ ଦାସ : କୃତି ଓ କୃତିତ୍ୱ

Digitized by srujanika@gmail.com

ମନୋଜ ଦାସଙ୍କ ସୁଗମ-ପ୍ରବନ୍ଧ

ଡଃ ଦୁର୍ଗାପ୍ରସନ୍ନ ପଣ୍ଡା

"ସାମସମୟିକ ସାହିତ୍ୟର ସମାଲୋଚନା ଦୁରୂହ ବ୍ୟାପାର । ସାମସମୟିକ ଲେଖକ ପ୍ରତି ସମାଲୋଚକଙ୍କ ବ୍ୟକ୍ତିଗତ, ସାହିତ୍ୟଗତ ବା ସାହିତ୍ୟ ବହିର୍ଭୂତ କାରଣରୁ ସୌଖ୍ୟଭାବ ଅଥବା ବୈର ଭାବ ଥାଇପାରେ । ସେ ଭାବକୁ ଦୂରେଇ ରଖି ସମାଲୋଚନା ଲେଖିବାକୁ ହେଲେ ବିବେକର ଟାଣପଣ ଅକ୍ତିଆରରେ ନିଜକୁ ରଖିବା ଚାହି । କିନ୍ତୁ ଆହୁରି ବଡ ଅସୁବିଧା ହେଲା, ଯଦି ଜଣେ ଲେଖକ ସାମସମୟିକ ହାରାହାରି ମୂଲ୍ୟବୋଧ ଓ ଭାବଧାରାର ଆଗକୁ ବା ଉର୍ଦ୍ଧ୍ୱକୁ ଯାଇ ଲେଖୁଥିବ, ତେବେ ସମାଲୋଚକର ଅନୁଭବ ଶକ୍ତି ଯଥେଷ୍ଟ ବ୍ୟାପକ ହୋଇ ନଥିଲେ, ସେ ଲେଖକକୁ ବୁଝିବ ନାହିଁ ବା ତାକୁ ଭୁଲ୍ ବୁଝିବ । ହୁଏତ ଭୁଲ କାରଣରୁ ତାର ପ୍ରଶଂସା କରିବ ।"

(ବିପୁଳାଚ ପୃଥ୍ୱୀ (ବାସ୍ତବବାଦ ପ୍ରସଙ୍ଗ) ପୃ-୨୩)

ଓଡ଼ିଆ ସମାଲୋଚନାର ଧାରାକୁ ଲକ୍ଷ୍ୟକଲେ ପ୍ରଫେସର ମନୋଜ ଦାସଙ୍କ ଉକ୍ତିର ସତ୍ୟତା ବିଶେଷ ଭାବେ ଉପଲବ୍ଧ ହୋଇଥାଏ । ଯାହାଙ୍କୁ ସମୀକ୍ଷକ ସଖାଭାବେ ଗ୍ରହଣ କରନ୍ତି ବା ଯାହାଙ୍କ ଲେଖା ତାଙ୍କୁ ସୁଖ ପ୍ରଦାନ କରିଥାଏ ତାଙ୍କ ପାଇଁ ଗୁଣ-ବାହୁନା ରୀତି ଅବଲମ୍ବିତ ହୁଏ । ଲେଖକ ପ୍ରତି ବୈରଭାବ ଥିଲେ ତାଙ୍କୁ ସମାଲୋଚନାରେ କେବଳ କୁତ୍ସିତ ନିନ୍ଦା ବାକ୍ୟମାନ ସମର୍ପିତ ହୁଏ । 'ବିଜୁଳି', 'ଇନ୍ଦ୍ରଧନୁ' କାଳରୁ ଏହି ରୀତି ମନୋଜ ଅବଶ୍ୟ ଲକ୍ଷ୍ୟ କରିଥିବେ । ପୁନଶ୍ଚ ମନୋଜଙ୍କ ମତ ହେଲା "ସମାଲୋଚକ ଯଦି ସ୍ୱକୀୟ ମନନଶୀଳତାର ଆଶ୍ରୟନେଇ ଲେଖକଙ୍କ ଉର୍ଦ୍ଧ୍ୱଗାମୀ ଚିନ୍ତାର ସମସ୍ତରକୁ ଯାଇ ନ ପାରିବ ତାର ସମୀକ୍ଷା କର୍ମ ଦୁର୍ବଳ ହେବାକୁ ବାଧ୍ୟ । ବିଶ୍ୱର ଜଣେ କୃତବିଦ୍ୟ ବରେଣ୍ୟ ଲେଖକଙ୍କର କୃତିକୁ ସମୀକ୍ଷା କଲାବେଳେ ଯେତିକି ଉର୍ଦ୍ଧ୍ୱଦୃଷ୍ଟି ଆବଶ୍ୟକ, କୃତାଞ୍ଜଳି ପୁଟେ ମୁଁ କହି ରଖୁଛି ଯେ ମୋର ସେ ପ୍ରକାର ସିଦ୍ଧି ନାହିଁ । ତଥାପି ମୋର ଜାତୀୟ ସାହିତ୍ୟକୁ ଯେଉଁମାନେ ସ୍ୱଦେଶ ଓ ବିଦେଶରେ ବଳିଷ୍ଠ ବୋଲି ପ୍ରତିପାଦନ କରାଇଛନ୍ତି ସେମାନଙ୍କ ଗୁଣ ବାହୁନିବାର ଦୁର୍ନିବାର ମୋହକୁ କିପରି ବା ତ୍ୟାଗ କରି ପାରିବି ?"

Digitized by srujanika@gmail.com

ଏଇ ପ୍ରବନ୍ଧର ଶୀର୍ଷକରେ ଥିବା 'ସୁଗମ ପ୍ରବନ୍ଧ' ପ୍ରସଙ୍ଗଟିକୁ ସର୍ବ ପ୍ରଥମ ବିଚାର କରୁଛି । ଆଲୋଚନାର ପରିସର ମଧ୍ୟକୁ ଗ୍ରନ୍ଥକାର ପ୍ରଫେସର ଦାସଙ୍କ ଯେଉଁ କ୍ଷୁଦ୍ର ପ୍ରବନ୍ଧ ଗୁଡିକୁ ନିଆ ଯାଇଛି, ସେ ସବୁ ପ୍ରବନ୍ଧ ଓଡ଼ିଆ ଖବରକାଗଜ ମାନଙ୍କରେ ମନୋଜଙ୍କ ପାଇଁ ଉଦ୍ଦିଷ୍ଟ ସ୍ତମ୍ଭରେ ପ୍ରକାଶ ପାଇଥିଲା । ସେଗୁଡ଼ିକୁ 'କେତେ ଦିଗନ୍ତ ୧ମ', 'କେତେ ଦିଗନ୍ତ ୨ୟ', 'ସନ୍ଧାନ ଓ ସମୀକ୍ଷା', 'ଅରଣ୍ୟ ଉଲ୍ଲାସ' ଏବଂ 'ବିପୁଳାଚ ପୃଥ୍ୱୀ' ନାମରେ ଗ୍ରନ୍ଥାୟିତ କରାଯାଇଛି । (ଗ୍ରନ୍ଥରେ ସ୍ଥାନିତ ପ୍ରବନ୍ଧାବଳୀ ବାହାରେ ଅନେକ ଗୁଡିଏ ଅପ୍ରକାଶିତ ପ୍ରବନ୍ଧ ମଧ୍ୟ ରହିଛି) 'ବାକ୍ ଦେବତା-ଚରିତ -ଚିତ୍ରିତ-ଚିତ୍ତ-ସଦ୍ମା' ମହାକବି ସାରଳା ଦାସ ଆତ୍ମ ବିଶ୍ୱାସର ବିପୁଳ ଉଲ୍ଲାସରେ ଉଦ୍‌ବୁଦ୍ଧ ହୋଇ ଲେଖିଛନ୍ତି "ଶୂଦ୍ରମୁନି ସାରଳା ଦାସର ଜନ୍ମର ସୁଫଳେ/ଶ୍ରୀ ସରସ୍ୱତୀ ଭଣ୍ଡାର ମୁଁ ବିଧ୍ୱଂସିଲି ପୁଣ୍ୟ ବଳେ ।" (ସାରଳା ମହାଭାରତ-ବିରାଟ ପର୍ବ-ସଂସ୍କୃତି ବିଭାଗ ପ୍ରକାଶନ ପୃ-୫୯୨) । ପୃଥିବୀର ଶ୍ରେଷ୍ଠ ସାହିତ୍ୟ ସମ୍ପର୍କରେ ଅବହିତ କୃତବିଦ୍ୟ ମନୋଜ ପିତାମାତାଙ୍କ ପୁଣ୍ୟ ବଳରେ ଶ୍ରୀ ସରସ୍ୱତୀଙ୍କ ଭଣ୍ଡାର ମନ ଇଚ୍ଛା ଲୁଣ୍ଠନ କରିଛନ୍ତି । 'ସରସ୍ୱତୀ ଭଣ୍ଡାର ବିଧ୍ୱଂସନ'ର ବିରଳ କୃତିତ୍ୱ ହାସଲ କରିଥିବା ଆମର ଏଇ ପ୍ରିୟ ଲେଖକ ସାମସମୟିକ ଘଟଣା ଉପରେ ଲେଖନୀ ଚାଳନା କଲାବେଳେ ବିଚକ୍ଷଣ ଜ୍ଞାନଗରିମା ଏବଂ ବିରଳ ବହୁଶାସ୍ତ୍ରଦର୍ଶିତାର ଯେଉଁ ପରିଚୟ ଦେଇଛନ୍ତି ଓଡ଼ିଆ ସାହିତ୍ୟରେ ତାର ପଟାନ୍ତର ନାହିଁ । ଏତାଦୃଶ ବିପୁଳ ସୃଷ୍ଟିରୁ ଯେଉଁ କେତୋଟି ପ୍ରବନ୍ଧ ଗ୍ରନ୍ଥାୟିତ ହୋଇଛି ତତ୍ ସମ୍ପର୍କରେ ଲେଖକଙ୍କର ନିଜ୍ୱ ବକ୍ତବ୍ୟ ଏହିପରି : "ଏ ସବୁ ରଚନା ଜାତୀୟ ଓ ଆନ୍ତର୍ଜାତୀୟ ଘଟଣାବଳୀକୁ ଭିତ୍ତି କରି ଲେଖା । ପୁଣି ସେ ଦିଗରେ ଘଟଣାବଳୀର ସବୁଠାରୁ ପ୍ରଧାନ ଧାରାକୁ ଯଥା ସମ୍ଭବ ଏଡ଼ାଇ ରଖାଯାଇଛି । ସେ ଧାରା ରାଜନୀତି । ଯେ ହେତୁ ସମ୍ବାଦପତ୍ରର ପୃଷ୍ଠା ରାଜନୀତିରେ ଭର୍ତ୍ତି, ସ୍ତମ୍ଭରେ ଜୀବନର ଅନ୍ୟାନ୍ୟ ବ୍ୟାପାର ଓ ଘଟଣା ଉପରେ ଆଲୋକପାତ କରିବାକୁ ଲକ୍ଷ୍ୟ ରୂପେ ଗ୍ରହଣ କରିଛି । ଅର୍ଥାତ୍ ସବୁ ଲେଖା ପୂରାପୂରି ସ୍ୱାଧୀନ ଇଚ୍ଛାରେ ଲେଖା ପ୍ରବନ୍ଧଗୁଚ୍ଛ ନୁହେଁ । ତେବେ ମୋ ସ୍ୱାଧୀନ ମନ୍ତବ୍ୟ ଉପସ୍ଥାପନର ଅଧିକାର ସମ୍ପାଦକ ଦେଇଥାଆନ୍ତି । ଏହି ସ୍ୱାଧୀନତାର ଉପଯୋଗ କରି ଲେଖକ କେତେବେଳେ ସ୍ତମ୍ଭ ଭିତରକୁ ରମ୍ୟ ରଚନାର ଉପାଦାନ ଆଣିଛି ତ କେତେବେଳେ ଆଣିଛି ଭ୍ରମଣ ରସ, କେତେବେଳେ ତଥ୍ୟ ଓ କେତେବେଳେ କଳ୍ପନା । x x x ଏହା ପ୍ରବନ୍ଧ ନୁହେଁ କି ରମ୍ୟ ରଚନା ନୁହେଁ, କି ତଥ୍ୟାତ୍ମକ ବିବିରଣୀ ମାତ୍ର ନୁହେଁ । ଏହାକୁ 'ସୁଗମ ପ୍ରବନ୍ଧ' ଆଖ୍ୟା ଦିଆଯାଇପାରେ ।" (କେତେ ଦିଗନ୍ତ-୧ମ ଖଣ୍ଡ, 'ଭୂମିକା'-ପୃ୨) ଢଂକାର ପୃଷ୍ଠାରେ ମନୋଜ ଦାସଙ୍କ 'ଅନ୍ତରଙ୍ଗ ଭାରତ'କୁ 'ରମ୍ୟ ପ୍ରବନ୍ଧଧର୍ମୀ ଭ୍ରମଣ କାହାଣୀ ବୋଲି ମଧ୍ୟ କୁହାଯାଇଛି । କୌଣସି ନିର୍ଦ୍ଦିଷ୍ଟ ସାହିତ୍ୟିକ କଥକତା, ସାମାର୍ନ୍ୟ କଥନ, ବାଦ, ପନ୍ଥା ବା ତତ୍ତ୍ୱର/ଶାସ୍ତ୍ରୀୟତାର

Digitized by srujanika@gmail.com

ଅନୁସରଣ କରି ନିଜକୁ ଆଧୁନିକ, ଅତ୍ୟାଧୁନିକ, ଉଭଟ, ବାମପନ୍ଥୀ, ପ୍ରଗତିବାଦୀ ବୋଲି ଦାବି କରୁଥିବା ଲେଖକଙ୍କ ପରି ମନୋଜ କୌଣସି ତତ୍ତ୍ୱର ଅନୁସରଣ କରି ନାହାନ୍ତି । ସକଳ ଶାସ୍ତ୍ରୀୟ ଚେତନାର ପରିଚିତ ଶଗଡଗୁଳାକୁ ଅନୁସରଣ ନ କରି ସେ ସବୁର ବହୁ ଉର୍ଦ୍ଧ୍ୱକୁ ସେ ଯାଇଛନ୍ତି । ତାଙ୍କର ମନ୍ମୟ ପ୍ରବନ୍ଧାବଳୀକୁ ସେ ସଂକ୍ଷିପ୍ତତା, ସବୋଧତା ଏବଂ ଶୈଳୀଗତ ନୂତନତା ଦୃଷ୍ଟିରୁ 'ସୁଗମ ପ୍ରବନ୍ଧ' ଭାବେ ଅଭିହିତ କରିଛନ୍ତି । 'ସମାଜ'ରେ ପ୍ରଥମେ 'ସନ୍ଧାନ ଓ ସମୀକ୍ଷା' ଏବଂ ପରେ 'ସନ୍ଧାନ ଓ ସଂକେତ'ସ୍ତମ୍ଭରେ; 'ଧରିତ୍ରୀ'ରେ 'କେତେ ଦିଗନ୍ତ' ସ୍ତମ୍ଭରେ; 'ସମ୍ବାଦ'ର 'ବିପୁଳାଚ ପୃଥ୍ୱୀ' ସ୍ତମ୍ଭରେ ଏବଂ 'ଅନୁପମ ଭାରତ'ର 'ସୋମବାସରୀୟ ସୌଜନ୍ୟ ସମ୍ପାଦକୀୟ' ସ୍ତମ୍ଭରେ ପ୍ରକାଶ ପାଇଥିବା ସୁଗମ ପ୍ରବନ୍ଧାବଳୀ ମଧ୍ୟରୁ ୪୧୭ ଗୋଟି ବିଭିନ୍ନ ଗ୍ରନ୍ଥରେ ସଂଗ୍ରହ କରାଯାଇଛି । ଇଂରାଜୀ କାଗଜରେ ପ୍ରକାଶ ପାଇଥିବା ମନୋଜଙ୍କ ସ୍ତମ୍ଭ ଗୁଡିକ ହେଲା - Currents and Counters (Thought), Horizon (Yuva Bharat), The Tides of Time (Milestone (HongKong) Times of India) ଏବଂ The Banyan Tree (the Hindustan Times), 'The Heritage')ର ସମ୍ପାଦନା ପାଇଁ ବହୁ ସମୟ ବ୍ୟୟିତ ହେବାରୁ ଇଂରାଜୀ ସ୍ତମ୍ଭ ରଚନାରୁ ସେ କିଛି କାଳ ଅବ୍ୟାହତି ନେଇଥିଲେ ।

ମନୋଜଙ୍କ 'ସୁଗମ ଗ୍ରନ୍ଥାବଳୀ' ମୁଖ୍ୟତଃ ସଂକେତଧର୍ମୀ । 'ମହାକାଳ ସର୍ବଦା ସଙ୍କେତ ଦିଏ । କିନ୍ତୁ ସେ ସଙ୍କେତ ବୁଝିବା ସକାଶେ ଟିକିଏ ସଫା ସୁତୁରା ବିବେକ ଥିବା ଲୋଡା, ନ ହେଲେ ତାର କଦର୍ଥ ହେବ ।'' (କେତେ ଦିଗନ୍ତ ୨ୟ ଖଣ୍ଡ-ସଂକେତର ବ୍ୟାଖ୍ୟା-ପୃ୨) ସବୁ ଲେଖକ ଚାହାନ୍ତି 'ବିବେକୀ ଗ୍ରାହକ କୋଟି ପରମାୟୁ' ନେଇ ତାଙ୍କ ଲେଖା ଅନୁଶୀଳନ କରନ୍ତୁ । ସେ ପ୍ରକାର ଗ୍ରାହକତା ଥାଉ କି ନ ଥାଉ ବଚନରେ ଦରିଦ୍ରତା ପ୍ରଦର୍ଶନ କରିବାର ମହାଜନ ମାର୍ଗକୁ ଅନୁସରଣ କରୁଛି ।

ତାତ୍‌କାଳୀକ ଘଟଣାର ପୃଷ୍ଠପଟରେ ଆଧାରିତ ରଚନା ସମୟର ପୁରାତନତ୍ୱ ଭିତରେ ପୁରୁଣା ହୋଇଯାଇ ପାରେ, ମାତ୍ର ତନ୍ମଧ୍ୟରେ ଯଦି ଚିରନ୍ତନ ବାର୍ତ୍ତା ଅନ୍ତର୍ଗର୍ଭିତ ହୋଇଥାଏ ତେବେ ସ୍ତମ୍ଭ ରଚନା ତାର କ୍ଲାସିକ ଗୌରବ ହରାଏ ନାହିଁ । ଖବର କାଗଜର ପାଠକମାନେ ସ୍ତମ୍ଭ ରଚନା ପଢି ସାମୟିକ ଆନନ୍ଦ ପାଆନ୍ତି । ଖବର କାଗଜ ପଢା ସରିବା ମାତ୍ରେ ଆଉ ସେ ରଚନାର ମୂଲ୍ୟବୋଧ ବିଚାର କରାଯାଏ ନାହିଁ । ମାତ୍ର ସେ ପ୍ରକାର ପ୍ରବନ୍ଧ ଗ୍ରନ୍ଥାକାରରେ ସଂପାଦିତ ହେଲେ, ସେ ସଂକଳନଟିକୁ ପାଠକଲା ବେଳେ ନୂତନ ଧରଣର ଅନୁଭୂତି ଜନ୍ମେ । ୧୯୬୬ ମସିହାରୁ ଲେଖା ଯାଇଥିବା ପ୍ରବନ୍ଧ ଗୁଡିକ ପ୍ରଥମେ ୧୯୮୬ରେ 'କେତେ ଦିଗନ୍ତ ୧ମ'ଖଣ୍ଡ'ରେ ଏବଂ ପରେ ଅନ୍ୟାନ୍ୟ ଗ୍ରନ୍ଥରେ ସଂକଳିତ ହେଲା ।

Digitized by srujanika@gmail.com

ପ୍ରଥମରୁ ମନୋଜ ତାଙ୍କ ମଗଜ ମଧ୍ୟରୁ ରାଜନୀତିକୁ ପିଟିମାରି ଘଉଡାଇ ଦେବାର ମନୋବାସନା ପୋଷଣ କରି ପରୋକ୍ଷରେ ତାର ଭୂତ ଦ୍ୱାରା ଆବିଷ୍ଟ ହୋଇଛନ୍ତି । ସେ କହିଛନ୍ତି -''ଏ ଲେଖକ କୌଣସି ରାଜନୈତିକ ଦଳର ଅନ୍ତର୍ଭୁକ୍ତ ନୁହେଁ । ଏ ଲେଖାଟିକୁ ଉଦାର ପାଠକବୃନ୍ଦ ରାଜନୀତି ନିରପେକ୍ଷ ଦୃଷ୍ଟିକୋଣରୁ ବିଚାର କରିବେ ବୋଲି ଅନୁରୋଧ ।'' (ସମ୍ବାଦ ଓ ସଙ୍କେତ -ଏ ଶିକ୍ଷା ଭ୍ରଷ୍ଟ ଶିକ୍ଷାମନ୍ତ୍ରୀମାନଙ୍କୁ ବି କ୍ଷମା କରିଦେବେ ଭାରତର ଉଦାର ଆତ୍ମା -ପୃ୧୯୯) । ସେ ଅନ୍ୟତ୍ର କହିଛନ୍ତି, 'କେତେ ଦିଗନ୍ତ'ର ସ୍ତମ୍ଭ ରାଜନୀତିକ ଆଲୋଚନା ପାଇଁ ଉଦ୍ଦିଷ୍ଟ ନୁହେଁ । କିନ୍ତୁ ଥରେ ଥରେ ଏ ଭଳି ଘଟଣା ବା ଦୁର୍ଘଟଣାମାନ ସଂଘଟିତ ହୁଏ ଯାହା ଆପାତ ଦୃଷ୍ଟିରେ ରାଜନୀତିର ପରିଧିକୁ ଅତିକ୍ରମ କରି ସମଗ୍ର ମାନବିକ ମୂଲ୍ୟବୋଧର ଭିତ୍ତିକୁ ଦୋହଲାଇ ଦିଏ ।'' (ମୌଳିକ ପାପ 'କେତେ ଦିଗନ୍ତ'-୧ମ-ପୃ୧୦୮) । ଲେଖକଙ୍କ ଏ ଦୁଇଟି ଆତ୍ମ ପକ୍ଷ ବିବୃତି ଯଥାକ୍ରମେ ଦିଲ୍ଲୀରେ ସରସ୍ୱତୀ ବନ୍ଦନା ବିରୋଧରେ ସମବେତ ଚିତ୍କାର ଶୁଣାଉଥିବା ଶିକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀ ପ୍ରସଙ୍ଗରେ ଏବଂ ବଂଗବଂଧୁ ମୁଜିବୁର ରହମନଙ୍କ ହତ୍ୟାକାଣ୍ଡ ଘଟଣା ସହିତ ସଂପୃକ୍ତ । ଏହି ପ୍ରବନ୍ଧଦ୍ୱୟରେ ସାଂସ୍କୃତିକ ଏବଂ ମାନବିକ ମୂଲ୍ୟବୋଧର ଯଶୋଗାନ କରିବାର ଲକ୍ଷ୍ୟ ଚରିତାର୍ଥ ହୋଇଛି, ଯଦିବା ବହିର୍ଦୃଷ୍ଟିରୁ ଏଥିରେ ରାଜନୀତିର ବହଳ ରଙ୍ଗ ଲିପ୍ତ । ''ଶିକ୍ଷାଭ୍ରଷ୍ଟ ଶିକ୍ଷାମନ୍ତ୍ରୀମାନେ ୨୨.୧୦.୯୮ ତାରିଖରେ ଦିଲ୍ଲୀରେ ଚିତ୍କାର କଲେ, ବିଦ୍ୟାଭବନ ମଧ୍ୟକୁ ସରସ୍ୱତୀ ବନ୍ଦନାର ପ୍ରବେଶ ନିଷେଧ ହେଉ, ଅନ୍ୟଥା ବିଦ୍ରୋହ ହେବ ।'' ''ଚିତ୍କାର ହିଁ ଆଜିକାଲି ବହୁ ନେତାଙ୍କ ମାତୃଭାଷା ।'' ଏହିସବୁ ତଥାକଥିତ ଶିକ୍ଷାମନ୍ତ୍ରୀଙ୍କୁ ଲେଖକ 'କଳା ପାହାଡ' ଭାବେ ଅଭିହିତ କରିଛନ୍ତି । ଭାରତର ଶିକ୍ଷାମନ୍ତ୍ରୀଙ୍କୁ ରାଜ୍ୟ ସ୍ତରୀୟ ମନ୍ତ୍ରୀମାନେ କୁହାଇ ନ ଦେବାଦ୍ୱାରା ଏହା ପ୍ରତିପାଦିତ ହେଲା ଯେ ସେମାନେ କେନ୍ଦ୍ରଶିକ୍ଷାମନ୍ତ୍ରୀଙ୍କଠାରୁ ଶକ୍ତିମାନ । ''ଶିକ୍ଷାମନ୍ତ୍ରୀମାନେ ଶିକ୍ଷିତ ଓ ବିଜ୍ଞ ନ ହୋଇ ଉପାୟ ନାହିଁ । ସେମାନଙ୍କୁ ଅଧିକା ପଦେ କହିବା ଭଳି ବିଜ୍ଞତର ବ୍ୟକ୍ତି ଭାରତରେ କେହି ନଥାଇ ପାରେ ବୋଲି ସିଦ୍ଧାନ୍ତରେ ସେମାନେ ଉପନୀତ ହେଲେ କେଉଁ ବୈଜ୍ଞାନିକ ପ୍ରଣାଳୀ ଅନୁସରଣ କରି ?'' ଯୁଗଯୁଗର ସଞ୍ଚିତ ବିଶ୍ୱାସ ଦ୍ୱାରା ଏବଂ ଋଗ୍‌ବେଦରେ ବାକ୍‌ଦେବୀ ବନ୍ଦନା ଥିବା ପଦଦ୍ୱାରା ଭାରତୀୟମାନେ ଉଦ୍‌ବୁଦ୍ଧ । ସୂର୍ଯ୍ୟଙ୍କୁ ବୈଦିକ ଦେବତା ଏବଂ ବାକ୍‌ଦେବୀଙ୍କୁ ବୈଦିକ ଦେବୀ ଭାବେ ନମସ୍କାର କଲେ ସାଂପ୍ରଦାୟିକତା ଉଦୟ ହୁଏ ବୋଲି ଯେଉଁ ଶିକ୍ଷାମନ୍ତ୍ରୀମାନେ କହିପାରନ୍ତି ସେମାନଙ୍କୁ ଉଦାର ଭାରତୀୟମାନେ ସୁଦୂର ଭବିଷ୍ୟତରେ ଭାରତ ଇତିହାସ ପାଠକରି କ୍ଷମା କରିଦେବେ ନିଶ୍ଚୟ । ତଥାପି ସେଇ ଇତିହାସରେ ସେମାନେ 'ଅବାଂଛିତ' ଭାବେ ଚିରଦିନ ରହିଯିବେ । 'ମୌଳିକ ପାପ' ପ୍ରବନ୍ଧରେ ସ୍ୱଦେଶ ପ୍ରେମୀ ମୁଜିବଙ୍କ ପରି ବ୍ୟକ୍ତିଙ୍କୁ

Digitized by srujanika@gmail.com

କାହିଁକି ହତ୍ୟା କରାଗଲା ତାହା ମଧ୍ୟ ଐତିହାସିକମାନଙ୍କ ଗବେଷଣା ସାମଗ୍ରୀ ହେବବୋଲି ମନୋଜ ମନେ କରିଛନ୍ତି ।

କୁହାଯାଏ ରାଜନୀତି ହେଉଛି ବଦମାସମାନଙ୍କ ଶେଷ ଆଶ୍ରୟସ୍ଥଳ । ସେମାନେ ଚଳନ୍ତି ଜୀବନଧାରାକୁ ବିପର୍ଯ୍ୟସ୍ତ କରିବାର ସୌଖିନ ବାସନା ପୋଷଣ କରିବାକୁ ବାଧ୍ୟ । ଅତୀତରେ 'ଘେରାଉ' ଥିଲା । ସେହି ରାଜନୈତିକ ଚାରାଟି ଆଜି ରାକ୍ଷସୋପମ 'ରୁକୋ' ଦ୍ରୁମରେ ପରିଣତ । 'ରୁକୋ ରାକ୍ଷସ କବଳିତ ଭାରତବର୍ଷ' ପ୍ରବନ୍ଧରେ ରାଜନେତାମାନେ ନିଜର କରାମତି ଦେଖାଇବା ପାଇଁ କିପରି ବୀଭତ୍ସ ବାସନା ପୋଷଣ କରନ୍ତି ତାହା କୁହାଯାଇଛି । ଧରନ୍ତୁ ଆପଣ ଆସନ୍ନ ପ୍ରସବା, ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଜନୈକା ରୋଗିଣୀଙ୍କୁ ଡାକ୍ତରଖାନା ଯିବା ବାଟରେ ରୁକୋ-ରାକ୍ଷସମାନଙ୍କୁ ଭେଟିଲେ । ଆପଣଙ୍କ ଆକୁଳ ପ୍ରାର୍ଥନା ଶୁଣି ସେମାନେ କହିବେ, "ଏତେ ବଡ ଅନ୍ୟାୟ ସେମାନେ କରିବେ କିପରି ?" ସମଦୃଷ୍ଟି ସେମାନଙ୍କ ନୀତି । ଏକଥା ଆପଣ ଅନ୍ୟ ଜଣେ ରାଜନେତାଙ୍କୁ କହିଲେ ସେ କହିବେ, "ସେଗୁଡାକ କି ରାସ୍ତା ରୁକୋ କରିବେ, ଆଗାମୀ ସୋମବାର ଆମେ କରିବୁଁ, ଦେଖିବେ ରାସ୍ତା ରୁକୋ କାହାକୁ କୁହାଯାଏ ।" (ସଂସଂ ପୃ୪୧) ରାଜନେତାଙ୍କ ରିଲେ ଫାଷ୍ଟିଂ, (ଯାହାର ଅର୍ଥ ଶିଶୁ ବୃଦ୍ଧାଦିଙ୍କୁ ରାସ୍ତାରେ ଅନ୍ନଜଳ ବିନା ଦିନ ଦିନ ଅନଶନ କରିବାକୁ ବାଧ୍ୟ କରାଯାଏ ।" 'ମାଇକ୍ରୋଫୋନ୍ ଶାଣିତ ଉକ୍ତି ଯୋଗ, ଅହରହ ଚିତ୍କାର କରି ବ୍ୟୟବହୁଳ ସଂସଦୀୟ କାର୍ଯ୍ୟକୁ ଅଚଳ କରୁଥିବା ଜନସ୍ଥଳ ବନ ଗିରି ଆକାଶ ବିହାରୀ ରାଜନେତାଙ୍କ ପାଇଁ ତିନୋଟି ସୁବର୍ଣ୍ଣ ନିୟମ ଶୁଣାଇଛନ୍ତି । ବ୍ରିଟିଶ ପାର୍ଲିଆମେଣ୍ଟରେ ଜନୈକ ବାଚସ୍ପତିଙ୍କ ଦ୍ୱାରା ଏହି ତିନୋଟି ନୀତି ଉଦ୍‌ଘୋଷିତ ହୋଇଥିଲା । "There are three golden rules for parliamentary speakers: Stand up, Speak up, Shut up." (ଅରଣ୍ୟେ ଉଲ୍ଲାସ -ପୃ୧୫୧) ସଂସଦ ଭବନରେ ଗୋଳମାଳ ଓ ହାତାହାତି ଚାଲିଥିବାବେଳେ ବାଚସ୍ପତି ଏକାନ୍ତ ଭାବେ ଅସହାୟ । ଆଜିକାର ରୀତି -'I want to see which party gives me a better offer.' (କେତେ ଦିଗନ୍ତ-୨ୟ-ପୃ-୨୬୪) ।

ସାହିତ୍ୟ -

ଆଜିକାଲି ଗବେଷଣାତ୍ମକ ନିବନ୍ଧଗୁଡିକରେ ବହୁ ବିଚିତ୍ର କଥା ଲେଖା ଯାଉଛି । ଗବେଷକମାନେ ଅନେକ ମୂଳଗ୍ରନ୍ଥର ମଲାଟ ମଧ୍ୟ ଦେଖନ୍ତି ନାହିଁ । "ମହାଭାରତର ମହାନୁବାଦ' ପ୍ରବନ୍ଧରେ ସେ କହିଛନ୍ତି, ଜନୈକା ଲେଖିକା ତାଙ୍କୁ ଦେଇଥିବା ଏକ ଗବେଷଣା ନିବନ୍ଧରେ ଲେଖାଥିଲା,"ରାମଙ୍କ ଆଦେଶରେ ଉଁ ଚୁଁ ନ କରି ସୀତା ଅଗ୍ନି କୁଣ୍ଡରେ ପଶିଗଲେ... ଭାରତୀୟ ନାରୀମାନେ ସେହିପରି ସବୁ ଅନ୍ୟାୟ ଆଦେଶ ସହି

Digitized by srujanika@gmail.com

ଯାଆନ୍ତି ।'' (କେତେ ଦିଗନ୍ତ-ପୃ୧୫୨) ଏହି ଅଭିମତ ପାଠକରି ମନୋଜ ଲେଖିଛନ୍ତି, ''ଭାରତର ଐତିହ୍ୟ ପ୍ରତି ଏହାଠାରୁ ବଳି ଅଧିକ ଅପମାନ କ'ଣ ହୋଇପାରେ ?'' ତଥାପି ସେ ଡକ୍‌ଟର ଉପାଧି ପ୍ରାପ୍ତ । ଆଉ ଜଣେ ମହାଭାରତର ଇଂରାଜୀ ଅନୁବାଦକ 'ଆଂଗ୍ଲୋ-ଭାରତୀୟ' ତାଙ୍କ ଅନୁବାଦ ଗ୍ରନ୍ଥରେ ଷାଠିଏ ପୃଷ୍ଠାର ମୁଖବନ୍ଧ ଲେଖିଛନ୍ତି । ସେ ଜଣେ 'ବିଜ୍ଞ ଅଧ୍ୟାପକ' । ତେଣୁ ତାଙ୍କ ଆଲୋଚନାରେ ବହୁ ଉଦ୍ଭଟ କଥା କୁହାଯାଇଛି । ବିବସନା ହେବା କାଳରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ର ପ୍ରଦାନ କରିବର ତିନିଗୋଟି କାରଣ ସେ ଉଲ୍ଲେଖ କରିଛନ୍ତି । 'ପଣ୍ଡିତଙ୍କ ମତରେ' ''ପ୍ରଥମ : ଦ୍ରୌପଦୀ ତାଙ୍କର ବନ୍ଧୁ ବାନ୍ଧବ; ଦ୍ୱିତୀୟ : ଥରେ କୃଷ୍ଣଙ୍କ ଆଙ୍ଗୁଳି କଟି ଯାଇଥିବା ବେଳେ ଦ୍ରୌପଦୀ ନିଜର ମୂଲ୍ୟବାନ ବସ୍ତ୍ରରୁ ଖଣ୍ଡିଏ ଛିଣ୍ଡାଇ ଆଙ୍ଗୁଳି 'ବ୍ୟାଣ୍ଡେଜ୍' କରି ଦେଇଥିଲେ; ତୃତୀୟ : ଦ୍ରୌପଦୀଙ୍କ ଅନ୍ୟନାମ କୃଷ୍ଣା-ନାମର ଶବ୍ଦଗତ ମୂଲ୍ୟ ଏକ ହୋଇଥିବାରୁ ।'' ଦ୍ରୌପଦୀଙ୍କ ଭକ୍ତି ଭାବନା ଏବଂ କୃଷ୍ଣଙ୍କ ଭାବଗ୍ରାହିତ୍ୱ ସମ୍ପର୍କରେ ମୂଳ ମହାଭାରତର କୌଣସି ଉପାଦାନକୁ ସେ ଏ କ୍ଷେତ୍ରରେ ସ୍ୱୀକୃତି ଦେଇ ନାହାନ୍ତି । ଲେଖକ ପୁନଶ୍ଚ ଅନୁବାଦକଙ୍କ ଜ୍ଞାନ ଗରିମା ପ୍ରସଙ୍ଗରେ ଉଲ୍ଲେଖ ଥିବାର କହିଛନ୍ତି, ଗୀତାରେ ଅର୍ଜୁନ ଅହିଂସାବାଦୀ ଏବଂ କୃଷ୍ଣ ହତ୍ୟାବାଦୀ । ଅର୍ଜୁନ 'ହିଉମାନିଷ୍ଟ' ମାତ୍ର କୃଷ୍ଣ 'ମିଲିଟାରିଷ୍ଟ' । କୁନ୍ତୀ ହେଉଛନ୍ତି 'ମାକ୍‌ବାଥ୍'ଙ୍କ ଠାରୁ ଅଭିନ୍ନ । ଏହିପରି ସେହି 'ବିଶିଷ୍ଟ ଅଧ୍ୟାପକ'ଙ୍କ ଅତ୍ୟାଧୁନିକ ପ୍ରଗତିଶୀଳ ବିଚିତ୍ର ବ୍ୟାଖ୍ୟା ଶୁଣିବା ପରେ ମନୋଜ କହନ୍ତି, ''ଆମ ସାହିତ୍ୟ ଜୀବନର ଉତ୍ସ ଯେଉଁ ବ୍ୟାସ ଓ ବାଲ୍ମୀକି -ଯେତେବେଳେ ସେମାନଙ୍କ ପ୍ରତି ନିର୍ଦ୍ଦୟ ଓ ଦାୟିତ୍ୱହୀନ ବ୍ୟବହାର କରାହୁଏ, ସେତେବେଳେ ନୀରବ ରହିବା ଅନ୍ୟାୟ ।'' (କେତେ ଦିଗନ୍ତ-୨ୟ-ପୃ୧୫୪) ମନୋଜ ତାଙ୍କ ସୁଗମ ପ୍ରବନ୍ଧରେ ନିଜ ବକ୍ତବ୍ୟକୁ ଶକ୍ତିଶାଳୀ କରିବା ନିମନ୍ତେ ବୁଦ୍ଧ ଜାତକ, କଥା ସରିତ୍ ସାଗର, ବ୍ୟାସ, ବାଲ୍ମୀକି ଓ ବିଦେଶୀ ସାହିତ୍ୟରୁ ଦୃଷ୍ଟାନ୍ତମାନ ଦିଅନ୍ତି । ପ୍ରବନ୍ଧ ମଧ୍ୟରେ ମନୋଜ ଗଳ୍ପ-ସାଗର ରୂପେ କିୟତ୍‌କାଳ ଛିଡା ହୋଇ ପୁଣି ପ୍ରାବନ୍ଧିକଙ୍କ ଖୋଳ ମଧ୍ୟକୁ ପଶି ଆସନ୍ତି । ଏଇ ଅପୂର୍ବ ଶୈଳୀ ହେତୁ ପାଠକ ମନୋଜଙ୍କ ଶିଳ୍ପଲୋକ ମଧ୍ୟରୁ ନିଜକୁ ମୁକ୍ତ କରି ପାରନ୍ତି ନାହିଁ । ସେହି ସବୁ ଗଳ୍ପ ମଧ୍ୟରେ ବା ଚରିତ୍ର ମଧ୍ୟରେ ଥିବା ଉର୍ଦ୍ଧ୍ୱମୁଖୀ ଶାଶ୍ୱତ ପୁରୁଷଙ୍କୁ ସେ ଅତି ସୁନ୍ଦର ଭାବେ ଚିହ୍ନାଇ ଦିଅନ୍ତି । ଫଳରେ ଆମେ ଜାଣିଥିବା ଚରିତ୍ରମାନେ ଆମ ଆଗରେ ପୁନଶ୍ଚ ନୂତନ ଜ୍ୟୋତି ନେଇ ଉଭା ହୁଅନ୍ତି । ତାଙ୍କର ସୁଗମ ପ୍ରବନ୍ଧ ମଧ୍ୟକୁ ବିଶ୍ୱର ଶ୍ରେଷ୍ଠ ଲେଖକମାନେ ଧସେଇ ପଶି ଆସନ୍ତି ଏବଂ ଆମର ଅଶ୍ରୁତପୂର୍ବ, ଅଦୃଷ୍ଟପୂର୍ବ ବିଶ୍ୱର ପ୍ରଥିତଯଶା ଲେଖକଙ୍କ ସହିତ ପରିଚୟ ଘଟେ । ଏ ଯୁଗରେ ବିନା ମେଘରେ କୁଳିଶ ସୃଜି ପାରୁଥିବା ପୋଲିସ ବାବୁ ଅପରାଧୀ ଭାବେ ନିର୍ଦ୍ଦୋଷକୁ କାଠଗଡ଼ାରେ ଛିଡା କରାଇ ପାରିବେ; କିନ୍ତୁ ଓ. ହେନେରୀଙ୍କ ଗଳ୍ପର ପୋଲିସ୍‌ର ବ୍ୟକ୍ତିତ୍ୱ ତାଙ୍କୁ ପ୍ରଭାବିତ କରି ପାରି

Digitized by srujanika@gmail.com

ନାହିଁ । ମନୋଜ ଲେଖିଛନ୍ତି-ଚୋରଟିଏ ଚାବି ଭାଙ୍ଗିବାର ଉପକରଣଗଡ଼ିକୁ ଗୋଟିଏ ଥଳିରେ ନେଇ ସେ ସବୁକୁ ଚିରଦିନପାଇଁ ବିସର୍ଜନ କରିବାକୁ ଯାଉଛି । ସେ ବିବାହ କରିବ, ଭଦ୍ର-ଜୀବନ ଯାପନ କରିବ, ସୁତରାଂ ଚୋରିପାଇଁ ଆବଶ୍ୟକ ଉପକରଣକୁ ଗୋପନ ଭାବେ ସ୍ଥାନାନ୍ତରିତ କରିବ । ଏଣେ କୁଖ୍ୟାତ ଚୋରକୁ ପୋଲିସ ଖୋଜୁଥିବା ବେଳେ ସନ୍ଦେହରେ ସେହି ଲୋକଟିକୁ ଅନୁସରଣ କରୁଛି । ହଠାତ୍ ବାଟରେ ସେ ଶୁଣିଛି ଗୋଟିଏ ଆଲମାରୀ ମଧ୍ୟରେ ପିଲାଟିଏ ପଶିଯିବା ପରେ ଆଲମାରୀ ବନ୍ଦହୋଇ ଚାବି ପଡି ଯାଇଛି । ହୁଏତ ଶ୍ୱାସରୁଦ୍ଧ ହୋଇ ପିଲାଟି ମିରିଯିବ, କାରଣ ତତ୍ରସ୍ଥ ବ୍ୟକ୍ତି ଚାବି ଖୋଲି ପାରିବେ ନାହିଁ । ଏତିକିବେଳେ ଚୋରଟି ନିଜର ସମସ୍ତ ସୁଖ ସ୍ୱପ୍ନକୁ ଭୁଲି ସେହି ଥଳିରୁ ଚାବି ଭୁଙ୍ଗା ଉପକରଣ ବାହାର କରିଛି ଏବଂ ପିଲାଟିକୁ ରକ୍ଷା କରିଛି । ଧରା ପଡିବା ଭୟ, ଘର ସଂସାର କରିବାର ବାସନା ଆଦିକୁ ଛାଡି ମଧ୍ୟ ସେ ମେଘମୁକ୍ତ ଉଷାସମ ନିର୍ମଳ ହୋଇ ଯାଇଛି । ପୋଲିସ ବାବୁ ଚୋରକୁ ପାଖକୁ ଡାକି କହିଲେ, ''ବାବୁ ତୁମ ବାଟରେ ତୁମେ ଯାଅ, ଧରିନିଅ ମୁଁ ତୁମକୁ ଚିହ୍ନିନାହିଁ ।'' ମାନବିକତାର କ୍ଷୀଣ ଆଲୁଅ ଅନେକ ଆଲୋକକୁ ମ୍ଳାନ କରିପାରେ । ମାତ୍ର ଚେତନାର ଉଦ୍‌ବର୍ତ୍ତନ ନ ଘଟିଲେ ମଣିଷ ଆଧାତ୍ମିକ ଭୂଖଣ୍ଡରେ ପ୍ରବେଶ କରିପାରେ ନାହିଁ । ଆଉ ଗୋଟିଏ ସତ୍ୟ ଘଟଣା-ପୋଲିସ ଚାକିରୀ ପାଇଁ ବାରମ୍ବାର ପ୍ରାର୍ଥୀ ହୋଇ ଅଯୋଗ୍ୟ ବିବେଚିତ ବ୍ୟକ୍ତିଟିଏ ପୋଲିସ ପୋଷାକ ପିନ୍ଧି କିଛି ଭଲକାମ କରିବାର ସୁଯୋଗ ଖୋଜୁଥାଏ । ଦିନେ ଗୋଟିଏ ଘରେ ନିଆଁ ଲାଗିଗଲା । ସେହି ଘରୁ ସମସ୍ତେ ଜୀବନ ଘେନି ଆସିଲେ ମାତ୍ର ରହିଗଲା ଏକ ଶିଶୁ । ସମସ୍ତେ କାନ୍ଦୁଛନ୍ତି, ବିକଳ ହେଉଛନ୍ତି, ଏଇ'ସମୟରେ ଛଦ୍ମବେଶୀ ପୋଲିସ ପୋଷାକ ପରିହିତ ବ୍ୟକ୍ତିଟି ପିଲାଟିକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କଲା । ସେହି ଉଦ୍ଧାରକାରୀ ପୋଲିସ, ରକ୍ଷା ପାଇଥିବା ଶିଶୁ ସହିତ ପୋଲିସ ଅଫିସରଙ୍କ ଫଟୋ ନିଆଯିବ, ଉତ୍ସବ ହେବ ଏବଂ ତାକୁ ପୁରସ୍କାର ଦିଆଯିବାର ଘୋଷଣା କରାଗଲା । ପୋଲିସର ଦକ୍ଷତା ସମ୍ପର୍କରେ ବଜ୍ର ନିର୍ଘୋଷଣା କରାଗଲା । ପରଦିନକୁ ସେହି ପୋଲିସ ପୁରସ୍କାର ପାଇବାର କଥା; ମାତ୍ର ସେ ଲୁଚିଥିଲେ ନିଜକୁ ଅପରାଧୀ ମନେକରି । ପରେ ତାଙ୍କୁ ଠାବ କରାଗଲା ଏବଂ ପ୍ରତିପାଦନ କରାଗଲା-ଇଏ ଜଣେ ଠକ । ଓ. ହେନେରୀଙ୍କ ପରି ଲେଖକ ଏବଂ ଆମ ଦେଶର ଆଇନ୍‌ର ଠିକାଦାରମାନଙ୍କୁ ପରଖ କିରବାକୁ ମନୋଜ ଆମକୁ ସଂକେତ ଦେଇଛନ୍ତି । ମାନବିକ ମୂଲ୍ୟବୋଧ କଥା ଅନେକେ ପାସୋରି ଯାଇ ପାରନ୍ତି, ମାତ୍ର ଏହାର ପ୍ରଭାବ ଅବିସ୍ମରଣୀୟ । ଅର୍ଥ କିମ୍ବା ପଦ ପଦବୀର ଉଷ୍ମ ସ୍ପର୍ଶ ପାଇଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଅପରିବର୍ତ୍ତିତ ରଖି ପାରିବା ଲୋକ ପୃଥିବୀରେ ଖୁବ୍ କମ୍ ଅଛନ୍ତି । ଚାଲାକ ଲୋକମାନେ ବ୍ୟକ୍ତିତ୍ୱର ପରିବର୍ତ୍ତନକୁ ଧରା ପଡିବାକୁ ଦିଅନ୍ତି ନାହିଁ । ଏହି ସାଧାରଣ କଥାଟିକୁ ଅସାଧାରଣ ଢଙ୍ଗରେ କୁହାଯାଇଛି ''ଦୁଇ ସାମ୍ରାଜ୍ୟ

Digitized by srujanika@gmail.com

ଆଚରଣ'ରେ । ଦରିଦ୍ର ପିଲାଟିଏ ଚା' ଦୋକାନରେ ଚାକିରୀ କରୁଥିବା ବେଳେ ଦୋକାନୀଠାରୁ ମାଡ ଗାଳି ଖାଉଥିଲା । ଭାଗ୍ୟକ୍ରମେ ସେ ହେଲା ଧନୀଲୋକ । ଅଥଚ ତାକୁ ଚା' ପରଷୁଥିବା ପିଲାକୁ ସେ ମଧ୍ୟ କର୍କଶ ଆଚରଣ କଲା ।

ମାର୍କସ୍‌ବାଦ, ଡାଡାବାଦ, ବାସ୍ତବବାଦ, ଅତିବାସ୍ତବବାଦ ଆଦି ସମ୍ପର୍କରେ ଓଡ଼ିଆ ଏବଂ ଇଂରାଜୀ ସାହିତ୍ୟର ଛାତ୍ରମାନେ ବିଭିନ୍ନ ଗ୍ରନ୍ଥରୁ ଅଧ୍ୟୟନ କରନ୍ତି । ଆମେ, ଯେଉଁମାନେ ଛାତ୍ରମାନଙ୍କୁ ଏ ସବୁ ସମ୍ପର୍କରେ ଜ୍ଞାନଦାନ କରୁଁ, କହିବା ନିଷ୍ପ୍ରୟୋଜନ ଯେ, ଆମ୍ଭେମାନେ ଅପରିପକ୍ୱ ଜ୍ଞାନ ନେଇ କାମ ଚଳାଇ ଦେଉଁ । ମନୋଜ ଏ ପ୍ରସଙ୍ଗରେ ବିଶ୍ଳେଷଣ ଦେଇ ଯାହା କହନ୍ତି ତାର ସାରମର୍ମ ହେଲା, ''ଯେଉଁମାନେ ମୋଟେ ଶିଳ୍ପୀ ବା କବି ନୁହନ୍ତି ସେମାନେ ଏହି ଆନ୍ଦୋଳନର ଧ୍ୱଜା ତଳେ ଆଶ୍ରୟ ନେଇ କେବଳ ଏହାର ଅଖାଡୁଆ ଅଂଶଟି ଉପରେ ଜୋର ଦେଇ 'ବିଦ୍ରୋହୀ-ପ୍ରତିଭା-ଯଶଃ ପ୍ରାର୍ଥୀ'' ହେବାକୁ ମୁହୂର୍ତ୍ତେ ବିଳମ୍ବ କରି ନାହାନ୍ତି ।'' (ସଂକ୍ରାମକ ହସ୍ତୀ-କେ.ଦି.୧ମ-ପୃ୧୬) ''Surrealistic Proverb''ଗୁଡିକ ମଧ୍ୟରୁ ଗୋଟିଏ ପ୍ରବାଦ ହେଲା ''ହାତୀମାନେ ସଂକ୍ରାମକ''(Elephants are contagious) ପୁନଶ୍ଚ ଅତିବାସ୍ତବବାଦୀମାନେ କହନ୍ତି, ''ତମ ଜନନୀଟି ତରୁଣୀ ଥାଉଁ ଥାଉଁ ତାଙ୍କୁ ମାଡ ଦିଅ ।'' (Beat your mother while she is young.) ''ନିୟମ, ଶୃଙ୍ଖଳା, ଯୁକ୍ତି, ନୀତି ଇତ୍ୟାଦିର ଗତାନୁଗତିକ ଆଧିପତ୍ୟ ବିରୋଧରେ ଏକ ବିଦ୍ରୋହ ରୂପେ ପ୍ରଥମ ମହାଯୁଦ୍ଧ ସମୟରେ ଡାଡାବାଦ (Dadaism) ର ପ୍ରବର୍ତ୍ତନ ହୋଇଥିଲା । ଶବ୍ଦଟିର ଉଦ୍‌ଭାବକ ବୋଧହୁଏ ଟ୍ରିସ୍‌ଟାନ ଜାରା । ଫରାସୀ ଭାଷାରେ 'ଡାଡା'ଶବ୍ଦର ଅର୍ଥ 'ପିଲାଳିଆ' ।'' (ତତ୍ରୈବ) ''ଡାଡା-ଡାଡା ରୂପକ ଅର୍ଥହୀନ ଉଚ୍ଚାରଣରୁ ଡାଡାବାଦ ଅଭିବ୍ୟକ୍ତିଟି ଗଠିତ ।'' ଏ ସମ୍ପର୍କରେ ମନୋଜ କେତେକ ବ୍ୟାଖ୍ୟା ଦେବାପରେ ଅତିବାସ୍ତବବାଦୀ ଗୋଟିଏ ଇଂରାଜୀ କବିତାର ସ୍ୱକୀୟ ଅନୁବାଦ ପ୍ରଦାନ କରିଛନ୍ତି । ଏହି କବିତାଟିର ବ୍ୟାଖ୍ୟା ସେ ଦେଇ ନାହାନ୍ତି । ମୋ ପରି ଅନେକଙ୍କ କ୍ଷୁଦ୍ର ବୁଦ୍ଧିର ଅଗମ୍ୟ ଏଇ କବିତାଟିକୁ ଆମୂଳାନ୍ତ ଉଦ୍ଧାର କରିବାର ଲୋଭ୍ ସମ୍ବରଣ କରି ପାରିଲି ନାହିଁ । କବିତାଟି ଏହିପରି :

ସରଳ ମଣିଷମାନେ

ସିଝା କୁକୁଡା ଏବଂ ଅଭିନେତା ଭିତରେ କନ୍ଦଳ ଲାଗିଲା
ଧୂଳିମେଘ ପ୍ରସ୍ତ ପ୍ରସ୍ତ ଉଡିଗଲା ସହର ଉପରେ,
ଭେରି ଭଳି ଶବ୍ଦ କରି-
ଏଡେ ତୀବ୍ର ନାଦରେ ଯେ ତାର ଟୋପିଟା ହେଲା କଂପିତ
ଏବଂ ତାର ଦାଢି ଟାଙ୍କୁରି ଉଠି
ତାର ନାସିକାକୁ ଦଂଶନ କରିବାକୁ ଉଦ୍ୟତ ହେଲା ।

Digitized by srujanika@gmail.com

ଏତିକି ଜୋର୍‌ରେ ବାଜିଲା ଭେରି,
ଯେ ତାର ନାକ ବାଦାମ ଖୋଳ ଭଳି ଫାଟିଗଲା
ଆଉ ବାଦାମ ଗୋଟିକ ଛେପ ସାଥିରେ
ବହୁ ଦୂର ଛିଟିକ ପଡିଲା
ଯେଉଁଠି ଗାଈର କନିଷ୍ଠ ବାଛୁରୀଟି
ତା ମାଆର ଦୁଗ୍ଧ ବିକ୍ରୟ କରୁଥିଲା
ଶୂକର ଚର୍ମ ନିର୍ମିତ ଫ୍ଲାସ୍କରେ
ତା ବାପା - ।

(ବେଞ୍ଜାମିନ୍ ପେରେଟ୍)-(ତତ୍ରୈବ)

(ଓଡ଼ିଶାରେ ଅନେକ ବୌଦ୍ଧିକ ବାମନ ରାତାରାତି ଅତିବସ୍ତବବାଦୀ ହେବାକୁ ନିରୁତା ଛଳନାର ଆଶ୍ରୟ ନେଇଛନ୍ତି ।) ତତ୍ତ୍ୱର ଅତୁଆସୂତା ମେଞ୍ଚାଏ ନ ଥୋଇ ମନୋଜ 'ବିପୁଳାଚ୍ ପୃଥ୍ୱୀ'ରେ ଆଧୁନିକତା ସମ୍ପର୍କରେ ଯେଉଁ ଶାସ୍ତ୍ରୀୟ ଜ୍ଞାନ ପ୍ରଦାନ କରିଛନ୍ତି, ପ୍ରତ୍ୟେକ ଇଂରାଜୀ ଓ ଓଡ଼ିଆ ଅଧ୍ୟାପକ ତାହା ପାଠ କରିବା ଉଚିତ । ଏ ପ୍ରସଙ୍ଗରେ ତାଙ୍କର ପ୍ରବନ୍ଧ ସମସାମୟିକ ସମାଲୋଚନା: କେତେକ ମାରାତ୍ମକ ଧାରା ଓ ଧାରଣା, ''ସାହିତ୍ୟର ଆଭିମୁଖ୍ୟ', 'ଅଭିବ୍ୟକ୍ତିର ସନ୍ତୁମତା', 'ସାହିତ୍ୟ ଓ ଔଚିତ୍ୟବୋଧ', 'ବ୍ୟାସ ବାଲ୍ମୀକିଙ୍କ ଉତ୍ତରାଧିକାର' ଆଦି ସାହିତ୍ୟସ୍ରଷ୍ଟା ମାନଙ୍କ ପକ୍ଷେ ଅଧିତବ୍ୟ ମନେହୁଏ । ମନୋଜ ଲେଖିଛନ୍ତି, ''ସମୟ ବଦଳି ଯାଇଛି, ଅସଂଖ୍ୟ ବହି ପ୍ରକାଶ ପାଇଛି, କିନ୍ତୁ ଅଧିକାଂଶ ଅଜ୍ଞାନ, ଅବିଦ୍ୟା ଓ ଅର୍ଦ୍ଧବିଦ୍ୟା ସମ୍ଭୂତ ରଚନା । x x x ସୁସାହିତ୍ୟ ଅଧ୍ୟୟନ ଦ୍ୱାରା ପାଠକ ଯେପରି ନିଜ ଭିତରେ ବିଭିନ୍ନ ଭାବକୁ ତଉଲି ଦେଖୁଥାଏ, କେତେବେଳେ ଚିନ୍ତାମଗ୍ନ ହେଉଥାଏ, କେତେବେଳେ ଧ୍ୟାନସ୍ଥ ହେଉଥାଏ । ନିଜ ସହ ବ୍ୟକ୍ତିଗତ ସଂଳାପର ସେ ସୁଯୋଗ, ବହି ଛଡା ଆଉ କେହି କିଛି ଦେଇ ପାରିବ ନାହିଁ । ('ବହି' -ଅରଣ୍ୟ ଉଲ୍ଲାସ ପୃ୧୦୭)

ଭାରତୀୟମାନେ ମନେ କରନ୍ତି ପୁରସ୍କାରପ୍ରାପ୍ତ ପୁସ୍ତକମାତ୍ରେ 'ଭଲ ବହି' ଶ୍ରେଣୀୟ । ଇଂରେଜୀରେ ଲେଖୁଥିବା ଭାରତୀୟ ଲେଖକ ଲେଖିକାମାନେ ବ୍ରିଟିଶ୍‌ମାନଙ୍କଠାରୁ ପୁରସ୍କାର ପାଇଲେ ସେମାନଙ୍କ ବହି ଭାରତରେ ବ୍ୟାପକ ଭାବେ ଅଧ୍ୟୟନ କରାଯାଏ । ଏହିପରି ଖଣ୍ଡିଏ ପୁରସ୍କାର ପ୍ରାପ୍ତ ବହିକୁ ମନୋଜ ବିରକ୍ତିବୋଧ ସହିତ ତାର କେତେକ ଅଂଶକୁ ନ ପଢି ଶେଷ କରିଥିବା ଉଲ୍ଲେଖ କରିଛନ୍ତି ।

ଜନୈକା ବିଦେଶିନୀ ମନୋଜଙ୍କୁ ସେ ବହି ଖଣ୍ଡିକ ପଢିଛନ୍ତି କି ନାହିଁ ବୋଲି ପ୍ରଶ୍ନକଲେ । ବିଦେଶିନୀଙ୍କ ମନ୍ତବ୍ୟ ହେଲା, ''ଜଣେ ଭାରତୀୟ ନାରୀ ଏତେ ନିର୍ଲ୍ଲଜତାର ପରିଚୟ ଦେଇ ପାରିବ ବୋଲି ମୁଁ କଳ୍ପନା କରି ପାରି ନଥାନ୍ତି । x x x ଲେଖକ ଯେପରି

Digitized by srujanika@gmail.com

ନିଜ ମନର ଆବର୍ଜନା ପ୍ରକାଶ କରି ନିଜେ ମୁଗ୍ଧ, ସେମାନେ (ଯେଉଁମାନେ ଏହାଙ୍କୁ ପୁରସ୍କାର ଦେବାକୁ ସୁପାରିଶ କରିଥିଲେ) ସେହିପରି ସେ ଆବର୍ଜନା ଚଟାଚଟି କରି ମୁଗ୍ଧ ହେଉଥିବେ । ସେ ବିଚାରକମାନେ ସମାଲୋଚନାର ଶରବ୍ୟ ହେଲେଣି । ଗୋଟିଏ ଖବର କାଗଜ ସେମାନଙ୍କୁ ମାଙ୍କଡ ବୋଲି କହିଛି ।''

('ଭାରତୀୟ ଚାତୁର୍ଯ୍ୟ'-ସନ୍ଧାନ ଓ ସଙ୍କେତ-ପୃ୧୩୮)

ପ୍ରତ୍ୟେକ ବିଦଗ୍ଧ ପାଠକଙ୍କର ଏକ ପାଠକୀୟ ଦାୟିତ୍ୱ ରହିଛି । ସେହି ଦାୟିତ୍ୱ ପାଳନର ଫଳଶ୍ରୁତି-'ନିରୋଦ ଚୌଧୁରୀଙ୍କୁ ନମସ୍କାର ।' ମନୋଜ ଲେଖିଛନ୍ତି ''ହେ ନିରୋଦ ଚୌଧୁରୀ ! ଯେତେ କଟୂକ୍ତି କରିବ କରିଯାଅ । ତମ ପ୍ରତି ମୋର ସହାନୁଭୂତିର କାରଣ, ତମେ ଯେତେ କାଳିମା ଫୁଟାଇଲେ ବି ଆମର ସାଂପ୍ରତିକ କାଳିମାର ବହଳତାକୁ ତୁମେ ବଳିଯାଇ ପାରିବ ନାହିଁ । ତୁମକୁ ନମସ୍କାର । କିନ୍ତୁ ବାସ୍ତବ ଆଗରେ ତୁମ ଚାତୁରୀ ପରାଜିତ ।'' (ବିପୁଳାଚ୍ ପୃଥ୍ୱୀ-ପୃ୭୩)

ଜଣେ କୁତ୍ସା-ପ୍ରେମୀ ଲେଖକ ନକାରାତ୍ମକ ଅନ୍ଧକାରାଚ୍ଛନ୍ନ ଜୀବନ-ପରିଧି ମଧ୍ୟରେ ଘୂରି ବୁଲିଲେ ଭାରତୀୟ ସାହିତ୍ୟର କି ଉନ୍ନତି ହେବ ତାହା ପ୍ରତ୍ୟେକ ସୃଷ୍ଟିଶୀଳ ଲେଖକ ଚନ୍ତା କରିବା ଉଚିତ । ରୁଚି ଯେତେବେଳେ ରୁଗ୍ଣ ହେବ ସେତେବେଳେ ନଗ୍ନ ଚିତ୍ର ସମ୍ବଳିତ ବାତ୍ସାୟନଙ୍କ କାମସୂତ୍ର ପରି ବହି ଧନୀମାନଙ୍କଦ୍ୱାରା ଆଦୃତ ହେବ । ସିନେମାର ଅଶ୍ଳୀଳ ଚିତ୍ର ଥିବା ପତ୍ରିକା ଲେଖକଙ୍କ ମତରେ 'ଆବର୍ଜନା' ।

ସମାଜ ଜୀବନ ସମ୍ପର୍କରେ ନାନାକଥା -

ଚଳନ୍ତି ଜୀବନଧାରା ସହିତ ସମ୍ପୃକ୍ତ ଅନେକ କଥାକୁ ଉପଜୀବ୍ୟ କରି ମନୋଜ ତାଙ୍କ 'ସୁଗମ ପ୍ରବନ୍ଧ' ପ୍ରସ୍ତୁତ କରି ଥାଆନ୍ତି । କେତୋଟି ଦୃଷ୍ଟାନ୍ତ ଦେଉଛି । ବିଦେଶରେ ଉଚ୍ଚ ପଦବୀରେ ଜଣୈକ ଭାରତୀୟ ଯନ୍ତ୍ରବିଜ୍ଞାନୀ କାର୍ଯ୍ୟ କରୁଥିଲେ । ସେ ଭାରତରେ କର୍ମ ଗ୍ରହଣ କରିବାକୁ ଉଚିତ ମନେକରି ଏକ ପଦବୀରେ ନିଯୁକ୍ତି ପାଇଲେ । ଅନେକଙ୍କ ଧାରଣା ହେଲା ମନ୍ତ୍ରୀଙ୍କ ଅନୁଗ୍ରହ ହେତୁ ତାଙ୍କୁ ସେହି ଉଚ୍ଚ ପଦଟି ମିଳିଲା । ତାଙ୍କ ସନ୍ତାନ ପିତାଙ୍କ ପରି ମେଧାବୀ ଏବଂ ବିଦେଶରେ ମେଧା ତାଲିକାରେ ସ୍କୁଲରେ ସେ ସର୍ବୋଚ୍ଚ ସ୍ଥାନ ପାଏ । ମାତ୍ର ଭାରତକୁ ଆସି ସେ ସ୍କୁଲରେ ପ୍ରବେଶ ଅଧିକାର ପାଇଲା ନାହିଁ, କାରଣ କୌଣସି ପଦସ୍ଥ ଲୋକର ସୁପାରିଶ ବଳରେ ସେ ପ୍ରିନ୍ସିପାଲ୍‌ଙ୍କୁ ମୁଗ୍ଧ କରିପାରିଲେ ନାହିଁ । ବହୁ କଷ୍ଟରେ ଅବଶ୍ୟ ସେ ପିଲା କେବଳ ସୁପାରିଶ ଭିତ୍ତିରେ ସ୍କୁଲରେ ପ୍ରବେଶ ଅଧିକାର ପାଇଲା । ସେହି ଯନ୍ତ୍ରବିଜ୍ଞାନୀ ଭାରତର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କିଛି ଦୃଶ୍ୟମାନ କାର୍ଯ୍ୟ କରିବାର ଏକ ପରାମର୍ଶ ସରକାରଙ୍କୁ ଉପରିସ୍ଥ ହାକିମଙ୍କ ମାଧ୍ୟମରେ ପ୍ରଦାନ କଲେ । ଉପର ପାହ୍ୟାର ମହାନ୍ ଅଫିସର ଜଣକ କହିଲେ ''ତୁମେ କାହିଁକି ବୃଥାଟାରେ ଗୁଡାଏ ସମସ୍ୟା ଡାକି ଆଣୁଛ ?'' (ଅର୍ଥାତ୍ ଦରମା ନିଅ, ଉପୁରିର

Digitized by srujanika@gmail.com

ସୁଯୋଗ ନିଅ-, କାମଦାମ କରନାହିଁ । ଏଇଠି ଯୋଗ୍ୟତାର ଚାବିକାଠି ହେଲା ''ଧରାଧରି'' । ସେଇ ବ୍ୟକ୍ତିଙ୍କୁ ଲେଖକ କହିଛନ୍ତି, ''ସରକାର ମଣିଷର ଶେଷ ବିଚାରକ ନୁହନ୍ତି ।'' ପ୍ରତିଭାବାନ୍ ବ୍ୟକ୍ତି ସମାଜରେ ଅହରହ ଉତ୍ପୀଡିତ ହେଉଛନ୍ତି, ତଥାପି ଜନତାର ବିଚାରମଞ୍ଚରେ ସେମାନେ ଗୌରବାବହ ଜୀବନର ଅଧିକାରୀ ବୋଲି ନିଶ୍ଚୟ ପ୍ରତିପାଦିତ ହେବେ ।

ବିଦେଶରେ ଜଣେ ଭାରତୀୟ ବୈଜ୍ଞାନିକ ନିଜ କର୍ମକ୍ଷେତ୍ରରେ ଦକ୍ଷ ବିବେଚିତ ହୋଇ କର୍ମ କରୁଥିଲେ । ସେ ଚାହିଁଲେ ସ୍ୱଦେଶରେ କିଛି ସେବା କରିବାର ସୁଯୋଗ ନେବେ । ସେ ଯେଉଁ ଚାକିରୀ ପାଇଁ ଆବେଦନ କଲେ, ନିଯୁକ୍ତିଦାତା ପ୍ରାର୍ଥୀଙ୍କର ବୟସ ଚାଳିଶ ନ ଛୁଇଁଥିବାରୁ, ତାହା ଅଗ୍ରାହ୍ୟ କଲେ । ସେ ବାଧ ହୋଇ ବିଦେଶରେ କାର୍ଯ୍ୟକଲେ ଏବଂ ଚାଳିଶ ବର୍ଷ ବୟସରେ ପୁନର୍ବାର ସେହି କର୍ମ ପାଇଁ ଆବେଦନ କଲେ । ଏଥର ନିଯୁକ୍ତିଦାତା କହିଲେ-ତୁମେ ଦରଖାସ୍ତ କରିବାର ବୟସ ସୀମା ପାର ହୋଇ ଯାଇଛ, ତେଣୁ ତୁମର ଆବେଦନ ଖାରଜ ଯୋଗ୍ୟ । ସେହି ବିଜ୍ଞାନୀ ଆମେରିକାରେ ୭୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରଫେସର ଭାବେ କାର୍ଯ୍ୟକରି ଅବସର ନେଲେ । ସେ ଭାରତରେ ରହିବାର ସିଦ୍ଧାନ୍ତ ନେଇ ବମ୍ବେରେ ପହଞ୍ଚିବାର ଖୁବ୍ ଅଳ୍ପ ସମୟ ମଧ୍ୟରେ ତାଙ୍କର ଉଚ୍ଚଶକ୍ତିଯୁକ୍ତ ଚଷମା ହରାଇ ପୋଲିସର ଦ୍ୱାରସ୍ଥ ହେଲେ । ପୋଲିସର ଦପ୍ତର ମଧ୍ୟରେ ଡିଉଟି କାଳରେ ନିଦ୍ରାଭଙ୍ଗ ଜନିତ ଅପରାଧ ହେତୁ ଭର୍ତ୍ସିତ ହେଲେ । ବାଟରେ କାର୍ ଚାଳକ ମଧ୍ୟ ତାଙ୍କୁ କୁତ୍ସିତ ବ୍ୟବହାର ପ୍ରଦର୍ଶନ କଲା । ସେ ନିଜ ଘର ଅନୁସନ୍ଧାନ କରିବାର ଦୁର୍ଯୋଗରୁ ନିସ୍ତାର ପାଇବା ପାଇଁ ବମ୍ବେରୁ ହିଁ ବିଦେଶ ଫେରିଗଲେ । ମନୋଜଙ୍କ ସହିତ ଏହି ବୃଦ୍ଧ ବାକ୍ ବିନିମୟ କରିଥିବାର ସ୍ମୃତିକୁ ପ୍ରବନ୍ଧରେ ସଞ୍ଚୟ କରା ଯାଇଛି । ଭାରତୀୟ ଲୋକ-ଚରିତ୍ରର ହ୍ରସ୍ୱାୟନ ଏ ଦେଶର ଉନ୍ନତିର କଣ୍ଟକ ତୁଲ୍ୟ-ଏହାହିଁ ପ୍ରବନ୍ଧଟିରେ ବ୍ୟଞ୍ଜିତ । ଥରେ ଲେଖକ ଯେଉଁ ଡାକବଙ୍ଗଳାରେ ରହିଥିଲେ ସେଠାକାର ପାଣିମଗ୍ ଗ୍ଲାସ୍ ଆଦିଥିଲା ଅପରିଚ୍ଛନ୍ନ । ବେଡ୍‌ସିଟ୍ ଅତି କଦର୍ଯ୍ୟ । ତତ୍ରସ୍ଥ କର୍ମଚାରୀ କହନ୍ତି-ସେ ଉପରିସ୍ଥ ହାକିମଙ୍କୁ ଜଣାଇ ଦେବା ବ୍ୟତୀତ ଅନ୍ୟ କୌଣସି ପ୍ରତିକାର କରି ପାରିବେ ନାହିଁ । ଯେଉଁମାନେ ଆମର ସେବା କରିବା ପାଇଁ ରାଜକୋଷରୁ ପ୍ରଚୁର ଅର୍ଥ ନେଉଛନ୍ତି, ସେମାନେ ସେବାର ଅର୍ଥ ବୁଝନ୍ତି ଉପରିସ୍ଥ ହାକିମଙ୍କୁ ଜଣାଇଦେବା । ଦପ୍ତରଠାରୁ ଆରମ୍ଭ କରି କ୍ଷେତ୍ର କର୍ମଚାରୀ ପର୍ଯ୍ୟନ୍ତ-ସମସ୍ତେ ଶୁକ୍ଳାମ୍ବରଧର ବିଷ୍ଣୁ । ଶାଳକ କାଳରେ ବାକ୍ ଶାଳୀନତାର ଶୋଚନୀୟ ଅଭାବକୁ ଲକ୍ଷ୍ୟକରି ସେ 'ଶାଶୁ-ବହୂ' ଉପାଖ୍ୟାନର ଅବତାରଣା କରି ମୃଦୁ ବ୍ୟଙ୍ଗରେ ଭାଷଣଟିଏ ଥୋଇଛନ୍ତି । ଜଣେ ଭିକ୍ଷୁକ ଗୋଟିଏ ଘରେ ପହଞ୍ଚିଲା । ବହୂ ବିନୀତ ଭାବେ କହିଲା, ''ଘରେ ଚାଉଳ ନାହିଁ ।'' ଭିକ୍ଷୁକ ଚାଲିଯିବାକୁ ଉଦ୍ୟତ

Digitized by srujanika@gmail.com

ହେବାରୁ ଶାଶୁ ଦୌଡି ଆସି ଭିକ୍ଷୁକକୁ ଡାକି କହିଲେ-''ଘରେ ଚାଉଳ ନାହିଁ ବୋଲି କହିବାକୁ ବହୂ କିଏ ?'' ଭିକ୍ଷୁକ ମନରେ ଆଶାର ସଞ୍ଚାର ହେବା ବେଳକୁ ଶାଶୁ ଜଣକ ଅତି ରୁକ୍ଷ କଣ୍ଠରେ କହିଲେ-''ଘରେ ଚାଉଳ ନାହିଁ-ତୁ ଯାଆ ।'' ସରକାର ଯୋଜନା କରନ୍ତି । ଯଦି କୌଣସି ସରକାରୀ ବିଶେଷଜ୍ଞ ଯୋଜନାର କାର୍ଯ୍ୟକାରିତାରେ ଥିବା ଦୁର୍ବଳ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କଲା, ତେବେ ସରକାର କହିବେ, ''ମୁଁ ଶାଶୁ ଥାଉଁ ଥାଉଁ ତୁ ବୋହୂ ମୁହଁ ଖୋଲିବାକୁ କିଏ ?'' ଯୋଜନାର ଶୁଭ ଦିଆଯାଏ । ଲୋକେ ପାଟି କରନ୍ତି । ପୋଡାଜଳା ବି ହୁଏ । ସରକାରୀ ଶାଶୁ କହିନ୍ତି, 'ଏପରି ଯୋଜନା ସରକାର ଆଦୌ ଚିନ୍ତା ମଧ୍ୟ କରି ନାହାନ୍ତି ।' ବୁଦ୍ଧିର କପଟ ଖେଳର ଅନ୍ୟ ନାମ 'ଲୋକପ୍ରିୟ ଶାସନ' । ଏ ଦେଶର ଲୋକମାନଙ୍କ ଆଚରଣ ଦେଖି ଭାରତ ଭ୍ରମଣରେ ଆସିଥିବା ଜନୈକ ରୁଷୀୟ ନାସ୍ତିକ କହିଥିଲେ, ''ଭଗବାନ ବୋଲି କୌଣସି ଗୋଟିଏ ଶକ୍ତି ଭାରତରେ ଅଛି । ତା' ନହେଲେ ଏ ଦେଶ ଚାଲିଛି କିପରି ?'' (ଏ ଦେଶ ଚାଲିଛି କିପରି) (କେ. ଦି.୨ୟ -ପୃ୪୮)

ଭାରତରେ ପରୀକ୍ଷାର୍ଥୀଙ୍କର କଥା ଯେତେ ଯୁକ୍ତିଯୁକ୍ତ ହେଲେ ମଧ୍ୟ କେହି ଶୁଣନ୍ତି ନାହିଁ । ଭାରତରେ ଇଞ୍ଜିନିଅରିଂ ପରୀକ୍ଷା ଦେବାବେଳେ ଜନୈକ ଛାତ୍ରଙ୍କର ଗୋଡ ହାତ ଥରିଲା । ସେ ଲେଖି ନ ପାରି କର୍ତ୍ତୃପକ୍ଷଙ୍କ ପାଖରେ ମୌଖିକ ପରୀକ୍ଷା ଦେବାକୁ ଅନୁରୋଧ କଲେ । ମାତ୍ର ତାଙ୍କୁ ମୌଖିକ ପରୀକ୍ଷା ଦେବାକୁ ଅନୁମତି ମିଳିଲା ନାହିଁ । ସେ ବିଦେଶକୁ ଗଲେ । ଜଣେ ସ୍ୱନାମଧନ୍ୟ ଅଧ୍ୟାପକ ତାଙ୍କୁ ମୌଖିକ ପରୀକ୍ଷା କରି କୁଳପତିଙ୍କୁ ଲେଖିଲେ, ''ହୁଏତ ଯୁବକ ଜଣେ ଅସାଧାରଣ ଶକ୍ତିମାନ୍ ସ୍କଲର୍, ନ ହେଲେ ମୁଁ ଜଣେ ଅସାଧାରଣ ବୁଦ୍ଧୁ ।'' ସେହିପରି ଜଣେ ଛାତ୍ର ଏଲ୍‌ମାର ଏଡ୍‌ଗାର୍ ୧୩ଶ ବର୍ଷ ବୟସରେ କେବଳ ଗଣିତ ଛଡା ଅନ୍ୟ କୌଣସି ପାଠ ପଢିବ ନାହିଁ ବୋଲି କହିଲା । ତଳ ଶ୍ରେଣୀ ପାଶ୍ ନକରି ଏକାବେଳେକେ ବିଶ୍ୱବିଦ୍ୟାଳୟ ଶ୍ରେଣୀରେ ସର୍ବୋଚ୍ଚ ଡିଗ୍ରୀ ପାଇଁ ବସିବାର ସୁଯୋଗ ତାଙ୍କୁ ଜର୍ମାନୀର ଏକ ବିଶ୍ୱବିଦ୍ୟାଳୟ ପ୍ରଦାନ କଲା । ତାର ସହପାଠୀମାନେ ପ୍ରବେଶିକା ସ୍ତରରେ ଥିବାବେଳେ ସେ ସର୍ବୋଚ୍ଚ ଡିଗ୍ରୀ ପାଇଲା । ଏଇ ବିଚାରବତ୍ତା ଓ ବିବେକ ଆମ ଦେଶରେ କାହିଁକି ଉଦୟ ହେଉନାହିଁ, ସେ କଥା ଭାବି ଲେଖକ ବିସ୍ମିତ ହୋଇଛନ୍ତି । ଭାରତର ଅତୀତରେ ଥିବା ଉଦାର ଶିକ୍ଷା ବ୍ୟବସ୍ଥାକୁ ଆମର ସମାଜପତିମାନେ ନିଜର ଅସାଧାରଣା ବିଦ୍‌ବତ୍ତା ଦ୍ୱାରା ହତ୍ୟା କରି ଚାଲିଛନ୍ତି ।

(ଏକ ଭିନ୍ନ ଯାଦୁକର, କେ.ଦି. ୧ମ ପୃ୧୭୬)

ଉତ୍ତର ପ୍ରଦେଶରେ ଜଣେ ମହିଳାଙ୍କ ଉପରେ ବସ୍ ମାଡିଯିବାରୁ ଲୋକେ ବସ୍‌ବାଲା ଓ ବସ୍ ଚାଳକଙ୍କ ପ୍ରତି ସେମାନଙ୍କ କ୍ରୋଧ ପ୍ରକାଶ କରନ୍ତେ ପୋଲିସ ଲୋକ ମାନଙ୍କ ଉପରେ ଦମନଲୀଳା ଆରମ୍ଭ କଲା । ଲୋକମାନଙ୍କୁ ଲୁଟପାଟ କଲେ ରକ୍ଷକ

Digitized by srujanika@gmail.com

ପୋଲିସମାନେ, ଝିଅବୋହୂଙ୍କ ଇଜ୍ଜତ୍ ଗଲା । ତଦନ୍ତ ହେଲା; ରିପୋର୍ଟରେ କୁହାଗଲା ପୋଲିସ ଅତ୍ୟାଚାର କଥାଟା ସମ୍ପୂର୍ଣ୍ଣ ମିଛ । ଏହା ଏକ କପୋଳକଳ୍ପିତ, ଉଦ୍ଦେଶ୍ୟ ପ୍ରଣୋଦିତ ଭିତ୍ତିହୀନ ଅଭିଯୋଗ । ମନୋଜ ଶାସନ ତନ୍ତ୍ରର ଏଇ ମିଥ୍ୟାଚାରକୁ ଅଙ୍ଗୁଳି ନର୍ଦ୍ଦେଶ କରି କହିଛନ୍ତି, "ସାମାଜିକ ସ୍ତରରେ, ଗଣତାନ୍ତ୍ରିକ ଆଦର୍ଶରେ କୌଣସି ସ୍ଥଳରେ ଗୋଟିଏ ଏକାନ୍ତ ବିସଦୃଶ ଘଟଣା ଘଟିଲେ, ଶୃଙ୍ଖଳାର ବ୍ୟାପକ ବ୍ୟତିକ୍ରମ ଦେଖାଦେଲେ, କ୍ଷମତାସୀନ ଦଳ ଗାଦି ଛାଡିଦେବା ଏକ ସୁସ୍ଥ ପରମ୍ପରା ହେବା ଉଚିତ ।"

(ପାରସ୍ୟର ଗଧ ମାଳିକ) କେ.ଦି.୨ୟ ମ୬୭

ଆନ୍ତର୍ଜାତିକ ଘଟଣାବଳୀ -

ଲେଖକଙ୍କ 'ସୁଗମ ପ୍ରବନ୍ଧ'ରୁ କେତୋଟି କଥା ଲେଖୁଚି ।

୧) ବୃକ୍ଷ ପୂଜା -ଇଣ୍ଡୋନେସିଆରେ ବର ବିବାହ ଯାତ୍ରାପୂର୍ବରୁ ଗୋଟାଏ ଗଛ ଲଗାଏ । ଭାରତରେ ବୃକ୍ଷ ବିଗ୍ରହ ପ୍ରଥା ଥିଲା । (ଗାନ୍ଧାରୀ ସାହାଡା ଗଛକୁ ବିବାହ କରି ବିଧବା ହୋଇ ପୁଣି ବିବାହ କରିଥିଲେ ।) ବଣଭୋଜି ବେଳେ ବୃକ୍ଷ ଆମକୁ ପରମ ଆନନ୍ଦ ଦିଏ । ଭାରତରେ ବୃକ୍ଷହୀନ ସଂସ୍କୃତି କଳ୍ପନା କରାଯାଇ ନପାରେ; ମାତ୍ର ଏବେ ଜଙ୍ଗଲ ଧ୍ୱଂସ କରାଯାଉଛି । ମନୋଜ ବିଦେଶ ଭ୍ରମଣ କାଳରେ ଅନୁଭବ କରିଛନ୍ତି ହୁଏତ ବୃକ୍ଷ-ଦେବତା ଭାରତରୁ ଉଭାନ୍ ହୋଇ ବିଦେଶରେ ଆଶ୍ରୟ ନେଇଛନ୍ତି । ଜର୍ମାନୀର ଯାନ୍ତ୍ରିକ ନଗରୀ ମ୍ୟୁନିକ୍‌ର ସହରକୁ ଛୁଇଁ ରହିଛି ମାଇଲ୍ ମାଇଲ୍ ଅରଣ୍ୟ ଯେଉଁଠି ରାଜ ରାସ୍ତାରେ ହରିଣମାନେ କ୍ରୀଡା କରନ୍ତି । ବୃକ୍ଷକୁ ପୂଜା କରି ମାର୍କିନ ଲେଖିକା ଲେଖିଛନ୍ତି-

ମୋ ଭଳି ନିର୍ବୁଦ୍ଧି ସିନା ଲେଖଇ କବିତା
ବୃକ୍ଷର ନିର୍ମାତା କିନ୍ତୁ ସ୍ୱଂୟ ହି ବିଧାତା ।

(Poems are made by fools like me,
but only God can make a tree.)

[J. Kilmer-(ବୃକ୍ଷ) କେ.ଦି.୧ମ, ପୃ-୧୩]

ଦଣ୍ଡକାରଣ୍ୟ, ନୈମିଷାରଣ୍ୟ ଆଦି ପୁରାଣ ପ୍ରସିଦ୍ଧ ଅରଣ୍ୟ ଭାବନା ଭାରତୀୟ ସଂସ୍କୃତିରୁ ଲୋପ ପାଇଯିବ ।

୨) ବିଟ୍‌ନିକ୍ ଓ ହିପ୍‌ପୀ ଆନ୍ଦୋଳନ-ଇଂଲେଣ୍ଡର ସ୍ୱନାମଧନ୍ୟ ମନୀଷି ଏଚ୍. ଡବ୍ଲ୍ୟୁ. ହିଜନ୍ ଲେଖକଙ୍କୁ ଖଣ୍ଡିଏ ଚିଠି ଲେଖିଥିଲେ । ଚିଠିର କେତେକ ଅଂଶ ଏହିପରି: "ବ୍ରିଟେନ୍‌ରେ ଗୋଟିଏ ଆନ୍ଦୋଳନର ସୂତ୍ରପାତ ହୋଇଛି । ଏହି ତରୁଣ ତରୁଣୀମାନେ ନିଜକୁ ଫୁଲରେ ସଜାଇ ପଥିକଟିଏ ଦେଖିଲେ ତା' ଆଡକୁ ଫୁଲଟିଏ ବଢାଇ ଦେଉଛନ୍ତି ପ୍ରେମର ପ୍ରତୀକ ହିସାବରେ । ରକ୍ଷଣଶୀଳମାନେ ଏମାନଙ୍କୁ ସମାଲୋଚନା କରୁଛନ୍ତି,

Digitized by srujanika@gmail.com

କିନ୍ତୁ ଏହା ପ୍ରକୃତରେ ଆଜିର ସ୍ୱତନ୍ତ୍ର ସାମାଜିକ ବ୍ୟବସ୍ଥା ଉପରୁ ଆସ୍ଥା ହରାଇଥିବା ତରୁଣ ତରୁଣୀ ମାନଙ୍କର ବିବେକଗତ ଅଭ୍ୟୁତ୍‌ଥାନ ଛଡା ଆଉ କିଛି ନୁହେଁ ।''

[କେତେ ଦିଗନ୍ତ ୧ମ (ବିଚିତ୍ର ବିଦ୍ରୋହୀ)ପୃ୨୬]

ବିଦେଶରୁ ସ୍ୱଦେଶକୁ ହପ୍ପି ସଂସ୍କୃତି ଅନୁପ୍ରବେଶ କରି ଏଠାକାର ଯୁବଗୋଷ୍ଠୀଙ୍କୁ ବିଭ୍ରାନ୍ତ କରିଛି । ହିପ୍‌ପୀ ଓ ବିଟ୍‌ନିକ୍‌ମାନେ ବଟିକା ସେବନ କରନ୍ତି, ଭାରତୀୟମାନେ ନିଜକୁ ନୂତନତାବାଦୀ ମନେକରି ନିଜର ସର୍ବନାଶ ନକରନ୍ତୁ । ମନୋଜ ସେମାନଙ୍କ ପାଇଁ ଲେଖିଛନ୍ତି-

''ଯେଉଁ ବ୍ୟକ୍ତି ନିଜ ଭିତରେ ଉଚ୍ଚତର ସତ୍ୟ-ଚେତନାର ଆବିଷ୍କାର କରିଥିବ, ଯାହା ସଂହତି, ଶାନ୍ତି, ସୌନ୍ଦର୍ଯ୍ୟ ତଥା ଏକ ବୃହତ୍ତର ପ୍ରଗତିଶୀଳ ମହତ୍ତର ବିଧିର ପ୍ରବର୍ତ୍ତନ କରିପାରେ, ସେଇ ବ୍ୟକ୍ତି ପକ୍ଷରେ ଏକ ପୁରୁଣା ପରମ୍ପରାଠୁ ବିଚ୍ଛିନ୍ନ କରିନେବା ଓ ପୁରୁଣା ନିୟମକୁ ନ ମାନିବା ଭଲ କଥା ହୋଇପାରେ ।''

[(ବିଚିତ୍ର ବିଦ୍ରୋହୀ) କେତେ ଦିଗନ୍ତ- ୧ମ, ପୃ-୨୭]

୩) **ବାମନ ସମ୍ମିଳନୀ**- ବିଲାତ ଓ ଆମେରିକାରେ ବାମନ-ସମ୍ମିଳନୀ ଅନୁଷ୍ଠିତ ହୁଏ । ବିଶ୍ୱର ଧନୀ ବାମନମାନେ ସମ୍ମିଳନୀକୁ ଆସନ୍ତି । କିଏ କ୍ଷୁଦ୍ର କାର ବା କ୍ଷୁଦ୍ର ଏରୋପ୍ଲେନ୍‌ରେ ଆସନ୍ତି । ଆମେରିକାର 'ଟାଇମ୍‌ସ' ପତ୍ରିକାରେ ଥିବା ଗୋଟିଏ ସମ୍ବାଦରେ କୁହାଯାଇଥିଲା ସମ୍ମିଳନୀର ସଭାପତି ନିଜ ଛୋଟ ବିମାନ ନିଜେ ଚଳାଇ ଆସିଥିଲେ । ଏହି ସମ୍ବାଦ ପଢି ମନୋଜ ଆଲ୍‌ଡାସ୍ ହକ୍‌ସଲେକ୍‌ସ 'ବାମନ' ଗଳ୍ପର ଅବତାରଣା କରି କହିଛନ୍ତି, ଜନୈକ ବାମନ ଜମିଦାର ଓ ତାଙ୍କ ବାମନ ପତ୍ନୀଙ୍କର ଏକ ଅତିକାୟ ପୁତ୍ର ସନ୍ତାନ ଜାତ ହେଲା, ଯାହାର ଭୟରେ ପିତାମାତା ଆତ୍ମହତ୍ୟା କଲେ । ଏବେ ଜଣେ ଜୀବବିଜ୍ଞାନୀ ଦେଶର ଖାଦ୍ୟ ଓ ବାସ ସମସ୍ୟାକୁ ସମାଧାନ କରିବା ପାଇଁ ବାମନ-ଜିନ୍‌ରୁ ଗୋଟିଏ ବାମନ-ଭବିଷ୍ୟତ କଳ୍ପନା କରୁଛନ୍ତି । ଆସନ୍ତା ଦଶବର୍ଷ ମଧ୍ୟରେ ସେ ସାରା ପୃଥିବୀରେ ଏକ ବାମନ-ଭବିଷ୍ୟତ ଗଠନ କରିବେ । ମନୋଜ କହନ୍ତି, ଜଣକର ଖାଦ୍ୟକୁ ହୁଏତ ପାଞ୍ଚସାତ ଜଣ ବାମନ ଖାଇବେ, କିନ୍ତୁ ଗାଈ, ଘୋଡା, କୁକୁର ଆଦିଙ୍କ ସହିତ ମଣିଷର କି ସମ୍ପର୍କ ରହିବ ? ଅନେକ ସାମ୍ଭାବ୍ୟ ସମସ୍ୟା କଥା ବୈଜ୍ଞାନିକ ଚିନ୍ତା କରିବା ଉଚିତ । ଚିନ୍ତାରେ ବୈଜ୍ଞାନିକ ବାମନ ହେବା ଅନୁଚିତ ।

୪) **ଆମେରିକା ଗେଞ୍ଜି** - ଆମେରିକାର ଗେଞ୍ଜି ଗୁଡକରେ କିଛି ଶବ୍ଦ ଏବଂ ବାକ୍ୟ ଲେଖା ଯାଇଥାଏ । ଆମେରିକାରେ ଥିବା ଜଣେ ଭାରତୀୟ ସେଠାରୁ ଭାରତକୁ ଯେଉଁ ଗେଞ୍ଜି ଆଣିଥିଲେ ସେଥିରେ ଲେଖାଥିଲା 'Slang' । ଏହାର ଅର୍ଥ ଅସଭ୍ୟ କଥା ବା ଅପଶବ୍ଦ । ଏହି ଗେଞ୍ଜି ପିନ୍ଧି ଆମେରିକାରେ ଏକ ନିର୍ଦ୍ଦିଷ୍ଟ ଆଡ୍ଡାକୁ ଗଲେ ସମଗୋତ୍ରୀୟ

Digitized by srujanika@gmail.com

ମାନେ ପରସ୍ପର ଉଦ୍ଦେଶ୍ୟ ବୁଝନ୍ତି । ଆଜିକାଲିକାର ଗେଞ୍ଜିକୁ ଦେଖି ମନୋଜ ଆମ ସଂସ୍କୃତିର ଅବକ୍ଷୟ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

ପଦ୍ମଶ୍ରୀ ପ୍ରଫେସର ମନୋଜ ଦାସଙ୍କ 'ସୁଗମ ପ୍ରବନ୍ଧାବଳୀ'ରୁ ମାତ୍ର କେତୋଟି ଆଲୋଚିତ ହୋଇଛି । ତାଙ୍କର ଗ୍ରନ୍ଥାବଳୀରୁ ଅନେକ ସୂକ୍ତି ସଂଗ୍ରହ କରିବାର ସମୟ ଆସିଛି । ଯେଉଁ ସୂକ୍ତି ଗୁଡିକ ମୋତେ ବିଶେଷ ଆକର୍ଷଣ କରିଚି ସେଗୁଡିକ ମଧ୍ୟରୁ ମାତ୍ର କେତୋଟିକୁ ଉଦ୍ଧାର କରିବାର ଲୋଭ ସମ୍ବରଣ କରିପାରୁ ନାହିଁ । 'ଶ୍ରୀ ଅରବିନ୍ଦ ସ୍ମରଣ' ପ୍ରବନ୍ଧରେ ସେ କେତୋଟି ଅରବିନ୍ଦଙ୍କ ବାଣୀ ଉଦ୍ଧାର କରିଛନ୍ତି । ତନ୍ମଧ୍ୟରୁ ଗୋଟିଏ ହେଲା, ''ଜୀବନ ଏଠି ଏକ ବିବର୍ତ୍ତନ । ଆତ୍ମାର ବିକାଶ ବହୁ ଅଭିଜ୍ଞତା ଭିତରଦେଇ ହୋଇଥାଏ ।'' 'ସରସ୍ୱତୀ ସମ୍ମାନ'ପ୍ରାପ୍ତ ମନୋଜଙ୍କ 'ଅମୃତ ଫଳ'ର ପାଠକମାନେ ଏଇ ତତ୍ତ୍ୱକୁ ହୃଦୟଙ୍ଗମ କରି ଭର୍ତ୍ତୃହରି ଏବଂ ଅମରନାଥଙ୍କୁ ଦେଖିଥିବେ । ଆସନ୍ତୁ, ଶୁଣିବା ଏକ ଉତ୍ତରିତ ଆତ୍ମାର ଉଦାତ୍ତ ବାଣୀ :

୧) ସମୃଦ୍ଧି ମଣିଷ ପାଇଁ । ମଣିଷ ଜୀବନ ଯଦି ବିପନ୍ନ ହୁଏ ତାହା ବଦଳରେ ସମୃଦ୍ଧିର ଅର୍ଥ କ'ଣ ? [(ବନ୍ଧୁ) ଅରଣ୍ୟ ଉଲ୍ଲାସ, ପୃ-୫୩]

୨) ଓଡ଼ିଆ ସାହିତ୍ୟରେ ଏପରି ଗଳ୍ପ ଉପନ୍ୟାସ ରହିଛି ଯାହା ସମ ସାମୟିକ ପୃଥିବୀର ଉତ୍କୃଷ୍ଟ ସାହିତ୍ୟ ଭିତରେ ଗଣ୍ୟ ହୋଇ ପାରିବ । x x x ସୃଜନଶୀଳ ସାହିତ୍ୟ କେବଳ ପ୍ରକଟିତ ବାସ୍ତବତା ଭିତରୁ ନୁହେଁ, ଅପ୍ରକଟିତ ସତ୍ୟ ଭିତରୁ ପ୍ରେରଣା ପାଇଥାଏ । [ବିପୁଳାଚ ପୃଥ୍ୱୀ,ପୃ-୧୫]

୩) ଯେଉଁ ଦେଶରେ ଶିକ୍ଷକକୁଳର ଏକ ଗୋଷ୍ଠୀ ଦାୟିତ୍ୱ ପ୍ରତି ବିଶ୍ୱାସଘାତକତା କରିପାରନ୍ତି, ସେ ଦେଶରେ ଖାଲି ଶିକ୍ଷାର ନୁହେଁ, ସମଗ୍ର ସମାଜର ଭବିଷ୍ୟତ ଅନ୍ଧକାର । (ସୂର୍ଯ୍ୟୋଦୟ ଦ୍ୱାରା ସମ୍ଭବ ନୁହେଁ ଯେଉଁ ଅନ୍ଧକାରର ଅବସାନ) ['ସନ୍ଧାନ ଓ ସଂକେତ'-ପୃ-୧୨୩]

୪) ମଣିଷଭାବେ ସେ ଅନ୍ୟକୁ ଠକିପାରୁଛି, କିନ୍ତୁ ସେ ନିଜକୁ ହିଁ ଠକୁଥାଏ । ମୋତେ ଜଣେ ପ୍ରତାରିତ କରି ଥାଇପାରେ, କିନ୍ତୁ ମୁଁ ଯଦି ତାକୁ ବିଶ୍ୱାସ କରୁଥିବି, ତେବେ ମୋ ବିଶ୍ୱାସ ହିଁ ମୋର ମହତ୍ତ୍ୱ; ମୁଁ ପ୍ରତାରିତ ହେଲେ ବି ପ୍ରତାରିତ ହେଉନାହିଁ । (ଭିନ୍ନ ମହାବିଦ୍ୟାଳୟ: ଭିନ୍ନ ଜଣେ ସ୍ନାତକୋତ୍ତର ସିଦ୍ଧ) [ସଂ:ସଂ: ପୃ-୧୪୩]

୫) ମୃତ୍ୟୁର କାରଣ ସ୍ଥିର ନୁହେଁ । ଯେ ଯାଏ କ୍ରମାଗତ ଅନ୍ତଃବିକାଶ ନିମନ୍ତେ ପ୍ରୟୋଜନ ହେଉଥିବ, ସେ ଯାଏ କୌଣସି ନା କୌଣସି ଆଳରେ ଆତ୍ମା ଗୋଟିଏ କଳେବର ତ୍ୟାଗ କରି ଅନ୍ୟ କଳେବର ଗ୍ରହଣ କରିବ ହିଁ କରିବ । (ଶତାବ୍ଦୀର ପଦଧ୍ୱନି) [ବି.ପୁ. ପୃ-୬୦]

୬) ଅନୈକ୍ୟ ଓ ସଂଘର୍ଷର ସମ୍ବାଦ ଯେତେବେଶି ଆମ ଆଗରେ ପଡୁନା କାହିଁକି ଐକ୍ୟ

Digitized by srujanika@gmail.com

ଓ ସଂହତିର ଶକ୍ତି ନୀରବରେ କାର୍ଯ୍ୟରତ । (ବିସମ୍ବାଦର ଅନ୍ତରାଳେ)- [କେ.ଦି.୧ମ ପୃ-୪୭]

୭) ମାନବତାର ଶତ୍ରୁ ସେ କୌଣସି ଧର୍ମର ମିତ୍ର ହୋଇପାରେନା । (ମାନବତାର ଶତ୍ରୁ) [ଅରଣ୍ୟ ଉଲ୍ଲାସ -ପୃ ୧୩୯]

ଉପସଂହାର :-

ଆମର ପ୍ରିୟ ଲେଖକ ଆଉ ଭାରତର ହୋଇ ନାହାନ୍ତି -ସେ ସାରା ବିଶ୍ୱର । ପଣ୍ଡିଚ୍ଚେରୀର ଟାଗୋର ରାଜ କଲେଜର ବିଜ୍ଞ ଅଧ୍ୟାପକ ପ୍ରଫେସର ଡଃ ପି.ରାଜାଙ୍କ ଇଂରାଜୀ ପ୍ରବନ୍ଧର ଅନୁବାଦ 'ସମାଜ' ମାର୍ଚ୍ଚ ୧୭ ତାରିଖ ୨୦୦୧ ସଂଖ୍ୟାରେ ପ୍ରକାଶ ପାଇଛି । ଡଃ ରାଜା ଲେଖିଛନ୍ତି, ''ମନୋଜ ଦାସଙ୍କ ସମଗ୍ର ସାହିତ୍ୟ କୃତିର ଆଲୋଚନା ପାଇଁ ଦିନେ କୌଣସି ଯୋଗ୍ୟ ସମୀକ୍ଷକ ସମ୍ଭବପର ହେବେ, ଆମେ ଏ ଆଶା ପୋଷଣ କରିବୁ । ସେଭଳି ସମୀକ୍ଷକ ଖାଲି ତତ୍ତ୍ୱମୁଖୀ ହେଲେ ଚଳିବ ନାହିଁ, ଖାଲି ମନସ୍ତାତ୍ତ୍ୱିକ ଜ୍ଞାନସଂପନ୍ନ ହେଲେ ଚଳିବନାହିଁ, ତାଙ୍କର ସୁଗଭୀର ଅନ୍ତଃଦୃଷ୍ଟି, ଯଥେଷ୍ଟ ଆଧ୍ୟାତ୍ମିକ ଜ୍ଞାନ ଏବଂ ସୂକ୍ଷ୍ମ ଅନ୍ତରାନୁଭୂତି ଥିବା ଆବଶ୍ୟକ ।'' ବିଶିଷ୍ଟ ସାମ୍ବାଦିକ ଏଚ୍.ଭି.କାମାଥ୍‌ଙ୍କ ଭାଷାରେ, ''ମନୋଜ ଦାସ ବୋଇଲେ କ'ଣ ? ଜଣେ ସମାଜ ସମୀକ୍ଷକ ? ଜଣେ ମନୋବିଜ୍ଞାନୀ ? ଅନ୍ୟର ହୃଦୟ ଚୋରାଇ ପଢିନେଇ ପାରୁଥିବା ଜଣେ କୁଶଳୀ ? ନା ଜଣେ ଗଳ୍ପ ଲେଖକ ? ଏକ ଆରେକକୁ ବଳି । ତାଙ୍କ ଗଳ୍ପସବୁ ପଢିଲେ ମୁଁ ଅନୁଭବ କରେ ଯେ ସେ ଏ ସବୁର ସମାହାର, ତଥା ଜଣେ ଅଦମ୍ୟ ଭାରତୀୟ । ବାସ୍ତବରେ ମନୋଜ ଦାସ ବୋଇଲେ ଆହୁରି ବହୁତ ଅଧିକ ଗୁଣ, ଶକ୍ତି ଓ ରହସ୍ୟର ସମାହାର ।''

ଏଥିରୁ ପ୍ରତିପାଦିତ ହୁଏ ଯେ, ମନୋଜଙ୍କ ସମ୍ପର୍କରେ ଅନେକ କଥା କହିବା ପରେ ମଧ୍ୟ କିଛି କୁହାଗଲା ନାହିଁ ବୋଲି ସମୀକ୍ଷକ ଅବଶ୍ୟ ଅନୁଭବ କରିବେ । ଯଥାର୍ଥରେ ସେ ହେଉଛନ୍ତି ''ରହସ୍ୟର ସମାହାର'' ।

• ଟୋଲଙ୍କ/ମୋତିଗଞ୍ଜ,
ବାଲେଶ୍ୱର

Digitized by srujanika@gmail.com

'ନନ୍ଦାବତୀର ମାଝି'ରୁ 'ତୁମ ଗାଁ' ଯାଏ

ପ୍ରଫେସର ନିତ୍ୟାନନ୍ଦ ଶତପଥୀ

ଅଳ୍ପ କେତୋଟି ଗଳ୍ପ, ଚାରୋଟି ମାତ୍ର ଉପନ୍ୟାସ ଫକୀର ମୋହନଙ୍କ ବିସ୍ତୃତ ଓ ପରିବ୍ୟାପ୍ତ କାବ୍ୟଜୀବନକୁ ପ୍ରାୟ କବଳିତ କରି ବସିଥିଲା । ସେ କବି ଭାବରେ ଯେତେ ନୁହେଁ, ବିସ୍ମୟକର କଥାକାର ଭାବରେ ହିଁ ବେଶି ଆଲୋଚିତ ହେଲେ । ସେଇ ବାଲେଶ୍ୱର ଅଞ୍ଚଳର ଆଉ ଜଣେ କବି ଆଦ୍ୟରୁ କବିତା ଲେଖି ଯଥେଷ୍ଟ ପ୍ରତିଶ୍ରୁତି ଦେଇ ପାରିଥିଲେ ବି ଉତ୍ତର ଷାଠିଏରୁ ଗଳ୍ପ ରଚନାରେ ସଂପୂର୍ଣ୍ଣ ନିବିଷ୍ଟ ରହି କବିତା କୁହୁକିନୀଙ୍କଠୁଁ ପ୍ରାୟ ନିଷ୍କୃତି ନେଇ ବସିଲେ । କିନ୍ତୁ ଗଳ୍ପ ରଚନାରେ ବିସ୍ମୟଜନକଭାବେ ସେ ଆଜି ଓଡ଼ିଆ ସାହିତ୍ୟର ଅନ୍ୟତମ ଯଶସ୍ୱୀ ସ୍ରଷ୍ଟା । କ୍ୱଚିତ୍ ତାଙ୍କର କବିତା ପାଠକ ବା ସମାଲୋଚକଙ୍କ ଦୃଷ୍ଟି ପଥାରୁଢ଼ ହୋଇଥାଏ । ସେ ଉତ୍ତର ବାଲେଶ୍ୱରରେ ଜନ୍ମ ନେଇଥିଲେ ବି ଦକ୍ଷିଣ ଭାରତର ନିବାସୀ (ପଣ୍ଡିଚେରୀ) ମହିମାବନ୍ତ କଥାକାର କବି ମନୋଜ ଦାସ ହୋଇପାରନ୍ତି । ଏକାଧାରରେ କବିତାରେ ନିଜ ପ୍ରେମିକାର ସମୁଦ୍ରକୂଳବର୍ତ୍ତୀ ଗ୍ରାମ ଓ ନିଜ ବିସ୍ତାରିତ କଥାକାର ଜୀବନର ଦୂରବର୍ତ୍ତୀ ସମୁଦ୍ର କୂଳବର୍ତ୍ତୀ ଛୋଟିଆ ରାଜ୍ୟ ପଣ୍ଡିଚେରୀ -ଏ ଉଭୟର ସଂଯୋଗ ସେତୁ ସମୁଦ୍ର । କାୟମନୋବାକ୍ୟରେ ଏଇ ଗ୍ରାମ ଓ ସମୁଦ୍ରର ସ୍ମୃତିରେ ଉଚ୍ଛଳ କବି, କଥାକାର ରମଣୀୟ ଭ୍ରମଣ କାହାଣୀ ଓ ବହୁ ଲଳିତ ନିବନ୍ଧର ସ୍ରଷ୍ଟା ମନୋଜ ଦାସ ନାମରେ ଓଡ଼ିଆ ସାହିତ୍ୟ କେବେଳ ନୁହେଁ ଭାରତୀୟ ସାହିତ୍ୟର ଏକ ବହୁଚର୍ଚ୍ଚିତ ନାମ ।

୧୯୫୭ ମସିହାରେ 'ନନ୍ଦାବତୀର ମାଝି' ଆଉ ପାଞ୍ଚୋଟି କବିତା ନାମରେ ମିନି କବିତା ପୁସ୍ତକଟି ପ୍ରକାଶ ପାଏ । କବିଙ୍କ ନିଜସ୍ୱ ବକ୍ତବ୍ୟ ଅନୁସାରେ 'ନନ୍ଦାବତୀ'ର କବିତାଗୁଡିକ ବହୁବର୍ଷତଳର ଲେଖା । ଅନୁମାନ କରିହେବ ଯେ ଏହାହିଁ କବିଙ୍କ ପ୍ରାରମ୍ଭିକ କବିତା ରଚନା ପ୍ରୟାସ । ଏତେବେଳକୁ ଅର୍ଥାତ୍ 'ନନ୍ଦାବତୀ'ର ପ୍ରକାଶନ ସମୟକୁ କିନ୍ତୁ ମନୋଜବାବୁଙ୍କ ତିନୋଟି ଗଳ୍ପ ସଂଗ୍ରହ ପ୍ରକାଶ ପାଇସାରିଲାଣି । 'ଜୀବନର ସ୍ୱାଦ', 'ସମୁଦ୍ରର କ୍ଷୁଧା' ଓ 'ବିଷକନ୍ୟାର କାହାଣୀ' । ଏହାପୂର୍ବରୁ ପ୍ରଥମ କବିତା ଗ୍ରନ୍ଥ 'ଶତାବ୍ଦୀର ଆର୍ତ୍ତନାଦ', ୨ୟ କବିତାଗ୍ରନ୍ଥ 'ବିପ୍ଳବୀ ଫକୀରମୋହନ' ଏବଂ ଏହାପରେ

Digitized by srujanika@gmail.com

'ପଦଧ୍ୱନି' ଓ 'ଉପନିବେଶ' କବିତା ଗ୍ରନ୍ଥଦ୍ୱୟ ପ୍ରକାଶ ପାଇଥିଲା । ପରେପରେ ୧ମ ଭ୍ରମଣ କାହାଣୀ 'ଇନ୍ଦୋନେସିୟା ଅନୁଭୂତି' ମଧ୍ୟ । ତେବେ ଏସବୁ ଗଳ୍ପ ଓ ଭ୍ରମଣ କାହାଣୀରେ ମନୋଜ-ପ୍ରତିଭାର ଯେଉଁ ବିସ୍ମୟଦୀପ୍ତ ପ୍ରଗତି ପରିଲକ୍ଷିତ ହୁଏ ଏହି ସମୟରେ ପ୍ରକାଶିତ କବିତାଗୁଡିକରେ ତାହା ଦେଖିବାକୁ ମିଳେନାହିଁ । ତଥାପି 'ନନ୍ଦାବତୀର ମାଝି' ଏକାନ୍ତ କଂଚା ହାତର ସୃଷ୍ଟିହେଲେ ମଧ୍ୟ ଏଥିରେ ଚରିତ୍ର ପ୍ରତି କବିପ୍ରାଣର ଯେଉଁ ସହାନୁଭୂତି ପ୍ରକାଶ ପାଇଛି ତାହା ହିଁ ତାଙ୍କ କବିତାର ପ୍ରତିବଦ୍ଧତା ବିଷୟରେ ସୂଚନା ଦିଏ । ଅର୍ଥାତ୍ ଆଦ୍ୟରୁ ସେ ରୋମାଣ୍ଟିକ୍ ପ୍ରେମ କବିତା ନ ଲେଖି ଲେଖିଛନ୍ତି ସମସ୍ୟାମୂଳକ ଓ ବ୍ୟଙ୍ଗଧର୍ମୀ କବିତା । କେତେକ କବିତାରେ ଲଘୁ ହାସ୍ୟରସ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ନିଶ୍ଚୟ । ନଚେତ୍ ମହାରାଣୀ ମହାରାଜାଙ୍କ ଗଣ୍ଡରେ ଠପାସ୍ କରି ଥାପ୍ପଡଟେ କସିଦେବାରେ କାହିଁକି ପ୍ରୟାସୀ ହୁଅନ୍ତେ ? ପୁଣି ରାଣୀ ନିଜ ପକେଟରୁ ପଇସା ଦେଇ 'ଖଚର ମାର୍କା' ବିଡି ବଣ୍ଡୁଲିଏ କିଣି ରଖିଥିଲେ । ଯାତ୍ରାକାଳରେ ତାକୁ କିଏ ନେଇ ଯାଇଛି । ମୋଟ ଉପରେ 'ଏକ୍ ଯେ ଥିଲା ରାଜା' କବିତାଟି ଯାତ୍ରାଦଳର ରାଜାରାଣୀଙ୍କ ଉପରେ ଆଧାରିତ । କିନ୍ତୁ ମୂଳରୁ ଏତେ ଗମ୍ଭୀର ଯେ ମନେ ହେବ ସତେ ଯେପରି ରୂପକଥାର କୌଣସି ରାଜାରାଣୀ କଥା କହିବାକୁ ମନୋଜବାବୁ ଆରମ୍ଭ କରିଛନ୍ତି । ସେହିପରି 'ଛୋଟ ବୋହୂଟି' କବିତାର ଗାମ୍ଭୀର୍ଯ୍ୟ ଭିତରେ ପାଠକ ହଠାତ୍ ବୁଝି ପାରନ୍ତି ନାହିଁ ଯେ କବିତାଟି ଗୋଟିଏ ଖେଳନା ପାଇଁ ଲେଖା ଯାଇଛି । କେଉଁଠି ସମୁଦ୍ରର ନୀଳପଠା ଉଦ୍ଦେଶ୍ୟରେ ନୀଳସମୁଦ୍ରର ବିସ୍ତୃତିକୁ ଟପି ଉଡି ଯାଉଥିବା ପକ୍ଷୀଟିଏ ଉଦ୍ଦେଶ୍ୟରେ ତାଙ୍କର କବିତା ତ କେଉଁଠି ଲୋକକଥାର 'ଉଠ୍‌ରେ ପୁତା' କପୋତୀ ମାଆର ଚିରନ୍ତନ ଅଶ୍ରୁସିକ୍ତ କାହାଣୀ ସହିତ ଗ୍ରାମାଞ୍ଚଳରେ ନଟିଆମାଆର ଦୁଃଖକୁ ସମାନ ଭାବରେ କବି ଉପଲବ୍ଧି କରନ୍ତି । କୋଳି ତୋଳିବାକୁ ଯାଇ ନଟିଆ ଆଉ ଫେରେନାହିଁ । ପାରିଧି ପାଇଁ ଆସିଥିବା ଜମିଦାର ଘର କୋଇଁଙ୍କ ବନ୍ଧୁକ ଗୁଳିରେ ବଣ ଭିତରେ ନଟିଆର ମୃତ୍ୟୁ ହୁଏ । କିନ୍ତୁ ବାଘ ଖାଇଗଲା ବୋଲି ହୁଏ ପ୍ରଚାରିତ । ନଟିଆ ମାଆର ଆଖିରୁ ଲୁହର ଧାର ନିଭେ ନାହିଁ ।

"ବାଘ ଖାଉ ଅବା ବନ୍ଧୁକ ଖାଉ, ସେ କଥା ଗଲାଣି ମଉଳି
ଉଠ୍ ପୁତା ଉଠ, ଦୂର ତରୁଡାଳେ କପୋତୀ ଚାଲିଚି ବାହୁନି ।
ଆଜି ଏତେବେଳେ ମନେପଡେ ହାୟ ! ନଟିଆ ମାଆର କାହାଣୀ ।"

'ନନ୍ଦାବତୀର ମାଝି' କବିତାଗ୍ରନ୍ଥର ସବୁଠାରୁ ଦୀର୍ଘ କବିତାଟି ପ୍ରଥମ ଶୀର୍ଷକ କବିତା ଓ ସବୁଠାରୁ କ୍ଷୁଦ୍ର କବିତାଟି ଶେଷ ଶୀର୍ଷକ କବିତା 'ତନୁମାଝି' । ଏ ମାଝିମାନଙ୍କ ଜୀବନ ସହିତ ତରୁଣ କବିର ଏଇ ବିପୁଳ ଯୋଗାଯୋଗ ବୋଧହୁଏ ନଦୀ ଓ ସମୁଦ୍ର ଉଭୟ ପ୍ରତି ସମାନ ଭାବେ ଆସକ୍ତ କବିର ଏହା ବିପୁଳ ଜୀବନାଲେଖ୍ୟ । ନନ୍ଦାବତୀ

Digitized by srujanika@gmail.com

ନଦୀର ମାଝି ବୁନ୍ଆଲୀ ଝଡ କବଳରୁ ଓ ବନ୍ୟା କବଳରୁ ଅନ୍ୟମାନଙ୍କୁ ରକ୍ଷା କରି ଶେଷକୁ ନିଜ ଜୀବନ ଦେଲାବେଳେ ମୁହାଣ ନିକଟରେ ତନୁମାଝି ଗତରାତିର ପ୍ରବଳ ବତାସ ବେଳେ ଗୋଟିଏ ଦଦରା ଡଙ୍ଗାରେ ଶୋଇରହି ଝଡକୁ ପାର ହୋଇଯାଏ । ଏସବୁ ନଦୀ ଓ ସମୁଦ୍ରକୂଳର ନିତିଦିନିଆ ଦୃଶ୍ୟ । ଅଧିକାଂଶ ମାଝି ଦରିଦ୍ର । ବଞ୍ଚିବା ପାଇଁ ସମ୍ବଳ ସଂଗ୍ରହ କରୁକରୁ କେତେବେଳେ ପ୍ରକୃତିର କରାଳଗ୍ରାସରେ କବଳିତ ହୁଅନ୍ତି । କିଛିଦିନପାଇଁ ହୁଏତ ସେମାନଙ୍କ ସଂପର୍କରେ ସହାନୁଭୂତିଶୀଳ ଲୋକମାନେ ଝୁରି ହୁଅନ୍ତି -ତା'ପରେ ଜୀବନଯାତ୍ରା ପୂର୍ବଭଳି ଚାଲେ-ସେଥିରେ କିଛି ନୂତନତ୍ୱ ନଥାଏ, ବ୍ୟତିକ୍ରମ ନଥାଏ ।

କିନ୍ତୁ କବି ମନୋଜ ଦାସଙ୍କ ଆଦ୍ୟ କାବ୍ୟଚେତନାର ଏକ ମୁଖ୍ୟ ଅଂଶ ବାମପନ୍ଥୀ ଭାବଧାରାକୁ ଅବଲମ୍ବନ କରି ଗତିଶୀଳ । ଶ୍ରୀ ଦାସ କଲେଜ ଜୀବନରୁ ସାମ୍ୟବାଦୀ ଆନ୍ଦୋଳନ ସହିତ ସଂପୃକ୍ତ । ୧୯୪୮ରୁ ୫୪ ମଧ୍ୟରେ 'ସଂକେତ', 'ଡଗର', 'ନୂଆ ଦୁନିଆ', 'ପ୍ରଭାତୀ', 'ଆସନ୍ତାକାଲି' ଓ 'ଦିଗନ୍ତ'ରେ ପ୍ରକାଶିତ ଏହି ଭାବଧାରାର କେତୋଟି କବିତା 'ପଦଧ୍ୱନି' ରେ ପ୍ରକାଶ ପାଏ (୧୯୫୪) । ତେଣୁ 'ପଦଧ୍ୱନି' ଯଥାର୍ଥରେ ଏକ ଶୋଷଣମୁକ୍ତ ସାମ୍ୟବାଦୀ ସମାଜର ପରିକଳ୍ପନାରେ ତରୁଣ କାବ୍ୟଚେତନାର ବୈପ୍ଲବିକ ସଂଦେଶ ବହନ କରେ । ଏ ପୁସ୍ତକର ଉତ୍ସର୍ଗପତ୍ରରେ ଲେଖା ହୋଇଛି-''ଏକଦା ଯେଉଁମାନେ ଆସିଥିଲେ ସ୍ୱପ୍ନର ସୀମାରେ ସାର୍ଥକତାର ସଂହତି ନେଇ ଆଉ ସଂହତିର ଶ୍ୱେତପଦ୍ମ ଆହତ ହେବାପରେ ବୁକୁର କୋହରେ ତାକୁ ରଂଗୀନ କରି ଆସୁଛନ୍ତି ଯେଉଁ ରକ୍ତକମଳବାହୀର ଦଳ ସେହି ଉଭୟଙ୍କ ପାଇଁ ।'' ଏଇ 'ରକ୍ତକମଳ' ଯଥାର୍ଥରେ ତାଙ୍କ କାବ୍ୟଚିନ୍ତାର ଏକ ଉଗ୍ର ମତବାଦର ପ୍ରତୀକ, ଯାହା ବହୁ କବିଙ୍କ ଚେତନାରେ ସାମ୍ୟବାଦର ସଂକେତ ରୂପେ ଗୃହୀତ ହୋଇଛି । ସଂକଳନର ଶେଷ କବିତା 'ପୂର୍ବାଭାସ'ରେ ଏହା ସ୍ପଷ୍ଟ ହୋଇଛି -

''ନିରନ୍ନ ଚାହେଁ ଅନ୍ନଦାତା/ଭୁଖା ଜନତାର ଆବାଜେ ବାଜୁଛି ଅଗ୍ନିବୀଣା
ଥରିଥରି ମରି ଝରିପଡେ ତଳେ/ ଅତ୍ୟାଚାରୀର ଶୋଷଣ-ବାନା ।''

ଏହିପରି ଭାବନାରେ ତାଙ୍କ କବିତାରେ ସାଲିସର ଚିତ୍ରନାହିଁ । ଏକ ନୂତନ ମୂଲ୍ୟବୋଧର ପ୍ରବକ୍ତାଭାବେ ତାଙ୍କ କବିତାର ରୂପକ, ପ୍ରତୀକ ଓ ରୂପଚିତ୍ର ମଧ୍ୟରେ ସାମ୍ୟବାଦୀ ଭାବଧାରାର ଉତ୍ତରଣ କଳାପୂର୍ଣ୍ଣ ପ୍ରକାଶ ଲକ୍ଷ୍ୟ କରାଯିବ । ଏକ ଅଭୂତପୂର୍ବ କୃଷକ ଶୋଭାଯାତ୍ରାକୁ ଲକ୍ଷ୍ୟକରି ଏଇ ଶେଷ କବିତାଟିରେ ସେ ଯେଉଁ ଆଶାନ୍ୱିତ ଆହ୍ୱାନ ଶୁଣାଉଛନ୍ତି ତାହା ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ-''ଯେଉଁଦିନ ଗାଁ ଗଣ୍ଡାଠୁଁ ସହର ଓ ନଗର ସବୁଠାରେ ଅତ୍ୟାଚାରିତ ଶୋଷଣପିଷ୍ଟ ଜନସଂଘ ମନରେ ବିଦ୍ରୋହର ନିଆଁ ଜଳିଉଠିବ ସେଇଦିନ ହିଁ ଅତୀତର ଫସିଲ ପରି ମାଡି ରହିଥିବା ପୁରୁଣାପ୍ରଥା ଓ ସାମାଜିକ ବ୍ୟବଧାନ

Digitized by srujanika@gmail.com

ଲୋପ ହେବ ।'' ସେଇ ଶୁଭ ମୁହୂର୍ତ୍ତର ପୂର୍ବାଭାସ କବି ଦେଖିବାକୁ ପାଇଛନ୍ତି । ଏହି କାବ୍ୟଭାବନାର ଶାଣିତ ଅଙ୍ଗୀକାର ତାଙ୍କ 'ପଦାତିକ', 'ସୂର୍ଯ୍ୟ ପ୍ରଣାମ' ଓ 'ଧ୍ୱଂସାବଶେଷ' ଆଦି କବିତାକୁ ସଂପ୍ରସାରିତ ହୋଇଛି । ଏସବୁ କବିତାରେ ଏକ ଧ୍ୱଂସାଭିମୁଖୀ ବିଶ୍ୱରେ ଅଗ୍ରଗାମୀ ମଣିଷର ସଫଳ ଅଭିଯାତ୍ରାର ସ୍ୱର ଉଚ୍ଚାରିତ । ସେଠି ଅବସାଦର କାଳିମା ବା ମୌନତାର ବିଭ୍ରାନ୍ତି ନାହିଁ, ବରଂ ଏକ ସମ୍ମୁଖ ସଂଗ୍ରାମର ଆହ୍ୱାନ ଶୁଣାଯାଏ :

''ତୁମ ମଶାଣିର କଳାଧୂଆଁ ଯେଉଁ ବାଦଲ ଆଣିଛି ଡାକି/ତା' କଳା ଛାତିରେ ମୁଦ୍ରିତ ଆଜି ପ୍ରଳୟର ବଇଶାଖୀ/ ବିଜୟ ଶଙ୍ଖ ଗର୍ଜୁଛି ମୁଖେମୁଖେ/ ରକ୍ତ ପ୍ରଭାତେ ଆଲୋକିତ ଆମେ/ ପୁଣି ଏ ଶପଥ ନେଉଁ/ ତୁମ ରକ୍ତର ପ୍ରତିକଣା ପାଇଁ ପ୍ରତିଶୋଧ ଆମେ ଚାହୁଁ ।''

('ହେମ'-ପଦଧ୍ୱନି)

କବି ନିଶ୍ଚିତ ଯେ ଭୋକିଲା ମଣିଷର ତପ୍ତ ନିଃଶ୍ୱାସରେ ପୁଞ୍ଜିବାଦର ଜୀର୍ଣ୍ଣ ଦଲିଲ ଜଳିଯିବ । ସେଠାରେ ଏକ ନବଯୁଗର ଅରୁଣାଲୋକ ଝଟକି ଉଠିବ । ଏହି ବିଶ୍ୱାସର ଇସ୍ତାହାର ତାଙ୍କ କବିତାରେ ମଣିଷର ସର୍ବନିମ୍ନ ଆବଶ୍ୟକତାର ଯଥାଯଥ ଦାବିକୁ ଉପସ୍ଥାପନ କରେ -

''ଆମେ ଚାହୁଁ ଏକ ଶଙ୍କାମୁକ୍ତ ଶାନ୍ତ କୁଟୀର; ଭୋକିଲା ପେଟ ପାଇଁ ମୁଠିଏ ଦାନା ଆଉ ରକ୍ତହୀନ ଉଲଗ୍ନ କଳେବର ପାଇଁ ଖଣ୍ଡେ ଆବରଣ । ଆମେ ଆମ ଶିଶୁମାନଙ୍କ ମୁହଁରେ ହସ ଫୁଟିବାର ଦେଖିବାକୁ ଚାହୁଁ । ମଣିଷର ସୂକ୍ଷ୍ମ ଜୀବନ ବିକାଶରେ ଜାତି, ଧର୍ମ, ଅର୍ଥ ଅନ୍ତରାୟ ସୃଷ୍ଟି କରିବନାହିଁ । ରୋଗ ଯନ୍ତ୍ରଣାରେ ଓଷଦ ଟିକେ ନ ପାଇ ମଣିଷ ଅସମୟରେ ମାଟି କାମୁଡି ପଡିବନି ।'' ('ଇସ୍ତାହାର'-ପଦଧ୍ୱନି) ଏହାହିଁ ପ୍ରତ୍ୟେକ ନିଷ୍ଠାପର ସାମ୍ୟବାଦୀର ସର୍ବନିମ୍ନ ଦାବି ଆଉ ସାମ୍ୟବାଦୀ ସମାଜର ଏକମାତ୍ର ଲକ୍ଷ୍ୟ ଓ ଇସ୍ତାହାର । ଶ୍ରୀ ଦାସଙ୍କ କବିତାରେ ଏଇ ଭାବନା ସାମ୍ୟବାଦର ଏକ ବୈଜ୍ଞାନିକ ସଂଜ୍ଞା ନିର୍ଦ୍ଧାରଣ ରେ ମୁଖର । ପୁନଶ୍ଚ ସାମ୍ୟବାଦର ଦୃପ୍ତ ନିଶାଣ 'ରକ୍ତ ପତାକା'ର ଚିତ୍ର ତାଙ୍କ କବିତାରେ ବହୁବାର ପ୍ରକାଶିତ ହୋଇଥିଲେ ବି କବିତାଗୁଡିକ କେବଳ ଦଳୀୟ ପ୍ରୋପାଗଣ୍ଡା ନୁହେଁ । ନିଜସ୍ୱ କଳାସମୃଦ୍ଧିରେ ଶ୍ରୀ ଦାସଙ୍କ କାବ୍ୟସ୍ୱରରେ ବଳିଷ୍ଠତା ଓ ଆଭିମୁଖ୍ୟର ଉଗ୍ରତା ପ୍ରତ୍ୟେକ କବିତା ଅନ୍ତରାଳରୁ ମୁଣ୍ଡଟେକେ । ଏକାଧିକ କବିତାରେ ସେ ସମସାମୟିକ କୋରିଆ ଓ ମାଳୟର ମୁକ୍ତିସଂଗ୍ରାମ ପାଇଁ ତାଙ୍କ ଶାନ୍ତିପ୍ରିୟ କବିପ୍ରାଣର ଅକୁଣ୍ଠ ସମର୍ଥନ ଦ୍ୱିଧାହୀନ ଭାଷାରେ ପ୍ରକାଶ କରିଛନ୍ତି । ବଂଚି ରହିବାର ଦୁର୍ବାର ଆକର୍ଷଣରେ ମଣିଷ ମୃତ୍ୟୁକୁ ମଧ୍ୟ ସ୍ୱାଗତ କରିପାରେ । ଏହିପରି ଅନେକ ମୃତ୍ୟୁ ଗୋଟିଏ ଗୋଟିଏ ମୂଲ୍ୟବାନ ମୂଲ୍ୟବୋଧକୁ ବଂଚାଇ ରଖିପାରନ୍ତି । ('ଗରିଲା', 'ମାଳୟ') । ଶ୍ରୀ ଦାସ ତାଙ୍କ କାବ୍ୟଭାବନାରେ ନିଜକୁ ଯେଉଁମାନଙ୍କ ସହିତ ଚିହ୍ନିତ କରି ପାରିଛନ୍ତି,

Digitized by srujanika@gmail.com

ସେମାନେ ହେଉଛନ୍ତି ଭୂମିହୀନ ଚାଷୀ, ମୂଲିଆ, କୋଠିଆ, ବେଠିଆ, ପୁଞ୍ଜିବାଦ ବିରୋଧୀ ସଂଗ୍ରାମୀ ସୈନିକ, ଜାତୀୟତାବାଦୀ ଦୁର୍ବିନୀତ ଜନତା ଓ ସର୍ବୋପରି ଏକ ଶୋଷଣମୁକ୍ତ ସମାଜର ଅଗ୍ରଦୂତ-ମୁକ୍ତିକାମୀ ଜନସଂଘ । ଜଣେ କୌଣସି କମ୍ରେଡକୁ ଆହ୍ୱାନ କରି ସେ କହିଛନ୍ତି-

''ଆମର ଜୀବନ ବହୁ ଲକ୍ଷର ପାଇଁ/ ମିଲ ବସ୍ତି ଓ ଗ୍ରାମ୍ୟଚାଷୀର କୁଳେ,
କୋଟି ମଶାଲର ଆଲୋକ ଜଳଇ ଯହିଁ/ ଆମ ଶପଥର ସ୍ୱାକ୍ଷର ତାହାମୂଳେ ।''

('ଅଗ୍ରପଥିକ' -ଡଗର ୧୭/୨ୟ, ଅଗଷ୍ଟ ୧୯୫୩)

ଏଇ ଆଲୋକପାଇଁ ଚିରଆକାଙ୍କ୍ଷିତ କବି ତେଣୁ ନୂତନ ସୂର୍ଯ୍ୟକୁ ପ୍ରଣାମ ଜଣାଏ ଏବଂ ରାଜତନ୍ତ୍ରର ବିଲୋପ କାମନା କରି ତାର କଫିନ୍ ଉପରେ ଶେଷ କଣ୍ଟାଟି ବାଡେଇବାକୁ ଆଗେଇ ଆସେ । ଶ୍ରୀ ଦାସଙ୍କ କାବ୍ୟ ଏଇ ଆତ୍ମିକ-ସନନ୍ଦ 'ପଦଧ୍ୱନି'ରେ କେଉଁଠି ଚହଲି ଯାଇନାହିଁ । ସେ ଏକ ସୁନ୍ଦର ନୂତନ ପ୍ରାନ୍ତରର ପରିକଳ୍ପନା କରିଛନ୍ତି, ଯାହା ମରୁଭୂମିରେ ହୋଇପାରେ ଏକ ଛାୟାସ୍ନିଗ୍ଧ ସୁନ୍ଦର ଶ୍ୟାମଳ ପ୍ରାନ୍ତର-ଓଏସିସ୍ । କିନ୍ତୁ ସମଗ୍ର ମରୁଭୂମିଟି ଶ୍ୟାମଳ ପ୍ରାନ୍ତର ପାଲଟି ଯାଉ-ଏହା ତାଙ୍କର ଏକାନ୍ତ କାମନା (ପ୍ରାନ୍ତର) ତଥାପି ସାମ୍ରାଜ୍ୟବାଦ ଓ ଶୋଷଣର ଶିକୁଳି ତୁଟିନଥିବା ଏକ ପୃଥିବୀରେ କବିର ସ୍ୱାଧୀନ ମୁକ୍ତକଣ୍ଠର ସାମଗାନ ଏଇ ପରିବେଶ ମଧରେ ରୁଦ୍ଧହୋଇ ଯାଉଥିଲେ ବି କବି ଏକ ସଂଗ୍ରାମୀ ତାରୁଣ୍ୟର ବାର୍ତ୍ତାବହ । ତା'ରି କଣ୍ଠରେ ତେଣୁ ଯୌବନର ଉଦ୍ଦାମ ସଂଗୀତ ବେଗଗାମୀ ଝଡପରି ରୁଦ୍ର ଓ କ୍ଷିପ୍ର ।

''ଯଉବନ ଗାଏ ମୋର ମଣିଷର ମୁକତିର ଗାନ
ମଣିଷ ମୁଁ ସହିବିନି ମଣିଷ ଜାତିର ଅପମାନ
ମଣିଷର ସଭାତଳେ ମୁଁ ଏକ ଲେଖକ ଦୁର୍ବିନୀତ
କଣ୍ଠେ ମୋର ବିପୁଳ ସଂଗୀତ ।''

(ଯୌବନ)

ଏହି ଭାବଚେତନା 'ପୋଷ୍ଟର' ନାମକ ଗୋଟିଏ କବିତାରେ ଚମତ୍କାର ରୂପକଳ୍ପ ମଧରେ ଆତ୍ମପ୍ରକାଶ କରିଛି । କୌଣସି ଚାହା ଦୋକାନରେ କାନ୍ଥରେ ଅଧା ଝୁଲି ପଡିଥିବା ଗୋଟିଏ ପୋଷ୍ଟରକୁ ଲକ୍ଷ୍ୟକରି ସେ ଲେଖିଛନ୍ତି -

''ଚାହା ଦୋକାନର ଟିଣ ଗୁମୁଟି ଦେହରେ କେ ମୁମୂର୍ଷୁ ପୋଷ୍ଟାର । ବତାସର ଦଂଶନରେ ତୋର ଗୋଟିଏ ପାଖ ଝୁଲି ପଡିଛି ଏକ ଆହତ ପକ୍ଷୀର ଡେଣାଭଳି ।''

ଆଉ ଗୋଟିଏ, କବିତାରେ ଔଷଧ ନପାଉଥିବା ରୁଗ୍ଣ ସନ୍ତାନ ଓ ତାର ଶ୍ରମିକା ବୃଦ୍ଧା ମା'ର କରୁଣ ବାର୍ତ୍ତାଳାପ ମଧରେ ଆକାଶରେ ଉଠିଥିବା ଫାଳିକିଆ ଜହ୍ନକୁ ଲକ୍ଷ୍ୟ କରି କବି ଲେଖିଛନ୍ତି -

Digitized by srujanika@gmail.com

''ଆକାଶରେ ଏଇ ଫାଳକିଆ ଜହ୍ନଟା/ଦେହରେ କଳାକଳା ଦାଗ/ ରୁଟି ଖଣ୍ଡେ ଉପରେ/ ଦି'ପଇସାର ଆଳୁଦମ୍ ଭଳି ।'' ଏସବୁ ଚିତ୍ର ଖୁବ୍ ଲୌକିକ ହେଲେ ବି ଭାବବାହୀ ମନେହୁଏ । ପୁଣି ତାଙ୍କର କବିତାର ବାକ୍‌ରୀତି ଭଂଗୀ ଏକାନ୍ତ ଗଦ୍ୟଶୈଳୀ ସହିତ ବେଳେବେଳେ ଆନୁପାତିକତା ରକ୍ଷାକରେ । ବେଳେବେଳେ କବିତା ଛନ୍ଦକୁ ମଧ୍ୟ ଅବଲମ୍ବନ କରେ । ତାଙ୍କ କାବ୍ୟ ଆତ୍ମିକ ଓ ଆଙ୍ଗିକ ଅନ୍ତରାଳକୁ ଏକ ସମ୍ଭାବନାପୂର୍ଣ୍ଣ କାବ୍ୟଶିଳ୍ପର ଯେଉଁ ସୂଚନା ଏ ଦୁଇଟି ପୁସ୍ତକରେ ମିଳିଥିବା ତାହା 'ଉପନିବେଶ'ରେ କିଞ୍ଚିତ୍ କାବ୍ୟିକ ଉଚ୍ଚତା ଆରୋହଣ କରିଥିବାର ଦେଖାଯାଏ । କିନ୍ତୁ ତାଙ୍କ ବଳିଷ୍ଠ ଗଳ୍ପରଚନା ସହିତ କବିତା ସମସ୍ପର୍ଦ୍ଧୀ ହୋଇପାରି ନଥିବା କ୍ଷୋଭର ବିଷୟ । ବୋଧହୁଏ କବିତା ଅପେକ୍ଷା ଗଳ୍ପରେ ନିଜକୁ ପ୍ରକାଶ କରିବାରେ ଦୃଢ ଆତ୍ମପ୍ରତ୍ୟୟ ତାଙ୍କୁ କବିତାଠାରୁ କ୍ରମେ ନିଷ୍କ୍ରାନ୍ତ କରିନେଇଛି ।

୧୯୫୩ରୁ ୧୯୫୯ ମଧ୍ୟରେ 'ଉପନିବେଶ'ର କବିତାଗୁଡ଼ିକ ବି ରଚିତ । ଏଠି କାବ୍ୟଧାରା ଏକାନ୍ତ ମନ୍ଥର ଓ ବେଳେବେଳେ ଗତିହୀନ । ପୁନଶ୍ଚ 'ପଦଧ୍ୱନି' ପରବର୍ତ୍ତୀ କବିତାରେ ବାମପନ୍ଥୀ ଭାବନା ପରିବର୍ତ୍ତେ ରୋମାଣ୍ଟିକ୍ ଭାବନାର ଉନ୍ମେଷ ଯେ ସମ୍ଭବ ହୋଇଛି-ଏହା ମଧ୍ୟ ଏକାନ୍ତ ତାତ୍ପର୍ଯ୍ୟର ବିଷୟ । ପ୍ରକୃତିର କୋଳ, ଜହ୍ନ, ତାରା ଓ ଆକାଶ, ନଦୀ ଓ ସମୁଦ୍ର-ଏ ସମସ୍ତ ଅନୁଷଙ୍ଗ ପ୍ରାୟ ତାଙ୍କ କବିତାକୁ ଆବୋରି ରହିଛନ୍ତି । ହୋଇପାରେ ଏହା ତାଙ୍କ ପାଇଁ ଯୁଦ୍ଧ ପରବର୍ତ୍ତୀ ସ୍ୱାଧୀନତା ମୋହଭଂଗ କାଳରେ ଏକ ମାନସିକ ପ୍ରୟୋଜନୀୟତା । ଠିକ୍ ଏଇ ସମୟକୁ ଅର୍ଥାତ ୧୯୫୩ ମସିହା ବେଳକୁ ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର ପ୍ରବକ୍ତା କମ୍ୟୁନିଷ୍ଟ ପାର୍ଟି ପ୍ରାୟ ଏକ ରାଜନୈତିକ ସଂକଟର ସମ୍ମୁଖୀନ ହୋଇଥିବା ଓ ମାର୍କ୍ସୀୟ ବିପ୍ଳବର ପନ୍ଥାକୁ ପ୍ରତ୍ୟାହାର କରି ଭାରତୀୟ କଂଗ୍ରେସ ପାର୍ଟି ପ୍ରବର୍ତ୍ତିତ ସମାଜବାଦୀ ଢାଞ୍ଚାରେ ସମାଜ ଗଠନର ଆଭିମୁଖ୍ୟ ପ୍ରତି ସମର୍ଥନ ଜଣାଇଥିଲା । ଏଇ ସଂକଟରେ କବି ରଘୁନାଥ ଦାସ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ରଙ୍କ ପରି କମ୍ୟୁନିଷ୍ଟମାନେ ଦଳ ପ୍ରତି ଆସ୍ଥା ହରାଇ ଭିନ୍ନ କିଛି ପନ୍ଥାର ସନ୍ଧାନରେ ଥିଲେ । ତେଣୁ କବି ମନୋଜ ଦାସଙ୍କ ଛାତ୍ରୋତ୍ତର ଜୀବନରେ ଏ ଦଳର ଆଭିମୁଖ୍ୟ ଓ ରାଜନୈତିକ ଆଦର୍ଶ ପ୍ରତି ଯଦି ଆସ୍ଥା ଟହଲି ଯାଇଥିବ, ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ଯେ ସଂଗ୍ରାମୀ ସେ ମଧ୍ୟ ହୋଇପାରେ ପଳାୟନପନ୍ଥୀ । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ସାମାଜିକ ସଂଗ୍ରାମ ଓ ରୋମାଣ୍ଟିକ୍ ପ୍ରକୃତି ପ୍ରେମ । ଏହାପରେ ମନୋଜ ବାବୁଙ୍କ ଜୀବନଧାରାରେ ବିପୁଳ ପରିବର୍ତ୍ତନ ଆସିଛି ଓ ରାଜନୈତିକ ଆଦର୍ଶକୁ ପ୍ରତ୍ୟାହାର କରି ଆଧ୍ୟାତ୍ମିକ ଜଗତଆଡ଼କୁ ସେ ସଚେତନ ଦୃଷ୍ଟିପାତ କରିଛନ୍ତି । ଏପରିକି ଉତ୍ତର ଷାଠିଏର ମଧ୍ୟ ଭାଗରେ ସେ ସବୁଦିନ ପାଇଁ ଓଡ଼ିଶାକୁ ଛାଡି ପଣ୍ଡିଚେରୀକୁ ନିଜର ଆଧ୍ୟାତ୍ମିକ-କର୍ମଭୂମିଭାବେ ବାଛି ନେଇଛନ୍ତି । ଏପରି

Digitized by srujanika@gmail.com

ପରିବର୍ତ୍ତିତ ପରିସ୍ଥିତିରେ ତେଣୁ 'ପଦଧ୍ୱନି'ର ସାମାଜିକ ଅଙ୍ଗୀକାରଠାରୁ ସେ କ୍ରମେ ବିଚ୍ଛିନ୍ନ ହୋଇଯାଇଥିବା ଏକାନ୍ତ ସ୍ୱାଭାବିକ କଥା । 'ଜହ୍ନ ଓ ନକ୍ଷତ୍ର ନେଇ ଶେଷ ଲେଖା' କେବଳ ବାମପନ୍ଥୀ କବିଚେତନାରୁ ନୁହେଁ ଓଡ଼ିଆ କାବ୍ୟଚେତନାରୁ ନିଷ୍କ୍ରମଣର ଏକ ଅସୁଖକର ବାର୍ତ୍ତା ସୂଚନାତ୍ମକ ଭାବେ ବହନ କରେ । ଯେଉଁ ଜହ୍ନକୁ ସେ ଏତେ ଭଲ ପାଉଥିଲେ ଏବଂ ଏକଦା ଉଚ୍ଚାରଣ କରିଥିଲେ -

''ଜହ୍ନ ଆଉ ତାରାମାନେ ଚାଲିଆସ
ପ୍ରଶ୍ନ ଥାଉ, ଉତ୍ତର ବି ଥାଉ
ଅନ୍ଧାର ଅସହ୍ୟ ।''

ଅଥଚ ଉତ୍ତର ପାଇନଥିବା କାରୁଣ୍ୟରେ ସଢି ଯାଇଥିଲେ (ଆଜି ବି ଉତ୍ତର ନାହିଁ । ଆଜିବ ନକ୍ଷତ୍ର ନାହିଁ / ଜହ୍ନ ନାହିଁ) ଏକ ବାସ୍ତବବାଦୀ ଭାବଭୂମିରେ ସେଇ ଜହ୍ନକୁ ସେ କ୍ଷୟକାଶଗ୍ରସ୍ତ ରୁଗ୍ଣ ବୃଦ୍ଧ ସହିତ ତୁଳନା କରିଛନ୍ତି । ସେ ମଧ କ୍ଷୀଣାୟୁ ଓ ଅସ୍ତମିତ । ଏପରିକି ଜହ୍ନର ଉପନିବେଶ ଏଇ ପରିଚିତ ଆକାଶରୁ ହେମ ରଂଗର ପକ୍ଷୀମାନେ ଆଉ କେଉଁ ଦୂରବର୍ତ୍ତୀ ସବୁଜ ଅରଣ୍ୟକୁ ଉଡିଯାଉଥିବା କାରୁଣ୍ୟରେ କବି ବ୍ୟଥିତ ହୁଅନ୍ତି । (''ଏକଦା ରାତିର ନିଷିଦ୍ଧ ପ୍ରହରରେ /ମଲ୍ଲୀ ଜ୍ୟୋତ୍ସ୍ନାର ହୃଦୟର ଡେଣାର କଂପନ ପିଟି/ ଅଦୃଶ୍ୟ ହେଲେ ଯେଉଁ ସୁନାପକ୍ଷ ବିହଙ୍ଗର ଦଳ/ସେମାନେ ଅତି ପରିଚିତ/ଆଜିର ଖୋଜି ଚାଲିଛନ୍ତି /ଶ୍ୟାମଳ ଗୁଳ୍ମଲଥା ତଟନୀର ଏକ ଶାନ୍ତମୟ ଉପନିବେଶ'') ଜହ୍ନ ସହିତ କବିଙ୍କର ମାନସିକ ସଂଯୋଗ ଏକାନ୍ତ ଆନ୍ତରିକ । ଗୋଟିଏ କବିତାରେ ଜହ୍ନ ଅସ୍ତ ଯିବାକୁ ସେ ନିମ୍ନ ଚିତ୍ରକଳ୍ପ ମାଧମରେ ରୂପାୟିତ କରିଛନ୍ତି-ଚିତ୍ରକଳ୍ପଟି କେତେ ଅନୁପାତିକ ଲକ୍ଷ୍ୟ କରନ୍ତୁ । ''ମିଛୁଟାରେ କଳିକାଟି ସାରା ମୁହେଁ ସିନ୍ଦୁର ଲଗାଇ ଅବଶେଷ ଫୁଲମୁହାଁ ଗେହ୍ଲା ବୋହୂଟିଏ / ଜାକିଜୁକି ଆଖି ବୁଜି ଶୋଇଗଲା ଭଳି/ ଜହ୍ନ ବୁଡିଗଲା''

(ଜହ୍ନ ଅସ୍ତମିଲା ବେଳ)

ଜହ୍ନକୁ ଗେହ୍ଲାବୋହୂଟିଏ ସହିତ ଆଗରୁ ଏ ସାହିତ୍ୟରେ କେହି ଉପମିତ କରିଥିବା ପରି ମୋର ମନେ ହେଉନାହିଁ । ତେବେ 'ଉପନିବେଶ' ପର୍ଯ୍ୟାୟ କବିତାରେ ନୀଳ ପାହାଡ଼, ସବୁଜ ବନ, ଦୂରବର୍ତ୍ତୀ ସ୍ଥାନ, ନଦୀ, ସମୁଦ୍ର, ଆକାଶ, ଜହ୍ନ ଓ ତାରା- ଏଇସବୁ ପ୍ରାକୃତିକ ଦୃଶ୍ୟ ବା ଚିତ୍ର ସମୂହ ତାଙ୍କ ମନୋଭୂମିକୁ ଆଚ୍ଛନ୍ନ କରି ରହିଛନ୍ତି, ତେଣୁ ଏସବୁ ଅନୁଷଙ୍ଗରୁ ତାଙ୍କୁ ରୋମାଣ୍ଟିକ୍ କବି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରିବ । କିନ୍ତୁ କୌଣସି ଗୋଟିଏ ହେଲେ କବିତା ପାଠକ ମନକୁ ଖୁବ୍‌ବେଶୀ ବାନ୍ଧି ରଖିବାରେ ସମର୍ଥ ହେଉନାହିଁ -କାରଣ ଏସବୁ ଚିତ୍ର ଯୁଦ୍ଧପରବର୍ତ୍ତୀ ଆଧୁନିକ ପାଠକର ମନରେ ଏତେ ବେଶି ସଂଯୋଗ ସେତୁ ସ୍ଥାପନ କରି ପାରୁନାହିଁ ।

କିନ୍ତୁ ୧୯୫୪ରୁ ୧୯୮୯ ମଧରେ ବିଭିନ୍ନ ସମୟରେ ଅତି ବିଳମ୍ବିତ ରୀତିରେ

Digitized by srujanika@gmail.com

ରଚିତ 'ତୁମ ଗାଁ' ପର୍ଯ୍ୟାୟ କବିତାଗୁଡ଼ିକ ବେଶ୍ ଆକର୍ଷଣୀୟ ମନେ ହୁଅନ୍ତି । ପାଠକ ମାତ୍ରେଇ ଏସବୁ କବିତାରେ ଗ୍ରାମ ସହିତ ଓ ତାର ପ୍ରକୃତି ସହିତ ଏକ ଆବେଗିକ ସଂପର୍କ ଉପଲବ୍ଧି କରିବେ । ଏଠାରେ ମଧ୍ୟ ଗ୍ରାମ ଆକାଶକୁ ତାରା, ଜହ୍ନ, ସୂର୍ଯ୍ୟ ଏମାନେ ଆଲୋକିତ କରନ୍ତି । କେତେବେଳେ ଦୂର ସମୁଦ୍ର ଆକାଶରୁ ଇନ୍ଦ୍ରଧନୁ ଦୁଇ ଦିଗନ୍ତ ବ୍ୟାପି ପ୍ରକଟିତ ହୁଏ । କେତେବେଳେ ରାତ୍ରିର ଅନ୍ଧକାର ଭିତରେ ଉଲ୍‌କାଟିଏ ଖସିଯାଏ । କବିଙ୍କ ଚିନ୍ତାରେ ସତେ ଅବା ଚନ୍ଦ୍ରକୁ ସନ୍ଧାନ କରିବା ଉଦ୍ଦେଶ୍ୟରେ ନକ୍ଷତ୍ରମାନେ ପଠାଇଥାନ୍ତି ଉଲ୍‌କାରୂପୀ ଆଲୋକର ବିଚ୍ଛୁରଣ । ବେଶ୍ ରୋମାଣ୍ଟିକ ପରିକଳ୍ପନା ନିଶ୍ଚୟ । ପୁଣି ସେଇ ଗାଁ କିଆବଣରେ ହଠାତ୍ ସକାଳକୁ କବି ସନ୍ଧାନ କରନ୍ତି ତିନୋଟି କିଆଫୁଲ ଉପରକୁ ପାଖୁଡ଼ା ମେଲି ଫୁଟିଛନ୍ତି ଓ ଉଦୟ ସୂର୍ଯ୍ୟର ପ୍ରଥମ କିରଣ ସେମାନଙ୍କୁ ଚୁମ୍ବନରାଶିରେ ଆରକ୍ତ କରି ଦେଇଛନ୍ତି । ଏଇ ଦୃଶ୍ୟ ଦେଖୁ ଦେଖୁ ଏକ ଦାର୍ଶନିକ ମନନଶୀଳତା ପ୍ରକାଶ ପାଏ । ନିମ୍ନ ପଙ୍‌କ୍ତିରେ ଏଇ ଭାବନାର ଦେଖନ୍ତୁ -

''ସେଦିନ ମୁଁ ବୁଝିଥିଲି ପୃଥିବୀର ସବୁ କୋଳାହଳ
ଅନ୍ତରାଳେ ଚାଲିଥାଏ କେତେ ସୂକ୍ଷ୍ମ ଲୁଚକାଳି ଖେଳ ।''

(ତୁମ ଗାଁ କିଆଫୁଲ)

ପୁଣି ସେଇ ଗାଁ ଆକାଶରେ ଏକ ଛିନ୍ନ ଗୁଡ଼ିକୁ ଦେଖି କବି ଶୋକାତୁର ହୋଇ ଉଠନ୍ତି । ଉସରୁ ବିଚ୍ଛିନ୍ନ ହୋଇଥିବା ଭାସମାନ ଗୁଡ଼ିଟି ନିର୍ଜୀବ ବସ୍ତୁଟିଏ ହେଲେ ବି କବି ତା'ର ବ୍ୟଥାକୁ ଅନ୍ତରରେ ଉପଲବ୍ଧି କରନ୍ତି । ଏଇ ଗୁଡ଼ିଟିର ଦିଗହରା ଅନିଶ୍ଚିତତା ପାଖରେ କବି-ହୃଦୟର ନିଜସ୍ୱ ବିଷଣ୍ଣତାବୋଧ ଏକାନ୍ତ ଅଳୀକ ମନେହୁଏ । ତେଣୁ କବି କୁହନ୍ତି -

''ଆକାଶକୁ କହିଥିଲି ମୋତେ କ୍ଷମାକର
ଏ ବେଦନା ଆଗେ ହାୟ କେତେ ତୁଚ୍ଛ ବିମର୍ଷତା ମୋର ।''

(ତମ ଗାଁ ଛିନ୍ନ ଗୁଡ଼ି)

ପ୍ରଥମ ଦେଖାରେ ଅତି ପରିଚିତ ମନେ ହୋଇଥିବା ଏଇ ଗାଁର ସକଳ ସ୍ମୃତି କବିଙ୍କ ଚେତନାରେ ଲହଡ଼ି ତୋଳେ । ସେଇ ଗାଁର ସୂର୍ଯ୍ୟାବତରଣ ଓ ସୂର୍ଯ୍ୟାସ୍ତ, ବର୍ଷା ଓ ଜହ୍ନରାତି, ନିଶାର୍ଦ୍ଧ ସବୁଯେପରି ତାଙ୍କ ମନରେ ସ୍ୱପ୍ନ ସଂଚାର କରେ । ପୁଣି ସେଇ ଗାଁର ଅସ୍ତମାନ ସୂର୍ଯ୍ୟ ଓ ଚନ୍ଦ୍ର କବିଙ୍କୁ ଜୀବନର ଅଳୀକତା ପ୍ରତି ସଚେତନ କରି ଦିଅନ୍ତି । ମଣିଷର ଭୀଷଣ ଏକାକୀତ୍ୱ-ସେଠାରେ ମୁଖ ବ୍ୟାଦାନ କରିଉଠେ ଓ କ୍ରମେ ନିଜର ଅନ୍ତିମ ଇତିକଥା ମୃତ୍ୟୁପ୍ରତି କବିଙ୍କୁ ସଚେତନ କରିଦିଏ । କବି ଏକ ମଧୁର ବିଜନ ମୃତ୍ୟୁର ସ୍ୱପ୍ନରେ ବିହ୍ୱଳ ହୋଇଉଠନ୍ତି । ସତେଯେପରି ମୃତ୍ୟୁ ହିଁ ଜୀବନକୁ ଚିହ୍ନାଇ ଦିଏ; ମୃତ୍ୟୁ ବିନା ମରୀଚିକା ମାୟା ପରି ଏ ଜୀବନ ହାହାକାରର ଅନ୍ୟନାମ ମାତ୍ର । ଅର୍ଥାତ୍ ମୃତ୍ୟୁ

Digitized by srujanika@gmail.com

ହିଁ କେବଳ ଜୀବନକୁ ତାର ସମସ୍ତ ଦୁର୍ଭାଗ୍ୟ ଓ ଦୁସ୍ଥିତି ଭିତରୁ ମୁକ୍ତି ଦେଇପାରେ । (ତୁମ ଗାଁ ଗୋପନ ଇଶାରା) ପୁଣି ସେଇ ଗାଁର ହୃତ-ବିହଙ୍ଗଟି ସମୁଦ୍ରକୁ ଚିହ୍ନିବା ଆଶାରେ ଯେଉଁ ଅଜଣା ସ୍ଥାନକୁ ଉଡିଯାଇଥିବା ପକ୍ଷୀଟି ଆଉ ଫେରିଆସିବ ନାହିଁ । କିନ୍ତୁ ସମୁଦ୍ରରେ ଯେତେବେଳେ ଝଡ ଉଠେ, ସମୁଦ୍ର ହୋଇଉଠେ ଊର୍ମିମାଳା କବି ଭାବନ୍ତି ସେଇ ବିହଙ୍ଗଟିର ଆଲୋଡିତ ପକ୍ଷ ସଂଚାଳନରୁହିଁ ସମୁଦ୍ର ଅସ୍ଥିର ହୋଇ ଉଠିଛି । ଆତ୍ମା ଓ ମହାକାଳର ସଂପର୍କକୁ ଅତି ସରଳ ଦାର୍ଶନିକ ଭାଷାରେ ଏ କବିତା (ତୁମ ଗାଁ ହୃତ ବିହଙ୍ଗ) ଟିର ରୂପଦେବାରେ କବି ଯେଉଁ ଭାବସାନ୍ଦ୍ରତାର ପରିଚୟ ଦେଇଛନ୍ତି ତାହା ଏକାନ୍ତ ଅଭିନନ୍ଦନୀୟ । ଅଥଚ ଏଇ ଭାବସାନ୍ଦ୍ର କବିତାଟିରେ ଚେତନାର ଯେଉଁ ବିସ୍ଫୋରଣ ଘଟିଛି ତାହା ଭାବୁକ ପାଠକକୁ ଆକ୍ରାନ୍ତ କରେ । କବିର ଜୀବନ ଓ ମୃତ୍ୟୁର କେନ୍ଦ୍ରବିନ୍ଦୁ ସେଇ ଗାଁ । ତାରି ଆକାଶ ଓ ସମୁଦ୍ର-ତାରି ନକ୍ଷତ୍ର ଓ ଚନ୍ଦ୍ର-ତାରି ବିହଙ୍ଗ ଓ ଇନ୍ଦ୍ରଧନୁ-ସବୁ ଭିତରେ ଯେତିକି ରହିଛି ଆବେଗିକ ଆକର୍ଷଣ-ଅଧିକ ରହିଛି ନିର୍ଜନତା ଓ ଆତ୍ମାର ହାହାକାର । କବିତାଗୁଡିକର ଜନ୍ମ ରୋମାଣ୍ଟିକ୍ ଚେତନା ଭିତରୁ ହେଲେ ବି ତାର ବ୍ୟାପ୍ତି ଏକ ଦାର୍ଶନିକ ମନନକୁ ଛୁଇଁ ରହିଛି ଓ ଯଥାର୍ଥରେ ମନୋଜ ଚିନ୍ତା-ମାନସର ସ୍ଥିର ଅଥଚ ଗଭୀର ଆକାଶକୁ ଚିହ୍ନେଇ ଦେଉଛି ।

ଆଗରୁ ସୂଚେଇ ଦେଇଛି ଏ କବି କବିତା ରଚନାରେ ଏକାନ୍ତ ମନ୍ଥର, କୁହାଯାଇପାରେ ଏକାନ୍ତ କୃପଣ ମଧ୍ୟ । ଉତ୍ତର 'ଉପନିବେଶ' ପର୍ଯ୍ୟାୟରେ ଦୀର୍ଘ ୩୦ ବର୍ଷ ମଧ୍ୟରେ କବିତାରେ ସଂଖ୍ୟା ମାତ୍ର ଛଟି । ତାଙ୍କ କବିତାକୁ ଭଲ ପାଉଥିବା ଓଡ଼ିଆ ପାଠକେ ଏଇ ମନ୍ଥରତା ପାଇଁ ନିଶ୍ଚୟ ତାଙ୍କୁ କ୍ଷମା ଦେବେନାହିଁ । ତଥାପି ଏଇ ପର୍ଯ୍ୟାୟରେ ସେ ଅଳ୍ପ ଯେଉଁ କେତୋଟି ଲେଖିଛନ୍ତି ତା'ର ପ୍ରତିଶ୍ରୁତି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ । ସମଗ୍ର ଭାରତବର୍ଷର ଚିତ୍ର ଅର୍ଥାତ୍ ମାଆ ଓ ମାତୃଭୂମିର ଦୁର୍ଗତି ଓ ଦୁର୍ବିପାକ ପ୍ରତି ତାଙ୍କ ଦୃଷ୍ଟି କେନ୍ଦ୍ରାୟିତ ହୋଇଛି । ଅବରୁଦ୍ଧ ନଗରୀର ପ୍ରହରୀମାନେ ପ୍ରମତ୍ତ, ଚତୁର୍ଦ୍ଦିଗରେ ଅରାଜକତା, ଅନ୍ଧରାତି ଫଣା ଟେକିଛି, ଯେଉଁ ଜହ୍ନକୁ ଏତେ ଭାବରେ ସେ ଅନୁଭବ କରିଥିଲେ ସେ ଆଜି ଫିକା ପଡିଯାଇଛି, କାରଣ ମେଘମାଳାରେ ସେ ବନ୍ଦୀୟିତ । ଆଲୋକର ସମସ୍ତ ସମ୍ଭାବନାକୁ ନିର୍ବିବାଦରେ ଅରାଜକତାର ଅନ୍ଧକାର ଗ୍ରାସ କରିବାକୁ ବସିଛି । ଏହିପରି ପରିବେଶରେ ସେ ଭାରତର ଆତ୍ମାକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ବିଖଣ୍ଡିତ ମାନସରେ ଭାରତର ଆତ୍ମା ଧରା ଦେବନାହିଁ, ବ୍ୟକ୍ତିର ଅନ୍ଧକାର ସତ୍ତା ଭାରତର ଆତ୍ମାକୁ ଆବରିତ କରି ରଖିଛି । ଅର୍ଥାତ୍ ଏବେ ମଧ୍ୟ ଭାରତକୁ ଚିହ୍ନିବାକୁ କବିକୁଳ ସକ୍ଷମ ହୋଇ ନାହାନ୍ତି । ସେ ଏକ ପ୍ରକାଣ୍ଡ ରହସ୍ୟ ମଧ୍ୟରେ ତଥାପି ରହସ୍ୟାୟିତ ହୋଇ ରହିଛି । 'ଭାରତବର୍ଷ-୧୯୯୦' ଶେଷ କବିତାଟିରେ ସେ ଭାରତକୁ ଯୁଗେ ଯୁଗେ ଧ୍ୱଂସ କରିଥିବା ଭସ୍ମାସୁରମାନଙ୍କୁ ଭାରତର ତପସ୍ୱୀ ଋଷିମାନେ ଜଠରସାତ୍

Digitized by srujanika@gmail.com

କରିଥିବା କଥା ଉଲ୍ଲେଖ କରିଛନ୍ତି ଓ ଶେଷରେ ଦୟାନଦୀ ତୀରରେ ଋଷି ଦଧୀଚିଙ୍କର ପୁନଶ୍ଚ ଆବିର୍ଭାବ ହେବ ବୋଲି ମଙ୍ଗଳ-ଆଶା ପୋଷଣ କରିଛନ୍ତି । ଭାରତ ପାଇଁ ଆଶାବାଦର ସ୍ୱର ଶୁଣାଇଥିଲାବେଳେ ଜଣେ ଦୂରଦ୍ରଷ୍ଟା ଋଷିପରି ସେ ସମଗ୍ର ଧରାପାଇଁ ଆକାଶର ସପ୍ତର୍ଷିମଣ୍ଡଳକୁ ଚାହିଁ ପୁଣିଥରେ ସେମାନେ ଧରାରେ ଅବତୀର୍ଣ୍ଣ ହୋଇ ଏ ଧରାକୁ ଶୋକତାପରୁ ରକ୍ଷା କରିବାକୁ ଆକୂତି ବାଢ଼ିଲାବେଳେ ସପ୍ତର୍ଷି ଲୋକରୁ ଭାସି ଆସିଥିବା ବାଣୀ ଶ୍ରବଣ କରିଥିଲେ ।

''ଧରାକି ଆସିବ ନାହିଁ ଏ ସାର୍ଥକ ତପସ୍ୟାର ସ୍ତରେ ?''

ଯୁଗେ ଯୁଗେ ଯେପରି ନିଶୀଥ ଆକାଶରେ ଫୁଟି ଉଠୁଥିବା ନକ୍ଷତ୍ର ପୁଞ୍ଜ (ଯେଉଁମାନେ ଏକଦା ପୁଣ୍ୟପ୍ରାଣ ଭାରତ ବକ୍ଷରେ ଜନ୍ମ ନେଇ ଆଜି ଦୂର ଆକାଶର ଜ୍ୟୋତିଷ୍କ ମଣ୍ଡଳୀରେ ଶାଶ୍ୱତ ଶୋଭାର ପସରା ମେଲି ଦେଖୁଛନ୍ତି) ପୃଥିବୀକୁ ଏହି ଆମନ୍ତ୍ରଣ ଜଣାଇ ଆସିଛନ୍ତି; ଅଥଚ ଏ ପୃଥିବୀ ସେପରି ସ୍ୱାର୍ଗିକ ଆମନ୍ତ୍ରଣ ପ୍ରତି କର୍ଣ୍ଣପାତ କରିନାହିଁ । କିନ୍ତୁ ନିଶ୍ଚୟ ଦିନେ ବେଳ ଆସିବ ଯେତେବେଳେ ସମଗ୍ର ଧରାରେ କେଉଁ ଏକ ଅତି ମାନସିକ ଶକ୍ତିର ଅବତରଣ ଘଟିବ ଓ ଅନ୍ତରୀକ୍ଷର ନକ୍ଷତ୍ରମଣ୍ଡଳୀର ଜ୍ୟୋତିରେ ଧରା ଅଭିଷିକ୍ତ ହେବ । ଏହି ଶେଷ କେତୋଟି କବିତାରେ ମନୋଜ କାବ୍ୟମାନସର ଯେଉଁ ଋଷିଦୃଷ୍ଟି ସଂପନ୍ନତା (Voyancy) ପ୍ରକଟିତ ହୋଇଛି ତାହା କବି ମାନସର କଳ୍ପନା ମାତ୍ର ନୁହେଁ-ସୁଦୂର ପଣ୍ଡିଚେରୀରେ ଏକ ତପସ୍ୟାରତ ଜୀବନର ଆତ୍ମିକ ଉତ୍ତରଣ ବୋଲି ମାନିବାକୁ ହେବ । ଏ ଅନୁଭବରେ ସେ ଲେଖନୀରୁ ଆଉ ବାସ୍ତବଧର୍ମୀ କବିତାର ଉତ୍ସାରଣ ନହେବା କଥା । ଏଇ ଅତିମାନସିକ ଭାବନାହିଁ ତା'ପାଇଁ ଏକମାତ୍ର ବାସ୍ତବତା । ଯେଉଁଠି ବକ୍ତବ୍ୟ ଠାରୁ ଅନୁଭବ ବଡ କଥା ହୋଇଯାଏ ସେଠାରେ ଅନୁଭୂତିକୁ ବୋଧହୁଏ ଅଭିବ୍ୟକ୍ତି ମାଧ୍ୟମରେ ପ୍ରକାଶ କରିହୁଏ ନାହିଁ । କବିଟିଏ କେବଳ ଧ୍ୟାନମଗ୍ନ ହୋଇଯାଏ । ବୋଧହୁଏ ମନୋଜ କାବ୍ୟମାନସର ମନ୍ଥରତା ପାଇଁ ଏହାହିଁ ଏକମାତ୍ର କାରଣ ହୋଇପାରେ ।

• ଡୁପ୍ଲେକ୍ସ ୯, ଶୈଳଶ୍ରୀ ବିହାର,
ଭୁବନେଶ୍ୱର -୨୧

Digitized by srujanika@gmail.com

ବିପ୍ଳବରୁ ସନ୍ନ୍ୟାସ : କବି ମନୋଜ ଦାସ

ଡକ୍ଟର ଅଭୟ ବାରିକ

ଆଧୁନିକ କଥା-ସାହିତ୍ୟର ମୂର୍ଦ୍ଧନ୍ୟପୁରୁଷ ମନୋଜ ଦାସ ଯେ ମୂଳତଃ ଜଣେ କବି-ଉତ୍ତରପୀଢ଼ୀ ପାଇଁ ଏହା ଏକ ବିସ୍ମୟ ହେଲେ ବି; ଏକଥା ବିସ୍ମୃତି ହେବାର ନୁହେଁ ଯେ, ପ୍ରତ୍ୟେକ ସ୍ରଷ୍ଟାର ଅଙ୍କୁରୋଦ୍‌ଗମ ହୋଇଥାଏ କବିତାରୁ । ସୃଷ୍ଟି ମାତ୍ରେ ହିଁ କବିତା । ବ୍ୟକ୍ତିର ଚେତନାରେ ଓ ଆତ୍ମାରେ କବିତାର ମନ୍ତ୍ର ଉଚ୍ଚାରିତ ନହେଲେ ସେ ସ୍ରଷ୍ଟା ପର୍ଯ୍ୟାୟକୁ ଓ ଶିଳ୍ପୀ ସ୍ତରକୁ ଉତ୍ତୀର୍ଣ୍ଣ ହୋଇପାରେ ନାହିଁ । ପ୍ରଥମେ କବି ପାଲଟିଲେ ହିଁ ସେ ସୃଷ୍ଟିର ବିବିଧତାକୁ ପ୍ରବେଶ କରିପାରେ । ତେଣୁ ସୃଜନର ପ୍ରାରମ୍ଭିକତା ହିଁ କବିତ୍ୱ । ଏହି ଦୃଷ୍ଟିରୁ ନିରୀକ୍ଷଣ କଲେ; ଷଷ୍ଟଦଶକୋତ୍ତର କାଳରେ ଶ୍ରୀ ମନୋଜ ଦାସ ଗଦ୍ୟସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରି ଏବେ କେବଳ ଓଡ଼ିଶା ନୁହେଁ; ଆନ୍ତର୍ଜାତିକ କ୍ଷେତ୍ରରେ ଜଣେ ଅଗଧାଡ଼ିଆରେ କଥାକାର ଭାବେ ସ୍ୱୀକୃତ ହୋଇଥିଲେ ମଧ ତାଙ୍କର ସାରସ୍ୱତ ଜୀବନର ଅୟମାରମ୍ଭ ହୋଇଥିଲା କବିତା-ପିଣ୍ଡିରୁ ଗୋଟାଳି ଧରିବାରେ ।

ବିଂଶ ଶତାବ୍ଦୀର ସାଧକ, ଦିବ୍ୟପୁରୁଷ ଶ୍ରୀ ଅରବିନ୍ଦଙ୍କ ଜୀବନ ଯେଭଳି ଏକ ବିସ୍ମୟତା ମଧ ଦେଇ ଗତି କରିଥିଲା; ଅନୁରୂପ ଭାବେ ଶ୍ରୀ ମନୋଜ ଦାସ ନାସ୍ତିକତାରୁ ଆସ୍ତିକତା, ବିପ୍ଳବରୁ ସନ୍ନ୍ୟାସ, ଗୃହୀରୁ ବୈରାଗୀ ଓ କବିତାରୁ ଗଦ୍ୟରେ ପହଞ୍ଚି ଯାଇଛନ୍ତି । ପ୍ରାୟତଃ ଗୋଟେ ଦଶନ୍ଧି ଧରି ସେ ଓଡ଼ିଆ କବିତା କ୍ଷେତ୍ରରେ ଜଣେ ପ୍ରତିଶ୍ରୁତିଧର କବି ଭାବରେ ଉଙ୍କିମାରି ପୁଣି ଗଦ୍ୟଆଡ଼କୁ ମୁହାଁଇଛନ୍ତି ।

ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ସଜବାଜ ବେଳେ ମନୋଜ ଦାସ (୧୯୩୪) ଭୂମିଷ୍ଠ ହୁଅନ୍ତି । ବୋଧହୁଏ ସେଇଥିପାଇଁ ସେହି ବାୟୁମଣ୍ଡଳ ହିଁ ତାଙ୍କୁ ପ୍ରଥମରୁ ଗଢ଼ିତୋଳିଲା ଜଣେ ବାମପନ୍ଥୀ ଭାବରେ । 'ଛାତ୍ର ଫେଡେରେସନ୍'ର ଜଣେ ବଳିଷ୍ଠ କର୍ମୀ ଭାବରେ ସେ ଯେଉଁ ଭୂମିକା ଗ୍ରହଣ କରିଥିଲେ ତା'ର ଫଳଶ୍ରୁତି ସ୍ୱରୂପ ସେବେଠୁ ତାଙ୍କ ଭିତରେ ମାର୍କସବାଦୀ ଚିନ୍ତାଧାରା ଭିତ୍ତିକ କାବ୍ୟଚେତନାର ବୀଜାଙ୍କୁର ଘଟିଥିଲା । ଜଣେ ପ୍ରତିବଦ୍ଧ ଛାତ୍ରନେତା ଭାବରେ ସେ ତତ୍କାଳୀନ ରାଜନୀତି ସହିତ ସଂପୃକ୍ତି ରକ୍ଷା କରିଥିଲେ ଏବଂ ତାର ଜାଗରଣ ପାଇଁ ସେ ନିଜେ ଗୀତ କବିତା ଲେଖି

Digitized by srujanika@gmail.com

ସୁରଦେଇ ଗାଉଥିଲେ । ତାଙ୍କ କବି ଜୀବନର ପ୍ରାରମ୍ଭିକ ପର୍ବ ହିଁ ଆଚ୍ଛାଦିତ ହୋଇ ରହିଥିଲା ସାମ୍ୟବାଦୀ ଚିନ୍ତାଚେତନା ଦ୍ୱାରା; ଯାହାର ପରିଣତି ସ୍ୱରୂପ 'ଶତାବ୍ଦୀର ଆର୍ତ୍ତନାଦ' (୧୯୪୮), 'ବିପ୍ଲବୀ ଫକୀରମୋହନ' (୧୯୪୯) ଓ 'ପଦଧ୍ୱନି' (୧୯୫୪) କାବ୍ୟ ଗ୍ରନ୍ଥର ସୃଷ୍ଟି । ପରବର୍ତ୍ତୀ ସଂକଳନ 'ଉପନିବେଶ' (୧୯୫୫), 'ନନ୍ଦାବତୀର ମାଝି' (୧୯୫୬) ଓ 'ତୁମ ଗାଁ ଓ ଅନ୍ୟାନ୍ୟ କବିତା' (୧୯୯୨)*ରେ ଏହି ବିପ୍ଲବର କ୍ରମ ବିଲୟମାନ ସ୍ୱର ସହିତ ଗାଢ଼ ପ୍ରକୃତିମନସ୍କତା ଓ ରୋମାଣ୍ଟିକ୍-ରହସ୍ୟବାଦୀ ଚେତନାର ଝଲକ ପରିଦୃଷ୍ଟ ହୋଇଥାଏ । ଗୋଟେ ଶୋଷଣମୁକ୍ତ, ରକ୍ତ-ରହିତ-ସମାଜର ସ୍ୱପ୍ନରେ ସେ ପୂର୍ବଜ କବି ଅନନ୍ତ ପଟ୍ଟନାୟକଙ୍କ ଭଳି ବିଭୋର । 'ପଦଧ୍ୱନି'ର କବିତାଚୟରେ ସେ ସେହି ନୂତନ ସକାଳର ରକ୍ତିମ ପଦପାତ ଶୁଣି ପାରିଛନ୍ତି । ଏବଂ ସେହିଭଳି ଏକ ସଚଳ ସମୟର ଆଗମନ ପାଇଁ ଏକ ରୁଧିରମନ୍ତ ମାନସିକତାକୁ ମଧ୍ୟ ଆତ୍ମସ୍ଥ କରି ପାରିଛନ୍ତି :

''ଆମର ତପ୍ତ ନିଃଶ୍ୱାସରେ ଜଳିଯାଏ
ପୁଞ୍ଜିବାଦର ଜୀର୍ଣ୍ଣ ଦଲିଲ
ଆମେ ଅଗ୍ରସର ହେଉଛୁ
ଅନବରତ ଆମର ଝଲସିତ
ଗଭୀର ଅନ୍ଧାର ଝନ୍‌ଜା ଘାତରେ ଅକ୍ଷତ
ବହୁ ବିଦୀର୍ଣ୍ଣ ବକ୍ଷର ସ୍ରାବରେ ରଞ୍ଜିତ ।''

(ପଦାତିକ -ପଦଧ୍ୱନି)

ଗୋଟେ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ଉଚ୍ଛେଦ ପରେ ହିଁ ମଣିଷ ଫେରି ପାଇବ ତାର ଅଧିକାର । ସେହି ଧ୍ୱଂସାଭିମୁଖୀ ରୁଢ଼ ବ୍ୟବସ୍ଥା ବିରୋଧରେ କବି ଗୋଟେ ବିପ୍ଳବୀର ଭୂମିକା ନେଇ ଖୁବ୍ ଦୃପ୍ତ କଣ୍ଠରେ ଉଚ୍ଚାରଣ କରନ୍ତି :

''ତୁମ ମଶାଣିର କଳାଧୂଆଁ ଯଉଁ ବାଦଲ ଆଣିଛି ଡାକି,
ତା' କଳା ଛାତିରେ ମୁଦ୍ରିତ ଆଜି ପ୍ରଳୟର ବଇଶାଖୀ ।

x x x

ବିଜୟ ଶଂଖ ଗର୍ଜୁଛି ମୁଖେ ମୁଖେ
ରକ୍ତ ପ୍ରଭାତେ ଆଲୋକିତ ଆମେ ପୁଣି ଏ ଶପଥ ନେଉଁ
ତୁମ ରକ୍ତର ପ୍ରତିକଣା ପାଇଁ ପ୍ରତିଶୋଧ ଆମେ ଚାହୁଁ ।''

(ହେମ-ପ୍ରତିଧ୍ୱନି)

* ଏହା ୧୯୯୨ରେ ପ୍ରକାଶିତ ହେଲେ ହେଁ 'ତୁମ ଗାଁ...' ଶୀର୍ଷକ ଅଠରଟି କବିତାର ସମୟସୀମା ପ୍ରାୟ ୧୯୫୪ରୁ ୧୯୯୦, ଏବଂ 'ଉପନିବେଶ' ବିଭାଗର ଅଧିକାଂଶ କବିତା 'ପଦଧ୍ୱନି' ଓ 'ନନ୍ଦାବତୀର ମାଝି'ରୁ ଆହୃତ ।

Digitized by srujanika@gmail.com

କବି 'ଉପନିବେଶ' ପ୍ରତିଷ୍ଠା କଲାବେଳକୁ ତାଙ୍କ ଭିତରୁ ସେହି ବିପ୍ଳବର ଭୀମ ରଡି କ୍ରମଶଃ ସ୍ତିମିତ ହୋଇଯାଇଛି । 'ପୋଡାରୁଟି' ଓ 'ରକ୍ତ'ର ସରହଦ ଭିତରୁ ସେ ମୁଖ୍ୟତଃ ପ୍ରକୃତିମନସ୍କହୋଇ ଉଠୁଥିଲେ ବି ଜୀବନର ବାସ୍ତବତା ପ୍ରତି ସେ ପରାଙ୍ମୁଖ ହୋଇ ନାହାନ୍ତି । ତାଙ୍କ କାବ୍ୟ ଚେତନାରେ ଏହି ଯେଉଁ ରୂପାନ୍ତର ଆସିଛି ତାହା ମଧ୍ୟ ତାଙ୍କ କବିତାର ଆଙ୍ଗିକକୁ ବଦଳାଇ ଦେଇଛି । ବିପ୍ଳବର ସ୍ୱର-ଲୟର ଛନ୍ଦପତନ ସହିତ ତାଙ୍କ ଭାଷା ଓ ଭଙ୍ଗୀ ମଧ୍ୟ ଏକ ପ୍ରୟୋଗବାଦୀ ଧାରଣାକୁ ଓହ୍ଲେଇ ଆସିଛି । ବାକ୍‌ଛନ୍ଦ ସହିତ ତତ୍କାଳୀନ କାବ୍ୟଧାରାକୁ ସେ ଆତ୍ମସ୍ଥ କରି ପାରିଛନ୍ତି ।

'ଉପନିବେଶ'ରେ କେତୋଟି ନିଚ୍ଛକ ବାସ୍ତବବାଦୀ ଚରିତ୍ରକୁ ଦେଖା ଯାଇପାରେ 'ହଳଦିଆ ଭାଲୁ' କବିତାର 'ଅବନୀ ମହାନ୍ତି' କେବେ ରେଳଗାଡି ଦେଖିନି । ଆଧୁନିକ ବିଜ୍ଞାନର ଆବିଷ୍କାର ଓ ଉଦ୍‌ଭାବନ ସଂପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ । ଅବନୀ ମହାନ୍ତି ପ୍ରତିନିଧିତ୍ୱ କରେ ଗୋଟେ ମଣିଷଗୋଷ୍ଠୀକୁ ଯେଉଁମାନେ କେବଳ ସରଳ ବିଶ୍ୱାସ, ନିରାଡମ୍ବର ଜୀବନଚର୍ଯ୍ୟା ଓ ନୀରିହ ମାନସିକତାନେଇ ପୁଣି ଫେରିଯାଉଛନ୍ତି ଏଠୁ । କୌଣସି ଆଟୋପ ଓ କୃତ୍ରିମତା ଛୁଇଁ ପାରିନି ସେମାନଙ୍କୁ । ମୌଳିକତାରୁ ତାଙ୍କର ଆରମ୍ଭ ଓ ମୌଳିକତାରେ ବି ତାଙ୍କର ଶେଷ । କବିଙ୍କ ଚାତୁରୀ ବେଶ୍ କାବ୍ୟିକ ଛଟାରେ ରଞ୍ଜିତ :

''ବିଲାତ ଦେଶର ଏକ ହଳଦିଆ ଭାଲୁ
କହିପାରେ କଥା ଗୁଲୁଗୁଲୁ
ମୁଁ ଯଦି ଏକଥା କହନ୍ତି
ମାନିନେବେ ଅବନୀ ମହାନ୍ତି ।
ଅବନୀ ମହାନ୍ତି ମୋର ଚାଲିଗଲା
ଇହଧାମ ଛାଡ଼ି
ଏକାଶୀ ବରଷ ବଞ୍ଚି, ନଜାଣି ସେ
କିସ ରେଳଗାଡି ।''

'ତନୁମାଝି' ମଧ୍ୟ ଅନୁରୂପଭାବେ ଏକ ବାସ୍ତବବାଦୀ ଚରିତ୍ର ଯିଏ ସମୁଦ୍ର ଭିତରେ ଏକାତ୍ମ ହୋଇଯାଇଛି । ବଙ୍ଗୋପସାଗରରେ ଝଡ ଉଠିଲେ ତାର ନିଘା ନଥାଏ । କ'ଣ ସବୁ ଘଟି ଯାଉଥିଲେ ବି ସେ ପ୍ରତି ତା'ର ନଜର ନଥାଏ । ଡଙ୍ଗା ଓ ସମୁଦ୍ର ଭିତରେ ତାର ଆତଯାତ :

ତନୁମାଝି ଶୋଇଥିଲା ଭଙ୍ଗା ଏକ ତରଣୀ ଉଢାଳେ
ବୃହତ୍ ଶାମୁକା ଭଳି ବୁଡି ବୁଡି ସାରାଦିନ ଜଳେ,
ଏଗାରଟା ରାତିପରେ ଗିଳି ପେଟେ ଶୀତଳ ପଖାଳ
ସାଗର ଅତଳ ଚଷି, ଚଷୁଥିଲା ନିଜର ଅତଳ ।

ବଙ୍ଗୋପସାଗରରୁ ଝଡ ଯାଇ ଆରବ ସାଗରରେ ପହଞ୍ଚିଗଲେ ବି, ''ଉଠି ବସି ତନୁମାଝି

Digitized by srujanika@gmail.com

ଦେହ ପୋଛି ଥିଁରୁଟେ କହିଲା/ଧୂଳେରେ ! କେତେବେଳେ ଚୁପ୍‌ଚାପ୍ ବର୍ଷା ହୋଇଗଲା ।'' (ତନୁମାଝି -ଉପନିବେଶ) ସେହିଭଳି ଖଟିଖିଆ ମେହନତି ବୁଢାଟାକୁ କବି ଭେଟିଛନ୍ତି ଦି'ପହରେ କି ରାତି ଅଧରେ ଯିଏ, ହାତରେ ଅଠା ଓ ସିନେମା ପୋଷ୍ଟର ଧରି ଚାଲିଛି । ପୋଷ୍ଟର ଲଗାଉଛି ଠାଆକୁ ଠାଆ । ଆକାଶରେ ଏତେ ଜହ୍ନ ଅଥଚ ବୁଢାର ପେଟରେ କାଶ ଓ ଭୋକ । ଦରଦୀପ୍ରାଣ ଉଦ୍‌ବେଳିତ ହୋଇ ଉଠିଛି :

ନିଶାର୍ଦ୍ଧର ପୃଥିବୀର ପଥେ
ଖୁକ୍‌ଖୁକ୍ କାଶେ ଜଣେ ବୁଢା
ହାତେ ଅଠା, ସିନେମା ପୋଷ୍ଟର
ଆଖିତଳେ ଜଣ୍ଡିସ୍‌ର ଧୂ ଧୂ
ଏତେ ରାତି, ଏତେ ଯେ ମଧ୍ୟାହ୍ନ
ହାୟ ବୁଢା, ହାୟ ମୋର ଜହ୍ନ !

(ବୁଢା-ଉପନିବେଶ)

ଏହି ଜୀବନଯନ୍ତ୍ରଣାର ମଧ୍ୟବିତ୍ତ ସ୍ୱର 'ଗାଉନ୍' କବିତାରେ ଆଉରି ପ୍ରତୀକିତ । ବିଶ୍ୱବିଦ୍ୟାଳୟର ଡିଗ୍ରୀ ଓ ଗାଉନ୍ ଭିତରୁ ଏବେ ଆଉ ଖୋଜି ହେଉନି ସେ ସମୟର ସ୍ୱପ୍ନ ଓ ସମ୍ଭାବନାକୁ । ବହୁ କୁଟୁମ୍ବୀ ନିଅଣ୍ଟିଆ କିରାଣୀ ଜୀବନ ଭିତରେ ସୁବ୍ରତ ମହାନ୍ତି ପ୍ରତି ମୁହୂର୍ତ୍ତରେ ଚାପି ହୋଇ ଯାଉଥାଏ :

''କାନ୍ଦିବକି ? ଗାଉନ୍ ବା କାନ୍ଦିପାରେ କେବେ !
ହଠାତ୍ ସେ ଫଟୋଟିକୁ ଜାକିଧରେ
ଚୁମାଦିଏ ସ୍ୱପ୍ନସ୍ନାତ ଟୁନୁ, ମୁନି, ଚୁନିର କପାଳେ
ଏବଂ ତା'ପରେ,
'ହଇକିଓ ! ଟିକେ ଘୁଞ୍ଚ, ଜାଗାଦିଅ,''
ସୁବ୍ରତ ମହାନ୍ତି, ବି.ଏ. କହେ ଅତି ଧିରେ ।''

(ଗାଉନ୍-ଉପନିବେଶ)

ଲଘୁ ବ୍ୟଞ୍ଜନା ଭିତରେ ଏକ ସାଧାରଣ ଜୀବନର ତୀବ୍ର ଯନ୍ତ୍ରଣା ଓ ଅସହାୟ-କାତର ସ୍ଥିତାବସ୍ଥାର ଏହା ଏକ କାବ୍ୟିକ ପରିପ୍ରକାଶ । ଗ୍ରାଜୁଏଟ୍ ସୁବ୍ରତ ମହାନ୍ତି ଯେମିତି କେବେଠୁ ମରିଯାଇଛି ଏବଂ ଏବେ ସେ କେମିତି ଗୋଟେ ନିର୍ଜୀବ ଗାଉନ୍ ।

କବିତା କ୍ଷେତ୍ରରେ ବିପ୍ଳବାତ୍ମକ ସ୍ୱରରୁ ଓହରି ଯାଇଥିଲେ ମଧ୍ୟ ମନୋଜ ଦାସଙ୍କ କବିତାରେ ଯେପରି ଉପର୍ଯ୍ୟୁପରି ଭାବେ ବାସ୍ତବଜୀବନର ଚିତ୍ର ପ୍ରକିଟିତ ହୋଇଛି ତାହାର ଏକ ପଟାନ୍ତରହୀନ ଚିତ୍ର ମିଳେ ନିମ୍ନୋକ୍ତ କବିତାରୁ ଯାହା ତାଙ୍କ ପ୍ରଗତିବାଦୀ ଚେତନାର ଶେଷତମ ସ୍ଫୁରଣବୋଲି ଧରିନିଆ ଯାଇପାରେ ।

Digitized by srujanika@gmail.com

''ଚିହ୍ନିଚ କି ?
ରାତିର ଦୁର୍ଗେ ଢଳିପଡେ ଯେବେ ତୁମରି ଆଖି
ପୌର୍ଣ୍ଣ-ବାସର ଚନ୍ଦ୍ର ହୋଇ ଏ ଆକାଶ ଦେହେ
ପହରା ଦେଉଁ
ନବସୂର୍ଯ୍ୟର ଉଦୟ ଯାଏଁ ।

(ଆମେ ଯେଉଁମାନେ - ଉପନିବେଶ)

ଏହି ପର୍ଯ୍ୟାୟରୁ ଲକ୍ଷ୍ୟ କରାଯାଇପାରେ ଶ୍ରୀ ଦାସଙ୍କ କବିଚେତନା କ୍ରମଶଃ ପ୍ରକୃତିମଗ୍ନା ହେବା ସହିତ ରହସ୍ୟମୟତା ଆଡକୁ ଅନ୍ତର୍ମୁଖୀ ହୋଇଛି । 'ତୁମ ଗାଁ...' ଭିତରୁ ଏହା ସ୍ପଷ୍ଟ ଅନୁଭବ୍ୟ । ପ୍ରଥମତଃ ମନ ଭିତରେ କୌତୁହଳତା ସୃଷ୍ଟିହୁଏ, ଏ ତୁମ ଗାଁଟି କାହା ଗାଁ ? ସେଇ ଗାଁଟି ନିଶ୍ଚୟ ସେଇ ଅଦୂର ଗାଁ ଯାହା ପ୍ରତି ଆବାଲ୍ୟରୁ କବି ପୁରୁଷର ଏକ ତଦାତ୍ମିକ ଭାବସମ୍ପନ୍ଧି ରହିଛି । ସେହି ଗାଁର ପୂର୍ବାଶାରେ ଯେବେ ଭାଷା ଆସେ, ''ସେ ମୁହୂର୍ତ୍ତ ମନେହୁଏ ବଡ ସ୍ନିଗ୍ଧ, ବର୍ଣ୍ଣବୋଧ ପରି,/ ସବୁକିଛି ମନେହୁଏ ଅ ଆ ଭଳି ସରଳ ଚାତୁରୀ !'' ''ସେହି ଗାଁର ଲଘିମାରେ କେବଳ କବିପୁରୁଷ ନୁହେଁ,:

''ସେତେବେଳେ ବୁଝିହୁଏ ତୁମ ଗାଁ ମାଟିର କି ମାୟା,
ସେ ମାୟାରେ ଅବତରି ଆକାଶର ସୂର୍ଯ୍ୟ ହୁଏ ବାୟା ।''

(ତୁମ ଗାଁ :ସୂର୍ଯ୍ୟାବତରଣ)

ବୋଧହୁଏ ଗାଁର ମାୟାକୁ ଏହାଠୁ ଅଧିକ ସାନ୍ଦ୍ର ଭାବରେ ପ୍ରକାଶ କରାଯାଇ ନପାରେ ।

ମୁଖ୍ୟତଃ 'ତୁମ ଗାଁ..' ପ୍ରସଙ୍ଗରେ ଯେଉଁ ଅଠରଟି କବିତା * ର ଉନ୍ମେଷ ଘଟିଛି ସବୁଥିରେ ସେହି ଅତି ପରିଚିତ ଆତ୍ମିକ ଗାଁଟିର ଯେ ଭୌଗଳିକ ସ୍ଥିତି ଓ ତଜ୍ଜନିତ ପ୍ରାକୃତିକ ଚିତ୍ରାବସ୍ଥାର ରୂପାୟନ କରାଯାଇଛି, ତା' ନୁହେଁ; ସବୁ କବିତା ଭିତରେ ପ୍ରକୃତି ଅତି ପରିଚିତ ଅଥଚ ନିତ୍ୟନୂତନ ଶୋଭାରାଶି ସହିତ ଆତ୍ମମନ୍ଥନ ଓ ଆତ୍ମାନ୍ୱେଷାର ବୈଚିତ୍ର୍ୟ ବେଶ୍ ଉପଭୋଗ୍ୟ । ଜୀବନର ବର୍ଣ୍ଣବୋଧଠାରୁ ଉତ୍ତରାହ୍ଣର ଗାରିମା ସବୁ ଯେପରି ଏକୀଭୂତ ହୋଇଛି 'ତୁମ ଗାଁ...' ଭିତରେ ।.'ସୂର୍ଯ୍ୟାବତରଣ' ଓ 'ସୂର୍ଯ୍ୟାସ୍ତର ରଙ୍ଗ' ଭିତରେ ସେହି ଭୂମାସତ୍ତା ନିକଟରେ ଯେପରି ତଦାତ୍ମ୍ୟ ହୋଇଯାଇଛି । 'ବର୍ଷା' ଭିତରେ କେବଳ ଦେହ ବତୁରି ଯାଇନି ବରଂ ଅନ୍ତଃସ୍ଥଳ ଯେପରି ଧୋଇହୋଇ ଯାଉଛି ଓ ସେଥିରୁ କେଉଁ ଶୁଭ୍ରାନୁଭବଟିଏ ଅଙ୍କୁରି ଉଠୁଛି । 'ଜହ୍ନରାତି'ର ଭେଳିକି ଭିତରେ ସେ ଯେତିକ ହତ୍‌ବାକ୍, ସେତିକି ବି ସ୍ମୃତିସୁଖର । କେତେବେଳେ ଗାଁର 'କିଆଫୁଲ'ରେ

* 'ତୁମ ଗାଁ'ର ରଚନା କାଳ ୧୯୫୪ । ପରବର୍ତ୍ତୀ ୯ଟି କବିତା ୧୯୫୪ରୁ ୧୯୭୫ ଭିତରେ ଦୀର୍ଘ ଏକୋଇଶ ବର୍ଷର ବ୍ୟବଧାନରେ ଲିଖିତ । ପୁନଶ୍ଚ ଶେଷ ଆଠଟି କବିତା ୧୯୯୦ ଭିତରେ ଲିଖିତ । ତେଣୁ 'ତୁମ ଗାଁ'ର ସମୟ ସୀମା ୧୯୫୪ରୁ ୧୯୯୦ ଭିତରେ ସୀମିତ ।

Digitized by srujanika@gmail.com

ଦ୍ୟାବ୍ୟା-ପୃଥିବୀର ମହାମିଳନ, 'ଇନ୍ଦ୍ରଧନୁ'ଓ 'ବିହଙ୍ଗ'ର ଶୋଭାରେ ବିମୁଗ୍ଧ ପୁଣି ସେହି ଅନନ୍ତ ଆଡକୁ ପାଦ କାଢିବାରେ ସଚେଷ୍ଟ । ସବୁଠି ପ୍ରେମର ମହାଦ୍ୟୁତି ଝଲସିତ । ସମୁଦ୍ର ମଝିରେ ଥିବା ଦ୍ୱୀପଟିର ଏକାକୀପଣରେ କବି ପୁରୁଷ କମ ସନ୍ତପ୍ତ ନୁହନ୍ତି ! ସେ ଦ୍ୱୀପଟିଏ ଯେମିତି ଅନ୍ତଃହୀନ ରହସ୍ୟର ରାତ୍ରିଟିଏ ! ବିଷାଦିନୀ ମୌନାବତୀ କନ୍ୟାଟିଏ !!

''ସମୁଦ୍ର ମଝିରେ ଅଛି ଦ୍ୱୀପଟିଏ, ଶୂନ୍‌ଶାନ୍ ଅତି
ଦୁଃଖିନୀ ବିଧବା ଭଳି ତା' ଉପରେ ହସେ ଜହ୍ନ ରାତି ।

x x x

କାହିଁକି ଯେ ମନେହେଲା ଶୂନ୍‌ଶାନ ସେଇ ଦ୍ୱୀପକଥା
ସେ ଦ୍ୱୀପର ସପନରେ ଭାରିହେଲା କିଆଁ ଆଖିପତା !''

(ତୁମ ଗାଁ : ନିଶାର୍ଦ୍ଧ (୨))

ସେହି ଗାଁ ଆକାଶରେ ଗୋଟେ ଛିନ୍ନଗୁଡିକୁ ଦେଖି କବି ପୁରୁଷର ଆସିଛି ଭାବାନ୍ତର । ଆକାଶ ଆଗରେ କେତେବାର ସେ ନିଜ ଜୀବନର ଏକାକୀତ୍ୱ, ଆସହାୟତା ଓ ବିମର୍ଷତାକୁ ପ୍ରକାଶ କରିଥିଲେ ମଧ୍ୟ ଆଜି ଆକାଶରେ ଉଡ଼ି ଉଡ଼ି ଖସି ପଡୁଥିବା ଛିନ୍ନ ଗୁଡ଼ିଟିର ଏହି ଅସହାୟତାକୁ ଦେଖି ସେ ଆଉରି ମ୍ରିୟମାଣ ହୋଇ ପଡ଼ିଛନ୍ତି । ଏ ବୈକଲ୍ୟ ତାଙ୍କଠୁଁ ଆଉରି ଯନ୍ତ୍ରଣାକ୍ତ ।

''ଆକାଶକୁ କହିଥିଲି ମୋତେ କ୍ଷମା କର !
ଏ ବେଦନା ଆଗେ ହାୟ, କେତେ ତୁଚ୍ଛ ବିମର୍ଷତା ମୋର !''

(ତୁମ ଗାଁ: ଛିନ୍ନ ଗୁଡି)

ଜୀବନର ରହସ୍ୟମୟତାକୁ କବି ବୁଝିଛନ୍ତି କେବଳ ପ୍ରକୃତିର ଲୁଚାଛପା ଭିତରେ । ପାଇ ହଜେଇବା, ହଜେଇ ଖୋଜିବା ଭିତରେ ହିଁ ଜୀବନର ଗତାଗତ । ପାର୍ଥିବତା ଓ ଅପାର୍ଥିବତା, ଐହିକ ଓ ପାରତ୍ରିକ, ଆଲୋକ ଓ ଅନ୍ଧାର ଭିତରେ ଯେଉଁ ଲୁଚକାଳି ଖେଳ ଚାଲିଛି, ସେଇଥିରେ ହିଁ ଜୀବନ ଆପେ ଆପେ ବାଛିନେଇଥାଏ ତାର ଲକ୍ଷ୍ୟବିନ୍ଦୁ ଏବଂ ସେଇଠି ଉପନୀତ ହେବାର ଦୁର୍ବାର ମାନସିକତା ହିଁ ତାକୁ ବେଳକୁ ବେଳ ନିକଟତର କରିନେଉଥାଏ । ଏଭଳି ଏକ ମଞ୍ଜୁଳ ଅନୁଭବର ଚିତ୍ର ଦେଖାଯାଇପାରେ । ସାରା ଜହ୍ନରାତିରେ କବି ପୁରୁଷ ନଈ କୂଳରେ ଘୁରି ବୁଲୁଛି । ଆସ୍ତେ ଆସ୍ତେ ଜହ୍ନ ଅସ୍ତ ଯାଉଛି । ଅପୂର୍ବ ସ୍ପନ୍ଦନ ଭିତରେ କବି ପୁରୁଷ ଯେମିତି ଦୂରସ୍ଥ ନୀଳବନ ଓ ପର୍ବତର ଝଡ ଭିତରେ (ଚେତନାର ଝଡ) ବିଲୀନ ହୋଇଯାଉଛି ।

''ଶତଶତ ନକ୍ଷତ୍ରର ହେମାଳ ନିଃଶ୍ୱାସ
ଦେହରେ ଚହଟି ମୋର ଚରିଯାଏ ହୃଦୟ ସମଗ୍ର,

Digitized by srujanika@gmail.com

ଫେରିଯିବି ଘରେ,
ଛୁଆଛୁଆ ବେଣା, କିଆ, କଅଁଳ କାକର ଧୂଆ ଘାସ
ଟିପି ଟିପି ଚାଲିଯିବା ପରେ
ମୋଟେ କି ପଡିବ ମନେ, ଠିକ୍ ଜହ୍ନ ଅସ୍ତଗଲା ବେଳେ
କିସ ଟିଏ ହଜିଗଲା,
କିସଟିଏ ଛାଡିଗଲା ଆରେ ।''

(ଜହ୍ନ ଅସ୍ତଗଲାବେଳେ -ଉପନିବେଶ)

ଷଷ୍ଠ ଦଶନ୍ଧିବେଳକୁ ଶ୍ରୀ ଦାସ କବିତା କ୍ଷେତ୍ରରୁ ପ୍ରାୟତଃ ନିଷ୍କ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ମଝିରେ ମଝିରେ ଗୋଟେ ଗୋଟେ କବିତା ଲେଖୁଛନ୍ତି । ୧୯୯୦ରେ ଲିଖିତ ଗୋଟେ କବିତାର କବି ଏକ ଦିବ୍ୟଜୀବନର ତଥା ଦିବ୍ୟକାଳର ସମ୍ଭାବନା ଆଣିଛନ୍ତି ଭାରତବର୍ଷ ପାଇଁ, ଯାହା ସମଗ୍ର ପୃଥିବୀରେ ଦିବ୍ୟାନନ୍ଦ ସଂଚାର କରାଇବାରେ ସମର୍ଥ ହେବ ଠିକ ଉପନିଷଦୀୟ ସୂକ୍ତି ଭଳି ।

''ଶୁଷ୍କ ଦୟାନଦୀ ପୁଣି ହେବ ସଞ୍ଜୀବିତ ?
କୂଳେ ତାର ଠାବ ହେବେ ଦିବ୍ୟ, ଧ୍ୟାନରତ
ଶାଶ୍ୱତ ଦଧୀଚି ?
ଆରମ୍ଭିବ ଆଗାମୀର ଚାରୁ କାର୍ଯ୍ୟସୂଚୀ ?''

(ଭାରତବର୍ଷ : ୧୯୯୦)

ସାମ୍ୟବାଦୀ ଚେତନାରେ ଯେତେବେଳେ ମନୋଜ ଦାସଂକ କାବ୍ୟପୁରୁଷ ଡୁବି ରହିଥିଲା; ସେଠୁ ପ୍ରତୀକ ଓ ଚିତ୍ରକଳ୍ପ ଆସୁଥିଲା ଗୋଟେ ଶ୍ରେଣୀ ସଂଘର୍ଷ ମୁଂଦାତ ବିକ୍ଷୁବ୍ଧ ମାନସିକତାରୁ; ଯେଉଁ ଶବ୍ଦ ଓ ଶୈଳୀରୁ ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହେଉଥିଲା । ମୁଠାଏ ଅନ୍ନ ଓ ଟୋପେ ଔଷଧଧ ବିନା ଯେଉଁଠି ଅକାଳରେ ମାଆ ଆଗରେ ଛୁଆର ଜୀବନ ପ୍ରଦୀପ ଲିଭି ଯାଇଛି; ତାକୁ ଏହା ବ୍ୟତୀତ ଆଉ କେଉଁ ରକ୍ତକ୍ଷୟୀ ଛନ୍ଦରେ ବନ୍ଧାଯାଇ ପରିବ ?

''ସେ ପାଖରେ ମେଲ୍‌ଗାଡି ଚାଲିଗଲାଣି
ଭୋର ହେଲାଣି
ଆକାଶର ଏଇ ଫାକାଶିଆ ଜହ୍ନଟା
ଦେହରେ କଳାକଳା ଦାଗ-
ରୁଟି ଖଣ୍ଡେ ଉପରେ
ଦି' ପଇସାର ଆଳୁଦମ୍ ଭଳି
ଏଇ ଜହ୍ନଟି ଭଳି ରୁଟି ବି ଖଣ୍ଡେ ଦୁଷ୍ପ୍ରାପ୍ୟ ।''

(କଥାକହ-ପଦଧ୍ୱନି)

Digitized by srujanika@gmail.com

କିନ୍ତୁ କାବ୍ୟ ଚେତନାର ଉତ୍ତର ପର୍ବରେ ଯେଉଁ ଚିତ୍ରକଳ୍ପ ଓ ପ୍ରତୀକର ପ୍ରୟୋଗ ଘଟିଛି, ସେ ଗୁଡ଼ିକ ଆଧୁନିକ ଚିନ୍ତାଚେତନାର ଉଦ୍ରେକ କରିବା ସହିତ ସୂକ୍ଷ୍ମ ଜୀବନବୋଧ ଓ ରହସ୍ୟମୟତାର ଉନ୍ମେଷ କରାଇଥାଏ । ଏକ ସ୍ୱପ୍ନାବିଷ୍ଟ ମାନସିକତାକୁ ଲକ୍ଷ୍ୟ କରାଯାଉ :

ହଠାତ୍ ଆସିଲେ ସେବେ ପବନର ଦୁରନ୍ତ ଘୋଡ଼ାରେ
ବର୍ଗୀଭଳି ମେଘସବୁ, ଚୁପ୍‌ଚାପ୍ ଟାପୁର ଶବଦେ
ଚମକି ମୁଁ ଚାହିଁଦେଲି, କୃଷ୍ଣଚୂଡ଼ା ଗଛର ଚୂଡ଼ାରେ
ଚୁନାଚୁନା ସ୍ୱପ୍ନ ଏତେ ! (ଇଏ କେବେ ବର୍ଗୀ ହୋଇପାରେ ?)

(ଶେଷଦୃଷ୍ଟି-ଉପନିବେଶ)

ସେହିଭଳି ଆଉ ଦୁଇଟି ଚିତ୍ରକଳ୍ପକୁ ଲକ୍ଷ୍ୟ କଲେ ଚିତ୍ରକଳ୍ପ ଓ ପ୍ରତୀକ ପ୍ରୟୋଗରେ ଶ୍ରୀ ଦାସଙ୍କ ଅଭିନବତାକୁ ଅନୁଭବ କରାଯାଇପାରେ ।

''ଏବଂ ତା'ପରେ-
ଚନ୍ଦ୍ରମାର ଷ୍ଟାମ୍ପ ଦିଆ ରାତିର ଖାମ୍‌ରେ
ବିଚରା ସୂର୍ଯ୍ୟର ଲେଖା ଦିନକର ଚିଠି
ଉଲ୍‌କାଭଳି ଛୁଟିଥିଲେ ଅର୍ବୁଦ ମାଇଲ୍

(ଗାଉନ୍ -ଉପନିନେଶ)

ଏବଂ, ''ଆକାଶେ ଫେସନ୍ ବାଜ୍ ଜହ୍ନଥିଲା, ମେଘର ରୁମାଲେ-
ଥରଥର ମୁହଁ ମାଜି ହସୁଥିଲା ଧୂମାଭ ରହସ୍ୟ, x x x ।''

(ଏକଦା ପୃଥିବୀ-ଉପନିବେଶ)

ମନୋଜ ଦାସଙ୍କ କଥା ସାହିତ୍ୟର ଏକ ପ୍ରମୁଖ ବିଭାବ ହେଉଛି ଅତିଶୟତା ବା ଫାଣ୍ଟାସି । ଏହାରି ଜରଆରେ ସେ କାଳର ଅଖଣ୍ଡତାକୁ ପ୍ରକଟିତ କରି ତା' ଭିତରେ ସାଂପ୍ରତିକ ଜୀବନ ପ୍ରବାହର ସ୍ୱରୂପକୁ ଉଦ୍‌ଘାଟିତ କରିଥାନ୍ତି । ଅତିରଞ୍ଜନ ବା ଅତି କଳ୍ପନା ଭିତରେ ସେ ପରଂପରାର ଆଦିମୂଳକୁ ନିଖାତ କରି ତା' ଭିତରେ ଜୀବନଜିଜ୍ଞାସାର ହେତୁ ଓ ମାର୍ଗର ନିକଟତର କରେଇ ଦେଇଥାନ୍ତି । ମଣିଷର ବେକୁବ୍‌ପଣିଆ ପ୍ରତି ତାହାହିଁ ବୌଦ୍ଧିକ କଶାଘାତ । ଏହି ଚେତନାର ଅୟମାରମ୍ଭ ଘଟିଥିଲା ତାଙ୍କର କବିତାରୁ । ନିମ୍ନୋକ୍ତ କେତୋଟି ଫାଣ୍ଟାସିଧର୍ମୀ ପଂକ୍ତିରୁ ଏହା ଅନୁମେୟ ।

କ) ମହାନଦୀ ମୁହାଣର ମତ୍ସ୍ୟ ଏକଦଳ
କରୁଛନ୍ତି ଲମ୍ଫଦାନ ଅଭ୍ୟାସ ପ୍ରବଳ
ଅଚାନକେ ଡେଇଁପଡ଼ି ପ୍ରତ୍ୟୁଷ ଆକାଶେ
ଶୁକ୍ରତାରାଟିକୁ ଆଣି ଖାଇବାର ଆଶେ !

(ତୁମ ଗାଁ-ବିହଙ୍ଗ)

Digitized by srujanika@gmail.com

ଖ)   ଦଣ୍ଡକାରଣ୍ୟ ଏକ ବୁଦ୍ଧିମତୀ ପରୀ
ଏକଗଜ ଇନ୍ଦ୍ରଧନୁ ଆତ୍ମସାତ୍ କରି
ବନାଇଛି ଚମତ୍କାର ଡେଣା ଏକହଳ
ପରୀ ରାଇଜରେ ସୃଜି ବ୍ୟାପକ ଚହଳ ।

(ତୁମ ଗାଁ : ବିହଙ୍ଗ)

ଗ)   ଇଣ୍ଡୋନେସିଆରେ ଅଛି ମାଇକିନା ଏକ
ନଅହାତ ଉଚ୍ଚସିଏ, ପାଞ୍ଚହାତ ବେଢ଼ ଚାରିପାଖ !

(ହଳଦିଆ ଭାଲୁ-ଉପନିବେଶ)

ଓଡ଼ିଆ ଗଦ୍ୟ ସାହିତ୍ୟକୁ ଆଶାନୁରୂପଭାବେ ରୁଦ୍ଧିମନ୍ତ କରିଥିଲେ ମଧ୍ୟ ମନୋଜ ଦାସଙ୍କର କବିତା କ୍ଷେତ୍ରରୁ ନିଷ୍କ୍ରମଣ କାବ୍ୟମୋଦୀ ମାନଙ୍କ ପାଇଁ ଏକ ଅବଶୋଷ ହୋଇ ରହିଗଲା ନିଶ୍ଚୟ । ସ୍ୱାଧୀନୋତ୍ତର କାଳରେ ଶ୍ରୀ ଦାସ ଖୁବ୍ କମ୍ କବିତା ରଚନା କରିଥିଲେ ମଧ୍ୟ ସେଗୁଡିକର ନାନ୍ଦନିକ ମୂଲ୍ୟ, ସୌଷ୍ଠବତା ଓ ସାମାଜିକ-ପ୍ରତିବଦ୍ଧତା ରହିଛି ତାହା ପ୍ରଣିଧାନଯୋଗ୍ୟ ।

• ଅଧ୍ୟାପକ,
ଦୀନକୃଷ୍ଣ କଲେଜ
ଜଳେଶ୍ୱର, ବାଲେଶ୍ୱର

Digitized by srujanika@gmail.com

ମନୋଜୀୟ ଗଳ୍ପ ସୃଜନର ଦିଗନ୍ତ କତିପୟ:ଏକ ଦୃଷ୍ଟିପାତ

ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ

'ସମୁଦ୍ରର କ୍ଷୁଧା', 'ଆରଣ୍ୟକ', 'ଶେଷ ବସନ୍ତର ଚିଠି', 'ଲକ୍ଷ୍ମୀର ଅଭିସାର', 'କିମ୍ଭୀରିଣୀ', 'ଭୂତୁଣୀ: ଏକ ବିଦାୟ' ଆଦି ସଂଖ୍ୟାଧିକ ସର୍ବକାଳୀନ ଶ୍ରେଷ୍ଠ ଗଳ୍ପମାନଙ୍କର ଆବେଦନକୁ ଅବଧି ଅକ୍ଷୁର୍ଣ୍ଣ ରଖି ଆସିବାର ଯେଉଁ ପ୍ରବୀଣତା, ପ୍ରତିଭା ଓ ସାଧନାର ସମନ୍ୱିତ ପ୍ରୟୋଗ ମନୋଜ ଦାସଙ୍କୁ ସାରସ୍ୱତ ସିଦ୍ଧି ଲାଭରେ ସୀମିତ ନରଖି ଅଗଣନ ପାଠକ-ହୃଦୟରେ ଶ୍ରଦ୍ଧାଶକ୍ତି ଅନୁରାଗରେ ପ୍ରତିଷ୍ଠିତ କରି ଆସୁଛି ତାହାର ଯତ୍‌ସାମାନ୍ୟ ହେତୁ-ସନ୍ଧାନ ଶଂସିତ ପ୍ରବନ୍ଧର ଉପଜୀବ୍ୟ । ମୋଁପାସା, ଚେକଭ୍, ଫକୀରମୋହନ, ପ୍ରେମ୍‌ଚାନ୍ଦ ଆଦି ବିଶ୍ୱବରେଣ୍ୟ କଥାକାରମାନଂକର ଏକାନ୍ତ ସମର୍ଥ ଓ କେତେକାଂଶରେ ସମୁତ୍ତୀର୍ଣ୍ଣ ଉତ୍ତରଦାୟାଦ ରୂପେ ମନୋଜ ବାବୁଙ୍କର ଆବିର୍ଭାବ ଯେ ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧିର ଉନ୍ନତ ସୋପାନରେ ଅଧିରୂଢ କରାଇଛି, ଏହା ସୁବିଦିତ ।

ଘଟଣା, ପରିବେଶ ବା ଚରିତ୍ରାଲେଖ୍ୟର ସମବାୟରେ ସର୍ବତ୍ର ଗଳ୍ପ ନିର୍ମାଣର ସମାରୋହ ପରିଲକ୍ଷିତ ହେଲାବେଳେ ମନୋଜ ବାବୁଙ୍କ ଭଳି ଅସାମାନ୍ୟ ଗଳ୍ପକାର ଯେ କୌଣସି ଘଟଣାକୁ, ଯେ କୌଣସି ଚରିତ୍ରକୁ ଯେଭଳି ଏକ ଉଦାର ସାମ୍ରାଜ୍ୟ ପ୍ରଦାନ କରିପାରନ୍ତି ତାହା ତାଂକର ପ୍ରାୟ ପ୍ରତ୍ୟେକ ଗଳ୍ପକୁ ସ୍ୱତନ୍ତ୍ର ବୋଲି ଚିହ୍ନାଇ ଦିଏ । ଘଟଣା ଯେତେ ସାଧାରଣ ହେଉ, ପରିବେଶ ହେଉ ଅସ୍ୱଚ୍ଛ, ଚରିତ୍ରଟି ହେଉ ଅପ୍ରଧାନ, ଥରେ ମନୋଜ ବାବୁଙ୍କ ଲେଖନୀରେ ସ୍ପର୍ଶ ପାଇବା ମାତ୍ରେ ସେ ସବୁ ସଦ୍ୟତା ଆହରଣ କରି ହଠାତ୍ ଉର୍ଜସ୍ୱଳ ହୋଇଉଠନ୍ତି । ଅସାଧାରଣ, ଅନ୍ୟତ୍ର ଅନନୁଭୂତ ଏକ ମନୋରମ ଭାବବ୍ୟଞ୍ଜନାରେ ପାଠକୀୟ ଚେତନାକୁ ଉଚ୍ଚକିତ, ମଥିତ କରିଦିଅନ୍ତି । 'ଆକ୍ରମଣ', 'ବର୍ଷା', 'କୁହୁଡ଼ି', 'ପିତା ଓ ପୁତ୍ର' ମଧ୍ୟରୁ ଯେ କୌଣସି ଗୋଟିକୁ ନିଆଯାଉ । ସ୍ୱାର୍ଥଦାୟରେ ନିଜ ଗ୍ରାମକୁ ଆସି ଅକସ୍ମାତ୍ ଏକ ଶିଂଘବନ୍ତ ବୋଦାର ମୁଣ୍ଡିଆ ଆଘାତରେ ଶିଳ୍ପପତି ଅବନୀ ପ୍ରାଣାନ୍ତକ ଆଘାତ ପ୍ରାପ୍ତ ହେବା ଘଟଣାଟିର 'ଆକ୍ରମଣ' ଗଳ୍ପରେ ଯେଭଳି ରୂପାୟଣ ଘଟିଛି ସେଥିରୁ ପାଠକ

Digitized by srujanika@gmail.com

ଏକାଧାରରେ ନୈତିକତା, ବୌଦ୍ଧିକତା ଓ ବ୍ୟଙ୍ଗ ରସିକତାରେ ଯୁଗପତ୍ ଆସ୍ୱାଦନ ଲାଭ କରିଥାଏ, ଯାହା ମନୋଜୀୟ ଗଳ୍ପ-ଜଗତର ପ୍ରାୟ ସର୍ବତ୍ର ଏକ ପ୍ରସାରିତ ବିଲକ୍ଷଣତା ।

କଥାରେ ଅଛି : 'କହି ଜାଣିଲେ କଥା ସୁନ୍ଦର' । ମନୋଜ ବାବୁ କହି ଜାଣନ୍ତି ଅର୍ଥାତ୍ କେଉଁଠି କିପରି କାହାକୁ କିଭଳି ପରିଚ୍ଛଦ ଆବଶ୍ୟକ ତାହା ପରିପାଟୀ ସହ ଖଂଜି ଦେବାରେ ସେ ସିଦ୍ଧହସ୍ତ । ଗଳ୍ପ ରଚନାରେ ଏହି ଗୁଂଫନ-କୌଶଳ ଏକାନ୍ତ କଷ୍ଟସାଧ୍ୟ ବ୍ୟପାର । ଗଳ୍ପ ପଂଜରରେ ଲାବଣ୍ୟ ସଞ୍ଚାର ସମର୍ଥ ଶିଳ୍ପୀଙ୍କ ଦ୍ୱାରାହିଁ ସମ୍ଭବ ହୋଇଥାଏ । ବୌଦ୍ଧିକତାରେ ଭାରାକ୍ରାନ୍ତ ହେବନାହିଁ, ରସିକତା ଭବ୍ୟତାର ସୀମା ଅତିକ୍ରମ କରିବ ନାହିଁ, ପ୍ରଗଲ୍‌ଭତା ବକ୍ତବ୍ୟକୁ ଗ୍ରାସ କରିବ ନାହିଁ ଅଥଚ ଆଲେଖ୍ୟଟି ଯଥାସମ୍ଭବ ଶେଷ ପର୍ଯ୍ୟନ୍ତ ଉଦ୍ଦୀପ୍ତ ରହିଥିବ-ଏଭଳି ସମମାତ୍ରିକତା ଆମେ ମନୋଜ ବାବୁଙ୍କ ଗଳ୍ପରୁ ପ୍ରାୟ ଅତ୍ରତତ୍ର ସର୍ବତ୍ର ଅନୁଧ୍ୟାନ କରିଥାଉ ।

ସଚରାଚର ଗଳ୍ପ-ସଂସାରର ଅର୍ଦ୍ଧାଧିକ ଅଭିବ୍ୟକ୍ତି ପ୍ରୀତି-ପ୍ରଣୟ ସମ୍ବଳିତ । ମନୋଜ ଦାସଙ୍କର କେତେକ ଗଳ୍ପ ଅନୁରୂପ ଉପଜୀବ୍ୟକୁ ନେଇ ଗଢି ଉଠିଥିଲେ ହେଁ ସ୍ଥୂଳ ଦେହର ବଳୟକୁ ପରିକ୍ରମା କରି କ୍ଷାନ୍ତ ହୋଇନାହିଁ । ଏକ ମହତ୍ତର ପାବନ ସ୍ପର୍ଶରେ ଏହା କେବଳ ମାର୍ଜିତ ନୁହେଁ, ସୁକୁମାର ନୁହେଁ, ଅଭିଜାତ ନୁହେଁ, ମୋହକରୀ ମଧ୍ୟ । ପ୍ରୀତିର ସ୍ମୃତି ଏ ଗଳ୍ପକାରଙ୍କ ଲାଗି ମର୍ମ ବେଦନାର ଉତ୍ସ ମାତ୍ର ନୁହେଁ, ଜୀବନ-ଯାତ୍ରାର ନିୟାମକ; ଅନୁଶୋଚନାର ନୁହେଁ ଅନୁପ୍ରେରଣାର ନିର୍ଦ୍ଧାରକ । 'ଅଯୌକ୍ତିକ', 'କୁହୁଡି', 'ଲାଟୁଭାଇ' ଇତ୍ୟାଦି ଗଳ୍ପଠାରୁ 'ଆକାଶର ଇସାରା' ପର୍ଯ୍ୟନ୍ତ ଏହାର ବ୍ୟାପ୍ତି ଓ ଦୀପ୍ତି ଏକାନ୍ତ ଲକ୍ଷଣୀୟ । 'ଅଯୌକ୍ତିକ' ଗଳ୍ପର ନାୟକ ସୁବ୍ରତ ପ୍ରୀତିର ହାସ୍ୟୋଦ୍ଦୀପକ ସ୍ମାରକୀ ତାଂକ ପିନ୍ଧା ଧୋତିଟିକୁ ଦୀର୍ଘ ଚାଳିଶି ବର୍ଷ ପରେ ହଠାତ୍ ପ୍ରେମିକାଙ୍କଠାରୁ ପ୍ରାପ୍ତ ହେବାପରେ ସୁସମୃଦ୍ଧ ରାଜନୈତିକ ସମ୍ମାନିତ ସ୍ଥିତିକୁ ବିସର୍ଜନ ନ କରି ତାଂକର ନିରୀହ ଅଥଚ ଉଦ୍ଦାମ ପ୍ରେମକୁ କି ଭଳି ସମ୍ମାନିତ କରି ଥାଆନ୍ତେ ? ସମସ୍ୟାର ଆବର୍ତ୍ତ କେତେ ପ୍ରଚଣ୍ଡ ଅଥଚ ତା'ର ସମାଧାନ କେତେ ଉଦାତ୍ତ !

ଗଳ୍ପକାର ମନୋଜ ଦାସ ଜଣେ ସର୍ବକାଳୀନ ଜୀବନ-ଶିଳ୍ପୀ । ଜୀବନ ପ୍ରତି ତାଂକର ଅନୁରାଗ ଅପରିସୀମ । ସେଥିପାଇଁ ବ୍ୟଙ୍ଗ ରସିକତାରେ ସମୁଚ୍ଛଳ ରହେ ତାଂକର ଗଳ୍ପ-ସୃଷ୍ଟି । ସେ ବ୍ୟକ୍ତିର ମୂଢତା, ପରିସ୍ଥିତିର ଲଘୁତା, ପ୍ରତିପତ୍ତିର ଅନ୍ତଃସାର ଶୂନ୍ୟତା, ବିଚାର-ବିବେଚନାର ବିକ୍ଷିପ୍ତତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି ଦୃପ୍ତିରେ, ବିରକ୍ତିରେ ଅଥଚ ରୀତିଟି ଥାଏ ଭବ୍ୟ, ଉଦ୍ଦେଶ୍ୟଟି ଥାଏ ଦିବ୍ୟ । ସାର୍ବଜନିକତାର ଗମ୍ଭୀର ଆବେଦନ ଏଥିରେ ଥାଏ, ନଥାଏ ବ୍ୟକ୍ତିଗତ ବିଦ୍ୱେଷ ବା

Digitized by srujanika@gmail.com

ପକ୍ଷପାତିତାର ବିଷ ଦୃଷ୍ଟି । ବିମଳ ହାସ୍ୟର ଦୃଷ୍ଟାନ୍ତଟିଏ ତୋଳା ଯାଇପାରେ । ମୁଣ୍ଡିଆ ଆରୋହଣକାରୀ ଶିଳ୍ପପତି ଅବନୀ ବୋଦାଟିକୁ ଆକ୍ରମଣୋଦ୍ୟତ ଲକ୍ଷ୍ୟକରି କହିବାକୁ ଭାବୁଛନ୍ତି, ''ବୋଦା ବାବୁ ! ମୁଁ ଆପଣଙ୍କୁ ବଳି ଦେବା ଉଦ୍ଦେଶ୍ୟରେ ବୁଢୀଠୁଁ କିଣି ନେବାକୁ ଆସିଛି ବୋଲି ଭାବିଲେ କି ? ଛିଃ ! ଆପଣ ବୋଧହୁଏ ମୋତେ ଚିହ୍ନି ନାହାନ୍ତି, ମୁଁ ଜଣେ ବିଶିଷ୍ଟ ବରଂ ଅତି ବିଶିଷ୍ଟ ବ୍ୟକ୍ତି । ନିଜକୁ ପଚାରନ୍ତୁ ମୋ ଭଳି ଜଣେ ବ୍ୟକ୍ତି ବୋଦା ଦ୍ୱାରା ପଦଦଳିତ ହେବ, ଏଇଟା ଶୋଭା ପାଇବ ?'' କହିବା ବାହୁଲ୍ୟ ଏ ସ୍ୱଗତୋକ୍ତିର ପ୍ରଭାବ ବୋଦାକୁ ଆକ୍ରମଣରୁ ବିରତ କରିବା ଦୂରେ ଥାଉ ଅବନୀବାବୁଙ୍କର ପତନ ଓ ମୂର୍ଚ୍ଛାବସ୍ଥାକୁ ଯଥା ସମ୍ଭବ ତ୍ୱରାନ୍ୱିତ କରିଥିଲା । ଅନ୍ୟେତର ଦୃଷ୍ଟାନ୍ତ ଏକ ଭାବଗାମ୍ଭୀର୍ଯ୍ୟ ସଂପନ୍ନ ଗଳ୍ପ 'ତିନୋଟି ସମ୍ଭାବନା'ରୁ ନିଆଯାଉ । ହୀନପ୍ରଭ ବ୍ୟକ୍ତିତ୍ୱରେ କର୍ତ୍ତୃତ୍ୱ ଆରୋପଣର ହାସ୍ୟପ୍ରଦ ଉଦ୍ୟମକୁ ବ୍ୟଙ୍ଗକରି ସେ କହନ୍ତି ''ସେ ସ୍ଥାନୀୟ ଅନୁଷ୍ଠାନମାନଂକୁ କୋଂପାନୀ ତରଫରୁ ଯଥାବିଧି ଚାନ୍ଦା ଦେଉଥିବା ଦୃଷ୍ଟିରୁ ରାସ୍ତା ଉପରେ ଆତଯାତ ନାଗରିକଗଣ ତାଂକୁ ନମସ୍କାର କରୁଥିଲେ ଓ ସେ ପ୍ରତି ନମସ୍କାର କଲାଭଳି ପରିଶ୍ରମ ନ କରି ଖାଲି ମିଞ୍ଜି ମିଞ୍ଜି ହସ ଦ୍ୱାରା ସେ ସବୁର ପ୍ରାପ୍ତି ସ୍ୱୀକାର କରୁଥିଲେ ।'' ସେଥିରେ ଅନ୍ୟଜଣକର ସ୍ୱରୂପ ଦର୍ଶାନ୍ତି ଏହିପରି: ''ଶେଷୋକ୍ତ ବ୍ୟକ୍ତି ଦୁଆଳିଆ ହେଲେ ମଧ୍ୟ ଖାସ ପୂର୍ବପୁରୁଷଙ୍କ ଆଭିଜାତ୍ୟ ଓ ନିଜର ସୁଗୋଲ ମୁଖମଣ୍ଡଳ ଉପରେ ତୁଚ୍ଛା ଯୋଡିଏ ଟିକ୍‌ମାର୍କା ଭଳି ନିଶଯୋଗୁଁ ସବୁଠାରୁ ଆକର୍ଷଣୀୟ ବ୍ୟକ୍ତିହେବେ ଏହା ଅନ୍ୟ ଦୁଇଜଣଙ୍କ ପାଇଁ ସୁଖକର ନଥିଲା ବୋଲି କ୍ୱଚିତ୍ କେହି ବୁଝୁଥିଲେ ।

ଅତ୍ୟନ୍ତ ଧୁରନ୍ଧର ଗଳ୍ପ ରଚୟିତା ମନୋଜ ବାବୁ ଅନ୍ତରାତ୍ମାରେ ଜଣେ ଉଚ୍ଚକୋଟୀର କବି-ଏହା ଅନସ୍ୱୀକାର୍ଯ୍ୟ । ଉଭୟ କାହାଣୀ ଓ ଚାହାଣୀରେ କବିତ୍ୱର ଅନାମୟ ସ୍ପର୍ଶ ତାଂକର ଦୃଷ୍ଟିଭଙ୍ଗୀକୁ ରସାଣିତ କରିବା ସଂଗେ ସଂଗେ ବକ୍ତବ୍ୟକୁ ଦାନ କରିଥାଏ ଏକ ସଂବେଶ, ଏକ ତୀକ୍ଷ୍ଣତା । ''କିନ୍ତୁ ପୁଳାଏ ମାତ୍ର ଆଲୁଅରେ ଝଲସିତ ସେ ନିମଗ୍ନ ମୁହଁଟି ଝରକା ଦେଇ ଦିଶୁଥିଲା ପାଖକୁ ଚାଲି ଆସିଥିବା ଦିଗନ୍ତର ଏକ ଦୁର୍ଲ୍ଲଭ ଐଶ୍ୱର୍ଯ୍ୟ ଭଳି ।'' (ଅଯୌକ୍ତିକ) । ''ପର୍ବତଯାଏ ପ୍ରସାରିତ ପ୍ରାନ୍ତର । ପ୍ରାନ୍ତର ମଝିରେ କିଛି କିଛି ଛଡାରେ ଗୋଟିଏ ଗୋଟିଏ ତାଳ ବା ଖଜୁରୀ ଗଛ-ଯେମିତି ଗୋଟିଏ ଲଳିତ କବିତାର ଦୁଇ ତିନୋଟି ଧାଡି ଦୃଶ୍ୟରୂପ ଗ୍ରହଣ କରି ରହିଯାଇଛନ୍ତି ।'' (ପିତା ଓ ପୁତ୍ର) ''ସନ୍ଧ୍ୟା ଘୋଟି ଆସୁଥିଲା । ଅଦୂରର ପର୍ବତମାଳା ଶିଖରରେ ସାମାନ୍ୟ ଜହ୍ନ ବିଞ୍ଚି ହୋଇଯିବା ଫଳରେ ସେମାନେ ଆକାଶରେ ଭାସମାନ କୌଣସି ସୁବର୍ଣ୍ଣ ଦ୍ୱୀପର ସୀମାନ୍ତକ ଭ୍ରମ ସୃଷ୍ଟି କରୁଥିଲେ ।'' (ଛାୟା) । '' ଆକାଶରୁ ଖସିପଡି ପ୍ରକାଣ୍ଡ ଦାଆଟିଏ ସମୁଦ୍ରକୁ କାଟୁଥିବା ଭଳି

Digitized by srujanika@gmail.com

ହୋଟେଲରେ ପରିଣତ ମହାରାଜାଙ୍କର ଏଇ କୋଠାଟି ଛଡା ତାଲକୋଟାରେ ସେତେବେଳେ ଅନ୍ୟ କୌଣସି ସଂସ୍ଥା ନଥିଲା ।'' ''ସେଠାରୁ ମୃଦୁ ହେଉ ସେବି ତ ଉପକଣ୍ଠ, ସଦ୍ୟ ନିର୍ମିତ ମନୋରମ କଟେଜ୍ ଓ ବିପଣୀ ଶ୍ରେଣୀ, ଧୂମ୍ରାଭ ଗୋଧୂଳି ଭିତରେ ଖଣ୍ଡିଏ ପୁରୁଣା ପର୍ସିଆନ କାର୍ପେଟ ଭଳି ଦିଶୁଥିଲେ ।'' (କୁହୁଡି) । ଏ ଦୃଷ୍ଟିଭଙ୍ଗୀ ସହ ଜଡିତ ବାଗ୍‌ଭଙ୍ଗୀକୁ ଅନୁଧ୍ୟାନ କଲେ ମନୋଜୀୟ ଅଭିବ୍ୟକ୍ତିରେ କବିତ୍ୱଗତ ବିଦଗ୍ଧତା ଓ ସୌକୁମାର୍ଯ୍ୟର ସମାହିତ ସମାବେଶକୁ ଉପଲବ୍ଧି କରିହୁଏ ।

ସୃଜନାନୁରୋଧରେ ତାତ୍‌କାଳିକତାର ଭାଷ୍ୟକାର ମନୋଜ ବାବୁ କିନ୍ତୁ ଯଥାର୍ଥରେ ଶାଶ୍ୱତୀର ନାନ୍ଦୀକାର । ଅନୁଭବ ଓ ଉଚ୍ଚାରଣରେ ଅନେକତ୍ର ତାଂକର ଆତ୍ମପ୍ରକାଶ ଘଟିଛି ଜଣେ ଦିଗ୍‌ଦ୍ରଷ୍ଟା, ଜଣେ ଧ୍ୟାନମଗ୍ନ ତପସ୍ୱୀ ଭାବେ । ଏହି ଭୂୟୋଦର୍ଶିତା ତାଂକୁ ଗଢିଛି ଅନନ୍ୟ କଥାଶିଳ୍ପୀ କରି । କେତେକ ଉଚ୍ଚାରଣୀ ଏହିପରି: ''ଯେଉଁମାନେ ଗୋଟାଏ ଧ୍ୱଂସାତ୍ମକ ପ୍ରକ୍ରିୟା ଆରମ୍ଭ କରନ୍ତି, ପ୍ରକ୍ରିୟା ତା'ର ସ୍ୱାଭାବିକ ପରିଣତିରେ ପହଞ୍ଚିବା ଉତ୍ତାରୁ ସେହିମାନେ ହିଁ ସବୁଠୁ ଉଚ୍ଚକଣ୍ଠାରେ ହାୟ ହାୟ କରନ୍ତି ।'' (କୁହୁଡି) ''ଯେତେ ଲୋକ ଆମ ଆଗଦେଇ ବର୍ତ୍ତମାନ ଯାତାୟତ କରୁଛନ୍ତି-କିଏ ନବାବ ଭଳି ଚାଲିଛି ତ କିଏ ଗୁଲାମ ଭଳି, କଳ୍ପନା କର, ଆଉ ବର୍ଷ କେତେଟା ପରେ ଏମାନଂକ ମଧ୍ୟରୁ ଜଣେ ବି କେହି ନଥିବେ । ଅର୍ଥାତ୍ ଅଦୂର ଭବିଷ୍ୟତର ଏକ ବିନ୍ଦୁରୁ ଦୃଷ୍ଟିପାତ କଲେ ଏମାନେ ସମସ୍ତେ ମରି ଗଲେଣି, ଖାଲି ଚାଲବୁଲ କଥାବାର୍ତ୍ତା କରୁଛନ୍ତି ମାତ୍ର, ଯେମିତି ମୃତ ଅଭିନେତା ଅଭିନେତ୍ରୀ ବି ସିନେମା ପର୍ଦ୍ଦାରେ ପ୍ରେମ ଓ କଳିତକରାଳ କରୁଥାନ୍ତି ।'' (ଏକ ପୃଷ୍ଠଭଙ୍ଗ)

ମାନବାତ୍ମାର ଉତ୍ତରଣ ଓ ସେଥିରେ ସତ୍ୟ-ଶିବ-ସୁନ୍ଦରର ଆବାହନ ଲାଗି ମନୋଜ ବାବୁଙ୍କ ଲେଖନୀ ନିୟତ ପ୍ରଚେଷ୍ଟା ଯାବତୀୟ ଦୀନତା ଓ ଦୟନୀୟତା ସତ୍ତ୍ୱେ ଏକ ସମୃଦ୍ଧ ଜୀବନର ସନ୍ଧାନରେ ମଣିଷ ଯେ ଅହରହ ସଂଗ୍ରାମଶୀଳ ରହି ଆସିଛି ଏହା ବାରମ୍ବାର ଦର୍ଶାଇ ସେ ସ୍ରଷ୍ଟା ପୁରୁଷର ସାମାଜିକ ପ୍ରତିବଦ୍ଧତାର ବଳିଷ୍ଠ ପରିଚିତି ଅଧିକାଂଶ ଗଳ୍ପରେ ଉତ୍‌କୀର୍ଣ୍ଣ କରାଇଛନ୍ତି । 'ମଧୁବନର ମେୟର' ହୁଅନ୍ତୁ, 'ବାବା ଚକ୍ରଧାରୀ' ହୁଅନ୍ତୁ ବା 'ବିଷକନ୍ୟା' ହେଉ ବା ଅନ୍ୟ ଯେ କେହି ପ୍ରତ୍ୟେକଙ୍କୁ ଊର୍ଦ୍ଧ୍ୱାୟିତ କରିବାରେ ମନୋଜ ଦାସ କେବେ କ୍ଳାନ୍ତି ଅନୁଭବ କରନ୍ତି ନାହିଁ । ମାନବବାଦିତାର ଏଭଳି ଭବ୍ୟ ଓ ଦିବ୍ୟ ଆଭିମୁଖ୍ୟ ଆମେ ମନୋଜ ବାବୁଙ୍କ ଯେ କୌଣସି ତଥାକଥିତ ପ୍ରଧାନ ଓ ଅପ୍ରଧାନ ଗଳ୍ପମାନଙ୍କରେ ପ୍ରତ୍ୟକ୍ଷ କରିଥାଉ । ନିହାତି ଭ୍ରଷ୍ଟ ଓ ପତିତଟି ମଧ୍ୟ ତାଂକ କ୍ଷମା-ଧନ୍ୟ ପ୍ରତୀତ ହୋଇଥାଏ । 'ବିହଙ୍ଗ', 'ସର୍ବଭୂତେଷୁ', 'କିମ୍ବଦନ୍ତୀର ଉପସଂହାର', 'ପର୍ଦ୍ଦା', 'ବୃକ୍ଷ' ଆଦି ଗଳ୍ପରେ ସେ

Digitized by srujanika@gmail.com

ମଣିଷକୁ ଯେଉଁ ସମ୍ଭାବନାପୂର୍ଣ୍ଣ, ସାର୍ଥକ, ଉନ୍ନତ ଜୀବନର ସନ୍ଧାନ ଦେଇଛନ୍ତି ତାହା ପ୍ରାୟ ଅତୁଳନୀୟ ଅନବଦ୍ୟ ।

ଗଳ୍ପକାର ମନୋଜ ଦାସ ପ୍ରଥମରୁ ହିଁ ଜଣେ ପ୍ରସାରିତ ହୃଦୟ, ସୂକ୍ଷ୍ମସ୍ପର୍ଶୀ ଓ ଦାୟିତ୍ୱଶୀଳ ସାହିତ୍ୟ-ସ୍ରଷ୍ଟାଭାବରେ ଆତ୍ମପ୍ରକାଶ କରି ଆସିଛନ୍ତି । ଯେଉଁ ଶୁଭାନ୍ୱେଷାକୁ ମାନସକ୍ଷେତ୍ରରେ ବରଣ କରି ସେ ସାହିତ୍ୟ-ରାଜ୍ୟରେ ପଦପାତ କରିଥିଲେ ତାହା କାଳକ୍ରମେ ଫଳପୁଷ୍ପବନ୍ତ ମହୀରୂହରେ ପରିଣତ ହୋଇ ଆଧ୍ୟାତ୍ମିକ, ମନସ୍ତାତ୍ତ୍ୱିକ, ଅତିଭୌତିକ, ଆଲୌକିକ ଜୀବନ-ଜିଜ୍ଞାସାର ମହତ୍ତର ବାର୍ତ୍ତା ପ୍ରଦାନରେ ଯେଭଳି ସଦା ନିରତ ଓ ନିମଗ୍ନ ରହି ଆସୁଛି ସେଥିଲେ ଅବଗାହନ କରି ପାଠକବର୍ଗ ଯେ ଆପଣାକୁ ଧନ୍ୟ ମନେ କରୁଛନ୍ତି ସେତିକି ନୁହେଁ ସେଥିରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ ହେଉଥିଲେ ସେଥିରେ ବିସ୍ମୟର କଥା କିଛିନାହିଁ । ଏହି ଅଗ୍ରବରେଣ୍ୟ କଥାଶିଳ୍ପୀଙ୍କର ଯେ କୌଣସି ଦିଗରୁ ଯେଭଳି ଯଶୋଗାନ କଲେ ମଧ୍ୟ ତାହା ଯେ ଯଥେଷ୍ଟ ବା ପୂର୍ଣ୍ଣାଙ୍ଗ ହେବନାହିଁ-ଏହା ଏକ ଅବିସମ୍ବାଦିତ ମନ୍ତବ୍ୟ । ସେଥିପାଇଁ ଏହି ଦିବ୍ୟଦ୍ରଷ୍ଟାଙ୍କ ଲାଗି ଅଥର୍ବ ବେଦୋକ୍ତ ସୂକ୍ତକୁ ସ୍ମରଣ କରି କୁହାଯାଉ : ''ପଶ୍ୟେମ ଶରଦଃ ଶତମ୍, ଜୀବେମ ଶରଦଃ ଶତମ୍, ବୁଧେମ ଶରଦଃ ଶତମ୍ ।''

• ୧୯ ସି, ଜୟଦୁର୍ଗା ନଗର,
ଭୁବନେଶ୍ୱର -୭

Digitized by srujanika@gmail.com

ମନୋଜ ଦାସଙ୍କ ଗଳ୍ପର କେତେ ଦିଗନ୍ତ

ରଜନୀକାନ୍ତ ମହାନ୍ତି

।। ଏକ ।।

ମନୋଜ ଦାସ ଜଣେ ଆର୍ନ୍ତଜାତିକ ଖ୍ୟାତିସଂପନ୍ନ ଲେଖକ ଓ ବିଶ୍ୱସାହିତ୍ୟର ଯେଉଁ କେତେକ ସାହିତ୍ୟିକ ବିଶ୍ୱ-ସାହିତ୍ୟ ବଳୟକୁ ସଂପ୍ରତି ଉଦ୍‌ଭାସିତ, ସଂପ୍ରସାରିତ କରୁଛନ୍ତି, ତନ୍ମଧ୍ୟରୁ ସେ ଅନ୍ୟତମ । ଇଂରାଜୀ ପତ୍ରିକା Imprint, Sunday Times (London), The Hindu, The Times of India, The Hitbad, The Illustrated Weekly of India, The Newyork Smith, The Hindustan Standard, The Milestone (Hong Kong) ପ୍ରଭୃତି ଉନ୍ନତ ପତ୍ରିକାମାନ ଦେଇଥିବା ଉଚ୍ଚ ମନ୍ତବ୍ୟମାନ ପ୍ରଣିଧାନଯୋଗ୍ୟ । ଫକୀରମୋହନ ସେନାପତିଙ୍କ ପରେ କଥାସାହିତ୍ୟକୁ ଆଙ୍ଗିକ ଓ ଆତ୍ମିକ ମୋଡ ଦେଇ ଗୁରୁତ୍ୱପୂର୍ଣ୍ଣ ଭାବରେ ପାଠକ-ଜଗତ ଓ ନୂତନ କଥାକାରମାନଙ୍କ ପାଇଁ ଯେଉଁ ବିଶାଳ ଗଳ୍ପ-ଜଗତର ଦ୍ୱାର ଉନ୍ମୁକ୍ତ କରିଛନ୍ତି, ତାହା ଅନନ୍ୟ ଓ ମୌଳିକ । ତରୁଣ ଲେଖକଙ୍କ ପାଖରେ ସେ ବିଶେଷ ପ୍ରଭାବଶାଳୀ । ବିଗତ କେତେ ବର୍ଷଧରି କେତେକ ତରୁଣ ଲେଖକ/ଲେଖିକା ଅନୁଭବ କରୁଥିଲେ ଯେ ତାଙ୍କ ପାଇଁ ଆଉ ଗଳ୍ପନାହିଁ; ସୃଷ୍ଟି ପ୍ରେରଣା କ୍ରମଶଃ ଶୁଷ୍କ ହେଇ ଆସୁଛି । ସାହିତ୍ୟ-ସୃଷ୍ଟି କ୍ଷେତ୍ରରେ ଏହା ଏକ ସଂକଟ ହେଲେ ହେଁ, ସାହିତ୍ୟ ଏଇଠୁ ଶୁଷ୍କ ହେଇ ଆସୁଛି । ସାହିତ୍ୟ-ସୃଷ୍ଟି କ୍ଷେତ୍ରରେ ଏହା ଏକ ସଂକଟ ହେଲେ ହେଁ, ସାହିତ୍ୟ ଏଇଠୁ ଏକ ଭିନ୍ନ ମୋଡର ଅପେକ୍ଷା ରଖେ । ସଚେତନ ଓ ଶକ୍ତିମାନ୍ ଲେଖକ ସେଇ ସଙ୍କଟକୁ ଧାରଣ କରନ୍ତି । ସଜାଡି ଦିଅନ୍ତି ନୂତନ ଆଙ୍ଗିକର ପୃଷ୍ଠଭୂମି । ଉନ୍ମୁକ୍ତ କରନ୍ତି ସାହିତ୍ୟର ଦ୍ୱାର । ଯେମିତିକି ବିଶ୍ୱ ସାହିତ୍ୟମୟ, ଗଳ୍ପମୟ । ମନୋଜ ଦାସ ଶୁଣି ପାରିଛନ୍ତି ସେମିତି ଏକ ସଙ୍କଟର ଭୂଇଁ ଶଙ୍ଖ ଓ ତଦନୁଯାୟୀ ସାଂପ୍ରତିକ ଓ ଭବିଷ୍ୟତ ସଂକଟର ବିଶ୍ୱସ୍ତ ଚିତ୍ର ଦେବା ସଙ୍ଗେ ସଙ୍ଗେ, ତା'ର ସମ୍ମୁଖୀନ ହେବାର 'ବାଗ'ଟି ବିଷୟରେ ପରୋକ୍ଷ ସୂଚନା ମଧ୍ୟ ପ୍ରଦାନ କରିଛନ୍ତି ।

Digitized by srujanika@gmail.com

ଦୁଃଖର କଥା ମନୋଜ ଦାସଙ୍କ ଗଳ୍ପଗୁଡିକର ଉପଯୁକ୍ତ ଆଲୋଚନା ହୋଇନାହିଁ, କେବଳ ମନୋଜ ଦାସଙ୍କ ଗଳ୍ପ କାହିଁକି ଓଡ଼ିଆ କଥା-ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରାୟ ହୋଇନାହିଁ । ବିଶେଷ କରି ବିଶ୍ୱ-ସାହିତ୍ୟ କ୍ଷେତ୍ରରେ ସଂପ୍ରତି ଆଲୋଚନା ଗୁରୁତ୍ୱପୂର୍ଣ୍ଣ ମୋଡନେଇ "ସାହିତ୍ୟରେ ଲେଖକର ପାଠକୀୟ ବିଶ୍ୱସ୍ତତା" 'ସଂଗ୍ରାମ ଓ ଚରିତ୍ରର ଆତ୍ମିକ ମୂର୍ତ୍ତି' 'ଲେଖକର ଶବ୍ଦ ଶକ୍ତିର ଆୟତ୍ତୀକରଣ ଓ ପ୍ରୟୋଗ' 'ସାହିତ୍ୟର ନବ ଐତିହାସିକ ପ୍ରବୃତ୍ତି' ପ୍ରଭୃତି ଖୋଜା ଚାଲିଥିବାର ଅୟମାରମ୍ଭ ହୋଇ ଆସୁଥିବା ସ୍ଥଳେ ଓଡ଼ିଆ କଥା-ସାହିତ୍ୟର ଏବେ ବି ଅସ୍ତିତ୍ୱବାଦର ଭୂମିକା ଓ ଅସ୍ତିତ୍ୱବାଦୀୟ ଆଭିମୁଖ୍ୟକୁ ସାଉଁଟା ଚାଲିଛି । ଏପରିକି ଗୋପୀନାଥ ମହାନ୍ତି , ସୁରେନ୍ଦ୍ର ମହାନ୍ତି ଓ ମନୋଜ ଦାସଙ୍କ ସାହିତ୍ୟରେ, ଯେଉଁମାନଙ୍କ ସୃଷ୍ଟିରେ ଅସ୍ତିତ୍ୱବାଦୀୟ ଆଭିମୁଖ୍ୟ ଓ ପ୍ରୟୋଗର ଲେଶମାତ୍ରହିଁ ଦେଖିବାକୁ ମିଳେନା, ସମାଲୋଚକମାନେ ବୋଧହୁଏ ଏପରି କରିଥାଆନ୍ତି: ଓଡ଼ିଆ ସାହିତ୍ୟ ଯେ ବିଶ୍ୱସାହିତ୍ୟ ସହ ସମତାଳରେ ଗତି କରୁଛି, ସେତକ ପ୍ରଦର୍ଶନ କରିବା ଲାଗି । କିନ୍ତୁ ଏଇ ଶକ୍ତିଶାଳୀ ସ୍ରଷ୍ଟାଗଣ ଯେ ବିଶ୍ୱସାହିତ୍ୟକୁ ପୁଷ୍ଟ କରିବା ପାଇଁ ଅସ୍ତିତ୍ୱବାଦୀୟ ଅଭିବ୍ୟକ୍ତିକୁ ସଚେତନ ଭାବରେ ପରିହାର କରନ୍ତି । ସାଂପ୍ରତିକ ସାହିତ୍ୟର ଆଲୋଚନା ଧାରା ଏତେ ବ୍ୟାପ୍ତ ହେଇ ଆସିଲାଣି ଯେ ଆମେରିକାର Literary Politics ନାମକ ଏକ ଆଲୋଚନା ପ୍ରସ୍ଥ ବି ସୃଷ୍ଟି ହେଇ ସାରିଲାଣି ।

॥ ଦୁଇ ॥

ସପ୍ତମ ଦଶକରୁ କଥା-ସାହିତ୍ୟରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଅପେକ୍ଷା ମନନଶୀଳତା ଅଗ୍ରାଧିକାର ଲାଭ କରିଛି । ରୂପକ ସୃଷ୍ଟି କରିବା ଅପେକ୍ଷା ଚରିତ୍ର ଛିଡା କରାଇବା, ଘଟଣା ପ୍ରଭାହ (Events), ଚରିତ୍ରର ପରିବେଶର ଆହରଣ ମୁଖ୍ୟ ସ୍ଥାନ ଗ୍ରହଣ କରିଛି । ଗଳ୍ପ ଏକ ରୂପକରେ ପରିଣତ ହୋଇ ଚରିତ୍ରର ମାନବୀୟ ଗୁରୁତ୍ୱ ହ୍ରାସ କରିବାରେ ଲାଗେ ଓ ପରିଣତିରେ ମାନନୀୟ ଚରିତ୍ର ଅସହାୟବୋଧ କରିବାରେ ଲାଗେ । ଲେଖକ ଅନୁଭବ କରିବାକୁ ଲାଗିଲା ରୂପକ ଯଦି ଗଳ୍ପର ପରିଣତି, ତା'ହେଲେ ଯେ କୌଣସି ଚରିତ୍ର, ପ୍ରକାରନ୍ତରେ ସବୁ ଚରିତ୍ର ଓ ଗୋଟିଏ ରୂପକରେ ଅବତୀର୍ଣ୍ଣ ହୋଇ ପାରିବେ । ତେଣୁ ଜନ-ଜୀବନରୁ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ସାଉଁଟିବାରେ ଅବକାଶ ହିଁ ରହିବ ନାହିଁ । ଫଳରେ ସାମାଜିକ ଚେତନା ବ୍ୟାହତ ହେବାରେ ଲାଗିଛି ମର୍ମନ୍ତୁଦ ଭାବରେ ଏବଂ ଶବ୍ଦ ଶକ୍ତି ଅଣଅକ୍ତିଆର ଓ ନିସକ୍ତ । ତେଣୁ ରୂପକ ସୃଷ୍ଟି କରିବା ଅପେକ୍ଷା ନିର୍ଦ୍ଦିଷ୍ଟ ଚରିତ୍ର ଓ ଘଟଣା ପ୍ରତି ଲେଖକର ଜିଜ୍ଞାସା ବଳବତ୍ତର ହୋଇଉଠେ । ସଚେତନ ଲେଖକ ଠିକ ଶୁଣି ପାରିଛି ଦ୍ୱାରରେ କରାଘାତ କରୁଥିବା ନୈରାଶ୍ୟବାଦ ଓ ସାହିତ୍ୟର Neo-progressism ବା ନବ ପ୍ରଗତିବାଦ (ନବ ନୈତିକବାଦ ନୁହେଁ) ର ସ୍ୱର । ବାସ୍ତବତାର

Digitized by srujanika@gmail.com

ସାହିତ୍ୟିକ ମାପକାଠି ଜୀବନର ଫଟୋଗ୍ରାଫି ନୁହେଁ, ଜୀବନର ସଂଗ୍ରାମବୋଧ ପ୍ରତି .....ଅଭିବ୍ୟକ୍ତି । Neo-progressism ସ୍ୱରର ମୌଳିକ ଦୃଷ୍ଟିଭଙ୍ଗୀ : ସଂସ୍କୃତିର ମୂଳ ଖମ୍ବକୁ ସଂଗ୍ରାମଶୀଳ କରାଇବା ନୈତିକ ଓ ପ୍ରଗତିଶୀଳ ଚେତନାର ପ୍ରୟୋଗରେ । ଯାହା Socialist Projectism ବା ସମାଜବାଦୀ ପ୍ରୟୋଗାନୁବର୍ତ୍ତୀ । କଥା-ସାହିତ୍ୟରେ ଶିଳ୍ପୀର ସୃଷ୍ଟି ପକ୍ରିୟାର ବାସ୍ତବବାଦୀ ଅନିବାର୍ଯ୍ୟତା ଦୃଷ୍ଟିରୁ ତ୍ରିବିଧ : କାଳ୍ପନିକ ବାସ୍ତବତା, ସମାଜିକ ବାସ୍ତବତା (Social Realism) ଓ ସମାଜବାଦୀ ବାସ୍ତବତା (Socialist Realism) । ସମାଜର ସାଂପ୍ରତିକ ଚେତନା ସ୍ତରକୁ କୋଳେଇ ନେଇ କଳ୍ପନା ସ୍ତରରେ ଚରିତ୍ର ଓ Eventର ପରିବେଷଣ, ଯାହା ସିଧାସଳଖ ଅନୁଭୂତିଜଡିତ ନୁହେଁ, କିନ୍ତୁ ଅନୁଭୂତିକୁ ଜନ୍ମ ଦେଇପାରେ, ତାହା କାଳ୍ପନିକ ବାସ୍ତବତା । ମଣିଷର କଳ୍ପନା ଶକ୍ତି ଜୀବନ୍ତ ଓ ନିରବଛିନ୍ନ । ତେଣୁ ସାହିତ୍ୟର କଳ୍ପନା ସଂସ୍କୃତିର ଦାୟିତ୍ୱବାନ୍ ମୋଡପାଇଁ ସିଧାସଳଖ ଛିଡା ହୋଇପାରେନାହିଁ । ସାମାଜିକ ବାସ୍ତବତା (Social Realism) ସମ୍ପନ୍ନ ସୃଷ୍ଟି ପ୍ରକ୍ରିୟା ସମାଜର ଅବସ୍ଥା ଓ ବ୍ୟକ୍ତିବୋଧକୁ ଅନୁଭବ କ୍ଷେତ୍ରରେ ଖିନ୍‌ଭିନ୍ କରିବାରେ ଲାଗେ । ଅବଶ୍ୟ ଅନୁଭୂତିଟି ଜୀବନ୍ତ ସମାଜ ଜୀବନର । ସାଂପ୍ରତିକ ପରିସ୍ଥିତିକୁ ବୀକ୍ଷଣ ଓ ବିଶ୍ଳେଷଣ କରିବାରେ ପ୍ରବୃତ୍ତ ରହିବା ଯୋଗୁଁ ତାହା ତୀକ୍ଷ୍ଣ ଓ ଭୟଙ୍କର । ଚରିତ୍ର ପ୍ରାୟତଃ ଅସହାୟ ହେବା ସ୍ୱାଭାବିକ୍ । ସାହିତ୍ୟରେ ସାମାଜିକ ବ୍ୟବସ୍ଥାର ସଫଳ ଚିତ୍ର । ଏଇ ଦୁଇ ପର୍ଯ୍ୟାୟର ସୃଷ୍ଟି ପ୍ରକ୍ରିୟା ସମାଜବାଦୀ ବାସ୍ତବତା (Social Realism) ପାଇଁ Avante-gradeର ଦାୟ ଗ୍ରହଣ କରନ୍ତି । ଶିଳ୍ପୀ ଅନୁଭବ କରେ ସାମାଜିକ ବାସ୍ତବତା-ଚିତ୍ରର ପୁନରାବୃତ୍ତି ଘଟୁଛି ଜୀବନରେ । ତେଣୁ ସୃଷ୍ଟି ପ୍ରେରଣା ହନ୍ତାଳେ, ଖୋଜି ବୁଲେ, ଏସବୁର କାର୍ଯ୍ୟ କରଣ ଓ ଯୁକ୍ତିଗୁଡିକୁ । ହନ୍ତାଳିଯାଏ ସମାଜତତ୍ତ୍ୱ, ଦର୍ଶନ ପ୍ରମୁଖ ଓ ଅନୁଭବ କରେ ସମଗ୍ର ସଂସ୍କୃତି ଯେମିତି ତାକୁ ଅପେକ୍ଷା କରିଛି ଏବଂ ସଂସ୍କୃତି ତା'ପାଇଁ ଏକ ରାସ୍ତା ହେବା ପରିବର୍ତ୍ତେ ଏକ ବୋଝ ହୋଇ ପଡିଛି । କିନ୍ତୁ ଶିଳ୍ପୀ ସେ ବୋଝଭାରରେ ଯେତିକି ସଙ୍କଟର ସମ୍ମୁଖୀନ, ସମ ପରିମାଣରେ ଶକ୍ତିସମ୍ପନ୍ନ ହେବାରେ ପ୍ରବୃତ୍ତି ରହୁଛି । ଚେତନା ଗୁଡିକ ଚେତନାସ୍ତରରେ ସୀମିତ ନ ରହି ଶକ୍ତିରେ ପରିଣତ ହେଉଛି । ଫଳରେ ଶିଳ୍ପୀ ପହଞ୍ଚେ ସଂସ୍କୃତିର ମୂଳମଞ୍ଚ ଓ ଶାସନତାନ୍ତ୍ରିକ ବ୍ୟବସ୍ଥାର ଆଦିସ୍ୱରଠି । ସେଇଠି ଲେଖକ ପାଲଟିଯାଏ କେତେକାଂଶରେ ସମାଜତାତ୍ତ୍ୱିକ ଓ ଦାର୍ଶନିକ; କିନ୍ତୁ ଶିଳ୍ପଶକ୍ତି ଓ ପ୍ରୟୋଗଶକ୍ତି ସମପରିମାଣରେ ଅଗ୍ରଗତି କରୁଥିବାରୁ, ଚେତନାସ୍ତରର ଗରୀୟାନ୍ ଓ ତେଜୀୟାନ୍ ହୋଇ ଉଠେ, ସାହିତ୍ୟର ଆଭିମୁଖ୍ୟ ହୋଇଉଠେ ଯୁଗାନ୍ତକାରୀ । ସମସାମୟିକ କୌଣସି ବାସ୍ତବ ଚଳନ୍ତି ଚରିତ୍ର ସେ ଶିଳ୍ପରେ ଗୁରୁତ୍ୱ ସ୍ଥାନ ଗ୍ରହଣ କରନ୍ତି ନାହିଁ । ଏକ ପ୍ରୟୋଗକାରୀ ଚରିତ୍ରର ଅଭ୍ୟୁଦୟ ଘଟେ, ଯାହା ସମସାମୟିକ ଚରିତ୍ର ଓ ଘଟଣାଗୁଡିକୁ ସଂସ୍କୃତିର ପୀଡିତ ଅଭିଧାରୁ ମୁକ୍ତି ଦେବାରେ

Digitized by srujanika@gmail.com

ଲାଗିପଡେ ଓ ସମସାମୟିକ ଚରିତ୍ରଗୁଡିକ ଉପରେ ନିଜସ୍ୱ ଆନ୍ତରିକ ପ୍ରଭାବରେ ପରିବର୍ତ୍ତନ କରିବାରେ, ରୂପୀକରଣ କରିବାରେ ଲାଗିପଡେ । ସାହିତ୍ୟର ସମାଜବାଦୀ ବାସ୍ତବତାର ସ୍ୱର ତେଣୁ ଆଭିମୁଖ୍ୟ-ଅଭିମୁଖୀ । ସମାଜିକ ବାସ୍ତବତା (Social Realism) ଜୀବନକୁ ବୀକ୍ଷଣ କରିବା ଧର୍ମରେ ଶୋଷଣ ପ୍ରବୃତ୍ତି ସହ ଜଡିତ ହେଇଥିବାରୁ ନିର୍ମମ । ତେଣୁ ସମାଜବାଦୀ ବାସ୍ତବତା ସମାଜିକ ବାସ୍ତବତାର ସ୍ୱରକୁ ନିଜଆଡକୁ ମୁହାଁଇ ନେଇ ଅଭିବ୍ୟକ୍ତିର ବ୍ୟଞ୍ଜନା ଧର୍ମରେ ଜୀବନର ରୂପାନ୍ତର ଘଟାଇଥାଏ । ଜୀବନର ଆରମ୍ଭ ଯେମିତି, ଯେଉଁ ସ୍ତରର, ଶେଷ ପର୍ଯ୍ୟନ୍ତ ଜୀବନ ହିଁ ଠିକ୍ ଅପରିବର୍ତ୍ତିତ ଭାବରେ ସେମିତି ରହିବ । ସମାଜବାଦୀ ବାସ୍ତବତାର ସ୍ୱର ସେ ସ୍ୱରର ବିରୋଧ କରେ । ପରିବର୍ତ୍ତନ ଓ ରୂପୀକରଣର ଦାୟରେ ସେ କେବଳ ସ୍ରଷ୍ଟା ନୁହେଁ ଦ୍ରଷ୍ଟା ମଧ୍ୟ ।

କିନ୍ତୁ ତତ୍‌କ୍ଷଣାତ ପରିବର୍ତ୍ତନ, ଏକ ଶାସନତାନ୍ତ୍ରିକ ପରିବର୍ତ୍ତନ ହୋଇପାରେ, କିନ୍ତୁ ଏକ ସାଂସ୍କୃତିକ ଓ ସାହିତ୍ୟିକ ପରିବର୍ତ୍ତନ ନୁହେଁ । ଏବଂ ସେମିତି ଉଦ୍ୟମ ସାହିତ୍ୟ ଓ ସଂସ୍କୃତି ପ୍ରତି ଅତ୍ୟାଚାର ବୋଧହୁଏ । ତେଣୁ ସମାଜବାଦୀ ବାସ୍ତବତା (Socialist Realism) କ୍ରମଶଃ ସପ୍ତମ ଦଶକଠାରୁ Socialist Prjoectivism ସ୍ତରକୁ ଉନ୍ନୀତ ହୋଇଆସେ । ଲେଖକ ଉପରେ ଜମିଆସେ ଗୁରୁଦାୟିତ୍ୱ । ସଂସ୍କୃତିର ସମଗ୍ରତାର ଉପଲବ୍‌ଧି ସହ Progressivismର ଆନ୍ତରିକ ପ୍ରୟୋଗ ଓ ବିନ୍ୟାସ ଛୁଟେ Neo-progressivism ସ୍ୱରରେ । ସଂସ୍କୃତିର ଅନ୍ୱୟ ସାହିତ୍ୟର ଅନ୍ୱୟକୁ ଉତ୍‌ଥାପିତ ହୁଏ । ପରିଣତିରେ ସାହିତ୍ୟ ନିବିଷ୍ଟ ରହେ ସଂସ୍କୃତିର ନବ ଐତିହାସିକମୟତା ସୃଷ୍ଟି କରିବାରେ । କାଳର ଦୁର୍ଦ୍ଦାନ୍ତ କବଳରୁ ପରୀକ୍ଷିତ ହେଇ ଉତୁରି ଆସିଥିବା ଶକ୍ତିଶାଳୀ ଗଳ୍ପକୁ ଆଂଗିକ ରୂପେ ବ୍ୟବହାର କରିବ ସେଥିପାଇଁ ଏକ ଅନ୍ୟତମ ପନ୍ଥା । ଏପରି ଏକ ଶୈଳୀ ଯେତିକି ଗୁରୁତ୍ୱପୂର୍ଣ୍ଣ, ସମପରିମାଣରେ ବିପଦପୂର୍ଣ୍ଣ ମଧ୍ୟ । ଲେଖକର ଚେତନା ବଳିଷ୍ଠ ଓ ଶକ୍ତିଶାଳୀ ନ ହେଲେ, ଲେଖକ ପ୍ରଚୁର ସଚେତନ ଓ ଅର୍ନ୍ତଦୃଷ୍ଟି ସମ୍ପନ୍ନ ନହେଲେ ଲେଖକ ସେ ସ୍ଥଳରେ କେବଳ ଆକର୍ଷଣ ଯୋଗୁ Neo-progressive ନହୋଇ Revivalsit ହୋଇଯିବାର ସମ୍ଭାବନା ଅଛି । କାରଣ ପୁରାତନ ବଳିଷ୍ଠ ଗଳ୍ପ ଆଂଗିକ -ଲେଖକର ଦୁର୍ବଳ ଚେତନାକୁ ଅତିକ୍ରାନ୍ତ କରି ନିଜସ୍ୱ ଅଭିବ୍ୟକ୍ତିରେ ଲେଖକର ଚେତନାକୁ ବୁଡେଇ ଦେଇପାରିବ ।

।। ତିନ ।।

ମନୋଜ ଦ୍ୱାସ ଭାରତୀୟ କଥା ସାହିତ୍ୟର ବଳିଷ୍ଠ Neo-progressive । ''ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' ଏଇ ସ୍ୱର ବହନ କରି ଉଦ୍ଭାସିତ । ପରୀ କାହାଣୀର ଶୈଳୀ, ପଞ୍ଚତନ୍ତ୍ର ଗଳ୍ପଗୁଡିକର ଆଂଗିକ ରୀତିର ଶୈଳ୍ପିକ ପ୍ରୟୋଗ

Digitized by srujanika@gmail.com

ଗଳ୍ପଗୁଡିକରେ । ପଞ୍ଚତନ୍ତ୍ରର ଲେଖକ ପରିବର୍ତ୍ତିତ ହୁଅନ୍ତି ମନୋଜୀୟ ଚେତନାରେ ବା ମନୋଜ ଦାସ ପାଲଟନ୍ତି ନୂତନ ଚେତନାର ବିଷ୍ଣୁଶର୍ମା । ମନୋଜୀୟ ଚେତନା ବିଷ୍ଣୁଶର୍ମାଙ୍କଠୁ ଆଧୁନିକ ସମୟ ପର୍ଯ୍ୟନ୍ତ ସଂସ୍କୃତିକୁ ରୂପାୟନ କରିବାରେ ପ୍ରବୃତ୍ତ ହୋଇପଡେ । ସାହିତ୍ୟର ଏହାହିଁ ନବ-ଐତିହାସିକମୟତା ।

ସମୟ କାଳ ଏ ପରିପ୍ରେକ୍ଷୀରେ ଆଂଗିକ ରୀତି ବହନ କରୁଥିବାରୁ ଚେତନା ସମୟବ୍ୟାପ୍ତ ହୋଇପଡେ । ଏପରି ଏକ ଶୈଳୀର ବିଶେଷ ଗୁରୁତ୍ୱ ହେଉଛି ଯେ Events ଗତି କରୁଥିବା ସମୟରେ ଲେଖକ ସଚେତନ ଭାବରେ ବାରମ୍ବାର କଳାପକ୍ଷକୁ ନିରୀକ୍ଷଣ କରିବା ଆଦୌ ଜରୁରୀ ହୁଏନାହିଁ । ମୂଳ ଶୈଳୀରୁ ଘଟଣାଗୁଡିକ ପ୍ରତି ସ୍ୱତଃପ୍ରବୃତ୍ତ ଭାବରେ କଳାଦିଗଟି ବିଛୁରିବାରେ ଲାଗେ । 'ଧୂମ୍ରାଭ ଦିଗନ୍ତ'ର କାହାଣୀକାର 'ଧୂମ୍ରାଭ ଦିଗନ୍ତ'ର ଆରମ୍ଭରୁ ଶେଷଯାଏ ନିଜର ଅସ୍ତିତ୍ୱକୁ ପ୍ରଭାବିତ କରିବାକୁ ସମର୍ଥ ହେଉଥିବାରୁ ଏବଂ ମଣିଷର ପରୀ, ଦାନବ, ମାଙ୍କଡ (ମୂର୍ଖଭୃତ୍ୟ ଉପାଖ୍ୟାନ ଗଳ୍ପ) ପ୍ରଭୃତି ମାନବେତର ଜୀବ ପ୍ରତି କଳାତ୍ମକ ସ୍ୱଭାବସିଦ୍ଧ ଆଚମ୍ବିକତା ଓ ସୌଖ୍ୟ ବା ବୈର ଭାବ ଥିବାଯୋଗୁ ସେହି ଭାବ-ବୋଧ ସାହିତ୍ୟ ଚେତନାକୁ ପୁନଃ ପୁନଃ ସଞ୍ଚାରିତ ହେବାରେ ଲାଗେ ।

ତା' ସହିତ ପ୍ରକୃତିର ଏଇ ଜୀବଗୁଡିକ ନିଜ ନିଜର ବିଶେଷ ଧର୍ମ ଅନୁଯାୟୀ ମାନବୀୟ ଚରିତ୍ରର ଏକ ଏକ ଅଙ୍ଗ ପାଲଟନ୍ତି ଓ ଚରିତ୍ରର ସଙ୍କେତ ସାଜନ୍ତି । 'କିମ୍ବାରିଣୀ' ଗଳ୍ପଟି ଏଇ ପର୍ଯ୍ୟାୟର । କିମ୍ବାରିଣୀ ଧୂର୍ତ୍ତତାର ସଙ୍କେତ । ଗଳ୍ପ ଆଂଗିକଟି କେବଳ ଆଂଗିକରେ ସୀମିତ ନ ରହି Themeର ଚରିତ୍ରରେ ପରିଣତ ହୁଏ ଓ ଆତ୍ମା ପର୍ଯ୍ୟାୟକୁ ଉନ୍ନୀତ ହୁଏ । ଏହି ଗଳ୍ପଟି ଏତେ ଉନ୍ନତ ଓ ମର୍ଯ୍ୟାଦାବନ୍ତ ଯେ ଆଂଗିକ ଓ ଆତ୍ମିକ ବୈଭବର ପର୍ଯ୍ୟାୟୀକରଣ କଷ୍ଟକର ।

ଏମିତି କାହାଣୀ ସଙ୍ଗଠନର ଅନ୍ୟ ଦିଗଟି ବି ଗୁରୁତ୍ୱପୂର୍ଣ୍ଣ । ବାସ୍ତବ ଚରିତ୍ରର ମାନବୀୟ ସଂଘର୍ଷ, ଆଦର୍ଶଗତ ଓ ଅନୁଭୂତିର ଦ୍ୱନ୍ଦ୍ୱ ଓ ବିରୋଧାଭାସ ଜୀବନ କ୍ଷେତ୍ରରେ ଯେଉଁ ଭୟଙ୍କାରିତା ସୃଷ୍ଟିକରେ, ତାର ସିଧାସଳଖ କଳାଗତ ସାହିତ୍ୟିକ ଚିତ୍ର ଆହୁରି ଭୟଙ୍କର ଓ ଭୀତିପ୍ରଦ । ପାଠକ ସେ ଭୟଙ୍କାରିତାରେ ଜଡସଡ ହେବାପୂର୍ବରୁ ଲେଖକର ବ୍ୟକ୍ତିସତ୍ତା କଳାର ଏଇ ଭୟଙ୍କର ରୂପ ଦେଖି କପାଳ କୁଞ୍ଚିତ କରେ । T.S.Eliotଙ୍କଠୁଁ ଆରମ୍ଭ କରି ୧୯୮୦ର ନୋବେଲ ପୁରସ୍କୃତ ପୋଲାଣ୍ଡର ଲେଖକ ଚେସ୍ଲୋମିଲୋଜ୍ ପର୍ଯ୍ୟନ୍ତ ଏଇ ଭୟଙ୍କରତାରେ ତଟସ୍ଥ ଓ ବିବ୍ରତ ହୋଇପଡିଛନ୍ତି । ଏ ସମ୍ପର୍କରେ ମନୋଜ ଦାସ ଖୁବ୍ ସଚେତନ ଥିଲାଭଳି ମନେହୁଏ । ଉଭୟ ସାହିତ୍ୟ ଓ ପାଠକଙ୍କୁ ଭୟଙ୍କରତାର ବେଡିରୁ ରକ୍ଷା କରିବା ତାଙ୍କର ଅନ୍ୟତମ ଚିନ୍ତାନିଷ୍ଠ ଦାୟିତ୍ୱ ହୋଇପଡିଛି । ପରିଣତିରେ ଗଳ୍ପ ସଙ୍ଗଠନର ବାଗକୁ ଆଧିଭୌତିକ, ଆଧ୍ୟାତ୍ମିକ ଓ ମାନବେତର ଜୀବ-ଜିଜ୍ଞାସାରେ

Digitized by srujanika@gmail.com

ସୀମିତ ନ ରଖି ଚରିତ୍ରରେ ପରିଣତ କରି ଭୟଙ୍କରତା ଓ ସାଦୃଶ୍ୟକୁ ମୁକ୍ତି ଦିଅନ୍ତି । ଅଥଚ ଜୀବନର ସଂଘର୍ଷ, ନୈତିକ ଅଭିପ୍ସା ଓ ଆନୁଭୂତିକ ବିରୋଧଭାସ ପ୍ରମୁଖ ନିଦା ବାସ୍ତବିକତାଗୁଡିକ ଅନ୍ତରାଳରେ ଜୀବନ୍ତ ଓ ଉଷ୍ମ ରହିଥାଏ । ଉପରୋକ୍ତ ଉଦ୍ଦେଶ୍ୟଗୁଡିକ ତାଙ୍କ ଗଳ୍ପଗୁଡିକର ଶକ୍ତିମାନ୍ ଭାବରେ ସାଧିତ । ଆଧୁନିକ ଗଳ୍ପ ସାହିତ୍ୟ ଜଗତରେ ଏହା ଅତି ତାତ୍ପର୍ଯ୍ୟପୂର୍ଣ୍ଣ ।

।। ଚାରି ।।

ପୃଥିବୀରେ ନୈତିକବାଦର ସ୍ୱର ଅପରିବର୍ତ୍ତନୀୟ ଓ ସାର୍ବଜନୀନ । ନବନୈତିକବାଦର ପ୍ରଶ୍ନ ପ୍ରସଙ୍ଗହୀନ । ମଣିଷ ଆଖିର ଲୁହ, ମୁହଁର ହସ ନ ଲିଭିଗଲା ଯାଏ ନୈତିକବାଦର ପରିବର୍ତ୍ତନ ସମ୍ଭବ ନୁହେଁ । (ଏହାର ବିଶଦ ଆଲୋଚନା ଏଠାରେ ସମ୍ଭବ ନୁହେଁ) । ନୈତିକବାଦର ପରିବର୍ତ୍ତନ ହେଉଥିଲେ ଶବ୍ଦ ସାମାଜିକତା ହରାଇ ଦିଅନ୍ତା ଏବଂ ଐତିହାସିକ ଘଟଣା ପ୍ରବାହ/କ୍ରମିକତାର ଅସ୍ତିତ୍ୱ ନଥାନ୍ତା । କିନ୍ତୁ ତାହା ହୁଏନା । ସେଥିପାଇଁ ସାହିତ୍ୟ କଥା କହିପାରେ, ଦମ୍ଭରେ ଛିଡା ହୋଇପାରେ । ମନୋଜ ଦାସ ଆଧ୍ୟାତ୍ମବାଦୀ ନୁହଁନ୍ତି, ଜୀବନବାଦୀ । ଭାରତୀୟ ଜୀବନ ଆଧ୍ୟାତ୍ମବାଦରେ ବିଶ୍ୱାସ କରି ଆସିଛି । ମାତ୍ର ତା'ର ଅବସ୍ଥା ଦୁର୍ଗତ । Neo-progressive ସଂସ୍କୃତିର ମୂଳମଞ୍ଜକୁ ସଂଗ୍ରାମଶୀଳ କରିବାକୁ ସାଧନାରତ; ତେଣୁ ସଂସ୍କୃତିର ପରିପ୍ରେକ୍ଷୀରେ ଆଧ୍ୟାତ୍ମବାଦ ସମ୍ପର୍କିତ ସାହିତ୍ୟ ସୃଷ୍ଟି ଜରୁରୀ । ତାଙ୍କ ଗଳ୍ପ ଆଧ୍ୟାତ୍ମବାଦମୂଳକ ଗଳ୍ପନୁହେଁ, ଆଧ୍ୟାତ୍ମବାଦ ସଂପର୍କିତ ଜୀବନବାଦୀ ଗଳ୍ପ । x x x 'ଲକ୍ଷ୍ମୀର ଅଭିସାର', 'ଆବୁ ପୁରୁଷ' ପ୍ରଭୃତି ଗଳ୍ପକୁ ପରିପ୍ରେକ୍ଷୀରେ ବିଚାର କରାଯାଇପାରେ । ଅବଶ୍ୟ ଜୀବନବାଦୀ ସାହିତ୍ୟ ସୃଷ୍ଟି ନାଆଁରେ ତଥାକଥିତ ଜୀବନବାଦୀ, ଯାହା ପ୍ରକୃତରେ ସ୍ୱଭାବବାଦୀ ଚରିତ୍ରର, ତା'ର ଚିତ୍ର ସେ ପ୍ରଦାନ କରି ନାହାନ୍ତି ।

ଭାରତୀୟ ସଂସ୍କୃତିରେ ସଂପ୍ରତି ନୈତିକତାହୀନ ଆଧ୍ୟାତ୍ମବାଦର ଜ୍ୱାଳା । ସେଥିପାଇଁ ମନୋଜ ଦାସଙ୍କ ଗଳ୍ପରେ ସଂସ୍କୃତିର ଏଇ ଚରିତ୍ର ପ୍ରତି ଆକ୍ଷେପ ଓ ଗଠନମୂଳକ ଭାବେ ବିରୋଧ ପ୍ରକ୍ରିୟା । ଭାରତୀୟ ଜନ ଜୀବନ ତଥା ଶାସନତାନ୍ତ୍ରିକ ବୃତ୍ତ ଦୁର୍ବଳ ମିଷ୍ଟିସିଜମ୍; ବାବା-ମାତା ବିଶ୍ୱାସ, ତନ୍ତ୍ର ଭଳି ଆଧିଭୌତିକ ଚେତନାରେ କବଳିତ ହୋଇପଡିଥିବା ଯୋଗୁଁ ଶାସନତାନ୍ତ୍ରିକ ବିଚାରବୋଧ ଓ ବିବେକବୋଧର ଯେଉଁ ଭ୍ରମ ସୃଷ୍ଟି ହୋଇଛି, ମଣିଷ ମର୍ମନ୍ତୁଦ ଭାବରେ ଭାଗ୍ୟବାଦର ଯେପରି ଶୀକାର ହୋଇପଡିଛି, ତାକୁ ପ୍ରତିହତ କରିବା ଲାଗି ତାଙ୍କର ଭୂତ, ପ୍ରେତ, ତନ୍ତ୍ର, ସଂପର୍କିତ କାହାଣୀ ରଚନାର ଅନିବାର୍ଯ୍ୟତା ଓ ଯଥାର୍ଥକତା ସ୍ୱୀକାର୍ଯ୍ୟ । "ଭୂତୁଣୀ ଏକ ବିଦାୟ" "The last I heard of them" (The Crocodil's Lady) ସେଇ ସଂପର୍କିତ

Digitized by srujanika@gmail.com

ଗଳ୍ପ । ମହାନ୍ ଗର୍କିଙ୍କ ଗଳ୍ପରେ ଶବ୍ଦର ବହୁଳ ବ୍ୟବହାର; କିନ୍ତୁ ସେ ଶବ୍ଦ-ଉଚ୍ଚାରଣ ଗର୍କିଙ୍କର ନୁହେଁ; ଗଳ୍ପ ଚରିତ୍ରର । ଶେଷ ପର୍ଯ୍ୟନ୍ତ ଭଗବାନଙ୍କଠାରେ ବିଶ୍ୱାସ କରିବାକୁ ଗର୍କି ପ୍ରସ୍ତୁତ ନଥିଲେ । ବାସ୍ତବବାଦୀ ସାହିତ୍ୟରେ ଲେଖକର ଚେତନା ଓ ଅଭିବ୍ୟକ୍ତି ମୂଳ କଥା । ମନୋଜୀୟ ଚେତନାରେ ବାସ୍ତବ ଜୀବନବାଦୀ ଚେତନା ପ୍ରଚ୍ଛନ୍ନ । ତାଙ୍କ ଗଳ୍ପଗୁଡିକରେ ଉପଲବ୍ଧି ସ୍ତରରେ, ନୈତିକବୋଧ କ୍ରମଚେତନାରେ ନୈର୍ବ୍ୟକ୍ତିକବୋଧରେ ପରିଣତ ହୋଇଥିବାରୁ ବିଶିଷ୍ଟ ଲେଖକ ଆଲବର୍ଟ କାମ୍ୟୁଙ୍କ ନୈତିକ ଚେତନାଠୁଁ ସେ ପାଦେ ଆଗକୁ ଅଗ୍ରସର ହେଇପାରିଛନ୍ତି ।

।। ପାଞ୍ଚ ।।

ବସ୍ତୁଜଗତ ସହ ମଣିଷ ହିଂସା ଆଚରଣ କଲେ, ପରିଣତିରେ ମଣିଷ-ମଣିଷ ସହ ହିଂସା ଆଚରଣ କରିବାକୁ ବାଧ ହେବା ଏବଂ ମଣିଷ ନୈତିକତାକୁ ଦାୟ ଗ୍ରହଣ ନ କରି ଯଦି ଆଧାତ୍ମିକ ଆଶ୍ରୟ ଗ୍ରହଣ କରିବାକୁ ବ୍ୟାକୁଳିତ ହେବ, ତେବେ ତାହା ହେବ ଆଧାତ୍ମିକ ଛଳନା ! ମନୋଜୀୟ ଚେତନାରେ ଏଇ ଗୁରୁତ୍ୱପୂର୍ଣ୍ଣ ଦାର୍ଶନିକ ସଂପର୍କ ଦୃଷ୍ଟିରୁ ସେ ମାନବୀୟ ବିଶ୍ୱକୁ ସମଗ୍ର ବିଶ୍ୱ ମଧ୍ୟରେ ସମ୍ମିଳିତ କରି ଦେଇଛନ୍ତି । ବସ୍ତୁ ଶକ୍ତିସଂପନ୍ନ, ତେଣୁ ଚେତନା ଉଦ୍ରେକାରୀ । ମଣିଷ ତାକୁ ସଂପୂର୍ଣ୍ଣ ନିଷ୍କ୍ରିୟ ବୋଲି ଗ୍ରହଣ କରିନେବା, ତା' ପ୍ରତି ବିପଦ ସଂକୁଳ । ମନୋଜୀୟ ଚେତନାର ଏହି ଦାର୍ଶନିକ ଗୁଣ ଯୋଗୁଁ ସେ ସାମ୍ୟବାଦୀ ଚେତନା ସହ ଗଭୀର ଭାବରେ ସଂପୃକ୍ତ ।

ସାର୍ତ୍ରେ ବସ୍ତୁର ଅର୍ନ୍ତନିହିତ ଶକ୍ତିକୁ ସ୍ୱୀକାର କରୁଥିଲେ ମଧ୍ୟ ହେତୁବାଦୀ ପ୍ରୟୋଗ ଦୃଷ୍ଟିରୁ ସେ ଶକ୍ତିକୁ ଭୟଙ୍କର ବୋଲି କହୁଥିଲେ । କାରଣ ସେତେବେଳକୁ ସେ ମାନବକୁ ବ୍ୟକ୍ତିସ୍ତରକୁ ଓହ୍ଲାଇ ଆଣି ସାରିଥିଲେ । ବସ୍ତୁର ଅର୍ନ୍ତନିହିତ ଶକ୍ତି ମାନବଠୁଁ ଅର୍ଥାତ୍ ସାମାଜିକ ପ୍ରୟୋଗବୋଧ ସ୍ତରରୁ ବ୍ୟକ୍ତିର ପ୍ରୟୋଗବୋଧ ସ୍ତରକୁ ଆସିଗଲେ ଭୟଙ୍କର ବୋଧହେବା ସ୍ୱାଭାବିକ । ମନୋଜୀୟ ଚେତନାରେ ବସ୍ତୁର ହେତୁବାଦୀ ପ୍ରୟୋଗାତ୍ମକ ଚେତନା ଅତିକ୍ରାନ୍ତ ହୋଇ ସାମାଜିକ ସ୍ତରକୁ, ବିଶାଳ ପ୍ରକୃତି ସ୍ତରକୁ ଉତ୍ଥାପିତ ହୋଇଥିବା ଯୋଗୁଁ ଐତିହାସିକ ପ୍ରକ୍ରିୟା ପ୍ରତି ମନୋଜୀୟ ଚେତନା ଆସ୍ଥାବାନ୍ । ଏଇଠି ସାର୍ତ୍ରେ ଚେତନା ଓ ମନୋଜୀୟ ଚେତନାର ମୌଳିକ ପାର୍ଥକ୍ୟ ! ସାର୍ତ୍ରଙ୍କର ବ୍ୟକ୍ତିତ୍ୱବୋଧକୁ ମନୋଜ ପରିଣତ କରନ୍ତି ବ୍ୟକ୍ତିର ସାମାଜିକ ଉପଲବ୍ଧିରେ ।

।। ଛଅ ।।

ସଂପ୍ରତି ମଣିଷର ଦୃଶ୍ୟବାନ୍ ହେଉଥିବା ପରିସ୍ଥିତି, ପରିବେଶ ଓ ଘଟଣାବଳୀ ଅପେକ୍ଷା ଶ୍ରୁତିବାନ୍ ପରିସ୍ଥିତି, ପରିବେଶ ଓ ଘଟଣା ଆହୁରି ଭୟଙ୍କର, ଦୁର୍ବିସହ ହୋଇପଡିଛି । ଶବ୍ଦର ଯଥେଚ୍ଛା ବ୍ୟବହାର, ଶସ୍ତା ସ୍ଲୋଗାନ୍, ମର୍ମଫଟା ଆର୍ତ୍ତନାଦ,

Digitized by srujanika@gmail.com

ଯନ୍ତ୍ରର ଆଓ୍ୱାଜ୍, ଛଳନାତ୍ମକ କଥାବାର୍ତ୍ତା, ସ୍ୱାର୍ଥଜୀବିତ ଫୁସ୍‌ଫାସ୍ କଥାରେ ଅସ୍ତବ୍ୟସ୍ତ ମଣିଷ । ପରିଣତିରେ ମଣିଷ ହୋଇ ଉଠିଛି ସ୍ନାୟୁ ରୋଗୀ ସୋନାମ୍ବୋଲିକ୍ ଓ ସ୍ମୃତିଶକ୍ତି ହୋଇଉଠୁଛି କ୍ଷୀଣ । ଦୂରଦୃଷ୍ଟି-ସଂପନ୍ନ, ସଚେତନ ସାହିତ୍ୟଶିଳ୍ପୀ ଏହା ଅନୁଭବ କରୁଛି । ସେଥିପାଇଁ ସପ୍ତମଦଶକଠାରୁ ସାହିତ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ନେଇଛି । କବିତା କେବଳ ଚିତ୍ରସର୍ବସ୍ୱ ନ ହୋଇ କ୍ରମଶଃ ହୋଇଉଠୁଛି ଚିତ୍ର ଓ ସଂଗୀତ ଉଭୟ ଧର୍ମୀ । ପ୍ରତୀକ ଧର୍ମୀ କ୍ରମଶଃ ନିର୍ବାପିତ ହେବାରେ ଲାଗିଛି । ସାଂଗୀତିକ ଉଚ୍ଛ୍ୱାସ ଓ ଶବ୍ଦର ନୃତ୍ୟଧର୍ମୀ ପ୍ରୟୋଗ ଗୁଣ ମହିମ୍ନ ହୋଇ କବିତା ଶ୍ରବଣେନ୍ଦ୍ରିୟକୁ ଚେତନା ବୃତ୍ତରେ ସନ୍ତୁଷ୍ଟ କରିବାକୁ ଆରମ୍ଭ କରିଛି । କବିତା କ୍ଷେତ୍ରରେ ଏହା ସହଜ । ମାତ୍ର ଗଳ୍ପକ୍ଷେତ୍ରରେ ଏହା ଆୟାସସାଧ । ଯେହେତୁ ମଣିଷ ଜୀବନର ଅର୍ଦ୍ଧାଧିକ ସମୟ ଗଦ୍ୟ ଶଂସିତ । କେବଳ ଶ୍ରବଣେନ୍ଦ୍ରିୟକୁ ଜାଗ୍ରତ ଓ ସନ୍ତୁଷ୍ଟ (Audio-treatment) କରିବା ସାହିତ୍ୟର ଏକମାତ୍ର ମୂଲ୍ୟନୁହେଁ । ତା' ସହିତ ଅଭିବ୍ୟକ୍ତି ଓ ଚେତନାର ସମ୍ମିଳିତ ଧ୍ୱନି ଜରୁରୀ । ଦର୍ଶନେନ୍ଦ୍ରିୟ ଓ ଶ୍ରବଣେନ୍ଦ୍ରିୟ ଉଭୟକୁ ସନ୍ତୋଷ ପ୍ରଦାନ କରିବାର ଅର୍ଥ ବୃହତ୍ତର ଚେତନାରେ ଇନ୍ଦ୍ରିୟକୁ ବିଭବଶାଳୀ ଓ ଶୌର୍ଯ୍ୟପୂର୍ଣ୍ଣ କରିବା, ପ୍ରକାରାନ୍ତରେ ତାହାହିଁ ଚେତନାର ଇନ୍ଦ୍ରିୟୋତ୍ତର ଐଶ୍ୱର୍ଯ୍ୟ ଓ ଉପଲବ୍‌ଧିର ଭୂମିକା । ଗଳ୍ପରେ ତେଣୁ ଶୈଳୀ ଓ ଉପସ୍ଥାପନ ଢଙ୍ଗଟି ନୂଆ ମୋଡ ନେଇଛି । ଶିଶୁକୁ ମାଆ ଗଳ୍ପ କହିଲା ଭଳି, ଢଙ୍ଗଟି ସେଇ ଶୈଳୀର ହେବା ପ୍ରସଂଗୋଚିତ । ମାଆ ଗଳ୍ପ କରିବା ଢଙ୍ଗରେ ଶିଶୁ ସ୍ୱପ୍ନାଚ୍ଛନ୍ନ ହୁଏ, କିନ୍ତୁ ଗାଳ୍ପିକ ପାଠକଙ୍କୁ ଗଳ୍ପ କହିବା ଢଙ୍ଗରେ, ପାଠକର ଶ୍ରବଣେନ୍ଦ୍ରିୟ ପ୍ରଥମରେ ମୁକ୍ତିଲାଭ କରି ନେଇଥାଏ । ଦ୍ୱିତୀୟାବସ୍ଥାରେ ଗଳ୍ପ ଗୁଣରେ ସଚେତନ ଅବସ୍ଥାରେ ଉପଲବ୍‌ଧି ସ୍ତରକୁ ଉନ୍ନୀତ ହେଇଥାଏ । ଗଳ୍ପ କହିବା ଢଙ୍ଗରେ ପାଠକକୁ ଶିଶୁଟିଏ ପରିଣତ କରିଦେବା ଲେଖକର ବାହାଦୁରୀ, କାରଣ ଶିଶୁ ବୟସ୍କଙ୍କ ଅପେକ୍ଷା ଅଧିକ ମାନବିକ ବୋଲି ପ୍ରମାଣିତ ହୋଇ ସାରିଛି । ବିଶେଷ କରି ସାହିତ୍ୟକୁ ଐତିହାସିକ ମୋଡ ପ୍ରଦାନ କରିଥିବା ସୃଷ୍ଟି ପରିପ୍ରେକ୍ଷୀରେ ସଂସ୍କୃତି ସର୍ବପ୍ରଥମେ ଶିଶୁତ୍ୱହିଁ ଅର୍ଜନ କରିଥାଏ, ମୂଲ୍ୟବୋଧ ଦୃଷ୍ଟିରୁ । ଗଳ୍ପ କହିବା ଦିଗଟି ବର୍ତ୍ତମାନ ଅପରିହାର୍ଯ୍ୟ ହୋଇ ଆସୁଥିବା ଯୋଗୁଁ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଧର୍ମଟି ସାହିତ୍ୟରେ ତାର ଘମାଘୋଟ ଆସର ମାଡିନଥିବାରୁ କ୍ଷାନ୍ତ ହୋଇ ଯାଇଛି ଏବଂ ତାର ସ୍ଥାନ ଗ୍ରହଣ କରୁଛି ଚରିତ୍ରର ପରିବେଶ, events ଓ ଉପଲବ୍‌ଧିର ସ୍ତର । ମନୋଜ ଦାସହିଁ ସାଂପ୍ରତିକ ଭାରତୀୟ ସାହିତ୍ୟରେ ଗଳ୍ପ-କଥକର ସମ୍ମାନୀୟ ଦାୟ ଗ୍ରହଣ କରନ୍ତି । କେବଳ ଭାରତ କାହିଁକି ସମଗ୍ର ପୃଥିବୀରେ ।

Digitized by srujanika@gmail.com

।। ସାତ ।।

ତାଙ୍କ ଗଳ୍ପ ବଳୟର ଅନ୍ୟ ଏକ ବିଭବ ହେଉଛି ଫକୀରମୋହନୀୟ ଶାଣିତ ବ୍ୟଙ୍ଗ । ଆଧୁନିକ ଗଳ୍ପର ଦୁଇଟି ବିଶେଷ ଗୁଣ : ଗୋଟେ କାବ୍ୟଗୁଣ, ଅନ୍ୟଟି ବ୍ୟଙ୍ଗ ଗୁଣ । କାବ୍ୟ ଗୁଣଟି ଇମୋସନ୍‌ରୁ ସାଉଁଟି ହୁଏ । କିନ୍ତୁ ବ୍ୟଙ୍ଗ ପାଇଁ କେବଳ ଆବେଗ ଯଥେଷ୍ଟ ନୁହେଁ, ଦୂରଦୃଷ୍ଟି ଓ ସଂଯୋଜନା ଚାହିଁ । ଦୂରଦୃଷ୍ଟି ଚରିତ୍ର ଅନୁକୂଳ ନ ହେଲେ ବ୍ୟଙ୍ଗଟି ଚଳିତ ସମୟରେ ବାହାରେ ଛାଣୁ । ତାଙ୍କ ଗଳ୍ପରେ ବ୍ୟଙ୍ଗ ଗୁଣର Structure କାବ୍ୟିକ, ତେଣୁ ସଂକେତଧର୍ମୀ । ''ଆକାଶ କଇଁଛ' ଗଳ୍ପର 'ବୁଦ୍ଧୁ' ଶବ୍ଦର Envrironmental ପ୍ରୟୋଗ ଯଥା : ''ଆମ ଭିତରେ ପୁଣି ବୁଦ୍ଧୁ କିଏ ?'' ରାଜା ବିସ୍ମୟ ପ୍ରକାଶ କଲେ x x x ''ଆମ ସମ୍ମାନିତ ଅତିଥି ବିଦେଶୀ ରାଜଦୂତ ମହୋଦୟ ତାଙ୍କ କୂଟନୈତିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ବୁଦ୍ଧୁ ପଦବାଚ୍ୟ ହୋଇ ନ ପାରନ୍ତି ।'' ରାଜା କହିଲେ । x x x''ଆମ ମନ୍ତ୍ରୀମାନେ ହୁଏତ ମନ୍ତ୍ରୀ ନହେଲେ ବୁଦ୍ଧୁ । ସେମାନେ ଏକାଧାରରେ ଉଭୟ ହୋଇ ନ ପାରନ୍ତି ।'' x x x ''କ୍ରମେ ଏହିପରି ବାତିଲ ରୀତିରେ ଜଣ ଜଣ ହୋଇ ସମସ୍ତ ସଭାସଦ୍ ବୁଦ୍ଧୁ ହୋଇଥିବାର ସମ୍ଭାବନାରୁ ମୁକ୍ତ ହେଲେ ।'' x x x ରାଜା ହଠାତ୍ କାନ୍ଦି ଉଠି କହିଲେ ''ବାକି ରହିଲି ମୁଁ, ଅର୍ଥାତ୍ ମୁଁ ହିଁ ବୁଦ୍ଧୁ ।'' x x x ''କିନ୍ତୁ ରାଜାଟିଏ ବୁଦ୍ଧୁ ହେଲେ ଚଳିବ କି ?'' ଆବଶ୍ୟକ ହେଲେ ରାଜପରିବାରର ସମସ୍ତ ପରଂପରା ଭଙ୍ଗକରି ଏଇ ଅସାଧାରଣ କଚ୍ଛପଟି ସମ୍ଭବ ହେଲେ ସମଗ୍ର କଚ୍ଛପଟି ଖାଇଦେଇ ମୁଁ ବୁଦ୍ଧୁ ବ୍ୟାଧି ମୁକ୍ତ ହେବା ଜରୁରୀ ନୁହେଁ କି ?

'ବୁଦ୍ଧୁ' ବ୍ୟଙ୍ଗଟି ଆଭିଧାନିକ ଅର୍ଥରୁ ତୀର୍ଯକ୍ ସଂକେତ ବଳୟ ମଧ ଦେଇ ବ୍ୟଞ୍ଜନାଧର୍ମୀ ଶ୍ଳେଷରେ ପରିଣତ ହୁଏ । ଅଭିବ୍ୟକ୍ତିର ଉଦ୍ଦେଶ୍ୟ ସ୍ପଷ୍ଟ ଓ ପ୍ରଚ୍ଛନ୍ନ ହୋଇ ଉଠେ । ମନୋଜ ଦାସଙ୍କ ସମଗ୍ର ଗଳ୍ପରାଜ୍ୟରେ ବ୍ୟଙ୍ଗ ଗୁଣର ସମାହୃତ ପ୍ରୟୋଗ ଅତ୍ରତତ୍ର ବିଚ୍ଛୁରିତ ।

ମନୋଜୀୟ ଚେତନାବସ୍ତୁର ନିଦା ମୌଳିକ ଗୁଣ ସହ ସହମତ । କିନ୍ତୁ ବିଜ୍ଞାନର ଶୋଷଣ ପ୍ରବୃତ୍ତି ବା ବିଳାସୀ ଟେକ୍ନୋକ୍ରାସିର ବିରୁଦ୍ଧାଚରଣ କରେ । ଟେକ୍ନୋକ୍ରାସିର ଅଗ୍ରଗତି ସହ ମାନବୀୟ ସ୍ମୃତି ଓ ବିଚାର ଶକ୍ତିର ଅଗ୍ରଗତି ହୁଏନା, ତେଣୁ ସଂପ୍ରତି ଟେକ୍ନୋକ୍ରାସି ତାର ଯେଉଁ କରାଳ ସମ୍ଭାରରେ ମଣିଷକୁ ହତ୍‌ଚକିତ କରୁଛି, ଆତଙ୍କ ସୃଷ୍ଟି କରୁଛି, ପରିଣତିରେ ମଣିଷର ସ୍ମୃତି ଶକ୍ତି ସହ ତାର ଭାରସାମ୍ୟହୀନତା ହିଁ ହେବ ଟେକ୍ନୋକ୍ରାସିର ବଳୟର ହେତୁ । ତେଣୁ ଟେକ୍ନୋକ୍ରାସି ମଣିଷର ଅଧୀନସ୍ଥ ହେବାକୁ ବାଧ୍ୟ । ତାଙ୍କର 'କନ୍ୟାୟନ' ଗଳ୍ପ ଏହି ଅଭିବ୍ୟକ୍ତି ସଂପନ୍ନ । ଏହି ଦାର୍ଶନିକ ଉପଲବ୍ଧି ମନୋଜୀୟ ବସ୍ତୁ ଚେତନାର ଅନ୍ୟ ଏକ ଅଙ୍ଗ ।

ଯୌନ-ଚେତନାକୁ କେବଳ ଚେତନା ସ୍ତରରେ ନିବିଡ କରିବା ଆଦୌ ଗୌରବପୂର୍ଣ୍ଣ ନୁହେଁ, ଅଭିବ୍ୟକ୍ତି ଦୃଷ୍ଟିକୋଣରୁ, ଯୌନଚେତନା ଯୌନଶକ୍ତିର ପରିଣତ

Digitized by srujanika@gmail.com

ହେଲେ ତାର ପ୍ରୟୋଗ ଉଭୟ ଯୌନତା ଓ ମୃତ୍ୟୁବୋଧରୁ ମୁକ୍ତି ଦେଇପାରେ । ବ୍ୟକ୍ତିର ସାମାଜିକ ଓ ନୈତିକ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସକ୍ରିୟ ହୋଇଉଠେ । ଯୌନଚେତନା ଶକ୍ତିରେ ପରିଣତ ନ ହେଲେ ଲେଖକ କେବଳ Sensitive ସୃଷ୍ଟିରେ ସୀମିତ ହୋଇ ରହିଯିବା ଅସମ୍ଭବ ନୁହେଁ । ଯୌନଚେତନା ଶକ୍ତିରେ ପରିଣତ ହେବାଲାଗି ତାର ଶାରୀରିକ ପ୍ରୟୋଗ ଜରୁରୀ ନୁହେଁ, ଜରୁରୀ ତାର ମାନସିକ ଓ ବୌଦ୍ଧିକ ସଞ୍ଚୟ । ମନୋଜ ଦାସଙ୍କ ଦୃଷ୍ଟିରେ ଯୌନଚେତନା, ଯୌନଶକ୍ତିରେ ପରିଣତି ହୋଇଛି ଅଭିବ୍ୟକ୍ତି ଦୃଷ୍ଟିଭଙ୍ଗୀରୁ ଓ ନୈତିକ ଦାୟ ଗ୍ରହଣ କରିଛି । 'ଉତ୍ତର ଉପତ୍ୟକାର କାହାଣୀ' 'The last I heard of them' ପ୍ରଭୃତି ଗଳ୍ପ ଯୌନଚେତନାର ସ୍ଥୂଳ ଲୋଭନୀୟ ବିକାଶକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଗଳ୍ପଦ୍ୱୟ ପରଣତି ଅଭିମୁଖୀ ହୋଇଥିବାରୁ ପାଠକ ତୀବ୍ର ଆଘାତରେ ଜଡସଡ ହୋଇପଡେ ।

ଉତ୍ତେଜିତ ଭାଷା ଉଭୟ ଲେଖକ ଓ ପାଠକର ସ୍ନାୟୁଶକ୍ତି ଓ ବିଚାରବୋଧକୁ ହନ୍ତସନ୍ତ କରେ । କିନ୍ତୁ ମନୋଜ ଦାସଙ୍କ ଭାଷା ଉତ୍ତେଜନା ସୃଷ୍ଟି କରେନା । ତାଙ୍କ ଭାଷା ସହନଶୀଳ ଓ ଉଦାତ୍ତ । ଗଳ୍ପଗୁଡିକର ଗଠନ ରୀତି କାବ୍ୟିକ ଯାହା ସ୍ନାୟୁକୋଷ ଓ ବିଚାରବୋଧକୁ ଗର୍ଭବାନ୍ କରେ । ବେଦ ଭଳି ତାଙ୍କ ଗଳ୍ପଗୁଡିକ ମନ୍ତ୍ର ଉଚ୍ଚାରଣ କରେ, ଉଚ୍ଚାଙ୍ଗ କାବ୍ୟ ଧର୍ମରେ, ଭାଷା ଡେଇଁଯାଏ ବାସ୍ତବ ଗଣ୍ଡି ଅଥଚ ବାସ୍ତବତାକୁ ଶୁଷ୍କ କରିଦିଏ ନାହିଁ । ନିଖୁଣ ଓ କ୍ରୀୟାଶୀଳ କରେ । ଚେତନାଧର୍ମୀ ଲେଖକଙ୍କର ଦୃଷ୍ଟିଭଙ୍ଗୀ ସହ ଭାଷା ଅଙ୍ଗାଙ୍ଗୀ ଭାବରେ ଗତି କରିଥାଏ । ପାରସ୍ପରିକ ପ୍ରତିକ୍ରୀୟା ମାଧମରେ । ଅଭିବ୍ୟକ୍ତି ସଂପୂର୍ଣ୍ଣ ଗାଳ୍ପିକ ମନୋଜ ଦାସଙ୍କ ଦୃଷ୍ଟିଭଙ୍ଗୀକୁ 'ଋଷିଦୃଷ୍ଟି' ବୋଲି ସମାଲୋଚକ ଡଃ ନିତ୍ୟାନନ୍ଦ ଶତପଥୀ ଅଭିହତ କରିଥିବା ଯଥାର୍ଥ ।

ଷଷ୍ଠ ଦଶକ ପର୍ଯ୍ୟନ୍ତ ଆଧୁନିକ ସାହିତ୍ୟ ସୌନ୍ଦର୍ଯ୍ୟର ଆବେଗରେ ମୁଖ୍ୟତଃ ଉଷ୍ମରହି ସ୍ୱଚ୍ଛ ଚେତନା ଉପରେ ଏକ ପରଳ ବା ଧୂଳି ଜମେଇ ଦେଇଥିଲା । ଅବଶ୍ୟ ଇମେଜିଷ୍ଟ ଓ ଅସ୍ତିତ୍ୱବାଦୀମାନେ ଏଥିପାଇଁ କମ୍ ଆନ୍ତରିକତାର ସହ ସାଧନା କରିନଥିଲେ । ଏହାର କାରଣ ବହୁଳ ଏ ବହୁବିଧ, ଯାହାର ଆଲୋଚନା ଏ ପରିସରରେ ସମ୍ଭବ ନୁହେଁ । କିନ୍ତୁ ସାହିତ୍ୟର ମୂଳଉତ୍ସ ଜୀବନ । ତେଣୁ ସପ୍ତମ ଦଶକଠାରୁ ସାହିତ୍ୟ ଜୀବନର ଆବେଗ ଓ ସୌନ୍ଦର୍ଯ୍ୟର ଆବେଗ ମଧରେ କୌଣସି ସୂକ୍ଷ୍ମ ଫାଙ୍କ ନ ରଖି ଅଙ୍ଗାଙ୍ଗୀ ଜଡିତ ହୋଇ ବହବାନ ହେବାର ଆରମ୍ଭ କରିଛି । ସୃଷ୍ଟିପ୍ରେରଣା, ଉଭୟ ଜୀବନର ଆବେଗ ଓ ସୌନ୍ଦର୍ଯ୍ୟର ଆବେଗର ପାର୍ଥକ୍ୟହୀନ ଭୂମି ବା ଜୀବନସୌନ୍ଦର୍ଯ୍ୟର ଆବେଗର ପାର୍ଥକ୍ୟହୀନ ଭୂମି ବା ଜୀବନସୌନ୍ଦର୍ଯ୍ୟବେଗ (Humanaesthetic) । ସେଥିପାଇଁ ସାହିତ୍ୟ କ୍ରମଶଃ ଇମେଜ୍, ଚିତ୍ରକଳ୍ପ, ମିଥ୍, ରୂପକ, ରୂପକଳ୍ପ ଗୁଡିକୁ ସଂହାର କରି ଶବ୍ଦକୁ ପ୍ରଚୁର ଶକ୍ତିଶାଳୀ, ତେଜୀୟାନ ଓ

Digitized by srujanika@gmail.com

ସଙ୍କେତଧର୍ମୀ କରିବାରେ ପ୍ରବୃତ୍ତ ହେଇଉଠୁଛି । ଅଭିବ୍ୟକ୍ତି ସଂପନ୍ନ ହେବାରେ ବ୍ୟାପୃତ ରହୁଛି । ଶବ୍ଦ ସଙ୍ଗୀତୋଚ୍ଛ୍ୱାସ, ନୃତ୍ୟୋଚ୍ଛ୍ୱାସ ଓ ମଂତ୍ରୋଚ୍ଛ୍ୱାସରେ ମହନୀୟ ହୋଇ ଉଠିବାର ନିଜକୁ ସଂଗଠିତ କରିଆସୁଛି । '୧୯୭୮' ନୋବେଲ ପୁରସ୍କାର ବିଜେତା ଲେଖକ- I.B. singer ତାଙ୍କର "A friend of Kafka and Other stories"ର କ୍ଷୁଦ୍ର ମୁଖବଂଧରେ ଲେଖନ୍ତି ... I consider translation the greatest problem and challenge of literature. The 'Other' language in which the another's work must be rendered does not tolerate obscurity, puns and linguistic tinsel. It teaches the author to deal with events rather than with their interpretation and to let the events speak for themselves. The other language is often the mirror in which we have a chance to see ourselves with all our imperfections and of possible to correct some of our mistakes."

I.B. singer ଏହା ଲେଖିବା ମୂଳରେ ବିଶେଷ ଆରୋପ କରନ୍ତି କଥା ସାହିତ୍ୟରେ Events ବା ଘଟଣା ଉପରେ, ତାର ବିଶ୍ଳେଷଣ ଅପେକ୍ଷା, ଘଟଣା ପ୍ରବାହ ନିଜେ ନିଜର କଥା କହୁ, ନିଜେ ନିଜର ବୁଝେଇବା ଢଙ୍ଗ ବାଛିନେଉ । ପାଠକର ଗ୍ରହଣୀୟ ଢଙ୍ଗକୁ ଆବୋରି ନେଉ । ମନୋଜ ଦାସଙ୍କ ଲିଖିତ ଅଧିକାଂଶ ଗଳ୍ପର ଇଂରାଜୀ ସଂକଳନ ପ୍ରକାଶିତ ହୋଇ ଉପରୋକ୍ତ ପରୀକ୍ଷାଧର୍ମରୁ ଅତିକ୍ରାନ୍ତ ହୋଇ ଅତି ପ୍ରଭାବଶାଳୀ ବିବେଚିତ । ସୃଷ୍ଟି କର୍ମରେ ନିମଜ୍ଜନ ହେଲାବେଳେ ସେ ପାଠକଙ୍କୁ ମୂର୍ଖ ଅପଣ୍ଡିତ ବୋଲି ଗ୍ରହଣ କରନ୍ତି ନାହିଁ । ବରଂ ଜଣେ ସଚେତନ ଓ ବିଜ୍ଞପାଠକ ବୋଲି ଗ୍ରହଣ କରନ୍ତି । ତେଣୁ ବିଶ୍ଳେଷଣ ଧର୍ମ ତାଙ୍କ ଗଳ୍ପରେ ଦେଖିବାକୁ ମିଳେନା । ପାଠକଙ୍କ ପ୍ରତି ସମ୍ମାନବୋଧ ଲେଖକକୁ ଉନ୍ନତ ସାହିତ୍ୟ ସୃଷ୍ଟି କରିବାରେ ବିଶେଷ ସାହାଯ୍ୟ କରେ । ସେଥିପାଇଁ ମନୋଜ ଦାସଙ୍କ ସାହିତ୍ୟ ଏକ Cosmopolitian ପାଠକୀୟତା ଗ୍ରହଣ କରିପାରିଛି । ମନୋଜ ଦାସଙ୍କ ସାହିତ୍ୟ ପୃଥିବୀରେ ଉତ୍କୃଷ୍ଟ ସାହିତ୍ୟିମାନଙ୍କ ମଧ୍ୟରେ ଅନ୍ୟତମ, ଏହା ସ୍ୱୀକାର୍ଯ୍ୟ ।

ଉପସଂହାର

ମୋର ଏହି ଆଲୋଚନା ମନୋଜ ଦାସଙ୍କ ସାହିତ୍ୟର ପୁନର୍ଗର୍ଭା ମୂଲ୍ୟାୟନ ନୁହେଁ, ବରଂ ତାଙ୍କ ଗଳ୍ପ ସଂଗଠନର ଦିଗ ଓ ସାହିତ୍ୟ-ଚେତନାର ଏକ ପରିଚୟ, ଏକ ଦୃଷ୍ଟିପାତ ! ମନୋଜ ଦାସ ଏବେ ବି ସକ୍ରିୟ ସୃଷ୍ଟିଶୀଳ ଲେଖକ । ତେଣୁ ଏହି ପରିଚୟ ମନୋଜୀୟ ସାହିତ୍ୟ ଚେତନାର ସର୍ବଶେଷ ପରିଚୟ ହେବାକୁ ବାଧ୍ୟ ନୁହେଁ ।

• କ୍ଷୀରକୋଣୀ, ପୋ.ଅ.
- ଚକ୍‌ବାର୍‌ହାପୁର (ସୋର-୨), ବାଲେଶ୍ୱର -୭୫୬ ୦୪୫

ବି:ଦ୍ର : ଆଲୋଚନାଟି ଝଂକାର/ଜାନୁଆରୀ -୧୯୮୨ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ।
-ଲେଖକ

Digitized by srujanika@gmail.com

ମନୋଜ ଦାସଙ୍କ କଥା ଓ କାହାଣୀର ଅନ୍ତଃସ୍ୱର

ରମାକାନ୍ତ ରାଉତ

ସରସ୍ୱତୀ ସମ୍ମାନ ବିଜେତା କଥାକାର ମନୋଜ ଦାସ ସଂପ୍ରତି ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାହିତ୍ୟିକ । ମଣିଷ ଜୀବନର ଅନ୍ତରୀଣତା ଓ ଅସହାୟତା ମନୋଜ ଦାସଙ୍କ କଥା କାହାଣୀରେ କଳାତ୍ମକ ଭାବେ ପ୍ରକଟିତ ହୋଇଛି । ତା ସଙ୍ଗେ ବିଦ୍ରୂପ ବିଷାଦର ଏକ ଭାବ ଗଳ୍ପର ଆଡୁଆଳରେ ଉଙ୍କିମାରୁଥାଏ । 'ମଧୁବନର ମେୟର' ଗଳ୍ପର ନାୟକ ଯେଉଁ ଚରମ ଶୋଚନୀୟ ପରିଣତିର ସମ୍ମୁଖୀନ ହେଲେ ତା'ର ତୁଳନା ନାହିଁ । ''ଦିବ୍ୟସିଂହଙ୍କ କୋହ ପ୍ରବଳତର ହେଉଥିଲା । ମଣିଷ ଏତେ ଭୟଙ୍କର ଅସହାୟ ଅବସ୍ଥାରେ ପଡିପାରେ ? କେଉଁ ଅଦୃଶ୍ୟ ଶକ୍ତିପୁଞ୍ଜର ଚକ୍ରାନ୍ତରେ ଶିକାର ହେବାକୁ ପଡିଲା ତାଙ୍କୁ ? କାହିଁକି ? କାହିଁକି ?'' ପରମ ଅହଂକାରୀ ଓ ଦାମ୍ଭିକ ଦିବ୍ୟସିଂହର ଏହା ପ୍ରଥମ ପରାଜୟ ଓ ନିଜ ସମ୍ପର୍କିତ ପ୍ରଥମ ତଥା ଚରମ ନୈରାଶ୍ୟ ନିଃସଙ୍ଗଭାବ । ଅଳ୍ପ କେଇ ମୁହୂର୍ତ୍ତ ପୂର୍ବେ ସେ ନିଜ ଶିକ୍ଷାଗୁରୁ ସୁଦର୍ଶନଙ୍କ ମନ୍ତବ୍ୟ ''ମଣିଷ କେତେ ଅସହାୟ ! କେତେ ଅସହାୟ ହାୟ !'' କୁ ବିଦ୍ରୂପ କରିଥିଲେ । ଗୋଟାଏ ଗାଈ ତାଙ୍କୁ ଉଲଗ୍ନ କରି ଛାଡିଦେଲା ଏକ ଚରମ ଦୁର୍ବଳ ମୁହୂର୍ତ୍ତରେ । ସେ ଗାଈର ପିଛାକଲେ, ମାତ୍ର ଅଧାରେ ବା ଟ୍ରାଉଜରଟି ମୁହଁରେ ଧରି ତଡିତ ବେଗରେ ଅପସରି ଗଲା । କିନ୍ତୁ ହଠାତ୍ ଏକ କିପ୍ର ଆଲୁଅ ତାଙ୍କ ସିକ୍ତ ଉଲ୍ଲଙ୍ଗ ଦେହରେ ଝଲସିଯା'ନ୍ତେ ସେ ତତ୍କ୍ଷଣାତ୍ ତଳେ ବସି ପଡି ବେଙ୍ଗପରି ଡେଇଁ ଡେଇଁ ପାଣିରେ ପଡିଲେ । ଏହା ଏକ ନିଷ୍ଠୁର ଭାଗ୍ୟ ବିଡମ୍ବନା । ଏହାର ସମାଧାନ କରିଛି ଅବୋଧ କୈବର୍ତ୍ତ କନ୍ୟାଟିଏ, ବାପାର ଲୁଗା ଆଣି ମେୟରଙ୍କୁ ଦେଇ ତାଙ୍କ ଲଜ୍ଜା ଇଜ୍ଜତ ବଞ୍ଚେଇଛି । ଏହା ନିୟତିର ଏକ ଖେଳ ।

ଟ୍ରାଜେଡି ମନୋଜ ଦାସଙ୍କ ଗଳ୍ପ ଉପନ୍ୟାସର ଅନନ୍ୟ ଦିଗ । 'ଲକ୍ଷ୍ମୀର ଅଭିସାର'ରେ ନାୟିକା ଲକ୍ଷ୍ମୀ ମାତ୍ର ଦୁଇଟି କଦଳୀ ଚୋରେଇବା ଅପରାଧରେ ମୃତ୍ୟୁ ବରଣ କଲା । ତା'ପରେ ମନ୍ଦିର ପୂଜକ ଜ୍ୱରରେ ପଡିଲେ । ମୃତ୍ୟୁ ପୂର୍ବରୁ ତାଙ୍କ ଅନୁଶୋଚନା, ପ୍ରଭୁ, ପରଜନ୍ମରେ ଏ ପାପଷ୍ଠ ଯେମନ୍ତେ ଜିହ୍ୱାହୀନ ହୋଇ ଭୂମିଷ୍ଠ ହେଉ ।

Digitized by srujanika@gmail.com

ଲକ୍ଷ୍ମୀର ଆକସ୍ମିକ ମୃତ୍ୟୁପାଇଁ ସେ ନିଜକୁ ଦାୟୀ କରିଛନ୍ତି । ତାଙ୍କ ମୁହଁରୁ ନିଃସୃତ ଅଭିସଂପାତ ଲାଗି ତାଙ୍କର ଏ ଅନୁଶୋଚନା ।

ଆଉ ଏକ କରୁଣ ଗପ 'ଧୂମ୍ରାଭ ଦିଗନ୍ତ' । ଲକ୍ଷ୍ମୀପରି ଲିଲିର ଆକସ୍ମିକ ବିୟୋଗ ଗଳ୍ପର ପରିଣତି । ଝଡ ବତାସରେ ଚଷମାଟି ହଜେଇ ବନ୍ଧୁକ ହାତଧରି ତଳକୁ ଓହ୍ଲେଇବା ବେଳେ ହଠାତ୍ ଗର୍ତ୍ତ ମଧ୍ୟରେ ଖସିପଡି ରସାତଳଗାମୀ । ତା'ପରେ ଲିଲିର ଜେଜେ ଜଗତବନ୍ଧୁ ଖୋଜିବାକୁ ଆସି ତଳକୁ ଟର୍ଚ୍ଚ ପକାଇଲେ । ତାଙ୍କ ଥରଥର ହାତରେ ହଠାତ୍ ଟର୍ଚ୍ଚ ଖସିପଡିଲା । ତଳେ ପଡି ତାହା ମଧ୍ୟ ଲିଭିଲା ନାହିଁ । ସେ ଆଲୁଅ ଭିତରେ ଦେଖାଯାଉଥିଲା ଲିଲିର ଟିକି ମୁହଁ-ନିସ୍ପନ୍ଦ । ଦୃଶ୍ୟଟି ସ୍ମରଣ କରିଦିଏ ଟମାସ ହାର୍ଡିଙ୍କ ଉପନ୍ୟାସର ପୃଷ୍ଠଭୂମି । 'ଏ ଗଡନ ହିଥ୍'ର ରୂପକଳ୍ପ, ଯାହାର ମୂଳଉତ୍ସ ତାଙ୍କ ଉପନ୍ୟାସର କରୁଣ ବିୟୋଗାନ୍ତକ ପରିଣତି । ନିଜ ବଂଶର ଶେଷ ସନ୍ତକ ଲିଲିର ଏ ଶୋଚନୀୟ ମୃତ୍ୟୁରେ ଜଗତବନ୍ଧୁଙ୍କର ନିଃସଙ୍ଗ କରୁଣ ଚେହେରାକୁ ଦେଖି କାଥାକାରଙ୍କ ଅନ୍ତିମ ଅଭିବ୍ୟକ୍ତି ''ଭଗବାନ ! ମଣିଷର ସେ ଭଳି ଏକାକୀତ୍ୱ ଯେପରି ଜୀବନରେ ଆଉଥରେ ଦେଖିବାକୁ ନପଡୁ ।'' ପ୍ରଚୁର ମୃତ୍ୟୁ ଭିତରେ ବଞ୍ଚିରହିଥିଲେ ଜଗତବନ୍ଧୁ । ଅତି ମୋଟା ଚଷମା ଓ ଚୁରୁଟର ବହଳଧୂଆଁ ଭିତରେ ମୁହଁଟି ଯଥାସମ୍ଭବ ଲୁଚାଇ ରଖିବାକୁ ସେ ଚେଷ୍ଟାକରୁଥିଲେ । ହୁଏତ ଜଗତବନ୍ଧୁ ସେକ୍ସପିୟରଙ୍କ ଲିୟର ପରି ଏକ ମନୁମେଣ୍ଟପରି ନିଜ ଦୁଃଖକୁ ବିଦ୍ରୁପ କରୁଥିଲେ । ଲେଡି ମ୍ୟାକବେଥଙ୍କ ମୃତ୍ୟୁପରେ ନିଃସଙ୍ଗ ଓ ଅସହାୟ ମାକ୍‌ବେଥପରି ଅନୁଭବ କରୁଥିଲେ, ଜୀବନ ଏକ ଚଳନ୍ତି ଦୀପଶିଖା, ଏକ ଛାୟାଛବି, ବୋକା ମୁହଁରେ ଭଣତି ଏକ ରୂପକଥା, ଯାହାର ଅନ୍ତିମ ପରିଣତ ଧୂମଳ, ଶବ୍ଦ ଆଉ ବାମ୍ପଭରା ଶୂନ୍ୟ ନିରର୍ଥକ ।

ମନୋଜ ଦାସଙ୍କ ଗପରେ ଟ୍ରାଜେଡ଼ୀ ହଠାତ୍ ବିସ୍ଫୋରିତ ହୁଏ ଏକ ଗତାନୁଗତିକ ପ୍ରାତ୍ୟହିକ ପରିବେଶ ମଧ୍ୟରୁ । ବିୟୋଗାନ୍ତକ ସ୍ରୋତ ଅତର୍କିତେ ଆସି ନିଃଶବ୍ଦରେ ପ୍ରସରିଯାଏ । ମୃତ୍ୟୁର ହିମଶୀତଳ ସ୍ପର୍ଶ ବୁକୁ ବିଦୀର୍ଣ୍ଣ କରେ । ତାହା ଘଟିଛି ବ୍ୟାଘ୍ରାରୋହଣରେ ଧୂମ୍ରାଭଦିଗନ୍ତରେ 'A Tiger in the Twilight' ଓ 'ବୁଲଡୋଜର', 'ଅମୃତଫଳ' ଓ 'ଘୁଡି' ଆଦିରେ । ନିୟତି ମନୋଜ ଦାସଙ୍କ କଥା ଓ କାହାଣୀରେ ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ହାର୍ଡିଙ୍କ ପ୍ରକୃତି ପରି ମନୋଜ ଦାସଙ୍କ ପ୍ରକୃତି ମଣିଷ ପ୍ରତି ଅତି ନିର୍ମମ ନିଷ୍ଠୁର ହୋଇଛି । ମଣିଷର ନିଜ କାର୍ଯ୍ୟକଳାପ ଓ ତାର ପରିଣତି ଉପରେ ଅକ୍ତିଆର ନାହିଁ । ଅନ୍ତତଃ 'ଧୂମ୍ରାଭ ଦିଗନ୍ତ' ର ପରିଣତି 'A Tiger in the Twilight' ଅଥବା 'ଅମୃତ ଫଳ'ରେ ନିୟତି ଯେପରି ଭାବେ କଥାବସ୍ତୁର ମୋଡ ଘୂରେଇ ଚରିତ୍ରମାନଙ୍କ ଭାଗ୍ୟ ବିପର୍ଯ୍ୟୟ ଘଟାଇ ପରିଣତିଟି ବିଷାଦମୟ କରିଛି, ତାହାକୁ ଅଦୃଷ୍ଟର ଖେଳ ବୋଲି ନକହି ଆଉ କ'ଣ କୁହାଯିବ ? ସନ୍ୟାସୀ ଦତ୍ତ 'ଦୁର୍ଲ୍ଲଭ

Digitized by srujanika@gmail.com

ଫଳଟି ରାଜା ଭର୍ତ୍ତୃହରିଙ୍କ ଜୀବନକୁ ଚରମ ଟ୍ରାଜେଡୀ ମଧ୍ୟ ଦେଇ ଗତି କରାଇଛି । 'A Tiger in the Twilight' ର ରାଜାସାହେବ ପୁଷ୍କରିଣୀ ମଧ୍ୟରେ ଲୁକ୍କାୟିତ ସିନ୍ଦୁକ ମଧ୍ୟରୁ ଅସରପି ପରିବର୍ତ୍ତେ ଏକ ନରକଙ୍କାଳ ପ୍ରାପ୍ତି ହେବା କମ୍ ଭାଗ୍ୟ ବିପର୍ଯ୍ୟୟ ଓ ନିୟତିର ଉପହାସ ନୁହେଁ ।

ମନୋଜ ଦାସଙ୍କ ପରିଧି ଖୁବ୍ ବିସ୍ତୀର୍ଣ୍ଣ । ତାଙ୍କ କଥା କାହାଣୀ ବହୁ ବିର୍ଣ୍ଣବିଭାରେ ବିମଣ୍ଡିତ । ତାଙ୍କ ଚରିତ୍ରମାନ ବହୁରୂପୀ ବିଚିତ୍ରବର୍ଣ୍ଣା । ଜୀବନର ବହୁ ଦିଗ ପ୍ରତି ସେ ଆଲୋକପାତ କରିଛନ୍ତି । ଶ୍ଳେଷ ତାଙ୍କ ଶୈଳୀରେ ପ୍ରଚ୍ଛନ୍ନ ଭାବେ ନିହିତ ଥିଲେ ହେଁ ଜୀବନର ସୂକ୍ଷ୍ମ ବର୍ଣ୍ଣାଳୀକି ସେ ସ୍ପର୍ଶ କରନ୍ତି । ପଲିଟିକାଲ ସାଟାୟାର୍ସ ବା ରାଜନୈତିକ ବିଦ୍ରୂପର ଚରମ ଉତ୍କର୍ଷର ପରିପ୍ରକାଶ ଘଟିଛି ଏକ ଅପହୃତ ଟୋପିର କାହାଣୀରେ, ଯେଉଁଠି ବେନୁ ନାମଧାରୀ ଛଦ୍ମ ମହାଶୟଙ୍କ ଉଦ୍ଦେଶ୍ୟରେ ଶହେଟଙ୍କାର ଏକ ମାଳା ଉପହାର ପ୍ରସ୍ତୁତ କରାଯାଇଛି । କିନ୍ତୁ ସେ ମହାଶୟ ଜଣକ ସେ ବିଷୟରେ ଧ୍ୟାନଶୀଳ ନହେଲେ ବି ମନ୍ତ୍ରୀ ମହାଶୟଙ୍କ ଟୋପିଟି ଯେଉଁ ଝରକାବାଟେ ଅପହରଣ କରିନେଇଥିଲେ ସେଇ ବାଟରେ ହିଁ ଫେରସ୍ତ ଦେଇଛନ୍ତି । ବେନୁ ଥିଲା ଆମ୍ଭମାନଙ୍କ ପୂର୍ବପୁରୁଷ ଏକ ବାନର, ଯେ କି ପ୍ରତୀକ ରୂପେ ଆମ୍ଭମାନଙ୍କ ଜ୍ଞାନ ଉଦ୍ରେକର ହେତୁ ହୋଇଛି ।

ସେହିପରି ବାବା ଚକ୍ରଧାରୀ ସାମିଲ ହୋଇଯାଇଛନ୍ତି 'ପ୍ରଭଞ୍ଜନ' ଉପନ୍ୟାସରେ । 'ପ୍ରଭଞ୍ଜନ'ରେ ସାମାଜିକ ଓ ରାଜନୈତିକ ବିଦ୍ରୂପ ରହିଛି । ଏହା ଏତେ ସୁସଂହତ ଉପନ୍ୟାସ ନହେଲେ ବି ଜୀବନର ବହୁଦିଗ ଏବଂ ସମାଜର ବହୁ ସମସ୍ୟା ସମ୍ପର୍କରେ ଏଥିରେ ଆଲୋକପାତ କରାଯାଇଛି । ନାୟକ ସନ୍ଦୀପ ଜଣେ ମାନବବାଦୀ, ଜୀବନାନ୍ୱେଷୀ ଚରିତ୍ର ଯେ କି ସତ୍ୟକୁ ସମ୍ମାନକରିବାକୁ ଯାଇ ଜୀବନର ବହୁ ତଥ୍ୟ ଉଦ୍‌ଘାଟନ କରିଛନ୍ତି, ବହୁ ଅଭିଜ୍ଞତା ହାସଲ କରିଛନ୍ତି । ବୋଧହୁଏ ଜୀବନର ପ୍ରକୃତ ନିର୍ଯ୍ୟାସ ସେ ଆଘ୍ରାଣ କରନ୍ତି ବେଶ୍ୟାପଡାରେ ମାତ୍ର ପନ୍ଦରମିନିଟ ସାନିଧ ମଧ୍ୟରେ । ବୁଲଡୋଜରରେ ସାମାଜିକ ଶୋଷଣର ଚିତ୍ର ନିହତ । କିନ୍ତୁ କେତେକ ସ୍ୱିଡୋ ଇଣ୍ଟେଲେକ୍‌ଚୁଆଲ୍ ତଥା ହିପୋକ୍ରେଟ ରାଜନେତାଙ୍କ ମୁଖା ଖୋଲି ଦିଆଯାଇଛି । ଡଃ ବର୍ମା ଜଣେ ତଥାକଥିତ ସାହିତ୍ୟିକ, କିନ୍ତୁ ରୁଚି ତାଙ୍କର ନିହାତି ନଗ୍ନ, ଆଚାର ଅଶ୍ଳୀଳ ତଥା ଅସଂସ୍କୃତ । ନିଜେ ଉଲଗ୍ନ ରହୁଥିବା ବ୍ୟକ୍ତି ଜଣକ ଯଦି ଅନ୍ୟମାନଙ୍କ ପରିପାଟୀ ଓ ରୁଚିସମ୍ପର୍କରେ ଟିପ୍ପଣୀ କରେ, ଯା' ଠୁଁ ବଳି ଦୁର୍ଭାଗ୍ୟଜନକ କଥା କ'ଣ ଥାଇପାରେ ? ରାୟ ସାହେବ ଓ ମନ୍ତ୍ରୀଙ୍କ ଇଂରାଜୀ ଭାଷଣରେ ଯେଉଁସବୁ ବ୍ୟଙ୍ଗ ରହିଛି, ତାହା ଯେତିକି ଉପଭୋଗ୍ୟ ସେତିକି ହାସ୍ୟାସ୍ପଦ ।

'ଆବୁ ପୁରୁଷ'ରେ ତୁରନ୍ତ ବିଦ୍ରୂପର ସଙ୍କେତ ନିହିତ । କିନ୍ତୁ ସେ ଶ୍ଳେଷ ଉତ୍ତୀର୍ଣ୍ଣ

Digitized by srujanika@gmail.com

ହୋଇଯାଇଛି ବିଷାଦକୁ । 'ଧୂମ୍ରାଭ ଦିଗନ୍ତ'ରେ ଲିଲିକି ବ୍ୟଙ୍ଗ କରୁଥିଲା ତିନି ନାୟକଙ୍କ ଗହଣରେ ବିଚାରି ଲିଲିର ଆକସ୍ମିକ ମୃତ୍ୟୁପରେ ସେ ଯେତେବେଳେ ବିୟୋଗାନ୍ତକ ନାୟିକାକୁ ଉତ୍ତୀର୍ଣ୍ଣ ହୋଇଯାଏ ତା'ର ସ୍ମୃତି ଉଦ୍ଦେଶ୍ୟରେ କିଏ ସନ୍ନ୍ୟାସୀ, କିଏ କଥାକାର ତ ଆଉ କିଏ ସାଧାରଣ ଦରଦୀ ମଣିଷଟିଏ ପରି ଦୁଇଟୋପା ଅଶ୍ରୁ ବିନିମୟରେ ସ୍ମୃତି ତର୍ପଣ କରିଛନ୍ତି । ଯା'ଠୁଁ ଅଧିକ ଶ୍ଳେଷ କ'ଣ ହୋଇପାରେ ?

'A Tiger in the Twilight' ର ଆଇରନି ମନୋଜ ଦାସଙ୍କ ସମସ୍ତ କଳାକୃତିକୁ ଅତିକ୍ରମି ଯାଇଛି । ଏହା କେବଳ ଅବଲୁପ୍ତ ଏକ ରାଜପରିବାରର କ୍ଷୟିଷ୍ଣୁ ଚିତ୍ରରେ ଭାରାକ୍ରାନ୍ତ ନୁହେଁ । ବରଂ ତା'ର ନିର୍ମମ ନିରବଛିନ୍ନ ଆଚରଣର ନୃଶଂସ ନଥି ତଥା ଅଭିଶପ୍ତ ଇତିହାସର କରୁଣ କାହାଣୀରେ ତାହା ସିକ୍ତ ହୋଇଛି । ମଣିଷ ଚରିତ୍ର ଜାନ୍ତବ ଓ ନଗ୍ନ ତଥା ବୀଭତ୍ସ ସ୍ୱରୂପ ତହିଁରେ ପ୍ରକଟିତ । ହୀରା ଏକ ଟ୍ରାଜେଡୀରେ ନିଃଶେଷ ହୋଇଛି । ଖାଲି ଟ୍ରାଜେଡୀ ନୁହେଁ ପାଶବିକତାର ସେ ଏକ ପ୍ରତୀକ, କ୍ଷୟିଷ୍ଣୁ ସମ୍ଭ୍ରାନ୍ତବାଦର ଶେଷ ନିଦର୍ଶନ । ଗୁପ୍ତ ଟ୍ରେଜେରୀ ଅନୁସନ୍ଧାନରୁ ଏକ ନରକଙ୍କାଳପୂର୍ଣ୍ଣ ସିନ୍ଦୁକ ପ୍ରାପ୍ତି ରାଜା ସାହେବଙ୍କ ପାଇଁ କମ୍ ନୈରାଶ୍ୟ ଓ ବିଷାଦର ଉପାଦାନ ନୁହେଁ । ଯାହା ତାଙ୍କ ଜୀବନର ସମସ୍ତ ଆଶା ଅକାଂକ୍ଷାକୁ ନିଃଶେଷ କରି ତାଙ୍କ ମୃତ୍ୟୁର ଘଣ୍ଟି ବଜାଇଛି । କଙ୍କାଳ ଭର୍ତ୍ତି ସିନ୍ଦୁକଟି ଚରମ ଶ୍ଳେଷର ନିଦର୍ଶନ । 'A Tiger in the Twilight' ସେ ଦିଗରୁ ଯେତିକି ଶ୍ଳେଷାତ୍ମକ, ସେତିକି କରୁଣ । ଜୀବନର ଚରମ ଶ୍ଳେଷ ଏଥିରେ ପ୍ରତିଫଳିତ ।

'ମଧୁବନର ମେୟର'ରେ ଜୀବନର ଚରମ ଟ୍ରାଜେଡୀ ଓ ଅସହାୟତା ପ୍ରକଟିତ । ମେୟରଙ୍କ କଥାରେ କହିଲେ, ''ଅସହାୟତା କ'ଣ ମୁଁ ହୃଦୟଙ୍ଗମ କରିଛି । ମୁଁ ବର୍ତ୍ତମାନ ପ୍ରାପ୍ତ ବୟସ୍କ । ଏ ଅନୁଭବ କେବଳ ଟ୍ରାଜେଡୀରୁ ହିଁ ସମ୍ଭବ ।'' ଅନ୍ୟ ସବୁ ସଫଳ କଥାକାରଙ୍କ ପରି ମନୋଜ ଦାସ କେବଳ ଶ୍ଳେଷ ବା ଟ୍ରାଜେଡୀରେ ସୀମାବଦ୍ଧ ରହିନାହାନ୍ତି । ଜୀବନର ଉତ୍ତରଣ ଓ ଆତ୍ମାର ବିକାଶ ତାଙ୍କର ଅନ୍ତିମ ଲକ୍ଷ୍ୟ । ରକେଟ ପରି ନାତ, ଚାବୁକ ଛାଟ ବାଜିଲେ ତାହା ଉର୍ଦ୍ଧ୍ୱତର ହୁଏ । ତେଣୁ ଶ୍ଳେଷ, ବିଦ୍ରୂପ ବିୟୋଗାନ୍ତକ ପ୍ରକ୍ରିୟା ଜୀବନକୁ ଶୁଦ୍ଧପୂତ ଓ କମ୍ର କରି ତୋଳେ, ମାନବିକତାର ଦୀପ୍ତିରେ ରସାଣିତ କରେ ଓ ସତ୍ୟର ଝଲକରେ ଦୀପ୍ତିମନ୍ତ କରେ । ମନୋଜ ଦାସଙ୍କ କଥା କାହାଣୀ ସେହି ନିର୍ଯ୍ୟାସର ସ୍ୱର ତରଙ୍ଗ ଚରିତ୍ରମାନେ ଜୀବନର ଉର୍ଦ୍ଧ୍ୱତର ଚେତନାରେ ଭାସ୍ୱର । ତାଙ୍କ ସୃଷ୍ଟି ତେଣୁ ମାନବିକ ତଥା ଅତିମାନବିକତାରେ ଋଦ୍ଧିମନ୍ତ ।

'ଅମୃତ ଫଳ' ମନୋଜ ଦାସଙ୍କର ସଦ୍ୟତମ ସୃଷ୍ଟି । ଏହାକୁ ସେ ଏକ ଉପନ୍ୟାସ ବୋଲି ଦ୍ୱିଧାହୀନ ଭାବେ ଅଙ୍ଗୀକାର କରନ୍ତି ନାହିଁ । କଥାବସ୍ତୁ ଯଦିଓ ରାଜା

Digitized by srujanika@gmail.com

ଭର୍ତ୍ତୃହରିଙ୍କ ଜୀବନ ସଙ୍ଗେ ଜଡିତ ଏହାକୁ ସେ 'ଚରିତୋପନ୍ୟାସ' ବା 'ଐତିହାସିକ ଉପନ୍ୟାସ' କହିବାକୁ ରାଜି ନୁହନ୍ତି । ତାଙ୍କରି କଥାରେ କହିଲେ : ''ଥରେ ଥରେ ମନେ ହୋଇଛି, ଯଦି ପ୍ରାୟୋପନ୍ୟାସ (ଉପନ୍ୟାସ-ପ୍ରାୟ କଥା ସାହିତ୍ୟ ନାମରେ ସୃଜନଶୀଳ ଲେଖାର କୌଣସି ବିଭବ ଥା'ନ୍ତା, ଏହା ସେହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହୁଅନ୍ତା ।''

ଏହା ଏକ ଫ୍ଲାସ୍‌ବ୍ୟାକ୍ ଶୈଳୀରେ ବିକାଶ ଲାଭ କରିଛି । ଅମରନାଥ ଏହାର ବିକାଶ ଲାଭ କରିଛି । ଅମର ନାଥ ଏହାର ପ୍ରଟାଗନିଷ୍ଟ ଏବଂ ଆକସ୍ମିକ ଭାବେ ରିସିକେଶରେ ପହଞ୍ଚି ବନ୍ଧୁ ବଳଦେବଙ୍କ ସହାୟତାରେ ଏକ କୋଠା ମଧ୍ୟରେ ସୁରକ୍ଷିତ ଭର୍ତ୍ତୃହରିଙ୍କ ଗୁମ୍ଫା ମଧ୍ୟରୁ ଏକ ପାଣ୍ଡୁଲିପିର ସନ୍ଧାନ କରିଥିଲେ ଏବଂ ଭର୍ତ୍ତୃହରିଙ୍କ କାହାଣୀ ଶୁଣିଥିଲେ ପରମ ଉତ୍ସୁକତାର ସହ । ସେ ହୁଏତ ଏକ ଭାବାତୀତ ମାନସିକତାରେ ନିମଜ୍ଜମାନ ହୋଇଗଲେ । ବଳଦେବଙ୍କ ଉକ୍ତିରେ ଅମରନାଥଙ୍କ ଭର୍ତ୍ତୃହରିଙ୍କ ବୃତ୍ତାନ୍ତ ସଙ୍ଗେ ଏକ ନିବିଡ ସଂଯୋଗ ନିହିତ । ବଳଦେବଙ୍କ ଉକ୍ତିରେ ''ହୁଏତ ଚେତନାର ଏକାଧିକସ୍ତରରେ ତମେ ଭର୍ତ୍ତୃହରି ବୃତ୍ତାନ୍ତ ଜ୍ଞାତ ହୋଇଛ-ସ୍ଥୂଳ ତଥ୍ୟ ସ୍ତରରେ -ପୁଣି ତା'ର ତାତ୍ପର୍ଯ୍ୟ ସ୍ତରରେ'' ପ୍ରସଙ୍ଗକ୍ରମେ ଲେଖକ ପୁନର୍ଜନ୍ମ କଥା ଉତ୍ଥାପନ କରିଛନ୍ତି । ତେଣୁ ଅମରନାଥଙ୍କ ଜୀବନର ସମସ୍ତ ଘଟଣା ପୂର୍ବନିରୂପିତ । ତେଣୁ ସେ ଏକ ଦୈବୀଶକ୍ତି ନେଇ ଆବିର୍ଭୂତ, ଲେଖକ ହେବା ଯାହାଙ୍କର ''ଅନ୍ୟତମ ଅଦୃଷ୍ଟ । ବଳଦେବ ଆହୁରି ସ୍ପଷ୍ଟଭାବେ କହନ୍ତି ତମ ଭିନ୍ନ ଭିନ୍ନ ସତ୍ତାର ଭିନ୍ନ ଭିନ୍ନ ଅଦୃଷ୍ଟ.... ଅଦୃଷ୍ଟ ଗୋଟାଏ ଜୀବନ କାଳ ଭିତରେ ବି ସୀମାବଦ୍ଧ ନୁହେଁ । ଏ ଜନ୍ମରେ ସମୁଦାୟ ସଫଳ ନହେଲେ ପରଜନ୍ମରେ ହୋଇପାରେ । ତମେ ବରଂ ଏହି ଜନ୍ମରେ ତମର ନିର୍ଦ୍ଦିଷ୍ଟ ଅଦୃଷ୍ଟକୁ ଯେତେଦୂର ସମ୍ଭବ ପୂର୍ଣ୍ଣକର ।'' ତା'ପରେ ଆରମ୍ଭ ହୋଇ କାହାଣୀ ଲେଖା ।

'ଅମୃତଫଳ' -ଏକ ପ୍ରତୀକ । ହୁଏତ ଏହା ଅଦୃଷ୍ଟର ପ୍ରତୀକ । ଚଣ୍ଡମୁନିଙ୍କ ସମଗ୍ର ତପସ୍ୟାର ସୁଧାଫଳ ଏ ଦୁଷ୍ପ୍ରାପ୍ୟ ବସ୍ତୁ, ଯାହା ସେ ରାଜାଙ୍କୁ ଉପହାର ଦେଇଥିଲେ କାରଣ ତାହା ଭକ୍ଷଣ କଲେ ରାଜା ନିରାମୟ ଦୀର୍ଘଜୀବନ ଯାପନ କରି ପ୍ରଜାପାଳନ କରିବେ । କିନ୍ତୁ ପରିଣତି ଭିନ୍ନ ଥିଲା । ଅମୃତ ଫଳ ନିୟତିର ଭୂମିକା ଗ୍ରହଣ କରି ଭର୍ତ୍ତୃହରିଙ୍କ ଭାଗ୍ୟ ବିଡମ୍ବିତ କଲା । ସେ ହୁଏତ ପ୍ରଥମତଃ ମୁନିଙ୍କ ନିର୍ଦ୍ଦେଶ ଅବମାନନା କରି ତାହା ତାଙ୍କର ଏକାନ୍ତ ପ୍ରିୟା ସିନ୍ଧୁମତୀଙ୍କୁ ପ୍ରଦାନ କଲେ । ସିନ୍ଧୁମତୀ ନିଜର ପ୍ରିୟ ପୁରୁଷ ଅମାତ୍ୟ ଜୟନ୍ତଙ୍କୁ ଅର୍ପଣ କଲେ । ଜୟନ୍ତ ତାହା ନିଜେ ନ ଭକ୍ଷି ଗଣିକା ମାଳବିକାକୁ ପ୍ରଦାନ କଲେ । କିନ୍ତୁ ମାଳବିକାଙ୍କ ବିଚାର ବୁଦ୍ଧିରେ ଅମୃତଫଳର ଯୋଗ୍ୟ ଗ୍ରାହକ ପ୍ରଜାବତ୍ସଳ ରାଜା ଭର୍ତ୍ତୃହରି ବୋଲି ପ୍ରତୀତ ହୁଅନ୍ତେ ସେ ଏକାନ୍ତରେ ତାହା ରାଜାଙ୍କୁ ପ୍ରତ୍ୟର୍ପଣ କଲା । ରାଜାଙ୍କ ବିସ୍ମୟର ସୀମା ନଥିଲା । ରାଜା ଅବଶ୍ୟ ଅମୃତଫଳର ରହସ୍ୟ ଉଦ୍‌ଘାଟନପୂର୍ବକ ଯୁଗପତ୍ ସନ୍ଦେହ, ଗ୍ଲାନି, ଆଶଙ୍କା

Digitized by srujanika@gmail.com

ଓ ମନସ୍ତାପରେ ମ୍ରିୟମାଣ ହୋଇଗଲେ । ସେ ହେଲେ ରାଜ୍ୟ ତ୍ୟାଗୀ ଚରମ ଅନୁଶୋଚନା, ଅଭିମାନ, ଆତ୍ମଧିକ୍କାରରେ ।

ଅମୃତଫଳ ହୁଏତ ବାଇବେଲର ନିଷିଦ୍ଧଫଳପରି ଅଦୃଷ୍ଟକୁ ବିଡମ୍ବିତ କରିଛି । ଆଦାମ ଇଭଙ୍କ ବିଧି ଆଦେଶ ଉଲ୍ଲଙ୍ଘନ, ସେମାନଙ୍କର ସ୍ୱର୍ଗରୁ ନିର୍ବାସନ କିର ରାଜା ଭର୍ତ୍ତୃହରିଙ୍କ ରାଜ୍ୟତ୍ୟାଗ ତଥା ଏକ ବାସ୍ତୁହରା ଜୀବନଯାତ୍ରା ଏବଂ ରାଣୀଙ୍କର ଅନ୍ତପୁର ତ୍ୟାଗ ଆଦି ଅନୁରୂପ ଚିତ୍ରପରି ପ୍ରତୀତ ହୁଏ । ନିଷିଦ୍ଧଫଳ ଜ୍ଞାନଫଳକୁ ରୂପାନ୍ତରିତ ହେବା ପରି, ଅମୃତଫଳ ରାଜା ଓ ସିନ୍ଧୁମତୀଙ୍କୁ ଦିବ୍ୟଜ୍ଞାନ ସନ୍ଧାନରେ ସହାୟକ ହୋଇଛି । ଅମୃତଫଳ ସମଗ୍ର କଥାବସ୍ତୁକୁ ନିୟନ୍ତ୍ରଣ କରିଛି । କିନ୍ତୁ ତାହା ସେମିତି ଅତୁଟ ଓ ଅଭକ୍ଷ ରହିଛି । ଶେଷରେ ଗୋରଖନାଥଙ୍କ ଆଦେଶମତେ ଅମୃତଫଳକୁ ଯଜ୍ଞକୁଣ୍ଡରେ ଆହୂତି ଦେଲେ ଭର୍ତ୍ତୃହରି କାରଣ ତାହା ତା'ର ଉତ୍ପତ୍ତିସ୍ଥଳ । ସେହି ଶାଶ୍ୱତସ୍ତରରେ ଲୀନ ହେଉ । ପରୋକ୍ଷଭାବେ ତାହା ଭର୍ତ୍ତୃହରି ଓ ସିନ୍ଧୁମତୀଙ୍କ ଅନନ୍ୟ ଭୂମିକା ତୁଲାଇ ସାରିଛି ।

ଅମୃତଫଳରେ ଜୀବନର ଉତ୍ତରଣ ସଂସାଧିତ ହୋଇଛି । ଏହାକୁ ଚେତନାର ଉତ୍ତରଣ କୁହାଯାଇପାରେ । ସ୍ଥୂଳଚେତନା ମଧଦେଇ ଭାବାତୀତ ଧ୍ୟାନ ମଧକୁ ଉତ୍ତୀର୍ଣ୍ଣ ହୋଇଛନ୍ତି, ଉଭୟ ଭର୍ତ୍ତୃହରି ଓ ସିନ୍ଧୁମତୀ । ଏହା କେବଳ ଜୀବନଚର୍ଯ୍ୟା ବା ତପଶ୍ଚରଣ ନୁହେଁ, ଚେତନାର ଉତ୍ତରିତ ଆସନରେ ଅଧିଷ୍ଠାନ, ଜୀବନ ଅନ୍ୱେଷଣ, ଜୀବନର ସତ୍ୟ ଉପଲବ୍ଧ । ଏଥିପାଇଁ ଭର୍ତ୍ତୃହରିଙ୍କୁ ବହୁ ମତାବଲମ୍ବୀ ସନ୍ନ୍ୟାସୀ ଓ ସାଧକଙ୍କଦ୍ୱାରସ୍ଥ ହେବାକୁ ପଡିଛି । ଆଜୀବକଙ୍କ କଠୋର କୃଚ୍ଛ୍ର ସାଧନାଠାରୁ, ବୌଦ୍ଧଗୁରୁ ପଦ୍ମଗୁପ୍ତ, କାପାଳିକ ଯାଦୁକର, ସନ୍ନ୍ୟାସୀ ଶିବଦାସ, ଶମ୍ଭୁବାବା ଏବଂ ଶେଷରେ ସିଦ୍ଧ ଗୋରଖନାଥଙ୍କଠାରେ ସେ ପହଞ୍ଚି ଜୀବନର ମାର୍ଗ ଖୋଜିଛନ୍ତି । ହୁଏତ ଏଥିପାଇଁ ଅମୃତଫଳ ହିଁ ହେତୁ, ଯାହା ତାଙ୍କ ସ୍ଥୂଳ ଜୀବନରେ ଟ୍ରାଜେଡୀ ସୃଷ୍ଟି କରି ତାଙ୍କୁ ସତ୍ୟର ସନ୍ଧାନ ଦେଇଛି । 'ଅମୃତଫଳ'ରେ ଦିବ୍ୟଜୀବନର ସନ୍ଧାନ କରାଯାଇଛି । ଲେଖକ ନିଜେ ଅମରନାଥଙ୍କ ଭୂମିକା ଗ୍ରହଣ କରିଛନ୍ତି । ବହୁ କିମ୍ବଦନ୍ତୀ ଓ ଲୋକକଥାର ଅବତାରଣା ମଧଦେଇ କଥାବସ୍ତୁ ବିକାଶ ଲାଭ କରିଛି । ପାଠକୀୟ ଉତ୍କଣ୍ଠା ଓ କଥାବସ୍ତୁ ଘୂର୍ଣ୍ଣନର ଯାଦୁକରୀ ସ୍ପର୍ଶ ତଥା ଶବ୍ଦ ପ୍ରୟୋଗର ଚମତ୍କାରିତା ସଙ୍ଗେ ବିଦ୍ରୂପାତ୍ମକ ଅଭିବ୍ୟକ୍ତି ଅମୃତଫଳର ଅନନ୍ୟ ଦିଗ । 'ଅମୃତଫଳ'ରେ କେବଳ ଜୀବନର ଅନ୍ୱେଷଣ ନୁହେଁ, ସତ୍ୟର ସନ୍ଧାନ, ଜ୍ଞାନ ଓ ଆନନ୍ଦର ଉପଲବ୍ଧି, ଅବଶ୍ୟ ଯନ୍ତ୍ରଣା ଓ ବିୟୋଗାତ୍ମକ ଉପଚାର ମଧରେ । କାଳର ଉପଲବ୍ଧି ଏହାର ଆଉ ଏକ ଦିଗ । ସମୟ ନିର୍ବିକାର ଶାଶ୍ୱତ ଓ ଚିରପ୍ରବହମାନ । କାଳ ନିରବଧି ଏବଂ ସମସ୍ତେ କାଳର ଅଧୀନ ।

• ଘ.ନଂ. : ୩ ଆର-୫/୪, କଳ୍ପନା ଅଞ୍ଚଳ,
ଭୁବନେଶ୍ୱର - ୭୫୧ ୦୧୪

Digitized by srujanika@gmail.com

ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପ

ମୂଳ ବଂଗଳା : ଡକ୍‌ଟର ରବୀନ ପାଲ
ଭାଷାନ୍ତର : ଗଣେଶ ପ୍ରସାଦ ସାହୁ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପର ପରିମାଣଗତ ଓ ଗୁଣଗତ ସମୃଦ୍ଧିରେ ମହାପାତ୍ର ନୀଳମଣି ସାହୁ, ସୁରେନ୍ଦ୍ର ମହାନ୍ତି, କୃଷ୍ଣ ପ୍ରସାଦ ମିଶ୍ର, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି ଆଦି ଗାଳ୍ପିକଙ୍କ ସଂଗେ ମନୋଜ ଦାସ (୧୯୩୪-) ଙ୍କ ନାମ ମଧ ସମ୍ମୁଖକୁ ଆସେ । ଏହି ପ୍ରାୟ ସମସାମୟିକ ଲେଖକ ଗୋଷ୍ଠୀ ମଧ୍ୟରେ ମନୋଜ ଦାସ ହିଁ ଆନ୍ତର୍ଜାତିକ କ୍ଷେତ୍ରରେ ସର୍ବାଧିକ ପରିଚିତ କଥାକାର । ତାଙ୍କର ଏକାଧିକ ଗଳ୍ପ ପାଶ୍ଚାତ୍ୟ ଗଳ୍ପ ସଂଗ୍ରହ ଓ ପତ୍ରିକା ଗୁଡିକରେ ସ୍ଥାନ ପାଇଛି । ପ୍ରଖ୍ୟାତ ଔପନ୍ୟାସିକ ଗ୍ରାହାମ୍ ଗ୍ରୀନ୍ କହନ୍ତି, " ମନୋଜ ଦାସଙ୍କର ସୃଷ୍ଟି ସମୂହ ମୋ ବହି ଥାକରେ ଆର୍.କେ. ନାରାୟଣଙ୍କ ସୃଷ୍ଟି ପାଖରେ ହିଁ ସ୍ଥାନ ପାଇଥାଏ । ମାଲଗୁଡି ଓଡ଼ିଶାଠାରୁ ଦୂରରେ ରହିଛି, କିନ୍ତୁ ଦୁହିଁଙ୍କ ଗଳ୍ପର ଉତ୍କର୍ଷ ବା ସ୍ୱର ପ୍ରାୟ ଏକ । ହୁଏତ ମନୋଜଙ୍କ ଗଳ୍ପରେ ଅଛି ଅତିରିକ୍ତ ଏକ ରହସ୍ୟମୟତା । ତେବେ ମନୋଜ ଦାସଙ୍କ ଗଳ୍ପରେ ଥିବା ରହସ୍ୟମୟତାର ସଂଧାନ କରାଯାଉ ।

'ଅନ୍ଧକାର' (The mistry Hour) ଗଳ୍ପର ପ୍ରୌଢ଼ା ରୂପେଇ ନାନୀ ବିଭା ହୋଇଥିଲେ ରାଜନୀତିକ ନେତା ଜଗଦୀଶ ବାବୁଙ୍କୁ ଯାହାଙ୍କର ଅକାଳରେ ମୃତ୍ୟୁ ଘଟେ । ତା'ପରେ ରାଜନୀତି କ୍ଷେତ୍ରରେ ନିଜେ ରୂପେଇନାନୀ ସକ୍ରିୟ ହୋଇ ଉଠନ୍ତି । ସେ ନିଜ ଅତୃପ୍ତ ଯୌନ କାମନା ମଧ୍ୟରେ ଚିନ୍ମୟ ବାବୁଙ୍କ ଭୋଟ ପ୍ରଚାର ନିମନ୍ତେ ଆଶା ପୋଷଣ କରନ୍ତି । କିନ୍ତୁ ଚିନ୍ମୟ ବାବୁଙ୍କଠାରୁ ଅନୁମତି ନ ପାଇ ରୂପେଇନାନୀ ତାଙ୍କ ବିରୋଧରେ ନିନ୍ଦା ଅପବାଦ ପ୍ରଚାର କରନ୍ତି । ଇତି ମଧ୍ୟରେ ରୂପେଇନାନୀର ମୃତ୍ୟୁ ହୋଇଛି ଓ ନିଃଶବ୍ଦରେ ଚିନ୍ମୟବାବୁ ରୂପେଇ ନାନୀର କବର ଉପରେ ପୁଷ୍ପମାଳା ଅର୍ପଣ କରିବା ସମୟରେ ବର୍ଷା ହୋଇଛି । ଏହିଠାରେ ଆକସ୍ମିକ ଭାବେ ଗଳ୍ପର ସମାପ୍ତି ଘଟିଛି । ପାଠକ ନିକଟରେ ଚିନ୍ମୟ ବାବୁ ଓ ରୂପେଇ ନାନୀର ସମ୍ପର୍କ ସବୁ ଅନ୍ଧକାର ମଧ୍ୟରେ ରହିଯାଇଛି ।

'ବିବସ୍ତ୍ର' (The nacked) ଗଳ୍ପଟି ଶ୍ଳେଷ ଓ କୌତୁକପୂର୍ଣ୍ଣ । ସମୁଦ୍ରକୂଳର ଏକ ପ୍ରାସାଦରେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସମାବେଶ ହେବ । ଏଥି ନିମନ୍ତେ ଯଥାଯଥ ଅଭ୍ୟର୍ଥନାର

Digitized by srujanika@gmail.com

ବ୍ୟବସ୍ଥା କରିବାକୁ ହେବ । ଏ ଖବର ଆସେ ରାଜାମାତାଙ୍କ ଠାରୁ ଭାନୁ ସିଂଙ୍କ ପାଖକୁ । ମାତ୍ର ଅତିଥିମାନେ ବିବସ୍ତ୍ରଭାବେ ଆସିବା ଶୁଣି ଭାନୁ ସିଂ ବିବ୍ରତ ହୋଇ ପଡନ୍ତି । ଏପରି ସମସ୍ୟାକୁ ଦୂର କରିବା ନିମନ୍ତେ ସେ ଏକାଧିକ ଲୋକଙ୍କ ସହ ପରାମର୍ଶ ସତ୍ତ୍ୱେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରନ୍ତି ନାହିଁ । ଏଣେ ତାଙ୍କର ଚିନ୍ତା ବଢ଼ିବାକୁ ଲାଗିଲା । ଶେଷରେ ବିଶାଳେଶ୍ୱର ମନ୍ଦିରରେ ଦେବତାଙ୍କ ଶରଣ ନେବାକୁ ଯାଇ ଶୁଣନ୍ତି ଦେବତାଙ୍କ ଅଳଙ୍କାର ଓ ପୋଷାକ ପର୍ଯ୍ୟନ୍ତ ଚୋରିହୋଇ ଯାଇଛି । ଆକାଶ, ସମୁଦ୍ର, ବିଗ୍ରହ ସବୁକିଛି ନଗ୍ନ । ତାଙ୍କ ମନରେ ଦୃଢ଼ତା ଆସେ - ଆସନ୍ତୁ ସେମାନେ ଭୟନାହିଁ । ଶେଷରେ ହଠାତ୍ ସମ୍ମିଳନୀ ସ୍ଥଗିତ ହେବାର ଚିଠି ପାଇଲେ ଭାନୁସିଂ । ମନ୍ଦିରରେ ଥିବା ବିଗ୍ରହଙ୍କ ନଗ୍ନତାକୁ ଆବରଣଯୁକ୍ତ କରିବା ନିମନ୍ତେ ଲୁଗାର ବରାଦ ଦିଅନ୍ତି ସେ । ଏ ଗଳ୍ପରେ ଆଧୁନିକତାକୁ ନେଇ ବିଦ୍ରୂପ ପ୍ରକାଶ କରିଛନ୍ତି ଗାଳ୍ପିକ । ଆଧୁନିକତାକୁ ନେଇ ବିଦ୍ରୂପ ଓ ତାର ମୁହାଁମୁହିଁ ହେବାର ଘଟଣାଟି ଆଖିରେ ନପଡି ରହି ପାରେନା । 'କୁମ୍ଭୀରିଣୀ' (The Crocodile's Lady) ଗଳ୍ପଟି ଆରମ୍ଭ ହୁଏ ନିପଟ ଏକ ଗାଁକୁ ଆସିଥିବା ଜଣେ ସାହେବଙ୍କ ଭାରତ ପ୍ରତି କୁତୂହଳ ଓ ଶ୍ରଦ୍ଧା ମଧ୍ୟଦେଇ । ଗ୍ରାମର ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଭୂତ ଓ ଦେବତା ପ୍ରତି ନିଃସନ୍ଦେହ ବିଶ୍ୱାସକୁ ଗାଳ୍ପିକ ଦେଖାଇଛନ୍ତି । ଗ୍ରାମର ଅନତିଦୂରରେ କୁମ୍ଭୀର ବୁଢ଼ୀର ବାସ ବୋଲି ଶୁଣି ସାହେବ ତାକୁ ଦେଖିବାକୁ ଯାଇଛନ୍ତି । ଯିବା ପୂର୍ବରୁ ସାହେବ କୁମ୍ଭୀର ବିଷୟରେ ଅନେକ କପୋଳକଳ୍ପିତ କଥା ଶୁଣିଛନ୍ତି । ତେଣୁ ତାଙ୍କ ମଧ୍ୟରେ ଅନେକ କୁତୂହଳ । ମନ୍ତ୍ରପ୍ରଭାବିତ ମଣିଷରେ ଜନ୍ମ ଓ ସ୍ୱାମୀ-କୁମ୍ଭୀରର ମୃତ୍ୟୁର କାହାଣୀ ବାସ୍ତବରେ ଗଳ୍ପଟିକୁ ଫାଣ୍ଟାସି ପର୍ଯ୍ୟାୟକୁ ନେଇଯାଇଛି । ସେହି ଅତିକଳ୍ପନା ମଧ୍ୟଦେଇ ତିଆରି ହୁଏ ଏକ ରହସ୍ୟମୟତା । ଆବହ ପ୍ରଧାନ ଚମତ୍କାର ଏ ଗଳ୍ପରେ ନୂତନ ଓ ପୁରାତନ କାଳର ଦ୍ୱନ୍ଦ୍ୱ । ସ୍ୱାଧୀନୋତ୍ତର ଓଡ଼ିଶାର ଜମିଦାରୀପ୍ରଥାର ବିଲୁପ୍ତି ଓ ପେଚାହତ୍ୟାର ଅଭିଶାପ ସଙ୍ଗେ ତୁଳନା କରି ଦେଖାଇଛନ୍ତି । ଯେଉଁଥିରେ ଭାରତବର୍ଷରେ ପରିବର୍ତ୍ତନର ଧାରା ସ୍ପଷ୍ଟ ହୋଇଛି । ପ୍ରକୃତି ବର୍ଣ୍ଣନାର ଚମତ୍କାରିତା ଗଳ୍ପର କଥାବସ୍ତୁ ସହ ଯଥାର୍ଥ ଯୋଗସୂତ୍ର ରକ୍ଷା କରି ପାରିଛି ।

'ସେନାପତି' (The General) ନାମକ ଚରିତ୍ର ପ୍ରଧାନ ଗଳ୍ପଟିରେ ଏକ ହୁଙ୍କାରସିଦ୍ଧ ସେନାପତି ଓ ତାଙ୍କର ଅଭିନୟ କଳାକୁ ନେଇ ବେଶ୍ ମଜାଦାର ପରିସ୍ଥିତି ସୃଷ୍ଟି କରିଛନ୍ତି ଗାଳ୍ପିକ । ବସ୍ତୁତଃ ବିଷାଦ ଓ କୌତୁକ ଜାତୀୟ ଗଳ୍ପରଚନାରେ ମନୋଜ ଦାସ ସିଦ୍ଧହସ୍ତ । ଏ ଦୁଇ ଜାତୀୟ ଗଳ୍ପଦେଇ ତାଙ୍କ ସ୍ରଷ୍ଟା ପ୍ରତିଭା ଚରିତ୍ରକୁ ବାସ୍ତବାୟିତ କରି ଦେଇପାରେ । ତାଙ୍କ ଗଳ୍ପରେ ଗୋଟିଏ ଜିନିଷ ଲକ୍ଷ୍ୟ କରାଯାଇପାରେ; ତାହା ହେଉଛି ତାଙ୍କ ଗଳ୍ପ ମଧ୍ୟରେ ଜହ୍ନର ବିଶେଷ ଉପସ୍ଥିତି । ଗଳ୍ପରେ ଜହ୍ନର ସ୍ଥିତି ନାନାର୍ଥ ଦ୍ୟୋତକ ହୋଇଉଠେ । ଏହି ଚନ୍ଦ୍ରଚେତନାଟି ପ୍ରସାରିତ ରୂପ ପାଇଛି । 'ଜହ୍ନ ରାତିର

Digitized by srujanika@gmail.com

ସେତୁ' (The Bridge in the moonlight)ଗଳ୍ପରେ । ଗଳ୍ପର ନାୟକ ଅଶୋକ ବାର୍ଦ୍ଧକ୍ୟ ଅବସ୍ଥାରେ ମଧ୍ୟ ଚନ୍ଦ୍ରପ୍ରତି ଆକର୍ଷଣକୁ ପ୍ରଶମିତ କରି ପାରିନାହାନ୍ତି । ସମୟଥିଲା ସେ ଚାନ୍ଦିନୀ ରାତିରେ ପରୀ ଦେଖିପାରୁଥିଲେ । ମେଘର ଅନ୍ତରାଳରେ ଚନ୍ଦ୍ରର ଲୁଚକାଳି ଖେଳକୁ ତନ୍ମୟ ହୋଇ ଉପଭୋଗ କରୁଥିଲେ ଏବଂ ଆଜି ମଧ୍ୟ ବାରଣ୍ଡାରେ ଆରାମ ଚେୟାରରେ ବସି ସେ ବିଶେଷ କରି ପୂର୍ଣ୍ଣିମା ରାତ୍ରିରେ ଜହ୍ନ ସହ କଥାବାର୍ତ୍ତା କରିବାକୁ ବ୍ୟାକୁଳ । ଅନେକ ଦିନର ପୁରୁଣା ବଂଧୁ ସୁଧୀର ସଂଗେ ଅଶୋକ ନଦୀର ପୋଲ ପଟେ ବୁଲିବାକୁ ଯାଇ ଦେଖନ୍ତି ପୁରାତନ ପୋଲ ଭାଂଗି ଦିଆ ଯାଇଛି । ନୂତନ ପୋଲ ନିର୍ମାଣର ପରିକଳ୍ପନା ଚାଲିଛି । ବଂଧୁଙ୍କ ସହ ବୁଲୁବୁଲୁ ଅଶୋକଙ୍କ ମନରେ ଜାଗ୍ରତ ହେଲା ଷାଠିଏ ବର୍ଷ ଆଗର ଏକ ଆବେଗପୂର୍ଣ୍ଣ ମୁହୂର୍ତ୍ତ । ଅଧ୍ୟାପିକା ମୀନା ଅଶୋକ ପାଖକୁ ପଠାଇଥିବା ପ୍ରେମପତ୍ର ପ୍ରସଂଗ । କିନ୍ତୁ ସୁଧୀର ମୀନାର ଚିଠି ଅଧାପକଙ୍କୁ ଦେଇ ନଥିଲା । ଯେଉଁ ଚିଠିରେ ଲେଖାଥିଲା ସେତୁ ଉପରେ ଦୁହିଁଙ୍କର ସାକ୍ଷାତ୍‌ର ନିର୍ଦ୍ଦିଷ୍ଟ ସମୟ । ଏତେ ବର୍ଷ ପରେ ସେ ଘଟଣାଟି ଅଶୋକଙ୍କ ମନରେ ଅନୁଶୋଚନା ସୃଷ୍ଟି କରିଛି । ଅଶୋକ ନିଜେ କଳ୍ପନା କରୁଛନ୍ତି ଯେ ସେ ନିଜେ ଯେପରି ସେହି ଷାଠିଏବର୍ଷ ପୁରୁଣା ଚିଠିଟିକୁ ଛିଣ୍ଡାଇ ପକାଇ ଦେଇଥିଲେ । ଉକ୍ତ ଗଳ୍ପଟିରେ ସେତୁ ଓ ଜହ୍ନ ପ୍ରେମର ଉଦ୍ଦୀପକ ଓ ଆଲମ୍ବନ ବିଭାବ ହେବା ସହ ପ୍ରାଂସଗିକ ଭାବରେ ସୌନ୍ଦର୍ଯ୍ୟର ଅସୀମ ଆକୃତିକୁ ଧରି ପାରଛି । ଏହି ଗଳ୍ପର ସେତୁ ପରି 'ବୃକ୍ଷ' (The Tree) ଗଳ୍ପରେ ଗଛ ମଧ ହୋଇଉଠିଛି ଜୀବନାର୍ଥର ପ୍ରତୀକ । ନଦୀ ଉକ୍ତ ଗଳ୍ପଟିରେ ବର୍ଣ୍ଣିତ ହୋଇଛି ପ୍ରାଣୀ ରୂପରେ । ଗାଳ୍ପିକ ମନୋଜ ଦାସ ଲେଖିଛନ୍ତି , "ପରିଚିତ ନଦୀ ବିସ୍ତାର ପାଇ ହୋଇଉଠେ ଅପରିଚିତ ପ୍ରାଣୀ । ମନୁଷ୍ୟ ଚମକି ପଡେ ଏପରି ପରିସ୍ଥିତିରେ । ଯେପରି କୌଣସି ଗୃହସ୍ଥ ତା'ର ପରିବାରର କୌଣସି ଏକ ସଦସ୍ୟକୁ ପାଗଳ ହୋଇଯିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଏ । ନଦୀ ତୀରସ୍ଥ ତାଳପତ୍ର ସମୃଦ୍ଧ ବଟବୃକ୍ଷଟି ଗ୍ରାମବାସୀଙ୍କ ନିକଟରେ ଦେବମାନ୍ୟ ଥିଲା । ବନ୍ୟାର ପ୍ରକୋପରୁ କ୍ରମେ ବୃକ୍ଷଟି ଧରାଶାୟୀ ହୁଏ । ଏଠାରେ ନବୀନ ଓ ପ୍ରବୀଣଙ୍କ ମଧରେ ଦ୍ୱନ୍ଦ୍ୱ ଫୁଟିଉଠେ ସ୍କୁଲ ପଣ୍ଡିତ ନିରାକାର ଦାସ ଓ ରଘୁର ଝଗଡା ମଧଦେଇ । ବୃକ୍ଷର ଜନ୍ମାନ୍ତରରେ ବିଶ୍ୱାସ ଓ 'ମେଘର ଆଢୁଆଳରୁ ପୁନରାୟ ସୂର୍ଯ୍ୟୋଦୟ' ଗଳ୍ପର ପରିଣତିରେ ମନୁଷ୍ୟ ଓ ପ୍ରକୃତିର ଅସ୍ତିତ୍ୱ ପୁନର୍ଜୀବନରେ ଆଶାବାଦୀ କରିଦିଏ । 'ମଗ୍ନଉପତ୍ୟକା' ('ମନୋଜ ପଞ୍ଚବିଂଶତି'ର ପ୍ରଥମ ସଂସ୍କରଣରେ 'ଅବୋଲକରା' ନାମରେ ସ୍ଥାନିତ) (The Submerged Valley) ଗଳ୍ପରେ ଆଧୁନିକତା ଓ ପ୍ରାଚୀନତାର ଦ୍ୱନ୍ଦ୍ୱ ନାହିଁ । କିନ୍ତୁ ଐକ୍ୟର ଦିଗଟି ସୁପରିକଳ୍ପିତ । ଉକ୍ତ ଗଳ୍ପରେ ବୃକ୍ଷ ସଜୀବତାର ଅର୍ଥ ବହନ କରେ । ଏ ସଜୀବତା ମଧ୍ୟରେ ଜଣେ ପାଗଳୀ । ତା'ରପାଗଳ କୁକୁର, ପାଗଳ ବିଲେଇ ଏକ ଯାଦୁକରୀ ବାତାବରଣ ସୃଷ୍ଟି

Digitized by srujanika@gmail.com

କରନ୍ତି । ଅବୋଲକରା ପାଗଳୀର ପୁଅ । ଯେ କୌଣସି କାର୍ଯ୍ୟ ନିର୍ବାହ କରିବାକୁ ଅନିଚ୍ଛା ପ୍ରକାଶ କରେ । ବନ୍ଧ ନିର୍ମାଣ ମନୁଷ୍ୟମାନଙ୍କ ପୁନର୍ବାସ୍ଥନ ଏବଂ ବନ୍ୟା ପରିକଳ୍ପନାରେ ମିଶାମିଶି ରୂପ ପ୍ରମାଣ କରେ । ଗୋଟିଏ ବର୍ଷଣ ମୁଖର ଦିନରେ ଅବୋଲକରାକୁ ଇଞ୍ଜିନିୟର ସାହେବ ତାଙ୍କ ଲଞ୍ଚ ଯୋଗେ ଅନ୍ୟସ୍ଥାନକୁ ନେଇ ଯିବାକୁ ଚାହିଁଲେ । ସେ କିନ୍ତୁ ଗଲାନାହିଁ । ଇଞ୍ଜିନିୟରଙ୍କ ପରିବାର ସ୍ଥାନ ଛାଡିବା ପରେ ଚିନ୍ତା କରୁଥିଲେ ସେ ଅବୋଲକରାର ଶେଷ ଜୀବନ ସଂପର୍କରେ । ଶେଷ ଅବସ୍ଥାରେ ସିକ୍ତ, କ୍ଲାନ୍ତ ପିତାଙ୍କ ସଂଗେ ସେଇ ନିର୍ବୋଧ ଅବୋଲକରାକୁ ଦେଖି ସମସ୍ତେ ଅବାକ୍ ହୋଇ ଯାଇଥିଲେ । କାରଣ ଏତେ ପାଣି ମଧ୍ୟରେ ସେ ବଞ୍ଚିଗଲା କିପରି । ଏହିଠାରେ ଆଧୁନିକତା ଓ ପ୍ରାଚୀନତା, ମମତ୍ୱବୋଧ ଓ ଉଦାସୀନତାର ଜଗତ ମଧ୍ୟରେ ଗୋଟିଏ ଅନ୍ତରୀଣ ସେତୁ ନିର୍ମାଣ କରିବା ମନୋଜଙ୍କ ଉଦ୍ଦେଶ୍ୟ । 'The Irrational' ଏକ ସୁନ୍ଦର ଆବେଗପୂର୍ଣ୍ଣ ପ୍ରେମଗଳ୍ପ । ବହୁବର୍ଷ ପୂର୍ବେ ଗୋଟିଏ ଗୃହରେ ଆଶ୍ରିତ ଯୁବକଟି ପ୍ରତି ଉକ୍ତ ଗୃହର ଜଣେ ତରୁଣୀ ଆକୃଷ୍ଟ ହୋଇଥିଲେ । ନିର୍ଦ୍ଦିଷ୍ଟ ଏକ ଦିନ ସେ ତରୁଣୀ ଯୁବକ ପାଖକୁ ଯାଇ ତାକୁ ସ୍ପର୍ଶ କରି ପାରିନାହିଁ । ସ୍ପର୍ଶ କରି ନ ପାରିବାର ପଶ୍ଚାତ୍‌ରେ ଥିଲା ଭୟ ପରି କାରଣଟି । ସନ୍ତ୍ରସ୍ତ ତରୁଣୀର ପ୍ରତିଧାବନ ଅବସ୍ଥାରେ ସେଠାରେ ତାର ବସ୍ତ୍ରାଂଶ ଅଟକି ଯାଇଥିଲା । ବହୁ ବର୍ଷପରେ ସୁବ୍ରତ ଦାସ କାକଳି ଗ୍ରାମରେ ଚୌଧୁରାଣୀଙ୍କ ଉଆସକୁ M.L.A. ହିସାବରେ ରାତ୍ରିବାସ କରିବାକୁ ଯାଏ । ସେତେବେଳେ ଚୌଧୁରାଣୀ ଆସି ସେଇ ବସ୍ତ୍ରାଂଶ ଫେରସ୍ତ କରନ୍ତି । ଗଳ୍ପଟିକୁ ରୋମାଣ୍ଟିକ୍ ଆବେଗ ମଧ୍ୟରେ ସମାପ୍ତ ନ କରି ସାମ୍ପ୍ରଦିକ ଓ ସାକ୍ଷାତକାର ପ୍ରସଂଗ ନେଇ ଆସିଛନ୍ତି ଗାଳ୍ପିକ । ସାମାନ୍ୟ ବ୍ୟାଖ୍ୟା କରି କୁହାଯାଇପାରେ, ଜନ୍ମ, ମୃତ୍ୟୁ, ପ୍ରଣୟ ଆଦି ସବୁକିଛି ମଧ୍ୟରେ ଯେପରି କିଛି ସଂଶୟ ରହିଥାଏ; ଯାହାକୁ ଆପାତତଃ ବୁଦ୍ଧି ମାଧ୍ୟମରେ ବିଚାର ବା ବିବେଚନା କରାଯାଇ ନ ପାରେ । ଅନ୍ୟ ଦିଗରେ 'ବିହଙ୍ଗ' (The Bird) ଗଳ୍ପରେ ଟୁକ୍‌ନ ରାୟ ବହେମିୟାନ ରୋମାଣ୍ଟିକ । ଆତ୍ମା ପୃଥିବୀର ଫାନ୍‌ଟାସିରେ ବିଭୋର ଥାଏ । ଭୁଲିଯାଏ ଚତୁଃପାର୍ଶ୍ୱର ବାସ୍ତବତାକୁ ତଥା ଆବେଷ୍ଟନ କରିଥିବା ଅବକ୍ଷୟକୁ ।'ଧୂମ୍ରାଭ ଦିଗନ୍ତ' ନିର୍ଦ୍ଦୋଷ ଭଲ ପାଇବା ଭାବଉଦ୍‌ବେଗର ଗଳ୍ପଟିଏ । ତିନି ବଂଧୁ । ଯେଉଁମାନେ କଠୋର ସଂଗ୍ରାମ ରତ । ସ୍ମରଣ କରୁଛନ୍ତି ସେମାନଙ୍କର ବାଲ୍ୟବାନ୍ଧବୀ ଲିଲିକୁ । ସେ ତରୁଣୀଟି ଦିନେ ପାହାଡ ଉପରେ ଉଠି ହଜି ଯାଇଥିଲା । ବସ୍ତୁତଃ ଉଦ୍‌ବେଳନର ସ୍ମୃତି ବୃଦ୍ଧ ବୟସରେ ଚରିତ୍ର ମଧ୍ୟକୁ ଆଣିବା -ମନୋଜ ବାବୁର ପ୍ରିୟ ପଦ୍ଧତି । Graham Green ମନୋଜଙ୍କ ଗଳ୍ପ ପ୍ରତି ଆକୃଷ୍ଟ ହୋଇଥିଲେ । H.R. Keating 'ମଗ୍ନ ଉପତ୍ୟକା' ଓ 'ଭୋଳା ଅଜା'ଗଳ୍ପ ପାଠକରି ଉଚ୍ଛ୍ୱସିତ ହୋଇଉଠଛନ୍ତି । M.V. Kamath ତାଙ୍କ ଗଳ୍ପରେ ମୃତ୍ତିକାର ସ୍ପର୍ଶ, ଉଷ୍ଣତା ଓ ବିଶୁଦ୍ଧତାର ପ୍ରଶଂସା କରିଛନ୍ତି । ପାଶ୍ଚାତ୍ୟର ଆହୁରି ଅନେକ ଆଲୋଚକ ତଥା

Digitized by srujanika@gmail.com

ପାଠକ ମନୋଜ ଦାସଙ୍କ ଗଳ୍ପ ମଧ୍ୟରେ ଥିବା ଭାରତୀୟତାକୁ ପ୍ରଶଂସା କରିଛନ୍ତି । କିନ୍ତୁ ମୋର ମନେହୁଏ ଏହା ପ୍ରଶଂସା, ପୁଣି ପ୍ରଶଂସା ନୁହେଁ । ଆମ୍ଭେମାନେ କ'ଣ ହାର୍ଡି, ସାକି ତଥା ଓ .ହେନେରୀଙ୍କ (ଯାହାଙ୍କ ସଂଗେ ମନୋଜ ଦାସଙ୍କୁ ଅସଂଗତ ଭାବେ ତୁଳନା କରାଯାଉଛି) ଲେଖା ପଢ଼ି ମୁଗ୍ଧ ହେଉ । ସେମାନଙ୍କ ଗଳ୍ପରେ ଜାତୀୟତାର ଅନୁସଂଧାନ କରୁ ? ଗଳ୍ପକୁ ତାର ଗୁଣାତୀତ ଓ କାଳଗତ ଜାତୀୟତାର ମୂଲ୍ୟବୋଧ ଉପରେ ବିଚାର କରିବାକୁ ହେବ । ସ୍ୱଦେଶୀୟତା ବା ଜାତୀୟତା ତାର ପରବର୍ତ୍ତୀ ପ୍ରସଂଗ । ସେ ଦୃଷ୍ଟିରୁ ମନୋଜ ଦାସଙ୍କ ଗଳ୍ପ ଅଭିନନ୍ଦିତ ହେବାର ଯୋଗ୍ୟ । A. Russel ମନୋଜଙ୍କ ଗଳ୍ପ ସଂପର୍କରେ ଠିକ୍ କହିଛନ୍ତି । ''ମନୋଜ ଦାସଙ୍କ ପୃଥିବୀ ସ୍ୱପ୍ନ, ଫାଣ୍ଟାସି, ଶ୍ରଦ୍ଧା, ବିସ୍ମୟର ତୁଙ୍ଗ ଭୂମିକୁ ଉଠି ମାନବ ମନୋବୃତ୍ତିର ପୂର୍ଣ୍ଣତା ପ୍ରକାଶ କରିଛି । ସେଇଟା ହିଁ ଆପାତତଃ ତାଙ୍କ କଥାସାହିତ୍ୟର ଗଭୀରତାର ଉତ୍ସ । ଚରିତ୍ର ନିର୍ବାଚନ ଓ ସୃଜନରେ ତାଙ୍କର ଅନୁପମ ଦକ୍ଷତା, ଧାରଣାର ସଜୀବତା, ନିରୀକ୍ଷଣରେ ସ୍ୱଚ୍ଛତା, ବର୍ଣ୍ଣନାଭଙ୍ଗୀ ମଧ୍ୟରେ ଜୀବନ-କାବ୍ୟ ଓ ଜୀବନ-ଗଦ୍ୟର ଅପୂର୍ବ ସମ୍ମିଶ୍ରଣ, ଦୃଶ୍ୟଗ୍ରାହ୍ୟ ଚିତ୍ରକଳ୍ପ ଓ ଭାବଉଦ୍ଦୀପକ, ପ୍ରତୀକର ଚମତ୍କାର ଉପସ୍ଥାପନା ପ୍ରକାଶ ପାଇଛି । ପାଇଛି ଗତାନୁଗତିକତାର ଯାନ୍ତ୍ରିକତାରୁ ମୁକ୍ତ ପ୍ରାଣଦ ଭାଷା । ମନୋଜ ବାବୁ ଆହୁରି ଲେଖିବେ, କଥା-ସାହିତ୍ୟର ଦିଗନ୍ତ ଆହୁରି ଉଦ୍‌ଭାସିତ ହେବ, ଏହାହିଁ କାମ୍ୟ ।

• ବଂଗଳା ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ

Digitized by srujanika@gmail.com

କଥାର ରାଜା

ଡକ୍ଟର ହୃଷିକେଶ ପଣ୍ଡା

ଓଡ଼ିଆର ସାରସ୍ୱତ ଭୂମିରେ କଥାଶିଳ୍ପୀ ମନୋଜ ଦାସ ସୃଜନଶୀଳ ବ୍ୟକ୍ତିସତ୍ତାର ଏକ ମହାଦ୍ରୁମ । ଏହି କଳ୍ପଦ୍ରୁମ କେବଳ ଓଡ଼ିଶାର ଆକାଶକୁ ପ୍ରସାରିତ ଡାଳପତ୍ରରେ ଆଚ୍ଛନ୍ନ କରିନାହିଁ, କରିଛି, ଭାରତର ସାରସ୍ୱତ ଆକାଶକୁ; ପୁଣି ପ୍ରଲମ୍ବିତ ଡାଳପତ୍ରର ସବୁଜ ସୁଷମାରେ ଆଚ୍ଛନ୍ନ ବିଶ୍ୱ ଚେତନାର ମହାକାଶ ।

ମୁଁ ଆଜି ପ୍ରସାଦ ଅନୁଭବ କରେ ଯେ 'କଥାର ରାଜା' ମୋର ଅଗ୍ରଜ ସ୍ରଷ୍ଟା ମନୋଜ ଦାସ ମୋର ଜନ୍ମଭୂମି, ସାରସ୍ୱତ ପୁଣ୍ୟଭୂମି ବାଲେଶ୍ୱର ମାଟିର ସୁଯୋଗ୍ୟ ସନ୍ତାନ । ତାଂକରି ଏନ୍ତୁଡି ମାଟିର ଚଉହଦୀକୁ ଛୁଇଁ ମୁଁ ମୋର ବାଲ୍ୟ, କୈଶୋର ଦିନଗୁଡିକୁ ଭେଟିଛି, ଭେଟିଛି ମୋ ସୃଜନଶୀଳ ସ୍ରଷ୍ଟା-ଜୀବନର ଆଦ୍ୟ ଓଁକାରର ମୁହୂର୍ତ୍ତକୁ । ବିଗତ ସତୁରି ଦଶକରେ କଥାର ନଦୀ କୂଳେ କୂଳେ, ମୋ ସୃଷ୍ଟି-ମାନସ ଯାତ୍ରା ଆରମ୍ଭିବା ବେଳେ, ମନୋଜଙ୍କ ସୃଷ୍ଟିଚେତନାର ଭାବସମୁଦ୍ର ମୋତେ ହାତଠାରି ଡାକିଛି ବାଟ କଢାଇ ନେବାକୁ....ପ୍ରଲୁବ୍‌ଧ ଓ ବିମୁଗ୍ଧ କରିଛି; ଚେତନାରେ ଚିଆଁ ବି ଦେଇଛି ।

ଜନ୍ମମାଟିର ଅଧିକାର ନେଇ, କେବଳ ସ୍ରଷ୍ଟା ମନୋଜଂକୁ ନୁହେଁ, ବ୍ୟକ୍ତି ମନୋଜକୁଂ ମୁଁ ଦେଖିଛି ଖୁବ୍ ନିକଟରୁ, ପଢିଛି ଖୁବ୍ ନିବିଡ ଭାବରେ । 'କବି ଯା କରେ ମୂର୍ଖକୁ ସ୍ତୁତି'ର ସ୍ୱର୍ଦ୍ଧିତ ଉଚ୍ଚାରଣ କରିଥିବା ନିର୍ଭୀକ କବି ଦୀନକୃଷ୍ଣ ଦାସଂକ ଜନ୍ମ ମାଟିରେ ତଥା ଆଧୁନିକ ଗଦ୍ୟସାହିତ୍ୟର ଜନକ 'କଥା ସମ୍ରାଟ' ଫକୀର ମୋହନଙ୍କ ମାଟିରେ କଥାଶିଳ୍ପୀ ମନୋଜ ଏକ ଗର୍ବିତ ଉଚ୍ଚାରଣ ।

ବାମପନ୍ଥୀ ଚିନ୍ତାଧାରାରେ ଅନୁପ୍ରାଣିତ ତରୁଣ କବି ମନୋଜ, ପରେ ପରେ ଶ୍ରେଣୀହୀନ ସମାଜର ବାସ୍ତବତା ଭିତରେ, ସମାଜବାଦୀ ଭାବାଦର୍ଶରେ ପ୍ରଭାବିତ ହୋଇଛନ୍ତି । ସେହି ସମାଜବାଦୀ ଆଦର୍ଶ ଭିତରୁ ମଣିଷର ବହିଃ ଓ ଅନ୍ତର୍ଜଗତକୁ ନିକଟେଇ ଦେଖିବାର ଚେଷ୍ଟା କରିଛନ୍ତି । ସେ ହୋଇଛନ୍ତି ଜଣେ 'ସମାଜ ସମୀକ୍ଷକ', ଜଣେ ମନୋବିଜ୍ଞାନୀ, ଅନନ୍ୟ 'କଥାର ରାଜା' । ମଣିଷର ହୃଦୟ ପାଖକୁ ଯାଇ ସେ କାନ ପାରିଛନ୍ତି, ଆଶ୍ୱାସନାରେ 'ଆହା' କହିଛନ୍ତି । ଅହଂକାରରେ ମଦମତ୍ତ ମଣିଷର ଚମ

Digitized by srujanika@gmail.com

ତଙ୍କା ଶରୀରକୁ ସନାକ୍ତ କରିଛନ୍ତି । ତା'ର ଫମ୍ପା ଛଳନାର ନିର୍ମୋକକୁ ଟାଣି ଓଟାରି ସମାଜ ଆଗରେ ତା'ର ଅସଲ ସ୍ୱରୂପକୁ ଦେଖାଇ ଦେଇଛନ୍ତି, ଅପସଂସ୍କୃତିର ବାଟ ରୋକିଛନ୍ତି । ପୁଣି ଅବକ୍ଷୟୀ ସମାଜ ଭିତରେ ମାନବତାର ପ୍ରତିଷ୍ଠା ପାଇଁ ସଯତ୍ନ ପ୍ରୟାସ କରିଛନ୍ତି ।

ହସାଇଛନ୍ତି, ରସାଇଛନ୍ତି, ଚିମୁଟେଇ ଚିଡେଇଛନ୍ତି, ବ୍ୟଂଗ ଓ ବ୍ୟଂଜନାରେ... ପୁଣି ଅନୁଶାସନ କରିଛନ୍ତି ବୌଦ୍ଧିକ ଚାବୁକର ତାଡନାରେ । ଫକୀରମୋହନଂକ ବୌଦ୍ଧିକ ବ୍ୟଂଗକୁ ଅଧିକ ଶାଣିତ କରିଛନ୍ତି କଥାଶିଳ୍ପୀ ମନୋଜ । ଫକୀରମୋହନଂକ ପରେ ଉତ୍ତର ବାଲେଶ୍ୱରର କଥିତ ଭାଷାକୁ ସାହିତ୍ୟରେ ସ୍ଥାନିତ କରି ମର୍ଯ୍ୟାଦାପୂର୍ଣ୍ଣ ଭାବରେ ତା'ର ସାର୍ବଜନୀନ ସ୍ୱୀକୃତି ଦେଇଛନ୍ତି 'କଥାର ରାଜା' ମନୋଜ ।

ପରଂପରା ସହିତ ପୁରୋଦୃଷ୍ଟିର ସମନ୍ୱୟ ତାଂକ ସୃଷ୍ଟିଚେତନାର ଐଶ୍ୱର୍ଯ୍ୟ । ଇତିହାସ, ମିଥ୍, ଆନେକ୍‌ଡୋଟ୍, ଫର୍‌ମାଟ୍ ଭିତରେ ମନୋବୈଜ୍ଞାନିକ ଚେତନାର ବିଶ୍ଳେଷଣ, ଯେପରି ମନୋଜୀୟ କଥାଶୈଳୀର ବୈଶିଷ୍ଟ୍ୟ । ଫମ୍ପା ମଣିଷ ଆଖିରୁ ବସ୍ତୁଗତ ମୋହ ଓ ଉପଭୋକ୍ତାବାଦର ଭୂତକୁ ବାହାର କରି ମଣିଷପଣିଆର ପୂଜାବେଦୀରେ ଦିବ୍ୟଚେତନାର ଝଂକାର ତୋଳିବା ତାଂକ ସୃଷ୍ଟିଚେତନାର ମୂଳରହସ୍ୟ । ଏହାହିଁ ମନୋଜ ସମକାଳୀନ ସୁରେନ୍ଦ୍ର, ଅଖିଳମୋହନ, ଗୋପୀନାଥ, ଶାନ୍ତନୁ, କିଶୋରୀ, ଚନ୍ଦ୍ରଶେଖର, ମହାପାତ୍ର ନୀଳମଣି, ରାଜକିଶୋର, ବୀଣାପାଣି, ପ୍ରତିଭା, ବିଭୂତି କିମ୍ବା ରାମଚନ୍ଦ୍ର ପ୍ରମୁଖ କଥାଶିଳ୍ପୀଂକଠାରୁ ସ୍ୱତନ୍ତ୍ର ।

ମନୋଜଂକ ଭାବ, ଭାଷା ଓ ଶୈଳୀ ଅନନ୍ୟ । ଉଭୟ ଲୋକ ଓ ପୌର, ଶାବ୍ଦିକ ଓ ଭାବିକ ସମନ୍ୱୟରେ ତାହା ଋଦ୍ଧିମନ୍ତ । ମନୋଜ ଦାସଂକ 'କଥା ଓ କାହାଣୀ' 'କେତେ ଦିଗନ୍ତ', 'ଲକ୍ଷ୍ମୀର ଅଭିସାର', 'ଶେଷ ବସନ୍ତର ଚିଠି', 'ଆବୁପୁରୁଷ', 'ଅନ୍ତରଂଗ ଭାରତ', 'ଅମୃତଫଳ' ଆଦି ରଚନାରେ ମନୋଜୀୟ କଥାଶିଳ୍ପର ବୈଶିଷ୍ଟ୍ୟ ପ୍ରଣିଧାନଯୋଗ୍ୟ ।

ମାର୍କସ୍‌ବାଦୀ ଆଦର୍ଶରେ ତାଂକ ସୃଷ୍ଟି-ଚେତନା ପ୍ରାରମ୍ଭରେ ପ୍ରଭାବିତ ହୋଇଥିଲେ ମଧ୍ୟ ଭୌତିକ ଜୀବନଧାରାରୁ ସୃଷ୍ଟ ସାମ୍ୟବାଦୀ ପରିବର୍ତ୍ତନର ଧାରା, ଚିତ୍ ଶକ୍ତିର ଉତ୍ତରଣ, ସତ୍ ଓ ଆନନ୍ଦର ବିକାଶପାଇଁ ଅନୁକୂଳ ନୁହେଁ ବୋଲି ଅନୁଭବ କରି ପରବର୍ତ୍ତୀ କାଳରେ ଯୋଗୀ ଅରବିନ୍ଦଙ୍କ ଆଦର୍ଶପ୍ରତି ଆକୃଷ୍ଟ ହୋଇଥିଲେ ମନୋଜ ଦାସ । ତାଂକର ବିପୁଳ ଗଳ୍ପ ସମ୍ଭାର ବ୍ୟତୀତ 'ବୁଲ୍‌ଡୋଜର୍ସ', 'ପ୍ରଭଂଜନ', 'ଆକାଶର ଇସାରା', 'ଅମୃତଫଳ' ପ୍ରମୁଖ ଉପନ୍ୟାସରେ ମନୋଜଂକ ସୃଷ୍ଟିଚେତନାର ଏହି ଉଚ୍ଚାରଣ ସ୍ପଷ୍ଟ ।

ବର୍ତ୍ତମାନର ଆଖିରେ ଅତୀତକୁ ଦେଖିବା ମନୋଜୀୟ କଥାଶିଳ୍ପର ଏକ

Digitized by srujanika@gmail.com

ବୈଶିଷ୍ଟ୍ୟ । 'ଅମୃତଫଳ'ରେ କୁହାଯାଇଥିବା କାହାଣୀ ଏହାର ଏକ ଉପଯୁକ୍ତ ଉଦାହରଣ । ଭର୍ତ୍ତୃହରିଙ୍କୁ ଜଣେ ଯୋଗୀ ଦେଇଥିଲେ ଏକ ଅମୃତଫଳ । ଫଳର ବୈଶିଷ୍ଟ୍ୟ ହେଲା ଯିଏ ତାକୁ ଭକ୍ଷଣ କରିବ ସେ ଅନନ୍ତ ଯୌବନର ଅଧିକାରୀ ହୋଇ ଅମର ହୋଇଯିବ । ରାଜା ତାକୁ ନିଜେ ଭକ୍ଷଣ ନକରି, ସାନରାଣୀ ସିନ୍ଧୁମତୀ, ଯାହାଙ୍କୁ ସେ ପ୍ରାଣଠାରୁ ଅଧିକ ଭଲପାଇ ପାଟରାଣୀ କରିଥିଲେ ତାଂକୁ ସେହି ଅମୃତଫଳ ଅର୍ପଣ କରିଥିଲେ । ତେବେ, ରାଣୀ ସିନ୍ଧୁମତୀ ତାହା ନଖାଇ, ଜୟନ୍ତକୁ ଦେଇଦେଲେ, କାରଣ ଜୟନ୍ତ ଜଳଦସ୍ୟୁଂକ ଆକ୍ରମଣ ଜନିତ ନୌକାବୁଡ଼ିରୁ ତାଂକୁ ରକ୍ଷା କରିଥିଲେ । ସେ କିନ୍ତୁ ଅମୃତଫଳ ଭକ୍ଷଣ ନ କରି ତାହାକୁ ସୁନ୍ଦରୀ ନର୍ତ୍ତକୀ ମାଳବିକାକୁ ଦେଲେ । ମାତ୍ର, ସୁନ୍ଦରୀ ନର୍ତ୍ତକୀ ମାଳବିକା ଅତି ଗୋପନରେ ସେହି ଅମୃତଫଳଟିକୁ ରାଜା ଭର୍ତ୍ତୃହରିଂକୁ ଆଣି ଦେଇଥିଲେ । ରାଜା ନିଜେ ରାଣୀଙ୍କୁ ଦେଇଥିବା ଅମୃତଫଳକୁ ନର୍ତ୍ତକୀ ହାତରୁ ପାଇଁ ଆଶ୍ଚର୍ଯ୍ୟ ଚକିତ ହେଲେ । ତାଂକ ଭିତରେ ବୈରାଗ୍ୟ ଆସିଲା । ଜୀବନର ଅସାରତା ସେ ବୁଝି ପାରିଲେ । ରାଜ-ସିଂହାସନ ତ୍ୟାଗକରି ଭର୍ତ୍ତୃହରି ସନ୍ୟାସୀ ହୋଇ ବନକୁ ଚାଲିଗଲେ ।

ଶହ ଶହ ବର୍ଷ ତଳର ଏହି କିମ୍ବଦନ୍ତୀର ଚରିତ୍ରମାନେ ଆଧୁନିକ ଚେତନାର ଦୃଷ୍ଟିରେ ଅବକ୍ଷୟୀ ସମାଜ ଓ ବିପର୍ଯ୍ୟସ୍ତ ମୂଲ୍ୟବୋଧର ପ୍ରତୀକ ସାଜିଛନ୍ତି ମନୋଜଂକ ଉପନ୍ୟାସରେ ।

ମନୋଜୀୟ ସୃଷ୍ଟି ଚେତନାର ଧାରା ଏହିପରି ଅମୃତବର୍ଷୀ ହୋଇ ଅମୃତଫଳ ପ୍ରଦାନ କରୁଥାଉ । 'କଥା ସମ୍ରାଟ' ଫକୀରମୋହନଂକ ପରେ, 'କଥାର ରାଜା' ମନୋଜ, ଓଡ଼ିଆ ସାହିତ୍ୟକୁ ଅଧିକ ବିଶ୍ୱଜନୀନ ଓ ମହାଚେତନାର ଅନୁବର୍ତ୍ତୀ କରୁଥାନ୍ତୁ । ମନୋଜଂକ କଥାଶାଳାର ଚଉବନ୍ଧରେ 'ଏନ୍ତୁଡ଼ି' ପୁହାଇ ଥିବା ଏହି ଅନୁଜ କଥାଶିଳ୍ପୀର ଏହା ଏକ ସାରସ୍ୱତ ପ୍ରତିବେଦନ ।

• ସହାୟକ କେନ୍ଦ୍ର ନିର୍ଦ୍ଦେଶକ,
ଆକାଶବାଣୀ ଜୟପୁର,
ଝାଂଜିରୀ ମଂଗଳା,
କଟକ-୭୫୩ ୦୦୯

Digitized by srujanika@gmail.com

ମନୋଜ ଦାସଙ୍କ ଗଳ୍ପରେ ବାସ୍ତବତା : କେତେ କାୟା କେତେ ମାୟା

ରବିନାରାୟଣ ଦାଶ

ପର୍ବତ ଶ୍ରେଣୀ ଠାରୁ ପର୍ବତଟି କିପରି ଅଲଗା ହୋଇ ଆସି ଏକୁଟିଆ ଛିଡା ହୋଇଛି ସେ ବିଷୟରେ ତିନି ବିଶେଷଜ୍ଞ ବନ୍ଧୁ ଆଲୋଚନା କରି ବିସ୍ମିତ ହେଉଥିଲେ ଯେ ଜ୍ଞାତ ଅତୀତରେ ଏମିତି କୌଣସି ଭୌଗୋଳିକ ବା ଭୂତାତ୍ତ୍ୱିକ ବିପ୍ଳବ ଘଟିନାହିଁ ଯାହାଫଳରେ ପର୍ବତଟି ଏପରି ଅପସରି ଆସିବ । ଅର୍ଦ୍ଧଚେତନ ଭାବେ ପ୍ରଶ୍ନକଲେ ଚତୁର୍ଥ ବନ୍ଧୁ : ''କିନ୍ତୁ ଜ୍ଞାତ ଅତୀତର ବାହାରେ ?''

ମନୋଜ ଦାସଙ୍କ 'ଲୁଲୁର୍ଭା ପର୍ବତରେ ଏକ ଦ୍ୱିପ୍ରହର' ଗଳ୍ପର ଏଇଠୁ ଆଲୋଚନାର ସୂତ୍ର ଆରମ୍ଭ ହେଉ । ଜ୍ଞାତ ପୃଥିବୀ ଯେତେ ଅଧିକରୁ ଅଧିକ ଜ୍ଞାତ ଓ ପ୍ରାମାଣିକ ହେଲେ ବି ଦୃଶ୍ୟମାନ ବାସ୍ତବତାର ବାହାରେ ଆଉ ଏକ ବିଶାଳତର ବାସ୍ତବତା ଅଛି । ଭାଷା ଶଙ୍କରଙ୍କର ହେଉ, ବା Plato ଙ୍କର, ପ୍ରାଚ୍ୟର ହେଉ ବା ପାଶ୍ଚାତ୍ୟର, ଏହା ଏକ ଅପ୍ରମାଣ୍ୟ ମାତ୍ର ନିତ୍ୟ ଅନୁଭବ୍ୟ ସତ୍ୟ । ଫକୀର ମୋହନଙ୍କ ଗଳ୍ପଦ୍ୱାରା ପ୍ରଥମାବସ୍ଥାରେ ବିଶେଷ ଭାବେ ପ୍ରଭାବିତ ହେଲେ ମଧ୍ୟ ତାଙ୍କ ସାମାଜିକ ବାସ୍ତବତାକୁ ଏକମାତ୍ର ବାସ୍ତବତା ଭାବେ ମନୋଜ ଦାସ ନେଇ ନାହାନ୍ତି । ମନୋଜଙ୍କ ଗଳ୍ପରେ ବାସ୍ତବତା ଉଭୟ ଦୃଶ୍ୟମାନ ଓ ଅଦୃଶ୍ୟର; ଯୁକ୍ତିସିଦ୍ଧ ଓ ଉଦ୍‌ଭଟର; ପରିଚିତ ଓ ଅପରିଚିତର; ଅନୁଭୂତ ଓ କଳ୍ପିତର; ଇତିହାସ ଓ ଲୋକକଥାର; ଶରୀରୀ ଓ ଅଶରୀରୀର; କାୟା ଓ ମାୟାର । କାୟାର ସରହଦ ଯେଉଁଠି ସରେ ମାୟାର ସେଇଠୁ ଆରମ୍ଭ ହୋଇ ବ୍ୟାପିଯାଏ ଅନନ୍ତ ବିଶାଳତାକୁ । ଖାଲି ସେତିକି ନୁହେଁ, ''ଦୃଶ୍ୟମାନ ବାସ୍ତବତାର ଅନ୍ତରାଳରେ ଏକାଧିକ ବାସ୍ତବତା ଥିବାର ମୁଁ ବିଶ୍ୱାସ କରେ'', କହନ୍ତି ମନୋଜ ଦାସ । ଅପାତତଃ ପରସ୍ପର ବିରୋଧୀ ବୋଲି ଜଣା ଯାଉଥିବା (Binary Opposites) ଏଇ ଅନୁଭୂତି ଗୁଡିକ ପରସ୍ପର exclusive ନୁହନ୍ତି, ବରଂ ପରସ୍ପର ଉପରେ କ୍ରିୟାଶୀଳ (Interactive) । 'ପିତା ଓ ପୁତ୍ର' ଗଳ୍ପରେ ମନୋଜଙ୍କ ସ୍ପଷ୍ଟ ଉକ୍ତି : ''ବାସ୍ତବତା ଓ ମାୟା ଭିତରେ ବ୍ୟବଧାନ କେତେ କ୍ଷୀଣ ।'' ଏହାହିଁ ମନୋଜଙ୍କ ରହସ୍ୟବାଦ (Mysticism) । ୱାର୍ଡସୱାର୍ଥ Tintern Abbey କବିତାରେ କହନ୍ତି :

Digitized by srujanika@gmail.com

"Mighty world of eye and ear
which we half perceive
and half create."

ଏ ଦୃଶ୍ୟମାନ ଜଗତରେ ଅଧିକ ଆମ ଇନ୍ଦ୍ରିୟଗ୍ରାହ୍ୟ ଓ ଅନ୍ୟ ଅଧିକ ଆମର କଳ୍ପନା ପ୍ରସୂତ । କଲେରିଜ୍ ମଧ୍ୟ ତାଙ୍କ କବିତାରେ ପ୍ରାକୃତିକ ଓ ଅତି-ପ୍ରାକୃତିକକୁ ଏକାଠି ପରିପୂରକ ଅନୁଭୂତିଭାବେ ସ୍ଥାପିତ କରନ୍ତି । ମନୋଜଙ୍କ ଅନୁରୂପ ଦୃଷ୍ଟିଭଙ୍ଗି ପାଇଁ ତାଙ୍କୁ Neo-Romantic ବୋଲି କୁହାଯାଇପାରେ ।

କାୟା-ମାୟା paradigmର ଅଧ୍ୟୟନ ପାଇଁ ମନୋଜଦାସଙ୍କର ଚାରୋଟି ଗଳ୍ପକୁ ଏ ଆଲୋଚକ ବାଛିଚି । ବାଛିବାଟା ମନମୁଖୀ ମନେ ହୋଇପାରେ । ମାତ୍ର ଏଇ ଗଳ୍ପଗୁଡିକ କାୟା-ମାୟା ସମ୍ପର୍କର ଚାରୋଟି ବିଭିନ୍ନ ସ୍ତରର ପ୍ରତିନିଧି ଶ୍ରେଣୀୟ ଅଟନ୍ତି । ଅବଶ୍ୟ ଏ ସମ୍ପର୍କର ଆହୁରି ନୂତନ ସ୍ତର ଉଦ୍‌ଘାଟିତ ହୋଇ ପାରିବ ଯାହା ଅନ୍ୟ ଗଳ୍ପମାନଙ୍କୁ ଆଲୋଚନାର ପରିସରକୁ ନେଇପାରିବ ।

ପ୍ରଥମ ଗଳ୍ପ 'ଭୂତୁଣୀ-ଏକ ବିଦାୟ' (ମନୋଜ ଦାସଙ୍କ ଗଳ୍ପ- NBT) । ଏ ଗଳ୍ପରେ ଶରୀରୀ ତଥା ଅଶରୀରୀ ବାସ୍ତବତାର ଦୁଇ ପରିପୂରକ ତଥା ପରସ୍ପର ସମ୍ବେଦନଶୀଳ ବିଭାବ । ଭୟ ନୁହେଁ, ପ୍ରେମହିଁ ଏ ପରିପୂରକତ୍ୱର ଭିତ୍ତି । ଗ୍ରାମ୍ୟ ବିଶ୍ୱାସ, କିମ୍ବଦନ୍ତୀ ଓ ଗାଳ୍ପିକଙ୍କର କୈଶୋର ସ୍ମୃତି (ଯାହା ଗଳ୍ପର ଶେଷବାକ୍ୟରେ 'ଶିହରଣ' ବୋଲି ବର୍ଣ୍ଣିତ) ଉପରେ ଗଳ୍ପଟି ଗଢ଼ି ଉଠିଛି । ଏହାକୁ ଭୂତଗଳ୍ପ (phantom story) କହି ହେବନି । ସେ ପୁଣି ଭୂତ ନୁହେଁ, ଭୂତୁଣୀ, ଯାହାକୁ କେହି ଦେଖି ନାହାନ୍ତି, ମାତ୍ର ଭୂତୁଣୀର ଉପସ୍ଥିତିକୁ ଏପରି ଦୃଢ଼ଭାବେ ଧରିନିଆ ଯାଇଛି ଯେ ତାହା ସମସ୍ତ ଚରିତ୍ରର ମନସ୍ତତ୍ତ୍ୱକୁ ନିୟନ୍ତ୍ରିତ କରିଛି । ଏଠି କିମ୍ବଦନ୍ତୀ ଇତିହାସଠାରୁ ଅଧିକ ସତ୍ୟ । କିମ୍ବଦନ୍ତୀ କହେ -ଭୂତୁଣୀ ଜଣେ କିଶୋରୀ । ତେଣୁ ଗ୍ରାମର କିଶୋରମାନେ ଭୂତକୋଠି ପ୍ରତି ଖାଲି ଆକର୍ଷିତ ନୁହନ୍ତି, କଳ୍ପନାରେ ତା'ର ପ୍ରେମିକ ସାଜନ୍ତି ଯାହା ପ୍ରକାରାନ୍ତରେ ମଧ୍ୟଯୁଗୀୟ ଗଳ୍ପର ' Demon Lover' କଥା ପାଠକଙ୍କୁ ସୂଚାଇଦିଏ । ଗ୍ରାମର ବୟସ୍କମାନଙ୍କର ଭୂତୁଣୀ ପ୍ରତି ଅଛି ବାତ୍ସଲ୍ୟ ମମତା । ଗ୍ରାମର ଭୋଜି ଭାତରେ ଭୂତୁଣୀ ତା'ର ପ୍ରାପ୍ୟ ପାଏ । ରବି ଠାକୁରଙ୍କ 'କ୍ଷୁଧିତ ପାଷାଣ' (Hungry Stone) ଗଳ୍ପସହ ଏହା ତୁଳନୀୟ । ଏହି ଗଳ୍ପରେ ଭୂତୁଣୀ ଗ୍ରାମ ଜନମାନସର ପ୍ରେମ ଓ ସମ୍ବେଦନାର ଏକ ଅଦୃଶ୍ୟ ମାତ୍ର ଅନୁଭବ୍ୟ ଉପସ୍ଥିତି ହୋଇଥିଲାବେଳେ ଠାକୁରଙ୍କ ଗଳ୍ପରେ ଅଶରୀରୀ ହୋଇଛି ନାରୀ ସୌନ୍ଦର୍ଯ୍ୟର ଏକ ନାନ୍ଦନିକ ଅଭିବ୍ୟକ୍ତି, ଯାହାକୁ ଦେଖି ବିଭୋର ହେବାକୁ ହୁଏ । ମନୋଜଙ୍କ ଏହି ଗଳ୍ପରେ ଭୌତିକ-ମାନବୀୟ ସମ୍ବେଦନଶୀଳତାର ଆଉ ଏକ ପରୀକ୍ଷା ହୁଏ ଯେତେବେଳେ ଭୂତକୋଠି ଭଙ୍ଗାହେବାର ସରକାରୀ ନିର୍ଦ୍ଦେଶ ଆସେ ।

Digitized by srujanika@gmail.com

ଭୂତୁଣୀଙ୍କୁ ଗୁଣିଆ ଡାକି ସେ କୋଠିରୁ ବିଦାୟ ଦେବାବେଳେ ''ସମସ୍ତେ କାନ୍ଦୁଛନ୍ତି ଯେତେଦୂର ନୀରବରେ ସମ୍ଭବ'' Walter Dela Mareଙ୍କର 'Listeners' କବିତା ଶରୀରୀ-ଅଶରୀରୀ interactionର ଅନୁରୂପ ଦୃଷ୍ଟାନ୍ତ ।

ଦ୍ୱିତୀୟ ଗଳ୍ପ 'ଜହ୍ନ ଓ ହାୱାର ସନ୍ଧ୍ୟା' (NBT) ଯାହା ଇଂରାଜୀରେ ଗାନ୍ଧିକଙ୍କ ଦ୍ୱାରା 'Friends and Strangers' ନାମରେ ଅନୂଦିତ । ଗଳ୍ପର ନାମକରଣରେ ଅଛି ଦୁଇ ଆପାତ ବିରୋଧୀ ଭାବର ସମନ୍ୱୟ ଓ ସମାଧାନ । ଜହ୍ନ ଦୃଶ୍ୟମାନ ଓ ହାୱା ଅଦୃଶ୍ୟ, ମାତ୍ର ଅନୁଭବ୍ୟ । Metaphor ଟିକୁ ଆଉ ଟିକେ ଆଗେଇ ନେଲେ ହେବ ଦେହ ଓ ଆତ୍ମାର । ଗଳ୍ପର ଇଂରାଜୀ ନାମ କରଣରେ ଏଭଳି binaryର ଆଉ ଏକ ବିଭାବ ସ୍ପଷ୍ଟ: ଜ୍ଞାତ ଓ ଅଜ୍ଞାତରେ । ଅନ୍ୟ ପକ୍ଷରେ 'ଜହ୍ନ ଓ ହାୱାର ସନ୍ଧ୍ୟା' ଗଳ୍ପରେ ଏପରି ଏକ ପରିବେଶ ସୃଷ୍ଟିକରେ ଯାହା ବାସ୍ତବକୁ କରେ ଅଳୀକ ଓ ଅଳୀକକୁ କରେ ବାସ୍ତବ, ଏବଂ ଦେଖେଇ ଦିଏ ବାସ୍ତବ-ଅଳୀକ ବିଭାଜନ ରେଖା କେତେ କ୍ଷୀଣ ବା ପ୍ରାୟ ସ୍ଥିତିହୀନ । ଦୁଇବନ୍ଧୁ ତୀର୍ଥଙ୍କର ଓ ଶିବବ୍ରତ ଜହ୍ନ ଆଲୁଅରେ ବସି ଆଉ କାହାକୁ ସେମାନଙ୍କର ଅନ୍ୟତମ ବନ୍ଧୁ ପ୍ରମଥ ବୋଲି ଭାବି ତାଙ୍କୁ ଡାକନ୍ତେ ସେ ବୃଦ୍ଧା ଉଇଲ୍‌ସନ୍‌ଙ୍କୁ ତାଙ୍କର ପ୍ରତିଶ୍ରୁତି ଶାଲ ଦେବାକୁ ଯାଉଛନ୍ତି ବୋଲି କହିଥିବାର ଶୁଣା ଯାଇଥିଲା । ''ଦୁଇବନ୍ଧୁ ତାଙ୍କୁ ଥରେ ପ୍ରମଥ ବୋଲି ଧରିନେବା ପରେ ଜହ୍ନ ଆଲୁଅର କୁହୁକରେ ସେ ପ୍ରମଥ ଭଳି ହିଁ ଦିଶିଥିଲେ; ଏବଂ ଦୁଇବନ୍ଧୁ ତାଙ୍କଠାରୁ ଯେପରି ଉତ୍ତର ପାଇବାର କଳ୍ପନା କରୁଥିଲେ, ପବନର ଦୁଷ୍ଟାମିରୁ ସେହିପରି ଉତ୍ତର ହିଁ ସେମାନଙ୍କୁ ଶୁଭୁଥିଲା ।'' ଚେତନ ବା ଅବଚେତନରେ ଏକ ସ୍ଥିରୀକୃତ ଧାରଣା ବାହ୍ୟ ଜଗତର ସମୁଦାୟ ଅବଧାରଣାକୁ ଯେ ନିୟନ୍ତ୍ରିତ କରେ, ଏହା ଏକ ମନସ୍ତାତ୍ତ୍ୱିକ ସତ୍ୟ । ମାତ୍ର ଗଳ୍ପରେ ପ୍ରମଥ ସେହି ଦିନହିଁ ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଯାହା ସେ ଦୁଇବନ୍ଧୁ ଜାଣି ନଥିଲେ, ଓ ବୃଦ୍ଧା ଉଇଲସନ୍ ସେତେବେଳକୁ ମାସେ ହେଲା ମୃତା, ଯାହା ପ୍ରମଥ ଜାଣି ନଥିଲେ । ଏଭଳି ପରିସ୍ଥିତିର ଗୁରୁ ପରିଣାମ ସେଇ ଦୁଇ ବନ୍ଧୁଙ୍କ ଉପରେ : ''ଜୀଇଁ ରହିଥିବାର ସମସ୍ତ ସାକ୍ଷ୍ୟ ସତ୍ତ୍ୱେ ଉଭୟେ ଉଭୟଙ୍କୁ ଅବାସ୍ତବ ମନେକରି ଆସିଛନ୍ତି ।'' ଏ ଗଳ୍ପର ପରିସ୍ଥିତି Syngeଙ୍କର 'Riders to the Sea' ନାଟକର ପରିସ୍ଥିତି ସହ ତୁଳନୀୟ, ଯେଉଁଥିରେ ସଲିଳ-ସମାଧି- ନେଇଥିବା ଲୋକଟି ଆତଯାତ ହେଉଥିବାର ଖବର ପ୍ରଚାର କରନ୍ତି ସେଇ ଚରିତ୍ର ଯିଏ ମୃତ ବ୍ୟକ୍ତିଙ୍କୁ ସଚଳ ଭାବେ ଦେଖିବାରେ ଅଭ୍ୟସ୍ତ । ମନୋଜଙ୍କ 'ଜହ୍ନରାତିର ସେତୁ' ଗଳ୍ପଟି ଏହି ଗଳ୍ପ ସହ ତୁଳନୀୟ । ତୃତୀୟ ଗଳ୍ପଟି 'ଲୁଲୁର୍ଭା ପର୍ବତରେ ଦ୍ୱିପ୍ରହର' ଯାହା ଅବାସ୍ତବତା ଓ ବାସ୍ତବତା (fantasy ଓ fact) ମଧ୍ୟର ବ୍ୟବଧାନକୁ ଅସ୍ୱୀକାର କରେ । ଏ ଗଳ୍ପରେ ସମ୍ପୂର୍ଣ୍ଣ ଅବାସ୍ତବ ଘଟଣାକୁ ମାଧ୍ୟମକରି ଲୁଲୁର୍ଭା ପର୍ବତର ପର୍ବତଶ୍ରେଣୀଠାରୁ ଅପସରି ଆସିବାର ରହସ୍ୟ ଉଦ୍‌ଘାଟନ କରାଯାଇଛି । ପୁନଶ୍ଚ ଏହି

Digitized by srujanika@gmail.com

ଅବାସ୍ତବତା ମଧ୍ୟଦେଇ ବାସ୍ତବତାକୁ ବୁଝିବାର 'ଏକ ପ୍ରଚେଷ୍ଟା' । ଅବାସ୍ତବତାଟି ଏହିପରି । ଲୁଲୁର୍ଭା ପର୍ବତର ଆତ୍ମାପୁରୁଷଙ୍କ ଆଶୀର୍ବାଦରେ ଡମ୍ବରୁ ବୋଲି ଏକ ଦରିଦ୍ର ଚୋର ପର୍ବତକୁ ଘଣ୍ଟାଏ ପାଇଁ ଟେକି ଧରିବାକୁ ସମର୍ଥ ହୋଇଛି । ଉଦ୍ଦେଶ୍ୟ, ପର୍ବତମାଳାର ମାଟିନେଇ ରାଜକୁମାରୀ ଆରୋଗ୍ୟ ହେବେ । ପ୍ରତିଦାନରେ ଡମ୍ବରୁ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ପାଇବ ଓ ଆଉ ଚୋରୀ କରିବନାହିଁ । ମାତ୍ର ଏଇ ଘଣ୍ଟାକ ମଧ୍ୟରେ ଡମ୍ବରୁର ଲୋଭ ଅହେତୁକ ଭାବେ ବଢ଼ିଯାଇଛି । ନିଜ ଲୋଭ ପ୍ରଦର୍ଶନର ଲୀଳା କରୁଁ କରୁଁ ଏକ ଘଣ୍ଟା ଅତୀତ ହୋଇଯାଇଛି ଓ ପାହାଡ ତଳେ ଡମ୍ବରୁ ଅନ୍ୟ ସମସ୍ତ ଲୋଭଖୋରଙ୍କସହ ପୋତି ହୋଇଯାଇଛି । ଡମ୍ବରୁର ଆତ୍ମିକ ଓ ପାର୍ଥିବ କଲ୍ୟାଣର ଏତେ ବଡ ସୁଯୋଗ ତା'ର କୁପ୍ରବୃତ୍ତି ଯୋଗୁଁ ନଷ୍ଟ ହୋଇଛି । 'କିମ୍ବଦନ୍ତୀର ଉପସଂହାର' ଏହାର ସମଗୋତ୍ରୀ ଗଳ୍ପ । ଲୁଲୁର୍ଭା ଅପସାରଣର ସତ୍ୟକୁ ଉଦ୍‌ଘାଟିତ କରୁଥିବା Fantsyର ଏଇ କିମ୍ବଦନ୍ତୀ ମନୋଜୀୟ ମାପକାଠିରେ ଇତିହାସଠାରୁ ମଧ୍ୟ ଅଧିକ ବିଶ୍ୱସନୀୟ । ଏଇ ଗଳ୍ପରେ ମନୋଜ ଦାସଙ୍କ ଅବାସ୍ତବ ଘଟଣା ବିନ୍ୟାସକୁ ଉତ୍ତର ଆଧୁନିକ ଭାଷାରେ କୁହୁକ ବାସ୍ତବତା (Magic Realism) ବୋଲି କୁହାଯାଇପାରେ (ଓଡ଼ିଆ ସାହିତ୍ୟରେ ଉତ୍ତର ଆଧୁନିକତା : ଏକ ତର୍କ ସାପେକ୍ଷ ପ୍ରୟୋଗ) । ଏକ ଆଙ୍ଗିକ ଭାବେ ଏଇ Magic Realism ସଲମାନ୍ ରସିଦ୍‌ଙ୍କର ଗଳ୍ପରେ ବ୍ୟାପକ ଭାବେ ପ୍ରୟୋଗ କରାଯାଇଛି । ଗାବ୍ରିଏଲ ଗାର୍ସିଆ ମାରକ୍ୟୁଇଜ୍‌ଙ୍କ ଗଳ୍ପରେ ମଧ୍ୟ ।

ଚତୁର୍ଥ ଗଳ୍ପଟି 'ଘୁଡି' (NBT) । ବାସ୍ତବତାର ଅବଧାରଣାରେ ଏଠି କାୟା ଓ ମାୟା ପରିପୂରକ ହୋଇ ନାହାନ୍ତି । ବରଂ କାୟାର ଉତ୍ତରଣ ହୋଇଛି ମାୟାକୁ । ଘୁଡି ଏକ ପକ୍ଷରେ ସୃଷ୍ଟିଚେତନା ଓ ଅନ୍ୟପକ୍ଷରେ ଉତ୍ତରଣର ଅନ୍ତିମଲକ୍ଷ୍ୟ । କୁଞ୍ଜ ନିଜେ ତିଆରି କରିଥିବା ବିରାଟ ଘୁଡିଟି ପ୍ରଥମେ ଉପରକୁ ଉଡିଯିବାରୁ ମନୋଜ ଦାସ ଏହିପରି ବର୍ଣ୍ଣନା କରିଛନ୍ତି : ''ନିଜ କୃତିତ୍ୱର ସେଇ ବିଘୋଷଣାମୟ ଦୁରନ୍ତ ଉର୍ଦ୍ଧ୍ୱଗତି ଭିତରେ ନିଜର ସ୍ରଷ୍ଟା ବ୍ୟକ୍ତିତ୍ୱ ଅନୁଭବ କରିଥିଲା ନୂତନ ସ୍ପନ୍ଦନ ।'' ନରହତ୍ୟା ଅପରାଧରେ ଆଜି ଜେଲ ଭୋଗୁଥିବା କୁଞ୍ଜ ଗଛରୁ ସେଇ ଘୁଡିଟି ପବନରେ ଖସି ଉଡିବାରେ ଦେଖିଲା । ଜେଲକର୍ମୀଙ୍କର ତାଗିଦ୍ ନମାନି ହଠାତ୍ ଦୌଡିଲା କୁଞ୍ଜ : ''ଦୃଷ୍ଟି ତାର ଉର୍ଦ୍ଧ୍ୱରେ । ଘୁଡି ତଳକୁ ଖସୁଛି । ଯିମିତି ସେ ପତନ ହେବାକୁ ନ ଦେବା କୁଞ୍ଜର ବ୍ରତ । ସେ ଛୁଟି ଚାଲିଛି । ଘୁଡି ଯଦି ବିଲୀନ ହେବ ଦିଗନ୍ତରେ, ସିଏ ବି ଯାଇ ବିଲୀନ ହେବ ତହିଁ । ଆଉ ସବୁକିଛି ତୁଚ୍ଛ; ମିଛ ଏ ଦୁନିଆରେ; ଏକମାତ୍ର ସତ୍ୟ ଘୁଡି ଓ ସିଏ ।'' ଘୁଡିକୁ ଅନୁସରଣ କରି ସମୁଦ୍ରରେ ପଶି ଯାଇଛି କୁଞ୍ଜ । ସଲିଳ ସମାଧି ନେଇଛି । ମାତ୍ର ତା' ଆତ୍ମାର ଉର୍ଦ୍ଧ୍ୱଗତି ହୋଇଛି ଅନନ୍ତ ଆକାଶର ସେଇ ଘୁଡି ସହିତ ମିଶିଯିବାକୁ । କାୟା ଉତ୍ତରିତ ହୋଇଛି

Digitized by srujanika@gmail.com

ଏକ ଦୂରନ୍ତ ଲକ୍ଷ୍ୟକୁ, ଯାହା 'ଏକମାତ୍ର ସତ୍ୟ' । ଅରବିନ୍ଦୀୟ ଉତ୍ତରଣର ସାଂକେତିକ ଅଭିବ୍ୟକ୍ତି ଭାବେ ଏ ଗଳ୍ପ ଗାଲ୍ଟିକଙ୍କ 'ପିତା ଓ ପୁତ୍ର' ଗଳ୍ପସହ ତୁଳନୀୟ ।

ଶ୍ରୀ ଅରବିନ୍ଦଙ୍କ ଦର୍ଶନ ମନୋଜ ଦାସଙ୍କ ସମଗ୍ର ଚିନ୍ତାଧାରାକୁ ପ୍ରଭାବିତ କରିଥଲେ ମଧ୍ୟ ''ସେ ପ୍ରଭାବର ଲକ୍ଷଣ ମୋ ଗଳ୍ପର ବିଷୟବସ୍ତୁରେ ଖୋଜିବାରେ ମୁଁ ପକ୍ଷପାତୀ ନୁହେଁ'', କହନ୍ତି ସେ ନିଜେ । ତାଙ୍କ ଗଳ୍ପମାନଙ୍କରେ ସେ ଦର୍ଶନର ଆକ୍ଷରିକ ଉଲ୍ଲେଖ ନଥାଇପାରେ ମାତ୍ର ଜୀବନପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀର ଓ ବୋଧଶକ୍ତିର ପ୍ରସାରଣରେ ଏହି ଦର୍ଶନ ଏକ ଗଠନକାରୀ ନିୟାମକ (shaping principle) ଭାବେ କାର୍ଯ୍ୟ କରିଛି । ଜୀବନ ଦୃଷ୍ଟି ଯେତେ ପ୍ରସାରିତ ହୋଇଛି, ଅଧିକରୁ ଅଧିକ ଦୃଶ୍ୟ ଓ ଅଦୃଶ୍ୟ ଶକ୍ତି ଜୀବନକୁ ନିୟନ୍ତ୍ରିତ କରୁଛନ୍ତି ବୋଲି ତାଙ୍କର ବୋଧ ହୋଇଛି । ସେଇଥିପାଇଁ ତ ତାଙ୍କ ଗଳ୍ପରେ ବିଶ୍ୱାସ ଅବିଶ୍ୱାସର ପ୍ରଭେଦରେଖା ଆଦୌ ନାହିଁ କହିଲେ ଚଳେ । ଦୃଷ୍ଟିଭଙ୍ଗି ହୋଇଛି ସାମଗ୍ରିକ ଓ ସମ୍ପୂର୍ଣ୍ଣ ଯାହା ତାଙ୍କ କଥନଶୈଳୀରେ ପ୍ରତିଫଳିତ ହୋଇଛି । ରୂପକଥା, କାହାଣୀ, ଫାଣ୍ଟାସି, ଫେବ୍‌ଲ୍ ଆଦିର ବ୍ୟାପକ ପ୍ରୟୋଗ ଏଇ ସାମଗ୍ରିକ ଦୃଷ୍ଟିଭଙ୍ଗିର ଆଙ୍ଗିକ । ଅନ୍ୟଭାଷାରେ କହିଲେ ମନୋଜ ଦାସଙ୍କ ଶୈଳୀହିଁ ଶ୍ରୀଅରବିନ୍ଦ ଦର୍ଶନର ସାଂକେତିକ ଅଭିବ୍ୟକ୍ତି । Style is man.

• ଅଧ୍ୟାପକ, ଇଂରାଜୀ ବିଭାଗ,
ସରକାରୀ କଲେଜ,
ଭବାନୀ ପାଟଣା

Digitized by srujanika@gmail.com

'ମନୋଜ ପଂଚ଼ବିଂଶତି'ରେ ମନୋଜ

ଆଲୋକ ବରାଳ

ମନୋଜ ଦାସ (୧୯୩୪) ବିଗତ ପଚାଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗଳ୍ପ ‑ଲେଖାରେ ଆତ୍ମନିବେଶ କରିପାରିଥିବା ବ୍ୟକ୍ତିତ୍ୱ । ରାଜନୀତି, ସାମ୍ୟବାଦୀ ଚେତନାରେ ଏକଦା ବିଶ୍ୱାସୀ ବ୍ୟକ୍ତିତ୍ୱ ପରେ ଏସବୁରୁ ବୀତସ୍ପୃହ ଏବଂ ସାହିତ୍ୟ ପ୍ରତି ଏକାଂତଭାବେ ଆତ୍ମନିବିଷ୍ଟ । ଏକଦା କବିର ପରିଚିତି ପାଇଥିବା ମନୋଜ ଦାସଂକୁ 'ସମୁଦ୍ରର କ୍ଷୁଧା' (୧୯୫୩) କଥା ଜଗତରେ ଦେଲା ନୂଆନାମ । ସେଇଠୁ ତାଂକ କଥାଯାତ୍ରା ଗୋଟିଏ ଉତ୍ତରିତ ଦିଗଂତକୁ ସ୍ପର୍ଶ କରିଛି ।

-୨-

'ମନୋଜ ପଂଚବିଂଶତି' (୧୯୮୩, ଗ୍ରଂଥମଂଦିର, କଟକ) ଥିଲା ମନୋଜୀୟ କଥା ଜଗତର ଉତ୍ତରଣରେ ଗୋଟିଏ ପ୍ରତିଶ୍ରୁତିବଦ୍ଧ ପର୍ଯ୍ୟାୟ । 'ସମୁଦ୍ରର କ୍ଷୁଧା' ଠାରୁ 'ମନୋଜ ପଂଚବିଂଶତି' ୩୦ ବର୍ଷର ବ୍ୟବଧାନ । ଉକ୍ତ ୩୦ ବର୍ଷ ଦେଇ ପଂଚବିଂଶତି ଯାଏଁ ଆସିଲାବେଳକୁ ଦେଖାଯାଏ, ମନୋଜ ଦାସଂକ କଲମ ଖୁବ୍ ଟାଣ । ୧୯୭୧ ମସିହାରେ ପ୍ରକାଶିତ 'ମନୋଜ ଦାସଂକ କଥା ଓ କାହାଣୀ'ରେ (ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, କଟକ) ଲକ୍ଷ୍ୟ କରିବାର ବିଷୟଟି ଥିଲା : ୧୯୫୦-୭୦ ମସିହା ମଧ୍ୟଦେଇ ସତେ ଯେମିତି ଲେଖକ ନିଜପାଇଁ ନୂଆ ଏକ ଧାରାଟିଏ ସୃଷ୍ଟିକଲେ, ଯାହାର ଅଦ୍‌ଭୁତ ରୂପାୟନ ତାଂକ 'କଥା ଓ କାହାଣୀ' । ଏକଦା ଖୁବ୍ ସହଜ-ସରଳ ଭାବେ କଥାଟିକୁ ପ୍ରକାଶ କରୁଥିବା ଲେଖକ ବ୍ୟଂଜନାରେ କଥା କହିବା ଲକ୍ଷ୍ୟ କରାଯାଏ । ଏହାର ବାର ବର୍ଷ ପରେ ପ୍ରକାଶିତ 'ମନୋଜ ପଂଚବିଂଶତି'ରେ ଆମେ ପୁନଶ୍ଚ ସେହି ଲେଖକଂକୁ ଭେଟୁ, ଯେଉଁଠି ଜୀବନପ୍ରତି ସ୍ୱତନ୍ତ୍ର ଆଭିମୁଖ୍ୟ, ମଣିଷ ପ୍ରତି ଦୃଷ୍ଟିଭଂଗୀ ଆହୁରି ନିବିଡ ଏବଂ ଶାଣିତ ।

Digitized by srujanika@gmail.com

-୩-

ଯେଉଁଠି ମଣିଷ ପାଇଁ ପ୍ରଚୁର ଭଲ ପାଇବା ରହିଚି, ସତ କହିଲେ ସେହି ଆଂତରିକତା ହିଁ ମନୋଜୀୟ କଥାଶିଳ୍ପର ଚାତୁରୀ । ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ସହିତ ବ୍ୟଂଜନାଧର୍ମୀ, ଇଂଗିତଧର୍ମୀ ବାକ୍‌ବିନ୍ୟାସ, ମନୋଜ୍ଞ ଭାଷା-ବିନ୍ୟାସ ସହ ବୌଦ୍ଧିକ ମନନଶୀଳତା ଓ ତା'ର ନାଟକୀୟ ପରିବେଷଣ ଗଳ୍ପକୁ କେଉଁ ଏକ ଦୂର ଅତୀତ ସହ ଯୋଡିଦିଏ ।

'ମନୋଜ ପଂଚବିଂଶତି'ରେ ଲେଖକ ମଣିଷର ଚେତନାର ରୂପାଂତରିତ ଗୋଟିଏ ସ୍ତରକୁ ଉଦ୍‌ଘାଟନ କରିବାକୁ ଚେଷ୍ଟା କରିଛଂତି । କାରଣ ମଣିଷର ବିକାଶ ଘଟିବା ପାଇଁ ଯେଉଁ ଏକ ଚେତନାର ରୂପାଂତରର ଆବଶ୍ୟକତା ରହିଚି, ତାହାହିଁ ପଂଚବିଂଶତିର ମର୍ମ-ଆଦର୍ଶ । ଏଠାରେ ବ୍ୟକ୍ତି ଚରିତ୍ରର 'ସାଧାରଣ ସ୍ତର' ଏବଂ 'ଅତିକଳ୍ପନାସ୍ତର' ର କଥା ସର୍ବତ୍ର ଉଦ୍‌ଭାସିତ । ଆଗ୍ରହ ଏବଂ ଆଂତରିକତାର ସୁଖମୟତାହିଁ ତାଂକଠାରେ କଥା ବା କାହାଣୀଟିଏ ସୃଷ୍ଟି କରାଇଛି । 'ବେତାଳ ପଂଚବିଂଶତି' ଭଳି 'ମନୋଜ ପଂଚବିଂଶତି'ର ହୋଇଚି ପରିପ୍ରକାଶ । କାରଣ 'ବେତାଳ ପଂଚବିଂଶତି'ର କାହାଣୀମାନ ଏକ ଏକ ଆଦର୍ଶର ସୃଷ୍ଟି । ଯେତିକି ସଂକ୍ଷେପଧର୍ମୀ ତାର ବର୍ଣ୍ଣନା-ଶୈଳୀ, ସେତିକି ନାଟକୀୟତାର ବିଷୟବସ୍ତୁ । ଏହି ଆତ୍ମରୂପକୁ 'ମନୋଜ ପଂଚବିଂଶତି' କରିଛି ଧାରଣ ।

-୪-

ମନୋଜ ଦାସଂକ ଗଳ୍ପରେ ଶିଶୁ ବା କିଶୋର-କିଶୋରୀଂକ ଅବତାରଣା ଏକ ବିଶିଷ୍ଟ ଦିଗକୁ ସୂଚିତ କରେ । ଗଳ୍ପର କଥନଭଂଗୀ ମଧ୍ୟ ଶିଶୁସୁଲଭ ସରଳ, କୋମଳ ଏବଂ ଉଲ୍ଲାସକ । ଚରିତ୍ର ସମାବେଶ ଦୃଷ୍ଟିରୁ ମନସ୍ତାତ୍ତ୍ୱିକ ଭାବଧାରର ଗଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

୧ : ଶିଶୁ ଓ କିଶୋର ମନସ୍ତତ୍ତ୍ୱ ଭିତ୍ତିକ ଗଳ୍ପ ।

୨ : ପରିଣତ ବୟସ୍କ-ମନସ୍ତତ୍ତ୍ୱ ଭିତ୍ତିକ ଗଳ୍ପ ।

'ଅବୋଲକରା' ବା ପରବର୍ତ୍ତୀ ସଂସ୍କରଣରେ 'ମଗ୍ନ ଉପତ୍ୟକା' ନାମରେ ପ୍ରକାଶିତ ଗଳ୍ପକୁ ଶିଶୁ ଓ କିଶୋର ମନସ୍ତତ୍ତ୍ୱଭିତ୍ତିକ ଗଳ୍ପ ଦୃଷ୍ଟିରୁ ବିଚାରକୁ ଅଣାଯାଇପାରେ । ଶିଶୁ ଓ କିଶୋର ମାନସିକତାର କେତେକ ଦିଗ ପ୍ରାଂଜଳ ଭାବେ ଗଳ୍ପରେ ରୂପାୟିତ ।

''ନିଃଶ୍ୱାସ ପ୍ରଶ୍ୱାସ ଅଥବା ଜନନୀ ପରି ଗାଁବି ସେ ଯାଏଁ ଆମ ସତ୍ତା ସହିତ ସାମିଲ ହୋଇ ରହିଥିଲା । ସେଦିନ ପ୍ରଥମ କରି ଗ୍ରାମର ବିଭିନ୍ନ ବିଭବ-ବୃକ୍ଷଲତା,

Digitized by srujanika@gmail.com

ପୁଷ୍କରିଣୀ, ପାର୍ଶ୍ୱବର୍ତ୍ତୀ ମହାଦେବ ମଂଦିର ତଥା ମଂଦିର ସଂଲଗ୍ନ ପାହାଡ କେତୋଟି ତାତ୍ପର୍ଯ୍ୟପୂର୍ଣ୍ଣ ଦିଶିଥିଲେ ।''

('ଅବୋଲକରା' ପରବର୍ତ୍ତୀ ନାମକରଣ 'ମଗ୍ନ ଉପତ୍ୟକା' ପୃ-୧)

ଶିଶୁ ଓ କିଶୋରଂକୁ ନେଇ ମନୋଜ ଦାସଂକ ଗଳ୍ପ ସର୍ଜନାରେ ବିଚିତ୍ର ଏକ ଶକ୍ତି ରହିଛି । ସେ ସବୁ ଗଳ୍ପ ସଂହତ ଏବଂ ସାର୍ଥକ ମଧ୍ୟ ହୃଦୟକୁ ପ୍ଲାବିତକରେ । ତେଣୁ ସେସବୁ ସମୀକ୍ଷା ବା ବିଶ୍ଳେଷଣର ଅପେକ୍ଷା ରଖେନି । 'କୃପଣ' ଓ 'ନାତୁଣୀ' ଗଳ୍ପକୁ ଏହି ଭାବଧାରାର ଗଳ୍ପ ଭିତରେ ରଖା ଯାଇପାରେ । 'କୃପଣ' ଗଳ୍ପଟି କଳ୍ପନା ଏବଂ ବାସ୍ତବତାର ଦ୍ୱଂଦ୍ୱ ବା ସଂପର୍କରେ ଅତିଷ୍ଠ ଚାରିବର୍ଷର କିଶୋର ପଲ୍ଟୁର ମାନସିକତାକୁ ନେଇ ଲିଖିତ । ପରିଚିତକୁ ଅପରିଚିତ ଭାବେ ଦେଖିବାର ମାନସିକତାରେ ତ୍ରସ୍ତ ଶିଶୁ ଚରିତ୍ରର ବିଚିତ୍ର ଅଭିବ୍ୟକ୍ତି ତା'ର ମନୋଭାବକୁ ଅଲଗା କରିଦିଏ । ଗୋଟିଏ ଆଦର୍ଶ ତଥା ସ୍ନେହୀ ପିତାର ପରିଚୟ ବହନ କରୁଥିବା ପଲ୍ଟୁର ପିତା ନାଟକରେ ହିଂସ୍ର ହତ୍ୟାକାରୀ ଭୂମିକାରେ ଏକ ନିଷ୍ପାପ ଶିଶୁକୁ ହତ୍ୟା କରିବା ହେଉଛି କଥାବସ୍ତୁ । କୋମଳ ଶିଶୁର ମାନସିକତା ଅଭିନୟ ଏବଂ ବାସ୍ତବତାକୁ ମିଳାଇ ଦେଖିପାରିନାହିଁ । ଫଳତଃ ବିଚିତ୍ର ଏକ ଯନ୍ତ୍ରଣା ଏବଂ ଅବିଶ୍ୱାସ ଭାବ ତାକୁ କବଳିତ କରିଛି ।

'ନାତୁଣୀ' ଗଳ୍ପର ଶିଶୁ ବା କିଶୋରୀ ଚରିତ୍ର ଦେଇ ଗାଳ୍ପିକ ସ୍ନେହସ୍ନିଗ୍ଧ ମାତୃତ୍ୱକୁ ପ୍ରତ୍ୟକ୍ଷୀଭୂତ କରି ପାରିଛଂତି । ଶିଶୁର ଅଝଟପଣ, କୌତୁକପ୍ରିୟତା ତଥା ନାନାବିଧ କାର୍ଯ୍ୟକଳାପକୁ ହାସ୍ୟରସ ଭିତରେ ଗାଳ୍ପିକ ଉତାରି ପାରିଛଂତି ।

ଏତଦ୍‌ଭିନ୍ନ 'ମନୋଜ ପଂଚବିଂଶତି'ରେ ପରିଣତ ବୟସ୍କମାନଂକ ମନସ୍ତତ୍ତ୍ୱକୁ ଉପଜୀବ୍ୟକରି କେତୋଟି ଗଳ୍ପ ଉପଲବ୍ଧ । 'ପ୍ରେମପତ୍ର', 'ବରଟିଏ ଲୋଡା', 'ସୂର୍ଯ୍ୟାସ୍ତ ପରେ', 'ପୃଥ୍ୱୀରାଜଂକ ଘୋଡା', 'ଉତ୍ତର ଉପତ୍ୟକାର କାହାଣୀ', 'ଜହ୍ନ ଓ ହାୱାର ସଂଧ୍ୟା' ଆଦି ଗଳ୍ପଗୁଡିକୁ ଏହି ପର୍ଯ୍ୟାୟଭୁକ୍ତ କରାଯାଇପାରେ ।

'ପ୍ରେମପତ୍ର' ଗଳ୍ପଟି ମିଥ୍ୟାକଥା ପରିକଳ୍ପନା ଏବଂ ତଜ୍ଜନିତ ପ୍ରତିକ୍ରିୟାରେ ବ୍ୟକ୍ତି-ମଣିଷର ଅବଚେତନରେ ନଗ୍ନ ସ୍ୱରୂପର ଆତ୍ମପ୍ରକାଶହିଁ କଥାବସ୍ତୁ । ଏପରିକି କଥାର ପରିକଳ୍ପନା କରିଥିବା ଚରିତ୍ରଟି ମଧ୍ୟ ଭ୍ରାଂତିରେ ପ୍ରଭାବିତ ହେବ । ଏକ ବିସ୍ମୟକାରୀ ବୃତାଂତ । ଅବିବାହିତା ଚିତ୍ରଶିଳ୍ପୀ ଯେ କି ଗଳ୍ପରେ ମୃତା ତାଂକଉପରେ ଗବେଷଣାରତ ଯୁବକ ଗୌତମ, ପ୍ରଚାର କରଂତି ଯେ, ସେ ସ୍ୱର୍ଗତା ମିସ୍ ଗୀତାଂକ ଲିଖିତ ଏକ ପ୍ରେମ ପତ୍ରର ଆବିଷ୍କାର କରିଛଂତି । ପତ୍ରଟି ଯେ ତାଂକପାଇଁ ଲେଖାଯାଇଥିଲା ସେ କଥାଟି ମଧ୍ୟ ଗୁଜବ ସୃଷ୍ଟି କରଂତି । ନିଜକୁ ମିସ୍ ଗୀତାଂକ ପ୍ରେମିକ ବୋଲି ପ୍ରଚାର କରିବାର ମାନସିକତାରୁ ସମଗ୍ର ଭାବେ ଏ ପରିକଳ୍ପନାର ସର୍ଜନା । ମାତ୍ର ଚିଠିର ପ୍ରାପକ ଭାବେ ସଂଗୀତ ଶିକ୍ଷକ, ଇଟାଲୀୟ ଭାଷା ଶିଖାଇଥିବା ଅଧ୍ୟାପକ, ଘର ମାଲିକ, ବୟସ୍କ

Digitized by srujanika@gmail.com

ଜମିଦାର ଅଧିକାର ସାବ୍ୟସ୍ତ କରୁଥିଲେ । ବିଶେଷଭାବେ ଅନ୍ୟମାନଂକ ଦାବି କୌଶଳ ସଂଲଗ୍ନ ଥିଲେ ମଧ ମଦ୍ୟପ ଜମିଦାରଂକ ଆଚରଣ ଥିଲା ବିସ୍ମୟପୂର୍ଣ୍ଣ । 'ପ୍ରେମପତ୍ର' ଗଳ୍ପଟିରେ ଏକାଧିକ ପ୍ରେମିକ ହେବାର ଗୋଟିଏ ସ୍ୱପ୍ନବତ୍ କଳ୍ପନାବିଜଡିତ ମନସ୍ତତ୍ତ୍ୱ; ଏକାଂତଭାବେ ହାସ୍ୟାସ୍ପଦ ବ୍ୟାପାର ।

'ବରଟିଏ ଲୋଡା', 'ସୂର୍ଯ୍ୟାସ୍ତ ପରେ' ଦୁଇଟିଯାକ ଗଳ୍ପନବେ ବର୍ଷରୁ ଉର୍ଦ୍ଧ୍ୱ ମିସ୍ ଏଲିସ୍ ଡାଂକର୍ଲିଂକ ବିଚିତ୍ର ମାନସିକତାକୁ ନେଇ ଲିଖିତ । ଉଭୟ ଗଳ୍ପରେ ଚରିତ୍ରମାନେ ପ୍ରାୟତଃ ସମାନ । ବିଲେଇଟିଏ ମଧ ଉଭୟ ଗଳ୍ପରେ ଅନୁଷଂଗ ସୂଚକ । 'ବରଟିଏ ଲୋଡା' ଗଳ୍ପରେ ବିଲେଇଟିକୁ ନିଜେ ଜନ୍ମ କରିଥିବା କଥା ମିସ୍ ଏଲିସ୍ ବ୍ୟକ୍ତ କରଂତି । ଯେଉଁଠି ମାତୃତ୍ୱ ପାଇ ନଥିବା ନାରୀଟିଏର ବିଚିତ୍ର ମନସ୍ତତ୍ତ୍ୱକୁ ଭେଟିହୁଏ । 'ସୂର୍ଯ୍ୟାସ୍ତ ପରେ' ଗଳ୍ପରେ ମଧ ଏଲିସ୍ ଚରିତ୍ର ବ୍ୟତୀତ ଆଂଗ୍ଲୋଇଂଡିଆନ୍ ବୃଦ୍ଧ ଡିକ୍ଂକ ବିଚିତ୍ର ସ୍ୱଭାବକୁ ଲକ୍ଷ୍ୟକରାଯାଏ । ଡିକ୍ଂକୁ କୁକୁର ଛୁଆମାନେ ମଣିଷପିଲା ଭଳି ଦିଶିବା, 'ବରଟିଏ ଲୋଡା' ଗଳ୍ପର ସମଧର୍ମା ମନସ୍ତତ୍ତ୍ୱକୁ ଧାରଣ କରିଛି ।

'ଦର୍ଦ୍ଦୁର' ଗଳ୍ପଟିର ନାମକରଣ 'ଓଟ' ଭଳି ପ୍ରତୀକାତ୍ମକ । 'ଦର୍ଦ୍ଦୁର' ବା 'ବେଂଗ'ର ପୃଥିବୀ ନିହାତି ସଂକୀର୍ଣ୍ଣ । ମାତ୍ର ତା'ର ପୃଥିବୀ ତା' ପାଇଁ ଖୁବ୍ ବିରାଟ, ଯେଉଁଠି ସେ ତା'ର ସ୍ପର୍ଦ୍ଧା ଓ ଅହଂକାରକୁ ପ୍ରକାଶ କରି ଜିଏଁ । ଏକଦା ବାଲ୍ୟବଂଧୁ ସ୍କୁଲ ଶିକ୍ଷକ ଏବଂ ଅନ୍ୟଜଣେ କାର ଡ୍ରାଇଭର ନିଜର ସ୍ଥିତି ସଂପର୍କରେ ଲେଖକଂକୁ ଗର୍ବ ସହିତ ମଂତବ୍ୟ ଦେଇ ଅପର ବଂଧୁଟି ଉପରେ ଦୟନୀୟ ମଂତବ୍ୟ ପ୍ରକାଶ କରଂତି । ଯେଉଁଠି ନିଜକୁ ଅପରଠାରୁ ସୁଖୀ ବୋଲି ଭାଳି ହେବାର ଦୁର୍ବାର ବାସନାଟିଏ ରହିଛି । ଏହାହିଁ ଦର୍ଦ୍ଦୁରର ଅଜ୍ଞତା । ହାସ୍ୟରସ ଓ ବ୍ୟଂଗ ଜରିଆରେ ଗାଳ୍ପିକ ଏହି ସଂକୀର୍ଣ୍ଣତା ଏବଂ ମୂଢତାକୁ ଉଦ୍‌ଘାଟନ କରଂତି ।

'ଏକ ସୂର୍ଯ୍ୟାସ୍ତ' ଗଳ୍ପରେ ଟ୍ରକ୍ ଡ୍ରାଇଭର ବ୍ରଜ ସିଂହର ରୋମାଂଟିକ ମନସ୍ତତ୍ତ୍ୱ, 'ପୃଥ୍ୱୀରାଜଂକ ଘୋଡା' ଗଳ୍ପରେ ଇତିହାସ ଶିକ୍ଷକ ମୁକୁଂଦବାବୁଂକ ପୂର୍ବଜନ୍ମରେ ପୃଥ୍ୱୀରାଜଂକ ଘୋଡା ଭାବେ ଜନ୍ମ ନେଇଥିବାର ମୁଗ୍ଧ ଗର୍ବିତ ମନୋଭାବ ପୋଷଣ ସହିତ ଅବାଂତର ଆଚରଣ ଆଦି ବହୁବିଧ ଓ ବିଚିତ୍ର ମନସ୍ତତ୍ତ୍ୱ ସଂଘଟିତ ।

ସମକାଳର କଥାଜଗତନେ ଯୌନଧର୍ମିତା ବା ଜୈବିକ-ମାନସିକତାର ଅନ୍ୟ ଏକ ବିଶିଷ୍ଟ ଦିଗ ରହିଛି । ବ୍ୟକ୍ତିର ଯୌନ ଜୀବନରୁ ତାର ବ୍ୟକ୍ତିତ୍ୱ ସଂପର୍କରେ ଧାରଣା ଜନ୍ମାଇ ଥାଏ । ମନୋଜୀୟ କଥା-ଜଗତରେ କେଉଁଠି ଅଶାଳୀନତା ଦେଖାଯାଏ ନାହିଁ । 'ମନୋଜ ପଂଚବିଂଶତି' ଅନ୍ତର୍ଗତ : 'ଉତ୍ତର ଉପତ୍ୟକାର କାହାଣୀ' ଉକ୍ତ ପ୍ରସଂଗରେ ଆଲୋଚିତ । ନାରୀକୁ ଉଲଗ୍ନ ବା ବସ୍ତ୍ରହୀନ ଭାବେ ଦେଖିବାର ପୃଷ୍ଠଭୂମିରେ ମଣିଷର ବିବେକ ଓ ଜ୍ଞାନକୁ ମୂଲ୍ୟବୋଧର କଷଟିରେ ରଖି ଗାଳ୍ପିକ ପାଠକଂକୁ ଅତିଷ୍ଠ କରାଇ

Digitized by srujanika@gmail.com

ପାରିଛଂତି । 'ଉତ୍ତର ଉପତ୍ୟକାର କାହାଣୀ'ରୁ ଜୈବିକ ମାନସିକତାର ସମ୍ୟକ ପରିଚୟ ମିଳେ ।

ମଣିଷର ଚିତ୍ତବୃତ୍ତିକୁ ପ୍ରକୃତି ହିଁ ବିବର୍ତ୍ତିତ କରେ । ଫଳତଃ ମଣିଷଟିଏ ମଣିଷ ସହ ସମାନ ନୁହେଁ । ଏହି ଅସମାନତାହିଁ ବିଭିନ୍ନ ଚରିତ୍ର ସୃଷ୍ଟି କରିବା ପଛରେ ସହାୟକ । ସେଥିପାଇଁ ମଣିଷଠାରେ ହିଁ ବିଶ୍ୱାସ, ପ୍ରେମ, ଭୟ, ଭ୍ରାଂତି, ଆଶା, ସ୍ୱପ୍ନ, ଈର୍ଷା ଆଦି ରହିଥାଏ । 'ଜହ୍ନ ଓ ହାୱାର ସଂଧ୍ୟା' ଗଳ୍ପ ମଧ୍ୟରେ ଭୌତିକ ଭ୍ରାଂତି ସହ ରହସ୍ୟମୟତାର ଗୋଟିଏ ଆବରଣ ଦେଖିବାକୁ ମିଳେ । ଗଳ୍ପରେ ଦୁଇବଂଧୁ ତୀର୍ଥଂକର ଓ ଶିବବ୍ରତ ସେମାନଂକ ତୃତୀୟ ବଂଧୁ ପ୍ରମଥଂକୁ କେଂଦ୍ରକରି ଭୌତିକ ପରିବେଷର ସ୍ୱପ୍ନଚ୍ଛନ୍ନତାରେ ଭ୍ରମିତ ହୋଇଛଂତି । ଜହ୍ନ, ପବନ ଏବଂ ଅସ୍ପଷ୍ଟତା ମଣିଷକୁ ଅସ୍ୱାଭାବିକ କରିଦିଏ । ଏଭଳି ଅସ୍ପଷ୍ଟତାରେ ପ୍ରମଥର ମୃତ୍ୟୁ ଖବର ଆସିବା; ପରିବେଶର ବୈଚିତ୍ର୍ୟରେ ଦୁଇବଂଧୁ ତୀର୍ଥଂକର ଓ ଶିବପ୍ରସାଦ ନିଜକୁ ଅବାସ୍ତବ ଏବଂ ନିଖୋଜ ମନେ କରିବା ଇତ୍ୟାଦି ସଂପୂର୍ଣ୍ଣ ବିସ୍ମୟକର । ଗଳ୍ପଟି ଅନୁଭବର ଅପେକ୍ଷା ରଖେ ।

-୪-

ଉତ୍ତର ସତୁରୀରେ ଗଳ୍ପ ରଚନା କ୍ଷେତ୍ରରେ ମନୋଜ ଦାସଂକ ପରିଚିତି ଜଣେ ସଫଳ ବ୍ୟଂଗକାରର, ମାତ୍ର ସେ ବ୍ୟଂଗର ମାଧ୍ୟମ ସର୍ବଦା ବ୍ୟଂଜନା ଦେଇ ରସସିକ୍ତ । ଉତ୍ତରଣମୁଖୀ ସାଧନା କାଳରେ ତାଂକର ଏହି ଦୃଷ୍ଟିଭଂଗୀର ପରିବ୍ୟାପ୍ତିରେ, ପ୍ରଚୁର ଭଲପାଇବା, ଆଂତରିକତା ଏବଂ ସଂବେଦନସିକ୍ତ ମନୋଭାବ ଲକ୍ଷ୍ୟଣୀୟ । ତାଂକ ବ୍ୟଂଗର ବହିରାବଣ ହାସ୍ୟ, କୌତୁକ, ମାତ୍ର ଅନ୍ତଃସ୍ୱର ବୁଦ୍ଧି ଚାତୁର୍ଯ୍ୟ ଦ୍ୱାରା ସମୃଦ୍ଧ । ମାତ୍ର ବକ୍ତବ୍ୟଟି ସର୍ବଦା ସଂଭ୍ରମ ଏବଂ ରୁଚିପୂର୍ଣ୍ଣ । :

"x x x ମୋର ବ୍ୟଂଗ ସ୍ନେହାତ୍ମକ, ସହାନୁଭୂତିର ବ୍ୟଂଗ । ନିଜକୁ ବଡ ଭାବି ଅନ୍ୟକୁ ଆହତ କରିବା ଉଦ୍ଦେଶ୍ୟରେ ମୁଁ ବ୍ୟଂଗ କରେନାହିଁ ।"

('ଗଳ୍ପ', ସପ୍ତମ ସଂକଳନ, ଜୁଲାଇ-ସେପ୍ଟେମ୍ବର ସଂଖ୍ୟା, ୧୯୭୨ ସାକ୍ଷାତ୍କାର, ପୃ-୬୬)

ମନୋଜ ଦାସ ହାସ୍ୟ ଏବଂ କାରୁଣ୍ୟର ଅଭିନବ ସଂଯୋଜନ ସାଧନକରି ହାସ୍ୟକୁ ଗୋଟିଏ ଭବତା ପ୍ରଦାନ କରିଛଂତି । ଯେଉଁଠି ମନୋଜ ଦାସ କହିଲେ କ'ଣ ତାହା ସ୍ୱତଃ ଚିହ୍ନା ପଡ଼ିଯାଏ । ତାଂକର ସାମାଜିକ-ରାଜନୀତିକ ସ୍ୱରୂପ ବିଶ୍ଳେଷଣ ଭାବାଶ୍ରୟୀ ଗଳ୍ପରେ ବ୍ୟଂଗ, ବିଦ୍ରୂପ ଓ ହାସ୍ୟରସର ପ୍ରୟୋଗ ଖୁବ୍ ତୀବ୍ର, ଅଥଚ ସ୍ନେହାତ୍ମକ ସହାନୁଭୂତିମୂଳକ ବ୍ୟଂଗ ।

'ଓଟ', 'ଅଂଧକାର' ଆଦି ଗଳ୍ପରେ ମୁଖ୍ୟତଃ ଘଟଣା ଭୂମିରେ ହାସ୍ୟ, ରସ, କୌତୁକ ଉପାଦାନ ଭାବେ ବ୍ୟଂଗ, ବିଦ୍ରୂପ ସହ ନାଟକୀୟ ଉତ୍କଣ୍ଠା ଗୁରୁତ୍ୱପୂର୍ଣ୍ଣ । କେଉଁଠି

Digitized by srujanika@gmail.com

ଜୀବନର କାରୁଣ୍ୟମୟ ଦିଗପ୍ରତି ରହିଛି ଦୃଷ୍ଟିତ କେଉଁଠି ଏହା ସଂପୂର୍ଣ୍ଣଭାବେ ପ୍ରତୀକାତ୍ମକ ବା ବ୍ୟଂଜନାତ୍ମକ ।

ବ୍ୟକ୍ତି-ମଣିଷର ଅସହାୟତା, କାରୁଣ୍ୟ ଏବଂ ନିଃସଂଗତାକୁ ପ୍ରକାଶ କରାଇବାରେ ହାସ୍ୟବ୍ୟଂଗର ଗୋଟିଏ ପ୍ରମୁଖ ଭୂମିକା ରହିଛି । ସେଥିରେ ସାମଂତବାଦୀ ପୃଷ୍ଠଭୂମିରେ ମଣିଷଠାରୁ ଆରଂଭ କରି ସମକାଳର ମଣିଷର କଥା ବ୍ୟଂଜିତ ହୋଇଛି । ଗାଳ୍ପିକ ସବୁଠି ବ୍ୟକ୍ତିର ଅତଂରାଳରେ ଛପି ରହିଥିବା ଅଭାବପଣକୁ ସଂଧାନ କରିଛଂତି । 'ସୁନାମେଡେଲ', 'ପଲଂକ ବିଜୟ', 'ନିମନ୍ତ୍ରଣ' ଇତ୍ୟାଦି ଗଳ୍ପକୁ ତାହାର ଏକ ଏକ ଉଦାହରଣ ଭାବେ ନିଆଯାଇପାରେ । ବ୍ୟକ୍ତିର ଅହଂବୋଧ, ଆତ୍ମ ବଡିମାକୁ ଭାଂଗି ବ୍ୟକ୍ତିର ନବ ରୂପାଂତର କରିବା, ସବୁଠି ଗାଳ୍ପିକଂକ ଲକ୍ଷ୍ୟ । ବ୍ୟକ୍ତିର କ୍ରମଶଃ ହଜି ଯାଉଥିବା ମାନବିକତା ବା ମଣିଷପଣିଆର ଉତ୍‌ଥାନ ପାଇଁ ଗଳ୍ପଗୁଡିକ ହୋଇ ସର୍ଜିତ୍ । ପାରଂପରିକ ଅସାଧୁ, ଅଥାର୍ଜିତ ବ୍ୟକ୍ତି ଏହି ଗଳ୍ପଗୁଡିକରେ ବିଡଂବିତ । 'ଶତ୍ରୁ', 'ଭାନୁଗୁଂଡା' ଆଦି ଗଳ୍ପରେ ବ୍ୟକ୍ତିର ରୂପାଂତରୀ କରଣର ପରିକଳ୍ପନା ବେଳେ ହାସ୍ୟ, କୌତୁକ, 'ବ୍ୟଂଗ', ବିଦ୍ରୂପ ହିଁ ଉପାଦାନ ଭାବେ ଆସିଛି । ଯେଉଁ ଗଳ୍ପଗୁଡିକ ଶିଶୁ ଓ କିଶୋର ମନସ୍ତତ୍ତ୍ୱକୁ ଭିତ୍ତି କରି ଲିଖିତ, ସେହିଭଳି ଗଳ୍ପରେ ହାସ୍ୟରସର ପ୍ରୟୋଗ ଲକ୍ଷ୍ୟଣୀୟ । 'ଭୋଳା ଅଜା' ଗଳ୍ପଟି ସେହି ଧାରାର । 'ଦର୍ଦ୍ଦୁର', 'ବରଟିଏ ଲୋଟା', 'ପ୍ରେମପତ୍ର' ଆଦି ପରିଣତ ବୟସ୍କ ମନସ୍ତତ୍ତ୍ୱ ଆଧାରିତ ଗଳ୍ପରେ ହାସ୍ୟ, ବ୍ୟଂଗର ପ୍ରୟୋଗକୁ ଉପଲ୍‌ବ୍‌ଧି କରାଯାଇପାରେ ।

-୬-

ଗ୍ରାମ୍ୟଜୀବନକୁ ଆଧାର କରିଥିବା ମନୋଜ ଦାସଂକ ଗଳ୍ପଗୁଡିକ ଉପକୂଳବର୍ତ୍ତୀ ଓଡ଼ିଶା ତଥା ନିଜ ସ୍ମୃତିରେ ବସାବାଂଧିଥିବା ଭୂଖଂଡର କାହାଣୀ, ଯାହା ନିଜର ବାସ୍ତବ ଅନୁଭୂତି ଦ୍ୱାରା ପରିବ୍ୟାପ୍ତ । ଏ ପ୍ରସଂଗର ଲେଖକଂକ 'ସ୍ମୃତି ସାହିତ୍ୟ'ର ଭୂମିକାକୁ ଉଲ୍ଲେଖ କରାଯାଇପାରେ; ଯେଉଁଠି ସେ ଗ୍ରାମ୍ୟଜୀବନର ମହତ୍ତ୍ୱକୁ ଉପଲ୍‌ବଧି କରିଛଂତି । : "ଗତ ଅର୍ଦ୍ଧ ଶତାବ୍ଦୀ ଭିତରେ ଭାରତବର୍ଷ ବହୁକିଛି ପାଇଛି, ବହୁକିଛି ହଜାଇଛି । ହରାଇଥିବା ବିଭବ ସବୁ ଭିତରେ ବୋଧହୁଏ ସବୁଠାରୁ ମୂଲ୍ୟବାନ୍ ତାର ପଲ୍ଲୀ ବାତାବରଣ । ହୁଏତ ଏ କ୍ଷତି ଥିଲା ଅନିବାର୍ଯ୍ୟ । ଅନିବାର୍ଯ୍ୟ.. କିଂତୁ ଅପୂରଣୀୟ ।"

('ସମୁଦ୍ରକୂଳର ଏକ ଗ୍ରାମ', ୧୯୯୬, ଗ୍ରଂଥ ମଂଦିର, କଟକ, ଭୂମିକାର ଅଂଶ)

ନିଛକ ଗ୍ରାମ-ଜୀବନକୁ ଆଧାର କରିଥିବା 'ମନୋଜ ପଂଚବିଂଶତି' ଅନ୍ତର୍ଗତ ଗଳ୍ପମଧ୍ୟରେ 'ଅବୋଲକରା', 'ଭୋଳାଅଜା', 'ହତ୍ୟାକାରୀ' ଆଦି ଗଳ୍ପମାନଂକୁ ଗ୍ରହଣ କରାଯାଇପାରେ ।

Digitized by srujanika@gmail.com

'ଅବୋଲକରା' ଗଳ୍ପରେ ଉଦ୍ଭାସିତ ପାହାଡ଼, ମଂଦିର ଓ ନାନାବିଧ ଗ୍ରାମ୍ୟ ଉପାଦାନ; ଆମକୁ ଗୋଟିଏ ପଲ୍ଲୀଜୀବନ ସହିତ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଉକ୍ତ ତିନୋଟି ଦୃଷ୍ଟିରୁ ଯୋଡିଦିଏ । ବର୍ଣ୍ଣନାପାଟବତା ଆମ ଆଗରେ ଗୋଟିଏ ପଲ୍ଲୀଗ୍ରାମର ସୂକ୍ଷ୍ମ ପରିଚିତି ଆଣିଦିଏ । ପାହାଡ ଓ ମଂଦିର ସଂଲଗ୍ନ ପୂର୍ବ ପୁରୁଷମାନଂକ ଭିଟାମାଟି ଲେଖକଂକ ବାଲ୍ୟସ୍ମୃତି, ନିଃଶ୍ୱାସ ପ୍ରଶ୍ୱାସ ଭଳି ମନେ ହେଉଥିବା ଭୂଖଂଡରେ ଯୋଜନା ଅନୁଯାୟୀ ଡ୍ୟାମ୍ ପରିଣତ ହୁଏ । ଅନେକ ସ୍ମୃତି ରୋମଂଥନ ପୂର୍ବକ ଅଶ୍ରୁପାତ ପରେ ଗ୍ରାମବାସୀମାନେ ସ୍ଥାନାଂତରିତ ହୁଅଂତି । ମାତ୍ର ଗ୍ରାମ ପ୍ରତି ଅସୀମ ଶ୍ରଦ୍ଧା, ଅଂତରଗଂତା, ଭଲପାଇବା ଭୂଲି ହୁଏନାହିଁ । ଗ୍ରାମଟି ଜଳମଗ୍ନ ହେବାପରେ ମଧ୍ୟ 'ଅବୋଲକରା' ସେ ଭୂମିଖଂଡରେ ରହି ଆସୁଥିବାର ଗୁଜବ ଏବଂ ତାକୁ ଉଦ୍ଧାର କରାଯିବାହିଁ କଥାବସ୍ତୁ । ଅବୋଲକରା ଚରିତ୍ର ମଧ୍ୟଦେଇ ଗ୍ରାମ୍ୟଜୀବନକୁ ଗାଳ୍ପିକ ପ୍ରତୀକିତ କରାଇଛଂତି । ଅବୋଲକରା, ଲୁପ୍ତ ହୋଇ ଯାଉଥିବା ଗ୍ରାମ୍ୟଜୀବନର ଅବଶିଷ୍ଟାଂଶ । ତାର ବିଲୁପ୍ତି ଅର୍ଥ ଭାରତୀୟ ଗ୍ରାମ୍ୟଜୀବନର ଅପୂରଣୀୟ କ୍ଷତି ହେବା ସହ ସମାନ । ଲେଖକଂକ ଚେତନା ମଧ୍ୟରେ ଜୀବନ ସହ ସଂପୃକ୍ତ ଯେତେ ସବୁ ଗ୍ରାମ୍ୟ ଉପାଦାନ; ସବୁଠି ମମତା, ଭଲପାଇବା, ଉଦାରତା ଏବଂ ମାନବୀୟ ସଂପ୍ରୀତି ଦେଇ ରୂପାଂତରିତ ।

'ହତ୍ୟାକାରୀ' ଗ୍ରାମ୍ୟ ପୃଷ୍ଠଭୂମିରେ ଲିଖିତ ଗଳ୍ପ । ଦୁଇଟି ଚରିତ୍ରର ଅକସ୍ମାତ୍ ହୃଦୟ ପରିବର୍ତ୍ତନର ଘଟଣାକୁ କେଂଦ୍ର କରି ଏହା ରଚିତ । 'ଭୋଳା ଅଜା' ଗଳ୍ପଟି ମଧ୍ୟ ସେହି ଭଳି ଗୋଟିଏ ବିଚିତ୍ର ମାନସିକତା-ସଂପନ୍ନ ଚରିତ୍ରକୁ କେଂଦ୍ର କରି ସୃଜିତ । 'ହତ୍ୟାକାରୀ' ଗଳ୍ପର 'ବିନ' ଲେଖକଂକ ଅଂଚଳର ଆମୋଦପ୍ରିୟ ଏକ ସ୍ମୃତି ହୋଇ ରହିଥିବା ବେଳେ ଲେଖକ 'ଭୋଳା ଅଜା' ଗଳ୍ପକୁ କେବଳ ଗୋଟିଏ ଶୁଣାକଥା ଭାବରେ ନୁହେଁ ପ୍ରତ୍ୟକ୍ଷ ଜଣାକଥା ବୋଲି ସ୍ୱୀକାର କରଂତି । ଉକ୍ତ ତିନିଗୋଟି ଗଳ୍ପ ଲେଖକଂକ ଶୈଶବର ସ୍ମୃତିଚାରଣକୁ ଭିତ୍ତିକରିଥିବା ଭଳି ମନେହୁଏ ।

-୭-

ପ୍ରତ୍ୟେକ ଲେଖକଂକ ସୃଜନଶୀଳତା ପଛରେ ପ୍ରକୃତିର ଏକ ବିଶେଷ ସ୍ଥାନ ରହିଛି, ଯେଉଁ ପ୍ରକୃତି ସେମାନଂକୁ ନାନାଭାବେ ଉପାଦାନ ସବୁ ଯୋଗାଇଥାଏ । ପ୍ରକୃତି କହିଲେ କେବଳ ପ୍ରାକୃତିକ ଦୃଶ୍ୟ ଅଥବା ବସ୍ତୁମାନଂକର ସମାହାର ନୁହେଁ । ତେଣୁ ପ୍ରକୃତିର ପରିସର ବ୍ୟାପକ । ମନୋଜ ଦାସଂକ ପ୍ରସଂଗରେ ପ୍ରକୃତି ପ୍ରତି ଦୃଷ୍ଟିଭଂଗୀ ଗୋଟିଏ ଦୃଷ୍ଟିରୁ ତାତ୍ତ୍ୱିକି ଓ ଦର୍ଶନତତ୍ତ୍ୱ ସଂବଂଧିତ । ଯଦିଚ଼ ଗଳ୍ପମାନଂକରେ କବି ସୁଲଭତା ନିହିତ ରହିଛି । ଗ୍ରାମ୍ୟ ପ୍ରକୃତିକୁ ନେଇ ଏକଦା ଗାଳ୍ପିକ, କବି ମନୋଜ ଦାସ ଭାବେ ପରିଚିତି ପାଇଥିଲେ । 'ମନୋଜ ପଂଚବିଂଶତି'ରେ ପ୍ରକୃତି କେଉଁଠି ପରିବେଶ

Digitized by srujanika@gmail.com

ବା ପୃଷ୍ଠଭୂମି, କେଉଁଠି ସହାୟକ ଅନୁଷଂଗ, ପୁନଶ୍ଚ କେଉଁଠି ପ୍ରତୀକ ତ କେଉଁଠି ଚିତ୍ରକଳ୍ପ, କେତେବେଳେ ଭୌତିକ ଭ୍ରାଂତିର କାରଣ ହୋଇ ଆସିଛି । 'ଅବୋଲକରା'ଗଳ୍ପରେ ପ୍ରକୃତି ସାମଗ୍ରିକ ଭାବେ ଭାରତୀୟ ପଲ୍ଲୀଜୀବନକୁ ସୂଚିତ କରୁଥିବା ପ୍ରତୀକ ହୋଇ ଆସିଥିବାବେଳେ 'ସୂର୍ଯ୍ୟାସ୍ତ ପରେ' ଓ 'ଜହ୍ନ ଓ ହାଓ୍ୱାର ସଂଧ୍ୟା' ଗଳ୍ପରେ ରହସ୍ୟମୟତା ଭିତରେ ଭ୍ରାଂତି ବା ମାନସିକ ଭାବାବେଗର ପରିପ୍ରକାଶ ଲକ୍ଷ୍ୟଣୀୟ । ତେଣୁ କୁହାଯାଇପାରେ ତାଂକ ଗଳ୍ପ ରଚନାରେ ପ୍ରକୃତି ଓ ପରିବେଶ ସ୍ଥୂଳଦୃଷ୍ଟିରୁ ନ ଆସି ତାହା ଦିବ୍ୟ ଚେତନାର ବିକାଶ ଦିଗରେ ଏକ ନୂତନ ପ୍ରସ୍ତୁତି ହୋଇ ଆସିଛି, ଯାହାର ବ୍ୟାପ୍ତି ଅସୀମତା ଆଡକୁ ହୋଇଛି ପ୍ରଲଂବିତ ।

-୮-

ମନୋଜ ଦାସଂକ ଗଳ୍ପ-ଜଗତର କଥାବସ୍ତୁ ଗୋଟିଏ ପରିବ୍ୟାପ୍ତ କାନ୍‌ଭାସ ଉପରେ ଠିଆ ହୋଇଛି, ଯାହା ପାରଂପରିକ ନୁହେଁ । ସମସ୍ତଂକଠାରୁ କିଛି ଅଲଗା । ସମାଜ-ରାଜନୀତିର ପୃଷ୍ଠପଟରେ ବା ନିଜର ସ୍ୱରୂପ ବିଶ୍ଳେଷଣ କାଳରେ ଯେଉଁସବୁ ଗଳ୍ପ ମନେପଡେ, ନିଃସଂଗତା, ଅସହାୟତାର ସ୍ୱରୂପ ଅବଲୋକନ କଲାବେଳେ ମଧ୍ୟ ସେହି ଗଳ୍ପସବୁ ଆଲୋଚନା ଭିତରକୁ ଆସଂତି । ସମସାମୟିକ ରାଜନୀତିର ଅକଥନୀୟ ଅଧୋଗତି, ଅତୀତର ସାମଂତବାଦୀ ସଭ୍ୟତାର ଟଳିତଳାଂତ ଅବସ୍ଥା, ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଭାରତୀୟ ଜୀବନ, ତାଂକର ସମାଜ-ରାଜନୀତିକ ଚିଂତାଧାରାର ଗଳ୍ପଗୁଡିକରେ ଚିତ୍ରିତ । ସ୍ୱାଧୀନତା ପରର ସ୍ୱପ୍ନଭଂଗ, କ୍ଷମତା ରାଜନୀତିର ଉତ୍‌ଥାନ ପତନ, ଭ୍ରଷ୍ଟାଚାର, ନାନାବିଧ ଯନ୍ତ୍ରଣା, ପୀଡ଼ନ ଆଦି ସର୍ବତ୍ର ଆଦୃତ । ସେ କାଳର କଥା କହିଲାବେଳେ ଇତିହାସ ସହିତ ଭବିଷ୍ୟତର ମିଳନ ଘଟୁଛି । ''ଅସାଧୁତା, ଅମାର୍ଜିତ ବ୍ୟକ୍ତିତ୍ୱର ଉତ୍‌ଥାନ ପାଇଁ ବ୍ୟଂଗ, ବିଦ୍ରୁପ ଦ୍ୱାରା ଶରବିଦ୍ଧ କରଂତି । ସେଥିପାଇଁ ମନେହୁଏ ସମାଜ-ରାଜନୀତି ପର୍ଯ୍ୟାୟ-ଭୁକ୍ତ ଗଳ୍ପରେ ବ୍ୟଂଗ, ବିଦ୍ରୂପର ବ୍ୟବହାରରେ କଳାତ୍ମକତା ସହ ରୁଚିପୂର୍ଣ୍ଣ ଶୈଳୀ କଥାବସ୍ତୁକୁ ଆହୁରି ନିଟୋଳ କରିଛି ।

'ଓଟ', 'ଅଂଧକାର' ଇତ୍ୟାଦି ଗଳ୍ପ ଉକ୍ତ ଭୂମି ଉପରେ ରଚିତ । ଗଳ୍ପର ନାମକରଣ ମଧ୍ୟ ପ୍ରତୀକାତ୍ମକ । ଗଳ୍ପରେ ଶିବକୁମାର ଚରିତ୍ର ଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏବଂ ପରବର୍ତ୍ତୀ ଅସହାୟତାକୁ ଲକ୍ଷ୍ୟକରାଯାଇପାରେ । ଗଳ୍ପର ପ୍ରଥମ ଭାଗରେ 'ଓଟ' ପରାଧୀନ ଭାରତର ଯୁବପ୍ରାଣର ସ୍ପଂଦନ ଏବଂ ଦ୍ୱିତୀୟ ଭାଗରେ ସଂଗ୍ରାମୀ ମଣିଷର ଅସହାୟତା ପ୍ରତୀକିତ କରୁଛି; ଶେଷରେ ଶୁଚିପୂର୍ଣ୍ଣ ବ୍ୟକ୍ତିତ୍ୱ ପାଇଁ ସଂଭାବନାପୂର୍ଣ୍ଣ ପ୍ରତାରଣାର ଉପାଦାନ ହୋଇଛି ।

Digitized by srujanika@gmail.com

ସ୍ୱାଧୀନତା ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଦୁଇଟି ପୀଢ଼ିର ଭବିଷ୍ୟତର ବିଷମୟତାକୁ 'ଓଟ' ଗଳ୍ପ ସୂଚିତ କରେ । " x x x ସେମାନେ ପଁଳକ ଧରେଇ ଠକିଦେଲେ । ମୁଁ ଅତୀତ, କିଂତୁ ତୁ ? ସାମାନ୍ୟ ଚକୋଲେଟ୍‌ରେ ଠକି ହେଲୁ ତୁ ହତଭାଗା" ('ଓଟ' ପୃଷ୍ଠା-୩୬) ଏ ଗଳ୍ପର ବକ୍ତବ୍ୟ କେବଳ ସ୍ୱାଧୀନତାର ସ୍ୱପ୍ନଭଂଗର କଥା କହେନାହିଁ ବରଂ ଏକ ବୀଭତ୍ସ କରାଳ ଭବିଷ୍ୟତ ଆଡକୁ ନିର୍ଦ୍ଦେଶିତ କରେ ।

ସେହିଭଳି 'ଅଂଧକାର' ଗଳ୍ପଟି ରାଜନୀତିର ଗୋଟିଏ ଗୋପନ ଅଂଧକାର ସହ ଆତ୍ମଦହନର କଥା କହେ । ଗଳ୍ପରେ ରୂପେଇନାନୀ ଭଳି ଅଭିନବ ଚରିତ୍ରର ସଂଯୋଜନା ଗଳ୍ପର ଧାରଣାକୁ ସ୍ପଷ୍ଟ ତଥା ପୁଷ୍ଟକରେ । ନିର୍ବାଚନରେ ଜିତିଥିବା ଚିନ୍ମୟ ବାବୁ ସବୁ ପାଇଥିବା ସତ୍ତ୍ୱେ; ସେଦିନର ସଭା ପ୍ରକୋଷ୍ଠରେ ହଠାତ୍ ବିଦ୍ୟୁତ ଚାଲିଯିବା ପରେ ରୂପେଇନାନୀଂକ ହାତ ପାପୁଲିରେ ନିଜ ହାତକୁ ଦବାଇ ଧରି ରଖିବାର ଭାବପ୍ରବଣତା । ମାତ୍ର ସେ ଆତ୍ମଦହନରେ ଚିରକାଳ ସଂତୁଳିତ ହେବା ଯଦିଚ୍ଚ ଗଳ୍ପର ବହିରାବରଣ ମାତ୍ର ସେଠାରେ ଆମ ସମୟର ରାଜନୀତିର ଗୋଟିଏ କଳଂକମୟ ରୂପକୁ ଅନୁଭବ କରୁଁ । ସମାଜ-ରାଜନୀତିକ ସମସ୍ୟାକୁ ନେଇ ଲିଖିତ ଗଳ୍ପଗୁଡିକର ପ୍ରକାଶଭଂଗୀର ତୀକ୍ଷ୍ଣ ବ୍ୟଂଗର ବ୍ୟବହାର ହୋଇଥିଲେହେଁ, ବ୍ୟକ୍ତି-ମଣିଷର ଅସହାୟତା ଏବଂ କାରୁଣ୍ୟର ଉପଲବ୍ଧି ସ୍ୱୀକାର୍ଯ୍ୟ ।

-୯-

ଅସହାୟତା ଓ ନିଃସଂଗତା ସମାନ ଜିନିଷ ନୁହେଁ । ଉଭୟଂକ ମଧ୍ୟରେ ଭାବଗତ ପାର୍ଥକ୍ୟ ରହିଛି । ଅସହାୟତା ଏକ ମାନସଗତ ପ୍ରକ୍ରିୟା । ନିଃସଂଗତା, ଅସହାୟତାର ଅନ୍ୟ ଏକ ପ୍ରତିକ୍ରିୟା । ମଣିଷର ଅଂହବୋଧ, ଆତ୍ମବଡିମା, ଅଶାଂତିହିଁ ଅସଲ ଅସହାୟତା । ମଣିଷର ନାନାବିଧ କାର୍ଯ୍ୟକଳାପ ଏବଂ ସାଂପ୍ରତିକ ଜୀବନଶୈଳୀର ଦ୍ରୁତତା ଯୋଗୁଁ ମଣିଷଠିଁ ନିଃସଂଗତା ଏବଂ ଅସହାୟତା ଦେଖାଦେଉଛି । ସେଥିପାଇଁ ସେ ନିଜେ ଦାୟୀ । ଏସବୁକୁ ମନୋଜୀୟ ଶିଳ୍ପଜଗତ କରିଛି ଜୀବଂତ । ତାଂକର ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା' (୧୯୫୦) ସଂପର୍କରେ କହିଲାବେଳେ, ଅସହାୟତା ସଂପର୍କରେ ତାଂକ ସ୍ୱୀକାରୋକ୍ତି ଏହିଭଳି : " x x x ମଣିଷର ଅସହାୟତା ଏତେ ବେଶି ମୌଳିକ ଯେ, ସେ ଅସହାୟତାକୁ କୌଣସି ସମାଜିକତା ରୋକି ପାରିବ ନାହିଁ ।"

('ଗଳ୍ପ' -ସପ୍ତମ ସଂକଳନ, ଜୁଲାଇ -ସେପ୍ଟେଂବର, ୧୯୭୨, ସାକ୍ଷାତ୍‌କାର) ତଥାପି ମନୋଜ ଦାସ ଆଶାବାଦୀ । ଅସହାୟତା, ନିଃସଂଗତା ତାଂକୁ କବଳିତ କରି ପାରିନାହିଁ । 'ପଲଂକ ବିଜୟ', 'ଉତ୍ତର ଉପତ୍ୟକାର କାହାଣୀ', 'ସୁନା ମେଡେଲ', 'ନିମନ୍ତ୍ରଣ' ଆଦି ଗଳ୍ପ ଏହି ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ ।

Digitized by srujanika@gmail.com

'ସୁନାମେଡେଲ' ଓ 'ପଲଂକ ବିଜୟ' ଦୁଇଟି ଯାକ ଗଳ୍ପ ବୃଥା ଆଭିଜାତ୍ୟ ଏବଂ ବଡପଣକୁ ଜାହିର୍ କରୁଥିବା ସାଂମତବାଦୀ ପୃଷ୍ଠଭୂମିରେ ରଚିତ ଗଳ୍ପ । ମନୋଜ ଦାସ ଯେଉଁଠି ସାମଂତବାଦୀ ପୃଷ୍ଠଭୂମି ନେଇ ଗଳ୍ପର ସର୍ଜନା କରଂତି, ସବୁଠି ବ୍ୟକ୍ତିର ଅସହାୟତାବୋଧ ବ୍ୟଂଜିତ ହୁଏ ।

'ପଲଂକ ବିଜୟ' ଗଳ୍ପର ମୁଖ୍ୟ ଚରିତ୍ର ଶୁଭେଂଦୁ ନିଜର ବଂଶ ଆଭିଜାତ୍ୟର ପୁନଃ ସର୍ଜନା ପାଇଁ ବଂଶର ପଂଚମ ମହାପୁରୁଷର ମହାର୍ଘ ସଂପଦ ପଲଂକଟିକୁ ଉଦ୍ଧାର କରିବା ପାଇଁ ଇଚ୍ଛା ପୋଷଣ କରଂତି । ସେଥିପାଇଁ ଅର୍ଥ ମଧ ସଂଚୟ କରି ଜମିଦାର ପୁତ୍ରଂକୁ ପଲଂକଟିର ମୂଲ୍ୟ ଦେବାକୁ ଚାହାଂତି । ମାତ୍ର ଜମିଦାର ପୁତ୍ର ଟଂକା ଗ୍ରହଣ ନ କରି ପଂଲକଟିକୁ ଫେରାଇ ଦିଅଂତି । ପୂର୍ବପୁରୁଷର ସଂପଦକୁ ଫେରାଇ ଆଣି ଥିବାର ଅପୂର୍ବ ଆନଂଦରେ ଯେତେବେଳେ ନବବଧୂକୁ ଆଶ୍ଳେଷରେ ନିଅଂତି, ସେହି ମୁହୂର୍ତ୍ତରେ ହିଁ କୀଟଦ୍ରଂଷ୍ଟ ପଲଂକଟି ଭାଂଗିଯାଏ । ସେଇଠାରେ ହିଁ ତାଂକର ଆଭିଜାତ୍ୟର ମୋହ ଭଂଗହୁଏ । ଗଳ୍ପନାୟକ ସାମଂତବାଦୀ ଶୁଭେଂଦୁ ଏବଂ ନବବଧୂ ଲୋକଲଜ୍ଜାରୁ ବଂଚିବା ପାଇଁ ପାହାଂତା ପ୍ରହର ଆଗରୁ ସହରକୁ ପ୍ରତ୍ୟାଗମନ କରିବାହିଁ ଗଳ୍ପର କଥାବସ୍ତୁ । ଏଠାରେ ଆଭିଜାତ୍ୟକୁ ପୁନଃସ୍ଥାପନ କରିବାର ମୋହ ଏବଂ ତଜ୍ଜନିତ ଅସହାୟତା ଏକାଂତ ଭାବେ କରୁଣ ।

'ସୁନାମେଡେଲ' ଅବକ୍ଷୟପ୍ରାପ୍ତ ସାମଂତବାଦୀ ବ୍ୟକ୍ତିମଣିଷର ଅସହାୟତାର କରୁଣ ପରିଣତି । ଜମିଦାର ନଂଦନ ଚୌଧୁରୀ ସୁନାମେଡେଲ ପ୍ରଦାନକରି ଆଭିଜାତ୍ୟର ଗୁରୁତ୍ୱକୁ ପ୍ରକାଶ କରିବା ଏବଂ ତଜ୍ଜନିତ ସମସ୍ୟା ଗଳ୍ପର ମୂଳହେତୁ । ଗୋଟିଏ ପଟେ ସୁନାମେଡେଲ ପାଇବା ପାଇଁ କୃତକୃତ୍ୟ ହେଉଥିବା ଯାତ୍ରାପାର୍ଟିର ଓସ୍ତାଦ କୃଷ୍ଣଚଂଦ୍ର । ଯେଉଁଠି ନିଜ ଦ୍ୱାରା ତିଆରି ମେଡେଲ ପାଇବାର ଅହେତୁକ ମୋହ ଏବଂ ଅନ୍ୟପଟେ ଆର୍ଥନୀତିକ ସମସ୍ୟା ସତ୍ତ୍ୱେ ବଂଶମର୍ଯ୍ୟାଦାକୁ ଜାହିର କରି ମେଡେଲ ପ୍ରଦାନ କରିବାର ଦୁର୍ବାର ଇଚ୍ଛା ଦଣ୍ଡାୟମାନ । ସତ କହିଲେ ଉଭୟ ଚରିତ୍ର ଏକାଂତ ଭାବେ ଅସହାୟ । ମାତ୍ର କେହି ସୁଯୋଗଟିକୁ ହରାଇବାକୁ ଚାହାଂତି ନାହିଁ । ଜଣକର ବଦାନ୍ୟତା ଏବଂ ଅନ୍ୟଜଣକର ପ୍ରାପ୍ତିର ଅହେତୁକ ଇଚ୍ଛାର ଅଂତରାଳେ ରହିଥିବା ଗୌରବ ଭିତରେ ଦୁଇଟି ଯାକ ଚରିତ୍ର ଅସହାୟତା ଦ୍ୱାରା ବଂଦୀ ।

'ଉତ୍ତର ଉପତ୍ୟକାର କାହାଣୀ'ର ମୂଳଭାବର ହେତୁ ହେଉଛି ବ୍ୟକ୍ତି ଜୀବନରେ ନିଃସଂଗତା ଏବଂ ତୀବ୍ର ଅସହାୟବୋଧ । ଗାଳ୍ପିକ ଗଳ୍ପଟିରେ ଅତିକଳ୍ପନା ତଥା ସମ୍ୟକ୍ ରହସ୍ୟମୟତା ମଧ୍ୟରେ ମଣିଷର ବିବେକକୁ ଚେତେଇବାର ଚେଷ୍ଟା କରିଛଂତି । ଦୁଇଟି ବିପଣୀର ପ୍ରତିଦ୍ୱଂଦ୍ୱିତାପୂର୍ଣ୍ଣ ମାନସିକତାରୁ ଜନ୍ମିତ ଅବସ୍ଥା, ଯେଉଁଠି ଗୋଟିଏ ବିପଣୀ ତା' ଦ୍ୱାରରେ ଏକ ଉଲଗ୍ନ ପ୍ଲାଷ୍ଟିକ୍ ନାରୀମୂର୍ତ୍ତି ସ୍ଥାପନ କଲାବେଳେ ଅପର ପକ୍ଷଟି

Digitized by srujanika@gmail.com

ମିସ୍ ପିଂକିଂକ ଭଳି ଜୀବଂତ ନାରୀମୂର୍ତ୍ତିଟିଏ ଠିଆ କରିଥିବାର ସଂବାଦ ପ୍ରଚାର ହୋଇଯାଏ । ଫଳତଃ ନାରୀକୁ ବିବସ୍ତ୍ର ଦେଖିବାର ମାନସିକତା ଉତ୍ତର ଉପତ୍ୟକାର ମଣିଷଂକୁ ମୋହଗ୍ରସ୍ତ କରାଏ ।

ଅସହାୟତା ହିଁ ବ୍ୟକ୍ତିକୁ ସ୍ଥିତିସଚେତନ କରାଏ, ପ୍ରବୃତ୍ତି ସଚେତନ କରାଏ, କର୍ତ୍ତବ୍ୟର ସୀମା ଓ ସଂଭାବନା ସଚେତନ କରାଏ । ବିବେକକୁ ନୂତନ କର୍ମପନ୍ଥା ଦେଇ ଧାବମାନ କରାଏ । ଏହି ଆଶାବାଦୀ ବକ୍ତବ୍ୟଟି ସବୁଠିଁ ସ୍ୱୀକାର୍ଯ୍ୟ ।

-୧୦-

ସ୍ଥୂଳ ଦୃଷ୍ଟିରୁ ମନୋଜ ଦାସଂକ କୌଣସି ଗଳ୍ପକୁ ଆଧ୍ୟାତ୍ମିକ ଭାବଧାରାର ଗଳ୍ପବୋଲି ସୂଚିତ କରାଯାଇ ନପାରେ । ବିଧିବଦ୍ଧ ଶିଳ୍ପସାଧନରେ ସେ ଆଧ୍ୟାତ୍ମିକତାକୁ ଯୋଡ଼ିଦେଇ ନାହାଂତି ଅଥଚ ଅନେକ ଗଳ୍ପରେ ଆଧ୍ୟାତ୍ମିକ ଅନ୍ୱେଷାବୋଧ ଦ୍ୱାରା ଗଳ୍ପ ତାର ବକ୍ତବ୍ୟକୁ ତୀକ୍ଷ୍ଣ ତଥା ତୀବ୍ର କରି ପାରିଛି । ପରିଣତ ବୟସରେ ଏହାର ପ୍ରଭାବ୍ୟଧିକ ଲକ୍ଷ୍ୟଣୀୟ । ତାଂକ ଭାଷାରେ :“x x x ଆଧ୍ୟାତ୍ମିକତା ଚେତନାଗତ ବିଜ୍ଞାନ । x x x ଆଧ୍ୟାତ୍ମିକତା (ଯାହାକି ଶେଷ ବିଶ୍ଳେଷଣରେ ଅଗ୍ରଗତିର ହିଁ ନାମାଂତର) କୌଣସି ଧରଣର ଅଗ୍ରଗତିରେ ବାଧା ଦେବାର ପ୍ରଶ୍ନନାହିଁ -ଯଦି ପ୍ରକୃତ ଅର୍ଥରେ ଅଗ୍ରଗତି ଆମର ଲକ୍ଷ୍ୟ ହୋଇଥାଏ । x x x ଆଧ୍ୟାତ୍ମିକତା ସବୁ କିଛିର ଉତ୍ସ । ତେଣୁ କଳାସୃଷ୍ଟିରେ ବି ଆଧ୍ୟାତ୍ମିକତା ସହାୟତା କରିପାରେ ।”

(‘ମନୋଜ ପଂଚବିଂଶତି’, ୧୯୮୩, ଗ୍ରଂଥ ମଂଦିର, କଟକ-ପୃ-୫, ୯)

ଏ ପର୍ଯ୍ୟାୟର ଗଳ୍ପମଧ୍ୟରେ ‘ଶତ୍ରୁ’, ‘ଭାନୁଗୁଂଡା’, ‘ହତ୍ୟାକାରୀ’, ‘ଅବୋଲକରା’ (ପରବର୍ତ୍ତୀ ନାମକରଣ, ‘ମଗ୍ନ ଉପତ୍ୟକା’) ଆଦି ଆଲୋଚନା ପ୍ରସଂଗକୁ ଅଣାଯାଇପାରେ ।

‘ଶତ୍ରୁ’ ଓ ‘ଭାନୁଗୁଂଡା’ ଉଭୟ ଗଳ୍ପରେ ବ୍ୟକ୍ତିର ଆତ୍ମିକ ବିବର୍ତ୍ତନକୁ ଉପଲବ୍ଧି କରାଯାଇପାରେ । ଆଧ୍ୟାତ୍ମିକ ଅନ୍ୱେଷା ପ୍ରଚୋଦିତ ଚେତନା, ବ୍ୟକ୍ତ-ମଣିଷକୁ ତାର ଅହଂବୋଧ ଓ ଅପରାଧବୋଧରୁ ମୁକ୍ତି ଦେଇଛି; ଉତ୍ତୀର୍ଣ୍ଣ କରାଇଛି । ଫଳତଃ ସେମାନଂକଠାରେ ମଣିଷପଣିଆ ଦେଖାଦେଇଛି, ଯାହାକି ପାଠକୀୟ ଶ୍ରଦ୍ଧା ଦାବିକରେ । ହିଂସ୍ର, ହତ୍ୟାକାରୀ, ପାପୀ ଆଦି ଭ୍ରଷ୍ଟ ଚରିତ୍ରଂକ ଭିତରେ ମନୋଜ ଦାସ ଉତ୍ତରଣର ସଂଭାବନା ଦେଖିଛଂତି । ସାଧାରଣ ବ୍ୟକ୍ତି ଅପେକ୍ଷା ଅପରାଧବୋଧ ଦ୍ୱାରା ସଂତୁଳିତ ଚରିତ୍ର ଭିତରେ ମହତ୍ତର ମାନସିକତାର ସଂଧାନ କରିଛଂତି । ‘ଶତ୍ରୁ’, ‘ଭାନୁଗୁଂଡା’ ସହ ‘ହତ୍ୟାକାରୀ’ ଗଳ୍ପ ସମ୍ୟକ୍ ସାମ୍ୟ ରକ୍ଷାକରେ । ଏ ସମସ୍ତ ଗଳ୍ପରେ ବ୍ୟକ୍ତିର ବିବର୍ତ୍ତିତ ରୂପଟିଏ ଦେଖିବାକୁ ମିଳେ ।

Digitized by srujanika@gmail.com

ହିଂସ୍ରତା ଲିଭିଯାଇ ଆତ୍ମଦହନରେ ଏମାନେ ମାଜି ହୋଇ ସୁବର୍ଣ୍ଣ ପ୍ରତିମା ହୋଇଯାଇଛନ୍ତି ।

'ଶତ୍ରୁ' ଗଳ୍ପରେ ବିଳାସ ସିଂ ଭିତରେ ପ୍ରତିଦ୍ୱଂଦ୍ୱୀ ପ୍ରତି ବିଷାକ୍ତ ମନୋବୃତ୍ତି ଉଦ୍‌ଗମ ହୋଇ ହତ୍ୟା କରିବାର ସିଦ୍ଧାଂତ ନେବା ଅବସର ଭିତରେ ପ୍ରତିଦ୍ୱଂଦ୍ୱୀଟି ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରିବା ଦ୍ୱାରା ତା'ଇଚ୍ଛା ଅସମାହିତ ରହିଯାଏ । ସନ୍ନ୍ୟାସୀ ଜୀବନ ବିତାଇବା ସତ୍ତ୍ୱେ ସେ ଇଚ୍ଛାଟି ଲୁପ୍ତ ହୁଏନାହିଁ । ଅନେକ ବ୍ୟବଧାନରେ ନିଜର ସଦ୍ୟ ଜନ୍ମିତ ଶିଶୁପୁତ୍ରକୁ ଦେଖି : କିଏ କାହାର ଶତ୍ରୁ ? ବୋଲି ପ୍ରଶ୍ନ ତାକୁ କବଳିତ କରେ । ଶତ୍ରୁ ଯେ ପୁତ୍ରର ଆତ୍ମା ନେଇ ଜନ୍ମ ହୋଇପାରେ, ଏହି ଅନୁତାପ ଏବଂ ଅନୁଶୋଚନାରେ ବିଳାସ ସିଂର ନବ ଉତ୍ତରଣ ଘଟେ ।

ସେହିଭଳି 'ଭାନୁଗୁଂଡା' ଗଳ୍ପଟି ଅନୁଶୋଚନାଦଗ୍ଧ ଏକ ହତ୍ୟାକାରୀ ଚରିତ୍ରର କାହାଣୀ । ଯୌବନର ପ୍ରେମ-ପ୍ରଣୟ ପଥକୁ ସୁଗମ କରିବା ପାଇଁ କେତୋଟି ହତ୍ୟା କରିବା; ଅନ୍ତର୍ଦ୍ଧାନ ହୋଇଯିବା ଏବଂ ନିଜକୁ ଭାନୁଗୁଂଡାର ହତ୍ୟକାରୀର ପରିଚିତି ଦେଇ ନିଜେ ନିଜର ପାଶବିକତାକୁ ହତ୍ୟାକରିବା । ଏହି ଆତ୍ମପ୍ରାୟଶ୍ଚିତ କରିବା ଭିତରେ ଭାନୁ ଚରିତ୍ରର ଉତ୍ତରଣ ଦେଖାଦେଇଛି । ସବୁ ପାପବୋଧ, ଅନୁତାପ ଏବଂ ଆତ୍ମଦହନ ଲିଭି ବ୍ୟକ୍ତିର ନୂତନ ଅନ୍ୱେଷାବୋଧ ପ୍ରାପ୍ତ ହୋଇଛି । ହିଂସ୍ର ହତ୍ୟାକାରୀ ଭିତରେ ହୃଦୟ ଏବଂ କରୁଣାର ସୂତ୍ରପାତ ବିବର୍ତ୍ତିତ ବ୍ୟକ୍ତି-ମଣିଷର କଥା କୁହେ ।

'ଅବୋଲକରା' /'ମଗ୍ନ ଉପତ୍ୟକା' ଗଳ୍ପରେ ଗ୍ରାମ୍ୟ ମମତ୍ୱବୋଧର ପରିପ୍ରକାଶ ଘଟିଥିଲେ ହେଁ ପାହାଡ, ମଂଦିର ତଥା ଅନ୍ୟାନ୍ୟ ଗ୍ରାମ୍ୟ ଉପାଦାନ ଗୋଟିଏ ଗୋଟିଏ ରୂପାତଂରର କଥା କହଂତି । ଗାଳ୍ପିକଂକୁ ମା' ବାପାଂକ ଭିତରେ ପୃଥିବୀ ଓ ଆକାଶର ସର୍ବଂସହା ତଥା ଉଦାରତାର ପରିଚୟ ମିଳିଛି । ଗ୍ରାମ୍ୟ ପ୍ରକୃତିର ନାନାବିଧ ଉପାଦାନ ମା'ର ପ୍ରତୀକ ରୂପେ ତଥା ଅବୋଲକରାଟି ବିଲୁପ୍ତ ଐତିହ୍ୟର ପ୍ରତୀକ ହୋଇ ଆସୁଛି, ଯେଉଁଠି ଚେତନାଗତ ଅନ୍ୱେଷାବୋଧକୁ ସ୍ପର୍ଶ କରିହୁଏ ।

ମନୋଜ ଦାସଂକ ଭାଷାରେ : ''ଚେତନାର ପ୍ରଗତି, ଭୁଲ ମୂଲ୍ୟବୋଧରୁ ଉତ୍ତୀର୍ଣ୍ଣ ହୋଇ ସତ୍ୟର ସଂଧାନ, ଏହାହିଁ ଆଧ୍ୟାତ୍ମିକତା ।''
('ଭାରତର ଐତିହ୍ୟ : ଶତେକ ପ୍ରଶ୍ନର ଉତ୍ତର', ୧୯୯୯, ଗ୍ରଂଥ ମଂଦିର, କଟକ, ପୃ-୮)

ଗୋଟିଏ କଥାରେ କହିଲେ ମନୋଜ ଦାସଂକ ଚିଂତନରେ ଆଧ୍ୟାତ୍ମିକତା ଏକ ପରିପୂର୍ଣ୍ଣ ଜୀବନର ସଂଧାନ ।

Digitized by srujanika@gmail.com

-୧୧-

ପଚିଶଟି ଗଳ୍ପକୁ ନେଇ ସଂକଳନ ହୋଇଥିବାରୁ ସଂକଳନର ନାମ 'ମନୋଜ ପଂଚବିଂଶତି' । 'ମନୋଜ ଦାସ' କହିଲେ ଯାହା ସେସବୁର ମିଳନ ତାହାହିଁ 'ଆମେ ମନୋଜ ପଂଚବିଂଶତି'ରେ ଲକ୍ଷ୍ୟକରୁ । ମାତ୍ର ଫାଣ୍ଟାସି ପାଇଁ ସ୍ୱତନ୍ତ୍ର ଏକ ପରିଚିତି ପାଇଥିବା ଲେଖକ ଏହି ସଂକଳନରେ ସ୍ଥାଣୁପ୍ରାୟ । ଯଦିଚ଼ ଟଣାଓଟରା କଲେ 'ବାକ୍‌ପଟୁ ହଂସ' ଓ 'କଳ୍ପବଟ' ଗଳ୍ପ ଏହାର ଅନ୍ତର୍ଗତ ହେଇପାରନ୍ତି ।

'ମନୋଜ ପଂଚବିଂଶତି'ରେ ବ୍ୟକ୍ତିହିଁ ମୂଳ ଉପାଦାନ । ବ୍ୟକ୍ତିର ପରିପ୍ରକାଶର ସଧାରଣ ସ୍ତର ଏବଂ ଉତ୍ତରିତ ସ୍ତର; ଏ ଉଭୟର ଏକ କଳାତ୍ମକ ଦିଗକୁ ଉପଲବ୍‌ଧି କରାଯାଇପାରେ । ଗାଳ୍ପିକ ସବୁବେଳେ ମଣିଷ ପ୍ରତି ବିଶେଷ ଭାବେ ଆଶାବାଦୀ । ମଣିଷର ଅନ୍ତର୍ନିହିତ ସତ୍ୟର ଉଦ୍‌ଘାଟନ; ସେଥିରେ ନୂତନ ଆଶାର ସଂଧାନରେ ଗାଳ୍ପିକ ବ୍ରତୀ । ହଜି ଯାଉଥିବା ଜୀବନର ପବିତ୍ରତାବୋଧ ଗଳ୍ପରେ ଦୃଶ୍ୟମାନ ହେଉଥିଲେ ହେଁ, ସର୍ବତ୍ର ବକ୍ତବ୍ୟଟି ବ୍ୟଂଜନା ଦ୍ୱାରା ଆମ ପାଖକୁ ଆସିଛି । ଅସଲ ଜୀବନର ସଂଧାନ, ଅସଲ ବ୍ୟକ୍ତିତ୍ୱର ସଂଧାନ ପାଇଁ ମୁହଁରୁ ରଂଗ ଛଡାଇ ଅବିକଳ ମଣିଷର ସଂଧାନ କରିଛଂତି । ଯେଉଁଠି ସେ ନୂଆ ଏକ ଚେତନାର ସ୍ତରକୁ ରୂପାଂତରିତ ହୋଇ ଉର୍ଦ୍ଧ୍ୱଗାମୀ ହେଉଛି ।

• ଗବେଷକ, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ,
ଶାଂତିନିକେତନ - ୭୩୧ ୨୩୫,
ପଶ୍ଚିମ ବଙ୍ଗ

Digitized by srujanika@gmail.com

ମନୋଜ ଦାସଙ୍କ ଗଳ୍ପ : ଏକ ଅନ୍ତର୍ଯାତ୍ରାର ଅଭୀପ୍ସା

ଡକ୍ଟର ମଣୀନ୍ଦ୍ର କୁମାର ମେହେର

ଭାରତୀୟ ଗଳ୍ପ ସାହିତ୍ୟରେ ମନୋଜ ଦାସ ମହତ୍ତର ଉପଲବ୍ଧିର ଏକ ଅର୍ଥପୂର୍ଣ୍ଣ ନାମ । ଗଳ୍ପ କଥନରେ ତାଙ୍କର ଆନ୍ତରିକତା ବାସ୍ତବରେ ଅନନ୍ୟ । ଜୀବନର ଅନ୍ତଃସ୍ଥଳକୁ ତାଙ୍କର ପ୍ରବେଶ ଅତି ଗଭୀର ଓ ବିସ୍ମୟକର । କିଶୋର ହୃଦୟର ଅପୂର୍ବ ଭାବୋଚ୍ଛ୍ୱାସ ନେଇ ଗଳ୍ପ ରଚନା ଆରମ୍ଭ କରିଥିଲେ ସେ ଚଉଦ ପନ୍ଦର ବର୍ଷ ବୟସରେ ମାତ୍ର । ସେଇ ନିଷ୍ଠାପର ଶିଳ୍ପ-ସାଧନା ଏ ପର୍ଯ୍ୟନ୍ତ ରହିଛି ଅବ୍ୟାହତ ହୋଇ । ସାହିତ୍ୟ ଜଗତକୁ ତାହା ସମୃଦ୍ଧ କରିବା ତ ସ୍ୱାଭାବିକ କଥା । ମଣିଷ ଜୀବନକୁ ଆଲୋକରଞ୍ଜିତ କରିବାରେ ତା'ର ଭୂମିକା ହିଁ ପ୍ରକୃତରେ ଏକାନ୍ତ ଉଲ୍ଲେଖନୀୟ ।

ଜଣେ ଗଳ୍ପ ଲେଖେ କାହିଁକି ? -ଅନେକ ସମୟରେ ମନରେ ଏଇ ପ୍ରଶ୍ନ ଉଙ୍କିମାରେ । ମନୋଜ ଦାସଙ୍କୁ ଏ ସଂପର୍କରେ ଜିଜ୍ଞାସା କଲେ ସେ ହୁଏତ କହିବେ, "ଜଣେ କାହିଁକି ଲେଖେ ସେ କଥା ପ୍ରକାଶ କରିବା, ଜଣେ କାହିଁକି ପ୍ରେମକରେ ସେ ପ୍ରଶ୍ନର ଉତ୍ତର ପରି ଅସମ୍ଭବ ବ୍ୟାପାର ।" ଗଳ୍ପ ରଚନାର କାରଣ ଉନ୍ମୋଚନ କରିବା ହୁଏତ ସମ୍ଭବ ହୋଇ ନପାରେ; କିନ୍ତୁ ତାହା ଯେ ନିଶ୍ଚିତ ଭାବେ ପ୍ରେମାନୁଭବ ପରି ଏକ ସୁନ୍ଦର ଗଭୀର ଓ ରହସ୍ୟମୟ ଅବ୍ୟକ୍ତ ଅନୁଭୂତି -ଏଥିରେ ସନ୍ଦେହ ନାହିଁ, ଆପଣାର ଜୀବନାନୁଭବକୁ ବ୍ୟକ୍ତ କରିବାରେ ଅନ୍ତଃ ତାଡନା ଅନୁଭବ ନ କଲେ ଜଣେ ଗଳ୍ପ ଲେଖିପାରେ ନାହିଁ । ପୁଣି ସବୁକିଛି କଥା କହିବା ମୂଳରେ ରହିଥାଏ ଗଭୀର ଜୀବନପ୍ରିୟତା ଅର୍ଥାତ୍ ଜୀବନପ୍ରତି ଏକ ନିଃସର୍ତ୍ତ ଶ୍ରଦ୍ଧା । ଏଇ ଶ୍ରଦ୍ଧାର ଅନୁପମ ଶକ୍ତି ହିଁ ତାଙ୍କୁ ଗଳ୍ପ କହିବା ପାଇଁ ଦେଇଛି ଜୀବନ୍ତ ଭାଷା, ଅପୂର୍ବ ଜୀବନ ଜିଜ୍ଞାସା, ଗଭୀର ମାନବୀୟ ସମ୍ବେଦନଶୀଳତା ଓ ସ୍ୱନିଷ୍ଠ ଅନୁଭବକୁ ବ୍ୟକ୍ତ କରିବାର ଅସାଧାରଣ କ୍ଷମତା ।

ମଣିଷର ଦୁଃଖ ଦେଖି କେଉଁ ଶିଳ୍ପୀ ଅଧୀର ହୋଇନାହିଁ ଏ ସଂସାରରେ ! ଦୁଃଖର ଅନୁଭବରେ କେଉଁ ସ୍ରଷ୍ଟାର ଆଖିପତା ଅବା ଓଦା ହୋଇନାହିଁ ଏକ ଅନନ୍ୟ ସହାନୁଭୂତିରେ !! ପୁଣି ଜୀବନର ଦାରୁଣ ଯନ୍ତ୍ରଣା କେଉଁ ସତ୍ ଲେଖକର ଅନ୍ତରରେ

Digitized by srujanika@gmail.com

ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରିଦେଇ ନାହିଁ !!! ସହାନୁଭୂତିର ଆବେଗ ଓ ବିଦ୍ରୋହୀ ଆତ୍ମାରୁ ତ ସମ୍ଭୂତ ହୋଇଛି ସବୁ ଉଚ୍ଚକୋଟୀର କଳା ଓ ସାହିତ୍ୟ । ମନୋଜ ଦାସଙ୍କ ଶିଳ୍ପୀ ମାନସ ଠିକ୍ ଏଇ ଭାବରେ ଦିନେ ସଂଯୁକ୍ତ ହୋଇ ଯାଇଥିଲା ଜୀବନର ଅନନ୍ତ ଦୁଃଖରାଶି ସହିତ । ସହାନୁଭୂତିଶୀଳ ଆତ୍ମାରୁ ତାଙ୍କର କ୍ଷରିତ ହେଉଥିଲା ଉଷ୍ଣ ଲୋତକଧାରା । ହୃଦୟ ଆଲୋଡିତ ହେଉଥିଲା ଏ ଗଭୀର ପ୍ରଶ୍ନରେ ଯେ, ''ମଣିଷ ଦୁଃଖ ଭୋଗେ କାହିଁକି ?''

ମନୋଜ ଦାସଙ୍କ ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା'ରୁ ଏଇ ସହାନୁଭୂତି ଭରା ବିଦ୍ରୋହୀ ଆତ୍ମାର ପରିଚୟ ଅତ୍ୟନ୍ତ ସୁସ୍ପଷ୍ଟ । ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟ ଭିତରେ ଜୀବନ ନିର୍ବାହ କରିବା ଯେଉଁ ମଣିଷ ପାଇଁ ନିର୍ଦ୍ଧାରିତ ହୋଇଛି ତାକୁ ସେଥିରୁ ବିଛିନ୍ନ କରିନେବାରେ ବିପର୍ଯ୍ୟସ୍ତ ହୋଇପଡେ ତାର ସ୍ୱାଭାବିକ ଜୀବନଧାରା । ଯୁଦ୍ଧପାଇଁ ଆପଣାର ପ୍ରିୟ ଘରଦ୍ୱାର ସମୁଦ୍ର ମୁହାଣ, ଅପନ୍ତରା ବାଲି, ଧାନଜମି, ସାଗରର ଉତ୍ତାଳ ତରଙ୍ଗ, ମୁକ୍ତ ବିଶୁଦ୍ଧ ପବନ ଓ ସ୍ୱଚ୍ଛ ସୂର୍ଯ୍ୟ କିରଣରୁ ମଣିଷକୁ ବିଛିନ୍ନ କରିଦେବାର ପ୍ରୟାସ ତାର ଜୀବନକୁ କରିଦିଏ କରୁଣ ଓ ଅଭିଶପ୍ତ । ଏଇଭଳି ଏକ ଅତି ସମ୍ବେଦନଶୀଳ ବିଷୟବସ୍ତୁକୁ ଅବଲମ୍ବନ କରି ମନୋଜଙ୍କ ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା' ଦିନେ ପାଠକ ଭିତରେ ସୃଷ୍ଟି କରିଥିଲା କ୍ରୋଧ ଓ କାରୁଣ୍ୟର ଅପୂର୍ବ ଝଲକ । ସମୁଦ୍ର କୂଳର ଅଧିବାସୀମାନଙ୍କ ଆଖି ଭିତରେ ଫୁଟି ଉଠୁଥିବା ନୀଳ ଆଭାକୁ ସେ ଚିହ୍ନି ପାରିଥିଲେ । ସେଥିପାଇଁ ସେ ଅନୁଭବ କରିଥିଲେ ସମୁଦ୍ରର ଘୋଳା ନୀଳ ଦୃଶ୍ୟ ଭିତରୁ ସେମାନଙ୍କର ଆଖିର ନୀଳ ସୃଜନ ହୋଇଛି । ସେ ଆଖିକୁ ସେଥିରୁ ବିଛିନ୍ନ କରିଦେବାର ଅର୍ଥ ହେଉଛି ତାଙ୍କର ନୟନ ଭିତରେ ଥିବା ସେ ନୀଳିମାର ନିଷ୍ଠୁର ହତ୍ୟା । ମଣିଷର ଦୁଃଖ ଦୈନ୍ୟ ଓ ନୈରାଶ୍ୟ ସହ ସେ କିପରି ସଂପର୍କିତ ହୋଇ ରହିଥିଲେ ତାହା ତାଙ୍କର ପ୍ରଥମ ପର୍ଯ୍ୟାୟର ଏହିପରି ଅନେକ ଗଳ୍ପରୁ ସ୍ୱତଃ ଅନୁଭବ କରିହୁଏ । 'ଆବିଷ୍କାର' ନାମକ ଗଳ୍ପଟି ସେହିପରି ନିରନ୍ନ ମଣିଷର ନିର୍ମମ ଚିତ୍ର ବହନ କରି ପାଠକର ମର୍ମସ୍ଥଳକୁ ବିଦ୍ଧକରେ । ମନୋଜ ଦାସ ଜଣେ ସହାନୁଭୂତିଶୀଳ ମାନବସତ୍ତା ଭାବରେ ମଣିଷର ଏଇ ଦୁଃଖ ଭୋଗପ୍ରତି ଯେ ଅସାଧାରଣ ସହାନୁଭୂତି ଅନୁଭବ କରିଥିବେ ଏ କଥାରେ ଦ୍ୱିଧାନାହିଁ କିନ୍ତୁ ଏଇ ସହାନୁଭୂତି ତାଙ୍କୁ ନେଇ ଯାଇଥିଲା ମାର୍କସ୍‌ଙ୍କ ପର୍ଯ୍ୟନ୍ତ । ଜଣେ ସଚେତନ ଶିକ୍ଷିତ ଯୁବକ ଭାବରେ ସେ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଥମେ ଅନୁପ୍ରାଣିତ ହୋଇ ପଡିଥିଲେ । ଗଳ୍ପ ରଚନା ପୂର୍ବରୁ ଯେଉଁ କେତୋଟି କବିତା ସେ ସୃଷ୍ଟି କରିଥିଲେ ସେଥିରେ ବି ସ୍ୱତଃ ବାରି ହୋଇ ପଡୁଥିଲା ମାର୍କ୍‌ସୀୟ ଦର୍ଶନର ଗଭୀର ପ୍ରଭାବ । ମଣିଷକୁ ପ୍ରାଣଦେଇ ଭଲପାଇବାର ଭାବାବେଗ ତାଙ୍କ ଭିତରେ ତ ରହିଥିଲା । ସେଇ

Digitized by srujanika@gmail.com

ମଣିଷକୁ, ତାର ସୁଖ ଦୁଃଖକୁ ଯଥାର୍ଥ ଭାବେ ବିଚାର କରିପାରିବା ପାଇଁ ମାର୍କ୍ସୀୟ ଦୃଷ୍ଟିଭଙ୍ଗୀ ମନୋଜଙ୍କ ଅନ୍ତରରେ ଅନେକ ମାର୍ଗ ଉନ୍ମୋଚନ କରିଦେଇଥିଲା ନିଶ୍ଚୟ । କାର୍ଲ-ମାର୍କ୍ସ ମଣିଷର ମଣିଷତ୍ୱକୁ ତାର ନାଗରିକତ୍ୱଠାରୁ ଉଚ୍ଚତର ଓ ମହତ୍ତର ବୋଲି ପ୍ରତିପାଦନ କରିଥିଲେ । ସେଇପରି ବ୍ୟକ୍ତି ମଣିଷର ଦୁଃସହ ବେଦନାକୁ ଖାଣ୍ଟି ମଣିଷଭାବରେ ଦେଖିବାର ଅସୀମ ଶକ୍ତି ଅର୍ଜନ କରିଥିଲେ ମନୋଜ ଦାସ । ଏଇ ଅନୁଭବ ତାଙ୍କ ଗଳ୍ପସୃଷ୍ଟିକୁ ବହୁ ଦୃଷ୍ଟିରୁ କରିଛି ଅର୍ଥପୂର୍ଣ୍ଣ ଓ ଚେତନାଦୀପ୍ତ । ସମାଜ ନିର୍ଣ୍ଣିତ ନୈତିକତା ଓ ଅନୈତିକତାର ଉର୍ଦ୍ଧ୍ୱରେ ମଣିଷ ଜୀବନର ଦୁଃଖାବହ ସ୍ଥିତିକୁ ପର୍ଯ୍ୟବେକ୍ଷଣ କରିବା ତାଙ୍କ ଶିଳ୍ପୀ-ଜୀବନର ଧର୍ମ । 'ବିଷକନ୍ୟାର କାହାଣୀ' ପରି ଏକ ଏକ ଗଳ୍ପରେ ଦେହଜୀବୀ ବାରାଙ୍ଗନାର ଅନ୍ତର୍ଦାହ ଅନୁଭୂତି ଏତେ ପ୍ରାଣସ୍ପର୍ଶୀ ହୋଇ ପାରିଛି ଯେ ତାହା ବିଷକନ୍ୟା ହୃଦୟର ଗହନ ବିଷାଦବୋଧକୁ ସ୍ପର୍ଶ କରିବା ପାଇଁ ପାଠକକୁ ଦେଇଛି ଅଶେଷ ଆତ୍ମୀୟତା । ସହାନୁଭୂତିର ଅନୁଭବରେ ବିଗଳିତ ହୋଇଛି ତା'ର ଆତ୍ମା ।

ଜଣେ କାହିଁକି ଗଳ୍ପ ଲେଖେ ତା'ର କାରଣ ବ୍ୟକ୍ତ କରିବା ସହଜ ନୁହେଁ । କିନ୍ତୁ ମଣିଷକୁ ଗଭୀର ଭାବେ ଭଲ ପାଇବାରୁ ହିଁ ସୃଷ୍ଟିହୁଏ ସାର୍ଥକ ଗଳ୍ପ-ଏଥିରେ କାହାର ସଂଶୟ ରହିବା ଅନୁଚିତ । ତେବେ ମଣିଷକୁ ଭଲ ପାଇଗଲେ ଲେଖକର କର୍ତ୍ତବ୍ୟ ସରି ଯାଏନା । ସେ ଏଭଳି ଜୀବନ୍ତ ଭାଷା ଓ ଶୈଳୀରେ ମଣିଷର ବେଦନାବୋଧକୁ ଆପଣାର ସହାନୁଭୂତି ସଂଯୋଗରେ ପ୍ରଭାବଶାଳୀଭାବେ ପ୍ରକାଶ କରେ ଯେ ନିର୍ଦ୍ଦୟ ପାଠକ ହୃଦୟର ଗହ୍ୱର ଭିତରୁ ବି ସୁପ୍ତ ସମ୍ବେଦନଶୀଳତା ଜାଗ୍ରତ ହୋଇଯାଏ । ମଣିଷ ପ୍ରତି ଅସାଧାରଣ ମମତ୍ୱବୋଧ ତା'ର ଭିତରକୁ ପ୍ରବେଶ କରିବାପାଇଁ ଖୋଲିଦିଏ ଅସଂଖ୍ୟ ମାର୍ଗ । ମନୋଜ ଦାସଙ୍କ କ୍ଷେତ୍ରରେ ମଧ୍ୟ ତାହାହିଁ ହୋଇଛି । ବ୍ୟକ୍ତି ମଣିଷର ଅନ୍ତଃସ୍ଥଳକୁ ସେ ଅତି ନିବିଡ଼ରୁ ନିବିଡ଼ତର ଭାବେ ଯେପରି ଅନୁଭବ କରିଛନ୍ତି ତା'ର ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ଏଇ ପର୍ଯ୍ୟାୟର ଗଳ୍ପମାନଙ୍କୁ ପ୍ରଦାନ କରିଛି ଅସାମାନ୍ୟ ଜୀବନ ଦୀପ୍ତି । 'ଚୁପ୍ ସଇତାନ' ଗଳ୍ପରେ ନୀରବ ଓ ନିଃସଙ୍ଗ ବିଶୁର ସରଳତା ଓ ନିଷ୍କପଟତାକୁ ସେ ଲେଖନ୍ତୁ, 'ଯାଯାବର ପୁତ୍ରର କାହାଣୀ'ରେ ପଲ୍ଟୁ ଓ ଉମିର ଉଷ୍ମ ଅକଳୁଷ ଆବେଗ ଓ ପ୍ରଣୟ ଭାବନାକୁ ଲେଖନ୍ତୁ ବା 'ନାଗଲୋକ ପ୍ରତ୍ୟାଗତ'ରେ ଏଇ ମର୍ତ୍ତ୍ୟଜୀବନ ପ୍ରତି ମଣିଷର ଅଦ୍ଭୁତ ଆକର୍ଷଣକୁ ସେ ବର୍ଣ୍ଣନା କରନ୍ତୁ ସବୁକିଛି ରସାର୍ଦ୍ର ହୋଇଯାଇଛି ସ୍ରଷ୍ଟା ହୃଦୟର ଅକଳନ୍ତି ଅନୁରାଗରେ ସିକ୍ତ ହୋଇ ।

ମନୋଜ ଦାସଙ୍କ 'ସମୁଦ୍ରର କ୍ଷୁଧା', 'ଜୀବନର ସ୍ୱାଦ', 'ବିଷକନ୍ୟାର କାହାଣୀ', 'ଆରଣ୍ୟକ', 'ଶେଷ ବସନ୍ତର ଚିଠି', 'ମନୋଜ ଦାସଙ୍କ କଥା ଓ

Digitized by srujanika@gmail.com

କାହାଣୀ' ପ୍ରଭୃତି ଗଳ୍ପ ସଙ୍କଳନରେ ମଣିଷର ବହୁବିଧ ରୂପ ଉତ୍କୀର୍ଣ୍ଣ ହୋଇଛି । ମାର୍କସବାଦୀ ପ୍ରତି ଆକୃଷ୍ଟ ହୋଇଥିବା ଏହି ସଚେତନ କଥାଶିଳ୍ପୀ ମଣିଷର ଅନ୍ତଃସ୍ଥଳକୁ ଯେତେ ଗଭୀରରୁ ଗଭୀରତର ଭାବେ ପ୍ରବେଶ କରିଛନ୍ତି, ସେଥିରୁ ନିଜେ ସେ ଅନୁଭବ କରିଥିବେ ଯେ, ଜୀବନକୁ କୌଣସି ଆଦର୍ଶ ବା ଦର୍ଶନର ଭିତ୍ତିରେ ବିଚାର କରା ଯାଇପାରେନା । ସବୁ ମତବାଦ ଓ ଦର୍ଶନର ଊର୍ଦ୍ଧ୍ୱରେ ଜୀବନର ବ୍ୟାପକତା ଓ ବିଚିତ୍ରତାକୁ ଶିଳ୍ପୀର ଦରଦୀ ଦୃଷ୍ଟିନେଇ କେବଳ ପ୍ରାଣପୂର୍ଣ୍ଣ ଭାବରେ ଅନୁଭବ କରାଯାଇପାରେ । ଏଇ ଅନ୍ତର୍ବିଶ୍ୱାସ ତାଙ୍କ ଗଳ୍ପର ଧାରାକୁ ବିବିଧ ରୂପରେ ବର୍ଣ୍ଣାଢ୍ୟ କରି ତୋଳିଛି । ମଣିଷ ଚରିତ୍ରର କେତେ ନିଗୂଢ଼ତମ ଓ ବିଚିତ୍ରତମ କଥା ଥାଇପାରେ ତାହା ତାଙ୍କର ବିଭିନ୍ନ ଗଳ୍ପରେ ପରିଦୃଷ୍ଟ ହୁଏ । ତୁଚ୍ଛାତିତୁଚ୍ଛ ବୋଲି ମନେ ହେଉଥିବା ଘଟଣାମାନଙ୍କୁ ମଧ ସେ ଅବହେଳା କରନ୍ତି ନାହିଁ । ସବୁକିଛି ଭିତରେ ଏକ ଗୂଢ଼ ତାତ୍ପର୍ଯ୍ୟ ଅନୁସନ୍ଧାନ କରିବା ତାଙ୍କ ଶିଳ୍ପ-ସାଧନାର ବିଶେଷତ୍ୱ । ବୟସ୍କ ମଣିଷର ବିଚିତ୍ର ମାନସିକତାକୁ ବା ଶିଶୁ ହୃଦୟର ନିର୍ମଳ ସ୍ନେହାବେଗକୁ ସେ ଲେଖନ୍ତୁ, ମାନବ ଜୀବନର ଚିତ୍ର ବା ମାନବେତର ପ୍ରାଣୀଙ୍କ ବୋଧଶକ୍ତିକୁ ଆଙ୍କନ୍ତୁ, ଦୃଶ୍ୟମାନ ଜଗତର ସୁସ୍ପଷ୍ଟ ଅଭିଜ୍ଞତାକୁ ସେ ରୂପ ଦିଅନ୍ତୁ ବା ଅଦୃଶ୍ୟ ଜଗତର ସୂକ୍ଷ୍ମ ସ୍ପନ୍ଦନ ସବୁକୁ ଧରି ରଖିବାର ପ୍ରୟାସ କରନ୍ତୁ ସବୁଠି ତାଙ୍କର ଅନ୍ତର୍ଦୃଷ୍ଟିର ପରିଚୟ ଏକାନ୍ତ ଅଭିନବ ଓ ଅଭାବନୀୟ । ଶିଶୁକନ୍ୟାଟିଏ ଭିତରେ ମାତୃତ୍ୱର ସ୍ନେହସ୍ନିଗ୍ଧ ଝଲକକୁ 'ଶେଷ ବସନ୍ତର ଚିଠି' ପରି ଗଳ୍ପ ଭିତରେ ଯେପରି ସେ ରୂପଦାନ କରି ପାରିଛନ୍ତି ତାହା ପାଠକ ପ୍ରାଣକୁ ଛଳଛଳ କରି ପକାଇଛି ବାତ୍ସଲ୍ୟ ପ୍ରେମର ମହିମ୍ନ ସ୍ପର୍ଶରେ । ପ୍ରତ୍ୟେକଟି ଶିଶୁର ଜୀବନ ହେଉଛି ସ୍ୱତନ୍ତ୍ର ଓ ସୁନ୍ଦର । ଏହି ସ୍ୱତନ୍ତ୍ରତା ଓ ସୁନ୍ଦରତାକୁ ତାଙ୍କର 'ଅନ୍ତରଙ୍ଗ ଦାନବ', 'ଦୂର ନିର୍ଜନ ସୁର' ବା 'ଶେଷ ବସନ୍ତର ଚିଠି' ଆଦି ଗଳ୍ପରେ ଖୁବ୍ ନିବିଡ ଭାବେ ଅନୁଭବ କରିହୁଏ । ମନୋଜଙ୍କ ଶିଶୁ-ଚରିତ୍ରମାନେ ଏଭଳି ଏକ ପବିତ୍ର ସ୍ପର୍ଶ ଦେଇଯାନ୍ତି ପାଠକ ମନରେ ଯେ, ଜୀବନର ଅନେକ ଜ୍ୱଳନ ସେଥିରେ ଆପେ ଆପେ ପୋଛି ହୋଇଯାଏ । ଦୁଶ୍ଚିନ୍ତାର ଆବର୍ତ୍ତରୁ ମୁକ୍ତିଲଭେ କଟିଳି ମନ । ସୁପ୍ତ ଆବେଗ ସ୍ଫୁରିତ ହୋଇଆସେ ଅଭିଜ୍ଞତାର ଅସଂଖ୍ୟ ସ୍ତର ଭେଦକରି । 'ଅନେକ ଫୁଲ ଅନେକ..' ଗଳ୍ପର ପ୍ରଫୁଲ୍ଲବାବୁ ଟିକି ଝିଅଟିର କୋମଳ ଚୁମ୍ବନ ଲାଭ କରି ଆତ୍ମାର ସବୁ ଜ୍ୱାଳାକୁ ଭୁଲି ଯାଇଛନ୍ତି ଗୋଟିଏ ମୁହୂର୍ତ୍ତରେ । ମନୋଜ ଗଳ୍ପରେ ପ୍ରତିଟି ଶିଶୁ ଯେମିତି ଏହିପରି ଶିଶିରସ୍ନାତ ଫୁଲର ସ୍ନିଗ୍ଧ ପାଖୁଡା ପରି, ଯାହାର ସାନ୍ନିଧରେ ମୁହଁର ସବୁ ଉତ୍ତାପ, ହୃଦୟର ସବୁ ଜ୍ୱଳନ ହୋଇଯାଏ ଅନ୍ତର୍ହିତ ।

ଅବକ୍ଷୟଗ୍ରସ୍ତ ସାମନ୍ତବାଦର ଚିତ୍ର ମନୋଜଙ୍କ ଗଳ୍ପର ଏକ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ । ଉତ୍ତରକାଳରେ ଜୀବନର ସରଳତା ଓ ଆଟୋପହୀନତାକୁ ସେ ଯେପରି

Digitized by srujanika@gmail.com

ମାର୍ମିକ ଦୃଷ୍ଟିଭଙ୍ଗୀନେଇ ପର୍ଯ୍ୟବେକ୍ଷଣ କରିଛନ୍ତି ତାହା ଅଭିଜାତ ସଂପ୍ରଦାୟର ଅନ୍ତର୍ଗତ ପରିବର୍ତ୍ତନକୁ ଫୁଟାଇବାରେ ସକ୍ଷମ ହୋଇପାରିଛି । କେଉଁ ଗଳ୍ପରେ ସେଭଳି ଚରିତ୍ରର ଅସହାୟତା ରୂପାୟିତ ତ କେଉଁଠି ସେମାନଙ୍କ ଅହଂମୁକ୍ତ ମନର ପବିତ୍ରତା ପ୍ରତିଭାତ । ପୁଣି କେଉଁଠି ସେମାନଙ୍କ ଉଦାର ଭାବନାର ପରିପ୍ରକାଶ ବଡ ହୃଦ୍ୟ । 'ରାୟ ବାହାଦୂରଙ୍କ ନିଶ', 'ମହମବତୀ', 'ସଉକ' ଆଦି ବିଭିନ୍ନ ଗଳ୍ପରେ କ୍ଷୟୀଷ୍ଣୁ ଜମିଦାରୀର ଚିତ୍ର ଦେବାରେ ଗାଳ୍ପିକଙ୍କ ସିଦ୍ଧି ସ୍ୱତଃ ପ୍ରମାଣିତ ହୋଇଯାଏ ।

ଅନେକତ୍ର ସେ ମଣିଷ ଭିତରେ ଲୁକ୍‌କାୟିତ ପାଶବିକତାକୁ ଉନ୍ମୋଚନ କରିଛନ୍ତି । 'ଅରଣ୍ୟକ' ଗଳ୍ପଟି ତା'ର ଏକ ବିଳିଷ୍ଟ ଉଦାହରଣ । ଆଧୁନିକ ମଣିଷ ଭିତରେ ଥିବା ଆଦିମ କାମନା କେତେ ବିକୃତ ଓ ବର୍ବର ହୋଇପାରେ ତାହା ଏଥିରୁ ଲକ୍ଷ୍ୟ କରାଯାଇପାରେ । ଜଙ୍ଗଲ ଭିତରେ ଚରିତ୍ରମାନେ ବିତାଇଛନ୍ତି ଏକ ରାତି । ଭୋଜି, ଶିକାର ଓ କାମନାର ଚରିତାର୍ଥତା ପାଇଁ ସେମାନେ ହୋଇଛନ୍ତି ଉଦ୍‌ଭ୍ରାନ୍ତ । ସଭ୍ୟ ମଣିଷ ଭିତରେ ରାତିର ଅନ୍ଧକାରଭଳି ଉଙ୍କି ମାରୁଥିବା ଏ ଅନ୍ଧକାର ଦେଖି ମଣିଷର ଜାଙ୍ଗଲିକ ମନର ଯୌନ ପ୍ରବୃତ୍ତି ଓ ହିଂସାର ପ୍ରକାଶକୁ ଅନୁଭବ କରିହୁଏ ଏହା ମଧ୍ୟରେ । କିନ୍ତୁ ମନେ ରଖିବାକୁ ହୁଏ ଯେ ଏ ଦୃଷ୍ଟିଭଙ୍ଗୀ ମନୋଜ ଗଳ୍ପର ଶେଷକଥା ନୁହେଁ । ମଣିଷ ଭିତରର ଏଇ ଅନ୍ଧକାର ଦିଗରେ ଉନ୍ମୋଚନ ତାଙ୍କର ଲକ୍ଷ୍ୟ ନଥିଲା । ସେଥିପାଇଁ ପରବର୍ତ୍ତୀ ସମୟରେ ଅଲୋକ ଅଭିମୁଖୀ ମଣିଷର ମହତ୍ତର ଚିତ୍ର ବାଢିବାରେ ମନୋଜ ଅଧିକ ପ୍ରବଣତା ପ୍ରଦର୍ଶନ କରି ପାରିଛନ୍ତି ।

'ଲକ୍ଷ୍ମୀର ଅଭିସାର' (୧୯୭୪), 'ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ' (୧୯୭୫), 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' (୧୯୭୭) ପ୍ରଭୃତିରେ ତାଙ୍କର ଆଶାବାଦୀ ଦୃଷ୍ଟି ପ୍ରସାରିତ ହୋଇଥିବା ଲକ୍ଷ୍ୟ କରାଯାଏ । ଲେଖକର କୌଣସି ପ୍ରକାର ମହତ୍ ଆକାଂକ୍ଷା ନ ଥିଲେ ଗଳ୍ପ ଲେଖିବାର ଅର୍ଥ ପ୍ରକୃତରେ କିଛିନାହିଁ । ଅମାପ ସାଧନାର ମହତ୍ତ୍ୱଧାରୀ ଶିଳ୍ପୀ ନୈରାଶ୍ୟ ପୀଡିତ ମନରେ ଆଶା ଓ ବିଶ୍ୱାସ ସୃଷ୍ଟି କରିଦେଇପାରେ, ମନୋଜ ସେଇ ଆଶାର ଦୀପଶିଖାକୁ ଅବିଚଳିତ ରଖିବାରେ ଢାଳି ଦେଇଛନ୍ତି ଅଜସ୍ର ଅନୁରାଗ ।

ସେ ମଣିଷକୁ ବ୍ୟଙ୍ଗ କରିଛନ୍ତି ସତ୍ୟ; କିନ୍ତୁ ସେଇ ବ୍ୟଙ୍ଗ ଭିତରେ ସହୃଦୟତାର ବିନ୍ୟାସ ଏତେ ଅନ୍ତର୍ଗୂଢ଼ ଯେ ତାକୁ ସଠିକ ଭାବେ ଅନୁଭବ କରିପାରିଲେ ଆଖିରୁ ଲୁହ ନ ଝରାଇ ପାଠକ ରହିପାରେ ନାହିଁ । ମଣିଷର ଅସହାୟତାକୁ ରୂପଦେବାରେ ମନୋଜ ଅତ୍ୟନ୍ତ ସଫଳ । ତା' ଜୀବନର ଦୁର୍ବଳ ବିନ୍ଦୁଟିକୁ ଆବିଷ୍କାର କରି ପାରିବାରେ ମଧ୍ୟ ସେ ଅତି ନିପୁଣ । ତେବେ ମଣିଷର ଏଇ ଦୁର୍ବଳତା ଓ ଅସହାୟତାକୁ ଉନ୍ମୋଚନ କରିବା ବେଳେ କୌଣସି ଦୃଷ୍ଟିରୁ ଶିଳ୍ପୀଙ୍କ ଅନାନ୍ତରିକତା ଲକ୍ଷ୍ୟ କରିହୁଏନା । ବରଂ

Digitized by srujanika@gmail.com

ସବୁ ମଣିଷ ପ୍ରତି ଏକ ଅକଳନ୍ତି ଭଲପାଇବାର ଭାବ ତାଙ୍କୁ ଖୁବ୍ ଅନ୍ତର୍ମୁଖୀ କରି ଦେଇଛି । ପୁଣି ମଣିଷ ଦିନେ ଯେପରି ଦୁର୍ବଳ ଓ ଅସହାୟ ଥିଲା ସେହିପରି ସେ ଚିରକାଳ ଅକ୍ଷମ ହୋଇ ରହିବ ତାହାନୁହେଁ । ସବୁ ଅସହାୟତାରୁ ମୁକ୍ତ ହେବାପାଇଁ ତା' ଭିତରେ ଭରି ରହିଛି ଅସୀମ କ୍ଷମତା, ଗଭୀର ଆସ୍ପୃହା । 'ଲକ୍ଷ୍ମୀର ଅଭିସାର' ପରି ଗଳ୍ପରେ ଏଇ ବିଶ୍ୱାସ କେତେ ଶକ୍ତିଶାଳୀ ତାହା ମର୍ମେ ମର୍ମେ ଅନୁଭବ କରିହୁଏ । ଶିଶୁ ଲକ୍ଷ୍ମୀ ପ୍ରତି ନିଷ୍ଠୁର ଆଚରଣ କରିଥିବା ପୂଜାରୀ ପଣ୍ଡିତର ମର୍ମଦାହୀ ଅନୁତାପ ଦେଖି ଆତ୍ମାର ସ୍ନିଗ୍ଧ ସ୍ଫୁଲିଙ୍ଗକୁ ଫୁଟାଇ ଉଠାଇବାରେ ଶିଳ୍ପୀଙ୍କ ସାମର୍ଥ୍ୟ କଳନା କରାଯାଇପାରେ । 'ମଧୁବନର ମେୟର', 'ଷ୍ଟାଚ୍ୟୁ', 'ଆବୁ ପୁରୁଷ', 'ଦାନ୍ତ' ପ୍ରଭୃତି ଅନେକ ଗଳ୍ପରେ ସବୁକିଛି କୃତ୍ରିମ ଆଟୋପ ଓ ଆଡମ୍ବରରୁ ଉତ୍ତୀର୍ଣ୍ଣ, ସବୁକିଛି ସଂକୀର୍ଣ୍ଣତା ଓ ଅହମିକାରୁ ମୁକ୍ତ ମଣିଷର ଅନ୍ତଃସ୍ୱର ଗଳ୍ପମାନଙ୍କୁ ଏକ ଭିନ୍ନ ସୌନ୍ଦର୍ଯ୍ୟ ଦାନକରେ, ଯାହା ପ୍ରକୃତରେ ସମଗ୍ର ଭାରତୀୟ ସାହିତ୍ୟରେ ଏକାନ୍ତ ଉଲ୍ଲେଖନୀୟ । ଆପଣାକୁ ପରିମାର୍ଜିତ କରିଦେବାର କଳା ହେଉଛି ସବୁ ପ୍ରକାର କଳାରୁ ଶ୍ରେଷ୍ଠ । ବିଶିଷ୍ଟ ଅସ୍ତିତ୍ୱବାଦୀ ଲେଖକ ଫ୍ରାଞ୍ଜ କାଫ୍‌କା ଥରେ କହିଥିଲେ ନିଜକୁ ସଂଶୋଧିତ କରିବା ଈଶ୍ୱର ଉପାସନାଠାରୁ ମଧ୍ୟ ଅଧିକ ମହତ୍ ବୋଲି । ଏହି ଉପାସନାରେ ଅଭିନିବିଷ୍ଟ ଚରିତ୍ରମାନଙ୍କୁ ଅନ୍ୱେଷଣ କରିବା ମନୋଜ ଗଳ୍ପପାଠର ଏକ ମହତ୍ତ୍ୱପୂର୍ଣ୍ଣ ସାର୍ଥକତା । ମଣିଷ ଇଚ୍ଛାକଲେ ଏଇ ଜନ୍ମରେ ହିଁ ତା'ର ପୁନର୍ଜନ୍ମ ସମ୍ଭବ । ପୁରାତନ ସକଳ ଇତର ଭାବନାରୁ ଉତ୍ତୀର୍ଣ୍ଣ ହୋଇ ନବଜନ୍ମ ଲାଭ କରିବାର ଶକ୍ତି, ସାମର୍ଥ୍ୟ ଅନ୍ତର୍ଗୁମ୍ଫିତ ହୋଇ ରହିଛି ତା' ମଧ୍ୟରେ । କେବଳ ଦରକାର ଏକ ଗଭୀର ନିର୍ମଳ ଆସ୍ପୃହା । ମନୋଜଙ୍କ ଚିତ୍ରିତ ବହୁ ଚରିତ୍ର ମଧ୍ୟରେ ଏହି ନବଜନ୍ମ ସମ୍ଭବ ହୋଇଛି ସେମାନଙ୍କ ମହତ୍ତର ଅନ୍ତରାଲୋଡନରୁ ।

ମଣିଷ କାହିଁକି ଦୁଃଖ ଭୋଗେ ଏ ପ୍ରଶ୍ନ ଦିନେ ମାର୍କସବାଦ ପ୍ରତି ଆକୃଷ୍ଟ କରିଥିଲା ଲେଖକଙ୍କୁ । ଚେତନା ଜଗତରେ କୌଣସି ସ୍ଥାୟୀ ପରିବର୍ତ୍ତନ ବିନା ସାମୟିକ କୌଣସି ବିପ୍ଳବର ଉତ୍ତେଜନାରେ ଯେ ଏ ଦୁଃଖ ଦୂର ହୋଇ ପାରିବ ନାହିଁ ଏ ବିଷୟରେ ଅତ୍ୟନ୍ତ ସଚେତନ ହୋଇ ଉଠିଥିଲେ ଜିଜ୍ଞାସୁ କଥାସାଧକ ମନୋଜ ଦାସ । ଶ୍ରୀ ଅରବିନ୍ଦ ଶ୍ରୀମାଙ୍କ ଦର୍ଶନର ଆଲୋକଧାରା ତାଙ୍କୁ ସ୍ପର୍ଶ କରିଥିଲା ବଡ ମହତ୍ତ୍ୱପୂର୍ଣ୍ଣ ଶୈଳୀରେ । ଏ ଦର୍ଶନର ପ୍ରଭାବ ତାଙ୍କ ଗଳ୍ପରେ ଯଦିଓ ପ୍ରତ୍ୟକ୍ଷ ନୁହେଁ ବୋଲି ଅନେକ ମତ ଦେଇ ପାରନ୍ତି କିନ୍ତୁ ୧୯୬୦ ପରବର୍ତ୍ତୀ ଗଳ୍ପମାନଙ୍କରେ ମନୋଜ ମାନସର ଗଭୀରତାକୁ ସୂକ୍ଷ୍ମଦର୍ଶୀ ପାଠକମାନେ ଭିନ୍ନଭାବେ ଅନୁଭବ କରିଛନ୍ତି । ଈର୍ଷା, ଦ୍ୱେଷ, ଅହଙ୍କାର ଇତ୍ୟାଦି ଆପଣାର ସଂକୀର୍ଣ୍ଣ ଭାବନା ସଂପର୍କରେ ଅତ୍ୟଧିକ ସଚେତନତା ଓ ଅସ୍ଥିରତା କୌଣସି ମଣିଷକୁ ମହତ କରି ଗଢିତୋଳି ପାରେନାହିଁ ।

Digitized by srujanika@gmail.com

ତା' ଭିତରେ ଥିବା ଅତି ମହତ୍ତର ଉପଲବ୍ଧିମାନଙ୍କ ସଂପର୍କରେ ସଚେତନ ହେବା ଦ୍ୱାରା ତା'ର ଜୀବନଶୈଳୀରେ ସ୍ୱତଃ ସୃଷ୍ଟିହୁଏ ଏକ ଅନନ୍ୟ ଆଭା । ପୃଥିବୀର ବହୁ ମହାନ୍ ଶିଳ୍ପୀ ଏଇ ଆଲୋକରଶ୍ମିକୁ ଧରି ରଖିବା ପାଇଁ ହିଁ ବ୍ୟାକୁଳ ହୋଇଛନ୍ତି । ଗତାନୁଗତିକ ଭାବେ କେବଳ ବଞ୍ଚିରହିବା ଜୀବନର ଉଦ୍ଦେଶ୍ୟ ହୋଇ ନପାରେ । ମହାନ୍ ଅସ୍ତିତ୍ୱବାଦୀ ଦାର୍ଶନିକ କିର୍କେଗାର୍ଡ ସେଥିପାଇଁ କିଛି ମହତ୍ତର ଉପଲବ୍ଧି ସକାଶେ ମଣିଷ ଏ ପୃଥିବୀକୁ ଆସିଛି ବୋଲି ମୁକ୍ତକଣ୍ଠରେ ଘୋଷଣା କରୁଥିଲେ । ଜୀବନର ଚଲାପଥରେ ଯେତେବେଳେ ବିରକ୍ତି, ଅସହିଷ୍ଣୁତା ଓ ବିଷାଦ ଆଦି ପଥରୋଧ କରନ୍ତି ସେତେବେଳେ ବ୍ୟକ୍ତି ଏକ ଭିନ୍ନ ଜଗତର ଅନ୍ୱେଷଣରେ ଆକୁଳ ହୁଏ । ମନୋଜ ଦାସ ଏଭଳି ଭାବରେ ଏକ ସାଧନା ନିମଗ୍ନ ଜୀବନ ଅତିବାହିତ କରିବା ପାଇଁ ଶ୍ରୀ ଅରବିନ୍ଦ ଶ୍ରୀମାଙ୍କ ସାଧନା କ୍ଷେତ୍ର ପଣ୍ଡିଚେରୀ ଆଶ୍ରମରେ ଦିବ୍ୟ ଜୀବନକୁ ମର୍ତ୍ତ୍ୟଭୂମିରେ ପ୍ରତିଷ୍ଠା କରିବା ପାଇଁ ଆପଣାକୁ ସଂଯୁକ୍ତ କରି ଦେଇଛନ୍ତି । ଏହା ବୈରାଗୀର ସଂସାର ତ୍ୟାଗନୁହେଁ, ନୂତନ ଜଗତର ସନ୍ଧାନ ପାଇଁ ଏହା ଏକ ଅର୍ଥପୂର୍ଣ୍ଣ ଅଭିଯାନ । ଜୀବନର ଦିବ୍ୟ ଉଦ୍ଦେଶ୍ୟ ସଂପର୍କରେ ମନୋଜ ଅତ୍ୟନ୍ତ ସଚେତନ ହେବାପରେ ତାଙ୍କ ଗଳ୍ପଗୁଡିକରେ ଏକ ଭିନ୍ନ ଆଲୋକ ଶିଖାକୁ ପ୍ରତ୍ୟକ୍ଷ କରାଯାଇପାରେ । ପୂର୍ବବର୍ତ୍ତୀ ବହୁ ଗଳ୍ପରେ ଏ ମହତ୍ ଚେତନାର ଅଭିବ୍ୟକ୍ତି ସାର୍ଥକ ଭାବେ ଯେ ପ୍ରକାଶିତ ନ ହୋଇଛି ତାହା ନୁହେଁ । କାରଣ ଗାଳ୍ପିକଙ୍କ ଆତ୍ମାର ସେ ଦିବ୍ୟଶିଖା ପ୍ରଜ୍ଜ୍ୱଳିତ ହୋଇ ରହିଥିବ ତାଙ୍କର ଜନ୍ମକାଳରୁ । ତେଣୁ ଯେକୌଣସି କର୍ମ ଭିତରେ ତା'ର ଅଭିବ୍ୟକ୍ତି ଘଟିବା ଅତ୍ୟନ୍ତ ସ୍ୱାଭାବିକ । ଗଳ୍ପ ରଚନା ଭଳି ସୃଜନଶୀଳ କଳାରେ ତାହାର ପ୍ରତିଫଳନ ବଡ ହୃଦୟଗ୍ରାହୀ । କିନ୍ତୁ ସ୍ୱର୍ଗୀୟ ସୌନ୍ଦର୍ଯ୍ୟକୁ ଏ ପୃଥିବୀରେ ପ୍ରତିଷ୍ଠା କରିବା ପାଇଁ ଆପଣାକୁ ସଚେତନ ଭାବେ ନିୟୋଜିତ କରିବା ଦ୍ୱାରା ତାଙ୍କ ଗଳ୍ପ ସୃଷ୍ଟିରେ ସେଇ ଐକାନ୍ତିକ ନିଷ୍ଠାର ନୈସର୍ଗିକ ସୁଷମା ଆହୁରି ଅନ୍ତର୍ଭେଦୀ ହେବା ସୁନିଶ୍ଚିତ ।

ମନୋଜ ଦାସ ଭାରତୀୟ କଥା ସାହିତ୍ୟ ପରମ୍ପରାର ସୁଯୋଗ୍ୟ ଦାୟାଦ । ବେଦ, ଉପନିଷଦ ପୁରାଣରେ ମହତ୍ ଜୀବନାଲୋକ ସଂପର୍କରେ ସେ ପୁଣି ଅତ୍ୟନ୍ତ ସଚେତନ । 'କଥା ସରିତ୍ ସାଗର', 'ପଞ୍ଚତନ୍ତ୍ର', 'ବୌଦ୍ଧ ଜାତକ' କାହାଣୀ ମାନଙ୍କର ଅନ୍ତର୍ନିହିତ ଜୀବନ ସତ୍ୟକୁ ଅତି ଅନ୍ତରଙ୍ଗ ଭାବେ ଆପଣାର କରିନେଇଛନ୍ତି ଗଳ୍ପ ସ୍ରଷ୍ଟା ମନୋଜ । ମଣିଷ ଜୀବନରେ ଦୁଃଖ ଓ ଦୁର୍ଭାଗ୍ୟ ରହିଛି ସତ । କିନ୍ତୁ ସେ ସବୁର ଅନ୍ତରାଳରେ ଥିବା ଏକ ଶୁଭ, ଶୁଭ୍ର ଆଲୋକ ରେଖା ପ୍ରତି ଲେଖକଙ୍କ ଦୃଷ୍ଟି ପ୍ରସାରିତ । ସେଥିପାଇଁ ଅନେକ ବିୟୋଗାନ୍ତକ କାହାଣୀ ମନୋଜ ରଚନା କରିଥିଲେ ମଧ୍ୟ ସେଗୁଡିକ ମଣିଷ ଜୀବନ ସଂପର୍କିତ ଆସ୍ଥା ଭାବନାରେ ପରିପୂର୍ଣ୍ଣ । 'ଧୂମ୍ରାଭ

Digitized by srujanika@gmail.com

ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' ପୁସ୍ତକର ଅନେକ କଳ୍ପରେ ଏ ଆସ୍ଥାଶୀଳତା ଏକାନ୍ତ ଅନୁଭବ୍ୟ । ମଣିଷକୁ ଯଥାର୍ଥ ଭାବେ ବୁଝିବା ଦିଗରେ ଓ ସହାନୁଭୂତିର ଦ୍ୱାର ସବୁ ଖୋଲିଦେବାରେ ଏ କାହାଣୀମାନ ବିଶେଷ ସହାୟକ ହୁଏ ।

ଜୀବନକୁ ଅନୁଧ୍ୟାନ କରିବାରେ ଶିଳ୍ପୀ ମନୋଜଙ୍କ ଅନ୍ତଃର୍ଦୃଷ୍ଟି କିପରି ସୂକ୍ଷ୍ମାତିସୂକ୍ଷ୍ମ ହୋଇ ପାରିଛି ତାହା ତାଙ୍କର ପରବର୍ତ୍ତୀ ପର୍ଯ୍ୟାୟର ଗଳ୍ପମାନଙ୍କରେ ଆହୁରି ନିବିଡଭାବେ ନିରୀକ୍ଷଣ କରିହୁଏ । 'ମନୋଜ ପଞ୍ଚବିଂଶତି' (୧୯୮୩) 'ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ' (୧୯୮୭) 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ' (୧୯୯୦) ଓ 'ଅବୋଲକରା କାହାଣୀ' (୧୯୯୧) ଇତ୍ୟାଦିରେ ଏଇ ସୂକ୍ଷ୍ମତାର ପରିପ୍ରକାଶ ଅତିଗୂଢ ଓ ଅଭିନବ ଅର୍ଥବ୍ୟଞ୍ଜକ । 'ଶତ୍ରୁ' ପରି ଏକ ଏକ ନୂତନ ଗଳ୍ପରେ ଏଥିରେ ଦେଖାଇଛନ୍ତି ମଣିଷର ଶତ୍ରୁତାଭାବ କେତେ ଅର୍ଥହୀନ । ଶତ୍ରୁ ପୁତ୍ରଭାବରେ ବି ଜନ୍ମ ନେଇପାରେ ଏଇ ବିସ୍ମୟକର ବାସ୍ତବତା ପ୍ରତି ଦୃଷ୍ଟି ଆକୃଷ୍ଟହୁଏ ଏଇ ଗଳ୍ପରେ । ସେଭଳି 'ଭାନୁ ଗୁଣ୍ଡା' ଗଳ୍ପରେ ମଣିଷ ନିଜେ ନିଜର ଯଥାର୍ଥ ବିଚାର କରି ଓ ନିଜକୁ 'ଦଣ୍ଡଦେଇ ସମସ୍ତଙ୍କୁ କିପରି ବିସ୍ମିତ ଓ ହତଚକିତ କରିଦିଏ ତା' ବୁଝି ହୋଇଯାଏ । ନିଜେ ନିଜର ନିରପେକ୍ଷ ବିଚାର ସଂପର୍କରେ ଆମେ ସେଥିପାଇଁ ସଂଶୟାଛନ୍ନ । କିନ୍ତୁ ବେଳେବେଳେ ମଣିଷ ଆପଣା ଅପରାଧର ବିଚାର ଏଇପରି କରିଥାଏ ଯେ ସେଥିରେ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ବି ସ୍ତମ୍ଭୀଭୂତ ହୋଇଯାଇ ପାରନ୍ତି । ଦେବତା ବି ଅଭିଭୂତ ହୋଇ ପାରନ୍ତି ଏ ଦୃଶ୍ୟ ଦେଖି । ଆତ୍ମାର ଚାହିଦା ସଂପର୍କରେ ସଚେତନ ନହେଲେ ମଣିଷ ହୋଇଯାଏ ଉଦାସୀନ । ଅନ୍ତରାତ୍ମାର ସ୍ୱର ନଶୁଣି ବାହ୍ୟ କୋଳାହଳରେ ମଜ୍ଜି ରହିବା ଦ୍ୱାରା ନା ସେ ପାଇପାରେ ସୁଖ ବା ଶାନ୍ତି । ଅଥଚ ସବୁ ଶାନ୍ତିର ଉତ୍ସଥାଏ ତା' ନିଜ ଭିତରେ । 'ସୁନ୍ଦର ଦାସଙ୍କ ସନ୍ଧାନ' ଗଳ୍ପରେ ଅନେକ ଜଞ୍ଜାଳମୟ ଯନ୍ତ୍ରଣାରୁ ଉତ୍ତୀର୍ଣ୍ଣ ହୋଇ ଯାଇଥିବା ଏକ ମୁକ୍ତ ମଣିଷର ଆନନ୍ଦାନୁଭୂତି ଆଧ୍ୟାତ୍ମିକ ସରଣୀ ନିର୍ଦ୍ଦେଶ କରିଦିଏ । ଉଚ୍ଚକୋଟୀର ସାହିତ୍ୟ ମାତ୍ରକେ ଆପଣାର ଅନ୍ତର ଭିତରକୁ ଧ୍ୟାନସ୍ଥ ହୋଇ ଦେଖିବାପାଇଁ ପଥ ଆବିଷ୍କାର କରୁଥାଏ । ଗଳ୍ପ ଭିତରେ ନିଜକୁ ମନନ କରିବା ସକାଶେ ଯେଉଁ ପାଠକ ଉନ୍ମୁଖ ଏ ଭଳି ଗଳ୍ପସବୁ ତାକୁ ଏକ ସଫଳ ଅନ୍ତର୍ଯାତ୍ରାର ଦିବ୍ୟାନନ୍ଦ ପ୍ରଦାନ କରିପାରେ ।

ରାଜନୀତିକ ନେତାମାନଙ୍କ ଆଶାଳୀନ ଆଚରଣ ସଂପର୍କରେ ମନୋଜ ଅତ୍ୟନ୍ତ ସଚେତନ । ମଣିଷ ମଣିଷ ଭିତରେ ବିଭେଦର ରେଖାଟାଣି ସେଇମାନେ ହିଁ ସୃଷ୍ଟି କରନ୍ତି ପୃଥିବୀରେ ଯୁଦ୍ଧର ଘନଘଟା । ଯୁଦ୍ଧର ଆଶଙ୍କାରେ ଅସ୍ଥିର ଆଜିର ସମାଜ । ଏଇ ଆତଙ୍କିତ ସମାଜକୁ ଯୁଦ୍ଧଭୟରୁ ରକ୍ଷା କରିବାରେ ଲେଖକଙ୍କ ଅଭିଳାଷ ଅତି ଆନ୍ତରିକ । ସେଥିପାଇଁ କୁତୁରୁକାଳିଆ ଭୂତ ସହିତ ଆତ୍ମୀୟତା ସ୍ଥାପନ ହୋଇଗଲେ ମାନବପ୍ରେମୀ

Digitized by srujanika@gmail.com

ମଣିଷଟିଏ କ'ଣ କରନ୍ତା ? ତା'ର ସ୍ପଷ୍ଟ ସଂକେତ ଦେଖିବାକୁ ମିଳେ 'ଶେଷ ବାର୍ତ୍ତା' ଗଳ୍ପରେ । ରାଜନୀତିକ ନେତାମାନଙ୍କୁ ଅସମ୍ଭାଳ ଭାବରେ ହସାଇ ଓ ତା'ପରେ ଅସହାୟ ଭାବରେ ସେମାନଙ୍କୁ କ୍ରନ୍ଦନ କରିବାକୁ ଛାଡିଦେଇ ଯୁଦ୍ଧ ଆତଙ୍କକୁ ଅନୁଭବ କରିବାପାଇଁ ସମର୍ଥ କରିବା ସକାଶେ ଭୂତଦ୍ୱାରା ବାର୍ତ୍ତା ପ୍ରେରଣ କରିଛନ୍ତି ସୁଦର୍ଶନ ବାବୁ । ଏହିଭଳି ଗଳ୍ପରୁ ଯୁଦ୍ଧ ବିରୋଧରେ ଗାଳ୍ପିକଙ୍କ ନୀରବ ବିପ୍ଳବର ସ୍ୱର ଉଚ୍ଚାଟ ହୋଇ ଉଠିଛି । 'ପର୍ବତ' ଶୀର୍ଷକ ଗଳ୍ପଟିରେ ପ୍ରକୃତିକୁ ଧ୍ୱସ୍ତ- ବିଧ୍ୱସ୍ତ କରୁଥିବା ମଣିଷ ବିରୋଧରେ ଗାଳ୍ପିକଙ୍କ ଚେତାବନୀ ଅତି ତୀକ୍ଷ୍ଣ । ଯେଉଁମାନେ ଆଇନ ଅନୁସାରେ ପର୍ବତ ଧ୍ୱଂସ କରନ୍ତି ବୋଲି କୈଫିୟତ ଦେଉଛନ୍ତି ସେମାନଙ୍କ ପ୍ରତି ଜୟଦେବ ଚରିତ୍ରର ଚେତାବନୀ ଏକାନ୍ତ ସ୍ମରଣୀୟ । ଆଇନ ସଂଗତ ଭାବରେ ପର୍ବତ ଭାଙ୍ଗିହୁଏ । କିନ୍ତୁ ଆଇନ ଅନୁସାରେ କୋଟିଏ ବର୍ଷରେ ମଧ୍ୟ ପର୍ବତଟିଏ କ'ଣ ତୋଳା ଯାଇପାରେ ? ଏ ସତ୍ୟପ୍ରତି ଗଭୀର ଦୃଷ୍ଟି ଆକର୍ଷଣ କରାଯାଇଛି ଏଥିରେ । ମଣିଷ ହୃଦୟ ଉପରେ ଢଙ୍କା ଯାଇଥିବା କୃତ୍ରିମ ପରଦାକୁ ଖୋଲିଦେଇ ତା'ର ସୁନ୍ଦର ଓ ସୁକୁମାର ରୂପକୁ ଉନ୍ମୋଚନ କରି ଦିଅନ୍ତି ଗାଳ୍ପିକ । 'ପର୍ଦ୍ଦା' ଗଳ୍ପଟି ସେଦୃଷ୍ଟିରୁ ସାର୍ଥକ କାହାଣୀ ।

ମଣିଷକୁ ଲେଖିଲାବେଳେ ପ୍ରକୃତିକୁ ଓ ସୂକ୍ଷ୍ମ ଜଗତର ମହତ୍ତର ସତ୍ତା ମାନଙ୍କୁ ଯେପରି ଗାଳ୍ପିକ ମନୋଜ ଚିତ୍ରଣ କରିଛନ୍ତି ସେପରି ଅନେକ ଗଳ୍ପରେ ମାନବେତର ଚରିତ୍ର ସହ ତା'ର ଆତ୍ମୀୟତା ବର୍ଣ୍ଣନା କରିଛନ୍ତି ଅତି ହୃଦ୍ୟ ରୀତିରେ । 'ମନୁଷ୍ୟ ମର୍କଟ ସମ୍ବାଦ'ରେ ସର୍କସ ଦଳର ଲାଟୁସହ ମାଙ୍କଡର ଯେଉଁ ହାର୍ଦ୍ଦିକ ଅନ୍ତରଙ୍ଗ ସଂପର୍କ ସେ ବର୍ଣ୍ଣନା କରିଥିଲେ ସେଠୁ ଏକଥା ଉପଲବ୍ଧି କରିହୁଏ ଯେ ନିଃସଙ୍ଗ ମଣିଷର ଅସହାୟ ମନକୁ ମାନବେତର ପ୍ରାଣୀଟିଏ କି ବିପୁଳ ସ୍ନେହାନୁଭବରେ ସମୃଦ୍ଧ କରିପାରେ । ବୁଦ୍ଧି ଓ ବିଚାର ଭେଦରେ ମାନବ ଓ ମାନବେତର ଜୀବ ଭିତରେ ରହିଥିବା ସକଳ ପାର୍ଥକ୍ୟ ହୃଦୟବୃତ୍ତିର ତୀବ୍ର ଆକର୍ଷଣରେ ଲିଭିଯାଏ ସବୁଦିନ ପାଇଁ । 'ଚତୁର୍ଥ ବନ୍ଧୁ' କାହାଣୀରେ ବାଘ ତ ବନ୍ଧୁର ଭୂମିକାରେ ଅବତୀର୍ଣ୍ଣ ହୋଇଛି ।

ମନୋଜ ଗଳ୍ପରେ ମଣିଷର ମହତ୍ ରୂପ ପାଠକ ଆଖିରେ ସୃଷ୍ଟିକରେ ଆନନ୍ଦର ଅଶ୍ରୁ । କୃତଜ୍ଞତାର ଅନୁଭବରେ ସେ ତରଳି ଯାଏ ବରଫ ପରି । ମଣିଷର ସ୍ନେହ, ପ୍ରେମ, ତ୍ୟାଗ, ତିତିକ୍ଷା ଆଦି ମହତ୍ ଭାବନା କେବେ ପୁରୁଣା ହୋଇଯାଏ ନାହିଁ । ମଣିଷର ହୃଦୟାକାଶ କେତେ ପରିବ୍ୟାପ୍ତ, ପ୍ରସାରିତ ତାହା ଅନୁଭବ କରିହୁଏ ମନୋଜଙ୍କ ଅନେକ ଗଳ୍ପରୁ । ଗଳ୍ପରେ ମଣିଷର ମହାନତା ଦେଖିଲେ ଆକାଶ ସମୁଦ୍ର ଦର୍ଶନର ଆନନ୍ଦ ଓ ବିସ୍ମୟ ସୃଷ୍ଟି ହୁଏ ପାଠକ ମନରେ । 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ'ରେ ମଣିଷର ଉଦାର ଓ ଉଦାତ୍ତ ଚରିତ୍ରକୁ ଅତି ବିଭୋର ଚିତ୍ତରେ ଲେଖିଛନ୍ତି ଲେଖକ । 'ଲାଟୁ ଭାଇ', 'ଡାହାଣୀ ଆଲୁଅ', 'ଉତ୍ତରାଧିକାର' ପ୍ରଭୃତି ଗଳ୍ପରେ ମହତ୍‌ପଣିଆରେ କୋମଳ ଓ

Digitized by srujanika@gmail.com

ସହାନୁଭୂତିପୂର୍ଣ୍ଣ ଅନୁଭବର ପବିତ୍ରତା ଅତ୍ୟନ୍ତ ଆକର୍ଷଣୀୟ । ପୂର୍ବ ପୁରୁଷଙ୍କ ସମ୍ପତ୍ତି ପାଇବାରେ ଉତ୍ତରାଧିକାର ପ୍ରମାଣିତ ହୁଏନା । ଆପଣାକୁ କିଏ କିପରି ଭାବେ ବାଣ୍ଟି ଦେଇ ପାରୁଛି ସେଇଥିରୁ ଜଣାପଡେ କିଏ ପ୍ରକୃତ ଉତ୍ତରାଧିକାରୀ । 'ଉତ୍ତରାଧିକାର' ଗଳ୍ପରେ 'ଶ୍ରୀମୟୀ' ଶାଶୁଙ୍କ ସମ୍ପତ୍ତି ନାମରେ ନିଜର ସମ୍ପତ୍ତି ଦାନକରି ପ୍ରକୃତ ଉତ୍ତରାଧିକାରିଣୀର ମର୍ଯ୍ୟାଦାରେ ବିଭୂଷିତା । ନିଜର ପ୍ରତିଜ୍ଞା ପାଳନରେ ଭାସ୍ୱର ଯେପରି 'ଲାଟୁ ଭାଇ' ।

ପ୍ରକୃତି ସହ ମଣିଷର ମମତାସିକ୍ତ ସଂପର୍କ ମନୋଜ ଗଳ୍ପର ଏକ ଅଭିଚ୍ଛେଦ୍ୟ ଅଂଶ । ଯେଉଁଠି ଅଶାନ୍ତ, ଉଦ୍‌ଭ୍ରାନ୍ତ ମଣିଷକୁ ପ୍ରକୃତି ଦେଇଛି ଶାନ୍ତି ଓ ସ୍ଥିରତାର ସ୍ପର୍ଶତ କେଉଁଠି ଗର୍ବୋନ୍ନତ ମଣିଷକୁ ଦେଇଛି ମହାନ୍ ସତ୍ୟର ସନ୍ଦେଶ । ପୁଣି କେଉଁଠି ଅସହାୟ, ଅତ୍ୟାଚାରିତ ମଣିଷପ୍ରତି ମଣିଷ ପ୍ରତି ସେଇ ପ୍ରକୃତିଠାରୁ ଝରି ଆସିଛି ଆତ୍ମୀୟତାର ସହାନୁଭୂତିର ଅନାବିଳ ଧାରା । ପ୍ରକୃତି ସହ ମଣିଷର ଏ ସମ୍ବନ୍ଧ କେତେ ଅନ୍ତରଙ୍ଗ, ସୂକ୍ଷ୍ମ ଓ ସ୍ନେହାତ୍ମକ ହୋଇପାରେ ତାହା 'ପିତା ଓ ପୁତ୍ର' ଗଳ୍ପରେ ଉତ୍‌କୀର୍ଣ୍ଣ ହୋଇଛି ବଡ ବିଚିତ୍ର ଓ ବିସ୍ମୟକର ରୂପେ । ଏଠି ପିତା ଓ ପୁତ୍ର ପ୍ରକୃତିର ଅବିଚ୍ଛିନ୍ନ ଅଂଶ । ସେଥିପାଇଁ ବିଜୁଳୀର ଆଘାତରେ ପୁତ୍ରର ମୃତ୍ୟୁକୁ ଅସ୍ୱାଭାବିକ ବୋଲି ମନେ କରିନାହିଁ ପିତା । ବର୍ଷାର କ୍ରୀଡାରତ ବାଳକଟିକୁ ତା'ର କେହି ଆତ୍ମୀୟ ଆସି ନେଇ ଯାଇଥିଲେ ସେ ଘଟଣାକୁ ବରଂ ଅସ୍ୱାଭାବିକ ବୋଲି ମନେ କରିଥାନ୍ତା ବାଳକଟିର ପିତା । କିନ୍ତୁ ବିଜୁଳି ଆଘାତରେ ପୁତ୍ରର ମୃତ୍ୟୁକୁ ଅତି ସ୍ୱାଭାବିକ ଜ୍ଞାନ କରିଛି ସେ । ଏଠି ବିଜୁଳି ମଣିଷଠାରୁ ଆହୁରି ନିଜର, ଆହୁରି ଆପଣାର । ପ୍ରକୃତି ସହ ମଣିଷକୁ କି ସୂକ୍ଷ୍ମ ସୂତ୍ରରେ ଛନ୍ଦିଦେବାପାଇଁ ଗାଳ୍ପିକ ସାଧନା ନିମଗ୍ନ । ତାହା ଏଥିରୁ ବେଶ୍ ସ୍ପଷ୍ଟଭାବେ ବୁଝି ହୋଇଯାଏ ।

ପୂର୍ବରୁ ବହୁ ଗଳ୍ପରେ ମନୋଜ ମଣିଷର ଅନ୍ଧ ଅହମିକା ତାକୁ କିପରି ବିପର୍ଯ୍ୟୟର ସମ୍ମୁଖୀନ କରାଏ ତା'ର ଆଭାସ ଦେଇଛନ୍ତି । 'ସାତ ଜଣ ପ୍ରବୀଣ : ରାତ୍ରି ଓ ପ୍ରଭାତ', 'ତରୁଣ ଗିରିର ତପସ୍ୱୀ ଓ ସାତଜଣ ପ୍ରବୀଣ', 'ସେମାନଙ୍କ ସଂପର୍କରେ ଶେଷ ଖବର', 'କିମ୍ବଦନ୍ତୀର ଉପସଂହାର' ଆଦି ବହୁ ଗଳ୍ପରେ ସେ ଦେଖାଇ ଦେଇଛନ୍ତି ଉଦ୍‌ଭ୍ରାନ୍ତ ଜୀବନର ଅନ୍ତିମ ପରିଣତି କିପରି ଧ୍ୱଂସାଭିମୁଖୀ ହୁଏ । ତେବେ ଏ ପ୍ରକାର ସବୁ କାହାଣୀର ମୂଳ ଲକ୍ଷ୍ୟ ହେଲା ମଣିଷକୁ ତା' ଜୀବନର ମହାନ୍ ଲକ୍ଷ୍ୟ ସଂପର୍କରେ ଏକ ଏକ ସ୍ପଷ୍ଟ ସଂକେତ ଦେବା । ଜୀବନକୁ ଅସାର ଭାବନାରେ ଓ ଆଶାଳୀନ ଆଚରଣରେ ବିପର୍ଯ୍ୟସ୍ତ କରିବାରେ ନୁହେଁ, ଏହାକୁ ସୁସଂଗଠିତ ଓ ସୃଜନଶୀଳ କରିବାରେ ରହିଛି ମଣିଷର ପ୍ରକୃତ ମହତ୍ତ୍ୱ ।

ଜୀବନର ଦିବ୍ୟ ଉଦ୍ଦେଶ୍ୟ ସଂପର୍କରେ ଆହୁରି ଶକ୍ତିଶାଳୀ ଭାବରେ ମଣିଷକୁ ସଚେତନ କରାଇଦିଏ 'ଅବୋଲକରା କାହାଣୀ'ର ଗଳ୍ପଗୁଡିକ । ଚିତ୍ତବିନୋଦନ କରିବା

Digitized by srujanika@gmail.com

ଏଗୁଡିକର ଉଦ୍ଦେଶ୍ୟ ନୁହେଁ । ପ୍ରାଚୀନ କାହାଣୀ ଧାରାରେ ମଣିଷକୁ ଲୋଭମୁକ୍ତ କରିବା ସକାଶେ ଅମୂଲ୍ୟ ବାର୍ତ୍ତା ବାଢି ଦେଇଛନ୍ତି ଗାଳ୍ପିକ । ଧନ ସମ୍ପଦ ଖ୍ୟାତିର ଲାଳସା ମଣିଷର ଜୀବନକୁ କିପରି ଧ୍ୱଂସବିଧ୍ୱଂସ କରେ ତାହା 'ସିଂହ ସଂଳାପ' ଗଳ୍ପରୁ ପ୍ରତିପନ୍ନ ହୁଏ ।

ଜୀବନର ଆଭିମୁଖ୍ୟ ଅନ୍ଧକାର ଭିତରୁ ଆଲୋକ ଅଭିମୁଖରେ, ଅଜ୍ଞାନ ଭିତରୁ ଜ୍ଞାନଲାଭ ଦିଗରେ ଗତି- ଅର୍ଥାତ୍ ପ୍ରଗତି । ଧୀମାନଙ୍କ ଏହି ଉତ୍ତର, ଜୀବନର ପ୍ରକୃତ ଲକ୍ଷ୍ୟ ସଂପର୍କରେ ସଚେତନ ହେବାପାଇଁ ଦିଏ ଏକ ଶକ୍ତିଶାଳୀ ସନ୍ଦେଶ । ମନୋଜ ଦାସଙ୍କ ଗଳ୍ପର ଆଭିମୁଖ୍ୟ ମଧ୍ୟ ଏହି ମହତ୍ତ୍ୱର ଉପଲବ୍ଧିର ନିକଟବର୍ତ୍ତୀ ହେବାରେ ନିହିତ ।

ମଣିଷ ଜୀବନକୁ ଗଭୀରରୁ ଗଭୀରତର ଓ ସୂକ୍ଷ୍ମରୁ ସୂକ୍ଷ୍ମତରଭାବରେ ଅନୁଭବ କରି ଆସୁଛନ୍ତି ଶିଳ୍ପୀ ମନୋଜ । ପ୍ରତ୍ୟେକ ମଣିଷର ସ୍ୱାତନ୍ତ୍ର୍ୟ ଓ ସୌନ୍ଦର୍ଯ୍ୟକୁ ସ୍ୱୀକାର କରିବାରେ ତାଙ୍କର ଆନ୍ତରିକତା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିଃସର୍ତ୍ତ ପ୍ରେମର ଅତି ଅନ୍ତରଙ୍ଗ ଅନୁଭବ ତାଙ୍କ ଗଳ୍ପକୁ ପ୍ରଦାନ କରିଛି ଏଭଳି ଅନନ୍ୟ ଦ୍ୟୁତି ଯାହା କାଳ କବଳରେ ମ୍ଳାନ ହେବାର ନୁହେଁ ।

ମନୋଜ ଦାସଙ୍କ ଗଳ୍ପ ରଚନା ଏକ ଅନ୍ତର୍ଯାତ୍ରାର ଅନ୍ତଃସ୍ପର୍ଶୀ କାହାଣୀ । ମଣିଷ ହିଁ ଏ କାହାଣୀର କେନ୍ଦ୍ରବିନ୍ଦୁ । ଜୀବନର ସତ୍ୟ ଓ ଆଲୋକ ଆବିଷ୍କାର କରିବାରେ ମନୋଜ ଗଳ୍ପସମ୍ଭାର ଯେ ଏକ ଅସରନ୍ତି ପ୍ରେରଣାର ଉତ୍ସ, ଏଥିରେ ସନ୍ଦେହ ନାହିଁ ।

• ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବରପାଲି ମହାବିଦ୍ୟାଳୟ,
ବରପାଲି, ଜି: ବରଗଡ଼

Digitized by srujanika@gmail.com

ଗଳ୍ପସାଗର ମନୋଜ ଦାସ

କୃଷ୍ଣଚନ୍ଦ୍ର ମିଶ୍ର

କବି ଲେଖକମାନେ ନୂଆ ସୃଷ୍ଟି କରନ୍ତି ବୋଲି ସେମାନଙ୍କର ଅନ୍ୟନାମ ପ୍ରଜାପତି । କଥା ଶିଳ୍ପୀ ମନୋଜ ଦାସ ସେ ଦୃଷ୍ଟିରୁ ଜଣେ ଦକ୍ଷ ପ୍ରଜାପତି । କାହାଣୀ ଗଢିବାରେ ସେ ଅତୁଳନୀୟ ବିନ୍ଧାଣୀ । ପାଠକ ବା ଶ୍ରୋତାଙ୍କୁ ସେ କୁଆଡେ କୁଆଡେ ନେଇ ବୁଲାନ୍ତି ଯେ ତା'ର ଇୟତ୍ତା ନଥାଏ । ଶ୍ରୋତା ଆଁ କରି ଚାହିଁଥାଏ ଗାଳ୍ପିକଙ୍କ କହିବା ଭଙ୍ଗୀ ଓ ରସାଳ ବର୍ଣ୍ଣନାରେ ଉବୁଟୁବୁ ହୋଇ । ପାଠକ ବାଟ ଅବାଟ ମାଡି ଆଗଉଥାଏ କାହାଣୀର ଶେଷ ପରିଣତି ଜାଣିବା ପାଇଁ । ଏହି ମହାନ୍ କଥାଶିଳ୍ପୀ ମୋର ଜଣେ ପଥିକୃତ୍ ଅଗ୍ରଜ । ସେ ଅଧ୍ୟାପନା ଆରମ୍ଭ କଲା ବେଳକୁ ମୁଁ ଜଣେ ଛାତ୍ର । ପରେ ସେ ଅଧ୍ୟାପନା ଛାଡି ଯାଆନ୍ତି ପଣ୍ଡିଚେରୀ ଆଶ୍ରମକୁ । ଏହା ପରଠାରୁ ଆଧ୍ୟାତ୍ମିକତାର ସେ ବାର୍ତ୍ତାବହ ।

ପ୍ରାୟ ଷାଠିଏ ଦଶକର ମଧ୍ୟଭାଗରେ ସେ ପ୍ରଥମ କରି ଆସନ୍ତି ରାଉରକେଲା, ଏଠାକାର ଅରବିନ୍ଦ ପାଠଚକ୍ରରେ ଉଦ୍‌ବୋଧନ ଦେବାପାଇଁ । ଆଏମ 'ନବପତ୍ର' ଗୋଷ୍ଠୀର କେତେଜଣ ତାଙ୍କୁ ସାକ୍ଷତ କରି ପଚାରିଥିଲୁ-''ଜଣେ ବିପ୍ଳବୀ ଚେତନାର ଗାଳ୍ପିକ କେଉଁ ତାଡନା ବା ଘଟଣାରେ ଆଧ୍ୟାତ୍ମିକତାରେ ମୁହ୍ୟମାନ ହେଲେ ?' ଉତ୍ତରରେ ସେ ଦୁଇଟି କାରଣ କହିଥିଲେ-ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧର ଧ୍ୱଂସକାରୀ ଲୀଳା ଓ ଅନ୍ୟଟି ବାଲେଶ୍ୱରରେ ଦୁର୍ଭିକ୍ଷ ଜନିତ ମୁମୂର୍ଷୁ ଜନତାର ବିକଳ ଅବସ୍ଥା । ଆମେ କିନ୍ତୁ ଏହାକୁ ଖୋଲା ମନରେ ଗ୍ରହଣ କରି ପାରିନଥିଲୁ । ମଣିଷର ମନ ଏପରି ଏକ ପଦାର୍ଥ, ଯାହା ସମାନ ପରିସ୍ଥିତି ଓ ସମାନ ପରିବେଶରେ ଏକା ପ୍ରକାର ପ୍ରତିକ୍ରିୟା ବା ଭାବାବେଗ ପ୍ରକାଶ କରି ନଥାଏ । ଋଷି ଅରବିନ୍ଦ ମଧ୍ୟ ଯୌବନରେ ବିପ୍ଳବୀ ଥିଲେ । ସେ ଯାହା ହେଉ, କଂସର ବନ୍ଦୀଶାଳାରେ ଜନ୍ମ, ଗୋପପୁରରେ ବଢି ଶ୍ରୀକୃଷ୍ଣ ଦ୍ୱାରକାରେ ଯାଇ ରାଜତ୍ୱ କଲାପରି ମନୋଜ ବାବୁ ବାଲେଶ୍ୱରରୁ ଓଡ଼ିଶା ଓ ଓଡ଼ିଶା ଛାଡି ଏକବାରେ ପୃଥିବୀ ବ୍ୟାପ୍ତ ହେଲେଣି । ତାଙ୍କର ଗଳ୍ପ, ଉପନ୍ୟାସ ଖାଲି ଓଡ଼ିଆ ଭାଷାରେ ନୁହେଁ କି ଭାରତୀୟ ଭାଷାରେ ନୁହେଁ, ପୃଥିବୀର ବହୁ ଭାଷାରେ ରସଜ୍ଞ ପାଠକ ମହଲରେ ଆଦୃତ ।

Digitized by srujanika@gmail.com

ମନୋଜ ବାବୁଙ୍କ ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଏ ୧୯୪୯-୫୦ ସାଲରେ । ସୁବର୍ଣ୍ଣରେଖା ନଦୀ ମୁହାଣ ପାଖରେ ଥିବା ଏକ ଦରିଦ୍ର ଧୀବର ପଲ୍ଲୀର ପଲ୍ଲୀବାଳା ଶୁଭା । ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧ କାଳରେ ତଟ ଜଗୁଆଳୀ ସୈନିକଙ୍କର କାମନାର ଶୀକାର ହୋଇ ସେ ଦେହ ତ୍ୟାଗକରେ । କେଳିରତ କ୍ରୌଞ୍ଚମିଥୁନରୁ ଗୋଟିକୁ ନିଷ୍ଠୁର ବ୍ୟାଧ ଶରାହତ କରିବାରୁ ଅନ୍ୟ କ୍ରୌଞ୍ଚପକ୍ଷୀର ବିକଳ କ୍ରନ୍ଦନରେ ବିକ୍ଷୁବ୍ଧ ବାଲ୍ମିକୀ ରଚନା କରିଥିଲେ ରାମାୟଣ । ଶୁଭାର ଆତ୍ମଘାତୀ ମର୍ମନ୍ତୁଦ ବେଦନା ବିକ୍ଷୁବ୍ଧ କରିଥିବା ମନୋଜ ଦାସଙ୍କର କୋମଳ ହୃଦୟକୁ, ଯାହାର କାବ୍ୟିକ ଅଭିବ୍ୟକ୍ତି ହେଲା 'ସମୁଦ୍ରର କ୍ଷୁଧା' । ଏହି ଧାରାରେ ଲିଖିତ ତାଂକର ଆହୁରି ଅନେକ ଗଳ୍ପ ପାଠକମାନଙ୍କୁ ସମାଜରେ ଚାଲିଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ କଷଣର ପରିଚୟ ଦିଅନ୍ତି । ୧୯୭୪ରେ ପ୍ରକାଶିତ ତାଙ୍କର ଗଳ୍ପ ସଂକଳନ 'ଲକ୍ଷ୍ମୀର ଅଭିସାର' ଏହି ପରି କେତେଗୁଡିଏ କାହାଣୀର ସମାହାର ।

ଏହାପରେ କିନ୍ତୁ ତାଙ୍କୁ ଲେଖନୀର ଧାରା ବଦଳିଯାଏ । ୧୯୭୫ରେ ପ୍ରକାଶିତ ତାଙ୍କର ଗଳ୍ପଗୁଚ୍ଛ 'ଆବୁ ପୁରୁଷ'ରେ ଆମେ ଏହି ପରିବର୍ତ୍ତନର ସ୍ୱର ଦେଖିବାକୁ ପାଉ । ତାଙ୍କର 'ଆରଣ୍ୟକ' ଗଳ୍ପରେ ଆମେ ଯେଉଁ ପ୍ରଚ୍ଛନ୍ନ ବ୍ୟଙ୍ଗର ସୁରାକ ପାଇଥିଲୁ, ତାହା କ୍ରମେ ପ୍ରବଳଭାବେ ପ୍ରକାଶ ପାଇଛି ଅନ୍ୟାନ୍ୟ ଗଳ୍ପମାନଙ୍କରେ । ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ପ୍ରାୟୋପନ୍ୟାସ 'ଅମୃତ ଫଳ'ରେ ଆମେ ଏକାଧାରରେ କଳ୍ପନା, ବାସ୍ତବତା, ରହସ୍ୟବାଦିତା ଓ ଆଧ୍ୟାତ୍ମିକତାର ସ୍ୱର ପାଉ ।

ମନୋଜ ଦାସଙ୍କ ବ୍ୟଙ୍ଗ ଏକ ଭିନ୍ନ ଧରଣର । ତାଙ୍କର ଶୈଳୀ ସ୍ୱତନ୍ତ୍ର । ଗଳ୍ପ ଗୁନ୍ଥନ ଏପରି ଯେ ସେଥିରେ ଥାଏ ଆଚମ୍ବିତତା, ଆକସ୍ମିକତା, ରହସ୍ୟମୟତା ସହ ବ୍ୟଙ୍ଗ ବିଦ୍ରୁପର ପୁଟ । ତାଙ୍କର ରଚନାଶୈଳୀ ଅନେକ ଦୃଷ୍ଟିରୁ ନୋବେଲ ପୁରସ୍କାର ବିଜେତା ଗ୍ରାବିଏଲ ଗାର୍ସିଆ ମାର୍କ୍ୱେଜଙ୍କ ଶୈଳୀ ସହ ତୁଳନୀୟ । ମାର୍କ୍ୱେଜଙ୍କ ଐନ୍ଦ୍ରିଜାଲିକ ବାସ୍ତବତା (Magical realism) ରେ ଆଧ୍ୟାତ୍ମିକତାର ସ୍ପର୍ଶ ନଥାଏ । କିନ୍ତୁ ମନୋଜ ଦାସଙ୍କ ରଚନା ଅନେକାଂଶରେ ରହସ୍ୟବାଦୀ ଓ ଆଧ୍ୟାତ୍ମିକ ଚେତନାରେ ଆଚ୍ଛନ୍ନ ।

ମନୋଜ ବାବୁ ଜଣେ ବୁଦ୍ଧିବାଦୀ, ମହିମାବନ୍ତ ଗଳ୍ପ ସାଗର । ତାଙ୍କର ଗଳ୍ପ, ଉପନ୍ୟାସ, ସାଧାରଣ ପାଠକମାନଙ୍କ ପାଇଁ ନୁହେଁ କି ପୂର୍ବପରି ଶୁଭା, ଲକ୍ଷ୍ମୀ, ସତୁ, କୁଞ୍ଜ ତାଙ୍କ ଗଳ୍ପଗୁଡିକର ନାୟକ ନାୟିକା ନୁହନ୍ତି । ସମୟ ବଦଳିଛି । ମନୋଜ ବାବୁଙ୍କ ସ୍ଥିତି ବଦଳିଛି । ସେ କ୍ରମେ ଡେଙ୍ଗା ହୋଇ ଯାଉଛନ୍ତି । ଏତେ ଡେଙ୍ଗା ଯେ ଆମର ଆଖି ପାଉନାହିଁ ତାଙ୍କ ମୁହଁ ଦେଖିବାକୁ । ସେ ହୁଏତ ସମଗ୍ର ବିଶ୍ୱକୁ ଦେଖିବା ପାଇଁ ବ୍ୟଗ୍ର । ସୁବର୍ଣ୍ଣରେଖାର ସେଇ ଅନାମଧେୟ ଧୀବର ପଲ୍ଲୀର ଶୁଭା କି ତା'ପରି ଅନେକ ଦୁଃଖିନୀ ଝିଅ ବୋହୂ ତାଙ୍କ ଆଖିରେ ଆଉ ଧରା ପଡୁନାହାନ୍ତି ।

ମନୋଜ ବାବୁ ଆହୁରି ଉଞ୍ଚା ହୁଅନ୍ତୁ, ଆହୁରି ଉପରକୁ ଉଠନ୍ତୁ -ଏହା ହିଁ କାମନା ।

• ଡି/୨୭୧, କୋଏଲ ନଗର, ରାଉରକେଲା -୧୪

Digitized by srujanika@gmail.com

ମନୋଜ ସୃଜନ କଳା

ଅଶ୍ୱିନୀ କୁମାର ମିଶ୍ର

ଉଚ୍ଚାଂଗ ସାହିତ୍ୟର ସୃଷ୍ଟିପାଇଁ ଉଚ୍ଚାଂଗ ହୃଦୟର ଆବଶ୍ୟକତା ଅଛି କି ? ମିଲ୍‌ଟନ୍‌ଙ୍କ ସମୟରେ ଏହି ଦୁଆ ଉଠିଥିଲା । ସେ କହିଥିଲେ ମହାର୍ଘ କବିତା ଲେଖିବା ପାଇଁ ମହାର୍ଘ ହୃଦୟର ଆବଶ୍ୟକତା ରହିଛି । ମୋ ମତରେ ଏହି 'ମହାର୍ଘ'ର ଅବତାରଣା ଆଜିକାଲି ଭିନେ ଧରଣର ହେବାକୁ ବସିଲାଣି । ଭୌତିକ ପୃଥିବୀରେ ଏହାକୁ ଆବିଷ୍କାର କରନ୍ତି କେହି କେହି ପ୍ରଥମତଃ ଅର୍ଥରେ, ଦ୍ୱିତୀୟତଃ କ୍ଷମତାରେ । ପ୍ରଥମଟିର ବୋଲକରାମାନେ ''କ୍ୟା ଫାୟଦା ହେ''ରେ ବୁଡି ରହନ୍ତି ଜୀବନସାରା । ଏହି ଆର୍ଥିକ-ସୁରାର ନିଶା ଏତେ ଉତ୍କଟ ଯେ ଏହା ଥରେ ମଣିଷକୁ ନିଜ ଅକ୍ତିଆରକୁ ନେଲେ ଆଉ ଉତୁରିବାର କୌଣସି ରାସ୍ତା ଧରେନି । ଧନ୍ୟ ଏ ତାପର ଡହକ ! ମଣିଷ ଦଗ୍‌ଧୀଭୂତ ହୋଇଯିବ ପଛକେ ନିସ୍ତାର ପାଇବନାହିଁ ।

ଦ୍ୱିତୀୟଟି କ୍ଷମତା । ଯାହାର ସାରମର୍ମକୁ ମୁଁ ବାଣଭଟ୍ଟଙ୍କ 'କାଦମ୍ବରୀ' କାବ୍ୟୋପନ୍ୟାସ ଛାୟାରେ ଲିଖିତ ବଡକୁମାର ବଳଭଦ୍ରଦେବଙ୍କ ଭାଷାରେ ଉଦ୍ଧାର କରୁଛି -

ଏପରି ବହୁତ ନୃପତି ଅଛନ୍ତି
　　　　ନିୟତ ଯା'ଙ୍କ ସଭାରେ,
ବିରାଜନ୍ତି ବହୁ ପରପୀଡାଦାୟୀ
　　　　ସ୍ୱାର୍ଥପର ଚାଟୁକାରେ;
ଶକୁନି ସ୍ୱରୂପ ରହନ୍ତି ସେମାନେ
　　　　ଧନ-ମତି ଗ୍ରାସ ପାଇଁ ।
ତାହାକି ଅସାର କଥା ଶୁଣିବାକୁ
　　　　ନୃପେ ହୋଇଥାନ୍ତି ବାଇ;
ଆସ୍ଥାନ -ନଳିନୀ ଘେରି ବସିଥାନ୍ତି
　　　　ପଣପଣ ଠକ-ବକ,

Digitized by srujanika@gmail.com

ପୂର୍ଣ୍ଣ ହୋଇଥାଏ ଗଣ୍ଡାଗଣ୍ଡା ଭାଣ୍ଡ
ମଣ୍ଡଳେ ତାଙ୍କ ବୈଠକ ।

ସୁଖର କଥା, ମନୋଜ ଦାସ ଏହି ଉଭୟ ବିଗଳିତ ଅବସ୍ଥାରେ ସମ୍ମୁଖୀନ ହୋଇ ନାହାନ୍ତି । ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମ ଉକ୍ତ ସଂତ୍ରାସରୁ ନିରାପଦ ଦୂରତ୍ୱରେ ରଖିବାକୁ ତାଙ୍କୁ ଯଥେଷ୍ଟ ଖୋରାକ ଯୋଗେଇଛି । ତୃତୀୟଟି ହେଲା ତାଙ୍କ ମାନସିକ ସ୍ଥିତି । ଅର୍ଥ ଓ କ୍ଷମତାଠାରୁ ଦୂରେଇ ଯାଇ ସୁଦ୍ଧା ଯେଉଁ ମଣିଷର ମାନସିକ ଉତ୍ତରଣ ସମୃଦ୍ଧ ନୁହେଁ, ତାକୁ ନେଇ କୌଣସି ମୂଲ୍ୟାୟନ ଆମପାଇଁ ନିରର୍ଥକ । ଭଲ ଓ ମନ୍ଦ, କାଚ ଓ କାଞ୍ଚନର ପ୍ରଭେଦକୁ ବୁଝି ପାରୁଥିବା ଏହି ସାରସ୍ୱତ ମସ୍ତିଷ୍କ ତେଣୁ ପ୍ରିଜିମ୍ ଭଳି ଆଜି କଳଙ୍କ ରହିତ ଆଉ ତା'ରି ଫଳସ୍ୱରୂପ 'ଅମୃତଫଳ' ତଥା ଅନ୍ୟ ସବୁ ।

(୨)

ଏହା କମ୍ ସାଧନାର ବସ୍ତୁ ନୁହେଁ !

ମନୋଜ ଦାସ ମୁଖ୍ୟତଃ ଜୀବନବାଦୀ । ସ୍ଥଳ ବିଶେଷର ଘଟନିକାର ସୂକ୍ଷ୍ମ ରହସ୍ୟପୂର୍ଣ୍ଣ ବୟାନ ତାଙ୍କ କଥାବସ୍ତୁର କଂଚାମାଲ । ତେବେ ଏହି ଉପଲବ୍ଧି ତାଙ୍କ ଅନ୍ତରଙ୍ଗ ପଣିଆଁକୁ ନିଗିଡାଏ, ଉଷୁମାଏ ଓ ତା' ଭିତରୁ ଏକ ଲଘୁତରଂଗ ସୃଷ୍ଟି କରେ, ଯାହା ପାଠକକୁ ଅନାୟାସରେ ଆପ୍ୟାୟିତ କରେ । ସମସ୍ତ ନିବିଡତା ତଥା ଆନ୍ତରିକତା ଦେଇ ପୃଥିବୀକୁ ଅନାଉଥିବାରୁ ତାଙ୍କ ଦୃଷ୍ଟିଶକ୍ତିକୁ କେହି ଫାଙ୍କି ପାରି ନାହାନ୍ତି । ଶିବଙ୍କ ତୃତୀୟ ନୟନଠୁ ପ୍ରଖରତର ଏହାରି ଦ୍ୟୁତି । ଆମ ଚାହିଁବା ଓ ତାଙ୍କ ଚାହିଁବା ଭିତରେ ପ୍ରଭେଦ ଏତିକି ଆମେ ଇତର ମଣିଷ ଭଳି ଚାହିଁଲା ବେଳେ ବି ଅନ୍ୟମନସ୍କ ରହୁଁ । ଯେମିତି ଜୀବନର ଘୋଡାଦୌଡ, ପରିବା ବ୍ୟାଗ୍, ଅର୍ଥମୁଣି ତଥା ଚାକିରିର ଉତ୍‌ଥାନ ଭିତରେ ଆମେ ସାଲୁବାଲୁ । ଅବଶ୍ୟ ଏହାର ବ୍ୟତିକ୍ରମ ଅଛି ଓ ରହିଛି । ହେଲେ ବି ସେ ସ୍ୱର, ପ୍ରାୟତଃ ଗୌଣ । ଏଣୁ ତାକୁ ତେଜୀୟାନ୍ ନ କରି ମୁଖ୍ୟସ୍ୱର ମାନଙ୍କର ତାଲିକା ଥୋଉଛି । ମନୋଜ ବାବୁ ଚାହାଁନ୍ତି ଭିନ୍ନ ବାଗରେ । ତାଙ୍କ ଲେଖା ଖୁନ୍ଦି ହୋଇଯାଏ ଅତୀତର ମହାର୍ଘ ଦୃଶ୍ୟପଟ ଭିତରେ । 'ଅଂତରଂଗ ଭାରତବର୍ଷ'ରେ ସେ ଏହାହିଁ ସାବ୍ୟସ୍ତ କରିଛନ୍ତି । ସାମାନ୍ୟ ଭ୍ରମଣ କାହାଣୀ ଭଳି 'ଗଲି, ଅଇଲି, ଯାହା ଦେଖିଲି' ଭିତରେ ଏହା ସୀମିତ ନୁହେଁ । ରାଜସ୍ଥାନ ମାଟିରେ ପାଦଦେଲା କ୍ଷଣି ଯାହା ତାଙ୍କ ଚିତ୍ତବୃତ୍ତିକୁ ରସାଣିତ କରିଛି, ତାହା ହେଉଛି ସେଠାକାର ବୀର ଓ ବୀରାଂଗନାଙ୍କ ଅମଳିନ ବୀରତ୍ୱଭରା କାହାଣୀ । ରାଣୀ ପଦ୍ମିନୀ, ମୀରାବାଈ, ଧାଈ ପାନ୍ନା ଭଳି ଚରିତ୍ରଙ୍କୁ ଐତିହାସିକ ମାନେ ଯେଉଁଭଳି ସଜେଇଛନ୍ତି, ସାହିତ୍ୟିକ ମନୋଜ ଦାସ ତାଙ୍କୁ

Digitized by srujanika@gmail.com

ସଜେଇଛନ୍ତି ଭିନ୍ନ ବାଗରେ ନିଜସ୍ୱ ଦୃଷ୍ଟିଭଂଗୀରେ । ତେଣୁ ପଢ଼ିଲାବେଳେ ତାଙ୍କ ସ୍ୱଭାବସୁଲଭ ଶୈଳୀ ଭିତରେ ପାଠକ ଆପ୍ଲୁତ ହୋଇଉଠେ । ହେବା ସ୍ୱାଭାବିକ ।

ସେଇଭଳି ଆନ୍ଦାମାନ୍ ଉପରେ ଲେଖିଥିବା କାହାଣୀ ସୁଲଭ ଭ୍ରମଣ ସାହିତ୍ୟରେ ସିଏ ମନେ ପକାଇଛନ୍ତି ଭାରତବର୍ଷର ଅତୀତ ଦିନର ବଂଦୀ ସମୂହଙ୍କୁ । ପଶ୍ଚିମ ଓଡ଼ିଶାର ପ୍ରଭାବଶାଳୀ ସାମନ୍ତ ହଟେ ସିଂହଙ୍କ ଏଇ କେଇବର୍ଷ ହେଲା ସ୍ମୃତି-ସଭା ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି । କିନ୍ତୁ ମନୋଜ ତାର ବହୁପୂର୍ବରୁ ଏହି ବୀରପୁଂଗବଂକ ବ୍ରିଟିଶ ସରକାରଙ୍କ ସହିତ ଅଧୁନା ବରଗଡ ଜିଲ୍ଲାସ୍ଥିତ ଘେଁଷଠାରେ ହୋଇଥିବା ଘମାଘୋଟ ଲଢ଼େଇ ବିଷୟ ଅବତାରଣା କରିଛନ୍ତି । ଗୋରା ସରକାର ହାତରେ ବଂଦୀ ହେଲା ପରେ ତାଙ୍କୁ ସ୍ଥାନାନ୍ତରିତ କରାହୋଇଛି ପୋର୍ଟବ୍ଲେୟାରସ୍ଥିତ ସେଲୁଲାର ଜେଲ୍‌କୁ । ତେଣୁ କହିବାକୁ ହେଉଛି ମନୋଜଙ୍କ କଲମ ନିର୍ଭେଜାଲ ଜନଜୀବନର ଚିତ୍ରକାର ।

ଗଳ୍ପଗୁଡିକର ନାଟକୀୟ ଉପସ୍ଥାପନା, ସାଧାରଣ ମଣିଷ ପ୍ରତି ଥିବା ଦରଦ ଓ ଜନଜୀବନର ବିପୁଳ ସ୍ରୋତରୁ ପିଉଥିବା ଆଂଜୁଳାଭରା ମାନବୀୟ ଜଳରାଶି ତାଙ୍କ କଲମକୁ ଚିର ସବୁଜ କରି ରଖିଛି । ସ୍ଥାନ ଅଭାବରୁ ମୁଁ କେବଳ ଦୁଇଟି ଗଳ୍ପ 'ଦୂର ନିର୍ଜନ ସ୍ୱର ଓ 'ଶେଷ ବସନ୍ତର ଚିଠି' କିଛିଟା ସମୀକ୍ଷାତ୍ମକ ବିବରଣୀ ପାଠକ ପାଠିକାଙ୍କ ଗୋଚାରାର୍ଥେ ଏଠି ଉପସ୍ଥାପନ କରୁଛି ।

ପ୍ରଥମ ଗଳ୍ପରେ ମା' ଓ ମୀନା ଗଳ୍ପନାୟକ ସଂଗରେ ଯୋଡିହୋଇ ଯାଇଛନ୍ତି ଭାରତ ବର୍ଷର ଉତ୍ତର ସୀମାନ୍ତରେ ରହଣି ସମୟରେ । ସେଠି ଉଭୟ ଏକାକିନୀ । ସ୍ୱାମୀ କର୍ତ୍ତବ୍ୟ କ୍ଷେତ୍ରରେ । ସ୍ୱାମୀଙ୍କ ଉପଦେଶାନୁଯାୟୀ ଏହି ନିର୍ଜନ ପରିବେଶକୁ ଝଂକୃତ କରିବା ପାଇଁ ସୀତାର୍‌ଟିକୁ ଆପଣେଇବାକୁ ଚାହିଁଛନ୍ତି ମା' । କିନ୍ତୁ ମୀନା ମା'କୁ ଏମିତି ଏକ ଏକ ନିର୍ଜନ ବସ୍ତୁ ସହିତ ଆତ୍ମୀୟତା କରିବାକୁ ମୋଟେ ଚାହିଁନି । ସବୁ ସନ୍ତାନଙ୍କ ଭଳି ମୀନାର ମଧ୍ୟ ଝୁଙ୍କ୍ ତା ମାକୁ ସେ ଆଦୌ କରଛଡା କରିବନାହିଁ । ଶିଶୁ ସୁଲଭ ଈର୍ଷାନ୍ୱିତା ଅଧିକାର ନେଇ ସିଏ ବ୍ୟାକୁଳିତ । ବାଦାନୁବାଦର ସୂତ୍ରପାତ ହୁଏ । କିନ୍ତୁ ଏଭଳି ସ୍ନେହସିକ୍ତ ବାଦାନୁବାଦରେ ଫଳ ଅବା କ'ଣ ଥାଇପାରେ ! ଯଥା ମୀନା ଅଟଳ ସଂକଳ୍ପ ସହକାରେ ତା ଜନନୀ କୋଳକୁ ଝପଟି ଯାଇ ତାର କ୍ଷୀଣ ବାହୁ ଯୁଗଳରେ ତାଙ୍କଠାରୁ ସୀତାର୍‌ଟିକୁ ସ୍ୱତନ୍ତ୍ର କରିଦେବା ପାଇଁ ପୁନର୍ବାର ଲଢ଼େଇ ଆରଂଭ କରିଦେଲା । ମା'ର ଏକାନ୍ତ ନିବିଷ୍ଟତା ପାଇଁ ସିଏ ଖାଲି ଉଚ୍ଚାଟିତ ହେଇ ରହିଗଲା । ବହମାନ ସମୟରେ ପରମୁହୂର୍ତ୍ତରେ କିନ୍ତୁ ସବୁ ଓଲଟି ଯାଇଛି । ଶତ୍ରୁ ମିତ୍ର ପାଲଟିଗଲା ଭଳି ନିଖିଳ ଭାରତ ଆନ୍ତର୍ବିଶ୍ୱବିଦ୍ୟାଳୟର ଯୁବ ସମ୍ମିଳନୀର ସାଂସ୍କୃତିକ ପ୍ରତିଯୋଗିତାରେ ସୀତାର ବାଦନରେ ମୀନା ପ୍ରଥମ ହୋଇଛି । ଗପଟି ମନୋଜ ବାବୁଙ୍କ ତରୁଣ ବୟସରେ ଲେଖା

Digitized by srujanika@gmail.com

ହୋଇଥିଲେ ବି ଯେମିତି ଜଣାପଡୁଛି ଏକ ପାକଳ ହାତର କରାମତି । ଗପଟି ଶିକ୍ଷଣୀୟ । ମନୋବିଜ୍ଞାନର ପରିଭାଷା ଏଠି ବେଶ୍ ସ୍ୱଷ୍ଟ ଓ ପ୍ରାଂଜଳ । ଅଧିକ ଫେଣେଇବାର ଆବଶ୍ୟକତା କେଉଁଠି ? ସେଇଭଳି 'ଶେଷ ବସନ୍ତର ଚିଠି'ରେ ଟିକିଝିଅଟିର ମନସ୍ତତ୍ତ୍ୱକୁ ସୁରୁଖୁରରେ ସଂଭାଳି ନେଇଛି ଗପଟିର ବଳିଷ୍ଠ ସ୍ଥାପତ୍ୟ । ପ୍ରତ୍ୟହ ପୋଷ୍ଟମ୍ୟାନ୍‌ଟିକୁ ଅପେକ୍ଷା କରିଥିବା ସେ ଝିଅଟିର ଲକ୍ଷ୍ୟ କେନ୍ଦ୍ରୀଭୂତ ତା ମା'ର ହାତଲେଖା ଚିଠିଟିକୁ । ଯିଏ ଶଯ୍ୟାଶାୟିନୀ କେଉଁ ଦୂର ଡାକ୍ତରଖାନାରେ । କେଉଁ କାରଣରୁ ସେ କଥା ବୁଝେଇ ନାହାନ୍ତି । ହୁଏତ ଝିଅ ମଧ ସେଭଳି ଉତ୍ତମ ରୂପେ ବୁଝି ପାରୁଥିବା ବୟସରେ ଉପନୀତ ହୋଇନାହିଁ । ଏଠି ଲେଖକ ଅନ୍ୟ କେହି ନୁହନ୍ତି, ଜଣେ ମନୋବିଜ୍ଞାନୀ । ଗଳ୍ପର ନାୟକକୁ 'ରୀନା କେଆର୍ ଅଫ୍ ଇତ୍ୟାଦି ଚିଠିଟିକୁ ପୋଷ୍ଟମ୍ୟାନ୍ ଭୁଲବଶତଃ ତାଙ୍କ ହାତକୁ ବଢେଇବା ଯାକେ ଗଳ୍ପଟିର ରହସ୍ୟ ଉନ୍ମୋଚିତ ହୋଇନାହିଁ ।'

ମନୋଜ ପୃଥିବୀକୁ ଯେତିକି ଭଲପାଆନ୍ତି , ତାଠୁ ବେଶି ଭଲ ପା'ନ୍ତି ତା'ର ଅତୀତକୁ । କେବଳ ଭାରତ କାହିଁକି, ସମଗ୍ର ୟୁରୋପ ତଥା ଇଂଲଣ୍ଡର ଇତିହାସ ପ୍ରତି ତାଙ୍କର ପ୍ରବଳ ଝୁଂକ । 'ଦୂର ଦୂରାନ୍ତର' ଭ୍ରମଣ କାହାଣୀ ଏହା ସୂଚେଇ ଦିଏ । ତାଙ୍କ ଭାଷାରେ ବଣିକ-ସଭ୍ୟତା ଓ ବିଜ୍ଞାନ ବାତାବରଣକୁ ଏକାକାର କରି ଦେଇଛି । କୌଣସି ମହାନଗରୀର ସ୍ଥୂଳ ଚେହେରାରେ ବୈଚିତ୍ର୍ୟ ନାହିଁ, ବିସ୍ମୟ ନାହିଁ । ପଂଝାଏ କୁଆ ଉଡିଗଲା ଭଳି ସବୁ ସମାନ ଦିଶୁଥିବା କୋଠା, ଖାଦ୍ୟ ପଦାର୍ଥ, ବେଶ ପୋଷାକର ଅଂକୁଶ ଯେମିତି ଲଗେଇ ଦେଇଛି ଏହି ଖାଉଟୀ ସଭ୍ୟତା । ମଣିଷର ନିଜସ୍ୱ ଇଚ୍ଛା ଅବଦମିତ ହୋଇ ଯାଇଛି । ମନୋଜ ଇଂଲଂଡଠାରୁ ସୁଇଜରଲାଣ୍ଡ ଯାଏ ଖୋଜି ଚାଲିଛନ୍ତି ସେଇ ଇତିହାସର ଆଦିମୂଳକୁ, ଯାହା ହୁଏତ ଦିନେ ମୌଳିକ ଗଢଣରେ ଢଳ ଢଳ କରୁଥିଲା । ଶବ୍ଦ ମାନଙ୍କୁ ନିଜ ଅନୁଭୂତିରେ ସଜାଇ ହେବାକୁ ଚାହିଁଛନ୍ତି ସେ । ମୋ ଦୃଷ୍ଟିରେ ମଣିଷର ସାମଗ୍ରିକ ଇନ୍ଦ୍ରିୟାନୁଭବକୁ ଠିକଣା ଭାବରେ ପାଠକଙ୍କ ନିକଟକୁ ଘେନିଯିବା ପାଇଁ ଯେମିତି ଶବ୍ଦମାଳାଙ୍କ ଅକ୍ଷମତା ରହିଛି । ଏହାକୁ ସକ୍ଷମ କରିବାକୁ ଯେଉଁ ପ୍ରୟାସ ଜାହିର ରହିଛି, ମନୋଜ ତାରି ଆଗ ଧାଡିରେ ।

ମନୋଜ ଦାସ କଲମ ଧରିଲେ ଭୁଲିଯାଆନ୍ତି ନିଜକୁ । ସାଲିସ୍ କରି ନିଅନ୍ତି ତାଙ୍କ ଗଳ୍ପର ଚରିତ୍ର ମାନଙ୍କ ନିକଟରେ । ସୃଜନାତ୍ମକ ମୁହୂର୍ତ୍ତ, ଯାହାକୁ କେହି କେହି ଆତ୍ମା ସହିତ ଆତ୍ମାର ମିଳନ ବୋଲି କହଂତି, ତାହା ଅନ୍ୟ କିଛି ନୁହେଁ, ପରକୁ ବୁଝିବାର ଆବେଗ, ଯାହାର ମଣିଷ ସଂପର୍କ ଯେତେ ବେଶି ସେ ସେତେ ବେଶି ଉଚ୍ଛ୍ୱସିତ ତାର ପାଠକ ପାଠିକାଙ୍କ ଦାୟିତ୍ୱ ନେବାରେ । ବ୍ୟକ୍ତିଗତ ଭାବରେ ମୁଁ ଏ ସୁରାକ ପାଇଛି ତାଙ୍କଠୁ ବହୁ ବର୍ଷ ଆଗରୁ । ଗାଳ୍ପିକଟିଏ ସାହିତ୍ୟିକଟିଏ ହେବା ଆଗରୁ ଭଲ ମଣିଷଟିଏ ହେବାର ପ୍ରଲୁବ୍‌ଧତା ତାଙ୍କୁ ସବୁକାଳେ ଆତ୍ମହରା କରିଛି । ଏହା ମୋର ବିନମ୍ର ମତ । ମତେ କେହି

Digitized by srujanika@gmail.com

ବିଚାରକ ଭାବେ ନିଯୁକ୍ତି ଦେଇ ନାହାନ୍ତି । ବାଇବେଲରେ ଧାଡିଟିଏ ଅଛି- Judge not let you be judged. ବଣ୍ଠା ସମାଜରେ ପିତୃତ୍ୱ ଅର୍ଜନ ପୂର୍ବରୁ ନିଜ ଘରର ପିତୃତ୍ୱ ସଂଭାଳିବା ବୋଧେ ସବୁଠାରୁ ଶକ୍ତିଶାଳୀ ଅଗ୍ନିପରୀକ୍ଷା । ମୋ ବିଚାରରେ ମନୋଜ ବାବୁ ଏଥିରେ ସାହସିକତାର ସହିତ ଉତୀର୍ଣ୍ଣ ହୋଇଛନ୍ତି । ଆଜି ତାଙ୍କର ଏକ ନିର୍ଦ୍ଦିଷ୍ଟ ପାଠକ ବର୍ଗ ସମଗ୍ର ଭୂ-ମଂଡଳରେ ଏକ ନିର୍ଦ୍ଦିଷ୍ଟ ପରଂପରା ଓ ଆଦର୍ଶକୁ ଆଖି ଆଗରେ ରଖି ତାଙ୍କ ପରବର୍ତ୍ତୀ ଲେଖାକୁ ଉତ୍ସୁକ ହୋଇ ଅନେଇଛନ୍ତି । ଅନ୍ୟ ଯାହା ସତ ହେଉ କି ନ ହେଉ, ଏକଥା କିନ୍ତୁ ନିର୍ଧାର୍ଯ୍ୟ ସତ୍ୟ ଯେ ମନୋଜ ଇତର ଇନ୍ଦ୍ରିୟ କାମନା ବାସନାକୁ ଚରିତାର୍ଥ କରିବାକୁ ତାଙ୍କ କଲମକୁ କେବେହେଲେ ପ୍ରଶ୍ରୟ ଦେଇନାହାନ୍ତି, ଦେବେନାହିଁ ମଧ୍ୟ । ତାଙ୍କ ଲେଖା ସେଇ ଶାଶ୍ୱତ ସତ୍ୟଭାବାପନ୍ନ ସୌନ୍ଦର୍ଯ୍ୟର ଚାବିକାଠି । ଇତର ମଣିଷର ସୌନ୍ଦର୍ଯ୍ୟ ଆକଳନ ଓ ସୃଜନ ଭିନ୍ନ ଧରଣର । ମନୋଜଙ୍କ ସୌନ୍ଦର୍ଯ୍ୟ ସାମୟିକ ବାହାବାହାର ନେତୃତ୍ୱ ନିଏ ନାହିଁ; କିନ୍ତୁ ମଣିଷର ଉତ୍କୃଷ୍ଟତମ ଚେହେରାର ଅନୁସଂଧାନରେ ସେ ଯେମିତି ବାଇଆ ହୋଇ ଘୂରିବୁଲୁଥାଏ । ଏ ସନ୍ନ୍ୟାସ ସୃଜନର ପଟାନ୍ତର କାହିଁ ?

• ସଂପାଦକ,
ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର

Digitized by srujanika@gmail.com

ମୁକ୍ତିର ମାନ୍ତ୍ରିକ ମନୋଜ ଦାସ

ରତ୍ନାକର ଚଇନି

ଆଧୁନିକ ଓଡ଼ିଆ ଗଳ୍ପସାହିତ୍ୟ ଜଗତରେ ମନୋଜ ଦାସ ଏକ ସୁପରିଚିତ ତଥା ସଂଭ୍ରାନ୍ତ ନାମ । ଫକୀରମୋହନଙ୍କ ଭାବଭୂମିର ସେ ସାର୍ଥକ ଉତ୍ତରପୁରୁଷ । ପରଂପରା, ପୂରୋଦୃଷ୍ଟି ଓ ମାଟି-ମଣିଷ ପ୍ରତି ମମତ୍ୱବୋଧ ସହିତ ଆଧୁନିକତା ପ୍ରତି ପ୍ରବଳ ଆକର୍ଷଣ ଏହି ପ୍ରଜ୍ଞା-ପୁରୁଷକୁ ଓଡ଼ିଆ ସାହିତ୍ୟରେ ଅସପତ୍ନ ଆସନ ଦେଇଛି । ରାଜର୍ଷି ଜନକ ଭଳି ସେ ଆଧ୍ୟାତ୍ମିକତା ଓ ମାନବବାଦର ମୁଗ୍ଧ ନାନ୍ଦୀକାର । ନୂତନ ରୁଚିବୋଧ ଓ ଅଭିନବ ଭାବବଳୟରେ ତାଙ୍କ ସୃଜନ-ଜଗତ ଦୀପ୍ତିମାନ । ସେଥିପାଇଁ ସେ ଓଡ଼ିଆରେ ଲେଖିଥିଲେ ବି ତାହା ଭାରତୀୟ ସାହିତ୍ୟର ମହାର୍ଘ ସଂପଦଭାବେ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଛି । ତାଂକ ରଚନାର ସୀମା କେବଳ ଓଡ଼ିଆ ଭାଷା ମଧ୍ୟରେ ସୀମାବଦ୍ଧ ନୁହେଁ । ତାଙ୍କର ବହୁମୁଖୀ ସାହିତ୍ୟ ସାଧନା ତଥା ବିଚକ୍ଷଣ ପତ୍ରିକା ସଂପାଦନା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ତାଙ୍କର ଋଷିପ୍ରତିମ ବ୍ୟକ୍ତିତ୍ୱ ଓ ଗମ୍ଭୀର ବାକ୍‌ଭଙ୍ଗୀ ଯେ କୌଣସି ବ୍ୟକ୍ତିକୁ ମୁଗ୍ଧ ଓ ଆକର୍ଷଣ କରେ ।

ଆଜି ଏ ଶ୍ରଦ୍ଧାର୍ଘ୍ୟ ଢାଳିଲା ବେଳକୁ ଓଡ଼ିଆ ସାହିତ୍ୟର ଏହି ମହାନ୍ 'ସ୍ରଷ୍ଟା'ଙ୍କ କୃତି ଓ କୀର୍ତ୍ତି ଆଖି ଆଗରେ ଉଦ୍‌ଭାସିତ ହୋଇଉଠେ । କୃତି ଓ ଖ୍ୟାତିରେ ଓଡ଼ିଆ କଥା-ସାହିତ୍ୟ ଜଗତରେ ଏହି ଜନପ୍ରିୟ ସ୍ରଷ୍ଟା ଅଗଣିତ ପାଠକଙ୍କ ହୃଦୟ ସିଂହାସନକୁ ଅକ୍ତିଆର କରି ସାରିଛନ୍ତି ପ୍ରାୟ ପାଞ୍ଚଟି ଦଶକ ଆଗରୁ। ତାଙ୍କ ମତରେ, ଗତାନୁଗତିକ ଜୀବନଧାରା ତାଙ୍କୁ ସନ୍ତୋଷ ଦେଇ ପାରିନଥିଲା । ଏକ ସାମାଜିକ ଅସନ୍ତୋଷ ଭିତରୁ ତାଙ୍କର ସନ୍ଧାନ ଆରମ୍ଭ ହୋଇଥିଲା । ମଣିଷ ମଣିଷ ଭିତରେ ଏକତ୍ୱ ଦର୍ଶନ ତାଙ୍କୁ ବାମପନ୍ଥୀ କରିଥିଲା । ଚେତନା ରାଜ୍ୟରେ ବିକାଶ ବିନା ଏକତ୍ୱର ରୂପାୟନ ଅସମ୍ଭବ ଏହା ସେ ପରେ ଉପଲବ୍ଧି କଲେ । ଅରବିନ୍ଦ ଦର୍ଶନରେ ମଣିଷ ଓ ତା'ର ଚେତନାର ପରିବର୍ତ୍ତନରେ ଆଶାନ୍ୱିତ ବାର୍ତ୍ତା ଥିବା ଜାଣି ସେ ସେଥିପ୍ରତି ଆକୃଷ୍ଟ ହେଲେ । ତାଙ୍କ ଭାଷାରେ -''ମଣିଷର ସୃଷ୍ଟି, ବିବର୍ତ୍ତନର ଆଭିମୁଖ୍ୟ, ମଣିଷ ଜାତିର ଅନିବାର୍ଯ୍ୟ ଭବିଷ୍ୟତ ସଂପର୍କରେ ଶ୍ରୀ ଅରବିନ୍ଦ ଯେଉଁ ଦିଗ୍‌ଦର୍ଶନ ଦେଇଛନ୍ତି, ତାହା ମୋତେ ବିଜ୍ଞାନସମ୍ମତ ଏବଂ ପୂର୍ଣ୍ଣାଙ୍ଗ ମନେହେଲା ।

(ମନୋଜ ପଞ୍ଚବିଂଶତି, ପୃ-'ଘ')

Digitized by srujanika@gmail.com

ମନୋଜବାବୁଙ୍କର ଏକମାତ୍ର ପୁତ୍ରସନ୍ତାନ ଜନ୍ମ ହେବାର ୨୯ଦିନ ପରେ ମରିଯାଇଥିଲା । ସ୍ୱାମୀ-ସ୍ତ୍ରୀ ଏଥିରେ ମର୍ମାହତ ହୋଇଥିଲେ । ମନ ପରିବର୍ତ୍ତନ ପାଇଁ ଦକ୍ଷିଣ ଭାରତ ଭ୍ରମଣରେ ଯାଇ ପଣ୍ଡିଚେରୀରେ ପହଞ୍ଚିଥିଲେ । ଏସ୍ଥାନ ତାଙ୍କୁ ଖୁବ୍ ଭଲ ଲାଗିଥିଲା ଏବଂ ମନ ପରିବର୍ତ୍ତନରେ ସହାୟକ ହୋଇଥିଲା । କଟକ ଫେରି ଆସିଲା ପରେ ସେମାନେ ସ୍ଥିର କରିଥିଲେ -ଏକ ମହତ୍ତର ଓ ଦିବ୍ୟଜୀବନ ସନ୍ଧାନରେ ସେମାନେ କର୍ମଭୂମି କଟକ ପରିତ୍ୟାଗ କରି ଦିବ୍ୟଭୂମି ପଣ୍ଡିଚେରୀରେ ରହିବେ । ଗୋଟିଏ ସମ୍ବେଦନଶୀଳ ମାନବାତ୍ମା, ସାମାଜିକ ଅସଂତୁଳନରେ ବିକ୍ଷୁବ୍ଧ ଏକ ବିଦ୍ରୋହୀ ପୁରୁଷ, ନବଚେତନାର୍ ବାର୍ତ୍ତାବହ ଜଣେ ସଫଳ ସୃଜନଶିଳ୍ପୀ ଏବଂ ଜଣେ ସମର୍ଥ ସଂପାଦକଙ୍କର ଏହାହିଁ ଦକ୍ଷିଣାବର୍ତ୍ତ-ଏହାହିଁ ଅମୃତ ସନ୍ଧାନର ଯାତ୍ରା ।

କଥା-ସାହିତ୍ୟପ୍ରତି ଅଧିକ ଆଗ୍ରହୀ ହେବାର କାରଣ ସ୍ୱରୂପ ସେ ନିଜେ କହନ୍ତି- ‘‘କବିତା ଓ ଗଳ୍ପ ଉଭୟେ ମୋର ଏକାନ୍ତ ପ୍ରିୟ । କବିତା ଯେ ଲେଖୁନାହିଁ ତାହା ମୋର ଦୁର୍ଭାଗ୍ୟ । କବିତା ପ୍ରେରଣାର ଆବେଗକୁ ଭିତରେ ଚାପି ରଖିଛି । ଅନେକ ଲେଖକ ଅଛନ୍ତି ଯେଉଁମାନେ ସାହିତ୍ୟ ସୃଷ୍ଟିର ଏକାଧିକ ଧାରା ପ୍ରତି ସମାନ ନ୍ୟାୟ ଦେଇ ପାରନ୍ତି । ମୋର ସେ ଶକ୍ତିନାହିଁ । ଗଳ୍ପଧାରା ଭିତରେ ମୁଁ ଛନ୍ଦି ହୋଇ ଯାଇଛି’’ (‘ଅଧୁନା’-୧୯୮୫) । ତେବେ ଗଳ୍ପ ଭିତରେ ସେ କବିତାର ଝଙ୍କାର ସୃଷ୍ଟି କରି ନାହାନ୍ତି, ଏ କଥା ନୁହେଁ । ତଥାପି ଗଦ୍ୟ ତାଙ୍କ ଭାବାବେଗ ପ୍ରକାଶର ସୁନ୍ଦର ମାଧ୍ୟମ । ମୋଟାମୋଟି ଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତୀୟ ମୁକ୍ତି ସଂଗ୍ରାମର ଦୂର ତଥା ନିକଟ ପ୍ରଭାବକୁ ସେ ତାଙ୍କ ସୃଜନ ପରିସରରୁ ଦୂରେଇ ଦେଇ ପାରିନାହାନ୍ତି । ମାଟି-ମଣିଷର ମମତା ତାଙ୍କ ପ୍ରଜ୍ଞା ପରିଧିରେ ମର୍ମରିତ । ଭାରତବର୍ଷର ବିପୁଳ ଗ୍ରାମ-ଜୀବନକୁ ଚିତ୍ରଣ କରିବାର ସରସ ସଂକଳ୍ପ ତାଙ୍କ ଗଳ୍ପଗୁଡ଼ିକୁ କରିଛି ଅତ୍ୟନ୍ତ ଜୀବନ୍ତ ଓ ଲୋକପ୍ରିୟ । ସାମାଜିକ କୁସଂସ୍କାର, ମୂଲ୍ୟବୋଧର ଦେବାଳୟ ପତନ ତଥା ଶ୍ରେଣୀସଂଘର୍ଷର ମାର୍ମିକ ଚିତ୍ର ତାଙ୍କ କଥା ସାହିତ୍ୟରେ ଅଙ୍କିତ । ମାନବିକତା ତାଙ୍କ ସୃଜନଶୀଳ ଅନୁଭବର ଏକ ବର୍ଣ୍ଣାଢ୍ୟ ଅଳଙ୍କାର । ମାନବାତ୍ମାର ମୁକ୍ତିପାଇଁ ତାଙ୍କ ରଚନା ଏକ ସୁନ୍ଦର ମାଧ୍ୟମ । ଭାରତୀୟ ଜୀବନର ଆଶା ଓ ଆନନ୍ଦ ଦ୍ୱାରା ତାଙ୍କ ସ୍ରଷ୍ଟା-ମାନସ ପୁଷ୍ଟ ଓ ପ୍ରସାରିତ । ପୁଣି ତାଙ୍କର ପ୍ରସାରିତ ବିଶ୍ୱଦୃଷ୍ଟି ତାଙ୍କ ସୃଜନଶୀଳ ଆବେଗର ଏକ ଉଜ୍ଜ୍ୱଳ ଦିଗ ।

ଫକୀରମୋହନ ପରବର୍ତ୍ତୀ କାଳରେ ଓଡ଼ିଆ କଥା ସାହିତ୍ୟରେ ‘ମନୋଜ ଦାସ’ ଏକ ଅଗ୍ରଗଣ୍ୟ ନାମ । ଭାଷା, ଭାବ, ଶୈଳୀ ଓ ଛନ୍ଦପ୍ରବାହରେ ସାହିତ୍ୟ-ସଂସାରକୁ ମୁଗ୍ଧ କରି ରଖିଥିବା ସେ ଜଣେ ଅସାଧାରଣ ଯାଦୁକର । ତାଙ୍କ ସୃଜନ ବଳୟ ସମ୍ବନ୍ଧରେ ଯାହା କହିଲେ ବି ତାହା ଅସଂପୂର୍ଣ୍ଣ ।

• ସଭାପତି, ‘ଉତ୍କଳ ସାହିତ୍ୟ ସମାଜ’,
ଶ୍ରୀରାମଚନ୍ଦ୍ର ଭବନ, କଟକ

Digitized by srujanika@gmail.com

ପ୍ରବୀଣ ମନୋଜଙ୍କ ତରୁଣ ରୂପ

ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ

ଏମିତି ଏକ ମନୋଜ ଦାସଙ୍କୁ ପାଇଛି ଆମର ଓଡ଼ିଶା, ଯାହାଙ୍କ ନାଆଁ ଶୁଣିଲେ ବହୁ ବୁଦ୍ଧିଜୀବୀ ଶ୍ରଦ୍ଧାରେ ନତମସ୍ତକ ହୋଇଯାଉଛନ୍ତି । ସେ ଯେଉଁ କଲମରେ ସାହିତ୍ୟ ସୃଷ୍ଟି କରନ୍ତି, ତାହା ବଜାରରେ ମିଳୁଥିବା ସାଧାରଣ କଲମ ନା କାମାକ୍ଷାଦେବୀଙ୍କର କାଉଁରୀ କାଠି ! ଅକ୍ଷରକୁ ଅକ୍ଷର ଯୋଡ଼ି ସେ ଯେଉଁ ଶବ୍ଦ ଗଢ଼ନ୍ତି ସେହି ଶବ୍ଦ ଅନେକ ସମୟରେ ଅଭିଧାନକୁ ଛାଡି ଏକ ଭିନ୍ନ ଅର୍ଥର ଦ୍ୟୋତକ ହୋଇଥାଏ । ଶବ୍ଦକୁ ଶବ୍ଦ ଯୋଡି ସେ ଯେଉଁ ବାକ୍ୟ ପ୍ରସ୍ତୁତ କରନ୍ତି ସେହି ବାକ୍ୟ ସମୂହ ପାଠକକୁ ଲାଗିଥାଏ ମଣିଷ ନିଜକୁ ଭଲ ପାଇବାପରି । ସେହି ଅନ୍ତରଙ୍ଗ ବାକ୍ୟ ସମୂହରେ ମନୋଜଙ୍କ କଲମରୁ ଯେଉଁ କାହାଣୀଟି ପ୍ରସ୍ତୁତ ହୁଏ, ଭାବର ଗଭୀରତାରେ ତାହା ସମୁଦ୍ରପରି ଗଭୀର ହୋଇଯାଏ ତ ଅର୍ଥର ବ୍ୟାପକତାରେ ତାହା ଆକାଶପରି ବିସ୍ତୃତ ହୋଇଯାଏ ।

ମନୋଜ ଦାସ ଓଡ଼ିଆ ସାହିତ୍ୟ ଜନନୀର ଅବିରତ ସେବା କରିବା ପରି ମୁଁ ମଧ୍ୟ ସେହି ଜନନୀର ପଦସେବା କରିବାକୁ ସୌଭାଗ୍ୟ ବୋଲି ମନେ କରିଥାଏ । ବେଳେବେଳେ ମନୋଜଙ୍କ ସହିତ ନିଜକୁ ତୁଳନା କରିବାକୁ ଇଚ୍ଛାହୁଏ । ସେହି ତୁଳନାରେ ମନୋଜ ଦାସ ଠିଆ ହୋଇଥାଆନ୍ତି ଆକାଶଚୁମ୍ବୀ ତାଳବନ୍ତ ତାଳଗଛଟିଏ ଭାବରେ ଓ ମୁଁ ସେଇ ତାଳଗଛର ମୂଳରେ ଠିଆ ହୋଇଥାଏ ଘାସଗଛଟିଏ ପରି । ତୁଳସୀ ଦୁଇପତ୍ରରୁ ବାସିଲା ପରି ସେ ସେତେବେଳେ ବାସୁଥିଲେ ନା ସାଧାରଣ କଲେଜ ଛାତ୍ରଟିଏ ପରି କର୍ତ୍ତବ୍ୟ ସଂପାଦନ କରିବା ପାଇଁ କଲେଜର ମାଟି ମାଡୁଥିଲେ !!

ମନୋଜ ଦାସଙ୍କର ପ୍ରଥମ ପୂର୍ଣ୍ଣାଙ୍ଗ ଗଳ୍ପ ସଂକଳନଟି ପ୍ରକାଶିତ ହୋଇଥିଲା ୧୯୫୩ ମସିହା ଜାନୁଆରୀ ଏକ ତାରିଖରେ । ଅପେକ୍ଷାକୃତ ମୋଟା କାଗଜରେ ଇଷତ୍ ହଳଦିଆ ରଙ୍ଗର ପ୍ରଚ୍ଛଦ । ଉପରି ଭାଗରେ ବଡ ବଡ ଅକ୍ଷରରେ ଛପା ଯାଇଛି ଗଳ୍ପ ବହିଟିର ନାଆଁ 'ଜୀବନର ସ୍ୱାଦ' । ବହି ନାଆଁର ଡାହାଣ ପଟକୁ ତିନିଗୋଟି ସରୁଗାର । ଉପର ଓ ତଳଗାରଟି ସାନ ଓ ମଝିଗାରଟି ଅପେକ୍ଷାକୃତ ବଡ । ସବାତଳକୁ ଟିକିଏ

Digitized by srujanika@gmail.com

ଡାହାଣକୁ ଆଉଜିଗଲା ପରି ଲେଖା ଯାଇଛି 'ମନୋଜ ଦାସ' । ଏଇ ଭଳିଆ ଚେହେରାର ବହି ଖଣ୍ଡିଏ ପ୍ରକାଶ କରିବାପାଇଁ ଏବେ ନା କୌଣସି ପ୍ରକାଶନ ସାହସ କରିବ ନା ନିଜେ ଲେଖକ ଆଗଭର ହୋଇ ଆସିବ ! ଏମିତି ଚେହେରାରେ ବହି ଛାପିଲେ ଏବେକାର ପାଠକ ଯା' ଭିତରେ ମସଲା ନାହିଁ ବୋଲି ଭାବି ମୁହଁ ଆଡେଇ ଚାଲିଯିବ ।

ମନୋଜ ଦାସଙ୍କ 'ଜୀବନର ସ୍ୱାଦ' ବହିଟି ଗୋଟେ ପ୍ରତୀକ । ଗୋଟେ ତୁଳନା ସେ ସମୟର ଯୁବକ ଓ ସାଂପ୍ରତିକ ଯୁବକମାନଙ୍କ ମଧ୍ୟରେ । ଜଣେ କହୁଛି-ଉପରେ ଖାଲି ଚୋପାଟା ଛଡାଇଦେବାର ପରିଶ୍ରମ କର ତା' ଭିତରେ ଥିବା ଶସପୂର୍ଣ୍ଣ ଆମ୍ବକୁ ଉପଭୋଗ କରିପାରିବ । ଆଉ ଜଣେ କହୁଛି-ମୋ ଭିତରେ କିଛି ଥାଉ ବା ନଥାଉ ମହାକାଳ ଫଳ ପରି ମୋ ଉପରଟାକୁ ସଜାଇ ଦେବାରେ ହିଁ ଯଥେଷ୍ଟ ।

'ଜୀବନର ସ୍ୱାଦ' ପ୍ରକାଶିତ ହେବା ପୂର୍ବରୁ ମନୋଜ ଦାସଙ୍କର 'ବିପ୍ଳବୀ ଫକୀର ମୋହନ' ନାମରେ କବିତା ବହିଟିଏ ମଧ୍ୟ ପ୍ରକାଶିତ ହୋଇଥିଲା । କବିତା ବହିଟି ଥିଲା ଭାଷା ଓ ଭାବରେ ଅତୁଳନୀୟ , ଶୈଳୀ ଓ ଛନ୍ଦ ପ୍ରବାହରେ ଅନିନ୍ଦନୀୟ । 'ସହକାର', 'ଦୈନିକ ଆଶା', 'ଡଗର', 'ଚତୁରଙ୍ଗ' ଇତ୍ୟାଦି ସେ ସମୟର ଖ୍ୟାତନାମା ପତ୍ରିକାମାନ ଏହି ପୁସ୍ତକକୁ ପ୍ରଶଂସା କରି ସମୀକ୍ଷା କରିଥିଲେ ।

କବିତା ରଚନା କରିବାରେ ମନୋଜଙ୍କର ହାତଟି ସିଦ୍ଧଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କବିତା ପରିବର୍ତ୍ତେ ସେ ଗଳ୍ପ ରଚନାରେ ଅଧିକ ମନୋନିବେଶ କଲେ । କାରଣ ବିଭିନ୍ନ ପ୍ରକାର ଗଳ୍ପ ଶୁଣାଇ ଲୋକମାନଙ୍କ ମନକୁ ମୁଗ୍ଧ କରିପାରିବାର ବୈଶିଷ୍ଟ୍ୟ ତାଙ୍କ ନିକଟରେ ରହିଛି ବୋଲି ସେ ଅନୁଭବ କଲେ । କିଛି ଗଳ୍ପ ଲେଖିସାରି ତାହାକୁ ଏକ ସଂକଳନ କରିବାର ଇଚ୍ଛା ପ୍ରକାଶ କରିବାପରେ ଯାହା ଘଟିଥିଲା ତାହା ଆଜି ଇତିହାସରେ ପରିଣତ ହୋଇଯାଇଛି । ତାଙ୍କ ପ୍ରଥମ ଗଳ୍ପ ସଂକଳନଟିର ପ୍ରୟାସକୁ ଆଖି ଆଗରେ ରଖି ସେ ସଂପର୍କରେ ସାପ୍ତାହିକ 'ନୂଆ ଦୁନିଆ'ରେ ଗୋଟଏ ସମ୍ବାଦ ପ୍ରକାଶିତ ହୋଇଥିଲା । ସମ୍ବାଦଟି ଏହିପରି -''ବାଲେଶ୍ୱରର କୌଣସି ଏକ ପୁସ୍ତକ ପ୍ରକାଶନ ତରୁଣ କବି ଓ ପ୍ରଗତିଶୀଳ ଲେଖକ ମନୋଜ ଦାସଙ୍କର ଏକ ଗଳ୍ପ ସଂକଳନ ପ୍ରକାଶର ଭାର ନେଇଥିଲେ । ବହିଟିର ମାତ୍ର ଦୁଇଟି ଫର୍ମା ଛାପା ହେବାପରେ ସେଠାକାର ଦୁଇଜଣ ମାତବ୍ବର କଂଗ୍ରେସ ନେତାଙ୍କର ନାକରେ ତାର ଗନ୍ଧ ବାଜିଲା । ଗୋପନରେ କଂଗ୍ରେସ ଅଫିସକୁ ଡାକିନେଇ ପ୍ରକାଶକଙ୍କୁ ସତ୍ୟ, ଅହିଂସା ମନ୍ତ୍ରରେ ଏଭଳି ଦୀକ୍ଷିତ କରି ଦିଆଗଲା ଯେ, ବହି ଛାପା ସେତିକିରେ ବନ୍ଦ ରହିଲା । ବିଘ୍ନ କଳେବର ହେଲେ ମଧ୍ୟ ଲେଖକଙ୍କର ନିଜ ଚେଷ୍ଟାରେ 'ସମୁଦ୍ରର କ୍ଷୁଧା' ନାମଧରି ଯେଉଁ ପୁସ୍ତକଟି ପ୍ରକାଶିତ ହୋଇଛି, ତାହା କଂଗ୍ରେସ ନେତାଙ୍କର ଅପଚେଷ୍ଟାକୁ ବୃଥାବୋଲି ପ୍ରମାଣିତ କରୁଛି ।

ସଂକଳନଟି ପ୍ରକାଶିତ ହେବା ଅସମ୍ଭବ ବୋଲି ଜାଣିପାରି ଯେଉଁ ଦୁଇଗୋଟି

Digitized by srujanika@gmail.com

ଫାର୍ମା ଛପା ହୋଇଥିଲା ସେଥିରୁ ଦୁଇଗୋଟି ଗଳ୍ପକୁ ନେଇ ବିଘ୍ନ କଳେବରରେ 'ସମୁଦ୍ରର କ୍ଷୁଧା' ସଂକଳନଟି ମନୋଜ ଦାସ ନିଜ ଚେଷ୍ଟାରେ ପ୍ରକାଶ କରିଦେଲେ । 'ସମୁଦ୍ରର କ୍ଷୁଧା' ସଂକଳନର ପ୍ରଥମ ସଂସ୍କରଣରେ ଥିଲା ମାତ୍ର ଦୁଇ ଗୋଟି ଗଳ୍ପ । ଗୋଟିକର ନାମ 'ସାମରିକ' ଓ ଅନ୍ୟଟି 'ସମୁଦ୍ରର କ୍ଷୁଧା' । ସାପ୍ତାହିକ 'ମାତୃଭୂମି'ରେ ଏହି ସଂକଳନଟିର ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନାର କିଛି ଅଂଶକୁ ତାଙ୍କର ପରବର୍ତ୍ତୀ ସଂକଳନ 'ଜୀବନର ସ୍ୱାଦ'ରେ ମଧ ଉଦ୍ଧାର କରାଯାଇଥିଲା । ଗଳ୍ପ ଦୁଇଟି ସଂପର୍କରେ ଜାଣିବାପାଇଁ ସେହି ଉଦ୍ଧୃତିକୁ ମୁଁ ପୁନଶ୍ଚ ଏଠାରେ ଉଦ୍ଧାର କରିଦେଉଛି । ''ଦ୍ୱିତୀୟ ମହାଯୁଦ୍ଧର ପଟ୍ଟଭୂମିରେ ଲେଖା 'ସାମରିକ' ଓ 'ସମୁଦ୍ରର କ୍ଷୁଧା' ଶୀର୍ଷକ ଦୁଇଟି ଅତି ଆଧୁନିକ ପ୍ରଗତିଶୀଳ ଗଳ୍ପର ସମାବେଶ ଏହି କ୍ଷୁଦ୍ର ପୁସ୍ତିକାଟିରେ ହୋଇଛି । ଦ୍ୱିତୀୟ ମହାଯୁଦ୍ଧରେ ଭାରତର ପଲ୍ଲୀଜୀବନ ଓ ନାଗରିକ ଜୀବନ ଉପରେ କି ଭଳି ଅକାଳ ଚଡକ ପଡିଥିଲା, ସାମାଜିକ ଜୀବନରେ କିପରି ସବୁକିଛି ଓଲଟପାଲଟ ହୋଇ ଯାଇଥିଲା, ସାମ୍ରାଜ୍ୟବାଦୀ ଶାସନର ଚକ୍ରତଳେ ଏ ଦେଶର ଜନସାଧାରଣ କିପରି ଦଳି, ପେଷି ହୋଇ ଯାଉଥିଲେ ଏବଂ ଯୁଦ୍ଧର ଘନଘଟା ମଧରେ ଦେଶର ବିଭିନ୍ନ ସ୍ଥାନରେ ସେନା ବାହିନୀର ପାଶବିକ ଅତ୍ୟାଚାର ଆମର ପଲ୍ଲୀଜୀବନକୁ କିପରି ନାରଖାର କରିଥିଲା, ତା'ର ଏକ ଜୀବନ୍ତ ଛବି ଲେଖକ ବହିଟିରେ ଦେଇଛନ୍ତି ଓ ଆଞ୍ଚଳିକ ଭାଷାକୁ ଚରିତ୍ର ମୁହଁରେ ପ୍ରକାଶ କରି ଅତିଶୟ ବାସ୍ତବଚିତ୍ର ଆଙ୍କିବାରେ ସଫଳତା ହାସଲ କରି ପାରିଛନ୍ତି । ବହିଟି ତରୁଣ ଲେଖକଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତର ସୂଚନା ଦିଏ ।''

'ମାତୃଭୂମି'ର ଅନୁମାନ ଯୋଗୁଁ ମନୋଜଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଲାକି ନାହିଁ ତାହା ତାଙ୍କର ପାଠକ କଳନା କରିବେ । ମାତ୍ର ଏହି ଭଗ୍ନକଳେବର ଗ୍ରନ୍ଥଟି ପ୍ରକାଶ ପାଇବା ପରେ ଅନ୍ୟ ଏକ ସଂପୂର୍ଣ୍ଣ କଳେବର ଗ୍ରନ୍ଥ ପ୍ରକାଶ କରିବାକୁ ମନୋଜଙ୍କର ଉତ୍ସାହ ବଢ଼ିଲା । ବର୍ଷା ଆସିଲେ କେବଳ ନଈ, ପୋଖରୀରେ ପାଣି ପୂର୍ଣ୍ଣହୋଇ ଯାଏନାହିଁ, ଏହାଦ୍ୱାରା ଧାନ୍ୟାଦି ଶସ୍ୟ ମଧ ବିକଶିତ ହୋଇଥାଏ । ଠିକ୍ ସେହିପରି ପରବର୍ତ୍ତୀ ସଂକଳନଟିଏ ପ୍ରକାଶକରି କେବଳ ମାନସିକ ଆହ୍ଲାଦ ଓ ସାହିତ୍ୟିକ ଯଶ ପାଇବାର ଲକ୍ଷ୍ୟ ମନୋଜ ରଖିନଥିଲେ, ବରଂ ଏହି ପୁସ୍ତକ ବିକ୍ରୀଲବ୍ଧ ଆୟରେ ପ୍ରଗତିଶୀଳ ସାହିତ୍ୟ ପତ୍ର 'ଦିଗନ୍ତ' ପ୍ରକାଶନର ବାଧା ପ୍ରତିବନ୍ଧକକୁ ହଟାଇବାକୁ ଉଦ୍ୟମ କରିଥିଲେ ।

ଶେଷରେ ୧୯୫୩ ମସିହା ଜାନୁଆରୀ ଏକ ତାରିଖରେ ପ୍ରକାଶିତ ହେଲା ମନୋଜ ଦାସଙ୍କର ପ୍ରଥମ ପୂର୍ଣ୍ଣାଙ୍ଗ ଗଳ୍ପ ସଂକଳନ 'ଜୀବନର ସ୍ୱାଦ' । ଗଳ୍ପଗୁଡିକୁ ପଢିଲେ ତାର ନାଆଁ କାହିଁକି 'ଜୀବନର ସ୍ୱାଦ' ଦିଆ ଯାଇଛି ତାହା ଭଲଭାବରେ ଉପଲବ୍ଧି କରିହେବ । ମଣିଷ ଜୀବନକୁ କେତେ ଭଲପାଏ ତା'ର କାହାଣୀ ରହିଛି ଏଥିରେ । ଜୀବନ କେମିତି କ୍ରମଶଃ ପରିବର୍ତ୍ତିତ ହୋଇ ଯାଉଛି ତାହା ମଧ ଗଳ୍ପ ସମୂହରୁ

Digitized by srujanika@gmail.com

ଉପଲବ୍ଧି କରିହେବ । ଇଚ୍ଛାକୃତ ଭାବରେ ସେ ଗଳ୍ପରେ ଦେଖାଇଛନ୍ତି ମଣିଷର ଦୁଃଖଦୁର୍ଦ୍ଦଶା, ଦୁଃଖଦୁର୍ଦ୍ଦଶା ଦେଖି ସେଥିରୁ ଆନନ୍ଦ ପାଉଥିବା ବ୍ୟକ୍ତି ଏବଂ ସର୍ବୋପରି ମଣିଷ ହୃଦୟର ପରିବର୍ତ୍ତନଶୀଳତା ।

ମନୋଜଙ୍କର 'ନୂଆଦିନ' ଗଳ୍ପଟି ସହିତ ମାନିକ ବନ୍ଦୋପାଧ୍ୟାୟଙ୍କର 'ବାଗ୍‌ଦିପାଡାଦିୟେ' ଗଳ୍ପର ଗୋଟେ ତୁଳନା କରାଯାଉ । ଏ ତୁଳନାଟି ନିଜେ ଶ୍ରୀ ଦାସ କରିଛନ୍ତି । ବନ୍ଦୋପାଧ୍ୟାୟଙ୍କ ଗଳ୍ପର ନାୟକ ଜମିଦାରର ଦଲାଲି କରେ । ଜମିଦାରର ଅତ୍ୟାଚାରରେ ପ୍ରଜାକୁଳ ଅତିଷ୍ଠ ହୋଇଯାଇ ଆନ୍ଦୋଳନ କଲାବେଳେ ନାୟକ ଜମିଦାରଙ୍କ ତରଫରୁ ପ୍ରଜାଙ୍କୁ ଭୟଭୀତ କରାଇ ଦମନ କରିବାକୁ ଚେଷ୍ଟାକରେ । ଫଳରେ ପ୍ରଜାଶକ୍ତିର ବଜ୍ରମୁଷ୍ଟି ଆଗରେ ଜୀବନ ଦେବାକୁ ବାଧହୁଏ । ମନୋଜଙ୍କର 'ନୂଆଦିନ' ରେ କାହାଣୀ ସମାନ, ମାତ୍ର ପରିଣତି ଭିନ୍ନ । ମନୋଜଙ୍କ ଗଳ୍ପରେ ଜମିଦାର ଅଛନ୍ତି, ତାଙ୍କର ଅତ୍ୟାଚାର ମଧ୍ୟ ରହିଛି । ପ୍ରଜାମାନଙ୍କର ଆନ୍ଦୋଳନ ରହିଛି ଓ ସେହି ଆନ୍ଦୋଳନକୁ ଦମନ କରିବାକୁ ଜମିଦାରଙ୍କ ଦଲାଲ ଜୟନାଥ ଓ ତାର ଠେଙ୍ଗାମଧ ରହିଛି । ଯେତେବେଳେ ବହୁ ସଂଖ୍ୟାରେ ଲୋକ 'ସବୁ ଚାଷୀର ସ୍ୱାର୍ଥ ଏକ; ଚାଷୀ ମଜଦୁର ମଧ୍ୟବିତ୍ତ ଏକ ହୋ'' କହି ବନ୍ଧ ଆଡକୁ ଆଗେଇ ଚାଲିଛନ୍ତି ସେତେବେଳେ ଜମିଦାର ରବିନାରାୟଣ ଜୟନାଥକୁ ନିର୍ଦ୍ଦେଶ ଦେଇଛନ୍ତି ଲୋକମାନଙ୍କୁ ଗୁଳି କରିବାକୁ । ଏତେ ଦିନ ଧରି ଜମିଦାରର ଦଲାଲି କରୁଥିବା ଜୟନାଥର ହୃଦୟ ପରିବର୍ତ୍ତିତ ହୋଇଯାଇଛି । ବନ୍ଧୁକର ନଳୀ ଜମିଦାରର ଛାତି ଆଡକୁ ଲକ୍ଷ୍ୟକରି ଧରି କହିଛି-''ତୁମେ କାହାକୁ ହତ୍ୟାକରି ପାରିବନାହିଁ ଜମିଦାର'', କାହିଁକି ତୁମେ ପ୍ରଜାମାନଙ୍କର ରକ୍ତଢାଳି ପ୍ରତିବର୍ଷ ଏଇ ଜ୍ୱଳନ୍ତ ନିଆଁକୁ ଚାପି ରଖିବ ? ମୁଁ ବା କାହିଁକି ତୁମକୁ ସାହାଯ୍ୟ କରିବି ? ମୋର କ'ଣ ସ୍ୱାର୍ଥ ? କାହିଁକି ତୁମେ ଏମାନଙ୍କର ହକ୍‌ଦାବୀ ମାନିନେବ ନାହିଁ ? କାହିଁକି ? କାହିଁକି ? ଉଦ୍ଦୀପ୍ତ ଜୟନାଥ ଏହା କହି ଜମିଦାରଙ୍କ ଆଡକୁ ଆଗେଇ ଯାଇଛି ।

ଦୁଇଟି ଗଳ୍ପକୁ ତୁଳନା କଲେ ଆମେ ଗୋଟେ ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ ଦୁଇଟି ଗଳ୍ପରେ ବିପ୍ଳବଟି ମୁଖ୍ୟସ୍ୱର ହୋଇଥିବାବେଳେ ହୃଦୟକୁ ପରିବର୍ତ୍ତନ କରାଇବାର ଚେଷ୍ଟା ହିଁ ମନୋଜଙ୍କର ବୈଶିଷ୍ଟ୍ୟ । ତରୁଣ ବୟସରେ ହୃଦୟ ପରିବର୍ତ୍ତନ କରାଇବାର ଏଇ ମାନସିକତା ପ୍ରାଜ୍ଞ ମନୋଜଙ୍କଠାରେ ବି ପରିବର୍ତ୍ତିତ ହୋଇନାହିଁ । ତାଙ୍କ ଗଳ୍ପକୁ ପାଠକ ଅନ୍ତରଙ୍ଗ ଭାବରେ ଭଲପାଇବାର ମଧ୍ୟ ଏହା ଏକ ମୁଖ୍ୟ କାରଣ ।

'ଜୀବନର ସ୍ୱାଦ' ସଂକଳନରୁ ଆଉ ଦୁଇଟି ଗଳ୍ପ ସଂପର୍କରେ ମୁଁ ସୂଚନା ଦେବି । ଗୋଟିଏ 'ଆବିଷ୍କାର' ଓ ଅନ୍ୟଟି 'ବୟସ୍ୟ' । 'ଆବିଷ୍କାର' ଗଳ୍ପରେ ୧୯୪୩ ମସିହାରେ ଭୋଗରାଇ ଅଞ୍ଚଳରେ ମଣିଷ ଭୋକପାଇଁ କେଉଁ ସ୍ତରକୁ ଯାଇ ପାରୁଥିଲା ତା'ର ଏକ ହୃଦୟ ବିଦାରକ ଚିତ୍ର ଦିଆଯାଇଛି । ଗଳ୍ପର ହିରୋ ନିବାରଣ । ନିବାରଣ

Digitized by srujanika@gmail.com

ହିଁ ଭୋକିଲା । ଟିକଟ ନଥାଇ ମଧ୍ୟ ଚୌକିଦାରର ଅନ୍ୟମନସ୍କତାରେ ସେ ଛତରର ଭିତରକୁ ପଶିଯାଇଛି । ଟିକଟ ଚେକିଂ କରାଗଲା ବେଳେ ତା' ପାଖରେ ବସିଥିବା ଟୋକା ପାଖରୁ ସେ ଟିକଟ ଚୋରୀ କରି ନେଇଛି । ଅଧିକ ଭାତ ପାଇବ ବୋଲି ଗାତ ଉପରେ ଗାମୁଛା ପକାଇଛି । ଚୌକିଦାରର ମାଡରେ ତା'ର ପାଖ ଟୋକାଟା ମରିଯିବାରୁ ମଲାଟୋକାର ଫେଣମିଶା ଭାତକୁ ନିଜ ଭାତ ସହିତ ମିଶାଇ ବାନ୍ଧି ଘରକୁ ଫେରିଛି । ମଡ଼ା ଦେହରୁ ମିଲିଟାରି ପୋଷାକ ବାହାର କରି ପିନ୍ଧିଛି । ଘରେ ଯାଇ ଭୋକିଲା ବୁଢା ବାପକୁ ଖାଇବାକୁ ନଦେଇ ନିଜେ କିଛି ଖାଇଛି ଓ ଅବଶିଷ୍ଟାଂଶ ନାଳୁଆ ପାଖରେ ଲୁଚାଇ ଦେଇଛି । ଘରୁ କିଛି ସମୟ ବାହାରକୁ ଯାଇ ଫେରି ଆସି ଭାତ ନପାଇ ବୁଢା ଖାଇ ଦେଇଛି ବୋଲି ଗାଳି ଦେଇଛି । ଶେଷରେ ସନ୍ଧାନ ପାଇଛି ଯେ ତା'ର ଭାତକୁ ମୂଷା ଖାଇ ଦେଇଛନ୍ତି । ମୂଷାଙ୍କ ଉପରେ ରାଗି ହାଣ୍ଡି ଆଡେଇ ଦେବାରୁ ଆଖି ଫିଟି ନଥିବା ଛୋଟ ଛୋଟ ସାତଟା ମୂଷାଛୁଆଙ୍କୁ ଦେଖିଛି । ବିଲେଇକୁ ଡାକିବାକୁ ଯାଇ ଫେରିଆସି ଦେଖିଛି ସେଥିରୁ ପାଞ୍ଚଟା ମୂଷାଛୁଆ ନାହିଁ । ବୁଢାର ବାନ୍ତିରୁ ନିବାରଣ ଜାଣି ପାରିଛି ଯେ ଭୋକଆତୁରରେ ବୁଢା ହିଁ ମୂଷାଛୁଆକୁ ଖାଇଦେଇଛି । ମୂଷାଛୁଆଙ୍କୁ ଖାଇ ଯେ ଜୀବନ ରକ୍ଷା କରିହେବ, ଶେଷରେ ନିବାରଣ ଏଇ ଆବିଷ୍କାରଟି କରିପାରିଛି ।

'ବୟସ୍ୟ' ଗଳ୍ପରେ ବୟସ୍ୟର ସ୍ତ୍ରୀ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ କବିରାଜର ପ୍ରାପ୍ୟ ଦେବାକୁ ଦୁଇଟି ଟଙ୍କା ପାଇବା ପାଇଁ ନାଟକର ଦର୍ଶକମାନଙ୍କୁ ହସାଇବାରେ ଲାଗିଛି । ଛାତି ଭିତରୁ ଉତୁରି ଉଠୁଛି କାନ୍ଦ, ମୁହଁରେ ଫୁଟି ଉଠୁଛି ହସ । ପ୍ରତାରଣାର ଶିକାର ହୋଇ ଦୁଇଟଙ୍କା ପାଇବା ବେଳକୁ ତାର ସ୍ତ୍ରୀ ଚାଲିଯାଇଛି ଆରପୁରକୁ ।

ସିଧାସଳଖ ଭାବରେ ମଣିଷର ଦୁଃଖକୁ ଦେଖାଇ ଦିଆଯାଇଛି 'ଜୀବନର ସ୍ୱାଦ' ଗଳ୍ପ ସମୂହରେ । ପାଠକ ପଢିଲେ ଦୁଃଖରେ ଉବୁଟୁବୁ ହେବ ଓ କାନ୍ଦିବ । ପାଠକର ହୃଦୟରେ ନୂତନ ଭାବଟିଏ ସଞ୍ଚରିତ ହେବ । ତରୁଣ ମନୋଜ, ଏଇୟା ଚାହିଁଥିଲେ ସେତେବେଳେ । ଏବେ ମଧ୍ୟ ମନୋଜ ସେଇୟା ଚାହାନ୍ତି ପାଠକମାନଙ୍କୁ ଉପହାର ଦେବାକୁ । ସେତେବେଳର ଶୈଳୀ ଓ ଆଜି ଶୈଳୀରେ ବେଶି କିଛି ପାର୍ଥକ୍ୟ ନାହିଁ । ସେତେବେଳେ ଯାହା ସିଧାସଳଖ କହୁଥିଲେ ଆଜି ସେଇ କଥାକୁ ଟିକିଏ ବୁଲେଇ ବଙ୍କେଇ କହୁଛନ୍ତି ।

ସିଙ୍ଘାଣିନାକୀ ପିଲାଟିଏ ଯେମିତି ଭବିଷ୍ୟତରେ ରାଷ୍ଟ୍ରପତି ପଦକୁ ବି ଅଳଂକୃତ କରେ, ସେମିତି ଜୀବନର ସ୍ୱାଦ ଚାଖିଥିବା ମନୋଜ ଦାସଙ୍କ ଗଳ୍ପପୁରୁଷ ଏବେ ମହାଜୀବନର ସ୍ୱାଦ ଚାଖିଲାଣି । ତଥାପି ପ୍ରାଜ୍ଞ ମନୋଜଙ୍କର ଗଳ୍ପକୁ ଦେଖି ସାରିବାପରେ ତରୁଣ ମନୋଜଙ୍କର ଗଳ୍ପକୁ ଦେଖି ଆମେ ନିଃସନ୍ଦେହରେ କହି ଦେଇ ପାରିବା -''ଏଇଟା ପ୍ରାଜ୍ଞ ମନୋଜର ତରୁଣରୂପ ।''

• ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବାଲେଶ୍ୱର ଶାଖା, ବାଲେଶ୍ୱର

Digitized by srujanika@gmail.com

ମନୋଜ ଦାସଙ୍କ ଗଳ୍ପର ଦିଗ ଓ ଦିଗନ୍ତ

ଶିଶିର କୁମାର କର

କଥାଶିଳ୍ପୀ ଶ୍ରୀଯୁକ୍ତ ମନୋଜ ଦାସ ଜୀବନର ନିଛକ ବାସ୍ତବତାକୁ ନେଇ ଯେପରି କାହାଣୀ ଲେଖିପାରନ୍ତି ସେହିପରି ପରୀ ରାଇଜର ସ୍ୱପ୍ନାତୁର କାଳ୍ପନିକତାକୁ ନେଇ ସୁନ୍ଦର ଗଳ୍ପ ରଚନା କରିପାରନ୍ତି । ମଣିଷ ଅନ୍ତର୍ଜଗତର ଜ୍ୱାଳା ଓ ତୀବ୍ର ଦ୍ୱନ୍ଦ୍ୱକୁ ସେ ସରଳ ମନସ୍ତାତ୍ତ୍ୱିକ ଢଙ୍ଗରେ ଉପସ୍ଥାପନ କରି ସୃଷ୍ଟି କରନ୍ତି ଏକ ଆକର୍ଷଣୀୟ ନାଟକୀୟତା । ତାଙ୍କ ଗଳ୍ପ ଲେଖାର ବିଶେଷତ୍ୱ ହେଉଛି ବୌଦ୍ଧିକ ମନନଶୀଳତା ଓ ସୂକ୍ଷ୍ମ ମନସ୍ତାତ୍ତ୍ୱିକ ବିଶ୍ଳେଷଣ । ପୁଣି ଇଂରାଜୀ ସାହିତ୍ୟର ଲେଖକ 'O' Henryଙ୍କ ପରି ପ୍ରାୟ ସବୁ ଗଳ୍ପର ଶେଷ ପରିଣତି ଅତ୍ୟନ୍ତ ଚମତ୍କାରିତା ପୂର୍ଣ୍ଣ । ଭାରତୀୟ ଧର୍ମ, ବିଶ୍ୱାସ, ପରମ୍ପରା, ସଂସ୍କୃତି ତଥା ସାମାଜିକ ଜୀବନକୁ ନେଇ ତାଙ୍କ ଗଳ୍ପଗୁଡ଼ିକ ଖୁବ୍ ପ୍ରଭାବଶାଳୀ ଓ ନୀତିଶିକ୍ଷାମୂଳକ ଅଟେ । ବିଷୟବସ୍ତୁର ନୂତନତା, ଆକର୍ଷଣୀୟ ଶୈଳୀ, ସୁଚତୁର ବ୍ୟଙ୍ଗ ଓ ଅବକ୍ଷୟୀ ସମାଜର ସୂକ୍ଷ୍ମ ଅନୁଶୀଳନ ତାହାଙ୍କ ଗଳ୍ପର ବୈଶିଷ୍ଟ୍ୟ । ଗାଳ୍ପିକ ଶ୍ରୀଯୁକ୍ତ ଦାସଙ୍କ ମତରେ-"ଶୈଳୀ, କଥାବସ୍ତୁକୁ ଅନୁସରଣ କରେ ।" ତେଣୁ ଘୋଡ଼ା ଓ ଆରୋହୀ ଏକ ସଙ୍ଗରେ ଦୌଡ଼ୁଥିବାରୁ ତୀବ୍ର ଗତିବେଗ ଓ ନାଟକୀୟ ଚମତ୍କାରିତା ସୃଷ୍ଟିହେବା ସ୍ୱାଭାବିକ । ମନୋଜ ଦାସଙ୍କ ଗଳ୍ପମାନସକୁ ଅଧ୍ୟୟନ କଲେ ଗଳ୍ପ ରଚନାର କେତୋଟି ବଳିଷ୍ଠ ଦିଗ ଉପରେ ସ୍ୱତଃ ଆଖିପଡ଼େ । ସେଗୁଡ଼ିକ ଏଠାରେ ଉପସ୍ଥାପନ କଲେ ଅପ୍ରାସଙ୍ଗିକ ହେବନାହିଁ ।

ମଣିଷ ଜୀବନର ଅସହାୟତାର ନିଖୁଣ ଚିତ୍ର

ଆବହମାନ କାଳରୁ ଚିରନ୍ତନ ମଣିଷ-ଯାତ୍ରୀ ନିଜ ଦୁଃଖର ବୋଝକୁ ପିଠିରେ ବାନ୍ଧି ଦୌଡ଼ୁଥିବା ବେଳେ ନିଃସଙ୍ଗତା ଓ ବିଚ୍ଛିନ୍ନତାବୋଧର ଶିକାର ହୋଇଛି । ଉପରକୁ ସେ ପଥର ଭଳି ନିଦା ଓ ଟାଣ୍ ଦେଖାଯାଉଥିଲେ ମଧ୍ୟ ଭିତରେ ଭିତରେ ସେ ପାଣି ହୋଇ ବହିଯାଇଛି । ଛଳନାର ମୁଖା ଭିତରୁ ବାସ୍ତବ ମଣିଷର ଦୁର୍ବଳ ରୂପକୁ ଉପସ୍ଥାପନ କରିବା ପ୍ରୟାସ ଶ୍ରୀଯୁକ୍ତ ଦାସଙ୍କ ଅଧିକାଂଶ ଗଳ୍ପରେ ଦେଖିବାକୁ ମିଳିଥାଏ । ସାମନ୍ତବାଦୀ ଚରିତ୍ର ଓ ଆଧୁନିକ ମଣିଷ ଚରିତ୍ର-ଉଭୟଙ୍କ

Digitized by srujanika@gmail.com

ଅସହାୟତାକୁ ରୂପଦେବାରେ ମନୋଜ୍ ଦାସ ଜଣେ ସଫଳ ଗାଳ୍ପିକ ଅଟନ୍ତି । ନିଜସ୍ୱ ଗଳ୍ପ ସମ୍ପର୍କରେ ସେ ମତ ଦିଅନ୍ତି -''ମଣିଷର ଅସହାୟତାକୁ ଚିତ୍ରଣ କରି ମୁଁ ତା'ପାଇଁ ଅନ୍ୟଠାରୁ ସହାନୁଭୂତି ଆକର୍ଷଣ କରିବାକୁ ଚାହେଁ ।'' (୧) ଗାଳ୍ପିକଙ୍କ ଅଭିବ୍ୟକ୍ତିରୁ ଏକଥା ସ୍ପଷ୍ଟ ହୁଏ ଯେ ସେ ବ୍ୟକ୍ତିସତ୍ତାର ଅସହାୟତାକୁ ଅଧିକ ସଚେତନ ଭାବରେ ଚିତ୍ରଣ କରିଛନ୍ତି ।

'ବ୍ୟାଘ୍ରାରୋହଣ' ଗଳ୍ପରେ ଅସୁସ୍ଥ ମହାରାଜ ବ୍ୟାଘ୍ରାରୋହୀ ପୁତ୍ରର ପିତା ଭାବରେ ଗର୍ବିତ ହେବାର ଅଜ୍ଞାନ ଆସ୍ଫାଳନ କରିଥିଲେ । ହେଲେ ବ୍ୟାଘ୍ର, ହସ୍ତୀ ବା ଅଶ୍ୱଭଳି ଶାକାହାରୀ ନୁହେଁ । ତେଣୁ ଯୁବରାଜଙ୍କର କସ୍ମିନ୍ କାଳେ ଫେରିବାର ସମ୍ଭାବନା ନାହିଁ । ଏହି କଥାକୁ ବୁଝି ପାରିବା ପରେ ଦାମ୍ଭିକ ମହାରାଜ ଘୋର ଅସହାୟତାର ଶିକାର ହୋଇଛନ୍ତି । ଠିକ୍ ସେହିପରି 'ରବିବାସରୀୟ' ଗଳ୍ପରେ ବଡବାବୁଙ୍କର ଛୋଟପିଲାଙ୍କ ପରି ଲଘୁ ଆମୋଦ ଜନିତ 'ଭୋ-ଭୋ' ଶବ୍ଦ, ଶେଷରେ ତାଙ୍କୁ ମାନସିକ ରୋଗୀରେ ପରିଣତ କରି ମାନସିକ ଚିକିତ୍ସାଳୟକୁ ପ୍ରେରଣ କରିଛି । ପରିସ୍ଥିତିର ପରିବର୍ତ୍ତନରେ ମଣିଷ କିପରି ଅସହାୟ ହୋଇଯାଏ, ତାହାର ନିଖୁଣ ଚିତ୍ର କଥାକାର ଉପସ୍ଥାପନ କରିଛନ୍ତି । ସେହିପରି ଡେଭିଡ୍ ବାକସ୍‌ଟନ ଓ ଗ୍ରୀନ୍‌ଓ୍ୱେ ପାର୍କର ଗଳ୍ପର ନାୟକ 'ଡେଭିଡ୍' ପ୍ରଚଣ୍ଡ ଅସହାୟତାର ଶିକାର ହୋଇଛନ୍ତି । ଅନୁରୂପ ଭାବରେ 'ଲୋହିତ ଗୋଧୂଳି' ଗଳ୍ପରେ 'ପୁଣ୍ଡରୀକ', 'ସେନାପତି'ଗଳ୍ପରେ 'ସେନାପତି ଭାଲ୍ଲା', 'ମଧୁବନର ମେୟର' ଗଳ୍ପରେ 'ମେୟର ମହାଶୟ' ଚରମ ଅସହାୟତା ପ୍ରକାଶ କରଛନ୍ତି । ସେହିପରି 'ବିହଙ୍ଗ' ଗଳ୍ପରେ 'ଟୁକନ୍ ବାବୁ', 'ସଉକ' ଗଳ୍ପରେ 'ହୃଷୀକେଶ', 'ରାଜକନ୍ୟା' ଗଳ୍ପରେ 'ରାୟ' ଓ 'ଆରଣ୍ୟକ' ଗଳ୍ପରେ ନିଶାଗ୍ରସ୍ତ ଦୁର୍ବଳ ଚରିତ୍ରମାନେ ଅସହାୟତାର ଶିକାର ହେବାକଥା ପାଠକ ଭଲଭାବେ ହୃଦୟଙ୍ଗମ କରେ ।

ଏଠି ମନଭିତରେ ପ୍ରଶ୍ନ ଉଠେ ଗାଳ୍ପିକ ମଣିଷର ଅସହାୟତାକୁ ନେଇ ଅଧିକାଂଶ ଗଳ୍ପ ଲେଖିଛନ୍ତି କାହିଁକି ?ଏହି ପ୍ରଶ୍ନର ଉତ୍ତର ଗାଳ୍ପିକ ନିଜେହିଁ ପ୍ରଦାନ କରିଛନ୍ତି । ଯଥା-''ମନୁଷ୍ୟକୁ ସେତିକି ଭଲପାଏ ବୋଲି ତା'ର ଅସହାୟତାର ବାର୍ତ୍ତା ମୁଁ ସେତେବେଶି ପ୍ରଚାର କରିପାରିଛି ।''

ପଲ୍ଲୀ ଜୀବନ ପ୍ରତି ଆସକ୍ତି :

ପଲ୍ଲୀପ୍ରାଣତା ଭାରତୀୟ ସଂସ୍କୃତିର ମୂଳଆଧାର । ଫକୀର ମୋହନଙ୍କ ଗଳ୍ପରେ ବହୁଳଭାବେ ପଲ୍ଲୀମୁଖୀନତାର ଚିତ୍ର ଦେଖିବାକୁ ମିଳେ । ମନୋଜ ଦାସଙ୍କ ପ୍ରଥମ ପର୍ଯ୍ୟାୟ ଗଳ୍ପରେ ଯଥେଷ୍ଟ ପଲ୍ଲୀ ପ୍ରବଣତା ଲକ୍ଷ୍ୟ କରାଯାଇ ପାରେ । ଫକୀର ମୋହନଙ୍କ ଗଳ୍ପରେ ସ୍ଥାନୀୟ ବା ଆଞ୍ଚଳିକତାର ସ୍ପର୍ଶ ଥିଲାବେଳେ ମନୋଜ ଦାସଙ୍କ

Digitized by srujanika@gmail.com

ଗଳ୍ପରେ ନିଖୁଣ ଭାରତୀୟତାର ପଲ୍ଲୀଚିତ୍ର ଦେଖିବାକୁ ମିଳେ । କେତେକ ସ୍ଥାନରେ ଗାଳ୍ପିକ ଗ୍ରାମ୍ୟ ପରିବେଶ ମଧ୍ୟରେ ସହରୀ ସଭ୍ୟତାର ପ୍ରବେଶ ଦ୍ୱାରା କିପରି ଆସ୍ତେ ଆସ୍ତେ ସ୍ନେହ-ମମତା ଦୂରେଇ ଯାଉଛି, ତାହା ପ୍ରକାଶ କରିବାକୁ ଉଦ୍ୟମ କରିଛନ୍ତି । ଶ୍ରୀଯୁକ୍ତ ଦାସଙ୍କ ଗଳ୍ପରେ ଗ୍ରାମୀଣ ଜୀବନର କୁସଂସ୍କାର, ବିଶ୍ୱାସ, ସ୍ନେହ, ପ୍ରେମ, ଚଳଣି, ପରମ୍ପରା ମୂର୍ତ୍ତିମନ୍ତ ଭାବରେ ଚିତ୍ରିତ ହୋଇଥିବାର ଦେଖାଯାଏ । ଦୁର୍ଭିକ୍ଷ, ବାତ୍ୟା, ବନ୍ୟା, ପାହାଡ଼, ମନ୍ଦିର, ଜଳାଶୟ, ବୃକ୍ଷ, ପେଚା, ଭୂତ ଇତ୍ୟାଦିକୁ ନେଇ ସେ ସୁନ୍ଦର ବାଲ୍ୟସ୍ମୃତିମୂଳକ କାହାଣୀ ସୃଷ୍ଟି କରିଯାଇଛନ୍ତି ।

ଗ୍ରାମ୍ୟ ଚଳଣୀ ଉପରେ ଲିଖିତ ତାଙ୍କର ଲୋକପ୍ରିୟ ଗଳ୍ପଗୁଡିକ ହେଲା-''ଚୁପ୍ ସଇତାନ୍', 'କୁତୁରୀ ନାନୀ', 'ଜାଆଁଳା ଘାଇର କୂଳ', 'ଏକ ଚୋରିର ବୃତ୍ତାନ୍ତ', 'ଆବିଷ୍କାର', 'କିମ୍ପିରିଣୀ', 'ଭୂତୁଣୀ ଏକ ବିଦାୟ', 'ବୃକ୍ଷ', 'ଶୃଙ୍ଖଳା ପତ୍ର', 'ଅବୋଲକରା', 'ଭୋଳା ଅଜା' ଓ 'ହତ୍ୟାକାରୀ' ।'' ଏହିସବୁ ଗଳ୍ପର ସରଳ ବିଶ୍ୱାସବୋଧ, ସଂସ୍କୃତି ଓ ଐତିହ୍ୟ ଚେତନା, ଆର୍ଥନୀତିକ ସମସ୍ୟା, ପ୍ରାକୃତିକ ବିପର୍ଯ୍ୟୟ, ସାମନ୍ତବାଦର ଅବକ୍ଷୟ, ସ୍ୱାଧୀନତା ପାଇଁ ଆଗ୍ରହ, ନାରୀ ଜୀବନର ଯନ୍ତ୍ରଣା, ଅକପଟ ଗ୍ରାମୀଣ ମଣିଷମାନଙ୍କର ସରଳ ଜୀବନଧାରାର ଚିତ୍ର ପ୍ରକଟିତ ହୋଇଛି ।

କେତେକ ଗଳ୍ପରେ ବାଲ୍ୟ ଗ୍ରାମୀଣ ଜୀବନର ସ୍ମୃତି ରୂପାୟିତ ହୋଇଥିବାରୁ ତାହା ଆବେଗମୟ ଓ ସ୍ୱତଃସ୍ଫୂର୍ତ୍ତ ହୋଇ ପାରିଛି । ଶ୍ରୀ ଦାସଙ୍କ ପ୍ରକାଶିତ ଇଂରାଜୀ ବହିର ଜନୈକ ବିଦେଶୀ ପ୍ରକାଶକଙ୍କ ମତ ଗ୍ରହଣୀୟ । "His work shows familiarity with every aspect of Indian villalge and also with the effects of change on the federal society. x x x" (୨)

ଆଧ୍ୟାତ୍ମିକତାର ସନ୍ଧାନ :

ବ୍ୟକ୍ତି ଆଜି ଏମିତି ସମୟରେ ଉପସ୍ଥିତ ହୋଇଛି ଯେ ତାକୁ ଅର୍ଥ, ବିଳାସ ଉପକରଣ, ସୁଷମଖାଦ୍ୟ, କୋଠା, ବାଡି, ସମାଜ, ରାଜନୀତି କିଛି ଶାନ୍ତି ଦେଇ ପାରୁନାହିଁ । ସଂଭୋଗ ଓ ସୁଖ ସମୃଦ୍ଧି ପଛରେ ଗୋଡେଇ ଗୋଡେଇ ସେ ବାଟବଣା ହୋଇ ଯାଉଛି । ଫଳରେ ହତାଶା, ଦୀର୍ଘଶ୍ୱାସ, ଆଶାଭଙ୍ଗ ଓ ନୈରାଶ୍ୟ ବଢି ଚାଲିଛି । ଏହି ଅସହାୟତା ଓ ଅସନ୍ତୋଷରୁ ମୁକ୍ତି ପାଇବା ପାଇଁ ସେ ନୂତନ ମାର୍ଗର ସନ୍ଧାନ କରୁଛି । ତା'ର ସ୍ଥିତିରୁ ଉତ୍ତୀର୍ଣ୍ଣ ହେବାର ପ୍ରୟାସ ଓ ଆକୂତି ହିଁ ତାକୁ ଆଧ୍ୟାତ୍ମିକତା ଆଡକୁ ଟାଣି ନେଉଛି । ଶ୍ରୀଯୁକ୍ତ ଦାସଙ୍କ ଭାଷାରେ ''ଆଲୋକ ଓ ସତ୍ୟ ଦିଗରେ ମନୁଷ୍ୟର ଚିରନ୍ତନ ଅଭୀପ୍‌ସାକୁ ଆଧ୍ୟାତ୍ମିକତା ବୋଲି କୁହାଯାଇପାରେ ।'' ତେଣୁ ତାଙ୍କ ଗଳ୍ପରେ ଆଧ୍ୟାତ୍ମିକତାର ସଂଧାନ ରୂପରୁ ଅରୂପକୁ, ଭୂମିରୁ ଭୂମାକୁ, ଅନ୍ଧକାରରୁ ଆଲୋକ ଆଡକୁ ଆକର୍ଷିତ କରିଛି ।

Digitized by srujanika@gmail.com

ବେଳେବେଳେ ଦେଖାଯାଏ, ଗାଳ୍ପିକଙ୍କ ସାଧାରଣ ଚରିତ୍ରର ଧରାବନ୍ଧା ଚଳଣୀ ମଧ୍ୟରେ ଅସାଧାରଣ ସ୍ଫୁରଣ ଆପେ ଆପେ ସଂଘଟିତ ହୋଇଯାଏ । ଏହାକୁ ଉଚ୍ଚତର ମାନବବାଦ ବା ଆଧ୍ୟାତ୍ମିକତା କୁହା ଯାଇପାରେ । ଏହି ପର୍ଯ୍ୟାୟଭୁକ୍ତ ଗଳ୍ପଗୁଡ଼ିକ ହେଲା- 'ବିହଙ୍ଗ', 'ଲୁଲୁର୍ଭା ପର୍ବତରେ ଏକ ଦ୍ୱିପ୍ରହର', 'ଲକ୍ଷ୍ମୀର ଅଭିସାର',' ଘୁଡ଼ି', 'କିମ୍ବଦନ୍ତୀର ଉପସଂହାର', 'ଆବୁପୁରୁଷ', 'ସର୍ବଭୂତେଷୁ', 'ଶତ୍ରୁ', 'ଭାନୁଗୁଣ୍ଡା' ଓ 'ପର୍ଦ୍ଦା' ।

'ବିହଙ୍ଗ' ଗଳ୍ପରେ ମୁକ୍ତି ଆକୁଳତା, 'ପର୍ଦ୍ଦା'ଗଳ୍ପରେ ସୁକୁମାର ବାବୁଙ୍କ ସୀମିତ ବନ୍ଧନକୁ ଏଡ଼ାଇ ସୀମାତୀତକୁ ପାଇବାର ଇଚ୍ଛା ଆଧ୍ୟାତ୍ମିକତାର ଭାବରାଜ୍ୟକୁ ନେଇଯାଏ । ଏହିପରି ଗଳ୍ପ ଲେଖିବା ସମୟରେ ଗାଳ୍ପିକ ଚତୁରତାର ସହିତ ଅରଣ୍ୟ, ମନ୍ଦିର, ପାହାଡ଼, ସନ୍ନ୍ୟାସୀ, ଗୁରୁ ପ୍ରଭୃତିକୁ ଭାରତୀୟ ସଂସ୍କୃତିର ପ୍ରତୀକଭାବରେ ଉପସ୍ଥାପନ କରିଛନ୍ତି । ବିଶେଷଭାବେ ଭାରତୀୟ ପରମ୍ପରା ଯେ ସାତ୍ତ୍ୱିକ ଆଧ୍ୟାତ୍ମିକ ବିକାଶ ଉପରେ ଆସ୍ଥା ରଖିଛି ତାହା ବିଭିନ୍ନ ଗଳ୍ପ ମାଧ୍ୟମରେ ସେ ପ୍ରତିଫଳିତ କରିଛନ୍ତି ।

ମନସ୍ତାତ୍ତ୍ୱିକ ବିଶ୍ଳେଷଣ :

ମଣିଷ ମନର ନିଭୃତ କୋଣରେ ଲୁଚି ରହିଥିବା ଭାବର ବିଶ୍ଳେଷଣ ହିଁ ମନସ୍ତାତ୍ତ୍ୱିକ ବିଶ୍ଳେଷଣ । ଆଧୁନିକ ସଭ୍ୟତା ମଣିଷକୁ ଆଜି ଏପରି ଏକ ସଙ୍କଟ-ସଙ୍କୁଳ ପରିବେଶ ମଧ୍ୟରେ ଉପସ୍ଥାପନ କରିଛି, ଯେଉଁଠାରେ ବିଭିନ୍ନ ଚିନ୍ତାଧାରାର ଅହରହ ସଂଘର୍ଷ ଦେଖାଯାଉଛି । ମଣିଷ ମନର ଅବଚେତନ ସ୍ତରର ଅପ୍ରକାଶ୍ୟ ଭାବଧାରାକୁ ପ୍ରକାଶ କରିବାପାଇଁ ବିଶିଷ୍ଟ ସାହିତ୍ୟିକମାନେ ଉଦ୍ୟମ ଚଳାଇଛନ୍ତି । ମନୋଜ ଦାସଙ୍କ ଅନେକ ଗଳ୍ପରେ ପ୍ରାୟ ଏହି ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଦେଖାଯାଏ । ସେଗୁଡ଼ିକ ହେଲା 'ଲୋହିତ ଗୋଧୂଳି', 'ଆରଣ୍ୟକ', 'ରାୟ ସିଂହର ଡାଏରୀ', 'ସଂଗୋପନ କାହଣୀ', 'ଭୂତକୋଠୀରେ ଏକରାତି', 'ହୃଦୟ ପରିବର୍ତ୍ତନ ସଂକ୍ରାନ୍ତୀୟ କାହାଣୀ', 'ରବିବାସରୀୟ ସଙ୍ଗୀତ' ଓ 'ଜହ୍ନରାତିର ଗଳ୍ପ' ।

'ଲୋହିତ ଗୋଧୂଳି' ଗଳ୍ପରେ ଗଳ୍ପନାୟକ ପୁଣ୍ଡରୀକର ଭୟ ଓ ଲଜ୍ଜାଶୀଳତା ଗୁଣ ପାଇଁ ତା'ର ପ୍ରେମିକା କୁମୁଦିନୀ ଆତ୍ମହତ୍ୟା କରିଥିଲା । ପିତା ରାଘବଶର୍ମା ବଦଳରେ ପ୍ରଥମଥର ପାଇଁ ଗୁଣୀ ଝାଡ଼ିବାକୁ ଯାଇଥିବା ପୁଣ୍ଡରୀକ ଉପରେ କୁମାରୀ କନ୍ୟା କୁମୁଦିନୀର ପ୍ରେତ ସବାର ହେବା ସଂପୂର୍ଣ୍ଣଭାବେ ମନସ୍ତାତ୍ତ୍ୱିକ ଅଟେ । ଠିକ୍ ସେହିପରି 'ଆରଣ୍ୟକ' ଗଳ୍ପରେ ଚରିତ୍ରମାନେ ନିଶାଗ୍ରସ୍ତ ହୋଇ ଘଟାଇଥିବା ଅପକର୍ମକୁ ସଚେତନ ହେବାପରେ ବୁଝିବାକୁ ବା ଦେଖିବାକୁ ମାନସିକ ଭୟ ପ୍ରକାଶ କରିଛନ୍ତି । ଏହା ସଫଳ ମନାସ୍ତତ୍ତ୍ୱିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । 'ରାୟ ସିଂହର ଡାଏରୀ' ଗଳ୍ପରେ ରାୟସିଂହଙ୍କ ଅବଚେତନ ମନର ସୁପ୍ତ କାମନା ବାସନା ଗୁଡ଼ିକୁ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିବାରେ ଗାଳ୍ପିକ ସଫଳ ହୋଇଛନ୍ତି ।

ମଣିଷ ଚରିତ୍ରକୁ ବିଶ୍ଳେଷଣ କରିବାକୁ ଯାଇ ଗାଳ୍ପିକ ଉଲ୍ଲେଖ କରିଛନ୍ତି - ''ମଣିଷ ଚରିତ୍ର ଏପରି ପରସ୍ପର ବିରୋଧୀ ଗୁଣ ସମନ୍ୱିତ ଯେ ଜଣେ ଯେତେ ମନ୍ଦ

Digitized by srujanika@gmail.com

ହେଲେ ବି ତା' ଭିତରେ ଆତ୍ମାର ସ୍ଫୁଲିଙ୍ଗ ଲୁଚି ରହିବାକୁ ବାଧ୍ୟ । ସେଥିପାଇଁ ବ୍ୟଙ୍ଗ ଲେଖା ଏକ ବିରାଟ ଦାୟିତ୍ୱ ।''

ଚିତ୍ରକଳ୍ପର ପ୍ରୟୋଗ :

ଆଜି ମଣିଷ ମନର ଭାବନାକୁ ଶବ୍ଦଟିଏ ଧରି ରଖିବାକୁ ଅସମର୍ଥ ହୋଇଛି । ଜୀବନ, ଜଗତ ମଧ୍ୟରେ ଏପରି କେତେକ ସୂକ୍ଷ୍ମ ସଂପର୍କ ଅଛି ଯେ ତାକୁ ନିତ୍ୟ ବ୍ୟବହୃତ ଭାଷାରେ ରୂପଦେବା ସମ୍ଭବ ନୁହେଁ । କିନ୍ତୁ ଚିତ୍ରକଳ୍ପ ମଧ୍ୟରେ ଏପରି ବ୍ୟଞ୍ଜନା ଶକ୍ତି ଥାଏ ଯେ ତାହା ବର୍ଣ୍ଣନୀୟ ବସ୍ତୁ କିମ୍ବା ଭାବକୁ ଜୀବନ୍ତ କରି ଗଢିତୋଳେ । ''ଓଡ଼ିଆ ଗାଳ୍ପିକମାନେ ଚିତ୍ରକଳ୍ପର ପ୍ରୟୋଗ କରି ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି । ହେଲେ ଗାଳ୍ପିକ ଶ୍ରୀଯୁକ୍ତ ଦାସଙ୍କ କ୍ଷେତ୍ରରେ ଏହାର ପ୍ରୟୋଗ ସ୍ୱତନ୍ତ୍ର ଓ ଖୁବ୍ ଜୀବନ୍ତ ।'' (୩) ସେ ଅଧିକାଂଶ ଗଳ୍ପରେ ଏହି ଚିତ୍ରକଳ୍ପର ପ୍ରୟୋଗ ଖୁବ୍ ସଫଳ ଭାବରେ କରି ଗଳ୍ପକୁ ଇଙ୍ଗିତ ଧର୍ମୀ କରିଥା'ନ୍ତି ।

ଯୁଗେ ଯୁଗେ ସମୁଦ୍ର କ୍ଷୁଧାତୁର, ବେଳେବେଳେ ମଣିଷ ଦେହରେ ସମୁଦ୍ରର କ୍ଷୁଧା ଜାଗିଉଠେ । 'ସମୁଦ୍ରର କ୍ଷୁଧା' ଗଳ୍ପରେ ସମୁଦ୍ର ଓ ମଣିଷର କ୍ଷୁଧା ସମପର୍ଯ୍ୟାୟଭୁକ୍ତ ହୋଇଥିବାର ଦେଖାଯାଏ । ଏହି ମଣିଷର କ୍ଷୁଧାକୁ ଗାଳ୍ପିକ କେତେବେଳେ ବାଘ ('ବାଘ') ରୂପରେ ତ କେତେବେଳେ ଦାନବ ('ଅନ୍ତରଙ୍ଗ ଦାନବ') ରୂପରେ ଦେଖନ୍ତି । ସେହିପରି ଅନୁକରଣ ସର୍ବସ୍ୱ ଚିନ୍ତାଧାରାକୁ ମର୍କଟରୂପରେ ('ଅପହୃତ ଟୋପିର ରହସ୍ୟ') ଦେଖାନ୍ତି । ମଣିଷ ବେଳେବେଳେ ଜାନ୍ତବ କ୍ଷୁଧା ତୃଷାର ଶିକାରହୋଇ ଅରଣ୍ୟର ପଶୁପରି ('ଆରଣ୍ୟକ') ଖାଦ୍ୟ ଅଖାଦ୍ୟ ଭକ୍ଷଣ କରିଥାଏ । ସେହିପରି ଲେଖକ ମନୁଷ୍ୟର ମର୍କଟତ୍ୱ ଓ ମର୍କଟର ମନୁଷ୍ୟତ୍ୱକୁ ଦେଖି 'ମନୁଷ୍ୟ ମର୍କଟ ସଂବାଦ' ଲେଖିଛନ୍ତି । ମର୍କଟର ପରବର୍ତ୍ତୀ ସଂସ୍କରଣ ମଣିଷ ହୋଇଥିବାରୁ 'ମର୍କଟ' ଗାଳ୍ପିକଙ୍କର ପ୍ରିୟ ଚିତ୍ରକଳ୍ପ ଅଟେ ।

ଚିତ୍ରକଳ୍ପ ଗୁଡିକୁ ଗାଳ୍ପିକ ପ୍ରୟୋଗ କରିବା ପୂର୍ବରୁ ଉପଯୁକ୍ତ ପରିବେଶ ସୃଷ୍ଟିକରି ତାକୁ ଗଳ୍ପରେ ସ୍ଥାନ ଦିଅନ୍ତି । ତାଙ୍କର ଚିତ୍ରକଳ୍ପମାନଙ୍କରେ ଲୋକକଥାର ଭୂତ, ପ୍ରେତ, ପରୀ, ଦାନବ, ପଶୁ, ପକ୍ଷୀ, ବାଘ, ଅଶ୍ୱ, ମାଙ୍କଡ, କୁକୁର, ହରିଣ, ସମ୍ବର, ଲାଜକୁଳୀଲତା ପ୍ରଭୃତି ସ୍ଥାନ ପାଇଛନ୍ତି । ଗାଳ୍ପିକ ମଣିଷର ବିଭିନ୍ନ ଚିତ୍ତବୃତ୍ତିକୁ ଚିତ୍ରକଳ୍ପ ମାଧ୍ୟମରେ ଜୀବନ୍ତଭାବରେ ଉପସ୍ଥାପନ କରି ସଫଳ ହୋଇଛନ୍ତି ।

ବୁଦ୍ଧିଦୀପ୍ତ ଶାଣିତ ବ୍ୟଙ୍ଗ :

ବ୍ୟଙ୍ଗ ହେଉଛି ସମାଜ ସଚେତକ ସ୍ରଷ୍ଟାର ଏକ ସଫଳତମ ଅସ୍ତ୍ର । ''ସମାଜରେ ସବୁ ଶ୍ରେଣୀୟ ଲୋକଙ୍କ ମନରେ ବସା ବାନ୍ଧିଥିବା କୁସଂସ୍କାର ରକ୍ଷଣଶୀଳତା ଓ ଅମାନବୀୟ ଚିନ୍ତାଧାରା ବିରୁଦ୍ଧରେ ଏଥିରେ ଥାଏ ବିସ୍ଫୋରକ ।'' ଗାଳ୍ପିକ ମନୋଜ ଦାସ ଫକୀର ମୋହନଙ୍କ ପରି ବ୍ୟଙ୍ଗକୁ ନିଜ ରଚନାର ମାଧ୍ୟମରୂପେ ଧରିଥିଲେ ମଧ୍ୟ ଏହା ପାଠକକୁ ହସିବାର ସମାନ୍ୟ ସୁଯୋଗ ଦିଏନାହିଁ । ''କାରଣ ଏଠାରେ ବ୍ୟଙ୍ଗ

Digitized by srujanika@gmail.com

ଏତେ ଶାଣିତ ଓ ବୁଦ୍ଧିଦୀପ୍ତ ଯେ ସେ ନିଜର ଅସହାୟତାକୁ ନିଜେ ଥଟ୍ଟା କଲାପରି ଆର୍ତ୍ତନାଦରେ ପାଠକର ଅନ୍ତର ବିଳାପ କରିଉଠେ ।'' (୪)

ଗାଳ୍ପିକଙ୍କ ସାମାଜିକ ବ୍ୟଙ୍ଗ ପ୍ରସଙ୍ଗରେ ନିଜସ୍ୱ ଉକ୍ତି ଗ୍ରହଣୀୟ । ''ଜଣେ ଜୀବନ-ଶିଳ୍ପୀ ଭାବରେ ଯେତେବେଳେ ମୁଁ ତା'ର ମୁଖା ଖୋଲେ, ମୁଖର ଆକୃତି ଗଳ୍ପର ରୂପନିଏ । ତାହା କିଛି ପରିମାଣରେ ତିର୍ଯ୍ୟକ୍ ବ୍ୟଙ୍ଗରେ ପରିଣତ ହୁଏ ।''

ଉପସଂହାର :

ଓଡ଼ିଆ କଥାସାହିତ୍ୟରେ ମନୋଜ ଦାସ ଏକ କ୍ରାନ୍ତିକାରୀ ପ୍ରତିଭା । ତାଙ୍କର କ୍ଷୁଦ୍ର ଗଳ୍ପମାନଙ୍କରେ ବିଷୟବସ୍ତୁ ଯେପରି ଶକ୍ତିଶାଳୀ ସେପରି ମନନଧର୍ମୀ ଓ ସମୟ ଉପଯୋଗୀ । ଗଳ୍ପଗୁଡ଼ିକ ବିଶେଷଭାବେ କାହାଣୀ ଧର୍ମୀ ଓ ସୁଖପାଠ୍ୟ । ଗଳ୍ପ ଭିତରେ ଉଭୟ ଲୌକିକ ଓ ଅଲୌକିକ ପରିବେଶ ପାଠକଙ୍କୁ ମୁଗ୍ଧ ଓ ଚକିତ କରିଦିଏ । ହାସ୍ୟ, ପରିହାସ ଓ ବ୍ୟଙ୍ଗ ମାଧ୍ୟମରେ ତାଙ୍କର ଗଳ୍ପ ଚରିତ୍ରମାନେ ପ୍ରଚୁର ପାଠକୀୟ ସମ୍ବେଦନତା ଲାଭ କରନ୍ତି । ସଂସ୍କୃତ, ବେଦ, ଉପନିଷଦଠାରୁ ଆରମ୍ଭ କରି ଫକୀର ମୋହନଙ୍କ କଥାସାହିତ୍ୟ ପର୍ଯ୍ୟନ୍ତ ତାଙ୍କ ଗଳ୍ପସାହିତ୍ୟର ପୃଷ୍ଠଭୂମି, ଡଃ ବୈଷ୍ଣବ ଚରଣ ସାମଲ 'ମନୋଜ ଗଳ୍ପ ମାନସ' ପ୍ରବନ୍ଧରେ ଲେଖିଛନ୍ତି -''ମନୋଜ ଗଳ୍ପ ମାନସ ଆଶା, ଆଶଂକା ବିର୍ବଜିତ ଏକ ନିର୍ଭିକ ସମ୍ବେଦନଶୀଳ ମାନସ । x x x ଏହାର ଦୀପ୍ତିରେ ଆଲୋକିତ ହୋଇ ଉଠିଲା ସମଗ୍ର ମଣିଷ ଜୀବନର ରହସ୍ୟ ଘନ ଭାବଧାରା । ଏହି ମାନସ ବାହ୍ୟ ଜଗତର ସ୍ଥୂଳ ବିଗ୍ରହ ଲାଳସୀ ନୁହେଁ । ମାତ୍ର ଅନ୍ତଃଜଗତର ଅନ୍ଧକାର କାରାକକ୍ଷରେ ଏହା ବିଚରଣ କରିଛି, ଯନ୍ତ୍ରଣାର କଂସକାରାକୁ ଭେଦକରି ସମ୍ବେଦନଶୀଳ ମାନବାତ୍ମାକୁ ସ୍ପର୍ଶ କରିଛି । ଏହି ହେତୁ ଏ ଗଳ୍ପ ମାନସ ହେଇଛି ମାନବାତ୍ମାର ଯଥାର୍ଥ ଶିଳ୍ପୀ ।''

କଥାଶିଳ୍ପୀ ମନୋଜ ଦାସଙ୍କ ପାଇଁ ଉକ୍ତି ଏକାନ୍ତ ପ୍ରଣିଧାନଯୋଗ୍ୟ ।

• ଅଧ୍ୟାପକ, ଓଡ଼ିଆ ବିଭାଗ, ବାରାପୁର କଲେଜ,
ବାରାପୁର, ଭାୟା-ଅନନ୍ତପୁର, ଜି-ଭଦ୍ରକ-୭୫୬ ୦୪୬

ସହାୟକ ଗ୍ରନ୍ଥସୂଚୀ

୧. ପ୍ରକାଶ କୁମାର ପରିଡା -'ଅସହାୟତାର ରୂପକାର ମନୋଜ ଗଳ୍ପ ମାନସ' ଝଂକାର, ୩୪ ବର୍ଷ, ୫ମ ସଂଖ୍ୟା, ପୃ-୪୨୨

୨. Dick Batstone-Introduction- The Submerged valley and other stories -1985

୩. ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ନାୟକ -'ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପରେ ଚିତ୍ରକଳ୍ପର ପ୍ରୟୋଗ ବିଧି'-ଇସ୍ତାହାର ୫୯/୬୦, ଅକ୍ଟୋବର, ଡିସେମ୍ବର ୧୯୯୩, ପୃ-୫୯

୪. ଅପର୍ଣ୍ଣା ମହାନ୍ତି - ମନୋଜ ଦାସଙ୍କର 'ଓଟ' ଗଳ୍ପ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ସଚେତନ ବିଶ୍ଳେଷଣ । ଇସ୍ତାହାର -୪୨,ଜୁନ୍ ୧୯୮୮, ପୃ-୨୯

Digitized by srujanika@gmail.com

ଦେବଶିଶୁ ଜଗତର : ଦିବ୍ୟ ରୂପକାର

ସ୍ୱର୍ଣ୍ଣଦେବୀ

ମନୋଜ ଦାସଙ୍କ ଗଳ୍ପରେ ମର୍ଯ୍ୟାଦାବନ୍ତ ବହୁ ଚରିତ୍ରଙ୍କ ଶୋଭାଯାତ୍ରା ମଧ୍ୟରେ ଶିଶୁ ଚରିତ୍ରମାନଙ୍କ ଦୃଶ୍ୟ ନିଆରା । ସେମାନେ ତାଙ୍କର ସ୍ୱଚ୍ଛ, ପବିତ୍ର ଓ ଆଲୋକିତ ବ୍ୟକ୍ତିତ୍ୱର ପ୍ରଭାବରେ ସତେ ଯେମିତି ସ୍ୱର୍ଗର ଦେବଶିଶୁ ପାଲଟି ଯାଆନ୍ତି ଏବଂ ସେମାନଙ୍କ ଦିବ୍ୟ ସାନ୍ନିଧ୍ୟରେ ପାଠକ କିଛିକ୍ଷଣ ପାଇଁ ଏଇ ପୃଥିବୀର ଦୁଃଖ ଯନ୍ତ୍ରଣା ପାସୋରି ପକାଏ । ସାମାଜିକ ବହୁ ଅନ୍ୟାୟ, ଭ୍ରଷ୍ଟାଚାର ଓ ବ୍ୟକ୍ତିଗତ ନୈରାଶ୍ୟ ବ୍ୟର୍ଥତା ସତ୍ୱେ 'ଆନନ୍ଦମୟ ଏଇ ପୃଥିବୀର ଏବେ ବି ସବୁକିଛି ସରିଯାଇନାହିଁ' ବୋଲି ବିଶ୍ୱାସଟିଏ ପାଇଯାଏ ସେ । ଜାଗତିକ ଦୁଃଖ ନୈରାଶ୍ୟଘେରା ଅତଳତଳ ପାଣି ମଝିରେ ଠିଆ ହୋଇଥିବା ହତାଶ ମଣିଷଟିଏ ପାଇଁ ଏଇ ଦିବ୍ୟ ଶିଶୁମାନେ ସତେ କି ପାଲଟି ଯାଆନ୍ତି ଆଶା ଓ ଆଶ୍ୱାସନାର ଦୀପଦଣ୍ଡି । ମନେହୁଏ ସତେ ଯେମିତି ଗାଳ୍ପିକ ତାଙ୍କ ହୃଦୟର ସମସ୍ତ ସୁନ୍ଦରତମ, ଶୁଭ ଓ ସ୍ନିଗ୍ଧ ଭାବନାକୁ ଠୁଳକରି, ଏମିତି ଶିଶୁ ଚରିତ୍ରମାନଙ୍କୁ ରୂପାୟିତ କରିବାର ପ୍ରୟାସ କରିଛନ୍ତି ।

ତାଙ୍କର ସମଗ୍ର ଗଳ୍ପସୃଷ୍ଟିରେ ଆମେ ଯେଉଁ ଶିଶୁ ଚରିତ୍ରମାନଙ୍କୁ ଭେଟୁଁ, ସାଧାରଣ ଭାବେ ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ମଧୁର ଶୈଶବ ଅତିବାହିତ କରୁଥିବା ସୁକୋମଳ ଶିଶୁମାନେ, ଯେଉଁମାନେ ନିଜ କଳ୍ପନାର ଜଗତ ଭିତରେ ଘୂରି ବୁଲୁଥାନ୍ତି ବାସ୍ତବତାଠୁଁ ଦୂରତା ରକ୍ଷାକରି; ଦ୍ୱିତୀୟତଃ ଶୈଶବାବସ୍ଥାକୁ ଅତିକ୍ରମ କରିବାକୁ ଯାଉଥିବା ଶିଶୁ, ଯେଉଁମାନେ ଜଗତ ଓ ଜୀବନ ସଂପର୍କରେ କୁତୂହଳୀ ହେଉଥାନ୍ତି ।

ଏହା ବ୍ୟତୀତ ଅତିକ୍ରାନ୍ତ ଶୈଶବର ଚରିତ୍ର ଅର୍ଥାତ କିଶୋର ଚରିତ୍ରମାନଙ୍କୁ ନେଇ ତାଙ୍କର ବହୁଗଳ୍ପ ରହିଛି । ସେସବୁ ପାଇଁ ଏକ ସ୍ୱତନ୍ତ୍ର ଆଲୋଚନାର ପ୍ରୟୋଜନ ରହିଥିବାରୁ, ତାହା ଏହି ଆଲୋଚନାର ପରିସର ଭୁକ୍ତ ହୋଇନାହିଁ । ଏଠାରେ ମୁଁ କେବଳ ସେଇ ଶିଶୁଚରିତ୍ର ମାନଙ୍କୁ ଗ୍ରହଣ କରିଛି, ଯେଉଁମାନେ ପୃଥିବୀର ସମସ୍ତ ମଣିଷ ଓ ସବୁ କିଛିକୁ ନିଜ ଭଳି ଗ୍ରହଣ କରିନିଅନ୍ତି ଅକ୍ଲେଶରେ । ଏ ପୃଥିବୀକୁ ଜୀଇଁବାରେ ଯୋଗ୍ୟ

Digitized by srujanika@gmail.com

ଓ ଶୋଭାମୟୀ କରିବାରେ ସେଇ ଦେବଶିଶୁ ମାନଙ୍କର ଅବଦାନ ଯେ ଯଥେଷ୍ଟ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ମନୋଜଙ୍କର ଯେଉଁ କେତୋଟି ଗଳ୍ପରେ ଏଇଭଳି ଶିଶୁ-ଚରିତ୍ରମାନେ ଦେଖିବାକୁ ମିଳନ୍ତି, ସେସବୁ ହେଲା, 'ମଧୁବନର ମେୟର', 'ଅନେକ ସ୍ମିତହସ', 'ଶେଷ ବସନ୍ତର ଚିଠି', 'ଅନ୍ତରଂଗ ଦାନବ', 'ନାତୁଣୀ', 'କୃପାଣ' ଓ 'ଲକ୍ଷ୍ମୀର ଅଭିସାର' ପ୍ରଭୃତି ।

ଏ ସମସ୍ତ ଗଳ୍ପରେ ଶିଶୁ ଚରିତ୍ରଟିମାନ ବିଶେଷ ଭାବରେ ଶିଶୁକନ୍ୟା । ଏମାନେ ସବୁବେଳେ ମଧ ଗଳ୍ପର କେନ୍ଦ୍ରଚରିତ୍ର ନୁହଁନ୍ତି, କିନ୍ତୁ କେତେବେଳେ କେଉଁଠି କ୍ଷଣକ ପାଇଁ ଗଳ୍ପରେ ପ୍ରବେଶ କରି ସଂପୂର୍ଣ୍ଣ ଗଳ୍ପର ମୋଡ ପରିବର୍ତ୍ତନ କରିଦେବାକୁ କ୍ଷମ ହୁଅନ୍ତି ।

ପ୍ରଥମେ 'ମଧୁବନର ମେୟର' ଗଳ୍ପର ସେଇ ଅନାମିକା ଟିକି ଝିଅଟିର ଉଦାହରଣ ନିଆଯାଉ । 'ମଧୁବନ'ର ପ୍ରଚଣ୍ଡ ଅହଂକାରୀ ମେୟର ଦିବ୍ୟସିଂହ ବାବୁ ଯିଏ ଜୀବନର ଦୀର୍ଘଯାତ୍ରା ପଥରେ ପରାଜୟର, ଅସହାୟତାର ସ୍ୱାଦ କେବେ ଚାଖି ନାହାନ୍ତି । ବୁଦ୍ଧି, କୌଶଳ ବଳରେ ଅର୍ଥ ଓ କ୍ଷମତା ଲାଭକୁ ଯିଏ ଜୀବନର ଶ୍ରେଷ୍ଠତମ ପ୍ରାପ୍ତି ବୋଲି ମାନି ଆସିଛନ୍ତି, ଦିନେ ସାମାନ୍ୟ ପରିବର୍ତ୍ତିତ ଏକ ପରିସ୍ଥିତି ତାଙ୍କର ସାରା ଜୀବନର ଏଇ ହିସାବକୁ ଭୁଲ୍ ବୋଲି ପ୍ରମାଣିତ କରି ଦେଇଛି । ଯେଉଁ ଚୋରଣୀ ଗାଈର ଉତ୍ପାତରେ ଅସହାୟ ହୋଇ କାନ୍ଦି ପକାଉଥିବା ପ୍ରଫେସର ରାୟଙ୍କୁ ସେ ବ୍ୟଙ୍ଗ କରି ଆନନ୍ଦ ପାଉଥିଲେ, ନିଜ ଅସାବଧାନତାରୁ ସେଇ ଗାଈ ହାବୁଡରେ ପଡି ଯାଇଛନ୍ତି ସେ । ନିଜର ବିବସ୍ତ୍ର ଦେହ ଓ ଲଜ୍ଜାକର ଗ୍ଲାନିରୁ ମୁହଁ ଛପାଇବାକୁ, ଆତ୍ମୀୟ ସ୍ୱଜନ କିମ୍ବା ଅନୁଗତଙ୍କ ଠାରୁ ଲୁଚି ରାତିର ଅଂଧାରରେ, ନଈର ସୁଅରେ ଡଂଗା ଉପରେ ବସି ଭାସିଛନ୍ତି । ଦିବ୍ୟସିଂହ ବାବୁଙ୍କୁ କେନ୍ଦ୍ରକରି ଗଳ୍ପର ବକ୍ତବ୍ୟ ଯଦିଚ୍ ଭିନ୍ନ, ତଥାପି ଏମିତି ଏକ ସଂକଟଜନକ ମୁହୂର୍ତ୍ତରେ ଆବିର୍ଭାବ ଘଟିଛି ସେଇ ଝିଅଟିର, ଯିଏ ଗଳ୍ପର ପରିଣତିକୁ ମଧୁର ଭାବବିହ୍ୱଳ କରି ଦେଇଛି । ପ୍ରଭାତର ସ୍ନିଗ୍ଧ ଆଲୁଅରେ ଅବସନ୍ନ ପରାଜିତ ମେୟର ବିନା ସଂକୋଚରେ ସେଇ ଝିଅଟି ଆଗରେ ହାତ ପାତିଛନ୍ତି ଲୁଗା ଖଣ୍ଡିଏ ପାଇଁ । ଝିଅଟି କିଛି ବି ପ୍ରଶ୍ନ ନ କରି ଅବିଳମ୍ବେ ନିଜ ଦେହରୁ ଛୋଟ ଫ୍ରକ୍‌ଟି ଖୋଲି ଫିଙ୍ଗି ଦେଇଛି ତାଙ୍କ ଆଡକୁ । ବିମୁଗ୍ଧ ମେୟର୍ ମାଆ ଆଗରେ ଅକୁଣ୍ଠିତ ଭାବେ ଅଳି କଲାପରି କହିଛନ୍ତି, "ଏଇଟା ତ ହବନାଇଁ ଝିଅ, ମୁଁ ବଡ ମଣିଷ ।" ସଂଗେ ସଂଗେ ଝିଅ କହିଛି, "ଓଃ ତୁ ବଡ ମଣିଷ, ବାପା ଭଳି ?" ଦୌଡିଯାଇ ବାବାର ଗାମୁଛା ଖଣ୍ଡେ ଧରି ଆସିଛି ଓ ଦେବଦୂତଟିଏ ଭଳି ଦିବ୍ୟସିଂହଙ୍କ ଜୀବନର କାଳିମାମୟ ଅଧ୍ୟାୟର ଅବସାନ କରି ଦେଇଛି । ବାସ୍ତବିକ୍ କେଡେ ସରଳ ନିଷ୍କପଟ ଶିଶୁର ହୃଦୟ, ଯିଏ ସବୁ ବଡ ମଣିଷମାନଙ୍କୁ ବାପାର ମାନ୍ୟତା ଦେଇ ନିଜର କରିନେଇପାରେ ଗୋଟିଏ ମୁହୂର୍ତ୍ତରେ । ଗଳ୍ପରେ ତା'ର

Digitized by srujanika@gmail.com

ଏଇ କ୍ଷଣିକ ଉପସ୍ଥିତି କେବଳ ଦିବ୍ୟସିଂହ ବାବୁଙ୍କର ନୁହେଁ ପାଠକର ଚେତନାରେ ମଧ୍ୟ ଉତ୍ତରଣର ଅନୁଭବ ଆଣିଦିଏ ।

ଠିକ୍ ଏମିତି, 'ଅନେକ ସ୍ମିତହସ' ଗଳ୍ପର ନାମହୀନ ସେଇ ଝିଅଟିକୁ ଦେଖାଯାଉ, ଯିଏ ରାଓବାବୁଙ୍କ ମନର ସମସ୍ତ ସଂଶୟ ଦୂର କରିବାକୁ ଈଶ୍ୱର ପ୍ରେରିତ ଦୂତଟିଏ ଭଳି ଆବିର୍ଭୂତା ହେଇଛି । ଅସନ୍ତୋଷ ଓ କ୍ରୋଧରେ ଜର୍ଜରିତ ରାଓବାବୁ, ରାସ୍ତାରେ ସାଇକେଲ୍‌ରେ ଗଲାବେଳେ କୌଣସି ମତେ ବୁଝି ପାରିନାହାନ୍ତି, ତାଙ୍କୁ ଦେଖି ଅନ୍ୟମାନେ ହସିବାର କାରଣ କ'ଣ ହୋଇପାରେ । କାହାରିକୁ ଏ ପ୍ରଶ୍ନ ପଚାରି ସଂଶୟ ମେଣ୍ଟାଇ ପାରି ନାହାନ୍ତି । ଅହଂକାର ଓ ସଂକୋଚ ବାଟ ଓଗାଳିଛି ତାଙ୍କର । କିନ୍ତୁ ହସ ହସ ମୁହଁର ଟିକି ଝିଅଟିକୁ ଦେଖି ନିସଂକୋଚରେ ଆଗେଇ ଯାଇ ପଚାରିଛନ୍ତି, ''କହତ ମାଆ, ତୁ କାହିଁକି ମୋତେ ଦେଖି ହସିଲୁ ?''ଝିଅଟି ଆଗରେ ସେ ସମସ୍ତ ଦ୍ୱିଧା ଓ ଆଶଂକାରୁ ମୁକ୍ତ । ମଣିଷ ମନର ଅତି ଗହନ ତତ୍ତ୍ୱ ଇଏ । ସବୁ ପ୍ରଚଣ୍ଡ ବ୍ୟକ୍ତିତ୍ୱର ଅନ୍ତରାଳରେ ଛପି ରହିଥାଏ ସରଳ ଅବୋଧ ଶିଶୁଟିଏ, ଯିଏ ମାତୃତ୍ୱର ମମତା ଆଗରେ ସମର୍ପିତ ହୋଇଯାଏ ଗୋଟଏ ମୁହୂର୍ତ୍ତରେ ।

ମନୋଜଙ୍କ ଗଳ୍ପ ସୃଷ୍ଟିରେ, ଏହି ଚରିତ୍ର ଦୁଇଟି କ୍ଷଣିକର ଉପସ୍ଥିତିରେ ମଧ୍ୟ ଖୁବ୍ ପ୍ରଭାବଶାଳୀ ଓ ଅବିସ୍ମରଣୀୟ ହୋଇ ପାରିଛନ୍ତି । ତାଙ୍କର ଅନ୍ୟ କେତୋଟି ଗଳ୍ପର କେନ୍ଦ୍ର ଚରିତ୍ର ଭାବରେ ଆଉ କିଛି ଶିଶୁ ଚରିତ୍ରଙ୍କୁ ଆମେ ଦେଖିବାକୁ ପାଉଁ । ଗଳ୍ପର ଭାବ ପ୍ରବାହରେ ଫୁଲଟିଏ ପାଖୁଡା ମେଲିଲା ପରି ସ୍ୱାଭାବିକ ଭାବେ ସେମାନେ ବିକଶିତ ହୋଇଛନ୍ତି ଓ ପାଠକ ହୃଦୟକୁ ସୁରଭିତ କରିଛନ୍ତି ।

ଶିଶୁର ହୃଦୟ ଦର୍ପଣ ଭଳି ସ୍ୱଚ୍ଛ । ପୃଥିବୀର ସୁନ୍ଦରତମ ଭାବ ଓ ବିଭାବମାନ ପ୍ରତିବିମ୍ବିତ ହୋଇଉଠେ ତହିଁରେ । ସେ ଆପଣା ପର ବାଛ ବିଚାର ଜାଣେନାହିଁ । ତାର ଉଦାର ଓ ମହାନ କଳ୍ପନା ବଳରେ ସେ ବାସ୍ତବ ଦୁନିଆଁର ବିକଟ ବୀଭତ୍ସତାକୁ ଖୁବ୍ ସହଜରେ ଉଲ୍ଲଂଘନ କରିଯାଏ । ତେଣୁ 'ଲକ୍ଷ୍ମୀର ଅଭିସାର' ଗଳ୍ପରେ 'ଲକ୍ଷ୍ମୀ' ମନ୍ଦିରର ଦିଅଁକୁ ଖୁବ୍ ସହଜରେ ନିଜ ଦୁନିଆର ଜଣେ ବୋଲି ଗ୍ରହଣ କରିନେଇଛି । ନିଜର ଦୁଃଖ, ଆନନ୍ଦ, ଭୟ, ଆଶା ସବୁ ସେ ବଖାଣି ବସିଛି ଦିଅଁଙ୍କ ଆଗରେ । ମନ୍ଦିରର ଠାକୁରଙ୍କୁ ସେ ଏକାନ୍ତ ନିଜର, ସମବ୍ୟଥୀ ଭାବେ ଗ୍ରହଣ କରି ନେଇଛି ସରଳ ବିଶ୍ୱାସରେ ।

'ଅନ୍ତରଂଗ ଦାନବ' ଗଳ୍ପର ଶିଶୁକନ୍ୟାଟି ପିତାକୋଳରେ ଶୋଇ ସ୍ୱପ୍ନରେ ପିତାଙ୍କୁ ଦାନବ ରୂପେ ଦର୍ଶନ କରିଛି, ଏବଂ ଭୀଷଣକାୟ କୁତ୍ସିତ ବଂଶୀବାଦକକୁ ଦେଖିଛି ସୁକୁମାର ବାଳକ ରୂପରେ । ବାସ୍ତବିକ୍ ଶିଶୁର କଳ୍ପନାର ଜଗତ, ବାସ୍ତବତାଠାରୁ ବହୁ ବେଶି ସୁନ୍ଦର ଓ ମହାନ୍, ଯେଉଁଥିପାଇଁ 'ସୀତା ପାଇଁ ବର' ଗଳ୍ପରେ 'ସୀତା' ରାମଚନ୍ଦ୍ରଙ୍କୁ

Digitized by srujanika@gmail.com

ବରଣ କରିନେଇଛି ବିଶ୍ୱାସରେ । ତାର ସେଇ ବିଶ୍ୱାସ ଏତେ ଦୃଢ ଯେ, ସେଇ ଦୃଢତାର ନିଷ୍ଠାରେ ସେ ବାସ୍ତବ ଦୁନିଆକୁ ମିଛ ବୋଲି ପ୍ରମାଣିତ କରିଦେଇଛି ।

ଶିଶୁ ମନରେ ବିଶ୍ୱାସ ମହୀରୁହ ଭଳି ଶକ୍ତ ଓ ସୁଦୃଢ ହେଲେ ବି ତାହା ଅତ୍ୟନ୍ତ କୋମଳ ଓ ସ୍ନେହପ୍ରବଣ । ବାପା ମାଆଙ୍କ ସ୍ନେହ ଉପରେ ତାର ଏକଚ୍ଛତ୍ର ଆଧିପତ୍ୟ । ସେଠି ଆଉ କାହାର ପ୍ରବେଶାଧିକାର ନାହିଁ । ବୁଦ୍ଧିବୃତ୍ତିର ହିସାବରେ ଆମେ ହୁଏତ ତାକୁ 'ଈର୍ଷା' କରିପାରୁଁ । କିନ୍ତୁ ତାହା ହେଲେ ବି ଏହି ଅଧିକାର ପ୍ରବଣତା ଖୁବ୍ ନରମ୍ ଓ ହୃଦୟଛୁଆଁ । 'ଦୂର ନିର୍ଜନ ସୁର' ଗଳ୍ପରେ 'ମୀନା' ଚରିତ୍ରରେ ଗାଳ୍ପିକ ଶିଶୁର ଏଇ ବିଶେଷ ମାନସିକତାକୁ ଫୁଟାଇ ପାରିଛନ୍ତି ।

ପୁଣି ଏକ ମଧୁର କୋମଳ ଭାବନାର ପରିଧିରେ ଅହରହ ବିଚରଣ କରୁଥିବା ଶିଶୁ ସହଜରେ କର୍କଶତା, କ୍ରୁରତା, ପ୍ରବଞ୍ଚନା ଆଦି ରୁକ୍ଷ ଭାବକୁ ସହିପାରେ ନାହିଁ, ତା ପ୍ରତି ବିପରୀତ ପ୍ରତିକ୍ରିୟା ପ୍ରକାଶ କରେ । 'କୃପାଣ' ଗଳ୍ପର 'ପଲ୍‌ଟୁ' ଚରିତ୍ରରେ ତାହା ହିଁ ଘଟିଛି ।

ଆଲୋଚ୍ୟ ଶିଶୁ ଚରିତ୍ରମାନଙ୍କରେ, ଶିଶୁ ମାନସର ବହୁମୁଖୀ ଦିଗ ଉନ୍ମୋଚନ କରିବାରେ ଗାଳ୍ପିକ ଯତ୍ନବାନ ହୋଇଛନ୍ତି ଏବଂ ସଫଳ ହୋଇଛନ୍ତି ମଧ୍ୟ । ତାଙ୍କର ଏଇ ସଫଳତାର ଅନ୍ୟ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଦିଗହେଲା ଶିଶୁକନ୍ୟାର ଚରିତ୍ର ଚିତ୍ରଣ ବେଳେ,. ତହିଁରେ ମାତୃତ୍ୱର ମାଧୁରିମା ଭରିଦେବା । ଶିଶୁ ଚରିତ୍ର ପ୍ରତି ତାଙ୍କର ମମତ୍ୱବୋଧର ହେତୁ ସଂପର୍କରେ ଗାଳ୍ପିକ କହନ୍ତି, ''ଶିଶୁଜୀବନ ପ୍ରତି ମୋର ଶ୍ରଦ୍ଧାର କାରଣ, ଶିଶୁ, ଜୀବନକୁ ନୁଆ କରି ଆରମ୍ଭ କରିବା ଦିଗରେ ପ୍ରକୃତିର ଏକ ନୂଆ ପ୍ରଚେଷ୍ଟା ।... ଶିଶୁ ମାନସ ନିଷ୍କପଟ, ପ୍ରାୟତଃ ସୁନ୍ଦର । କାଳକ୍ରମେ ବିଷାକ୍ତ ସମାଜ ତାକୁ ନଷ୍ଟ କରିଦିଏ । ପୁଣି ଶିଶୁ କନ୍ୟା ଭିତରେ ମୁଁ ଖାଲି ଶିଶୁର ସମସ୍ତ ଗୌରବ ଦେଖେନାହିଁ, ଅଧିକନ୍ତୁ ଦେଖିଥାଏ ଏକ ସହଜାତ ମାତୃତ୍ୱର ସ୍ନେହ ସ୍ନିଗ୍ଧ ଝଲକ ।'' ଗାଳ୍ପିକ ତାଙ୍କ ସୃଷ୍ଟ ସମସ୍ତ ଶିଶୁକନ୍ୟାଙ୍କ ଚରିତ୍ରରେ ସହଜାତ ମାତୃତ୍ୱର ସ୍ନିଗ୍ଧ ଝଲକକୁ ରୂପାୟିତ କରିବାକୁ ଆନ୍ତରିକ ପ୍ରଚେଷ୍ଟା କରିଛନ୍ତି ।

ମାଆର ହୃଦୟ ଖୁବ୍ ଉଦାର ଓ ବିଶାଳ । ତା'ର ମମତା ଦାନରେ ଉଚ୍ଚନୀଚ ପାତର ଅନ୍ତରନାହିଁ । ସନ୍ତାନ ପାଇଁ ସେ ପୃଥିବୀ ପରି ସହନଶୀଳା । ସନ୍ତାନର ସୁଖ ପାଇଁ ସେ ଯେ କୌଣସି ଦୁଃଖ ସହିବାକୁ ପ୍ରସ୍ତୁତ । ସେଇଥିପାଇଁ ସିନା ଈଶ୍ୱର ମଧ୍ୟ ଖୁବ୍ ସହଜରେ ବାନ୍ଧି ହୋଇ ପଡନ୍ତି ମାଆର ମମତା ଡୋରିରେ । ମନୋଜ ଦାସଙ୍କର 'ଶେଷ ବସନ୍ତର ଚିଠି' ଏହି ଚେତନାର ଏକ ଉଲ୍ଲେଖନୀୟ ଗଳ୍ପ ।

'ଶେଷ ବସନ୍ତର ଚିଠି' ଗଳ୍ପରେ କେନ୍ଦ୍ରଚରିତ୍ର 'ରୀନା' ମାତୃହୀନା ଛୋଟ ଝିଅଟିଏ, ଯିଏ ନିଜ ମାଆର ମୃତ୍ୟୁ ବିଷୟରେ ଅଜ୍ଞ । ସେ ଜାଣେ ତା' ମାଆ ଦୂରରେ

Digitized by srujanika@gmail.com

ଏକ ନର୍ସିଂହୋମ୍‌ରେ ରହି ଚିକିତ୍ସା ହେଉଛନ୍ତି, ଭଲହୋଇ ତା ପାଖକୁ ଫେରିବେ । ତେଣୁ ସେ ମାଆ ପାଖରୁ ଚିଠି ଖଣ୍ଡେ ପାଇବା ଆଶାରେ, ଘଣ୍ଟା ଘଣ୍ଟା ବାଲ୍‌କୋନିରେ ସ୍ଥିର ଭାବେ ଠିଆ ହୋଇରହେ ପୋଷ୍ଟ ପିଅନକୁ ଜଗି । ପଥର ଅପର ପାର୍ଶ୍ୱରେ ଏକ ଛାତ ଉପରେ ବହୁସମୟ ଧରି ଠିଆ ହୋଇ ରହୁଥିବା ଜଣେ ବୟସ୍କ ମଣିଷଙ୍କୁ ଦେଖି ସେ ଭାବିନିଏ ଯେ, ସେ ମଧ୍ୟ ତା' ଭଳି, ନିଜମାଆଠୁଁ ଚିଠି ଆଶାରେ ଠିଆ ହୁଅନ୍ତି । କିନ୍ତୁ କେବେ ବି କାହା ପାଖରୁ ଚିଠି ଆସେନା । ଦିନେ ରୀନା ତା' ଘରର ଦରୁଆନ ହାତରେ ନିଜ ମାଆଠୁଁ ପାଇଥିବା ଏକମାତ୍ର ଚିଠିଖଣ୍ଡକୁ ସେଇ ଅଚିହ୍ନା ବୟସ୍କ ଲୋକଟି ପାଖକୁ ପଠାଇ ଦିଏ, ଏଇ ଆଶାରେ ଯେ, ଚିଠି ଖଣ୍ଡେ ନପାଇ ସେ ନିଜେ ଯେତେ ଦୁଃଖିତା, ଅଚିହ୍ନା ଲୋକ ଜଣକ ମଧ୍ୟ ସେମିତି ଦୁଃଖ ପାଉଥିବେ । ତେଣୁ ସେ ତାର ଏକମାତ୍ର ଆନନ୍ଦର ସଂଚୟ ଚିଠି ଖଣ୍ଡିକ ତାଙ୍କୁ ସମର୍ପି ଦେଇଛି ତାଙ୍କ ଦୁଃଖ ସାମାନ୍ୟ ଲାଘବ କରିବା ଆଶାରେ । ଜଣେ ମମତାମୟୀ ମାଆଟି ବ୍ୟତୀତ ଏମିତି ତ୍ୟାଗପୂତ, ସ୍ୱାର୍ଥହୀନ, ପବିତ୍ର ଭାବନା ଆଉ କାହା ଦ୍ୱାରା ବା ସଂଭବ ହୁଅନ୍ତା ?

ଠିକ୍ ଏହିପରି ଶୁଭ୍ର ସ୍ନିଗ୍ଧ ମାତୃତ୍ୱର ଏକ ଝଲକ ଉଦ୍‌ଭାସିତ ହୋଇ ଉଠିଛି 'ନାତୁଣୀ' ଗଳ୍ପର 'ଗୁଡ୍‌ଡୀ' ଚରିତ୍ରରେ । 'ଗୁଡ୍‌ଡୀ' କିନ୍ତୁ ରୀନା ପରି ଅନ୍ତର୍ମୁଖୀ ନୁହେଁ । ସେ ବହିର୍ମୁଖୀ, ଚପଳା କିନ୍ତୁ ଦାୟିତ୍ୱସଂପନ୍ନା । ତାର ଜେନେରାଲ୍ ଜେଜେ ତାକୁ କୌଣସି ମତେ ଭୁଲାଇ ଚାଲିଯିବାରୁ, ତାଂକ ଅଫିସରମାନଙ୍କ ଦାୟିତ୍ୱ ତା ଉପରେ ଦେଇ ଯାଉଛନ୍ତି ବୋଲି ତାକୁ କହିଛନ୍ତି । 'ଗୁଡ୍‌ଡୀ' ଯେଉଁ ଉପାୟରେ ଜେଜେଙ୍କ ଦେଇଥିବା ଦାୟିତ୍ୱ ସଂପାଦନା କରିଛି ତାର ପଟାନ୍ତର ନାହିଁ । ସେ ମିଛିମିଛିକା କାନ୍ଦିବାରେ ଲାଗିଛି ଓ ଅଫିସରମାନେ ତାଙ୍କ କାନ୍ଦ ବନ୍ଦକରିବାକୁ ତାକୁ ନାନା ଖେଳ ଦେଖାଇବାରେ ଲାଗିଛନ୍ତି । ଜେଜେ ଫେରିଲାପରେ ସେ କହିଛି, ''ମୋ ମୁଣ୍ଡରେ ଦାୟିତ୍ୱ ଦେଇଗଲ ଯେ, ତମର ଏ ପିଲାମାନଙ୍କୁ ଖୁସିରେ ରଖିବା ପାଇଁ, ମୋତେ କେତେବେଳଯାଏଁ ମିଛରେ କାନ୍ଦିବାକୁ ହେଲା ତମେ କାହିଁ ବୁଝିବ ? ଦିଅ ଟଫି ।'' ବାସ୍ତବିକ୍ ମାଆର ଦାୟିତ୍ୱ-ସଚେତନତା ଓ ଶିଶୁର ଚପଳାମି ଏଇ ଦୁଇଟିର ସମନ୍ୱୟରେ ଅସାଧାରଣ ହୋଇ ଉଠିଛି 'ଗୁଡ୍‌ଡୀ' ଚରିତ୍ର ।

ଏସବୁ ବ୍ୟତୀତ 'ମଗ୍ନ ଉପତ୍ୟକା', 'ଶୃଗାଳ', 'ଦାନ୍ତ', 'ବୟସ୍ୟ' ଓ 'ଗୋପନ ସଂଳାପ' ପରି ଗଳ୍ପ ମାନଙ୍କରେ ଗାଳ୍ପିକ ଶିଶୁଚରିତ୍ର ମାଧ୍ୟମରେ କୌଣସି ବାର୍ତ୍ତା, କୌଣସି ବିଶେଷ ମାନସିକତା, କିମ୍ବା ମାନବିକ ଆଦର୍ଶ ପ୍ରତିଷ୍ଠାର ଆହ୍ୱାନ ଦେଇଛନ୍ତି । ତାଙ୍କର ଚମତ୍କାର ଉପସ୍ଥାପନା ଓ ମୁଗ୍ଧକର କାହାଣୀ ଭିତରେ ଶିଶୁ-ଚରିତ୍ରର ଗୋଟିଏ ମାତ୍ର ବିଶେଷ ଝଲକ ମଧ୍ୟ ଖୁବ୍ ପ୍ରଭାବଶାଳୀ ହେଇ ପାରିଛି ।

ମନୋଜଙ୍କ ଗଳ୍ପରେ ଚରିତ୍ର ଚିତ୍ରଣର ଗୋଟିଏ ବିଶେଷ ଦିଗହେଲା ସେ ଚରିତ୍ର

Digitized by srujanika@gmail.com

ସହ ନିଜକୁ ଜଡିତ ନକରି, ସଠିକ୍ ବ୍ୟବଧାନ ବଜାୟ ରଖିପାରନ୍ତି, ତେଣୁ ସେ ନିରପେକ୍ଷ ଯୁକ୍ତିସଂଗତ ବିଚାର ଦେବାରେ ସଫଳ ହେବା ସହିତ ନିର୍ଦ୍ଦିଷ୍ଟ ବିନ୍ଦୁରେ ପାଠକକୁ ଛୁଇଁବାକୁ କ୍ଷମ ହୁଅନ୍ତି । ଏସବୁ ସତ୍ତ୍ୱେ ଗାଳ୍ପିକଙ୍କର କୌତୁକପ୍ରିୟ, ଆବେଗପ୍ରବଣ ଶିଶୁ-ମାନସ, ତାଙ୍କ ସୃଷ୍ଟ ଶିଶୁଚରିତ୍ର ମାନଙ୍କ ଭିତରେ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାବେ ବାରି ହୋଇପଡେ ।

ଏସବୁ ବ୍ୟତୀତ ମନୋଜ ଦାସଙ୍କର ଶିଶୁଚରିତ୍ର ସୃଷ୍ଟିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗହେଲା, ସେମାନଙ୍କ ସାରଲ୍ୟ ଓ ପବିତ୍ରତା ମାଧ୍ୟମରେ ଅତି ସହଜରେ ଜୀବନର ଏଇ ଗହନ ସତ୍ୟ ଏପରି ଉଦ୍‌ଭାସିତ ହେଇଉଠେ ଯେ, ‘‘ଆମ ନିଜର କର୍ମ ଅନୁସାରେ ଗଢାହୁଏ ଆମ ପୃଥିବୀ ଓ ଆମ୍ଭ ଜୀବନ ।’’ କିନ୍ତୁ ଏଇ ସତ୍ୟକୁ ସେ କେବେ ବି ନକାରାତ୍ମକ ଢଂଗରେ ଉପସ୍ଥାପନ କରନ୍ତି ନାହିଁ । ଟଲଷ୍ଟୟ, ଚେଖଭ୍, ଗର୍କି, ପ୍ରେମ୍‌ଚାନ୍ଦ କିମ୍ବା ଆର୍.କେ ନାରାୟଣଙ୍କ ପରି ବିଶ୍ୱବନ୍ଦିତ କଥାକାରମାନେ ଯେପରି ଜୀବନର ସକାରାତ୍ମକ, ସୁନ୍ଦରତମ ଦିଗଟିକୁ, ସେମାନଙ୍କ ସାହିତ୍ୟରେ ପ୍ରତିଫଳିତ କରି ପାରିଛନ୍ତି, ଗାଳ୍ପିକ ମନୋଜ ଦାସ ମଧ୍ୟ ଠିକ୍ ସେହିପରି ମଣିଷର ଉଜ୍ଜ୍ୱଳ ଭବିଷ୍ୟତ ଓ ଜଗତର କଲ୍ୟାଣକାରୀ ଚିନ୍ତାରେ ତାଙ୍କ ସ୍ରଷ୍ଟା ମାନସର ଲକ୍ଷ୍ୟ ସ୍ଥିର ରଖିଛନ୍ତି ।

ଶେଷରେ ଏତିକି କହିବା ଉଚିତ୍ ମନେକରୁଛି ଯେ, ସମସାମୟିକ ଓଡ଼ିଆ ସାହିତ୍ୟ ଓ ଅନ୍ୟାନ୍ୟ ଭାରତୀୟ ସାହିତ୍ୟମାନଙ୍କରେ ସୃଷ୍ଟି ହୋଇଥିବା ଶିଶୁ ଚରିତ୍ରମାନଙ୍କ ମଧ୍ୟରେ ମନୋଜୀୟ ଶିଶୁଙ୍କର ସ୍ଥାନ ସ୍ୱତନ୍ତ୍ର । ଏବଂ ଏଇ ଦେବଶିଶୁମାନଙ୍କର ଦିବ୍ୟରୂପକାର ଭାବେ ଗାଳ୍ପିକ ମନୋଜ ଦାସ ଚିର ବନ୍ଦନୀୟ ।

• ବି-୧୮୭, ସେକ୍ଟର -୨୦
ରାଉରକେଲା - ୫

Digitized by srujanika@gmail.com

ଆବୁ ଓ ଅମୃତ ଇତ୍ୟାଦି

ରାମଚନ୍ଦ୍ର ବେହେରା

ଏହା ଅଶୀ ଦଶକ ଆରମ୍ଭର କଥା । ହାଇଦ୍ରାବାଦସ୍ଥିତ ଆମେରିକାନ୍ ଷ୍ଟଡିଜ୍ ରିସର୍ଚ୍ଚ ସେଣ୍ଟରରେ ମୋର ଗବେଷଣା ପହଞ୍ଚି ସାରିଥିଲା ଶେଷ ପର୍ଯ୍ୟାୟରେ । ଏହି ସେଣ୍ଟରକୁ ଯେଉଁମାନେ ନିୟମିତ ଆସି ପଢାପଢି କରୁଥିଲେ, ସେମାନଙ୍କ ମଧ୍ୟରେ ଥିଲେ ସ୍ୱର୍ଗତ ପ୍ରଫେସର ସତ୍ୟନାରାୟଣ ଅନ୍ୟତମ । ସେ ବହି ଲେଖି ସାରିଥିଲେ ଔପନ୍ୟାସିକ ଷ୍ଟାଇନ୍‌ବେକ୍‌ଙ୍କ ଉପରେ । ଅତ୍ୟନ୍ତ ଅମାୟିକ, ସ୍ମିତହସ ସଂପନ୍ନ ବୟସ୍କ ବ୍ୟକ୍ତି ଜଣେ ଥିଲେ ସେ । ହାଏ, ଗୁଡ୍ ମର୍ଣ୍ଣିଂ, ଆଜି ଖୁବ୍ ଗରମ, ୱାଟର କୁଲର୍ ବନ୍ଦ ଅଛି ଇତ୍ୟାଦି ମାମୁଲି କଥାବାର୍ତ୍ତା ମଧ୍ୟରେ ତାଙ୍କ ସହିତ ପରିଚୟ ସୀମିତ ଥିଲା । ସେ ମଧ୍ୟ ସବୁବେଳେ ତରତର ହେଉଥିଲେ ଲାଉଞ୍ଜରୁ ନିଜ କ୍ୟାରେଲ୍ ପାଖକୁ ଫେରି ଯିବାପାଇଁ କଫି କିମ୍ବା ଚା’ ପରେ । ତାଙ୍କୁ ମୁଁ ଜଣେ ନୋ-ନନ୍‌ସେନ୍‌ସ ବ୍ୟକ୍ତି ବୋଲି ଭାବୁଥିଲି ।

ଦିନେ ଲାଉଞ୍ଜରେ ସେ ଅଧିକାର କଲେ ମୋ ସାମନା ଚେୟାର, କଫି କପ୍ ଧରି କହିଲେ ଯେ ପାଞ୍ଚଟା ବେଳେ ଲାଇବ୍ରେରି ବନ୍ଦ ହେବା ପରେ ମୁଁ ଯଦି ତାଙ୍କୁ କିଛି ସମୟ ଦେଇପାରିବି, ତେବେ ସେ ଆନନ୍ଦିତ ହେବେ । କାରଣ କ’ଣ ବୋଲି ପଚାରିବାରୁ ତାଙ୍କର ବିଜୟଦୀପ୍ତ ଉତ୍ତର ଥିଲା ଯେ ମନୋଜ ଦାସଙ୍କର ଗୋଟିଏ ଗପ ଉପରେ ସେ ଲେଖିଛନ୍ତି ସମାଲୋଚନାତ୍ମକ ପ୍ରବନ୍ଧ । ସେ ଆଶା କରିଥିଲେ ଯେ ମୁଁ ନିଜେ ଜଣେ କଥାକାର ହୋଇଥିବାରୁ (ତାଙ୍କୁ ଏ ତଥ୍ୟ କିଏ ଦେଇଥିଲା, ତାହା ଜାଣିବା ଜରୁରୀ ନ ଥିଲା ମୋ ପାଇଁ) ଏବଂ ଓଡ଼ିଶାର ଲୋକ ହୋଇଥିବାରୁ, ମନୋଜ ଦାସଙ୍କ କଥା-ଜଗତ ସହିତ ମୋର ପରିଚୟ ଥିବ । ସେ ନିଶ୍ଚିତ ହେବାକୁ ଚାହୁଁଥିଲେ ଯେ ଗପର ଯେଉଁ ମୂଲ୍ୟାଙ୍କନ ସେ କରିଛନ୍ତି, ତାହା ବାଟବଣା ହୋଇନାହିଁ ଏବଂ ଗଳ୍ପିକଙ୍କ ସାମଗ୍ରିକ ପରିପ୍ରେକ୍ଷୀ ମଧ୍ୟରେ ହିଁ ସତ୍ୟନିଷ୍ଠ ଅଛି ।

ମୋର ଆଗ୍ରହ ଥିଲା ସ୍ୱତଃସ୍ଫୁର୍ତ୍ତ । ମୋର ସନ୍ଦେହ ନ ଥିଲା ଯେ ପ୍ରାୟ ପ୍ରତିଦିନ ଏତେ ବଡ ଲାଇବ୍ରେରିରେ ଘଣ୍ଟାଘଣ୍ଟା ଅଧ୍ୟୟନ କରୁଥିବା ପ୍ରଫେସର ସତ୍ୟନାରାୟଣ ଜଣେ ଅନ୍ତର୍ଦୃଷ୍ଟି ଓ ଶାଣିତ ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀ ସଂପନ୍ନ ବ୍ୟକ୍ତି । ତାଙ୍କ ପ୍ରବନ୍ଧ

Digitized by srujanika@gmail.com

ହୁଏତ ମନୋଜ ଦାସଙ୍କ ସୃଜନଶୀଳ ଜଗତର ସ୍ୱରୂପ ସଂପର୍କରେ ଥିବା ମୋ ନିଜ ଧାରଣାକୁ ବିଶୋଧିତ ଓ ସଂପ୍ରସାରିତ କରିବ । ମୁଁ ଆଶାୟୀ ହୋଇ ପଡିଲି । ଲାଭ ହେବ ମୋର ବୋଲି ପ୍ରଲୁବ୍ଧ ହେବା ଥିଲା ସ୍ୱାଭାବିକ ।

ସେଣ୍ଟର ପରିସରରେ ଥିବା ଅତିଥିଭବନସ୍ଥିତ ମୁଁ ରହୁଥିବା କୋଠରିରେ ଆମେ ବସିଲୁ । ସେ ବ୍ୟାଗରୁ ବାହାର କଲେ ଆଠପୃଷ୍ଠାର ଫୁଲ୍‌ସକ୍ୟାପ୍ କାଗଜରେ ଟାଇପ୍ କରାଯାଇଥିବା ପ୍ରବନ୍ଧ । ସେ ହାତକୁ ବଢାଇ ବିନୟ ସ୍ୱରରେ ଅନୁରୋଧ କଲେ- ପଢନ୍ତୁ ଏବଂ ଚେୟାରରେ ସଜାଡି ହୋଇ ବସିଲେ ।

ଗପଟି ଥିଲା - The Man Who Lifted the Mountain । ପ୍ରବନ୍ଧ ପଢିବା ବେଳେ ମୋର ଉତ୍କଣ୍ଠା ଓ ଆଗ୍ରହ କମି ଯାଉଥିଲା । ପଢା ଶେଷବେଳକୁ ସୃଷ୍ଟି ହୋଇଥିଲା ନୈରାଶ୍ୟ । ମୁଁ ଆଲୋଚନା କଲି ଗପ ସଂପର୍କରେ । ସେ ବିଦାୟ ନେବା ବେଳେ ମୋର ନମ୍ର ପରାମର୍ଶ ଥିଲା ଯେ ପ୍ରବନ୍ଧର ପ୍ରକାଶନ ପାଇଁ ସେ ଆଗ୍ରହୀ ନହେଲେ ଭଲ ହୁଅନ୍ତା ।

ଏ ଗପରେ କ'ଣ ଏମିତି ଅଛି, ଯାହାର ଅସଲ ବକ୍ତବ୍ୟ ଜଣେ ପ୍ରଫେସରଙ୍କୁ ଧରାଛୁଆଁ ଦେଲାନାଇଁ ? ଅନ୍ୟ ବାଗରେ କହିବାକୁ ଗଲେ, ଗପର ସହଜ, ସରଳ ପୃଷ୍ଠ ଉପରେ କ'ଣ ଜଣେ ପାଠକର ଅଧ୍ୟୟନ ନିବଦ୍ଧ ହୋଇରହେ ଏବଂ ତାହାର ଅବବୋଧ ଏହାକୁ ଭେଦକରି ଏହା ଅନ୍ତରାଳରେ ଥିବା ଅର୍ଥପୂର୍ଣ୍ଣ ସୁଅକୁ ଚିହ୍ନଟ କରିପାରେ ନାଇଁ ? ପ୍ରଫେସରଙ୍କ ପ୍ରବନ୍ଧ ଥିଲା ଏଇପରି ଉପରଠାଉରିଆ । ଗପଟିକୁ ସେ ଶିଶୁସାହିତ୍ୟ ପରିସରଭୁକ୍ତ ବୋଲି ଯୁକ୍ତି ଉପସ୍ଥାପନା କରିଥିଲେ । ପାହାଡ଼ ଟେକିବା ଭଳି ଅଲୌକିକ ଘଟଣା ସହିତ ଅଛି ହାସ୍ୟରସ । ପିଲାମାନଙ୍କୁ ଏହା ଆମୋଦିତ କରିବ ବୋଲି ସେ ସନ୍ତୋଷ ପ୍ରକାଶ କରିଥିଲେ ।

ପ୍ରଫେସରଙ୍କ ଅବବୋଧର ବିଫଳତା ମୂଳରେ କେଉଁ ସାମ୍ଭାବ୍ୟ କାରଣ ଥାଇପାରେ ? 'ଲୁଲୁର୍ଭା ପର୍ବତରେ ଏକ ଦ୍ୱିପ୍ରହର'ର ଆବେଦନ ଓ ତାତ୍ପର୍ଯ୍ୟ ସଂପୂର୍ଣ୍ଣଭାବେ, ବିଶ୍ୱସ୍ତତାର ସହିତ ଏହି ଇଂରାଜୀ ଗପରେ ରୂପାୟିତ ହୋଇପାରି ନାହିଁ କି ? ଏ ସମ୍ଭାବନାକୁ ତତ୍‌କ୍ଷଣାତ ପ୍ରତ୍ୟାଖ୍ୟାନ କରାଯାଇପାରେ । ମନୋଜ ଦାସଙ୍କ କେତେକ ଓଡ଼ିଆ ଗପରେ କାଁ ଭାଁ ଏମିତି ବାକ୍ୟ ଅଛି, ଯାହା ସୂଚେଇ ଦିଏ ଯେ ଲେଖକ ନିଜ ବକ୍ତବ୍ୟକୁ ପ୍ରଥମେ ଇଂରାଜୀରେ ଚିନ୍ତା କରିଛନ୍ତି । ତାହାକୁ ଓଡ଼ିଆରେ ରୂପାୟିତ କଲାବେଳେ ତାଙ୍କୁ ପରିଶ୍ରମ କରିବାକୁ ପଡିଛି । ପରିପ୍ରକାଶର ସ୍ୱାଚ୍ଛନ୍ଦ୍ୟ ଓ ସାବଳୀଳତା ସେଇ କାରଣରୁ କିଞ୍ଚିତ ଚହଲି ଗଲା ଭଳି ମନେହୁଏ । ମାତ୍ର ତାଙ୍କର ଇଂରାଜୀ ଗପରେ (ଅଧିକାଂଶ ଓଡ଼ିଆ ଗପର ଭାଷାନ୍ତର) ଏହା ଦେଖାଯାଏ ନାହିଁ । ଏଥିରେ ଆବଡା ଖାବଡା ଅଂଶ କେବେହେଲେ ନଥାଏ, ଯେଉଁଠି ପାଠକର ଝୁଣ୍ଟି ପଡିବାର ସମ୍ଭାବନା

Digitized by srujanika@gmail.com

ଥାଏ । ତାଙ୍କର ପ୍ରତ୍ୟେକ ଇଂରାଜୀ ଗପ ସେଇଥିପାଇଁ ମୂଳ ଓଡ଼ିଆ ଗପର ଉନ୍ନତିକରଣ ବୋଲି ମୁଁ ଭାବେ ।

ତେଣୁ ମୁଁ ପ୍ରଥମ ସମ୍ଭାବନା ପାଖକୁ ଫେରି ଯାଉଛି । ତାହା ହେଲା, ଗପର ସହଜ, ସରଳ, ତଥାକଥିତ ଶିଶୁ ସାହିତ୍ୟୋପଯୋଗୀ ମନୋରଂଜନକାରୀ ପୃଷ୍ଠ ଏବଂ ଏହା ଅନ୍ତରାଳରେ ଥିବା ମନୁଷ୍ୟର ପ୍ରବୃତ୍ତି, ଜିଜ୍ଞାସା, ଅଭୀପ୍ସା, ପ୍ରତିକ୍ରିୟା ଇତ୍ୟାଦିର ଅନୁପମ-ଉପସ୍ଥାପନା । ଯେଉଁ ଉପସ୍ଥାପନା ମନୁଷ୍ୟର ସ୍ଥିତି ଓ ଏହାର ତାତ୍ପର୍ଯ୍ୟ ସଂପର୍କରେ ଆର୍କିଟାଇପାଲ୍ ରୂପକଳ୍ପରେ ପରିଣତ ହୁଏ; ଯେଉଁ ଉଦ୍‌ଘାଟନ ଆମର ଅଭ୍ୟାସ, ରୁଚି ଓ କାର୍ଯ୍ୟକ୍ରମ ସଂପର୍କରେ ପ୍ରଶ୍ନବାଚକ ଚିହ୍ନଭଳି ଦଣ୍ଡାୟମାନ ହୁଏ; ଆମର ସଚେତନତାକୁ ନୈତିକ ମୋଡ ଦେବାପାଇଁ ଆମକୁ ଇଙ୍ଗିତ ଦିଏ । ମୁଁ ବିଶ୍ୱାସକରେ, ତାଙ୍କର କଥାସାହିତ୍ୟର ଭିତ୍ତିଭୂମି ହେଉଛି ନୈତିକ ମୂଲ୍ୟବୋଧ । ମନୁଷ୍ୟର ଜୀବନ ଆଧ୍ୟାତ୍ମିକ ଉପଲବ୍‌ଧି ଜରିଆରେ ଉତ୍ତରଣ ହାସଲ କରିପାରିବ । ଏହା ସମ୍ଭବ ଏଇ ଜୀବନକାଳ ମଧ୍ୟରେ; ଏଇ ପୃଥିବୀରେ । ଏହାର କୋଳାହଳ, ବିବିଧତା ଓ ପରସ୍ପର ବିରୋଧୀ ସକ୍ରିୟ ଶକ୍ତି ସତ୍ତ୍ୱେ ।

ପ୍ରଫେସର ସତ୍ୟନାରାୟଣ ଯାହାକୁ ମନୋରଂଜନକାରୀ ଉପାଦାନ ବୋଲି କହନ୍ତି, ତାହା ମନୋଜ ଦାସଙ୍କ ହାସ୍ୟରସ ଓ ବିଦ୍ରୂପ ସହିତ ସଂପୃକ୍ତ । ନିରୋଳା ହାସ୍ୟରସ ତ ଅଛି; ମାତ୍ର ଗାଳ୍ପିକ ତାଙ୍କର ଅଧିକାଂଶ ଚରିତ୍ରପ୍ରତି ବିଦ୍ରୂପାକ ଆଭିମୁଖ୍ୟ ଗ୍ରହଣ କରିଥାନ୍ତି । ସମୁଦାୟ 'ଅପହୃତ ଟୋପିର ରହସ୍ୟ' ଏହାର ଏକ ଦୃଷ୍ଟାନ୍ତ । ଏଇ ବିଦ୍ରୂପ, ଚରିତ୍ରମାନଙ୍କର ବ୍ୟକ୍ତିତ୍ୱକୁ ଆପାତତଃ ଧୂଳିସାତ୍ କରେ । ସେମାନେ ଜଣେ ଜଣେ ମସ୍ତିଷ୍କବିହୀନ ବିଦୂଷକ ଭାବରେ ଦଣ୍ଡାୟମାନ ହୁଅନ୍ତି । ଏକମାତ୍ର ଝିଅର ଶୋଚନୀୟ ଅବସ୍ଥାରେ ମ୍ରିୟମାଣ ରାଜା, ସହାନୁଭୂତି ନୁହଁ; ବିଦ୍ରୂପର ଶିକାର ହୁଅନ୍ତି ଲୁଲୁର୍ଭା ପର୍ବତଟିରେ ଏକ ଦ୍ୱିପ୍ରହରରେ-ଦର୍ଶନଶାସ୍ତ୍ରରେ ମୋ ଜ୍ଞାନ ଉଦ୍ୟାନ କାର୍ଯ୍ୟପାଇଁ ମାଙ୍କଡର ପ୍ରତିଭାଠାରୁ ବେଶି ନୁହେଁ । 'ସେମାନଙ୍କ ସଂପର୍କରେ ଶେଷଖବର', 'ମଧୁବନର ମେୟର', 'ଷ୍ଟାଚ୍ୟୁ', 'ଆବୁପୁରୁଷ' ଓ ଆହୁରି ଅନେକ ଗପର ଚରିତ୍ରମାନଙ୍କ ପ୍ରତି ପରିହାସ ଅନେକ ସମୟରେ ପୀଡାଦାୟକ ଓ ମାତ୍ରାଧିକ । ସେଥିପାଇଁ ଅନାବଶ୍ୟକ ମନେହୁଏ ।

'ଲୁଲୁର୍ଭା ପର୍ବତରେ ଏକ ଦ୍ୱିପ୍ରହର'ର ଯେଉଁ ଉପାଦାନ ସଂପର୍କରେ ମୁଁ ପ୍ରଫେସରଙ୍କ ପ୍ରବନ୍ଧରେ ତାତ୍ତ୍ୱିକ ଆଲୋଚନା ଆଶା କରୁଥିଲି, ତାହାକୁ ଫାଣ୍ଟାସି ବୋଲି କୁହାଯାଏ । ଏଥିରେ କିମ୍ବା 'ସେମାନଙ୍କ ସଂପର୍କରେ ଶେଷ ଖବର'ରେ ଏଇ ଫାଣ୍ଟାସିର ଭୂମିକା ଯାହା, 'ଭୂତୁଣୀ ଏକ ବିଦାୟ' ଏବଂ 'କିମ୍ପିରିଣୀ'ରେ ଠିକ୍ ସେୟାନୁହେଁ । ପ୍ରଥମ ଦୁଇଟି ଗପରେ ମନୁଷ୍ୟର ଶକ୍ତିଶାଳୀ ପ୍ରବୃତ୍ତିର-ଲାଳସା ଓ ପ୍ରଲୋଭନ -ଅବତାରଣା

Digitized by srujanika@gmail.com

କରାଯାଇଛି । ଏଥିରେ ଉନ୍ନତ ମନୁଷ୍ୟ ସର୍ବନାଶ ଓ ବିପର୍ଯ୍ୟୟ ବରଣ କରିବା କଥା କୁହା ଯାଇଛି । ଅହଙ୍କାର ଆହୁରି ବେଶି ଭୟଙ୍କର ଓ ଯନ୍ତ୍ରଣାଦାୟକ ପରିଣତି ସଂଘଟିତ କରିଛି 'ବ୍ୟାଘ୍ରାରୋହଣ'ରେ ।

ଏଇ ଫାଣ୍ଟାସିର ଅବତାରଣା ସଂପର୍କରେ ଗୋଟିଏ, ଦୁଇଟି କଥା କହିବା ପୂର୍ବରୁ ଅନ୍ୟ ଏକ ପ୍ରସଙ୍ଗ ଉତ୍‌ଥାପନ କରିବାର ଲୋଭ ସମ୍ବରଣ କରିପାରୁ ନାହିଁ । ତାହା ହେଉଛି, ପ୍ରାୟ ଦୁଇ ଦଶନ୍ଧି ପୂର୍ବେ ଏଇ ଫାଣ୍ଟାସିର ଭୂମିକା ମନୋଜ ଦାସଙ୍କ କଥା ସାହିତ୍ୟରେ ଯେମିତି ପ୍ରଖର ଥିଲା, ତାହା କ୍ରମଶଃ ହ୍ରାସ ପାଇଛି । ଏହାର ସ୍ଥାନ ଗ୍ରହଣ କରିଟି ଇନ୍ଦ୍ରିୟାତୀତ ଚେତନା । ପରିହାସ ଓ ବିଦ୍ରୂପ ମଧ୍ୟ କ୍ରମଶଃ ଅସ୍ପଷ୍ଟ ଓ ଆପାତତଃ ଲୁପ୍ତ ହେବାର ଦେଖାଯାଏ । ଏହାର ସ୍ଥାନ ଅଧିକାର କରିଛି ଚରିତ୍ରମାନଙ୍କର ପରିସ୍ଥିତିକୁ ସମ୍ବେଦନଶୀଳନତାର ସହିତ ବୁଝିବା ପାଇଁ କୋମଳ ମାନସିକତା । ବୋଧହୁଏ କହିବା ଅନାବଶ୍ୟକ ଯେ ବିଦ୍ରୂପ ଓ ପରିହାସ ଦୂରତା ସୃଷ୍ଟିକରେ ଚରିତ୍ର ଓ ଲେଖକ ମଧ୍ୟରେ । ଆବେଗଗତ ନିକଟତା ସୃଷ୍ଟିକରେ ସେମାନଙ୍କୁ ଓ ସେମାନଙ୍କର ପରିସ୍ଥିତିକୁ ସହୃଦୟତାର ସହିତ ବୁଝିବା ସକାଶେ ।

ତାଙ୍କର ପିଲାଦିନର ଅଭିଜ୍ଞତା, ସେ ସମୟରେ ସେ ଶୁଣିଥିବା କାହାଣୀ ଏବଂ ତାଙ୍କ ଚେତନାରେ ଗଢି ଉଠିଥିବା ବିଶ୍ୱାସର ଦିଗ୍‌ବଳୟ ଅସୀମ ଓ ରହସ୍ୟାଚ୍ଛନ୍ନ, କରୁଣ ଓ ଆମୋଦଦାୟକ । ନିଜ ସଂପର୍କରେ କହିବାବେଳେ ମନୋଜ ଦାସ ଏହାର ସୂଚନା ଦିଅନ୍ତି । ଏହା ତାଙ୍କ ସୃଜନଶୀଳତାର ଏକ ବଳିଷ୍ଠ ଦିଗ ଏବଂ ସେଥିପାଇଁ ଆମେ ଏହା ପାଖକୁ ଆସୁ ତାଙ୍କ କଥାସାହିତ୍ୟ ଜରିଆରେ । ଭୂତ-ପ୍ରେତଙ୍କ ଯୋଗୁ ଏହା ବେଳେବେଳେ ଭୟଙ୍କର ଓ ବିନାଶକାରୀ । ସ୍ୱର୍ଗୀୟ ଓ ଅଲୌକିକ ଶକ୍ତିର ଭୂମିକା ଯୋଗୁ ଏହା ଆଶାପ୍ରଦ ଓ ସକାରାତ୍ମକ ।

ଆମେ ଯେଉଁ ପୃଥିବୀରେ ବାସବାସ କରୁ, ଯାହାକୁ ଇନ୍ଦ୍ରିୟମାନଙ୍କ ଦ୍ୱାରା ଅନୁଭବ କରୁ, ତାହାର ଚୂଡାନ୍ତ ତାତ୍ପର୍ଯ୍ୟ ଓ ସମୁଦାୟ ବାସ୍ତବତା ସୀମିତ ହୋଇ ରହିନାହିଁ ଏହାର ଭୌତିକତା ମଧ୍ୟରେ । ଆମେ ଯାହା ଦେଖୁ, ସେଇଠି ସରେନାଇଁ ସତ୍ୟ । ଏହା ଅତିକ୍ରମ କରେ ଭୌଗୋଳିକ ସୀମା ଓ ପଦାର୍ଥମାନଙ୍କର ପୃଷ୍ଠ । ଆହୁରି ମଧ୍ୟ, ପୃଥିବୀର ସ୍ଥିତି ସ୍ୱତନ୍ତ୍ର ଓ ମୁକ୍ତ ବୋଲି ମନେ କରାଯିବା ଠିକ୍ ନୁହେଁ । ଶେଷହୀନ ଓ ରହସ୍ୟମୟ ବ୍ରହ୍ମାଣ୍ଡ ପରିପ୍ରେକ୍ଷୀରେ ଏହାକଥା ଚିନ୍ତା କରାଯିବ । ଆମର ଏଇ ପୃଥିବୀକୁ ଘେରି ରହିଛି ଅନ୍ୟ ଜଗତର ବୀଭତ୍ସ ଅନ୍ଧକାର ତଥା ଅମୃତମୟ ଆଲୋକ । ଏଇ ଅନ୍ଧକାର ଓ ଆଲୋକ ଆମ ଜୀବନ ମଧ୍ୟକୁ ଅନୁପ୍ରବେଶ କରେ । ଏହା ସମ୍ଭବ ହୁଏ ଏହା ପ୍ରତି ଆମର ପ୍ରତିକ୍ରିୟା ଯୋଗୁ । ପୁଣି, ଏଇ ପ୍ରତିକ୍ରିୟା ନିର୍ଦ୍ଧାରିତ ହୁଏ ଆମର ପ୍ରବୃତ୍ତି, ମୂଲ୍ୟବୋଧ ଓ ବିଚାରଧାରା ଦ୍ୱାରା । ଏଇ ଦୁଇଟି ପରସ୍ପର ବିରୋଧୀ ଶକ୍ତି ମଧ୍ୟରୁ କେଉଁଟି ପ୍ରତି ଆମର

Digitized by srujanika@gmail.com

ଦୁର୍ବଳତା ଅଛି, କାହାକୁ ଆମେ ଆପଣେଇ ନେବାକୁ ବ୍ୟଗ୍ର, ତାହା ଉପରେ ନିର୍ଭର କରେ ଆମ ଜୀବନର ପତନ କିମ୍ବା ଉତ୍ତରଣ ।

ବିରକ୍ତିକର ମନେ ହେଲେ ମଧ୍ୟ ମୁଁ ନିଜ କଥା ପୁଣି ଦୋହରାଉଛି । ଯେଉଁ ତିନିଜଣ ଶିକ୍ଷିତ ବୃଦ୍ଧ ବିଶେଷତଃ ନାରୀମାନଙ୍କୁ ନଗ୍ନ ଦେଖିବା ପାଇଁ ମନ୍ତୁରା ପାଣିର ଆଶ୍ରୟ ନେଲେ, ସେମାନେ ଥିଲେ ମାନସିକ ସ୍ତରରେ ରୁଗ୍‌ଣ; ଯେମିତିକା ନିଜର ନମ୍ର ଓ ନିରାସକ୍ତ ପୁଅକୁ ବାଘ ଉପରେ ବସିବାକୁ ବାଧ କରିଥିବା ଅହଙ୍କାରୀ ରାଜା ଥିଲେ ବିପଜ୍ଜନକ ଭାବେ ମୂଢ଼ । ଗୋଟିଏ ଘଣ୍ଟା ପାଇଁ ନିଜକୁ ହାଲୁକା କରିଥିବା ପର୍ବତ ଚୋର ପ୍ରତି ଅନୁକଂପା ଦେଖାଇଥିଲା । ତାକୁ ଗୋଟିଏ ସୁଯୋଗ ଦେଇଥିଲା ସାବଲୀଳ ଓ ପରିମାର୍ଜିତ ଜୀବନ ବିତେଇବା ପାଇଁ । କ୍ଷମତା ଓ ଶକ୍ତିର ଅପପ୍ରୟୋଗ ନୈତିକ ଭାରସାମ୍ୟରେ ଯେଉଁ ଭୟଙ୍କର ବିଭ୍ରାଟ ସୃଷ୍ଟିକରେ ତାହା ପ୍ରକୃତିର ଧାରା ପରିପନ୍ଥୀ । ଏହାର ଗତି ରୋକିବା ବେଳେ ପରିଣତି କରୁଣ ଓ ଭୟାବହ ହେବା ସ୍ୱାଭାବିକ । ଏ ପ୍ରକାରର ଶକ୍ତିକୁ ସମତୁଲ କରିବା ପାଇଁ ପ୍ରକୃତି ମଧ୍ୟରେ ହିଁ ଶକ୍ତି ଅଛି ବୋଲି ସମସ୍ତ ଲୋକ ହୃଦୟଙ୍ଗମ କଲେ ଏତେ ଅସୁବିଧା ହୁଅନ୍ତା କାହିଁକି ଏଠାରେ ? ସାହିତ୍ୟ ସୃଷ୍ଟି ହୁଅନ୍ତା କେଉଁ ଉପାଦାନକୁ ଆଧାର କରି ?

କୁଜା ଚୋର ଜଣକ ଏତେ ବଡ ପାହାଡକୁ ଟେକି ପାରିଲା ବୋଲି ଗପଟି ଶିଶୁ ସାହିତ୍ୟ ପର୍ଯ୍ୟାୟଭୁକ୍ତ ହୋଇଯିବ କିପରି ? ଏପରି ଭ୍ରମାତ୍ମକ ଅବବୋଧ ସୃଷ୍ଟିହୁଏ ପିଲାଦିନେ ଜେଜେମା'ଠାରୁ ଶୁଣାଯାଇଥିବା ଅଲୌକିକ କାହାଣୀ ପରିପ୍ରେକ୍ଷୀରେ । ସେତେବେଳେ ଅଭିଜ୍ଞତା ପରିପକ୍ୱ ହୋଇ ନଥାଏ । ଜୀବନର ଓ ପୃଥିବୀର ବାସ୍ତବତା ପ୍ରତି ଦୃଢ଼ ଧାରଣା ସୃଷ୍ଟି ହୋଇ ନଥାଏ । ସେଥିପାଇଁ ସେତେବେଳେ କୁହାଯାଉଥିବା ସମସ୍ତ କାହାଣୀ କେବଳ ବିସ୍ମୟକର ନୁହେଁ; ବିଶ୍ୱାସଯୋଗ୍ୟ ମଧ୍ୟ ହୋଇଥାଏ । ମାତ୍ର ପରବର୍ତ୍ତୀ ସମୟରେ ପଞ୍ଚତନ୍ତ୍ର, ସେକ୍ସପିୟରଙ୍କର କେତେକ ନାଟକ, Arabian Nights, The Rhyme of the Ancient Mariner କିମ୍ବା Oscar Wildeଙ୍କର କେତେକ ଗପ ପଢ଼ିବାବେଳେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଉପାଦାନଟି ଦରକାର, ତାହାକୁ ଅତ୍ୟନ୍ତ ଚମତ୍କାର ଭାବରେ willing suspension of disbelief ବୋଲି Coleridge କହନ୍ତି ।

ଆମର ଜ୍ଞାନ, ଅଭିଜ୍ଞତା, ଯୁକ୍ତି ପ୍ରବଣ ବୌଦ୍ଧିକତାର ବିରୋଧାଚରଣ କରୁଥିବା କୌଣସି କଥା ଏଇ ଅବିଶ୍ୱାସ ସୃଷ୍ଟିକରେ ଏବଂ ଏହାକୁ ନାକଚ କରେ ଅସମ୍ଭବ ବୋଲି । ମାତ୍ର ଏହାକୁ ସାମୟିକ ଭାବରେ ବାତିଲ କରିବାକୁ ହୁଏ । ଅନ୍ୟ ପ୍ରକାରେ କହିବାକୁ ଗଲେ, ଆମକୁ ଶିଶୁସୁଲଭ ମନ ପାଖକୁ ଫେରିବାକୁ ପଡେ, ପ୍ରଥମେ ଉକ୍ତ କଥାକୁ ବିଶ୍ୱାସ ଓ ଗ୍ରହଣ କରିବା ସକାଶେ ।

Digitized by srujanika@gmail.com

ମନୋଜ ଦାସଙ୍କ ଗପରେ ଥିବା ଫାଣ୍ଟାସି ଏକ କଳାତ୍ମକ ମାଧ୍ୟମ । ତାହା ହିଁ ଗପ ନୁହେଁ । ଏଇ ମାଧ୍ୟମ ଜରିଆରେ ଚରିତ୍ରମାନଙ୍କର ମାନସିକତା, ସେମାନଙ୍କର ଦୁର୍ବଳତା ଓ କାମନା ପ୍ରକାଶ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇଛି । କ୍ୟାନ୍‌ଭାସ୍ କଳା ନୁହେଁ । ଆମେ କଳାର ବିଭବ ଉପଭୋଗ କଲାବେଳେ ଏଇ କ୍ୟାନ୍‌ଭାସ୍ କଥା ପ୍ରାୟ ଭୁଲି ଯାଇଥାଉଁ । ଫାଣ୍ଟାସି ଜରିଆରେ ମଣିଷ ଜୀବନର ସତ୍ୟ ପରିବେଷଣ କରୁଥିବା ତାଙ୍କର ଗପ ଆମ ଉପରେ ପ୍ରାୟ ଏଇ ପ୍ରଭାବ ପକାଏ । ଆମେ ଏଇ ସତ୍ୟର ସାମନାସାମନି ହେଉଁ । ଏହାକୁ ପରିବେଷଣ କରିଥିବା ଫାଣ୍ଟାସିର ଭୂମିକା ଆପାତତଃ ସେଇଠି ଶେଷହୁଏ । କାରଣ ଏଇ ସତ୍ୟ ପହଞ୍ଚାଇ ଦେବାପରେ, ତାହା ପ୍ରତ୍ୟାହାର କରିନିଏ ଗପର ବାର୍ତ୍ତାଠାରୁ ।

କିନ୍ତୁ ମେୟର ଓ ଆବୁର ଅଧିକାରୀ ଅନ୍ତକେ ରକ୍ଷା ପାଇଛନ୍ତି ବିପର୍ଯ୍ୟୟରୁ । ବୁଝିବାରେ ବିଶେଷ ଅସୁବିଧା ନାହିଁ ଯେ ଏମାନେ କେବଳ ନିଜର ପୋଷାକ ଓ ଆବୁ ହରେଇ ନାହାନ୍ତି, ପ୍ରତୀକାତ୍ମକ ଭାବରେ ବର୍ଜନ କରିଛନ୍ତି ନିଜର ଭ୍ରମାତ୍ମକ ମୂଲ୍ୟବୋଧ । ହାସଲ କରିଛନ୍ତି ଆତ୍ମଜ୍ଞାନ । ସେମାନେ ପ୍ରବେଶ କରିଛନ୍ତି ଆଶା ଉଦ୍ଦୀପକ ଦିବ୍ୟ ଭାବଧାରା ମଧ୍ୟକୁ । ବୃହତ୍ତର ପରିପ୍ରେକ୍ଷୀରେ ଜୀବନକୁ ବୁଝିବା ପାଇଁ କ୍ଷମ ହୋଇଛନ୍ତି । ଏଇ ଦିବ୍ୟ ଜଗତର ସ୍ପଷ୍ଟ ଓ ବଳିଷ୍ଠ ଉଚ୍ଚାରଣ ଆମେ ଶୁଣୁ 'ଅମୃତଫଳ' ଓ 'ତନ୍ଦ୍ରାଲୋକର ପ୍ରହରୀ'ରେ । ଏଥିରେ ଥିବା ଇନ୍ଦ୍ରିୟତୀତ ଚେତନା ଏବଂ ଅଲୌକିକତା ଧ୍ୱଂସାତ୍ମକ ନୁହେଁ; ସୃଜନଶୀଳ । ଅନ୍ଧକାରାଚ୍ଛନ୍ନ ନୁହେଁ; ଆଲୋକମୟ । ଭୟଙ୍କର ନୁହେଁ; ଆତ୍ମୀୟ ।

ଏଇ ଦୁଇଟି କୃତି ପାଖରେ ପହଞ୍ଚିବା ବେଳକୁ ମନୋଜ ଦାସ ଅନେକ ବାଟ ଅତିକ୍ରମ କରିସାରିଛନ୍ତି । ତାଙ୍କ ଗପଗୁଡ଼ିକର କଳେବର କ୍ଷୁଦ୍ର । ଏହାର ଚୁମ୍ବକୀୟ କଥନ ଶୈଳୀ ଓ ଉପସ୍ଥାପନା ଭଙ୍ଗି ଆମକୁ ସ୍ୱତଃ ଆକର୍ଷଣ କରେ । ଏହାର ଶାଣିତ ଓ ତୀବ୍ର ଆବେଦନ ସୃଷ୍ଟି କରେ ଅପରାଧବୋଧ, ଆମର ଚାରିତ୍ରିକ ବିଚ୍ୟୁତି ପାଇଁ । ଏହା ସୃଷ୍ଟିକରେ ପ୍ରତ୍ୟୟ, ଅମ୍ଳାନ ଜୀବନ ପାଇଁ । ଏହା ସଂପ୍ରସାରଣ କରେ, ଅଭିଭୂତ କରେ ଆମ ଆବେଗଗତ ସତ୍ତାକୁ 'ଶେଷ ବସନ୍ତର ଚିଠି'ରେ, 'ଲକ୍ଷ୍ମୀର ଅଭିସାର'ରେ, 'ମଗ୍ନ ଉପତ୍ୟକା'ରେ, 'ଧୂମ୍ରାଭ ଦିଗନ୍ତ'ରେ । ଚରିତ୍ରମାନଙ୍କ ସହିତ ଆମେ ଛଟପଟ ହେଉ, ବିଗଳିତ ହେଉ ସେମାନଙ୍କ ପାଇଁ । ପ୍ରତିବାଦ କରୁ । ଅସହାୟ ମଧ୍ୟ ହୋଇଯାଉ । ବ୍ୟସ୍ତ, ବିବ୍ରତ ହେଉ ଯେ ପ୍ରଭଂଜନ ଯୋଗୁ ଭୁଷୁଡ଼ି ଯାଉଛି ଜୀବନଧାରାର କମନୀୟ ନକ୍ସା ଓ ସମ୍ବେଦନଶୀଳ ପରିବେଶ ।

ଖୁବ୍ ବିସ୍ତୃତ ମନୋଜ ଦାସଙ୍କ ସୃଜନଶୀଳ ପୃଥିବୀ । ଏହା ବିବିଧ, ବିଶାଳ, ଜଟିଳ ଜୀବନ ଭଳି । ପ୍ରତ୍ୟେକ ପରିସ୍ଥିତି ନୂଆ ସମସ୍ୟା ଆଣେ, ବିଷାଦ ସୃଷ୍ଟି କରେ । ଏହା ପୁଣି ସୃଷ୍ଟିକରେ ଆତ୍ମଜ୍ଞାନ । ସଂପ୍ରସାରଣ କରେ ଦୃଷ୍ଟିଭଙ୍ଗୀକୁ । ଆମେ ଜୀବନକୁ, ବିଶ୍ୱକୁ ଓ ନିଜକୁ ଆହୁରି ଗଭୀର ଓ ଅନ୍ତରଙ୍ଗ ଭାବରେ ବୁଝିବାକୁ କ୍ଷମ ହେଉ ।

• ରିଡର, ଇଂରାଜୀ ବିଭାଗ, କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା

Digitized by srujanika@gmail.com

'ସରସ୍ୱତୀ ସମ୍ମାନ' ପ୍ରାପ୍ତ ମନୋଜ ଦାସଙ୍କ 'ଅମୃତ ଫଳ'ର ପ୍ରଥମ ଅଧ୍ୟାୟ

ପ୍ରହରାଜ ସତ୍ୟନାରାୟଣ ନନ୍ଦ

ଚେତନାର ଅରଣ୍ୟରେ ସେଇ ମଣିଷ ଜଣକ କ'ଣ ବା ଠାବ କରେ ଅଜଣା ବାଟରେ ? ମୋହ ଓ ବୈରାଗ୍ୟ, ବିସ୍ମୃତି ଓ ସଂସ୍ମରଣ, ଦୁଃଖ ଓ ତା'ର କାରଣ କେତେ ଖଣ୍ଡ ଗ୍ରନ୍ଥରେ ଏ ଯାବତ୍ ସନ୍ନିବେଶିତ ହୋଇଛି କେଜାଣି, ଆଧୁନିକ କାଳର ପଟ୍ଟଭୂମି ସିଅରୁ ସିଅକୁ ଚିହ୍ନଟ କରେ ସେଇ ଘଟଣା ଓ ଚରିତ୍ରମାନଙ୍କୁ ଇତିକଥା, ପୁରାକଥା, ଇତିହାସ କିମ୍ବଦନ୍ତୀର ବା କାବ୍ୟକାହାଣୀ ନାଟକ ଉପନ୍ୟାସର । ଚିହ୍ନଟ କରେ ପୃଥିବୀର ସମୃଦ୍ଧ ସଭ୍ୟତା ଓ ସଂସ୍କୃତିର ଇତିହାସରୁ; ନୀଳନଦୀ ତଟରୁ ବା ସିନ୍ଧୁ ଉପତ୍ୟକାରୁ । ଚିହ୍ନଟ କରେ ମଣିଷର ଯନ୍ତ୍ରଣା--ଜର୍ଜରିତ ଜୀବନର ସ୍ୱାକ୍ଷର ଶେଷ ହେଉଥିବା ସଂସାରର ଅଶ୍ୱତ୍ଥ ପତ୍ର ପାପୁଲିରୁ ଏବଂ ପ୍ରଶ୍ନ ଉହ୍ୟ ରଖେ ଆସନ୍ତାକାଲିରେ ସୂର୍ଯ୍ୟୋଦୟ ପାଇଁ ''କେ ତୁମି ? ମିଳେନା ଉତ୍ତର'ର ସାୟଂତନ ଅପେକ୍ଷାରେ ।

ସିଏ ଆଉ ଜଣେ ବ୍ୟକ୍ତିର କାହାଣୀ, ଆଉ ଏକ ଚେତନାର ଉଦ୍‌ବର୍ତ୍ତନ, ଆଉ ଏକ ଶଙ୍କାର ସମାଧାନ, ଆଉ ଏକ ଯୁଗର କାକୁସ୍ଥ ଅପେକ୍ଷା ନୂଆ ପିଢିପାଇଁ ''ରବିବାସରୀୟ ଅପରାହ୍ଣରେ, କନଟ୍‌ସାର୍କ୍‌ଲର ଲୋକାରଣ୍ୟ ଭିତରେ....''

ଏଇ ଅସଂପୂର୍ଣ୍ଣ ଉଦ୍ଧୃତି ମନୋଜ ଦାସଙ୍କ 'ସରସ୍ୱତୀ' ସମ୍ମାନପ୍ରାପ୍ତ 'ଅମୃତଫଳ'ର ପ୍ରଥମ ଅଧ୍ୟାୟର ସ୍ଥାନକାଳ ନିର୍ଣ୍ଣୟ କରେ ପାଠକ ମନରେ ଏବଂ ପ୍ରଥମ ବାକ୍ୟଟି ସଂପୂର୍ଣ୍ଣ ହୁଏ ବିନ୍ଦୁରେ ସିନ୍ଧୁର ଝଲକ ଉଦ୍‌ଭାସିତ କରି ଏହି ମତେ, ''ହଠାତ୍ ଅମରନାଥଙ୍କ ଚେତନାରେ ଯାହା ଘଟିଗଲା, ତାହା ଝଡ ସହ ନା ଭୂମିକମ୍ପସହ ତୁଳନୀୟ, ସେ ତାହା ଠଉରାଇ ପାରି ନଥିଲେ ।'' ୨୩ ଡିସେମ୍ବର ୧୯୯୫ ପଣ୍ଡିଚେରୀକୁ ସାହିତ୍ୟ ପୃଷ୍ଠାରେ ସ୍ୱାକ୍ଷରିତ କରିଥିବା ମନୋଜ ଦାସ ନିଜସ୍ୱ ଭୂମିକା ''ଏକ ପ୍ରାୟୋପନ୍ୟାସ : ସଂକ୍ଷିପ୍ତ କୈଫିୟତ୍''ରେ ବୌଦ୍ଧିକ ଚେତନାର ଉତ୍ତରଣରେ ବିଘ୍ନସବୁକୁ ରେଖାଙ୍କିତ କରିଛନ୍ତି ମର୍ଯ୍ୟାଦାପୂର୍ଣ୍ଣ ଅନୁଶୀଳନରେ । 'ଝଡ' ବା 'ଭୂମିକମ୍ପ' ଆମକୁ ଏଇ ପାର୍ଥିବ ଚେତନାରେ ବାରମ୍ବାର ଆନ୍ଦୋଳିତ କରିଛି ଆକସ୍ମିକଭାବେ । ଚେତନା ଶ୍ୱାସରୁଦ୍ଧ ହୋଇଛି କେବେ କେବେ ଅନ୍ୱେଷାର ଦିଗବାରି ପାଦ ବଢାଇବାବେଳେ ଆଜିର

Digitized by srujanika@gmail.com

ପୃଥିବୀରେ । ସେ ଝଡ କ'ଣ କବି ଜାଣେ । କହିବା ପରି ସୂର୍ଯ୍ୟରେ ଥାଏ, କିଏ ଜଣେ ନାଟ୍ୟକାର କହିବା ପରି କଳ୍ପନାରେ ସମୁଦ୍ରର ପକ୍ଷ ବିସ୍ତାର କରେ ! ସେ ଭୂମିକମ୍ପ କାଳେ ଭିତ୍ତିଭୂମିକୁ ଶ୍ମଶାନିତ କରେ ଭଙ୍ଗା କାନ୍ଥ, ଭଙ୍ଗାକାଚ, ଭଙ୍ଗା ସିନ୍ଦୁକର ସ୍ମୃତିରେ । ସେ କ'ଣ ତାଣ୍ଡବ ସୃଷ୍ଟିକରେ ଶିଳ୍ପୀ ମନରେ ? ଆହା ! କ୍ଷୟ ହେଉଥିବା ପୃଥିବୀରେ ମନେ ପକାଇଦିଏ ମିଠା ମିଠା ବର୍ଷାର ସ୍ୱର, ହିନସ୍ତା ହେଉଥିବା କୃଷ୍ଣଚୂଡ଼ା ଡାଳରେ ଆକସ୍ମିକ ବିଦ୍ୟୁତ ଝଲକ ! ସେ କ'ଣ ମନେ ପକାଇଦିଏ ଅନ୍ତଃସାରହୀନ ମହାନଗରୀରେ ଅଭିଳାଷର ବିପର୍ଯ୍ୟୟସବୁକୁ ! ହୁଏତ କିଛିଟା ଇଲିଅଟ୍‌ଙ୍କ ସାଙ୍ଗୀତିକତାର ପ୍ରତିଧ୍ୱନିରେ ! ସେ କ'ଣ ଆଧୁନିକ ଅଭିବ୍ୟକ୍ତିକୁ ଶାଣିତ ଓ ଯୁଗୋପଯୋଗୀ କରିବା ପାଇଁ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା ଫକୀରମୋହନଙ୍କଠୁ ଆରମ୍ଭ କରି ସୁରେନ୍ଦ୍ର ମହାନ୍ତିଙ୍କ ଯନ୍ତ୍ରଣାବୋଧ, ତାତ୍ତ୍ୱିକ ଅନ୍ୱେଷାକୁ, ଭାଷାଶୈଳୀକୁ କ୍ଷମା କରି ପାରେନାହିଁ, ଏପରିକି ଅବଚେତନରେ !

ଟିକିଏ ଅସ୍ତିତ୍ୱ ଚେତନା ଚିତ୍ରମୟ ହୋଇଯାଏ ସୁଖଦୁଃଖରେ ଆଉଟି ହେଉଥିବା ଆଜିର ମଣିଷପାଇଁ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଏକ ଐତିହାସିକ କାହାଣୀରେ ଭର୍ତ୍ତୃଦାରକ ଭର୍ତ୍ତୃହରି (ପାଳକ+ତ୍ରାଣକର୍ତ୍ତା) ସହଜାତ ସୂକ୍ଷ୍ମ ଅନ୍ୱେଷା ସହିତ ବାସ୍ତବତାର କ୍ରୂର ପରିହାସକୁ ପର୍ଯ୍ୟାୟକ୍ରମେ ମନନ କରିଥିଲେ । ଶାସନ ଦାୟିତ୍ୱରୁ ଅବସର, ପରିବ୍ରଜ୍ୟା ଓ ଯୋଗସାଧନ ଲେଖକଙ୍କ ଭାଷାରେ ''ଉଜ୍ଜୟିନୀର ଆମୋଦପ୍ରିୟ ତଥା ଲୋକପ୍ରିୟ ରାଜା ଭର୍ତ୍ତୃହରି''ଙ୍କୁ ବାଧ୍ୟ କରିଥିଲା ଅନୁଜ ବିକ୍ରମାଦିତ୍ୟଙ୍କ ରାଜତ୍ୱ ପାଇଁ । ମନୋବୃତ୍ତିର ତିନୋଟି ସନ୍ନିହିତ ଚାପ ଶୃଙ୍ଗାର, ନୀତି ଓ ବୈରାଗ୍ୟର ତ୍ରିବର୍ଣ୍ଣ ଜ୍ୟୋତିସ୍ରୋତ ସୃଷ୍ଟି କରିଥିଲା; ଇତିହାସ ଗୋହିରୀରେ ଆକର୍ଷଣ କରିଥିଲା ଦିଗହରା ବାଟୋଇକୁ ଗତିର ଲକ୍ଷ୍ୟ ନିର୍ଣ୍ଣୟ ପାଇଁ । ଶୃଙ୍ଗାରର ପ୍ରତୀକ ଯଦି ରାଣୀ ପିଙ୍ଗଳା ହୁଅନ୍ତି, ବୈରାଗ୍ୟର ପ୍ରତୀକ ହିଁ ରାଣୀ ସିନ୍ଧୁମତୀ, ଆଉ ନୀତି ଅନୁସଂଧାନ କାଳେ ଏଇ ପୃଥିବୀରେ ପ୍ରଥମ ଶୃଙ୍ଖଳା । ମୁଁ କିପରି ହେବି, କିପରି ମୋର ଭାବନାକୁ ଜୀବନର ସମୃଦ୍ଧି ପାଇଁ ପରିଚାଳିତ କରିବି ଏଇ ଦାୟିତ୍ୱକୁ ସୂତ୍ରବଦ୍ଧ କରିବା ବିଚାରଶୀଳ ମଣିଷର ନିଷ୍ଠା । ତେଣୁ ଭର୍ତ୍ତୃହରି-ପୃଷ୍ଠପଟ ମୁଖ୍ୟତଃ ଆମର ଅନ୍ୱେଷା । ସାହିତ୍ୟ ବୈଦିକ ଯୁଗରୁ ହେଉ, ଉପନିଷଦୀୟ ଆଶ୍ରମବାସରୁ ହେଉ, ପୁରାଣ କିମ୍ବା ଇତିହାସ ପୃଷ୍ଠାର ଯୁଦ୍ଧବିଗ୍ରହର ପରିଣତିରୁ ହେଉ, ଲୋକକଥା ବା ଲୋକଗୀତିରୁ ହେଉ, ଏପରିକି ପରିବେଶାତ୍ମକ ନିଛକ ଅଭିଜ୍ଞତାରୁ ହେଉ, ମହାକାବ୍ୟିକ ଜୀବନର-ଦର୍ଶନର ଧାରା ଅମ୍ଳାନଭାବେ କଳାତ୍ମକ ଉତ୍କର୍ଷ ପ୍ରତିପାଦିତ କରେ ଆଜିର ମଣିଷକୁ 'ଅମୃତଫଳ'ର ଅଧ୍ୟୟନ ପରେ ନିମଗ୍ନ କରି । ନୂଆ ସହସ୍ରାବ୍ଦୀର ପାଠକ ପାଇଁ ସାରସ୍ୱତ ଚେତନାରେ ଥରେ ଯଦି ଝଡ ବା ଭୂମିକମ୍ପ ଆସେ ପୃଥିବୀଟିଏ ଚିହ୍ନିତ କରେ ଭାରତୀୟ ପରଂପରାର ଉଦ୍‌ବର୍ତ୍ତନ ଭୂମିକୁ ସୁସ୍ପଷ୍ଟ କରି 'ଅମୃତଫଳ'ର ମହାର୍ଘ ପୃଷ୍ଠାରେ ।

Digitized by srujanika@gmail.com

Oliver Wendellଙ୍କ ଗୋଟିଏ ଉକ୍ତି ମନେପଡ଼େ ମନୋଜ ଦାସଙ୍କ 'ଅମୃତଫଳ'ର 'ଜଟିଳ ପ୍ରେରଣା'ର ଉତ୍ସ ନିର୍ଣ୍ଣୟ କରିବା ସମୟରେ : "Human soul was an omnibus in which sit the shapes of our ancestors"ଏଇ ମର୍ମରେ ଭର୍ତ୍ତୃହରିଙ୍କ ଭୂମିକା କାଳ୍ପନିକ ଜଗତର ଅବତାରଣା କରେ ପାଠକ ପାଇଁ । ଲେଖକଙ୍କ ଯାଦୁକରୀ ଶକ୍ତି ବାସ୍ତବତାର ସମସ୍ତ ସାମ୍ଭାବ୍ୟ ଦିଗକୁ ପ୍ରାଣବନ୍ତ କରେ ପ୍ରତିଟି ଚରିତ୍ର ଓ ଘଟଣାକୁ ନିଛକଭାବେ ଅବତାରଣା କରିବାପାଇଁ । ଏଲିଜାବେଥ୍ ଡ୍ରିଉ କହନ୍ତି, "Life course, is the basic rawmaterial of all art, but no artist is so close to his rawmaterial as the novelist. It's all around him all the time : people, incidents, scenes, sense impressions, conversations–anything can arouse his curiosity, his excitement, his compulsion to transmit it into language and thus relieve his own feelings and communicate them to others".

ତେଣୁ 'ଅମୃତଫଳ'ର ଆବେଦନର ତୁଳନା ନାହିଁ । ପ୍ରାଚୀନ ଗଦ୍ୟରୀତି ସହିତ ଅତ୍ୟାଧୁନିକ ଉପନ୍ୟାସ ଶବ୍ଦବିନ୍ୟାସର ତୁଳନାତ୍ମକ ଅଧ୍ୟୟନ ହିଁ ଲେଖକଙ୍କ ସାମର୍ଥ୍ୟ ପ୍ରତିପାଦନ କରେ । ଯଦି ପୁରାତନରୁ ନୂତନକୁ ଖୋଦନ କରିବାକୁ ଚାହଁ, ଯଦି ନୂତନରୁ ପ୍ରାଚୀନ ମହନୀୟତାର ମୂଲ୍ୟାୟନ ପାଇଁ ସୀମାନ୍ତର ରେଖାମାନ ଅଙ୍କନ କର, ଯଦି ଭାଷା, ଭାବ, ଆବେଗ, ପ୍ରଜ୍ଞା ଓ ନାଟକୀୟତାର ଯୁକ୍ତିଯୁକ୍ତ ସଂପର୍କରେ ସାମୂହିକ ଅବଚେତନକୁ ମୂର୍ତ୍ତ କରିବାକୁ ଆଗ୍ରହ ଥାଏ, ତେବେ 'ଅମୃତଫଳ'ର ପୃଷ୍ଠାରେ ପୃଷ୍ଠାରେ ଉଜ୍ଜୟିନୀ ବା ହରଦ୍ୱାର ଗୁମ୍ଫାରେ ଏକଦା ଲେଖା ଯାଉଥିବା ପାଣ୍ଡୁଲିପି ଦିଲ୍ଲୀର ଚଳଚଞ୍ଚଳ ସାଂପ୍ରତିକ ଜୀବନଛନ୍ଦରେ କିପରି ଗୀତିମୟତାର ଉଦ୍ଘାଟନକୁ ପ୍ରାଣୀନ କରିଛି ତାହା ଲକ୍ଷ୍ୟ କରିବାକୁ ହେବ ଏକାଗ୍ର ଚିତ୍ତରେ । ଏ କ'ଣ ଔପଚାରିକ ପରଂପରା 'ଜଣେ କହୁଥାଏ, ଜଣ ଶୁଣୁଥାଏ' ସ୍ମୃତିର ? ଏ କ'ଣ ଅନୁଚିନ୍ତାର ଦିଗ୍‌ବଳୟରୁ ସେମାନଙ୍କ ଅବତରଣ ଆଦିଷ୍ଟ ମଞ୍ଚରେ ? ଏ କ'ଣ ବ୍ୟାହତ ବର୍ତ୍ତମାନର ପୃଷ୍ଠପଟରେ ପୃଥିବୀକୁ ଉର୍ବର କରିବା ପାଇଁ ନିଜକୁ ଭଲଭାବେ ଜାଣିବାର ଅବସର ?

ସହଜରେ କହିବାକୁ ଗଲେ କେତେକ ଆଧିଭୌତିକ ଉପାଦାନ ସୂକ୍ଷ୍ମରେ ରହିଛି କାହାଣୀ ଅନ୍ତରାଳରେ । ସେସବୁ କାହାର ପ୍ରତୀକ ? କେଉଁ ଚିତ୍ରମୁଖୀ ଭାଷା ଫିଟାଏ ଆଉ ପ୍ରସ୍ତେ ସାନ୍ଦ୍ର ଚେତନାର ଜରି ? କେଉଁ 'ଅମୃତଫଳ' ବା ତୁମର କାମ୍ୟ କେଉଁ କାଳ ତୁମର ଆପଣାର ? କେଉଁ ଯଦୃଚ୍ଛାରେ ତୁମେ ଚିନ୍ତାଗ୍ରସ୍ତ ? କେଉଁ ବୟସ ବା ବିଚାରର ପର୍ଯ୍ୟାୟ ତୁମ ପାଇଁ ଅନୁକୂଳ ? କେଉଁ ବନ୍ଧୁ ତୁମର ବ୍ୟକ୍ତିକ ଚେତନାର ସମୃଦ୍ଧି ପାଇଁ ଯତ୍ନଶୀଳ ? କେଉଁ ନାରୀ ତୁମ ଯାତ୍ରାପଥରେ ପ୍ରତ୍ୟାଶା ? କେଉଁ ଆତ୍ମା ତୁମର ସାରଥି ?

ଏଇ କ୍ରମରେ ଆଉ ପ୍ରଶ୍ନ କଲେ, କେଉଁ ଋତୁ ତୁମର ସହଚର ? କେଉଁ ଶାନ୍ତି

Digitized by srujanika@gmail.com

ତୁମର କାମ୍ୟ ? କେଉଁ ସୁଖ ସଂପଦର ପକ୍ଷପାତୀ ? କେଉଁ ପିତୃବନ୍ଧୁ ତୁମର ଶୁଭେଚ୍ଛୁ ? କେଉଁ ପୌରୁଷ ପୁନରାବୃତ୍ତିରେ ଯଶସ୍ୱୀ ? କେଉଁ ଘୂର୍ଣ୍ଣନ ନାଟକୀୟତାରେ ସନ୍ତୁଳନର ପ୍ରତୀକ ? ଆଙ୍ଗିକ ଓ ଆତ୍ମିକ ଉପାଦାନ ସବୁ କେଉଁ ଯୁକ୍ତିରେ ଶୃଙ୍ଖଳାବଦ୍ଧ ?

କନଟ୍ ସାର୍କଲର ଲୋକାରଣ୍ୟ ଭିତରେ ସେଇ ଲୋକଟି -ବିଚରା ଲୋକଟିର ବର୍ଣ୍ଣନା ଉପନ୍ୟାସକୁ ଯଥେଷ୍ଟ ପ୍ରତୀକାତ୍ମକ କରେ ସାଂପ୍ରତିକ ସମସ୍ୟାର ଗଭୀର ଆସ୍ତରଣରେ । ଅସ୍ତିତ୍ୱବାଦର ସ୍ପର୍ଶକ ରଖେ ଆଜିର ପ୍ରବାହ ଚକ୍ରରେ ଚେତନାର୍ ସ୍ରୋତକୁ ପ୍ରଖର କରେ ଆପେକ୍ଷାମାଣ କର୍ମର ଯନ୍ତ୍ରଣା ଉଦ୍‌ଘାଟନ କରିବାକୁ ଶବ୍ଦ ସଂକେତରେ । ''କ'ଣ ପାଇଁ ସେ ଆସିଥିଲେ ଏବଂ କେଉଁ ପ୍ରତିଷ୍ଠାନକୁ, ଚାଳକ ନ ଆଣି ନିଜେ ଗାଡି ଚଳେଇ ଆସିବା ପଛରେ କି ଉଦ୍ଦେଶ୍ୟ ଥିଲା, ସେ କିଛି ମନେ ପକାଇ ପାରୁ ନଥିଲେ । ହୁଏତ ଏ ବିସ୍ମୟକର ଅନ୍ୟମନସ୍କତା, ଏ ବିପଜ୍ଜନକ ବିସ୍ମରଣ, ଘରୁ ବାହାରିବା ପୂର୍ବରୁ ହିଁ ଆରମ୍ଭ ହୋଇଥିଲା; ହୁଏତ ବାହାରି ଆସିବାର ହେତୁ ହିଁ ଏହି ଅହେତୁକତା-ସେ ଏହି ଅନୁମାନରେ ଉପନୀତ ହୋଇ, ଫୁଟ୍‌ପାଥରୁ ପୁଣି ଧୀରେ ଧୀରେ ନିଜ କାର ପାଖକୁ ଯାଇ, ତହିଁ ଉପରକୁ ଆଉଜି ପଡି, ସାମନାରେ ଉଜ୍ଜ୍ୱଳ ବିପଣୀଶ୍ରେଣୀ ଓ ପଥଚାରୀଙ୍କ ନିଘଞ୍ଚ ଯାତାୟାତ ଆଡେ ଅନାଇ ରହିଲେ ।''

ଦିଲ୍ଲୀକୁ ଅନୁଭୂତିର କେନ୍ଦ୍ର କରେ 'ଅନ୍ୟ ସହରର ଲୋକ'ରୁ ସଚ୍ଚିଦାନନ୍ଦ ରାଉତରାୟଙ୍କ ପ୍ରାନ୍ତିକ ବକ୍ତବ୍ୟ ଏଠାରେ ଅନାୟାସରେ ଉଦ୍ଧାର କରିହେବ :

ଭଦ୍ରଲୋକ ଆସିଛଂତି ଅନ୍ୟ ସହରରୁ,
ପଛରେ ତାଂକ ଅନେକ ବାଟ ସତରେ ବହୁ ଦୂରୁ,
ଆଖିରେ ତାଂକ ଲୁଣି ନଈର ରେଶମୀ ପବନରୁ
ଲାଗିଛି ଫାଳେ,-ନିଶ ଦି'ପଟା ଥରୁଚି ଥୁରୁ ଥୁରୁ ।
ବନଜନାତ ଉଠାଣି ବାଟ, ଗଡାଣି ସବୁ ଗଣି
କେତେ ଚଳଣି ଭାଷା ଓ ଠାଣି ସେଠା ସମ୍ଭାକୁ ଟାଣି
ଆଣି ସେ ଛଂତି ପୁଟୁଳା କରି ! କେତେ ଦୂରର କଥା
ଆସିଛି ଦୂର ବାଟୋଇ ସାଂଗେ ହୋଇ ଯେ ତା'ର ଛତା ।
ହଜିଛି ବୋଧେ ଗୋଟାଏ କିଛି, ହୋଇପାରେ ତା କଂଚି,
ଅଥବା ଏକ ସୂତାରୁ ଖିଏ, ଅଥବା ଆଉ କିଛି !
ହୋଇପାରେ ବି ଘଟନା ଏକ, କିଂବା ଏକ ଗାର
ଅବା ସେ ଏକ ସ୍ମୃତିର ଧାଡି, ମନର ଏକ ଶୁଖିଲା ନଈଧାର ।

ଅବଶ୍ୟ 'ନିଘଞ୍ଚ ଯାତାୟାତ' ମନୋଜ ଦାସ ବୁଝାଇଛଂତି ପରବର୍ତ୍ତୀ

Digitized by srujanika@gmail.com

ଅନୁଚ୍ଛେଦରେ ଆକାର ପ୍ରକାର ସବୁକୁ ଅନ୍ତରଂଗ ଓ ବହିରଂଗ ଚେତନାରେ ବ୍ୟବଚ୍ଛେଦ କରି ! ନୂଆ ଐତିହ୍ୟରେ ଗ୍ରାମୀଣତାର ଗନ୍ଧ ନାହିଁ ନାୟକଠି ।

"ଏ ଅସଂଖ୍ୟ ଚଳଚଞ୍ଚଳ ମଣିଷ—ସମସ୍ତେ ଲୋଭାତୁର, ଆଶାୟୀ । ଗୋଟାଏ ପୋଷାକ ଦୋକାନ ଆଗରେ ଜଣେ ପୌଢଙ୍କର ନୟନଯୁଗଳ ଏବଂ କାଚ ସେପଟେ ଝୁଲୁଥିବା ଖଣ୍ଡିଏ ବେଢଙ୍ଗୀୟ ଜ୍ୟାକେଟ୍ ଭିତରେ ଯେମିତି ଗୋଟିଏ ଭିଡାଓଟରା ଚାଲିଥାଏ । ଥରେ ପ୍ରୌଢ ଅବଶ୍ୟ ଅମରନାଥଙ୍କ ଆଡେ ଅନାଇଲେ । କିନ୍ତୁ ସେ ଅନାଇବାରେ ପ୍ରାଣ ନଥିଲା । ଅମରନାଥଙ୍କ ନିମ୍ନାର୍ଦ୍ଧ ମଣିଷ ହୋଇ ଉପରାର୍ଦ୍ଧ ଯଦି ଗୋଟାଏ ଭାଲୁ ହୋଇଥାନ୍ତା, ସେ ମୁହୂର୍ତ୍ତରେ ପ୍ରୌଢଙ୍କ ଦୃଷ୍ଟିରେ ସେ ବୈଷମ୍ୟ ଧରାପଡି ନଥାନ୍ତା । ସେ ଥିଲେ ଜ୍ୟାକେଟ୍-ନିନାଣ୍ଟ ।

ଭଦ୍ରଲୋକ ପର୍ସ ବାହାର କରି ନିହିତ ବିତ୍ତର ପରିମାଣ କଳନା କଲେ ଏବଂ ପୁନର୍ବାର ଜ୍ୟାକେଟ୍ ଆଡେ ଅନାଇଲେ ।

ଭଦ୍ରଲୋକଙ୍କ ବାସନା ଏବଂ ତାଙ୍କୁ ଆଲିଙ୍ଗନ କରିବାକୁ ଉଦ୍ୟତ ଦିଶୁଥିବା ସେ ଜ୍ୟାକେଟ୍ ଭିତରେ ଖଣ୍ଡିଏ ବଳିଷ୍ଠ ମସୃଣ କାଚର ବ୍ୟବଧାନ । ଆଉ ଏକ ହିସାବରୁ ଦେଖିଲେ, ଜ୍ୟାକେଟ୍ ଦାବି କରୁଥିବା ପଣ ଓ ପ୍ରୌଢ ଦେବାକୁ ପ୍ରସ୍ତୁତ ଥିବା ପରିଣାମର ବ୍ୟବଧାନ ।

ପ୍ରୌଢ ଦୋକାନର ଦ୍ୱାରଦେଶ ତ୍ୟଜି ପାହୁଣ୍ଡେ ଅଗ୍ରସର ହେଲେ । ଅମରନାଥ ହଠାତ୍ ଚମକି ପଡିଲେ । ପ୍ରୌଢଙ୍କ ହାତ ଦୁଇଟି ଯେମିତି ଅଲୌକିକ ଭାବରେ କାଚ ସେପାରିରେ ପହଞ୍ଚିଗଲା; ଜ୍ୟାକେଟ୍ ଖଣ୍ଡିକ ଭିଡିଆଣି ସେ ତାକୁ କାନ୍ଧରେ ପକାଇ ହଠାତ୍ ପଳାଇବାକୁ ଆରମ୍ଭ କଲେ ଗୋଟାଏ ବୃହଦାକାର ମାଙ୍କଡ ଢଙ୍ଗରେ !"

ବିଦ୍ରୂପାତ୍ମକ ଭଙ୍ଗୀରେ ସଚ୍ଚିବାବୁ "ଅନ୍ୟ ସହରର ଲୋକ'ରେ କାମିଜର ଯେଉଁ ବର୍ଣ୍ଣନା ଦିଅନ୍ତି ହୁଏତ ମନୋଜ ବାବୁ କାରୁଣ୍ୟର ଅନ୍ତଃସଲିଳା ଭାବଧାରାରେ ଚିହ୍ନଟ କରନ୍ତି ସେଇ ଜ୍ୟାକେଟ୍‌କୁ :

"ସେଥିରେ ନାଇଁ ଆମ ପରିକା ବାଂକ ।
ଆଉ କାମିଜଟା-
ସେଥିରେ ଲାଗିଚି ଗୋଟେ ଦି'ଟା ନାଲିଆସି ଛିଟା
ବୋଧହୁଏ ବିଦାୟବେଳେ ନାଲି ସିଂଦୂର ଦାଗ ।"

ଅନ୍ୟ ସହରର ଲୋକଙ୍କ କଥାଗୁଡାରେ ଆମ ପରି ବାଂକ ନାହିଁ ସିନା, ସମ୍ଭବତଃ ବିଦାୟବେଳର ନାଲି ସିଂଦୂର ଦାଗ ସାକ୍ଷୀ ରଖିଛି ଶେଷ ମିଳନର—ସେଇଟା କ'ଣ ଜୀବନର ସହଜ ଧାରା ସହିତ ମିଳନର ଶୁଖି ଯାଇଥିବା ବର୍ଣ୍ଣାଢ୍ୟ ଛିଟାକୁ ସସ୍ମରଣ

Digitized by srujanika@gmail.com

କରୁଛି ? ମାନୁଷୀ ନା କଳ୍ପନା ? ସ୍ୱୀକାରୋକ୍ତି ନା ବାତୁଳତା ? ଯୌବନର ଚମକ ଅପସୃତ ହେବା ଆଗରୁ ମୃତଦାରର କ୍ଷୋଭ ?

ବସ୍ତୁର ଆଲିଙ୍ଗନ ହିଁ ଦିଶୁଥିବା ଜ୍ୟାକେଟ୍ । ଅଦୃଶ୍ୟ ଭିତାଓଟରା, ପ୍ରବୃତ୍ତିର ସାନ୍ଦ୍ରତା ଓ ସ୍ୱଚ୍ଛତା ପାଠକ ମନରେ ଧାରଣା ସୃଷ୍ଟି କରିବାରୁ ଜେମ୍ସ୍ ଜଏସ୍ ବା ଭାରଜିନିଆ ଉଲ୍‌ଫଙ୍କ ମନସ୍ତତ୍ତ୍ୱ ଚିହ୍ନାଇ ଦିଏ ଅନୁଚିନ୍ତାର ଗବାକ୍ଷରୁ । କିନ୍ତୁ "ଘରୁ ବାହାରି ଆସିବାର ହେତୁ ହିଁ ଅହେତୁକତା" ପରି ଯୁକ୍ତି-କଲିନ୍ ଉଇଲସନ୍‌ଙ୍କର ଆତ୍ମକୈନ୍ଦ୍ରିକ ବ୍ୟଙ୍ଗର ପକ୍ଷ ସମର୍ଥନ କରେ ଏପରି ବକ୍ତବ୍ୟ ।

ସେଇ ଅମରନାଥ ବ୍ୟଷ୍ଟି ଓ ସମଷ୍ଟି ରୂପ ଗ୍ରହଣ କରୁଛି ଉପନ୍ୟାସର ଆଉ କେତେକ ପୃଷ୍ଠା ପରେ ପ୍ରଭାବଶାଳୀଭାବେ ସେଇ ଅମରନାଥର ଦୃଶ୍ୟମାନ କାମିଜ ବା ଅଦୃଶ୍ୟ ଜ୍ୟାକେଟ୍‌ରେ ସ୍ୱର୍ଗତା ଧର୍ମପତ୍ନୀ ସରୋଜିନୀଙ୍କ (ଲାଲ୍ ସିଂଦୂରର !) ଦାଗ ବାକି ରହିଛି ପାଠକଙ୍କ ଦୃଷ୍ଟିରେ ବର୍ତ୍ତମାନର ଅସ୍ତିତ୍ୱକୁ ଚିହ୍ନାଇ ଦେବାପାଇଁ ! ନା, ନା-ସେ ବ୍ୟକ୍ତିଗତ ମୁଖମଣ୍ଡଳକୁ ସର୍ବଜନ ସମକ୍ଷରେ ଦୟାକରି ଟେ଼ାଳି ଧରନ୍ତି ନାହିଁ ଭୁଲ୍‌ରେ ! ସେ ଜଣେ ପାନ୍ଥ ! ଜଣେ ଶ୍ରମଣ ! ହୁଏତ ବୈରାଗ୍ୟନିମଗ୍ନ ମନରେ ଜଣେ ଚ଼ଳଚ୍ଚିତ୍ରପ୍ରେମୀ ! ଜଣେ ବୃତ୍ତିପଟୁ ! ଏକାଧାରରେ ବିଚରା ଭାଲୁ ମାଙ୍କଡ ଓ ଡିଗ୍ରୀଧାରୀ ଗଧ । ସେ ଯେ ସର୍ବୋପରି ମନୀଷାର, ଆସନ୍ତାକାଲିର ସ୍ୱପ୍ନ ଅପେକ୍ଷାରେ ଥିବା ଏକମାତ୍ର କନ୍ୟାର; ବିଚରା ମାଟି ପୃଥିବୀର ରୋଗଶଯ୍ୟା ନିକଟରୁ ହରଦ୍ୱାର ଦୌଡୁଥିବା ଅଭିଭାବକ; ସେ 'ହାତୁ ଆସେ ହାତେ ପଡିବା ପାଇଁକି' 'ଅମୃତଫଳ'ର ଧାରଣାକୁ ହୋମାଗ୍ନି ଶିଖାରେ ପରଖୁଥିବା ବିଚରା ପୁରୋହିତ !

ମନୋଜ ଦାସଙ୍କ 'ଜ୍ୟାକେଟ୍' ତାହେଲେ ପ୍ରତୀକ ହୋଇଯାଏ ଦ୍ୱିଧା, ଦୁରାଶା, ବିଷାଦଗ୍ରସ୍ତ ଆଧୁନିକ ମଣିଷର; 'ବର୍ଷାଋତୁ'ରେ ରମାକାନ୍ତଙ୍କର ଦୁଇଟି ପଂକ୍ତି ପରି :

ମାଂସ ମଧ୍ୟ ଲୁଗା ପରି, କାଳକ୍ରମେ ହୁଏ ପୁରାତନ
ପରିତ୍ୟକ୍ତ ହୁଏ କେଉଁ ଶ୍ମଶାନର କଦମ୍ବ ଡାଳରେ ।

ହୋଇପାରେ ଉପନ୍ୟାସର ଆଦ୍ୟ ପ୍ରସଙ୍ଗରେ ଏହା ପ୍ରତିପକ୍ଷ ମନ୍ତବ୍ୟ, କିନ୍ତୁ ଅମରନାଥଙ୍କର ଉପାୟ କାହିଁ ଭର୍ତ୍ତୃହରିଙ୍କ ତତ୍ତ୍ୱ ଜିଜ୍ଞାସାର ପୃଷ୍ଠପଟରେ ବଦଳାଇ ଦେବେ ଆଜିର ପାଣ୍ଡୁର ପୃଥିବୀକୁ ?

ଚେତନାର ସେଇ ବିନ୍ଦୁର ନ୍ୟୂନତମ ଦୂରତ୍ୱ ନିର୍ଣ୍ଣୟ କରି ସଳଖ ଭାବେ ପାଦ ବଢାଇବାକୁ ବାଟୋଇଟି କ'ଣ ସମର୍ଥ ହୋଇପାରେ ନା ପ୍ରତ୍ୟାହାର କରିପାରେ ତା'ର ଲୋଭକୁ, ମର୍ଯ୍ୟାଦାକୁ, ସାମାଜିକ ସମ୍ଭାବନାକୁ ? ସେ ତା'ହେଲେ ଘୂର୍ଣ୍ଣନର ବୃତ୍ତରୁ ଲେଖକଙ୍କ ଅନୁଚିନ୍ତାର ଗବାକ୍ଷ ମୁକ୍ତ କଲେ ବି ତା' ମନରେ ଆଉ ଏକନିୟୁତ ଗବାକ୍ଷ

Digitized by srujanika@gmail.com

ଉନ୍ମୁକ୍ତ ହୁଏ ଉପନ୍ୟାସ ପୃଷ୍ଠାରେ, ସମ୍ଭବତଃ ହେନେରୀ ଜେମ୍ସ୍‌ଙ୍କ ଭାଷାରେ– ''ଆହା ! ସେଇ ମାନବିକ ଦୃଶ୍ୟପଟ୍ଟର ବିସ୍ତୃତ କ୍ଷତ ବ୍ୟକ୍ତିଗତ ସଂକଳ୍ପ ଓ ପୁରୋଦୃଷ୍ଟିର ଚାପରେ'' କେତେ ସମ୍ଭାବନାକୁ ସାର୍ଥକ ନ କରେ ! କେତେ କ'ଣ ରୂପ ଗ୍ରହଣ ନ କରେ ସେଇ ଜ୍ୟାକେଟ୍ 'ରବିବାସରୀୟ ଅପରାହ୍ନରେ କନଟ୍ ସାର୍କଲ୍‌ର ଲୋକାରଣ୍ୟ ଭିତରେ' ହଠାତ୍ ଅମରନାଥ ଆଖି ଫେରାଇଲେ 'ଅଦୂରରେ ଖଣ୍ଡିଏ ମୋଟା ତାର ଉପରେ ଭାରସାମ୍ୟ ବଜାୟ ରଖି ବସିଥିବା ଡାମରାକାଉଟି' ଆଡେ–

''କଳା ଚକ୍‌ମକ୍ ଜ୍ୟାକେଟ୍ ପିନ୍ଧିଛି ଡାମରା କାଉ । ତା'ର ମସୃଣତା ଉପରେ ନକ୍ଷତ୍ର ବା ଇନ୍ଦ୍ରଧନୁ ମଧ୍ୟ ପ୍ରତିବିମ୍ବିତ ହୋଇ ପାରିବ । ସେହି ଗର୍ବରେ କ'ଣ ଡାମରା ତାଙ୍କ ଆଡେ କଣେଇ ଚାହିଁ ତାଙ୍କୁ ସେ ହେୟଜ୍ଞାନ କରେ ବୋଲି ବୁଝାଉଛି ? ଡାମରା ଉପରେ ସେ ରାଗିଗଲେ ଏବଂ ହାତ ଉଞ୍ଚାଇଲେ । ଅଦୂରବର୍ତ୍ତୀ ଗୋଟାଏ ଗଛଶାଖାକୁ ଉଡି ଚାଲିଗଲା ଡାମରା ।

କାଉର ଜ୍ୟାକେଟ୍ ପ୍ରତି ତାଙ୍କ ଲୋଭର ଯୁକ୍ତି କିଛିନାହିଁ । ଯେତେ ଏବଂ ଯେତେ କିସମର ଜ୍ୟାକେଟ୍ ତାଙ୍କର ରହିଛି, ତହିଁରେ ଗୋଟିଏ ଜ୍ୟାକେଟ୍ ପ୍ରଦର୍ଶନୀ କରିହେବ । ଏ ଜ୍ୟାକେଟ୍ ଖଣ୍ଡିକୁ ସେଥିରେ ସାମିଲ୍ କରିବାରେ ତାଙ୍କର ସାମାନ୍ୟ ଅସୁବିଧା ମଧ୍ୟ ନାହିଁ ।''

ଏକବିଂଶ ଶତାବ୍ଦୀର ଆଦ୍ୟରେ ବଦ୍‌ଲେଆର୍ ତ ପୃଥିବୀକୁ ପ୍ରତୀକର ଅରଣ୍ୟ କହନ୍ତି । ଏହା ଆର୍ଥର ସାଇମନ୍ସ୍ କହିବା ପରି ''ଦେଖି ହେଉ ନଥିବା ବାସ୍ତବତା'' ସଂପର୍କରେ ଧାରଣା ଦିଏ । ୧୯୮୪ରେ ବର୍ଷା ଆସିବାର ବର୍ଣ୍ଣନାକୁ ପ୍ରତୀକାତ୍ମକ ଭାବେ ଜନ୍ ଆସ୍‌ବେରୀ ଅଦ୍ଭୁତଭାବେ ବୁଝାଇଛନ୍ତି :

'The blackboard is erased in the attic
And the wind turns up the light of the stars
Sinewy now, Someone will find out,
someone will know.'

ଜ୍ୟାକେଟ୍ ଯଦି ପ୍ରତୀକ ହୁଏ ତିନୋଟି ଗବାକ୍ଷ ତ ଖୋଲାଅଛି ଅନ୍ତତଃ । ଆହା ! ସେଇ ରଂଗଟା କାଳେ ଏକ ମନୋଜ୍ଞ ବିପଣୀ ଶ୍ରେଣୀରେ କଳା । ବିରୋଧାଭାସ ହେତୁ ବହୁତ ଆକର୍ଷଣୀୟ ! ଆଉ ସାଇତା ଜ୍ୟାକେଟ୍ ସବୁ ସହିତ ସାମିଲ ହୋଇଥିଲେ ବି ଲୁଚି ଯିବା କେମିତି ? ସେଇ ପ୍ରବୃତ୍ତିଟା ଅମୋକ୍ଷ ଲୋଭର ବଶବର୍ତ୍ତୀ । ଜଣେ ଭାରି ଆକର୍ଷଣୀୟ କର୍ମ ଚଞ୍ଚଳ ପ୍ରୌଢଙ୍କ ଆଲିଙ୍ଗନ କିନ୍ତୁ ଭାରି ବ୍ୟକ୍ତିଗତ । କାରଣ ସେ ବଜ ଲଜ୍ଜିତ ଓ ବ୍ୟତିବ୍ୟସ୍ତ ନିଜର ନିଭୃତ ମନରେ ଅସ୍ତିତ୍ୱ ସପକ୍ଷରେ ଅଧିକାର ସାବ୍ୟସ୍ତ କରିବା ପାଇଁ !

ଜ୍ୟାକେଟ୍‌ର କାଉରୂପ ତ ଜଣେ କବିଙ୍କର ! କ'ଣ ବା କହିବା ସେଇ ପ୍ରସଙ୍ଗ !

Digitized by srujanika@gmail.com

ଯୋଗସୂତ୍ରରୁ ଭିନ୍ନ ହୋଇ ପଡୁଥିବା ଉତ୍ୟକ୍ତ ଇଚ୍ଛା ତାକୁ ଡେଣୁଆ ଫୋପାଡ଼ିବାକୁ ପ୍ରସ୍ତୁତ ଏକାବେଳେ ! ଆହା ! ବସ୍ତୁର ବାସ୍ତବ ମୂଲ୍ୟାୟନରେ ଅଙ୍ଗୀକୃତ ମୁହୂର୍ତ୍ତଟା ନିୟତି ନିର୍ଦ୍ଦେଶର ପରିପନ୍ଥୀ ।

ଅଥଚ ସେଇ ଉଡି ଯାଉଥିବା, ପ୍ରତିବାଦ କରୁ ନଥିବା ଭଦ୍ରକଳା ସଂକେତଟି ଜନ୍ମା ପ୍ରଲୁବ୍ଧତାର ପୌରାଣିକ ପ୍ରତୀକ ନୁହେଁ ତ ! ଭିନ୍ନ ଶ୍ରେଣୀରେ ଭିନ୍ନ ମାନସିକ ସ୍ତରରେ ଡାମରାକୁ ବର୍ଗୀକୃତ କରିବା କଳାତ୍ମକ ତୀକ୍ଷ୍ଣତା । ତାଙ୍କର କିନ୍ତୁ ସାମାନ୍ୟ ଅସୁବିଧା ନାହିଁ ଆଧୁନିକ ବ୍ୟସ୍ତତାରୁ ଟଣାଓଟରା କରି ଆପଣାର କରିବାକୁ ଆକସ୍ମିକ ଭାବେ ଗଭୀର ରେଖାପାତ କରୁଥିବା ସେଇ ପୋଷାକ ଖଣ୍ଡିକୁ ।

"ମସୃଣତା ଉପରେ ନକ୍ଷତ୍ର ଓ ଇନ୍ଦ୍ରଧନୁ'ର କଳ୍ପନା ଓ 'ଗର୍ବରେ କଣେଇ.. ହେୟଜ୍ଞାନ" କିପରି ଅଭିବ୍ୟକ୍ତି କେଜାଣି ଆଜିର ଦିନକୁ ଆଣ୍ଠୁଏ ପାଣି କହି ଆଗେଇ ଗଲେ ଐତିହ୍ୟର ଗଭୀରତାକୁ ବି ଗୋଡ ଖସିଯାଏ ହଠାତ୍ । "ମାଂସ କ'ଣ ଲୁଗା ପରି ?" ଶ୍ମଶାନରେ ସତରେ କ'ଣ କଦମ୍ବଡ଼ାଳଟିଏ ଅଛି ? ଆଉ ସେଇ "ଅନ୍ୟ ସହରର ଲୋକ'ଟି କାମିଜରେ କାହିଁକି ଅଯତ୍ନରେ ବିଦାୟବେଳେ ନାଲି ସିନ୍ଦୂରର ସ୍ମୃତି ଧରି ବୁଲୁଥିଲା ?

ଗୋଟିଏ ପ୍ରଶ୍ନ ବାକ୍ୟରେ ମନୋଜ ଦାସଙ୍କ ଟିପ୍‌ପଣି ଉପନ୍ୟାସରେ, କେଉଁ ସମାଲୋଚକ କହିବା ପରି, ସମାଧାନ କରେ ପାଠକର ଶଙ୍କା : "ଅବଶ୍ୟ ନିଜ ମୁଣ୍ଡ ବିଗିଡି ଆସୁଥିବାଟା ସେଭଳି ବ୍ୟାପାରମାନ ଦୃଶ୍ୟ ହେବାର ଏକ କାରଣ ହୋଇପାରେ, କିନ୍ତୁ ସ୍ଥୂଳ ସ୍ତରରେ ଅଘଟିତ ଅଥଚ ଭାବ ରାଜ୍ୟରେ ସୂଚିତ ସମ୍ଭାବନାସବୁକୁ ଦେଖି ପାରିବାର ଶକ୍ତି ମୁଣ୍ଡ ଖରାପର ଲକ୍ଷଣ ନ ହୋଇ ମୁଣ୍ଡଟି ଅଧିକ ଉତ୍ତମ ହେବାର ଲକ୍ଷଣ ବା ନ ହେବ କାହିଁକି ?"

ଯେ' କ'ଣ The Waste Landର ଯୁଗୀୟ ଅନୁଚିନ୍ତାକୁ ପ୍ରତିଧ୍ୱନିତ କରୁଛି ଅବଚେତନରେ ?

Our brains ache, in the merciless iced
east winds that knive us...
Wearied we keep awake because the night
is silent...

ଅମରନାଥଙ୍କ ଜୀବନଦର୍ଶନରୁ ବିଶ୍ୱଜନୀନ ସଂସ୍କାର ଗବାକ୍ଷ ମଧ୍ୟ କ୍ଷଣକେ ମୁକ୍ତ ହୋଇଛି ପାଠକମହାଶୟଙ୍କ ଉଦ୍ଦେଶ୍ୟରେ । ଆଧୁନିକ ଜୀବନରେ ଜ୍ଞାନ ! ତାଙ୍କ ଉପଲବ୍ଧିରୁ ଜ୍ଞାନର ରଶ୍ମି ବିସ୍ତାରିତ ହୋଇଛି କ୍ଷଣକେ : "ଲୋଭ ସହ ପ୍ରାଚୁର୍ଯ୍ୟର ସଂପର୍କ ଆପେକ୍ଷିକ ମାତ୍ର । ଲୋଭ ଏକ ହେତୁନିରପେକ୍ଷ ଭାବ ।" ଲେଖକ ସାଂପ୍ରତିକ ଅସ୍ତିତ୍ୱବୋଧ ବିଶ୍ଳେଷଣ କରିବା ପାଇଁ ଅମରନାଥଙ୍କ ନାତିଦୀର୍ଘ ପରିଚୟ ସଂଯୋଜିତ

Digitized by srujanika@gmail.com

ଶ୍ଳେଷାତ୍ମକ ଅନୁଚ୍ଛେଦରେ କହନ୍ତି : "ସେ ବାରଗୋଟି ବ୍ୟବସାୟ ସଂସ୍ଥାର ମାଲିକ ଅଥବା ପ୍ରଧାନ ଅଂଶୀଦାର ହେବା ସତ୍ତ୍ୱେ ଗତମାସ ଏକ ଦୁଆଲିଆ ସଂସ୍ଥା ହସ୍ତଗତ କରିଛନ୍ତି ।" ଲୋଭର ଚେର କିପରି ଦୃଢ ହୁଏ ପରବର୍ତ୍ତୀ ଅନୁଚ୍ଛେଦରେ ସେ ପ୍ରତି ବାକ୍ୟରେ 'ଲୋଭ' ଶବ୍ଦ ପ୍ରୟୋଗ କରି "ହେତୁ-ନିରପେକ୍ଷ" ରହିଛନ୍ତି । ଲୋଭର କୁଞ୍ଚ କୁଞ୍ଚ ଢେଉଟିଏ ବିଶାଳ ସମୁଦ୍ରର ସୂଚନା ରଖିଛି ତାଙ୍କ ଅସତର୍କରେ ନୂଆ ପାରାଗ୍ରାଫ୍‌ରେ । ଉପନ୍ୟାସର ସେହି ପୃଷ୍ଠାର କେତେ ଧାଡି ତଳକୁ ପ୍ରତିପକ୍ଷ ମନ୍ତବ୍ୟ ଅଛି ଶେଳବଦ୍ଧ କରିବା ପରି: "ପ୍ରତିଟି ବ୍ୟବସାୟ ଆୟତ୍ତ କରିବା ନିମନ୍ତେ ତାଙ୍କୁ ହାରାହାରି ଶହେ ସରିକି ଲୋଭାତୁରଙ୍କୁ ସନ୍ତୁଷ୍ଟ କରିବାକୁ ପଡିଛି ।"

ମାନବିକ ମୂଲ୍ୟବୋଧର ସନ୍ତୁଳନ ଅତୁଟ ରଖିବା କବି ଓ ଚିତ୍ରଶିଳ୍ପୀଙ୍କ ପରି ଏ ଯୁଗର ଔପନ୍ୟାସିକଙ୍କର ବିଶେଷ ଦାୟିତ୍ୱ । ସେଥିପାଇଁ ଆଗରୁ ଆଧିଭୌତିକ ଚେତନା-ନିମଗ୍ନ ଲେଖକଙ୍କର ବୌଦ୍ଧିକ ସଂଚାର ଲକ୍ଷ୍ୟଣୀୟ । ପ୍ରସଙ୍ଗତଃ ରାଜା ଭର୍ତ୍ତୃହରିଙ୍କୁ ଭୁଲିଯାଇ ପ୍ରମାଣ ଦେବା ପାଇଁ ସେ ସଂକେତର ସିଅସବୁକୁ ଅକ୍ଷରର ଦିବ୍ୟ ଧାରଣା ସହିତ ସଂପର୍କିତ କରିଛନ୍ତି :

ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାନ୍ ।
ଆତ୍ମେନ୍ଦ୍ରିୟ ମନୋଯୁକ୍ତଂ ଭୋକେତ୍ୟାହୁର୍ମନୀଷିଣଃ ।
ଯସ୍ତ୍ୱବିଜ୍ଞାନାବାନ୍ ଭବତ୍ୟଯୁକ୍ତେନଂ ମନସା ସଦା ।
ତସ୍ୟେନ୍ଦ୍ରିୟାଣ୍ୟବଶ୍ୟାନି ଦୁଷ୍ଟ୍ୱାଶ୍ୱା ଇବ ସାରଥେଃ ।।

(କଠୋପନିଷଦ)

-ଜ୍ଞାନୀମାନେ ଇନ୍ଦ୍ରିୟସବୁକୁ ଅଶ୍ୱ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟସବୁକୁ ଅଶ୍ୱଗଣର ଗମନ ପଥ କହିଥାନ୍ତି । ସେମାନେ ଦେହ, ଇନ୍ଦ୍ରିୟ, ମନ ସଂଯୁକ୍ତ ଜୀବାତ୍ମାକୁ ଭୋଗକର୍ତ୍ତା କହିଥାନ୍ତି । କିନ୍ତୁ ଯେଉଁ ବୁଦ୍ଧି ଅସମାହିତ ମନ ସହିତ ସବୁବେଳେ ସଂଯୁକ୍ତ ଥିବାରୁ ବିବେକହୀନ ହୁଏ, ତା' ସହିତ ଯୋଡା ହୋଇଥିବା ଇନ୍ଦ୍ରିୟସବୁ ସାରଥିର ଦୁଷ୍ଟ ଅଶ୍ୱ ଭଳି ଦୁର୍ଦ୍ଦମନୀୟ ହୁଅନ୍ତି ।

ଭୋଗ୍ୟ ବିଷୟ ଧ୍ୟାନ କଲେ ଆସକ୍ତି ଓ ତହିଁରୁ କାମ, କାମରୁ କ୍ରୋଧ ଓ କ୍ରୋଧରୁ ସମ୍ମୋହ ପରେ ବୁଦ୍ଧିଭ୍ରମ ଆସେ । ଅବଶ୍ୟ ଗୋଟିଏ ଘୋଡା ତ ଲୋଭ ହେଲେ ଅନ୍ୟଟି ଭୟ; ଅନ୍ୟଟି ବିଷାଦ । କାହିଁକି ଅମରନାଥ ଭୁଲ୍ କହିବେ ଏ ସବୁ ପ୍ରଶ୍ନକୁ ?

୧) "ସକାଳେ, ଚେକ୍ କେତେଖଣ୍ଡି ଉପରେ ଆଖି ବୁଲାଉଥିବାବେଳେ ହଠାତ୍ ମନରେ ଭରିଗଲା ବିଷାଦ । ଏ କୋଡିଏ ଲକ୍ଷ ଲାଭକୁ ଧରି ସେ କରିବେ କ'ଣ ?"

୨) "ପିତୃବନ୍ଧୁ କଲମଟିଏ ବାହାର କରିବାବେଳେ ଅକସ୍ମାତ୍ କ୍ଲିପ୍‌ରେ

Digitized by srujanika@gmail.com

ଜଡିଥିବା ଶହେ ଟଙ୍କିଆ ନୋଟ୍ ଧରି ଦୌଡନ୍ତି କାଳେ ଅମରନାଥ କୋଡିଏ ଟଙ୍କା ଧାର ମାଗବାବେଳେ ପ୍ରଶ୍ନ ଶୁଣି ''ମୋଠି' ଥିଲେ କ'ଣ ଦେଇ ନଥାନ୍ତି ?''

୩) ''ଅର୍ଥ -ଅର୍ଥରୁ ସାମର୍ଥ୍ୟ ଏବଂ ସୌଧ । ତା ''ଦୁର୍ମୂଲ୍ୟ ଛାପର ବିଦେଶୀ କାର'' ବ୍ୟବହାର କରି ଗାଡିଚାଳନା ଶିଖିବାବେଳେ ଝିଅ ମନୀଷାର ପ୍ରଶ୍ନ : ''ବାପା ! ତମେ ଏତେଦିନ ପରେ ଡ୍ରାଇଭିଂ ଶିଖିବା ଯଦି ଦରକାର ମନେକଲ, ତେବେ ସେଥିପାଇଁ ଏତେ ସୁନ୍ଦର ସୁକୁମାର କାର୍‌ଟିକୁ ବଳି ପକାଇବ ?''

ଲେଖକ ନିଜେ ଏ ସବୁ ଆବେଗକୁ ସୁନ୍ଦରଭାବେ ସମୀକ୍ଷା କରି ପାଠକ ମାନଙ୍କୁ କାହାଣୀର କନଟ୍ ସାର୍କଲରେ ହିଁ ଗତିଶୀଳ କରିଛନ୍ତି ଚମତ୍କାର ଶୈଳୀରେ x x ''ରାଗ, ବିସ୍ମୟ, ଦୁଃଖ-ଯେଉଁ ଭାବଟି ଫୁଟାଇ ସେ ଏ ବାକ୍ୟ ଆବୃତ୍ତି କରୁନା କାହିଁକି, ତା' ଅପରୂପ ଚେହେରା, ଉଜ୍ଜ୍ୱଳ ଅଥଚ ସର୍ବଦା ଢଳଢଳ ନୟନ, ସେ ଭାବକୁ ପ୍ରାଣବନ୍ତ ଓ ମାରାତ୍ମକ ପ୍ରଭାବଶାଳୀ କରି ପାରୁଥିଲା । ଚେହେରାର ଏ ସମସ୍ତ ଆକର୍ଷଣ ସ୍ତ୍ରୀ ସରୋଜିନୀଙ୍କଠି ଥିଲା, କିନ୍ତୁ ସାଙ୍କେତିକ ଭାବରେ । ମନୀଷାର ବ୍ୟକ୍ତିତ୍ୱ ଯେମିତି ସେ ସବୁର ସଂକେତପୂର୍ଣ୍ଣ ବ୍ୟାଖ୍ୟା !''

-ମନୀଷା ବାପାଙ୍କ ବନ୍ଧୁ କିଷନ୍‌ଲାଲ୍‌ଙ୍କ ଚିତ୍ରରେ ଅଭିନୟ କରିବାର ଅନୁରୋଧ ନାକଚ କରିବାରୁ ଅବଚେତନରେ ଅମରନାଥଙ୍କ ପ୍ରଶ୍ନ : ''ତାଙ୍କ ସ୍ତ୍ରୀ ଥିଲେ ଅଧା ଗାଉଁଲି ଝିଅ । ଏତେ ସରଳ ପଟ୍ଟଭୂମିରୁ ଏମିତି ବିଚକ୍ଷଣାଟିଏ ସମ୍ଭବିଲା କେମିତି ?''

-ପୁଣି ଝିଅର ବ୍ୟକ୍ତିତ୍ୱରେ ହାର୍ ମାନୁଥିବା ଅମରନାଥ ନିଜକୁ ପଚାରନ୍ତି : ତାଙ୍କ ଭିତରୁ ଏକ ମୃଦୁ ଆତଙ୍କ ସମାନ୍ତରାଳ ଭାବରେ ବଢି ଚାଲିଛି । କାହିଁକି ?''

ଅତଏବ ସଭ୍ୟତା ଭିତରେ ସନ୍ତୁଳି ହେଉଥିବା ସେଇ ଲୋକଟିର ଦୁର୍ଦ୍ଦଶା ହିଁ ମନୋଜ ବାବୁଙ୍କ ଉପନ୍ୟାସରେ ହେଉ ବା କାଫକାଙ୍କ ଶୈଳୀରେ ହେଉ ଦୁଷ୍ଟ ଘୋଡାର ପ୍ରତୀକ । ଅଜ୍ଞାନ ହିଁ ବିଚିତ୍ର ଓ ବିହ୍ୱଳ ମାନସିକତା ଉପରେ ''ଆହୁରି ଏକ ଧକ୍କା'' ଦିଏ । ଫସ୍‌ଟେଲ କହନ୍ତି, 'ମନସ୍ତାତ୍ତ୍ୱିକ ବନ୍ଧନ ହିଁ ଇତିହାସ ଓ ସାହିତ୍ୟକୁ ଏକାଠି ରଖେ'-ହଁ ମାନସିକ ସ୍ୱଭାବସବୁ ସାମାଜିକ ଜୀବନର କେତେକ ସ୍ପନ୍ଦନ ରୂପାୟିତ କରେ । ଥରେ ଅମରନାଥ ହୁଏତ ଭର୍ତ୍ତୃହରି ହୁଅନ୍ତି । ସିନ୍ଧୁମତୀ ବା ସରୋଜିନୀ ହୁଅନ୍ତି । ଅପସୃୟମାନ ସ୍ମୃତିକୁ ଚାବୁକ ପିଟୁଥିବା ସଇସ ଅବଶ୍ୟ ଦୁଷ୍ଟଘୋଡାକୁ ଜିଣେ । ଆଉ 'ଅମୃତଫଳ' ଯଜ୍ଞକୁଣ୍ଡରୁ ଉଦ୍ଭୁତ ଏକ ଫଳ ? ନା ହୋମାଗ୍ନି ଶିଖାରେ ଭସ୍ମୀଭୂତ ଫଳ ? ଯାହେଉ, ତା'ର ସଂଧାନ ସମସ୍ତଙ୍କ ପ୍ରାଣରେ ସୀମାବଦ୍ଧ କରେ କର୍ମର ପ୍ରୟାସ । ଶିଳ୍ପୀଜଣକ ପ୍ରଜ୍ଞାଚକ୍ଷୁରେ କ୍ଲନଟ୍ ସାର୍କଲରେ ଆଜିର ଯେଉଁ ଜୀବନ ପ୍ରବାହ ଘୂର୍ଣ୍ଣାୟିତ ହେଉଥିବାର ଦେଖନ୍ତି ହୃଦୟର

Digitized by srujanika@gmail.com

ଗଭୀରତାରେ ତା'ର ସ୍ଥିରଚିତ୍ର ତୋଳି ଧରନ୍ତି ଜୀବନର ଅର୍ଥପୂର୍ଣ୍ଣ ବିଭାବ ସବୁକୁ ରେଖାଙ୍କିତ କରିବା ପାଇଁ ।

ଅମରନାଥଙ୍କ ଚରିତ୍ର ପାଇଁ କନଟ୍ ସର୍କଲ ବୃତ୍ତାକାର । ବୃତ୍ତାକାର ପଥଟି କିନ୍ତୁ ବହୁ ବର୍ଷ ତଳେ ନିର୍ମିତ ହୋଇଥିଲା ଏବଂ ସେ ଚକ୍ରାକାରରେ ପାର୍କିଂ ଇଲାକା ବାହାରେ ଗାଡି ଚଲାଇଲେ । ଆହା ! ଚକ୍ର ଏକ ଚମତ୍କାର ବ୍ୟବସ୍ଥା । ପ୍ରବୃତ୍ତିକୁ ପ୍ରବର୍ତ୍ତିତ କରିବାର ଅଦ୍ଭୁତ ଆକର୍ଷଣ ଏଥିରେ !

ଯୁଗ ପ୍ରବର୍ତ୍ତକ ଡି.ଏଇଚ୍. ଲରେନ୍ସ ଦିନେ ମିଡ୍‌ଲ୍ୟାଣ୍ଡ ଗ୍ରାମୀଣ ଖଣି ଅଞ୍ଚଳରେ ଓଦା ରାସ୍ତାରେ କାରଟିଏ ଯାଉଥିବାର ଦେଖି କହିଥିଲେ, as if dismalness had soaked through and through everything. ଏଇ ବକ୍ତବ୍ୟ ଗଦ୍ୟପଦ୍ୟ ଶୈଳୀରେ ଆଧୁନିକତାକୁ ତୀକ୍ଷ୍ଣତର କରିବାର ମାର୍ବଲ ପାହାଚ । ଖ୍ରୀ.ପୂ. ପ୍ରଥମ ଶତାବ୍ଦୀକୁ ଏକବିଂଶ ଶତାବ୍ଦୀରେ ଅନ୍ତର୍ଲିଖନ କରିବା ବେଳେ ମନୋଜ ଦାସ ବୁଝି ହେବା ଭଳି କହନ୍ତି, ଧୃତି ଓ ଉତ୍ସାହ କିନ୍ତୁ ବୃତ୍ତାକାର ପଥ ଭୁଲି ପାରେନା । ଖାଦ୍ୟ ଆଉ ପ୍ରାନ୍ତ ବିନ୍ଦୁର ନ୍ୟୂନତମ ଦୂରତ୍ୱ ନିର୍ଣ୍ଣୟ ପାଇଁ ଉଦ୍ୟମ କାହିଁ ସେ ଆତ୍ମାର : ''ତୃତୀୟ ଚକ୍‌କର ବେଳେ ସେ ଅନୁଭବ କଲେ, ଏ କାର୍ ତାଙ୍କୁ ଯେତିକି ସୁଖ ଦେବା କଥା ଦେଇ ସାରିଛି ଏବଂ ସେ ସୁଖର ପରିଣାମ ବିଶେଷ ଆଶାଜନକ ନୁହେଁ । ସୁଖର ସ୍ତର ଖସିଗଲାଣି ପ୍ରାକ୍ ବିଦେଶୀ କାର୍ ଯୁଗକୁ ।''

କିଏ ଜଣେ କହିଥିଲେ ରଙ୍ଗ କରିବାକୁ ହୁଏ ଜୀବନକୁ, ଘରକୁ, ନାରୀକୁ, ଦିଆଲକୁ, ହୁଏତ ଗାଡିକୁ । ଆଧୁନିକ ଅଗ୍ରଗତିର ଏଇ ସୂତ୍ର ଆଜି ଛନ୍ଦି ହୋଇଛି ଚତୁର୍ଦ୍ଦିଗରେ । ଦୁଃସାହସ ତେଣୁ ଧସି ପଶେ ପ୍ରୌଢ଼ ହୃଦୟକୁ । ଏକଦା ସାହିତ୍ୟିକ ଥିବା ଅମରନାଥଙ୍କ କାଳ ସମୀକ୍ଷାକୁ ତାରିଫ ନ କରି ରହିପାରେନା ପାଠକ –

''ମଣିଷମାନେ ତାଙ୍କୁ ବିଚିତ୍ର ଦେଖାଯିବାକୁ ଲାଗିଲେ । x x ସଫେଦ ପାଇଜାମା କୁର୍ତ୍ତା ବିଶୋଭିତ ବିଖ୍ୟାତ ମଦବେପାରୀ -ଯାହାଙ୍କୁ ସେ ଚିହ୍ନନ୍ତି ଏବଂ ଶ୍ରଦ୍ଧା କରନ୍ତି-ଦେଖାଗଲେ ଗୋଟିଏ ପ୍ରେତାତ୍ମା ଭଳି, କୁକୁର ବେକରେ ଚେନ୍ ବାନ୍ଧି ତାକୁ ଧରି ଚାଲିଥିବା ଜଣେ ଗୁରୁଗମ୍ଭୀର ବ୍ୟକ୍ତି କୁକୁର ଭଳି ଏବଂ କୁକୁରଟି ତାଙ୍କ ପ୍ରଭୁ ଭଳି ।''

ଷୋଡଶ ଶତାବ୍ଦୀର କବି ତୁଲିସିନ୍ କହିଥିଲେ, ''ମୋ'ଦେହ ମାଂସ ନା ମାଛ ?'' ମଣିଷ ସତ୍ତାକୁ କାଳରେଖା ପ୍ରତିଷ୍ଠିତ କରି ଅନାଇଲେ ଅନୁଚିନ୍ତା ହିଁ ସ୍ରୋତାୟିତ ହୁଏ । ବିଶ୍ୱ ବା ଆଉ କ'ଣ ? ''ପୂର୍ବ ପୁରୁଷଂକ ଛାଇରେ ବସିଥିବା ସେଇ ଜଟିଳ ପ୍ରେରଣା ସବୁ'' କେମିତି ? ''ଗୁରୁଗମ୍ଭୀର ବ୍ୟକ୍ତି କୁକୁର ଭଳି''କହିବା ପରେ ଗାମ୍ଭୀର୍ଯ୍ୟର କେଉଁ ପ୍ରତୀକ ଲୁଚିରହେ କୁକୁର ଦେହରେ ?

ଯେଉଁ ନିଆଁରେ ଭୂଷଣ କର୍ମକାର ଜଳିଗଲେ ''ମାତ୍ର ଏକ ସପ୍ତାହ ତଳେ''

Digitized by srujanika@gmail.com

ତାହା କ'ଣ ଲୁଚାଇ ଥିଲା ଅମରନାଥଙ୍କ ଜୀବନରେ କନ୍ୟା ପ୍ରତି ଅନନ୍ୟ ଅନୁକମ୍ପା ? ''ମଧ୍ୟରାତ୍ରିରେ ହୋଟେଲ୍‌ରେ ଅଗ୍ନ୍ୟୁତ୍ପାତ ଘଟିଲା । ଦ୍ୱାଦଶରୁ ପଞ୍ଚଦଶ ମହଲା ଯାଏ ସବୁ ଛାରଖାର ହୋଇ ଯାଇଥିଲା ।'' x x ''ଭୂଷଣଙ୍କ ଆକସ୍ମିକ ମୃତ୍ୟୁ ପରେ ଅମରନାଥଙ୍କ ବିମର୍ଷତା ।''-କାଳେ ଅମରନାଥଙ୍କ ସହ ଆସିବା ଭଳି ମହିଳା ଯିଏ ନୁହନ୍ତି ସେଇ ଜଣକ ମଧ୍ୟ ହୁଏତ ତାଙ୍କ ପ୍ରସ୍ଥାନ ପରେ ଆସି ମୃତ୍ୟୁବରଣ କରିଥିଲେ । ପୁଣି ଅମରନାଥ କନଟ୍ ସାର୍କଲ୍‌ରେ ଚକ୍ରାୟିତ ହେଉଥିଲେ କାର୍‌ରେ ।

ଏଥର ଲେଖକଙ୍କର ଏଇ ସବୁ ପ୍ରଶ୍ନ :

''କାହିଁକି ତାଙ୍କ ସ୍ତ୍ରୀ ନିଜ ଚେହେରାରେ ଯେତିକି ନିର୍ବୋଧତାର ଛାପ ବହନ କରୁଥିଲେ, ବାସ୍ତବ ଚରିତ୍ରରେ ଥିଲେ ତା'ର ବିପରିତ ? ସେ ବୈଷମ୍ୟ ଅମରନାଥଙ୍କ ଦେହସୁହା ହୋଇ ଆସିଲା ବେଳକୁ ଭଦ୍ରମହିଳା କାହିଁକି ପରଲୋକ ଗଲେ ? ସେ ଯେଉଁ କନ୍ୟାକୁ ଛାଡିଗଲେ, ବୁଦ୍ଧିମତ୍ତା, ବାକ୍‌ସଂଯମ ଓ ବାକ୍‌ଶୈଳୀ ତଥା ବ୍ୟକ୍ତିତ୍ୱରେ ସେ କାହିଁକି ବାପାମାଆଙ୍କଠାରୁ ଏତେ ପୃଥକ୍ ହେବ ଏବଂ ତା' ଆଗରେ କାହିଁକି ବା ଅମରନାଥ ନିଜକୁ ଅପ୍ରାପ୍ତ ବୟସ୍କ ମନେ କରିବେ ?''

ସେ ରୂପକଳ୍ପ ଭାଷାରେ ସିଗାରେଟ୍ ଦେହରେ ସର୍ପବିବର, ଆଖିରେ ନିଆଁର ଜ୍ୱଳନ ଉପରକୁ ତେଇଁବାର ଶଙ୍କା ଫୁଟାଇଛନ୍ତି । କାବ୍ୟିକ ରୀତିରେ ଗାଡି ହର୍ଣ୍ଣକୁ ଗଧରଡି, ଖରିଦଦାରର ଦାଢିକୁ କୁରାଢିର ବିଭକ୍ତ ଧାର ସହିତ ତୁଳନା କରିଛନ୍ତି । ଆଲଡସ୍ ହକ୍‌ସେଲେଙ୍କୁ ସ୍ମରଣ କରିଛନ୍ତି ''ସାଲୁବାବୁଙ୍କ ଭିତରେ ତୁ ଅନ୍ୟତମ'' ''କେତୋଟି ବିଶିଷ୍ଟ, ସକ୍ରେଟିସ୍, କନଫ୍ୟୁସିଅସ୍, ଯୀଶୁ ଓ ବୁଦ୍ଧ ଏ ପୃଥିବୀରେ ବିଚରଣ କରୁଥିଲେ ତୋ ସତ୍ତାଟି ସମ୍ଭବପର ହୁଅନ୍ତା କାହୁଁ ?''

ମଣିଷର ମନକୁ ଅଧ୍ୟୟନ କରି ଦିଗ୍‌ଦର୍ଶନ ଦେବା ରୀତିରେ ମନୋଜ ଦାସ କହନ୍ତି, ''ଆଜି ପ୍ରେମ-ପ୍ରତ୍ୟାଖ୍ୟାତ ହୋଇ ସେ ଦୁଃଖୀ; ଆଗାମୀକାଲି ପ୍ରତ୍ୟାଖାନକାରିଣୀ ମଧ୍ୟ ଦୁଃଖୀ ହେବ ହିଁ ହେବ ।'' ''ପ୍ରେମର ବିଫଳତା-ଜନିତ ବିମର୍ଷତା ଭିତରେ ବୁଡିବାକୁ ଯାଇ ଅନୁଭବ କଲେ, ବିମର୍ଷତା ସେମିତି ବିଶେଷ ଗଭୀର ନୁହେଁ । ପ୍ରଥମେ ବିସ୍କୁଟ୍ ଚୋବାଇବାର ମଜା ଜାତୀୟ ହାଲୁକା ସେ ପ୍ରେମ ।'' ''ସମସ୍ତ ପଶୁପକ୍ଷୀ, କୀଟପତଙ୍ଗଙ୍କୁ ତମେ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇ ପାରିବ ନାହିଁ । ଜୀବନ ମଣିଷ ଭିତରେ ସୀମାବଦ୍ଧ ନୁହେଁ ।''

ଶେଷବାକ୍ୟକୁ ଭର୍ଜିନିଆ ଉଲ୍‌ଫ୍‌ଙ୍କ ଭାଷାରେ କହିଲେ Life is a luminious halo, a semitransparent envelope surrounding us from the beginning of consciousness to the end.

ଅବଶ୍ୟ ବଳଦେବଙ୍କ ସ୍ମୃତିର ଦୁଇତିନି ବର୍ଷ ପରେ ଅମରନାଥ ହରଦ୍ୱାର

Digitized by srujanika@gmail.com

ଆଶ୍ରମକୁ ଆମନ୍ତ୍ରିତ ହେଲେ । ବାଲ୍ୟବନ୍ଧୁ ଚୌଧୁରୀଙ୍କୁ ତାଗିଦା କଲେ, ''ଝିଅ ବୋଧହୁଏ ବମ୍ବେରୁ ଏଲୋରା ଅଜନ୍ତା ଯିବ । ସେ ମୋତେ ଫୋନ୍ କରିବାର ସମ୍ଭାବନା କ୍ଷୀଣ । କଲେ ତମେ କିଛି କୈଫିୟତ ଦେଇଦେବ ।'' ''ଫୋନ୍‌ରେ କହିଥିଲେ ଅମର –

କାର ଉତ୍ତରାଭିମୁଖୀ ହେଲା -ଇନ୍ଧନପୂର୍ଣ୍ଣ ଓ ମନ ବନ୍ଧନହୀନ । ''ଅନନୁଭୂତ ଏକ ସଂହତି'', ''ମାଇଲ୍ ଓ ମିନିଟ୍‌ମାନେ ଅତିକ୍ରାନ୍ତ ହେଉଥିଲେ ମସୃଣ ସଂଗୀତର ଧାରା ଭଳି । ସେ ସଂଗୀତର ଉତ୍ସ ଯେ ତାଙ୍କ ମନ, ଏତକ ବୁଝିବା ଭଳି ଜ୍ଞାନ ତାଙ୍କର ଥିଲା । ରୁର୍‌କୀ ପାରି ହୋଇଯିବା ମାତ୍ରେ ସେ ସଙ୍ଗୀତରେ ଧୀରେ ଧୀରେ ଆସିଲା ଏକ ଅପୂର୍ବ ପରିବର୍ତ୍ତନ । ତାହା ପରିଣତ ହେଲା ମନ୍ତ୍ରଧ୍ୱନିରେ ।''

''ଏଠି ବର୍ଷା ଆସିଛି ଅଳ୍ପ ବାଟ ପରେ ବର୍ଷା...ବର୍ଷା...ବର୍ଷା.. । ଅଙ୍କ ବର୍ଷା, ଭାରି ବର୍ଷା...ତମାମ ବିରାମହୀନ ବର୍ଷା ।'' ''କିନ୍ତୁ ବାମପାର୍ଶ୍ୱରେ କୋଠା ଭିତରୁ ନିର୍ଗତ ସାମାନ୍ୟ ଆଲୋକରେ ବର୍ଷାଧାରା ସୁନାର ପର୍ଦ୍ଦାଭଳି ଦେଖାଗଲା ।'' ଉଇଲିଅମ୍ ଜେମସ୍ ମନସ୍ତାତ୍ତ୍ୱିକ ଭାଷାରେ କହନ୍ତି ସିନା ଗୁରୁବାବୁ ଛିନ୍ନଭିନ୍ନ ବଉଦର ସୁଅ ବା ''ବର୍ଷା କେତେ ଆସିଥିଲା ଉଜ୍ଜିୟନୀ ବାରୁଣାବନ୍ତରେ'' ମନେ ପକାଇବା ବେଳେ କ'ଣ ଥାଏ ପବନ ଧକ୍କାରେ !

''ସୂର୍ଯ୍ୟାସ୍ତ ସେପାରି ମୁଲକର ଏକ ଦୃଶ୍ୟ ଭଳି ଦିଶୁଥିବା ଭଦ୍ରଲୋକ ଜଣକ ଥିଲେ ବଳଦେବ । ଲଣ୍ଡନ ଆଲୁଅରେ ଯୁବକ ତାଙ୍କ ନିର୍ଦ୍ଦେଶରେ ଗେରୁଆ ଲୁଗା ଓ ଚଦର ଆଣିଦେଲେ । ବଳଦେବ ଅମରନାଥଙ୍କୁ ସିନେମା ପ୍ରଯୋଜନା ପାଇଁ ଭର୍ତ୍ତୃହରିଙ୍କ କାହାଣୀ କହିଥିଲେ । ''ଏଇ କୋଠା ଭିତରେ ଏଯାଏ ସୁରକ୍ଷିତ ଭର୍ତ୍ତୃହରିଙ୍କ ଗୁମ୍ଫା -ଯେଉଁଠାରେ ସେ ବାରବର୍ଷ କାଳ ତପସ୍ୟା କରିଥିଲେ ।'' ଗେରୁଆ ଲୁଗା ଓ ଚାଦର ''ରାଜା ଭର୍ତ୍ତୃହରି ବାରମ୍ବାର ପିନ୍ଧିଥିଲେ; ପୁଣି ବାହାର କରି ଦେଇଥିଲେ ।''

ଏକ ପାହାଡ଼ର ଅବଶେଷରେ କୋଠାର ସେଇ କୋଣକୁ ପ୍ରଦୀପ ଜଳୁଥିଲା । ସକାଳେ ଉଠି ଆଚ୍ଛନ୍ନ ଅବସ୍ଥାରେ ସେ ଭର୍ତ୍ତୃହରି କାହାଣୀ ଶୁଣୁଥିବାର ମନେ ପକାଇ ପାରିଲେ ନାହିଁ ।

'ସ୍ଥୂଳତମ ସ୍ତରରେ' ତାତ୍ପର୍ଯ୍ୟ ସ୍ତରରେ ସେଇ କାହାଣୀଟି କାଳେ ସ୍ମୃତିର ଦିଗ୍‌ବଳୟରେ ଉଦ୍‌ଭାସିତ । ବଳଦେବ ତାଙ୍କୁ ଗଙ୍ଗାସ୍ନାନ ପରେ ପ୍ରାଚୀନ ପାଣ୍ଡୁଲିପି ଦେବାପାଇଁ ପ୍ରତିଶ୍ରୁତି ଦେଲେ । ପ୍ରଥମ ପର୍ଯ୍ୟାୟର ଶେଷବାକ୍ୟ ''ସୂର୍ଯ୍ୟୋଦୟ ମୁହୂର୍ତ୍ତରେ ସେ ଭର୍ତ୍ତୃହରି ଗୁମ୍ଫା ଭିତରେ ପାଣ୍ଡୁଲିପି କାଗଜ ଧରି ବସିଲେ ।''

• ରାଜ ନୀଳଗିରି,
ବାଲେଶ୍ୱର

Digitized by srujanika@gmail.com

ଆକାଶରୁ ମନୋଜ ଦାସଙ୍କୁ ଇସାରା

ଦୀପ୍ତିରଞ୍ଜନ ପଟ୍ଟନାୟକ

ଏକଦା କଥା ପ୍ରସଙ୍ଗରେ ଶ୍ରୀଯୁକ୍ତ ମନୋଜ ଦାସଙ୍କୁ ପଚାରିଥିଲି, ''ଆପଣ ବହୁବର୍ଷଧରି କ୍ଷୁଦ୍ରଗଳ୍ପ ରଚନାରେ ନିଜର ଅଭୂତପୂର୍ବ ପରାକାଷ୍ଠା ଦେଖାଇଛନ୍ତି, କିନ୍ତୁ, ଉପନ୍ୟାସ ଲେଖିବାରେ ଏତେ ଡେରି କଲେ କାହିଁକି ?''

ଉତ୍ତରରେ ଶ୍ରୀଯୁକ୍ତ ଦାସ କହିଥିଲେ ଯେ, ସେ ପିଲାଟିବେଳରୁ ଆମ ସାହିତ୍ୟର ପ୍ରଥମ ଔପନ୍ୟାସିକ ଫକୀରମୋହନଙ୍କ ସୃଷ୍ଟି ପ୍ରତିଭା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ଏବଂ ମନେମନେ ସଙ୍କଳ୍ପ କରିଥିଲେ ଯେ, ଠିକ୍ ତାଙ୍କରି ଭଳି ବାବନ ବର୍ଷ ପରେ ସେଥିରେ ହାତ ଦେବେ । କେବଳ ଏଇଭଳି ଏକ ସଙ୍କଳ୍ପରୁ ନୁହେଁ, ସମୁଦାୟ ସାହିତ୍ୟ-କୃତିରେ ତାଙ୍କ ପରମ୍ପରା-ନିଷ୍ଠତାର ଅନେକ ସୂଚନା ମିଳେ । ଫକୀରମୋହନଙ୍କ ଶାଣିତ ବ୍ୟଙ୍ଗ, ସୁସମାହିତ ଚରିତ୍ର-ଚିତ୍ରଣ, ଓଡ଼ିଆ ଗାଁ ମାନଙ୍କର ନିଛକ୍ ପାଣିପାଗ, ଐତିହାସିକ ବିଶ୍ଳେଷଣ ଓ ସମସାମୟିକ ସମାଜର ଗୁରୁତ୍ୱପୂର୍ଣ୍ଣ ସମସ୍ୟାମାନଙ୍କର ଅବତାରଣା ଛଡା ମନୋଜ ଦାସଙ୍କ କଳା ଭାରତୀୟ ସାହିତ୍ୟର ଗଳ୍ପକଥନ ପରମ୍ପରାର ଅନ୍ୟାନ୍ୟ ଅନେକ ମହାରଥୀମାନଙ୍କର ପ୍ରେରଣାର ସ୍ୱାକ୍ଷର ବହନ କରିଥାଏ । ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର'ର ନୈତିକ ଅନ୍ତର୍ଦୃଷ୍ଟି, ସୋମଦେବ-ସଂଗୃହୀତ 'କଥାସରିତ ସାଗର'ର ଅବ୍ରାହ୍ମଣ ଧରଣୀ-ଧାରଣା, ଜାତକ ଗଳ୍ପମାନଙ୍କର ଅଲୌକିକତା ଓ ମାନବୀୟ ସମ୍ବେଦନଶୀଳତା ଏବଂ 'ବେତାଳ ପଞ୍ଚବିଂଶତି'ର କୁହୁକ ଇତ୍ୟାଦିକୁ ଆପଣାର ବୈୟକ୍ତିକ ପ୍ରତିଭାଦ୍ୱାରା ସମାହିତ କରି ସିଏ ଏକ ଅନନ୍ୟ ଗଳ୍ପଶୈଳୀ ସୃଷ୍ଟି କରିପାରିଛନ୍ତି । ୧୯୯୭ରେ ପ୍ରକାଶିତ ତାଙ୍କର ଉପନ୍ୟାସ 'ଆକାଶର ଇସାରା' ମନୋଜୀୟ ପ୍ରତିଭାର ଏ ସମସ୍ତ ବିଭବ ବହନ କରେ ସତ, ହେଲେ ଏକ ଭିନ୍ନ ଉପାଦାନ ପାଇଁ, ଫକୀରମୋହନ-ଗୋପୀନାଥ-ସୁରେନ୍ଦ୍ର ଉପନ୍ୟାସ ପରମ୍ପରାରେ ଏହାର ଗୁରୁତ୍ୱକୁ ଏହି ସମୀକ୍ଷାରେ ପ୍ରତିପାଦିତ କରାଯାଉଛି । ତାହାହେଲା ପ୍ରାଚୀନ ଯୋଗ ଓ ଆଧ୍ୟାତ୍ମ୍ୟର ସମ୍ଭାବ୍ୟ ଅନୁଭୂତିସବୁକୁ ଔପନ୍ୟାସିକର କଳା ମାଧ୍ୟମରେ ପରିବେଷଣ ପାଇଁ ଶ୍ରୀଯୁକ୍ତ ଦାସ୍‌ଙ୍କ ଆନ୍ତରିକ ଉଦ୍ୟମ ।

Digitized by srujanika@gmail.com

ପରମ୍ପରାକ୍ରମେ ଉପନ୍ୟାସ-କଳା ମଣିଷର ସାମାଜିକ ଓ ନୈତିକ ଜୀବନର ସତ୍ୟ ପ୍ରତି ବିଶେଷ ଭାବରେ ଅନୁରକ୍ତ । ପାଶ୍ଚାତ୍ୟରେ ସାହିତ୍ୟର ଗୋଟିଏ genre ହିସାବରେ ଉପନ୍ୟାସର ଅଭ୍ୟୁଦୟ ବେଳକୁ ନିଉଟନ୍-ଦେକାର୍ତୀୟ (Newton-Descartes) ଯାନ୍ତ୍ରିକ-ବିଶ୍ୱର ଧରଣୀଧାରଣାଟିଏ ଦାନା ବାନ୍ଧି ସାରିଥିଲା, ଯାହାର ମୂଳତତ୍ତ୍ୱ ବସ୍ତୁବାଦୀ ବିଜ୍ଞାନର ଯୁକ୍ତିନିଷ୍ଠତା ଉପରେ ପର୍ଯ୍ୟବେସିତ ଥିଲା । ଏକ ବାସ୍ତବବାଦୀ ଦୃଷ୍ଟିକୋଣ, ବ୍ୟକ୍ତିସ୍ୱାତନ୍ତ୍ର୍ୟ ପ୍ରତି ନିଷ୍ଠା, ସାମନ୍ତବାଦୀ ଅର୍ଥନୀତିରୁ ପୁଞ୍ଜିବାଦୀ ବ୍ୟବସ୍ଥା ଆଡକୁ ସମାଜର ବିବର୍ତ୍ତନ ଓ ଏକ ବୁର୍ଜୁଆ ପାଠକଗୋଷ୍ଠୀର ସୃଷ୍ଟି, ଉପନ୍ୟାସ ଭଳି ଏକ ସାହିତ୍ୟ ବର୍ଗର ଅଭ୍ୟୁଦୟ ପାଇଁ କ୍ଷେତ୍ର ପ୍ରସ୍ତୁତି କରିଥିବାର ଅନୁମାନ କରାଯାଏ । ଅତଏବ୍ ଉପନ୍ୟାସ-କଳା ସଚରାଚର ଦେଶ-କାଳ-ପାତ୍ରର ସଙ୍ଗତିକୁ ପ୍ରାୟତଃ ବିଚାରକୁ ନେଇଥାଏ ଏବଂ ମଣିଷ-ସ୍ଥିତିର ପର୍ଯ୍ୟବେକ୍ଷଣ ପାଇଁ ଏକ ବାସ୍ତବବାଦୀ ଦୃଷ୍ଟିକୋଣ ଆପଣେଇ ଥାଏ । ଶ୍ରୀ ଅରବିନ୍ଦ ଠାଏ ଏ ସମ୍ପର୍କରେ ମନ୍ତବ୍ୟ ଦେଇ କହିଛନ୍ତି "Novels deal with the vital life of men, so necessarily they bring that atmosphere."

ଉପନିବେଶବାଦର ସଂସର୍ଗ ଫଳରେ ଭାରତୀୟ ଚେତନା ମଧ୍ୟ କଳା-ବର୍ଣ୍ଣନାର ଏହି ଐତିହାସିକ ସମ୍ଭାବନା ପ୍ରତି ଉନ୍ମୁଖ ହେଲା । ପୌରାଣିକ ବର୍ଣ୍ଣନାର ବୃତ୍ତାକାର ସମୟ ପରିକଳ୍ପନା ଓ ଉପନ୍ୟାସରେ ନିହିତ ଐତିହାସିକ ବର୍ଣ୍ଣନାର ରୈଖିକ ସମୟ ପରିକଳ୍ପନା ମଧ୍ୟରେ ଦ୍ୱନ୍ଦ୍ୱ ପ୍ରତି ଅଧିକ ଗଭୀର ଭାବରେ ସଚେତନ ହେଲା । ଭାରତୀୟ ଉପନ୍ୟାସର ଆଦ୍ୟ ସ୍ରଷ୍ଟାଗଣ ଯଥା ବଙ୍କିମଚନ୍ଦ୍ର, ପ୍ରେମ୍‌ଚନ୍ଦ୍, ଶରତଚନ୍ଦ୍ର ଓ ଫକୀରମୋହନ ଏହିଭଳି ଦ୍ୱନ୍ଦ୍ୱକୁ ଆପଣାର ସୃଷ୍ଟିରେ ଗୁମ୍ଫିତ କରିଛନ୍ତି । କିନ୍ତୁ ମୋଟାମୋଟି ଭାବରେ ଉପନ୍ୟାସ ସାମାଜିକ ବାସ୍ତବବାଦର (ତାହା ସ୍ଥଳ ବିଶେଷରେ ବିଭିନ୍ନ ହେଲେହେଁ) ପରିଧି ମଧ୍ୟରେ ସୀମାବଦ୍ଧ ଥିଲା । ଉପନ୍ୟାସ ମାଧ୍ୟମରେ ପାରଲୌକିକ ସତ୍ୟ ଅବତାରଣାର ଦୃଷ୍ଟାନ୍ତ ବିଶ୍ୱ ସାହିତ୍ୟରେ ଅବଶ୍ୟ ଅଛି; କିନ୍ତୁ ସେ ଉଦ୍ୟମମାନଙ୍କରେ ଅନ୍ତର୍ନିହିତ ହୋଇ ରହିଛି କେତେକ ମୂଳଭୂତ ସମସ୍ୟା । ପ୍ରଥମଟି ଭାଷାଗତ । ଯୋଗ ଓ ଆଧ୍ୟାତ୍ମର ଉପଲବ୍ଧି ଏତେ ସାନ୍ଦ୍ର ଯେ, ଭାଷାର ଯୁକ୍ତିବଳୟ ଦ୍ୱାରା ଏହାକୁ ନିର୍ଣ୍ଣୟ କରାଯାଇପାରିବ ନାହିଁ । ଭାରତୀୟ ଯୋଗ, ଆଧ୍ୟାତ୍ମ ଓ ବେଦାନ୍ତର ଅନ୍ତର୍ଦୃଷ୍ଟିକୁ ନିଜ ରଚନାରେ ପ୍ରତିଫଳିତ କରିବାକୁ ଚେଷ୍ଟା କରୁଥିବା ପ୍ରସିଦ୍ଧ ଆମେରିକୀୟ କଥାକାର J. D. Salinger ହଠାତ୍ ନିଜର ସଫଳତାର ଶୀର୍ଷ ପର୍ଯ୍ୟାୟରେ ନିରବ ହୋଇଗଲେ । ଦ୍ୱିତୀୟ ସମସ୍ୟା ହେଲା ସାମ୍ପ୍ରତିକ ଜୀବନରେ ଏଭଳି ଏକ ଦୃଷ୍ଟିକୋଣ ପ୍ରତି ସଂଶୟ । ବୌଦ୍ଧ ଜୀବନଦର୍ଶନ ଓ ଆଧ୍ୟାତ୍ମ ଉପଲବ୍ଧିକୁ ବର୍ଣ୍ଣନା କରିବାପାଇଁ ଏ ଶତାବ୍ଦୀର ଦୁଇ ପ୍ରସିଦ୍ଧ ନୋବେଲ୍ ବିଜୟୀ ଔପନ୍ୟାସିକ କାର୍ଲ ଗ୍ୟେଲ୍‌ରପ୍ ଓ ହର୍ମାନ୍

Digitized by srujanika@gmail.com

ହେସ୍ ବୋଧହୁଏ ସେହି କାରଣରୁ ସାମ୍ପ୍ରତିକ ସମାଜକୁ ଉପନ୍ୟାସର ଦୃଶ୍ୟପଟ ହିସାବରେ ନ ନେଇ ସୁଦୂର ଅତୀତରେ ଏକ କଳ୍ପଲୋକକୁ ନିଜର ପ୍ରେକ୍ଷାପଟ ହିସାବରେ ଗ୍ରହଣ କରିଛନ୍ତି ଯଥାକ୍ରମେ 'ପିଲ୍‌ଗ୍ରୀମ୍ କାମନୀତ' ଓ 'ସିଦ୍ଧାର୍ଥ' ଉପନ୍ୟାସଦ୍ୱୟରେ । ଆଉ ଗୋଟିଏ ସମସ୍ୟା ହେଲା ଲେଖକୀୟ ଅଙ୍ଗୀକାରବଦ୍ଧତା ଓ ସାଧୁତା । ନିଜେ ବ୍ୟକ୍ତିଗତ ଜୀବନରେ ଅନୈତିକ ଜୀବନଯାପନ କରି ଆପଣା ସାହିତ୍ୟରେ ଉଚ୍ଚ ମୂଲ୍ୟବୋଧ ଓ ଆଦର୍ଶର ଦୁହାଇ ଦେବାଭଳି ଲକ୍ଷ ଲକ୍ଷ ସାହିତ୍ୟିକ ଅଛନ୍ତି; କିନ୍ତୁ ଯୋଗ ଓ ଆଧ୍ୟାତ୍ମର ଅନ୍ତର୍ଦୃଷ୍ଟିକୁ ନିଜ ବକ୍ତବ୍ୟ ଭାବରେ ଉପସ୍ଥାପନ କରୁଥିବା ସାହିତ୍ୟିକର ଜୀବନ ଓ କଳା ମଧ୍ୟରେ ବିଶେଷ ପାର୍ଥକ୍ୟ ରହିଲେ ଏହାର ମୂଳ ଉଦ୍ଦେଶ୍ୟ ସାଧିତ ହେବନାହିଁ । ଏହିସବୁ ସମସ୍ୟାକୁ ଉପଲବ୍ଧି କରି ନିଜେ ଶ୍ରୀଯୁକ୍ତ ଦାସ 'ଆକାଶର ଇସାରା'କୁ ଉପନ୍ୟାସଟିଏ ବୋଲି ନ କହି 'ତର୍ପଣ' ବୋଲି କହିଛନ୍ତି । (ପୃ-୧୮୨)

ସାମ୍ପ୍ରତିକ ଜୀବନର ପ୍ରେକ୍ଷାପଟରେ, ପୁଣି ସାମାଜିକ ବାସ୍ତବବାଦକୁ ଉପେକ୍ଷା ନକରି, ମନୋଜ ଦାସ ଯେ, ଏକ ଆଧ୍ୟାତ୍ମିକ ଉତ୍ତରଣର ବିବରଣୀ ଆପଣା ଉପନ୍ୟାସ ମାଧ୍ୟମରେ ଚିତ୍ରିତ କରିପାରିଛନ୍ତି, ସେଥିପାଇଁ ଅନେକାଂଶରେ ସେ ତାଙ୍କର ମୂଳପ୍ରେରଣା ଶ୍ରୀ ଅରବିନ୍ଦଙ୍କ ଦର୍ଶନ ପ୍ରତି ଋଣୀ । ଶ୍ରୀ ଅରବିନ୍ଦ ଜୀବନ ପ୍ରତି ଅତି-ବୈରାଗ୍ୟ ପ୍ରଦର୍ଶନ କରି ପଳାୟନ କରିବା ଅପେକ୍ଷା, ଜାଗତିକ ଜୀବନ ଭିତରକୁ ଈଶ୍ୱରଙ୍କ କରୁଣାକୁ ଆମନ୍ତ୍ରଣ କରି ତାକୁ ଦିବ୍ୟ-ଜୀବନରେ ପରିଣତ କରିବାପାଇଁ ଅଧିକ ଗୁରୁତ୍ୱ ଦେଇଥିଲେ । ବ୍ୟକ୍ତିଗତ ମୋକ୍ଷ ନୁହେଁ, ବରଂ ଯୋଗକୁ ସାମଗ୍ରିକ ଦିବ୍ୟ-ଜୀବନ ସୃଷ୍ଟିର ଏକ ମାଧ୍ୟମ ରୂପେ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ, ଈଶ୍ୱରଙ୍କ କରୁଣା ପ୍ରତି ନିୟତ ଆମକୁ 'ଇସାରା' ଦେଉଛି । ସେହି 'ଆକାଶର ଇସାରା'କୁ ଆମକୁ ଗ୍ରହଣ କରିବାକୁ ହେବ । ଆମ ବ୍ୟକ୍ତିଗତ ଅହଂର ସଂକୀର୍ଣ୍ଣ ନିଗଡରୁ ମୁକୁଳିଗଲେ ଓ ଏକ ଉଚ୍ଚତର ଅଭୀପ୍‌ସା ପ୍ରତି ସଦାନିଷ୍ଠ ରହିଲେ ତାହା ଆମକୁ ବଳେ ବଳେ ବାଟ କଢ଼ାଇନେବ । 'ଆକାଶର ଇସାରା' ଉପନ୍ୟାସର ମୁଖ୍ୟ ଚରିତ୍ର ପଦ୍ମଲୋଚନର ବିଶେଷତ୍ୱ ଏହା ଯେ, ସେ ଅନେକ ସମୟରେ ନିଜର ଇଚ୍ଛା-ଶକ୍ତିକୁ ବ୍ୟବହାର କରିବା ଅପେକ୍ଷା ଘଟଣା-ପ୍ରବାହରେ ବନିଛି 'ନିମିତ୍ତ-ମାତ୍ର' । ନଟବର ମାଷ୍ଟ୍ରଙ୍କ ପ୍ରେରଣାରେ କେତେବେଳେ ପରିବେଶ ସୁରକ୍ଷା ପାଇଁ ଆମରଣ ଅନଶନକାରୀ ପାଲଟିଛି ତ କେତେବେଳେ ଶର୍ମାଜୀଙ୍କ ରାଜନୈତିକ ସହକାରୀ । ସବୁଠାରୁ ବୈଚିତ୍ର୍ୟପୂର୍ଣ୍ଣ ଭୂମିକାଟି ଆପଣେଇବାକୁ ବାଧ୍ୟ କରିଛନ୍ତି ରଞ୍ଜିତା ଖୋସ୍କର । ଗୋବର୍ଦ୍ଧନପୁର ଗାଁର ପଦୁଅଁରୁ ସେ ହଠାତ୍ ବନିଛି ସ୍ୱାମୀ ପଦ୍ମାନନ୍ଦ । ଏଇଠି ଆମର ସ୍ୱତଃ ମନେପଡିଯାଏ ପ୍ରସିଦ୍ଧ ଔପନ୍ୟାସିକ ଆର୍.କେ. ନାରାୟଣଙ୍କ ରାଜୁ ଗାଇଡ ଚରିତ୍ର । 'ଗାଇଡ୍' ଉପନ୍ୟାସର ରାଜୁ ଠିକ୍ ସେଇମିତି ଘଟଣାଚକ୍ରରେ ପଡି ସରଳ ଗ୍ରାମବାସୀଙ୍କ ଦ୍ୱାରା ଜଣେ ଅଲୌକିକ

Digitized by srujanika@gmail.com

ମହିମାଧାରୀ ସାଧୁ ପାଲଟିଛି । ଥରେ ମହିମା ଆରୋପିତ ହୋଇଗଲାପରେ, ରାଜୁ ମନର ଅନ୍ତର୍ଦ୍ୱନ୍ଦ୍ୱ ଓ ସବାଶେଷରେ ଆତ୍ମୋତ୍ସର୍ଗକୁ ଖୁବ୍ ଆନ୍ତରିକତାର ସହ ଉପସ୍ଥାପନା କରିଛନ୍ତି ନାରାୟଣ । ଅବଶ୍ୟ ଆତ୍ମୋତ୍ସର୍ଗ ସତ୍ତ୍ୱେ ରାଜୁ ଘଟଣାପ୍ରବାହକୁ ନିଜ ଅକ୍ତିଆରକୁ ନେଇ ନାୟକ ହୋଇପାରିନାହିଁ । ନାରାୟଣଙ୍କ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ ବରଂ ରାଜୁକୁ ସରଳ ଗ୍ରାମବାସୀଙ୍କ ଅନ୍ଧବିଶ୍ୱାସର victim ବୋଲି ଅନୁମାନ କରିବାକୁ ଯଥେଷ୍ଟ ଖୋରାକ ଯୋଗାଇଛି । ମନୋଜ ଦାସ କିନ୍ତୁ ଆଧ୍ୟାତ୍ମିକ ଉତ୍ତରଣର ସମ୍ଭାବନା ଓ ପ୍ରକ୍ରିୟା ବିଷୟରେ ନାରାୟଣଙ୍କ ଅପେକ୍ଷା ଅଧିକ ଆସ୍ଥାବାନ୍ ମନେ ହୁଅନ୍ତି । 'ଆକାଶର ଇସାରା' ପଦ୍ମଲୋଚନର ଆପାତତଃ ପ୍ରହସନ-ସର୍ବସ୍ୱ ଜୀବନର ଏକ ମହତ୍ତର ବାସ୍ତବତାର ଉତ୍ତରଣ ପ୍ରକ୍ରିୟାକୁ ନାଟକୀୟ ଭାବରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ, ଆମ ସାମାଜିକ, ରାଜନୈତିକ ଓ ଧାର୍ମିକ ଜୀବନର ଅନେକ ଶଠତା ବିଷୟରେ ଆମକୁ ଚେତେଇବାକୁ ଚେଷ୍ଟା କରିଛି ।

ପଦ୍ମଲୋଚନ ଚରିତ୍ରର ଆଉ ଏକ ବିଶେଷ ଦିଗ ହେଲା ତାହାର ସଦା-ଜାଗ୍ରତ ବିବେକ । ଆମ ସମାଜର ଅନେକ ତଥାକଥିତ ଧର୍ମଗୁରୁମାନେ ହବୁବିଦ୍ୟାଦ୍ୱାରା ଅଥବା ଭକ୍ତମାନଙ୍କର ନିରୋଳା ସରଳ ବିଶ୍ୱାସକୁ ବ୍ୟବହାର କରି ରାଜନୈତିକ କ୍ଷମତା, ଆର୍ଥିକ ଐଶ୍ୱର୍ଯ୍ୟ ଓ ପ୍ରତିପତ୍ତି ଯଥେଚ୍ଛା ଭୋଗ କରିବାକୁ ପଛାନ୍ତି ନାହିଁ । ନିଜକୁ ଈଶ୍ୱର ବା ତାଙ୍କର ଅବତାର ବୋଲି ପ୍ରତିପାଦିତ କରିବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ଘଟଣା-ସଂଯୋଗରେ ପଦ୍ମଲୋଚନ ନିଜେ ଏସବୁ ସଚେତନ ଭାବରେ ନ ଚାହିଁଲେ ବି ଏଗୁଡିକ ତା ହାତ ପାଆନ୍ତାରେ ପହଞ୍ଚିଛି; କିନ୍ତୁ ସେ ତାହାର ସୁବିଧା ନେବାକୁ ଆଦୌ ଆଗ୍ରହୀ ନୁହେଁ । ବରଂ, ନିଜ ଆତ୍ମ-ପରିଚୟ ପ୍ରତି ସତତ ସଚେତନ ଥିବାରୁ ସେ ନିଜକୁ ସବୁବେଳେ ଦୋଷୀ ମନେ କରୁଛି । ଲୋକଙ୍କର ତା' ପ୍ରତି ଆସ୍ଥାର ପ୍ରକୃତ ଭାଜନ ହେବାକୁ ସର୍ବାନ୍ତଃକରଣରେ ଚେଷ୍ଟା କରୁଛି । ତେବେ ଏଇଠି ପ୍ରଶ୍ନ ଉଠେ, ଏ ସବୁ ଅଲୌକିକ ଘଟଣା-ସଂଯୋଗ ପଦ୍ମଲୋଚନର ଜୀବନରେ ହୋଇଛି କାହିଁକି ? ଏ ପ୍ରଶ୍ନର ଏକ ବାସ୍ତବବାଦୀ, ବିଶ୍ଳେଷଣ କଷ୍ଟକର । ଆମକୁ ଏଥିପାଇଁ ସାଧକ ମନୋଜ ଦାସଙ୍କ ଅନ୍ତର୍ଦୃଷ୍ଟି ଆଡକୁ ମୁହାଁଇବାକୁ ପଡିବ । ନିଜର ପିଲାଦିନ ସମ୍ପର୍କରେ ମନ୍ତବ୍ୟ ଦେଇ ପଦ୍ମଲୋଚନ୍ କହିଛି, ''ଉଚ୍ଚାକାଂକ୍ଷା ମାତ୍ରେ ଅହଂର ଏକ ବିଭୀଷିକା । କିନ୍ତୁ ଅଜ୍ଞାନ ବାଲୁତାବସ୍ଥାରୁ ଛେଉଣ୍ଡ ଭାବରେ ବଢିଥିଲେ ସୁଦ୍ଧା ମୁଁ ଥିଲି ଏହି ବିଭୀଷିକାର ଶିକାର । ପରେ ପଢିଲି ଓ ଜାଣିଲି, କେହି କେହି କ୍ଷେତ୍ରରେ ଉଚ୍ଚାକାଂକ୍ଷାର ବି ଗୋଟିଏ ମୂଲ୍ୟବାନ୍ ଭୂମିକା ଥାଏ । ନିଜର ସୀମାବଦ୍ଧତା ଅତିକ୍ରମ କରିବା ନିମନ୍ତେ ଆତ୍ମାର ବ୍ୟାକୁଳତା ଅଜ୍ଞାନ ମନ ପ୍ରାଣର ପ୍ରଭାବରେ କ୍ଷମତା ଓ ଖ୍ୟାତି ପାଇଁ ଉଚ୍ଚାକାଂକ୍ଷା ରୂପେ ସାମୟିକ ଭାବରେ ପ୍ରକଟିତ ହୋଇପାରେ ।'' (ପୃ-୧୫) । ନିଜର ଆଧ୍ୟାତ୍ମିକ ଅଭ୍ୟୁତ୍ଥାନ ପଥରେ

Digitized by srujanika@gmail.com

ଏହି ଅନ୍ତରାୟଗୁଡ଼ିକ ସମ୍ପର୍କରେ ସଚେତନ କରେଇଦେବାପାଇଁ ବିଧି ବୋଧହୁଏ ଏ ଅଲୌକିକ ସଂଯୋଗଗୁଡ଼ିଏ ପଦ୍ମଲୋଚନ ଜୀବନରେ ସଂଘଟିତ କରାଇଛି । ଏହି ସଂଯୋଗଗୁଡ଼ିକ ଯୋଗୁଁ ପଦ୍ମଲୋଚନ ଅର୍ଥନୈତିକ ପ୍ରାଚୁର୍ଯ୍ୟ, ରାଜନୈତିକ କ୍ଷମତା, ସାମାଜିକ ଖ୍ୟାତିଗୁଡ଼ିକୁ ଖୁବ୍ ନିକଟରୁ ଦେଖିବାର ସୁଯୋଗ ପାଇଛି ଏବଂ ଏଥିସହ ସଂଶ୍ଳିଷ୍ଟ ଭୟଙ୍କର ବିପଦଗୁଡ଼ିକର ଭୟାବହତା ମଧ୍ୟ ଉପଲବ୍ଧି କରିଛି । ଉତ୍ତରଣର ଯୋଗ୍ୟତା ହାସଲ ପୂର୍ବରୁ ଆତ୍ମାର ଏହି ଅବଶ୍ୟମ୍ଭାବୀ ଅନୁଭୂତି ସମୂହକୁ ଆଧ୍ୟାତ୍ମିକ ପରିଭାଷାରେ dark night of the soul କୁହାଯାଏ । ପଦ୍ମଲୋଚନର ddark night of the soul ଭିତରେ ସେ ଲାଭଖୋର ନିଷ୍ଠୁର ବ୍ୟବସାୟୀ, ସୁବିଧାବାଦୀ ଓ ଲମ୍ପଟ ରାଜନୀତିଜ୍ଞ, ଯଶଲୋଭୀ କବି, ଧୂର୍ତ୍ତ ବେଶ୍ୟା, ଆର୍ତ୍ତ ଆତ୍ମସ୍ୱାର୍ଥୀ ପ୍ରେମିକ ଇତ୍ୟାଦି ସମସ୍ତଙ୍କୁ ଭେଟିଛି ଓ ମଣିଷର ସମସ୍ତ ନିଷ୍ଠା ଓ ଆସକ୍ତିର ଅଗଭୀରତା ଅନୁଭବ କରିଛି । ଏପରିକି ଅର୍ଥ ସହ ଅନର୍ଥର ସମ୍ପର୍କ ବିଷୟରେ ଚରମ ଉପଲବ୍ଧି କରିଛି ଏକ ମାରାଣାନ୍ତକ ପରିସ୍ଥିତି ସହ ସମ୍ମୁଖୀନ ହୋଇ । ସେହି ମୁମୂର୍ଷୁ ଅବସ୍ଥାରୁ ହିଁ ଆରମ୍ଭ ହୋଇଛି ଏକ ନୂତନ ଜୀବନ ।

ପଦ୍ମଲୋଚନର ଆଧ୍ୟାତ୍ମିକ କ୍ରମ ଅଭ୍ୟୁତ୍ଥାନ ବର୍ଣ୍ଣନାରେ ମନୋଜ ଦାସ କେବଳ ଜାଗତିକ ଜୀବନର ଅସାରତା ବର୍ଣ୍ଣନା କରିନାହାନ୍ତି । ଏହିଭଳି ସମାଜରେ ରହିଥିବା ଅନେକ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ନିହିତ ଥିବା ଆଧ୍ୟାତ୍ମିକ ସମ୍ଭାବନା ପ୍ରତି ମଧ ଆଲୋକପାତ କରିଛନ୍ତି । ମଦ-ବେପାରୀ ଜୟନ୍ତ ଠାକୁରଙ୍କ ପତ୍ନୀ ରଞ୍ଜିତା ଖୋଙ୍କର ଓ ତାଙ୍କର ପୁତ୍ରବଧୂ ସୁଶୀ ବିଭିନ୍ନ ପର୍ଯ୍ୟାୟରେ ପଦ୍ମଲୋଚନ ପାଇଁ ଆଧ୍ୟାତ୍ମିକ ପଥରେ ସାରଥିର ଭୂମିକା ତୁଲାଇଛନ୍ତି । ଏ ଦୁଇ ଚରିତ୍ର ମାଧ୍ୟମରେ ମନୋଜ ଦାସ ଭକ୍ତି ଓ ନିଷ୍ଠାର ସୂକ୍ଷ୍ମ ପ୍ରକାର ଭେଦକୁ ସହଜରେ ବୋଧଗମ୍ୟ କରାଇପାରିଛନ୍ତି । ଏତଦ୍‌ବ୍ୟତୀତ ଭାରତୀୟ ଆଧ୍ୟାତ୍ମପରମ୍ପରାର ଅନେକ ଜଟିଳ ତତ୍ତ୍ୱ ଯଥା ଗୁରୁବାଦ, ପାତଞ୍ଜଳି ଯୋଗର ଚିତ୍ତବୃତ୍ତି ନିରୋଧ ଓ ଶ୍ରୀ ଅରବିନ୍ଦ ଦର୍ଶନର ବହୁ ସୁକ୍ଷ୍ମାତିସୁକ୍ଷ୍ମ ତତ୍ତ୍ୱକୁ ସାଧାରଣ ପାଠକ ହୃଦୟଙ୍ଗମ କରିପାରିବା ଭଳି ଭାଷାରେ ବର୍ଣ୍ଣନା କରିଛନ୍ତି । ସାଧକ ଜୀବନରେ ଆନୁଷଙ୍ଗିକ ଜୀବନଚର୍ଯ୍ୟା ଯଥା ପରିମିତ ନିରାମିଷ ଆହାର, ବ୍ରହ୍ମଚର୍ଯ୍ୟ, ଅହିଂସା, ପରିବେଶ-ସଚେତନତା, ଶମ, ଦମ, ଦାନଶୀଳତା ଆଦି ସମ୍ପର୍କରେ ମନ୍ତବ୍ୟ ଦେବାପାଇଁ ଲେଖକ ଆପଣାର ସାଧକ ଜୀବନର ବ୍ୟକ୍ତିଗତ ଅନୁଭୂତିକୁ ବ୍ୟବହାର କରିଛନ୍ତି । ସୁଖର କଥା, ଭାଷାର କଳାତ୍ମକତା ଓ ହାସ୍ୟରସ ଏହାକୁ ଧର୍ମଗ୍ରନ୍ଥର ପ୍ରଚାରଧର୍ମୀତାରୁ ମୁକ୍ତ ରଖିଛି ।

ଆଧ୍ୟାତ୍ମିକ ଉପଲବ୍ଧି ଏକ ମହାର୍ଘ, ଦୁର୍ମୂଲ୍ୟ ଅନୁଭୂତି । ଭଗବତ୍ ପ୍ରାପ୍ତିର ଦୁର୍ଲଭତା ସମ୍ପର୍କରେ ଗୀତାରେ ଶ୍ରୀକୃଷ୍ଣ କୁହନ୍ତି, ‘‘ସହସ୍ର ମନୁଷ୍ୟମାନଙ୍କ ମଧ୍ୟରୁ ଅଳ୍ପ

Digitized by srujanika@gmail.com

କେତେଜଣ ମୋତେ ଲାଭ କରିବାକୁ ବ୍ୟଗ୍ର ହୁଅନ୍ତି । ସେମାନଙ୍କ ମଧ୍ୟରୁ କ୍ୱଚିତ୍ ମୋତେ ତତ୍ତ୍ୱରେ ଲାଭ କରିବାକୁ ସମର୍ଥ ହୁଅନ୍ତି ।'' 'ଆକାଶର ଇସାରା' ଉପନ୍ୟାସ ପଦ୍ମଲୋଚନର ସର୍ବଶେଷ ତତ୍ତ୍ୱଜ୍ଞାନ ଲାଭ ସମ୍ପର୍କରେ ପାଠକର ଅନୁସନ୍ଧିତ୍ସାକୁ ହୁଏତ ପୂରଣ କରି ନପାରେ; କିନ୍ତୁ ପଦ୍ମଲୋଚନ ପରି ''ଏକ ମାମୁଲି ଗ୍ରାମର ମାମୁଲି ତରୁଣ' (ପୃ-୧୨) ଯେ ଜଣେ ସାଧକ ହୋଇପାରେ, ଏହିପରି ଏକ ପ୍ରତ୍ୟୟ ସୃଷ୍ଟି କରିପାରିଛି । କେବଳ ସେତିକି ନୁହେଁ, ସାଧନାରେ ଅଗ୍ରଗତି କରୁଥିବା ସମୟରେ ମଧ୍ୟ ତାର ସ୍ୱାଭାବିକ ମାନବିକ ଦୁର୍ବଳତାଗୁଡିକ-ଯଥା, ତାର ମଦ୍ୟ ପ୍ରତି ଆସକ୍ତି, ସୁଶୀ ପରି ଜଣେ ପର ସ୍ତ୍ରୀ ପ୍ରତି ଅହେତୁକ ଆକର୍ଷଣ-ଦେଖାଇଦେଇ ମନୋଜ ଦାସ ବୋଧହୁଏ ପ୍ରତିପାଦିତ କରିବାକୁ ଚାହିଁଛନ୍ତି ଯେ, ଆପଣାର ଅଭୀପ୍ସା ପବିତ୍ର ଥିଲେ ଏଭଳି ସାମୟିକ ବିଡମ୍ବନାମାନ ଚେତନାରେ ଦୀର୍ଘକାଳ ଆସ୍ଥାନ ଜମାଇପାରିବ ନାହିଁ । ପଦ୍ମଲୋଚନର ଉତ୍ତରଣର ଇତିହାସ ଆମଭଳି ଅନେକ ମାମୁଲି, ଦୁର୍ବଳମନା, ଅସଂଯମୀ ବ୍ୟକ୍ତିଙ୍କ ପାଇଁ ଆଶାର ଏକ ଦଲିଲ୍ । ଏବଂ ବୋଧହୁଏ ସେଇଥିପାଇଁ କେବଳ ବିଜ୍ଞ, ବହୁପାଠୀ ପାଠକ ନୁହେଁ, ଅନେକ ସାଧାରଣ ପାଠକ ପଦ୍ମଲୋଚନର ଆତ୍ମନୈବେଦ୍ୟ ସହ ଏକାତ୍ମ ହୋଇପାରିବ ।

ଆଉ ଯେଉଁ କାରଣରୁ ସାଧାରଣ ପାଠକ ପଦ୍ମଲୋଚନ ସହ ସମଧର୍ମା ହୋଇ ପାରିବେ, ତାହାହେଲା, ପଦ୍ମଲୋଚନର ସ୍ରଷ୍ଟାଙ୍କର ଜୀବନ ଓ ତାଙ୍କର କଳା ମଧ୍ୟରେ ଗଭୀର ସାମଞ୍ଜସ୍ୟ ଓ ବର୍ଣ୍ଣିତ ଅନୁଭୂତି ସମ୍ପର୍କରେ ସାଧୁତା । 'ଆକାଶର ଇସାରା' କେବଳ ଔପନ୍ୟାସିକ ମନୋଜ ଦାସଙ୍କ ସୃଷ୍ଟି ନୈପୁଣ୍ୟର ନମୁନା ନୁହେଁ । ଏହା ସାଧକ ମନୋଜ ଦାସଙ୍କ ଆଧ୍ୟାତ୍ମିକ ଅନ୍ତର୍ଯାତ୍ରାର ଏକ ଅନ୍ତରଙ୍ଗ ଆଲେଖ୍ୟ ମଧ୍ୟ ।

ପାରମ୍ପରିକ ଭାବରେ ସାମାଜିକ ବାସ୍ତବତା ସହ ଜଡିତ ଉପନ୍ୟାସ-କଳାର ଭାଷା ମଧ୍ୟରେ ଆଧ୍ୟାତ୍ମିକ ଉପଲବ୍ଧିର ସଫଳ ପରିପ୍ରକାଶ ହିଁ, ମନୋଜ ଦାସଙ୍କ ଭାରତୀୟ ସାହିତ୍ୟକୁ ଅନନ୍ୟ ଅବଦାନ । ପ୍ରସିଦ୍ଧ ଆମେରିକୀୟ କଥାକାର ଜେ.ଡି. ସାଲିଞ୍ଜରଙ୍କ ଭଳି, ମନୋଜ ଦାସ ଗଳ୍ପ-କଥନର ପରିଧିକୁ ଏଭଳି ବ୍ୟାପକ କରିବାରେ ସମର୍ଥ ହେଇଛନ୍ତି ଯେ, ଏହା ନିଛକ ଆଧ୍ୟାତ୍ମିକ ଅନୁସନ୍ଧିତ୍ସୁର ଆପାତତଃ ଭାଷାରେ ଅବର୍ଣ୍ଣନୀୟ ଉପଲବ୍ଧିଗୁଡିକୁ ମଧ୍ୟ ସ୍ଥାନ ଦେଇପାରିଛି । ଏତଦ୍ୱାରା କେବେଳ ଯେ, ସାହିତ୍ୟର ଲୌକିକ ଓ ପାରଲୌକିକ ଭୂମିକା ମଧ୍ୟରେ ସେ ପୁଣି ଏକ ସେତୁ ସ୍ଥାପନ କରିବାରେ ସମର୍ଥ ହୋଇଛନ୍ତି ସେକଥା ନୁହେଁ, ସେ ନିଜର କଳାକୁ ଭାରତୀୟ ସାହିତ୍ୟର ପ୍ରାଚୀନ ଆଦର୍ଶର-ସମ୍ୟକ୍ ଭାବରେ ହିତସାଧନକାରୀ -ସ୍ତରକୁ ଉନ୍ନୀତ କରାଇ ପାରିଛନ୍ତି ।

• କରୁଣା ନିବାସ, ମକରବା ସାହି, କଟକ

Digitized by srujanika@gmail.com

'ତନ୍ଦ୍ରାଲୋକର ପ୍ରହରୀ'ର ଦାର୍ଶନିକ ଓ ମନୋବୈଜ୍ଞାନିକ ଦିଗ

ବାଞ୍ଛାନିଧି ଦାସ

ଗତ ବର୍ଷ ଅର୍ଥାତ୍ ୨୦୦୦ ମସିହା ମନୋଜ ଦାସଙ୍କ ଉପନ୍ୟାସ 'ତନ୍ଦ୍ରାଲୋକର ପ୍ରହରୀ'ର ପ୍ରକାଶନ କାଳ । ଯୋଗାବସ୍ଥାର ଅବସ୍ଥାନକୁ 'ତନ୍ଦ୍ରା' ବା 'ଯୋଗନିଦ୍ରା' କହଂତି, ଯାହାକୁ ମଧ୍ୟ ଶଙ୍କର ଯୋଗୀର 'ତୃତୀୟ' ସୋପାନରେ ଅବସ୍ଥାନ ବୋଲି କହଂତି । ସେଇ ଯୋଗନିଦ୍ରାରେ ଥାଇ ମଧ୍ୟ ଭାରତୀୟ ମହାଚେତନାର ପ୍ରହରୀତ୍ୱ କରି ପାରିଛଂତି ଗୋଟିଏ ବଂଶର ତିନୋଟି ପିଢ଼ିର ସାଧକଗଣ-ରଘୁନାଥ, ଶମ୍ଭୁନାଥ ଓ ପଣ୍ଡୁରୀକ । ଏହି ତିନୋଟି ଚରିତ୍ର କାଳିସୀ, ଓଝା ଓ ଯୋଗୀ ସୋପାନବିଷ୍ଟ ହୋଇଛଂତି, ନିଜ ସାଧନା ବଳରେ । ଜଣେ ତାନ୍ତ୍ରିକର ଉଦ୍‌ଭବ ପଛରେ ପିଛିଲା ଦୁଇ ପିଢ଼ିର ଯେଉଁ ପ୍ରଚେଷ୍ଟା- ସେଇ ମାର୍ମିକ ପ୍ରଚେଷ୍ଟାର ସ୍ଥୂଳ ରୂପ ହେଉଛି ମନୋଜ ଦାସଙ୍କ ଏହି ଉପନ୍ୟାସ । ଗଳ୍ପ ଜଗତରେ ଆରବ୍ୟ ରଜନୀ, ବେତାଳ ପଞ୍ଚବିଂଶତିରୁ ନିର୍ଯାସ ଓ ପ୍ରେରଣା ସଂଗ୍ରହ କରି କିଛି ସଂଖ୍ୟାରେ ଆଧିଭୌତିକ ଗଳ୍ପ ଓ ସ୍ୱପ୍ନସଂଚାରୀ କଳ୍ପନାବିଳାସକୁ ଚିତ୍ରିତ କରିଥିବା ଗ୍ରାମ୍ୟ ପଟ୍ଟଭୂମିକୁ କିମ୍ଭିରିଣୀଠାରୁ ଆରଂଭ କରି ଭଂଗା ଉଆସର ପ୍ରେତ-ଗ୍ରସ୍ତତାର ଅଲୌକିକ ଚିତ୍ର ଅଂକନ କରୁଥିବା ମନୋଜ ଦାସ ଏ ଉପନ୍ୟାସରେ ତାଙ୍କ ସଂଦର୍ଶନ ଯେ ବିଚାର-ସମ୍ମତ ତଥା ଦର୍ଶନଶାସ୍ତ୍ରାଶ୍ରୟୀ ତାହାହିଁ ଦେଖାଇଦେବାକୁ ପ୍ରଯତ୍ନ କରିଛଂତି । ଏଥିରେ ଗାଳ୍ପିକତା ଓ ଔପନ୍ୟାସିକତା ଅପେକ୍ଷା ଗୁରୁତ୍ୱ ଦିଆଯାଇଛି ମନସ୍ତତ୍ତ୍ୱ ଓ ଦର୍ଶନ ଉପରେ । ଅନେକ ଦୃଷ୍ଟିରୁ ଉକ୍ତ ଉପନ୍ୟାସ ତୀକ୍ଷ୍ଣ ବୌଦ୍ଧିକତାର ଭିତ୍ତିଭୂମି ଉପରେ ଠିଆ ହୋଇଛି ବୋଲି କହିହେବ ।

ଉତ୍ତର ବାଲେଶ୍ୱରର ଭୀଷମ୍‌ପୁର ଜମିଦାରୀ ବିଶିଷ୍ଟ ଭୂୟାଁ ବଂଶର ଜମିଦାରଙ୍କ ଅଧୀନରେ ଥିଲା । ସରଳ ବିଶ୍ୱାସୀ ଭୂୟାଁଙ୍କଠାରୁ ଚଂଚକତା କରି ଜମିଦାରୀଟି ହାତେଇ ନେଇଥିଲେ ତାଙ୍କ ଗୁମାସ୍ତା ଚରଣ ଦେ ଚୌଧୁରୀ । ନିଜ ପୁଅକୁ ଏକ କୁଳୀନ ଜମିଦାର ପରିବାରରୁ ବିବାହ କରାଇବାର ପ୍ରସ୍ତାବ ନେଇ ନଦୀ ପଥରେ ଜଳଯାତ୍ରା କଲାବେଳେ ଏକ ନୌକା ଡୁବିରେ ସମଗ୍ର ଦେ ଚୌଧୁରୀଙ୍କ ବଂଶ ବୁଡିଗଲେ । ଦୁଇଟି ବଂଶର ବିଲୟ ହେବାର ସାକ୍ଷୀ ଥିଲେ ରଘୁ । ରଘୁ ଭୀଷମ୍‌ପୁରର ଦେବୀ ତରଂଗିଣୀଙ୍କ ପୂଜକ । କାଳିସୀ

Digitized by srujanika@gmail.com

ହୋଇ ସେ ଚଣ୍ଡୀ ନଗରର ଜମିଦାର ମନ୍ଦରଧର ରାୟଙ୍କ ପରିତ୍ୟକ୍ତ ଜମିଦାରୀର ଦାୟିତ୍ୱ ନେବାପାଇଁ ମା'ଙ୍କ ଆଦେଶକୁ ପିରବେକ୍ଷଣ କରଂତି । ସେ ଜମିଦାରୀକୁ ଦଖଲ କରିବାପାଇଁ ଅନ୍ୟଜଣେ ପ୍ରତିପତ୍ତିଶାଳୀ ପ୍ରତିଦ୍ୱନ୍ଦୀ ଥିଲେ ଦିଣ୍ଡାଦାର । ମଂଗଳ ଦାଶ ବୋଲି ଏକ ତାନ୍ତ୍ରିକ ସାହାଯ୍ୟରେ ସେ କାଳିସୀ ରଘୁକୁ ବୀର ପେଷି ମାରିଦେବାର ଚକ୍ରାଂତ କରଂତି । ମଂଗଳ ଦାଶଙ୍କ ଗୁରୁ ବିଶିଷ୍ଟ ଓଝା ଭୈରବ କିଂତୁ ରଘୁର ପ୍ରାଣ ରକ୍ଷା କରଂତି । ଏଇ ଅବସରରେ ରଘୁର ପୁଅ ଶମ୍ଭୁନାଥ ଭୈରବଙ୍କ ଶିଷ୍ୟତ୍ୱ ଗ୍ରହଣ କରି ତାନ୍ତ୍ରିକ ହେବାପାଇଁ ନିଜ ଶିକ୍ଷାର ମାର୍ଗ ବାଛିନିଏ । ଭୈରବ ଶମ୍ଭୁଙ୍କୁ ଦିନେ ରାତିରେ ବଣକୁ ନେଇ ତାର ତାନ୍ତ୍ରିକ ହେବାପାଇଁ ଆବଶ୍ୟକୀୟ ଗୁଣ ଅଛି କି ନାଁ ପରୀକ୍ଷା କରଂତି ଓ ତାଙ୍କୁ ଓଝା ରୂପେ ସାରା ଜୀବନ ରହିବା ପାଇଁ ପରାମର୍ଶ ଦିଅଂତି ଓ ତାଲିମ୍ ଦିଅଂତି ।

ଭୈରବ ଥିଲେ ଜଣେ ବିଖ୍ୟାତ ଗୁଣୀ ଓ ଓଝା । ସାପ କାମୁଡ଼ା ରୋଗୀର ଚିକିତ୍ସା, ଭୂତପ୍ରେତ ଲାଗିବା ଲୋକଙ୍କୁ ଆରୋଗ୍ୟ କରିବା ଓ ବୀର ଦ୍ୱାରା ଆକ୍ରାଂତ ରୋଗୀଙ୍କୁ ଆରୋଗ୍ୟ କରିବା ତାଙ୍କ ବାଁ ହାତର ଖେଳଥିଲା । ସେ ଶମ୍ଭୁନାଥଙ୍କୁ ପ୍ରାଣୀ ଓ ସରୀସୃପ ସହ ଘନିଷ୍ଠ ଓ ପରିଚିତ ହେବା, ଜଡିବୁଟୀ ଚିହ୍ନିବା ଓ ପ୍ରେତ ତତ୍ତ୍ୱ ଶିଖିବାରେ ମାର୍ଗ ଦର୍ଶନ ଦେଉଥାଂତି । ଶମ୍ଭୁନାଥ ଶିକ୍ଷା ନବୀଶ ଥିବା ସମୟରେ ତାଙ୍କ ଗୁରୁ ଭୈରବ ଜଣେ ସାପ କାମୁଡାରେ ମୃତ ବ୍ୟକ୍ତିକୁ ଜୀବନ ଦାନ କରିଥିଲେ ଓ ତାଙ୍କ ଗ୍ରାମର ବୁନି ନାମ୍ନୀ ଜଣେ ସ୍ତ୍ରୀ ଲୋକଙ୍କୁ ଭୂତ ଲାଗିବାରୁ ରକ୍ଷା କରିଥିଲେ ।

ଶମ୍ଭୁନାଥଙ୍କ ଓଝାଗିରି ଆରଂଭ ହୁଏ ଡୁବେଇ ଦାରୋଗାଂଙ୍କ ତୃତୀୟ ପକ୍ଷ ସ୍ତ୍ରୀଙ୍କୁ ତାଙ୍କ ଦ୍ୱିତୀୟ ପକ୍ଷ ସ୍ତ୍ରୀ ଲଳିତାର ପ୍ରେତାତ୍ମା କବଳରୁ ରକ୍ଷା କରିବା କାର୍ଯ୍ୟରୁ । ଦ୍ୱିତୀୟ ପକ୍ଷ ସ୍ତ୍ରୀ ଲଳିତାକୁ ଉପରିସ୍ଥ ହାକିମକୁ ଦେହଦାନ କରିବାପାଇଁ ମତାଇ ଡୁବାଇ 'ଜମାଦାର୍' ପ୍ରମୋଶନଟି ପାଇବାକୁ ଚାହିଁଥିଲା । ଲଳିତାକୁ ଉତ୍ୟକ୍ତ ହୋଇ ଡୁବେଇ ତତ୍‌ପରେ ହତ୍ୟାକରେ । ତାହାରି ଅଶାଂତ ଆତ୍ମା ତୃତୀୟ ପକ୍ଷ ସ୍ତ୍ରୀ ଦେହରେ ସବାର୍ ହୋଇଥାଏ । ଅଚିରେ ତାଙ୍କୁ ପ୍ରେତମୁକ୍ତ କରଂତି ଶମ୍ଭୁନାଥ ।

ଭୈରବ ଓଝାଙ୍କ ଘନିଷ୍ଠ ବଂଧୁଥିଲେ ବୈଦ୍ୟ ବିଶ୍ଵ ରଥ । ପ୍ରେତ କବଳରୁ ମୁକ୍ତ କରାଇ ରୋଗୀଙ୍କୁ ଚିକିତ୍ସାପାଇଁ ଓଝା ଏଇ କବିରାଜଙ୍କୁ ହସ୍ତାନ୍ତର କରଂତି । ବିଶ୍ଵ ରଥଙ୍କ ମଦ୍ୟପ ପୁତ୍ର ବିନୋଦ ଓ ବିନୋଦଙ୍କ କନ୍ୟା ଆରାଧନା । ଭୈରବଙ୍କ ଅନୁରୋଧ ରକ୍ଷା କରି ଶମ୍ଭୁନାଥ ଆରାଧାନାଙ୍କୁ ବିବାହ କରଂତି ।

ଶମ୍ଭୁନାଥଙ୍କ ଓଝାଗିରିର ଦ୍ୱିତୀୟ ପରୀକ୍ଷା ହୁଏ କୁସୁମିତାର ପ୍ରାଣରକ୍ଷାରେ । ଜମିଦାର ମନ୍ଦରଧରଙ୍କର ସଂପର୍କୀୟ ଭାଇ ଦିବାକର । ତାଙ୍କର ଅନନ୍ୟ ସୁଂଦରୀ କନ୍ୟା କୁସୁମିତା । ମାତୃହରା କୁସୁମିତା କଲିକତାରେ ତା'ର ମାମୁଁଙ୍କ ଘରେ ରହଣିବେଳେ ଗୀତ ଓ ନୃତ୍ୟରେ ବିଶେଷ ପାରଦର୍ଶିତା ଲାଭ କରିଥାଏ । ମନ୍ଦରଧରଙ୍କ ପୁତ୍ର ବିନୟ ଭୂଷଣ

Digitized by srujanika@gmail.com

ତାଙ୍କୁ ବିବାହ ପାଇଁ ନିଜ ବଂଧୁ ଶମ୍ଭୁନାଥଙ୍କ ମନ୍ତ୍ରକ୍ରିୟା ବଳରେ ବଶୀକରଣ କରଂତି । ଏ ବିବାହକୁ ଭଣ୍ଡୁର କରିବାପାଇଁ ଜମିଦାରଙ୍କ ପାଖଲୋକ ଦୁଲାଳୀ କୁସୁମିତାକୁ ବୀର ପେଷଣ କରଂତି ଓ ସେ ପାଗଳୀ ହୋଇଯାଏ । ଶମ୍ଭୁନାଥ ତାଙ୍କୁ ଭଲ କରଂତି । ପିତାଙ୍କ ମୃତ୍ୟୁପରେ ବିନୟ ଭୂଷଣ ଜମିଦାର ହେବାପରେ ଶମ୍ଭୁନାଥଙ୍କୁ ନାଏବ୍ କରଂତି । ବିନୟ ଭୂଷଣଙ୍କ ପୁଅ ଲଳିତ କୁମାର ଓ ଶମ୍ଭୁନାଥଙ୍କ ପୁଅ ପୁଣ୍ଡରୀକାକ୍ଷ ବାଲ୍ୟବଂଧୁ ।

ଭୈରବ ଓଝାଙ୍କ ମୃତ୍ୟୁହୁଏ । ତାଙ୍କର ଗୁରୁଭାଇ ଆଚାର୍ଯ୍ୟ ଭାସ୍କର ବାରାଣସୀରେ ରହଂତି । ଚନ୍ଦ୍ରଦୀପ ଥିଲେ ଭାସ୍କରଙ୍କ ଉତ୍ତରାଧିକାରୀ । ତାଙ୍କଠାରୁ ତନ୍ତ୍ରବିଦ୍ୟା ଶିକ୍ଷାପାଇଁ ପୁଣ୍ଡରୀକଙ୍କୁ ଶମ୍ଭୁନାଥ ବାରାଣସୀ ପଠାନ୍ତି । ବିନୟ ଭୂଷଣ ସମସ୍ତଙ୍କ ଅଗୋଚରରେ ସତୀ ନାମ୍ନୀ ଜଣେ ବ୍ରାହ୍ମଣୀଙ୍କୁ ରକ୍ଷିତା କରିଥିଲେ । ତାଙ୍କର ଅନନ୍ୟ ସୁଂଦରୀ କନ୍ୟା କୁମୁଦିନୀ । ଲଳିତ କୁମାର କୁମୁଦିନୀ ପ୍ରତି ପ୍ରଥମେ ଆକୃଷ୍ଟ ହୁଏ । ପୁଣ୍ଡରୀକ କିଂତୁ କୁମୁଦିନୀକୁ ପ୍ରେମ କରେ । କୁମୁଦିନୀ ନିଜ ମା'ଙ୍କୁଠାରୁ ନିଜେ ଲଳିତ କୁମାରର ଭଉଣୀବୋଲି ଇତ୍ୟବସରେ ଜାଣେ । ସେ ପୁଣ୍ଡରୀକ ବନାରସରୁ ଫେରିବା ଯାଏ ପ୍ରତୀକ୍ଷା କରେ ଓ ଅନ୍ୟ କାହାକୁ ବିବାହ କରିବାକୁ ରାଜି ହୁଏନା ।

ପୁଅକୁ ଛାଡିବାକୁ ବନାରସକୁ ଶମ୍ଭୁନାଥ ଗଲାବେଳେ ନିଜଗାଁର ପୋଥିଗାଦିରୁ ସିଦ୍ଧ ନାଗାର୍ଜୁନଙ୍କ 'ମହାନିର୍ବାଣ ତନ୍ତ୍ର' ବହିଟି ନେଇ ଯାଇଥାଂତି । ଚନ୍ଦ୍ରଦୀପଙ୍କୁ ତାହାର ନକଲ ଓ ଟୀକା କରିବାରେ ସେ ସାହାଯ୍ୟ କରି ଆତ୍ମାର ଘଟ ପରିବର୍ତ୍ତନ ଇତ୍ୟାଦି ଗୁଢ ବିଦ୍ୟା ହାସଲ କରିଥାଂତି । ଗାଁକୁ ଫେରି ସେ କୁମୁଦିନୀକୁ ସମ୍ମୋହିତ କରି ଅନ୍ୟତ୍ର ବିବାହ କରିଯିବାକୁ ତା'ର ମନର ପରିବର୍ତ୍ତନ ପାଇଁ ତନ୍ତ୍ର ପ୍ରୟୋଗ କରଂତି । କୁମୁଦିନୀ ଦୀର୍ଘଦିନ ଉପବାସ ଥିବାରୁ ଗୁଣର ଚାପରେ ଅକାଳ ମୃତ୍ୟୁ ବରଣ କରେ । ଚନ୍ଦ୍ରଦୀପଙ୍କ ତତ୍ତ୍ୱାବଧାନରେ ସୁଦୂର ଇଂଲଣ୍ଡରୁ ତାରା ତନ୍ତ୍ରପୀଠ ବିଷୟରେ ଗବେଷଣା କରିବାକୁ ଆସି ପହଂଚନ୍ତି ଅଧ୍ୟାପକ ଷ୍ଟିଭେନ୍ସନ୍ ଓ ତାଙ୍କ ଶିଷ୍ୟ ପ୍ରଦୀପ୍ ଶେଠ୍ ଓ ଶିଷ୍ୟା ରୁବି । ପୁଣ୍ଡରୀକଙ୍କ ଗାଁ ଦେବୀ ତରଂଗିଣୀଙ୍କୁ ସେମାନେ ତାରାଙ୍କର ଦେବୀ ରୂପ ବୋଲି ନିର୍ଣ୍ଣୟ କରି ଭୀଷମ୍‌ପୁରରେ ତାଙ୍କୁ ଧରି ପହଂଚନ୍ତି । ରୁବି ଇତି ମଧ୍ୟରେ ପୁଣ୍ଡରୀକ ଓ କୁମୁଦିନୀର ଗଭୀର ପ୍ରେମ ବିଷୟରେ ସଂଧାନ ପାଇ ଯାଇଥାଂତି । ରୁବି କୁମୁଦିନୀର ପ୍ରେମ ଓ ବିରହ ସହିତ ଏତେ ସହାନୁଭୂତିଶୀଳା ହୋଇ ଯାଇଥାଂତି ଯେ, ସେ ତାଙ୍କ ସହିତ ଏକାତ୍ମ ହୋଇ ପଡିବାକୁ ଭାବଂତି । ଫଳରେ ରୁବି ଦେହକୁ ପଶିଆସେ କୁମୁଦୀନୀର ଆତ୍ମା । କୁମୁଦିନୀ ଲୁଚାଇ ପୋତିଥିବା କେତେକ ପୁରୁଣା ମୁଦ୍ରାକୁ ରୁବି ଖୋଳି ବାହାର କରେ ଓ ପୁଣ୍ଡରୀକ ସହିତ ପୁରୁଣା ଦିନର ପ୍ରେମାଳାପ ସୁରୁଙ୍କରେ ଓଡ଼ିଆରେ ।

ନିରୀହା ବିଦେଶିନୀଙ୍କ ଦେହରୁ ପ୍ରେତାତ୍ମା ଛଡାଇବାର ମନ୍ତ୍ରସବୁ (ଯାହାକି ନାଗାର୍ଜୁନଙ୍କ ପୁସ୍ତକରୁ ଲବ୍ଧ ହୋଇଥାଏ) ଶମ୍ଭୁନାଥଙ୍କୁ ଜଣା । କୁମୁଦିନୀର ଅକାଳ

Digitized by srujanika@gmail.com

ମୃତ୍ୟୁର କାରଣ ମଧ୍ୟ ଶମ୍ଭୁନାଥ । ନିଜର ଓଝାବୃତ୍ତିକୁ ଶମ୍ଭୁନାଥ ଯେ ନିଜେ ସ୍ୱାର୍ଥର ସେବାରେ ଲଗାଇ ଏ କାଣ୍ଡ ଭିଆଇଛି, ସେ ନିଜ ପୁଅ ତଥା ନବୀନ ତାନ୍ତ୍ରିକ ପୁଣ୍ଡରୀକାକ୍ଷ ନିକଟରେ ମାନେ । ନିଜ ଦେହକୁ ମନ୍ତ୍ରବଳରେ କୁମୁଦିନୀର ପ୍ରେତକୁ ସମର୍ପି ଶେଷରେ ଶମ୍ଭୁନାଥ ରୁବିର ଶରୀରକୁ ରକ୍ଷାକରେ । ରୁବି ବଂଚିଉଠେ ଓ ଶମ୍ଭୁନାଥ ଦେହ ଛାଡେ । ଏଇ ହେଉଛି ସଂକ୍ଷେପରେ ଏ ଉପନ୍ୟାସର କଥାବସ୍ତୁ ।

ଶାଂତନୁ ଆଚାର୍ଯ୍ୟ 'ସର୍ପଯାନ' ବୋଲି ଏକ ଗଳ୍ପରେ ଡାଆଣୀ ହେବାର ନିଓ-ବୁଦ୍ଧିଷ୍ଟ୍ ତନ୍ତ୍ରକୁ ପଟ୍ଟଭୂମି କରି ଏକ ପରିବାରରେ ସ୍ୱାମୀ-ସ୍ତ୍ରୀ କିପରି ଡାଆଣୀ ହେବାପରେ ଉଭୟେ ଐହିକ ଜଗତରେ ଅଖଂଡ ସ୍ୱାଧୀନତା ପାଇ ପାରିଛଂତି, ସେଇ ତୀବ୍ରାନୁଭୂତି ବର୍ଣ୍ଣନା କରିଛଂତି । ଡାଆଣୀ ହେବା ବା କାହାକୁ ଭୂତ ଲାଗିବା -ଏଗୁଡାକ ହେଉଛି ଜଣେ ଲୋକର ସେଥିପ୍ରତି ଥିବା ଏକ ଅନୁକୂଳ ମାନସିକତାର ଫଳ । ଭୂତ ଲାଗିଲେ ମଣିଷ ସାଂସାରିକ ବିଧି ବିଧାନ ବାହାରକୁ ଯାଇ ସ୍ୱାଧୀନ ଉପାୟରେ ଓ ଭାବରେ ନିଜର ବ୍ୟବହାର ପ୍ରଦର୍ଶନ କରେ । ମଣିଷ ସେତିକିବେଳେ ନିଜ ଦେହମନରୁ ସଂପୂର୍ଣ୍ଣ ସ୍ୱାଧୀନ ହୋଇଯାଏ । ଶମ୍ଭୁନାଥ ତଦାନୀନ୍ତନ ହିନ୍ଦୁ ଗାର୍ହସ୍ଥ୍ୟରେ ଜଣେ କୁଳବଧୂର ସୀମିତତା ବିଷୟରେ ବୁଝିଥିଲା ଓ ଜଣେ ସକଳ ବନ୍ଧନରେ ଆବଦ୍ଧ କୁଳବଧୂର ମାନସିକ ଆବେଗ ଓ ସ୍ୱାଧୀନତା ପ୍ରତି ଉତ୍କଂଠା ବିଷୟରେ ବୁଝୁଥିଲା । ଭୂତ ଛଡାଇବା ବେଳେ ସେମିତି ନାରୀଙ୍କୁ ସେ ସମବେଦନା ଓ ସହାନୁଭୂତି ସହ ଚିକିତ୍ସା କରୁଥିଲା । ମନୋଜ ବାବୁଙ୍କୁ ସିଧା ସଳଖ ଉଦ୍ଧାର କଲେ କଥାଟା ସ୍ପଷ୍ଟ ହେବ -''ଶମ୍ଭୁନାଥ ଆପଣାର ଅଶ୍ରୁରୋଧ କରି ପାରିଲା ନାହିଁ । ନିଜ ଆଚରଣରେ ଆଚମ୍ବିତ ଏ ବାଳିକାଟିକୁ ସେ କ'ଣ ବା ବୁଝାଇବ ? ସେ ତାକୁ କୁଣ୍ଢାଇ ଧରିଲା । ଆହୁରି ଜୋର୍‌ରେ କାନ୍ଦିଲା ବୁନି । ଶମ୍ଭୁନାଥ ବୁଝୁଥିଲା ଆଜନ୍ମ ଅତଂରଗ ନିଜ ପରିବେଶରୁ ଉତ୍ପାଟିତ ହୋଇ ଏକ ଅଜଣା ଅପରିଚିତ ପରିବେଶରେ ଅଚାନକ ପ୍ରତିରୋପଣ, ସେଠି ଜଣକର ପତ୍ନୀହେଲେ ଅନ୍ୟ ସଭିଂକର ପୋଇଲୀ ହେବାର ବାଧ୍ୟକତା, ତାରୁଣ୍ୟର ବହୁ ଦରଫୁଟା ସ୍ୱପ୍ନର ଏକକଳୀନ ବିଲୟ, ହାଡଭଂଗା ଖଟୁଣି, ସହାନୁଭୂତିଶୂନ୍ୟ ସ୍ୱାମୀର ସ୍ୱାର୍ଥାନ୍ଧ ସରାଗର ଅତ୍ୟାଚାର-ଏ ସବୁର ସମାହାର ଏବଂ ଏ ବେଦନା ଅଭିବ୍ୟକ୍ତିର ସୁଯୋଗର ସଂପୂର୍ଣ୍ଣ ଅଭାବ, ବୁନିର ଅଜ୍ଞାତସାରରେ ଅକସ୍ମାତ୍ ମୁକ୍ତିପାଇଁ ଉଦ୍ଦାମ କ୍ଷୁଧାର ପରିଣତ ହୋଇଛି । ହୋଇଛି ପୁଣି ପ୍ରଚଂଡ ବିଦ୍ରୋହର ଉଦ୍‌ଗିରଣରେ ପରିଣତ । ତାକୁ ଭୂତି ଲାଗୁବୋଲି ସେ ନିଜେ କାମନା କରିଛି, ତାହାହେଲେ ସାଂସାରିକ ବିଧି ବିଧାନରେ ବାହାରକୁ ଚାଲିଯିବାର ସ୍ୱାଧୀନତା ତା'ର ରହିବ ।'' (୧)

ମନୋଜ ବାବୁ ଗାଁ ଗହଳିଠାରୁ ସହରଯାଏ ମିହଳାଂକ ମନସ୍ତତ୍ତ୍ୱର ବିଶ୍ଳେଷଣ ମଧ୍ୟ ମନୋବୈଜ୍ଞାନିକ ଶୈଳୀରେ କରିଛଂତି । ପୁରୁଷମାନଙ୍କଠାରୁ ମହିଳାମାନଙ୍କୁ ବେଶି

Digitized by srujanika@gmail.com

ସଂଖ୍ୟାରେ ଭୂତ ଲାଗୁଛି, ଗୁଣୀ, ଗାରୁଡି କାଟୁ କରୁଛି ବା ସେମାନେ ବେଶି ସଂଖ୍ୟାରେ ପ୍ରେତଗ୍ରସ୍ତ ହୋଇ ପଡୁଛଂତି -ସେଥିପାଇଁ ସେମାନଙ୍କ ବାୟୋଲୋଜିକାଲ୍ ଗଠନତନ୍ତ୍ର ଯେତିକି ଦାୟୀ, ସେମାନଙ୍କ ବିଶେଷ ମାନସିକ ଉନ୍ମୁଖତା ସେତିକି ଦାୟୀ । ମନୋଜ ବାବୁଙ୍କ ଭାଷାରେ-''ରୁବି ପୁଣ୍ଡରୀକକୁ ପଚାରୁଛି -ଯାହା ଜାଣୁଛୁ ଅଧିକାଂଶ ପ୍ରେତାବିଷ୍ଟ ବ୍ୟକ୍ତି ପୁରୁଷ ନୁହଂତି, ମହିଳା । ଭାରତରେ ମହିଳାମାନଂକ ଅବସ୍ଥା ଯାହା ସେ ଦୃଷ୍ଟିରୁ ଏ ଉପସର୍ଗର ମନସ୍ତାତ୍ତ୍ୱିକ ବ୍ୟାଖ୍ୟା ସମ୍ଭବପର ନିଶ୍ଚୟ ।''

ପୁଣ୍ଡରୀକ ଉତ୍ତର ଦେଲା -''ମନସ୍ତାତ୍ତ୍ୱିକ ବ୍ୟାଖ୍ୟା ବହୁ କ୍ଷେତ୍ରରେ ସମ୍ଭବ, ସବୁ କ୍ଷେତ୍ରରେ ନୁହେଁ । ପ୍ରକୃତ କାରଣ, ମହିଳାମାନେ ଅତି ଭୌତିକ ଜଗତପ୍ରତି ଅଧିକ ଉନ୍ମୁଖ । ତାହାହିଁ ପ୍ରକୃତିର ବ୍ୟବସ୍ଥା । ସେମାନେ ଯେଭଳି ଉନ୍ମୁକ୍ତବୋଲି ଆତ୍ମାଟିଏ ସେମାନଙ୍କ ଗର୍ଭକୁ ଅବତରଣ କରି ସନ୍ତାନରୂପେ ଭୂମିଷ୍ଠ ହେବା ସମ୍ଭବପର ହୁଏ । ସନ୍ତାନରେ ରୂପାୟିତ ଏକ ଆତ୍ମାକୁ ଜନ୍ମ ଦେବାଠାରୁ ବଳି ଅଧିକ ଦୈବୀ ଚମତ୍କାର ଆଉ କ'ଣ ଥାଇପାରେ ? ମହିଳା ସେମାନଙ୍କର ଏହି ସହଜାତ ଉନ୍ମୁକ୍ତି ଯୋଗୁ ଅପେକ୍ଷାକୃତ ସହଜରେ ଅନ୍ୟାନ୍ୟ ଅତିଭୌତିକ ଶକ୍ତିର ଆଧାର ବନି ଯାଆନ୍ତି ।'' (୨)

ଅବଶ୍ୟ ଏବେ ଚିକିତ୍ସକ ECT ବଳରେ ମଣିଷର ମସ୍ତିଷ୍କରେ ନମ୍ର ବିଦ୍ୟୁତ୍ ଶକ୍ତି ଚାଳନ କରି ମସ୍ତିଷ୍କର ସ୍ନାୟୁର ଗ୍ରନ୍ଥିରେ ଅଟକି ରହିଥିବା ଭାବରାଜିର ନ୍ୟୁରୋ-ହର୍ମୋନାଲ (Neuro Hormonal) ପ୍ରବାହକୁ ସୁନିଶ୍ଚିତ କରୁଛନ୍ତି । ମଣିଷ ମନରେ ବଦ୍ଧମୂଳ ଧାରଣାକୁ ଏହାଫଳରେ ଦୂରୀଭୂତ କରାଯାଇ ପାରୁଛି । ରକ୍ତରେ ଲିଥିୟମ୍ (Lithium)ର ସ୍ତର କମିଗଲେ ମାନସିକ ଅସ୍ଥିରତା ଓ ବିଚାର ବିଭ୍ରାଟାଦି ସୃଷ୍ଟିହୁଏ ବୋଲି ଏବର ମନୋଚିକିତ୍ସକମାନେ କହନ୍ତି । ତଥାପି ଭୂତଲାଗିବା, ପ୍ରେତ ସବାର ହେବାପରି ଯେଉଁ ପାଗଳପଣକୁ ମନୋବୈଜ୍ଞାନିକମାନେ ବ୍ୟାଖ୍ୟା କରିବା ନିମନ୍ତେ ଏବେ ବି ଅକ୍ଷମ, ତା'ର ସୁଷମ ସମାଧାନ କରି ଦେଇପାରେ ଓଝା ବା ଗୁଣୀର ଚିକିତ୍ସା ।

ଗୁଣୀତତ୍ତ୍ୱର ଉତ୍ସ ହେଉଛି 'ଅଥର୍ବ ବେଦ' । ତାନ୍ତ୍ରିକ ପୂଜାପଦ୍ଧତିରେ ଚମତ୍କାରିତା ଦେଖାଇଦେବା, ଭୂତଗ୍ରସ୍ତଙ୍କୁ ଆରୋଗ୍ୟ କରିବା, ସର୍ପଦଂଶନକୁ ଭଲ କରାଇବା-ଏସବୁ ବ୍ଲାକ୍ ମେଜିକ୍‌ର ଆଦିଭୂମି ହେଉଛି 'ଅଥର୍ବ ବେଦ'ର ମନ୍ତ୍ର । ଆଦିମ କାଳରୁ ଜିନିଷଟିଏକୁ ବିଭିନ୍ନ ଦୃଷ୍ଟିରେ ଦେଖିବା ଆର୍ଯ୍ୟ ଚିନ୍ତାବିଦ୍‌ଙ୍କ ପରଂପରା ହୋଇ ଆସିଛି । ସତ୍ୟର ବହୁଧା ଅଂଶକୁ ଭିନ୍ନ ଭିନ୍ନ କରି ଦେଖିବାକଥା କହିଲା 'ସ୍ୟଦ୍‌ବାଦ୍' । ଦେଖିବା କ୍ରିୟାର ପୁଣ୍ଡରୀକଂକ ତାତ୍ତ୍ୱିକ ବ୍ୟାଖ୍ୟା ଭିତରେ perception ସଂପର୍କରେ ଆମ ଷଡ ଦର୍ଶନର ମତାମତ ପ୍ରତିଫଳିତ ହୋଇଛି । ଲଳିତ କୁମାର, ରୁବି ଓ ଷ୍ଟିଭେନ୍‌ସନ୍‌ଙ୍କ ସହିତ କଥାଭାଷା ହେଲାବେଳେ ବାରଣାସୀ ପ୍ରତ୍ୟାଗତ ପୁଣ୍ଡରୀକ କହୁଛି -''ଦେଖି ପାରିବାଟା କୌଣସି ବିଷୟରେ ଅଭିଜ୍ଞତା ଅର୍ଜନର ଅନ୍ୟତମ ବା ଆଂଶିକ

Digitized by srujanika@gmail.com

ଉପାୟ ମାତ୍ର; ସମୁଦାୟ ଉପାୟ ନୁହେଁ । ତମେ କ'ଣ ମୋର ବା ଏପରିକି ତମର ନିଜର ମନକୁ ଦେଖି-ପାରୁଛ ? ଦେଖିପାରୁ ନାହଁ ବୋଲି ମନର ଅସ୍ତିତ୍ୱ ସଂପର୍କରେ ତମର ସନ୍ଦେହ ଅଛି କି ? ଆଧୁନିକ ମନୋବିଜ୍ଞାନ ସଂଦର୍ଶନ (perception)ର ଇନ୍ଦ୍ରିୟତେର ଦିଗକୁ ଆବିଷ୍କାର କରିଛି । ଏହାର ବହୁ ଯୁଗ ପୂର୍ବରୁ ଭାରତୀୟ ଦାର୍ଶନିକ-ଗଣ ଏ ବ୍ୟାପାରରେ ବହୁତ ଆଗୁଆ ଚିନ୍ତା ମଧ୍ୟ କରି ସାରିଛନ୍ତି ।''

ପ୍ରାୟତଃ କୁମୁଦିନୀର ପ୍ରାଣସତ୍ତା ରୁବିର ଶରୀରରେ ପ୍ରବେଶ କରିଥାଏ । ସେଇ ପ୍ରାଣସତ୍ତାକୁ ବାହାର କରିଦେବାପାଇଁ ଶମ୍ଭୁନାଥ ଓଝା 'ସିଦ୍ଧ ନାଗାର୍ଜୁନ କକ୍ଷପୁଟ' ପୁସ୍ତକର ସହାୟତା ନେଇଛନ୍ତି । ରୁବି ମଧ୍ୟ ବହୁ ପରିମାଣରେ ପୁଣ୍ଡରିକର ପ୍ରେମିକା କୁମୁଦିନୀପ୍ରତି ସହାନୁଭୂତିଶୀଳା ଥିଲା ଯାହା ଫଳରେ କି ତା' ଉପରେ ଆବିଷ୍ଟ କୁମୁଦିନୀର ପ୍ରେତ ବାହାରିଯିବାକୁ ଚଂକିଲାନାହିଁ । ଶମ୍ଭୁନାଥ ନିଜ ଜୀବନସତ୍ତାକୁ ପ୍ରେତ ଉପହାର ଦେବାପରେ ରୁବି ପ୍ରେତଗ୍ରସ୍ତତାରୁ ମୁକ୍ତହେଲା । ଓଝା ଶମ୍ଭୁନାଥ ମଧ୍ୟ ସେତିକିବେଳେ କାୟା ଛାଡିଲେ । ଉପନ୍ୟାସର ଏ ଚମକପ୍ରଦ ଉପସଂହାର କେବଳ ଉପର ଆଲୋଚିତ ତାତ୍ତ୍ୱିକତାକୁ ସମର୍ଥନ ତଥା ଅନୁମୋଦନ କରୁଛି ।

ତନ୍ତ୍ରର ଏ ପ୍ରକାର କରାମତିକୁ ଦର୍ଶାଇ ଉପନ୍ୟାସର ମଧ୍ୟଭାଗରେ ଲେଖକ ଟିପ୍ପଣୀ କରିଛନ୍ତି -''ତନ୍ତ୍ରର ତତ୍ତ୍ୱ ବୈପ୍ଳବିକ । ତନ୍ତ୍ର ଭେଦାଭେଦ ଭାଗକୁ ପ୍ରଶ୍ରୟ ଦିଏନାହିଁ । ଜନ୍ମର ବୈଧତା ଓ ଅବୈଧତାକୁ ମଧ୍ୟ ଗ୍ରାହ୍ୟ କରେନାହିଁ ।'' (ପୃ-୧୧୧) ଶମ୍ଭୁନାଥ ଏକଥା ଜାଣି ସୁଦ୍ଧା ଏତେ ଅସହିଷ୍ଣୁ ହୋଇ ଉଠୁଛନ୍ତି କାହିଁକି ସତୀପ୍ରତି, ତା'ର ଅବୈଧ ସଂତତୀ କୁମୁଦିନୀପ୍ରତି ଓ କୁମୁଦିନୀର ପ୍ରେମିକ ବା ନିଜ ପୁତ୍ର ପୁଣ୍ଡରିକ ପ୍ରତି ?

ତନ୍ତ୍ର ଦର୍ଶନର ବାସ୍ତବରେ ଏକ ବୈପ୍ଳବିକ ଅଂଶ । ଏହା ମଧ୍ୟ ବେଦର ଏକ ଅଂଶ ବିଶେଷ । ବେଦକୁ 'ନିଗମ' କହୁଥିବାବେଳେ ତନ୍ତ୍ରହିଁ 'ଆଗମ'ର ପନ୍ଥା । ତନ୍ତ୍ରର ବିଭିନ୍ନ ଧାରା ମଧ୍ୟରେ -ବୌଦ୍ଧ, ବୈଷ୍ଣବୀୟ, ଶୈବ, ସାକ୍ତ, ଜୈନ୍ୟ ଶାଖା ଅନ୍ତର୍ଭୁକ୍ତ । 'ତନ୍ଦ୍ରାଲୋକର ପ୍ରହରୀ' ରେ ବୌଦ୍ଧତନ୍ତ୍ରକୁ ପଟ୍ଟଭୂମିରୂପେ ଲେଖକ ଗ୍ରହଣ କରିଛନ୍ତି ।

'ତନ୍ତ୍ର ଦର୍ଶନ'ର ସବୁଠୁ ବଡ କଥାହେଲା ଦିବ୍ୟ ଜୀବନର କରୁଣା । ଏସବୁ କଥା ପ୍ରାରବ୍ଧ କମାଣୀର ଫଳଶ୍ରୁତି ମାତ୍ର । ପୁସ୍ତକରେ ଅନ୍ୟତ୍ର ଲେଖକ କହିଛନ୍ତି -''ଯଦି ତୋର ପ୍ରାରବ୍ଧ ତୋତେ ପ୍ରସ୍ତୁତ କରିଥିବ, ତେବେ ଦିନେ ନା ଦିନେ ସେଇଭଳି ଉତ୍ସାହ ଅନୁଭବ କରିବୁ ।'' (ପୃ-୬୬)

ଶମ୍ଭୁନାଥଙ୍କୁ ତାଙ୍କ ପିତା ମୃତ୍ୟୁ ପୂର୍ବରୁ ସବୁକିଛି ପୂର୍ବ ନିର୍ଦ୍ଧାରିତ ମର୍ମରେ ଶେଷ ବାକ୍ୟଟି କହୁଛନ୍ତି । ତହିଁରେ ସେ 'ଅନ୍ତରର ପ୍ରାର୍ଥନା' ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ''ମନେରଖ ବାପା, ମନ୍ତ୍ରତନ୍ତ୍ର, ଯାଗଯଜ୍ଞ-ସବୁର ଉର୍ଦ୍ଧ୍ୱରେ ସବୁଠୁ ବଡ ଅବଲମ୍ବନ ତୋର ଅନ୍ତରର ପ୍ରାର୍ଥନା; ତୋ ପାଇଁ ସବୁଠୁ ବଡ ବଳ ତୋର ବିଶ୍ୱାସ, ସବୁଠୁ

Digitized by srujanika@gmail.com

ବଡ ସହାୟ ଦିବ୍ୟ ଜୀବନଙ୍କ କରୁଣା ।'' (ପୃ-୬୨) ତନ୍ତ୍ର ସହଜିଆ ତତ୍ତ୍ୱ ବନି ଯେତେବେଳେ ଗୌଡିୟର ବିଶ୍ୱାସବାଦ ଓ ଭକ୍ତିବାଦ ସୃଷ୍ଟିକଲା, ଅନ୍ତରର ପ୍ରାର୍ଥନା ଆତ୍ମ ସମର୍ପଣାଦି ସାଧନା ମାର୍ଗରେ ବଡକଥା ହୋଇ ଉଠିଲା । କିନ୍ତୁ ତନ୍ତ୍ରରେ ଭକ୍ତି ଅପେକ୍ଷା ଆତ୍ମ ବିଶ୍ୱାସର ଆବଶ୍ୟକତା ବହୁତ ବେଶୀ ।

ଦାର୍ଶନିକତା ଏ ମନସ୍ତତ୍ୱ ଦୃଷ୍ଟିରୁ ଉପନ୍ୟାସଟି ଗଠନତନ୍ତ୍ର ଓ ବକ୍ତବ୍ୟରେ କିଛି ଖୁଣ ନଥିବା ପରି ଜଣାପଡେ । କିନ୍ତୁ ଗାଳ୍ପିକତା ବା ଗଳ୍ପ ବର୍ଣ୍ଣନାବେଳେ ଗୋଷ୍ପଦ ପାଣିରେ ବିଶ୍ୱ ଦେଖିବାର ପ୍ରବଣତା- ଚୁମ୍ବକରେ କହିବାର ପ୍ରବଣତାର ଶିକାର ହୋଇଛି ଏତେ ଚମତ୍କାର ଉପନ୍ୟାସ । ଏଇଥିଯୋଗୁଁ ଅନେକ ଚରିତ୍ରର ବିକାଶ ପୂର୍ଣ୍ଣରୂପେ ହୋଇ ପାରିନାହିଁ ।

ତନ୍ତ୍ରପରି ଶକ୍ତିଶାଳୀ ଅସ୍ତ୍ରରେ ସଜ୍ଜିତହୋଇ ମଧ୍ୟ ଓଝା ମହାଶୟ ବା ପଣ୍ଡୁରିକ ଯେଉଁଭଳି ଭାବରେ ସାଧାରଣ ଜୀବନଯାପନ, ନିଷ୍ପୃହ ଜୀବିକା ନିର୍ବାହରେ ବ୍ରତୀ ହୋଇ ଚାଲିଛନ୍ତି, ତାହାଦେଖି ଗୀତାରେ କଥିତ ଜଣେ ଯୋଗୀର ଚରିତ୍ର ଆମ ଆଗରେ ସାକାର ହୋଇଥିବା ପରି ପ୍ରତୀତ ହୁଏ । ତନ୍ତ୍ରକୁ ଜଗତର କଲ୍ୟାଣରେ ଲଗାଇବାର ଝୁଙ୍କ ବିଷୟରେ ଚିତ୍ରଣ କରି ଲେଖକ କେବଳ ନିଜ ମନଭୂମିରେ ଉପସ୍ଥିତ ଓଲଟ୍ଟଇଷ୍ଟିକ ଦିଗ ବିଷୟରେ ଆମକୁ ସଚେତନ କରାଇ ଦେଇଛନ୍ତି । ତନ୍ତ୍ରର ବୈପ୍ଳବିକ ପ୍ରୟୋଗରେ ବୃହତ୍ତର ମାନବତାର କଲ୍ୟାଣ ଯେ ସମ୍ଭବ, ଏଇ ସଂଦେଶ ଏଇ ଉପନ୍ୟାସ ଦିଏ ।

• ୩, ଅଙ୍ଗାରଗଡିଆ,
ବାଲେଶ୍ୱର-୭୫୬ ୦୦୧

Digitized by srujanika@gmail.com

ମନୋଜଙ୍କ ବିଚାରରେ ଭାରତର ଐତିହ୍ୟ

ଡକ୍ଟର ଶିରୀଶ ଚନ୍ଦ୍ର ଜେନା

।। ଏକ ।।

କଥାକାର ମନୋଜ ଦାସଙ୍କ ପ୍ରତିଭା ଅନନ୍ୟ ଓ ଅସାଧାରଣ । ତାଂକର ଗଳ୍ପ କାନ୍‌ଭାସ୍ ଯେପରି ବିସ୍ତୀର୍ଣ୍ଣ, ସେହିପରି ଭାରତର ଐତିହ୍ୟ ଓ ପରଂପରାକୁ ବୁଝିବା ପାଇଁ ତାଂକର ଆଜୀବନ ଅନ୍ୱେଷଣ ବେଶ୍ ଚମକପ୍ରଦ । ଦିନେ ଯିଏଥିଲେ ବିପ୍ଳବୀ ଛାତ୍ରନେତା, ସିଏ ପୁଣି ଯୌବନର ପକ୍ୱ ଅବସ୍ଥାରେ ବରିନେଲେ ପଣ୍ଡିଚେରୀ ଆଶ୍ରମରେ ଜୀବନବ୍ୟାପି ଅଦମ୍ୟ ସାଧନା ଓ ମଣିଷ ଜାତିଟା ପାଇଁ ସୃଷ୍ଟିକଲେ ସାଂସ୍କୃତିକ ନବ ନବ ସର୍ଜନା କିମ୍ୱା ଆରମ୍ଭ କଲେ ନୂତନ-ଏଷଣା । ଏହି ଏଷଣାବୋଧହିଁ ତାଙ୍କୁ କରିଛି କେତେବେଳେ ସଂପାଦକ (‘ଦିଗନ୍ତ’-୧୯୫୦-୫୧ ଓ ୧୯୫୬-୬୩, ‘ଦି ହେରିଟେଜ୍’ -୧୯୮୫-୮୯) କେତେବେଳେ ବା ସ୍ତମ୍ଭକାର, ଆଉ କେତେବେଳେ ବା ଭ୍ରମଣ କାହାଣୀ ଲେଖକ କିମ୍ୱା କଥାକାର ଅବା ପ୍ରାବନ୍ଧିକ । ତାଂକର ପ୍ରତିଭା ଏବଂ ସେ ପ୍ରତିଭାକୁ ନିୟୋଜନ କରିବା ପାଇଁ ଉପଯୁକ୍ତ ପ୍ରଜ୍ଞାର ନିଦର୍ଶନ ସମଗ୍ର ବିଶ୍ୱସାହିତ୍ୟର ତଦ୍‌ବିଦ୍‌ମାନେ ଏହା ଭିତରେ ପାଇସାରିଛନ୍ତି । ଏଥିପାଇଁ ବିଶିଷ୍ଟ ସାମ୍ୱାଦିକ ଏମ୍.ଭି. କାମାଥ୍, ‘ଦି ଉଇକ୍’ ପତ୍ରିକାର ଲେଖିଥିଲେ-‘‘ମନୋଜ ଦାସ ବୋଇଲେ କ’ଣ ? ଜଣେ ସମାଜ-ସମୀକ୍ଷକ ? ଜଣେ ମନୋବିଜ୍ଞାନୀ ? ଅନ୍ୟର ହୃଦୟ ଚୋରାଇ ପଢି ନେଇ ପାରୁଥିବା ଜଣେ କୁଶଳୀ ? ନା ଜଣେ ଗଳ୍ପ ଲେଖକ ? ଏକ ଆରକୁ ବଳି ତାଙ୍କ ଗଳ୍ପ ସବୁ ପଢିଲେ ମୁଁ ଅନୁଭବ କରେ ଯେ ସେ ଏସବୁର ସମାହାର -ପୁଣି ଜଣେ ଅଦ୍ୟମ ଭାରତୀୟ ।’’

।। ଦୁଇ ।।

ଏହିପିର ଜଣେ ଅଦମ୍ୟ ଭାରତୀୟ ମନୋଜ ଦାସହିଁ ବାସ୍ତବରେ ଚିହ୍ନିଛନ୍ତି ଭାରତର ଆତ୍ମାକୁ -ଜନ ଜୀବନର ଅସଲ ସ୍ୱରୂପକୁ । ତାଂକର ସାହିତ୍ୟିକ ତଥା ପ୍ରାତ୍ୟହିକ ଜୀବନର ପ୍ରେରଣାର ଉତ୍ସ ଯୋଗୀ ଶ୍ରୀ ଅରବିନ୍ଦ ସ୍ୱାଧୀନତାର ସଶସ୍ତ୍ର

Digitized by srujanika@gmail.com

ସଂଗ୍ରାମରୁ ଓହରି ଯାଇ ସମଗ୍ର ଭାରତୀୟମାନଂକ ପାଇଁ ଆଧ୍ୟାତ୍ମିକ ସନ୍ଦେଶ ପରିଗ୍ରହଣ ନିମିତ୍ତ ଦୀର୍ଘବର୍ଷ ବ୍ୟାପି ନିକାଞ୍ଚନରେ କୃଚ୍ଛ୍ର ସାଧନା କରିଯାଇଛନ୍ତି । ସେହି ସାଧନା-ସମ୍ଭୂତ ଆଶୀର୍ବାଦ ଭିତରେ ଅହରହ ଜୀବନଯାତ୍ରା କରୁଥିବା ମନୋଜ ଭାରତର ପ୍ରାଚୀନତାଠାରୁ ଆରମ୍ଭ କରି ବେଦ, ବେଦାନ୍ତ, ଉପନିଷଦ, ପୁରାଣ, ଯୋଗ, କର୍ମ, ମନ୍ତ୍ର, ଯଜ୍ଞ, ବିଭିନ୍ନ ଧାର୍ମିକ ଚେତନା, ଦେବତାମାନଙ୍କର ସ୍ୱରୂପ, ପ୍ରାଚୀନ ନଦୀ, ଜନପଦ, କଳ୍ପକଥା, ଦିବ୍ୟସ୍ଥାନ, ମହାନ ଋଷି, ଭିନ୍ନ ଭିନ୍ନ ସଂପ୍ରଦାୟ, ମାୟାବାଦ, ଶିକ୍ଷା ପ୍ରଣାଳୀ, ବିଜ୍ଞାନ, ଗଣିତ ପ୍ରଭୃତି ଅସଂଖ୍ୟ ବିଷୟରେ ନିଜ ବିଚାର ଧାରାକୁ ଜନମାନସ ଆଗରେ ଉପସ୍ଥାପିତ କରିଛନ୍ତି ।

ଗାଳ୍ପିକ ଭାବେ ସେ ଓଡ଼ିଶାର ସମସ୍ତ ଅଭିଜାତ ପାଠକଂକ ପାଖରେ ବେଶ୍ ଚିହ୍ନରା -ସେହିପରି ଜଣେ ସୁଦକ୍ଷ ସ୍ତମ୍ଭକାର ଭାବେ ଓଡ଼ିଶାର ଉଭୟ ଅଭିଜାତ ତଥା ସାଧାରଣ ଜନମାସନର ଅତି ଆପଣାର । ଓଡ଼ିଶାର ସମ୍ବାଦପତ୍ର ମାନଙ୍କରେ ମୁକ୍ତ ବିଚାରର ସ୍ତମ୍ଭ (ଫ୍ରିଲାନ୍‌ସ) ଲେଖିବାରେ ସେ ଅଗ୍ରଣୀ କିହଲେ ଅତ୍ୟୁକ୍ତି ହେବନାହିଁ । ଗତ ଶତାବ୍ଦୀର ଷଷ୍ଠ ଦଶକରେ ଅଧୁନା ଲୁପ୍ତ ଦୈନିକ 'ଜନଶକ୍ତି'ରେ ସେ ଏହା ଆରମ୍ଭ କରିଥିଲେ । ପରେ 'ସମାଜ' ଦୈନିକ ସମ୍ବାଦପତ୍ରରେ ନିୟମିତ ସାପ୍ତାହିକ ସ୍ତମ୍ଭ ଲେଖି ରମ୍ୟଧର୍ମୀ ସାମ୍ବାଦିକତାରେ ଏକ ପରମ୍ପରା ସୃଷ୍ଟି କରିଥିଲେ । ଜାତୀୟ ସ୍ତରରେ 'ଟାଇମସ୍ ଅଫ ଇଣ୍ଡିଆ', 'ହନ୍ଦୁସ୍ଥାନ ଟାଇମ୍‌ସ' ଏବଂ 'ଦି ହିନ୍ଦୁ'ରେ ମଧ ତାଙ୍କ ସ୍ତମ୍ଭ ପାଠକ ସମାଜରେ ଅତ୍ୟନ୍ତ ଆଗ୍ରହ ସୃଷ୍ଟି କରିଥିଲା । 'ଧରିତ୍ରୀ' ସମ୍ବାଦପତ୍ର ପୃଷ୍ଠାରେ ପ୍ରକାଶିତ ହେଉଥିବା ସ୍ତମ୍ଭପାଇଁ ପାଠକମାନେ ଆଗ୍ରହରେ ସପ୍ତାହଟିଏ ଅପେକ୍ଷା କରୁଥିଲେ । ତାଂକର 'କେତେ ଦିଗନ୍ତ', 'ସମାଜ' ଓ 'ଧରିତ୍ରୀ'ରେ ପ୍ରକାଶିତ ରଚନା ଗୁଡ଼ିକରେ ଆମ ଭାରତବର୍ଷର ଐତିହ୍ୟର କଥା ଏତେ ସରଳ ତଥା ପ୍ରାଞ୍ଜଳଭାବେ ବୁଝାଇ ଦିଆଯାଇଛି ଯେ ପାଠକ ପଢ଼ିଲାମାତ୍ରେ ଏହି ପବିତ୍ର ମାଟିର ଆଧ୍ୟାତ୍ମିକ ଚେର କେତେ ଯେ ଗଭୀର ତାହା ସହଜରେ ଅନୁମାନ କରି ନେଇଥାଏ ।

ଭାରତବର୍ଷ ଗୋଟିଏ ମହାଜାତିର ରାଷ୍ଟ୍ରଖଣ୍ଡ; ଯାହାର ଅନ୍ୟନାମ ଥିଲା ଜମ୍ବୁଦ୍ୱୀପ । ''ସେତେବେଳେ ବହୁ ମୂଳକ ବା 'ଖଣ୍ଡ'ର ସମାବେଶରେ ଏ ମହାଜାତିର ପରିଚୟ ଗଢ଼ି ଉଠିଥିଲା; ଯଥା-ଇନ୍ଦ୍ରଦ୍ୱୀପ, ତାମ୍ରବର୍ଣ୍ଣ, ନାଗଦ୍ୱୀପ, ସୌମ୍ୟ, ଗାନ୍ଧାର, ବରୁଣ ।'' ଏହି ସବୁ ରାଷ୍ଟ୍ରର ଭୌଗୋଳିକ ସୀମା ସରହଦ ନଥିଲା, ବରଂଚ ଏକ ସାଂସ୍କୃତିକ ବିଶେଷତ୍ୱ ଦ୍ୱାରା ଏମାନେ ଚିହ୍ନିତ ହେଉଥିଲେ । ଏହି ସାଂସ୍କୃତିକ ବିଭିନ୍ନତାକୁ ସମଗ୍ର ଦେଶର ଜନସାଧାରଣ ଆଦରରେ ଗ୍ରହଣ କରିଥିଲେ । ଭିନ୍ନ ଭିନ୍ନ ସଂସ୍କୃତିରୁ ଆସିଥିବା ମଣିଷମାନଙ୍କ ଭିତରେ ଅନ୍ୟ ସଂସ୍କୃତିକୁ ଚିହ୍ନିବାର, ଭଲ ପାଇବାର ଏକ ମୋହ ଥିଲା; ଆଦୌ ବିଦ୍ୱେଷ ଭାବ ନଥିଲା । ଗୋଟିଏ ପ୍ରକାର ଭାବଗତ ଏକତା

Digitized by srujanika@gmail.com

ଭିତରେ ସବୁ ସଂପ୍ରଦାୟର ଲୋକ ବାନ୍ଧି ହୋଇଯାଇଥିଲେ । ମନୋଜଙ୍କ ଭାଷାରେ ଏହି ଭାବଗତ ଶକ୍ତିଟି ହେଉଛି ଭାରତରଆଧ୍ୟାତ୍ମିକତା । ଏ ଦେଶର ଏହି ଚେତନାଟି ଏକ ମହତ୍ତର ଗୋଷ୍ଠି ଦ୍ୱାରା ବିକାଶ ଲାଭ କରିଥିଲା । ''ଋଷି ଭାବରେ ସେମାନେ ବିଦିତ । ଏହିମାନଙ୍କ ଅନୁଭୂତ ପ୍ରେରଣା ଭିତରୁ ନିର୍ଗତ ହୋଇଛି ଏ ଜାତିର କାବ୍ୟ, କବିତା, ଶିଳ୍ପକଳା, ଶିକ୍ଷା, ଦର୍ଶନ ତଥା ସଂସ୍କୃତିର ଅନ୍ୟାନ୍ୟ ବିଭାବ ।''

ଭାରତର ଆଧ୍ୟାତ୍ମିକତା ଇଂରାଜୀ 'Sprirtualism'' ନୁହେଁ, ଏହାର ବହୁ ଉର୍ଦ୍ଧ୍ୱରେ । ଏହାର ପ୍ରକୃତ ସ୍ୱରୂପ ହେଉଛି-''ଆମ ଅନ୍ତର୍ସତ୍ତାକୁ ଜାଣିବା....ଯାହାକି ଆମ ମନ, ପ୍ରାଣ ଏବଂ ଦେହଠୁଁ ଭିନ୍ନ ।'' (ଦିବ୍ୟ ଜୀବନ, ଶ୍ରୀ ଅରବିନ୍ଦ) । ''ସେହି ସତ୍ତା ସବୁ ଏକ ହୋଇଯିବାର ଅଭୀପ୍ସା । ଏକ ଅସୀମ ଚେତନା, ଯାହାର ଅନ୍ତର୍ଭୁକ୍ତ ଏ' ବିଶ୍ୱମଣ୍ଡଳ, ତା' ବିଷୟରେ ଚେତି ଉଠିବା । ତା' ସ୍ପର୍ଶରେ ନିଜ ସୀମିତ ଚେତନାର ରୂପାନ୍ତର ସାଧନାହିଁ ଆଧ୍ୟାତ୍ମିକତାର ପରବର୍ତ୍ତୀ କଥା ।'' ଆଧ୍ୟାତ୍ମିକତା ଆତ୍ମ ସର୍ବସ୍ୱ ମଣିଷକୁ ମୁକ୍ତିଦିଏ । ଅହଂ ରହିତ କରି ପବିତ୍ର କରାଏ । ଅବମୂଲ୍ୟବୋଧରୁ ଉତ୍ତୀର୍ଣ୍ଣ କରାଇ ସତ୍ୟର ନିକଟବର୍ତ୍ତୀ କରାଏ । ଏହାର ପ୍ରତିଶବ୍ଦ ସନ୍ନ୍ୟାସ ବା ବୈରାଗ୍ୟ ନୁହେଁ । ମାତ୍ର ଆମ ଭାରତବର୍ଷରେ ବହୁକାଳରୁ ଯୋଗ ଏବଂ ଆଧ୍ୟାତ୍ମିକତାକୁ ସନ୍ନ୍ୟାସ ସହିତ ଯୋଡି ଦିଆଯାଇଛି । ସନ୍ନ୍ୟାସ ହେଉଛି ଆଧ୍ୟାତ୍ମିକ ଅନ୍ୱେଷଣର କେବଳ ଗୋଟିଏ ମାର୍ଗ ମାତ୍ର । ଗୀତାରେ ଯୋଗର ଚାରୋଟି ଧାରା ଦେଖାଇ ଦିଆଯାଇଛି; ଯଥା-ରାଜଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ । ଏହି ଚାରୋଟି ଯାକ ପରସ୍ପର ପରସ୍ପର ସହ ସଂପୃକ୍ତ । ଶ୍ରୀ ଅରବିନ୍ଦ ବିଭିନ୍ନ ଯୋଗଧାରାର ସାରତତ୍ତ୍ୱ ଭିତରେ ସମନ୍ୱୟ ସାଧନ କରି 'ପୂର୍ଣ୍ଣଯୋଗ'ର ଆଦର୍ଶ ଦେଖାଇଛନ୍ତି । ଯୋଗ ସଂପର୍କରେ ଲେଖକ ଶ୍ରୀ ଅରବିନ୍ଦଙ୍କ ମତ ସହ ଏକମତ ହୋଇ ତାଂକରି ଉକ୍ତିହିଁ ପ୍ରତିପାଦନ କରି କହିଛନ୍ତି - "The passage from the lower to the higher is the aim of yoga; and this passage may effect itself by the rejection of the lower and escape into the higher- the ordinary viewpoint, or by the transformation of the lower and its elevation to higher nature. It is the rather, that must be the aim of an integral yoga."

ଏ ଦେଶର ପ୍ରାଙ୍ଗଣରେ ଆଧ୍ୟାତ୍ମିକତାର ଅନେକ ପରୀକ୍ଷା-ନିରୀକ୍ଷା କରାଯାଇଛି । ସେହିପରି ଏହି ତତ୍ତ୍ୱର ସଂପୂର୍ଣ୍ଣ ବିରୋଧୀ ତତ୍ତ୍ୱର ମଧ୍ୟ ପରୀକ୍ଷା କରାଯାଇ ପାରିଛି । ସେହି ବିରୋଧୀ ତତ୍ତ୍ୱଟି ହେଉଛି ନାସ୍ତିକବାଦ । ପ୍ରାଚୀନ ଭାରତରେ ନାସ୍ତିକବାଦ ଭିତ୍ତିକ ଯେତେ ଗୋଷ୍ଠୀଥିଲେ, ସେମାନଙ୍କ ଭିତରେ ସବୁଠାରୁ ବଡ ପ୍ରବକ୍ତା ହେଉଛନ୍ତି ଚାର୍ବାକ୍ । ତାଙ୍କ ବ୍ୟତୀତ ଆଉ ଯେଉଁ ନୀରଶ୍ୱରବାଦର ଘୋଷକ ଥିଲେ

Digitized by srujanika@gmail.com

ସେମାନେ ହେଉଛନ୍ତି ଆଜୀବକ, ଗୋଶାଳା ଏବଂ ଜାବାଳ ପ୍ରଭୃତି । ଏମାନଂକ ତତ୍ତ୍ୱର ପୃଷ୍ଟପୋଷକତା ସମାଜ କସ୍ମିନ୍‌କାଳେ କରିନାହିଁ । ସେମାନଂକ ଯୁକ୍ତିଭିତ୍ତିକ ତତ୍ତ୍ୱରାଜି କାଳର କଷଟି ପଥରରେ ପରଖ କରାଯାଇଛି ଓ ଭାରତର ଐତିହ୍ୟ ତାହାକୁ ସାଇତି ରଖିନାହିଁ ।

ଭାରତର ଐତିହ୍ୟ କଥା ବିଚାର କରୁଥିଲା ବେଳେ ମନୋଜ ଆମ ଦେବଦେବୀଙ୍କ କଥା ଆଲୋଚନା ପରିସରଭୁକ୍ତ କରିଛନ୍ତି । ସେ କହନ୍ତି-''ଦେବଦେବୀ ମାନଂକୁ ଏକ ଏକ ବାସ୍ତବତା'' ବୋଲି ସ୍ୱୀକାର କରି ମଣିଷ ଅହଂ କବଳିତ ହୋଇ ନିଜେ ବିଶ୍ୱାସ କରୁଥିବା ଦେବତା ବା ଦେବୀଙ୍କୁ ବଡ ବୋଲି ଭାବେ । ତଦ୍ୱାରା ଗୋଷ୍ଠୀ ଉପୁଜେ, ବିରୋଧାଭାସ ସୃଷ୍ଟିହୁଏ । ମାତ୍ର ମନେ ରଖିବା ଉଚିତ ଯେ ମହତ୍ତମ ଦିବ୍ୟସତ୍ତା ଭିତରେ ହଜିଯାଇଥବା ମଣିଷଟି ପାଇଁ ସବୁ ଦେବଦେବୀ ସେହି ଦିବ୍ୟଶକ୍ତିରେ ହିଁ ଅନ୍ତର୍ଭୁକ୍ତ ।

ପଶୁପକ୍ଷୀ ପୂଜନ ପ୍ରକ୍ରିୟା ସମଗ୍ର ପୃଥିବୀରେ ବିଭିନ୍ନ ଜାତିମାନଂକ ଭିତରେ ରହିଥିଲା । ଏହାର କାରଣ ଭାବେ ନୃତତ୍ତ୍ୱ, ସମାଜତତ୍ତ୍ୱ କିମ୍ୱା ଇତିହାସ ଏବଂ ପ୍ରତୀକବାଦକୁ ଲେଖକ ଗ୍ରହଣ କରିଛନ୍ତି । ଖାଦ୍ୟ ଅନ୍ୱେଷଣଠାରୁ ଆରମ୍ଭ କରି ସନ୍ତରଣ, ବୃକ୍ଷାରୋହଣ ଓ ଆକାଶରେ ଉଡ୍ଡୟନ ଭଳି ଅନେକ କଥା ମଣିଷ ପଶୁପକ୍ଷୀ ମାନଂକ ଠାରୁ ଶିକ୍ଷାଲାଭ କରିଛି । ପୁନଶ୍ଚ ପ୍ରକୃତିର ଭୟାବହ ରୂପର ଆଭାସ ସେ ଏହିମାନଂକଠାରୁ ପାଏ ଏବଂ ସର୍ବୋପରି ସେମାନଂକର (ଇତର ପ୍ରାଣୀ ବିଶେଷ) ସୃଷ୍ଟି ସେଇ ଏକା ବ୍ରହ୍ମ ଉତ୍ସରୁ । ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ମଣିଷର ଅଭିବୃଦ୍ଧି ପଛରେ ଏହି ପଶୁମାନଙ୍କର ଅବଦାନ ଯଥେଷ୍ଟ ବେଶି । 'ଗୋମାତା'ର କ୍ଷୀର ପ୍ରଦାନ, ପୁଣି କୃଷି କର୍ମରେ ନିୟୋଜନ ମଣିଷକୁ ସେହି ପଶୁପାଇଁ ଏକ ଶ୍ରଦ୍ଧାଶୀଳ ଭାବର ଉନ୍ମେଷ କରାଇ ପାରିଥିଲା । ତୃତୀୟରେ ପଶୁମାନେ ବିଭିନ୍ନ ପ୍ରତୀକ ଭାବେ ତାର ସ୍ୱପ୍ନ ରାଜ୍ୟରେ ବିଚରଣ କରନ୍ତି; ଯେପରି ସର୍ପ । ଆଧ୍ୟାତ୍ମିକ ଶାସ୍ତ୍ରରେ ଏହାକୁ ସୁପ୍ତ ଶକ୍ତି ବୋଲି ଅଭିବ୍ୟଂଜିତ କରାଯାଇଛି । ମହାକାଳ ମହାଦେବଂକ ଅଳଙ୍କାର ହୋଇପଡିଛି ମଧ୍ୟ ସର୍ପ । ଏହିସବୁ କାରଣ ପାଇଁ ଅତୀତରେ ପଶୁପକ୍ଷୀମାନଂକୁ ପୂଜା କରିବାର ବିଧି ପ୍ରଚଳିତ ଥିଲା ।

ଭାରତର ଐତିହ୍ୟର ବଡଦିଗ ହେଉଛି ଏହାର ଭାଷା ଓ ସାହିତ୍ୟ । ଏ ସଂପର୍କରେ ଅନେକ କଥାର ଅବତାରଣା କରିଛନ୍ତି ମନୋଜ ଦାସ । ଆମ ଏହି ଭାରତର ପ୍ରାଚୀନତମ କଳ୍ପକଥା (Fable)ଟି ହେଉଛି 'ପଞ୍ଚତନ୍ତ୍ର' । ଏହା ବୋଧହୁଏ ପୃଥିବୀର ଆଦ୍ୟତମ କଳ୍ପକଥା । ଏଥିରେ ଯେଉଁ ପାଞ୍ଚଗୋଟି ବିଭାଗ (ଯଥା- 'ମିତ୍ରଭେଦ', 'ମିତ୍ରଲାଭ', 'କାକୋଲୂକୀୟମ୍', 'ଲବ୍ଧ ପ୍ରଣାଶ' ଏବଂ

Digitized by srujanika@gmail.com

'ଅପରୀକ୍ଷିତକାରକ') ଅମଣିଆ ରାଜପୁତ୍ରମାନଂକୁ ଉତ୍ତମ ମଣିଷରେ ରୂପାନ୍ତରିତ କରିଥିଲା, ତାର ପ୍ରବକ୍ତା ଥିଲେ ବିଷ୍ଣୁଶର୍ମା । ତାଙ୍କ ସଂକଳିତ ଲେଖା ହୁଏତ ବିଲୁପ୍ତ; ମାତ୍ର ପଞ୍ଚତନ୍ତ୍ର କାହାଣୀ ପୃଥିବୀର ସବୁ ଭାଷା ଓ ସାହିତ୍ୟକୁ ରୂପାନ୍ତରିତ ହୋଇଯାଇଛି । ସେହିପରି ଏହି ଆର୍ଯ୍ୟ ଭୂମିରେ ସୃଷ୍ଟି ହୋଇଥିବା ସୋମଦେବ ପ୍ରଣୀତ 'କଥାସରିତ୍ ସାଗର' ହିଁ ପୃଥିବୀର ପ୍ରଥମ ବିଧିବଦ୍ଧ କଥା ସାହିତ୍ୟ ରୂପେ ମାନ୍ୟତା ପ୍ରାପ୍ତ ହୋଇଛି । ଅବଶ୍ୟ ଏହା ପଣ୍ଡିତ ଗୁଣାଢ୍ୟଙ୍କର 'ପିଶାଚ ଭାଷା' (ସାଧାରଣ ଭାଷା)ରେ ଲିଖିତ କାହାଣୀମାଳାର ଗୋଟିଏ ଅଂଶ । 'ପଞ୍ଚତନ୍ତ୍ର' ଭଳି ଏହାର ସବୁ ଗଳ୍ପ ନୀତିଶିକ୍ଷା ମୂଳକ ନୁହେଁ, ଏସବୁ ବାସ୍ତବ ଜୀବନର ଚିତ୍ର । ଚମତ୍କାର ଚିତ୍ରକଳ୍ପ ଓ ଉପମାରେଏହା ସମୃଦ୍ଧ । ବିଶ୍ୱ ସାହିତ୍ୟ ଉପରେ ଏହାର ପ୍ରଭାବ ବ୍ୟାପକ ।

ଭାରତର ଐତିହ୍ୟକୁ ସାଧାରଣ ମଣିଷଙ୍କୁ ବୁଝାଇବାକୁ ଯାଇ 'ପୁରାଣଗାଥା' ଓ 'କିମ୍ବଦନ୍ତୀ' ଗୁଡ଼ିକର ଉପାଦେୟତାକୁ ଲେଖକ ମନୋଜ ଦାସ ଅନୁଭବ କରିଛନ୍ତି । ସେ ଏଗୁଡ଼ିକୁ ତୁଚ୍ଛା ଗାଲୁଗଳ୍ପ କିମ୍ବା କାଳ୍ପନିକ କାହାଣୀ ନୁହେଁ ବୋଲି ଉଲ୍ଲେଖ କରିଛନ୍ତି । 'ପୁରାଣ ଗାଥା' ରେ ହୁଏତ ଅତିରଂଜନ ଅଛି; ମାତ୍ର ସେ ଗୁଡ଼ିକ ଅବାସ୍ତବ ନୁହନ୍ତି । 'ନଚିକେତା ଉପାଖ୍ୟାନ'ର ଉଦାହରଣ ମାଧ୍ୟମରେ ଏହାର ସୂକ୍ଷ୍ମ ଅବବୋଧ ତଥା ଅନୁଚିନ୍ତନ କଥା ଲେଖକ ଉତ୍‌ଥାପିତ କରିଛନ୍ତି । ସେହିପରି ଅତୀତ ଜୀବନ ସଂଗ୍ରାମ, ମଣିଷର ଚିରଂଜିବୀ ଆସ୍ପୃହା, ଅପରାଜିତ ଆଶା ଅଥବା ଦିବ୍ୟକନ୍ୟାର ପରାକାଷ୍ଠା 'କିମ୍ବଦନ୍ତୀ' ବହନ କରି ଜନମାନସରେ ସବୁଦିନ ପାଇଁ ବଞ୍ଚିରହେ । ବାସ୍ତବରେ ''କିମ୍ବଦନ୍ତୀ' ଓ 'ପୁରାଣଗାଥା' ଗୋଟିଏ ମହାଜାତିର ଚୈତ୍ୟ ସ୍ୱରୂପ ବୁଝିବା ଦିଗରେ ସବୁଠୁଁ ମୂଲ୍ୟବାନ ଅବଲମ୍ବନ ।''

ଭାରତ ବର୍ଷରେ ବିଭିନ୍ନ ଭାଷାମାନଂକ ଭିତରେ ସଂସ୍କୃତ ଓ ତାମିଲ ଭାଷାକୁ ପ୍ରାଚୀନ ଭାଷା ଭାବେ ଲେଖକ ଗ୍ରହଣ କରିଛନ୍ତି । ଡୁରାଣ୍ଟଙ୍କ ଭଳି ବିଶିଷ୍ଟ ଐତିହାସିକ ସଂସ୍କୃତ ଭାଷାକୁ ୟୁରୋପ ଭାଷା ସମୂହର ଜନନୀ ବୋଲି ସ୍ୱୀକାର କରିଛନ୍ତି । ସେହିପରି ଲେଖକ ସଂସ୍କୃତ ଭାଷାକୁ ପ୍ରାଚୀନତମ ଭାଷା ଭାବେ ଅବିହିତ କରିବାପାଇଁ ଆମେରିକାନ୍ ବିଶେଷଜ୍ଞ ଶ୍ରୀମତୀ ଜୁଡିଥ୍ ଟାଇବାର୍ଗ (The Language of the Gods) ଏବଂ କେ.ଏମ୍. ପାନିକର୍ (Essential features of Indian Culture) ଙ୍କ ମତକୁ ଉଦ୍ଧାର କରିଛନ୍ତି । ସେହିପରି ୟୁରୋପୀୟ ବିଦ୍ୱାନ୍‌ମାନଙ୍କ ପ୍ରଚାର ଫଳରେ ତାମିଲ୍ ଭାଷା ଭିନ୍ନ ଏକ ଉତ୍ସରୁ ଆରମ୍ଭ ବୋଲି ବହୁ ଭାରତୀୟ ବିଶ୍ୱାସ କରନ୍ତି । ମାତ୍ର ଏପରି ଯୁକ୍ତି ଭିତ୍ତିହୀନ ବୋଲି ଏବେ ପ୍ରମାଣିତ ହୋଇଛି ଏବଂ ଉଭୟ ସଂସ୍କୃତ ଓ ତାମିଲ୍ ଏକ ଉତ୍ସରୁ ସମ୍ଭୂତ ବୋଲି ଏବେ ପଣ୍ଡିତମାନେ ପ୍ରମାଣ ପାଇସାରିଲେଣି । ଇତିହାସ ରଚନାର

Digitized by srujanika@gmail.com

ପରଂପରା ଭାରତବର୍ଷରେ ଥିଲା । କଲ୍‌ହଣଙ୍କ ଆଠଭାଗ ସମନ୍ୱିତ 'ରାଜତରଙ୍ଗିଣୀ' ହିଁ ପ୍ରଥମ ଇତିହାସ ଗ୍ରନ୍ଥଭାବେ ପରିଗଣିତ ହୁଏ । ବୌଦ୍ଧ-ଜାତକ-କାହାଣୀମାଳା ପ୍ରାଚୀନ ଭାରତର ଆଉ ଏକ ସର୍ଜନାତ୍ମକ ନିଦର୍ଶନ । ଜନପ୍ରିୟ ରଚନା ଭାବେ ଏହାକୁ ସମସ୍ତେ ନିର୍ବିବାଦରେ ଗ୍ରହଣ କରିନେଇଛନ୍ତି । ଲେଖକଙ୍କ ମତରେ ଜାତକ କାହାଣୀ (ସିଂହଚର୍ମ ଜାତକ ନାମକ କାହଣୀ) ସୁଦୂର ଗ୍ରୀସ୍‌ରେ ପହଞ୍ଚି ପ୍ଲାଟୋଙ୍କ ଲେଖାରେ ଆତ୍ମପ୍ରକାଶ କରିଥିଲା । ଖ୍ରୀ.ପୂ. ୩୮୦ ବେଳକୁ ଏହି କାହାଣୀମାଳା ସୃଷ୍ଟି ହୋଇଗଲାଣି । ବୈଶାଳୀଠାରେ ଅନୁଷ୍ଠିତ ବୌଦ୍ଧ ମହାସଭାରେ ଏହି ଜାତକ କାହାଣୀମାଳାରୁ କେତେକ ପରିବେଷିତ ହୋଇଥିଲା ।

ଭାରତର ନାଟ୍ୟକଳା ଅତ୍ୟନ୍ତ ପ୍ରାଚୀନ । ନାଟ୍ୟକଳାର ବୀଜ ବେଦରେ ନିହିତ ଥିବାର ଦର୍ଶାଯାଇଛି । 'ନାଟ୍ୟଶାସ୍ତ୍ର'ର ପ୍ରଣେତା ଭରତମୁନି ବ୍ରହ୍ମାଙ୍କଠାରୁ ସୂତ୍ର ଶିଖି ରଗବେଦରୁ 'ପାଠ୍ୟ', ଯଜୁର୍ବେଦରୁ 'ଅଭିନୟ', ସାମ୍‌ବେଦରୁ 'ସଙ୍ଗୀତ' ଏବଂ ଅଥର୍ବବେଦରୁ 'ଜ୍ଞାନ' ଆହରଣ କଲେ । ତାଂକୁ ନୃତ୍ୟବିଦ୍ୟା ଶିକ୍ଷା ଦେଇଥିଲେ ସ୍ୱୟଂ ଶିବ ଓ ପାର୍ବତୀ । ସେହିପରି ଭାରତୀୟ ସାମାଜିକ ପରଂପରାକୁ ପରିପୁଷ୍ଟ କରିଥିବା ଆଉ ଏକ ଗ୍ରନ୍ଥ କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ରମ୍' । A. B. Keithଙ୍କ ମତକୁ ଉଦ୍ଧାର କରି ଲେଖକ କହିଛନ୍ତି- ''ଅର୍ଥଶାସ୍ତ୍ରମ୍ ସଂସ୍କୃତରେ ଏକ ଅତ୍ୟନ୍ତ ଉଲ୍ଲେଖ ଯୋଗ୍ୟ ବହି । କାରଣ, ଆଧାତ୍ମିକ ଜୀବନ ବାହାରେ ଭାରତର ବାସ୍ତବ ଜୀବନ ପ୍ରଣାଳୀ କିପରି ଥିଲା, ତାର ବିଶଦ ବିବରଣୀ ଆମେ ଏଥରୁ ପାଇଥାଉଁ ।'' ସଂସ୍କୃତ ଭାଷାରେ ରାମାୟଣ ଓ ମହାଭାରତ ରଚିତ ହୋଇଥିଲା । ଭାରତର ଐତିହ୍ୟ ପରିପ୍ରେକ୍ଷୀରେ ଏସବୁ ଗ୍ରନ୍ଥର ଉପାଦେୟତା ତଥା ଚରିତ୍ରଗୁଡ଼ିକର ମହନୀୟତା ତଥା ଚରିତ୍ର ସୃଷ୍ଟି ମୂଳରେ ଥିବା କବିଙ୍କର ଅନ୍ତର୍ନିହିତ ମନୋଭାବକୁ ଲେଖକ ବୁଝିପାରିଛନ୍ତି । ଏ ଦେଶର ପୁରାତନ ଜ୍ଞାନ ବିଜ୍ଞାନର ପରାକାଷ୍ଠା ଦେଖାଇବା ପାଇଁ ବେଦ, ଉପନିଷଦ, ପୁରାଣ, ଷଡଦର୍ଶନ, ଇତିହାସ, ଜୀବନୀ, ଆଖ୍ୟାୟିକା, ତୀର୍ଥସ୍ଥାନ, ଜୈନ ଓ ବୌଦ୍ଧଧର୍ମ, ମାୟାବାଦ, ଶିକ୍ଷା ପ୍ରଣାଳୀ ପ୍ରଭୃତି ନାନାକଥାର ବିଚାର ଆଲୋଚନା କରିଛନ୍ତି । ପ୍ରାଚୀନ ଭାରତବର୍ଷ କେବଳ ଦର୍ଶନ ତଥା ଆଧାତ୍ମିକ କ୍ଷେତ୍ରରେ ପ୍ରଗତି କରିଥିଲା ତାହାନୁହେଁ, ବିଜ୍ଞାନ ଓ ଗଣିତ ଭଳି ବସ୍ତୁଧର୍ମୀ ବିଦ୍ୟାରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲା । ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, କଙ୍କ, ଶୁଶ୍ରୁତ ପ୍ରଭୃତି ବିଜ୍ଞାନୀମାନେ ପଦାର୍ଥ ବିଦ୍ୟାଠାରୁ ଆରମ୍ଭ କରି ଚିକିତ୍ସାବିଜ୍ଞାନ ପର୍ଯ୍ୟନ୍ତ ନାନା ବିଷୟରେ ନିଜ ନିଜର ପ୍ରାମାଣିକ ମତ ବା ସିଦ୍ଧାନ୍ତ ହଜାର ହଜାର ବର୍ଷ ପୂର୍ବରୁ ଥୋଇ ଯାଇଛନ୍ତି । ମନୋଜଙ୍କ ଭାଷାରେ -''ଆୟୁର୍ବେଦରୁ ଆରମ୍ଭ କରି ଜ୍ୟୋତିର୍ବିଜ୍ଞାନ

Digitized by srujanika@gmail.com

ପର୍ଯ୍ୟନ୍ତ, ଅଣୁବିଦ୍ୟାରୁ ଆରମ୍ଭ କରି ରସାୟନ ବିଦ୍ୟା ପର୍ଯ୍ୟନ୍ତ, ଦିଲ୍ଲୀର ବିଖ୍ୟାତ ରହସ୍ୟମୟ ଲୌହସ୍ତମ୍ଭରୁ ଆରମ୍ଭ କରି ବିଶାଳ ଦେବାଳୟ ସମୂହରେ ନିହିତ ସ୍ଥାପତ୍ୟବିଦ୍ୟା ପର୍ଯ୍ୟନ୍ତ ନାନାଦି ତଥାକଥିତ ବାସ୍ତବ ବିଦ୍ୟାରେ ଭାରତବର୍ଷ ଅବିସମ୍ବାଦିତ ଅଗ୍ରଗତି ସାଧନ କରିଥିଲା ।''

ଏହିପରି ଭାବେ ଭାରତର ଐତିହ୍ୟକୁ ବିଚାରୁଥିବା ମନୋଜ ଦାସ ଶେଷରେ ଏହାକୁ 'ମହାଜାତୀୟ ଐତିହ୍ୟ' ବୋଲି ଉଲ୍ଲେଖ କରିଛନ୍ତି । ତାଂକ ଭାଷାରେ ''ଭାରତ ମାଟିର ସମସ୍ତ ସନ୍ତାନଙ୍କ ପାଇଁ ଏସବୁ ମହାଜାତୀୟ ଐତିହ୍ୟ । ଦୃଷ୍ଟିକୋଣରେ ସାମାନ୍ୟ ଉଦାରତା ପୋଷଣ କଲେହେଁ ଏ ସତ୍ୟ ହୃଦୟଙ୍ଗମ କରିହେବ । ''ଭାରତନାଟ୍ୟମ୍' ବା 'ଓଡ଼ିଶୀ'କୁ ହିନ୍ଦୁ ଐତିହ୍ୟ କହି, 'ଅଜନ୍ତା' ଏବଂ 'ଏଲୋରା' କଳାକୁ ବୌଦ୍ଧ ଐତିହ୍ୟ କହି, 'କଥକ' ନୃତ୍ୟକୁ ମୋଗଲ ଐତିହ୍ୟ କହି ଯଥାକ୍ରମେ ଅଣହିନ୍ଦୁ, ଅଣବୌଦ୍ଧ ଏବଂ ଅଣ ମୁସଲମାନ ମାନେ ଯଦି ସେ ସବୁର ରସାସ୍ୱାଦନରୁ ନିଜକୁ ବଞ୍ଚିତ କରିବେ, ତେବେ ତାହା ଧର୍ମାନୁରକ୍ତ ନୁହେଁ, ପ୍ରଚଣ୍ଡ ଧର୍ମାନ୍ଧତା ।'' ଭାରତର ବହୁ ପ୍ରାଚୀନ କାଳରୁ ନାନାଧର୍ମ-ମତ-ସଂପ୍ରଦାୟ-ବର୍ଣ୍ଣ-ଭେଦ ସବୁଗୁଡ଼ିକ ଏକାଠି ହୋଇ ଏକ ବୃହତ୍ ମାନବୀୟ ଚେତନାକୁ ଉଦ୍‌ବୋଧିତ କରିଥିଲା । ସଂପ୍ରତି ଉଦାରୀକରଣ ଅର୍ଥନୀତିରେ ଜଗତୀକରଣ (Globalization) କଥାଟି ଯାହା ଉଠୁଛି, ତାହା ଭାରତ ମାଟିରେ କେତେ ସହସ୍ର ବର୍ଷ ପୂର୍ବରୁ ପରିକ୍ଷୀତ ହୋଇ ସାରିଛି । ଅବଶ୍ୟ ଏହି ପରୀକ୍ଷା ଭାରତର ଆଧ୍ୟାତ୍ମିକ- ଦାର୍ଶନିକ ଏବଂ ସାହିତ୍ୟିକ ପରଂପରା ଭିତରେ ନିମଜ୍ଜିତ ଥିଲା । ଭାରତର ଐତିହ୍ୟ କଥା ବିଚାର କରି ଆଜିର କ୍ଷୟିଷ୍ଣୁ ମାନବ ସମାଜ ପାଇଁ ନିର୍ଦ୍ଦିଷ୍ଟ ପଥର ଦିଗ୍‌ଦର୍ଶନ ଦେଇ ସେ କହନ୍ତି-''ଆମର ଜୀବନ, ଆମର ଚେତନା ଏହି ସ୍ଥୂଳ, ନଶ୍ୱର ଅସ୍ତିତ୍ୱ ଭିତରେ ସୀମାବଦ୍ଧ ନୁହେଁ, ସୃଷ୍ଟିର ଆଭିମୁଖ୍ୟ, ଜୀବନର ପରମ ଗନ୍ତବ୍ୟ, ଜନ୍ମ-ମୃତ୍ୟୁର ରହସ୍ୟ, ଆମ ପ୍ରକୃତ ସତ୍ତା (ଆତ୍ମା)ର ଆବିଷ୍କାର-ଏସବୁ ଲକ୍ଷ୍ୟ ନେଇ ମଣିଷ ଯେଉଁ ଅନୁସନ୍ଧିତ୍ସା ଆରମ୍ଭ କରିଥିଲା, ତା'ର ବିଧିବଦ୍ଧ ଦଲିଲ ହେଲା ଭାରତର ଆଧ୍ୟାତ୍ମିକ, ଦାର୍ଶନିକ ଏବଂ ସାହିତ୍ୟିକ ପରମ୍ପରା । ବହୁ ଉତ୍‌ଥାନ-ପତନ, ଭୁଲଭ୍ରାନ୍ତି, ବିଚ୍ୟୁତି ଓ ବିକୃତି ସତ୍ତ୍ୱେ ଭାରତର ଆତ୍ମା ଏହି ଅନ୍ୱେଷଣ ଅବ୍ୟାହତ ରଖିଛି । ଏହି ଅନ୍ୱେଷଣର ସର୍ବ-ସାଂପ୍ରତିକ ଫଳ, ତପସ୍ୟାଲବ୍‌ଧ ବୈଦିକ ଯୁଗର ଉଷା କାଳରେ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ଅଭିଯାତ୍ରାର ପରିଣତି ଭାବରେ ଉପସ୍ଥାପିତ ତାଙ୍କ ଦିଗ୍‌ଦର୍ଶନ ଓ ବାଣୀ ଅନୁସାରେ ଖାଲି ନିର୍ବାଣ ବା ସ୍ୱର୍ଗାରୋହଣ ଆଧ୍ୟାତ୍ମିକ ମାର୍ଗର ସୀମାନ୍ତ ନୁହେଁ । ଭୂପୃଷ୍ଠର ଏହି ସ୍ଥୂଳ ଜୀବନ ଦିନେ-ଦିବ୍ୟ ଜୀବନରେ ପରିଣତ ହେବାର ପ୍ରତିଶ୍ରୁତି ବହନ କରେ ଏ ସୃଷ୍ଟି । ଆଜିର କ୍ଷୟିଷ୍ଣୁ ମାନବତା ପାଇଁ ଏହାହିଁ ଭାରତର ମହତ୍ତମ ଅବଦାନ ।''

Digitized by srujanika@gmail.com

।। ତିନି ।।

ଭାରତ ବର୍ଷର ଐତିହ୍ୟକୁ ବୁଝିଥିବା ଓ ତାହାକୁ ସାହିତ୍ୟ ଭିତର ଦେଇ ମାନବୀୟ ଚେତନାକୁ ସଂପ୍ରସାରିତ କରିବାର ଉପଯୁକ୍ତ ବିନ୍ଧାଣୀ ମନୋଜ ଦାସ ବାଲେଶ୍ୱର ଜିଲ୍ଲାର ସୀମାନ୍ତରେ ଶଙ୍ଖାରି ଗ୍ରାମରେ ୧୯୩୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ବାଲେଶ୍ୱର ସହର ତାଙ୍କ ଶିକ୍ଷା ପରିମଣ୍ଡଳର ଅତି ପ୍ରିୟତମ । କାରଣ ଏହି ସହରରେ ସେ ନିଜର ମାଧ୍ୟମିକ ଶିକ୍ଷାଠାରୁ ଡିଗ୍ରୀ ଶିକ୍ଷାଯାଏ ଶିକ୍ଷାଲାଭ କରିଥିଲେ । ପିଲାଟି କାଳରୁ ମନ ଭିତରେ ଉପୁଜୁଥିବା ଅନେକ ଜିଜ୍ଞାସାଭାବର ଉତ୍ତର କେତେବେଳେ ସେ ପାଇଛନ୍ତି ଗାଁରେ ରହୁଥିବା ନିଜ ମା'ଙ୍କ ନିକଟରୁ ଆଉ କେତେବେଳେ ବା ଅଧ୍ୟାପକ ହୋଇ ସାରିଥିବା ନିଜ ଜ୍ୟେଷ୍ଠଭ୍ରାତାଙ୍କ ନିକଟରୁ । ମାତ୍ର ନାନାବିଧ ହୃଦୟଭେଦକରି ସ୍ୱତଃ ଉଠୁଥିବା ପ୍ରଶ୍ନ ଗୁଡିକର ଉତ୍ତର ପାଇ ପାରିଛନ୍ତି ନିଜର ଗଭୀର ଅନ୍ୱେଷାବୋଧରୁ ଅଥବା ଚାରିପାଖରେ ଘେରି ରହିଥିବା ପ୍ରକୃତି କୋଳରୁ କିମ୍ବା ମଣିଷକୁ ତଥା ତାର ସମାଜକୁ ଜାଣିବାର ସୂକ୍ଷ୍ମ ଓ ତୀକ୍ଷ୍ଣ ଅବବୋଧରୁ । ମଣିଷକୁ, ନିଜର ମାତୃଭୂମି ଭାରତବର୍ଷକୁ ଅକପଟ ଭାବେ ଭଲପାଇବାର ପକ୍ୱ ଫସଲ ହେଉଛି ଭାରତବର୍ଷର ଐତିହ୍ୟକୁ ଚିହ୍ନିବା ଏବଂ ନିଜ ବିଚାରଧାରାରେ ଏ ମାନବଜାତିକୁ ଜଣାଇଦେବା । ମଣିଷ ସବୁ ଜାଗତିକ ମଣିଷଙ୍କ ସହିତ ଆତ୍ମୀୟତାରେ ମିଶିଯାଉ ଏପରି ଅଭିଳାଷ ଭାରତର ଐତିହ୍ୟକୁ ଚିହ୍ନିଲା ବେଳେ ତାଂକର ଆସିଛି । ମଣିଷର ଏହିପରି ପ୍ରକୃତ ପ୍ରାଣସ୍ପନ୍ଦନକୁ ନିଜ ବିଚାର ଧାରାରେ ସମୁଜ୍ଜ୍ୱଳ କରିପାରିଛନ୍ତି ମନୋଜ ଦାସ ।

• ଅଧ୍ୟାପକ, ଓଡ଼ିଆ ବିଭାଗ,
ଫକୀରମୋହନ ସାନ୍ଧ୍ୟ ମହାବିଦ୍ୟାଳୟ,
ବାଲେଶ୍ୱର - ୭୫୬ ୦୦୧

ବି.ଦ୍ର : 'ଅନୁପମ ଭାରତ' ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ମନୋଜ ଦାସଙ୍କ ସ୍ତମ୍ଭ ଗୁଡିକ 'ଭାରତର ଐତିହ୍ୟ : ଶତେକ ପ୍ରଶ୍ନର ଉତ୍ତର' ଶୀର୍ଷକ ଗ୍ରନ୍ଥରେ ସଂକଳିତ ହୋଇଛି । ପ୍ରବନ୍ଧରେ ଉଲ୍ଲିଖିତ ସମସ୍ତ ଆଲୋଚନା ଏହି ଗ୍ରନ୍ଥ ଆଧାରରେ କରାଯାଇଛି ।

Digitized by srujanika@gmail.com

ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରଂପରାର ଶ୍ରେଷ୍ଠ ପ୍ରବକ୍ତା-ମନୋଜ ଦାସ

ଡକ୍ଟର ବିଜୟାନନ୍ଦ ସିଂହ

ଭାରତୀୟ ସଂସ୍କୃତି, ଐତିହ୍ୟ ଓ ମହାନ୍ ପରଂପରାର ଶ୍ରେଷ୍ଠ ପ୍ରବକ୍ତା ପ୍ରଫେସର ମନୋଜ ଦାସ । ମନୋଜ ବାବୁ ଭାରତୀୟ ଦର୍ଶନ, ପ୍ରକୃତିକୁ ସାହିତ୍ୟ ମାଧ୍ୟମରେ ପ୍ରକାଶକରି ମାନବ ସମାଜକୁ ନୂତନ ଚେତନା ପ୍ରଦାନ କରିଛନ୍ତି । ଭାରତୀୟ ଜୀବନଧାରାର ବିଶ୍ୱସ୍ତ ରୂପକାର ମନୋଜ ବାବୁଙ୍କ ସାରସ୍ୱତ ସୃଷ୍ଟି ସମ୍ଭାର ସାହିତ୍ୟ ପାଇଁ କେବଳ ନୁହେଁ, ଜୀବନ, ଜଗତ, ସମାଜ ପାଇଁ ଉଦ୍ଦିଷ୍ଟ । ସେ ମାନବ ଜାତିକୁ ପ୍ରାଣଭରି ଭଲ ପାଇଛନ୍ତି । ମନୁଷ୍ୟ ଜୀବନର ମୂଲ୍ୟବୋଧକୁ ଠିକ୍ ଭାବେ ଉପଲବ୍ଧି କରିଛନ୍ତି । ସେଥିପାଇଁ ସେ ଅନୁଭବ କରିଥିବା ଅମୃତର ଫଳକୁ ବାଣ୍ଟିବା ପାଇଁ ଜୀବନ ବ୍ୟାପୀ ସାଧନା ଅବ୍ୟାହତ ରଖିଛନ୍ତି । ତାଙ୍କ ଉପଲବ୍ଧ ଚିରନ୍ତନ ସତ୍ୟକୁ ଜନମାନସରେ ବିତରଣ କରିବାର ଏକ ଶ୍ରେଷ୍ଠ ମାଧ୍ୟମ ସାହିତ୍ୟ ହୋଇ ପାରିଛି । ମାନବିକ ମୂଲ୍ୟବୋଧ ଓ ଚିରନ୍ତନ ସତ୍ୟକୁ ଉଜ୍ଜୀବିତ କରାଇବା ପାଇଁ ମନୋଜ ବାବୁ କେତେବେଳେ ଲେଖନୀ ଚାଳନା କରି ସାମାଜିକ ବିପ୍ଳବ ପାଇଁ ଜନ-ଚେତନା ସୃଷ୍ଟି କରିଛନ୍ତି ତ କେତେବେଳେ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇ ଶ୍ରୋତୃ ମଣ୍ଡଳୀକୁ ବିମୁଗ୍ଧ କରିଚନ୍ତି । ମନୋଜ ବାବୁଙ୍କ ସାମଗ୍ରିକ ଜୀବନର ଲକ୍ଷ୍ୟ ମାନବ ସମାଜକୁ ମୁକ୍ତିର ମାର୍ଗ ପ୍ରଦର୍ଶନ କରିବା । ତାଂକ ଜୀବନ ଏକ ବିସ୍ମୟ । ଜୀବନକୁ ସେ ଜୀବନ ଭଳି ଦେଖିଛନ୍ତି

ମନୁଷ୍ୟର ଅନନ୍ତ ବ୍ୟଥା, ବେଦନାକୁ ଆମୂଳ୍ଚ କରି ମାନବ ଜାତିର କଲ୍ୟାଣ ପାଇଁ ସେ ସାଧନା କରିଛନ୍ତି । ଆମର ମନେହୁଏ ମନୋଜ ବାବୁ ଯେଉଁ ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ ସାରସ୍ୱତ ତପସ୍ୟାର ଅୟମାରମ୍ଭ କରିଥିଲେ ତାହାର ସଫଳତା ପାଇଁ ସେ ସତତ ଚେଷ୍ଟିତ । ତାଂକ ଜୀବନର ବାର୍ତ୍ତା, ହୃଦୟର କଥା, ତାଙ୍କ ସାରସ୍ୱତ ସୃଷ୍ଟି ମାଧମରେ ପାଠକସମାଜକୁ ଆଲୋଡିତ କରେ । ସେଥିପାଇଁ ସାହିତ୍ୟରସିକ ଓ ସାହିତ୍ୟପ୍ରବଣ ମଣିଷମାନଙ୍କ ହୃଦୟ ରାଜ୍ୟରେ ମନୋଜ ବାବୁ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା । ମନୋଜ ବାବୁ ଅନୁଶୀଳନ ଓ ଅନୁଧ୍ୟାନ କରିଛନ୍ତି -ଭାରତବର୍ଷର ପ୍ରାଚୀନ ଇତିହାସକୁ, ସଭ୍ୟତାକୁ । ପ୍ରାଚୀନ ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ ସେ ଗୁରୁତ୍ୱ

Digitized by srujanika@gmail.com

ଦେଇଛନ୍ତି । ସେ ଚିଂତା କରିଛନ୍ତି, ଆମ ଭାରତବର୍ଷର ଅତୀତର ସମୃଦ୍ଧ ଇତିହାସ, ସଂସ୍କୃତି ଓ ଐତିହ୍ୟ ସାଂପ୍ରତିକ ସାଂସ୍କୃତିକ ସଙ୍କଟ ଓ ଅବକ୍ଷୟର ପଥରୋଧ କରି ପାରିବ । ପ୍ରାଚୀନ ଭାରତର କଥା ଭିତରେ ରହିଛି ମାନବିକ ଜୀବନ ଯାତ୍ରାର ସଫଳ କାହାଣୀ । ଆମ ଦେଶର ସାଫଲ୍ୟର ଚାବିକାଠି ସେହି ଐତିହ୍ୟ ଭିତରେ ଅଛି । ତେଣୁ ଅତ୍ୟାଧୁନିକ ସଭ୍ୟତାର ମୋହରେ ନିଜ ଐତିହ୍ୟ ଓ ପରଂପରାକୁ ଭୁଲି ଯାଉଥିବା ଜାତି ନିକଟରେ ସେ ଉପସ୍ଥାପନା କରିଛନ୍ତି-ପୃଥିବୀର ଶ୍ରେଷ୍ଠ ମାନବିକ ମୂଲ୍ୟବୋଧ ଭିତ୍ତିକ ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ । ''ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି, ନିରଳସ ଓ ନିରବିଚ୍ଛିନ୍ନ ଭାବରେ ସାଧନା ଅବ୍ୟାହତ ରଖିଥିବା ମନୋଜ ବାବୁ ସେଥିପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ମାନବିକତା ଓ ଆତ୍ମିକ ଶକ୍ତି ଉପରେ ସଂପୂର୍ଣ୍ଣ ବିଶ୍ୱାସୀ ମନୋଜ ବାବୁ କଥା- ସାହିତ୍ୟରେ ପ୍ରାଚୀନ କାହାଣୀ ପରଂପରାକୁ ଗୁରୁତ୍ୱ ଦେଇଛନ୍ତି । ପ୍ରାଚୀନ କାହାଣୀ ପରମ୍ପରାର ଉଦ୍‌ବର୍ତ୍ତନ କ୍ଷେତ୍ରରେ ମନୋଜ ଦାସ ଓଡ଼ିଆ ଗଳ୍ପଧାରାରେ ଏକ କ୍ରାନ୍ତିକାରୀ ଭୂମିକା ନେଇଛନ୍ତି । ପ୍ରାଚୀନ କାହାଣୀ ରଚନାର ଆଙ୍ଗିକ, ରୂପକଗଳ୍ପ ଏବଂ ଫାଣ୍ଟାସି ମଧ୍ୟଦେଇ ସେ ବ୍ୟକ୍ତିର ଯେଉଁ ବୈଚିତ୍ର୍ୟର ସ୍ୱରୂପ, ବିପର୍ଯ୍ୟୟ ଓ ସମ୍ଭାବନାକୁ ରୂପ ଦେଇଛନ୍ତି ତାହା ଅସାଧାରଣ ଅବାସ୍ତବତା ଓ ଅଲୌକିକତା ଭିତରେ ବାସ୍ତବତା ରସାର୍ଥକ ପରିପ୍ରକାଶ ବେଶ୍ ପ୍ରଭାବଶାଳୀ ଆବେଦନ ସୃଷ୍ଟିକରେ । ଏହା ପାଠକର ରସତୃଷ୍ଣାକୁ ଚରିତାର୍ଥ କରିବା ସଂଗେସଂଗେ ଚିନ୍ତାର ଦିଗନ୍ତରେ ଗଭୀର ଆଲୋଡନ ସୃଷ୍ଟି କରିଥାଏ । ପ୍ରାଚୀନ କାହାଣୀର ଛାଞ୍ଚ, ରୂପକ ଓ ଫାଣ୍ଟାସି ପ୍ରୟୋଗ ଦ୍ୱାରା ଗାଳ୍ପିକ କେବଳ ପରମ୍ପରାର ନବୀକରଣ କରିନାହାନ୍ତି; ନିଜ ବକ୍ତବ୍ୟର ପରିପ୍ରକାଶ ପାଇଁ ଏହାକୁ ଏକ ଶକ୍ତିଶାଳୀ ମାଧ୍ୟମରୂପେ ବିବେଚନା କରିଛନ୍ତି । ହାସ୍ୟରସ ଓ ବ୍ୟଙ୍ଗ ଜରିଆରେ ଗାଳ୍ପିକ ଏ ପର୍ଯ୍ୟାୟୀ ଗଳ୍ପମାନଙ୍କରେ ମାନବୀୟ ଆଚରଣର ଘୋର ବିପତ୍ତିକୁ ଯେତିକି ପ୍ରତ୍ୟକ୍ଷ କରିଛନ୍ତି, ବ୍ୟକ୍ତି ଭିତରେ ପରିବର୍ତ୍ତନ ପାଇଁ ସେତିକି ମାତ୍ରାରେ ବ୍ୟାକୁଳତା ପ୍ରକାଶ କରିଚନ୍ତି । ପରମ୍ପରା ପ୍ରତି ସମ୍ମାନ ଓ ମମତ୍ୱବୋଧ, ପ୍ରାଚୀନ କାହଣୀଧାରାର ନବୀକରଣ ଏବଂ ନୂତନ ଗୂଢତତ୍ତ୍ୱର ଅର୍ଥ ଅନ୍ୱେଷା ଗାଳ୍ପିକଙ୍କୁ ଭାରତୀୟ କାହାଣୀ ପରିସରର ବିଶ୍ୱସ୍ତ ଦାୟାଦ ଭାବେ ଅଭିହିତ କରେ । (୧)

ମନୋଜ ବାବୁ କେବଳ ଓଡ଼ିଆ ଭାଷାର ନୁହେଁ ଇଂରାଜୀ ଭାଷାର ଖ୍ୟାତି ସଂମ୍ପନ୍ନ ଲେଖକ । ଏକ ଜାଗରଣର ଉତ୍ତରଣ ପାଇଁ ତାଂକର ଆତ୍ମିକ ଚେଷ୍ଟା ।

ସେ ନିଜେ କହିଛନ୍ତି -''ଇଂରାଜୀରେ ଭାରତୀୟ ଜୀବନ ଉପରେ ଯେଉଁ କଥା- ସାହିତ୍ୟ ଲେଖାହୁଏ ତାହା ଭାରତୀୟ ଜୀବନ ପରିସ୍ଥିତିର ସଚ୍ଚା ଚିତ୍ର ନୁହେଁ । ଏ

୧ -'କଥାଶିଳ୍ପୀ ମନୋଜ ଦାସ'- ଡଃ ଶତ୍ରୁଘ୍ନ ପାଣ୍ଡବ -ପୃ-୨୬

Digitized by srujanika@gmail.com

ଧାରଣା ମୋତେ ଖୁବ୍ ପୀଡା ଦେଇଛି । ମୋ ଜନ୍ମ ଗ୍ରାମରେ ସ୍ୱାଧୀନତାର କିଛି ପୂର୍ବରୁ ଭାରତୀୟ ସମାଜରେ ଏକ ନୂତନ ଯୁଗର ପ୍ରବେଶ ଭଳି ଘଟଣାକୁ ମୋ ଚେତନା ବେଶ୍ ଲିପିବଦ୍ଧ କରୁଥାଏ । ମନେ ହେଲା ଇଂରାଜୀ ମାଧ୍ୟମରେ ମୁଁ ବାସ୍ତବ ଭାରତର କିୟତ୍ ଅଂଶ ଉପସ୍ଥାପନ କରିପାରିବି ।'' (୨)

ଭାରତବର୍ଷର ଐଶ୍ୱର୍ଯ୍ୟ, ଗୌରବମୟ ଇତିହାସକୁ ସେ ଅତି ସୁନ୍ଦର ଭାବରେ ଉନ୍ମୋଚନ କରିଛନ୍ତି -''ଭାରତ ତଥା ଭାରତବର୍ଷ ସମଗ୍ର ଭୂଖଣ୍ଡର ଅତି ପ୍ରାଚୀନ ନାମ । ସମଗ୍ର ଭୂଖଣ୍ଡର ଏକ ନିର୍ଦ୍ଦିଷ୍ଟ ପରିଚିତି ନଥିଲେ ଗୋଟାଏ ନାମକୁ ସମସ୍ତେ ଆଦରି ନେଇ ନଥାନ୍ତେ । କିମ୍ବଦନ୍ତୀ କହେ, ରାଜା ଦୁଷ୍ମନ୍ତ ଓ ରାଣୀ ଶକୁନ୍ତଳାଙ୍କ ମହାନ୍ ପୁତ୍ର ଭରତଙ୍କ ନାମରେ ଭୂଖଣ୍ଡ ନାମିତ ହେଲା । ତତ୍କାଳୀନ ଭୂଖଣ୍ଡର ରାଜନ୍ୟ ବର୍ଗ ଏହାଙ୍କ ନେତୃତ୍ୱ ସ୍ୱୀକାର କରିନେଇଥିବା ଅସମ୍ଭବ ନୁହେଁ । କିନ୍ତୁ ଆମ ଐତିହ୍ୟର ପ୍ରାଚୀନତମ ଗ୍ରନ୍ଥ ଋକ୍‌ବେଦରେ 'ଭାରତ' ନାମଧାରୀ ଏକ ଜନ ସଂପ୍ରଦାୟର ଉଲ୍ଲେଖ ରହିଛି । ଦେଶର ନାମ ସେହିମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ମଧ୍ୟ ସମ୍ଭବ ।'' (୩) ଭାରତବର୍ଷର ଇତିହାସ, ପ୍ରାଚୀନ ପରଂପରା, ନୀତି ଓ ନୈତିକତାରେ ପରିପୂର୍ଣ୍ଣ । ମନୁଷ୍ୟ ଜୀବନ ଓ ମୂଲ୍ୟବୋଧକୁ ସୁରକ୍ଷିତ କରିବାକୁ ସାବଧାନତାର ସହ କାର୍ଯ୍ୟ କରିବାକୁ ହେବ । ଏହା ହେଉଛି ଭାରତୀୟ ଭାବନା । ତେଣୁ ଏହି ଜୀବନକୁ ଶୃଙ୍ଖଳିତ କରିବା ପାଇଁ ଯୋଗର ଆବଶ୍ୟକତା ରହିଛି । ମନୋଜ ବାବୁ ଏହି ତତ୍ତ୍ୱକୁ ସହଜ, ସରଳ ଭାବରେ ପ୍ରକାଶ କରିଛନ୍ତି -''ସାରା ପ୍ରକୃତିବ୍ୟାପୀ ଏକ ନିରବ ଓ ନିରବିଚ୍ଛିନ୍ନ ଯୋଗ ରହିଛି । ଏକଦା ପୃଥିବୀ ଥିଲା ସଂପୂର୍ଣ୍ଣ ସ୍ଥୂଳ ବା ନିର୍ଜୀବ । ତହିଁରେ ଚେତନାର ବିକାଶ ହେଲା । ଅତି କ୍ଷୀଣ ଅବସ୍ଥାରୁ ଗୁଳ୍ମଲତା, କୀଟପତଙ୍ଗ, ପଶୁପକ୍ଷୀ ଭିତରେ ପ୍ରକଟିତ ହୋଇ ଚେତନା କ୍ରମେ ମଣିଷରୂପେ ପ୍ରତିଭାତ ହେଲା । ମଣିଷ ଭିତରେ ରହିଛି ପ୍ରାଗୈତିହାସିକ ପଶୁଚେତନାଠୁଁ ଆରମ୍ଭ କରି ମହତ୍ତର ଦିବ୍ୟଚେତନା ଯାଏ ସବୁ ପ୍ରକାର ସମ୍ଭାବନା । ଦିବ୍ୟଚେତନାର ବିକାଶ ଦିଗରେ ସଚେତନ ପ୍ରୟାସହିଁ ଯୋଗ । ପ୍ରକୃତରେ ଆମର ସମସ୍ତ ଅଭିଜ୍ଞତା, ଦୁଃଖ, ସୁଖ ଲବ୍ଧ ସବୁପ୍ରକାର ଧ୍ୟାନ ଧାରଣା, ଆମକୁ ଅଧିକରୁ ଅଧିକ ସଚେତନ ହେବା ଦିଗରେ ସହାୟତା କରୁଛି । ତେବେ ସେ ପ୍ରକ୍ରିୟା ଚାଲିଛି ଅତି ମନ୍ଥର ଭାବରେ ଜନ୍ମ ଜନ୍ମ ବ୍ୟାପୀ । ସଚେତନ ଭାବରେ ସେହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହେଲା ଯୋଗ ।'' (୪) 'ଯୋଗ' ପରି 'ତନ୍ତ୍ର' ସଂପର୍କରେ ଅତି ମୂଲ୍ୟବାନ ମତ ସେ ପ୍ରଦାନ କରିଛନ୍ତି । ମନୋଜ ବାବୁଙ୍କ ଅନୁଶୀଳନ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । 'ଯଜ୍ଞ'ର ଉଦ୍ଦେଶ୍ୟ ବୁଝାଇବାକୁ

୨-'ସମୁଦ୍ରରୁ ଶଙ୍ଖେ'-ସୃଜନୀ-୨୦୦୧, ହରିହର ଶୁକ୍ଳ, ପୃ୮/୯

୩-'ଭାରତର ଐତିହ୍ୟ- ଶତେକ ପ୍ରଶ୍ନର ଉତ୍ତର' -ମନୋଜ ଦାସ, ପୃ-୧

୪- 'ଭାରତର ଐତିହ୍ୟ-ଶତେକ ପ୍ରଶ୍ନର ଉତ୍ତର' - ମନୋଜ ଦାସ, ପୃ-୨୭

Digitized by srujanika@gmail.com

ଯାଇ ସେ ଲେଖିଛନ୍ତି -''ଜ୍ଞାନାନ୍ୱେଷଣ, କର୍ମ, ସବୁ କିଛି ଯେତେବେଳେ ଭଗବାନଙ୍କୁ ସମର୍ପି ଦିଆଯାଏ, ସେତେବେଳେ ସେ ସବୁର ଗୁଣାତ୍ମକ ପରିବର୍ତ୍ତନ ହୁଏ, ସେ ସବୁ ହୁଏ ଯଜ୍ଞରେ ପରିଣତ । ସେ ସବୁର ସମର୍ପଣକାରୀର ସତ୍ତା ଯଜ୍ଞର ଆଲୋକରେ ପ୍ଳାବିତ ହୁଏ, ଯଜ୍ଞଶିଖାର ଉତ୍ତାପରେ ପତିତ ହୁଏ । ତେବେ ପୂର୍ବରୁ କୁହାଯାଇଛି, ଯଜ୍ଞର ପ୍ରକାର ଭେଦ ରହିଛି । ପାର୍ଥିବ ଲକ୍ଷ୍ୟ ସିଦ୍ଧି ନିମନ୍ତେ ମଧ୍ୟ ଯଜ୍ଞାନୁଷ୍ଠାନ ହୁଏ । ନାନାଦି କର୍ମରେ, ଧର୍ମାଚାରଣ ଦ୍ୱାରା (Ritual) ଯାଗଯଜ୍ଞ ହୋଇଥାଏ । ତେବେ ପ୍ରକୃତ ଯଜ୍ଞ ମଣିଷ ଓ ଭଗବାନଙ୍କ ଭିତରେ ଯଥାକ୍ରମେ ଅଭୀପ୍ସା ଓ କରୁଣାର ମିଶ୍ରଣରେ ସମ୍ଭବ ଏକ ଦିବ୍ୟ ସେତୁ ।''(୫) କର୍ମ ହେଉଛି ମଣିଷ ଜୀବନର ଧର୍ମ । କର୍ମବିନା ଜୀବନ ଅସାର । କର୍ମ ହିଁ ଈଶ୍ୱର । କର୍ମ ହିଁ ମଣିଷ ଜୀବନର ଧାରା । କର୍ମ ହିଁ ମଣିଷକୁ ଗତିଶୀଳ କରେ । କର୍ମର କଥା କହିବାକୁ ଯାଇ ସେ ଅତି ମନନଶୀଳ ବ୍ୟାଖ୍ୟା କରିଛନ୍ତି । କର୍ମହିଁ ଏକ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଶବ୍ଦ । ଏହା ଯେପରି ଅତୀତର କୃତକର୍ମର ଫଳ ବା ପ୍ରତିକ୍ରିୟା ବା ପରିଣତିକୁ ବୁଝାଏ, ବର୍ତ୍ତମାନର କର୍ମଦ୍ୱାରା ସେଭଳି ଫଳ, ସେଭଳି ପ୍ରତିକ୍ରିୟା ବା ସେଭଳି ପରିଣତିର ପରିବର୍ତ୍ତନର ସମ୍ଭାବନାକୁ ମଧ୍ୟ ବୁଝାଏ । କର୍ମ ବୋଇଲେ ଏକ ଅଚଳ ସ୍ଥାଣୁ ସ୍ଥିତାବସ୍ଥା ନୁହେଁ । କର୍ମ ଏକ ଚଳମାନ ପରିବର୍ତ୍ତନଶୀଳ ନିୟମ । ସେହି ଅର୍ଥରେହିଁ ଏହା ନିୟତି । ଏହା ଅଦୃଷ୍ଟ ଠିକ୍, କିନ୍ତୁ କେବଳ ସାଧାରଣ ଇନ୍ଦ୍ରିୟ-ନିର୍ଭର ଦୃଷ୍ଟିପାଇଁ ଅଦୃଷ୍ଟ ।'' (୬) ମଣିଷର ହୃଦୟକୁ ଛୁଇଁଲା ପରି ବୈଜ୍ଞାନିକ ବିଶ୍ଳେଷଣ ମନୋଜ ବାବୁଙ୍କ ଗଭୀର ପାଣ୍ଡିତ୍ୟର ସଂକେତ ପ୍ରଦାନ କରେ । ସାଧାରଣ ବିଚାରକୁ ଆଲୋଡିତ କରିବା ସହ ଏକ ନୂତନ ତଥ୍ୟ ପ୍ରଦାନ କରିଛି ତାଙ୍କ ରଚନା ସମୂହ । ପ୍ରାଚୀନ ଭାରତରେ ଜୀବନକୁ କିପରି ଅନୁଧ୍ୟାନ କରାଯାଉଥିଲା, ସେ ସଂପର୍କରେ ଲେଖିଛନ୍ତି -''ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରବର୍ତ୍ତକ ତଥା ପୁରୋଧାବୃନ୍ଦଙ୍କ ଚେତନାରେ ଗୋଟିଏ କଥା ଖୁବ୍ ସ୍ପଷ୍ଟ ହୋଇଯାଇଥିଲା, ତାହା ହେଲା, ଜୀବନର ଚୂଡାନ୍ତ ଲକ୍ଷ୍ୟ ସୁଖ ସମ୍ଭୋଗ ନୁହେଁ । ଅନ୍ୟକୁ କ୍ଳେଶ ନଦେଇ, ନିଜ ଚେତନାକୁ ନିମ୍ନଗାମୀ ନକରି ଜଣେ ଯଦି ସୁଖ ଭୋଗ କରି ପାରିଲା, ତେବେ ତାହା ସଂପୂର୍ଣ୍ଣ ସ୍ୱାଗତ ଯୋଗ୍ୟ । 'ଆନନ୍ଦ' ଚେତନାର ମହତ୍ତମ ବିକାଶରେ ହିଁ କେବଳ ମିଳିପାରେ । ଅର୍ଥାତ୍ ଚେତନାର କ୍ରମାଗତ ବିକାଶରେ ବା ଉତ୍ତରଣ ଦିଗରେ ମଣିଷ ଉଦ୍ୟମ ଅବ୍ୟାହତ ନ ରଖିଲେ ସେ ଆନନ୍ଦ ତାକୁ ମିଳିବା ସମ୍ଭବପର ନୁହେଁ ।'' (୭) 'ମନ୍ତ୍ର'ଭାରତୀୟ ବିଶ୍ୱାସର ଏକ ଯଥାର୍ଥ ପ୍ରତୀକ । ଭାରତବର୍ଷର ଇତିହାସରେ ମନ୍ତ୍ରର

୫ - ତତ୍ରୈବ -ପୃ-୩୧/୩୨

୬ - ତତ୍ରୈବ - ପୃ-୩୨

୭ - ତତ୍ରୈବ - ପୃ-୩୬/୩୭

Digitized by srujanika@gmail.com

ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ମନ୍ତ୍ରର ସୃଷ୍ଟ ପୁଣି କେଉଁ କାଳରୁ । ଏହି ସଂପର୍କରେ ମନୋଜ ବାବୁଙ୍କ ବିଚାର ଆଲୋଚନା ସୁଦୂର ପ୍ରସାରିତ-''ଆମ ସ୍ଥୂଳ ଜଗତର ଊର୍ଦ୍ଧ୍ୱରେ ଚେତନାର ବହୁସ୍ତର ରହିଛି । ମନ୍ତ୍ରରୁ ପ୍ରେରଣା କେଉଁ ସ୍ତରରୁ ଅବତରଣ କରିଛି ତାହାରି ଉପରେ ନିର୍ଭର କରେ ତା' ଶକ୍ତି । ଭାରତ ବର୍ଷରେ ବ୍ୟାପକ ଅତିଭୌତିକ ଇତିହାସରେ ମନ୍ତ୍ର ଏକ ବିଶେଷ ସ୍ଥାନ ଅଧିକାର କରିଛି । କେତେବେଳେ ଜପ, କେତେବେଳେ ଧ୍ୟାନ, କେତେବେଳେ ଯୋଗ, କେତେବେଳେ ତନ୍ତ୍ର ସହ ଯୋଗ ଅଭ୍ୟାସକାରୀର ଜୀବନରେ ମନ୍ତ୍ରଭିନ୍ନ ଭିନ୍ନ ଭୂମିକା ତୁଲାଇଛି । କିନ୍ତୁ ମୂଳତଃ ସାଧକ ପାଇଁ ଉଚ୍ଚତର ଚେତନାକୁ ମାର୍ଗ ନିର୍ଦ୍ଦେଶ କରିବା ଏବଂ ମହତ୍ତର ଉପଲବ୍ଧି ଆଣିଦେବା ହିଁ ଥିଲା ମନ୍ତ୍ରର ଆଭିମୁଖ୍ୟ । (୮)

ଗଙ୍ଗାନଦୀ ଭାରତର ଭାବନାର ପବିତ୍ରତମ ପରିପ୍ରକାଶ । ଗଙ୍ଗାର ଜଳ ମଣିଷକୁ ମୁକ୍ତ କରେ, ମୋକ୍ଷ ପ୍ରଦାନ କରେ ବୋଲି ବିଶ୍ୱାସ ବଳବତ୍ତର ହୋଇଛି । ଗଙ୍ଗା ନଦୀ ପୁଣି ଭାରତୀୟ ଆଧାତ୍ମିକ ଚିନ୍ତାର ମନ୍ମୟରୂପ । ମନୋଜ ବାବୁ ଭାରତୀୟ ଆଧାତ୍ମିକ ବିଶ୍ୱାସର ନଦୀ ଗଙ୍ଗାଜଳ ସଂପର୍କରେ କହିଛନ୍ତି-''ହିମାଳୟ ଦେବଭୂମି । ଗଙ୍ଗା ସେହି ଦେବଭୂମିରୁ ପ୍ରବାହିତ ପ୍ରଧାନ ଆଶିଷଧାରା । ସେ ଦୃଷ୍ଟିରୁ ସେ ବିଶେଷ ପବିତ୍ର ନିଶ୍ଚୟ । କିନ୍ତୁ ତାହାହିଁ ଯଥେଷ୍ଟ କାରଣ ନୁହେଁ । ଗଙ୍ଗାଜଳ ସଂପର୍କରେ ଋଷିମାନଙ୍କର କୌଣସି ଆଧ୍ୟାତ୍ମିକ ଜ୍ଞାନ, ଯାହାକି ଅପ୍ରକଟିତ, ଯୋଡିଏ କିମ୍ବଦନ୍ତୀ ରୂପରେ ଆମ ଆଗରେ ପରିବେଷିତ ହୋଇଛି । ତହିଁରୁ ଗୋଟିଏ ରାଜପୁତ୍ର ଭଗୀରଥଙ୍କ ଆବାହନ କ୍ରମେ ପ୍ରଥମେ ଶିବଙ୍କ ଶିରରେ ଅବତରଣ କରି ସ୍ୱର୍ଗର ଗଙ୍ଗା ମର୍ତ୍ତ୍ୟରେ ପ୍ରବାହିତ ହୋଇ ଭଗୀରଥଙ୍କ ଭସ୍ମୀଭୂତ ପୂର୍ବପୁରୁଷଙ୍କୁ ଜୀବନ୍ୟାସ ଦେବାକଥା ସମସ୍ତଙ୍କୁ ଜଣା ।'' (୯)

ପୃଥିବୀର ପ୍ରାଚୀନତମ କଳ୍ପକଥା (Fables) ସମୂହର ଆଦିଭୂମି ଭାରତବର୍ଷ । 'ପଞ୍ଚତନ୍ତ୍ର' ବିଶ୍ୱ ସାହିତ୍ୟର ସର୍ବପ୍ରଥମ ସଙ୍କଳନ । ଏହି 'ପଞ୍ଚତନ୍ତ୍ର' ଭାରତବର୍ଷରୁ ସୃଷ୍ଟି । ପଣ୍ଡିତ ବିଷ୍ଣୁଶର୍ମା ଏହାର ସୁଯୋଗ୍ୟ ସ୍ରଷ୍ଟା । ଏହା ସେ ପ୍ରମାଣ କରିଛନ୍ତି - ''ମଣିଷ ତଥା ପଶୁପକ୍ଷୀଙ୍କୁ ଚରିତ୍ର ରୂପେ ଗ୍ରହଣ କରି ସୃଜିତ ଏହି ଧରଣର କାହାଣୀ ସବୁ ବିଶ୍ୱ ସାହିତ୍ୟରେ ସର୍ବପ୍ରଥମ ସଂକଳନ । ସଂକଳନ ହେଲା -'ପଞ୍ଚତନ୍ତ୍ର' କିନ୍ତୁ ପଞ୍ଚତନ୍ତ୍ର ରୂପେ ସଂକଳିତ ହେବାର ବହୁ ପୂର୍ବରୁ ଏହି ଧରଣର କାହାଣୀମାନ ଅଲିଖିତ ଜନଶ୍ରୁତି ରୂପେ ପ୍ରଚଳିତ ଥିଲା । x x x ପଞ୍ଚତନ୍ତ୍ର ଯେ ଖାଲି ପୃଥିବୀର ସର୍ବପ୍ରଥମ କଳ୍ପକଥା (Fables) ସଂକଳନ ସେତିକି ନୁହେଁ, ଏ ସବୁ କାହାଣୀ ଯାହାର ମୌଳିକ

୮- 'ଭାରତର ଐତିହ୍ୟ-କେତେକ ପ୍ରଶ୍ନର ଉତ୍ତର'-ମନୋଜ ଦାସ, ପୃ-୩୯

୯- ତତ୍ରୈବ - ପୃ-୪୪

Digitized by srujanika@gmail.com

ଆଭିମୁଖ୍ୟ -ଶିକ୍ଷାଦାନ-ଆକ୍ଷରିକ ଅର୍ଥରେ ହିଁ 'ପଞ୍ଚତନ୍ତ୍ର' ସେହି ଉଦ୍ଦେଶ୍ୟ ସାଧନା କରିଥିଲା ବୋଲି ଏ ଗ୍ରନ୍ଥ ନିହିତ ଭୂମିକା ଘୋଷଣା କରେ । (୧୦)

ପ୍ରାଚୀନ କାଳରେ ଭାରତର ସଂସ୍କୃତି, ଧର୍ମ, ବିଭିନ୍ନ ଦେଶକୁ ପ୍ରଭାବିତ କରିଥିଲା । ସେଥିପାଇଁ ଭାରତ ଥିଲା ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ । ଭାରତୀୟ ମାନେ ସମଗ୍ର ବିଶ୍ୱରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ-ତାହାର ପ୍ରମାଣ ପ୍ରଦାନ କରିଛନ୍ତି, ଆମ ସମୟର ଶ୍ରେଷ୍ଠ ସାରସ୍ୱତ ସାଧକ ମନୋଜ ଦାସ -''ବ୍ରିଟେନ୍ ଯେପରି ଭାରତ ବର୍ଷକୁ କିମ୍ବା ଡଚ୍‌ମାନେ ଯେପରି ଇନ୍ଦୋନେସିଆକୁ ନିଜ ନିଜ ଉପନିବେଶରେ ପରିଣତ କରିଥିଲେ ଭାରତବର୍ଷ ସେ ଅର୍ଥରେ ଉପନିବେଶ ବନାଇନଥିଲା । କିନ୍ତୁ ଏହା ନିଃସନ୍ଦେହ ଏବଂ ଐତିହାସିକ ସତ୍ୟ ଯେ ଭାରତର ସଂସ୍କୃତି, ସାହିତ୍ୟ ଓ ଧର୍ମ ପ୍ରାଚ୍ୟ ଭୂଖଣ୍ଡରୁ ବିଭିନ୍ନ ଦେଶକୁ ବିପୁଳ ମାତ୍ରାରେ ପ୍ରଭାବିତ କରିଥିଲା । ଯଥା-ହିନ୍ଦୁ ଧର୍ମ ଏବଂ ପରବର୍ତ୍ତୀ କାଳରେ ବୌଦ୍ଧଧର୍ମ ମାଳୟ, ଇନ୍ଦୋନେସିଆ ଦ୍ୱୀପପୁଞ୍ଜ ଓ କମ୍ବୋଜ (କାମ୍ବୋଡିଆ) ବ୍ୟାପୀ ଜନପ୍ରିୟତା ଲାଭ କରିଥିଲା ଏବଂ କେବଳ ବୌଦ୍ଧଧର୍ମ ବିଶାଳ ଚୀନ ଭୂଖଣ୍ଡ, ତିବ୍ବତ, ଶ୍ୟାମ (ଥାଇଲାଣ୍ଡ) ଏବଂ ଶ୍ରୀଲଙ୍କାରେ ବ୍ୟାପ୍ତ ହୋଇଥିଲା ।''(୧୧) ମହାଭାରତର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଯାଇ ସେ ପୁଣି କହିଛନ୍ତି -''ଭାରତର ବିଭିନ୍ନ ପ୍ରାନ୍ତର ସଂସ୍କୃତି ଓ ପରମ୍ପରାର ବହୁ ଉପାଦାନ ମହାଭାରତରୁ ମିଳେ । ସତ୍ୟ ସନ୍ଧାନରେ ମାନବର ପ୍ରଜ୍ଞା କେତେ ଉର୍ଦ୍ଧ୍ୱକୁ ଯାଇ ପାରିଥିଲା, ତାର ସର୍ବସାଧାରଣ ପାଠ୍ୟପ୍ରମାଣ ମିଳେ ଯକ୍ଷ-ପ୍ରଶ୍ନାବଳୀ ଭିତରୁ । ତେଣୁ ଭାରତର ପରଂପରାରେ ଏମିତି ମହତ୍ ଦିଗ କିଛିନାହିଁ, ଯାହାର ପରିଚୟ ମହାଭାରତରେ ନାହିଁ ।'' (୧୨) ମଣିଷର ଗୂଢ ଆଧ୍ୟାତ୍ମିକ ଜିଜ୍ଞାସାର ସୂତ୍ରପାତ ପ୍ରଥମେ ଭାରତରେ ହୋଇଥିଲା । ଦେବଭୂମି ଭାରତବର୍ଷ । ଆଧ୍ୟାତ୍ମିକ ଚିଂତା, ଚେତନାର ଭାବଭୂମି ପୁଣ୍ୟ ଭାରତବର୍ଷ । ଏହି ସତ୍ୟକୁ ପ୍ରମାଣିତ କରିବା ପାଇଁ ବିଖ୍ୟାତ ଦାର୍ଶନିକ ଶ୍ରୀ ମନୋଜ ଦାସ କହନ୍ତି -''ଐତିହାସିକ ତଥ୍ୟ ଦୃଷ୍ଟିରୁ ମଣିଷର ଗୂଢ ଆଧ୍ୟାତ୍ମିକ ଜିଜ୍ଞାସାର ସୂତ୍ରପାତ ଯେ ଭାରତରେ ହୋଇଥିଲା ଏବଂ ତାହା ଚାଲିଥିଲା ବେଶ୍ ଧାରାବାହିକ ଓ ବିଧିବଦ୍ଧ ଭାବରେ, ଏଥିରେ ସନ୍ଦେହ ନାହିଁ । ଏହି ମହତ୍ତର ଜିଜ୍ଞାସା ତଥା ତହିଁର ଉତ୍ତର ଲିପିବଦ୍ଧ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଋଗ୍‌ବେଦରେ । ବୈଦିକ ବିଶ୍ୱାସ ସମୂହର ବ୍ୟାଖ୍ୟାୟିତ ରୂପହେଲା ଉପନିଷଦ । ପରବର୍ତ୍ତୀ କାଳରେ ବେଦ ଓ ଉପନିଷଦ ପରିବେଷ୍ଟିତ ଦିଗ୍‌ଦର୍ଶନ ବାହାରେ ମଧ୍ୟ ବହୁ ବିଶ୍ୱାସ ଓ ତତ୍ତ୍ୱର ସୃଷ୍ଟିହେଲା ।'' (୧୩)

---

୧୦ - ତତ୍ରୈବ - ପୃ ୪୭

୧୧ - ତତ୍ରୈବ - ପୃ-୫୭

୧୨ - ତତ୍ରୈବ - ପୃ-୧୩୮

୧୩ - ତତ୍ରୈବ - ପୃ-୧୫୭

Digitized by srujanika@gmail.com

'ମାୟା' ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ । କିଂତୁ ଏହା ଅତ୍ୟନ୍ତ ହାଲୁକା ଅର୍ଥରେ ବ୍ୟବହାର କରାଯାଇଛି । ମାୟା ତତ୍ତ୍ୱ କ'ଣ ସତରେ -ଏହି ସୃଷ୍ଟି ଅଳୀକ, ନିମିତ୍ତମାତ୍ର, ଅସ୍ଥାୟୀ ବ୍ୟବସ୍ଥା ବୋଲି ବୁଝାଇଥାଏ ? ମାୟା ତତ୍ତ୍ୱ ସଂପର୍କରେ ବହୁ ତର୍କ, ବିତର୍କ ଦାର୍ଶନିକ ଚିନ୍ତା ଉପସ୍ଥାପିତ ହୋଇଛି । ତେବେ ମନୋଜ ବାବୁଙ୍କ ମତାମତକୁ ଏ ପ୍ରସଙ୍ଗରେ ଉଦ୍ଧାର କରାଯାଇପାରେ -''କେହି କୌଣସି.ସାଧାରଣ କାମନା, ବାସନାର ବଶୀଭୂତ ହୋଇଥିଲେ ତାକୁ ଯେପରି ମାୟାଗ୍ରସ୍ତ ବୋଲି କୁହାଯାଏ, ମଣିଷର କୌଣସି - ଭ୍ରାନ୍ତ କର୍ମକୁ ମଧ୍ୟ ମାୟାପ୍ରସୂତ ବିଡମ୍ବନା ଭାବରେ ବିଚାର କରାଯାଏ ।'' x x x ମାୟାର ପ୍ରକୃତ ଅର୍ଥ ସୃଷ୍ଟିଶକ୍ତି ହେଲେ ବି ଆମେ ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇ ଆସିବା ଫଳରେ ଯେଉଁ ଅଜ୍ଞାନରେ ନିମଜ୍ଜିତ ହୋଇଛୁଁ, ତାହା ସେହି ସୃଷ୍ଟିଶକ୍ତି ମାୟା ସହ ସମ୍ବନ୍ଧିତ ହୋଇଥିବାଯୋଗୁଁ ଅଜ୍ଞାନ ପ୍ରସୂତ ସମସ୍ତ ବନ୍ଧନ, ସମସ୍ତ ଆକର୍ଷଣକୁ ଜନପ୍ରିୟ ଭାଷାରେ ଆମେ ମାୟାବୋଲି କହିଥାଉଁ । କିନ୍ତୁ ଏହି ଅଜ୍ଞାନରୁ ଉତ୍ତୀର୍ଣ୍ଣ ହେବାର ଉପାୟ ସଂସାର ତ୍ୟାଗ ନୁହେଁ (ଯେଉଁ ଉପାୟକୁ ଅନେକ ଶଙ୍କରଙ୍କ ମାୟାବାଦ ବୋଲି ବୁଝନ୍ତି), ସଂସାରକୁ ଧାରଣ କରୁଥିବା ଦିବ୍ୟସତ୍ୟର ସନ୍ଧାନ ପାଇବା ଏବଂ ସେଥି ସହିତ ଏକୀଭୂତ ହେବାହିଁ ତାର ସଚ୍ଚା ଉପାୟ । ଯେତେବେଳେ ଆମେ ତାହା କରି ପାରିବୁଁ, ସେତେବେଳେ ମାୟାର ସାଧାରଣ ଅର୍ଥ ଅତିକ୍ରମ କରି ତାର ପ୍ରକୃତ ଅର୍ଥ ହୃଦୟଙ୍ଗମ କରିପାରିବୁଁ ।''(୧୪)

ଭାରତ ସାହିତ୍ୟ, ଦର୍ଶନ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଯେପରି ଚରମ ଉତ୍କର୍ଷ ଲାଭ କରିଥିଲା ସେହିପରି ବିଜ୍ଞାନ, ଗଣିତ ଭଳି ବସ୍ତୁଧର୍ମୀ ବିଦ୍ୟାରେ ମଧ୍ୟ ଯଥେଷ୍ଟ ଅଗ୍ରଗତି କରିଥିଲା । ଭାରତୀୟ ମାନଂକର ବୌଦ୍ଧିକ ଚେତନା ବିଶ୍ୱକୁ ଆଲୋକିତ କରିଛି । ମନୋଜ ବାବୁ ଅତି ବାସ୍ତବ ଦୃଷ୍ଟିକୋଣରୁ ଏହା ବର୍ଣ୍ଣନା କରିଛନ୍ତି -''ଅନ୍ତର୍ବୋଧହିଁ ଥିଲା ପ୍ରାଚୀନ ଭାରତୀୟ ବୈଜ୍ଞାନିକ ପ୍ରଗତିର ରହସ୍ୟ । ଆଜି ପାଶ୍ଚାତ୍ୟ ଭୂଖଣ୍ଡର ଅତ୍ୟାଧୁନିକ ଗବେଷଣାଗାରମାନେ ଗୁଳ୍ମଲତାର ଯେଉଁ ଦ୍ରବ୍ୟଗୁଣ ସବୁ ଚିହ୍ନଟ କରୁଛନ୍ତି, ହଜାର ହଜାର ବର୍ଷତଳେ ଭାରତୀୟ ମନୀଷୀମାନେ ଅବିକଳ ସେ ଗୁଣ କିପରି ଚିହ୍ନଟ କରିଥିଲେ ତାହା ଏକ ବିରାଟ ପ୍ରଶ୍ନ । ସେମାନଙ୍କ ଆୟତ୍ତରେ କି ଧରଣର ଗବେଷଣାଗାର ଥିଲା ? ଯଦି କୁହାଯାଏ ସେମାନଙ୍କ ଚେତନା ହିଁ ଥିଲା ସେମାନଙ୍କର ମୁଖ୍ୟ ଗବେଷଣାଗାର, ତେବେ କଥାଟି କାବ୍ୟିକ ଶୁଭିବ । କିନ୍ତୁ କଥାଟି ସତ୍ୟ । ସେମାନେ ଯୌଗିକ ଧ୍ୟାନ ମାଧ୍ୟମରେ କେବେ ବସ୍ତୁସହ ଏକାତ୍ମ ହୋଇ ତାର ଗୁଣ ଠଉରାଇ ପାରୁଥିଲେ । ଆୟୁର୍ବେଦରୁ ଆରମ୍ଭ କରି ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟନ୍ତ, ଅଣୁବିଦ୍ୟାରୁ ଆରମ୍ଭ କରି ରସାୟନ ବିଦ୍ୟା ପର୍ଯ୍ୟନ୍ତ, ଦିଲ୍ଲୀର ବିଖ୍ୟାତ ରହସ୍ୟମୟ ଲୌହସ୍ତମ୍ଭରୁ ଆରମ୍ଭ କରି ବିଶାଳ

୧୪ - 'ଭାରତର ଐତିହ୍ୟ -ଶତେକ ପ୍ରଶ୍ନର ଉତ୍ତର'-ମନୋଜ ଦାସ -ପୃ୧୭୭/୧୭୮

Digitized by srujanika@gmail.com

ଦେବାଳୟ ସମୂହରେ ନିହିତ ସ୍ଥାପତ୍ୟ ବିଦ୍ୟା ପର୍ଯ୍ୟନ୍ତ ନାନାଦି ତଥାକଥିତ ବାସ୍ତବ ବିଦ୍ୟାରେ ଭାରତବର୍ଷ ଅବିସମ୍ବାଦିତ ଅଗ୍ରଗତି ସାଧନ କରିଥିଲା ।'' (୧୫) ଭାରତରେ ସର୍ବ ପ୍ରାଚୀନ ସାହିତ୍ୟ ସମ୍ମେଳନ, ସାହିତ୍ୟ ସଂଗଠନର ସୂଚନା ମିଳେ । ପ୍ରଫେସର ଦାସଙ୍କ ବକ୍ତବ୍ୟ ଭିତରେ ଏହି କଥା ଆମେ ପାଇଥାଉଁ -''କିମ୍ବଦନ୍ତୀ କହେ, ପୌରାଣିକ ଯୁଗରେ ହିଁ ଭାରତର ଅନ୍ୟତମ ସୁପ୍ରାଚୀନ ନଗରୀ ମଦୁରାଇଠାରେ ପ୍ରଥମ ସାହିତ୍ୟ ସମ୍ମେଳନ ହୋଇ 'ସଙ୍ଗମ' ନାମକ ସଂଗଠନରେ ପରିଣତ ହୋଇଥିଲା । ଏଥିରେ ପୌରୋହିତ୍ୟ କରିଥିଲେ ଋଷିବର ଅଗସ୍ତ୍ୟ । ଏହାର ପୃଷ୍ଠପୋଷକ ଥିଲେ ପାଣ୍ଡ୍ୟରାଜା । 'ସଙ୍ଗମ'ର ମହା ସମ୍ମିଳନୀ ତିନଥର ଅନୁଷ୍ଠିତ ହୋଇଥିଲା । ପ୍ରତି ସମ୍ମିଳନୀରେ ବହୁ ସଂଖ୍ୟକ କବି ନିଜନିଜ ରଚନା ପାଠ କରିଥିଲେ ।'' (୧୬)

ସବୁଠାରୁ ସ୍ମରଣୀୟ, ଭାରତର ବିଶାଳ ଐତିହ୍ୟ, ଭାରତର ବୈଶିଷ୍ଟ୍ୟ ଯାହା ବିଶ୍ୱରେ ସ୍ୱୀକୃତ । ଭାରତ ତାର ନିଜସ୍ୱ ଦର୍ଶନ, ଆଧ୍ୟାତ୍ମିକ ଚିନ୍ତନ ପାଇଁ ସର୍ବଶ୍ରେଷ୍ଠ ରାଷ୍ଟ୍ର ହୋଇଛି । ସମଗ୍ର ପୃଥିବୀରେ ଭାରତ ପଥପ୍ରଦର୍ଶକ ହୋଇ ଅନ୍ୟମାନଙ୍କର ଆଦର୍ଶ ହୋଇଛି । ଭାରତୀୟ ଚେତନାର ସଫଳ ଉପସ୍ଥାପକ ମନୋଜ ଦାସ ଲେଖିଛନ୍ତି - ''ଆମର ଜୀବନ, ଆମର ଆଭିମୁଖ୍ୟ, ଜୀବନର ପରମ ଗନ୍ତବ୍ୟ, ଜନ୍ମ ମୃତ୍ୟୁର ରହସ୍ୟ, ଆମ ପ୍ରକୃତ ସତ୍ତା (ଆତ୍ମା)ର ଆବିଷ୍କାର- ଏସବୁ ଲକ୍ଷ୍ୟନେଇ ମଣିଷ ଯେଉଁ ଅନୁସନ୍ଧିତ୍ସା ଆରମ୍ଭ କରିଥିଲା, ତାର ବିଧିବଦ୍ଧ ଦଲିଲ୍ ହେଲା ଭାରତର ଆଧ୍ୟାତ୍ମିକ, ଦାର୍ଶନିକ ଏବଂ ସାହିତ୍ୟିକ ପରମ୍ପରା । ବହୁ ଉତ୍ଥାନ ପତନ, ଭୁଲଭ୍ରାନ୍ତି, ବିଚ୍ୟୁତି ଓ ବିକୃତି ସତ୍ତ୍ୱେ ଭାରତର ଆତ୍ମା ଏହି ଅନ୍ୱେଷଣ ଅବ୍ୟାହତ ରଖିଛି । ଏହି ଅନ୍ୱେଷଣର ସର୍ବ-ସାଂପ୍ରତିକ ଫଳ, ତପସ୍ୟାଲବ୍ଧ ଜ୍ଞାନର ପ୍ରତୀକ୍ । ଏ ଲେଖକଙ୍କ ମତରେ ଶ୍ରୀ ଅରବିନ୍ଦ ବୈଦିକ ଯୁଗର ଉଷାକାଳରେ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ଅଭିଯାତ୍ରାର ପରିଣତି ଭାବରେ ଉପସ୍ଥାପିତ ତାଙ୍କ ଦିଗ୍‌ଦର୍ଶନ ଓ ବାଣୀ ଅନୁସାରେ ଖାଲି ନିର୍ବାଣ ବା ସ୍ୱର୍ଗାରୋହଣ ଆଧ୍ୟାତ୍ମିକ ମାର୍ଗର ସୀମାନ୍ତ ନୁହେଁ, ଭୂପୃଷ୍ଠରେ ଏହି ସ୍ଥୂଳ ଜୀବନ ଦିନେ ଦିବ୍ୟଜୀବନରେ ପରିଣତ ହେବାର ପ୍ରତିଶ୍ରୁତି ବହନ କରେ ଏ ସୃଷ୍ଟି । ଆଜିର କ୍ଷୟିଷ୍ଣୁ ମାନବତା ପାଇଁ ଏହାହିଁ ଭାରତର ମହତ୍ତର ଅବଦାନ ।'' (୧୭)

ଭାରତୀୟ ଆଧ୍ୟାତ୍ମିକ ଚେତନା, ଦର୍ଶନ, ଐତିହ୍ୟ, ପରଂପରାକୁ ଏତେ ସୁନ୍ଦର, ଅଥଚ ସରଳ ଭାବରେ ପ୍ରକାଶ କରି ଅଗଣିତ ବୁଦ୍ଧିଜୀବୀ, ସାଧାରଣ ପଠକ, ସର୍ବୋପରି ଭାରତବାସୀଙ୍କର ପ୍ରିୟ, ଆପଣାର ହୋଇଚନ୍ତି ଖ୍ୟତନାମା ସାରସ୍ୱତ ସାଧକ

୧୫- ତତ୍ରୈବ - ପୃ୧୮୫/୧୮୬
୧୬ - ତତ୍ରୈବ -ପୃ-୧୯୬
୧୭ - ତତ୍ରୈବ - ପୃ-୨୦୪

Digitized by srujanika@gmail.com

ମନୋଜ ଦାସ ।ତାଂକର ବ୍ୟକ୍ତିତ୍ୱ ବହୁ ଉଚ୍ଚରେ । ପ୍ରଫେସର ଦାସଙ୍କର ପ୍ରତିଭାର ମୂଲ୍ୟାୟନ ବିଭିନ୍ନ ସ୍ତରରେ ଆରମ୍ଭ ହୋଇଛି । ସେଥିପାଇଁ ବିଶିଷ୍ଟ ସାମ୍ବାଦିକ ଏମ୍.ଭି. କାମାଥ୍ ଲେଖିଥିଲେ-''ମନୋଜ ଦାସ ବୋଇଲେ କ'ଣ ? ଜଣେ ସମାଜ ସମୀକ୍ଷକ ? ଜଣେ ମନୋବିଜ୍ଞାନୀ ? ନା ଜଣେ ଗଳ୍ପ ଲେଖକ ? ଏକ ଆରକୁ ବଳି ତାଙ୍କ ଗଳ୍ପସବୁ ପଢିଲେ ମୁଁ ଅନୁଭବ କରେ ଯେ ସେ ସବୁର ସମାହାର -ପୁଣି ଜଣେ ଅଦମ୍ୟ ଭାରତୀୟ ।'' (୧୮)

ମାନବିକ ବୌଦ୍ଧିକ ଚେତନା, ପୁଣି ଭାରତୀୟ ଭାବନାର ଜଣେ ଅସାମାନ୍ୟ ସ୍ରଷ୍ଟା ମନୋଜ ଦାସ । ସେ ପୁଣି ପ୍ରାଚ୍ୟ ପରଂପରାର ଜଣେ ସଫଳ ସାଧକ । ମାଟିର ମଣିଷ ପ୍ରତି ମମତ୍ୱବୋଧ ସହିତ ଆଧୁନିକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ନିକ୍ଷେପ ସହ ସ୍ୱକୀୟ ବିଚାରଧାରାକୁ ପ୍ରତିଷ୍ଠା କରିବାରେ ମନୋଜ ବାବୁଙ୍କ ସଫଳତା ବହୁ ମର୍ଯ୍ୟାଦା ଲାଭ କରିଛି । ବାସ୍ତବିକ ସେ ଅନନ୍ୟ-ସେଥିପାଇଁ ଭାରତୀୟ ଭାଷା, ସାହିତ୍ୟର ଅନ୍ୟତମ ସଫଳ ସ୍ରଷ୍ଟା ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମନୋଜ ବାବୁଙ୍କ କୃତିର ଆକଳନ କରି ଲେଖିଛନ୍ତି-''ସ୍ରଷ୍ଟା ମନୋଜ ପ୍ରାଚ୍ୟ ପରଂପରାର ଜଣେ ସିଦ୍ଧ ସାଧକ । କିନ୍ତୁ ସ୍ରଷ୍ଟାଙ୍କ ଚାରଣଭୂମି ସୁବିସ୍ତୃତ । କଥନ ଶୈଳୀ, ଭାବବିନ୍ୟାସ, ଉପସ୍ଥାପନା ଶୈଳୀ ଓ ପ୍ରତ୍ୟେକ କ୍ଷେତ୍ରରେ ତାଂକର ସ୍ୱାତନ୍ତ୍ର୍ୟ ସୁବିଦିତ । କେତେବେଳେ ତାଙ୍କ କଣ୍ଠରେ ବ୍ୟାସ, କାଳିଦାସ ତ ଅନ୍ୟ କେତେବେଳେ ଲୋକଗୀତ ଚାରଣଗୀତର ମୂର୍ଚ୍ଛନା । ମୋପାସାଁ, ଓ' ହେନେରୀ କାନ୍ଧରେ କାନ୍ଧ ମିଳାଇ ଚାଲିଛନ୍ତି ସୋମଦେବ ବିଷ୍ଣଶର୍ମାଙ୍କ ସହ ସ୍ରଷ୍ଟାଙ୍କ ଚେତନାରେ । ଏ ମିଶ୍ର କାକଳୀ ଭିତରେ ଧ୍ୟାନସ୍ଥ ସନ୍ନ୍ୟାସୀ, ବିଦୂର ପରି ସେ ବଖାଣି ଚାଲିଛନ୍ତି ଜୀବନ ଯୁଦ୍ଧର ଚଳମାନ ଚିତ୍ର । ଏକ ଆତ୍ମତୃପ୍ତି ବ୍ୟକ୍ତିତ୍ୱର ସାର୍ଥକ ପରିପ୍ରକାଶ ଘଟିଛି କଳା ସୃଷ୍ଟିରେ ।'' (୧୯)

ଭାରତବର୍ଷର ଗୌରବ କଥା କହିବାକୁ ଯାଇ ବିଶାଳ ପୃଥିବୀର ଅନ୍ତରାତ୍ମାକୁ ସ୍ପର୍ଶ କରିବାର ସିଦ୍ଧସାଧକ ମନୋଜ ଦାସ ଯଥେଷ୍ଟ ସଫଳତା ଲାଭ କରିଛନ୍ତି । ତାଂକ ଉଦ୍ୟମ ଏ କ୍ଷେତ୍ରରେ ଅସାଧାରଣ ବୋଲି ମନେହୁଏ । ସେଥିପାଇଁ ମନୋଜ ବାବୁ ବିଶ୍ୱର ବହୁ ପ୍ରସିଦ୍ଧ ଲେଖକଙ୍କ ସହ ତୁଳନୀୟ । ''ଗଳ୍ପର କଳା କାରିଗରୀ ଓ ପରମ୍ପରା ସଂପ୍ରୀତି ଦୃଷ୍ଟିରୁ ତାଙ୍କୁ ବହୁ ବିଶିଷ୍ଟ ସମାଲୋଚକ ବିଶ୍ୱ ସାହିତ୍ୟର ପ୍ରାଚୀନ ଓ ଆଧୁନିକ କାଳର କଥାଶିଳ୍ପୀ ଇସପ୍, ଚେକୋଭ, ମୋପାସାଁ, କିପଲିଙ୍ଗ, ଓ.ହେନେରୀ, ସୁଇଫ୍ଟ୍, ଅରୱେଲ, ସାକି, ଆର.ଏକ.ନାରାୟଣ, ମୁଲକରାଜ ଆନନ୍ଦ ଆଦିଙ୍କ ସହ ତୁଳନା

୧୮ - ଏମ୍. ଭି. କାମାଥ - ଦି ଉଇକ୍

୧୯-'ଆରୋହଣର ଅନନ୍ୟ ଅଭିବ୍ୟକ୍ତି' - ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ-ସାହିତ୍ୟ ସାଧକ ମନୋଜ ଦାସ, ସଂପାଦନା -ପ୍ରଫେସର ଡଃ ବାଉରୀବନ୍ଧୁ କର -ପୃ-୨୦୩

Digitized by srujanika@gmail.com

କରିଥାନ୍ତି । ତାଙ୍କ ସୃଷ୍ଟି ଶିଳ୍ପରେ ସର୍ବତ୍ର ପରିଲକ୍ଷିତ ହୁଏ ସଂସ୍କାରକର ଦୃଷ୍ଟିଭଂଗୀ, ଐତିହାସିକର ଅନ୍ତର୍ଦୃଷ୍ଟି, ପରିବ୍ରାଜକୀୟ ପର୍ଯ୍ୟବେକ୍ଷଣ, ଦାର୍ଶନିକ ଅବବୋଧ, ଭାରତ ବର୍ଷ ତଥା ବିପୁଳ ବିଶ୍ୱର ଅନ୍ତରାତ୍ମାକୁ ଛୁଇଁବାର ସ୍ପର୍ଦ୍ଧା ଓ ଆତ୍ମୀୟତାବୋଧ, ସର୍ବୋପରି ସତ୍ୟ ଓ ଶାଶ୍ୱତ ଅନ୍ୱେଷଣର ବିହ୍ୱଳ ଆକୁଳତା । ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ନିରବିଚ୍ଛନ୍ନ ଭାବରେ ଲେଖନୀ ଚାଳନା ପୂର୍ବକ ଅଜସ୍ର ଗଳ୍ପ, କବିତା, ରମ୍ୟ ରଚନା, ପ୍ରବନ୍ଧ, ଭ୍ରମଣ କାହଣୀ ତଥା କିଶୋର ସାହିତ୍ୟସୃଷ୍ଟି କରି ଉତ୍କଳ ବାଣୀ ମନ୍ଦିରକୁ ସୁସମୃଦ୍ଧ କିରବା ସଂଗେ ସଂଗେ ଏକ ଦ୍ୱିଭାଷିକ ଲେଖକ ଭାବେ ଓଡ଼ିଆ ସାହିତ୍ୟକୁ କେବଳ ଜାତୀୟସ୍ତରରେ ନୁହେଁ, ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ପରିଚିତ ଏବଂ ପ୍ରଶଂସିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଚାଲିଛନ୍ତି ପ୍ରଜ୍ଞା ପୁରୁଷ ମନୋଜ ଦାସ ।'' (୨୦)

ମନୋଜ ବାବୁଙ୍କ ସାରସ୍ୱତ ସତ୍ତା ଭାରତର ସେହି ବିଭବ ପ୍ରତି ଆକର୍ଷିତ ହୋଇଛି । ତାଂକର ଦୃଷ୍ଟିକୋଣ, ନିଜସ୍ୱ ବିଚାରରେ ଭାରତର ମହାନ୍ ଐତିହ୍ୟ, ବିଭା ମଣ୍ଡିତ ହୋଇଛି । ଭାରତବର୍ଷର ମହତ୍ୱ ପ୍ରକଟିତ କରି ସକଳ ମଣିଷକୁ ଏକ କରିବାରେ ତାଙ୍କର ଅନ୍ୱେଷା ବୃହତ୍ତର ଦୃଷ୍ଟିକୋଣର ପରିଚୟ ପ୍ରଦାନ କରେ ।

ଆଧୁନିକ ମଣିଷ-ସମାଜର ସ୍ୱରୂପକୁ ସେ ଅତି ନିଖୁଣ ଭାବରେ ଚିତ୍ରଣ କରିଛନ୍ତି ତାଂକ ସାରସ୍ୱତ କୃତିରେ । ଯୋଗୀ, ଋଷିମାନଙ୍କ ପରି ମହାନ୍ ସଂସ୍କୃତିର ଗୁଣଗାନ କରି ମାନବ ସମାଜ ପାଇଁ ନୂତନ ଦିଗ୍‌ଦର୍ଶନ ମନୋଜ ବାବୁ ପ୍ରଦାନ କରିଛନ୍ତି ।ଓଡ଼ିଶା ମାଟିର ଗର୍ବ, ସେ ଏପରି ବରପୁତ୍ରଙ୍କୁ ସୃଷ୍ଟିକରି ବିଶ୍ୱମାନବ ସେବାରେ ନିୟୋଜିତ କରିବାରେ ସମର୍ଥ ହୋଇଛି । ସ୍ଥିତପ୍ରଜ୍ଞ ସାଧକ, ଆଜୀବନ ସାରସ୍ୱତ ତପସ୍ୱୀ, ଋଷି ପ୍ରତିମ ବ୍ୟକ୍ତିତ୍ୱ ଓ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତାରେ ପରିପୂର୍ଣ୍ଣ ମନୋଜ ଦାସଙ୍କ ଅମୃତ ରଚନା ଯୁଗେ ଯୁଗେ ମାନବ ସମାଜକୁ ସମୃଦ୍ଧ କରିବ ଏଥିରେ ସନ୍ଦେହ ନାହିଁ । ଏହି ପ୍ରଖ୍ୟାତ ସ୍ରଷ୍ଟାଙ୍କ ଭାବ, କଥା, ବ୍ୟବହାର ସଦା ସର୍ବଦା ବିନୟ, ବିନମ୍ର ଭାବରେ ପରିପୂର୍ଣ୍ଣ । ଏତେ ସୃଷ୍ଟି-ସଂପଦରେ, ବିପୁଳ ସଫଳତାର ଅଧିକାରୀ ପଦ୍ମଶ୍ରୀ ମନୋଜ ଦାସଙ୍କୁ ଥରେ ପଚାରିଥିଲୁ-ସେ କାହିଁକି ଲେଖନ୍ତି ? ସେ କିନ୍ତୁ ସେହି କୋମଳ, ନରମ, ସହଜ ଭାଷାରେ କହିଥିଲେ-''ଏହି ବିଷୟ ଉପରେ ଲେଖିବାପାଇଁ ପୂର୍ବରୁ ଯେତେଥର ଚେଷ୍ଟା କରିଛି ସଫଳ ହୋଇନାହିଁ । ଜଣେ କାହିଁକି ଲେଖେ ସେ କଥା ପ୍ରକାଶ କରିବା, ଜଣେ କାହିଁକି ପ୍ରେମ କରେ ସେ ପ୍ରଶ୍ନର ଉତ୍ତର ଭଳି ଅସମ୍ଭବ ବ୍ୟାପାର । ଏକଥା ବାସ୍ତବିକ କହିଦେଇ ହେବନାହିଁ । ଏହା ରହସ୍ୟମୟ ହୋଇ ରହିବା ହିଁ ଭଲ ।'' (୨୧)

ସୁଖ୍ୟାତ ସାଧକ, ପୁଣି ଭାରତୀୟ ଐତିହ୍ୟ, ସଂସ୍କୃତି ପରମ୍ପରାର ଶ୍ରେଷ୍ଠ ପ୍ରବକ୍ତା ମନୋଜ ଦାସଙ୍କ ପରିପୂର୍ଣ୍ଣ ଜୀବନ -ସାଧନାରେ ବିଶ୍ୱ ମାନବର କଲ୍ୟାଣ ସାଧିତ ହେଉ । ଭାରତୀୟ ମହାମନ୍ତ୍ରରେ ଜଗତ ଉଦ୍‌ବୁଦ୍ଧ ହେଉ ।

• ସଂପାଦକ : 'ଉତ୍କଳ ସାହିତ୍ୟ ସମାଜ', ମାହାଙ୍ଗା, କଟକ

୨୦- 'ସମୁଦ୍ରରୁ ଶଙ୍ଖେ'- ହରିହର ଶୁକ୍ଳ -'ସୃଜନୀ'-୨୦୦୧

୨୧- 'ମୁଁ କାହିଁକି ଲେଖେ'- ସଂପାଦନା -ବିଜୟାନନ୍ଦ ସିଂହ

Digitized by srujanika@gmail.com

ଜିଜ୍ଞାସୁ ମନୋଜ

ଅପୂର୍ବ ରଂଜନ ରାୟ

ଅସାଧାରଣ ହୃଦୟ ଯେତେବେଳେ ବିଶ୍ୱମୁଖୀ ହୋଇଯାଏ, ସେତେବେଳେ ସେ ସାଧାରଣ ଭାବାବେଗଠାରୁ ଦୂରରେ ରହି, ଅତି ସହଜ ଓ ସାଧାରଣ, ଅପାରଂପରିକ ଚେତନା ଦ୍ୱାରା ଉଦ୍‌ବୁଦ୍ଧ ହୁଏ । ତା' ପାଇଁ ଅର୍ଥର ଅଭାବ ରହେନାହିଁ, ଅଥଚ ସେ ସ୍ୱାର୍ଥପର ହୁଏନାହିଁ, ଅସ୍ୱଚ୍ଛଳତା ଭିତରେ ସେ ପରିପୂର୍ଣ୍ଣ ଓ ସ୍ୱଚ୍ଛଳ ପ୍ରାଣ-ପ୍ରବାହର ସଂଧାନ ପାଏ । ସେ ଯାହା ପାଏ, ତାହା ତା' ପାଇଁ ଆପଣାର ମନେହୁଏ ନାହିଁ । ହାତକୁ ଆସିଥିବା ସଂପଦର ସେ ଅଧିକାରୀ ବୋଲି ଆତ୍ମ ସନ୍ତୋଷ ଲାଭ କରେନାହିଁ । ଏଇ ସେହି ଅଦୃଶ୍ୟ ମହାନ୍ ଦାତାଙ୍କ ଦାନ ଏବଂ ସେହି ହିଁ ଏକମାତ୍ର ମହାଦାନୀ ଓ ଅଧିକାରୀ; ଏହି ଉଦାର ଚିନ୍ତାଧାରା ତାକୁ ଊର୍ଦ୍ଧ୍ୱାୟିତ ସ୍ତରକୁ ଘେନିଯାଏ ।

ଉଦାର ଓ ମହାନ୍ ମନୋଜ ଦାସଙ୍କ ହାତକୁ ଯେତେବେଳେ ଯାହା ଯେଉଁଠୁ ଆସୁନା କାହିଁକି, ତାକୁ ସେ ଜାବୁଡ଼ି ରଖନ୍ତି ନାହିଁ । ବରଂ ନିଜ ପାଖକୁ ଏହା ଆସିଛି ଅପର ବା ଅନ୍ୟ ମହତ୍ କାର୍ଯ୍ୟ ସଂପାଦନ ପାଇଁ, ଏପରି ବିଚାରଧାରା ତାଙ୍କୁ ହଜାଇ ଦିଏ । ସେ ହଜି ଯାଆନ୍ତି ଦାନର ସୀମା ଓ ପରିସୀମା ସନ୍ଧାନରେ । ସେହି ସଂଧାନୀ ମନ ଓ ଶରୀର ଆଡମ୍ବର ପରିଧେୟଠାରୁ ଦୂରରେ ରହି, ଛିଣ୍ଡା, ଅପ୍ରଶସ୍ତ ପୋଷାକ ବ୍ୟବହାର ଲାଗି ଆଦୌ କୁଣ୍ଠିତ ହୁଏନାହିଁ । ତା'ପାଇଁ ଅନ୍ୟର ଜୀବନ ଆନନ୍ଦିତ ହେବାରେ ସେ ସୁଖୀ ହଏ ।

ସେ ତାଙ୍କ ସାରସ୍ୱତ ସାଧନା ପାଇଁ ମର୍ଯ୍ୟାଦାଜନକ ସାରଳା ପୁରସ୍କାର ଦ୍ୱାରା ସମ୍ମାନିତ ହେଲେ । ତାଙ୍କୁ ଏଥିପାଇଁ ମିଳିଥିବା ନଗଦ ଦଶହଜାର ଟଙ୍କା ପଣ୍ଡିଚେରୀ ଶ୍ରୀ ଅରିବିନ୍ଦ ଆଶ୍ରମକୁ ଦାନ କରିଦେଲେ । ସେ ଯେତେଗୋଟି ସଂସ୍ଥା ଦ୍ୱାରା ପୁରସ୍କୃତ ହୁଅନ୍ତି, ଏ ବାବାଦରେ ମିଳିଥିବା ଅର୍ଥକୁ ଅନ୍ୟମାନଙ୍କ ପାଇଁ ଦାନକରି ତୃପ୍ତିଲାଭ କରନ୍ତି । ହାତକୁ ଅର୍ଥ ଆସିଯାଇଛି ବୋଲି ସେ ବିଳାସରେ ଦିନ ଅତିବାହିତ କରିବାର ବାସନା ପୋଷଣ କରନ୍ତି ନାହିଁ । ବରଂ ତାଙ୍କ ଅଗ୍ରଜ ଡ: ମନ୍ମଥ ନାଥଙ୍କ ଭାଷାରେ-''ମନୋଜ ଯେତେ ପ୍ରକାର ପୁରସ୍କାର ପାଇଛି, ସବୁ ଦାନ କିରଦେଇଛି । ଅଥଚ, ମୋ ପାଖରୁ ପୁରୁଣା ଧୋତି

Digitized by srujanika@gmail.com

କିମ୍ବା ସାର୍ଟ ଖଣ୍ଡିଏ ଆଗ୍ରହରେ ନେଇ ମଧ୍ୟେ ମଧ୍ୟେ ନିଜର ବ୍ୟକ୍ତିଗତ ଅଭାବ ସେ ମେଣ୍ଟାଇଥାଏ ।''

ଭୋଗ, ମୋହ ତାଙ୍କୁ ଗ୍ରାସ କରିନାହିଁ । ଭାରତୀୟ ସଂସ୍କୃତିର ମହାନ୍ ଆଦର୍ଶ ତ୍ୟାଗକୁ ସେ ଜୀବନରେ ଗ୍ରହଣକରି ଧନ୍ୟ ହୋଇଛନ୍ତି । ଆଜି ସେ ଯେଉଁ ଉଚ୍ଚସ୍ତରକୁ ତାଙ୍କ ମନକୁ ନେଇ ଯାଇ ପାରିଛନ୍ତି, ତାହା ନିଃସ୍ୱାର୍ଥପରତା ପାଇଁ ହିଁ ସମ୍ଭବ ହୋଇଛି । କେବଳ ସେତିକି ନୁହେଁ, ସେ ଯେମିତି ସବୁବେଳେ ଭାରତର ଆତ୍ମା ସନ୍ଧାନରେ ବ୍ୟାକୁଳ । ସେହି ବ୍ୟାକୁଳିତ ପ୍ରାଣର ଭାଷା- ''ନିଜ ବାସ୍ତବ ଜୀବନର ଦୈନନ୍ଦିନ ସୁଖ, ଦୁଃଖ, ଘାତ ପ୍ରତିଘାତରେ ମଣିଷ ଯେତେ ଜଡିତ ରହୁନା କାହିଁକି, ପଶୁ ଭଳି ଖାଲି ଜୀଇଁ ରହିବାରେ ସୀମାବଦ୍ଧ ନୁହେଁ ମଣିଷର ଚେତନା ।''

ମନୋଜ ବାବୁ ସବୁବେଳେ ଅନ୍ତର୍ସତ୍ତାକୁ ଜାଣିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ତାଙ୍କୁ ବହୁ ଉଚ୍ଚକୁ ନେଇଯାଇଛି । ସେହି ସତ୍ତାର ପରିଚୟ ପାଇଁ ସେ ଗଭୀରକୁ ପ୍ରବେଶ କରନ୍ତି । ସେହି ସତ୍ତା ସହିତ ନିଜକୁ ସଂଲଗ୍ନ କରିବାରେ ମଣିଷର ଚରମ ତୃପ୍ତି । ଏପରି ଆଧ୍ୟାତ୍ମିକ ଜୀବନ ଅତ୍ୟନ୍ତ ଦୁର୍ଲଭ । ତାଙ୍କ ଭାଷାରେ କୁହାଯାଇପାରେ- ''ଆଧ୍ୟାତ୍ମିକତାର ମର୍ମକଥା ହେଲା, ଆମ ଅନ୍ତର୍ସତ୍ତାକୁ ଜାଣିବା, ଯାହାକି ଆମ ମନ, ପ୍ରାଣ ଓ ଦେହଠୁଁ ଭିନ୍ନ । ସେହି ସତ୍ତା ସହ ଏକ ହୋଇଯିବାର ଅଭୀପ୍ସା, ଏକ ଅସୀମ ଚେତନା, ଯାହାର ଅନ୍ତର୍ଭୁକ୍ତ ଏ ବାୟୁମଣ୍ଡଳ, ତା' ବିଷୟରେ ଚେତି ଉଠିବା, ତା' ସ୍ପର୍ଶରେ ନିଜ ସୀମିତ ଚେତନାର ରୂପାନ୍ତର ସାଧନ ହିଁ ଅଧ୍ୟାତ୍ମିକତାର ପରବର୍ତ୍ତୀ କଥା ।''

କୈଶୋରାବସ୍ଥାରୁ ମାର୍କସ୍‌ବାଦ ପରି ନିର୍ଦ୍ଦିଷ୍ଟ ରାଜନୈତିକ ମତବାଦ ଦ୍ୱାରା ପ୍ରଭାବିତ ହୋଇଥିବା ଜଣେ ଆଦର୍ଶବାଦୀ ନୀତିନିଷ୍ଠ ସଂଗ୍ରାମୀ, ଯୌବନାବସ୍ଥାରେ ଆଧ୍ୟାତ୍ମିକ ଜଗତ ପ୍ରତି ଘନିଷ୍ଠ ହୋଇଗଲେ ଯେ, ସେହି ବଳୟରୁ ଚାଲି ଆସିବା ତାଙ୍କ ପକ୍ଷେ ସମ୍ଭବପର ହେଲାନାହିଁ । ସେଠି ସେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନକରି ସଂଗ୍ରାମୀ ରୂପେ ପରିଚିତ ହୋଇଥିଲେ, ପୁଲିସ୍‌ର ସତର୍କ ଦୃଷ୍ଟି ଭିତରେ ସେ ଆବଦ୍ଧ ହୋଇ ରହିଥିଲେ । ଏଠାରେ ବି ସେ ସଂଗ୍ରାମୀ । କିନ୍ତୁ ସଂଗ୍ରାମର ବଳୟ କାହାରି ବିଷ ଦୃଷ୍ଟିରେ ନାହିଁ । ମଣିଷର ପରିତୃପ୍ତି ପାଇଁ ତାଙ୍କ ସାଧନା । ସେହି ସାଧକ ଜୀବନ, ଦିଗନ୍ତ ବିସ୍ତାରୀ ସୃଜନଶୀଳତାର ଉତ୍ସ ହେବାକୁ କ୍ଷମ ହୋଇଛି ।

କୈଶୋର ଜୀବନରେ ସେ ଲେଖିଥିଲେ 'ବିପ୍ଳବୀ ଫକୀରମୋହନ' । ସେଥିରେ କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ଜୀବନାଲେଖ୍ୟ କବିତାରେ ଚିତ୍ରଣ କରାଯାଇଛି । କବିତାର ଭାବ ଯେପରି ବାସ୍ତବଧର୍ମୀ, ଛନ୍ଦ ଓ ଭାଷା ସଂଯୋଜନା ମଧ୍ୟ ସେପରି ମାର୍ଜିତ ହୋଇ ପାରିଛି । ଶୁଣିଥିଲି, ସେ ନବମ ଶ୍ରେଣୀରେ ଅଧ୍ୟୟନ କଲାବେଳେ ଏହାକୁ ରଚନା କରିଥିଲେ । ଏତେ ଅଳ୍ପ ବୟସରୁ

Digitized by srujanika@gmail.com

ସେ କିପରି ଏପରି ସୁନ୍ଦର କବିତା ରଚନା କରିପାରିଲେ, ତାହା ପ୍ରଶ୍ନବାଚୀ ସୃଷ୍ଟିକରେ । ସେହି କବିତା ଗ୍ରନ୍ଥଟି ମୁଁ ଦୋଳସାହିର ରାମନାରାୟଣ ହାଇସ୍କୁଲରେ ଛାତ୍ର ଥିଲାବେଳେ, ସ୍କୁଲ ଲାଇବ୍ରେରୀରୁ ନେଇ ପଢିଥିଲି । ସେତେବେଳେ ତା'ର ଛନ୍ଦରେ ମୁଗ୍ଧ ହୋଇଥିଲି । ପରେ ଭାବ ଆଲୋଚନାର ସୁଯୋଗ ପାଇଲି । ଏହି ବହିଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଉତ୍ସର୍ଗ ହୋଇଛି । ପୂର୍ବରୁ ତାଙ୍କର ପ୍ରଥମ କବିତା ଗ୍ରନ୍ଥ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶ ପାଇଥିଲା । ଏହାର ଭାବାବେଗ ଉଚ୍ଚକୋଟୀର ଦେଖି କାନ୍ତକବି ଲକ୍ଷ୍ମୀକାନ୍ତ, କବିଙ୍କୁ ସାକ୍ଷାତ କରିବା ପାଇଁ ଆଗ୍ରହୀ ହୋଇଥିଲେ । କବି ମନୋଜ ଏତେ ଅଳ୍ପ ବୟସର, ଲକ୍ଷ୍ମୀକାନ୍ତଙ୍କ ଧାରଣା ବାହାର ଥାଏ । ପ୍ରଥମ ସାକ୍ଷାତରେ କହି ପକାଇଲେ-"ତମେ ପିଲାଲୋକ ? 'ଶତାବ୍ଦୀର ଆର୍ତ୍ତନାଦ' ପଢିଛି । ବେଶି ବିକ୍ରି ହୋଇନଥିବ କଦାପି । ବର୍ତ୍ତମାନ ପାଠ ପଢୁଛ । ପ୍ରେମ, ଯୌବନ ଏସବୁ ନେଇ ସିନା କବିତା ଲେଖନ୍ତ !! ତା' ନଲେଖି ଏତେ ଗୁରୁତର କଥା ଭାବୁଚ, ପରିଣାମ ଏକା ଭଲ ନୁହେଁଟି ।" ସେ ମନୋଜ ବାବୁଙ୍କୁ ଦେଖି କେବଳ ବିସ୍ମିତ ହେଲେନାହିଁ । ତାଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇବାରର ତୃପ୍ତି ଅନୁଭବ କଲେ କବି ଲକ୍ଷ୍ମୀକାନ୍ତ । ସେତେବେଳକୁ ସେ ମାର୍କସବାଦ ଆଡକୁ ଆକୃଷ୍ଟ ହେଲେଣି । ଯେତେବେଳେ କାନ୍ତକବି ଲକ୍ଷ୍ମୀକାନ୍ତ ତାଙ୍କ ତାଳପଦା ବାସଭବନରେ ମନୋଜଙ୍କୁ ପଚାରନ୍ତି-"ତମେ କଉଁ ରାଜନୀତିକ ଶ୍ରେଣୀର ଭକ୍ତ ହେ ?" ସେ ଉତ୍ତର ଦେଇଥିଲେ -"ମୁଁ ବର୍ତ୍ତମାନ ମାର୍କସ୍‌ବାଦ ପଢୁଛି ।" ସେ ଏହି ବାଦକୁ ଏପରି ଅଳ୍ପ ବୟସରୁ ବିଶ୍ଳେଷଣ କରିପାରିଥିଲେ ଯେ, ଏହାର ବିରୋଧାଚାରଣ ସହ୍ୟ କରି ପାରୁନଥିଲେ । କାନ୍ତକବି ଯେତେବେଳେ କହଲେ-"ଏ ଜଗତ ପ୍ରତି ଏକାନ୍ତ ନିଷ୍ଠୁର ଭାବରେ, ନିର୍ମମଭାବରେ ପ୍ରତିଶୋଧ ନେବା କଥା ।" ସେତେବେଳେ ସେ ଏହାର ପ୍ରତିବାଦ କରି ଉତ୍ତର ଦେଲେ-"ଏ ଜଗତ୍ ପ୍ରତି ନିଷ୍ଠୁର ଆଉ ନିର୍ମମ ହେବାଟା ତ ମାର୍କସବାଦ ନୁହେଁ ! ଆପଣ ଏକଥା କିମିତି କହୁଛନ୍ତି ?"

ପରବର୍ତ୍ତୀ ସମୟରେ ତାଙ୍କ ରଚିତ 'ଉପନିବେଶ' କବିତା ଗ୍ରନ୍ଥ ଅଧ୍ୟୟନ କଲି । ଏହା ପୂର୍ବରୁ ୧୯୫୪ରେ ପ୍ରକାଶିତ 'ପଦଧ୍ୱନି' ପରେ ଅଧ୍ୟୟନର ସୁଯୋଗ ପାଇଲି । ସାହିତ୍ୟର ଛାତ୍ର ଭାବରେ ଯେତେ ଅଧିକରୁ ଅଧିକତର ଅଧ୍ୟୟନ କରୁଥାଏ, ସେତେ ସ୍ରଷ୍ଟା ମନୋଜଙ୍କ ସହିତ ପରିଚିତ ହେଉଥାଏ । ବ୍ୟାସକବି ଫକୀର ମୋହନଙ୍କ ପରେ ଆଉ ଆକର୍ଷଣୀୟ ଗଳ୍ପ ସୃଷ୍ଟି ହୋଇନାହିଁ ବୋଲି କଲେଜ ଜୀବନର ଆଦ୍ୟଭାଗରେ ଶୁଣିଥିଲି । ଅଧ୍ୟାପକମାନଙ୍କର ଏପରି ଏକ ବଦ୍ଧମୂଳ ଧାରଣା ବି ରହିଥାଏ । କିନ୍ତୁ ଆଗ୍ରହ ବଶତଃ ଶ୍ରେଷ୍ଠ ଗାଳ୍ପିକ ଭାବେ

Digitized by srujanika@gmail.com

ମନୋଜ ବାବୁ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ସେ ଫକୀର ମୋହନଙ୍କ ଉପଯୁକ୍ତ ଉତ୍ତରସୁରୀ ଭାବେ ଅନୁପମ ଶୈଳୀରେ ତଥା ଭାଷା ପ୍ରୟୋଗରେ ଖାଲି ନୂତନତା ଆଣି ନାହାନ୍ତି, ସୂକ୍ଷ୍ମତମ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟ କରିଛନ୍ତି ।

ସାରସ୍ୱତ ପୁରୁଷ ମନୋଜ, ସବୁ ରଚନାରେ କେବଳ ନୂତନରଂଗ ସନ୍ଧାନ ଦେଇଥିଲାବେଳେ, ସବୁଠି ଜିଜ୍ଞାସୁ ହୃଦୟର ପରିଚୟ ଅତି ଚମତ୍କାରଭାବେ ଥୋଇ ପାରିଛନ୍ତି । ଏଥିପାଇଁ ମନୋଜଙ୍କ ସାରସ୍ୱତ ସମ୍ଭାର ସୁଧୀ ସମାଜରେ ଅଧିକ ଆଦୃତ ହୋଇଥାଏ । ମାର୍କସବାଦୀ ଚିନ୍ତାରେ ବିଶ୍ୱାସ କରୁଥିବା ଏଇ ଲେଖକ ହଠାତ୍ କିପରି ଆପଣା ସ୍ୱରକୁ ପରିବର୍ତ୍ତନ କଲେ, ଏ ପ୍ରଶ୍ନବାଚୀ ସୃଷ୍ଟିହେବା ସ୍ୱାଭାବିକ । ତେବେ ସେ ଏ ସଂପର୍କରେ କହନ୍ତି-''ହଠାତ୍ ଭାବରେ କିଛି ହୋଇନାହିଁ । ଯଦିଓ ଉପରକୁ ହଠାତ୍ ବୋଲି ମନେ ହୋଇଥାଇପାରେ । ଯେଉଁ ଗତାନୁଗତିକ ଜୀବନଧାରାକୁ ଦେଖୁଥିଲି, ତାହା ମୋତେ ସନ୍ତୋଷ ଦେଉନଥିଲା । ଜୀବନଧାରା ଭିନ୍ନ ହେବା ଉଚିତ । ଏହିଭଳି ଏକ ଅସ୍ପଷ୍ଟବୋଧ ଭିତରୁ ମୋର ସନ୍ଧାନ ଆରମ୍ଭ ହୋଇଥିଲା । ମଣିଷ ମଣିଷ ଭିତରେ ଏକତ୍ୱର ଦର୍ଶନ ମୋତେ ବାମପନ୍ଥୀ ରାଜନୈତିକ ଆଦର୍ଶ ପ୍ରତି ଆକୃଷ୍ଟ କରିଥିଲା । ପରେ ଉପଲବ୍ଧି କରିଥିଲି, ସେ ଏକତ୍ୱର ରୂପାୟନ ଚେତନା ରାଜ୍ୟରେ ଓଲଟ ପାଲଟ ବିନା ସମ୍ଭବ ନୁହେଁ । ସେ ଯାହାହେଉ, ସ୍ଥୂଳ ଜୀବନ ଯାତ୍ରାରେ ରାଜନୀତିର ଭୂମିକା ଅଛି, ଆଦର୍ଶବାଦର ଭୂମିକା ଅଛି । ଅଧ୍ୟାତ୍ମିକତା ବିଶେଷତଃ ଶ୍ରୀ ଅରବିନ୍ଦଙ୍କର ଦର୍ଶନ ସେ ସବୁର ବିରୋଧ କରେନାହିଁ ବା ସେ ସବୁର ବିକଳ୍ପ ନୁହେଁ । କିନ୍ତୁ ଯେ କୌଣସି ସାମାଜିକ/ ରାଜନୈତିକ ଆଦର୍ଶବାଦ ଆଧ୍ୟାତ୍ମିକତାର ଭିତ୍ତି ଉପରେ ପ୍ରତିଷ୍ଠିତ କୌଣସି ଧର୍ମ, ଗୋଷ୍ଠୀ, ଜାତି ଇତ୍ୟାଦି ସବୁ ସଂଶ୍ଳିଷ୍ଟ କଲେ ଚଳିବ ନାହିଁ । ଆଧ୍ୟାତ୍ମିକତା ଚେତନାଗତ ବିଜ୍ଞାନ । ମଣିଷର ସୃଷ୍ଟି, ବିବର୍ତ୍ତନର ଆଭିମୁଖ୍ୟ, ମଣିଷ ଜାତିର ଅନିବାର୍ଯ୍ୟ ଭିବଷ୍ୟତ ସଂପର୍କରେ ଶ୍ରୀ ଅରବିନ୍ଦ ଯେଉଁ ଦିଗ୍‌ଦର୍ଶନ ଦେଇଛନ୍ତି, ତାହା ମୋତେ ବିଜ୍ଞାନ ସମ୍ମତ, ମନସ୍ତତ୍ତ୍ୱ ସମ୍ମତ ଏବଂ ପୂର୍ଣ୍ଣାଙ୍ଗ ମନେହେଲା ।''

('ଅଧୁନା' ୧୯୮୧ ମସିହା, ୮ମ ବର୍ଷ ୬ଷ୍ଠ ସଂଖ୍ୟା)

ସବୁ କ୍ଷେତ୍ରରେ ତାଙ୍କ ଲେଖନୀ ସଫଳତା ଅର୍ଜନ କରିଛି । ପ୍ରଥମେ ସେ କବିତା ରଚନା କରିଥିଲେ । ଏହା ପ୍ରାୟ ସବୁ ଲେଖକଙ୍କ ଜୀବନରେ ଘଟିଥାଏ । ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ଓ ଗାଳ୍ପିକ ରାଜକିଶୋର ରାୟ ପ୍ରମୁଖ ପ୍ରତିଷ୍ଠିତ ଲେଖକମାନେ ପ୍ରଥମେ କବିତାରୁ ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ପରବର୍ତ୍ତୀ

Digitized by srujanika@gmail.com

ପର୍ଯ୍ୟୟରେ ନିର୍ଦ୍ଦିଷ୍ଟ ଦିଗରେ ସ୍ରଷ୍ଟା ଲେଖନୀ ଚାଳନା କରିଥାଆନ୍ତି । ମନୋଜ ବାବୁ, କବିତା, ଗଳ୍ପ, ପ୍ରବନ୍ଧ, ସମାଲୋଚନା, ଶିଶୁ ସାହିତ୍ୟ, ଭ୍ରମଣ କାହାଣୀ ଓ ଲଘୁ ନିବନ୍ଧ ଆଦି ରଚନା କରିଛନ୍ତି । ତେବେ କଥା ସୃଷ୍ଟିରେ ତାଙ୍କ କୃତିତ୍ୱ ହିଁ ଅଧିକ ସ୍ୱାକ୍ଷରିତ ହୋଇଥାଏ । ତେଣୁ କଥାକାର ମନୋଜ ଭାବେ ସେ ସାଧାରଣତଃ ପରିଚିତ । ଜଣେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଗାଳ୍ପିକ ଭାବେ ତାଙ୍କର ସୁନାମ ମଧ୍ୟ ରହିଛି । ଅଳ୍ପ ବୟସରୁ 'ଦିଗନ୍ତ' ପତ୍ରିକା ସଂପାଦନା କରି, କେବଳ ସଂପାଦନା କ୍ଷେତ୍ରରେ ଚମକ୍ ସୃଷ୍ଟି କରିନଥିଲେ; ଓଡ଼ିଆ ସାହିତ୍ୟରେ ଏହି ପତ୍ରିକା ମାଧ୍ୟମରେ ନୂତନତାର ସନ୍ଧାନ ଦେବାପାଇଁ ଉଦ୍ୟମ କରିଥିଲେ । ପରିଣତ ବୟସରେ 'ସଚିତ୍ର ବିଜୟା' ତାଙ୍କ ନିର୍ଦ୍ଦେଶନାରେ ପ୍ରକାଶ ପାଇ, ଓଡ଼ିଆ ପତ୍ରିକା କ୍ଷେତ୍ରରେ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଥିଲା ।

ସେ ନିଜେ ସ୍ୱୀକାର କିରଛନ୍ତି-''କବିତା ଓ ଗଳ୍ପ ମୋର ଏକାନ୍ତ ପ୍ରିୟ । କବିତା ଯେ ଲେଖୁନାହିଁ, ତାହା ମୋର ଦୁର୍ଭାଗ୍ୟ । କବିତା-ପ୍ରେରଣାର ଆବେଗକୁ ଭିତରେ ଚାପି ରଖିଛି । ଅନେକ ଲେଖକ ଅଛନ୍ତି, ଯେଉଁମାନେ ସାହିତ୍ୟ ସୃଷ୍ଟିର ଏକାଧିକ ଧାରା ପ୍ରତି ସମାନ ନ୍ୟାୟ ଦେଇ ପାରନ୍ତି । ମୋର ସେ ଶକ୍ତିନାହିଁ । ଗଳ୍ପଧାରା ଭିତରେ ମୁଁ ଛନ୍ଦି ହୋଇ ଯାଇଛି । ତେବେ କେହି ଯଦି ଲକ୍ଷ୍ୟକରି ଦେଖିବେ, ମୋ' ଗଳ୍ପଧାରା ସୀମାବଦ୍ଧ ନୁହେଁ । ତା'ର ବହୁ ଉପଧାରା । କବିତା ଲେଖୁନଥିବା ଜନିତ ଦୁଃଖର ଅପନୋଦନ ଭିତରେ ଏହା କିଛି ସାନ୍ତ୍ୱନା । ସନ୍ଦର୍ଭ, ଭ୍ରମଣ କାହାଣୀ, ଇତ୍ୟାଦି ପଛରେ ସୃଜନଶୀଳ ପ୍ରେରଣା ନଥାଏ । ହୁଏତ ସମାଜ ପ୍ରତି, କୌଣସି ଆଦର୍ଶ ପ୍ରତି ଦାୟିତ୍ୱ ଦୃଷ୍ଟିରୁ କିଛି ବକ୍ତବ୍ୟ ଅଛି । ତାହା ସବୁରେ ପ୍ରକାଶ ପାଇଥାଏ । ଅଧିକାଂଶ କ୍ଷେତ୍ରରେ ସଂପାଦକଙ୍କ ବରାଦ ହିଁ ସେସବୁ ଲେଖାର ଆଶୁ କାରଣ ।''

କୈଶୋରାବସ୍ଥାରେ ତାଙ୍କ ରଚିତ 'ବିପ୍ଳବୀ ଫକୀର ମୋହନ' ଅଧ୍ୟୟନ କରି କେବେ ଭାବି ନଥିଲି ଯେ, ଏହା ତାଙ୍କ କୈଶୋରାବସ୍ଥାର ସୃଷ୍ଟି ! ଛନ୍ଦୋବଦ୍ଧ କବିତାରେ ରସିକ ପାଠକଙ୍କୁ ଆକୃଷ୍ଟ କରିବା ପାଇଁ କି ଶକ୍ତି ସତେ ! ପରେ ମାର୍କସବାଦୀ ଚିନ୍ତାର ସାମ୍ୟବାଦୀ ସ୍ୱର ଶୁଣିବାକୁ ପାଇଲି ।

''ନିରନ୍ନ ଚାହେଁ ଅନ୍ନଦାତା
ଭୁଖା ଜନତାର ଆବାଜେ ବାଜୁଛି ଅଗ୍ନିବୀଣା,
ଥରି ଥରି ମରି ଝରିପଡେ ତଳେ
ଅତ୍ୟାଚାରୀର ଶୋଷଣ-ବାନା ।''

('ପଦଧ୍ୱନି'-ପୃଷ୍ଠା ୬୩)

Digitized by srujanika@gmail.com

ଏହି ଚିନ୍ତାଧାରା ଜଣେ ସାଲିସହୀନ କବିର କାବ୍ୟସ୍ୱର । ଯେଉଁଠି ସ୍ୱାର୍ଥହୀନତାର ଜୀବନଯାତ୍ରା, ବ୍ୟାପକ ପରିସରରେ ଯେଉଁଠି ଜୀବନ ବିଶ୍ୱପାଇଁ ବ୍ୟାକୁଳ, ସେଇଠି ସିନା ଏପରି ବିପ୍ଳବର ଧ୍ୱନି ମୁଖରି ଉଠେ । ରାତ୍ରୀର ବୁକୁ ଚିରି, ଆଲୋକର ସ୍ପର୍ଶପାଇଁ ଆଗାମୀ ଦ୍ରଷ୍ଟା କଣ୍ଠରୁ ପ୍ରକାଶିତ ହୁଏ -''ଯେଉଁଦିନ ଗାଁ ଗଣ୍ଡାଠୁଁ ସହର ଓ ନଗର ସବୁଧରି ଅତ୍ୟାଚାରିତ ଓ ଶୋଷଣପିଷ୍ଟ ମଣିଷ ମନରେ ବିଦ୍ରୋହର ନିଆଁ କୁହୁଳି କୁହୁଳି ଜଳି ଉଠିବ, ସେଇଦିନ ହିଁ ଅତୀତରୁ ଫସିଲ୍ ପରି ମାଡି ରହିଥିବା ପୁରୁଣା ପ୍ରଥା ଓ ସାମାଜିକ ବ୍ୟବଧାନ ବିଲୋପ ଘଟିବ ।'' ସେପରି ଶୁଭ ମୁହୂର୍ତ୍ତରେ ଶୁଭ୍ରାଲୋକ ତାଙ୍କ ରକ୍ତମୁଖା ସେନା-ଛାଉଣି ଗଠନର ସ୍ୱପ୍ନ ଅଛି, କାଳିମା ବିଲୁପ୍ତର ବିପ୍ଳବ ବାଣୀ ସଂଚରିତ । ସବୁସତ୍ତ୍ୱେ କବିଙ୍କର ଆହ୍ୱାନ ଜିଜ୍ଞାସୁ ହୃଦୟର ପରିଚାୟକ । କିଏ ତାଙ୍କୁ ତୃପ୍ତି ଓ ଶାନ୍ତିର ତୋରଣ ସଜ୍ଜାରୁ ମଙ୍ଗଳ ଧ୍ୱନି ଶୁଣାଇବ, ଏଥିପାଇଁ ସେ ଉତ୍କଣ୍ଠିତ । 'ହେମ' କବିତାରେ ଏହି ପ୍ରତିଧ୍ୱନି ପାଠକକୁ ବିସ୍ମିତ କରେ-

''ତୁମ ମଶାଣିର କଳା ଧୂଆଁ ଯଉଁ
ବାଦଲ ଆଣିଛି ଡାକି,
ତା' କଳା ଛାତିରେ ମୁଦ୍ରିତ ଆଜି
ପ୍ରଳୟର ବଇଶାଖୀ ।
ବିଜୟ ଶଙ୍ଖ ଗର୍ଜୁଛି ମୁଖେ ମୁଖେ
ରକ୍ତ ପ୍ରଭାତେ ଆଲୋକିତ ଆମେ ପୁଣି ଏ ଶପଥ ନେଉଁ
ତୁମ ରକ୍ତର ପ୍ରତିକଣା ପାଇଁ ପ୍ରତିଶୋଧ ଆମେ ଚାହୁଁ ।''

ଏଠାରେ ଭିନ୍ନ ପ୍ରସଙ୍ଗ ନୁହେଁ-ପ୍ରାସଙ୍ଗିକତା ଦୃଷ୍ଟିରୁ ଏହାର ଅବତାରଣା । ୧୯୦୮ ମସିହା ମଇ ୧ ତାରିଖ, ଭାରତ ପାଇଁ ଅତ୍ୟନ୍ତ ଉଲ୍ଲେଖନୀୟ ଦିବସ । ସେଦିନ ଶ୍ରୀଅରବିନ୍ଦଙ୍କୁ ମୁଜାଫରପୁରରେ ଏକ ବୋମା ବିସ୍ଫୋରଣ ଘଟଣାରେ ଗିରଫ କରା ଯାଇଥିଲା । ସେଦିନ ସେ କାରାବାସକୁ ଗ୍ରହଣ କରିନେଲାପରେ, ଅଦ୍ଭୁତ ପରିକଳ୍ପନା ମନରେ ସୃଷ୍ଟିହେଲା । ସେ ଅନୁଭବ କଲେ -''ଏହି କାରାବାସ ହିଁ ମନୁଷ୍ୟ ଜାତିର ଚିରନ୍ତନ ଅବସ୍ଥା । ଅନ୍ୟପକ୍ଷରେ ସାହିତ୍ୟ ଓ ଇତିହାସର ପ୍ରତ୍ୟେକ ପୃଷ୍ଠାରେ ମନୁଷ୍ୟ ଜାତିର ସ୍ୱାଧୀନତା ଲାଭ ସକାଶେ ଅଦମନୀୟ ଉଚ୍ଛ୍ୱାସ ଓ ପ୍ରୟାସ ଦେଖିବାକୁ ପାଉଁ । ଯେପରି ରାଜନୀତିକ ବା ସାମାଜିକ କ୍ଷେତ୍ରରେ, ସେହିପରି ବ୍ୟକ୍ତିଗତ ଜୀବନରେ ଯୁଗେ ଯୁଗେ ଏହି ଚେଷ୍ଟା, ଆତ୍ମ ସଂଯମ, ଆତ୍ମ ନଗ୍ରହ, ସୁଖ ଦୁଃଖ ବର୍ଜନ, ବେଦାନ୍ତ, ବୌଦ୍ଧଧର୍ମ, ଭକ୍ତିମାର୍ଗ, କର୍ମମାର୍ଗ । ବିଭିନ୍ନ ପନ୍ଥା, କିନ୍ତୁ ଏକ ହିଁ ଗମ୍ୟସ୍ଥାନ । ଉଦ୍ଦେଶ୍ୟ- ''ଶରୀର ଜୟ, ସ୍ଥଳର ଆଧିପତ୍ୟ ବର୍ଜନ, ଆନ୍ତରିକ ଜୀବନର ସ୍ୱାଧୀନତା ।'' ଆଲିପୁର ଜେଲରେ ତାଙ୍କୁ ଅଭିଯୁକ୍ତ ଆସାମୀ ଭାବରେ ଗୋଟିଏ ବର୍ଷ ରଖା ଯାଇଥିଲା । ଏହି

Digitized by srujanika@gmail.com

ବାରଟି ମାସ ସେ ଭାରତର ଆତ୍ମାକୁ ବିଶ୍ଳେଷଣ କରିବାର ସୁଯୋଗ ପାଇଥିଲା । ସେଥିପାଇଁ ସେ କହିଥିଲେ ''ବାହ୍ୟ ସୁଖ ଦୁଃଖକୁ ତାଚ୍ଛଲ୍ୟ କରି ଆନ୍ତରିକ ସ୍ୱାଧୀନତା ଅର୍ଜନ କରିବା ଭାରତବାସୀଙ୍କ ସାଧ୍ୟ । ନିଷ୍କାମ କର୍ମରେ ଭାରତବାସୀ ହିଁ ସମର୍ଥ, ଅହଂକାର ବର୍ଜ୍ଜନ ଓ କର୍ମରେ ନିର୍ଲିପ୍ତତା ସେମାନଙ୍କର ହିଁ ଶିକ୍ଷା ଓ ସଭ୍ୟତାର ଚରମ ଉଦ୍ଦେଶ୍ୟ ବୋଲି ଜାତୀୟ ଚରିତ୍ରରେ ବୀଜ ରୂପେ ନିହିତ ।'' ସେଠାରୁ ସେ ଭାରତବାସୀଙ୍କ ଶ୍ରେଷ୍ଠତା ସମ୍ବନ୍ଧରେ ଦୃଢ଼ ଧାରଣା, ମନୁଷ୍ୟ ଚରିତ୍ର ଉପରେ ଦ୍ୱିଗୁଣ ଭକ୍ତି ଏବଂ ସ୍ୱଦେଶର ଓ ମନୁଷ୍ୟ ଜାତିର ଭବିଷ୍ୟତ ଉନ୍ନତି ଓ କଲ୍ୟାଣର ଦଶଗୁଣ ଆଶା ନେଇ କର୍ମକ୍ଷେତ୍ରକୁ ଫେରି ଆସିଲେ । ଏମିତି ଦେଶଭକ୍ତ ସଂଗ୍ରାମୀ ବିପିନ ଚନ୍ଦ୍ର ପାଲ ବକ୍ସ,ର ଜେଲରୁ ଅଦ୍‌ଭୂତ ଅନୁଭୂତି ନେଇ ଫେରି ଆସିଥିଲେ । ଭୂତପୂର୍ବ ଡାକ୍ତର ଡେଲିସାହେବ ମଧ୍ୟ ଆଲିପୁର ଜେଲରେ ଏପରି ଅନୁଭୂତି ଅର୍ଜନ କରିଥିଲେ ।

ସେଦିନର କମ୍ୟୁନିଷ୍ଟ ପାର୍ଟିର ଜଣେ ପ୍ରବକ୍ତା ତଥା ଛାତ୍ରନେତା ମନୋଜ, ଆଜି ମଣିଷର ମୁକ୍ତି ପାଇଁ ନେତୃତ୍ୱ ନେଲେ । ସେ ସ୍ୱାଧୀନତା ସୂକ୍ଷ୍ମରୁ ସୂକ୍ଷ୍ମତର ହୃଦୟକୁ ଜୟ କରିବାର ଅଭିଳାଷ ଉପରେ ପର୍ଯ୍ୟବସିତ, ଆତ୍ମାକୁ ପରମାତ୍ମା ସହିତ ସଂଯୋଗ କରିବାର ଦୁରନ୍ତ କାମନାର ଅଭିଳିପ୍‌ସା ନେଇ ପ୍ରତିଷ୍ଠିତ । ତା'ର ଦୃଢ଼ ପ୍ରବକ୍ତା ଆଜିର ପରମ ଆଧାତ୍ମବାଦୀ ମନୋଜ ଦାସ । ଦିବ୍ୟ ସତ୍ୟକୁ ସନ୍ଧାନ କରିବାରେ ସତତ ବ୍ୟାକୁଳ ମନ କହି ବସିଲା-''ମାୟା କ'ଣ ? ପ୍ରକୃତ ସ୍ୱାଧୀନତା ଉପଲବ୍ଧ ହୋଇପାରେ, ସ୍ୱାଧୀନତାର ଆଧାର ଯେଉଁ ଭଗବାନ, ତାଙ୍କର ନିକଟତର ହେବା ଦ୍ୱାରା । ମାୟାର ପ୍ରକୃତ ଅର୍ଥ ସୃଷ୍ଟିଶକ୍ତି ହେଲେ ବି, ଆମେ ଭଗବାନଙ୍କ ଠାରୁ ବିଚ୍ଛିନ୍ନ ହୋଇ ଆସିବା ଫଳରେ ଯେଉଁ ଅଜ୍ଞାନରେ ନିମଜ୍ଜିତ ହୋଇଛୁଁ, ତାହା ସେହି ସୃଷ୍ଟିଶକ୍ତି ମାୟା ସହ ସମ୍ବନ୍ଧିତ ହୋଇଥିବା ଯୋଗୁଁ ଅଜ୍ଞାନ-ପ୍ରସୂତ ସମସ୍ତ ବନ୍ଧନ, ସମସ୍ତ ଆକର୍ଷଣକୁ ଜନପ୍ରିୟ ଭାଷାରେ ମାୟା ବୋଲି କହିଥାଉ ।''

''ସଂସାର ତ୍ୟାଗ ନକରି, ଏହି ଅଜ୍ଞାନରୁ ଉତ୍ତୀର୍ଣ୍ଣ ହେବାପାଇଁ ଯଥାର୍ଥ ଉପାୟ ଅବଲମ୍ବନ କରାଯାଇପାରେ । ଯେଉଁ ଦିବ୍ୟ ସତ୍ୟ ଏ ସମଗ୍ର ସଂସାରର ମୂଳ ବିନ୍ଦୁ, ଯାହା ଉପରେ ବିଶ୍ୱ ପ୍ରତିଷ୍ଠିତ, ତା'ର ସନ୍ଧାନ କରାଯାଇ ପାରିଲେ, ଅଜ୍ଞାନତା ଦୂର ହୋଇ ପାରିବ । ସେହି ଦିବ୍ୟସତ୍ୟ ସହିତ ନିଜକୁ ଜଡିତ କରିପାରିବାର ସାମର୍ଥ୍ୟ ଅର୍ଜନ ହେଉଛି ଅଜ୍ଞାନତାରୁ ଉତ୍ତୀର୍ଣ୍ଣ ହେବାପାଇଁ ଏକମାତ୍ର ପନ୍ଥା । ଏହି ପନ୍ଥାର ନିକଟବର୍ତ୍ତୀ ହେବାପାଇଁ ମାୟା ମୁକ୍ତ ହେବାକୁ ପଡିବ-ଯାହାର ଅନ୍ୱେଷଣ ହିଁ ଜୀବନ, ଯାହାର ବିଶ୍ଳେଷଣ ହିଁ ପରମ ତୃପ୍ତି ।'' ସାର୍ଥକ ହେଉ, ଜିଜ୍ଞାସୁ ମନୋଜ ବାବୁଙ୍କ ଜୟଯାତ୍ରା; ବିଜୟଶ୍ରୀ ମଣ୍ଡିତ ହେଉ ତାଙ୍କର ଜୀବନ-ସାଧନା ।

ଶେଷରେ ପଦଟିଏ -ଏହା କହିବାକୁ ମୋରି ଦ୍ୱିଧା ନାହିଁ । ଅକୁଣ୍ଠ ଉଚ୍ଚାରଣରେ

Digitized by srujanika@gmail.com

କହିପାରେ, ମନୋଜ ବାବୁ ମଣିଷପରି ମଣିଷଟିଏ । ମଣିଷ ପଣିଆର ଗନ୍ତାଘର । ଏତେ ଉଚ୍ଚକୁ ଯାଇ ଯିଏ ନିମ୍ନକୁ ଚାହିଁପାରେ, ଗଭୀରକୁ ଦର୍ଶନପାଇଁ ଆଗ୍ରହୀ ହୁଏ, ମଣିଷର ଦୁଃଖ ବୁଝିବା ପାଇଁ ହୃଦୟକୁ ମୁକ୍ତରଖେ, ଉପଦେଶ ଢାଳି ଉପଦେଷ୍ଟା ହେବାର ଆଶାୟୀ ହୁଏ ନାହିଁ, ବରଂ ସହଯୋଗୀ ହେବାରେ ଆନନ୍ଦ ପାଏ, ସେ ...ନୁହେଁ ତ ଆଉ କ'ଣ ! ଜୀବନକୁ ବୁଝି ପାରିଲା ପରେ, ଏ ସଂସାର ଜଟିଳ ମନେ ହୁଏନା, ପଥ ଅମଡା ବୋଧ ହୁଏନା । ସଂପର୍କ ସ୍ୱାର୍ଥ ରହିତ ଅନୁଭବ କରାଯାଏନା । 'ଗଳ୍ପଝର' ପତ୍ରିକା ପ୍ରକାଶ ପାଇବାର ସିଦ୍ଧାନ୍ତ ହୋଇଗଲା । ପ୍ରଥମ ପର୍ଯ୍ୟାୟରେ ଯେଉଁ କେତେଜଣଙ୍କୁ ମୁଁ ସଂପାଦକ ଭାବରେ ପତ୍ରଲେଖି ଶୁଭେଚ୍ଛା ଚାହିଁଥିଲି, ସେମାନଙ୍କ ଭିତରେ ପଣ୍ଡିଚେରୀର ଓଡ଼ିଆ ସାଧକ ମନୋଜ ବାବୁ ଅନ୍ୟତମ । ଦୀର୍ଘ ପତ୍ରରେ ସଂପାଦନା ପ୍ରକାଶନ ଓ ପ୍ରସାରଣ ଉପରେ କେତେ ମନ୍ତବ୍ୟ, ତାହା ହିଁ ହେଲା ଭବିଷ୍ୟତ ପାଇଁ ସମ୍ବଳ । ନୂତନ ଭାବେ ପତ୍ରିକା ପ୍ରକାଶ ପାଉଛି । ଲେଖା ମିଳିବ କି ନା, ଏହା ଆଶଙ୍କା କରି ପତ୍ରଦେଲି । ଗଳ୍ପ ଆସିଲା । ଏମିତି କେତୋଟି ଗଳ୍ପ ତାଙ୍କଠାରୁ ପାଇଛୁଁ । ସବୁ ଗଳ୍ପ ସହିତ ବ୍ୟକ୍ତିଗତ ଚିଠିଟିଏ । ''ଭଲ ଲାଗିଲେ ଛାପିବେ, ମତାମତ ଜଣାଇବେ ।'' କି ନମ୍ରତା ! ଉଦାରତାର ପୃଷ୍ଠଭୂମି ! ପ୍ରକାଶନର ମୁଖ୍ୟଙ୍କ ବିୟୋଗ ପରେ ଶୋକବାର୍ତ୍ତା ଆସିଲା । ''ମୁଁ ଅଛି, 'ଗଳ୍ପଝର' ବନ୍ଦ କରନ୍ତୁ ନାହିଁ । ଅବା ବ୍ୟବସାୟୀ ହାତକୁ ଟେକି ଦିଅନ୍ତୁ ନାହିଁ । ଏହି ପ୍ରଶସ୍ତ ହୃଦୟବାନ ସ୍ରଷ୍ଟା, ସାଧକ ଓ ଜିଜ୍ଞାସୁ ପୁରୁଷ, ଚିର ପ୍ରଣମ୍ୟ ।

• ସଂପାଦକ : 'ଭଦ୍ରକ ପୂଜ୍ୟପୂଜା ସଂସଦ',
ମଠସାହି, ଭଦ୍ରକ

Digitized by srujanika@gmail.com

ମାନବବାଦୀ ଚେତନାର ରୂପକାର ମନୋଜ ଦାସ

ଡଃ ମନ୍ମଥ କୁମାର ପ୍ରଧାନ

ସ୍ରଷ୍ଟା ଓ ସୃଷ୍ଟି ଚିରନ୍ତନ ହେଲେହେଁ, ମଣିଷର ବେଦନାବୋଧ ଓ ଯାତନା ହିଁ ସ୍ରଷ୍ଟା ହୃଦୟକୁ ଆନ୍ଦୋଳିତ କରେ, ତା'ର ବୌଦ୍ଧିକ ସତ୍ତାକୁ ଜାଗ୍ରତ କରାଏ । ଫଳରେ ଏକ ସାର୍ବଜନୀନ ଉଦାର ମାନବିକ ଭାବସମ୍ବେଦନାକୁ ନେଇ ସ୍ରଷ୍ଟା ପ୍ରକାଶ କରେ ତା'ର ଅନ୍ତରର ଦାବଦହନକୁ । ସ୍ରଷ୍ଟାମାନସର ବ୍ୟକ୍ତିଚେତନା ଯେତେବେଳେ ବିଶ୍ୱଚେତନାକୁ ପ୍ରକଟିତ କରେ, ସେତେବେଳେ ସାର୍ବଜନୀନ ଭାବରେ କଳା ହୁଏ କାଳଜୟୀ । ସାହିତ୍ୟ କେବଳ ସ୍ରଷ୍ଟାମାନସର ପ୍ରତିଲିପି ନୁହେଁ, ଏହା ମନୁଷ୍ୟ ସହିତ ସମାଜର, ବ୍ୟକ୍ତି ସହିତ ବିଶ୍ୱର ଭାବକୁ ସଂଯୋଗ କରେ । ଇତିହାସର ବିବର୍ତ୍ତନରେ ମାନବ ବାଦ (Human-ism) ବିବର୍ତ୍ତିତ ହୋଇ ସମାଜବାଦୀ ମାନବବାଦ, ବୈପ୍ଳବିକ ମାନବବାଦ, ଜାତୀୟତାବାଦୀ ମାନବବାଦ, ଆଧ୍ୟାତ୍ମିକ ମାନବବାଦ ସାହିତ୍ୟର ବିଭିନ୍ନ ବିଭାଗରେ ଦେଖିବାକୁ ମିଳେ । ଗଳ୍ପ ସାହିତ୍ୟରେ ଏହାର ପ୍ରାଧାନ୍ୟ ରହିଛି । ତେବେ ସ୍ୱାଧୀନତା ପରେ ଅବକ୍ଷୟୀ ସମାଜ, ବିକଳାଙ୍ଗ ଜୀବନ, ବିପର୍ଯ୍ୟସ୍ତ ଆଧ୍ୟାତ୍ମବାଦରେ ଯେଉଁ ସଂକଟ ଉପୁଜିଛି, ମନୋଜ ଦାସଙ୍କ ଗଳ୍ପ ସାହିତ୍ୟରେ ତାହା କିପରି ରୂପାୟିତ ହୋଇଛି ମାନବବାଦୀ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ ।

ସ୍ୱାଧୀନତା ପ୍ରାକ୍‌କାଳରୁ ମନୋଜ ଦାସ ସାହିତ୍ୟ-ସାଧନା ଆରମ୍ଭ କରିଥିଲେହେଁ, ସ୍ୱାଧୀନତା ପରେ ତାଙ୍କ ପ୍ରତିଭାର ପୂର୍ଣ୍ଣ ବିକାଶ ହୋଇଛି । ମାନବବାଦୀ କଥାକାର ଭାବରେ ସେ କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ସ୍ମରଣୀୟ ପ୍ରତିଭା ।

ସେ ୧୯୫୯ ମସିହାରେ 'ଆରଣ୍ୟକ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୨ ମସିହାରେ 'କଥା ଓ କାହାଣୀ' ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୧ ମସିହାରେ 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହଣୀ' ପାଇଁ ସାରଳା ପୁରସ୍କାର ଲାଭ କରିଛନ୍ତି । କବିତା ସଂକଳନ, ଭ୍ରମଣ କାହାଣୀ, ଉପନ୍ୟାସ, ଶିଶୁ ସାହିତ୍ୟ, ପ୍ରବନ୍ଧ ରଚନାରେ ସ୍ରଷ୍ଟାଙ୍କର ପ୍ରଜ୍ଞା-ପ୍ରତିଭାର ପଟାନ୍ତର ନାହିଁ ।

Digitized by srujanika@gmail.com

ନୂତନ ସମାଜ ବ୍ୟବସ୍ଥା ପାଇଁ ସେ ଆଶାୟୀ ହୋଇ କହିଛନ୍ତି-''ବର୍ତ୍ତମାନ ସୁଦ୍ଧା ମୁଁ ବିଶ୍ୱାସ କରେ ଯେ ଆମର ଯେଉଁ ସ୍ଥୂଳ ସମାଜ ବ୍ୟବସ୍ଥା ରହିଛି, ତାହା ଏକ Enlighten socialistic order ହେବା ଉଚିତ । ମାତ୍ର ଯେଉଁ ମୌଳିକ Human sufferings, ସେ'ଟା କୌଣସି ସାମାଜିକ ପରିବର୍ତ୍ତନ ଦ୍ୱାରା ପରିବର୍ତ୍ତିତ ହେବନାହିଁ । ଗୋଟିଏ ସମୟ ଥିଲା, ଯେତେବେଳେ ସେହି ମୌଳିକ ସମସ୍ୟାର ସୂତ୍ର ଖୋଜିବା ପାଇଁ ମୁଁ ଅରବିନ୍ଦଙ୍କ ଲେଖା ପଢିଲି । ସେଠାରେ ଆଶାର ସନ୍ଧାନ ମିଳିଲା । ମଣିଷ ଏକ Trasnsitional being, ଏହାର ଏକ ପରିଣତି ରହିଛି । ତା'ର ବର୍ତ୍ତମାନର ଚେତନା ରୂପାନ୍ତରିତ ହୋଇ ଏକ ନୂଆ ଚେତନାର ବିକାଶ ଘଟିବ ।''(୧)

ତାଙ୍କର ଗଳ୍ପଗୁଡିକ ସମ୍ବେଦନଶୀଳ ମାନବତାବାଦୀ ଚିନ୍ତାଧାରାକୁ ନେଇ ରଦ୍ଧିମନ୍ତ । ଆଧୁନିକ ମଣିଷର ଅସହାୟତାକୁ ରୂପଦେଇ ପାଠକର ସହାନୁଭୂତି ଆକର୍ଷଣ କରାଇ ପାରିଛନ୍ତି । ସେ ଜୀବନର ରୂପକାର । ଧନୀ-ଦରିଦ୍ର, ଉଚ୍ଚ-ନୀଚ ସମସ୍ତଙ୍କ ଜୀବନର ଅସହାୟତାକୁ ସେ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି -''ମଣିଷର ଅସହାୟତାକୁ ଚିତ୍ରଣ କରି ମୁଁ ତା' ପାଇଁ ଅନ୍ୟଠାରୁ ସହାନୁଭୂତି ଆକର୍ଷଣ କରିବାକୁ ଚାହେଁ x x x ।'' (୨) ଗୋପୀନାଥ ମହାନ୍ତିଙ୍କ ଗଳ୍ପରେ ଏହି ଅସହାୟ ମଣିଷର ଚିତ୍ର ରହିଥିଲେ ହେଁ, ତାହା ବର୍ଣ୍ଣନାତ୍ମକ । କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ପରି ଗାଳ୍ପିକ ବକ୍ତବ୍ୟ ପ୍ରଦାନ କରିନାହାନ୍ତି ବରଂ ତାଙ୍କ ସୃଷ୍ଟିରେ ଶୈଳ୍ପିକ ଓ ଆତ୍ମିକ ଆବେଦନ ସୃଷ୍ଟି କରିଛନ୍ତି ।

ସରକାରୀ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର ଉତ୍ତର ଜୀବନର ଯନ୍ତ୍ରଣା, ଶୋଚନୀୟତାକୁ 'ପ୍ରତ୍ୟାବର୍ତ୍ତନ', 'ସାତଜଣ ପ୍ରବୀଣ', 'ରାତ୍ରି' ପ୍ରଭୃତି ଗଳ୍ପରେ ଦେଖିବାକୁ ମିଳେ । 'ରବିବାସରୀୟ ସଂଗୀତ' ଗଳ୍ପରେ ଦାମୋଦର; 'ଏକ ଚୋରୀ ବୃତ୍ତାନ୍ତ'ରେ ବୃନ୍ଦାବନ, ଅନୁ; 'ଚୁପ୍ ଶଇତାନ' ଗପରେ ବିଚ୍ଛୁ ଦାସ; 'ଯାଯାବର ପୁତ୍ରର କାହାଣୀ'ରେ ପଲ୍‌ଟୁ ଓ ଉମା ପ୍ରଭୃତି ଚରିତ୍ର ଅସହାୟ ମଣିଷର ପ୍ରତୀକ । ମଣିଷର ଅନ୍ତର୍ନିହିତ ବ୍ୟକ୍ତିତ୍ୱର ବିଶ୍ଳେଷଣ କରି ସ୍ରଷ୍ଟାମାନସ ସମ୍ବେଦନଶୀଳ ହୋଇଛନ୍ତି । 'ଭିନ୍ନ ମଣିଷ' ଓ 'ଆକ୍ରମଣ' ଗଳ୍ପରେ ନିଃସଂଗ ଅସହାୟ ମଣିଷର ଚିତ୍ର ଚିତ୍ରିତ । 'ଦାନ୍ତ' ଗଳ୍ପରେ ବିଡମ୍ବିତ ପିତୃତ୍ୱ ଓ ନିଜ ସ୍ତ୍ରୀ ନିକଟରେ ଆଜ୍ଞାବହ କଣ୍ଢେଇ ପରି ରାୟସାହେବ ଯେପରି ଅସହାୟ ହୋଇଛନ୍ତି ତାହା ଅତ୍ୟନ୍ତ ମାର୍ମିକ । 'ସୁନା ମେଡେଲ୍', 'ପଲଙ୍କ ବିଜୟ', 'ମହମବତୀ' ଗଳ୍ପରେ ଆଭିଜାତ୍ୟର କାରୁଣ୍ୟକୁ ଦର୍ଶାଇ ଗାଳ୍ପିକ ମାନବିକ ସମ୍ବେଦନା ପ୍ରକଟ କରିଛନ୍ତି । 'ମଧୁବନର ମେୟର' ଗଳ୍ପରେ ସୁଦର୍ଶନ ବାବୁ, 'ଷ୍ଟାଚ୍ୟୁ' ଗପରେ ଯମେଶ୍ୱର ବାବୁଙ୍କ ଅସହାୟତା ହୃଦୟକୁ ସ୍ପର୍ଶକରେ । 'ମନୁଷ୍ୟ ମର୍କଟ ସମ୍ବାଦ' ଗଳ୍ପଟି ମାନବଧର୍ମୀ ରଚନା । ସର୍କସପାର୍ଟିରେ ଲାଟୁ ତାର ସମଗ୍ର ଜୀବନ କର୍ତ୍ତବ୍ୟ ଓ ଦାୟିତ୍ୱବୋଧରେ ବିତାଇଥିଲେ ହେଁ ଅର୍ଥସର୍ବସ୍ୱ ତଥା ସ୍ୱାର୍ଥପର ମାଲିକ ନାୟାର ଲାଟୁକୁ ବାହାର କରିଦେଇଛି ଅମାନୁଷିକ ଭାବରେ, ମାତ୍ର ଲାଟୁ

Digitized by srujanika@gmail.com

ପାଖରୁ ସ୍ନେହ ପାଇଥିବା ମାଙ୍କଡଟି ଲାଟୁ ପ୍ରତି ସମ୍ବେଦନଶୀଳ ହୋଇ ସର୍କସ ରୁ ପଳାଇ ଆସିଛି । ତାଙ୍କର ବହୁଗଳ୍ପ ରୂପକ, ଉପଦେଶମୂଳକ, ଅଲୌକିକ କାହାଣୀଧର୍ମୀ ତଥା ଆଖ୍ୟାନମୂଳକ ଅଟେ । କାହାଣୀ ଜରିଆରେ ପାଠକର ଅନୁରାଗ ଲାଭ କରିବାର ସୁଯୋଗ ନେଇ ହାସ୍ୟ ବ୍ୟଞ୍ଜନା ମଧ୍ୟରେ ମାନବୀୟ ଆଚରଣ ପ୍ରଦର୍ଶନକୁ ଗଳ୍ପର ପ୍ରାଣପିଣ୍ଡରେ ସ୍ରଷ୍ଟା ନିଜସ୍ୱ ଅଭିବ୍ୟକ୍ତିକୁ ଦର୍ଶାଇଛନ୍ତି । 'ମୂର୍ଖ ଭୃତ୍ୟ ଉପାଖ୍ୟାନ' ଗପରେ ମାଙ୍କଡଟି ଅଜ୍ଞତାର ବଶବର୍ତ୍ତୀ ହୋଇ ଯେଉଁ ଭୁଲ କରିଛି, ମଣିଷ ମଧ୍ୟ ଜାଣିଶୁଣି ବହୁତ ଭୁଲକରି ସନ୍ତୁଳିତ ହୁଏ । ଏହି ଶ୍ରେଣୀର ମଣିଷକୁ ଗାଳ୍ପିକ ମାଙ୍କଡ ବୋଲି ଗ୍ରହଣ କରିଛନ୍ତି । 'ବ୍ୟାଘ୍ରାରୋହଣ' ଗପରେ ନ୍ୟସ୍ତ ସ୍ୱାର୍ଥ ଚାଟୁକାର ଗୋଷ୍ଠୀଙ୍କ ଚକ୍ରାନ୍ତରେ ନିରୀହ ରାଜକୁମାର ବାଘ ଉପରେ ବସି ମୃତ୍ୟୁ ବରଣ କରିଛନ୍ତି । ପ୍ରଶାସନର ଅଧିକାରୀମାନେ କ୍ଷମତା, ଗର୍ବ-ଅହଙ୍କାରର ପ୍ରତିଯୋଗିତାରେ ମତ୍ତ ହୁଅନ୍ତି । ରାଜା ଅସୁସ୍ଥ ଥିବାରୁ ବାଘ ଉପରେ ବସି ପାରିନାହାନ୍ତି ମାତ୍ର ରାଜକୁମାରକୁ ବସିବାପାଇଁ ବାଧ୍ୟ କରାଯାଇଛି । 'ବ୍ୟାଘ୍ର ଓ କଙ୍କଣଲୋଭୀ ପଥଚାରୀ' ଗପରେ ଧନ ପ୍ରତି ଲୋଭ, କାମନା ପ୍ରତି ଚିର ଆସକ୍ତି ଜନିତ ମଣିଷର ବିକଳ ପରିଣତିର ଚିତ୍ର ଚିତ୍ରିତ । ଲୋକକଥା ସମ୍ବଳିତ 'ଲୁଲୁର୍ଭା ପର୍ବତରେ ଏକ ଦ୍ୱି-ପ୍ରହର', 'ଲୁଲୁର୍ଭା ଅରଣ୍ୟ ଏକ ସମ୍ବାଦ' ଗଳ୍ପରେ ତତ୍କାଳିନ ରାଜନୀତି, ସମାଜନୀତିକୁ ବ୍ୟଙ୍ଗାତ୍ମକ ଦୃଷ୍ଟି ରହିଛି, ମନ୍ତ୍ରୀ, ଓକିଲ, ଅସାଧୁବ୍ୟବସାୟୀ ଶେଷରେ ମରିଛନ୍ତି । 'ଅପହୃତ ଟୋପିର ରହସ୍ୟ'ରେ ମନ୍ତ୍ରୀଙ୍କର ଛଳନା, ପ୍ରତାରଣାର ମୁଖା ଖୋଲି ଦେଇଛନ୍ତି । 'ବିଷକନ୍ୟାର କାହାଣୀ' ଗପରେ ବେଶ୍ୟା ହାରାର ମନୋବେଦନାକୁ କେହି ଅନୁଭବ କରିନାହାନ୍ତି, ତା'ର ନାରୀତ୍ୱ ବିଳାପ କରି ଉଠିଛି ।

ମନୋଜ ଗଳ୍ପମାନସ ବାହ୍ୟ ଜଗତର ସ୍ଥୂଳ ବିଗ୍ରହ ଲାଳସୀ ନୁହେଁ, ମାତ୍ର ଅନ୍ତର୍ଜଗତର ଅନ୍ଧକାର କାରାକକ୍ଷରେ ବିଚରଣ କରିଛି । ମଣିଷ ଅସହାୟତା ତଥା ବିଫଳତାର ଶିକାର ହୋଇପାରେ, ମାତ୍ର ପରାଜୟର ଗ୍ଲାନିରେ ଦଗ୍ଧୀଭୂତ ହୁଏନାହିଁ । ହେମିଂ-ୱେଙ୍କ ଗଳ୍ପ ଗୁଡିକରେ ଅନ୍ତର୍ବାଣୀ ପରି ଗାଳ୍ପିକ ମନୋଜ ଦାସ ଜୀବନର ତୂର୍ଯ୍ୟନାଦ ଶୁଣାଇଛନ୍ତି -''ମଣିଷକୁ ଭଲ ପାଇବାର ମୋର ଯେଉଁ ଆନ୍ତରିକତା, ସେଥିରେ କୌଣସି ଫାଙ୍କି ନାହିଁ, ମୁଁ ମଣିଷକୁ ନିଷ୍ଠାର ସହ ଭଲପାଏ ବୋଲି ଚରମ ଅସହାୟତାର କଥା ବେଶି ଭାବରେ ମୋ ଗଳ୍ପରେ ଫୁଟାଇଛି ।'' (୩) ତାଙ୍କ ଗଳ୍ପଗୁଡ଼ିକ କେବଳ ଶୈଳୀ ସର୍ବସ୍ୱ ନୁହେଁ, ନୂତନ ଚିନ୍ତା ସମ୍ବଳିତ ଉନ୍ନତ ରୁଚିର ଆସ୍ୱାଦ ପରିବେଷଣ ସହିତ ଆତ୍ମିକ ଚେତନାର ଚିତ୍ରାଙ୍କନ ଗାଳ୍ପିକଙ୍କର କଳା-କୁଶଳତାର ପରିଚୟ ଦିଏ । ଘଟଣାବଳୀର ସଂକ୍ଷିପ୍ତତା, ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତି, ମନନଶୀଳ ବର୍ଣ୍ଣନାରେ ନାଟକୀୟ ପରିଣତି ତଥା ସ୍ରଷ୍ଟାଙ୍କର ସମ୍ବେଦନାତ୍ମକ ଦୃଷ୍ଟିରେ ଗଳ୍ପଗୁଡିକ ରସୋତ୍ତୀର୍ଣ୍ଣ ଓ କାଳଜୟୀ ହୋଇ ପାରିଛି ।

• ଅଧ୍ୟାପକ, ଓଡ଼ିଆ ବିଭାଗ, ନୀଳମଣି ମହାବିଦ୍ୟାଳୟ, ରୁପ୍ସା

(୧) ମନୋଜ ଦାସ-'ଗଳ୍ପ'-୭ମ ସଂକଳନ, ପୃ-୬୯-ସଂପାଦନା -ବିଭୂତି ପଟ୍ଟନାୟକ
(୨) ଅତ୍ରୈବ, (୩) ଅତ୍ରୈବ-ପୃ-୬୫

Digitized by srujanika@gmail.com

ଦୂରାନ୍ତରର ପଥଚାରୀ

ଡକ୍ଟର ଅରବିନ୍ଦ ଗିରି

ଆଜି ବିଶ୍ୱ ସାହିତ୍ୟରେ ଭ୍ରମଣ ସାହିତ୍ୟର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ବୃଦ୍ଧି ପାଇଛି । ବିଶ୍ୱ ସାମାଜିକ ଜୀବନଧାରାର ଦ୍ରୁତ ପରିବର୍ତ୍ତନ ଘଟୁଛି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶବାସୀ ପରସ୍ପର ଦେଶର ସାମାଜିକ, ଆର୍ଥନୀତିକ, ରାଜନୀତିକ, ବୈଜ୍ଞାନିକ ତଥା ଧର୍ମ, କଳା, ଭାସ୍କର୍ଯ୍ୟ, ସାହିତ୍ୟ, ଇତିହାସ, ସଙ୍ଗୀତ, ନୃତ୍ୟ ଆଦି ବିଷୟରେ ଜାଣିବାର ପ୍ରବଳ ଆକାଂକ୍ଷା ମଧ୍ୟ ବଢ଼ି ଚାଲିଛି । ଉଭୟ ଦେଶର ସଂସ୍କୃତିସମ୍ପନ୍ନ ପର୍ଯ୍ୟଟକମାନେ ପରସ୍ପର ଦେଶକୁ ଯାଇ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନଧାରା ବିଷୟରେ ବହୁ ନୂତନ ତଥ୍ୟ ସଂଗ୍ରହକରି ଅନୁଭୂତିପୂର୍ଣ୍ଣ ସୁନ୍ଦର ସୁନ୍ଦର ଭ୍ରମଣ-ସାହିତ୍ୟମାନ ରଚନା କରୁଛନ୍ତି । ଆଜି ଗଣମାଧ୍ୟମର ବହୁଳ ପ୍ରସାର ଫଳରେ ଉଭୟ ଦେଶର ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ଶୁଣିବା ଓ ଦେଖି ଉପଭୋଗ କରିବାର ପ୍ରଚୁର ସୁଯୋଗ ପାଇ ପାରୁଛନ୍ତି । ଫଳରେ ପରସ୍ପର ଜୀବନଧାରା ମଧ୍ୟରେ ଅନ୍ତରଙ୍ଗ ଆତ୍ମୀୟତା ସୃଷ୍ଟି ହୋଇ ପାରୁଛି ।

ଅବଶ୍ୟ ଅତୀତ ଦିନମାନଙ୍କରେ ଏଭଳି ସୁଯୋଗ ନଥିଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡବାସୀ ପରସ୍ପର ଦେଶ ବିଷୟରେ ଯାହାବି ଜାଣିଥିଲେ, ଠିକ୍ ଜାଣିନଥିଲେ । ପ୍ରାଚ୍ୟର ପ୍ରତିବେଶୀ ଦେଶମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କ ବିଷୟରେ ସେମାନେ ମଧ୍ୟ ଅଜ୍ଞଥିଲେ । ପୃଥିବୀ ପୃଷ୍ଠରେ ଦେଶମାନଙ୍କର ଭୌଗଳିକ ଅବସ୍ଥିତିଗତ ଦୂରତ୍ୱ ତଥା ଜଳ, ସ୍ଥଳ ପଥର ପ୍ରାକୃତିକ ପ୍ରତିବନ୍ଧକ ଓ ପ୍ରତିକୂଳ ପରିସ୍ଥିତି ଏହାର ଅନ୍ତରାୟ ସୃଷ୍ଟି କରିଥିଲା । କିନ୍ତୁ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତର ସାମାଜିକ ଓ ସଂସ୍କୃତ ଜୀବନଧାରାର ଦ୍ରୁତ ପରିବର୍ତ୍ତନ ଘଟୁଥିଲା ବେଳେ ଉଭୟ ଦେଶବାସୀଙ୍କ ମଧ୍ୟରେ ପରସ୍ପରକୁ ଜାଣିବାର ପ୍ରବଳ ଆକାଂକ୍ଷା ବଢ଼ିଲା । ଏହି ଆକାଂକ୍ଷା ପୂରଣପାଇଁ ବିଭିନ୍ନ ଦେଶର ପର୍ଯ୍ୟଟକମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ପର୍ଯ୍ୟଟନ କରିବାରେ ପ୍ରୟାସୀ ହେଲେ । ଫଳରେ ସେମାନଙ୍କ ଜୀବନର ବାସ୍ତବ ଅନୁଭୂତି ନେଇ ସୃଷ୍ଟିହେଲା ସାହିତ୍ୟର ଏକ ଅଭିନବ ବିଭାଗ 'ଭ୍ରମଣ କାହାଣୀ' ।

Digitized by srujanika@gmail.com

ବିଶ୍ୱମାନବ-ଜାତି ମଧ୍ୟରେ ପରସ୍ପରକୁ ଜାଣିବାପାଇଁ ସୃଷ୍ଟି ହୋଇଥିବା ଆକାଂକ୍ଷାର ବହୁ ଅବସାନ ଘଟିଲା ।

ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ପର୍ବରେ ପର୍ଯ୍ୟଟନ ସାହିତ୍ୟ ଏକ ବିଶିଷ୍ଟ ବିଭାଗ । ପ୍ରାଚୀନ କାବ୍ୟ ସାହିତ୍ୟରେ ମଧ୍ୟ ଦେଶ ପର୍ଯ୍ୟଟନର ସୂଚନା ମିଳେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ବର୍ଣ୍ଣିତ "ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ" ଉକ୍ତିରୁ ଏକଥା ସୁସ୍ପଷ୍ଟ । ଆଧୁନିକ କାଳରେ ଓଡ଼ିଆ ପର୍ଯ୍ୟଟନ ସାହିତ୍ୟ ଉଭୟ ପଦ୍ୟ ଓ ଗଦ୍ୟରେ ପ୍ରକାଶ ପାଇଥିଲା ।

ଉକ୍ତ ଗଦ୍ୟ ଓ ପଦ୍ୟଧର୍ମୀ ଭ୍ରମଣ ସାହିତ୍ୟଗୁଡ଼ିକ ଉତ୍କଳର ସ୍ଥାନ, ପ୍ରକୃତି ଓ ସାମାଜିକ ଜୀବନ ମଧ୍ୟରେ ଆବଦ୍ଧଥିଲା । କ୍ରମେ ଉତ୍କଳୀୟ ଜୀବନଧାରାର ପରିବର୍ତ୍ତନ ଓ ଶିକ୍ଷା ସଂସ୍କୃତିର ପ୍ରସାର ଫଳରେ ପର୍ଯ୍ୟଟନ ସାହିତ୍ୟର ପରିସର ଉତ୍କଳ ମଧ୍ୟରେ ଆବଦ୍ଧ ନ ରହି ଭାରତ ତଥା ପାଶ୍ଚାତ୍ୟ ଦେଶାଭିମୁଖୀ ହେଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀ ଏବଂ ସ୍ୱାଧୀନତା ପ୍ରାପ୍ତି ଠାରୁ ଭାରତୀୟ ଜୀବନ ଧାରାରେ ଅଶେଷ ପରିବର୍ତ୍ତନ ଘଟିଲା । ଦେଶର ଶିକ୍ଷିତ ସଂସ୍କୃତି ସଚେତନ ବ୍ୟକ୍ତିମାନେ ଦେଶଭ୍ରମଣର ସୁଯୋଗ ପାଇଲେ । ସେମାନଙ୍କ ପ୍ରତ୍ୟକ୍ଷ ଅଭିଜ୍ଞତା, ଅନୁଭୂତି- ପ୍ରସୂତ ଅନେକ ଭ୍ରମଣ-ସାହିତ୍ୟ ସୃଷ୍ଟିହୋଇ ପାରିଲା । ଅତୀତର ପର୍ଯ୍ୟଟନ ସାହିତ୍ୟ କହିଲେ "ଗଲି ଅଇଲି ଯାହା ଦେଖିଲି ତାହା ଲେଖିଲି " ପରମ୍ପରାକୁ ପରିହାର କରି ଏହା ନିଜସ୍ୱ ଶୈଳୀରେ ପ୍ରକାଶ ପାଇଲା । ଫଳରେ ଓଡ଼ିଆ ମୌଳିକ ଭ୍ରମଣ-ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଘଟିଲା । ଏହି ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଯେଉଁମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ସେମାନେ ହେଲେ ଲୋକରତ୍ନ କୁଞ୍ଜ ବିହାରୀ ଦାଶ, ସୁରେନ୍ଦ୍ର ମହାନ୍ତି, ଶ୍ରୀରାମ ଚନ୍ଦ୍ର ଦାଶ, ଗୋଲୋକ ବିହାରୀ ଧଳ, ଚିତ୍ତରଞ୍ଜନ ଦାସ, ବାରିଷ୍ଟର ଗୋବିନ୍ଦ ଦାସ, ଶ୍ରୀହର୍ଷ ମିଶ୍ର । ଆଲୋଚ୍ୟ ମନୋଜ ଦାସ ହେଉଛନ୍ତି ଉତ୍ତର ପିଢ଼ୀର ଜଣେ ସଫଳ ସ୍ରଷ୍ଟା । କୁଞ୍ଜ ବିହାରୀ ଦାଶଙ୍କ 'ଲଙ୍କାଯାତ୍ରା' (୧୯୫୦), 'ମୋ ସ୍ୱପ୍ନର କାଶ୍ମୀର' (୧୯୫୬), 'ପଥ ଓ ପଥିକ' (୧୯୫୮), 'ଆମେରିକାରୁ ୟୁରୋପ ଓ ଆଫ୍ରିକା' (୧୯୬୮), 'ଦୁଇ ଦିଗନ୍ତର ଆକାଶ', ସୁରେନ୍ଦ୍ର ମହାନ୍ତିଙ୍କ 'ପେକିଂ ଡାଏରୀ', ଶ୍ରୀରାମଚନ୍ଦ୍ର ଦାଶଙ୍କ 'ୟୁରୋପରେ ମୋ ଅନୁଭୂତି', ଗୋଲୋକ ବିହାରୀ ଧଳଙ୍କ 'ଲଣ୍ଡନ ଚିଠି', 'ଆମେରିକା ଅନୁଭୂତି', ଚିତ୍ତରଞ୍ଜନ ଦାସଙ୍କ 'ନେପାଳ ପଥେ' (୧୯୪୮), 'ଡେନମାର୍କ ଚିଠି' (୧୯୫୬), 'ଗଞ୍ଜାମମାଳରେ ସାତଦିନ', 'ଶୀଳାତୀର୍ଥ', 'ଜଙ୍ଗଲ ଚିଠି', ବାରିଷ୍ଟର ଗୋବିନ୍ଦ ଦାସଙ୍କ 'ଦେଶେଦେଶେ' (୧୯୬୩), ଶ୍ରୀହର୍ଷ ମିଶ୍ରଙ୍କ 'ପଶ୍ଚିମ ଦିଗନ୍ତ', ଉମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ 'ଯାତ୍ରୀ'

Digitized by srujanika@gmail.com

(୧୯୫୦), ଭରତ ଚନ୍ଦ୍ର ନାୟକଙ୍କ ଅନୂଦିତ 'ହୁଏନସାଂଙ୍କ ଭାରତ ଭ୍ରମଣ' (୧୯୪୦) ଓ ମନୋଜ ଦାସଙ୍କ 'ଇଣ୍ଡୋନେସିଆ ଅନୁଭୂତି' (୧୯୫୭), 'ଦୂରଦୂରାନ୍ତ' (୧୯୬୭), 'ଅନ୍ତରଙ୍ଗ ଭାରତ' (୧୯୯୨) ଆଦି ପୁସ୍ତକ ଓଡ଼ିଆ ଭ୍ରମଣ-ସାହିତ୍ୟକୁ ବିପୁଳ ସମ୍ଭାରରେ ସମୃଦ୍ଧ କରିଛି । ଭ୍ରମଣ କାହାଣୀଗୁଡ଼ିକର କଥନ ଭଙ୍ଗୀ ଯେପରି ଅପୂର୍ବ କାବ୍ୟିକ, କଳ୍ପନାଶ୍ରୟୀ, ତଥ୍ୟଭିତ୍ତିକ, ରମ୍ୟାତ୍ମକ ସେପରି ବାସ୍ତବଧର୍ମୀ ଓ ହୃଦୟସ୍ପର୍ଶୀ ।

ମନୋଜ ଦାସଙ୍କ ଭ୍ରମଣବୃତ୍ତାନ୍ତ ବା 'ରମ୍ୟ-ଭ୍ରମଣ-କାହାଣୀ' ଗୁଡ଼ିକ ମୁଖ୍ୟତଃ ଇତିହାସ, କିମ୍ବଦନ୍ତୀ, ବାସ୍ତବ ଅଭିଜ୍ଞତାପୂର୍ଣ୍ଣ କଳ୍ପନାଶ୍ରୟୀ । ତାଙ୍କରି ଭାଷାରେ ''ତଥ୍ୟ ସହ କିଛି ଚିନ୍ତା, କିଛି ବ୍ୟକ୍ତିଗତ ଅନୁଭୂତି ଓ କଳ୍ପନା, ଇତିହାସ ସହ କିଛି କାହାଣୀ ଓ କିମ୍ବଦନ୍ତୀ-ଏସବୁ ଉପାଦାନର ସମାବେଶରୁ ସମ୍ଭୂତ ଏ ଲେଖା ।'' (ଭୂମିକା-ଅନ୍ତରଙ୍ଗ ଭାରତ (୧୯୯୨) -ମନୋଜ ଦାସ) । ପୁଣି ସେ ବି ଲେଖିଛନ୍ତି ''ଗୋଟିଏ ଗୋଟିଏ ସ୍ଥାନକୁ କେନ୍ଦ୍ରକରି ମୋର ଚିନ୍ତାଧାରା ଯେପରି ଭାବରେ ପ୍ରଭାବିତ ହେଉଛି, ଯେଉଁ ସବୁ ଘଟଣା ସ୍ମୃତିରେ ଜାଗରିତ ହୋଇଛି, ତାହାରି ଗପସପରେ ସେମାନେ (ପାଠକ ବନ୍ଧୁମାନେ) ପ୍ରୀତ ରହିବେ ।'' (ଦୂର ଦୂରାନ୍ତର-ଉପକ୍ରମଣିକା-ପୃ୨) ଅଥଚ ଲେଖକ ଆଜିର ସମାଜ ପ୍ରତି ବିତସ୍ପୃହ ହୋଇ କହିଛନ୍ତି, ''ଅସତ୍ୟ ସହର । ଅବାସ୍ତବ ଜୀବନ । ନା, ଏସବୁ ମହାନଗରୀକୁ ନେଇ 'ଭ୍ରଣଣ କାହାଣୀ' ଲେଖିବାର ସ୍ପୃହା ମୋର ନାହିଁ । x x x । ବଣିକ ସଭ୍ୟତା ଓ ବିଜ୍ଞାନ ଦେଶ-ମହାଦେଶ ବ୍ୟାପୀ ବାତାବରଣକୁ ଏକାକାର କରି ଦେଇଛି । କୌଣସି ମହାନଗରୀର ସ୍ଥୂଳ ଚେହେରାରେ ବୈଚିତ୍ର୍ୟ ନାହିଁ, ବିସ୍ମୟ ନାହିଁ; ଅଥଚ ଏଇ ପୃଥିବୀ ଥିଲା କେତେ ବୈଚିତ୍ର୍ୟମୟ ବିଗତ ଯୁଗର ପର୍ଯ୍ୟଟକ ଆଗରେ !'' ''ବିଶେଷତଃ ଭାରତକୁ ନେଇ ପାଶ୍ଚାତ୍ୟର ଆଗ୍ରହ ତୀବ୍ର । ଅତଏବ୍ ଭାରତ କିପରି ଏକ ଅନ୍ଧକାରମୟ ଦେଶ, ଏକଥା ସେ ଲେଖକମାନେ ରସାଳ ଭାବରେ ବର୍ଣ୍ଣନା କରନ୍ତି । ତମସାଚ୍ଛନ୍ନ ପାଶ୍ଚାତ୍ୟର ପାଠକ ଆଉ ଏକ ତମସାଚ୍ଛନ୍ନ ଭୂଖଣ୍ଡର ଚିତ୍ରଦେଖି ଆଶ୍ୱସ୍ତ ହୁଏ । x x x ଭାରତବର୍ଷରେ ବି ପାଶ୍ଚାତ୍ୟ ସମ୍ପର୍କରେ ପଢିବାକୁ ଆଗ୍ରହ ପ୍ରବଳ ।'' (ଉପକ୍ରମଣିକା -ଦୂରଦୂରାନ୍ତର-ପୃ୧/୨) ଏସବୁ ଦୃଷ୍ଟିରୁ ମନୋଜ ବାବୁଙ୍କ ଉକ୍ତ ଭ୍ରମଣ-ସାହିତ୍ୟ ଗୁଡ଼ିକ ସୃଷ୍ଟ ।

ଲେଖକ ଛାତ୍ର ଜୀବନରେ ଇଣ୍ଡୋନେସିୟାରେ ଅନୁଷ୍ଠିତ 'ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀ'ରେ ଭାରତବର୍ଷର ଛାତ୍ରପ୍ରତିନିଧି ଭାବରେ ଯୋଗଦେବା ଅବସରରେ ଇଣ୍ଡୋନେସିୟା ବୁଲିବାର ସୁଯୋଗ ପାଇଥିଲେ । ଇଣ୍ଡୋନେସିଆ ସହିତ ଭାରତର ପ୍ରାଗୈତିହାସିକ ସମ୍ପର୍କ ତଥା ସେଠାକାର ସାଂସ୍କୃତିକ ଜୀବନ ଧାରାରେ ଭାରତୀୟ

Digitized by srujanika@gmail.com

ସଂସ୍କୃତିର ଅପୂର୍ବ ସମନ୍ୱୟ ଦେଖି ଯେତିକି ବିସ୍ମିତ ହୋଇଥିଲେ, ତାଙ୍କ ଛାତ୍ର ମାନସକୁ ପ୍ରଭାବିତ କରି 'ଇଣ୍ଡୋନେଶିୟା ଅନୁଭୂତି' ପୁସ୍ତକଟି ରଚନା ଦିଗରେ ସେତିକି ପ୍ରେରଣା ମଧ୍ୟ ପାଇଥିଲେ । ତାଙ୍କ ପୁସ୍ତକରେ ଲେଖିଛନ୍ତି, ''ଆମ ମାତୃଭୂମିଠାରୁ ବହୁଦୂରରେ, ଭାରତ ଓ ପ୍ରଶାନ୍ତ ମହାସାଗରର ସଂଯୋଗ ସ୍ଥଳରେ, ପ୍ରାଗୈତିହାସିକ ଐଶ୍ୱର୍ଯ୍ୟସମୃଦ୍ଧ, ସହସ୍ର ସହସ୍ର ଦ୍ୱୀପ ସମନ୍ୱିତ ଏପରି ଏକ ଜାତି ଆଜକୁ ଯୁଗଯୁଗ ଧରି ତିଷ୍ଠି ଆସିଛି, ଯାହାର ପରିଚୟରେ ଏତିକି କୁହାଯାଇ ପାରେ ଯେ, ଭାରତୀୟ ପ୍ରାଣର ଏତେ ଘନିଷ୍ଠ ଆଉ କେହିନାହିଁ । ସୁତରାଂ ଇଣ୍ଡୋନେସିୟା ନ ହୋଇ ଅନ୍ୟ କୌଣସି ଦେଶ ହୋଇଥିଲେ ଭ୍ରମଣ ବୃତ୍ତାନ୍ତ ପ୍ରକାଶ କରିବାର ବିଶେଷ ଆଗ୍ରହ ମୋର ହୁଏତ ନଥାନ୍ତା । ଇତିହାସ ସମ୍ପର୍କ ରଖିଥିବା ପ୍ରତ୍ୟେକେ ତ ଜାଣନ୍ତି, ବହୁ ଘଟଣା ପ୍ରବାହ-ବିଧୌତ ଏଇ ଦୀପମାଳାର ପାଣି ପବନରେ ପ୍ରାଚୀନ ଭାରତୀୟ, ବିଶେଷକରି ଉତ୍କଳୀୟ ଶିଳ୍ପ, ସଂସ୍କୃତି, କୃଷ୍ଟିର କେତେ ରୋମାଞ୍ଚକର ସ୍ମୃତି ମିଶ୍ରିତ । କିନ୍ତୁ କେବଳ ସୁପ୍ରାଚୀନ ଇତିଗାଥା ନୁହେଁ, ସାମ୍ପ୍ରତିକ ଘଟଣା ବୈଚିତ୍ର୍ୟ ସବୁ ଭିତରେ ହିଁ ଇଣ୍ଡୋନେଶିୟା ସହ ଭାରତର ଆଶ୍ଚର୍ଯ୍ୟ ନିବିଡତା ସ୍ପଷ୍ଟରୁ ସ୍ପଷ୍ଟତର ହୋଇଉଠିଛି ।'' (ଅଭିମତ,ଇଣ୍ଡେନେସିୟା ଅନୁଭୂତି -ମନୋଜ ଦାସ) ।

ମନୋଜ ବାବୁ ପ୍ରାଚ୍ୟ ଭୂଖଣ୍ଡ 'ଇଣ୍ଡୋନେସିୟାର' ବାଲି, ଜାଭା, ବର୍ଣ୍ଣିଓ, ସୁମାତ୍ରା, ସାବେଲିଶ୍ ଆଦି ଦ୍ୱୀପପୁଞ୍ଜ, ଭାରତବର୍ଷର ରାଜସ୍ଥାନ, ଜୟପୁର, ଉଦୟପୁର, ବିଜାପୁର, ଚିତୋର, ମଦୁରାଇ ତଥା ପାଶ୍ଚାତ୍ୟ ଭୂଖଣ୍ଡ ଇଂଲଣ୍ଡ, ଲଣ୍ଡନ, ଏଥେନସ୍, ଇଟାଲୀ, କାଇରୋ, ପ୍ୟାରିସ୍, ସୁଇଜରଲ୍ୟାଣ୍ଡ ଆଦି ସ୍ଥାନର ଦର୍ଶନୀୟ ମହତ୍ତ୍ୱ, ରାଜବଂଶ ଓ ରାଜପରିବାରର ଇତିହାସ, କିମ୍ବଦନ୍ତୀ, ରାଜନୀତିକ, ଅର୍ଥନୀତିକ, ଗମନାଗମନ ସମସ୍ୟା, ସମର, ବିପ୍ଳବ, ସାହିତ୍ୟ, ସଙ୍ଗୀତ, ନୃତ୍ୟ, କଳା, ଭାସ୍କର୍ଯ୍ୟ, କୃଷି, ଶିଳ୍ପ, ଜାତି, ଧର୍ମ, ଦର୍ଶନ, ଚାଲିଚଳଣି, ଆଚାର ବ୍ୟବହାର, ପ୍ରଚଳିତ ଭାଷା, କବି ଓ ମହାପୁରୁଷ ତଥା ସେମାନଙ୍କ ଶ୍ମଶାନ ତୀର୍ଥ ଆଦି ସାଂସ୍କୃତିକ ଜୀବନଧାରାର ବହୁ ଅଜ୍ଞାତ ତଥ୍ୟ ଓ ବାସ୍ତବ ଅନୁଭୂତି ନିଜସ୍ୱ ଶୈଳୀରେ ପରିବେଷଣ କରି ପାଠକ ଅନ୍ତରକୁ ରସସିକ୍ତ କରିଛନ୍ତି ।

ତାଙ୍କର ଭ୍ରମଣ ବୃତ୍ତାନ୍ତଗୁଡିକ କାହାଣୀଧର୍ମୀ କବିତ୍ୱପୂର୍ଣ୍ଣ ଓ ପ୍ରାଣୋଚ୍ଛ୍ୱଳ । କବିତାର ଛନ୍ଦାୟିତ ରାଗିଣୀ ଭଳି ତାଙ୍କର ଗଦ୍ୟଶୈଳୀ ପ୍ରବହମାନ ପ୍ରକାଶ ଧାରା । ବର୍ଣ୍ଣନାର ଯାଦୁକାରୀ ସ୍ପର୍ଶ, ମନଛୁଆଁ ଭାଷା, ଚିତ୍ରକଳ୍ପ ଓ ଉପମା ପ୍ରୟୋଗ ପାଠକ ଅନ୍ତରକୁ ମନ୍ତ୍ରମୁଗ୍ଧ କରେ । ଦୃଶ୍ୟମାନ ଜଗତର ପ୍ରତ୍ୟେକଟି ପଦାର୍ଥ ଓ ପରିବେଶ ତାଙ୍କ ସୃଷ୍ଟି ସମ୍ଭାରର ଉପାଦାନ । ତାଙ୍କ ବର୍ଣ୍ଣନା ବୈଚିତ୍ର୍ୟର କେତୋଟି ଦୃଷ୍ଟାନ୍ତ ଦେଉଛି -

Digitized by srujanika@gmail.com

(କ) ''ମୋର ଚିରଦିନର ସ୍ୱପ୍ନର ଦ୍ୱୀପ ଜାଭା ! ଅସଂଖ୍ୟ ଅଜଣା ତରୁଲତା, ସ୍ନିଗ୍ଧ ଶାନ୍ତ ସର୍ବଦା -ଓଦା ଓଦା ପରିବେଶ । ଗାଁଗଣ୍ଡା, ପାହାଡପର୍ବତ, ନଈଝରଣା, ମାଇଲ ମାଇଲ ଆଖୁ ଓ ରବର ଖେତ, କର୍ମବ୍ୟସ୍ତ ଶକ୍ତିମାନ୍ ପ୍ରଶାନ୍ତ ନରନାରୀ, ସମସ୍ତଙ୍କୁ ଟପି ଧୀର ଶବ୍ଦ ଅଥଚ ତୀବ୍ର ଗତିରେ ଟ୍ରେନ୍ ଚାଲିଥାଏ । ଅନ୍ତହୀନ ସମୟର କେଉଁ ଅନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପାଗଳ ସମୁଦ୍ରର ଅତଳଗର୍ଭରୁ ଏଇସବୁ ଦୀପପୁଞ୍ଜର ଜନ୍ମହେଲା, କେବେ କିମିତି ଏହାର ଶିଳା ବନ୍ଧୁର ବନମର୍ମର ନିଘଞ୍ଚ ଛାତିରେ ମଣିଷର ବସବାସ ଆରମ୍ଭହେଲା, ସେ କଥା ଇତିହାସ, ପ୍ରତ୍ନତତ୍ତ୍ୱ ବା ନୃତତ୍ତ୍ୱର ଅନୁସନ୍ଧାନର ବିଷୟ ।'' (ଇଣ୍ଡୋନେସିୟା ଅନୁଭୂତି-ପୃ-୩୩)

(ଖ) ''ଆମେ ଆସି ଛିଡା ହୋଇଥିଲୁ ଭୂଗର୍ଭମୁଖୀ ବାତାୟନହୀନ ପାଷାଣ କୋଠରୀ ଭିତରେ । ଏଇ ଯକ୍ଷପୁରୀ ଭିତରେ କେତେ ବିଗତ ରାଜାରାଣୀଙ୍କ ଦର୍ପ ଓ ହର୍ଷର ପ୍ରତୀକ ଅମୂଲ୍ୟ ମୁକୁଟମାନ ସଜ୍ଜିତ ରହିଛି । ଯୁଗ ଯୁଗଧରି କେତେ ଆଶା ଓ ହତାଶା, ଆନନ୍ଦ ଓ ମରଣର ହେତୁ କେତେ ଖଣ୍ଡି ବିଖ୍ୟାତ ହୀରାଖଣ୍ଡ ରହିଛି ଏହି ସବୁ ମୁକୁଟରେ ଖଚିତ ଏବଂ ସେ ସବୁ ଭିତରେ ଜାଜ୍ୱଲ୍ୟମାନ ବିଶ୍ୱବିଶ୍ରୁତ ହୀରା କୋହିନୂର ।'' (ଦୂର ଦୂରାନ୍ତର-ପୃ୧୬)

(ଗ) ''ପାର୍ବତ୍ୟ ଅଞ୍ଚଳର ଘନ କୁହୁଡିଘେରା ଏକ ଉପତ୍ୟକାରେ ଘଟିଛି ତିନି ଭୟଙ୍କର ଡାକିଣୀଙ୍କର ମିଳନ । ସେମାନେ ନର ନୁହନ୍ତି କି ନାରୀ ନୁହନ୍ତି; ସେମାନେ ସକାଳ, ଦ୍ୱିପ୍ରହର, ସନ୍ଧ୍ୟାଭଳି ସ୍ୱାଭାବିକ ସମୟର ହିସାବ ରଖନ୍ତି ନାହିଁ । ଝଡ, ବର୍ଷା, ଭୂକମ୍ପ ଇତ୍ୟାଦି ଦୂର୍ଯୋଗକୁ ହିଁ ସେମାନେ ସମୟଭାବରେ ଚିହ୍ନନ୍ତି । ସେମାନଙ୍କ ଦୃଷ୍ଟିରେ ଯୁଦ୍ଧରେ ମଣିଷର ଜୟ ଭିତରେ ହିଁ ପରାଜୟ ନିହିତ ଥାଏ ।'' (ଦୂରଦୂରାନ୍ତର -ପୃ-୫୮)

(ଘ) ''ଦୁର୍ଗଟି ଦିଶୁଥିଲା ପାହାଡ ଉପରେ ବସି ଲମ୍ଫ ପାଇଁ ଉଦ୍ୟତ ସିଂହଟିଏ ଭଳି । ଆଜିର ପରିବ୍ରାଜକ ଆଖିକୁ ତାହା ଯେପରି ଦିଶୁଛି, ସାତଶହ ବର୍ଷତଳେ ପଦ୍ମିନୀ ବି ତାଙ୍କ ବିବାହ ଶୋଭାଯାତ୍ରା ପାହାଡ ଆରୋହଣ କରିବା ପୂର୍ବରୁ ଏଠି ଶେଷ ବିଶ୍ରାମ ନେଲାବେଳେ ସେମିତି ଭାବରେ ହିଁ ଦେଖିଥିବେ । ପିତୃ ନିଳୟରୁ ବାହାରି ଅସିବା ପରେ ପଥରେ ଅତିବାହିତ ସେ ଶେଷ ରଜନୀରେ 'ପଦ୍ମଭଳି ସୁନ୍ଦର' ପଦ୍ମିନୀ କ୍ୱଚିତ୍ ନିଦ୍ରାଯାଇଥିବେ ।'' (ଅନ୍ତରଙ୍ଗ ଭାରତ, ପୃ-୧୧)

(ଙ) ''ମୟୂରମାନଙ୍କର ସ୍ୱଚ୍ଛନ୍ଦ ବିଚରଣ ମୋତେ ଚମତ୍କୃତ କରିଥିଲା । ସେମାନେ ପୋଷା ନୁହନ୍ତି, ସ୍ୱଧୀନ; କିନ୍ତୁ ନିର୍ଭୟରେ ସେମାନେ ବୃକ୍ଷାଗ୍ରରୁ ଘରଛାତ ଉପରକୁ, ତପୂରେ ଅଗଣାକୁ ଅବତରଣ କରି ମଣିଷମାନଙ୍କ ପ୍ରତି ଏଭଳି କଟାକ୍ଷପାତ କରନ୍ତି, ସତେଅବା ଅବସ୍ଥା ପର୍ଯ୍ୟବେକ୍ଷଣ

Digitized by srujanika@gmail.com

କରିବା ନିମନ୍ତେ ସେମାନେ କୌଣସି ଉଚ୍ଚତର ଶକ୍ତିଠୁଁ ଅଧିକାରପ୍ରାପ୍ତ ହୋଇ ଆସିଛନ୍ତି ।'' (ଅନ୍ତରଙ୍ଗ ଭାରତ -ପୃ-୪୨)

ମନୋଜ ଦାସ ଫକୀରମୋହନଙ୍କ ଭଳି କାହାଣୀ ଭିତରେ ଆବିର୍ଭାବ ହୋଇ ସମାଜକୁ କିଛି ନୂତନ ଦିଗ୍‌ଦର୍ଶନ ଦେଇଥାନ୍ତି । ଏହା ତାଙ୍କ ସମାଜ ସଚେତନତାର ନିଦର୍ଶନ । ତାଙ୍କର ଭ୍ରମଣକାହାଣୀ ପୁସ୍ତକ ଗୁଡିକରେ ଥିବା ଏଭଳି ଅନେକ ଦୃଷ୍ଟାନ୍ତ ମଧ୍ୟରୁ ନମୁନା ସ୍ୱରୂପ କେତୋଟି ପାଠକମାନଙ୍କ ପାଇଁ ଉଲ୍ଲେଖ କରାଗଲା -

(କ) ''ଆଉ କେତେଜଣ ଜଗତର ସମସ୍ତ ଦାର୍ଶନିକ ଚିନ୍ତାଧାରା ଆଖି ଡିମା ଦୁଇଟାରେ ଠୁଳକରି ନିବିଷ୍ଟ ଚିତ୍ତରେ ହୁଇସ୍କିଭିତରେ ବୁଡି ଯାଇଛନ୍ତି । ସେମାନଙ୍କ ମୁଖମଣ୍ଡଳରେ ଇମିତି ଭାବ ଯେ, ଯଦି ମହାଶୂନ୍ୟରୁ ଖସି ଜାହାଜଟି ସମୁଦ୍ର ଭିତରେ ଲୀନ ହେବାକୁ ବସେ, ତେବେ ସେମାନେ ମହାସମୁଦ୍ରଟାକୁ ବି ନିର୍ବିକାର ଚିତ୍ତରେ ଚଳୁ କରିଦେବେ !'' (ଇଣ୍ଡୋନେସିୟା ଅନୁଭୂତି -ପୃ୯)

(ଖ) ''ଏଇ ସବୁ ସମୁଦ୍ର ତଟରେ-ଯେଉଁଠି ଦୁର୍ଦ୍ଧର୍ଷ ଶିଳାଗୁଳ୍ମ ଉପରେ ଅଦମନୀୟ ଲହରୀସବୁ ଭାଙ୍ଗିପଡୁଛି-ଅତୀତ କଳିଙ୍ଗର ସାହସୀ ନାବିକମାନେ ଆସି ଲଙ୍ଗର ତୋଳିଥିବେ । ଏଇ ମାଟି, ବାଲି, ନଗର, ଜନପଦ ଭିତରେ ଯେପରି ସେହିସବୁ ପୂର୍ବପୁରୁଷ ମାନଙ୍କର ସ୍ମୃତି ଖେଳି ବୁଲୁଛି । (ଇଣ୍ଡୋନେସିୟା ଅନୁଭୂତି -ପୃ୩୪)

(ଗ) ନିଜ ଧର୍ମହୀନତାକୁ ଏତେ ପ୍ରକାଶ୍ୟ ଭାବରେ ଜାହିର କରିବାର ସତ୍‌ସାହସ ଆମର ନାହିଁ । ମନ୍ଦିରକୁ ଆମେ ସିନେମା ଘର କରିବୁ ନାହିଁ ସିନା; କିନ୍ତୁ ମନ୍ଦିରର ଦିଅଁକୁ କେତୋଟି ମୁଦ୍ରା ବିନିମୟରେ ଅକାତରରେ ବିକ୍ରିକରି ଦେଇପାରିବୁ । ଅନ୍ୟ ଧର୍ମର ଲୋକେ ମନ୍ଦିରବେଢା ଭିତରକୁ ପଶି ପାରିବେ ନାହଁ ସିନା, କିନ୍ତୁ ଡଲାର୍ ବିନିମୟରେ ମନ୍ଦିରର ଅମୂଲ୍ୟ ମୂର୍ତ୍ତିମାନ ସାତ ସମୁଦ୍ର ସେପାରିକୁ ଚାଲାଣ କରିଦେଇ ପାରିବାରେ ଆମ ଲୋକଙ୍କର ଦ୍ୱିଧା ନାହିଁ । ଅନନ୍ୟ ହର-ପାର୍ବତୀ ଯୁଗ୍ମ-ମୂର୍ତ୍ତିରୁ ପାର୍ବତୀଙ୍କୁ ଆଣ୍ଠୁ ପାଖରୁ ଭଙ୍ଗିନିଆଯାଇଛି । ସେହି ବିକଳାଙ୍ଗ ମୂର୍ତ୍ତିର ଛବିକୁ ବର୍ତ୍ତମାନ ଖବର କାଗଜ ମାନଙ୍କରେ ବିଜ୍ଞାପିତ କରି ସଂପୃକ୍ତ ମହାପାପୀମାନଙ୍କ ଭିତରେ ବିବେକ ସଞ୍ଚାରର ଉଦ୍ୟମ କରୁଛନ୍ତି ଆମ ସରକାର । ସେଥିରେ ସଫଳତାର ଆଶାନାହିଁ । ଯେଉଁମାନେ ସେସବୁ କାମ କରନ୍ତି ସେମାନେ ବିବେକମୁକ୍ତ ପୁରୁଷ; ସେମାନଙ୍କ ଭିତରୁ ଗଣ୍ୟମାନ୍ୟ, ସାମାଜିକ 'ମହାପୁରୁଷ' ସ୍ତରର କେହି କେହି ମଧ୍ୟ ଅଛନ୍ତି ।'' (ଦୂରଦୂରାନ୍ତର -ପୃ୬)

(ଘ) ''ଝିଅଟି ଚିତ୍ରସ୍ଥ ମହିଳାଙ୍କ ଜାତୀୟତା ଉପରେ ଆଉ ଯୁକ୍ତି ନକରି କ୍ଷୋଭସହକାରେ

Digitized by srujanika@gmail.com

ଆଉଥରେ କେବଳ କହିଲା, ''ତାର ଟିକିଏ ବି ଲୁଗା ନାହିଁ।'' ''ବୁଦ୍ଧୁ ! ଲୁଗା ଅଛି, ବହୁତ ଅଛି, ସେ ଜାଣି ଜାଣି ପିନ୍ଧି ନାହିଁ। ତୁ ବୁଝିପାରିବୁ ନାହିଁ; ବଡ ହେଲେ ବୁଝିବୁ ।''

(ଦୂରଦୂରାନ୍ତର -ପୃ୨୦)

(ଙ) ''ଇତିହାସକୁ ପୋଛି ପକାଇବା ମଣିଷର ସାଧ୍ୟାତୀତ । ସେ ଚେଷ୍ଟା ଯେଉଁମାନେ କରନ୍ତି, ସେମାନେ ହିଁ ଯଥା ସମୟରେ ହାସ୍ୟାସ୍ପଦ ହୁଅନ୍ତି । ଇତିହାସକୁ ନମ୍ର ଭାବରେ ବୁଝିବାର ଚେଷ୍ଟା କରିବାହିଁ ଆମ ସଦ୍‌ବୁଦ୍ଧିର ପ୍ରମାଣ । କିନ୍ତୁ ତାହା ସହଜ ନୁହେଁ । ଆମେ ଆମର ନିକଟତମ ପ୍ରତିବେଶୀର ଚିନ୍ତାଧାରା ବି ବୁଝିପାରୁନା ।''

(ଅନ୍ତରଙ୍ଗ ଭାରତ -ପୃ୧୮/୨୯)

ମନୋଜ ଦାସଙ୍କ ନିଜସ୍ୱ ଶବ୍ଦ ସମ୍ଭାର ତାଙ୍କ ରଚନା ଶୈଳୀର ମୁଖ୍ୟ ଆକର୍ଷଣ । ତାଙ୍କର ଆଡମ୍ବରପୂର୍ଣ୍ଣ ଶବ୍ଦ ସମ୍ଭାର ମୋହକୁ ପାଠକମାନେ ଭୁଲି ପାରନ୍ତି ନାହିଁ । ତାଙ୍କର କ୍ଷୁଦ୍ର କ୍ଷୁଦ୍ର ଶବ୍ଦଗୁଡିକ ଯେପରି ଭାବବ୍ୟଞ୍ଜକ ସେଭଳି ଅର୍ଥପୂର୍ଣ୍ଣ । 'ଧୁମ୍ରାଭ୍ ଦିଗନ୍ତ', ଦିଗନ୍ତ ବିସ୍ତୃତ ସମୁଦ୍ର, ଦିଗନ୍ତ ପ୍ରସାରୀ ଅନ୍ଧକାର, ସୁଦୂର ପ୍ରସାରୀ ଦିଗ୍‌ବଳୟ ଆଦି କେତୋଟି ଶବ୍ଦ ପ୍ରତି ତାଙ୍କର ମୋହ ବଡ଼ ତୀବ୍ର । କାରଣ ଲେଖକ ତାଙ୍କର ବର୍ଣ୍ଣନାର ଅନେକ ସ୍ଥଳରେ ଏସବୁ ଶବ୍ଦ ଗୁଡିକର ଏକାଧିକ ପ୍ରୟୋଗ କରିଥାନ୍ତି । ତାଙ୍କ ଶବ୍ଦଗୁଡିକର ଦୃଷ୍ଟାନ୍ତ ହେଉଛି-ନିଭୃତ ପଲ୍ଲୀ, ଆଶ୍ଚର୍ଯ୍ୟ ନୀରବତା, ସମୁଦ୍ର ନଗରୀ, ଅନନୁଭୂତ ତନ୍ଦ୍ରା, ମେଘଳ ଆକାଶ, ପ୍ରସ୍ତ ପ୍ରସ୍ତ ମେଘର ପ୍ରଲେପ, ନିବିଡ ଆତ୍ମୀୟତା, ଅଭଦ୍ର ଆଘାତ, ଅକଳ୍ପନୀୟ ନୀରବତା, ମିସ୍ ମିସ୍ ଶବ୍ଦ, ଫିସ୍ ଫିସ୍ କଥା, ଘସ୍ ଘସ୍ ବ୍ରେକ୍, ଏକସୂର୍ଯ୍ୟ ଭରା ଦ୍ୱୀପପୁଞ୍ଜ, ଆସନ୍ତା ଆଷାଢର ଆଭାସ, ଝଞ୍ଜା ସଙ୍କୁଳ, ମସୃଣ ମଖମଲ ଅଙ୍ଗ, ଧୂ-ଧୂ ମଶାଣି, ଅସୁମାରୀ ଲାବଣ୍ୟ। ଝରଣା, ସୌନ୍ଦର୍ଯ୍ୟ ସମନ୍ୱୟ, ପାଗଳ ସମୁଦ୍ର, ଦୁର୍ଦ୍ଧର୍ଷ ଶିଳାଗୁଳ୍ମ, ଅଦମନୀୟ ଲହରୀ, ବିସ୍ମୟ ବିମୁଗ୍ଧ ଆଖି, କୁହୁଡିର ନୀଳ ପର୍ଦ୍ଦା ଜଳଦଗମ୍ଭୀର କଣ୍ଠସ୍ୱର, ହର୍ଷୋତ୍‌ଫୁଲ୍ଲ ନରନାରୀ, ଅଜସ୍ର ପୁଷ୍ପବୃଷ୍ଟି, ଅଫୁରନ୍ତ ଐଶ୍ୱର୍ଯ୍ୟ, ଅପସ୍ୱୟମାନ ଦୃଶ୍ୟ, ପାଉଁଶିଆ ମେଘମାଳା, ଅନ୍ଧକାରାଚ୍ଛନ୍ନ ସାମ୍ରାଜ୍ୟବାଦୀ, କ୍ରମୋନ୍ନତ ସୌହାର୍ଦ୍ଦ୍ୟ (ଇଣ୍ଡୋନେସିୟା ଅନୁଭୂତି) ଅସତ୍ୟ ସହର, ଅନାବିଷ୍କୃତ ଐଶ୍ୱର୍ଯ୍ୟ, କଳ୍ପନାର ମୂର୍ତ୍ତିମାନରୂପ, ଇତିହାସର ବଙ୍କିମ ଘଟଣା ପ୍ରବାହ, କ୍ଷମତା ଭୋଗର ଐଶ୍ୱର୍ଯ୍ୟ ସମ୍ଭାର, ଉମିଧର୍ମୀ ଆଧୁନିକ ସମାଜ, ଐତିହାସିକ ଆଭିଜାତ୍ୟ, ମହାର୍ଘ ଐଶ୍ୱର୍ଯ୍ୟ, ବ୍ୟାଘ୍ରଚାହାଣୀ ସମ୍ପନ୍ନ, ସ୍ଫର୍ଦ୍ଧିତ ସମୁଦ୍ର, ପଲ୍ଲୀମୟ ସମୁଦ୍ର ତଟ, ଶୀତ-କଣ୍ଟକିତ, ସାଲୁବାଲୁ ଜୀବନ, ଧୂମାଚ୍ଛନ୍ନ -ଅନ୍ତପ୍ରଦେଶ, ଅସ୍ତମିତ ଗୋଧୂଳି, ବେପରୁଆ ଭାବ, ଅପ୍ରତିରୋଧ୍ୟ ଧାରା, ହତଭାଗା-ଅଙ୍କିତ, ଉଦ୍ଦାମ ପ୍ରକୃତି, ତୁଷାର-ଋତୁ, ମୁଣ୍ଡ ସମନ୍ୱିତ ବ୍ୟକ୍ତି, କର୍ଦ୍ଦମାକ୍ତ ବାତାବରଣ, ବିମର୍ଷ ମୁହୂର୍ତ୍ତ, ଗପସପର ଉଷ୍ମତା,

Digitized by srujanika@gmail.com

ଜୀବନ-ପ୍ରଭାତ, ଅପରାହ୍ନ (ଦୂରଦୂରାନ୍ତର) ଛଦ୍ମ ବନ୍ଧୁତା, ମୁହୂର୍ତ୍ତ ସ୍ମୃତି, ଚମକପ୍ରଦ ଇତିହାସ ଓ କିମ୍ବଦନ୍ତୀ, ବିବେଚନାପୂର୍ଣ୍ଣ ଉତ୍ତର, ବିସ୍ମୟର ସମର୍ଥନ, ବିୟୋଗାନ୍ତକ ମହତ୍ତ୍ୱ, ମଶାଲ ସମନ୍ୱିତ ଝରଣା, ଆଭିଜାତ୍ୟ ଭରା ହର୍ମ୍ୟ, ଈର୍ଷାକାତର ଦୃଷ୍ଟିପାତ, ଦୁର୍ଯୋଗପୂର୍ଣ୍ଣ ମୁହୂର୍ତ୍ତ, ଐଶ୍ୱର୍ଯ୍ୟର ଗମନାଗମନ, ଶିଳା-ସଙ୍କୁଳ ରାସ୍ତା, ଯୁଦ୍ଧବିମୁଖ ଆରୋହୀ, ବିଜ୍ଞାନ ବିଳାସୀ ରାଜା, ଧୂଳ-ଧୂମ୍ରାଭ ପଥ, ଧୂସର କ୍ଷେତର ବ୍ୟାପ୍ତି, ତାତ୍ପର୍ଯ୍ୟପୂର୍ଣ୍ଣ ହସ, କ୍ରୋଧାନ୍ଧ ନଗର, ବହମାନ ପବନ, ସ୍ନେହଶ୍ରଦ୍ଧାର କାବେରୀ (ଅନ୍ତରଙ୍ଗ ଭାରତ) ଆଦି ଶବ୍ଦ ।

ଏହି ଦୃଷ୍ଟିରୁ ବିଚାର କଲେ ମନୋଜ ଦାସଙ୍କ ରଚିତ 'ଇଣ୍ଡୋନେସିୟା ଅନୁଭୂତି', 'ଦୂରଦୂରାନ୍ତ' ଓ 'ଅନ୍ତରଙ୍ଗ ଭାରତ' ଏକ ଏକ ସଫଳ ସାର୍ଥକ ଭ୍ରମଣ କାହାଣୀ । ଯେଉଁ ଯେଉଁଥିରୁ ତାଙ୍କର ବ୍ୟାପକ ଦୃଷ୍ଟିଭଙ୍ଗୀ, ଗଭୀର ଅନ୍ତର୍ଦୃଷ୍ଟି, ବାସ୍ତବ ଅଭିଜ୍ଞତା ତଥା ଜ୍ଞାନାଦୀପ୍ତ ସାରସ୍ୱତ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । ଭଗବାନ କରନ୍ତୁ ତାଙ୍କ ସାଧନା ଓ ତପସ୍ୟାର ମାର୍ଗ କୁସୁମିତ ହେଉ । ଭଗୀରଥ ସମ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ପୁଷ୍କଳ କରି ଉତ୍କଳଭୂମିକୁ ସ୍ୱର୍ଗୀୟ ସୁଷମାରେ ଶ୍ରୀମଣ୍ଡିତ କରନ୍ତୁ ।

• ବରିଷ୍ଠ ଅଧ୍ୟାପକ,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ସୂର୍ଯ୍ୟଚୂଡ଼ ମହାବିଦ୍ୟାଳୟ, ବାଲେଶ୍ୱର

Digitized by srujanika@gmail.com

ଯେ ପକ୍ଷୀ ଉଡ଼େ, ଯେତେ ଦୂର

ଡକ୍ଟର ବଂଶୀଧର ଚୌଧୁରୀ

ଓଡ଼ିଆ ଭ୍ରମଣ କାହାଣୀରେ ନବତରଙ୍ଗ ସୃଷ୍ଟି କରିଥିବା ସ୍ରଷ୍ଟାମାନଙ୍କ ମଧ୍ୟରେ ମନୋଜ ଦାସଙ୍କ ପ୍ରତିଭା କୋଟି ସ୍ପର୍ଶକରେ । ତାଙ୍କ ରଚିତ 'ଇଣ୍ଡୋନେସିଆ ଅନୁଭୂତି' (୧୯୫୭), 'ଦୂର ଦୂରାନ୍ତର' (୧୯୭୬) ଓ 'ଅନ୍ତରଙ୍ଗ ଭାରତ' ୧ମ ଖଣ୍ଡ (୧୯୯୨) ଓ ଦ୍ୱିତୀୟ ଖଣ୍ଡ (୧୯୯୬) ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ସଫଳତା ଅର୍ଜନ କରି ପାରିଛନ୍ତି । ଏହି ସମୟରେ ଭ୍ରମଣ କାହାଣୀ ନାମରେ ଆତ୍ମ ପ୍ରକାଶ କରିଥିବା ବହୁ ରଚନା କେବଳ ଡାଏରୀ ସର୍ବସ୍ୱ, ଭାବୋଚ୍ଛ୍ୱାସ ପ୍ରଧାନ ବା ପ୍ରବନ୍ଧଧର୍ମୀ ହୋଇଥିବା ବେଳେ ଶ୍ରୀଯୁକ୍ତ ଦାସଙ୍କ ଭ୍ରମଣକୃତି ଗୁଡିକର ବିଷୟ ନିର୍ବାଚନ କୌଶଳ ଓ ରସରୂପାୟନ ପାଠକୀୟ ଆହ୍ଲାଦ ପ୍ରଦାନ କରିବା ସହିତ ଜ୍ଞାନର ଦିଗନ୍ତକୁ ପ୍ରସାରିତ କରିଥାନ୍ତି । କୃତିଗୁଡିକର ସଫଳତା ପୃଷ୍ଠଭୂମିରେ ଯେଉଁ ଚରମ ସତ୍ୟଟି ବିଦ୍ୟମାନ ତାହା ହେଉଛି ସାହିତ୍ୟ ଭାବରେ ବିଚାର କରିବାର ଆଭିମୁଖ୍ୟ । ବହିଃରଙ୍ଗ ଅପେକ୍ଷା ଅନ୍ତରଙ୍ଗ ଭାବାଦର୍ଶ ପ୍ରତି ରହିଥିବା ବିଶ୍ୱସନୀୟତା ଭ୍ରମଣାନୁଭୂତିକୁ ବୃତ୍ତାନ୍ତମୂଳକ ନ କରି ସାହିତ୍ୟିକ ସଫଳତା ପ୍ରଦାନ କରିପାରିଛି ।

'ପୃଥିବୀ ଭଳି ବିରାଟ ଗ୍ରନ୍ଥ'କୁ ନିବିଡଭାବେ ଅଧ୍ୟୟନ କରିବା ଲାଗି ଲେଖକ ଇଣ୍ଡୋନେସିଆରୁ 'ଦୂର ଦୂରାନ୍ତର' ଯାତ୍ରାକରି 'ଅନ୍ତରଙ୍ଗ ଭାରତ'କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସଫଳ ହୋଇଛି ତାଙ୍କର ଯାତ୍ରା ଓ ଯାତ୍ରା କାହାଣୀ । ଗତାନୁଗତିକ ପର୍ଯ୍ୟଟନର ସେ ପରିପନ୍ଥୀ । 'ଦୂରଦୂରାନ୍ତର'ରେ ସେ କହିଛନ୍ତି -'ଏକଦା ଭ୍ରମଣ ଥିଲା ଏକ ରୋମାଞ୍ଚକର ଅନୁଭୂତି । ମାତ୍ର ବଣିକ ସଭ୍ୟତା ଓ ବିଜ୍ଞାନ ଦେଶ ମହାଦେଶ ବ୍ୟାପି ବାତାବରଣକୁ ଏକାକାର କରି ଦେଇଛି । ଆଜି କୌଣସି ମହାନଗରୀର ସ୍ଥୂଳ ଚେହେରାରେ ବୈଚିତ୍ର୍ୟ ନାହିଁ କିମ୍ବା ବିସ୍ମୟ ମଧ୍ୟ ନାହିଁ; ଅଥଚ ଏହି ପୃଥିବୀ ଥିଲା ବିଗତ ଯୁଗର ପର୍ଯ୍ୟଟକମାନଙ୍କ ଆଗରେ ଅଧିକ ବୈଚିତ୍ର୍ୟମୟ । ଦୀର୍ଘ ଜଳଯାତ୍ରାର ଝଡ; ଦିଗ୍‌ବଳୟ ସେପାରିର ଦୃଶ୍ୟମାନ ଧୂମାଭ ପର୍ବତ ଶ୍ରେଣୀର ପ୍ରତିବନ୍ଧକ ଆଜି ଭ୍ରମଣକାରୀମାନଙ୍କୁ ପ୍ରତିବନ୍ଧକ ଆଣି ଦେଉନଥିବାରୁ ପର୍ଯ୍ୟଟନ ଆଜି ଗତାନୁଗତିକ

Digitized by srujanika@gmail.com

ହୋଇପଡିଛି ।'' ଏଥିରୁ ଅନୁମିତ ହୁଏ ଶ୍ରୀଯୁକ୍ତ ଦାସ କେବଳ ସଫଳ ସାହିତ୍ୟିକ ନୁହଁନ୍ତି ସାହସୀ ଯାତ୍ରୀ ମଧ୍ୟ ।

ତାଙ୍କ 'ଇଣ୍ଡୋନେସିଆ ଅନୁଭୂତି'ର ପ୍ରଥମ ପୃଷ୍ଠାରେ ସେ ଲେଖିଛନ୍ତି- ''ଲେଖା ଅନୁକୂଳ ବେଳେ ମନେହେଉଛି ଏ ପରିଚ୍ଛେଦକୁ କେହି ଡିଟେକ୍ଟିଭ୍ କାହାଣୀର ଆୟମାରମ୍ଭ ବୋଲି ଭାବି ବସିବେନିତ'' ପୁଞ୍ଚକ ଉପତ୍ୟକାରେ ତାଙ୍କ ରାତ୍ରିଯାପନର ଅନୁଭୂତି ବୈଚିତ୍ର୍ୟର ଚାକ୍ଷୁସ ଅନୁଭୂତି ବର୍ଣ୍ଣନା ଶୈଳୀ ଓ ଭାଷା ଏଠାରେ ଚମତ୍କାରିତା ସୃଷ୍ଟି କରିଛି । ଅରଣ୍ୟ ବୃତ ଓ ଆଗ୍ନେୟଗିରି ପରିପୂର୍ଣ୍ଣ ଇଣ୍ଡୋନେସିଆ ଭୂମିକମ୍ପ, ପ୍ରଚଣ୍ଡ ଗରମ ଓ ତତ୍‌କ୍ଷଣାତ୍ ବୃଷ୍ଟି ମଧ୍ୟରେ ତା'ର ପ୍ରାକୃତିକ ବୈଚିତ୍ର୍ୟକୁ ଆଦରି ନେଇଛି ।

ଇଣ୍ଡୋନେସିଆ ଓଡ଼ିଆ ସାଧବର ଗନ୍ତାଘର । ''କ୍ଷୀରନୀର ସମୁଦ୍ର ପାରିହେଲେ ଏକ ସୁନ୍ଦର ମୋତି ମାଣିକ୍ୟର ଦେଶ । ସେ ରାଜ୍ୟରେ ସୂର୍ଯ୍ୟ ଦିହରୁ ଝରିପଡେ ବୈଦୁର୍ଯ୍ୟର ରଶ୍ମି । ସରୋବରରେ ଫୁଟେ ହୀରାର ପଦ୍ମ ।'' ''ରୂପକଥାର ଚରାଭୂଇଁ ପରିଚ୍ଛେଦର ଏହି ବର୍ଣ୍ଣନାରେ ବାସ୍ତବତା ଓ କଳ୍ପନାର ଏକ ମଧୁର ସମନ୍ୱୟ ଘଟିଛି । 'ଯୋଗଜାକର୍ତ୍ତା ପଥେ' ର ବର୍ଣ୍ଣନା ବିଶେଷତଃ ଇଣ୍ଡୋନେସିଆର କଳା, ସ୍ଥାପତ୍ୟ ଓ ପରିବର୍ତ୍ତିତ ଚଳଣି ଉପରେ ଆଧାରିତ । ଯୋଗଜାକର୍ତ୍ତା ଜାଭାର ପ୍ରାଚୀନ ରାଜଧାନୀ । ଏପ୍ରକାର ବୌଦ୍ଧ ବିହାର ଓ ହିନ୍ଦୁ ମନ୍ଦିର ଭାରତୀୟ ପ୍ରାଚୀନ ଶୈଳୀରେ ନିର୍ମିତ । ସଂସ୍କୃତି ସମ୍ପନ୍ନ ଏହି ପ୍ରାଚୀନ ପୀଠ ବିଦେଶୀମାନଙ୍କର ବଣିକ ପ୍ରବୃତ୍ତି ଦ୍ୱାରା ବହୁ ଭାବରେ କ୍ଷତିଗ୍ରସ୍ତ । ଇଣ୍ଡୋନେସିଆର ମୂଳ ଅଧିବାସୀମାନଙ୍କ ପ୍ରତି ବିଦେଶୀମାନଙ୍କର କପଟ ଆଚରଣ ସମ୍ପର୍କରେ ବହୁ ଉଦାହରଣ ପ୍ରଦାନକରି ଲେଖକ ନିଜ ବକ୍ତବ୍ୟର ଉଦ୍ଦେଶ୍ୟକୁ ପ୍ରମାଣିତ କରିଛନ୍ତି ।

ଏସିଆ ଓ ଅଷ୍ଟ୍ରେଲିଆ ଦୁଇଟି ମହାଦେଶ ମଧ୍ୟରେ ଅବସ୍ଥିତ ଜାଭା, ସୁମାତ୍ରା, କାଲିମନ୍ତନ୍, ସୁଲାୱେସି, ଇରିଆନ୍ ଜାୟା ଓ ନିଭାଗିନି ଭଳି ପ୍ରଧାନ ଷଡ ଦ୍ୱୀପମାନଙ୍କୁ ନେଇ ଗଠିତ ଇଣ୍ଡୋନେସିଆର ପ୍ରାକୃତିକ ପରିବେଶ, ଇତିହାସ, ଧର୍ମ, ଭାଷା, ପ୍ରଶାସନ, ଜାତୀୟ ଆଦର୍ଶ, ସ୍ଥାପତ୍ୟ, କଳା, ସାହିତ୍ୟ, ନୃତ୍ୟ, ଲୋକକଥା ଓ ଲୋକଚଳଣୀ ସମ୍ପର୍କରେ ପାଠକମାନଙ୍କୁ ପରିଚିତ କରାଇବା ପାଇଁ ଲେଖକ ଯେଉଁ ସବୁ କାହାଣୀର ଅବତାରଣା କରିଛନ୍ତି ସେ ସବୁରେ ତଥ୍ୟ ଓ ତତ୍ତ୍ୱର ମଧୁର ମିଳନ ସଂଘଟିତ ହୋଇଛି ।

'ଦୂର ଦୂରାନ୍ତର' ମନୋଜ ଦାସଙ୍କର ଏକ ମନୋଜ୍ଞ କୃତି । ୧୯୭୩ରୁ ୧୯୭୪ ପର୍ଯ୍ୟନ୍ତ ଧାରାବାହିକ ଭାବେ ଏହା 'ନବରବି' ପତ୍ରିକାରେ ପ୍ରକାଶପାଇ ୧୯୭୬ରେ ଗ୍ରନ୍ଥମନ୍ଦିର, କଟକ ଦ୍ୱାରା ଗ୍ରନ୍ଥୀକୃତ ହୋଇଛି । ଲେଖକଙ୍କ ବିଲାତ ଯାତ୍ରାକାଳୀନ ଅନୁଭୂତି ଏଥିରେ ପ୍ରକାଶିତ । 'ଅସତ୍ୟ ସହର ଅବାସ୍ତବ ଜୀବନ'କୁ ନେଇ

Digitized by srujanika@gmail.com

ଭ୍ରମଣ କାହାଣୀ ଲେଖିବାର ସ୍ପୃହା ଲେଖକଙ୍କର ନଥିଲେ ବି ବନ୍ଧୁମାନଙ୍କ ଅନୁରୋଧରେ 'ଗୋଟିଏ ସ୍ଥାନକୁ କେନ୍ଦ୍ରକରି ତାଙ୍କର ଚିନ୍ତାଧାରା ଯେପରି ଭାବରେ ପ୍ରବାହିତ ହୋଇଛି, ଯେଉଁ ସବୁ ଘଟଣା ସ୍ମୃତିରେ ଜାଗରିତ ହୋଇଛି ତାହାକୁ ଉପଜୀବ୍ୟ କରି ସେ ଲେଖିଛନ୍ତି ତାଙ୍କର ଭ୍ରମଣ କାହାଣୀ ।

'ଦୂର ଦୂରାନ୍ତର'ରେ ସୁଇଜରଲ୍ୟାଣ୍ଡ, ଇଟାଲୀ, ମିଶର, ବାଭାରିଆ, ପ୍ୟାରିସ୍, ସ୍କଟ୍‌ଲ୍ୟାଣ୍ଡ ଆଦିର ଭ୍ରମଣାନୁଭୂତି ଅପେକ୍ଷା ଇଂଲଣ୍ଡର କଥା ଲେଖକ ବିସ୍ତୃତଭାବେ ବର୍ଣ୍ଣନା କରିଛନ୍ତି । ଭ୍ରମଣ କରିଥିବା ଦେଶ ଗୁଡିକର ଇତିହାସ, କିମ୍ବଦନ୍ତୀ, ଜାତୀୟ ଚରିତ୍ରର ଅତୀତ ଓ ବର୍ତ୍ତମାନ, ରାଜନୀତି, ସମାଜ ଜୀବନ, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ସାହିତ୍ୟିକମାନଙ୍କର ଦୃଷ୍ଟିକୋଣ, ଲୋକବିଶ୍ୱାସ, ବ୍ୟକ୍ତି ଚରିତ୍ର, ରାଜତନ୍ତ୍ରର ନୃଶଂସ କାହାଣୀ, ବିକଟ ବଣିକ ସଭ୍ୟତା, ନଗ୍ନତା, ହିଂସା, ଅହଂକାର, ଜୀବଜନ୍ତୁ, ଧର୍ମଧାରଣା, ନାରୀ ପୁରୁଷଙ୍କ ରୁଚି ଓ ଚଳଣି ଇତ୍ୟାଦିକୁ ଲେଖକ ନିଜସ୍ୱ ଦୃଷ୍ଟିକୋଣରୁ ବିଚାର କଲାବେଳେ ବହୁ କାହାଣୀ, ଉପକାହାଣୀ ଓ କିମ୍ବଦନ୍ତୀର ଉପସ୍ଥାପନା କରିଛନ୍ତି ।

ବିଲାତର ବିଭିନ୍ନ ସହରକୁ ସେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ନେଇ ବିଚାର କରିଛନ୍ତି । ପୂର୍ବରୁ ଯେଉଁ ଲଣ୍ଡନ ସହରର ଗୌରବ ଗାନକରି ଅନ୍ୟାନ୍ୟ ଲେଖକମାନଙ୍କର ଭ୍ରମଣାନୁଭୂତି ପ୍ରକାଶ ପାଇଥିଲା, ଶ୍ରୀଯୁକ୍ତ ଦାସଙ୍କ ଦୃଷ୍ଟିରେ ସେହି ଲଣ୍ଡନ ହୋଇପଡିଛି 'ନଗ୍ନତା ଓ ହିଂସାର ମହାନଗରୀ' । ରକ୍ତକୋଠି ବା ବ୍ଲଡି ଟାୱାର ସମ୍ପର୍କିତ କାହାଣୀ ବର୍ଣ୍ଣନା ଅବସରରେ ଲେଖକ ଇଂଲଣ୍ଡର କଳଙ୍କିତ ଇତିହାସ ପ୍ରତି ତର୍ଜନୀ ନିର୍ଦ୍ଦେଶ କରିଛନ୍ତି ।

ଇଂଲଣ୍ଡର ତିନିଶହ ବର୍ଷର ରାଜତନ୍ତ୍ରର କଳଙ୍କିତ ଇତିହାସ, କଳାପ୍ରୀତି, ବିଶିଷ୍ଟ ସାହିତ୍ୟିକ, ଲୋକ ଚରିତ୍ରର ସ୍ଖଳନ ଆଦି ବିଷୟରେ ଲେଖକ ବହୁ କାହାଣୀ ବର୍ଣ୍ଣନା କରିଛନ୍ତି । ସେଥିରୁ ତାଙ୍କ ବହୁଶାସ୍ତ୍ରଦର୍ଶୀତାର ପରିଚୟ ମିଳେ । ପର୍ଯ୍ୟଟନ ବିଳାସୀଙ୍କ ସ୍ୱପ୍ନଭୂଖଣ୍ଡ ପ୍ୟାରିସ୍ ଶ୍ରୀମାଙ୍କ ଜନ୍ମସ୍ଥାନ ଓ ମୋନାଲିସାଙ୍କ ସହର ହୋଇଥିଲେ ମଧ୍ୟ ଏହାର ବିଭୀଷିକାମୟ ଇତିହାସର ବର୍ଣ୍ଣନାରୁ ଲେଖକଙ୍କ ନିରପେକ୍ଷ ବିଚାରବୋଧ ପ୍ରକାଶିତ । ଜର୍ମାନର କଳାକ୍ଷେତ୍ର ମ୍ୟୁନିକ୍ ସହର ଓ ହିଟ୍‌ଲର୍, ସୁଇଜରଲ୍ୟାଣ୍ଡର ପ୍ରାକୃତିକ ଦୃଶ୍ୟ, ପଶୁପକ୍ଷିର ଆଦର ଓ ଲୋକ ଚରିତ୍ରର ସଦ୍‌ଗୁଣାବଳୀ, ରୋମ୍ ବର୍ଣ୍ଣନାରେ ରାଧାନାଥଙ୍କ 'ଇତାଲୀୟ ଯୁବକ'ର ସ୍ମରଣ, ଆଲ୍‌ପସ୍ ପର୍ବତମାଳାର ପ୍ରାକୃତିକ ଚିତ୍ର, ଅର୍ଥଗୃଧ୍ନୁ ଲୋକ ଚରିତ୍ର, କୁଲିଅସସିଜର, ସମ୍ରାଟମାନଙ୍କର ବିଳାସପାଇଁ ପଶୁ ଓ ମଣିଷର ଦ୍ୱନ୍ଦ୍ୱ, ଏଥେନ୍‌ସ (ଗ୍ରୀସ୍)ର ସକ୍ରେଟିସ୍, ପ୍ଲାଟୋ, ଆରିଷ୍ଟୋଟଲ, କାଇରୋ (ମିଶର) ର ଏକଚ୍ଛତ୍ର ଶାସନ ଓ ଶାସକ, ପିରାମିଡ୍, ଅଜ୍ଞାନର ପ୍ରତୀକ ସ୍ପିଙ୍କସ୍ ଆଦି ବିଷୟଗୁଡିକୁ ଅଧ୍ୟୟନ ଓ ଅନୁଶୀଳନ କଲେ ଲେଖକଙ୍କର ଭୌଗୋଳିକ, ଐତିହାସିକ, ସାହିତ୍ୟିକ, ସମାଜତାତ୍ତ୍ୱିକ ଓ ଆଧ୍ୟାତ୍ମିକ ଜ୍ଞାନର ପରାକାଷ୍ଠା ପ୍ରତୀୟମାନ ହୁଏ ।

Digitized by srujanika@gmail.com

'ଅନ୍ତରଙ୍ଗ ଭାରତ' ମନୋଜ ଦାସଙ୍କ ସ୍ୱଦେଶାନୁଭୂତି ସମ୍ବଳିତ ଭ୍ରମଣ କାହାଣୀ । 'ଗ୍ରନ୍ଥମନ୍ଦିର' ଦ୍ୱାରା ୧୯୯୨ରେ ପ୍ରକାଶ ପାଇବା ପୂର୍ବରୁ ଏହା ମାସିକ 'ଝଙ୍କାର' ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଉଥିଲା ।

ମାନ୍ଦ୍ରାଜ ଭ୍ରମଣ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କଲାବେଳେ ଲେଖକ ଏଡ୍‌ୱାଡ୍ ଲିଅରଙ୍କ ଏକ ଲିମେରିକ୍‌ର ଅବତାରଣା କରିଛନ୍ତି । ପ୍ରତ୍ୟେକ ଲିମେରିକ୍ ସର୍ବାଂଶରେ ହାସ୍ୟରସାଶ୍ରିତ । ମନୋଜ୍ ଦାସ ସ୍ୱଭାବସୁଲଭ ହାସ୍ୟରସିକତାର ଉଦ୍‌ବର୍ତ୍ତନ ଘଟାଇ ଯେଉଁ ଭ୍ରମଣ-କାହାଣୀର ପ୍ରସ୍ତାବନା କରିଛନ୍ତି ତାହା ରମ୍ୟ ରଚନାର କୋଟିକୁ ସ୍ପର୍ଶକରେ । ଅତୀତ ମାନ୍ଦ୍ରାଜ ମହାନଗରୀର ଶାନ୍ତ ବାତାବରଣ କିପରି ବିଧ୍ୱସ୍ତ ହୋଇଯାଇଛି ଲିମେରିକ୍‌ଟି ସେହି ପ୍ରସଙ୍ଗରେ ବର୍ଣ୍ଣିତ । ଅତୀତର ମାନବିକ ମୂଲ୍ୟବୋଧ ବର୍ତ୍ତମାନ କିଭଳି ଅବକ୍ଷୟିତ ତାହା ପ୍ରମାଣ କରିବାକୁ ଯାଇ ଲେଖକ ବହୁ କାହାଣୀ, କିମ୍ବଦନ୍ତୀ ଓ ଶାସ୍ତ୍ରମାନଙ୍କର ଉଦାହରଣ ଦେଇଛନ୍ତି । ଶ୍ରୀରଙ୍ଗମ୍ ମନ୍ଦିରର ଐତିହାସିକ ଚିତ୍ର, ସପ୍ତମ ଏଡ୍‌ୱାର୍ଡଙ୍କ ପରିଦର୍ଶନ ଓ ସୁବର୍ଣ୍ଣ ଗିନା ପ୍ରଦାନ, ମୁସଲମାନମାନଙ୍କ ଆକ୍ରମଣରୁ ଶ୍ରୀରଙ୍ଗମ୍ ମନ୍ଦିରକୁ ରକ୍ଷା କରିବାପାଇଁ ଦେବଦାସୀର ପ୍ରତ୍ୟୁତ୍ପନ୍ନମତିତା, ଦେବତା ରଙ୍ଗନାଥଙ୍କ ସହ ଉପାସକ ବ୍ରାହ୍ମଣ କନ୍ୟାର ବିବାହ ଓ ଅନ୍ତର୍ଦ୍ଧାନ, ଦ୍ୱାଦଶ ଶତକରେ ଦିଲ୍ଲୀ ସୁଲତାନଙ୍କ ଦ୍ୱାରା ଅପହୃତ ମୂର୍ତ୍ତିକୁ ମହାନ ବୈଷ୍ଣବ ଗୁରୁ ରାମାନୁଜଙ୍କ ଉଦ୍ଧାର, ଦକ୍ଷିଣ ଭାରତର ଶୈବ ସଂସ୍କୃତି ଆଦି ବିଷୟ ବହୁ କାହାଣୀ ଓ କିମ୍ବଦନ୍ତୀ ମାଧ୍ୟମରେ ପ୍ରକାଶିତ ।

ମନୋଜଙ୍କ ଭାଷାରେ କଲିକତା 'ଆବେଗ ଓ ଗୁଜବ'ର ସହର । କଲିକତାର ଲୋକଚରିତ୍ର, ସିରାଜଙ୍କ ଅନ୍ଧକୂପ ହତ୍ୟାର ସ୍ମାରକୀ ସ୍ତମ୍ଭ, ସାଂପ୍ରଦାୟିକ ଦଙ୍ଗା, ନନ୍ଦକୁମାରଙ୍କ ଫାଶି, ଜମିଦାରୀ ଉଚ୍ଛେଦ, କର୍ଜନଙ୍କ ବଙ୍ଗଭଙ୍ଗ ଆଦିକୁ ଲେଖକ ରସାଳ ଭାବେ ଗଳ୍ପରୂପ ଦେଇଛନ୍ତି ।

'ପରୀରାଇଜର ସ୍ୱପ୍ନପୁରୀ ହିଲ୍ଲୋଳିତ କଲ୍ଲୋଳିତ ନିଷିଦ୍ଧ ଦ୍ୱୀପ ଆଣ୍ଡାମାନ'ର ଐତିହାସିକ ଚିତ୍ର, ଜାପାନ ଦ୍ୱାରା ଏହା କିଭଳି ଶ୍ରୀହୀନ ଓ ପରିତ୍ୟକ୍ତ ଓ ଭାରତୀୟ ନୌବାହିନୀ ଦ୍ୱାରା ସୁରକ୍ଷିତ, ଏହାକୁ ମାଣ୍ଡେଭିଲ୍‌ଙ୍କ ଯାଦୁଦ୍ୱୀପ ସମ୍ବୋଧନ, 'ଈଶ୍ୱରଙ୍କ ପାଇଁ ପ୍ରବେଶ ନିଷେଧ ଅଞ୍ଚଳ ସେଲୁଲାର ଜେଲ୍' ଆଦି ବର୍ଣ୍ଣନା ତଥ୍ୟଗର୍ଭିତ ହେଲେ ମଧ୍ୟ କଳ୍ପନାଚାତୁରୀରେ ରସାତ୍ମକ ।'

ଶ୍ରୀଯୁକ୍ତ ଦାସ ଭାରତର ଯେଉଁ ସବୁ ସ୍ଥାନକୁ ଭ୍ରମଣପାଇଁ ଯାଇଛନ୍ତି, ସେସବୁ ସ୍ଥାନର ବିବରଣୀକୁ ଭାରତୀୟ ପରମ୍ପରାର ନିକଟରେ ପରୀକ୍ଷାକରି ଉପସ୍ଥାପନ କରିଛନ୍ତି । ଭାରତୀୟ ଶିଳ୍ପ, ବାଣିଜ୍ୟ, କଳା, ଭାସ୍କର୍ଯ୍ୟ, ସାହିତ୍ୟ ଓ କିମ୍ବଦନ୍ତୀ ଭିତରେ ଭାରତର ଲୋକଚରିତ୍ରର ଯେଉଁ ନୈତିକ ଚେତନା ଫୁଟିଛି ତାହାହିଁ ମନୋଜଙ୍କ ରଚନାବଳୀରେ ଆଲୋକିତ ହୋଇ ଉଠିଛି ।

Digitized by srujanika@gmail.com

ଆଲୋଚନାର ସିଦ୍ଧାନ୍ତରେ ଏତିକି କୁହାଯାଇପାରେ ମନୋଜ ଦାସଙ୍କ ଭ୍ରମଣ-କାହାଣୀର ଗଠନ-କୌଶଳ ଓ ରସ-ସମ୍ପଦ ଖୁବ୍ ସମୃଦ୍ଧ ଓ ରୁଚିଶୀଳ । ତତ୍ତ୍ୱ ଓ ତଥ୍ୟ ଦିଗରୁ ଏହା ସଚେତନ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରେ । ସ୍ୱାଭାବିକ କଥନ-ଭଙ୍ଗୀ ଓ ସଞ୍ଚରଣକ୍ଷମ ଭାଷାପ୍ରୟୋଗ ତାଙ୍କ ଭ୍ରମଣ-କାହାଣୀକୁ ଆଦରଣୀୟ କରି ପାରିଛି । ବିଷୟବସ୍ତୁର ଭାବ ଓ ଭାଷାର ସଂହତି ରକ୍ଷା ଦିଗରେ ସ୍ରଷ୍ଟା ଖୁବ୍ ସଚେତନ ଥିବାର ଅନୁମିତ ହୁଏ । ତୁଳନାତ୍ମକ ବିଶ୍ଳେଷଣ ପଦ୍ଧତି ଲେଖକଙ୍କ ବକ୍ତବ୍ୟକୁ ଦୃଢ ଓ ସ୍ପଷ୍ଟ କରିପାରିଛି ।

କିନ୍ତୁ ବହୁ ଉଦ୍ଧୃତି ପ୍ରୟୋଗରୁ ପ୍ରାସଙ୍ଗିକତା ମନରେ ପ୍ରଶ୍ନବାଚୀ ସୃଷ୍ଟି କରେନାହିଁ । ବିଭିନ୍ନ ପରିଚ୍ଛେଦର ନାମକରଣ କେତେବେଳେ ସରଳ ତ କେତେବେଳେ ପ୍ରତୀକଧର୍ମୀ ଅଥଚ ଅର୍ଥବାହୀ । ଏହା ଲେଖକଙ୍କର ଅନ୍ୟତମ ବୈଶିଷ୍ଟ୍ୟ । ମନୋଜଙ୍କ ଭ୍ରମଣାନୁଭୂତି ଓ ରସବୋଧ ଗୋଟିଏ ବିନ୍ଦୁରେ ଏକାକାର ହୋଇ ଯାଇଛନ୍ତି । ତେଣୁ ସ୍ୱତନ୍ତ୍ର ପ୍ରାଣସତ୍ତା ନେଇ ତାଙ୍କ ଭ୍ରମଣ କାହାଣୀଗୁଡିକ ଚିର ଉଜ୍ଜ୍ୱଳ ରହିବ ବୋଲି ବିଶ୍ୱାସ ।

• ବରିଷ୍ଠ ଅଧ୍ୟାପକ,
ନୀଳମଣି ମହାବିଦ୍ୟାଳୟ,
ରୁପ୍‌ସା, ବାଲେଶ୍ୱର

Digitized by srujanika@gmail.com

ଅଭୀପ୍‌ସାର ଅଭିଯାତ୍ରୀ ଓ ଅମୃତଫଳ

ଦୀନବଂଧୁ ଦେ

ମାନବର ସର୍ବୋଚ୍ଚ ଆକାଂକ୍ଷିତ ବସ୍ତୁ ଅମୃତ । ଅମୃତର ଆଧାର ଭଗବାନଙ୍କୁ ଉପଲବ୍ଧି କରିବା ହେଉଛି ମାନବାତ୍ମାର ଶେଷ ଭବିତବ୍ୟ । ଆତ୍ମାର ଚିରନ୍ତନ ଅଭୀପ୍‌ସାର ପ୍ରତୀକ ସେ ଅମୃତଫଳର ବିଭୂତି ମାନବର ଚେତନାକୁ ପ୍ରଲୁବ୍ଧ ନ କରୁ, ବିକଳ ଓ ନିମ୍ନଗାମୀ ନ କରୁ । ଏହା ହେଉଛି ତା'ର ସ୍ରଷ୍ଟାର ଆକୁଳ ପ୍ରାର୍ଥନା । ସେ ପ୍ରାର୍ଥନା ବିଡମ୍ବିତ ନ ହେଉ । ପରିଦୃଶ୍ୟମାନ ଜଗତ୍‌ର ଦିଗ୍‌ବଳୟକୁ ଅତିକ୍ରମ କରି ବହୁ ଉର୍ଦ୍ଧ୍ୱତର ଆକାଶକୁ ତା'ର ଦୃଷ୍ଟି ଲମ୍ବିଯାଇଥିଲା ଏକ ଇସାରା ପାଇବା ପାଇଁ । କାଳର ସୀମାରେଖା ଡେଇଁ ମହାକାଳର ଛାତିଚିରି ଅସୀମର ଦିବ୍ୟସଙ୍କେତକୁ ଓହ୍ଲାଇ ଆଣିଥିଲା ଅମୃତଫଳ ରୂପରେ ଖାସ୍ ଆଜିର ଏହି ପୃଥିବୀ ପାଇଁ ।

ମହାକାଳର ଫଳ ଅମୃତଫଳକୁ ନେଇ ରାଜା ଭର୍ତ୍ତୃହରି କଲେ କ'ଣ ? ଚଣ୍ଡମୁନିଙ୍କ ତପସ୍ୟା-ସମ୍ଭୂତ ବିଭୂତିର ଫଳ ଅମୃତଫଳର ଭବିତବ୍ୟ କ'ଣ ଥିଲା ? ସଂସାର ବିରାଗୀ ରାଜାଙ୍କ ସତ୍ୟ-ସନ୍ଧାନରେ ଅମୃତଫଳଟିର ଭୂମିକା ବା ଥିଲା କ'ଣ ?

ସର୍ବୋଚ୍ଚ ସତ୍ୟ ହେଲା, ମହାକାଳ ସହ ଏକାତ୍ମତା । ଦୁଇ ହଜାର ବର୍ଷତଳେ ରାଜା ଭର୍ତ୍ତୃହରି ସେହି ସତ୍ୟର ସନ୍ଧାନରେ ବାହାରି ହେଲେ ଯୋଗୀ ଭର୍ତ୍ତୃହରି । ଉଜ୍ଜ୍ୱଳ ନଗରୀ ଉଜ୍ଜୟିନୀରୁ ନିଷ୍କ୍ରାନ୍ତ ହୋଇ ପହଞ୍ଚିଲେ ହରଦ୍ୱାର-ଦେବପୁରୀର ତୋରଣ ହରଦ୍ୱାର । ଦୁଇହଜାର ବର୍ଷପରେ ଗୁରୁତୁଲ୍ୟ ବନ୍ଧୁ ବଳଦେବଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଅମରନାଥ ମଧ୍ୟ ଦିଲ୍ଲୀ ଛାଡିଛନ୍ତି ବେପାର-ବଣିଜର ମୋହ, ପ୍ରତିଷ୍ଠାର ମୋହ, ଗତାନୁଗତିକ ଜୀବନର ମୋହ ତୁଟାଇ । ହରଦ୍ୱାରର ଭର୍ତ୍ତୃହରିଙ୍କ ଧ୍ୟାନଗୁମ୍ଫାରେ ପାଣ୍ଡୁଲିପି ଧରି ପୁନର୍ଲିଖନ କରି ଚାଲିଛନ୍ତି ଭର୍ତ୍ତୃହରିଙ୍କ କିମ୍ବଦନ୍ତିକୁ ନେଇ । ଅମୃତଫଳର ରହସ୍ୟ ବିଜଡିତ ପ୍ରଶ୍ନମାଳାର ଉତ୍ତର ଖୋଜି ପାଇଛନ୍ତି ତାଙ୍କର ଅନ୍ତର୍ଚେତନା ଭିତରେ, ଅବଶ୍ୟ ବଳଦେବଙ୍କ ଉଦାର ସାହଚର୍ଯ୍ୟର ଆଶୀର୍ବାଦରୁ ।

ଚଳଚ୍ଚିତ୍ର ପାଇଁ କାହାଣୀ ସନ୍ଧାନରେ ବାହାରିଥିବା ଅମରନାଥ ଏବେ କାହାଣୀ ଭିତରେ ନିଜକୁ ସନ୍ଧାନ କରୁଛନ୍ତି । ଦୁଇ ହଜାର ବର୍ଷର ବ୍ୟବଧାନ ସକାଳର କୁହୁଡି ଭଳି

Digitized by srujanika@gmail.com

